# ମୋ କାହାଣୀ



# ମୋ କାହାଣୀ

# ( MO KAHANI )

*Autobiography*

ଡକ୍ଟର କୁଞ୍ଜବିହାରୀ ଦାଶ

ଡକ୍ଟର କୁଞ୍ଜବିହାରୀ ଦାଶ
ଉଦୟଶ୍ରୀ, ମହତାବ ରୋଡ୍
କଟକ-୩

ପ୍ରକାଶିକା : ଶ୍ରୀମତୀ ପ୍ରେମଲତା ଦାଶ

ପ୍ରଥମ ପ୍ରକାଶ : ଏକ ହଜାର
ଜୁଲାଇ, ୧୯୭୭

ମୁଦ୍ରଣ : ସୁମୁଦ୍ରଣୀ,
ଝାଞ୍ଜିରିମଙ୍ଗଳା,
କଟକ-୯

ମୂଲ୍ୟ : ପଞ୍ଚବିଂଶ ଟଙ୍କା



આદમ



ହୃଦ ଈଶ୍ବବାନ୍ଧ

'ଚନ୍ଦ୍ରାମଣି ବିଦ୍ୟାପୀଠ'ର ପ୍ରତିଷ୍ଠାତା,

ଅସ୍ଥିଶଲ୍ୟତନ୍ତ୍ର ବିଶେଷଜ୍ଞଙ୍କ,

ଆମେରିକାବାସୀ ସ୍ନେହର ଉଦୟନାଥ ଦାଶଙ୍କୁ —

ଥିଲେ ବି ସପତ ସାଗର ସେପାରେ
ଦୂରତା ଟିକିଏ ନାହିଁ
ନୁହେ ମୁହିଁ ରାମ,
ଉଦୟନାଥ ମୋ ଲକ୍ଷ୍ମଣ ପରି ଭାଇ;
ଅନ୍ତରର ଭରା ଦୁଃଖଜୀବନେ
ଆଖି ଛଳ ଛଳ ଦେଖି

'ମୋ କାହାଣୀ'

ଭାବେ, ଧନ୍ୟ ମୁଁ
ତାର ହାତେ ଦେଲି ବୋଲି ଟେକି ।

କଲ୍ୟାଣକାମୀ
**ଭାଇନା**

# ମୋ କାହାଣୀର କାହାଣୀ

ଜଣେ ବିଶିଷ୍ଟ ଲେଖକଙ୍କ ମତରେ—'No one without a king size ego can write an autobiography'—ଅର୍ଥାତ୍ ରାଜ ଅହଙ୍କୃତି ଆକାରର ଅହଙ୍କାର ବିନା କେହି ଆତ୍ମଚରିତ ଲେଖି ନ ପାରେ ।

ମୁଁ ଅହଙ୍କାରଶୂନ୍ୟ ନୁହେ, 'ଅହଙ୍କାରଶୂନ୍ୟ ବୋଲି ମନେ ଅହଙ୍କାରୀ' ନୁହେ । ଅକଳନ୍ତୀ ଧନ, କ୍ଷମତା ବା ତୁଙ୍ଗ ପଦପଦବୀ ଲାଭ କରିନାହିଁ ଓ ତଜ୍ଜନିତ ଅହଙ୍କାରର ଉଚ୍ଚ ସୋପାନରେ ଆରୋହଣ କରି କେବେ ସ୍ଫୀତ ସ୍ୱର୍ଗାନନ୍ଦ ଲାଭ କରିଥିବାର ଅନୁଭୂତି ହୋଇନାହିଁ, ଅହଙ୍କାରର ବିସ୍ତୃତି ବା ଗଭୀରତା କଳିବାର ଆତ୍ମଜ୍ଞାନ ମଧ୍ୟ ଜନ୍ମିନାହିଁ ।

'ମୋ କାହାଣୀ' ଅହଙ୍କାରର ଆତ୍ମପ୍ରସାଦ ନୁହେ, ନିଜ କୃତି ବା କୀର୍ତ୍ତିର କୀର୍ତ୍ତନ ନୁହେଁ । ଗ୍ରାମୀଣ ଓ ନାଗରିକ ପରିପ୍ରେକ୍ଷୀରେ ମୋ କ୍ଷୁଦ୍ରତା, ଅଧଃପାତ, ବୈଫଲ୍ୟ, ସଂଗ୍ରାମ ଓ ସଫଳତାର ଏକ ରୂପାୟନ ମାତ୍ର । ଏହା ମୋ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବହୁ କ୍ଷୁଦ୍ର ଓ ମହତ୍ ଜୀବନର କାହାଣୀ, ସମସାମୟିକ ସମାଜଜୀବନର କାହାଣୀ, କାରଣ ଅନେକଙ୍କୁ ଘେନି ଏକର ବିକାଶ—ଆଗରେ ପଛରେ, ଚତୁର୍ଦ୍ଦିଗରେ ମୋର ଚିହ୍ନା ଅଚିହ୍ନା ବହୁ ଜୀବନ ଅତୀତ ଓ ବର୍ତ୍ତମାନ ଉପରେ ଛାୟା ବିସ୍ତାର କରିଛନ୍ତି । ସେହି ସମସ୍ତଙ୍କ କାହାଣୀ ଘେନି 'ମୋ କାହାଣୀ' ।

'ମୋ ଜୀବନର ଗୋଟିଏ ଅଧ୍ୟାୟ' ଶୀର୍ଷକରେ ୧୯୬୦ରେ ଆତ୍ମଜୀବନ ଚରିତ ଲେଖା ଉନ୍ମେଷ ଦେଇଥିଲି । ଏହାର ଉପକ୍ରମରେ ଲେଖିଥିଲି—"ମୋ ଜୀବନ ନାସ୍ତିବାଚକ, ଏଥିରେ ବିପୁଳ ଜୀବନଅନୁଭୂତିର ସ୍ପର୍ଶ ନାହିଁ, ରାଜନୀତିକ ଘଟଣାବହୁଳତା ନାହିଁ । ସମାଜସେବୀର ତତ୍ପରତା ବା ବୈଜ୍ଞାନିକର ପରୀକ୍ଷା ନିରୀକ୍ଷା ନାହିଁ । ଜ୍ଞାନର ଗରିମା ନାହିଁ ବା ତ୍ୟାଗର ମହିମା ନାହିଁ । ତେଣୁ ଆତ୍ମଚରିତ ନୁହେ, ଜୀବନସ୍ମୃତି ନୁହେ, ସଂଗ୍ରାମଜୀବନର ସାମାନ୍ୟ ସୂଚନା ମାତ୍ର ଦେଉଅଛି । ମୋ କବିତାର ମରମୀ ପାଠକଙ୍କ ଲାଗି ଏହା ଲୋଡ଼ା ।"

ପରୀକ୍ଷାମୂଳକ ଭାବରେ 'ତଗର' ପତ୍ରିକାରେ ଗୋଟିଏ ଦୁଇଟି ଅଧ୍ୟାୟ ପ୍ରକାଶ କଲାପରେ ବିଦଗ୍ଧ ପାଠକ ଉକ୍ତ ଅଭିମତମାନ ବ୍ୟକ୍ତ କଲେ । ଏତିକି ପ୍ରରୋଚନା ମୋ କଲମକୁ ଦୌଡ଼େଇଲା । ନିଜ ବାଢ଼ ଡେଇଁ ବହୁ ଜୀବନସୀମାକୁ ଏହା ଅମଡ଼ା ମାଡ଼ିଗଲା, ଛୋଟ କାହାଣୀଟା ଗୋଟାଏ ଉପନ୍ୟାସ ଆଡ଼କୁ ଧାଡ଼ି ଦେଲା । ବୋଧହେଲା—ଗୋଟାଏ ଭ୍ରମଣକାହାଣୀ ଏ ଅତୀତରୁ ବର୍ତ୍ତମାନକୁ ।

ଚିର ବିଦେଶୀ ସାନ ଭାଇ ଉଦୟନାଥ କାହାଣୀର କିଞ୍ଚିତ୍ ଶୁଣି ଅଶ୍ରୁ ସମ୍ବରଣ କରି ନ ପାରି କହିଲା—ଭାଇନା, ଶୀଘ୍ର ପ୍ରେସ୍‌କୁ ଦିଅ ।

'ମୋ କାହାଣୀ'ର ଲେଖା ଓ ପ୍ରକାଶ ଲାଗି ପ୍ରରୋଚିତ କରିଥିବା ବହୁ ବିଦଗ୍ଧ ପାଠକ, 'ତଗର'ର ଫତୁରାନନ୍ଦ ଓ 'ଅଧୁନା'ର ସମ୍ପାଦକ ଶ୍ରୀ ରଘୁନାଥ ମହାପାତ୍ର ମୋର ଧନ୍ୟବାଦାର୍ହ । କେତେକ ଅସୁବିଧାରୁ ପରିଶିଷ୍ଟରୁ ମୋ ଆଦ୍ୟ ପ୍ରକାଶିତ କବିତାପୁସ୍ତିକା 'ଛିନ୍ନମସ୍ତା', 'ଉପେକ୍ଷିତ ଉପନ୍ୟାସ 'କର୍ମଫଳ'ର ଏକ ଅଧ୍ୟାୟ' ବାଦ୍ ଦେବାକୁ ବାଧ୍ୟ ହେଲି ।

**ଲେଖକ**

୧ । ୭ । ୭୬
କଟକ-୩

# ସୂଚୀପତ୍ର

## ୧-ଆଦ୍ୟ ଉଷାର ଆକାଶ—ପୃ ୧-୧୧୨ ଷ୍ଠା

ମୋ ମାମୁଁଘର ୨; ନନା ୭; ବୋଉ ୧୯; ଭଉ ଭଉଣୀ ୨୯; ସୁରୁଯୀ ନାନୀ ୨୯; ହାର ନାନୀ ୩୧; ଘନ ଭଇନା ୩୨; ଯାତ୍ରାରୁ ମହାଯାତ୍ରା ୩୪; ଖଡ଼ିକି ନୁହନ୍ତି କି ପେଡ଼ିକି ନୁହନ୍ତି ୩୬, ଛିନ୍ନପତ୍ର ୩୭; ହେମ ଭାଉଜ ୪୦; ପଢିଆ ୪୦; ଓଡିଆ ୪୨; ଷଠୀଘରୁ ଧୂଳିଘର, ଗୁହାଳୀ ଘେର ୪୩; ସେକାଳ ପଢା ରୀତି ୪୭; ହରି ମାଷ୍ଟ୍ରେ ୫୧; ବିଶ୍ୱମ୍ଭର ମାଷ୍ଟ୍ରେ ୫୧; ବାଘ ଘରେ ମିରିଗ ନାଟ ୫୩; ଆମର ଖେଳ ଅନ୍ୟର କାଳ ୫୩; ହରିତାଳିକା, ଶ୍ରୀପଞ୍ଚମୀ ୫୪; ଯାହା ସବୁ ମନରୁ ଲିଭିନାହିଁ ୫୭; ଉପୁଲେଇ ଟୁପୁଲେଇ ୬୨; ଆଗେ ଘର ଠାକୁର ପୂଜ୍ ୬୩; ଯୁଦ୍ଧ ତା ହେଲେ ଏମିତି ହୁଏ ୬୪; ଖିରୀ ମହାପୁରୁ ୬୬, ଏ କଣ ଘେରୀ ? ୬୬; ଆମ ଗାଁ-ଇତିହାସ ଓ ଧୂଳି ୬୮, ମାଛଗୋଳି ୭୦; ଗର୍ବ ଖର୍ବ ହୁଏ ୭୧; ଯେଉଁମାନେ ବଞ୍ଚିଛନ୍ତି ୭୪; ବୀର ମହାନ୍ତି ୭୫; ରାମ ମହାନ୍ତି ୭୫; ୧୯୧୯, ପୁରୀ ଦୁର୍ଭିକ୍ଷ ୮୩; ବଡ଼ ବଡ଼ିଆ ୮୬; ଆମ ଘର ୯୦; ଲୋକବାକ ୯୮; ଗାଈ ବଳଦ ୧୦୦, ଗଛ ବୁରୁଛ ୧୦୨; ମୋ ଜାତକ ୧୦୫; ବ୍ରତଘର ୧୦୭; ସେ ଦିନର ଜଣେ ଗୃହୀ ୧୧୦;

## ୨-ସଂଗ୍ରାମ ଓ ସାଧନା – ପୃ ୧୧୩-୨୨୩ ଷ୍ଠା

ଜୀବନ ଗୋଟିଏ ନାଟକ ୧୧୩; ମୋର ମାଇନର ପଢା ୧୧୪, ବିଜୟରୁ ପରାଜୟ ମହତ୍ତର ୧୨୫, କବିତା ଯେଉଁଦିନ ଜନ୍ମ ହେଲା ୧୨୬; ହଜିଲା ବଳଦ ଓ କର୍ଣ୍ଣ ପିଶାଚୀ ୧୪୪; ବୈଦେହୀ ଗାଙ୍ଗ ଓ ମହାଦେବଙ୍କ ଚୁଆ ୧୪୫; ନିଃ ପ୍ରା ମାଷ୍ଟ୍ରେ ୧୪୬; ସ୍ୱର୍ଗକୁ ନିଶୁଣି ନାହିଁ, ଜୀବନକୁ ଅଛି ୧୪୭; ଭୁଲେରି ଛକ ଯୋଲରି ବାଙ୍କ ୧୫୩; କୃଷ୍ଣ ଚରିତ, ନୁହେ ଭାଗବତ ୧୫୬; ଘରେ ଭାତ ନାହିଁ କୁଟୁମ୍ବ ବହୁତ ୧୫୭; 'ଅଭାବ ତଳୁ ବିକଶି ଉଠେ ଭାବ' ୧୫୮; କଲିକତାରେ ଛାତ୍ର ଜୀବନ ୧୬୯, ପଣ୍ଡିତ ବିନାୟକ ମିଶ୍ର ୧୭୦; ଦିଗମ୍ବର ଦାସ ୧୭୩; ଭାବଗ୍ରାହୀ ପତି ୧୭୪, ବେଜେଲ୍‌ଗେଟ୍ ହତ୍ୟା ୧୭୪; ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ ୧୭୫; କଲିକତୀ ସାହିତ୍ୟ ୧୭୭; ପ୍ରବାସୀ ଉତ୍କଳ ସମ୍ମିଳନୀ ୧୭୯; ଛିନ୍ନମସ୍ତା ୧୭୯; ପଣ୍ଡିତ ମୃତ୍ୟୁଞ୍ଜୟ ଓ ମେଦିନୀପୁର ଓଡ଼ିଆ ୧୮୦; ବଳରାମ ନନ୍ଦ ୧୮୦; ଓଡ଼ିଆ ବିଭାଗ ୧୮୨; ଉତ୍ତରା ପଥେ ୧୮୪; ଡକ୍ଟର ବଡ଼ୁଆ ୧୮୯; ରାଞ୍ଚୀରେ ଗୋଟିଏ ବର୍ଷ ୧୯୧; ବାପି ୧୯୨; ବିଭାଘର ୧୯୮; ମୋ ସ୍ତ୍ରୀ ୨୦୦; ଶ୍ୱଶୁର ଓ ଶାଶୂ ୨୦୨, ୧୯୪୨-୨୦୩; ବାରିପଦା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ୨୦୮; ତାଳଚେରରେ ଦେଢ଼ ବର୍ଷ ୨୧୩; ୧୯୪୩-୨୧୫; ପ୍ରମୋଦଚନ୍ଦ୍ର ଦେବ ୨୧୫, ହୃଦୟଚନ୍ଦ୍ର ଦେବ ୨୧୬; ରାଜା କିଶୋରଚନ୍ଦ୍ର ହରିଚନ୍ଦନ ଜଗଦେବ ୨୧୭;

## ୩-ଜୀବିକା ଓ ଜୀବନ—ପୃ ୨୨୩-୩୭୭ ଯା

ଅଧ୍ୟାପନାର ଆସ୍ୱାଦ ୨୨୩; ପ୍ରଥମ ଓଡ଼ିଆ ନାଟକ ଅଭିନୟ ୨୨୪ ସଂସ୍କୃତରେ ଏମ୍.ଏ. ୨୨୫; ଉତ୍କଳସମ୍ମିଳନୀ ୨୨୬; ସାହିତ୍ୟିକ ପ୍ରଚେଷ୍ଟା ୨୨୮ ମହେନ୍ଦ୍ରର ମାୟା ୨୩୦; କୃପାସିନ୍ଧୁ ନରେନ୍ଦ୍ରଦେବ ୨୩୦; ଶରତଚନ୍ଦ୍ର ମହାପାତ୍ର ୨୩୧; ଅନନ୍ତ ତ୍ରିପାଠୀ ଶର୍ମା ୨୩୧; କ୍ଷୁଦ୍ର ଦ୍ୱୀପ ଯାପାନ ୨୩୨, ଗୋପାଳଚନ୍ଦ୍ର ପ୍ରହରାଜ ୨୩୩; ଶଶିଭୂଷଣ ରାୟ ୨୩୩; ସଂସ୍କୃତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ୨୩୫ ପଣ୍ଡିତସମ୍ମିଳନୀ ୨୪୧; ଜଗନ୍ନାଥଗବେଷଣାମନ୍ଦିର ୨୪୨; ଋକ୍ ବେଦର ଅନୁବାଦ ୨୪୩; ଜଗବନ୍ଧୁ ସିଂହ ୨୪୪; ପଦ୍ମଚରଣ ପଟ୍ଟନାୟକ ୨୪୫; ଫକୀର ମୋହନ କଲେଜରେ ଅଢ଼େଇ ବର୍ଷ ୨୪୯, ଆଶୁତୋଷ ରାୟ ୨୪୯; ଅସରପ ଆଲୀ ୨୫୦; ଜଗତ୍ ବଲ୍ଲଭ ଦତ୍ତ ୨୫୧; ପରିଷଦ୍ ଓ ସମ୍ମିଳନୀ ୨୫୨; ଅଧ୍ୟାପକ ଘନଶ୍ୟାମ ଦାସ ୨୫୪; ଲଙ୍କାଯାତ୍ରୀ ୨୫୫, ରାଇବଣିଆ ଦୁର୍ଗ ୨୫୬; ସୁବର୍ଣ୍ଣରେଖା ମୁହାଁଣ ୨୫୬; ଗୋରୁ ମହିଷାଣୀ ଓ ଧାମ୍ରା ୨୫୭; ରାଜା ବୈକୁଣ୍ଠନାଥ ଦେଙ୍କ ଜୀବନୀ ୨୬୧; ଲିଙ୍ଗଳେଶ୍ୱର ଓ ଶିବାୟନ କାବ୍ୟ ୨୬୨; କଳାର ଉପେକ୍ଷିତ ୨୬୩; ସ୍ୱାଧୀନତା ଲାଭ ୨୬୬; ଶାନ୍ତିନିକେତନରେ ଏଗାର ବର୍ଷ ୨୭୦; କି ଥିଲା ଏ ରାଜ୍ୟ କି ହୋଇଛି ଆଜ ? ୨୮୧; ଜୀବନର ଜଣେ ବିନ୍ଧାଣି ୨୮୮; ଜଣେ ଯାଯାବର ଭିକ୍ଷୁ ୨୮୯; ସମାବର୍ତ୍ତନ ଉତ୍ସବ ୨୯୧, ମୋ ସ୍ୱପ୍ନର କାଶ୍ମୀର ୨୯୫, ପଥ ଓ ପଥିକ ୨୯୭ ଅଖିଳ ଭାରତ ଲୋକସଂସ୍କୃତି ସମ୍ମେଳନ ୩୦୦, ବିଶ୍ୱଭାରତୀ ଓଡ଼ିଆ ବିଭାଗ ୩୦୧ ପିଲା ଓ ପାଲା ୩୦୫; ବିଶ୍ୱ ସାହିତ୍ୟ ପରିଷଦ୍ ୩୦୬; ଓଡ଼ିଆ ସାହିତ୍ୟ ପରିଷଦ୍ ୩୦୭, କ୍ଷିତିମୋହନ ସେନ୍ ୩୦୯; ନନ୍ଦଲାଲ୍ ବୋଷ ୩୧୦; ନିତାଇ ବିନୋଦ ଗୋସ୍ୱାମୀ ୩୧୨; ପ୍ରଭାତ କୁମାର ମୁଖୋପାଧ୍ୟାୟ ୩୧୫; ଅନ୍ନଦାଶଙ୍କର ରାୟ ୩୧୫; ପ୍ରଥମ ଉପାର୍ଯ୍ୟା ୩୨୦; ତାନ୍ଇଉନ୍ସାନ୍ ୩୨୫, ମୁଁ କାହିଁକି ଶାନ୍ତିନିକେତନ ଛାଡ଼ିଲି ? ୩୨୬; ବିଦାୟ ହେ ତପୋବନ ୩୩୦, କଟକର ଫାଟକ ଡେଇଁଲା ପରେ ୩୩୨; ରବୀନ୍ଦ୍ର ଶତବାର୍ଷିକୀ ୩୩୯, ନିଖିଳ ଉତ୍କଳ ଲେଖକ ସମ୍ମିଳନୀ ୩୪୦; ସ୍ରୋତରୁ ସ୍ରୋତସ୍ୱିନୀ ସମୁଦ୍ର ୩୪୨; ମୋ ଗ୍ରାମ-ବ୍ୟକ୍ତିକ, ସାମାଜିକ ୩୫୧; ଉଭୟଚର ୩୫୧; ଇତିହାସ ନା ଉପନ୍ୟାସ ୩୫୨; ଚିନ୍ତାମଣି ବିଦ୍ୟାପୀଠ ୩୫୬, ବୋଉର ସ୍ମୃତିରକ୍ଷା ୩୬୧; ଆଇ.ଏ.ଏସ୍ ପ୍ରାପ୍ତି ୩୬୧; ସିନ୍ଧୀ ଝେରୀ ଓ କୁହୁକ ଖଟ ୩୬୪, ପଶୁ ଡାକ୍ତରଖାନା ୩୬୫, ଲଙ୍ଗଳୋତ୍ସବ ୩୬୬, ନୀଳ ମଷ୍ଟରଣୀ ୩୬୬ ।

## ୪-ଅପରାହ୍ନରୁ ଗୋଧୂଳି

ଜୀବନର ଲୀଳା ତିକ୍ତ ଓ ମଧୁର ୩୬୭, ନୂତନଗୃହ ପ୍ରବେଶ ୩୭୧; ଅବସର ଗ୍ରହଣ ୩୭୪, ୧୯୭୦-୩୭୮, ସାହିତ୍ୟିକ ଓ ସାହିତ୍ୟାନୁଷ୍ଠାନ ୩୮୫, ଉତ୍କଳ ସାହିତ୍ୟ ସମାଜ ୩୮୬; ରସର ଆତ୍ମୀୟ ଯେତେ ୩୮୭,

## ୫-ପରିଶିଷ୍ଟ

୧। (କ) ଡାଇରୀର କିୟଦଂଶ ୧୯୪୦-୪୧ (ଖ) ଡାଇରୀର କିୟଦଂଶ ୧୯୫୦-୭୫; ୨। ସାହିତ୍ୟିକ କୃତି ୧୯୫୦-୭୫, ୩। ଜୀବନ ଓ ମୃତ୍ୟୁର ସେତୁ ଉପରେ ୪। ସାହିତ୍ୟିକ ପତ୍ରାଳାପ

# ଆଦ୍ୟ ଉଷାର ଆକାଶ

"ଦୁଇଟି ସନ୍ତାନ ଯଥେଷ୍ଟ" ଯୁଗରେ ମୋର ଜନ୍ମ ହୋଇଥାନ୍ତା କି ନାହିଁ ସନ୍ଦେହ । ମୁଁ ପିତାମାତାଙ୍କର ଚତୁର୍ଥ ସନ୍ତାନ । ସେତେବେଳେ ଘରେ ଘରେ ଷଠୀଦୁଛୀଙ୍କର ପୂଜା । ଷଠୀଦୁଛୀ ବୋଇଲେ ସ୍ଥୂଳଭାବରେ ହଳଦିବଟା ଶିଳ; ତାକୁ ଧୋଇଧାଇ ଖଣ୍ଡିଏ ଛିଟ କନା ପିନ୍ଧାଇ ଦିଆହୁଏ । ବଟା ହଳଦିରେ ମୁହଁ ଓ ଚନ୍ଦନରେ ଆଖିର ଚିତ୍ର ହୁଏ, କପାଳରେ ଗୋଲା ସିନ୍ଦୂର, ଟିକିଲି । ଷଠୀଓଷା ସେତେବେଳେ ଘରେ ଘରେ; ବୋଉ ବଜ୍ରମୂଳୀ, ବାଳୁଙ୍ଗା, ବଣସାରୁ, ଓଳୁଅଡାଙ୍ଗ, ବିଛୁଆତି, ବାଉଁଶକଣି—ଛ ଡାଳ ବାନ୍ଧି ଷଠୀଦୁଛୀଙ୍କୁ ସୁମରଣା କରି ମୁଣ୍ଡରେ ଛ' ପାହାର ଲେଖାଁଏ ମାରେ · ପରମାୟୁ ବଢୁ ଧନ ଓ ଯଶ ଲାଭ ହେଉ । ଅନ୍ୟ ମାଡ଼ରେ ପିଲାଏ କାନ୍ଦନ୍ତି, ଏ ମାଡ଼ରେ ହସନ୍ତି । କଥା ଅଛି—"ମାଆ ମାଡ଼ କୁଆଁ ପାଡ଼"; ମାଡ଼ ନାମରେ ସ୍ନେହ ଓ ଆଶୀର୍ବାଦ ଝଡ଼ା ହୁଏ, ଜୀବନରେ କେତେ ମାଡ଼ ଖାଇଛି, କୋଉ ମାଡ଼ ଏତେ ସୁଖକର ବୋଧ ହୁଏନାହିଁ ।

ଷଠୀପୂଜା ଛଡ଼ା ସତ୍ୟନାରାୟଣପୂଜା ତ ଗ୍ରାମେ ଗ୍ରାମେ । କଦଳୀ ପାଚିଲେ ପାଲା ହେଲା । ବଳ ପାଇଲେ ଠିଆ ପାଲା, ଲଢେଇପାଲା, ନଇଲେ ବୈଠକୀ ପୂଜା ! ବାବା ସତ୍ୟପୀର ସିରିଣି ଖାଇ ବାଂଝୀ କରକଟୀକି ବି ପିଲାଝିଲା ଦେଇ ଦେଉଥିଲେ । ପିଲା ବକଟେ ଲାଗି ଆଗେ କେତେ ଦିଅଁଦେବତା, କେତେ ଓଷା ବ୍ରତ, ନଡ଼ଛୀକୁଣ୍ଡେ ସ୍ନାନରୁ ମଠରେ ବାସ । 'ହାଟକେଶ୍ୱର'ର ଉଷ୍ମ ଜଳରେ ଗାଧୋଇ ପାଧୋଇ ଗେଣ୍ଡା କୋଚିଆ କିମ୍ବା ଯା ପାଇଲା ତା ଗିଳି କେତେ ନିରୀହା, ଋଜୁବିଶ୍ୱାସିନୀଙ୍କର ପ୍ରାଣ ଉଡ଼ି ଯାଉଥିଲା । ବାଂଝୀ ମୁହଁ ଚାହିଁଲେ ଅପଯଶ । ରଜା ହେଲେ ବି ସେଇ ଅପଯଶରୁ ତ୍ରାହି ମିଳୁ ନ ଥିଲା ।

ଗୋଟି ଗୋଟି ହୋଇ ଆମେ ଛ' ଜଣ ସଂସାରକୁ ଆସିଥିଲୁ । କିନ୍ତୁ ଆମକୁ ପାଇବା ପାଇଁ ବୋଉକୁ ଓଷା ବ୍ରତ, ମାନସା ଜଞ୍ଜାଳ କିଛି କରିବାକୁ ପଡ଼ିନାହିଁ ।

୧

# ମାମୁଁଘର

ମୋ ମାମୁଁଘର ପୁରୀ ଜିଲ୍ଲାର କଂସରଦା ଗ୍ରାମରେ—ଆମ ଗାଆଁ ରେଣଶାସନରୁ ଏହା ମାତ୍ର ଦୁଇମାଇଲ ଦୂର ।

ନଡ଼ିଆମାଳ, ଏଠି ଯେଉଁ ନଡ଼ିଆ ଫଳ, ଗୋଟମା ପଡ଼ିଥାଏ । ଘର ଅଗଣା-ମାନଙ୍କରେ ନଡ଼ିଆ ତାଡ଼ ପଡ଼ିଥାଏ, ପିଣ୍ଡାମାନଙ୍କରେ ଶୁଖିଲା ନଡ଼ିଆ ଶଙ୍ଗା ମରିଥାଏ । ଗାଆଁ ଦାଣ୍ଡରେ ପଥର ନନ୍ଦ ବସା କୂଅ, ପ୍ରାୟ ପ୍ରତ୍ୟେକଙ୍କ ବାଡ଼ିରେ ଟୁବି ଗଡ଼ିଆ । ସେଇ କାଦୁଆ, ଦଳିଆ ଟୁବି ଗଡ଼ିଆଟିମାନ ସେକାଳେ ବୋହୂଙ୍କ ସୁଖଦୁଃଖର ସାକ୍ଷୀ ।

ଗାଆଁ ମଝିରେ ଜାଗୁଳେଇ ଠାକୁରାଣୀ—ଗୋଟିଏ ମୃତ୍ତିକାର ସ୍ତୂପ—ଚିତ୍ରିତ; ତାଙ୍କୁ ଭଣ୍ଡାରୀ ପୂଜା କରେ । ଜଙ୍ଗଲର ଦେବୀ ସେ । ସାପକାମୁଡ଼ାରୁ ରକ୍ଷା କରନ୍ତି । କିନ୍ତୁ ମୋ ଶୁଣିବାରେ ବୋଉର ଲେଖାଯୋଖା ଭାଇନା ଅଲେଖ ମକଦ୍ଦମଙ୍କୁ ଗାଁ ଦାଣ୍ଡରେ ନାଗସାପ ଗୋଡ଼ାଇ ଗୋଡ଼ାଇ ଚୋଟ ମାରିଥିଲା । ସେ ସେଇ ସାପକୁ ଦିନେ କୁଆଡ଼େ ଦରମରା କରି ଛାଡ଼ିଥିଲେ । ସେ ଜୀଈଁ ଉଠି ପ୍ରତିଶୋଧ ନେଲା । ଜାଗୁଳେଇଙ୍କ ନାମରେ ଯେତେ ହେପାଜତ କରାଗଲା, ସବୁ ପାଣି ଫାଟିଲା ।

ମୋ ବୋଉ ଏଇ ଗାଆଁର ଝିଅ—ଗୌରବର୍ଣ୍ଣା, ସ୍ୱାସ୍ଥ୍ୟବତୀ । ମାତ୍ର ଏଗାର ବର୍ଷ ବୟସରେ ସେ ପହିଲିପାଲି ଯାଇଥିଲା ।

ପିଣ୍ଡିକ ମହାପାତ୍ର, ତାଙ୍କ ପୁଅ କୃତ୍ତିବାସ ମହାପାତ୍ର, ତାଙ୍କ ପୁଅ ଯୋଗୀ ମହାପାତ୍ର—ସେ ଆମ ଅଜା । ପିଲା ବଞ୍ଚୁ ନ ଥିବାରୁ କୃତ୍ତିବାସ ମହାପାତ୍ରେ ପୁଅକୁ ଯୋଗୀ କରି ଦେଇଥିଲେ । ଯୋଗୀ ଭଗବାନ୍‌ଙ୍କ ଲୋକ, ଯୋଗୀ ଋଷି ଅଭିଶାପକୁ ଯମର ବି ଡର । ଅଜା ସେଇ ନାମ ଧରି ବର୍ତ୍ତି ଯାଇଥିଲେ । କିନ୍ତୁ ତାଙ୍କର ଅସଲ ନାମଟି ଲୋପ ପାଇଗଲା, ଯୋଗୀ ନାମଟି ସଂସାରରେ ପ୍ରଘଟ ହେଲା ।

ମୋ ହେତୁ ପାଇଲାବେଳକୁ ଅଜା ପାଚିଲା ବୁଢ଼ା, ମୁଣ୍ଡରେ କେରାଏ ଲମ୍ବା ଝୋଟ, ଗାଧୋଇବା ପରେ ପାଣି ଝଡ଼େଇବା ଲାଗି ଅଜା ପଛ ଆଡ଼କୁ ଝୁଙ୍କି ପଡ଼ି ତାକୁ ଗାମୁଛାରେ ଝାଡ଼ୁଥିଲେ । ପାଣି ବିନ୍ଦୁର ବାମ୍ଫ ଉପରେ ପଡ଼ୁଥିଲା ଇନ୍ଦ୍ରଧନୁ । କୌତୁକରେ ଦେଖୁଥିଲି । ସେତେବେଳେ ସମସ୍ତେ ଥିଲେ ନୂଟିଆ, ଆଜିକାଲି ଯେମିତି ସମସ୍ତେ ନଣ୍ଡା ।

ଅଜା ପୁଅ ଝିଅ ଥିବା ସତ୍ତ୍ୱେ ପ୍ରୌଢ଼ ବୟସରେ ପୁଣି ବିଭା ହେଲେ । ଏହା ହିଁ ହେଲା ଘରେ ଯାବତୀୟ ଅଶାନ୍ତିର କାରଣ । ପୁଅ ବାପଠାରୁ ଭିନେ ହେଲେ । ବଡ଼ ଆଈକି ମୁଁ ଦେଖିନାହିଁ । ସାନ ଆଈ ସାବତ ଶାଶୂ । କଥା ଅଛି—

ଯାହାକୁ ସ୍ୱାହିଲା କନିଆଁ ଶାଶୂ
ଖୀରର ଉପରେ ଖଣ୍ଡ ବରଷୁ ।

କିନ୍ତୁ ଏଠି ଓଲଟା, ଯାହା ପ୍ରାୟ ସବୁଠି ହୋଇଥାଏ । ଫକୀରି ମାଈ । ସଙ୍ଗେ ସାନ ଆଈର ମୋତେ ପଡ଼ୁ ନ ଥାଏ । ରାତି ପାହିଲାମାତ୍ରେ ଲାଗିଯାଏ ଠିଆ

ପାଇଁ । "ଆଗ ମାଇପକୁ ଚଅଡ଼ ଘୁପଡ଼ ପଛ ମାଇପକୁ ସାବଧାନ" । ପାଟି ଫିଟେଇବାକୁ ଅଜାଙ୍କର ଜୁ କାହିଁ ? ଆଈ ରାଗି ରୁଷି ଅଲଗା ରୋଷେଇ କରି ଖାଇଲା । ଅଗଣା ମଝିରେ ପାଚେରୀ ପଡ଼ିଲା । ଏ ପଟେ ଶଶୁର, ସେ ପଟେ ସଳା । ନନା ମଧ୍ୟସ୍ଥି ହୋଇ ସଦା ସତର୍କ ରହି ଜିନିଷପତ୍ର ବଣ୍ଟାକୁଣ୍ଟା କଲେ । କଥା ଅଛି—

ଅମିନି ଜାମିନି ମଧ୍ୟସ୍ଥି
ମନା କରିଛନ୍ତି ଅଗସ୍ତି ।

ଯେତେ ସାବଧାନ ହେଲେ ବି ବଣ୍ଟାକୁଣ୍ଟାରେ କେତେବେଳେ କୋଉପଟ ସରସ ବା ନୀରସ ହୋଇଗଲା । ଏଥିଲାଗି ଅଜା, ମାମୁଁ ଦୁହେଁ ନନାଙ୍କ ଉପରେ ମନ ଊଣା କଲେ । ପ୍ରାୟ ପନ୍ଦର ଦିନ ପରିଶ୍ରମ କରି ନନା ପାରିଶ୍ରମିକ ସ୍ୱରୂପ ମୁଣ୍ଡେଇ ଘେନି ଆସିଥିଲେ କିଛି ଅପବାଦ । ମାମୁଁ ଭଲଲୋକୀ ବାବତକୁ କିଛି ଦେବେ ବୋଲି ଯାଚିଥିଲେ । ନନା ବଞ୍ଚିଥିବା ଭିତରେ ପାଇଲେନାହିଁ । ବୋଉ ଉଘେଇ ଉଘେଇ ମାମୁଁଙ୍କ ଶେଷ ଜୀବନରେ ଆଦାୟ କରି ଆଣିଲା ଗୋଟିଏ ତେଲରେ ପାଚିଥିବା ପଣସ କାଠର ସିନ୍ଦୁକ, ଯାହା ମାମୁଁଘରର ସ୍ମୃତି ହୋଇଅଛି, ଜନଗହଳ ଯୁଗରେ ଚଉଖୁଣ୍ଟିଆ ଚଉଧୁରୀ ଚକା ପକାଇଲାପରି ଏବେ ବଖରାଏ ଘର ମାଡ଼ି ବସିଛି ।

ଅଜାଙ୍କର ଦୁଇଟି ଝିଅ —ତରୁ, ଶୋଭ । ତରୁ ମୋ ବୋଉ । ମାଉସୀ 'ଶୋଭ' ବେଶୀ ଦିନ ସଂସାରସୁଖ ଭୋଗ କରି ପାରି ନ ଥିଲା । ସେତେବେଳେ ମାମୁଁଘରକୁ ମାଉସୀ ଆସିଥାଏ; ଗାଆଁରେ ବସନ୍ତ ଠାକୁରାଣୀ ପଶିଲେ, କେତେଇ ଠାକୁରାଣୀ ଯୁଝ କରି ତାଙ୍କୁ ଅଟକେଇ ପାରିଲେ ନାହିଁ । ଗାଆଁରୁ କେତେ ମୁଣ୍ଡ ନେଲା ପରେ ଠାକୁରାଣୀ ମାମୁଁ ଘରେ ପଶିଲେ, ମାମୁଁ ଦିହରେ ବିଜେ କଲେ । କେତେ ପଇଡ଼, ନବାତ ପଣା ଉଡ଼ିଗଲା, ଠାକୁରାଣୀ ମଲଣ ଦେଲେ ନାହିଁ । ମାମୁଁ ବାଉଳା ଭୁଉଳା ହେଲେ, ଫକୀରି ମାଈ ଜହନ ବିକଳ ହୋଇ ମାମୁଁଙ୍କୁ ରକ୍ଷା କରିବା ପାଇଁ ଶୋଇଥିବା ବେଳେ ମାଉସୀଙ୍କୁ ଠାକୁରାଣୀଙ୍କ ନାଆଁରେ ପାଣି ଛଡ଼େଇ ଦେଲେ । ତାପରେ ମାମୁଁ ଝାଡ଼ି ଝୁଡ଼ି ହୋଇ ବସିଲେ, ମାଉସୀଙ୍କୁ ଠାକୁରାଣୀ ସଂସାରରୁ ଘେନି ଗଲେ । ଏମିତି 'ବ୍ରାହ୍ମଣ ଷଡ଼ଙ୍ଗୀ' ଗାଆଁର ମାଉସୀଙ୍କ ସଂସାର ଭାଙ୍ଗିଗଲା । ମାମୁଁଙ୍କ ସଂସାର କିଛି ଦିନ ହସି ଉଠିଲା ।

ଅଜା ବେଳେ ବେଳେ ରୁଷୁଥିଲେ, ଘରେ ପିଠାପଣା ହେଲା ଦିନ ଆଈକି ଟିକିଏ ବେଶୀ କାମ ପଡ଼ୁଥିଲା । ସେ ତାଙ୍କ ଉପରେ ଚିଡ଼୍ ଚିଡ଼୍ ହେଉଥିଲା । ଅଜା କବାଟ କିଳି ରୁଷି ଶୋଉଥିଲେ । ଆଈ ଦ୍ୱିତୀୟ ଭରିଯା, ତା' ରାଗ ଅଜାଙ୍କ ରାଗକୁ ବଳେ । ସେ ବି ଅଜାଙ୍କୁ ଶୁଣେଇ ଧଡ଼୍‌କିନେ କବାଟ କିଳି ଶୋଇପଡ଼େ ତା ଚେଇଁଶୁଏ । ରାତି ଅଧକୁ ଭୋକ ହେଲେ ଅଜାଙ୍କ ରାଗ ମରିଯାଏ, ସେ ଉଠି ଅଈକୁ ଡାକନ୍ତି—ଆଲୋ ହେ, ପିଲାଏ ଉପାସରେ ଶୋଇଲେଟି । ତ ଙ୍କୁ ଉଠାଇ ଚୁଆ । ତା' ମାନେ ତାଙ୍କ ସାଙ୍ଗେ ମତେ ବି ଆଦର କରି ଖୁଆ ।

ଆଈ ତ ଏ ଗୁମର ଜାଣେ । ସବୁ ଶୁଣି ନ ଶୁଣିଲା ପରି ରହେ । ସାହାନ୍ତିଆ ପହରକୁ ଉଠି ସମସ୍ତେ ଖା'ନ୍ତି । କୋପ ଶାନ୍ତି ହେଲାପରେ ଅଜା ରୁଷିବାର ଅସଲ

ଘୁମରଟି ପିଟାନ୍ତି । ପିଠା ତ ହେଲା, ମତେ ଦିଖଣ୍ଡ ସନ୍ଧ୍ୟାବେଳେ ଦେଇଥାନ୍ତି, ମୁଁ ପାଟି ସୁଆଦ କରିଥାନ୍ତି, ପୁଣି ରାତିରେ ଯେମିତି ଖାଇବାର ଖାଇଥାଆନ୍ତି ! ଏ କଥା ଶୁଣି ଆଈ ଯାହା ଶୁଣାଏ, ତାହା ଗୋଟାଏ ପୁରାଣ,ଅଷ୍ଟାଦଶ ପୁରାଣର ବହିର୍ଭୂତ । ରାତି ପାହେ, ପୁରାଣ ବୋଲା ସରେନି, ପୁରାଣ ଶୁଣାର ଫଳଶ୍ରୁତି ଯାହା ମିଳେ—ତାହା ଅଜାଙ୍କ ଲାଗି ଅଗ୍ନି ନରକର ବ୍ୟବସ୍ଥା । ସାନ ଆଈଙ୍କ ଆଡୁ ଅଜାଙ୍କର ଦୁଇଟି ପୁଅ ହୋଇଥିଲେ । ସେମାନଙ୍କ ମୁଣ୍ଡକୁ ହାତ ନ ପାଉଣୁ ଅଜା ବାଟ କାଟିଲେ, ତାଙ୍କ ପଛେ ପଛେ ଗଲେ ଆଈ, ତାଙ୍କ ପିଛା ଧରି ସଂସାର ଛାଡ଼ିଲା ଜୁଆନ୍ ଭେଣ୍ଡା ନାଦ ମାମୁଁ, ତାଙ୍କ ପଛେ ପଛେ ଓଲା କାବ୍ଡ଼ା, ସାନ ବୀର ମାମୁଁ, ମଝି କାନ୍ଥ ବାଡ଼ିଆ ହେଲା, ଖଳାବାଡ଼ି ମଝିରୁ କଣିବାଡ ଉଠିଲା । ଦୁଇ ଧାନଗଦା ମିଶି ହେଲା ଗୋଟିଏ, ଦୁଇ କୁଟାଗଦା ମିଶି ହେଲା ଗୋଟିଏ, ସେ ବର୍ଷ ଗୋଟିଏ ନଡ଼ାଗଦା ମରା ହେଲା । ସବୁତକ ବଳଦ ବାଈ ଗୋଟିଏ ଗୁହାଳରେ ବନ୍ଧା ହେଲେ । ମାମୁଁ ହେଲେ ସମସ୍ତ ସମ୍ପତ୍ତିର ମାଲିକ । ହେଲେ ସେ ଅଇଶ୍ୱର୍ଯ୍ୟ ଭୋଗ କରିବା ଲାଗି ଫକୀରି ମାଙ୍ଗିର ଆଗ୍ରହଁବଳ ନ ଥିଲା । ଯୋଉ ବସନ୍ତ ମା' ଶୋଭା ମାଉସୀକି ନେଇଥିଲେ, ସେ ତା'ଙ୍କୁ ବି ଘେନିଗଲେ; ମାମୁଁଙ୍କ ସଂସାର ଭାଙ୍ଗି ଯାଇଥାନ୍ତା । କିନ୍ତୁ ପୁଅ ନୀଳମଣି ପାରି ଯାଇଥିଲା, ଅଳ୍ପ ଦିନ ପରେ ବୋହୂ ଆସିଲା ।

ମାମୁଁ ଧ୍ରୁବ ମହାପାତ୍ର, ସ୍ୱାସ୍ଥ୍ୟବାନ୍, ସୁପୁରୁଷ । ମୁଦ୍‌ଗର ପରି ତାଙ୍କର ବାହା, ମୁଣ୍ଡରେ ଗୋଛାଏ ଚୁଟି, ଘଡ଼ଘଡ଼ି ପରି ପାଟି । ପଣେ ହକିୟାତିର ମକଦ୍ଦମ ବୋଲି ତାଙ୍କର ଭାରି ଠାଣି ଥିଲା । ଘରେ ତିନି ସ୍ତରିଟା କୋଠିଆ; ଜମି ବାଟିକରୁ ବେଶୀ ହେବ । ପଣସ ତୋଟା, ଆମ୍ବ ତୋଟା, ପୋଲାଙ୍ଗ ତୋଟା, ବାଉଁଶ ବଣ, ନଡ଼ିଆ ଗୋରଡ଼ି ଆଉ ନଇକୂଳିଆ କଦଳୀବାଡ଼ିରୁ ଯଥେଷ୍ଟ ଆୟ ହେଉଥିଲେ ବି ସେ କୋଡ଼ମଇ ପେଟକୁ କିଛି ଅଣ୍ଟୁ ନ ଥିଲା । ଯୌବନ କାଳରେ ସେ ଗୌଣିଏ ଚୁଡ଼ା ଘଷା, ଆଟିକାଏ ଗହମ ଖିରୀ, ତିନିକ ସା କଦଳୀ ନକଟା, ପଥୁରିଏ ଆମ୍ବ ଲାରଇ ଖାଇ ଅକେଶରେ ପାରକରି ଦେଉଥିଲେ ।

ଓଡ଼ିଶୀ ଗାଆଣ ହିସାବରେ ତାଙ୍କ ନାଆଁ ଡାକ । ଭାଙ୍ଗ ଓ ଭୂରିଭୋଜନ ପରେ ସେ ସଙ୍ଗୀତରେ ବସିପାଉଥିଲେ । ତାଙ୍କ ପରି ଗାୟକକୁ ମୋ ନନାଙ୍କ ପରି ବାୟକ । ରାତି ପାହି ଯାଉଥିଲା, କିନ୍ତୁ ସଙ୍ଗୀତ ସରୁ ନ ଥିଲା—

"ଆଜ କେ—ଳି କଉତୁକୀ ଶ୍ରୀଛାମୁଁରେ
ମୋର ମା.....ତୁହି ଏତିକି.....—।"
"ନିତମ୍ବ ଧୀରେ ଧୀରେ
ଖେଳା ଅତି ମଞ୍ଜୁଳେ
ବାଜୁ ରତ୍ନ ନିର୍ମିତ କିଂକିଣି ତ୍ରିପଟାରେ..... .....।"
"ଲାଖି ରହିଲାରେ.....ଆଖି ସଖୀ ଶିଖୀ ଚନ୍ଦ୍ରକରେ।"
"ମଲ୍ଲୀମାଳ ଶ୍ୟା. . ମ . କୁ ଦେବି
ଚିତ୍ତ ତୋଷିବି ..... .. .."
"ନନ୍ଦ ରଜାର ଟିକି ପିଲାଟି
ଠିରି ପକାଇଲା ବକାର ପାଟି ..... .....।"

ଅବଶ୍ୟ ଏଇସବୁ ସଙ୍ଗୀତରେ ଲାଳିତ୍ୟ ବା ମାଧୁର୍ଯ୍ୟ ନ ଥିଲା । ସାରିଗାମା ପାଧ ନିଶା, ତାଳ, ମାନ, ଲୟ, କରତାଳି, ମୁଣ୍ଡହଲା, ଚିତ୍କାର ଶ୍ରୋତାମାନଙ୍କୁ ଆବାକାବା କରି ଦେଉଥିଲା । ଗାୟକର ଗୀତକୁ ବାୟକର ବାଡ଼ା ଗୋଡ଼ାଇ ଧରୁଥିଲା,—ଅଲାଙ୍ଗ ତାକ ଧିନା ତାକ ଦୋଧି ଘିନା ଧା, ତାକ ଦୋଧି ଘିନା ଧା । ଚତୁର ଗାୟକ ବାୟକକୁ ଭଙ୍ଗି ଦିକଡ଼ାର କରି ଦେଉଥିଲା । ଗାଆଁର ଭାଗା ଘରସବୁ ଓଡ଼ିଶୀ ସଙ୍ଗୀତ ରତିରେ କମ୍ପୁଥିଲା ।

ମାମୁଁ କୁଣିଆଁ ଘର ଗଲାଦିନ ଭଲ ବାୟକ ଖୋଜା ହୋଇ ଆସୁଥିଲେ । ସଙ୍ଗୀତ ଖୁବ୍ ଜମୁଥିଲା । ସେଇ ସଙ୍ଗୀତ ହିଁ ଦିନେ ତାଙ୍କ ଜୀବନର ମୁଦେଇ ହେଲା । ଭୂରି ଭୋଜନ, ରାତି ଅନିଦ୍ରାକୁ ଗର୍ଜନ ସ୍ୱରରେ ଗୀତ ବୋଲା । ଦିନେ ତାଙ୍କ ପେଟ ଫୁଲେଇଲା, ଝାଡ଼ା ପରିସ୍ରା ବନ୍ଦ । ଆଖପାଖରେ କେହିଁ ଡାକ୍ତର ନ ଥିଲେ । ବଇଦ ଡକା ହୋଇ ଆସିଲାବେଳକୁ ମାମୁଁଙ୍କ ଆଖିତେଳା ଓଲଟି ପଡ଼ିଥିଲା ।

ମାମୁଁ ବଡ଼ ସ୍ନେହୀ, ସରଳ ଓ ଅମାୟିକ ଲୋକ ଥିଲେ । ମେଳଣ ଯାତ୍ରାରେ ଦେଖିଲେ ସେ ମୋତେ ପଇସା ଦେଉଥିଲେ । ମୁଁ ସେଥିରେ ଲାଲ୍‌ଖଣ୍ଡଘୋଡ଼ା କିଣି ଖାଉଥିଲି । ଦବା ମନ ତାଙ୍କର ଥିଲା । କିନ୍ତୁ ତାଙ୍କ ମନକୁ ଗୁହିଁ ଧନ ନ ଥିଲା । ଭାର୍ଗବୀ ନଈର ଘାଇ ଭଙ୍ଗି ତାଙ୍କ ଭଲ ଭଲ ଜମିରେ ବାଲି ଚରି ଯାଇଥିଲା, ଦୃଶ କଅଁଳୁ ନ ଥିଲା । ଜମିବାଡ଼ି ବାଗବଗିଗୁରୁ ଯାହା ଆୟ ହେଉଥିଲା ସେଥିରୁ ଅନେକାଂଶ ମାମୁଁ ଚନ୍ଦନ ଯାତ୍ରା, ଲୋକନାଥମେଳା, ଘାଟରସ୍ନାହାନ, ମେଳଣ ଯାତ୍ରା ମଉଛାରେ ଭଙ୍ଗଘୋଟା, ଚୁଡ଼ାଘଷା, ପାଚିଲା ଗାମୁଛା ଓ ସାଆନ୍ତିପଣ ଆଡ଼ତାରେ ଉଡ଼ାଇ ଦେଉଥିଲେ ।

ମାମୁଁଘର ଆମ୍ବ ତୋଟାଟି ପ୍ରସିଦ୍ଧ ଥିଲା । କଟକିଆ ବେପାରୀମାନେ ତାଙ୍କ 'ଛାଟିନବାଡିଆ', 'ଗୁଡ଼ପାଣିଆ', 'ପଣସୁଆ', 'କଦଳିଆ' ଆମ୍ବ ଆଗେ କିଣି ନେଉଥିଲେ । ମାମୁଁ ଖୁବ୍ ଯତ୍ନରେ ସେସବୁ ଖୁଣ୍ଟୁଣିରେ ତୋଳି ଶାଳଗ୍ରାମ ପରି ଧୋଇଧାଇ ବାଲିରେ ବସାଉଥିଲେ । ସାବିତ୍ରୀ ଉଆଁସକୁ ଆମ ଘରକୁ ଅମ୍ବ ପଣସ ଭାର ଆସୁଥିଲା ।

ମାମୁଁ ଘର ଗାଁର ଗଛପତ୍ର, ନଈନାଳ, ଚନ୍ଦ୍ରସୂର୍ଯ୍ୟ ସବୁ ସୁନ୍ଦର ଦିଶୁଥିଲା । ସେ ସବୁ ପ୍ରତି ଗୋଟାଏ ମାୟା ଥିଲା । ମୁଁ ମାମୁଁ ଘରକୁ ଯାଇ ମାସେ ମାସେ ରହୁଥିଲି—କୋଠ କୁଣିଆ । କେତେବେଳେ ଅଜାଘରେ, କେତେବେଳେ ମାମୁଁଘରେ ବକତ ପକାଉଥିଲି ।

ଗାଁରୁ ଗୁଲି ଗୁଲି ଗଲେ ଆକାଶେ ଆକାଶେ ସୂର୍ଯ୍ୟ ମୋ ସଙ୍ଗେ ଯାଉଥିଲେ, ଭାବୁଥିଲି—ଗାଁରେ କ'ଣ ସୂର୍ଯ୍ୟ ନ ଥିବେ ? ଆଲୁଅ ପଡୁ ନ ଥିବ ? ମାମୁଁଘର ପାଖ ଭାର୍ଗବୀ ନଈ ଭିତରୁ ନଡ଼ିଆ ମାଳକୁ ଜହ୍ନ ଉଠିଆସିଲା ବେଳକୁ ମନ ମୋର ଅପୂର୍ବ ଉତ୍ସାହ ଆନନ୍ଦରେ ପୂରି ଉଠୁଥିଲା ।

ଗାଆଁର ପଦ୍ମଫୁଲଭରା 'ମଧୁବନ' ପୋଖରୀରେ ମୁଁ ଗାଧୋଉଥିଲି । କଥା ଅଛି—'ନିଜ ଗାଁ ମଶାଣି, ପର ଗାଁ ପାଣି' । ଏ ହୟାନ୍ତ ପୋଖରୀଟା ପ୍ରତି ମୋର ଗୋଟାଏ ଅଜଣା ଭୟ ଥିଲା । ପଦ୍ମବନରେ ନାଗ ଥିବେ, ପହଁରିଲେ ପାଦ ଛନ୍ଦି ହୋଇଯିବା'ର ଶଙ୍କା । ତଥାପି ଏ ପୋଖରୀ ପ୍ରତି ଏକ ଆକର୍ଷଣ ଥିଲା । ପଦ୍ମ

ପାଖୁଡ଼ା ଝଡ଼ି ତୁଠକୁ ଭସି ଆସୁଥିଲା । ପନ୍ତ ପନ୍ତ ହଂସରଳି, ଗେଣ୍ଡାଳିଆ ଚକ୍‌କର ଦେଇ ଉଡ଼ିଲାବେଳେ ଗୀତ ପଦଟିଏ ମନରେ ଅଙ୍କୁରି ଉଠୁଥିଲା—

ଉଡ଼ିଗଲା ଗେଣ୍ଡାଳିଆ ପଡ଼ିଗଲା ଛାଇ
ଆସୁଛନ୍ତି ଗଜାମୁଗ ଖଞ୍ଜଣି ବଜାଇ ।

ଦୁର୍ଗାଷ୍ଟମୀକୁ କେତେଦିନ ଠାକୁରାଣୀଙ୍କ ପାଖେ ବୋଦା ପଡ଼ୁଥିଲା, ଯନ୍ତାଳ ହେଉଥିଲା । ସକାଳୁ ମାଉସୀ ତିଅଣ ଘେନି ମୁଁ ଘରକୁ ଆସୁଥିଲି । ଏଣିକି ତେଣିକି ଚାହିଁ ସେଥିରୁ କିଛି ପାଟିରେ ପକେଇ ଦେଉଥିଲି । କିଏ ସେବାଟେ ଗଲେ 'ଦେଖିଲାକି', 'ନନାଙ୍କ ଆଗେ କହିଦେବ କି' ଭାବି ଭାବି ଛାତି ଭୟରେ ଥରି ଉଠୁଥିଲା ।

ମାମୁଁଙ୍କ ପଥର ପଣ୍ଡା ଖୁବ୍‌ ଉଚ୍ଚ, ବଡ଼ ଖାନ୍‌ଦାନିର ପରିଚୟ ଦେଉଥିଲା । ତାଙ୍କ ବାଡ଼ିଆଡ଼େ ଗୋଟାଏ ପଙ୍କୁଆ ପୋଖରୀ, ବିଲାତୀ ଦଳରେ ଭରିଥିଲା । ସେଠି ବାସନ ମଜାମଜି ହେଉଥିଲା । ଗୋଟାଏ ତାଳଗଛ କୂଳରୁ ପୋଖରୀ ମଝିଯାଏ ଶୋଇଥିଲା । ତା' ଉପରେ ଚଢ଼ି ଆମେ ପୋଖରୀ ମଝିଯାଏ ଚାଲି ଯାଉଥିଲୁ, ପାଦରେ ପାଣି ଲାଗୁ ନ ଥିଲା । ନୂଆ ବର୍ଷା ପାଣି ପୋଖରୀରେ ପଶିଲେ ମୁଣ୍ଡି ସେଉଳ, ରଡ଼ା, ମାଗୁର, କାଉ, ସିଙ୍ଗି ଧାଡ଼ିବାନ୍ଧି ଉଠନ୍ତି, ମାମୁଁ ଟୋକେଇଏ ଟୋକେଇଏ ଉଠା-ମାଛ ଧରିଆଣି ହଣ୍ଡାହାଣ୍ଡିରେ ଜିଆଁଇ ରଖିବାର ମୁଁ ଦେଖିଛି ।

ବୋଉ ମାମୁଁଘରୁ ଯାଇ ବେଳେ ବେଳେ ଖାଲି ହାତରେ ଫେରୁଥିଲା । ଦୂରରୁ ତା'ର ବୁଜୁଳା ଦେଖି କ'ଣ ଆଣିଛି ବୋଲି ଆମେ ଧାଇଁ ଯାଉଥିଲୁ । ହାଣ୍ଡିରେ କଦଳୀ ! ଦେଖିଲା ବେଳକୁ ନଈବାଲି ' ଭଙ୍ଗାଭଙ୍ଗି କରିବା ଲାଗି ବଡ଼ ନଈରୁ ବୋଝ ବାନ୍ଧି ଆଣିଚି, ତା'କୁ ବୋହି ନ ପାରି ଧକଉଚି ।

ଭଗବ ଏଇ ଗାଆଁଟେ ନଈ, ତାକୁ ବଡନଈ ବୋଲି ଆମେ କହୁଁ, 'ଯମୁଭି କି ଚେଟରୁମୁଭ ପଞ୍ଚରବ' ପରି ଆଉ କୋଉ ମୁଲକ ଦେଖି ନ ଥିବା ଲୋକଙ୍କୁ ଏଇ—ଖରାଦିନେ ମରୁଭୂମି—ବର୍ଷାଦିନେ ଅନନ୍ତରୂପୀ, ତାହାରେ ବଢ଼ି ପାରିହେଲା ବେଳେ ପାରିମାନେ ହରିବୋଲ, ହୁଳହୁଳି ପକାନ୍ତି, ସେତେବେଳେ "ଏପାରି ନଈ ସହସ୍ର କୋଶ" । ବନ୍ୟାରେ ଅନ୍ଧାରରେ ବସି ଆଖି ପିଛୁଳାକେ ତାଳ ପାଚି ହେଉଥିବା ଲୋକ ଆଜି ସେ ଦୁଃଖ ବୁଝିପାରିବ ନାହିଁ ।

# ନନା

"ଉଚ୍ଚଶିକ୍ଷା ତାଙ୍କର ନ ଥିଲା, କିନ୍ତୁ ବହୁତ ଉଚ୍ଚ ଥିଲେ ସେ, ଟଣ ଭିତରେ ପହିଲେ ଗଣ୍ୟ, ମାନ୍ୟଙ୍କ ଭିତରେ ଏକାନ୍ତ ମାନ୍ୟ ।"

"ଘରେ ପଢ଼ି ପଢ଼ି ସେ ପଣ୍ଡିତ ହୋଇଥିଲେ, କିନ୍ତୁ ଅହଙ୍କାର ତାଙ୍କ ଅନ୍ତରକୁ ସ୍ପର୍ଶ କରି ନ ଥିଲା ।"

"ତାଙ୍କ ଆତ୍ମ ପ୍ରଶଂସା ଶୁଣିଛି, "ଏଠେ ବସିଛନ୍ତି କବିରାଜ" ବୋଲି ବହୁ ଜନମେଳାରେ ଜଣେ ପାଟୁଆ କହି ଦେବାରେ ତାଙ୍କ ଛାତି ଫୁଲି କୁମ୍ଭେ ମୋଟ ହୋଇ ଯାଇଥିଲା । ଆତ୍ମ ପ୍ରଶଂସା କବିର, ସାହିତ୍ୟିକର ଦୁର୍ବଳତା; ତାହା ତାଙ୍କର ଥିଲା ।" "ଦୈହିକ ଓ ମାନସିକ ଶକ୍ତି, କୃଷି ଓ କୃଷ୍ଟି ଉଭୟର ସମନ୍ୱୟ ଥିଲେ ସେ । ସେ ଥିଲେ ଏକାଧାରରେ ଲୋକଶିକ୍ଷକ ଓ କବି ।"

"ତାଙ୍କର ଅନ୍ୟମାନଙ୍କ ପରି ଥିଲା ବହୁ ଅଭାବ, ବହୁ ଦୁଃଖ । କିନ୍ତୁ ପଦାକୁ ଜାଣିବାରେ କିଛି ଉପାୟ ନ ଥିଲା; ସେ ଥିଲେ ଚିର ହସହସ ।"

ମୋ ନନା(ବାପା)ଙ୍କ ନାଆଁ ଚିନ୍ତାମଣି ଦାଶ, ଓରଫ ମାଗୁଣି ଦାଶ । ସାଧାରଣରେ ତାଙ୍କର ପ୍ରିୟ ନାମ ଥିଲା ଢେଙ୍ଗା ମାଗୁଣି ଦାଶ । ଗୁନା ମାଆ (ନନାଙ୍କ ବୋଉ) —ଯେ କହୁଥିଲା.....ଆଗେ ଧାନଗଛରେ କୁଆଡ଼େ ଚାଉଳ ଫଳୁ ଥିଲା, କପା ଗଛରେ ଫୁଟୁଥିଲା ତୁଳା ନୁହେଁ, ଲୁଗା, ମଣିଷଙ୍କ ପାଦରୁ କୁଆଡ଼େ ସେ ସବୁ ବନ୍ଦ ହୋଇଗଲା, ଯେ ମୋ ଦୁଷ୍ଟାମି ଦେଖିଲେ ଧମକାଇ କହୁଥିଲା—ସେ ନାହାକ (ମାଟିବଂଶ ଅବଧାନ) କୁଆଡ଼େ ଗଲା ? ନନାଙ୍କୁ ସେ 'ମାଗା' ବୋଲି ଡାକୁଥିଲା ।

ମୋ ନନା ଢେଙ୍ଗାରେ ସାତଫୁଟ ଉଚ୍ଚ ଥିଲେ । ମେଳଣ ଯାତ୍ରାରେ, ହାଟ ବଜାରରେ ତାଙ୍କ ମୁଣ୍ଡ ହାତେ ଉପରକୁ ଉଠି ଦିଶୁଥିଲା । ନହନହକା ବେତ ନୁହନ୍ତି, ଝରି ପଟଳିଆ ଚଉଖୁଣ୍ଟିଆ ମଣିଷ ଥିଲେ ସେ, ଶାଳଗଣ୍ଡି ପରି ଦିଦା ଓ

ସିଧା । ହାତୀ ପରି ଦେହରେ ବଳ । ଭେଗା ଘର (ଆଖଡ଼ା ଘର, ପଞ୍ଚାୟତ ଘର) ଦୁଆର ବଉଳ ମାଳ ପଥର ପାହାଚ, ଯାହାକୁ ପାଞ୍ଚଜଣ ମରଦ ଟେକାଇ ପାରୁ ନ ଥିଲେ, ସେ ତାକୁ ଦୁଇ ହାତରେ ଟେକି ଛିଡ଼ି କରି ଦେଇଥିଲେ । ମହାବୀର ଠାକୁରଙ୍କ ଓଜନଦାର ଶିଶୁକାଠର ମୁଦ୍‌ଗର ବୁଲାଇବାରେ ତାଙ୍କ ଦୈହିକ ଶକ୍ତି ପ୍ରକାଶ ପାଉଥିଲା ।

ସେତେବେଳର ନୀତି— ଜୋର ଯା'ର ମୁଲକ ତା'ର । ବ୍ରିଟିସକେଶରୀ ସିଂହାସନରେ ବସିଥିଲେ ବି ମଫସଲରେ ଶିଆଳମାନଙ୍କ ରାଜତ୍ୱ ଚାଲିଥିଲା । କଡା ଭାବରେ ସରକାରୀ ଆଇନ ଜାରୀ ହୋଇପାରୁ ନ ଥିଲା । ଗୋଟିଏ ଗ୍ରାମର ଲୋକେ ବଳୁଆ ବା ଖେଳୁଆଡ଼ ହେଲେ ଅନ୍ୟ ଦୁର୍ବଳ ଗ୍ରାମର ଜମିବାଡ଼ି ଜବରଦସ୍ତ ଦଖଲ କରି ଯାଉଥିଲେ । ନ୍ୟାୟ ଦୁର୍ଲଭ ଓ ବ୍ୟୟବହୁଳ ଥିଲା । ହାକିମର ସମ୍ମୁଖୀନ ହେବାକୁ ଭୟ । କାନ କାଟିଲେ ଲୋକଙ୍କ ମୁହଁରୁ ବଚନ ବାହାରୁ ନ ଥିଲା । କୋର୍ଟ କଚେରୀକି ଧାଁ ଧପଡ଼ ବିରଳ ଥିଲା । ଠେଙ୍ଗା ଥିଲା ସର୍ବାର୍ଥସାଧିକା ।

ଟାଙ୍ଗପଦନ ପୁରର ଖଣ୍ଡାଇତମାନେ କେବେ ଗଜପତି ମହାରାଜାଙ୍କର ଚତୁରଙ୍ଗ ବାହିନୀରେ ଥିଲେ । କିନ୍ତୁ ଏବେ 'ଓଲଟା ସିଂହ' 'ପାଲଟା ସିଂହ' ମାନେ ଖଣ୍ଡା ଛାଡ଼ି ଧରିଥିଲେ ଲଙ୍ଗଳ, ଭୂମିବୃତ୍ତି ବିଶେଷ ନ ଥିଲା । ତେଣୁ ବର୍ଛା, ତରବାରୀ ଧରି ବେଳେବେଳେ ଅଭିଯାନରେ ବାହାରି ପଡୁଥିଲେ । ବ୍ରାହ୍ମଣ ଶାସନକୁ ସେମାନେ ହୋଇଥିଲେ କଟଣା ମହାବଳ, ପ୍ରାଣେ ପ୍ରାଣେ ଆତଙ୍କ । ଥରେ ସେମାନେ ଆମ ଗ୍ରାମର ଜମିସବୁ ଦଖଲ କରି ନେବାକୁ ବସିଲେ । ଭୂତ ହାତି ଉଠି ଯାଉଛି, ସମ୍ଭାଳି ହୋଇ ରହି ପାରିବ କିଏ ? ଆମ ଗାଁ ଲୋକେ ଗୁରିଦେଓଡ଼ି କଟା ନାଥ ଦାଶଙ୍କ ନେତୃତ୍ୱରେ ଏକଜୁଟ ହୋଇଗଲେ । ଦାଶେ ଆମ ଫଉଜକୁ ଦ୍ରୋଣାଚାର୍ଯ୍ୟଙ୍କ ପରି ଗୋଟିଏ ବ୍ୟୂହରେ ସଜାଇ ଦେଲେ ......ଯେପରି ଆମ ସୈନ୍ୟ ବାହାରକୁ ବହୁତ ଦିଶିବେ ।

ସଜାସଜି ପରେ ରେଞ୍ଜୁଆଙ୍କ ସଂଖ୍ୟା ବହୁତ ବୋଲି ପଦନପୁରିଆଙ୍କ ମନରେ ଧାରଣା ଜନ୍ମିଲା, ଭୟ ଉପୁଜିଲା । ନିଷ୍କାରଣ ପ୍ରାଣବଳି ଦାନ ଅପେକ୍ଷା 'ଯଃ ପଲାୟତି ସ ଜୀବତି' ନ୍ୟାୟରେ ସେମାନେ ଯେ ଯୁଆଡ଼େ ପଳାଇଗଲେ । ରେଞ୍ଜୁଆଙ୍କ ପଶ୍ଚାତ୍‌ଧାବନ ଓ ପ୍ରହାର ଫଳରେ ବହୁବ୍ୟକ୍ତି କ୍ଷତବିକ୍ଷତ ହେଲେ । ନନା ଏ ଫଉଦାରୀରେ ଅଂଶ ଗ୍ରହଣ କରିଥିଲେ, ଶୁଣିଛି । କିନ୍ତୁ ଆମ ହେତୁହେଲା ଦିନୁଁ ତାଙ୍କୁ କେବେ ଟୁମ୍ପ ହୁଡ଼ିବା କିମ୍ବା କାହା ଦେହରେ ହାତ ଲଗେଇବାର ଦେଖିନାହୁଁ । ଏକାନ୍ତ ଅହିଂସ । ବୋଧହୁଏ "ଟେଠ ମ ତିଲେ ଖଣ୍ଡିଆ ମାନେ' ନ୍ୟାୟରେ ଗ୍ରାମ୍ୟ ସଂଗ୍ରାମରେ ସେ ଯୋଗ ଦେଇଥିବେ ।

ସେତେବେଳେ ଗ୍ରାମରେ ତିନିଜଣ ବ୍ୟକ୍ତିଙ୍କର ବିଶେଷ ପ୍ରତିଷ୍ଠା ଥିଲା । ବୀର ମହାନ୍ତିଙ୍କ ନାମ ଯଶ ଓଡ଼ିଶା ଡେଇଁ ସୁଦୂର ବଂଗ ପ୍ରଦେଶରେ ପହଞ୍ଚିଥିଲା ଓ ଗାନ୍ଧିଜୀଙ୍କ ସେକ୍ରେଟାରୀ ଡକଟର ନିର୍ମଳ ଚନ୍ଦ୍ର ବୋଷ ତାଙ୍କୁ 'ଛୋଟ ଚୈତନ୍ୟ' ଆଖ୍ୟା ଦେଇ ବଙ୍ଗଳାରେ ତାଙ୍କ ବିଷୟରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ । ସେ ସଂସ୍କାରରେ ଅଗ୍ରଗାମୀ, ନାମ ସଂକୀର୍ତ୍ତନର ଗୁରୁ, କବି, ଶିକ୍ଷାବିତ୍, ଅମିର ପରି ମିଠା ସ୍ୱର ତାଙ୍କର, ଆକାଶ ପରି ଛାତି । ରାମଚନ୍ଦ୍ର ମହାନ୍ତି ତାଙ୍କର କନିଷ୍ଠ ଭ୍ରାତା,

ଭକ୍ତିଭାବରେ ଖେଳ, ଗ୍ରାମେ ଗ୍ରାମେ ବୁଲି ସେ ସଭା କରାଉ ଥିଲେ । ଆମ ଗ୍ରାମରେ ବିପୁଳ ପୁଷ୍ଟୋଦ୍ୟାନର ନିର୍ମାତା ଥିଲେ ସେ ।

ଏଇ ଦୁଇଜଣଙ୍କର ମସ୍ତିଷ୍କ ଥିଲେ ମୋ ନନା, ନନା ଶାସ୍ତ୍ରରେ ସୁପଣ୍ଡିତ, ସେ ଏଇ ଦୁଇ ସଂସ୍କାରକଙ୍କ ପୃଷ୍ଠଭୂମିରେ ରହି ପ୍ରୟୋଜନବେଳେ ଜାତି, ଧର୍ମ, ଓ ସମାଜର ଉଚିତ, ଅନୁଚିତ କ୍ରିୟା ସଂପର୍କରେ ଶାସ୍ତ୍ରୋକ୍ତି ଉଦ୍ଧାର କରୁଥିଲେ । ଫଳରେ ନିତାନ୍ତ ମରହଟ୍ଟିଆ, ସଂସ୍କାରବିରୋଧୀଙ୍କ ମୁଖ ବନ୍ଦ ହୋଇ ଯାଉଥିଲା । ଦ୍ୱିଗୁଣ ଉତ୍ସାହରେ ସେ ଦୁହେଁ ସଂସ୍କାର କାର୍ଯ୍ୟରେ ଲାଗି ଯାଉଥିଲେ ।

ନନା ଆନୁଷ୍ଠାନିକ ଭାବରେ ପରମାର୍ଥୀ ନ ଥିଲେ, ଅଗ୍ରଗାମୀ ସଂସ୍କାରକ ମଧ୍ୟ ନ ଥିଲେ । ସେ ଥିଲେ ସଂସାରୀ । କିନ୍ତୁ ସଂସାରଚିନ୍ତା କେବେ ତାଙ୍କୁ ଉତ୍ପୀଡ଼ିତ କରୁ ନ ଥିଲା । ଗୀତ ଲେଖିଲାବେଳେ ସେ ସଂସାର କ'ଣ, ନିତ୍ୟ ନୈମିତ୍ତିକ କାର୍ଯ୍ୟ ମଧ୍ୟ ଭୁଲି ଯାଉଥିଲେ । ସେତେବେଳେ ସେ ଭୋଳାନାଥ । ସଂସାରୀ ଭାବରେ ସେ ଲୋଭୀ ଯକ୍ଷ ବା ମାୟାବିଜଡ଼ିତ ନ ଥିଲେ । ସେ ଥିଲେ ସଂସ୍କାର କାର୍ଯ୍ୟରେ ଦୁଇ ମହାନ୍ତି ଭାଇଙ୍କର ସହଯୋଗୀ । ବ୍ରାହ୍ମଣଙ୍କ ଧନର ସହଯୋଗ ବିନା ରକ୍ଷଣଶୀଳ ଗ୍ରାମରେ ସଂସ୍କାର ଆଣିବା ଦୁରୂହ ଥିଲା । କିନ୍ତୁ ନନା କେବେ ବ୍ରାହ୍ମଣ୍ୟ କର୍ମକ୍ରିୟା କାଣ୍ଡର ପ୍ରତ୍ୟକ୍ଷ ବିରୋଧ କରି ନ ଥିଲେ, ତା' କରି ଥିଲେ ତାଙ୍କୁ ହୁଏତ ସମାଜ ଏକଘରକିଆ କରିଥାନ୍ତା ।

ବ୍ରାହ୍ମଣ ସମାଜ ଅପେକ୍ଷା ବ୍ରାହ୍ମଣେତର ସମାଜ ସହିତ ତାଙ୍କର ସହଯୋଗ ନିବିଡ଼ତର ଥିଲା । ମୁଦୁଲୀ ସାହିରେ ସେ 'ପୁନିଅ ପାଳି' ପ୍ରବର୍ତ୍ତନ କରିଥିଲେ । ପ୍ରତି ପୂର୍ଣ୍ଣିମା ଦିନ ଠାକୁର ଘରେ ଭୋଜି । ନନା ରାନ୍ଧୁଥିଲେ, ବେଳେବେଳେ ମୋ ଉପରେ ସେ ଭାର ପଡୁଥିଲା । ପୁରୀଜିଲ୍ଲାର ଭୋଇସାଇମାନଙ୍କରେ ସେ ପଟୁଆ ଯାତ ପ୍ରବର୍ତ୍ତନ କରିଥିଲେ । ଛୁଆଁ ଅଛୁଆଁ ଭେଦ ସେ ମାନୁ ନ ଥିଲେ ବିଦ୍ୟା ଓ ଧର୍ମ ପ୍ରତି ଦୃଷ୍ଟି ଆକୃଷ୍ଟ ହେବାରେ ଭୋଇସାଇର ମଦ୍ୟପ ସଂଖ୍ୟା ଊଣା ହୋଇ ଯାଇ ଥିଲା । ପଇସାଟିଏ ବା ଧାନ ଗଣ୍ଡିଏ ମୂଲ ପାଇଲେ ବାଉରିମାନେ ଆଗେ ଖଜୁରୀ ତାଡ଼ି ପିଇ ଦେଉଥିଲେ, ଆମ ଗାଆଁ ସଡ଼କ ଧାରେ ଧାରେ ବହୁ ଖଜୁରୀଗଛ ଥିଲା, ପ୍ରତ୍ୟେକର ଅଗ୍ରଭାଗରେ ଝୁଲୁଥିଲା ଗୋଟାଏ ଲେଖାଏଁ ମାଠିଆ । ସିଅଳ ବଡ଼ି ଭୋରରୁ ସେ ସବୁ ମାଠିଆ ଖାଲି କରି ପୁଣି ବସାଇ ଦେଉଥିଲା । ଫେଣ ଗନ୍ଧ ଗନ୍ଧ ତାଡ଼ି ମାତମାନ ଠେଲି ସିଅଳ ଶାସନରୁ ଦୂରବର୍ତ୍ତୀ ଜାଗାରେ ବସୁଥିଲା ।

ସଙ୍ଗୀତ, ମୁଖ୍ୟତଃ ଓଡ଼ିଶୀ ସଙ୍ଗୀତର ସୁପ୍ରତିଷ୍ଠିତ ବାଦକ ଥିଲେ ନନା । ସେପରି ଗାୟକ ଯୁଟିଲେ ତେଙ୍ଗା ମାଟୁଣି ଦାଶେ ବଜନ୍ତି । ପଖାଉଜରେ ଖଇ ଫୁଟେ, ସଙ୍ଗୀତ ଜମେ, ଲୋକେ ଜମନ୍ତି । ଯେତେ ସଙ୍ଗୀତଜ୍ଞ ହେଲେ ବି ତାଳରେ ତାଙ୍କୁ କେହି ଭାଙ୍ଗି ପାରୁ ନ ଥିଲା । କୃଷିକ୍ଷେତ୍ରରେ ସେ ଥିଲେ ପୁରା କୃଷକ । ପାଗଯୋଗ ତାଙ୍କୁ ଭଲ ଜଣା ଥିଲା । ମେଘ ଉଠାଇଲେ ବର୍ଷା ହେବ କି ନ ହେବ ସେ କହିପାରୁ ଥିଲେ । ପ୍ରକୃତି ପ୍ରତି ଗଭୀର ପ୍ରୀତି, ପାଟୁଆ ଓ ଚଇତୀ ଘୋଡ଼ା ଗୀତରେ ତାହା ଫୁଟୁଥିଲା ।

କାଙ୍କ ଧଇଲେ ସେ ଏକାଦିକ୍ରମେ ତୁଣ୍ଡେ ବିଲ ହାଣି ଦେଇ ଯାଉଥିଲେ । ସେହିପରି ଶେଣା ଧଇଲେ ସହଯୋଗୀ ପାଣି ବୁହାଳୀକୁ ଦମ୍ଭେ ମାଠ ଲାଗୁଥିଲା ।

କଡି, କୋଡ଼ମାଟିଆ କଲେ କ୍ଲାନ୍ତିରେ କେବେ ସେ ଅଣ୍ଟା ସଳଖି ଛିଡ଼ା ହୋଇଯାଉ ନ ଥିଲେ । କିନ୍ତୁ କେବେ କୁଳଧର୍ମ ବିରୁଦ୍ଧରେ ଯାଇ ଆଣ୍ଠୁ ପକାଇ ବିଲ ବାନ୍ଧୁ ନ ଥିଲେ । ହଳ ଧରିବା ତ କୁଳର ଅବିଧି ।

ଗ୍ରାମରେ ସେ ଆଳୁଚାଷ ପ୍ରବର୍ତ୍ତନ କରିଥିଲେ । ଜହ୍ନୀ କାକୁଡ଼ିରେ ବାଡ଼ି ହସୁଥିଲା, ପିଣ୍ଡାରେ ମାଡୁଥିଲା କଖାରୁ । ବିଲରେ କଦଳୀ, ବାଇଗଣ; ବ୍ରାହ୍ମଣ ପରମ୍ପରାରେ ପଦାଘାତ କରି ସେ ଯାରୁ କିଆରିମାନ କରୁଥିଲେ । ତାଙ୍କ ପରିଶ୍ରମ ଫଳରେ ଆମ ଜମିଗୁଡ଼ିକ ସମତଳ ଥିଲା, ଢାଲୁ, ଢିପ, ପିହାଣିଆ ବା କଣ୍ଟଝପିଠିଆ ନ ଥିଲା । କିଆରିଯାକ ସବୁଆଡ଼େ ସମାନ ପାଣି ରହୁଥିଲା ।

ମୁଠିବୁହା ଦିନୁ ଖେତ ବଢ଼ିବା ପର୍ଯ୍ୟନ୍ତ ଜମିବାଡ଼ିରେ ବୁଲି ଦେଖିବା ତାଙ୍କର ଏକ ନିତ୍ୟନୈମିତ୍ତିକ କର୍ମ ଥିଲା । ଗଜା ହେଲା ଦିନୁଁ ବୁଆହେବା, ବେଉଷଣ, ବଛା ହେବା, ଧାନ କଳା ବୁଲି ଆସିବା, ଥୋଡ଼ ହେବା, ବାହାରି ମଥାନ ହେବା ପର୍ଯ୍ୟନ୍ତ ଧାନ ବୁଦା ତିଳେ ତିଳେ ବଢ଼ିବାର ଶ୍ରୀ ସେ ସସ୍ନେହ ଓ ଆନନ୍ଦ ଦୃଷ୍ଟିରେ ଉପଭୋଗ କରନ୍ତି । ପାହି ପଡ଼ିଆ ହେଲେ, ଗଜା ମରୁଡ଼ି ହେଲେ, ବିଲରେ ଗନ୍ଧି ପଡ଼ିଲେ, ରେଗେଡ଼ା ଉଠିଲେ, ହଳଦିଗୁଣ୍ଡି ପୋକ ଲାଗିଲେ, ଗଣ୍ଡୁକି କାଟିଲେ, କାହାକ ମାରିଲେ, ଖରି ମାଡିଲେ, ଧାନ ଖୀର ବେଳେ କିଲ୍ଲବେଳେ ଝିଣ୍ଟିକା ଚିପିଲେ, ଧାନ ପତୁରି ପଡ଼ିଲେ ସେ ଉପଯୁକ୍ତ ପ୍ରତିକାର କରନ୍ତି । ହିଡ଼ ମୁଣ୍ଡାରେ ଭୁସା ପଡି ପାଣି ବୋହିଯାଉଥିଲେ, ସେ ଗଳିଆ ବୁଜନ୍ତି । କିଆରିମାନିଆ ବିଲରେ ସବୁବେଳେ ପାଣି ରଖନ୍ତି ।

'ଅନ୍ନ ବିହୁନେ ହଂସ ହାନି' – ଏ ତତ୍ତ୍ୱ ସେ ମର୍ମେ ମର୍ମେ ବୁଝିଥିଲେ । ଘରୋଇର ଫଳପତ୍ରି ପଛେ ପଡ଼ିଆ ହୁଏ, ନନାଙ୍କ ବିଲବୁଲା ବନ୍ଦ ହୁଏନାହିଁ । ରାତି ପାହିକରୁ ଉଠି ଗାମୁଛା ଖଣ୍ଡିଏ ପିନ୍ଧି ଲୁଗାଖଣ୍ଡି କାନ୍ଧରେ ପକାଇ ହାତବାଡ଼ି ଖଣ୍ଡିକ ଧରି ଏ ଗହୀରରୁ ସେ ଗହୀର ବୁଲୁଥାନ୍ତି । ସବୁ ଫସଲ ଖେତ ଉପରେ ଦିନକୁ ଥରେ ଆଖି ପଡ଼ିବାର କଥା । କୋଉଠି ହିଡ଼ ଭାଙ୍ଗିଚି, ଗୋଦା ମେଲା ହୋଇଛି, ଗୋରୁ ଖାଇଛନ୍ତି, କାହା ବିଲରେ ଗଇଶା, ଫୁଟି ଫୁଟିକିଆ ମାଡ଼ି ଯାଉଛି, ଏ ସମ୍ବାଦ ପହିଲେ ତାଙ୍କଠାରୁ ମିଳେ ।

ଏବେ ପିଢ଼ିଆ ପଡ଼ି ଓଷଦ ଛିଞ୍ଚା ହୋଇ ଫସଲ ଉଠୁଚି ସତ, କିନ୍ତୁ ଯେତେବେଳେ ଦୈହିକ ଶ୍ରମରେ ଆଣ୍ଠୁଆଡ଼ି ଚାଷ ହେଉଥିଲା ବିଲ ବୋଲ ମାନୁଥିଲା; ଯେତିକି ଡାକୁଥିଲେ ସେତିକି ଫଳୁଥିଲା । ମାଏ ଜମିରେ କେତେଟା ହଳ ଚିହେବ, କେତେ ନଡ଼ା ହେବ, ତାର ସୁମାରି ଥିଲା, ଆଗେ ଅଧେ ଜମିରେ ଆମ ଖଳାବାଡ଼ିରେ ଯେତିକି ଦୁଇଟି ଗଦା (ଗୋଟିଏ ମୂଳବାଡ଼ିଆ, ଅନ୍ୟଟି ଅଗିଆ କଟା) ବସୁଥିଲା, ଏବେ ଦିଗୁଣ ଜମିରେ ସେତିକି ସେତିକି ଗଦା ବସୁଛି କି ନାହିଁ ସନ୍ଦେହ । ଖଳାଯାକ ଲକ୍ଷ୍ମୀପାଦ ଚିତା, ମେଢ଼ି ମୂଳରେ, ଧାନଗଦାମାନଙ୍କରେ ମାଆ ଲକ୍ଷ୍ମୀ ବସା ବାନ୍ଧି ରହୁଥିଲେ । ନନା ଶୀତଦିନଯାକ ଦିପହରେ ସେଇ ଖଳାବାଡ଼ିରେ ଖରାରେ ମଶିଣା ଖଣ୍ଡିଏ ପକାଇ ଶୋଉଥିଲେ । ଗୁଣ୍ଡୁଚିକଟା ନଡ଼ିଆ ଫୁଲ, ବାରମାସୀ ବଉଳ ଫୁଲ ତାଙ୍କ ଉପରେ ଗୋଟିଏ ଗୋଟିଏ ଝଡ଼ୁଥିଲା । କାଠହଣା ଚଢ଼େଇ ଠକ୍ ଠକ୍ କାଠ ବାଡୁଥାଏ । ଓଧ ଏ ଗଛରୁ ସେ ଗଛ

ଡେଉଁଥାନ୍ତି । ସୋରିଷଆ ଗୋଧି, ନାଗସାପ କି ରଣା ସାପ ଖଳା ଏ ପାଖରୁ ସେ ପାଖ ବଣକୁ ଚାଲିଯାନ୍ତି । ଚିହ୍ନ ରହିଯାଏ ।

ବିଦ୍ୟା ବୋଇଲେ ଅବଧାନଙ୍କ ଚାହାଳୀରେ ତାଙ୍କର ଅକ୍ଷର ପରିଚୟ ମାତ୍ର ହୋଇଥିଲା । ସେ ସାତକ ଯାଏ ପଣିକିଆ ପଢିଥିଲେ । ସାଧାରଣ ହିସାବପତ୍ର ଜାଣିଥିଲେ । ଚଉଦ ପନ୍ଦର ବର୍ଷ ବୟସକୁ ତାଙ୍କର ବିଭାଘର ହୋଇ ଯାଇଥିଲା । ଏମିତି ଜଣେ ଚାଷୀ ବା ସାଧାରଣ ସଂସାରୀ ଗୃହସ୍ଥ ପରି ଚଳୁ ଚଳୁ ସେ ବୁଢ଼ା ହୋଇ ଯାଇଥାନ୍ତେ । କିନ୍ତୁ ବିଧିର ବ୍ୟବସ୍ଥା ଭିନ୍ନ । ବୀର ମହାନ୍ତିଙ୍କ ଚୁମ୍ବକ ସ୍ପର୍ଶ ତାଙ୍କ ଗତାନୁଗତିକ ଜୀବନ ଧାରା ବଦଳାଇ ଦେଲା ।

ବୀର ମହାନ୍ତି ଶିକ୍ଷିତ ନ ହେଲେ କଣ ହେଲା, ସ୍ୱଭାବତଃ ଜଣେ ଶିକ୍ଷାପ୍ରେମୀ ଓ ଜ୍ଞାନୀ ବ୍ୟକ୍ତି ଥିଲେ । ତାଙ୍କର ଦୁଇଟି କନ୍ୟା ବାଳ ବିଧବା ହୋଇଥିଲେ, ସେମାନଙ୍କୁ ଶିକ୍ଷିତା କରିବାକୁ ସେ ଚାହୁଁଥିଲେ, ବାହାରକୁ ପଠାଇବାକୁ ଗଣ୍ଠିରେ ଧନ ନ ଥିଲା । ତେଣୁ ସେ ଗାଁରେ ବାଳିକା ସ୍କୁଲଟିଏ ବସାଇଲେ । କଞ୍ଚା ଇଟାରେ ଗଢା ହେଲା କାନ୍ଥ, ବସିଲା ଖଜୁରୀ ଖମ୍ବ । କିନ୍ତୁ ବିନା ଦରମାରେ ଶିକ୍ଷକ ମିଳିବେ କାହୁଁ ? ନନାଙ୍କୁ ପ୍ରବର୍ତ୍ତାଇଲେ । ନନା କହିଲେ—ନିଜେ ତ କିଛି ପଢିନାହିଁ, ପଢ଼ାଇବି କଣ ?

ବୀର ମହାନ୍ତି ତାଙ୍କୁ ସ୍କୁଲରେ ବସାଇଲେ । ନନା ଅପଦସ୍ଥ ହେବେ, ଏଇ ଭୟରେ ପାଠ ପଢ଼ିଲେ । ତାଙ୍କ ସ୍ମୃତି ଶକ୍ତି ପ୍ରଖର ଥିଲା । ଯାହା ପଢିଲେ ମନେ ରହିଲା । ପଟିଚିକ ପଣିକିଆ ହୋଇଗଲା । ତାପରେ କଡ଼ାଗଣ୍ଡା, ପାହିଆଣା, ନୁଣ୍ଡବିଶ୍ୱା, ଅକ୍ଷର ଲେଖା, ବହିପଢ଼ା । ବର୍ଷକ ମଧ୍ୟରେ ସ୍କୁଲରେ ପଢ଼ାଇବା ଭଳି ଢେର ପାଠ ତାଙ୍କର ହୋଇଗଲା । ଭାଗବତ, ରାମାୟଣ, ମହାଭାରତ, ହରିବଂଶ, ବ୍ରହ୍ମବୈବର୍ତ୍ତ ପୁରାଣ, ନାମରତ୍ନ ଗୀତା, ବେତାଳ ପଞ୍ଚବିଂଶତି ସେ ପଢିଲେ, [illegible] ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ, ଭକ୍ତଚରଣଙ୍କ କାବ୍ୟ ପଢି ସେ ଭଲଭାବେ ଆୟତ୍ତ କଲେ, ଗୀତାଭିଧାନ, ଅମରକୋଷ ମୁଖସ୍ଥ କଲେ । ବିନା ଗୁରୁରେ ମେଘଦୂତ, ହଂସଦୂତ, ମହାନାଟକ, ଭଗବତ୍ ଗୀତା ପ୍ରଭୃତି ସଂସ୍କୃତ ଗ୍ରନ୍ଥ ଅଧ୍ୟୟନ କଲେ । ମୁଁ ଭୁବନେଶ୍ୱରରେ ପଢୁଥିବାବେଳେ ସେ ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତ' ବୁଝିବା ଲାଗି ଜଣେ ପଣ୍ଡିତଙ୍କ ନିକଟକୁ ଆସିଥିଲେ । ସଙ୍ଗରେ ଉପହାର ସ୍ୱରୂପ ଆଣିଥିଲେ ଦୁଇଗଣ୍ଡା ନଡ଼ିଆ । ଗାଁରେ ପାଟୁଆ ବା ପାଲା ମହଲରେ ଗୀତ ସଙ୍ଗେ ଗୀତ ଯୋଡ ଦେବାକୁ ହେଉଥିଲା । ପ୍ରକୃତରେ ଏହା ପାଲା ବା ପାଟୁଆ [illegible] ନାମରେ କବି ଲଢ଼େଇ ହିଁ ଥିଲା । ଅନ୍ୟ କବିମାନଙ୍କ ସହିତ ମୁଣ୍ଡି ପକାଇବା ଲାଗି ନନାଙ୍କ ସଂସ୍କୃତ ପଢ଼ାର ପ୍ରୟୋଜନ ହେଉଥିଲା ।

ଦେଖୁ ଦେଖୁ ସେ ଓଷ୍ଟମଣ୍ଡଳରେ ହେଲେ ଜଣେ ଜଣାଶୁଣା କବି ଓ ପଣ୍ଡିତ, ବିବାହ, ବ୍ରତର ଫୁଲସଭା ବେଳେ କିମ୍ବା ସୁଧୀଜନମାନଙ୍କ ସହିତ ଆଳାପରେ ତାଙ୍କର ବିଦ୍ୟାର ଗଭୀରତା ଫୁଟି ଉଠୁଥିଲା । ଅନ୍ୟବେଳେ ସେ ନୀରବ, ଗମ୍ଭୀର, ନିପଟ ଚାଷୀ ନଇଲେ ନିରୁତା ଶିକ୍ଷକ । ପେଟରେ ଏତେ ପାଠ ଅଛି ବୋଲି ଜଣା ପଡୁ ନ ଥିଲା ।

ପ୍ରକୃତ ପ୍ରତିଷ୍ଠା ତାଙ୍କର ହେଲା କବିତ୍ୱ ଯୋଗୁଁ । ସ୍ୱକବିତ୍ୱ ଶକ୍ତି ଲାଭ ସଂପର୍କରେ ସେ କେତେଜଣ ବିଶ୍ୱସ୍ତ ବନ୍ଧୁଙ୍କୁ କହିଯାଇଛନ୍ତି । ସେ ପ୍ରତି ଗୁରୁବାର ଦିନ ଓପାସ କରି ଦୁର୍ଗାମନ୍ତ୍ର ଜପ କରୁଥିଲେ । ଦିନେ ପ୍ରସନ୍ନ ହୋଇ ସ୍ୱପ୍ନରେ ଦୁର୍ଗା ତାଙ୍କୁ ଦେଖାଦେଲେ, ଇଙ୍ଗିତ ଦେଲେ—କି ବର ମାଗୁଛୁ ମାଗ । କ'ଣ ମାଗିବେ ? ଧନରତ୍ନ, ଘରଦ୍ୱାର ? ସେ ସବୁ ତାଙ୍କ ସ୍ମରଣରେ ଆସିଲା ନାହିଁ । ସେ କେବଳ କହିପକାଇଲେ—'ଗୀତ' । ଗୀତ ଗାଇବେ, ପଢ଼ିବେ ନା ଲେଖିବେ ? ସବୁ ଅସ୍ପଷ୍ଟ ରହିଗଲା ।

ତା'ପରେ ନନାଙ୍କ ନିଦ ଭାଙ୍ଗିଲା, ବୁଦ୍ଧି ନିର୍ମଳତର ବୋଧ ହେଲା । ପୃଥିବୀ ସୁନ୍ଦରତର ଦିଶିଲା । ସୃଷ୍ଟିର ବେଦନାରେ ପ୍ରାଣ ସତେ କି ଉତ୍ପୀଡ଼ିତ ହେବାକୁ ଲାଗିଲା, କି ପ୍ରେରଣା, କି ଆବେଗ, କି ଉଚ୍ଛ୍ୱାସ । କି ଛନ୍ଦର ଉନ୍ମାଦନା, ତାନ ଓ ଭାବତରଙ୍ଗର ଉଦ୍ଦୀପନା । ସତେ ଯେପରି ପ୍ରାଣରେ ଗୋଟାଏ ପୂରନ୍ତା ନଈ, ବୋହିଯିବା ଲାଗି ବାଟ ଖୋଜୁଛି । ସେ ଲୁହା ଲେଖନୀ ଧରିଲେ, ତାଳପତ୍ରରେ କୃତଜ୍ଞତାରେ ଦୁର୍ଗାଙ୍କ ନାମ ହିଁ ଲେଖିଗଲେ, ଲକ୍ଷେ ଥର ।

କବିତ୍ୱର ସ୍ଫୁରଣ ବଡ଼ ଅଦ୍ଭୁତ । ଯେ କେତେବେଳେ ଆନନ୍ଦରେ ଅଭିଭୂତ, ଦୁଃଖରେ ଉଦ୍‌ବେଳିତ, ସୃଷ୍ଟିର ତାଡ଼ନାରେ ଅଧୀର ହୋଇ ଗୃହ ତ୍ୟାଗ କରି ପଳାଉଥାନ୍ତି, ଆମ୍ରକୁଞ୍ଜ, ପୁଷ୍କରିଣୀତଟ ବା ମନ୍ଦିରର ପୃଷ୍ଠଦେଶକୁ । ଲେଖନୀ ଛାଡ଼ି ଧରନ୍ତି କଲମ—ପରକଲମ, ପିତ୍ତଳ କାଳିଘଡ଼ି । କଲମ ଚରେ ଚର ଚାଲେ; କାଳି ବୁଡ଼ାଇବାରେ ଯାହା ବିଳମ୍ବ । ପଦ ବସାଇଲାବେଳେ ଭାବିବାକୁ ପଡ଼େନାହିଁ । ଘଡ଼ିକେ ପୁରାଏ ପଦ୍ମାବନ୍ଧିଆ ଗୀତ ।

ମଧ୍ୟଯୁଗୀୟ ସାହିତ୍ୟରେ ବ୍ୟୁତ୍ପତ୍ତି ଆସିବା ପରେ ସେ ଅର୍ଥବନ୍ଧିଆ ଗୀତ ଲେଖିଲେ—ଏକବିଧି, ଦ୍ୱିବିଧି, ତ୍ରିବିଧିରୁ ଏକାଦଶ ବିଧି, ଅର୍ଥାତ୍ ଗୋଟିଏ ପଦରୁ ଏଗାରଟି ଅର୍ଥ ବାହାରିଲା ।

କିନ୍ତୁ କବିତ୍ୱ କ'ଣ ହେବ ? ଗୀତ କାହାର ଲୋଡ଼ା ? ପନ୍ଦରଅଣା ଲୋକ ତ ମୂର୍ଖ, ଗୀତ ଗାଇବା ଅର୍ଥ କାଲ କାନରେ ମୂଳ ଶୁଣାଇବା । କବିତ୍ୱ ଥିଲେ ସାତପୁରୁଷ ପ୍ରତିଷ୍ଠା ଆସେ, କୁଳ ଉଜ୍ଜ୍ୱଳ ହୁଏ, ନନା ଭାବିଥାନ୍ତି । କିନ୍ତୁ ସମସ୍ତେ ତ 'ସକାଳ ଉଠିଲେ ଲଙ୍ଗଳେ ଯାଆନ୍ତି ଚୋରଣି ହିମକାକର', 'ଶ୍ରୀ ଅକ୍ଷର ବଢୁଁଣିଇ ପଦ୍ଧତ' ।

ବେଳେବେଳେ ଆମ ବାଡ଼ି ବିଲରେ କଦଳୀ କିଆରି ହୋଇଥାଏ । ସେଥିରେ ନନା ଖଣ୍ଡିଏ କୁଡ଼ିଆ କରିଥାନ୍ତି । ସେ ବାଉରି ପିଲାଙ୍କୁ ଡାକିଲେ—ଆସ ପାଠ ପଢ଼ିବ । 'ଅନ୍ଟୁ ବିକା ମହାଦେବ ଦେଖା' ଏକ ବେଳକେ ହେଲାପରି କଦଳୀ କିଆରି ଜଗା, ପାଠପଢ଼ା ଏକାବେଳକେ ହେବ—ଏଇ ବିଚାର । ଦଳେ ବାଉରି ପିଲା ଆସି ଜୁଟିଲେ—(ଗପୁଡ଼ି) ବାଞ୍ଛା, (ଆବୁଆ) ବୁରୁନ୍ଦା, (ଢେବେରା) ବିକା, (ହେଣ୍ଡା) ଉଛବା, କୁସୁନିଆଁ, ସଦେଇ, ଅକ୍ଷର ପରିଚୟ ହେଲାପରେ ନନା ଏମାନଙ୍କୁ ନେଇ ଗୋଟିଏ ପାଟୁଆ ଦଳ ଗଢ଼ିଲେ । ଗାଆଁର ମଙ୍ଗଳା ଠାକୁରାଣୀ ହେଲେ ପାଟୁଆଙ୍କ ଇଷ୍ଟଦେବୀ । ଗାଆଁ ବଇଦଙ୍କ ପୋଖରୀରୁ ବଡ଼ପାଟୁଆ 'ପାଣି ତେ ଲିଲା'—ବାନାବର କାଇଁଶୀ ବିଶ୍ୱାନା (ବନାବର କାଶୀ ବିଶ୍ୱନାଥ) ।

ବ୍ରାହ୍ମଣ ସାଇରୁ ସାଜେ ରୂପା ଅଳଙ୍କାର ମାଗିନେଇ ଲଗାଇ କେଳା ଭୋଇ ଘଉଡାଣୀ ସାଜିଲା । ପାଟୁଆମାନଙ୍କ ଲାଗି କିଣା ହୋଇଆସିଲା ଘେର, ଲାଲ୍ ନେଳୀ ଘୁଦର । ମଙ୍ଗଳାଙ୍କ ଘରେ ଘଟ ବସିଲା । ପ୍ରଥମେ ଢୋଲ, ପେଁକାଳି, ପରେ ମୃଦଙ୍ଗ, ରମତାଳି ଚାଲୁ ହେଲା । ପାଲାବାଲାଙ୍କ ଅନୁକରଣରେ ନନା ପାଟୁଆଙ୍କୁ ତ୍ରିପଟା, ମହ୍ଲାର, ଛାନ୍ଦ, ଚଉପଦୀ, ଚଉତିଶା, ଚମ୍ପୂ, ଓଡ଼ିଶୀ ସଙ୍ଗୀତ ଓ ବିବିଧ ଅର୍ଥବନ୍ଦୀ ଗୀତ ଶିକ୍ଷା ଦେଲେ ।

ଗୋଟିଏ ଗୀତ ବୋଲି ତହିଁରେ ଖଞ୍ଜା ନାନାବିଧ ଛାନ୍ଦ ଚଉପଦୀ ଅର୍ଥଅନ୍ତର କଲାବେଳକୁ ଘଣ୍ଟା ଘଣ୍ଟା ସମୟ ବିତିଯାଏ । ଆମ ଗାଆଁର ନବତନ ଦଳ ପ୍ରତିଯୋଗିତା ଲାଗି ଯୋଉ ଗାଆଁକୁ ଗଲା ଜୟବାନା ଉଡ଼ାଇ ଫେରିଲା । ଆମ ଦଳ ସହିତ କବି ଯାନ୍ତି, ଆତ୍ମପ୍ରକାଶ କରନ୍ତି ନାହିଁ । ବିପକ୍ଷ ଦଳ ଯାହା ପ୍ରଶ୍ନ ପଚାରନ୍ତି, କବି ସଙ୍ଗେ ସଙ୍ଗେ ତାକୁ ଗୀତରେ ଲେଖି ଗାୟକକୁ ଶିଖାଇ ଦିଅନ୍ତି । ଅଥଚ ଆମ ଗାୟକ ଯାହା ପ୍ରଶ୍ନ ପଚାରନ୍ତି, ବିପକ୍ଷ ତା'ର ଉତ୍ତର ଦେଇପାରନ୍ତି ନାହିଁ । ବିଜୟର ଏହାହିଁ ଗୁପ୍ତ ରହସ୍ୟ ।

ଆମ ଗାଆଁ ଦେଖାଦେଖି ଆଖପାଖ ଅଞ୍ଚଳର ଭୋଇମାନେ ପାଟୁଆଦଳ ଗଢ଼ିଲେ, ନୃତ୍ୟ ଗୀତ ବାଦ୍ୟରେ ବାଉରିମାନଙ୍କ ନିର୍ଜୀବ ସନ୍ଧ୍ୟା ଝଂକୃତ ହେବାକୁ ଲାଗିଲା । ଦେଖୁ ଦେଖୁ ଚାରି ପାଞ୍ଚୋଟି ନୈଶ ବିଦ୍ୟାଳୟ ଖୋଲିଗଲା । ସେ କାଳରେ ଏହା କଳ୍ପନାତୀତ । ଯେତେବେଳେ ଭୂତପ୍ରେତର ପ୍ରଚଣ୍ଡ ଭୟ । କେତେକଙ୍କୁ ଭେଟଣା ହୋଇ ଯାଉଥିଲା, ରକ୍ତ ବାନ୍ତି କରି ମରୁଥିଲେ ।

କିନ୍ତୁ ନନାଙ୍କୁ ଭୟ ତିଳାର୍ଦ୍ଧ ସ୍ପର୍ଶ କରି ନ ଥିଲା । ସେ ସନ୍ଧ୍ୟା ପହରୁ ଗଣ୍ଡିଏ ଖାଇଦେଇ ହାତକେ ନିଆଁହୁଳା, ହାତକେ ଠେଙ୍ଗାଧରି ପାଠ ପଢ଼େଇ ବା ଗୀତ ଶିଖେଇ ଯାନ୍ତି—ହରିସିପୁର, ଦଳଖଣ୍ଡପୁର ଭୋଇସାଇକୁ । ରାତି ଅଧକୁ ଫେରନ୍ତି । ସେ ବାବଦକୁ ସେ ପଇସାଟିଏ ନିଅନ୍ତିନାହିଁ । ଦେବାର ସାମର୍ଥ୍ୟ ମଧ୍ୟ ଭୋଇମାନଙ୍କର ନ ଥାଏ । ସେମାନେ ଶ୍ରମଦାନ କରନ୍ତି—ମାନସିକ ଶ୍ରମ ବଦଳରେ ଶାରୀରିକ ଶ୍ରମଦାନ । ବିନା ପଇସାରେ ଆମର କୃଷକାମ ହୋଇଯାଏ । ଆମ ବିଲବାଛା, ଧାନକଟା ସମସ୍ତଙ୍କ ଆଗରୁ ସରେ । ଏହାଦ୍ୱାରା ଗୁରୁଗୃହ ପ୍ରତି ଅଧିକ ମାନ୍ୟତା ଫୁଟିଉଠେ ।

ବେଠି ପରେ କେହି ଅଭୁକ୍ତ ଫେରୁ ନ ଥିଲା । ହଣ୍ଡା ବସି ସେଦିନ ଆମ ଘରେ ରନ୍ଧାବଢ଼ା ଓ ପଙ୍କ୍ତିଭୋଜନ ହେଉଥିଲା । ଭୋଜନ ପରେ ଖଳ ବାଡିରେ ବସି ଗୁରୁ ଶିଷ୍ୟଙ୍କ ମଧ୍ୟରେ ପାଟୁଆ ଗୀତ ଚର୍ଚ୍ଚା ହେଉଥିଲା । ନନା ଗୁଣୁଗୁଣୁ ସ୍ୱରରେ ବୋଲୁଥିଲେ—

ପାଞ୍ଚ ପହର ଯିବ ମିଶି ଲୋ ଘନକେଶୀ (ଘୋଷା)
ଖାଇଣ ମରିବି ବିଷି ଛୋଏଁ ନକ୍ଷତ୍ର ବାଈଶି
ଛୋଏଁ ନକ୍ଷତ୍ର ବାଈଶି ... .....
ପାଞ୍ଚ ପହର ଯିବ ..... . . ।

ସ୍ୱର ଜାଣିଗଲା ପରେ ପୋଥି ଖୋଦା ନେଇ ପାଟୁଆମାନେ ନିଜେ ନିଜେ ଧାନ ଗଦା ପାଖେ ବସି ବୋଲୁଥିଲେ ।

'ମାଷ୍ଟ୍ରି' କହିଲେ ସେତେବେଳେ ସର୍ବୋପରି; ଧନୀ ଜମିଦାର, ମକଦ୍ଦମ ତାଙ୍କ ପାସଙ୍ଗରେ ପଡ଼ୁ ନଥିଲେ । ମାଷ୍ଟ୍ରଙ୍କ କଥା କେବେ ତଳେ ପଡ଼ୁ ନ ଥିଲା । ମାଷ୍ଟ୍ରଙ୍କ ଆପଦ ଏଇ ହଳଲଙ୍ଗଳହୀନ ମୂଲିଆ ଭାଇମାନେ ନିଜର ବିପଦ ବୋଲି ମଣୁଥିଲେ । 'ନିଆଁକୁ ଡେଁ' କହିଲେ ଡେଉଁଥିଲେ । ମାଷ୍ଟ୍ରେ ବା କବି ମଧ୍ୟ ଲୋଭ ବା ଶୋଷଣରୁ ଦୂରରେ ଥିଲେ ।

ଗୁରୁଚନ୍ଦ୍ର ବୋଲି ଆମ ଗ୍ରାମର ବଡ଼ ମାନ୍ୟ ଥିଲା । ପଣାସଂକ୍ରାନ୍ତି ଦିନ ଆମ ଦୁଆରେ ପହିଲେ ପାଟୁଆ ଯାତ୍ରା ଅନୁକୂଳ ହେଲା ପରେ ଆଉ ଯୋଡଟି ହେଉଥିଲା । ଯାତ୍ରା ପୂର୍ବରୁ ଗୁରୁଙ୍କୁ ମାନ୍ୟ ସ୍ୱରୂପ ପାନ ଗୁଆ ଭେଟି ଦିଆଯାଉଥିଲା । ଗୁରୁ ମଧ୍ୟ ସଂକ୍ରାନ୍ତି ଦିନ ବସୁନ୍ଧରା ଘଡ଼ି ତୁଳସୀଚଉରାରେ ଛାମୁଣ୍ଡିଆ ତଳେ ବନ୍ଧା ହେବା ପରେ ପେଟ ଭରାଇ ସମସ୍ତଙ୍କୁ ପଣା ପେଉଥିଲେ, ନୂଆ ଲୁଗା, ଗାମୁଛା ବା ପାଟୁଆପିନ୍ଧା ଘେର ଆଶୀର୍ବାଦ ସହ ସେମାନଙ୍କୁ ଦେଉଥିଲେ ।

ଦଶହରାକୁ ଆମ ଘରକୁ ଆସୁଥିଲା କେତେ ବୋଝ, ଭାର—ସାରୁ, ବୋଇତି କଖାରୁ, ପାଣିକଖାରୁ, ବୁଢ଼ାକାକୁଡ଼ି, କଦଳୀ । କେହି ନ ଥିଲାବାଲା ପୁଞ୍ଜାଏ ମାଛ, ଦିଟା ସଜନାଛୁଇଁ ବା କେରାଏ ଖଡ଼ା ଆଣି ଦୁଆରେ ଦେଇ ଯାଉଥିଲା । ତିଅଣ କଷ୍ଟ ମୋଟେ ନ ଥିଲା । ପାଚିଲା କଖାରୁସବୁ ଶିକାରେ ଝୁଲୁଥିଲା । ସେ ଗୋଟିଏ ଦୃଶ୍ୟ ।

ବହୁ ଦୂରବର୍ତ୍ତୀ ଗାଆଁରେ ନନା ପାଟୁଆ ଦଳ ଗଢ଼ିଲେ—ଦଡ଼ୋ, ଦନାପଦା ନର୍ଦ୍ଧା, ଆଳସୀ ..... । ଏଇସବୁ ଗାଆଁକୁ ଯାଇ ସେ ଭାଗବତ ଘରେ ରହନ୍ତି, ହାତରେ ଘୋଷେଇ କରି ଖାନ୍ତି, ଗୀତ ଲେଖି ଶିଖାନ୍ତି । ଘରକୁ ଫେରିଲା ବେଳକୁ ଗାମୁଛାରେ ପୁଡ଼ାଟିଏ ବନ୍ଧା ହୋଇଥାଏ—ପଇସା । ଝଣ୍‌କିନ ନନା ତାକୁ ବାଡିଘରେ ଖସାଇ ପକାନ୍ତି । ବୋଉ ତାକୁ ଗୁଡ଼ି ଗୁଡ଼ି ପଇସା କରି ଥୋଇ ଘଣ୍ଟା'କେ ଗଣି ଶେଷ କରେ—ପାଞ୍ଚଟଙ୍କା ନ'ଅଣା ପାଞ୍ଚ ପାହୁଲା । ଧାନ ତ ଟଙ୍କାକୁ ଷୋଳ ଗୌଣୀ, କୋଳଥ ଟଙ୍କାକୁ ଚଉଗୌଣୀ; ଏସବୁ ବିକି ଖଜଣା ଦେବା କଷ୍ଟକର । ଏଇ ଉପୁରି ପଇସାରେ ଆମର ଖଜଣା ଦିଆହୁଏ । ବୋଉ ପେଟରରେ ସାଇତି ରଖେ—ଲୁଟବନ୍ଦୀ ବେଳକୁ ବାହାରିବ, ନଇଲେ ଜମି କିଣା ହେବ । ସେତେ-ବେଳେ ପାଞ୍ଚଟଙ୍କାରେ ଯୋଉ ଆନନ୍ଦ, ଏବେ ପାଞ୍ଚଶ ଟଙ୍କାରେ ହୁଏତ ତା ମିଳୁନାହିଁ !

ଯଥାର୍ଥ ଲୋକଶିକ୍ଷକ ଓ ଲୋକକବି ଭାବରେ ନନା ସେତେବେଳେ ପ୍ରତିଷ୍ଠିତ ହୋଇଥିଲେ । ନନାଙ୍କ ହାତଲେଖା ପାଣ୍ଡୁଲିପିସବୁ ଛିଣ୍ଡିଗଲାଣି; କାଳି ଲିଭି ଘଷରା ହୋଇ ଅକ୍ଷର ଅପାଠ୍ୟ ହୋଇଗଲାଣି । ଗାୟକଙ୍କ ଭିତରୁ ଅଧିକାଂଶ ସଂସାର ଛାଡ଼ିଗଲେଣି । ସେ କାଳରେ ପ୍ରସିଦ୍ଧ ଜଣେ ଗାୟକ କେଳା ଭୋଇଠାରୁ ସଂଗୃହୀତ ନନାଙ୍କର ଗୋଟିଏ ଗୀତ ଉଦ୍ଧାର କଲି—

## ବସନ୍ତରାସ

ଶୁଣ ସୁଜ୍ଞଜନେ ଏହୁ ବସନ୍ତ ରାସ
ଶୁଣିଲେ ପୂର୍ବ ପାତକାଦି କ୍ଷୟ ପାଇବ ସର୍ବେ ବୈକୁଣ୍ଠରେ ବାସ ।
(ଘୋଷା)

ବୃନ୍ଦାବନ କି ଶୋଭିବନ
ଦହୁଅଛି ବିରହୀ ମନ
କନ୍ଦର୍ପ ଗଞ୍ଜନ,
କନକ ଦଣ୍ଡ ଯେ କେତକୀ ହୋଇଲା, ରଙ୍ଗ ଶାଢ଼ୀ ଯେ ପାଟଳି ବିଦୁଷ ।୧।

ଶଙ୍ଖଭେରୀ ମଧୁକରର
ମନ୍ଦ ମନ୍ଦ ବହେ ସମୀର
କୋବିଦ ନର,
କୋକିଳ ଯେ ମନ୍ତ୍ରୀ, କୁରଙ୍ଗ ଡଟର, ନାଗେଶ୍ୱର ପୁଷ୍ପ ଅଟେ ସରସ ।୨।

ସୈନ୍ୟ କୋଳାହଳ ବୃକ୍ଷର
ନବ ପଲ୍ଲବ ଯେ ବସ୍ତ୍ରର
କି ମନୋହର,
ଶୁକଙ୍କର ଧ୍ୱନି ଯେ ତେଲିଙ୍ଗି ବାଜା କମ୍ପିଯାଉଅଛି ବିପିନ ଦେଶ ।୩।

ନୃପତିର ଆୟୁଧ ତହିଁ
ସୁନାରି ପେ ନଳି ହୁଅଇ
ଶୁଣ୍ଟ ଜନେ ହିଁ,
ମଲ୍ଲୀକଢ଼ ଗୁଳି ଅଗ୍ନି ସୂର୍ଯ୍ୟ ତେଜ, ବିରହୀ ପ୍ରାଣକୁ କରିବ ନାଶ ।୪।

କିଆ ବଡ଼ ସରସ ହେଲା
ରଜାଟାରୁ ପଟା ପାଇଲା
କି ସୁଖେ ମଜ୍ଜିଲା;
ରସିକ ହୃଦୟ କିଆରି ହୋଇଲା, କଣ୍ଟକ ଭବ ଲଙ୍ଗଳର ଈଷ ।୫।

ଅଶନ ଯେ କାମୀକି ବିଷ
ଗଦ ହେଲା ଫୁଲର ବାସ
ବୁଝ ଭବିଷ୍ୟ;
ବୋଲେ ଚିନ୍ତାମଣି, ମୁଁ ଅଟେ ଅଜ୍ଞାନ, ଦୟା କରିଥିବ ହେ ପୀତବାସ ।୬।

ନନା କିପରି ଶିକ୍ଷକ ଥିଲେ, କି ରୀତିରେ ପାଠ ପଢ଼ାଉଥିଲେ, ଜାଣେ ନାହିଁ । କିନ୍ତୁ ଏବେ ବି ବୃଦ୍ଧା ଛାତ୍ରୀମାନେ ତାଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରିଥାନ୍ତି । ସେତେବେଳେ ସ୍ୱତଃପ୍ରବୃତ୍ତ ହୋଇ ସ୍କୁଲକୁ ପିଲାମାନେ ଆସୁ ନ ଥିଲେ । ସ୍କୁଲ ଓ ମାଷ୍ଟ୍ରଙ୍କ ନାମରେ ଘୋର ଆତଙ୍କ ଥିଲା । ଅବଧାନଙ୍କଠାରୁ ଆଉ କିଛି ନ ହେଉ, ଚୌକୀ ବସିବା, ମଢ଼ିଆ ଶିକୁଳି ପଡ଼ିବା, ନାକ ବାଳ ଧରି ଏକଗୋଡ଼ିକିଆ ଛିଡ଼ା ହେବା ପ୍ରଭୃତି ଅମାନୁଷିକ ଦଣ୍ଡବିଦ୍ୟା ଇଂରେଜୀ ପଢୁଆ ମାଷ୍ଟରମାନେ ହାସଲ କରି ସ୍କୁଲରେ ଚଳାଇଥିଲେ । ପିଲାଙ୍କ ମଧ୍ୟରେ ପୁଣି ବାଳିକାଙ୍କ କଥା ଅଲଗା । ସେମାନଙ୍କର ସ୍କୁଲ ଆସିବାର ଆବଶ୍ୟକତା ମୋଟେ ଅନୁଭୂତ ହେଉ ନ ଥିଲା । ପିଲା ଧରିବା, ମାଆମାନଙ୍କୁ ଘରର ଆଡ଼ତିପତ୍ରରେ ସାହାଯ୍ୟ କରିବା ସେମାନଙ୍କ କାର୍ଯ୍ୟ ଥିଲା । ଏଇ ଅବସ୍ଥାରେ ନନା ଗାଆଁକୁ ଗାଆଁ ଯାଇ ଅଭିଭାବକମାନଙ୍କୁ ବୁଝାଇଥିଲେ; ବାଉରି, ପଠାଣ ବ୍ରାହ୍ମଣ ଓ ବ୍ରାହ୍ମଣେତର କନ୍ୟାମାନଙ୍କୁ କାଖେଇ କାନ୍ଧରେ ବସାଇ ସ୍କୁଲକୁ ଘେନି ଆସୁଥିଲେ । ତାଙ୍କ ହାତରେ ବେତ ନ ଥିଲା । ତୁଣ୍ଡରୁ କର୍କଶ ବଚନ କେବେ ବାହାରୁ ନ ଥିଲା । ଚିର ହସ ହସ ।

ଶିକ୍ଷାକ୍ଷେତ୍ରରେ ସେ ଜାତିଭେଦ ମାନୁ ନ ଥିଲେ । ଆମ ଗୃହରୁ ଅସ୍ପୃଶ୍ୟତା ଦୂର ହୋଇ ଯାଇଥିଲା । ହାଡ଼ି ବାଉରିଙ୍କ ଛୁଆ ପଢ଼ିଲେ ବୋଉ ଖାଇବାଠୁ ଉଠି ଯାଉ ନ ଥିଲା । ବାଉରି ଆମ ହାଣ୍ଡିଶାଳ ପର୍ଯ୍ୟନ୍ତ ଆସୁଥିଲେ, ଆମ ଘର ଛପର କରୁଥିଲେ । ହରିଜନ ଆନ୍ଦୋଳନର ବହୁପୂର୍ବ କଥା ଏ ।

ନନାଙ୍କର ପରମ ସଖା ବୀର ମହାନ୍ତି ଦିନେ କହିଲେ—ମୁଁ ଆଜି ମରିବି । ସୁସ୍ଥ ମଣିଷ, ଆସନ ଚୌକୀରେ ବସିଥାନ୍ତି । ନାମ ସଂକୀର୍ତ୍ତନ ହେଲା, ହୁଳହୁଳି ହରିବୋଲ ମଧ୍ୟରେ ତାଙ୍କର ମହା ପ୍ରୟାଣ ଘଟିଲା । ତାଙ୍କ ଘରର ନିକଟବର୍ତ୍ତୀ ପଡ଼ିଆରେ ତାଙ୍କୁ ସମାଧି ଦିଆହେଲା, ତୁଳସୀଗଛଟିଏ ଲଗା ହେଲା । ବର୍ଷକ ମଧ୍ୟରେ ଗଛଟି ଝଙ୍କା ହୋଇ ବଢ଼ିଲା । ବର୍ଷିକିଆ ଦିନ ସେଠି ପୂଜା ହେବା କଥା । କୌଣସି ବ୍ରାହ୍ମଣ ମିଳିଲେ ନାହିଁ । ଦେବତା ନୁହେଁ କି ବ୍ରାହ୍ମଣ ନୁହେ, ତାକୁ ପୂଜିବୁ କାହିଁକି ?

ନନା ସ୍ୱତଃପ୍ରବୃତ୍ତ ହୋଇ କହିଲେ—ମୁଁ ପୂଜା କରିବି । ବ୍ରାହ୍ମଣ ସମାଜ ତାଙ୍କୁ ଅଟକିଲେ, ଏକଘରିକିଆ କରିବେ ବୋଲି ଧମକାଇଲେ । ସେ କହିଲେ—ମୁଁ ବୀରମହାନ୍ତିଙ୍କ ହାଡ଼ମାଂସକୁ ପୂଜିନାହିଁ । ପୂଜିଛି ତାଙ୍କର ମହାନ୍ ଆତ୍ମାକୁ । ସବୁ ଆତ୍ମା ସମାନ । ତାଙ୍କ ଆତ୍ମା ଏଇ ଶ୍ମଶାନ ତୁଳସୀ ଗଛରେ ଅଛି । ତୁଳସୀ ଗଛରେ ସବୁ ଦେବଦେବୀ ଅଛନ୍ତି । ତାଙ୍କ ଯୁକ୍ତି ଗୃହୀତ ହୋଇଥିଲା ।

ନନା ଶିକ୍ଷକ ଭାବରେ ମାସକୁ ଛ' ଟଙ୍କା ମାତ୍ର ବେତନ ପାଉଥିଲେ, ନିୟମିତ ଶିକ୍ଷା ଓ ଟ୍ରେନିଂ ପାସ୍ କରି ନ ଥିବାରୁ ପଦୋନ୍ନତି ବା ବାର୍ଷିକ ବେତନ ବୃଦ୍ଧିର କୌଣସି ସମ୍ଭାବନା ନ ଥିଲା, ଚାକିରୀର ଆଦ୍ୟରେ ଛ', ଶେଷରେ ମଧ୍ୟ ସେଇ ଛ'ଟଙ୍କା । ଛ'ମାସକୁ ଏକାବେଳକେ ଛତିଶ ଟଙ୍କା ମିଳୁଥିଲା । ସେତେବେଳେ ଜମି ଗୁଣ୍ଠକୁ ଦୁଇ ଚାରି ଟଙ୍କା । ତେଣୁ ଏତେକ ଟଙ୍କାରେ ନ ଦଶ ଗୁଣ୍ଠ ଜମି କିଣା ଯାଇ ପାରେ । କିନ୍ତୁ ଚୁଲି ବସିଲେ ଏଥିରୁ ଗୋଟିଏ ଟଙ୍କା ଆମ ଘରକୁ ଆସୁ ନ ଥିଲା । ଏ ଦରମା ଉପରେ 'ବାବୁ'ଙ୍କର ଆଖି ଥିଲା । ସେ ଆମ ଗ୍ରାମରେ ମାସେ ମାସେ ରହି ଆଖପାଖ ସ୍କୁଲସବୁ ପରିଦର୍ଶନ କରୁଥିଲେ । ତାଙ୍କ ଚର୍ଚ୍ଚାର ସମସ୍ତ ଦାୟିତ୍ୱ ଥିଲା ନନାଙ୍କ ଉପରେ । ଘରୁ ପ୍ରତିଦିନ ସରୁ ଚାଉଳ, ଡାଲି, କଦଳୀ, ବାଇଗଣ ସଞ୍ଜା ଯାଏ । ବେହେରା ଘରୁ ଘିଅ, ଦୁଧ ଲାଗୁଆ ହୋଇ ଆସେ । ମାଛ ନ ହେଲେ ବାବୁଙ୍କର ଗୁଣ୍ଡା ଯାଏନି । ନନା ପ୍ରତିଦିନ ମଡା ଜାଲରେ ମାଛ ଧରି ଦେଇ ଆସନ୍ତି । ପିଲାଙ୍କ ପାଟିରୁ ଛଡ଼ାଇ ବାବୁଙ୍କ ପେଟ ବଢ଼େଇବା କାର୍ଯ୍ୟ ବୋଉ ଆଖିରେ ଯାଏନାହିଁ । ସେ ନିତି ଚିଡ଼୍ ଚିଡ଼୍ ହେଉଥାଏ, ଏଣେ ସଞ୍ଜା ସଜାଡ଼ୁଥାଏ । ଗସ୍ତଖର୍ଚ୍ଚ ରୀତିମତ ପାନ୍ତି, କିନ୍ତୁ ଆଶ୍ଚର୍ଯ୍ୟର କଥା, ବାବୁ ନିଜ ଖାଇବାପିଇବା କଥା କେବେ ବିଚାରନ୍ତି ନାହିଁ, ଗରିବ ମାଷ୍ଟ କୋଉଠୁ ଆଣି ଦେଉଛି, ଦିନେ ତାଙ୍କ ମୁଣ୍ଡରେ ପଶେନାହିଁ । ଦେଉଳକୁ ମୁକ୍ତସିଆଳି ବଳି ପଡ଼ିଲା ପରି ନନାଙ୍କ ଦରମାକୁ ଅତିଥି ଚର୍ଚ୍ଚା ଖର୍ଚ୍ଚ ବଳି ପଡ଼େ । ବୁଥା ଚକ୍ଷୁ କୁଟିଲା ପରି ତଥାପି ନନା ଚାକିରୀଟି କରୁଥାନ୍ତି ।

ନନା ଶେଷ ଜୀବନରେ ପୁରାଣର ଆଧାରରେ ରଚିତ ମୋ 'ବନବୀର' କାବ୍ୟଟି ଶୁଣି ମୁଁ ରାଧାନାଥଙ୍କ ପରି ଜଣେ ବଡ଼ କବି ହୋଇ ପାରିବି ବୋଲି ସନ୍ତୋଷ ପ୍ରକାଶ କରିଥିଲେ । ସେ କଥା ଏକ ଉତ୍ସର୍ଗ କବିତାରେ ମୁଁ ସ୍ମରଣ କରିଛି—

କହୁଥିଲ ଦିନେ ହେବି ମୁହିଁ ବଡ଼ କବି
ସତ କି ମିଛ ତା ବୁଝୁଥିବେ ଅନୁଭବୀ ।

କ୍ଷେତ୍ର ଓ ସୁଯୋଗ ଅଭାବରୁ ତାଙ୍କ କବିତ୍ୱ ମଉଳିଗଲା ।

ମୁଁ ଲେଖିଛି—

'ତପତ ମରୁରେ ହଜିଗଲ ସୁଧାଝର
ପଲ୍ଲୀରେ ବନମଲ୍ଲୀ ମଉଳି ଗଲ ।

'କଙ୍କାଳର ଲୁହ'ରେ ମୁଁ ତାଙ୍କୁ ସ୍ମରଣ କରିଛି, ଯେତେବେଳେ ଲେଖିଛି—

' ଏଇ ଯେଉଁ ବଣ ଅରମା ଦିଶଇ ଥିଲେ ଏଠି କବି ଜଣେ
ପର କଳମରେ ଚର ଚର କରି ଘଡ଼ିକରେ ଗୀତ ପଣେ
ଲେଖି ଯାଉଥିଲେ ଘୋଷିଥିଲା ପରି ଭାବେ ଗଦ୍ ଗଦ ହୋଇ
ଭଜନ ଜଣାଣ ଯାତ୍ରା ପାଟୁଆ ଚଉପଦୀ ଗୀତ ପୋଇ
ସନମାନେ ଆଣି କେତେ ଦୂର ଲୋକ ଦେଉଥିଲେ କେତେ ଭେଟି
ଦୁଇ ମାଣ ଜମି ଚଷି ଦେଉଥିଲେ ଭାଇମାନେ ଦେଇ ବେଠି ।"

ଯେତେବେଳେ ଘରେ ଘରେ ରୋଗ, ଗାଆଁରେ ଚିକିତ୍ସକ ବୋଇଲେ ପୁଟୁଳି ବୈଦ୍ୟ । କିଏ ରୋଗ ଶଯ୍ୟାରେ ଗଡ଼ି ଗଡ଼ି ପରମାୟୁଦିନକୁ ଉଣୁଥିଲା, କିଏ ବା ନିରାଶ୍ରୟ ଭାବରେ ମୃତ୍ୟୁ ମୁଖରେ ପଡ଼ୁଥିଲା । ଦୀନ ଦୁଃଖୀ ଓ ଅସହାୟର ମୃତ୍ୟୁରେ ବିଚଳିତ ହୋଇ ନନା କବିରାଜୀ ଶିଖିଥିଲେ । ମନୁଷ୍ୟର ଶ୍ରେଷ୍ଠ ଉପକାରକେ ଚିକିତ୍ସକ । ନନା ଚିକିତ୍ସା ଜରିଅରେ ଲୋକ ସାଧାରଣଙ୍କର ଅଶେଷ କଲ୍ୟାଣ ସାଧନ କରିଥିଲେ । ସେ ବଟିକାର୍ଣ୍ଣବ, ଚୂର୍ଣ୍ଣକାର୍ଣ୍ଣବ, କୃଷ୍ଣ ଦାସଙ୍କ ଦୋଳି ନାଡ଼ି ଦେଖି ଶିଖିବା ବହି, ମାଧବକର ନିଦାନ ପ୍ରଭୃତି କବିରାଜୀ ଗ୍ରନ୍ଥମାନ କିଣି ରୀତିମତେ ପଢ଼ାପଢ଼ି କରୁଥିଲେ । ବୋଉ ଶିଳରେ ଔଷଧ ବଟାକୁଟା ଛେଚା ଓ ହେମଦସ୍ତାରେ ଗୁଣ୍ଡ କରୁଥିଲା । ନନା ହରିଡ଼ା, ବାହାଡ଼ା, ଅଁଳା, ଶୁଣ୍ଠି, ମୁଥା ମୂଳ, ହିଞ୍ଜଳ ଛେଲି, ବଉଳ ଛେଲି, ଭାଲିଆ ଆଦି ନିଜେ ସଂଗ୍ରହ କରି ଆଣୁଥିଲେ । ଭରମୋପକେ ଔଷଧ ତିଆରି କରି ବଟିକାସବୁ କୁଲାରେ ଗୁଙ୍ଗୁଡ଼ିରେ ଖଲରେ ଶୁଖାଉଥିଲେ । ସେ ରୋଗୀକୁ ଆତ୍ମୀୟର ଦେଖିବାକୁ ଯାଉଥିଲେ, ସେ ବାବଦକୁ ଗୋଟିଏ ପଇସା ନେଉ ନ ଥିଲେ—ହୁଏତ ବୈଦ୍ୟଗିରିରେ ଫି ନେବାକୁ ହୁଏ, ଜାଣି ନ ଥିଲେ । ଔଷଧର ଦାମ୍ ପ୍ରାୟ ମିଳୁ ନ ଥିଲା । ଆରୋଗ୍ୟ ହେବା ପରେ ରୋଗୀ ଫଳେ ପୁଷ୍ପେ ଯାହା ଦେଉଥିଲେ ସେ ଆଦରରେ ଗ୍ରହଣ କରୁଥିଲେ, କିଛି ନ ପାଇଲେ ଦୁଃଖ କରୁ ନ ଥିଲେ । ଚିକିତ୍ସା ବାବଦକୁ ବେଳେ ବେଳେ କେରାଏ ଶାଗ କିମ୍ବା ସଜନା ଛୁଇଁ ଆମ ଘରକୁ ଆସୁଥିଲା ।

ନନାଙ୍କର ଯତ୍‌ସାମାନ୍ୟ ତାନ୍ତ୍ରିକ ଶିକ୍ଷା ଥିଲା । ସେ ମଙ୍ଗଳବାର ବା ଶନିବାର ଦିନ ଗଛ ଓପାଡ଼ି (କି ଗଛ ଜାଣେ ନାହିଁ) ପାଳିଜର ଭଲ କରି ଦେଉଥିଲେ । ଯେତେବେଳେ କମ୍ପଜର ମେଲେରିଆର ଆନୁଷଙ୍ଗିକ ଥିଲା । କମ୍ପ ଆସିଲା ବେଳେ ଖେଦ, ରେଜେଇ, ମୁନ୍ଦୁରା ଘୋଡ଼େଇ ଦେଇ ରୋଗୀକୁ ମାଡ଼ି ବସିବାକୁ ହେଉଥିଲା । ତେବେ ଯାଇ ଜର ସମ୍ଭଳା ପଡ଼ୁଥିଲା । ନନା ବାମ୍ପ ଆଣି (ମାଠିଆରେ ପାଣି ଫୁଟାଇ ସେଇ ବାମ୍ପକୁ ରୋଗୀ ଦେହରେ ଚରଇ ଝାଳ ବୁହାଇ ଦେବା) ଦେଇ କେତେ କମ୍ପଜର ରୋଗୀଙ୍କୁ ଭଲ କରି ଦେଇଥିଲେ ।

ନନାଙ୍କୁ ଶେଷ ଜୀବନରେ ବାତଜର ହେଲା । ସେଥିରେ ସେ ଭାଙ୍ଗିଲେ— କ୍ରମେ ଭାଙ୍ଗି ପଡ଼ିଲେ ।

ବାଉନ ବର୍ଷରେ ତାଙ୍କର ଘାଟି ଅଛି ବୋଲି ଜ୍ୟୋତିଷୀ ବୈଷ୍ଣବ ନାହାକେ ସୂଚାଇ ଥିଲେ । ଦିନେ ବାଟରେ ଯାଉଁ ଯାଉଁ ଗୋଟିଏ ଦୁର୍ଘଟଣା ଘଟିଲା । ଗୋଟାଏ ବୁଢ଼ା ମାଙ୍କଡ଼ ତାଙ୍କ କାନ୍ଧକୁ ଡେଇଁ ମୁହୂର୍ତ୍ତେ ମୁଣ୍ଡକୁ ରାମ୍ପୁଡ଼ି ପୁଣି ଗଛକୁ ଡେଇଁଗଲା । ନନାଙ୍କ ମନରେ ଏହା ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କଲା । ସେ ଏହି ମର୍କଟକୁ ସାକ୍ଷାତ କାଳ ବା ମୃତ୍ୟୁଦୂତ ବୋଲି ମନେ କଲେ । ରିଷ୍ଟ ଶାନ୍ତି ଲାଗି ସେ ହୋମ କରିଥିଲେ ଓ ଭାଗବତ ସପ୍ତା ବସାଇ ଥିଲେ, ସାତଦିନ ପର୍ଯ୍ୟନ୍ତ ଘରେ ନାମ ସଂକୀର୍ତ୍ତନ ହୋଇଥିଲା । ବନ୍ଧୁ-ବାନ୍ଧବ, ଶିଷ୍ୟ, ଛାତ୍ର ଓ ଗ୍ରାମବାସୀଙ୍କୁ ଭୂରି ଭୋଜନ ଦିଆ ଯାଇଥିଲା । କିନ୍ତୁ..... —

'ଭବିତବ୍ୟ ଯାହା ଅବଶ୍ୟ ଘଟିବ
କିଏ ତା କରିବ ଆନ ?'

୧୯୩୪ ମସିହା । ସେତେବେଳକୁ ମୋର ଦଶମ ଶ୍ରେଣୀ । ନନାଙ୍କୁ ଜର ହେଲା, କ୍ରମେ ନିମୁନିଆଁକୁ ପାଇଲା । କବିରାଜ ଭାବରେ ସ୍ୱାସ୍ଥ୍ୟର ସାଧାରଣ ନିୟମ ଜାଣିଥିଲେ ବି ସେ ବିପରୀତ ଆଚରଣ କଲେ । ଅନୁରୋଧ ଉପରୋଧରେ ପଡ଼ି ସେ ଭୋଜି ଖାଇଗଲେ; ଅନୁରୋଧ ଥିଲା 'ଆପଣ ଖାଲି ଟିକିଏ ବସି ଉଠି ଆସିବେ' । କିନ୍ତୁ ତାଙ୍କ ସଙ୍ଗୀତ ଅବସ୍ଥା ହୃଦୟଙ୍ଗମ ନ କରି ତାଙ୍କ ପତ୍ରରେ କଦଳୀଚକଟା ଢାଳିଲେ । ନନା ରୁଖୁ ରୁଖୁ ଲୋଭରେ ପଡ଼ି କିଛି ଖାଇଲେ ଓ ସିଆଡ଼ୁ ଥରି ଥରି ଆସିଲେ । ତାପରେ ଯେ ଶୋଇଲେ ଶୋଇଲେ । ଆଉ ଉଠିବାକୁ ହୋଇନାହିଁ । ଚିକିତ୍ସକ ପୁଟୁଳି ବୈଦ୍ୟ । ମୂର୍ଖ ବୈଦ୍ୟଃ ଯମୋସମଃ । ରତି ପାର୍ଇ ନ ପାଉଁ ଶେଷ ନିଃଶ୍ୱାସ ଛାଡ଼ିଗଲା । (ଜନ୍ମ—୧୮୮୨, ମୃତ୍ୟୁ—୧୯୩୪) । ହାଲକଣ୍ଡହୀନ ନୌକାପରି ଆମ ଗୃହଟି ଅଶ୍ରୁର ସ୍ରୋତରେ ସତେ ଯେପରି ଭାସିବାକୁ ଲାଗିଲା ।

ସ୍ତ୍ରୀ ଶିକ୍ଷାର ଜଣେ ପ୍ରବର୍ତ୍ତକ, ଲୋକଶିକ୍ଷକ, କବି, କବିରାଜ । ଜୀବନରେ ଦିନେ କାହାରି ଅନିଷ୍ଟ ଚିନ୍ତା ଯେ କରି ନ ଥିଲେ । ଛୋଟ କଥା ତାଙ୍କ ମନରେ ପଶୁ ନ ଥିଲା । ପରକୁ ଆପଣାର କରିବା, ଶତ୍ରୁକୁ ମିତ୍ରରେ ପରିଣତ କରିବା ତାଙ୍କର ସ୍ୱଭାବଗତ ଧର୍ମ ଥିଲା । ସରଳ, ଅମାୟିକ, ଉନ୍ନତମନା—ସୁଯୋଗ ପାଇଥିଲେ ସେ ବିଦଗ୍ଧ କବିମଣ୍ଡଳୀରେ, ମହତ ମହୀୟାନ୍ ମନୀଷୀମହଲରେ ସ୍ଥାନ ପାଇଥାନ୍ତେ । ଗ୍ରାମ୍ୟ ଚଉରାରେ ସେ ତୁଳସୀ ବୁଦାଟିଏ ହୋଇ ରହିଗଲେ ।

କଥା ଅଛି—'ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ' । ମୁଁ ଦିନେ ହେଲେ ସେବାରେ ପିତାଙ୍କର ପ୍ରୀତି ଉତ୍ପାଦନ କରିନାହିଁ । ଦେବତାମାନେ ସେଥିଲାଗି ବୋଧହୁଏ ମୋ ଉପରେ ବିରୂପ ଥିଲେ; ଘଟୁଥିଲା ନାନା ବାଧା, ବିଘ୍ନ, ବିପଦ ।



ବୋଉ





# ବୋଉ

"ଆମ୍ବ ଝୁଡା ପଡ଼ା ଯେ ଯେତେ ଖାନ୍ତୁ, ଲୋକେ ଖାଇଲେ ମୋ ଗଛ ଫଳିବ ।"

"ଯୋଗୀ ଭିକାରୀ ଭାଟ ଖାଆନ୍ତୁ ନିଅନ୍ତୁ, ମୋ ପିଲାଙ୍କୁ କଲ୍ୟାଣ କରିବେ ।"

"ଗାଈ ବଳଦଙ୍କୁ ଭଲ ଖାଇବାକୁ ନ ଦେଲେ ସେମାନେ ରାତିରେ କଥାଭାଷା ହୁଅନ୍ତି । ସେ କଥା ଯେ ଶୁଣେ ସେ ମରେ ।"

"ଘର ଦିଅଁ ନ ପୂଜି ବାହାର ଦେବତା ପୂଜିବା ନିଷ୍ଫଳ ।"

ଏ ସବୁ ଥିଲା ବୋଉର କଥା । ନାକରେ ପିଲାଙ୍କ ଶଗଡ଼ ଚକ ପରି ନୋଥ, କନିଅର କଢ଼ି ପରି ଲମ୍ବ ଗୁଣା, କାନରେ ନାହୁଲ, ବେକରେ ସୁନା ରୂପା ମିଶା ଛେଉ କଣ୍ଠି ଓ ମହୁଡ଼, ହାତରେ ତାଡ଼, ବିଦ, ବଟଫଳ, ରସୁଣିଆ ମାଳ, ଅମୃତପାଣି ଲାଲ୍ କାଚ, ଅଣ୍ଟାରେ ତିନିସରିଆ ଅଣ୍ଟା ସୂତା, ଗୋଡ଼ରେ ଖଡ଼ୁ; ପିନ୍ଧା ପେଡ଼ି ଲୁଗା-ଖଣ୍ଡିଏ ଛିଟ । ଦିପୁରିଆ ମଣିଷ, ଗୋରା ତକ ତକ, ବୋଉର ପୂର୍ଣ୍ଣାଙ୍ଗ ଚେହେରା ମୋର ମନେ ପଡ଼ୁଛି ।

ଦିନସାରା ସେ କାମରେ ଲାଗିଥିଲା; ଅନ୍ଧାରିଆରୁ ଉଠେ ଦାଣ୍ଡ ଓଳାଏ; ଗୁରୁବାର ହୋଇଥିଲେ ଦୁଆର ଲିପେ, ଗୋବର ପାଣି ଗୋଳି ଦାଣ୍ଡ ବାଡ଼ି ଅଗଣା ସବୁଆଡ଼େ ପକାଏ, ଚିତା ଲେଖେ, ମୁରୁଜ ଦିଏ । ଗଡ଼ିଆ କୂଳକୁ ଯାଇ କୁଟା ଲୁଣ୍ଡାରେ ପାଉଁଶ ଛାପି ଲେଞ୍ଜାଏ ଥାଳୀ, ଗିନା, ଗିଲାସ, କଂସା, ଗରା, ଡାଳ, ପିତ୍ତଳ, କରେଇ ମାଜେ ।

ଗାଈ ବଳଦଙ୍କୁ ଦାଣ୍ଡରେ ବାନ୍ଧେ, କୁଟା ପକାଏ । ଗୋରୁ କୁଣ୍ଡରେ ପାଣି ଭର୍ତ୍ତି କରେ, ଗୋରୁ-ପାଣି ତତାଏ, କୋଳଥ ରଗଡ଼େ, କୁଳୁଚି କୁଟେ, ଗୋରୁ ମୁହାଁଏ । କଅଁଳା ବାଛୁରୀ ଥିଲେ ପେଡ଼ରେ କାଞ୍ଜିଆ କୁଣ୍ଡା ଗୋଳାଇ ପିଆଏ ।

ଗୁହାଳ ପୋଛେ, ଘଷି ପାରେ । ତୋଟାରୁ ପତର ଓଳାଇ ଗଦାଏ, ତାକୁ ବିଡା ବିଡା ବାନ୍ଧି ଚତୁର୍ମାସ୍ୟ ଲାଗି ଦଘାଡ଼ରେ ଭର୍ତ୍ତି କରେ ।

ଉଦୟ ସେତେବେଳେ ଛୋଟ; ତା ଲାଗି ରୋଜ୍ ଘଡିଏ ଭାତ ରନ୍ଧା ହୁଏ, କାଖେଇ ଏଣେ ତେଣେ ବୁଲାଇ ବୋଉ ତାକୁ ଖୁଆଏ । ନନା ତ ଗାଆଁ ବାଳିକା ସ୍କୁଲର ଶିକ୍ଷକ । ଯେଉଁ ଦିନ ଚୁଲୀକି ନୂଆ ନ ଯିବାର ଦେଖନ୍ତି, ଦେହରେ ଦି ଗୁଣ୍ଡି ଗୁଡ଼ୁଚା ତେଲ ମାରି ବାଡି ଗଡ଼ିଆରେ ବୁଡ଼୍ କରି ବୁଡି ଆସନ୍ତି । ବୋଉର ସାରି ଡ଼ର, କେତେବେଳେ ଦି ପଖା ଚୁଲୀ ଜଗାଇ ଭାତ ଡାଲି ବସାଇ ଦିଏ । ନନା ଗଡିଆ କୂଳରୁ ଦାନ୍ତକାଠି, ବିଷ୍ଣୁ ସହସ୍ର ନାମ ବୋଲି ବୋଲି ଆସନ୍ତି, ତେଣେ ଘରୁ ତୁଳସୀ ନେଇ ଶାଳଗ୍ରାମଙ୍କୁ ଗାଧୋଇ ରାଧାକୃଷ୍ଣଙ୍କ ମୁଣ୍ଡରୁ ଶୁଖିଲା ଚନ୍ଦନ ଛଡ଼ାଇ ସାନ ଚନ୍ଦନ ଟୋପା ଦିଅନ୍ତି, ସଜ ଫୁଲ, ତୁଳସୀ ଦିଅନ୍ତି । ନିଜେ ଚିତା ଚଇତନ କରି ଲୁଗା ପିନ୍ଧି ଅଳଲବଳ ହୋଇ ପିଢ଼ା ପକାଇ ପାଣି ଛିଞ୍ଚି ଦରଫୁଟା ଡ଼ାଲି ଭାତ ବାଢ଼ି ଦିଏ । ଗାଳି ଦେବାର କୌଣସି ସୁଯୋଗ ବା ଦୁର୍ଯୋଗ ନ ପାଇ ଆଖି କାନରେ ନେତ ପୂରାଇ ଦେଇ ହେଉଡ଼ି ମାରି ନନା ଉଠନ୍ତି, କାନ୍ଧରେ ଦେ ସଡ଼ା ଖଣ୍ଡିଏ ପକାଇ ଇସ୍କୁଲକୁ ଚାଲିଯାନ୍ତି ।

ବୋଉ ଗୁହାଳୀକି ପଢ଼ା ନେଇ ନ ଥିଲା । ନିଜ ନାଆଁଟି ମଧ୍ୟ ସନ୍ତକ କରି ଜାଣି ନ ଥିଲା । 'ମୂର୍ଖ ଦୋଷରୁ ପାର୍ ପାଇବୁ, ଶିଖ୍' କହି ଅକ୍ଷର ଲେଖିଦେଲେ ସେ କହେ—ତମେ ସବୁ ତ ମୋର ପାଠରେ, ଆଉ ପାଠ କଣ ?

ଘରେ ସବୁ ଓଷାପୂଜା କରେ ସେ—ସେ ଦିନ ଘର ବଡ଼ ପବିତ୍ର, ସୁନ୍ଦର ଲାଗେ । ମଣ୍ଡୁଶୀର ମାସ ଗୁରୁବାରଟି ମୋର ସବୁଠୁଁ ବେଶୀ ମନେ ପଡ଼େ । କଣ ଲାଗେ ହେଇ ନ ପାରିଲେ ଖିଲଣ ବୁଲା ହୋଇ ଘର ଲିପା, କେତେ ଢେଙ୍କି ଗାରେ ଧାନ ଶିଷା ଚିତା ଚିତା, କେତେ ସୁନ୍ଦର ଟିପ ଓ ଟୋପା, କାନ୍ଥେ କାନ୍ଥେ ଫସଲ ଖେତ, ଅଗଣାରେ ପିଣ୍ଡାରେ ସବୁଠି ଲକ୍ଷ୍ମୀ ପାଦ ।

ଧଳା ଧାନ ମକା ଉପରେ ଧାନମେଣ୍ଟା, ପାଟ ବେଢ଼ଣ, ତା ଉପରେ ଛିଟ ଉପରଣା, ଠାକୁରାଣୀ ପରି ଦିଶନ୍ତି ଏକା; ପାଖରେ ଚିତାଲଟା ଗଉଣୀ, ମାଣ; ଚିତ୍ରିତ ମାଣପେଡିରୁ ନବୁ କଥା ହୁଏ, ପୂଜା ହୁଏ—ଟଗର ଫୁଲ, ସୋରିଷ ଫୁଲ, ଝୁଲଣି ମନ୍ଦାର ଫୁଲରେ । ବୋଉ ହାତଯୋଡି ବୋଲେ—

ଗୁହାଳକୁ ଦେବ ଶ୍ରୀବତ୍ସା ଗାଈ
ଗଛକୁ କି ଦେବ ଦୁହାଳ ଗାଈ
କଳା କଳା ମୋତେ ପୁତ୍ରହିଁ ଦେବ
ଶୁକ୍ଳା ଶୁକ୍ଳା ମୋତେ ଭାତ ହିଁ ଦେବ
ମଲେ ବୈକୁଣ୍ଠକୁ ନେବ ।'

କାନିକି କାନ୍ଧରେ ଚୁଡ଼ାଇ ତଳେ ମୁଣ୍ଡ ଲଗାଇ ବୋଉ ମହାଲକ୍ଷ୍ମୀଙ୍କି ଓଳିକି ହୁଏ । ସେଇ ଚିତ୍ର ଆଜି ବି କେତେବେଳେ ମୋ ଆଖି ଆଗରେ ନାଚି ଯାଏ । ଉଚ୍ଛନ୍ନ, ନଗରମ ହେଲି ଦେଖି ହେବ ବୁଲିବା, ସେମାନଙ୍କ ଲକ୍ଷ୍ମୀ ଛଡ଼ା ଦୁଷ୍ଟ ପାଉଁଳ ଠିକ ଚାରିପାଖରୁ ଅନ୍ନ ଜାଳି ଦେବା ଯିବା, ପଦ୍ମ ପୋଖରୀ ଶୁଖିଯିବା, ଶେଷରେ ଲକ୍ଷ୍ମୀ ଦୟା ପାଇ ସେମାନଙ୍କୁ ତାଙ୍କ ଘରେ ଛୁଆଇବା ଏବଂ ସେଇନ

ଶେଷରେ ପୋଡ଼ପିଠା ଦେବା ଦୃଶ୍ୟ ସତପରି ମନେ ହେଉଥିଲା । ଖରମର ଘିଅପକା ପମୁନା ବାଲି ଗୁଡ଼ଳର ଖୋଇରୁଡ଼ି ଆଳୀ, ଖଣ୍ଡପକା ଖିରୀ, ଲେମ୍ବୁପତ୍ର ଦିଆ ଦହିପଖାଳ, ଘିଅପିଠା ଘରେ ଘରେ ବାସୁଥିଲା ।

ମନେ ପଡ଼େ ଦକ୍ଷିଣ ସଂକ୍ରାନ୍ତିରେ ବାଡ଼ି କବାଟରେ ସେଇ ଚିତାଲେଖା ।

କବାଟକୁ ଭଲଭାବେ ଧୋଇ ହଳଦିକଳା ଲିପା ଯାଏ; ତା ଉପରେ ଲେଖା ହୁଏ—ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, କୋଠି, ବୋଇତ, ଧାନଗଦା, ସବାରି, ପାଲିଙ୍କି, ଛତି, ତ୍ରାସ, ବାନା, ପୂର୍ଣ୍ଣକୁମ୍ଭ, କୂର୍ମ, ଚଉରିଭୁଣ୍ଡି, ନୋଥ, ଗୁଣା ପ୍ରଭୃତି ଅଳଙ୍କାର । ଜୀବନରେ କେତେ ମହା ଶିଳ୍ପୀଙ୍କ ଛବି ଓ ବିଶ୍ୱଜଗତର କାରୁକୀର୍ତ୍ତି ଦେଖିଲା ପରେ ବି ସେ ଚିତା ମନରୁ ଲିଭିନାହିଁ ।

କାଲି ତୃତୀୟାର ସେଇ ନିର୍ଜଳା ଉପାସ, ଦ୍ୱିତୀୟା ଓଷାର ଚିଲ ଶିଆଳ ପୂଜା, ଚିତଉ ଅଁଅସରେ ଟେଣ୍ଡା ଶାମୁକାଙ୍କ ଲାଗି ଉତ୍ସର୍ଗୀକୃତ ଚିତଉ ପିଠା, ଗହ୍ମା ପୂର୍ଣ୍ଣମୀ ଦିନ ବଳଭଦ୍ର ପୂଜା, ଇଣ୍ଡୁରି ପିଠା, କୃଷ୍ଣଜନ୍ମର ଗଣିଲଡ଼ୁ, ଦୋଳର ଗୁଡ଼େଇ ଭୋଗ-ଖଜା ଶାକର, ଭୁଇଁ ଲଅଣ ବାସି ଠାକୁରାଣୀ ଗାଧୁଆ, କାର୍ତ୍ତିକ ମଙ୍ଗଳ ବାର ଦିନ ଦାଣ୍ଡରେ ମଙ୍ଗଳ ପୂଜା, ଦଶହରା ରଜପର୍ବ ଆନନ୍ଦରେ ମନ ଦୋଳି ଖେଳୁଥିଲା । ତାର ହାବୁକା ଏବେବି ମନକୁ ଚହଲାଇ ଦେଉଛି । ବଡ଼ଓଷା ରାତିରେ ରାତଅଧରେ ଚୂନାକୁଟା ହୁଏ, ଦାଣ୍ଡ ଅଗଣାରେ ଗୋଟାଏ ଲମ୍ବ ଝହିଆ ଖୋଳା ହୁଏ, ସେଥିରେ ସାଇର ଦଶବାରଗୋଟି ହାଣ୍ଡି ବସେ—ବଡ଼ଓଷା ଭୋଗ ହୁଏ, ସେ ଭୋଗରେ ଦୁଧ, ଛେନା, ଗୁଡ଼, ଘିଅ, କଦଳୀ, ନେହୁ ମସଲାମସାଲି ପଡ଼େ । ବଇଡ଼ଙ୍ଗା ପୋଖରୀରେ ଟକା ଗନ୍ଧ ବୁଡ଼ ଯାଉଥାଏ, ଆମେ ଗାଧୋଇ ଶାଢ଼ିରେ ଥରି ଥରି ଆଳତି କାଠିଜଳା କଦଳୀ ପଟୁକା ଢଙ୍ଗା ଛାଡ଼ୁ—

ଅକା ମା ବେ
ତୋ ପାନ ଗୁଆ ଖାଇ
ତୋ ପାନ ଗୁଆ ତୋର
ମାସକ ଧରମ ମୋର ।

ବୋଉକୁ ସେଇ ଓଷା ବ୍ରତ ପର୍ବ ପର୍ବାଣିର ପବିତ୍ର ବାତାବରଣ ମଧ୍ୟରେ ଦେଖିଛି ଠିକ୍ ଦେବୀ ପ୍ରତିମା ପରି । ମୋ ଚରିତ୍ର ଓ ଚଳଣି ଉପରେ ତାର ପ୍ରଭାବ ଅପରିସୀମ ।

ସେତେବେଳେ ଆମ ଦିଅଙ୍କ ଘରେ ପ୍ରତି ସଂଧ୍ୟାରେ ଅଧ୍ୟାୟ [illegible] ବୋଲା ହେଉଥିଲା । ବୁଝୁ ନ ବୁଝୁ ବୋଉ ବସି ବସି ଶୁଣୁଥିଲା । [illegible]ରେ ପୁରାଣ ବୋଲାହେଲେ, ସଖୀନାଚ, ପାଟୁଆ, ପାଲା, [illegible], ବାଉଁଶ ରାଣୀ ହେଲେ, କେଳା ଭେଳକିବିଦ୍ୟା ଦେଖାଇଲେ କି [illegible] କିମ୍ବା ଯାତ୍ରା ବା ସୁଆଙ୍ଗ ହେଲେ ବୋଉ ଏକ ମନ ଏକ ଧ୍ୟାନରେ ଶୁଣୁଥିଲା, ଶ୍ରୁତିଧର ଲୋକ ସେ; ତାର ସ୍ମୃତିଶକ୍ତି ତୀକ୍ଷ୍ଣ ଥିଲା । ଯାହା ଥରେ ଶୁଣୁଥିଲା ମନେ ରହିଯାଉଥିଲା । ଘରେ ସେ ସବୁ ଆଉଡ଼ାଉଥିଲା—

"ମୁଁ ଏଇ ଗାଆଁ ଟଉକିଆ
ଏ ମୁଣ୍ଡେ ଡାକଇ ସେ ମୁଣ୍ଡେ ଡାକଇ
ମଝିରେ ହୁଅଇ ଠିଆ ।"
'ଭିଅ ଛାଡ଼ପତ୍ର ଖଣ୍ଡେ
ଲକ୍ଷ୍ମୀ ଯିବେ ଦା.....ଣ୍ଡେ ।'

ଏସବୁ ଯାତ୍ରାଗୀତ । ଆମ ଗାଆଁରେ ସେତେବେଳେ ଯାତ୍ରାବାଲା ପଞ୍ଚାଟିଏ ବାହାରିଥାନ୍ତି । ନନା ଲକ୍ଷ୍ମୀ ପୁରାଣକୁ 'ଯାତ୍ରା' ରୂପ ଦେଇଥାନ୍ତି । ମୁଁ ପଖଉଜ ବଜାଉଥାଏ । ଯୋଉ ବୁଢ଼ିଆ ବୁଢା କଥାକେ କଥାକେ କହୁଛି— ଶାସ୍ତ୍ରି ବାତ ! ଆଖିକି ଦିରିଶ ହଉନାହିଁ, ସେ ସେତେବେଳେ ଛନଛନିଆ ଟୋକ, ଆଖେଡା ପିଲା ହୋଇ ବାହାରି ଗାଉଥିଲା—

'ଏ.... କଜ୍ଜଳ ପୂରିତ ଲୋଚନ ଧାରେ
ସ୍ତନଯୁଗ ଶୋଭିତ ମୁକୁତା ହାରେ..... କି'

ଆଉ ସେକାଳେ ଯେଉଁମାନେ ବଳରାମ କୃଷ୍ଣ ହୋଇ ବାହାରୁ ଥିଲେ, ଯେଉଁ ଗୌର ମହାରଣା ଲକ୍ଷ୍ମୀ ଠାକୁରାଣୀ ହୋଇ ବାହାରୁଥିଲା, ଯେଉଁ ଆର୍ତ୍ତ ମହାପାତ୍ର ଚପ୍‌ରାଶି ହେଉଥିଲା ସେମାନଙ୍କ ନାଆଁ ଲୁଚି ଗଲାଣି । ଯାତ୍ରା ଭାଙ୍ଗିବା ପରେ ମହାପାତ୍ରେ କୁଆଡେ଼ ଗଲେ ଯେ ପତ୍ତା ମିଳିଲା ନାହିଁ । ବାରବର୍ଷ ପରେ ତାଙ୍କର ପଳାଶ ପତ୍ର ଦାହା ଓ ଶୁଦ୍ଧ ଶ୍ରାଦ୍ଧ ହୋଇଗଲା ।

ସେତେବେଳେ ଗାଆଁରେ ଘୋର ଅନ୍ଧାର । ସେଇ କିଟିକିଟିଆ ଅନ୍ଧାର ଭିତରେ ଜୁଳୁଜୁଳିଆ ଗୋଟାଏ ଗୋଟାଏ ଚନ୍ଦ୍ରଉଦିଆ ପରି ଚମକେଇ ଦେଉ ଥିଲା । ଅନ୍ଧାରର ଥନ୍ତଲ ପେଟକୁ ଦାଢୁଆ ତରବାରୀ ପରି ବିଜୁଳି କଚ୍‌କିନା କାଟି ଦେଉଥିଲା । ଆମର ଗୋଟାଏ ପୋଲଙ୍ଗବଟା ଶିଳ, ପୋଲଙ୍ଗ ଶସକୁ ଭାଜି ବାଟି ଚ୍ୟବନ ପ୍ରାଶ ପରି କରି ବଳିତାରେ ବୋଳି ଜାଳିବାକୁ ହେଉଥିଲା । ଘରେ ଘରେ ପୋଲଙ୍ଗ ତେଲ ଦୀପ ଜଳୁଥିଲା । ତାପରେ ଦେଶୀ ହାର୍‌କିନି, ଡିବି, ଲଣ୍ଠନ ଓ ଗ୍ୟାସବତୀ ଆସିଲା । ଏବେ ଆସିଲାଣି ବିଜୁଳି ବତୀ । ବେଳ ବୁଡୁ ବୁଡୁ ପ୍ରାୟ ବାଟଘାଟ ପଡ଼ି ଯାଉଥିଲା । ପୁଞ୍ଜିଏ ପୁଞ୍ଜିଏ ପଖାଳ ଖାଇ ଲୋକେ ଶୋଇ ପଡୁଥିଲେ । ଏତେ ଧନ୍ଦା ନ ଥିଲା । ହାତରେ ଲଣ୍ଠନ, ବାଡ଼ି । ନନା 'ପାଟୁଆ' ଶିଖେଇ ଯାଇ ରାତି ଅଧକୁ ଫେରୁଥିଲେ, ବେଳେ ବେଳେ ବର୍ଷାରେ ଓଦା ହୋଇ । ବୋଉର ନିଦ ପାହାନ୍ତିଆ ପହରକୁ ଭାଙ୍ଗୁଥିଲା...ସେତେବେଳେ ହୁଏତ ମେଘ ଝୁପୁରୁ ଝୁପୁରୁ ବର୍ଷୁଥିଲା, ଚାଳରେ ମାଡ଼ିଥିବା କଖାରୁ ପତ୍ରରେ ଟପ୍ ଟପ୍ ଶବ୍ଦ, ବେଙ୍ଗ କଣ୍ଠର ଅଜସ୍ର କଳରୋଳ ଓ ତୋଟାର ମର୍ମର ମଧ୍ୟରେ ବୋଉ ଗାଉଥିଲା 'ମହାସଜ ଚଉତିଶା'—

'ବନ୍ଧୁ, ଆସିବୁ କୋଉଦିନ
ପୋଡ଼ା ନୟନରେ ତୋର ଦେଖିବି ବଦନରେ—'
'କା ଆଗେ କହିବି ମୋ ମରମ ଦୁଃଖ
ଦୟା ନ କଲେ ଯାହା ଏ ପଦ୍ମମୁଖ ।'
'କୋଇଲି ଲୋ ଖଣ୍ଡକ୍ଷୀର ଦେବି ମୁଁ କାହାକୁ ?
ଆକବାର ପୁତ୍ର ଗଲା ମଥୁରା ପୁରକୁ ଲୋ—'

ଘରୁ ଯାଇ ଆମେ ବୋର୍ଡିଂରେ ରହି ପଢୁଥାଉ । ତେଣୁ 'ମହାରଜା ଚଉତିଶା' ଓ 'କୋଇଲି' ରୁ ନୂଆ ଅର୍ଥ ବାହାରେ । ଲୁହରେ ଶେଷ ହୁଏ ସେଦିନ ବୋଉର ଗତି । ବେଳେ ବେଳେ ଭଜନ, ଜଣାଣ, ଦୋହା, ଈଶ୍ୱର ନାମ ସ୍ମରଣର ପଦମାନ ମନେ ପଡ଼ିଯାଏ । ଅଳସ ଭଙ୍ଗୁ ଭଙ୍ଗୁ ପାହାନ୍ତିଆ ପହରେ ଆବୃତ୍ତି କରେ—

'ରାମ ନାମ ଲଡୁଆ ଗୋବିନ୍ଦ ନାମ ଘି
ହରିନାମ ଖଣ୍ଡକ୍ଷୀର ଘୋରି ଘୋରି ପି '
'ଭଜୁ କିରେ ମନ ଗୋବିନ୍ଦ ଗୋପାଳ
ଚିନ୍ତୁ କିରେ ମନ ହରିକି
ଧ୍ରୁବ ପ୍ରହଲ୍ଲାଦ ଅକ୍ରୁର ଉଦ୍ଧବ
ଭଜି ଭଜି ଗଲେ ତରିକି ।'

ହାତରେ ବୀଣାଦଣ୍ଡ ନ ଥିଲା, ଥିଲା ଖଡ଼ିକା ବା ଛାଞ୍ଚୁଣି ମୂଠା । ତଥାପି ବୋଉ ଥିଲା ଚିର ସଂଗୀତମୟୀ ସରସ୍ୱତୀ । ଶ୍ରୀ ଅକ୍ଷର ବିବର୍ଜିତା, ତଥାପି ସେ ଥିଲା ଗାୟତ୍ରୀ ବା ପ୍ରଣବ । ତା'ର କାନ୍ଦଣାରୁ ମୋ ପ୍ରାଣରେ କବିତ୍ୱର ଆଦ୍ୟ ଓଙ୍କାର ସ୍ଫୁରିଥିଲା । ମୁଁ ନୀଳ ସରସ୍ୱତୀ ବା ଶ୍ୱେତ ସରସ୍ୱତୀ, ପଙ୍କଜବାସିନୀ, ବୀଣା-ଦଣ୍ଡ ଧାରିଣୀ କୌଣସି ଦେବୀଙ୍କୁ କେବେ ଭଜିନାହିଁ । ପଲ୍ଲୀଗୀତରୁ, ପଲ୍ଲୀ ମା'ର କାନ୍ଦଣାରୁ ମୋ ପ୍ରାଣରେ ଅଜାଣତରେ ଗୀତ ଅଙ୍କୁରି ଥିଲା । ପଲ୍ଲୀ ମା ବୋଇଲେ ମୋ ବୋଉ ।

'ପଲ୍ଲୀପୁଷ୍ପ', 'ପଲ୍ଲୀ ଝରଣା' ଓ 'ପଲ୍ଲୀଗୀତି ସଞ୍ଚୟନ'ର ମୂଳ ପିଣ୍ଡ ସେ । ତା'ପରେ ଗୀତର କଣିକାସବୁ ଉତ୍କଳର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ହୋଇ ଖଣ୍ଡ ପରେ ଖଣ୍ଡ ପ୍ରକାଶିତ ହୋଇଥିଲା । ଯେପରି ଗୀତ ସେହିପରି ଗାଉଁଲୀ ଗପର ମଧ୍ୟ ଭଣ୍ଡାର ଥିଲା ସେ । ଗପ ଶୁଣୁ ଶୁଣୁ ମୋତେ ନିଦ ଘୋଟି ଆସୁଥିଲା ।

ବୋଉର ଗୋଟିଏ ଆଖିରେ ଲୁହ, ଆଉ ଆଖିରେ ହସ ପୁରିଥିଲା । ମୋର ଦି ଭାଇ, ଦି ଭଉଣୀ ଓ ନନାଙ୍କ ଅକାଳ ମୃତ୍ୟୁ ଛାତିକି ପଥର କରି ସେ ସହିଥିଲା । ହାସ୍ୟରସ ସୃଷ୍ଟି—ତା ବ୍ୟକ୍ତିତ୍ୱର ଏକ ବଡ଼ ବୈଶିଷ୍ଟ୍ୟ ଥିଲା । କେତେ ଢଗଢମାଳି, ଗୀତ ବୋଲି ଗପ କହି ହସେଇ ହସେଇ ଗଡ଼ଉଥିଲା ସେ ।

"କାଙ୍କି, ଖୁଡୁପିତା ଦି ତିଅଣ
ଶଶୁର କହିଲା ଜୋଇଁକି ଆଣ ।
ଶାଶୂ—ଏଇଥି ପାଇଁକି ମରେ
ଦି ତିଅଣ ନ କରେ" ।
"ଛଅଟି ଦାନାକୁ ନ'ଜଣ କୁଣିଆ
ପାଣି ବୋହୁଛନ୍ତି ଦି'ଜଣ ବେଠିଆ
ଗୋଟାଏ ଗଇଣ ଗଛକୁ
ଦି'ଜଣ ଧୋବା ଚିରି ଚିରି କରି ଠିଆ ।"

ଆମ ତୁଣ୍ଡ ସଳଖ ହେଲାଣି କି ନାହିଁ ବୁଝିବାକୁ କହୁଥିଲା—
'ତେଲୀ ଶାଳେ ଛେଳି ଛାଲ'

ତରବରରେ କହିଲାବେଳେ ଆଗେ କହୁଥିଲୁ—
'ଡେଙ୍ଗା ଶାଳେ ଛେଳି ଛାଳ'

ଗୋଟିଏ ଅଭୁଲା ଦିନ ସେ, ଯୋଉଦିନ ବୋଉର ହାତ ଛେଉଁ ହେଲା, ଖଡ଼ୁ କଢ଼ା ହେଲା, ନୋଥ ଗୁଣା ବଶୁଣି ଓହ୍ଲେଇ ଦିଆହେଲା । ସେ ବୋଉକୁ ଆଉ ଚହିଁ ସହି ହେଲାନାହିଁ। ଝଞ୍ଜା ନିଷ୍ପେଷିତ ଲତିପରି ଦିଶୁଥିଲା ସେ; କାଳ ଅକାଳରେ ନନାଙ୍କୁ ନେଇଯାଇ ଆମ ସଂସାରକୁ ନାଚଖୋର କରିଦେଲା । ଆର୍ଥିକ ଦୁରବସ୍ଥା ଶୋଚନୀୟତର ଦିଗକୁ ଗତିକଲା । ବୋଉର ଜୀବନଧାରାରେ ତା'ପରେ ଘୋର ପରିବର୍ତ୍ତନ ଦେଖାଦେଲା । ସେ ଗାଧୋଇ ଚଉରା ମୂଳରେ ପଶି ଦେଲା, ତୁଳସୀ ମୂଳ ମୃତ୍ତିକା ମୁଣ୍ଡରେ ଲଗାଇଲା, ତୁଳସୀ ଜଳ ପାଇଲା; ଦିଅଁ ଗାଧୋଇ ଭୋଗରାଗ କଲା । ଶ୍ରୀ କାପଡ଼ା ଗଳାରେ ଲମ୍ବାଇ ମାଳା ଜପିଲା, କିନ୍ତୁ ପ୍ରତିଦିନ ନୂତନ ଆର୍ଥିକ ସମସ୍ୟା ଆସି ପହଞ୍ଚିଲା, ଭାଇନା ପ୍ରାଥମିକ ଶିକ୍ଷକ ଭାବେ ଏକ ଦୂର ଗ୍ରାମରେ କାର୍ଯ୍ୟ କରୁଥାନ୍ତି, ମାସିକ ଦରମା ମାତ୍ର ବାରଟଙ୍କା; ସେଥିରୁ ତାଙ୍କର ଖର୍ଚ୍ଚ ବାଦ୍ ଯାଇ ଘରେ ୫/୬ ଟଙ୍କା ମାତ୍ର ପହଞ୍ଚୁଥିଲା । ଏଥିରେ ସଂସାର ଚଳେନା । ବୋଉ ବୈରାଗ୍ୟ ତ୍ୟାଗ କରି ନିଜେ ଅଣ୍ଟା ଭିଡ଼ିଲା । ବିଲ ଭାଗ ଲଗାଇଲେ ଚାଷୀ ତା ଫସଲ ଠକ କରି ଭାଗ ବିଲର ଦୁଣା, ବଛା, ଦେଢ଼ଖଣ ପଛରେ କରେ, ଖତମାଟି କରେନାହିଁ । ଫଳରେ ବିଲ ହୁଏ ଖପରା, ସୁଅଁ ବା ବାଲୁଙ୍ଗା ବାଡ଼ି ।

'ତୁ ମାଇପି ଲୋକ, ଦଉଡ଼ ଧାପଡ଼ କାମକୁ ପାରିବୁ ନାହିଁ'—ଯେତେ କହିଲେ ସେ ଶୁଣିଲା ନାହିଁ । ମୂଲାକୁ ଚାରି ସେ ଲୋକ ଡାକିଯାଏ । ହିଡ଼ ମୁଣ୍ଡରେ ଛତା ଧରି ବସି ବିଲ ବଢ଼ାଏ, ଖରା ବର୍ଷା ମାନେନାହିଁ । ମୂଲିଆ ଉଠାଣି ବେଳକୁ ଦି'ଗୁଣି ପଇସା ର ଗୁଣ୍ଡିପତ୍ର ନେଇ ବାଣ୍ଟିଦିଏ, ଉଠୁଥିବା ମୂଲିଆ ଆଉ ଘଡ଼ିଏ ପହରେ କାମ କରେ । ମୂଲିଆମାନଙ୍କୁ ସେତେବେଳେ ସେ ଗୀତ ଶୁଣଉଥିଲା । ବୋଉର କାମ ଅଦାୟ କରିବା ରୀତି ଏଇଆ ଥିଲା । ଫଳରେ ଆମର ଯାହା ଫସଲ ହେଉଥିଲା, କମିଲା ନାହିଁ । କ୍ରମେ ଆର୍ଥିକ ଅବସ୍ଥା ବଦଳିବାକୁ ଲାଗିଲା ।

ଆମ ପିଲାଦିନେ ତା' ପତରରେ ଡାଲି, ତିଅଣ ବା ରାଇ ପଡିବାର କ୍ୱଚିତ୍ ଦେଖିଛୁ—ଲୁଣି, ଲଙ୍କା, ଆମ୍ବୁଲ, ପିତାଶାଗ, ଲିମ୍ବକଷିର କରଟଲି ଖରଡ଼ା, ବେଳେବେଳେ ବା ବାଇଗଣ ପୋଡ଼ା, ବଡିଫୁଲା, ଅମେ ସବୁ ଖାଉଦେଉ । ତା' ଲାଗି ପ୍ରାୟ କିଛି ହେଉନାହିଁ । ସେ ଯାହା ଭଲ ଖାଏନାହିଁ ବା ଖାଇବାକୁ ପାଏନାହିଁ, ଭଲ ଲୁଚାଏ । ରାନ୍ଧୁ ପରେ [illegible] ହୁଏ ଗ, ତାଆଁରେ ତାକୁ କଳି କେହି ନାହିଁ । ଘଉରେ ନ ତିଅଣ ଛ ଉ [illegible] ଇଦି [illegible] । ଯୋଉଦିନ ଟାଏ ତିଅଣ ହୁଏ, ନନା କହନ୍ତି—'ପଖୁଳୁଡ଼ା ତିଅଣ' । ମାତ୍ର ଦି'ପଲା ବେଳରେ ବୋଉର ଡାକିଛୁଙ୍କ, ଉଜା ସବୁ ହୋଇଯାଏ, ସେ ହାତଟଣା ଯାହା ପାଟିରେ ବାଜିଛି, ସେ ଝୁରି ହୋଇଛି ।

ହବିଷ୍ୟାଳୀମାନଙ୍କ ମଧ୍ୟରେ ବୋଉକୁ ଦେଖିଲେ ବଡ଼ କଷ୍ଟ ଲାଗେ । ପ୍ରିୟ ଖାଦ୍ୟ ପ୍ରିୟ ବସ୍ତ୍ର, ତାକୁ ସବୁ ଛାଡ଼ିବାକୁ ପଡ଼ିଥିଲା । କଠୋର ନିବୃତ୍ତି ମଧ୍ୟରେ ଜୀବନ ଜ୍ୱାଳାମୟ ହୋଇ ଉଠିଥିଲା । ପହିଲି କାର୍ତ୍ତିକର ହେଇ ବ୍ରତ

ସଂକଳ୍ପ, ସାରାଦିନର ଖାଡ଼ା ଉପବାସ, ସନ୍ଧ୍ୟାବେଳକୁ କଞ୍ଚା ମୁଗଡାଲ୍ଲି, କନ୍ଦା ସାରୁ ଓ ସରୁ ନାଡ଼ ପରିବା ଓ ଓଉର । କେତେବେଳେ କେମିତି ଅଗସ୍ତି ପତର ଶାଗ ଟିକିଏ ଜୁଟୁଥିଲା । ଏଇ ତରକାରୀ ଓ ଅଦା ଲୁଣ ଘେନି ଉଆଁଭାତ ଗଳାଧଃକରଣ କରିବା ବଡ଼ କଷ୍ଟସାଧ୍ୟ ଥିଲା । ମାସସାରା ସେ ମଠା ଖଣ୍ଡିଏ ପିନ୍ଧି କାନ୍ଧରେ ଶିରୀ କାପଡ଼ା ଓ ତୁଳସୀମାଳୀ ପକାଇ ଦେବଦେବୀଙ୍କ ଦର୍ଶନକୁ ଯାଉଥିଲା । ମୋ ଦେଢ଼େଇ ଗୋଦାବରୀ ବୁଢ଼ୀ ସହିତ ଚଉରାପୂଜା କରୁଥିଲା । ଚଉରା ଚାରିପଟେ ଦୁହେଁ ସାତଘେରା ବୁଲି 'ରାଇ ଦାମୋଦର' ପୂଜା କରୁଥିଲେ । ଦେଢ଼େଇ କରୁଣ ସ୍ୱରରେ ହୁଳହୁଳିଟିଏ ପକାଇ ଗାଉଥିଲା—

'ସିଦ୍ଧ ସୁବର୍ଣ୍ଣରେ ମଣ୍ଡପ ହୀରା ମାଣିକ୍ୟ କୋଠି
ରାଇ ଦାମୋଦର ଖେଳନ୍ତି ହାତେ କଉଡ଼ି ମୁଠି
ସାତମୁଠି ଯୁଗ ଖେଳିଲେ ରାମ ହୋଇଲେ ଧନ୍ଦା
ହସି ବଇଦେହୀ ବୋଲନ୍ତି ମୁଦି ଦିଅ ହେ ବନ୍ଧା ।

ପ୍ରକୃତ ପକ୍ଷେ କଉଡ଼ି ଖେଳଟି ରାଇ ଦାମୋଦରଙ୍କ ମଧ୍ୟରେ ନୁହେଁ, ବୋଉ ଦେଢ଼େଇଙ୍କ ମଧ୍ୟରେ ହିଁ ହେଉଥିଲା । ଚଉରା ମୂଳେ ଆଉ ଗୋଟିଏ ଗୀତ ବୋଲା ହେଉଥିଲା—

ଭୁଆ ତୁଲେ ଅଗ୍ନି ପଶନ୍ତି ନାରୀ
ସେଥିର ଚରିତ ଶୁଣ କୁମାରୀ ।

ସ୍ତ୍ରୀ ମୃତ ସ୍ୱାମୀ ସହିତ ସତୀ ଯିବାର ସ୍ମାରକ ଗୀତ ଏ । ସେତେବେଳେ ହବିଷ୍ୟ ବ୍ରତର ପ୍ରଶ୍ନ ନ ଥିଲା । ମୃତ ପତିର ଚିତାଗ୍ନିକୁ ଶୋକବିହ୍ୱଳା ବିଧବା ଡେଇଁ ପଡୁଥିଲେ ।

ସନ୍ଧ୍ୟାରେ ଗୋପୀନାଥଙ୍କ ଦେଉଳରେ ଆଳତି ଘଣ୍ଟା ବାଜିଲା ବେଳେ ଆମ ଅଗଣାରେ ପ୍ରୋତ୍‌ଥିତ ବାଉଁଶର ଅଗ୍ରଭାଗକୁ 'ଆକାଶ ଦୀପ' ଉଠୁଥିଲା । ଆଟିକାର ଛିଦ୍ରବାଟେ ଆଲୋକ କଣା ବିଞ୍ଚି ହୋଇ ପଡ଼ୁଥିଲା । ବୋଉ ଚଉରା ମୂଳେ ସଞ୍ଜ ଦେଉଥିଲା, ବୃନ୍ଦାବତୀଙ୍କି ହାରି ଗୁହାରି ଜଣାଉ ଥିଲା । ସବୁ ଦେବଦେବୀଙ୍କର ମର୍ତ୍ତ୍ୟ ପ୍ରତିନିଧି ଏଇ ତୁଳସୀ ବୁଦା-ବୃନ୍ଦାବତୀ ।

ସୁନା ମାଆ (ନନାଙ୍କ ବୋଉ) ସଙ୍ଗେ ତାର ବେଳେବେଳେ କଳି ଲାଗି ଯାଉ ଥିଲା । ବୋଉ ଚୁପ ଶୋଉଥିଲା, ମାଆ କଣ ମନେ ମନେ ସଂକଳ୍ପ କରି କାନିରେ ଗଣ୍ଠି ପକାଉ ଥିଲା । କଳି କାହିଁକି ? ଧାନଟି ଭିତରେ ଚାଉଳଟିଏ । ଚାବି ହଜିଛି, କାହା ଘରେ ନ ହଜେ ? ନନା ନ ଖାଇ ସ୍କୁଲକୁ ଚାଲିଯାନ୍ତି । ଚାବି ହଜିବା କଥା କୁଆଡ଼େ ଯାଇ ତାଙ୍କ ପୁଅ ନ ଖାଇ ଯିବାଟା ବଡ଼ ହୋଇଉଠେ । ମାଆ ନନା ଫେରିବା ପର୍ଯ୍ୟନ୍ତ ବିଡ୍ ବିଡ୍ ହେଉଥାଏ ।

ବୋଉ ସେତେବେଳକୁ ପଦାକୁ ବାହାରି ନ ଥିଲା । ମାଆ ବାହାର କାମସବୁ କରୁଥିଲା — ତୋଟାରୁ ପତର ଟୋଟିଆ, ବରଡ଼ା ଫୋପଡ଼ା ହଣା, ଗୁହାଳପୋଛା ଗାଈଦୁହାଁ, ଦହିମୁହାଁ, ଘିଅମରା, ଘଷିପରା, ଗୋରୁମୁହାଁ; ଧାନଉଷୁଆଁ ଆଦି ବାହାର କାମ । ସେତେବେଳେ ଘରେ ଝୋବା ଝୋବା ଘିଅ, ଗୁଆ ଘିଅ କଟକୀ ଛଟାଙ୍କିକୁ ଦଶ ପଇସା । ଦଶ ପଇସାକୁ ବଢ଼ିବା ଦେଖି ମାଆ କହେ—

ଘିଅ ବହୁତ କଉଡ଼ିଆ ହେଲାଣି । ସବୁ ଖାଇଦେଲେ ଘର ଚଳିବ କେମିତି ? ମୋର ଦୁଇ ନାନୀ ଯେତେବେଳେ ମୁଣ୍ଡରେ ଗୁଆଘିଅ ଲଗଉ ଥାନ୍ତି—ଜଣକୁ ଥରକେ ଅଧ ଛଟାଙ୍କିଏ । ଅବଶ୍ୟ ପିମ୍ପୁଡ଼ି ବେଢନ୍ତି । ଶୁଣିବାରେ ମିଞ୍ଜାସ କୁଆଡ଼େ ଥଣ୍ଡା ରହେ ।

ମାଆ ପ୍ରତିଦିନ ଟୋକେଇଏ ଅନାବନା ଶାଗ ତୋଳି ଆଣେ, ଗୁଡଳ ଉଗୁଳି ମୂଳି ଖୁଜେ, ଉଖୁଡ଼ା କରେ, ନଡ଼ିଆ ତେଲରେ କାକର ଛାଣେ, ଟିକିଏ ଟିକିଏ କଥାରେ କଳିକୁ ଆଗ ହୋଇ ବାହାରି ପଡ଼େ । ମୁଣ୍ଡର ଝୋଟକେରକରେ କୁଚିତ ପାନିଆଁ ବାଜେ । ଆମ ଲାଗି କୋଉଠୁ ପାଚିଲା ଗୁଡଳିଆଟାଏ, କେମ୍ପା କାକୁଡ଼ିଟାଏ ଆଣିଦିଏ । ସେ ଯୋଉଦିନ ଲୁକେଇଲା, ସାଇଭାଇ ତାକୁ ଆଣି ଦାଣ୍ଡ ଅଗଣାରେ ଶୁଆଇ ଦେଲେ—ପଢାହେଲା ଅଧ୍ୟାଏ ଭାଗବତ । ମାଆ କାନଂର ହରିନାମ ପଶିଲା କି ନାହିଁ କିଏ ଜାଣେ ? ନନା ପାଟିଂରେ ଦେଲେ ଟୋପାଏ ମହାର୍ଦ୍ଦ ପାଣି । ଗୋଟାଏ ହେକ୍‌କା, ତାପରେ ସବୁ ଶେଷ ।

ମା ମଲାପରେ ବୋଉ ଉପରେ ଘର ବାହାର ସବୁ କାମ ପଡ଼ିଲା । ମାଆ ମରିବାର ବହୁବର୍ଷ ପରେ ବି ସେ ତା ଗୁଣ ସୁମରଣା କରି ଅସରାଏ ଅସରାଏ କାନ୍ଦୁଥିଲା ।

ତାପରେ ବୋଉର କଳି ଆଉ ଘରସୀମାରେ ଆବଦ୍ଧ ହୋଇ ରହିଲା ନାହିଁ । ସେ ବାହାରକୁ ବାହାରିବା ସଙ୍ଗେ ସଙ୍ଗେ କଳି ତା ପଛେ ପଛେ ଗଲା । ଯେତେ-ବେଳେ କଳି କରିବାକୁ ଢେର ବେଳ ଥିଲା, ଗାଁରେ ବହୁତ କଳିକାଣ୍ଡେଇ ସ୍ତ୍ରୀ ଲୋକ ଥିଲେ । କାହାରି ବିରାଡ଼ି ଆମ ଦୁଧହାଣ୍ଡି ଗଡ଼େଇଲେ, କାହାରି ଛଡ଼ା ଆମ କୋଣଳା ପଟାଳି ଖାଇଲେ, କିଏ ନାଗିରେ ଆମ ଗଛରୁ ଡ଼ାଙ୍ଗିଡୁଙ୍ଗା ଭାଙ୍ଗିଲେ, କାହା ପିଲା ଆମ ଦିହରେ ଟିପ ଛୋଇଁଲେ ବୋଉ କଳି କରିବାକୁ ବାହାରିପଡ଼େ ।

ବିପକ୍ଷ ପକ୍ଷରୁ ପ୍ରଚଣ୍ଡ ଆକ୍ରମଣ ହେଲେ ବୋଉ ଚିତ୍କାଂକରି ଜବାବ ଦିଏ—

ଆଲୋ ହେ
ମୁଁ ଯୋଗୀ ମହାପାତ୍ର ଝିଅ ରାଧୀ
ଯୋଗ ପଡ଼ିଲେ ସାଧି
ମୁଁ ତତେ ଡ଼ରିବି ?
ମୁଁ ତୋ ବରଡା ନେଲି ବୋଲି କହୁଚୁ ?
ତୋ ପାଟିରେ ଘା ହବ, ପୋକ ପଡ଼ିବ
ଆଲୋ, ପିଲାଦିନେ ମୁଁ ଯେତେ ନଡ଼ିଆ ଖାଇଚି
ଏଇଲେ ଦାନ୍ତମୂଳ ଖୋଳିଲେ ବାହାରିବ
ମୋ ପାଦତଳ ଧୂଳିରେ ଯାହା ଥିବ
ତୋ କପାଳରେ ତା ଲେଖା ନ ଥିବ
ତୁ ମତେ କହୁଚୁ ?

ନନାଙ୍କ ଅକାଳ ମୃତ୍ୟୁ ପରେ ବୋଉ ଦବି ଗଲା, ଭାଇନାଙ୍କ ମୃତ୍ୟୁ ପରେ ଭାଙ୍ଗି ପଡ଼ିଲା । ଶ୍ୱାସରୋଗ ହେଲା ପରେ କଳି ଆପେ ଆପେ ବନ୍ଦ ହୋଇଗଲା ।

ଭାଇନାଙ୍କ ଶୋକରେ ଶ୍ୱାସ ରୋଗ ବଢ଼ିଗଲା । ସଁ ସଁ ପେଲି ହେଉଥାଏ, ସେଥିରେ କୋଶ କୋଶ ବାଟ ବୁଲି ବିଲବାଡ଼ି ଦେଖେ । ମାଷ୍ଟ୍ରଙ୍କ ପରେ ସାଧାରଣ

ଲୋକଙ୍କର ମାଷ୍ଟ୍ରାଣୀଙ୍କ ପ୍ରତି ଶ୍ରଦ୍ଧା ଥିଲା । ତେଣୁ ଧାନ ଶିଏ କେହି ଛିଣ୍ଡାନ୍ତି ନାହିଁ, ଜମିବାଡ଼ିରେ କେହି ଗୋରୁ ପୂରାଇ ଉଜାଡ଼ି ଦିଏ ନାହିଁ ।

ପାନ କିମ୍ବା ଗୁହ୍ଣା କିଛି ହେଲେ ବଦଭ୍ୟାସ ତାର ନ ଥିଲା । 'ଶ୍ୱାସ ଭଲ ହୋଇଯିବ'—ଏଇ ବିଶ୍ୱାସରେ ଦୈନିକ ପଇସାକର ଅଫିମ ସେ ଖାଉଥିଲା । କାଳେ ମାତ୍ରା ବଢ଼ିଯିବ, ସମ୍ପତ୍ତି ଉଜୁଡ଼ି ଯିବ—ଏଇ ଭୟରେ ଶେଷକୁ ଅଫିମ ଛାଡ଼ିଦେଲା ।

ସାନପୁଅ ଉଦୟନାଥ ଯେତେବେଳେ ଆମେରିକା ଗଲା, ତାକୁ ତାର ଶେଷ କଥା ପଦକ ଶୁଣାଇଥିଲା—କାହା ହାତରୁ ପାନ ଖାଇବୁନାହିଁ, ଅନ୍ୟ ସ୍ତ୍ରୀ ହାତରୁ ପାନ ଖାଇବା ଅର୍ଥ ତା ପାଲରେ ପଡ଼ିବା; ଘରଦୁଆର, ସ୍ତ୍ରୀ ପିଲାଝିଲାଙ୍କୁ ଭୁଲିଯିବା, ଏହା ଉଜ୍ଜ୍ୱଳ ଜୀବନର ଏକ ଦୁଃଖାନ୍ତ ପରିଣତି, କିଛି ଆଶଙ୍କା କରି ବୋଉ ଶେଷ ପଦକରେ ତାର ସୂଚନାହିଁ ଦେଇଥିଲା ।

ଭଇନା ମଲା ପରେ ବୋଉର ଯୋଉ ଲୁହ ବୋହିଥିଲା, ସେ ଆଉ ଶୁଖିଲା ନାହିଁ । ପ୍ରତଦିନ ଅସରାଏ ଅସରାଏ କାନ୍ଦେ ସେ; ବଡ଼ ପୁଅର ସ୍ଥାନ ଆମେ କେହି ପୂରଣ କରିପାରିଲୁ ନାହିଁ; ବ ହାରକୁ ଯେତେ ଯୋଗ୍ୟ ଦେଖାଗଲେ ବି । କାନ୍ଦିଲା ବେଳେ ବୁଝାଇ ବସିଲେ ଫଳ ହୁଏ ଓଲଟା । କ୍ଲାନ୍ତ, ଅବସନ୍ନ ହେବା ପର୍ଯ୍ୟନ୍ତ ସେ କାନ୍ଦୁଥାଏ ।

୧୯୫୫, ଦଶଳଇ ଘାଲ ବର୍ଷ, ଦୁଇପୁଅ ପ୍ରବାସରେ ବା ବିଦେଶରେ । ରାତି ଅଧ; ଆକାଶରୁ ଗଳ୍ ଗଳ୍ ପାଣି ଚାଲୁଛି, କିଟିକିଟିଆ ଅନ୍ଧାର । ବୋଉକୁ ଲାଗିଲା—ସତେ ଯେମିତ କିଏ ଡାକୁଛି, ଅଗଣାକୁ ଉଠି ଆସିଲା । କାହାରିକୁ ଦେଖିଲା ନାହିଁ । ମୁଣ୍ଡ ବୁଲେଇଗଲା ! ଗଛ କାଟିଲା ପରି ଅଗଣାରେ କଡ଼ୁଡ଼ି ହୋଇ ପଡ଼ିଲା । କାହାରକୁ ଡାକିବା ଲାଗି ପାଟି ଫିଟିଲା ନାହିଁ, କୌଣସ ମତେ ଓଦା ସର ସର ହୋଇ ଘୁଷୁରି ଘୁଷୁରି ଆସି ଶେଯରେ ଶୋଇଲା, ଝାଡ଼ା ପରିସ୍ରା ବନ୍ଦ ହୋଇଗଲା । ରାତିଆଡ଼େ ଆକାଶ କାତ ପାଣି । ଡାକ୍ତରଙ୍କୁ ଡାକି ଯିବାର ଉପାୟ ନାହିଁ । ଶୂନ୍ୟକୁ ଚାହିଁ ଚାହିଁ ଆଖିରୁ ଶେଷ ଲୁହ ଗଡ଼ାଇ ବୋଉ ଆମକୁ ଛାଡ଼ିଗଲା, ତାର ପାଇ ମୁଁ ଘରେ ପହଞ୍ଚିଲା ବେଳକୁ ଚିତାଗ୍ନି ଲିଭିଗଲାଣି । କ୍ରିୟା ଧରିବାର ଆୟୋଜନ ହେଉଛି । ସେତିକିବେଳେ କବିତାଟିଏ ଲେଖିଥିଲି—

ଉଆଁସ ଅଧରାତି ବରଷା ଘୋର
ବୋଉ ଡ଼ାକଟି ଆଜି ସରିଲା ମୋର ।

X X X

ପୁଅ ତୋ ଡାକତର ଡାକ ତା ନାମ,
ପୁଟୁଳି ବୈଦ୍ୟହାତେ ଗଲା ତୋ ପ୍ରାଣ ।

'ଭୟ ଯାହାଠି, ଜୟ ତାଠି', 'ରୁଅ ହେନ୍ତାଳ, ଗଣ୍ଡି ବେତାଳ, ଘରଣୀ ଚେତାଳ, ତେବେ ସେ ଘର ଥାଏ ଅପାର କାଳ' ପୁଅ ଓ ବୋହୂଙ୍କୁ ଏ ତାର ଉପଦେଶ ଥିଲା ।

ନେତ୍ରୀ ନୁହେ, କବି ନୁହେ, ସେବିକା ନୁହେ, ସେ ଥିଲା ଗୋଟିଏ ଘରଣୀ; ଯୋଗୀ ଭିକାରୀ ଭାଟ, ସାଇପଡ଼ିଶା ସମସ୍ତଙ୍କ କଥା ସେ ବୁଝୁଥିଲା, ନିଜ ପ୍ରତି ଥିଲା ତାର ଚରମ ଅବହେଳା । ନିଜକୁ ତିଳେ ତିଳେ ଭାଙ୍ଗି ଭାଙ୍ଗି ସେ ଆମକୁ ଗଢ଼ିଥିଲା, ଆମେ ତାକୁ କିଛି ଦେଇନାହୁଁ, କାହାଠାରୁ କିଛି ଆଦାୟ କରି ଆତ୍ମସୁଖରେ ବ୍ୟୟ କରିବା ଚିନ୍ତା ତା ମନରେ ସ୍ଥାନ ପାଇ ନ ଥିଲା । ଆମେ ସୁଖରେ ଥିଲେ ତାର ସବୁ ସୁଖ ।

'ମା ନାମ ମହିମା ମହୀମଣ୍ଡଳେ
ମା ନାମର ଶାନ୍ତି ତପନ ତଳେ ।'

ଏ ପଦର ଅର୍ଥ ଆଜି ବୁଝି ହେଉଛି ।

# ଭାଇ ଭଉଣୀ

## ସୁରୁଯୀ ନାନୀ

ସ୍କୁଲରେ ଲେଖା ନାମ ସୂର୍ଯ୍ୟମଣି ଦେବୀ; ଡାକ ନାମ ସୁରୁଯୀ; ବୋଉକୁ ପଡୋଶୀ, ଗ୍ରାମବାସୀ 'ସୁରୁଯୀ ବୋଉ' ବୋଲି ଡାକନ୍ତି, ଆମେ ସମସ୍ତେ ଜନ୍ମ ହେଲା ପରେ ବି । ପହିଲ ସନ୍ତାନ, ବଡ଼ ଗେଲବସରରେ ବଢ଼ିଥିଲା ସେ । ସୁନା ଚମ୍ପା ପରି ଗୋରୀ, ସୂର୍ଯ୍ୟମୁଖୀ ଫୁଲପରି ମୁହଁ, ଠିକ୍ ଠ-ବର୍ତ୍ତୁଳ । ବୋଉ ହାତରେ ଛାଞ୍ଚୁଣି ଧରେଇ ଦେଇ ନ ଥିଲା; ସାତ ତୋଟାର ଫୁଲ ଆଣି ତା ମୁଣ୍ଡ ବାନ୍ଧି ଦେଉଥିଲା । ପିଠିରେ କୋଉ ଦିନ ହାତ ଲାଗି ନ ଥିଲା । ନନା କୋଉ ଦିନ ଆଖି ତରଟି ଗୃହିଁଦେଲେ ଆଖିରୁ ଗଳ୍ ଗଳ୍ ହୋଇ ଲୁହ ବୋହି ଯାଉଥିଲା, ପୃଥିବୀକୁ ସତେ କି ଭସାଇ ଦେବ ।

ସାଇଯାକ ସ୍ନେହର ସଂସାର ବାନ୍ଧି ବସିଥିଲା ସେ—କିଏ ବଉଳ, କିଏ ମକର, କିଏ ଟଗରାମୂଲ, କିଏ କଣିକାକୁଡ଼ି । ଦେହକୁ ଶୁଖେଇଶାଖେଇ କେତେ ଓଷ ବ୍ରତ କରୁଥିଲା ସେ, କେତେ ଦିଅଁ ଦେବତୀ ପୂଜୁଥିଲା । କେଡ଼େ ସନମାନରେ ତାର ଦୋଳି ବନ୍ଧା ହେଉଥିଲା । ସେ ହେଉଥିଲା 'ଦୋଳରାଣୀ' । କଉଡ଼ି ଖେଳରେ ଯୁଗ ବିତୁଥିଲା; କୁଆଁର ପୁନେଇ ପୁଚିରେ ତାକୁ ହଟେଇ ପାରୁଥିଲା କିଏ ?

ନନା ସନମାନରେ ଦୁଆରବେଢ଼ା କରେଇଥିଲେ, ସେ ପହିଲିପାଳି ଗଲା ବେଳକୁ ନୋଥ, ଟୁଣା, ବଶୁଣି, ଛେଉ କଣ୍ଠିମିଶା ମହୁଡ଼ ମାଳ, ମଥାମଣି, ଝୁମ୍ପି, ଚଉରୀ ଭୁଣ୍ଡି, ନାହୁଲ, ବିଦ, ବଟଫଳ, ଚୁଡ଼ି ପାହୁଡ, ତାଡ, ବଳା ଆଦି ସକଳ ଅଳଙ୍କାର ଦେଇଥିଲେ; ଗରା, ଡାଳ, କଂସା, ବେଲା, ପିତ୍ତଳ ଆଦି ବାସନକୁସନ, ମନୋହର, ଛାଚିଖଇ, ତୁଡ଼ାପୁଆ, ସାରୁ, କଦଳୀ, ଖମ୍ବ ଆଳୁ ଆଦି ଦଶୋଟି ଭାର, କୋରଣା, ପନିକି, ଚକି, ଶିଳ, ନଣନ୍ଦ ପୁଟୁଳି, ଘରର ସମସ୍ତଙ୍କ ପାଇଁ ଲୁଗାପଟା ଓ ଦୁହାଁଳ ଗାଈ ଯଉତୁକ ଦେଇଥିଲେ; ଆମ ପରି ନିମ୍ନ ମଧ୍ୟବିତ୍ତର ଆର୍ଥିକ ବଳକୁ

ଏସବୁ ଅବଶ୍ୟ ବଳି ପଡ଼ିଥିଲା । ନାନୀ ଘରର ଶତହ ପ୍ରାଣୀ କୁଟୁମ୍ବ; ଭଲ ନ ଦେଲେ କାଳେ ପସନ୍ଦ ନ ହେବ, ଛିଛା କରିଦେବେ, ନାନୀକି ବାଧିବ, ଭାବି ନନା, ଯାହା ଦେଲେ ସୁନ୍ଦର ଦିଶିବ, ସବୁ ଯୋଗାଡ଼ କରି ଦେଇଥିଲେ ।

ନାନୀ ସୁଆରିରେ ଯାଇଥିଲା, ମୁଁ ତା ସଙ୍ଗରେ କୁଣିଆଁ ହୋଇ ସୁଆରିରେ ବସି ଯାଇଥିଲି । ବାଟଯାକ ସେ ବାହୁନା ପକାଇ କାନ୍ଦୁଥିଲା; ଦି କୋଶ ବାଟଯାଏ ମୁଁ ମଧ୍ୟ ତା ସଙ୍ଗେ କାନ୍ଦିଥିଲି । ଆଉ କେବେ ଜୀବନରେ ଏତେ କାନ୍ଦିବା କଥା ମନେ ପଡ଼ୁନାହିଁ । ବୁଝି ପାରୁ ନ ଥାଏ—କାହିଁକି ନନା ନାନୀକି ତଡ଼ି ଦେଲେ ?'

ପୁଣି ଏ ବୋଝଭାର ଆଡମ୍ବର କାହିଁକି ?

ମୋ ବଡ଼ ଭିଣୋଇଙ୍କ ନାଆଁ ନାରାୟଣ ମହାପାତ୍ର, ଘର ଚିତ୍ରଶଙ୍ଖପୁର, ଶ୍ରୀ ଅକ୍ଷର ବିବର୍ଜିତ, ମୁଣ୍ଡରେ ଗୋଛାଏ ଚୁଟି; ଗୋଟାଏ କଣ ରଜାର ପୁଅ ସେ; ଦଶ ହଳ ବଳଦ, ପନ୍ଦ୍ର ପନ୍ଦ୍ର ଗାଈ, ଦାଣ୍ଡ ପଥର ପିଣ୍ଡା କୋଉଠୁ କୋଉଯାଏ ଲମ୍ବିଥିଲା; ହଜାର ହଜାର ନଡ଼ିଆ ଗଛ, ଆମ୍ବତୋଟା, ପଣସ ତୋଟା, ବାଡ଼ି ଦୁଆରେ ହୟାନ୍ତ ପୋଖରୀ, ଗୋଟାଏ ଘର ଜାଣ ଗୋଟାଏ ଗାଆଁ; ଘରେ ବେବର୍ତ୍ତା, ଗୁମାସ୍ତା, ଖମାରିଆ, ପିଲାଙ୍କୁ ପଢ଼େଇବା ଲାଗି ମାଷ୍ଟର, ଘରେ ଅଭିଭାବକ ମାମଲତକାର ସୋମନାଥ ମହାପାତ୍ର ମାଲିମକଦମାରେ ଧୂରନ୍ଧର, ଏତେ ବଡ଼ ଘରେ ଚଳିବାକୁ ପ୍ରଥମେ ମୋତେ ଅଡ଼ୁଆ ଅଡ଼ୁଆ ଲାଗୁଥିଲା, ପରେ ସବୁ ଆରେଇ ଗଲା । ନାନୀଘରକୁ ଯାଇ ମୁଁ ଅନେକ ଦିନ କଟେଇଥିଲି । ତାଙ୍କର ଗୋଟିଏ ଘୋଡ଼ା ଥିଲା; ଘରର ଭେଣ୍ଡିଆମାନେ ତା ପିଠିରେ ବସି ବନ୍ଧୁ ବାନ୍ଧବ ଘରକୁ ଯାଉଥିଲେ । ସେ ଯାତ୍ରାର ମର୍ଯ୍ୟାଦା ଥିଲା । ଘୋଡ଼ାଚଢ଼ାରୁ ସମର୍ତ୍ତି ନାହିଁ ।

ସୋମନାଥ ମହାପାତ୍ର ଆମର ସମାସ୍କନ୍ଧ ବନ୍ଧୁ ନୁହନ୍ତି । ନାନୀର ସୁନ୍ଦରପଣ ଦେଖି ନାରଣଙ୍କୁ ସେ ବିଭା ଦେଇଥିଲେ; ସାରୁ ଭିତରେ ମାରୁ ! ନାରଣର ପିଠିରେ ଗୋଟାଏ ଛଉ । ନନା ଶଙ୍କା କରୁଥିଲେ; ଘଟକ କହିଲେ—ବୟସ ଛଉ, ଢଜ୍ଜି ବଇଦ କହିଲେ—କିଛି ଶୋଚନା କରନା, ମୁଁ ଯାକୁ ଓଷଦ ଦେଇ ନିଭାଇ ଦେବି । ନନା ବଡ ଘର ଲୋଭ ଛାଡ଼ି ନ ପାରି ନାନୀକି ଦେଠି ଦେଲେ । ଦଶବର୍ଷେ ପରେ ସେ ଛଉ ଘୋଟିଗଲା, ଆଙ୍ଗୁଠି ବଙ୍କା ହେଲା, ମୁହଁ ଫୁଲି ବେଦେଗିଆ ହୋଇଗଲା । ମୁଁ ସେତେବେଳେ କଲେଜରେ ପଢୁଥାଏ । ଜଣେ ଚଢ଼େଉକା ଲୋକ ଭ୍ରଂରମାରୀ ବୋଲି ଫାଶି ଗଛର ଛେଲି ଝଣ୍ଡିଏ ଦେଇ ମୋତେ ଠକି ଦେଲା । କିଛି କରି ନ ପାରି ମୁଁ ଚିନ୍ତାରେ କୁହେଇ ହୋଇ ପଡ଼ୁଥିଲି । ଏହ ସମୟରେ ଭିଣେଇର ଅକାଳ ବିୟୋଗ ଘଟିଲା । ସୁକୁମାରୀ ଅପ୍ସରା ପରି ମୋ ନାନୀ; ତାର ବୈଧବ୍ୟ ଦୁଃହ । ଗୃହିଁ ଦେଇ କେବେ ନ କାନ୍ଦିଥିବା କଥା ମନେ ପଡ଼ୁନାହିଁ । ଏତେ ରୂପର ଐଶ୍ୱର୍ଯ୍ୟ ଗୋଟିଏ ସ୍ଥାନରେ ଅଜାଡ଼ି ଦେଇ ତାକୁ ଏପରି ଉଜାଡ଼ି ଦେବା-ର ବିଧାତାର କି ଉଦ୍ଦେଶ୍ୟ ସାଧିତ ହେଲା ? ଫୁଲର ଭାର ଯେ ସହି ନ ଥିଲା ତା ଉପରେ ପଡ଼ିଲା ପର୍ବତର ଭାର । ଭଇଭଗାରିଆ ଘର; ଖଟି ଖଟି ଲୁହ ନ କାନ୍ଦି ଜାଣ ରକ୍ତ କାନ୍ଦୁଥିଲା ସେ । ଗୋଟି ଗୋଟି ହୋଇ ସବୁ ଦୁଃଖର ଚରଖ ତା'ରି ଉପରେ ହେଉଥିଲା । ଶିଶର କୁହୁଡ଼ିରେ ପଦ୍ମବନ ପରି ତାର ଚେହେରା ପୋଡ଼ି ଜଳି ଭସ୍ମ ହୋଇଗଲା । ଟଳୁଥିଲା ସେ । ଟଳି ଟଳି ଗୃହୁଥିଲା ଅଲଭ୍ଯ ଜୀବନ ଘେନି ।

ବିଧାତା କିପରି ନିଜର ରଙ୍ଗୀନ୍ ଛବି ଉପରେ କାଳି ଢାଳିଦିଏ ? ସ୍ୱରଚିତ ଗୀତିକବିତାକୁ କାଟିକୁଟି ଦୋରସ୍ତ କରିଦିଏ ? ଦୁଃଖର ସମୁଦ୍ର କେତେ ଗଭୀର, ଅଶ୍ରୁର ସ୍ରୋତ କେତେ ଉଚ୍ଛ୍ୱସ୍ତ, କାନ୍ଦର କବିତ୍ୱ କେତେ କୋମଳ, କେତେ ଜୀବନ୍ତ ତାଠାରୁ ମୁଁ ପଢ଼ିଲେ ବୁଝିଥିଲି । ଯାହାକୁ ଦେଖିଲେ ମନ ଫୁଲି ଉଠୁଥିଲା, ସେ ଛିଡ଼ା ହେଲା ଗୋଟିଏ ପୋକ-ଖିଆ ଗଙ୍ଗଶିଉଳି ଝାଟି ପରି, ଶରତର ଝଡ଼ ଝଡ଼ାଇ ନେଇଥିଲା ତାର ସବୁ ସ୍ଫଟିକ, ସବୁ ପ୍ରବାଳ ।

ନାନୀ ଦିନକ ହଇଜାରେ ଦିନେ ଚଳି ପଡ଼ିଲା, ସେ ଦିନ ମୁଁ କାନ୍ଦିନାହିଁ । କିଛି ମୂଲ୍ୟବାନ୍ ହରାଇବାର କୋହ ମୋର ଆସିନାହିଁ । ସେ ସେପରି ବଞ୍ଚିବାରେ କି ମୂଲ୍ୟ ଥିଲା ? ମରି କ୍ଷତି ବା କଣ ହେଲା ? ଲାଭକ୍ଷତି ହିସାବ ବେଳେ ମୁଁ ଉଚ୍ଚ ସ୍ୱରରେ ହସି ଉଠିଥିଲି, କ୍ରନ୍ଦନର ଏକ ଭୟଙ୍କର ତାଡ଼ନାରେ । ମୁଁ ଦିନେ ତା ବିଷୟରେ ଲେଖିଥିଲି । ବୋଧେ ନା, ଜମାଟ ଦୁଃଖ ତରଳି ମନକୁ ବୋହି ଯାଇଥିଲା—

'ଚିନି ଚମ୍ପା ଦିହ କଇଁଫୁଲ ପରି ମୁହଁ
ନାନୀ ଲୋ, ତୋ କଥା ଭାବିଲେ ବୁହଇ ଲୁହ ।

x x x

ବିନା ଅପରାଧେ ତୋ ସଂସାର ହେଲା ଚିତା
ତୁ ଏଇ ଯୁଗର ଗାଆଁ ଗହନର ସୀତା ।'

## ହାର ନାନୀ

ସେ ମୋର ଦ୍ୱିତୀୟ ଭଉଣୀ ।

ନିଗୁଣୀ ପରି ଡେଙ୍ଗା, କିନ୍ତୁ ନହନହକା ବେତ; ସାବନା ରଙ୍ଗ; ସେ ବୁଦ୍ଧିମତୀ ଥିଲା । ଘରର ଅଡ଼ତିପତ୍ର ଠିକ୍‌ଣାଭାବେ କରି ଶିଖିଥିଲା । ସେ ବାଳିକା ସ୍କୁଲରୁ ନିମ୍ନ ପ୍ରାଥମିକ ବୃତ୍ତି ପାଇଥିଲା । ଉପରକୁ ପଢ଼େଇବାକୁ ନନାଙ୍କର ଧନ, ମନ କିମ୍ବା ସେ କାଳର ଚଳଣି ନ ଥିଲା । କୌଣସିମତେ ହାତକୁ ଦିହାତ କରିଦେଲେ ହେଲା—ଦେଲା ନାରୀ ହେଲା ପାରି । ଓଷା ପୁଣ୍ୟ ପରବରେ ଝିଅ କଥା ଯାହା ମନେ ପଡ଼େ । ସାବିତ୍ରୀ ଉଆଁସକୁ ଆମ୍ବ ପଣସ ଭାର, କେତେବେଳେ ଫଳଥୁଆ ଭାର । ସଙ୍କୁଳା ମୁଆଁ ବୋଝଟାଏ, ଝିଅର ମାସ ଗଡ଼ିଲେ ବିତୋଉଖିଆ ପଠାଇ ଦେଇ ବାପ ମାଆ ନିଷ୍କୃତି ପାଇଥାନ୍ତି ।

ହାରନାନୀକି ଦୁଆଟେଜ୍ଞ କଲା ଭଳି ଆର୍ଥିକ ଅବସ୍ଥା ନନାଙ୍କର ନ ଥିଲା । ସେ 'ତୋଳାକନ୍ୟା' ସଙ୍ଗେ ତୁଳସୀ ପତ୍ରଟିଏ ଦେଇଥିଲେ । ହାରନାନୀର ଶାଶୁଘର ସମରେଇ ଶାସନ, ଆମ ଘରଠାରୁ ପ୍ରାୟ କୋଶେ ବାଟ, ଭାର୍ଗବୀ ନଈ କୂଳିଆ ଗାଆଁ ।

ତା'ର ଶଶୁର କୃଷି ରଂଥ ନିଦା ବିଷ୍ଟୁ, କିନ୍ତୁ ଶାଶୂ ଖଣ୍ଡାଖାଇ, ହାର ନାନୀ ବଡ଼ ନ ହେଉଣୁ ଯାଇ ଶାଶୂଘରେ ରହିଲା । ଯେତେବେଳେ ଘରର ଝିଅ ହୋଇ ନନାବୋଉଙ୍କର ସ୍ନେହର ପିତୁଳା ହୋଇଥାନ୍ତା, ସେତେବେଳେ ତାକୁ

ଶାଶୁର ନାକଛିଟିକା, ମୁହଁମୁଲ୍ଲା, ଖଣ୍ଡିଗଣିଆଁ କଥାସବୁ ସହିବାକୁ ହେଲା । ତୋଳାକନ୍ୟା ପ୍ରଥା ଅସମ୍ମାନଜନକ; ନିରୁପାୟ ଅବସ୍ଥାରେ ଏହା ଚାଲୁଥିଲା । ବଡ଼ ହେଲା ପରେ ଯଥାବିଧି ଭରଯୋଗ ଦେଇ ନନା ସାରନାନୀକି ପଛିଲିପାଲି ପଠାଇଲେ ।

ମୋର ଦ୍ୱିତୀୟ ଭିଣୋଇ ବାମନ ରଥ ଦେଖିବାକୁ ଅଧା ତାଳଗଛ, ନାନୀ ସାଙ୍ଗକୁ ଉଚ୍ଚତା, ବର୍ଣ୍ଣ ଓ ଚେହେରା ଠିକ୍ ମେଳ ହେଉଥିଲା । ରଥ ମାଇନର ପାସ୍ କରିଥିଲେ; କିନ୍ତୁ ମାଇନର ଜ୍ଞାନ ତାଙ୍କର ନ ଥିଲା, ଜ୍ଞାନର ଭଣ୍ଡାର ବଢ଼ାଇବାକୁ ସେ କେବେ ଚେଷ୍ଟିତ ହୋଇ ନ ଥିଲେ । ଯେତେଥର ଟ୍ରେନିଂ ପରୀକ୍ଷା ଦେଲେ, ସେ ଫେଲ୍ ହେଲେ । ଶେଷକୁ ଆଉ ଦେଲେନାହିଁ । ନିମ୍ନ ପ୍ରାଥମିକ ଦ୍ୱିତୀୟ ଶିକ୍ଷକ ହୋଇ ତାଙ୍କ ଜୀବନ କଟିଲା । ତାଙ୍କ ଚଳାଚଳ ଅବସ୍ଥା ଆମଠାରୁ ଖରାପ ଥିଲା । ନଈକୂଳିଆ ଜମି ବର୍ଷକୁ ବର୍ଷ ଧୋଇ ଯାଉଥିଲା । ନାନୀର ବଡ଼ ଦିଅର ବଳି ରଥେ ବଙ୍କାଳାବାଟ କରୁଥିଲେ, କିନ୍ତୁ ରୋଜଗାରତକ ନିଶାପାଣିରେ ଉଡ଼ାଇ ଦେଉଥିଲେ, ସାନ ଦିଅର ମଧୁ ରଥଙ୍କର ଯାତ୍ରୀ ବ୍ୟବସାୟ । ଉତ୍ତର ପ୍ରଦେଶର ଯାତ୍ରୀମାନଙ୍କୁ ପୁରୀରେ ପଣ୍ଡାମାନଙ୍କ ଘରେ ରଖାଇ ଜଗନ୍ନାଥଦର୍ଶନ କରାଇ ବର୍ଷକୁ ସେ ଦୁଇ ତିନିଶ ଟଙ୍କା ରୋଜଗାର କରୁଥିଲେ । ଜମିବାଡ଼ିତକ ଭାଗ ଲାଗିଥିଲା ।

ନାନୀ ଘରକୁ ଜଣ ବାରମାସ ଅଭାବ ଲାଗି ରହିଥିଲା । ତାର ଅଳଙ୍କାର ଭାଙ୍ଗିଲେ ଆମ ଘରରେ ବନ୍ଧା ହେଉଥିଲା । ଆମ ଘରୁ ଚାଉଳ, ଡାଲି, ବିରି, ମୁଗ ବୁହାହୋଇ ଯାଉଥିଲା । ମୁଁ ଓଷାବାରରେ କାନ୍ଧରେ ଟୋକେଇ ପକେଇ ପିଠା, ଚୁଡ଼ାଭଜା, ଉଖୁଡ଼ା, ଝମ୍ପଅଳୁ, ସଜନା ଛୁଇଁ ଆଦି ଦେଇ ଆସୁଥିଲି । ଆମକୁ ଦେଖିଲେ ନାନୀ ଚୋଡ଼ ପାଞ୍ଚହାତରେ ଡେଉଁଥିଲା । ତାକୁ ଯାହା ମିଳୁଥିଲା ଆଦରରେ ଖୋଇଦେଇ ଛାଡୁଥିଲା । ନନୀ ବୋଉ ପରି ଘରର ସବୁ କାମ କରୁଥିଲା—ରୋଷେଇବାସରୁ ଲିପାପୋଛା, ଗୁହାଳଗୋବର ପର୍ଯ୍ୟନ୍ତ । ନଟିଆ, ହରିଆ ବୋଲି ତାର ଦୁଇଟି ପୁଅ ଥିଲେ । ସେତେବେଳକୁ ସେମାନଙ୍କ ହେତୁ ପାଇ ନ ଥିଲା । ସମୟରେ ବାଡ଼ିଠାକୁରାଣୀ ପଶିଲେ, କେତେ ଦେବାଦେବୀ, ଝିଅବୋହୂ କେତେ ପଡ଼ିଲେ, ଶେଷକୁ ନାନୀକି ହଇଜା ଧରିଲା । ଦିନକ ମଧ୍ୟରେ ଶେଷ । ଛୁଆ ଦିଟଙ୍କ କଥା କିଏ ବୁଝିବ ? ନେଉ ସେ ଦିଟିଙ୍କୁ ଘେନି ଆସି ଆମ ଘରେ ବଟଗଛ ପରି କୁଣ୍ଡେଇ ହୋଇ ପଡ଼ିବା ଦୃଶ୍ୟ ଏବେ ବି ମୋ ମନେ ପଡ଼ୁଛି, ନଟିଆ ଜାତକରେ ପାଠ ନ ଥିଲା । ସେ ବେଳ ଭଉଣୀ ଘର ଦୁଆ ହୋଇ ରହି ଗୃହବାସ ବୁଝିଲା । ହରିଆ ମାଟ୍ରିକ୍ ପାସ୍ କରି ନିମ୍ନ ପ୍ରାଥମିକ ଶିକ୍ଷକ ଥିବା ଅବସ୍ଥାରେ ପ୍ରାଣତ୍ୟାଗ କଲା ।

## ଘନ ଭାଇନା

ତାଙ୍କର ଡାକ ନାମ ଘନଶ୍ୟାମ, କିନ୍ତୁ ସ୍କୁଲର ନବକିଶୋର ନାମ ପ୍ରଚଳିତ ଥିଲା । ଦୀର୍ଘ, ସୁଗଠିତ ବପୁ, ଗୌରବର୍ଣ୍ଣ, ତିରିଶ ବର୍ଷର ଚେହେରା । ଖୁବ୍ ମିଶାମିଶିଆ ପ୍ରକୃତିର ଥିଲେ ସେ । ଲୋକଙ୍କ ସଙ୍ଗରେ ମିଶିଲାବେଳେ କ୍ଷୀର ସାଙ୍ଗରେ ଯେପରିକି ନୀର ହୋଇଯାଉଥିଲେ—ଟେଟାପାଣି ସେମାନଙ୍କର ଏକାନ୍ତ

ଆପଣାର । ତାଙ୍କ ସଙ୍ଗେ ପଦେ କଥା ହେଲେ ଲୋକଙ୍କର ଉଚ୍ଚଧାରଣା ଜନ୍ମୁଥିଲା— ତେଙ୍ଗା ଦାଶଙ୍କର ଏଇ ପୁଅଟି ମୁହଁଫିଟା, ବଡ଼ ଯୋଗ୍ୟର । କିନ୍ତୁ ମୋ ଭାଇନା ପିଲାଦିନେ ବଡ଼ ଚଗଲା ଥିଲେ, ନନାଙ୍କ ହାତରେ ବହୁତ ମାଡ଼ ଖାଉଥିଲେ । ଇସ୍କୁଲରେ ବି ମାଡ଼ ଅଳ୍ପ ହେଉ ନ ଥିଲା ।

ମାଇନର୍ ପାସ୍ ପରେ ଭାଇନାଙ୍କର ଅଧିକ ପଢ଼ିବା ପ୍ରଶ୍ନ ଉଠି ନ ଥିଲା । ତାଙ୍କୁ ମାଇନର୍ ପଢ଼ାଇ ନନାଙ୍କ ମନ ମାନି ଯାଇଥିଲା । ଭାଇନା ନିମ୍ନ ପ୍ରାଥମିକ ସ୍କୁଲର ଦ୍ୱିତୀୟ ଶିକ୍ଷକ ହୋଇ ମାସକୁ ସାତଟଙ୍କା ରୋଜଗାର କଲେ । ଜଣେ କବି ଭାବରେ ନାମ କରିବା ନିଶା ତାଙ୍କର ପ୍ରବଳ ଥିଲା । ସେ ପାଲାବାଲା, ପାଟୁଆ ଓ ଚଇତୀ ଘୋଡ଼ା ନାଟୁଆଙ୍କ ପାଇଁ ଅର୍ଥବନ୍ଦୀ ଗୀତ ଲେଖୁଥିଲେ । ନନାଙ୍କ ଗୀତ ଅପେକ୍ଷା ତାଙ୍କ ଗୀତ ବେଶୀ କଡ଼ା ଥିଲା, ସଂସ୍କୃତ ଶବ୍ଦରେ ଭରା । ଗୀତ ଓ ତାର ଅର୍ଥ ପାଟୁଆ ଓ ଚଇତୀ ଘୋଡ଼ା ନାଟୁଆଙ୍କୁ ମୁଖସ୍ଥ କରିବାକୁ ହେଉଥିଲା ।

ଆମ ପଡ଼ୋଶୀ ଗ୍ରାମ ଭାଣପୁରର ଯାତ୍ରାଗୁରୁ ବିଶ୍ୱନାଥ ମିଶ୍ର ତେଙ୍ଗା, ଗୋରା; କାନରେ ସୁନାର ଲବଙ୍ଗ । ସେ ଭାଇନାଙ୍କୁ ମତାଇ ଦେଲେ । ଭାଇନା ବିଭାଘରର ସୁନାମୁଦି ବିକି 'ସୁଧନ୍ୱା' ଯାତ୍ରା ବହି ଛପାଇଲେ । ଏହାର ଦାମ୍ ଦୁଇଅଣା ଥିଲା । ତାପରେ ସେ 'ପ୍ରଣୟଲହରୀ', 'କପାଳକୁଣ୍ଡଳା', 'ଦୁଷ୍ଟ ମନ୍ତ୍ରୀ', 'ଅଭିମନ୍ୟୁ ବଧ', 'ଖଣ୍ଡଗିରି' ପ୍ରଭୃତି ଯାତ୍ରାନାଟକ ରଚନା କରିଥିଲେ । କିନ୍ତୁ କୌଣସିଟି ଛପା ହୋଇପାରି ନ ଥିଲା । ସେ ସବୁ ପାଣ୍ଡୁଲିପି କେଉଁଆଡ଼େ ହଜିଯାଇଛି; ତାଙ୍କର ଗୋଟିଏ ମାତ୍ର ଗୀତ ମୋର ମନେ ଅଛି । ମୋ ହେମ ଭାଉଜଙ୍କୁ ଉଦ୍ଦେଶ୍ୟ କରି ଏହା ଲିଖିତ ।

"କେତକୀ ଗୋରୀ ସଖୀଙ୍କି ମୋ ଦୂରୁ ଜୁହାର
କହିଲେ ବରଷୁଥାନ୍ତି ଖଣ୍ଡ ଶାକର
ଦଣ୍ଡବତ ଦାଣ୍ଡ ଦ୍ୱାରେ
ଦରଶନେ ପେଟ ପୂରେ
ଆଣିଛ କି ଛେନାମଣ୍ଡା ? ରଖି କି ପୁର ?
ପ୍ରାଣପ୍ରିୟେ ମୋତେ ଭର
ଘୋଡ଼ାଇ ରଖ ଉଦର
ତୁମେ ମୋର ମୁଁ ତୁମର
ଏ ଦୁନିଆ ପର ..... ..... ।

ଭଣିତାଟି ମୋର ମନେ ନାହିଁ । ଅନ୍ୟ ଏକ ଗୀତର ଭଣିତା ଏହିପରି ।

'ଦିଅ ପ୍ରାଣ ଗୋ
ଦ୍ୱିଜ ଘନଶ୍ୟାମ ନିବେଦନ ଗୋ ।'

ଭାଇନା ମୋତେ ବେଳେ ବେଳେ ଯାତ୍ରାମେଳକୁ ନେଉଥିଲେ, ମୋ ପ୍ରତିବାଦକୁ ଲଘୁତର କରିବା ପାଇଁ । କିନ୍ତୁ ମୁଁ ପଢ଼ାରେ ଅନେକ ଆଗେଇ ଯାଇଥିଲି । ମୋ ମନ ଆଉ ଏବେ ଯାତ୍ରାରେ ମଜ୍ଜୁ ନ ଥିଲା, ଯଦି ବା ପିଲାଦିନେ ଯାତ୍ରାଗୁରୁ ହେବାର ଆକାଙ୍କ୍ଷା ଥିଲା ।

ଭାଇନା ବାଲକାଟି ନିକଟବର୍ତ୍ତୀ ପ୍ରତାପଶାସନ ଗ୍ରାମରେ ବିଭା ହୋଇଥିଲେ, ତାଙ୍କ ଶ୍ୱଶୁରଘରେ ଗୋଟିଏ ଶୂନ୍ୟଗାଡ଼ି ଥିଲା । ସେତେବେଳେ ସେମିତି ଥିଲାବାଲା ଏ ଗାଡ଼ି କିଣୁଥିଲେ । ଆମ ବାଡ଼ିପଟ ରାସ୍ତାରେ ଶୂନ୍ୟଗାଡ଼ି ଗଲେ ଆମେ ଦେଖିବାକୁ ଦୌଡ଼ୁଥିଲୁ । ତେଣୁ ବଡ଼ ଆଗ୍ରହ ଉତ୍କଣ୍ଠାରେ ମୁଁ ଶୂନ୍ୟଗାଡ଼ିଟି ଦେଖିଲି ଓ ଭାଇନାଙ୍କ ଶ୍ୱଶୁରଘର ବଡଲୋକ ଘର ବୋଲି ମନେ କଲି । କିନ୍ତୁ ପ୍ରକୃତରେ ସେ ସେପରି ଧନୀଲୋକ ନ ଥିଲେ । ଚଉଠି ରାତିରେ ବର ଶ୍ୱଶୁରଘରୁ କିଛି ଚୋରୀ କରିବାର ଚଳଣି ଥିଲା । ଭାଇନା ଗୋଟିଏ ଶାଳଗ୍ରାମ ମୂର୍ତ୍ତି ଓ ଗୋଟିଏ ଟେବୁଲ୍ ଲ୍ୟାମ୍ପ୍ ଚୋରୀ କରିଥିଲେ ।

ନନାଙ୍କ ମୃତ୍ୟୁ ପରେ ଘରର ସମସ୍ତ ଦାୟିତ୍ୱ ଭାଇନାଙ୍କ ଉପରେ ପଡିଲା । ଭାଇନା ସେତେବେଳକୁ ଟ୍ରେନିଂ ପାସ୍ କରିଥାନ୍ତି । ସେ ଗାଆଁ ପାଖ ସ୍କୁଲକୁ ବଦଳି ହେଲେ, ଘର ସୁରୁଖୁରୁରେ ଚାଲାଇଲେ ।

# ଯାତ୍ରାରୁ ମହାଯାତ୍ରା

କି କୁକ୍ଷଣରେ କେଜାଣି, ଗାଆଁ ପାଖକୁ ବଦଳି ହୋଇଆସି ଭାଇନା ଗୋଟିଏ ଯାତ୍ରାଦଳ ଗଢିଲେ । ତାଙ୍କ ଲେଖା ବହିସବୁ ଯାତ୍ରାରେ ଚାଲିଲା । ଭାଇନା ଯାତ୍ରା ଶିଖାଇବା ସଙ୍ଗେ ସଙ୍ଗେ ନିଜେ ହାରମୋନିଅମ୍ ଓ ପଖଉଜ ବଜଉଥାନ୍ତି; ଆଧୁନିକ ଯାତ୍ରାଦଳଟି ରାତିକୁ ପନ୍ଦର କୋଡିଏ ଟଙ୍କା ରୋଜଗାର କରୁଥିଲା, ଗଡ଼ଜାତ ଅଞ୍ଚଳକୁ ଯାଇ ଖୁବ୍ ନାମ କରିଥିଲା, କିନ୍ତୁ ଯେତେ ଆୟ କଲେ ବି ଏଥିରେ ବେଶି ବ୍ୟୟ ହେଉଥାଏ । କେଉଁଠୁ ବହିନାଟିଏ ରଖିଥିବ, ଏତିକିବେଳେ ଅସଲ ଯାତ୍ରା ପିଲାଟି ଆସିବ ନାହିଁ । ସେ ପିଲାଟି ନ ହେଲେ ଯାତ୍ରା ମାଟି । ଅଗତ୍ୟା ଶେଷ ମୁହୂର୍ତ୍ତରେ ତା ଘରେ ଯଥେଷ୍ଟ ଟଙ୍କାପଇସା ଦେଇ ତାକୁ ବୁଝେଇସୁଝେଇ ଆଣିବାକୁ ହୁଏ । ବୋଉ ଚିଡ଼୍ ଚିଡ଼୍ ହୁଏ—ଯେତେବେଳେ ଯାତ୍ରାପିଲା ଦାଣ୍ଡରୁ ବାଡ଼ି ପର୍ଯ୍ୟନ୍ତ ଖାଇବାକୁ ବସିଯାନ୍ତି, ହାଣ୍ଡି ବଦଳରେ ଆମଘରେ ହଣ୍ଡା ବସି ରନ୍ଧାବଢ଼ା ହୁଏ । ବୋଉକୁ ତୁଷ୍ଟ କରିବା ଲାଗି ଭାଇନା କିଛି ଟଙ୍କା ଧରେଇ ଦିଅନ୍ତି ଓ କିଛି ଆରେଲା ଦେଖାଇ ତା ପରଦିନ ତାକୁ ହାତରୁ ଖସେଇ ନିଅନ୍ତି । ଯାତ୍ରା କରି ଭାଇନାଙ୍କର ନାଆଁ ହେଉଥିବ; କିନ୍ତୁ ଘରର ମର୍ଯ୍ୟାଦା କିଛି ବଢୁ ନ ଥିଲା ।

ଏହି ଯାତ୍ରାହିଁ ଶେଷରେ ତାଙ୍କର କାଳ ହେଲା, ମିଛେ ମିଛେ ଭିନେ ହେବି ବୋଲି ମୁଁ ଦିନେ ଧମକେଇଲି; ସେ ଶୁଣିଲେ ନାହିଁ । ଶେଷକୁ ବେମାରିଆ ହୋଇ କ୍ରମେ ଅଚଳ ହୋଇ ପଡ଼ିଲେ; ସାନ ଭାଇ ଉଦୟନାଥ ଯାତ୍ରା ଜିନିଷଗୁଡ଼ିକ ଦିନେ ରାତିରେ ଲୁଚାଇ କଟକ ନେଇଗଲା । ଭାଇନା ଅସନ୍ତୁଷ୍ଟ ହେଲେ ବି କିଛି କହିବା ବା କରିବା ଲାଗି ତାଙ୍କ ଦେହରେ ବଳ ନ ଥିଲା । ଭଜି ବୈଦ୍ୟ ଏକା ରାତିକେ ବେମାରିଟା ଉଡାଇଦେବ ବୋଲି ଔଷଧ ଦେଲା; ଉଦୟନାଥର ଆଶୀର୍ବାଦ ଘର ଦିନ ଭାଇନା ଔଷଧ ଖାଇଥାନ୍ତି, ମୁଁ ସେତେବେଳେ କଲିକତାରେ ପଢୁଥାଏ । ପ୍ରକୃତରେ ବୈଦ୍ୟ ରୋଗ ତ ଉଡେଇ ନେଇ ପାରିଲା ନାହିଁ, ଭାଇନାଙ୍କ ପ୍ରାଣବାୟୁ ଉଡେଇ ନେଲା, କୁଣିଆଁମାନେ ଆଶୀର୍ବାଦ ଉତ୍ସବରେ ଯୋଗ ଦେବାକୁ ଆସି ଏ ଅକାଳ ମୃତ୍ୟୁରେ ବିଷଣ୍ଣ ହୋଇ ଯେ ଯାହାର ଘରକୁ ବାହୁଡ଼ିଲେ । କୁଣିଆଚର୍ଚ୍ଚା,

ରୋଗଚିକିତ୍ସା ଏକାବେଳକେ ଚାଲିଥିଲା । ଏ ପୁଟୁଳି ବୈଦ୍ୟ 'ଭଜି' ନାନୀଠାରୁ ଭାଇନାଙ୍କ ପର୍ଯ୍ୟନ୍ତ ଆମର କାହିଁକି ଏତେ କ୍ଷତି କରିଗଲା, ଭଗବାନଙ୍କୁ ଗୋଚର ।

ଉଦୟନାଥ ସକାଳୁ ହାନି ଅବସ୍ଥାରେ ପଡ଼ିଲା; ଭାଇନାଙ୍କ ଶବକୁ ଗାଆଁ ବାଲା ନେଲେନାହିଁ । କାରଣ ଉଦୟନାଥକୁ ଆମେ ନିମ୍ନ ସ୍ତରର ବ୍ରାହ୍ମଣ ଘରେ ବିଭା କରାଇ ଦେଇଥିଲୁ; କେହି କେହି ତାଙ୍କ ଘରେ ତେଲପେଡ଼ା ଘଣା ଦେଖି ଆସିଥିଲେ, କେହି କେହି କହିଲେ— ସେମାନେ ମାଳି ପିନ୍ଧନ୍ତି, ଚଳୁ କରନ୍ତିନାହିଁ । ସେ ଯାହା ହେଉ, ଅକଳରେ ପକେଇ ଗାଆଁବାଲା ଯାହା ଅଡ଼ି ବସିଲେ, ଉଦୟନାଥ ସେଥିରେ ସନମତ ହୋଇଗଲା । ଗୋପୀନାଥଙ୍କୁ ପିତ୍ତଳ ପ୍ରଭା (ସିଂହାସନ), ରୁପାଛତି ଦିଆଯିବାର ସ୍ଥିର ହେଲା । ଭାଇନାଙ୍କ ଶବ ଉଠିଲା ।

ଭାଇନା ସନ୍ତାନହୀନ ଥିଲେ; ଥରେ ଭାଉଜଙ୍କର ପେଟରୁ ମରି ଜାଆଁଳା ପିଲା ଜନ୍ମ ହୋଇଥିଲେ; ବଡ଼ ଭଣଜା ପ୍ରଭାକର ତାଙ୍କର ପୁଅ ହୋଇ ଆମ ଘରେ ରହିଲା, ଭାଇନାଙ୍କ ଅକାଳ ମୃତ୍ୟୁ ପରେ ବୋଉର ଲୁହ ପୋଛିବାକୁ ଆମେ କେହି ପାଖରେ ନ ଥିଲୁ ।

ଭାଇନା ଜଣେ ସାମାନ୍ୟ ନିମ୍ନ ପ୍ରାଥମିକ ଶିକ୍ଷକ ହୋଇଥିଲେ ମଧ୍ୟ ଲୋକ ସମାଜରେ ତାଙ୍କର ଉଚ୍ଚ ସମ୍ମାନ ଥିଲା । ପାଲା, ପାଟୁଆ, ଚଇତୀ ଘୋଡ଼ା ଓ ଯାତ୍ରା କବି ଭାବରେ ସେ ସମଗ୍ର ପୁରୀଜିଲ୍ଲାରେ ସୁପ୍ରତିଷ୍ଠିତ ହୋଇଥିଲେ । ନନାଙ୍କ ପଛକୁ କବି ଗୃହ ପ୍ରତିଷ୍ଠା ପରମ୍ପରାକୁ ସେ କେବଳ ଅକ୍ଷୁର୍ଣ୍ଣ ରଖି ନ ଥିଲେ, ତାର ଅଭିବୃଦ୍ଧି ସାଧନ କରିଥିଲେ ।

ସେ ଖୁବ୍ କୁହାଳିଆ ଥିଲେ; ପଞ୍ଚାୟତ ବସିଲେ ରାୟ ଲାଗି ଲୋକେ ତାଙ୍କରି ମୁହଁକୁ ଚାହିଁ ବସୁଥିଲେ । ଗ୍ରାମର ବିତ୍ତଶାଳୀ ବ୍ୟକ୍ତିମାନେ ତାଙ୍କର ତୀକ୍ଷ୍ଣ ବୁଦ୍ଧି, ଚାତୁର୍ଯ୍ୟ ଓ ସଂଗଠନଶକ୍ତି ନିକଟରେ ଚିର ଅବନତ ଥିଲେ; ତାଙ୍କର ଚିତ୍ତାକର୍ଷକ ବ୍ୟକ୍ତିତ୍ୱ ଲୋକସାଧାରଣଙ୍କ ହୃଦୟକୁ ଜୟ କରିବାକୁ ସମର୍ଥ ହୋଇଥିଲା । ଯାତ୍ରା ମେଳଣ, ହାଟ, ସର୍ବତ୍ର ଗୋଟିଏ ମଣିଷର ଘେର ତାଙ୍କ ସଙ୍ଗେସଙ୍ଗେ ଚାଲିଥିଲା; ସେ ବୁଦ୍ଧି ଦେଉଥିଲେ, ଅତ୍ୟାଚାରିତକୁ ରକ୍ଷା କରୁଥିଲେ, ଲୋକଙ୍କୁ ଖୁବ୍ ଖୁଆଉ ଥିଲେ । ତାଙ୍କ ମାମଲତପଣ, ବ୍ୟକ୍ତିତ୍ୱ ଓ କବିତ୍ୱ ସମାଜରେ ତାଙ୍କ ପ୍ରତିପତ୍ତି ଖୁବ୍ ବଢ଼ାଇ ଥିଲା ।

ସେ ଯେପରି ଜ୍ଞାନୀ, ସେହିପରି ମାନୀ ଥିଲେ; ସେ ମାଲିମକଦ୍ଦମା ପାଖ ମାଡ଼ୁ ନ ଥିଲେ; ପରୋପକାର ତାଙ୍କ ଜୀବନର ବ୍ରତ ଥିଲା; କିନ୍ତୁ ଖାଦ୍ୟପେୟରେ ଅସଂଯମ ହିଁ ତାଙ୍କ ଜୀବନର ମୁଦେଇ ହେଲା । ତାଙ୍କର ତିରୋଧାନ ସଙ୍ଗେ ସଙ୍ଗେ ଆମ ଗୃହର ଗୌରବ ବହୁଳାଂଶେ ନଷ୍ଟ ହୋଇଗଲା । ଗୃହକୁ କୁଣିଆମଇତ୍ର ଓ ଜନ ସ୍ରୋତର ବାଟ ପଡ଼ିଲା । ଆମଘର ହୋଇଗଲା ଗୋଟିଏ ମାଇପୀ ଘର । ଦାଣ୍ଡ ପାହାଚ ତଳ ଘାସରେ ଅରମା ହୋଇଗଲା ।

ଭାଇନା ତାଙ୍କ ଯତ୍ସାମାନ୍ୟ ଆୟରେ ପ୍ରାୟ ୩.ମାଣରେ ଗୋଟିଏ ବଢ଼କିଆରୀ କରିଥିଲେ, ଘରର ଚେହେରା ବଦଳେଇବାକୁ ଚେଷ୍ଟା କରିଥିଲେ; ଟୁମ୍ପଘରେ ଝରକାମାନ ବସିଥିଲା, ପେଡ଼ିପେଟରା ଜାଗାରେ ଟ୍ରଙ୍କ୍ ସୁଟ୍‌କେସ ଓ ଆଲମାରୀ ଆସି ରହିଥିଲା ।

ମୁଁ ଭୁଇନାଙ୍କ ନାମରେ 'ନବମାଳିକା' ପୁସ୍ତକଟି ଉତ୍ସର୍ଗ କରିଥିଲି—

ଗାଆଁ ଗହଳର କବି ଥିଲ ନବ ଭୁଇନା
ଯାତ୍ରା ଦଳକୁ ଆସୁଥିଲ କେତେ ବହିନା ।

X X X

ଡରୁଥିଲେ ଧନୀ ଜ୍ଞାନୀ ମାନୀ ତୁମ ଛାଇକି
ଆସୁଥିଲେ ଦୀନ ପଦଟିଏ କଥା ପାଇଁକି ।

X X X X

ବସିଗଲେ ସଭା ଚାଲିଗଲେ ପଟୁଆର ଯେ
ଆଁ କଲେ ଶ୍ଳୋକ ରଚିଲେ ଅଗ୍ନି ସରଜେ ।
ଲୋକ ଗୁଣେ ତୁମେ ହେଉଥିଲ ବିଷ ପୀୟୂଷ
ସବୁ ଅଣିଥିଲ ଆଣି ତ ନ ଥିଲ ଆୟୁଷ ।
କାହିଁ ଥିବ ତୁମେ କେଉଁ ରୂପେ ଆହେ ଭୁଇନା
ଡେଁି କି ପାରିବ ତହିଁ ମୋ କବିତା ମଇନା ?

## ଖଣ୍ଡିକି ନୁହନ୍ତି କି ପେଣ୍ଡିକି ନୁହନ୍ତି

ଯାତ୍ରାରୁ ମୁକୁଳିଲା ପରେ ଯାତ୍ରାପିଲା ଖଣ୍ଡିକି ହୁଅନ୍ତି ନାହିଁ, କି ପେଣ୍ଡିକି ହୁଅନ୍ତି ନାହିଁ । କୋଡ଼ିହଣା, ପାଣିବୁହା, ହଳକର, ଶଗଡବୁହା ଆଉ ଆଉ ଏ ନାହିଁ, ଛାଇତଳିଆ, ଉପରଖିଆ, ଉପରଠାଉରିଆ ହୋଇ ବଢ଼ିଥାନ୍ତି; କେଣି ଚରିତ୍ର କାହାର କାହାର ତଳକୁ ଖସି ଯାଇଥାଏ । ସେମାନେ ହୋଇଥାନ୍ତି ବହୁଳେ ଅନାଡ଼ି, ଅପଦାର୍ଥ ।

ଭୁଇନାଙ୍କ ଯାତ୍ରାଦଳର 'ଅଗାଧୂଆ'କୁ ସୁଧନ୍ୱା ପାର୍ଟ ଖୁବ୍ ମାନୁଥିଲା । ଢୋଲକିର ତାଳେ ତାଳେ ତାର ବୀରପାହୁଲ, ଠାଣିମାଣି ଏବେ ମୋର ମନେ ପଡ଼େ । ଯାତ୍ରା ଭାଙ୍ଗିଗଲା ପରେ ତାର ଚେହେରା ଶୁଖି ଶୁଖି ଶିରୀ ବଳିତା ହୋଇ ଯାଇଥିଲା ।

'ଗିରିଆ' ରାଣୀ ପାର୍ଟରେ ଦେଖଣାହାରୀଙ୍କ ଭିତରେ ଭାରି ଚହଳ ପକାଉ ଥିଲା । ତା ଆଖିର କଟାକ୍ଷ କଣ୍ଠର ସୁଲଳିତ ଗୀତ ବିଶେଷ ହୃଦୟଗ୍ରାହୀ ହେଉଥିଲା । ଯାତ୍ରାରୁ ଗଲା ପରେ ତାକୁ ମୁଢ଼ିପସରା ଧେନି ବୁଲିବାକୁ ହେଲା ।

ବେଶଭୂଷଣ ଶେଷ ହୋଇ ନ ଥିଲେ ସମୟର ପୂରକ ଭାବେ 'କାଳିଆଲୋକା' ଗୋଟାଏ କଳକଣ୍ଠ ସଙ୍ଗୀତ ଛାଡ଼ି ଦେଉଥିଲା । ଜନତାର କ୍ରମବର୍ଦ୍ଧିତ ଗୁଞ୍ଜନକୁ ଏହା ଆତ୍ମସାତ କରିଦେଉଥିଲା । ନାନା ଦିଗରେ ନିରାଶ ହୋଇ ସେ ଏବେ ସଂସାର ଛାଡ଼ିଛି ।

'ନଟିଆ'ର ଅବସ୍ଥା ଶୋଚନୀୟତମ ହୋଇଥିଲା । ଘରେ ବସି ସେ ପୈତୃକ ଜମି ଖଣ୍ଡିକ ପରେ ଖଣ୍ଡିଏ ବିକିଥିଲା । ବାକୀ ରହିଥିଲା ଭିହ ମାତ୍ର । ତଥାପି ଭାଗ୍ୟବାନ୍ ଥିଲା ସେ । ଭିକ୍ଷାବୃତ୍ତିର ଆଶ୍ରୟ ନେବା ଆଗରୁ ଦିନକ ବାଡ଼ି ପୋଖରୀରେ ସ୍ୱାମୀ ସ୍ତ୍ରୀ ଦୁହେଁ ଉକାଉକି ହୋଇ ଚାଲିଗଲେ ।

ଏ ସବୁ ଦୃଶ୍ୟ ମୋ ପକ୍ଷେ ଦୁଃସହ ହୋଇଥିଲା । ଯାତ୍ରା ଏକ ବ୍ୟୟବହୁଳ ଅନୁଷ୍ଠାନ, ବ୍ୟବସାୟବୁଦ୍ଧି ଓ ସଂଗଠନଶକ୍ତି ଅଭାବରୁ କୌଣସି ଯାତ୍ରାଦଳ ଏ ପ୍ରଦେଶରେ ଦୀର୍ଘସ୍ଥାୟୀ ହୁଏନାହିଁ । ଯାତ୍ରାପିଲାଙ୍କର କଳାସାଧନା ଏକ ନୈରାଶ୍ୟଜନକ କାରୁଣ୍ୟରେ ପରିଣତ ହୁଏ, ଭଇନାଙ୍କ ଜୀବନର କରୁଣାନ୍ତ ନାଟକ ମୁଁ ଦେଖୁଥିଲି ଯାତ୍ରାପିଲାମାନଙ୍କ ହାହାମୟ ଦୁଃସ୍ଥିତିରେ । ରୂଢ଼ ସଂସାରର ସମ୍ମୁଖୀନ ହେବାକୁ ସତେ ଯେପରି ସେମାନେ ଅକ୍ଷମ, ଅସମର୍ଥ ଥିଲେ ।

## ଛିନ୍ନ ପତ୍ର

ନନା ପାଟୁଆ ଗୀତରୁ କିଛି କିଛି ତାଳପତ୍ର ଖେଦାରେ ଲେଖି ଦେଇଥିଲେ । ଭଇନା ପାଟୁଆ ଗୀତ ଓ ଯାତ୍ରା ନାଟକସବୁ କାଗଜରେ ଲେଖି ଦେଲେ । ନାଟକ ସବୁ ପାତ୍ରପାତ୍ରୀମାନଙ୍କୁ ପାର୍ଟ ଅନୁସାରେ ଲେଖି ଦିଆ ହେଉଥିଲା । ତେଣୁ ପୂର୍ଣ୍ଣାଙ୍ଗ ନାଟକ ଖୋଜି ଖୋଜି ମୁଁ ନିରସ୍ତ ହେଲି । ଯେଉଁମାନେ ରାଜା, ମନ୍ତ୍ରୀ, ରାଣୀ ପାର୍ଟ ନେଉଥିଲେ, ସେମାନେ ଜୀବନଭୂମିକାରେ ବହୁତ ପଛରେ ପଡ଼ିଗଲେ; ଦୁଃସହ ଦରିଦ୍ର ଜୀବନ ମଧ୍ୟରେ ସରସ ଯାତ୍ରାଗୀତସବୁ ଲାଳିକା ପରି ଶୁଣା ଯାଉଥିଲା । ତଥାପି କେତେ କାଳ ଏହା ଥିଲା ଯାତ୍ରା 'ନକ୍ଷତ୍ର'ମାନଙ୍କର ସୁଖସ୍ୱପ୍ନ । ସେସବୁ ପୂରାପୂରି ଲିଭିଗଲା ବେଳକୁ ମୁଁ 'ମୋ କାହାଣୀ' ଲେଖିଲି । ଭଇନାଙ୍କ କବିତ୍ୱର ସ୍ମୃତି ଖୋଜିଲି । ମିଳିଲା କେତେକ ପାତ୍ର-ପାତ୍ରୀଙ୍କ ଛିନ୍ନପତ୍ର ମାତ୍ର, ପରସ୍ପର ସହିତ ଅସଂଲଗ୍ନ । ତଥାପି ଘରପୋଡ଼ିରୁ କୁଟାଖିଏ ଲାଭ । ଟିକିଏ ସଂଳାପ, ଗୋଟାଏ ବା ଫାଳେ ଗୀତ, ପରସ୍ପର ସହିତ ଅସଂପୃକ୍ତ ଏହି ଛିନ୍ନ ପୃଷ୍ଠାମାନ ମୁଁ ଦେଇଛି, ଘନଶ୍ୟାମୀ କବିତ୍ୱର କେତେ ବିନ୍ଦୁ ପ୍ରାଣସ୍ପନ୍ଦନ ଅନୁଭବ କରିବା ପାଇଁ । ଏହା ତାଙ୍କର ସ୍ମୃତିସ୍ତମ୍ଭ ନୁହେଁ, ଗୋଟିଏ ପାଷାଣଫଳକ ମଧ୍ୟ ନୁହେଁ; କେତୋଟି କରୁଣ, କୋମଳ, ଶୋକୋଚ୍ଛ୍ୱସିତ ରେଖା ମାତ୍ର ।

ବହୁ ପାଲା, ପାଟୁଆ, ଦଣ୍ଡନାଟ ଓ ଯାତ୍ରାକବିଙ୍କ ନାମ ଓଡ଼ିଆ ସାହିତ୍ୟ ଇତିହାସରୁ ଏହିପରି ଲୋପ ପାଇ ଯାଇଛି । ଜୀବନକାଳ ମଧ୍ୟରେ ସେମାନେ ଯେତେ ଶ୍ରଦ୍ଧାସମ୍ମାନ ଲାଭ କରିଥିଲେ, କୌଣସି ନଗରକବିଙ୍କ ଭାଗ୍ୟରେ ତାହା ହୁଏତ ଯୁଟିନାହିଁ । ଛିନ୍ନପତ୍ର ଏକ କ୍ଷୀଣ ଆଭାସ ଚିତ୍ର, ଯହିଁରେ ଭଇନାଙ୍କ ପ୍ରତିଭାର ଆଭା ନାହିଁ—ତଥାପି ତାଙ୍କ ଜୁଇ ଗାତର କେତୋଟି ଦୂର୍ବାଦଳ ପରି, ରମ୍ଭା ଉଠିଥିବା ବଣୁଆ ଗଛର ଫୁଲ ପରି ଏହା ଆକର୍ଷଣ କରେ ।

'ବିଦେଶୀ ଭିକାରୀ' କବିତାଟିର କାରୁଣ୍ୟ, ମାଧୁରୀ ଓ ବ୍ୟଞ୍ଜନା ଅପୂର୍ବ । ଏହା ରେକର୍ଡ଼ କରାଯାଇଥିଲା । ସ୍ମୃତିରୁ ଆଂଶିକ ଭାବେ ଉଦ୍ଧୃତ ହେଲା ।

ବିଦେଶୀ ଭିକାରୀ

ବିଦେଶୀ ଭିକାରୀ ମୋର ବିଦେଶୀ ଭିକାରୀ
ନିତି ଆସୁ ମୋ ଦୁଆରେ ନିତି ଯାଉ ଫେରି
ମହୁଲ ବନେ ଥାଏ ସେ ଲୋ ମହୁଲ ବନେ ଥାଏ
ନିତି ଆସି ମୋ ଦୁଆରେ ଗୀତ ଗାଇଯାଏ

ଭିକ ଦେଲେ କହେ ସେଇ ନାହିଁ ମୋର ଆଳି
ଫେରି ଫେରି ଚାହୁଁଥାଏ ମୋ ଗଳାର ମାଳ
ଝନକା ଲାଗେ ମୋ କାଳେ ମାଳା ଯିବ ଚୋରି
ଚୋର ବିଦେଶୀ ଭିକାରୀ ...।

ମୁକ୍ତ ଛନ୍ଦରେ ଯାତ୍ରାନାୟକର ଗୋଟିଏ ସଂକ୍ଷିପ୍ତ ଭାଷଣ, ଉଦ୍ଦୀପନାମୂଳକ।

"ଉଠ ବୀର ପରିହରି ଅବସାଦ ମନୁଁ
ବଜାଅରେ ରଣ ଶିଙ୍ଗା
କମ୍ପି ଉଠୁ କଳିଙ୍ଗର ଶିଖର କନ୍ଦର
ଗର୍ଜି ଉଠୁ ମହୋଦଧି ନୀଳ ଊର୍ମି ତୋଳି
ଗଙ୍ଗା ଗୋଦାବରୀ କୃଷ୍ଣା ହିଲ୍ଲୋଳେ କଲ୍ଲୋଳେ
ଗାଅରେ ଗୀତିକା ତୋର
ନାଚି ଉଠୁ ପ୍ରତି ବୀର ହିଆ
ବାନ୍ଧି ଶିରେ ଶିରସ୍ତ୍ରାଣ
କଟିତଟେ ଖର କରବାଳ
ପ୍ରାଣ ଦିଅ ହସି ହସି ମାତୃଭୂମି ଲାଗି।"

ସଖୀର ଗୀତ—

"ଗୋଲାପ ବଧୂ ସଖୀ ଆଜି ରୁଷି-ବସିଛି
ତା ନାଗର ପ୍ରୀତି ଚୋର ଦଗା ଦେଇଛି
ସଖୀ ମୋର ରୁଷି ବସିଛି।
ଫୁଲରାଣୀ କଅଁଳ ମୁହଁ
ଶୁଖିଲାଣି ବହୁଚି ଲୁହ
ଲାଜରେ ପଣତ ଟେରି ନଇଁ ପଡ଼ିଛି
ସଖୀ ମୋର ରୁଷି ବସିଛି।"

ଯାତ୍ରାରେ ନିୟତି—

୧—ଏ ଜୀବନେ କେତେବେଳେ କି ଘଟି ପାରେ
ବିଧି ଯାହା ନିହିଥାଏ ନିଜ କପାଳେ
ଆଜି ରାଜଗାଦି ସୁଖ
କାଲି ମିଳେ ମହା ଦୁଃଖ
ବୁଲି ବୁଲି ଭିକ୍ଷା ମାଗେ ଏହି ସଂସାରେ।
୨—କୁକର୍ମ କରୁ ଦୁର୍ମତି ରେ ଧରପତି
ବୁଝ ମନ୍ତ୍ରୀଙ୍କର ପଦ
ନଦେଲେ ଭୋଗିବୁ ପ୍ରମାଦ
କି ହେବ ଭାବୁ ତୋର ଗତି ?—
ତୋପରି କେତେ ନରେଶ
ଶେଷେ ସ୍ୱର୍ଗେ କଲେ ବାସ
ଅନ୍ତେ ପାଇବୁ ଅପଖ୍ୟାତି ରେ—

**୩ —କାନି ପଣତେ ଆଖି ପାଣି ପୋଛିବୁ ଲୋ**
ପରେ ମାରି ଘରେ ଏବେ ନାଚିବୁ ଲୋ
ପରକୁ କନ୍ଦାଇଥିଲୁ
ନିଜେ ଏବେ କାନ୍ଦି ମଲୁ
ଅନ୍ଧ ହେଲୁ ଆଉ କିସ ପାଞ୍ଚିବୁ ଲୋ ।
ଅଣ୍ଟାଳି ନୁହ ଭୂଇଁକି
କ୍ଷମା ମାଗ ଲୋ ଯାଇ କି
ବସି ଦୁଃଖାନଳ ଅଙ୍ଗେ ବିଞ୍ଚିବୁ ଲୋ ।

୪ —ଅଢ଼େଇ ଦିନଟି ମନ
ପାଣି ପରି ଯିବ ବହି
ରହିବ ନାହିଁ ରେ ବୃଥା ଗର୍ବ
ରହିବ ନାହିଁ
ଜଗତରେ ବୁଝିଯାକ ନିୟତିର ଆୟତ୍ତ
ଭ୍ରମରେ ପଡ଼ିଣ ନର ହୋନ୍ତି ଆତଯାତ
ବୁଢ଼ିଆଣୀ ସୂତା ପରି ଲଗାଉଛୁ ହୁନ୍ଦର
ଛିଡ଼ିଯିବ ନ ପଡ଼ିବ କେହି ଏହି ଫାନ୍ଦର
ସୁଖର ସଂସାର ଭାଙ୍ଗିବ ନିକର
ରଖିବୁ କାହିଁ ରେ ?

## ଦିଅଣା ପଇସା ରହିଲା

ଆଜି ତ ମାସର ପହିଲା
ଆଜି ତ ମାସର ପହିଲା
ଝିଅ ମାଗେ ଟଙ୍କା ନୂଆ ବହି ପାଇଁ
ପୁରୁଣା ଗଲାଣି ଚିରି ହେ
ପୁଅ ମାଗେ ଦିଅ କଲେଜ ଦରମା
ନାଆଁ କଟିଯିବ କାଲି ହେ
ସେତିକି ବେଳକୁ ବରଦ୍ ଫରଦ
ଧରିଣ ଘରଣୀ ଅଇଲା ।
ସେତିକି ବେଳକୁ ଲାଗୁଆ ଗଉଡ଼
ଦୁଧ ଦାମ୍ ଆସି ମାଗେ ହେ
ଜଳଖିଆବାଲା ବାକୀ ଖାତା ଧରି
ହିସାବ କରଇ ଆଗେ ହେ
ସେତିକି ବେଳକୁ ସାଇ ପିଲାମାନେ
ଥେଟର କରିବେ ବୋଲି
ଚାନ୍ଦା ମାଗି ଗଲେ ଭରି ମୋ ରାଗରେ
ମୁହଁ ପଡ଼ିଗଲା ନାଲି
ଦେଇ ଦେଇ ସବୁ ବାକ୍ସରେ ଜମା ଦିଅଣା ପଇସା ରହିଲା ।

# ହେମ ଭାଉଜ

ମୋ ଭାଉଜଙ୍କ ନାଆଁ ହେମଲତା; ତାଙ୍କ ନାମ ସହିତ ମିଳାଇ ମୋ ସ୍ତ୍ରୀଙ୍କ ନାମ ବେଦୀରେ ପ୍ରେମଲତା ଦେଇଥିଲି । ଭାଉଜଙ୍କ ଚାଲି ଯେପରି ଥିର, କଥା ସେହିପରି ଧୀର, ଚେହେରା ଯେପରି ସୁନ୍ଦର, ଆଚରଣ ସେହିପରି ମଧୁର । ରନ୍ଧାବଢ଼ା, କୁଣିଆଁ ମଇତ୍ର ଚର୍ଚ୍ଚା, ଶାଶୂ ଶ୍ୱଶୁରଙ୍କ ସେବା କାହିଁରେ କିଛି ଖୁଣିବାର ନ ଥିଲା । ସେ ଦିଅରମାନଙ୍କ ମନ ଘେନି ଚଳୁଥିଲେ, ସାଇପଡ଼ିଶାଙ୍କୁ ଆପଣାର କରି ପାରିଥିଲେ । ତାଙ୍କ କାନରେ ଡାକ ବାଜିଲେ ଯୋଗୀ ଭିକାରୀ କାହାକୁ ସେ ନିରାଶ କରି ଫେରାଇ ଦେଉ ନ ଥିଲେ । ଓଷାବ୍ରତ, ପୁଣ୍ୟପର୍ବ ଯଥାରୀତି ପାଳୁଥିଲେ, ଗୃହର ମାନମର୍ଯ୍ୟାଦା ସର୍ବତୋଭାବେ ରକ୍ଷା କରୁଥିଲେ ।

କିନ୍ତୁ ଭାଗ୍ୟହୀନା, ଅଳ୍ପ ବୟସରେ ତାଙ୍କୁ ବୈଧବ୍ୟଦୁଃଖ ସହିବାକୁ ହୋଇଥିଲା । ମନ ମାରି ସାରାଜୀବନ ସେ ଖଣ୍ଡାଧାରରେ ହିଁ ଚାଲିଥିଲେ । ବୋଉର ମୃତ୍ୟୁ ପରେ ସେ ଆମ ସମସ୍ତଙ୍କର ଅଭିଭାବିକା ହୋଇଥିଲେ । ସନ୍ତାନହୀନା, ଶିଶୁପାଳନର ସୁଖ ସେ ଜୀବନରେ ଅନୁଭବ କରି ନ ଥିଲେ । ତାଙ୍କର ଜାଆଁଳା ଶିଶୁ ଜନ୍ମ ହେବା ମାତ୍ରେ ମୃତ୍ୟୁମୁଖରେ ପଡ଼ିଥିଲେ । ସେ ସ୍ୱଭାବତଃ ହୋଇ ପଡ଼ିଥିଲେ ପିଲାରଙ୍କୁଣୀ ।

କିନ୍ତୁ ଆମ୍ବ ବଦଳରେ ଜୁଟିଲା ଆମ୍ବଡ଼ା । ହାରନାନୀ ମଲା ପରେ ଆମ ଗୃହରେ ଆଶ୍ରିତ, ଲାଳିତପାଳିତ ପ୍ରଭାକର ତାଙ୍କର ପୋଷିଆଁ ପୁଅ ହୋଇ ରହିଲା । ବିବାହ ପରେ ତା'ର ପ୍ରତିବର୍ଷ ଗୋଟିଏ ଗୋଟିଏ ସନ୍ତାନ ହେବାକୁ ଲାଗିଲା । ଭାଉଜ ସେମାନଙ୍କୁ ପାଳିବାରେ ନିଜର ଖିଆପିଆ, ବିଶ୍ରାମ, ଧର୍ମକର୍ମ ଭୁଲିଲେ ।

ହଠାତ୍ ବୃହତ ସମ୍ପତ୍ତି ଲାଭ କୁଳ ନନ୍ଦନ ଭଣଜାକୁ କରିଥିଲା ଉନ୍ମାର୍ଗଗାମୀ—ତାଆସ, ପଶା ତା'ପରେ ଜୁଆ ଖେଳରେ ସେ ମାତି ଉଠିଥିଲା । ଭାଉଜ ତାଆରି ଚିନ୍ତାରେ ହିଁ ଭାଙ୍ଗିପଡ଼ନ୍ତି, ଯାହାଙ୍କୁ ଘେନି ସେ ଭଙ୍ଗା ଘରକୁ ଉଠାଇବେ ବୋଲି ବସିଥିଲେ ।

# ପଦିଆ

ମୋ ତଳେ ଗୋଟିଏ ସାନ ଭାଇ ଥିଲା—ତା ନାଆଁ ପଦିଆ (ପଦ୍ମନାଭ); ସୁସ୍ଥ ସବଳ; ସେ ଭଲ ପଢ଼ୁ ନ ଥିଲା, ନନା ତାକୁ ଚାଷକାମରେ ଭର୍ତ୍ତି କରିବେ ବୋଲି ମୂଳରୁ ତାଲିମ ଦେଉଥିଲେ । 'ତୁଳସୀ ଚଉରା' ଗ୍ରାମର ଜଣେ ବ୍ରାହ୍ମଣ ଦିନେ ଆସି ନନାଙ୍କୁ କହିଲା—ତୁମର ତ ପୁଅ ଝିଅ ଛ' ହେଲେଣି; ମତେ ଏଥିରୁ ଗୋଟିଏ ପୁଅ କରି ଦିଅ । ଲୋକେ ଜାଣନ୍ତି—'ପୋଷା ପୁଅ, ଗୁଞ୍ଜା ରୁଅ, ତକିଲା ବେଳେ ନ କରନ୍ତି ଉଅ'; ତଥାପି ମଲା ପରେ ସମ୍ପତ୍ତି ଭୂତ ଖାଇବେ, ଡିହରେ ବିଲୁଆ ତେଇଁବେ, ବଡ଼ବଡ଼ିଆଙ୍କୁ ପାଣି ଟୋପିଏ ଦେବାକୁ କେହି ରହିବେ ନାହିଁ—ଏ ବେଦନା ଅସହ୍ୟ; ମଲାବେଳକୁ ପାଟିରେ ଶେଷ ଢୋକ ମାହାର୍ଦ୍ଦ ପାଣି ଟୋପେ ଦେବ, ଭାଗବତ ଅଧ୍ୟାୟେ ପଢ଼ିବ, ବିଚାରି ବୃଦ୍ଧ ପୋଷିଆଁ ପୁଅଟିଏ

କରିବା ଲାଗି ବଡ଼ ଆଶାରେ ଆସିଥିଲେ । ନନା ତାଙ୍କ ଆଶା ଭାଙ୍ଗିଲେ ନାହିଁ; ଏତିକି ଭୂସମ୍ପତ୍ତିରେ, ଏଇ ସାମାନ୍ୟ ରୋଜଗାରରେ ଏତେ ପିଲାଙ୍କୁ ଚଳାଇବେ କେମିତି ? ପୁଅମାନେ ଭିନେ ହେଲେ ଭାଗକେ କେତେ ସମ୍ପତ୍ତି ପଡ଼ିବ ?

କିନ୍ତୁ ବୋଉ ଏକଦମ୍ ଗର୍‌ଜି । 'କେତେବେଳେ ବୃକ୍ଷକୁ ଫଳ କି ହୁଏ ଭାରି ?'

ପଦିଆ ହୁଏତ ଆମ ଭିତରେ ସବୁଠୁଁ ନିକମା ଥିଲା; ତାର ବୁଦ୍ଧି ଫିଟି ନ ଥିଲା । ଗୃହବାସ ବୁଝିବା ଲାଗି ତାର ବୟସ ହୋଇ ନ ଥିଲା । ବୋଉର କାନ୍ଦବୋବାଳି ସତ୍ତ୍ୱେ ପଦିଆ ପୋଷିଆଁ ପୁଅ ହୋଇ 'ତୁଳସୀ ଚଉରା' ଗାଁକୁ ଗଲା । ତାର ନୂଆ ବାପମାଆଙ୍କ ଘରେ ଦଶ ପନ୍ଦର ଦିନ ରହିଲା । କିନ୍ତୁ ଏଣେ ଘରେ ଅବସ୍ଥା ଅସମ୍ଭାଳ ହୋଇ ପଡ଼ିଲା । ବୋଉ ଦାନା ଛାଡ଼ିଲା; ପଦିଆ ପିଠିରେ ମୁଁ ହାତସୁଖ କରୁଥିଲି, ତା ସଙ୍ଗେ ଖେଳ, ତା ସଙ୍ଗେ ମାଡ଼ଗୋଳ । ମତେ କିଛି ଭଲ ଲାଗୁ ନ ଥିଲା । ତେଣେ ପଦିଆ ବି ତାର ନୂଆ ବାପମାଆଙ୍କୁ ମାନୁ ନ ଥିଲା—ତାକୁ ଭୁଲାଇ ରଖିବା ଲାଗି ବ୍ରାହ୍ମଣର ସେପରି ସମ୍ପତ୍ତିବାଡ଼ି ନ ଥିଲା; ଦୁଇ ତିନିମାଣ ଜମି ମାତ୍ର; ସବୁତକ ଭାଗ ଲାଗିଥିଲା; ଘରେ ଓଳିଆ, ପୁଡ଼ା ହୋଇ ପୁଞ୍ଜାଏ ବି ପୁଞ୍ଜା ନ ଥିଲା; ଧାନ ରଖିବା ଲାଗି କୋଠି ବା ମରେଇ ନ ଥିଲା । ଗାଈ ବଳଦ ତ ନଥିଲେ, ଓଳିଏ ତବାତ; ଓଳିଏ ପଖାଳ, ଶାଗ । ପଦିଆ ରହନ୍ତା କେଉଁ ଆକର୍ଷଣରେ ? ନନାଙ୍କ ସାଙ୍ଗରେ ମୁଁ ଦିନେ ତାକୁ ଆଣିବାକୁ ଗଲି । ତାକୁ ବୁଝେଇଶୁଝେଇ ଛାଡ଼ି ଦେଇଯିବୁ ବୋଲି କହି ଘରକୁ ଆଣିଲୁ । କିନ୍ତୁ ପଦିଆ ଫେରି ଯିବାକୁ ମୋଟେ ମଙ୍ଗିଲା ନାହିଁ ।

କିନ୍ତୁ ସେହି ବୃଦ୍ଧ ବ୍ରାହ୍ମଣର ନିଃଶ୍ୱାସ ପଡ଼ିଲା କି କ'ଣ, କେତେଦିନ ପରେ ପଦିଆକୁ ନାଳରକ୍ତ ଝାଡ଼ା ହେଲା । ପ୍ରାୟ ଛ'ମାସ କାଳ ସେଇ ରୋଗରେ ସେ ଘୁଷୁରିଲା । ଘରଦ୍ୱାର ଦୁର୍ଗନ୍ଧ ହୋଇଗଲା । ଗରମ ପାଣି କନାରେ ତାକୁ କେହି ପୋଛି ଦେଉ ନ ଥିଲା; ଦିହରେ ବସିଥିଲା ଆଙ୍ଗୁଳେ ମଳି । ନନାଙ୍କ କବିରାଜୀ ଫେଲ୍ ମାଇଲା, ଆପଣା ହାତ ତିଆରି ଓଷଦ ଘର ରୋଗୀକି ଧରେନାହିଁ । ନିରାଶ ହୋଇ ନନା ମକୁନ୍ଦା ବଣିଆକୁ ଡକାଇଲେ । ମକୁନ୍ଦା ସେତେବେଳେ ବଡ଼ ବୈଦ୍ୟ । ସେ ଦଶ ଗୌଣୀ ଧାନ ନେଲା । କେତେ ଛେଲି କୁଟିକାଟି ବଟିକା ତିଆରି କଲା । କିନ୍ତୁ ସେତେବେଳକୁ ପଦିଆର ସରଘର ବାହାରି ପଡ଼ିଥାଏ; କୁଛାଣରେ ସାଇ କମ୍ପୁଥାଏ । ଶୂଳା ହଗାର ଶୂଳା ବନ୍ଦ କରିବା ଲାଗି ହରିଣ ଶିଙ୍ଗ ଧୂଆଁ ଦିଆ ହୋଇଥିଲା । ସେତେବେଳେ ଦୁର୍ଭାଗ୍ୟକୁ ନନା ବି ଶକ୍ତ ବେମାରିରେ ପଡ଼ିଲେ । ପଦିଆର ଚିକିତ୍ସା ବନ୍ଦ ହୋଇଗଲା; ସେ ମୃତ୍ୟୁ ସହିତ ଅହୋରାତ୍ର ଯୁଦ୍ଧ କରୁଥିଲା । ଉପଯୁକ୍ତ ଚିକିତ୍ସା ଅଭାବରୁ କଡ଼ରାଲଗା ହୋଇ ଦିନେ ପଦିଆର ପ୍ରାଣବାୟୁ ଉଡ଼ିଗଲା । ନନା ପ୍ରାୟ ମରଣ ମୁହଁରୁ ଫେରିଲେ । ବୋଉ ବିଳାପ କରୁ କରୁ କହୁଥିଲା—ମୁଁ ଗୁଣ୍ଡାଳୀ କାହିଁକି ମନା କଲି ? ପୋଷିଆଁ ପଛେ ହେଉ, ମୋ ପୁଅ ତ ଜୀଇଁଥାନ୍ତା ।

ପୁଣି କହୁଥିଲା—ଏ (ନନା) ଏତେବେଳେ ଛାଡ଼ି ଯାଇଥିଲେ ଘର ଭାଙ୍ଗି ଯାଇଥାନ୍ତା । ପଦିଆ ମୁଣ୍ଡରେ ବିପଦଟା କଟିଗଲା ପରା ।

# ଉଦିଆ

ନନାଙ୍କ ଅର୍ଥବନ୍ଧୀ ଗୀତ ଉପରେ ଉପେନ୍ଦ୍ର ଭଞ୍ଜଙ୍କର ବିଶେଷ ପ୍ରଭାବ ଥିଲା । ପ୍ରିୟ କବିଙ୍କୁ ସ୍ମରଣୀୟ ରଖିବା ଲାଗି ନନା ସବା ସାନ ପୁଅଟିର ନାମ ଉପେନ୍ଦ୍ର ରଖିଥିଲେ । ଏହି ନାମ ଗୋପ୍ୟ ହୋଇଗଲା । କିଶୋର ଜୀବନରେ କବିତା ଲେଖୁଥିଲେ ବି ବିପରୀତମୁଖୀ ଡାକ୍ତରୀ ପଢ଼ାର ଚାପରେ ଉଦୟ କବିତା ଲେଖା ଛାଡ଼ିଦେଲା ।

ସୂର୍ଯ୍ୟୋଦୟ କାଳରେ (୧୯୨୩, ଜାନୁୟାରୀ ପହିଲା) ତାର ଜନ୍ମ । ତେଣୁ ନାମ ହୋଇଥିଲା 'ଉଦିଆ'—ଲେଖା ନାମ ଉଦୟନାଥ । ବଞ୍ଚିଥିବା ଯାକେ ବୋଉ ଉଦିଆର ଜନ୍ମଦିନ ଧର୍ମଦେବତାଙ୍କୁ ଉଦୟ କାକରା ଓ ଖିରୀ ଭୋଗ କରୁଥିଲା, ପୂର୍ବ ଦିଗରେ ସିନ୍ଦୂର ଫାଟିବା ବେଳେ ।

କୋଡ଼ପୋଛା ପୁଅ, ବଡ଼ ଗେଲବସରରେ ବଢ଼ିଥିଲା ସେ । ଫଳରେ ହୋଇଥିଲା କିଛିଟା ଜିଦିଖୋର୍ । ବାସି ଆଡ଼ତିକୁ ପଛକୁ ପକାଇ ବୋଉ ତା ପାଇଁ 'ଘଡ଼ିଭାତ' ବସାଇ ଦେଉଥିଲା । ସେବାରେ ଟିକିଏ ଖିଲାପ ଘଟିଲେ ବାବୁ ଚାହା ଧରି କାନ୍ଦି କମ୍ପାଉଥିଲେ—'ବଡ଼ ଶୁଖୁଆ ପୋଡ଼ି ବଡ଼ ଥାଳିଆରେ ଭାତ ଦେ' ବୋଲି ମୁଁ କହିଲି । ଏଇ ଦୁହାଟି ଘଣ୍ଟା ଘଣ୍ଟା ଚାଲେ । ବାବୁଙ୍କ ଜିଦ୍ ରହେ । ବଡ଼ ଥାଳିଆରେ ଶୁଖୁଆପୋଡ଼ା, ଭାତ ବଢ଼ା ହୁଏ । ଲୁହ ରଡ଼ ବନ୍ଦ ହୁଏ ।

ଗାଁ ପିଲାମାନେ ତାକୁ ଚିଡ଼ାଉଥିଲେ—ଉଦିଆ, କୁଦୁକୁଦିଆ, ସତରେ କୁଦା ମାରି ସେ ବହୁତ ଉଚ୍ଚକୁ ଡେଇଁ ଚାଲିଗଲା—ଏବେ ଆଖି ପାଏନାହିଁ । ଉଦୟନାଥ ଆମ ପରିବାରର ସର୍ବଶ୍ରେଷ୍ଠ ସନ୍ତାନ । ତାର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଛି—ଛାତ୍ର ଜୀବନର କୃତିତ୍ୱରେ, ବହୁ ଉପାର୍ଜନ, ଅର୍ଥର ସଦୁପଯୋଗ ଓ ବିପୁଳ ଯଶ ପ୍ରତିଷ୍ଠାରେ । ତାର ଜୀବନଯାତ୍ରାର ମାନ ଆମ ପରିବାରରେ ଉଚ୍ଚତମ । ଆମ ପରିବାରର ମାନବୃଦ୍ଧି ଲାଗି ତାର ଯତ୍ନର ଅନ୍ତ ନାହିଁ ।

ତାର ସ୍ମୃତି ତୀକ୍ଷ୍ଣ, ବୁଦ୍ଧି ପ୍ରଖର ଥିଲା । ପିଠିରେ ବେତ ବାଜି ନ ଥିଲା । ସେ ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଇନର, ମାଟ୍ରିକ, ଆଇ. ଏସ୍. ସି. ସର୍ବତ୍ର ବୃତ୍ତି ପାଇଥିଲା । ନିଜର ପଢ଼ାଖର୍ଚ୍ଚ ତୁଲାଇବାକୁ ବହୁଳାଂଶେ ସମର୍ଥ ହୋଇଥିଲା । ସେ ଆଇ. ଏସ୍. ସି. ପଢ଼ିବା ପର୍ଯ୍ୟନ୍ତ ମୋ ଟିଉସନ ଲବ୍ଧ ଅର୍ଥରୁ ମୁଁ ଯତ୍ ସାମାନ୍ୟ ସାହାଯ୍ୟ କରିଥିଲି । ଆଇ. ଏସ୍. ସି. ପରେ ସେ ନୂତନ ମେଡ଼ିକାଲ କଲେଜରେ (ଶ୍ରୀ ରାମଚନ୍ଦ୍ର ଭଞ୍ଜ) ଏମ୍. ବି. ବି. ଏସ୍. ପଢ଼ିଲା । ଏଇ କଲେଜର ପ୍ରଥମ ଛାତ୍ରଦଳର ଅନ୍ତର୍ଭୁକ୍ତ ଥିଲା । ମେଡ଼ିକାଲ ପରୀକ୍ଷାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏକବର୍ଷ ହାଉସ୍ ସର୍ଜନ ହେଲାପରେ ସେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତିଲାଭ କରିଥିଲା । ଉପାର୍ଜନ ଓ ସାମାଜିକ ପ୍ରତିଷ୍ଠା ବଢ଼ି ଆସୁଥିବା ବେଳେ ସେ ଏଫ୍. ଆର୍. ସି ଏସ୍. ପଢ଼ିବା ଲାଗି ଆମେରିକା ଯାତ୍ରା କଲା । କାନେଡ଼ାରେ ଉକ୍ତ ପରୀକ୍ଷା ଦେଇ ସେ ଶୀର୍ଷ ସ୍ଥାନ ଅଧିକାର କରିଥିଲା; କିନ୍ତୁ ଭାରତକୁ ଫେରି ଆସିଲାନାହିଁ । ସେ ସେଠି ସ୍ଥାୟୀ ବାସିନ୍ଦା ହୋଇ ରହିଲା ଓ ସେଠା ପରୀକ୍ଷାସବୁ ଦେଇ ଘରୋଇ ଚିକିତ୍ସକ ଭାବରେ ଉପାର୍ଜନ କରିବାକୁ ଲାଗିଲା । ସେ ଆମେରିକାର ସେଣ୍ଟ୍ ଲୁଇସ୍

**ସହରରେ ଡଃ ବର୍ଣ୍ଣ, ମେକ୍‌ସିକୋର ଡଃ ହରନାଣ୍ଡିଜ୍‌ଙ୍କ ସଙ୍ଗେ ମିଶି ଗୋଟିଏ ଖାଦ୍ୟସର୍ଜନଗୋଷ୍ଠୀ ଗଢ଼ିଥିଲୁ । ଅର୍ଜିତ ଅର୍ଥ ତିନିଜଣଯାକ ସମଭାବରେ ବାଣ୍ଟି** ନେଉଥିଲେ । ଏବେ ସେ ଏହି ଗୋଷ୍ଠୀକୁ ଛାଡ଼ି ସ୍ୱାଧୀନ ବ୍ୟବସାୟ କରୁଛି ।

ସେ ଏଫ୍‌. ଆର୍‌. ସି ଏସ୍‌. ପଢ଼ିବାକୁ ଯାଇଥିବା ବେଳେ ଶ୍ରୀକର ରାଓଙ୍କ କନ୍ୟା ଡାକ୍ତରଣୀ ଶ୍ରୀମତୀ ଇରାଦେବୀଙ୍କୁ ବିଭା କରିଥିଲା । ଇରା ଦାର୍‌ଜିଲିଂ ପବ୍ଲିକ୍ ସ୍କୁଲର ଛାତ୍ରୀ ଥିଲା, ତାପରେ ମାନ୍ଦ୍ରାଜ ମେଡ଼ିକାଲ କଲେଜରେ ପଢ଼ିଥିଲା । ତା ବାପା ଶ୍ରୀକର ରାଓଙ୍କର ନିୟମିତ ସ୍କୁଲ, କଲେଜ ଶିକ୍ଷା ନ ଥିଲା । ସେ ସାଧୁତା ଓ ଅଧ୍ୟବସାୟ ବଳରେ କିରାନୀସ୍ତରରୁ ବିଦେଶୀ ତେଲ କମ୍ପାନୀର ବଡ଼ ଅଫିସର ହୋଇ ମାସକୁ ପ୍ରାୟ ଆଠ ହଜାର ଟଙ୍କା ବେତନ ପାଉଥିଲେ । ସେ ସରଳ ଓ ଚିର ଆତ୍ମନିର୍ଭରଶୀଳ । ତାଙ୍କ ଘର ମାଙ୍ଗାଲୋରରେ ଥିଲା, ଏବେ ପୁନାରେ ସେ କଙ୍କଣ ଭାଷାଭାଷୀ ।

ଇରା ଶିଶୁ ଆନାସ୍‌ଥେସିଆ ବିଶେଷଜ୍ଞା । ଘରଜଞ୍ଜାଳ ବୁଝି ସେ ସପ୍ତାହରେ ଦୁଇ ତିନି ଥର ଡାକ୍ତରଖାନାରେ କାମ କରେ । ତାର ଗୀତା, ମୀରା ନାମରେ ଦୁଇଟି ଝିଅ, ନିଖିଳ ନାମରେ ଗୋଟିଏ ପୁଅ । ଆମ ପରିବାରର ସମସ୍ତଙ୍କୁ ସେ ନିଜର କରିପାରିଛି ।

ଅନ୍ୟ ଭାଷାଭାଷିନୀ ବୋଲି ଭାବିବାକୁ କାହାକୁ ଅବସର ଦେଇନାହିଁ । ସମଗ୍ର ପରିବାର, ଉଦୟର ଜନ୍ମସ୍ଥାନ ଓ ଅଞ୍ଚଳର ଏକାନ୍ତ କଲ୍ୟାଣତତ୍ପରା— ଯଥାର୍ଥ ଦୁହିତା—ଦୁଇକୁଳକୁ ହିତା ।

# ଷଠୀ ଘରୁ ଧୂଳଘର, ଗୃହାଳୀ ଗ୍ରେର

ଷଠୀ ଘର ସର୍ବପ୍ରଥମ ସ୍ମୃତି ଚିହ୍ନ; ବଡ଼ବଡ଼ିଆଙ୍କ ଷଠୀଘର ଥିଲେ କେତେ ପଟା କାଳ ପୂର୍ଣ୍ଣ ହୋଇ ଯାଇଥାନ୍ତା । ନାମ ଓ ମସିହା ଲେଖା ନ ଥିଲେ କୋଉଟା କାହାର, କାହା ପରେ କିଏ, ଜଣାଯାନ୍ତା ନାହିଁ । କିନ୍ତୁ ସେ ସବୁର ରକ୍ଷଣାବେକ୍ଷଣର ମୂଲ୍ୟ କେହି ହୃଦୟଙ୍ଗମ କରେନାହିଁ । ମାଟିଘର ଭାଙ୍ଗିବା ସଙ୍ଗେ ସଙ୍ଗେ ଷଠୀଘର ସବୁ ଭାଙ୍ଗିଯାଏ । ଲିପାଲେପାରେ ଖଣ୍ଡିକିଆ କଉଡ଼ିଛପା ଘରସବୁ କୁଆଡ଼େ ଲୁଚିଯାଏ, ଘର ଓ ପରିବାରର ଇତିହାସ ହଜିଯାଏ ମାଟିତଳେ ।

ବ୍ୟକ୍ତିର ମୃତ୍ୟୁ ସଙ୍ଗେ ସଙ୍ଗେ ଜାତକ ବି ପିଙ୍ଗି ଦିଆଯାଏ, ଏହା ସାଇତି ରଖିବା ଅଶୁଭ । ବ୍ୟକ୍ତି, ପରିବାର ବା ସମାଜର ସମସ୍ତଙ୍କ ଇତିହାସ ଉଡ଼ିଯାଏ ଚିତାଭସ୍ମ ସଙ୍ଗେ । ଛିଡ଼ା ହୋଇ ରହେ କାଳର ମୁହୁର୍ମୁହୁ ଘଟ ପରିବର୍ତ୍ତନ ମଧ୍ୟରେ କେତୋଟି କୀର୍ତ୍ତି ମାତ୍ର ।

ଏବେ ମୋ ଷଠୀ ଘରଟି ମୁଁ ଖୋଜି ପାଉନାହିଁ । ପିଲାଦିନେ ମନେ ହେଉଥିଲା—ଏସବୁ ଚିରକାଳ ରହିଯିବ—ଯେମିତି ରହେ ସମାଧିମନ୍ଦିରସବୁ । କିନ୍ତୁ ସମାଧିମନ୍ଦିର ବି ଅଯତ୍ନରୁ ଭାଙ୍ଗେ, ମାଟିରେ ମିଶେ, ଯେମିତି ବର୍ଷି ଆଉଁ ଆଉଁ ମୋ ଷଠୀଘର ଲୁଚି ଯାଇଛି, ଆଗନ୍ତୁକମାନଙ୍କ ଗହଳରେ ।

ଏ ବୟସରେ ନୂଆ ହୋଇ ପୃଥିବୀକୁ ଆସିଥିବା ଦିନ କଥା ମନେ ପକାଇଲେ ବଡ଼ କଉତୁକିଆ ଲାଗେ । ମୋର ପଞ୍ଚୁଆତୀ, ଷଠୀ, ଉଠିଆରି, ବାରଯାତ୍ରା, ନରତା ବା ଏକୋଇଶା ଆଜି ଦୂରବର୍ତ୍ତୀ; ଯାହା କହନ୍ତି—କୃତାନ୍ତନଗରୀର ଧୂମ ଦିଶିଲାଣି ।

ତୁଳସୀ ଦୁଇ ପତ୍ରରୁ ବାସେ, ଉଷାରୁ ଦିବସର ଇଙ୍ଗିତ ମିଳେ । ବାଲ୍ୟ ଜୀବନରୁ ମୋ ଭବିଷ୍ୟତର କୌଣସି ସୂଚନା ମିଳି ନ ଥିଲା । ମୁଁ ଥିଲି ଗାଆଁର ବହୁ ପିଲାରେ ଜଣେ । ନ ଥିଲା ରୂପର ଚମକ, ଫୁଟୁ ନ ଥିଲା ବୁଦ୍ଧିର ପ୍ରଖରତା । ନ ଥିଲି ସେପରି କ୍ରୀଡ଼ାପ୍ରିୟ ଚପଳ କିଶୋରଦଳର ନେତା; ନ ଥିଲା ସେଭଳି ସାହସିକତା, ଯହିଁରେ ସେ ବଢ଼ିଲା ନଈରେ ପହଁରେ, ସାତ କିଆବାଡ଼ ଡେଇଁପାଏ, ପୋଖରୀର ଦୀପଦଣ୍ଡି-ଦେଉଳର ଦଧିନଉତି ଉପରୁ ଓଲଟାଶୂନ୍ୟ ମାରେ, ଡିଖ ଗଛର ଅଗ ଡାଳରେ ଚଢ଼ି ପାଚିଲା ଆମ୍ବ ପାରେ, ବାଘୁଆ ମହୁମାଛିଙ୍କ କାମୁଡ଼ାକୁ ନ ଡରି ମହୁ ମାରେ, ବିରୁଡ଼ିଭଙ୍ଗ ହରଣଚାଲ କରି ଆଣି ତାର କଅଁଳ ପୋକ ବନିଶି କଣ୍ଟାରେ ଗୁନ୍ଥି ମାଛ ମାରେ । ବିଛାମନ୍ତ୍ର ନ ଜାଣି ସାପଗାତରେ ହାତ ପୂରାଏ ।

ସେ ଯୁଗର ଖେଳଣାଟିଏ କଣିବା ଲାଗି ଘରେ ଧନ ନ ଥିଲା । ଚମାର ଚିତଉ ଅମାବାସ୍ୟା, ଗହ୍ମା ପୁନେଇଁ ଦିନ କୁଲା, ବାଉଁଶିଆ, ଖେଟେଗଇ, ବିଞ୍ଚଣା ସହିତ ବେଙ୍ଗବାଇଦ ବିକି ଆଣେ । ଆମେ ତାକୁ ପିଠା ଦେଇ ତା ବଦଳରେ 'ବେଙ୍ଗବାଇଦ କିଣୁ; ବେଙ୍ଗଚମରେ ଛାଆଣି ହୋଇଥାଏ ସେ ରଙ୍ଗୀନ୍ ଯୋଡ଼ଟି, ତମ୍ବରୁ ପରି ବାଜେ, ଘଣ୍ଟାଏ ଦିଘଣ୍ଟା ପରେ ଭାଙ୍ଗେ ।

ଗୋଛାଏ କନାରେ ଧଡ଼ି ଗୁଡ଼ା ହୋଇ 'ଅଦିଆବୁଢ଼ା' ତିଆରି ହେଉଥିଲା; ବରଡ଼ା ପତ୍ର ଗୁଡ଼ାଇ ଗୁଡ଼ାଇ ମୁଁ ପେଙ୍କାଳି ତିଆରି କରୁଥିଲି କିମ୍ବା ଆମ୍ବକୋଇଲିର ଗୋଟିଏ ପାଖ ଘଷି ବାଜା କରି ବଜାଉଥିଲି; ବାଜୁ ନ ଥିଲେ କହୁଥିଲି—

'ହାତୀ ଦେବି; ଘୋଡ଼ା ଦେବି
ମୋ ପେଁକାଳି ବଜାଇ ଦେ ।'

ପେଙ୍କାଳି ବାଜିଲା ପରେ ସତେ ଯଦି କିଏ ହାତୀ, ଘୋଡ଼ା ଲାଗି ଅଡ଼ି ବସିଥାନ୍ତା, ଦେଇଥାନ୍ତି କୋଉଠୁ ? ହାତୀ ତ ମୋଟେ ଦେଖି ନ ଥିଲି, ଘୋଡ଼ା ହୁଏତ ଆଖିରେ ପଡ଼ିଥିଲା । ଉପୁଲେଇଙ୍କ ଗାଦି ପାଖେ ଦେଖିଥିଲି ମାଟିର ଘୋଡ଼ା; ଠାକୁରାଣୀ ସେଥିରୁ ଗୋଟିକୁ ଜୀବନ୍ୟାସ ଦେଇ ରାତିରେ ତା ପିଠିରେ ବସି ବୁଲିବା କଥା ଲୋକେ କହନ୍ତି ।

ମେଳଣ ଯାତ୍ରାରୁ କିଣି ଖାଉଥିଲି 'ଖଣ୍ଡଘୋଡ଼ା'; କୁମ୍ଭାରସାହିରୁ ଆଣୁଥିଲି ପୋଡ଼ା ମାଟିଘୋଡ଼ା ଓ ଆଉ କେତେ ପ୍ରକାର କଣ୍ଢେଇ, କୁମ୍ଭାରସବୁ କଉତୁକରେ ଗଢୁଥିଲେ ଓ ଆମେ ପିଲାଏ ମାଗଣା ଘେନି ଆସୁଥିଲୁ । ସେହି କଣ୍ଢେଇଖେଳରୁ ଦିନେ ହେଲା କଣ୍ଢେଇମେଳଣ, ଶେଷକୁ ଆମ ଗାଆଁର ପୋଥି ଚଉଦଳ ମେଳଣ । ଲୋକଙ୍କ ମନରେ ହରଗଗ ସେତେବେଳେ ଥିଲା । ଲୋକେ ଯାତ୍ରା, ମେଳଣ ଓ ସୁଆଙ୍ଗରେ ବେଶ୍ ମାତି ଯାଉଥିଲେ ।

ମନେ ପଡ଼େ—ମୁଁ ସେତେବେଳେ କିପରି ଜଣେ ସ୍ରଷ୍ଟା ଥିଲି । ଗଡ଼ିଆ କୂଳରୁ ଚିକିଟା ମାଟି ପ୍ରୁଳାଏ ଆଣି କେତେ ପ୍ରକାର କଣ୍ଢେଇ ଗଢ଼ିଥିଲି—ଦଶମୁଣ୍ଡିଆ ରାବଣ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ, ପୁଣି ରାମ ଲକ୍ଷ୍ମଣ । ସେମାନଙ୍କ ମଧ୍ୟରେ ଲଗାଇ ଦେଉଥିଲି ଯୁଦ୍ଧ । ଯୁଦ୍ଧକ୍ଷେତ୍ରରେ ରାମଚନ୍ଦ୍ର ଓ ରାବଣ ମୁହାଁମୁହିଁ ହେଲାକ୍ଷଣି କ'ଣ କୁହାକୋହି ହେଉଥିଲେ, ମୁଁ ସବୁ କହୁଥିଲି, ସଖୀନାଟର ସୂତ୍ରଧର ସବୁ ସଂଳାପ କଲାପରି । କେତେବେଳେ କୃଷ୍ଣ କଂସାସୁର, ବାଳି ସୁଗ୍ରୀବ, କେତେବେଳେ କର୍ଣ୍ଣ ଅର୍ଜ୍ଜୁନ, କେତେବେଳେ ଭୀମ ଦୁଃଶାସନଙ୍କ ଯୁଦ୍ଧ ଲଗାଇ ଦେଉଥିଲି । ସେମାନଙ୍କ ସଂଳାପ ବୋଲି ଆତ୍ମନାଟ୍ୟରେ ଯାହା ବାହାରୁଥିଲା, ତାକୁ କ୍ଷୁଦ୍ର ବାଳକର ପ୍ରଳାପ କୁହାଯାଇପାରେ । ମନ ଖୁସି ଥିଲେ, କେହି ହସି ଉଡ଼େଇ ଦେବା ପାଇଁ ନ ଥିଲେ, ଏପରି ପ୍ରଳାପ ଗୀତି ଅନର୍ଗଳଭାବରେ ବାହାରୁଥିଲା । ହୁଏତ ଅନ୍ୟମାନଙ୍କ ପାଖରେ ମୂଲ୍ୟହୀନ । କିନ୍ତୁ ଏହା ଉଚ୍ଛୁଳାଉଥିଲା ଜନନୀର ସ୍ନେହ । ଏସବୁ ଗୀତ ଏକାନ୍ତ ସ୍ୱତଃସ୍ଫୂର୍ତ୍ତ, ସ୍ୱାଭାବିକ । ପଦଯୋଜନା ଲଳିତ, ମଧୁର ହେଲା କି ନାହିଁ, ନ ଥିଲା ତିଳାର୍ଦ୍ଧ ଚିନ୍ତା । ଭୁଲ୍‌ଭ୍ରାନ୍ତି ଲାଗି ନ ଥିଲା ଶଙ୍କା, ସଂକୋଚ । ସମାଲୋଚକର କଟାକ୍ଷ ପ୍ରତି ନ ଥିଲା ତିଳେ ହେଲେ ଭ୍ରୂକ୍ଷେପ । କବିତା, ସଙ୍ଗୀତ, ନାଟକ, ନୃତ୍ୟ ବାଲ୍ୟଜୀବନର ବିକଟ ଦାରିଦ୍ର୍ୟକୁ ଭୁଲାଇ ଦେଇଥିଲା । ପୃଥିବୀ ବଡ଼ ସରସ, ସୁନ୍ଦର, ସ୍ୱପ୍ନମୟ ଦିଶୁଥିଲା ।

ଷଢ଼େଇରେ ବାଲି ଭର୍ତ୍ତି କରି ଚୁଲୀ ପାରି ଆମେ ମିଛେ ମିଛେ ଭାତ ଡାଲି ରାନ୍ଧି ମାରୁପତ୍ରରେ ବାଢ଼ି ଖାଉଥିଲୁ । ଆଶ୍ଚର୍ଯ୍ୟ, ଖାଇବା ଚିନ୍ତା ଖେଳରେ ବି ଭୁଲି ପାରି ନ ଥିଲୁ । ମୁଠିଏ ଭଲ ଖାଇବା ଗୋଟିଏ ମଉଜ ଥିଲା, ଏଡ଼େ ଶସ୍ତା କାଳରେ ବି । ଦୁଃଖର ବିଷୟ—କଥା ପଡ଼ୁଥିଲା—ଅମକ ଲୋକ ବୁଢା ହେଲାଣି, କେବେ ମରିବ, ଚୁଡ଼ାଘସା ହେବ ।

ସ୍ୱର୍ଗ କେତେ ଉଞ୍ଚରେ ? ଭଗବାନ୍‌ଙ୍କୁ ଆଉ ସ୍ୱର୍ଗରେ ଥାଇ କୋଇଲଖା ସୂତା ଯେତେ ଅଛି ସବୁ ଗଣ୍ଠେଇ ପକେଇଲେ, ସେ ପୃଥିବୀକୁ ପାଇଲା ନାହିଁ । ଥରେ ଭଗବାନ୍ ପୃଥିବୀରେ ଛିଡ଼ା ହୋଇ ନିଜକୁ ବହୁତ ବଢ଼ାଇଲେ, ପୃଥିବୀଯାକ ପୂରି ଗଲେ; ଆକାଶଟି ତାଙ୍କ ଭିତରେ ଲୁଚିଗଲା । ଏତେ ବଡ଼ ହୋଇ ହାତ ବଢାଇଲେ ବି ତାଙ୍କ ହାତ ସ୍ୱର୍ଗକୁ ପାଇଲାନାହିଁ, କାଣି ଆଙ୍ଗୁଠି ପୋଡ଼ିଗଲା ।

ଲୁଚକାଳି ଯେପରି ସହଜ, ସେହିପରି ସବୁ ପିଲାଙ୍କର ଅତି ପ୍ରିୟ ଖେଳ ଥିଲା । 'ଚୋର' ହେବାକୁ କେହି ରାଜି ନ ହେଲେ 'ଇଟିକିଲି' ମିଟିକିଲି' ବୋଲି 'କୋଡ଼ି' ପକାଉଥିଲୁ । ଯାହା ମୁଣ୍ଡରେ କୋଡ଼ି ପଡ଼ୁଥିଲା ସେ ହେଉଥିଲା 'ଚୋର' । ଜଣେ ତା ଆଖି ବୁଜୁଥିଲା । ଅନ୍ୟମାନେ ଲୁଚୁଥିଲେ । ଚୋର ଦୁର୍ବଳ ଓ କ୍ଷିପ୍ରଗତିରେ ଦୌଡ଼ିବାକୁ ଅସମର୍ଥ ହେଲେ ତାକୁ ସାଙ୍ଗ ଖେଳାଳୀ ଚିଡ଼ାଇ ରାଗେଇ ଦେଉଥିଲେ—

'କାପେତୀ ଲୋ କାପେତୀ
ମାଠିଆ ମୁହଁରେ ଘା'
ଯେବେ ହେଇଥିବୁ କାପେତୀ ଛୁଆ
ଗୋଡ଼େଇ ଗୋଡ଼େଇ ଖା ।'

'ଚୋର' କ୍ରୋଧରେ ଆତ୍ମପ୍ରତ୍ୟୟ ହରାଏ, ଦୁର୍ବଳତର ହୁଏ । ସମସ୍ତେ 'ବୁଡିଆଣୀ' ଛୁଇଁ ଦିଅନ୍ତି । ଏହିପରି ଏକାଦିକ୍ରମେ ସାତ ବୋଝ ହେଲେ 'ଚୋର' କୁଣ୍ଡାପାଣି

ଖାଏ । ବାଲିଗଦା ଉପରେ ଖଣ୍ଡିଏ କୁଟା, ଗ୍ଭେରକୁ ଦାନ୍ତରେ ସେଖଣ୍ଡ ଉଠାଇବାକୁ ହୁଏ, ଯୁଦ୍ଧରେ ହାରିଲା ସୈନିକ ପ୍ରତି ବିଜୟବାହିନୀର ନିର୍ଦ୍ଦେଶ ଏ, ବେଶ୍ ଅପମାନଜନକ ।

ଡାଳିମାକୁଡ଼ି ଖେଳରେ ବୃକ୍ଷାରୋହଣ କୌଶଳର ପରିଚୟ ମିଳେ । 'ଗ୍ଭେର' ଡାଳକୁ ଡାଳ ଚଢ଼ି ସହଯୋଗୀମାନଙ୍କ ମଧ୍ୟରୁ ଜଣକୁ ଛୁଏଁ । ତା ଆଗରୁ ଗଛରୁ ଖପ୍‌ଖାପ୍ ଡେଇଁ ପିଲାମାନେ ଯାଇ ବୁଢ଼ିଆଣୀ ଛୁଅନ୍ତି । ଡୁଡୁ ବା ବୋହୂଚୋରୀ ଖେଳ, ବାଘବଜାରୀ ଖେଳ, ପାଞ୍ଚଘରେ ଡାବଳପୁଆ ଖେଳ, ଛଡ଼ାଛଡ଼ାରେ ତିନିଗୋଟି ଗାତ ଖୋଳି ସାଉଁଳିଆ ପୋଲାଙ୍କରେ ବାଟିଖେଳ, ପାଣିରେ ଠିଆପହଁରା, ଚିତିପହଁରା, ଗଡ଼ିଆ କୂଳରେ ହିଜଳ ଗଛରେ ଚଢ଼ି ଓଲଟା ଶୂନ୍ୟମରା ପ୍ରାୟ ନିତି ନିତି ଚାଲିଥିଲା । ହାଣ୍ଡିଭେଳା ବା କଦଳୀ ଗଛ ଗଣ୍ଡି ଭେଳା କରି କାତ ମାରି ମାରି ଯାଇ ଦଲୁଆ ପୋଖରୀରୁ କଇଁଫୁଲ ତୋଳୁଥିଲୁ । ମୁଁ ଜିଆନାଡ଼ ଗୁନ୍ଥି ବନିଶି ପକାଉଥିଲି, କିମ୍ବା ଚୁଆ, ନୟନଯୋଡ଼ି ବୋହି ମାଛ ଟାରୁଥିଲି । ଗଡ଼ାରେ ଦାନ୍ତିଆ, ବିଲରେ ଅନ୍ଧୁଣି, ସୁଅ ମୁହଁରେ 'ବଜା' ବସାଇ, ଶୀତଦିନେ ଛାଣି ଜାଲରେ କିଆ ଟେକି କିମ୍ବା ଖରାଦିନେ ଅଳ୍ପ ପାଣିରେ ଜାଲ ମଡ଼ାଇ ମାଛ ଧରିବା କୌଶଳ ମୋତେ ଭଲଭାବେ ଜଣାଥିଲା । ପହିଲି ଆଷାଢ଼ୁଆ ବର୍ଷାରାତିରେ ଉଠା ମାଛ ଧରିବା ବେଳେ ମୁଁ ଭୂତପ୍ରେତ ବା ବାଘସାପଙ୍କୁ ଡରୁ ନ ଥିଲି କି, ମତେ ନିଦ ଲାଗୁ ନ ଥିଲା ।

ଷଣ୍ଢଲଢ଼େଇ, ବୋଦାଲଢ଼େଇ, ଗଣ୍ଡାପୁନେଇଁ ଦିନ ନଡ଼ିଆଲଢ଼େଇ ଦେଖିବା ଅନ୍ୟମାନଙ୍କ ପରି ମୋର ପ୍ରଧାନ ବିନୋଦନ ଥିଲା । ଯାତ୍ରା ବା ପାଲା ଦେଖିବା ଲାଗି ଚାରି ପାଞ୍ଚ କୋଶ ବାଟ ଅନ୍ଧାର, କଣ୍ଟାଝଣ୍ଟା ନ ମାନି ଚାଲିଯିବା ଏକ ସାଧାରଣ ରୀତି ଥିଲା । ମୁଁ ଗ୍ରାମର ଅନ୍ୟମାନଙ୍କ ସହିତ ଟେକା ଟହୀରରେ ଅନ୍ଧାରରାତିରେ ବ୍ରାହ୍ମଣପଣ କରି ଯାଉଥିଲି, ଦହି କଞ୍ଚାଚୁଡ଼ା, ଉଖୁଡ଼ା ଓ ହୁଡ଼ୁମ୍ବ ଖାଇ ପଇସେ ଦି ପଇସା ଦକ୍ଷିଣା ଆଣୁଥିଲି, ସେ ଜଳଖିଆରୁ ଅନ୍ୟମାନଙ୍କ ସହିତ ମୁଁ ମଧ୍ୟ କିଛି ବାନ୍ଧି ଆଣୁଥିଲି, ଗାମୁଛାଖଣ୍ଡିଏ ସେଇ ଉଦ୍ଦେଶ୍ୟରେ ହିଁ ନିଆ ହେଉଥିଲା, ସେକାଳେ ଏହା କିଛି ଲଜ୍ଜା ବା ନିନ୍ଦାର ନ ଥିଲା । ଭୋଜନ ପର୍ବ ଶେଷ ହେଲା ପରେ ମୃତ ବ୍ୟକ୍ତିର ଉତ୍ତରାଧିକାରୀ ମହାଜନସଭା ମଝିରେ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ, ବୃଦ୍ଧ ବ୍ରାହ୍ମଣମାନଙ୍କ ମଧ୍ୟରୁ ଜଣେ କଲ୍ୟାଣ କରୁଥିଲେ, ପାଳି ଧରିଲା ପରି ଅନ୍ୟମାନେ 'ତଥା', 'ତଥା' କହୁଥିଲେ ।

ପିତାଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କଲା ଭଳି ମୋର କିଛି ଗୁଣ ନ ଥିଲା । ମୁଁ ଥିଲି ଭାଇଭଉଣୀଙ୍କ ମଧ୍ୟରେ ଅସୁନ୍ଦର, ଅପରିଚ୍ଛନ୍ନ । ଉପର ତିନି ଭାଇଭଉଣୀଙ୍କ ଛଟା ବା ଘରଜଞ୍ଜାଳ ମଧ୍ୟରେ ମୋ ପ୍ରତି ଅବଶ୍ୟ କିଛି ଅବହେଳା ହେଉଥିଲା । ମୁଁ ଅନାବନା ବଢ଼ୁଥିଲି । କ୍ୱଚିତ୍ ଜିଦ ଧରି ବସୁଥିଲି, କାରଣ ସନ୍ତାନଗହଳ ପରିବାରରେ ରୁଷିବା ବା ଜିଦ୍ ଧରି ବସିବା ଆଦୌ ଲାଭଜନକ ନ ଥିଲା । ଓଲଟି ତାହାର ଫଳ ଦେହ ବା ମୁଣ୍ଡରେ ମିଳୁଥିଲା । ଗୁରୁଣ୍ଡି ଗୁରୁଣ୍ଡି ପାଦରେ ବସିଥିଲା ବିଣ୍ଡି; ଏବେ ବି ସେ କାଳିମା ଲିଭିନାହିଁ । ବୋଉର ଟେଲବସଟିଆ ଭାଷାରେ ମୁଁ ଥିଲି 'ଧଳି ଧୂସରିଆ କଳା ହ ତୀ' । ଚେହେରାରେ ହୁଣ୍ଡା ହେଲେ ବି ପ୍ରକୃତିରେ ଥିଲି ଶାନ୍ତ । ଗହଳିଆ ମୁଣ୍ଡବାଳ ଆଖି ଉପରକୁ ଲମ୍ବି ଆସିବା ଦେଖି ଦେଠେଇ ଡାକୁଥିଲା—'ଭାଲୁ' ।

ଏ ଖଲୁଟାକୁ ନେବାକୁ ଯମର ଅଳ୍ପ ଲୋଭ ନ ଥିଲା । ଈଶ୍ୱର ମୋତେ ରକ୍ଷା କରିଥିଲେ, ବୋଧହୁଏ ତାଙ୍କର କିଛି ଉଦ୍ଦେଶ୍ୟ ସାଧନଲାଗି ।

ଆମ କୂଅରେ ଗୋଟାଏ କଇଞ୍ଛ ଥିଲା । ସେ ତ ଲମ୍ବାଇ ମୁହଁ କାଢ଼ି ସେ ପହଁରୁଥିଲା । ମାଟି କୂଅ ନନ୍ଦ ଉପରେ ଲେପଟି ପଡ଼ି ତାକୁ ନିତି ଦେଖିବା ଏକ ସଉକ ହୋଇଥିଲା ମୋର । ବୋଉ ଦିନେ ପାଣି କାଢୁଥିଲା ବେଳେ ମୁଁ ପୂର୍ବବତ୍ ଆଉଜି ପଡ଼ିଲି । ଫଟା ନନ୍ଦଟା କୂଅ ଭିତରକୁ ଅଜାଡ଼ି ହୋଇ ପଡ଼ିଲା ଓ ତା ସହିତ ମୁଁ; ମୁଣ୍ଡ ତଳକୁ, ଗୋଡ଼ ଦିଟା ଉପରକୁ । ଭାଗ୍ୟକୁ କୂଅରେ ବେଶୀ ପାଣି ନ ଥିଲା ଓ ମୋ ମୁଣ୍ଡ ନନ୍ଦରେ ବାଡ଼େଇ ହୋଇ ନ ଥିଲା । ବୋଉର ବିକଳ ଚିତ୍କାରରେ କେହି ଜଣେ ମୋତେ ଉପରକୁ ଉଠାଇ ଆଣିଥିଲା । ତଥାପି ଅଚେତା ହୋଇ ପେଟ ପାଣି ପିଇ ଦେଇଥିଲି । ନନା ଗୋଡ଼ ଦିଟା ଧରି ଦଶ ପନ୍ଦର ଥର ବୁଲାଇ ଦେଲେ, ପାଟି ବାଟେ ଗଳ ଗଳ ହୋଇ ବାନ୍ତି ହୋଇ ତୁଚ୍ଛା ପାଣି ବାହାରି ଯାଇ ଥିଲା ।

ଆଉଥରେ ବ୍ରାହ୍ମଣଷଡ଼ଙ୍ଗୀ ଗ୍ରାମର ମଉସାଙ୍କ ପୋଖରୀରେ ଗାଧୋଉ ଗାଧୋଉ ବୁଡ଼ି ଯାଇଥିଲି । କେହିଜଣେ ଟିଙ୍ଗି ଆଣିଥିଲା । ସୁସ୍ଥ ହେଲାପରେ ମଉସା ମୋ ହାତରେ ଟେଳାଏ ମିଶ୍ରି ଧରାଇ ଦେଇଥିଲେ, ମନଭୁଲେଇବା ଲାଗି ଆଜିକାଲି ଏହା ହାସ୍ୟକର ହୁଅନ୍ତା ।

ପୁଣି ଥରେ ନାଗସାପ ମୁହଁରୁ ବର୍ତ୍ତିଥିଲି । ବଳଙ୍ଗାମେଳଣକୁ ସପ୍ତା ପଢ଼ି ଆସିଥିଲି । ଅନ୍ଧାରିଆରୁ ଉଠି ଭାର୍ଗବୀକୁ ଯାଉଁ ଯାଉଁ ସାପ ହାବୁଡ଼ରେ ପଡ଼ିଲି । ସାପଟା ଫଣା ଟେକି ଠିଆ ହୋଇଗଲା ମାତ୍ର, ବୋଧେ ତା ରତିଶିକାର ଫେରନ୍ତା ପଥରେ ମୁଁ ବାଧା ଦେବାରୁ, ମୁଁ ବଙ୍କାଇ ବଙ୍କାଇ ଦୌଡ଼ି ପଳାଇ ଖଣ୍ଡେ ଦୂରରୁ ଚାହିଁଲି ଯେ ସାପ ଆଉ ଗୋଡ଼ାଉନାହିଁ । ଛାତି ଦାଉଁ ଦାଉଁ ପଡୁଥାଏ । କୃଷ୍ଣ ଭାଇନାଙ୍କୁ ଏ କଥା କହିବାରୁ ସେ କହିଲେ—ଭାଗବତ ପଦ ବୋଲାଉଛୁ କିରେ ? ନହେଲେ ସାପ ଦେଖାଦେଲା କାହିଁକି ?

## ସେ କାଳ ପଢ଼ା ରୀତି

"ସୁବର୍ଣ୍ଣ ଥାଳୀରେ ଅକ୍ଷତ ଦୂବ
ସରୁ ତଣ୍ଡୁଳ ଗୁଡ଼ ନଇବେଦ୍ୟ
ସଞ୍ଜା ଦେଇ ମାଏ ସମର୍ପି ଗଲେ ।"

ମୁଁ କିନ୍ତୁ ଗୋଟିଏ ରଙ୍ଗ ଢିବେ ସେରେ ଉଆ ଚାଉଳ, ପଇସାଟିଏ ଚାହାଳୀକି 'ପୂଜା' ନେଇଥିଲି, ଭୟରେ ଦେହରୁ ରକତ ଶୁଖି ଯାଇଥିଲା ।

"ଖେଳୁଆଡ଼ ବୁଦ୍ଧି ଛାଡରେ ବାବୁ
ଖଡ଼ି ଛୁଇଁଲେ ତୁ ବିଦ୍ୟା ପଢ଼ିବୁ ।
ଗୁରୁଙ୍କୁ ଆଗେ ଓଳଟିବୁ ଯାଇ
ଗୋବିନ୍ଦ ସୁମରି ଲେଖିବୁ ଭୂଇଁ
ଘେନି ଖଡ଼ି ହସ୍ତେ ଶ୍ରୀଯା ଲେଖିବୁ
ଘଟଣା ନେଇ କପାଳେ ବୋଳିବୁ ।"

'ଶ୍ରୀ' ଶୁଭ ସିଦ୍ଧିର ଆଦ୍ୟ ସୂଚନା । ମାଷ୍ଟ୍ରେ 'ଶ୍ରୀ' ଲେଖି ଦେଇଥିଲେ, ପାଠର ଅନୁକୂଳ ସେଇଠୁ । ତାକୁ ଲିଖାଇ ବିଧି ଅନୁସାରେ କପାଳରେ ବୋଳିଥିଲି । ଖଡ଼ିଧୂଳି କପାଳରେ ବୋଳିଲେ ପାଠ ଆସେ । ତାପରେ ଖଡ଼ିଧୂଳି ଏକା କପାଳର କାହିଁକି, ସାରାଶରୀରର ଭୂଷଣ ହୋଇଥିଲା । ମାଷ୍ଟ୍ରେ ଦୁଧ ବା କୋଚିଲାଖଡିରେ ପ୍ରତି ଛାଟଙ୍କ ଲାଗି ଗୋଟିଏ ଗୋଟିଏ ଠକୋଠରୀ ଆଙ୍କି ଦେଇଥିଲେ, ହେଥିରେ ବସି ଆମେ ଅ, ଆ ଘୋଷୁଥିଲୁ —

"ଢ଼ାକି ହାକି କରି ପଢିବୁ ପାଠ
ଡିଙ୍ଗର ତୁଲ୍ୟ ନ ଚଳିବୁ ବାଟ
ଢାଳେ ହେଁ ବାବୁରେ ମୁରୁଖ ନୋହି
ଢମପଣ କଲେ ବିଦ୍ୟା ନ ପାଇ ।

X X X X

ତିନି ତ୍ରୈଲୋକ୍ୟେ ଯେଉଁ ପ୍ରଭୁ ଥାଇ
ତୁଷ୍ଟେ ସୁମରିଲେ ବିଦ୍ୟା ଆସଇ ।"

ଡ଼ାକି ହାକି ପଢିବା ସେ କାଳର ପଢାରୀତି ଥିଲା । ଯାହା ଇସ୍କୁଲରେ ପଢା ହେଉଥିଲା, ତାକୁ ସନ୍ଧ୍ୟାବେଳେ ଅଜା ବା ବୁଢା ବାପାଙ୍କ ଆଗେ ପୁଣି ବୋଲିବାକୁ ହେଉଥିଲା । ପଣିକିଆ, କଡ଼ାଗଣ୍ଡା, ପାହିଅଣା, ଗୁଣ୍ଠବିଶ୍ୱା ପାଟି କରି ଲେଖିବାକୁ ହେଉଥିଲା । ସମସ୍ତେ ଏକାବେଳକେ ପାଟି କରୁଥିଲେ । ଟୋଟାଏ 'ଘୋ'ଉଠୁଥିଲା । କବି ହରି ଦାସଙ୍କ 'ଶ୍ରୀକୃଷ୍ଣଙ୍କୁ ମାତାଙ୍କ ଉକ୍ତି' ରେ ସେ କାଳରେ ବିଦ୍ୟାର ମହିମା କୀର୍ତ୍ତନ କରା ଯାଇଛି—ଯେପରିକି "ବିଦ୍ୟା ନାମ ନରସ୍ୟ ରୂପମଧିକଂ.... ବିଦ୍ୟା ବିହୀନଃ ପଶୁଃ", ବିଦ୍ୟାବନ୍ତ ତ୍ରିଲୋଚନ; ମାତ୍ର ସାଧାରଣ ବ୍ୟକ୍ତିର ଦୁଇଟି ଚକ୍ଷୁ । ବିଦ୍ୟା ବୋଝ ଭାର ନୁହେଁ, ଚୋର ଖଣ୍ଟ ତାକୁ ହରଣ କରି ପାରନ୍ତିନାହିଁ; ଭାଇ-ଭଗାରି ବାଣ୍ଟି ନିଅନ୍ତିନାହିଁ । ଦେଶେ ବିଦେଶେ ସର୍ବତ୍ର ବିଦ୍ୟାର ଆଦର, ବିଦ୍ୱାନ୍ ରାଜାଙ୍କର ସମ୍ମାନୀୟ ।" ଚାହାଳୀକି ପୂଜା ନେଲାପରେ କେତେ କାଳ 'ଠ' ଉପରେ ଓ 'ଅ' ଉପରେ ଖଡି ବୁଲେଇ ଥିଲି, ମନେ ନାହିଁ । ମାଷ୍ଟ୍ରେ ପଢାଉ ଥିଲେ—

ଅ ଗଲେ ପଡ଼େ ଆ
କୁଆ କରେ କା କା ।
ଆ ଗଲେ ପଡ଼େ ଇ
ଭାଲୁ ନାଚେ ଥେଇ ଥେଇ ।
ଈ ଗଲେ ପଡ଼େ ଉ
ସାପ ହୁଏ ସୁଉ ସୁଉ ।
ଏ ଗଲେ ପଡ଼େ ଐ
ଘୋଡ଼ା ହୁଏ ହି-ହି ।

ସେହିପରି ବ୍ୟଞ୍ଜନ ବର୍ଣ୍ଣ ଶିକ୍ଷା ବେଳେ ମାଷ୍ଟ୍ରେ ତଳ ଚଉତିଶାଟି ବୋଲୁଥିଲେ—

କ କ କାଳିନ୍ଦୀ ତୀରେ
ଖ ଖ ଖେଳନ୍ତି ଧୀରେ ।

X X X

ଡ ଢ ଢମିଆ ମେରୁ
ଢ ଢ ଢାଙ୍କଇ ଭୁରୁ
ବ ବ ବାଙ୍କ ଗୃହିଣୀ
ଭ ଭ ଭଙ୍ଗଇ ଠାଣି
ହ ହ ହରିଦାସିଆ
କ୍ଷ କ୍ଷ କ୍ଷମାକାରିଆ ।

'ଅଦଡ ଅଦଢ଼', 'ଓରେଷ୍ଟ' ବର୍ଣ୍ଣ ଲେଖା ଚାଲୁଥିଲା । ସେ ଅକ୍ଷର ମୁଁ ଏବେ ଭୁଲି ଯାଇଛି । ଲୋକେ ଥଟ୍ଟାରେ କହୁଥିଲେ—ଅଦଢ଼ ଅଦଢ଼, ଘରେ ଭାତ ନାହିଁ ବୁଢ଼ା କି ତେଢ଼ । ମୋ ପଢ଼ାଟା ଏକୋଇଶ ସାଲ ଦୁର୍ଭିକ୍ଷ ବେଳେ । ଘରେ ଭାତ ନ ଥିଲେ ବୁଢ଼ା ବୁଢ଼ୀ ହିଁ ଉପାସେ ରହୁଥିଲେ । ଏ ପଦରେ ସେଇ ଇଙ୍ଗିତ ରହିଛି । 'ବର୍ଣ୍ଣବୋଧ'ରେ ପଢ଼ିଥିଲି—

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ
ମାଧବ ବସିଛି ଯାଇ
ଏଣିକି ତେଣିକି ଅନାଇ ଅନାଇ
ମାଟି ଦେଉଅଛି ଖାଇ ।

ଏବେ କୋଠାଘରର ମାଧବମାନେ ମାଟି ଖାଇ ଜାଣନ୍ତିନାହିଁ, ଯେଉଁମାନେ ମାଟିକୁଡ଼ିଆରେ ଜନ୍ମ ହୋଇଛନ୍ତି, ସେମାନେ ବି ଯୁଗରୀତି ମାନିଲା ପରି ଆଉ ମାଟି ଖାଉନାହାନ୍ତି । କିନ୍ତୁ ମୁଁ ଓ ମୋ ସମ ଭାଇ କାନ୍ଥ ଖୋଳପା ଛଡ଼ାଇ ମାଟି ଖାଇଲେ ବୋଉ ଛି ଛି କହି ପାଟିରୁ କାଢ଼ିଦିଏ । ଗୋଟାଏ ଗୋଟାଏ ଶ୍ରେଣୀରେ ମୋତେ ବହୁତ ବର୍ଷ ଘୁଷୁରିବାକୁ ହୋଇଥିଲା । ସମୟର କିଛି ମୂଲ୍ୟ ନ ଥିଲା । ଶୀଘ୍ର କ୍ଲାସ ଉଠିବାର କିଛି ପ୍ରୟୋଜନ ବି ନ ଥିଲା । ପଢ଼ା ସରିଲେ ତ ଘରେ ରହି ଚାଷବାସ କରିବ, ତରବର କାହିଁକି ?

# ଗୃହାଳୀ ଗ୍ରେର

ମୋ ପିଠି ଥିଲା ଚଉକସ, ମାଷ୍ଟ୍ରେ ହାତସୁଖ କରୁଥିଲେ, କାରଣ ଅକାରଣେ ପଡ଼ୁଥିଲା ତାଳ । ଫଳରେ ମୁଁ ହେଲି ଗୃହାଳୀଗ୍ରେର । ପ୍ରବଳପ୍ରତାପ ମାଷ୍ଟ୍ରଙ୍କ କଟୁଆଳବାହିନୀ ବଡ଼ଗ୍ରେଟଙ୍କ ସେନାପତିତ୍ୱରେ ମୋତେ ହାଣ୍ଡିଶାଳ କଣ କୁମ୍ଭାର ଖାତ, କିଆଗୋହିରୀ, ବେଡ଼ ହିଡ଼ ତଳ, ଆମ୍ବଟଛ ତଳ, କୋଠି ବା କୋଡ଼ମଇ ବା ଗେଦର ଭିତର ପ୍ରଭୃତି ସମ୍ଭବ ଅସମ୍ଭବ ସ୍ଥାନମାନଙ୍କରୁ ଗିରଫ କରି ବାହା ଧରି ଶୂନ୍ୟେ ଶୂନ୍ୟେ ଟେକି ନେଇ ମାଷ୍ଟ୍ରଙ୍କ ଆଗରେ କରି ଦେଉଥିଲେ । ମୋ ପ୍ରତି ତିଳେ ହେଲେ ଦୟା ନ ଥିଲା । ପିଠିରେ ବେଗୁନିଆଁ ଛାଟ ଉଡ଼ି ଯାଉ ଥିଲା । ଗେଲ ବାଡ଼ି ମାଡ଼ରେ ମୁଣ୍ଡରେ ଆଳୁ ଫଳି ଯାଉଥିଲା । କାଳେ ବେଶୀ ମାଡ଼ ହେବ, ଏଇ ଭୟରେ ଘରେ ବୋଉ ବା ନନାଙ୍କୁ କହି ନ ଥିଲି, ମାଡ଼ ଖାଇ ଲସି ଯିବା କିମ୍ବା ଝାଉଁଳି ପଡ଼ିବା ଭଳି ଲେସମା ଚେହେରା ମୋର ନ ଥିଲା । ମାଷ୍ଟ୍ରେ ମୋତେ ମାରିବା ବେଳେ ଦେଖୁ ଥିଲେ ନିଃଶଙ୍କ । ଯୁବକ ମାଷ୍ଟ୍ରଙ୍କ ଚୂଡ଼ା (ଯାହାକୁ ବ୍ରହ୍ମ ଚୂଡ଼ା କୁହା ଯାଇପାରେ; ଶିବ ସେଥିରୁ ଗୋଟିଏ ମାରିଥିବାରୁ ବ୍ରହ୍ମାଙ୍କର

ଗୋଟିଏ ମୁଣ୍ଡ ଛିଡ଼ି ଯାଇଥିଲା ) ପୂରା ଦମ୍‌ରେ ମୋ ପୁଚୁକା ଗାଲରେ ବାଜୁଥିଲା, ବର୍ଣ୍ଣ ସାବନା ଥିବାରୁ ଛକ ଫୁଟି ଦିଶୁ ନ ଥିଲା । ମାଷ୍ଟ୍ରେ ଯୋଉ ବିଧା ମାରୁଥିଲେ ଭୀମ ଦୁଶାଙ୍କୁ ମଲ୍ଲ ଯୁଦ୍ଧରେ ଏମିତି ବିଧା ମାରିଥିବ । ତିଳେମାତ୍ର ଉପ୍ରୋଧ ତାଙ୍କର ନ ଥିଲା—କାଳେ ପିଲାଟା ମରିଯିବ ! ବିଧା ଖାଇ ମୋ ନିଃଶ୍ୱାସ ବନ୍ଦ ହୋଇଗଲା ପରି ଲାଗୁଥିଲା । ମୁଁ କାନ୍ଦି ପାରୁ ନ ଥିଲି । ମାଷ୍ଟ୍ରେ ପୁରୁଣା ଅବଧାନୀ ଓଡ଼ାଙ୍କ, ଶୋଧି, ନଳ, କୁଟା, ଋଟଶାଳୀ ପାଠ ଛାଡ଼ିଥିଲେ ବି 'ମଢିଆ ଶିକୁଳି', 'ନାକବାଳ ଧରେଇ' 'ଏକ ଗୋଡ଼ିକିଆ ଛିଡ଼ା' କରାଇବା, ଚଉକି ବସାଇବା ଆଦି ଦଣ୍ଡନୀତି ପରମ୍ପରାକ୍ରମେ ପ୍ରୟୋଗ କରୁଥିଲେ; ଶୂନ-ଏକ-ଦିଆ ତ ଋଲିଥିଲା । ହେଲେ ଗୋଟିଏ ଦିନର ମାଡ଼ଖିଆ ମୁଁ ଆଜି ଯାଏ ଭୁଲିନାହିଁ । କିଶୋର ବୟସର ମାଡ଼ର ଚିହ୍ନ ଯୌବନର ମାଂସଳ ଦେହରେ ମିଳେଇ ଯାଇଥିଲେ ବି ମନରେ ବସି ଯାଇଛି ରକ୍ତ ନୋଳାସବୁ !

ସେ ଦିନ ଋହାଳୀଚୋର ନୁହେ, ମୁଁ ହୋଇଥିଲି ଅସଲ ଚୋର । ପାଚିଲା କଇଁଚି କାକୁଡ଼ି ଖୋଜୁ ଖୋଜୁ ଦୈବାତ୍ ବାଡ଼ରେ ଗୋଟିଏ ଦୁଧିଆଳୀ କାକୁଡି ମୋ ଆଖିରେ ପଡ଼ିଗଲା; ମାଷ୍ଟ୍ରଙ୍କ ଦୃଷ୍ଟି ତା ଉପରେ କେବେ ପଡିଥିଲା, ଜାଣେ ନାହିଁ । 'ପ୍ରାପ୍ତି ମାତ୍ରେଣ ଭୋକ୍ତବ୍ୟଂ', ଲୁଗା କାନିରେ ମୁହଁ ପୋଛି ଦେଲି, ସ୍କୁଲକୁ ଆସିବା ମାତ୍ରେ ମାଷ୍ଟ୍ରେ ପିଲାଙ୍କୁ ନ ଖୋଜି କାକୁଡ଼ି ଖୋଜି ଲାଗିଲେ । ମୁଁ ବଡ଼ୋ ପତ୍ର ପରି ଥରୁଥାଏ । ସାକ୍ଷୀ ପ୍ରମାଣ ଲୋଡ଼ା ହେଲାନାହିଁ । ସେଦିନ 'ଶୂନ୍' ହୋଇ ନିଜକୁ ଭାଗ୍ୟବାନ୍ ମନେ କରିଥିଲି ।

ଭାଗ୍ୟଫଳ ମିଳିଗଲା । ହେଲା ନିସ୍ତୁକ ମାଡ଼ ; ଅତରଛରେ ଲୁଗାରେ ମୂତି ପକାଇଲି । ତଥାପି ରକ୍ଷା ନାହିଁ । କ୍ରୋଧରେ ମାଷ୍ଟ୍ରେ ହତଜ୍ଞାନ; ମାଡ଼ ଉପରେ ମାଡ଼ ବସୁଥିଲା । ମୁଁ ଅଚେତା ହୋଇ ପଡ଼ିଲି ।

ପଇସାକୁ ସେତେବେଳେ ପୁଞ୍ଜାଏ ପାଞ୍ଚଟା କାକୁଡ଼ି ମିଳୁଥିଲା । କିନ୍ତୁ ଗୋଟାଏ କାକୁଡ଼ି ଲାଗି ମୋ ପ୍ରାଣ ନ ଯାଇ ଟିକେକେ ଅଟକି ଗଲା ।

ଆଉ ଦିନେ ମୋ ପୁତୁରା ଯଦୁ ଓ ମୁଁ ପହଁରି ଡ଼ିଆଁଦେଇ କରି ଗଡ଼ିଆ ପାଣିକି ଦି ଭାଗ କରୁଥିଲୁ । ଗାଧୋଉ ଥିବା କେଉଁ ମାନ୍ୟ ବୟସ୍କଙ୍କ ଉପରେ ହୁଏତ ଛିଟିକା ପାଣି ପଡିଥିବ । ସେ ଯାଇ ସିଧା ମାଷ୍ଟ୍ରଙ୍କୁ ଡ଼ାକି ଦେଲା । ତାଙ୍କୁ ଏ ଅସ୍ଥାନରେ ଦେଖିବା ମାତ୍ରେ ଛନକାରେ ଆମ ତାଳୁକା ଶୁଖିଗଲା । ମାଷ୍ଟ୍ରେ ଅଙ୍ଗୁଳି ନିର୍ଦ୍ଦେଶ ଦେଲେ—ସ୍କୁଲକୁ ଆସ । କେତେ ମଉସା ପିଉସା ଋହିଁଥାନ୍ତି, ହୁଏତ ଭାବୁଥାନ୍ତି, ଭଲ ହେଉଚି, ଏ ଅଳପେଇଷେ ଯୋଉ ଉଛୁଳୁଛନ୍ତି !

ଓଦା ସୁଡ଼ୁବୁଡ଼ୁ ହୋଇ ଆମେ ଇସ୍କୁଲରେ ପହଞ୍ଚିଥିଲୁ; ଆଦେଶ—ନାକବାଳ ଧରି ଏକ ଗୋଡ଼ିକିଆ; ପାଦ ତଳେ ପଡ଼ିଲେ ପାହାର । ଘଣ୍ଟାଏ ଏପରି ଛିଡ଼ା ହେଲା ପରେ ପୁଣି ଆଦେଶ ହେଲା—ଚୌକି ବସ । କାନ୍ଥରେ ଅଣ୍ଟା ଲଗାଇ ବସିଲୁ, କେତେଥର ଖସି ପଡ଼ିଲୁ । ଫଳ ପ୍ରହାର । ସେତେବେଳକୁ ଲୁଟାପଟା ଦେହରେ ଶୁଖି ଯାଇଥିଲା । ଆଖିରୁ କେବଳ ବୋହୁଥିଲା ପାଣି, କାହା ମୁହଁ ଋହିଁ ଯେ ଅଜି ଉଠିଥିଲୁ ।

## ହରି ମାଷ୍ଟ୍ରେ

ଏଇ ନିଷ୍ଠୁର ମାଷ୍ଟ୍ରେ ଆମର ପଡ଼ୋଶୀ ଥିଲେ; କିଛିଦିନ ପରେ ତାଙ୍କର ଅଧଃପତନ ହେଲା, ବୋଧେ ପିଲାଙ୍କ ନିଃଶ୍ୱାସ ପଡ଼ିଗଲା । ସେ କୁଚିତ୍ ପଢ଼ାଉ ଥିଲେ, ମାଡ଼ ଚଢ଼ାଇଲେ ପିଲା ଡର ଭୟରେ ମନକୁ ପଢ଼ିଯିବେ । ଯେତେ ମାଡ଼ ସେତେ ପାଠ, ମାଷ୍ଟ୍ରଙ୍କର ସୁନାମ, ତା ବେତ ଯାହା ଦେହରେ ବାଜିଛି ଯେ କେବେ ପାଠରେ ହାରିବ ନାହିଁ । ମାରଣା ମାଷ୍ଟ୍ରଙ୍କୁ ଖଗା ଅଭିଭାବକ । ପିଲାଙ୍କ ଲୁହରେ ଆହା କହିବାକୁ ମାଆ ବ୍ୟତୀତ ଆଉ କେହି ନ ଥିଲା । 'ମାଷ୍ଟ୍ରଙ୍କୁ କହିଦେବି' ବୋଲି ଅଭିଭାବକ ଧମକ ଦେଲେ ପିଲାଏ ଛାନିଆଁ ହୋଇ ଯାଉଥିଲେ । ସୁଧାର ହୋଇ ନ ଚଳିବାକୁ ଉପାୟ ନ ଥିଲା । କେହି କେହି ଘରଦ୍ୱାର ଛାଡ଼ି ବଣ ବୁଦାରେ ପଶୁଥିଲେ । ମାଷ୍ଟ୍ରଙ୍କ ଆଗେ ଅଭିଭାବକ ନାଲିସ୍ କଲେ ତାଙ୍କୁ ଲାଇସେନ୍ସ ମିଳି ଯାଉଥିଲା ଓ ମାଡ଼ ଭରଣକ ପାହୁଲେ ହେଉଥିଲା ।

ହରି ମାଷ୍ଟ୍ରେ ଅଫିମ ଖାଉଥିଲେ, ତାର ମାତ୍ରା ବଢ଼ି ଚାଲିଥିଲା; ଏଇସବୁ ମାଦକ ଦ୍ରବ୍ୟ କିଣିବା ଲାଗି ଜଣେ କୋମଳମତି ଛାତ୍ରକୁ ପଠାଇବାରେ ତାଙ୍କର ସଂକୋଚ ନ ଥିଲା । ଅଫିମ ଛଡ଼ା ତାଙ୍କ ଲାଗୁଆ ଦୁଧ ଏକ ପାଆ (ସେତେବେଳକୁ ଦୁଧ କଟକୀ ସେର ଛ' ପଇସା) ମୁଁ ବେହେରା ଘରୁ ଆଣିଦେଉଥିଲି । କିନ୍ତୁ ଏ ବୋଲହାକ ବାବଦକୁ ମାଡ଼ରୁ କଡ଼ାଏ ମଜୁର ହେଉ ନ ଥିଲା ।

ଅଫିମ ଖାଇବାକୁ ପଇସା ନଅଣ୍ଟ ହେବାରୁ ମାଷ୍ଟ୍ରେ ଘରୁ ଧାନ ଚାଉଳ ମୁଗ କୋଳଥ ଚୋରୀ କଲେ, ଧରା ପଡ଼ିବାରୁ ବୁଢ଼ା ବାପକୁ ମାଡ଼ ଚଢ଼ାଇଲେ । ବାପ ମଧୁଦାଶେ କାନ୍ଦିବୋବେଇ ସବୁ କଥା 'ବାବୁ' (ସବ୍ ଇନ୍ସପେକ୍ଟର)ଙ୍କ ଆଗରେ କହିବାରୁ ବାବୁ ମାଷ୍ଟ୍ରଙ୍କୁ ବରଖାସ୍ତ କଲେ । ଦିନେ ଅଫିମ ନ ହେଲେ ଶରୀର ଅଚଳ । ମାଷ୍ଟ୍ରେ ଜୀବନ ବଞ୍ଚାଇବା ଲାଗି ଗାଆଁରେ କିଛି ଉପାୟ ନ ପାଇ କଲିକତା ପଳାଇ ଗଲେ । କଲିକତାରେ ଏପରି ଅର୍ଦ୍ଧଶିକ୍ଷିତ ବ୍ୟକ୍ତିଙ୍କୁ କି କାର୍ଯ୍ୟ ମିଳିବ ? ବହୁତ ଖୋଜିଖୋଜି ମାଳୀ କାମଟିଏ ମିଳିଲା । ଦିନକୁ ମଜୁରୀ ବାରଅଣା; ଦିନସାରା କୋଡ଼ି କାଙ୍କ ହଣା, ଟେଣ୍ଡାରେ ପାଣିବୁହା । ଅନଭ୍ୟସ୍ତ ଦେହ କଠୋର ଶ୍ରମ ସହିବାକୁ ଅସମର୍ଥ ହେଲା । ଦେହମୁଣ୍ଡ ଦରଜ ହୋଇ ହେଲା ଜର; କିଏ ତାଙ୍କୁ ଦେଖାଚାହାଁ କରିବ ? ହାସପାତାଳରେ କେତେଦିନ ପଡ଼ି ତାଙ୍କ ପ୍ରାଣ ବାହାରି ଗଲା । ବହୁଦିନ ପରେ ଗୋଟାଏ ଉଡ଼ା ଖବର ଗାଆଁରେ ପହଞ୍ଚିଲା ।

## ବିଶ୍ୱମ୍ଭର ମାଷ୍ଟ୍ରେ

ଏ ମାଷ୍ଟ୍ରେ ସଜ ଟ୍ରେନିଂ ପାଇ ଆସିଥିଲେ, କଣ ତାଙ୍କୁ ବଡ଼ ସାର୍‌ମାନେ ଶିଖାଇଥିଲେ କେଜାଣି, ସେ ବୁଝିଥିଲେ—ପାଠ ପଢ଼େଇବା ଅର୍ଥ ମାଡ଼ ଦେବା । ତାଙ୍କ ଅମଳରେ ମାଡ଼ ବଢ଼ି ଚାଲିଲା । କିନ୍ତୁ କେବଳ ହାତସୁଖ ଲାଗି ସେ ମାରୁ ନ ଥିଲେ । ବଡ଼ ଶ୍ରମକୁଣ୍ଠ ଥିଲେ ସେ । ଗାଆଁ ଲୋକଙ୍କ ସଙ୍ଗେ ଗପ ଜମଉଥିଲେ; ଏଣେ ଚିତ୍କାର ଗର୍ଜନ କରି ପିଲା ପଢ଼ି ଚାଲିଥିଲେ—'ଦୁଇକେ ଦୁଇ ପ-ଅ-ଣ୍', 'ତୁ ତୁ କରି ଡାକିଲି ମୁହିଁ', 'ପ୍ରଜାପତିଟି ହରଷରେ, ବସିଚି ଫୁଲର ଉପରେ',

'ଆ ଦୀର୍ଘଈ—ଆଈ', 'ଆକାଶ ଦିଶେ କି ସୁନ୍ଦର, ତାହାକୁ ରଚିଲେ ଈଶ୍ୱର', 'ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି ଏ ଜୀବନ ଅର୍ପିତ' । ଏପରେ ନିମ୍ନତମ ଶ୍ରେଣୀରୁ ଉଚ୍ଚତମ ଶ୍ରେଣୀ ପର୍ଯ୍ୟନ୍ତ ବେତ ବୁଲିଗଲେ ଗାଡ଼ି ଚାଲିଥାଏ । ମଝିରେ ମଝିରେ ବେତ ଏଠି ସେଠି ଝଡ଼ ସୃଷ୍ଟି କରେ । 'ବିରିମାଡ଼ ଦେଖି କୋଳଥ ଗ୍ରେପା' ଜଣେ ମାଡ଼ ଖାଇଲେ ଅନ୍ୟମାନେ କଳ ପରି ବୋବେଇ ଚାଲିଥାନ୍ତି; ରାସ୍ତାରେ ଚାଲିଗଲା ଲୋକ ବିଚାରନ୍ତି—ଏ ମାଷ୍ଟ୍ରେ ଭାରି କଡ଼ା, ଏ ଇସ୍କୁଲରେ ଭାରି ପଢ଼ା । କିନ୍ତୁ ପାଠ ଯୋଉଠି ସେଇଠି; ଇଞ୍ଚେ ଆଗେଇବାକୁ ବହୁତ ଡେରି ଲାଗେ । ପିଲାଏ ଗୋଟିଏ ଗୋଟିଏ ଶ୍ରେଣୀରେ ବହୁ ବର୍ଷ ଘୁଷୁରୁଥାନ୍ତି; କେହି କିଛି କହନ୍ତି ନାହିଁ ବା ସେ ବିଷୟ ବୁଝନ୍ତି ନାହିଁ ।

ପାଠ ପଢ଼ ପଢ଼ୁ ଟିକିଏ ଫୁସ୍ ଫାସ ହେଲେ ମାଷ୍ଟ୍ରେ ଓଠ କାମୁଡି ଲାଲ୍ ଆଖି ଦେଖାଇଦିଅନ୍ତି କିମ୍ବା ମେଜରେ କଷି କରି ବେତରେ ଦି ଚାରି ପାହାର ପିଟି ଦିଅନ୍ତି । ଛାତି ଚାଉଁ କିନେ ଚମକି ପଡ଼େ, ଦେହ ଡୟରେ ଶୀତେଇ ଉଠେ । ମୁଣ୍ଡରୁ ସବୁ ବୁଦ୍ଧି କୁଆଡେ ଉଭେଇ ଯାଏ । ହୋଇଯାଏ ଯେତେକି ଗୋଟାଏ କାଠକଣ୍ଢେଇ, ନିଃଶ୍ୱାସ ଯା ଆସ କରେ ଯାହା ।

ବେତଚ୍ଚେରୀ ଗୋଟିଏ ସାଧାରଣ ଘଟଣା ଥିଲା । ଭାଗ୍ୟକୁ ଯନ୍ତ୍ରତନ୍ତ୍ର ଅମରୀ ବୁଦା ନ ଥିଲା । ତଥାପି ବାଡ଼ ମେଲା ହେବା ଭୟ ଥିଲେ ବି ମାଷ୍ଟ୍ରେ ବଡ଼ଚାଟ ହାତରେ ବେଗୁନିଆ ଛାଟମାନ ଭଙ୍ଗାଇ ଆଣୁଥିଲେ । ଭାଗ୍ୟକୁ ଦିଚାରି ପାହାର ପରେ ଛାଟ ଗୁଣ୍ଡା ହୋଇ ଯାଉଥିଲା । ତା'ପରେ ହାତ ବୋଲ କରୁଥିଲା । ତାଙ୍କ ହାତରୁ ଗୋଟିଏ ଖୁନ୍ଦା ଖାଇଲେ ଦାନ୍ତ ଦି'ଧାଡ଼ି ଝଡ଼ିଗଲା ପରି ଜଣାଯାଏ । ରୋଳବାଡ଼ି ମାଡ଼ ଦରଜ ସ୍କୁଲ ଛାଡ଼ି ଯିବାଯାଏ ମୋର ଥିଲା । ମେରୁହାଡ଼ ବୋଧହୁଏ ଚଡ଼କି ଯାଇଥିଲା । କଅଁଳ କାନ ଉପରେ ମୁହୁର୍ମୁହୁ ବିପତ୍ତି ପଡ଼ୁଥିଲା । ସତେ ଯେପରି ଶୁଣିବା ଲାଗି ନୁହେ, ମାଷ୍ଟ୍ରଙ୍କ ହାତସୁଖ ଲାଗି ସେ ବିଟାର ସୃଷ୍ଟି ହୋଇଥିଲା ।

ଏ ମାଷ୍ଟ୍ରଙ୍କର ଦିନକର ଚରିତ ମୋର ମନେ ପଡ଼ୁଛି । ସେ ପଚାରି ଆଜ୍ଞା ହୋଇଥିଲେ—ମରୁଭୂମିରେ ଶୋଷ ହେଲେ କ'ଣ ପିଇବୁ ?

ମୁଁ କହିଲି—ପାଣି କାହୁଁ ପାଇବି ଯେ ପିଇବି । ମରିବି ।

'ମରିବୁ, ମରିବୁ' ପଚାରି ମାଷ୍ଟ୍ରେ ଦି'ଥର ନହକା ବେତକୁ ପିଁ ପିଁ କରି-ଦେଲେ । ଭୟରେ ଥରୁ ଥରୁ କାନ୍ଦଣାସ୍ୱରରେ କହିଲି—ନାଇଁ ମାଷ୍ଟ୍ରେ, ମରିବି ନାହିଁ ।

'ଆଉ କ'ଣ କରିବୁ ?'

'ଗାତ ଖୋଳି ପାଣି କାଢ଼ି ପିଇବି ।'

'ଶାବଳ କୋଉଠୁ ପାଇବୁ ? ଦଉଡ଼ି, ଢାଳ କୋଉଠୁ ପାଇବୁ ? କେମିତି ଏତେ ଖୋଳିବୁ, କହ, କହ ।'

ଭାବି କହିବା ଯାଏ ମାଷ୍ଟ୍ରଙ୍କ ତର ସହୁଚି କୋଉଠି ? ବହିଯିବ ପାହାର, କେତେ ପାହାର କିଏ ଜାଣେ ? କୋଉ ପାପର କେତେ ଶାସ୍ତି, ତା'ର କ'ଣ ମାପ-ଖାପ ଏଠି ଅଛି ? ମାଷ୍ଟ୍ରଙ୍କ ଆଖିକି ରକ୍ତ ପିଚିକି ଉଠିଥାଏ । 'ମତେ ଯାହାହେଲେ

ଶୀଘ୍ର—ଅତି ଶୀଘ୍ର ଉତ୍ତର ଦେବାକୁ ହେବ, ନଇଲେ ତ୍ରାହି ନାହିଁ—ନାହିଁ । ମୁଣ୍ଡକୁ ଯାହା ଢୁକିଲା, ମୁଁ ଉତ୍ତର ଦେଲି—ମାଷ୍ଟ୍ରେ, ଆଉ କ'ଣ କରିବି ? ମୁଡ଼ି ପିଇବି ।

ଏ ଉତ୍ତର ଶୁଣି 'ମୋ ଭାଗ୍ୟ ଅଜି କେଉଁ ମନ୍ଦ ଦିଗକୁ ଗତି କରିବ' ଶଙ୍କାରେ ଯେଉଁ ପିଲାଏ ଆଁ କରି ଚାହିଁଥିଲେ, ସେମାନେ ଖେଁ କିନେ ହସି ପକାଇଲେ । ଏଇ ହାସ୍ୟରୋଳରେ କଟମଟ ଚାହାଣୀରେ ପିଲାଙ୍କ ରକ୍ତ ଶୁଖାଇ ଦେଇ ମାଷ୍ଟ୍ରେ ମତେ ଦି ଚଟକଣା ପକାଇ ଏମିତି ଏକ ଧକ୍‌କା ଦେଲେ ଯେ ମୁଁ କାନ୍ଥରେ ପିଟି ହୋଇଗଲି; ବିକଳ ହୋଇ କାନ୍ଥକୁ ଚାହିଁ ଯେପରିକି କହୁଥିଲି—ହେ କାନ୍ଥ, ତୁ ଫାଟି ଯା, ମୁଁ ପଶିଯାଏଁ ।

ସେତେବେଳେ ମାଷ୍ଟ୍ରେ ବ୍ରାହ୍ମଣପିଲାମାନଙ୍କ ଘରେ ପାଳି କରି ଖାଉଥିଲେ । ଆମ ଘରେ ମାସକୁ ପାଞ୍ଚଦିନ ପାଳି ପଡ଼ୁଥିଲା । ଦଶଟା ବାଜିଲାକ୍ଷଣି ମୁଁ ଘରକୁ ଯାଇ କାଞ୍ଚୁଳିଏର ତେଲ ଆଣି ଦେଉଥିଲି । ମାଷ୍ଟ୍ରେ ଗାଧୋଇପାଧୋଇ ଆସିଲା ପରେ ଅଁଧନା ପକାଇ ପାଣି ଥୋଉଥିଲୁ । ମାଷ୍ଟ୍ରେ ଖାଇସାରି ନିଜ ବାସନ ଧୋଉଥିଲେ । ଖାଇବା ଜାଗାଟି ଗୋବର ପାଣିରେ ଲିପୁଥିଲେ । ତା'ପରେ ପାନ ଖିଲେକେ ଗାଲରେ ଆବୁ କାଢ଼ି ଆଉ ଖିଲେ ହାତରେ ଧରି ଆସି ସ୍କୁଲରେ ବେଞ୍ଚ ଯୋଡ଼ି ଶୋଉଥିଲେ; ଚରଣସେବାର ଭାରଟି ଅବ୍ରାହ୍ମଣ ପିଲାଙ୍କ ଉପରେ ପଡ଼ୁଥିଲା ।

ଯେଉଁ ଗାଆଁରେ ମାଷ୍ଟ୍ରଙ୍କ ଜାତିଆ ଲୋକ ନାହାନ୍ତି, ସେଠି ସ୍କୁଲରେ ପିଲାଏ ଯୋଗେଇ କରି ଦେଉଥିଲେ; ମାଷ୍ଟ୍ରେ କେବଳ ଭାତ ଗଳାଗଲି ବା ତିଅଣ ବଘର ବଢ଼ରି କରୁଥିଲେ, ବାସନମଜା, ଘର ଓଳାଓଳି କାମ ପିଲାଙ୍କ ଉପରେ ପଡ଼ୁଥିଲା ।

## ବାଘ ଘରେ ମିରିଗ ନାଟ

ମାଷ୍ଟ୍ରେ ସ୍କୁଲରେ ନ ଥିବା ବେଳେ 'ବାଘ ଘରେ ମିରିଗ ନାଟ ।' ସ୍କୁଲ ହତାରେ ଦଉଳଗଛରେ ଚଢ଼ି ଆମେ ପାଚିଲା ଫିକା ଲାଲ୍ ବଉଳକୋଳି ତୋଳି ଖାଉଁ । ସାପକୁ ନ ଡରି ବେତବଣରେ ପଶି ବେଣ୍ଟା ବେଣ୍ଟା ବେତକୋଳି ତୋଳୁ; ଏ ଦେଶର ରସହୀନ, ମଞ୍ଜିସର୍ବସ୍ୱ କଣ୍ଟେଇକୋଳି, ଖଜୁରୀ କୋଳି ବା ବେତ କୋଳି; କି ସ୍ୱାଦ ସେଥିରେ ଥାଏ ? ତଥାପି ଗୋଟିଏ ମିଳିଗଲେ କୋଟିନିଧି । କୋଳିର ଯୁଗ ସେ—ଆଖୁ କୋଳି, ଭଇଞ୍ଚି କୋଳି, କ୍ଷୀର କୋଳି, ଶଗଡ଼ବାଟୁଆ କୋଳି, ଭୃତୁଆ ଜାମୁଁ, ଚାଉଳଧୁଆ କୋଳି, ନରଡ଼କୋଳି ବା ଭୂଇଁବରକୋଳି—ହୁଡ଼ାରୁ ଗୋହିରି, ତୋଟାରୁ ବଣ ବୁଲି ବୁଲି ତୋଳୁଥିଲି । 'ହେଇ ମାଷ୍ଟ୍ରେ ଅଇଲେଣି' ବୋଲି କେହି କହିବା ମାତ୍ରେ ଗଛରୁ ଖସ୍‌ଖାସ୍ ଖସି ପଡ଼ି ଦେ ଦୌଡ଼ । ସେ ଯୁଗରେ ଏତେ ଘରେ ଦୁଆର ନ ଥିଲା, ଚାରିଆଡ଼େ ଲଟାଘଣ । ଏବେ ଗ୍ରାମେ ଗ୍ରାମେ ହେଲି, ଭଇଞ୍ଚି ବା କଣ୍ଟେଇ କୋଳି ଗଛର ମୂଳ ମାରି ଦେଇଛନ୍ତି ।

## ଆମର ଖେଳ ଅନ୍ୟର କାଳ

ସ୍କୁଲର ଗୋଟିଏ ବଖରା ମେଲା, ଅଧା କାନ୍ଥ । ବଙ୍କା ଜାମୁ ଓଲମାନଙ୍କରେ କଳା ଭଅଁରମାନେ ଗାତ କରିଥାନ୍ତି—ଚାରିଆଡ଼ୁ ମହୁ ପିଇ ଆସି ପିଲାଙ୍କୁ ଟୁଙ୍ଗୁ

ଯେଉଁ ସେଇ ଗାତମାନଙ୍କରେ ସେମାନେ ରହନ୍ତି । ଆମେ କାଠି ଗୁଞ୍ଜି ଗାତ ମୁହଁ ବନ୍ଦ କରୁ । ଭଅଁରମାନେ କୁଁ କାଁ ହୁଅନ୍ତି । ପଦାକୁ ବାହାରି ପାରନ୍ତି ନାହିଁ । ଏ ଆମର ଏକ ନିତ୍ୟ ନିଷ୍ଠୁର ଖେଳ । କୌତୁକରେ ବହୁତ ନିଷ୍ଠୁର କାର୍ଯ୍ୟ କରିପକାଉ, ଜାଣିପାରୁ ନାହିଁ ।

କଳା କଳା ଭଅଁରମାନେ ଭିଁ ଭିଁ ହୋଇ ଉଡ଼ି ଧଳା କଞ୍ଚନ ଫୁଲରେ, ଝୁଲଣି ମନ୍ଦାରରେ, କାଠରଙ୍ଗଣି ବା ଲାଲ୍ କନିଆର ଫୁଲରେ ବସୁଥିଲାବେଳେ ଆମେ ଉଡାଉଁ, ସେମାନଙ୍କ ପିଛା ଧରି ଗୋଡ଼ାଉଁ, ବେଳେବେଳେ କାମୁଡ଼ା ଖାଉଁ । ପୁଣି ମାଆର ରକ୍ଷନିୟମ ପକା ହୋଇଥିଲେ ସୁଦ୍ଧା ଛପି ଛପି ପଛଆଡୁ ଯାଇ ନାନା ବର୍ଣ୍ଣର କଙ୍କି ଧରୁ, ତା ଲାଙ୍ଗୁଡ଼ରେ ସୂତା ବାନ୍ଧି ଦେଉ । ସେ କଷ୍ଟେମଷ୍ଟେ ଉଡ଼େ, ସୂତାଟି ତା ଲାଙ୍ଗୁଡ଼ରେ ଝୁଲୁଥାଏ । ଏଣ୍ଡୁଅର ମୁଣ୍ଡ ଟୁଙ୍ଗାରିବା ଆମର ମୃତ୍ୟୁ କାମନା ବୋଲି ବିଶ୍ୱାସ କରୁଥିଲୁ । ତେଣୁ ତା ମୃତ୍ୟୁକାମନାକୁ ପାପ ବୋଲି ମଣୁନ କରୁ ନ ଥିଲୁ । ପାରିଲା ଏଣ୍ଡୁଅକୁ ମାରି ଗୋବରରେ ପୋତାଇଲେ ତା ମୁଣ୍ଡରୁ କଉଡ଼ି ବାହାରିବ, ବିଶ୍ୱାସ ଥିଲା । ଆମ ଅନ୍ଧ ବିଶ୍ୱାସ ଯୋଗୁଁ ବହୁତ ନିରୀହ ଏଣ୍ଡୁଅଙ୍କୁ ପ୍ରାଣବଳି ଦେବାକୁ ହେଉଥିଲା ।

ଗଛରେ ଚଢ଼ି ବସାରୁ ବଣିଛୁଆ ଧରିଆଣି ପଞ୍ଜୁରୀରେ ରଖୁ, ଝିଣ୍ଟିକା ମାରିଆଣି ତାକୁ ଖାଇବାକୁ ଦେଉ । ଇସ୍କୁଲକୁ ଯାଉଥିଲାବେଳେ ଶଙ୍ଖଚିଲେଇ ନଖ ମାରି ତାକୁ ମାରିପକାଏ । ସେହିପରି ନେଉଳ ଧରି ପୋଷିବା ସକ୍ ମଧ୍ୟ ଥିଲା ।

ଗୁଡ଼ି ବଦଳରେ ଆମେ ସେକାଳେ କିଆପତ୍ରର ଚକ୍ରବତୀ ଉଡ଼ାଉଥିଲୁ; ବାଛୁରୀ ପିଠିରେ ବସି ଘୋଡାଚଢ଼ା ସୁଖ ଅନୁଭବ କରୁଥିଲୁ । ସେ ଟୁଳ ଓ ପିଠି ଥରଇ ଯୋଡ଼ି ପକାଇଲେ ଆମେ ତଳେ କଗୁଡ଼ି ହୋଇ ପଡୁଥିଲୁ—ଆହତ ସୈନିକ ! ବେଙ୍ଗ ପିଠିରେ ଗୋବର ଥୋଇ ବଳିତା ଜାଳୁଥିଲୁ, ବେଙ୍ଗ ବେଙ୍ଗୁଲୀ ବାହାଘର କରୁଥିଲୁ । ସେ କାଳେ ଗୋହିରୀମାନଙ୍କରେ ବଡ଼ ବଡ଼ କିଆବାଡ଼ ଥିଲା, ଯେଉଁଥିରେ ଶୀତଦିନେ ନିଆଁ ଲଗାଇବା ଗୋଟାଏ ମଉଜ ଥିଲା । ଡୁ ଡୁ, ବୋହୂ ଚୋରୀ ପ୍ରଧାନ ଖେଳ ଥିଲା । ଦୁଇଜଣ ଖୁଣ୍ଟି ଖେଳାଳୀ ବଛା ହେଉଥିଲେ । ତା'ପରେ କିଏ ନେବ 'ରାମ ଲକ୍ଷ୍ମଣ', 'ବାଳି ସୁଗ୍ରୀବ,' କିଏ ନେବ 'ରାବଣ କୁମ୍ଭକର୍ଣ୍ଣ', 'ଭୀମ ଅର୍ଜୁନ' ଇତ୍ୟାଦି ପଚରା ହେଉଥିଲା । ଥରେ ଏ ଖଣ୍ଟ, ଆଉ ଥରକେ ଅନ୍ୟ ଖୁଣ୍ଟି ଖେଳାଳୀ ସେମାନଙ୍କ ମଧ୍ୟରୁ ନିଜର ସାଙ୍ଗ ଖେଳାଳୀ ବାଛି ନେଉଥିଲେ ।

ପିଲାଦିନେ ମୁଁ ଦୁଷ୍ଟାମି କରି ନାହିଁ ନୁହେ, କିନ୍ତୁ ନାମଜାଦା ଦୁଷ୍ଟଙ୍କ ଭିତରେ ଗଣା ହେଉ ନ ଥିଲି । ପଢ଼ିଲାବେଳେ ଗଢ଼ିଆ ବୋଲି ଗୋଟିଏ ପିଲାର ପିଠି ସିଲଟ ଖଡ଼ିରେ ରାମ୍ପୁଡ଼ି ଦେଇଥିଲି । ରକ୍ତ ବୋହିଥିଲା । ଆମ ଗାଆଁର ଗଜେନ୍ଦ୍ର ନାଥ ସାହୁର ସେ ପୁଅ ଏବେ ମନେ ନାହିଁ । କିନ୍ତୁ ରାମ୍ପୁଡ଼ି ଦେଇ ରକ୍ତ ଦେଖି ମୁଁ ଏତେ ଛାନିଆଁ ହୋଇ ଯାଇଥିଲି ଯେ ସେ କଥା ଏ ଯାକେ ଭୁଲିପାରି ନାହିଁ ।

## ହରିତାଳିକା, ଶ୍ରୀପଞ୍ଚମୀ

କଦଳୀ ପଟୁକାରେ ଆମ୍ବପତ୍ର କିମ୍ବା ନରକୋଳି ପତ୍ର ତେମ୍ପ ବାନ୍ଧି ଇସ୍କୁଲର ଘୃକ ଓଳି ସଜାଉଥିଲୁ । ପ୍ରବେଶଦ୍ୱାରରେ ଦୁଇଟା କଦଳୀ ଗଛ ପୋତା

ହେଉଥିଲା । ହାଣ୍ଡିରେ ହାଣ୍ଡି ଯୋଡ଼ି ଭେଳା କରି ଆମେ ଦଳ ଗଡ଼ିଆରୁ ବେଁକା ବେଁକା ଲାଲ, ଧଳା କଇଁଫୁଲ ତୋଳି ଆଣୁଥିଲୁ । ସେମାନଙ୍କ ନାଡ଼ କାଢ଼ି ବେଣୀ ପକାଇ ମେଣ୍ଟା ତିଆରି କରୁଥିଲୁ । ସେସବୁ ଓସରୁ, ଶେଷୀରୁ ଭଲକୁ ଝୁଲାଇ ଦିଆ ହେଉଥିଲା । ବନମାଟି ଓ ଗାଈଗୋବରରେ ବହଳ କରି ଚଟାଣଟି ଲିପାପୋଛା ହେଉଥିଲା, ତା ଉପରେ ମୁରୁଜ ଦିଆ ହେଉଥିଲା, କେତେ ଭେଙ୍ଗିଗ୍ଳରେ ଚିତା ଲେଖା ହେଉଥିଲା । ଚିତ୍ରିତ ନାରିକେଳ ହିଁ ଗଣେଶଙ୍କର ପ୍ରତୀକ ଥିଲା । ପୂଜା ମଧ୍ୟରେ ନଡ଼ିଆ ବାଡ଼େଇବା ସବୁଠାରୁ ଚିତ୍ତାକର୍ଷକ ବିଷୟ ଥିଲା ।

ନମୋ ଗଣେଶ ବିଘ୍ନେଶ      ଗିରିଜା ନନ୍ଦନ ପ୍ରଭୋ
ନମୋ ବିଘ୍ନ ବିନାଶାୟ      ଗଣାଧିପତୟେ ନମଃ ।

ଗୁଣୁଗୁଣୁ ସ୍ୱରରେ ଏହି ଶ୍ଳୋକଟି ଆବୃତ୍ତି କରି ପିଲାଏ ଶିଳପୁଆରେ ନଡ଼ିଆ ପିଟୁଥିଲେ—ଠୋଓ । କାହାର ନଡ଼ିଆ ହାତରୁ ଖସି କେବେ କେବେ ପୂଜାରୀ ବା ସ୍ୱୟଂ ଗଣନାଥଙ୍କ ଉପରେ ପଡ଼ୁଥିଲା । ଯାହା ନଡ଼ିଆ ଏକା ପାହାରକେ ଫାଟୁ ନ ଥିଲା, ସେ ଓପାସ ନ ରହି କିଛି ଖାଇ ଦେଇଛି ବୋଲି ଉପହସିତ ହେଉଥିଲା । ପୁଷ୍ପାଞ୍ଜଳି ଦେବା ଆଗରୁ ଆମେ ତଳ ଗୀତଟି ଗାଉଥିଲୁ । * ଶତ ଶତ ବର୍ଷ ଗ୍ଳଲୁ ହେଲା ପରେ ଏ ଗୀତଟି ଏବେ ଅଚଳ ହୋଇଯାଇଅଛି ।

---

* କରୀ ମସ୍ତକେ କପୋଳେ ଶୋହେ ଚିତା, ଖଡ଼ଗ, ଡମ୍ବରୁ ଶୋହେ ବ୍ରହ୍ମବେତ୍ତା
ଜ୍ଞାନଗୁରୁ ବୋଲି ଦେବେ ଦେଲେ ବର, ନମୋନମ ଗଣନାଥ ବିଦ୍ୟାବର ।
ଘଣ୍ଟି ଘର୍ଘରୀ ଶବଦେ ରୁଣ୍ଝୁଣ, ନଟ ତ୍ରିଭଙ୍ଗୀ ଶୋଭିତ ଦେବଗଣ
ଚତୁରପଣେ ଅମୃତ ଲଡ଼ୁକର, ନମୋନମ ଗଣନାଥ ବିଦ୍ୟାବର ।
ଛତ୍ରୀ ବୀରପଣେ ବାମେ ଉଡ଼େ ନେତ, ଜଟା କଉପୀନ ବାସ ଚଣ୍ଡୀଚୁତ ।
ଝଟକନ୍ତି ଯେ କୁଣ୍ଡଳ ହାରହାର, ନମୋନମ ଗଣନାଥ ବିଦ୍ୟାବର ।
ନୃତ୍ୟ ଦେଖିଣ ଦେବତା ଖେଳ ଟଳେ, ଟଙ୍କଧର ତୋଷେ କରେ ଶୂଳ ଦେଲେ ।
ଠଣ ସୁନ୍ଦର ଆକୃତି ରୂପ ତୋର, ନମୋନମ ଗଣନାଥ ବିଦ୍ୟାବର ।
ଡାକି ଡମ୍ବରୁ ବଜାନ୍ତି ଗଣେଶ୍ୱର, ଢଳି ଢଳି ନୃତ୍ୟ କରେ ଦେବବର
ଅଣ ଅରୂପ ସ୍ୱରୂପ ଅଟେ ତୋର, ନମୋନମ ଗଣନାଥ ବିଦ୍ୟାବର ।
ତିନି ଭୁବନେ ଗଣେଶ ଅଗ୍ରେ ପୂଜା, ଥୋର ହସ୍ତରେ ଭକ୍ଷିଲେ ଦେବରଜା ।
ଦନ୍ତୀ ଦନ୍ତ ଭଗ୍ନ ଖଣ୍ଡକରେ ତୋର, ନମୋନମ ଗଣନାଥ ବିଦ୍ୟାବର ।
ଧନ୍ୟ ଲିଖନ ପଠନ କେହୁ କହେ, ନୃତ୍ୟ ଗୀତରେ ନାରଦ ସମ ନୋହେ,
ପାଶ ଅଙ୍କୁଶ ତ୍ରିଶୂଳ ଶୋହେ କର, ନମୋନମ ଗଣନାଥ ବିଦ୍ୟାବର ।
ପାଶ ଅଙ୍କୁଶ ତ୍ରିଶୂଳ ଶୋହେ କର, ବାହେ ବାହୁଟି କଙ୍କଣ ହୀରସାର
ଭଲାନାମ ଦେଲେ ମା ଏ ଗଣେଶ୍ୱର, ନମୋନମ ଗଣନାଥ ବିଦ୍ୟାବର ।
ପନ୍ନଗ କୁଣ୍ଡଳମାଳ ଚୂଳଧାରୀ, ଜପ ତ୍ରିଭଙ୍ଗ ଏକାଙ୍ଗେ ଠୁଳ କରି
ରଙ୍ଗେ ଇନ୍ଦୁରେ ପୃଷ୍ଠେ ବିଜେ କର, ନମୋନମ ଗଣନାଥ ବିଦ୍ୟାବର ।
ଲିହି କାଟିଏ ପଢ଼ିଲ ଗଣେଶ୍ୱର, ବେଦବିଦ୍ୟାରେ ଜିଣିଲ ତିନିପୁର ।
ସୃଷ୍ଟି ପତନ ଖଣ୍ଡିଲ ଅନ୍ତକର, ନମୋନମ ଗଣନାଥ ବିଦ୍ୟାବର ।
ଛାଲ କଉପୀନ ବାସ ବେଶ ହୋଇ, ଛାର ତ୍ରିଦଶ ମୋହିଲୁ ଦେବ ତୁହି
ଛାରମତି ଦିବାକର ଦୁଃଖ ହର, ନମୋନମ ଗଣନାଥ ବିଦ୍ୟାବର ।

ଗଣେଶଙ୍କ ବିଷୟରେ ବୋଉ ଗୋଟିଏ କଉତୁକିଆ ଗପ କହୁଥିଲା । ପାର୍ବତୀ ଥରେ ହଳଦି ଲଗାଇ ଦେହରୁ ବାହାରିଥିବା ମଳୁକୁଟିତକ ଏକାଠି କରି ଗୋଟିଏ ମୂର୍ତ୍ତି ଗଢ଼ିଲେ, ତାକୁ ଜୀବନ୍ୟାସ ଦେଇ ନିଜ ଦେଉଳର ଦ୍ୱାରପାଳ କଲେ । ଶିବ କୁଆଡ଼େ ଯାଇଥିଲେ, ବହୁଦିନ ପରେ ଆସି ଦେଉଳଦୁଆରେ ଦ୍ୱାରପାଳକୁ କହିଲେ—ବାଟ ଛାଡ଼ । ଦ୍ୱାରପାଳ ବାଟ ନ ଛାଡ଼ିବାରୁ ଶିବ ରାଗରେ ତ୍ରିଶୂଳରେ ତା ମୁଣ୍ଡ କାଟିଦେଲେ । ପୁଅର ଏ ଦୁର୍ଦ୍ଦଶା ଦେଖି ପାର୍ବତୀ କାନ୍ଦିବାକୁ ଲାଗିଲେ । ଶିବ ତାଙ୍କୁ ବୋଧଶୋଧ କରିବା ଲାଗି କଟା ମୁଣ୍ଡଟି ନ ଲଗାଇ ଗୋଟିଏ ହାତୀ ଛୁଆର ମୁଣ୍ଡ କାଟିଆଣି ଲଗାଇ ଦେଲେ । ଶିବପାର୍ବତୀ ପୁଅକୁ ବହୁତ ବୁଦ୍ଧି ଜ୍ଞାନ ଦେଲେ । ସେ ହେଲେ ମହାଜ୍ଞାନୀ ଗଣେଶ ।

ପୂଜା ପରେ ପଞ୍ଚାମୃତ, ପୋଡ଼ା ହୋମ ନଡ଼ିଆ, ପୁଞ୍ଜାଏ ପୁଞ୍ଜାଏ ଭୋଗ ପିଲାଙ୍କ ହାତରେ ଦିଆ ହେଉଥିଲା । ବେତା ବେତା ନଡ଼ିଆ ଭଙ୍ଗା ହେଲେ ମଧ୍ୟ ସେଥିରୁ ଖଣ୍ଡେ ପିଲାଙ୍କୁ ଦିଆ ହେଉ ନ ଥିଲା । ତାକୁ ଖାଇଲେ କୁଆଡ଼େ ପାଠ ଆସେନାହିଁ । ଯେତକ ସବୁ ଭୋଗ ସହିତ ମାଷ୍ଟରମାନେ ବାଣ୍ଟି ଘରକୁ ନେଉଥିଲେ । ଗୁରୁଭକ୍ତି କିମ୍ବା ଭୟ ପ୍ରବଳ ଥିବାରୁ କେହି ଉଁ କି ଚୁଁ କହୁ ନ ଥିଲେ । ପ୍ରତ୍ୟେକ ଶିକ୍ଷକଙ୍କ ଲାଗି ଚାନ୍ଦା ଟଙ୍କାରେ ମୂର୍ଣ୍ଣିଏ ଲୁଗା ଓ ଗାମୁଛା କିଣି ଦିଆ ହେଉଥିଲା ।

ଯେମିତିକି ଶ୍ରୀପଞ୍ଚମୀ ଦିନଟି ବଡ଼ ଆନନ୍ଦର ଦିନ ଥିଲା । ଶ୍ରୀପଞ୍ଚମୀ ପଡ଼ିବାର ବହୁ ଆଗରୁ ଆମେ ଦିନ ଗଣୁଥିଲୁ, ପାହାନ୍ତା ରାତିରୁ ଫୁଲ ତୋଳି ଯାଉଥିଲୁ; ମଣ୍ଡା, ମାଣିକି ଗନ୍ଧି ଶେଣ୍ଢୁ ସେ ଋତୁର ପ୍ରଧାନ ଫୁଲ । ହରିତାଳିକା ଅପେକ୍ଷା ଶ୍ରୀପଞ୍ଚମୀ ଆହୁରି ଆଡ଼ମ୍ବରରେ ପାଳିତ ହେଉଥିଲା, ମାଗଣ ଜଡ଼ିତ ଥିବାରୁ ଏହାର ବାତାବରଣ ଦୀର୍ଘ କାଳ ଲାଗି ରହୁଥିଲା ।

ତୁଳନିଆ ନଡ଼ିଆରୁ ଖିଅର କଲାପରି କତା ସଫା କରି ତହିଁରେ ଦୁଧଖଡ଼ି ଘୋରି ବୋଳି ଦିଆ ହେଉଥିଲା । ତା' ଉପରେ ସରସ୍ୱତୀଙ୍କ ଛବି ଅଙ୍କନ କରା ହେଉଥିଲା । ମେଜ ଉପରେ ଚୌକୀ ଓ ତା' ଉପରେ ଗୋଟିଏ ତାଳପତ୍ର ଖୋପରେ ଏଇ ଅଙ୍କିତ ନାରିକେଳଟି ରଖା ହେଉଥିଲା । ପୂଜା ପରେ ପ୍ରାୟ ପନ୍ଦର ଦିନ ମାଗଣ ଲାଗି ରହୁଥିଲା । ପିଲାମାନେ ଚିତ୍ରିତ ନାରିକେଳଟି ଧରି ଗ୍ରାମର ଘରକୁ ଘରକୁ ଗୀତଟିଏ ବୋଲି ମାଗଣ କରୁଥିଲେ, ଯାହା ପାଉଥିଲେ ଗୁରୁଙ୍କୁ ଆଣି ଦେଉଥିଲେ । ସେ ଗୀତଟି ସରସ୍ୱତୀଙ୍କ ବନ୍ଦନା ନୁହେ, ହରି ବା ମୁରାରିଙ୍କ ସ୍ତୁତି; ସରସ୍ୱତୀଙ୍କ ବନ୍ଦନା ନ ଗାଇ କାହିଁକି ଆମେ ବିଷ୍ଣୁଙ୍କ ସ୍ତୁତି ଗାଉଥିଲୁ, ଏହା କହିବା କଷ୍ଟକର । ଶତ ଶତ ବର୍ଷ ଧରି ଓଡ଼ିଶାର ଅବଧାନୀ ଚାହାଳୀ ଓ ତା' ପରେ ସ୍ଥାପିତ ନୂତନ ସ୍କୁଲମାନଙ୍କରେ ଏଇ ଗୀତଟି ବୋଲା ହେଉଥିଲା । ସେ ଦିନର ସମାଜର ସ୍ୱରୂପ ଦର୍ଶାଇବା ଲାଗି ଗୀତଟି ଅବିକଳ ଉଦ୍ଧାର କଲି । *

ଏଥିରେ ଆଶ୍ରମ ଗୁରୁକୁଳ ଶିକ୍ଷାର ଇଙ୍ଗିତ ଅଛି । ଶିଷ୍ୟମାନେ ଭିକ୍ଷା କରି ଗୁରୁଙ୍କୁ ଆଣି ଦେଉଥିଲେ ।

---

* ବନ୍ଦଇ ହରି ଦେବ ମୁରାରି ଲକ୍ଷ୍ମୀ ଦେବୀଙ୍କର କାନ୍ତ
ଅଭୟବର ଦାନ୍ତୁ କୁମର ସେ ହୁନ୍ତୁ ଦେବ ଅନନ୍ତ

# ଯାହାସବୁ ମନରୁ ଲିଭି ଲିଭନାହିଁ

ଗଡ଼ ପଦନପୁର ଲଟା ଆମ ଗାଆଁରୁ ମାଇଲିଏ ମାତ୍ର ବାଟ; ବାଘ ପ୍ରତିଦିନ ଆମ ଗାଆଁକୁ ଆସୁଥିଲା, ମୋ ବାଲ୍ୟକାଳକୁ ଭୟଚଞ୍ଚଳ କରିଥିଲା । ଶୁଣିଛି, ବାଘ ପହିଲେ କୁଆଡ଼େ ଠାକୁରାଣୀଙ୍କ ସମ୍ମତି ପକାଉଥିଲା—ତାପରେ ଠାକୁରାଣୀ ବାଟ ଦେଖାଇ ଦିଅନ୍ତି, ଯୁଆଡ଼େ ଶିକାର ମିଳିବ ! ଅଣ୍ଡିରା ବିଲୁଆର ବିକଟାଳ ରଡ଼ିରେ ଆମ ନିଦ ଭାଙ୍ଗେ, ବୋଉ କହେ—ତିନି ଥର ମୁଣ୍ଡ ଟେକ, ଏ ରଡ଼ି ବଡ଼ ଅଶୁଭ; ଅମୁକ ବୁଢ଼ା ବା ବୁଢ଼ୀ ଧକାଉଛି—ନିଶ୍ଚେ ଯିବ । ବିଲୁଆର ସେଇ ବିକଟ ଚିତ୍କାର ପ୍ରକୃତରେ କାଳର ଡାକ, ଅରେ କେମିତି ହାବୁଡ଼ରେ ପଡ଼ିଲା କେଜାଣି, ବାଘ ତାକୁ ଦିଫାଳ କରି ଚିରି ଦେଲା ।

ସେତେବେଳେ ଆମ ଗାଆଁର ତୋଟାବାଡ଼ି ଗୋଟାଏ ବଡ଼ ମାକଡ଼ଦଳଙ୍କ ଭୋଗଦଖଲରେ ଥାଏ, ଆମ୍ବ ବଉଳରୁ ପତ୍ର ଡେମ୍ଫ, ନଡ଼ିଆ କୁମ୍ଭା, ବାଉଁଶ କରଡ଼ି, କଇଁଆ ଫୁଲ, ଗଜା ଆମ୍ବ ଟାକୁଆ, ମୁଗ, କୋଳଥ ଛୁଇଁ, ସଜନାଫୁଲ ପର୍ଯ୍ୟନ୍ତ ସବୁ ସେମାନେ ଖାଇଯାନ୍ତି, ସେମାନଙ୍କ ଉପଦ୍ରବରେ ବାଡ଼ିରେ ବାଇଗଣ, ଜହ୍ନି କାକୁଡ଼ି ବା କଖାରୁ କଷିଟାଏ ରହୁ ନ ଥାଏ । ସେତେବେଳେ ବିଲାତୀ ଆଳୁର ଦେଖା ଦର୍ଶନ ନାହିଁ । ବାଡ଼ିରେ କେବଳ ସାରୁ । ଗଛରୁ ଅଡ଼ାଇଲେ ମାକଡ଼ସବୁ ଡେଙ୍ଗା

---

ବାରମାସ ମଧ୍ୟେ ଅଟଇ ସାର, ମାଘ ସ୍ନାନକୁ ହେଲୁ ବାହାର
ମାଘ ସ୍ନାନକୁ ବାହାର ହୋଇ, ବସନ୍ତ ପଞ୍ଚମୀ ନାମ ବୋଲାଇ
ଏହି ପଞ୍ଚମୀ ଯେ ଅଟଇ ଭଲ, ଆନ ପଞ୍ଚମୀ ନୁହେ ଏହା ତୁଲ୍ୟ ।
ପିତୁଳା ଲେଖାଇ ବୁଲି ଯେ ଯାନ୍ତି, ଶ୍ରୀଫଳ, ପୁସ୍ତକ ହସ୍ତେ ଘେନନ୍ତି ।
ମୋଡ଼ିମୋଡ଼ିଆ କର୍ଣ୍ଣେ ଫୁଲବଳା, ଓଝା ଚାଟଙ୍କର ଉତ୍ସବ ଲୀଳା ।
ଯାହାଙ୍କୁ ଆଇଲେ ଶୋଳକ ଯୋଡ଼ା, ପଢ଼ ହେ ଚାଟ ହୋଇ ଯୋଡ଼ା ଯୋଡ଼ା ।
ପିତାଏ ଘର ବୋଇଲେ ଆମ୍ଭର, ଗୁରୁଙ୍କୁ ନିଅ ଇଷ୍ଟବନ୍ଧୁ ଘର ।
ଇଷ୍ଟ ବନ୍ଧୁ ଘର ମାଗଣ ଯାଉଁ, ଯାହା ପାଉ ତାହା ଗୁରୁଙ୍କୁ ଦେଉଁ ।
ଗୁରୁଙ୍କ ନିମନ୍ତେ ଅଇଲୁ ଆମ୍ଭେ, ଲୋଚକୋଚ ହୋଇ ନ ଭାଳ ତୁମ୍ଭେ,
ତୁମ୍ଭେ ଯେ ଆମ୍ଭର ବନ୍ଧୁ ସୋଦର, ତେଣୁ ଯେ ଅଇଲୁ ତୁମ୍ଭର ଘର ।
ଅଦିଆ ଘରର ପାଶେ ନ ଯାଉଁ, ଘରକୁ ଗଲେ ପଚେଆ ପାଉଁ ।
ଘର ଲୋକଙ୍କୁ ସବୁ କହିପୋଛି, ମନରେ ଆନ ନ ଧରିବ କିଛି ।
ଟଙ୍କା ସୁନା ଲୁଗା ଧାନ କଉଡ଼ି ଯାହା ଦେବ ତାହା ଆଜ
ଆଜ ନ ଦେଲେ ବାହୁଡ଼ି ଗଲେ ପାଇବ ପଛେ ଲାଜ ।
ସହୁ ନୋହୁ ଆମ୍ଭେ ନୋହୁ ଖାତକ, ଯାହା ଦେବ ତାହା ଦେଖିବେ ଲୋକ ।
ବରଷକେ ଥରେ ଆମ୍ଭ ମାଗୁଣି, ଭଲା ଭିଆଇଲେ ସାରଙ୍ଗପାଣି ।
ଶ୍ରୀ ନୀଳଗିରି ଶିଖରେ ହରି ତୁମ୍ଭଙ୍କୁ ଦିଅନ୍ତୁ ବର
ତୁମ୍ଭେ ଯେ ଆମ୍ଭଙ୍କୁ ପ୍ରସନ୍ନ ହୋଇଲେ ଓଝା ଚାଟେ ଯିବୁ ଘର ।
ପଢ଼ି ପଢ଼ି କରି ଲାଗିଲା ଦୁଃଖ, ତୁମ୍ଭେ କି ଜାଣିବ ପଢ଼ିବା ଦୁଃଖ ?
ଅସ୍ତି ନାସ୍ତି ବେନି ବଚନ କହ, ବେଗେ ଚାଲିଯିବୁ ମେଲାଣି ଦିଅ ।
ମେଲାଣି ଦେଲେ ଯିବୁ ନିଜ ବାସ, ଗୀତେ ଭଣିଲେ ବଳରାମ ଦାସ ।

ନଡ଼ିଆ ଗଛର ବାହୁଙ୍ଗାରେ ଲୁଚନ୍ତି । ଟିଣ ପିଟି, ନଡ଼ିଆ ଫୋପଡ଼ା ବାଡ଼େଇ ଆମେ ତଡ଼ୁ—ବେଳେ ବେଳେ କୁକୁର ଲଗାଇ ମାରୁ ।

ନନା ବାଟୁଳିଖଡ଼ାରେ ବାଟୁଳି ମାରନ୍ତି, ଅଧାନରେ ବାଜିଲେ ମାକଡ଼ ଗଛରୁ ଖସି ପଡ଼ି ମରିଯାନ୍ତି । 'ସାତ ଭଉଣୀ' ଓ ଅର୍ଣ୍ଣିଗ ମାକଡ଼ଦଳପତି ଗେଧମାକଡ଼ର ଯୁଦ୍ଧ ସେ କାଳର ଗୋଟିଏ ଦୃଶ୍ୟ । ଗେଧ ଆକାରରେ ଖୁବ୍ ବୃହତ୍, ବଳବନ୍ତ ଓ ରଣକୁଶଳ; ଗୋଟି ଗୋଟି କରି ସାତୋଟି ଗେଧଙ୍କୁ ଯେ ଖଣ୍ଡିଆ ଖାବରା କରି ଛାଡ଼େ, କୋଡ଼ିଏ ପଚିଶଟି ମାଈ ମାକଡ଼ଙ୍କ ଦଳପତି ହୋଇ ଆମ ଗ୍ରାମରେ ରାଜତ୍ୱ କରେ ।

ଥରେ ମୋ ପୁତୁରା ଯଦୁକୁ ସେ କାମୁଡ଼ି ଦେଇଥିଲା, ଅନେକ ଦିନ ଯାଏ ତା ଦେହରେ ମାକଡ଼ ବିଷ ଟେକିଲା । ସେ ଅଜ୍ଞାନ ହୋଇ ପଡ଼ି ଯାଉଥିଲା, ଗାଆଁର ସବୁଠାରୁ ଡେଙ୍ଗା ନଡ଼ିଆଗଛ ତାର ଆସ୍ଥାନ ବା ସିଂହାସନ, ମଣିଷ ହାତର ବାଟୁଳିକି ଅପହଞ୍ଚ; କଂସାରି ଘର ପାଖ ସେ; ଟିଣ ବାଡ଼ିଆରେ ଡ଼ରୁଡ଼େ ନାହିଁ । ଥରେ କେନ୍ଦୁଆ ବାଘ ତାକୁ କେମିତି ଠାବ କଲା । ରାତିରେ ନଡ଼ିଆଗଛର ଚଉ ତିରେ ବୁଲି ବୁଲି ଚଢ଼ିବାର ଭାନ କଲା; ଗେଧ ତା ଭୟରେ ଅତରଛରେ ଗଛରୁ ଖସିପଡ଼ି ନାରାୟଣ ଭଜିଲା । ବାଘ ରାଗରେ ତାକୁ ଚିରି ପକାଇଥିଲା । ସକାଳୁ ଉଠି ଆମେ ବାଘର ଖୋଜ ଓ ଏ ଭୟଙ୍କର ଦୃଶ୍ୟ ଦେଖିଲୁ ।

ମୁଁ ଏଇ ବାତାବରଣରେ ଗାଆଁରେ ବଢ଼ୁଥିଲି, ଗୋଷେଇବାସରେ ଧୁନ୍ଦୁଛଇ ଥିଲି; ପୁନେଇଁ ପାଳିରେ କୁମ୍ଭାରଘାଇରେ ଓ ସଂକ୍ରାନ୍ତିରେ ମହାଦେବଙ୍କଠି ଗୋଷେଇ କରି ଦେଉଥିଲି । କାହାର ମୃତିକିଆ ବା ଛୁତିକିଆ ହେଲେ ଦିଅଁଙ୍କୁ ପାଣି ଦେଉଥିଲି ।

କୁମ୍ଭାରସାଇରେ ଚକବୁଲା, ହାଣ୍ଡିଗଢ଼ା ଦୃଶ୍ୟଟି ବଡ଼ ଭଲ ଲାଗୁଥିଲା । କୁମ୍ଭାର ଘର ବୋହୂ ମାଟି ବୋହି ନ ଗଲେ ଝାଟି କାଟି ମୁଣ୍ଡେଇ ଆସୁଥିଲା; ଉହା ଭିତରୁ କିପରି ଧାନ ଉଷୁଆଁ ହାଣ୍ଡି, ପଟା ଭଜାଭଜି ହାଣ୍ଡି, ତାଡ଼ିଆ, ଆଟିକା ମାଠିଆ, ଘଡ଼ି, ସରା, କୁଅ ନନ୍ଦ; ନଳା, ମାଟିଘୋଡ଼ା ପୋଡ଼ା ହୋଇ ବାହାରୁଥିଲା, ମୁଁ ଘଡ଼ି ଘଡ଼ି ଠିଆ ହୋଇ ଦେଖୁଥିଲି । ରାଶି ବା ସୋରଷ ପେଡ଼େଇବାକୁ ମୁଁ ତେଲୀ ସାହିକୁ ଯାଉଥିଲି; ଘଣାରେ ବସିଲେ ମୋତେ ଗାଡ଼ିରେ ବସିଲା ପରି ଲାଗୁଥିଲା । କେଁ କଟ କଟ ଶବ୍ଦ କରି ଘଣା ଉପରକୁ ଉଠୁଥିଲା, ପୁଣି ତଳକୁ ଖସୁଥିଲା—

କେଁ କେଁ କେଁ କବାଟ
ପୋଖରୀ ହୁଡ଼ାରେ କରୁଚି ନାଟ
ଚୁଲିଆ ବଳଦ ଧରିଚି ଟାଣି
ଶୁଖିଲା କାଠରୁ ବୋହୁଚି ପାଣି ।

ସେମିତି ତନ୍ତରେ ତନ୍ତୀହାଇରେ ଲୁଗାବୁଣା, କମାରଶାଳରେ ଛାଲର ସୁଉ ସୁଉ ପବନରେ ନିଆଁ ଡାହି ଉଠିବା, ହାତୁଡ଼ି ମାଡ଼ରେ ଦାଆ, କଟୁରୀ ଓ ଲୁହା ପଜା ହେବା ଦୃଶ୍ୟ ମୋତେ ଭଲ ଲାଗୁଥିଲା । 'ସେଁ ସର୍ ର୍' 'ସେଁ-ସର୍ ର୍' ଶବ୍ଦରେ ଦହି ମୁହାଁ ହେବା, ଲହୁଣୀ କଢ଼ା ହେବା, ଘିଅ ମରା ହେବା, ଛେଳୁଆ

ଉପରେ ସଖ ଘୋଡ଼ା ହୋଇ ଚିତଉପିଠା ବାହାରିବା ଦୃଶ୍ୟ ଏବେ ଅଭୁଲା ରହିଯାଇଛି ।

ପ୍ରାୟ ପ୍ରତିବର୍ଷ ମେଳଣ ଦେଖି ଯାଉଥିଲି—ରାଧାକୃଷ୍ଣ ମେଳଣ ଓ ପୋଥି ମେଳଣ; ରାଧାକୃଷ୍ଣମେଳଣରେ ଆଡ଼ମ୍ବର ସମଧିକ, ପୋଥିମେଳଣ ଅଧିକ ସାତ୍ତ୍ୱିକ ଓ ସାଧାରଣ । ମେଳଣର ପୂର୍ବଦିନ ରାତିଟି ବିଶେଷ ଆକର୍ଷଣୀୟ ଥିଲା । "ବଳଙ୍ଗା ମେଳଣ'ର ଥାନାପତି ବକ୍ରେଶ୍ୱର ଯେତେବେଳେ ପଟୁଆରରେ ବାହାରୁଥିଲେ, ସେ ଗୋଟିଏ ଅତି ଚିତ୍ତାକର୍ଷକ ଦୃଶ୍ୟ; ଶଙ୍ଖେ ପଟ ଘଣ୍ଟ ସଙ୍ଗେ ମାଦଳ ତାଳଦେଇ ବାଜୁଥିଲା—'ସଙ୍ଗାତ କାହିଁଥିଲ କି, ଯମୁନା ଗାଧୋଇ ଯାଇଥିଲ କି ?' ଦିଅଁ ଗଲେ ତେଇଁ ତେଇଁକି ଟିଁ, ତେଇଁକି ଟିଁ; ତେତେଇଁ ଟିଁ, ତାକ ତେଇଁ ତେଇଁ ଟିଁ,— ଘଣ୍ଟମାଦଳର ସମୁଦ୍ର ଗର୍ଜ୍ଜନ ସ୍ୱର ସଙ୍ଗେ ମୋ ଛାତି ନାଚି ଉଠୁଥିଲା ।

ଘଣ୍ଟମାଦଳ ପଛକୁ ଲାଗି ବାହାରୁଥିଲେ ଦୁଇ ତିନି ହଳ କଳଘୋଡ଼ା, ଘୋଡ଼ାନାଚ ସାଙ୍ଗକୁ ଗଣେଶ, କାର୍ତ୍ତିକେୟ, ଶିବ, ବୃଷଭ ପ୍ରଭୃତି ସୁଆଙ୍ଗଙ୍କ ନାଚ; ସଂକୀର୍ତ୍ତନିଆଙ୍କ ମୃଦଙ୍ଗ ଓ ଝାଞ୍ଜର 'ଜାଗୁଡ଼ୁ ମାଗୁଡ଼ୁ ଝାଇଁ ଝାଇଁ', ଚଛ ବାଣ, ବନ୍ଧାଡ଼ି ଫୁଟିବା, ଚେଙ୍ଗା, ସାପ ବାଣ ସଙ୍ଗେ ଆକାଶମଲ୍ଲୀ ଆକାଶରୁ ହୀରା ମୋତି ମାଣିକ ବୃଷ୍ଟି କରିବା ବିଶେଷ ହୃଦୟଗ୍ରାହୀ ହେଉଥିଲା । ରୂପଦେଇପୁର ନାଗାଯାତ୍ରାରେ ଯୋଡ଼ିନାଟସ, ଜେମ୍ପ ନାଗରର 'ଧେକ ଧେତାକ୍ ଦାଧାଡ଼ା, ତେକ୍ ତେଡ଼ାକ୍ ତାତାଡ଼ା', ନାଗାର ପାହୁଲ, ଠାଣି, ନିଶମୋଡ଼ା, ଗଣ୍ଠିଆଫୁଟା ମନ ଉପରେ ଅଦ୍‌ଭୁତ ପ୍ରଭାବ ବିସ୍ତାର କରୁଥିଲା । ମୁଣ୍ଡପୋତା କେଳା କିପରି ମାଟି ତଳେ ଘଣ୍ଟା ଘଣ୍ଟା ମୁଣ୍ଡ ପୋତି ରହୁଥିଲା, ସବାଖିଆ କେଳା କିପରି ପହ୍ଲ ପହ୍ଲ ଗୋଧି ଧରି ପାଟିକୁ ଲାଙ୍ଗୁଡ଼ରେ ଛନ୍ଦି ବାଡ଼ିରେ ଝୁଲାଇ ନେଉଥିଲେ, କଳା କଳା ଜିଭମାନ ଲହ ଲହ ଝୁଲୁଥିଲା, ଗୋଟିଏ ଅଙ୍ଗାରେ ଛୋଟ ପିଲା, ଆର ଅଙ୍ଗାରେ ହାଣ୍ଡି କୁଣ୍ଢେଇ, କନା କଂତରା ଓ ସଂସାରକୁ କିପରି କେଳା ଭାରରେ ବୋହି ନେଉଥିଲା, ସାପୁଆ 'କାଳୀ ଯେ ବନମାଳୀ ପୟରେ ନ ଲାଗଇ ଧୂଳି'—ଗୋବିନ୍ଦ ମୂଷା କାହାର ବୋହୂ ତୁ ପୋଷା' ବୋଲି କିପରି ସାପ ଓ ମୂଷା ଖେଳାଉଥିଲା, ମୁଁ ଅଭିଭୂତ ହୋଇ ଦେଖୁଥିଲି । ପାଟୁଆ ଯାତ୍ରା, ଚଇତୀଘୋଡ଼ା ନାଟ, ଯାତ୍ରା, ପାଲା, ସଖୀନାଟ, ସ କୀର୍ତ୍ତନ, ମଉଛବ, ବ୍ରତ, ବିବାହ, ପୁଣ୍ୟପର୍ବ ବର୍ଷସାରା ଗ୍ରାମ୍ୟ ଜୀବନକୁ ଉତ୍ସବମୟ କରି ରଖିଥିଲା । ତାର କାଣିଚାଏ ଏବେ ଦେଖିବାକୁ ମିଳୁନାହିଁ । ମୁଁ ବହୁମୁଖୀ ଭାଟବଡବୋଲା ଓ ଅଷ୍ଟପ୍ରହରୀରେ ଅନେକ ଥର ଯୋଗ ଦେଇଛି ।

ନିଜେ ଥରେ ବଳଙ୍ଗାମେଳଣକୁ ସପ୍ତାବୋଲାର ବକ୍ତା ହୋଇ ଯାଇଥିଲି; ପାହାନ୍ତିଆରୁ ଉଠି ଭାର୍ଗବୀ ନଈରେ ଗାଧୋଇ ପାଧୋଇ ଠାକୁରଙ୍କ ଆଗରେ ସପ୍ତା ବୋଲି ବସେ; ସାତ ଦିନ କାଳ ଅରୁଆ ଅନ୍ନ ରନ୍ଧି ଶ୍ରୋତା, ଭଗତ ଓ ଟହଲିଆମାନଙ୍କୁ ଖୁଆଏ । ଗୋଟାଏ ବଡ଼ ଛାମୁଣ୍ଡିଆ ହୋଇ ତାର ଗୋଟାଏ କଣରେ ଭାଗବତଗାଦି ବସିଥିଲେ, ଅହୋରାତ୍ର ଅଖଣ୍ଡ ଦୀପ ଓ ଧୁନି ଜଳୁଥିଲା । ସାତ ଦିନ ଡି ପହରେ ମେଳଣ ଦିନ କୋଡ଼ିଏ ତିରିଶି ମଣ୍ଡଳ ଏକାଠି ବସି ସଂକୀର୍ତ୍ତନ ହେଲା, ମଉଛବ ହେଲା; ପାହାଡ଼ ପ୍ରମାଣେ ଅନ୍ନ ଗଦା ହୋଇଥାଏ;

ହଜାର ହଜାର ଲୋକ ଜାତିଗୋତ୍ର ନ ବାଛି ବସି ଖାଇ ଯାଉଥାନ୍ତି । ଏତେ ବଡ଼ ପଂକ୍ତିଭୋଜନ ଆଉ କେବେ କ୍ୱଚିତ୍ ଦେଖିଛି ।

ଗାଆଁଦାଣ୍ଡକୁ ବେଳେ ବେଳେ ଭାରରେ ବୁହାହୋଇ ଆସୁଥିଲେ ମାଆ ମଙ୍ଗଳା । ଗୋଟିଏ ଅଙ୍ଗାରେ ମଣ୍ଡଣି, କଳସ ଓ ଲାଲ ଘେରଦିଆ ଛୋଟ ଚଉଦଳରେ ମଙ୍ଗଳା; ଆଉ ଅଙ୍ଗାରେ ଚାଉଳଟୋକେଇ, ଯେଉଁଠିରେ ମଗା ଯାଉ ଚାଉଳ ରହେ, ପଖିଆଟିଏ ଯୋଡ଼ା ହୋଇଥାଏ । ମାଳୀ ପାଣି ମୁନିଏ ଛିଞ୍ଚି ଦାଣ୍ଡରେ ମଙ୍ଗଳାଙ୍କୁ ବସାଏ, ତାପରେ ଘଣ୍ଟ ବଜାଇ ମଙ୍ଗଳାଙ୍କ ସ୍ତୁତି ବୋଲି ବୋଲି ବୁଲେ; ଲୋକେ ଚାଙ୍ଗୁଡ଼ି, ଭୋଗଇରେ ପୁଞ୍ଜିଏ ପୁଞ୍ଜିଏ ଚାଉଳ ଦିଅନ୍ତି, ପାଦୁକ ନେଇଯାନ୍ତି ।

ବେଳେବେଳେ ପିତଳଆଳୀରେ ମାଳୀ ମୁଣ୍ଡେଇ ଆଣୁଥିଲା ଆଖଣ୍ଡଳମଣି କିମ୍ବା ଲଡୁବାବାଙ୍କର ଫଣାଟେକା ତମ୍ବା ନାଗ । କେତେବେଳେ ମୁଣ୍ଡରେ ଘଟ ମୁଣ୍ଡେଇ, ଘଟ ଚାରିପାଖେ ଫୁଲର ଟାହିଆ ମାରି ନାଚୁଥିଲା ଘଟପାଟୁଆ, ଅଣ୍ଟାରେ ଘଣ୍ଟ ବାନ୍ଧି ଜାନୁଘଣ୍ଟ ପରଶୁରାମ । ଯାତ୍ରାର ହନୁମନ୍ତ ଦାଣ୍ଡ ନଡ଼ିଆ ଗଛରେ ଚଢ଼ି ଦାନ୍ତରେ ନଡ଼ିଆ ଛଡ଼େଇ ଖାଉଥିଲା । ବେଳେ ବେଳେ ହେଉଥିଲା କେଳାକେଳୁଣୀ ନାଟ, ବାଉଁଶରାଣୀ । ଏଇ ଦେଶୀ ସରକସରେ ରାଣୀ ବାଉଁଶରେ ଉଠି ନାନା ଗୀତ ବୋଲି ଖେଳ ଦେଖାଇ ଦର୍ଶକମାନଙ୍କୁ ମୁଗ୍ଧ କରୁଥିଲେ । ତଳେ କେଳା ଗୀତର ତାଳେ ତାଳେ ମାଦଳ ବଜାଉଥିଲା । ଜଣେ ସ୍ତ୍ରୀଲୋକ ବାଉଁଶରେ ଚଢ଼ି ଦୁଃସାଧ୍ୟ ଖେଳ ଦେଖାଇବା ସେତେବେଳେ ଅବଶ୍ୟ ବିସ୍ମୟକର ଥିଲା ।

ଅମାସ୍ୟା, ସଂକ୍ରାନ୍ତି, ଏକାଦଶୀ ତିଥିରେ ଏଇ ଗାଆଁଦାଣ୍ଡରେ ବୁଲୁଥିଲା ଚକୁଳିଆ ପଣ୍ଡା—ଦେବ ଦିଆଇବ । ଦେଇଥିଲେ ପାଇବ' ପଦ ବୋଲି । ଏଠି ବାଜିକର ଦେଖାଉଥିଲା ନାନା ପ୍ରକାରର ଭୋଜବିଦ୍ୟା, ପିଲାମାନେ ତୋଳୁଥିଲେ ବାଲି କୁଡ଼ିଆ, ଦୋକାନ ଘର; ଏଠି ଯାଉଥିଲା କେତେବେଳେ ଘଣ୍ଟିପକା ଶଗଡ଼ଗାଡ଼ି, ପଟୁଆରରେ ପାଲିଙ୍କିଚଢ଼ା ବର, ବାହୁନା ପକାଇ ସୁଆରୀରେ କନ୍ୟା । ଗାଁ ଦାଣ୍ଡ ଲୀଳାଖେଳା, ଆନନ୍ଦଉତ୍ସବର ଗୋଟିଏ ରଙ୍ଗମଞ୍ଚ ଥିଲା ।

ଦଶ ବାର ବର୍ଷ ବୟସ; ମୁଁ ଭାଇନାଙ୍କ ସଙ୍ଗେ ତୋଟାବାଡ଼ିରେ ଲଙ୍ଗଳା ହୋଇ ବୁଲୁଥିଲି; ଆମ ସାଙ୍ଗପିଲା ସମସ୍ତେ ପ୍ରାୟ ଲଙ୍ଗଳା, ଝିଅମାନେ କଉପୁନି ଖଣ୍ଡିଏ ଖଣ୍ଡିଏ ମାରିଥାନ୍ତି । ଗାଆଁରେ ଧନୀରୁ ଗରିବ ସମସ୍ତେ ପ୍ରାୟ ଗାମୁଛା ପିନ୍ଧନ୍ତି, କୁଣିଆମଇତ୍ରଙ୍କ ଘର କିମ୍ବା ହାଟ ମେଳଣକୁ ଗଲେ ପେଡ଼ିଲୁଗା କାଢ଼ି ପିନ୍ଧଥାନ୍ତି । ଗାଁ ପରିମଳ ଧୋବାତୁଠରୁ ଜଣାଯାଏ । ସେତେବେଳେ ଗାଆଁରେ ଯୋଡ଼ା ଚାଲୁ ହୋଇ ନ ଥାଏ । କଦଳୀ ବାସୁଙ୍ଗା ପୋଡ଼ା ଖାରରେ ଲୁଗା କାଚହୁଏ । କେବଳ ବାସନାଟା ବଦଳେ, ବର୍ଣ୍ଣ ବିଶେଷ ବଦଳେ ନାହିଁ, ତଥାପି ଧୋବାଘର ନାଆଁ 'ଉଜଳା ଘର'; ଧୋବାର ଅନ୍ୟ କାର୍ଯ୍ୟ—ମହାଷ୍ଟମୀ ଦିନ ଠାକୁରାଣୀଙ୍କ ଆସ୍ଥାନରେ ବୋଦା ପକାଇବା ଓ ମୁଣ୍ଡଟି ପାରିଶ୍ରମିକ ସ୍ୱରୂପ ନେବା । କିଏ ଗାଆଁରେ ମଲେ ଧୋବା ରାତି ଅଧରେ ଗଛରେ ଚଢ଼ି ଜୁଇ ଗାଡ଼ ଲାଗି କାଠ ହାଣେ, କୋକେଇରେ ବନ୍ଧା ମୁର୍ଦ୍ଦାରର ବିଛଣା, ତକିଆ, ଓ ଲୁଗାପଟା ନିଏ । ବେଳ ଅବେଳରେ ମୁର୍ଦ୍ଦାର ଲାଗି କାଠ ହାଣୁଥିବାରୁ ଧୋବା ନାମରେ ଆତଙ୍କ ରହିଥାଏ ।

ସ୍କୁଲରୁ ଫେରିଲା ପରେ ମୁଁ ଗୋଟିଏ ଛାଟ ଧରି ଡାଣ୍ଡରୁ ବାଡ଼ି ପର୍ଯ୍ୟନ୍ତ ଗଛଙ୍କୁ ପିଟି ଦେଇ ଯାଉଥିଲି । ଏଦ୍ୱାର ହେତୁ ମନୋବୈଜ୍ଞାନିକମାନେ ସ୍ଥିର କରିବେ । ଗୁଳ୍ମମାନେ କଅଁଳ ପତ୍ର ଓ ଡ଼ାଳ ହରାନ୍ତି । ମାଷ୍ଟ୍ରଙ୍କ ମାଡ଼ର ପୁନରଭିନୟ ଏ । ମାଷ୍ଟ୍ରେ ହେବା ଗୋଟିଏ ଭାରି ବଡ଼ ପାହିଆ ବୋଲି ମନେ କରୁଥିଲି । ଏବେ ବୁଝୁଛି—କେତେ ଦୟନୀୟ ତାର ସ୍ଥିତି । ହାତରୁ ତାର ବେତ ଖସି ପଡ଼ିଛି । ବେତନ ବହୁତ ବଢ଼ିଛି, କିନ୍ତୁ ସାମାଜିକ ସମ୍ମାନ ଆହୁରି ଊଣା ହୋଇ ଯାଇଛି । 'ଆହା ବିଚରାଟିଏ' ହୋଇ ମାଙ୍କଡ଼ ଚଢ଼ୁଛି ସେ, ତା ଆଗରେ ଦିଅଁ ଗଢ଼ିବାର ଆଦର୍ଶ ଥୁଆ ହୋଇଥିଲେ ବି ।

ସାହିତ୍ୟରେ ପ୍ରବେଶ ଲାଭ କଲି ପ୍ରଥମେ ଯାତ୍ରାରୁ । ମୋ କଣ୍ଠ ପିଲାଦିନେ ମଧୁର ଥିଲା, ବୟସ ଲାଗିଲାରୁ ଫାଟିଲା । 'ସୁନା ପଦିଆ' ଗାଆଁ ଯାତ୍ରାବାଲା ଆମ ଗାଆଁରେ କଂସମାତୃଣି ବା ରଙ୍ଗସଭା ସୁଆଙ୍ଗ ଯାତ୍ରା କରିଥିଲେ, ମୁଁ ସେଇ ଗୀତକୁ ଶୋଷି ପିଇ ଦେଇଥିଲି, ମନେ ପଡ଼ୁଛି; ଭଉନା ଓ ମୁଁ କଂସ ମାରୁଣି ବହି ଧରି ଏ ସାଇରୁ ସେ ସାଇ ଗୀତ ବୋଲି ବୋଲି ବୁଲୁଥିଲୁ । ବୁଢ଼ାବୁଢ଼ୀମାନେ ଆମକୁ ଡ଼ାକି ପାଖରେ ବସେଇ ଗୀତ ଶୁଣୁଥିଲେ ।

ଆରେ କଂସାସୁର ଗଲା କି ପାସୋର
ବସିଚୁ ନିଶଙ୍କାରେ
ତୋତେ ମାରିବାକୁ ଗୋପେ ଜନମିଛି
ମୁରଲୀ ଫୁଙ୍କାରେ ।

କୌଣସି ସାଙ୍ଗକୁ ଗୁହିଁ ଗୁହିଁ ହସି ହସି

କହରେ ଅକ୍ରୁର ମୋତେ ମଥୁରା ଖବର ରେ
କୁଶଳରେ ଛନ୍ତି କି ମୋ ମାମୁଁ କଂସାସୁରରେ ?

ଅନ୍ୟାନ୍ୟ ଗୀତ ମଧ୍ୟରୁ ପଦେ ପଦେ ମନେ ଅଛି—

ଦୁଖୀ ଧନ ନୀଳମଣିରେ
ମାଆ ବୋଲି କିଏ ଡ଼ାକିବ ମୋତେ ?

ସେ ପ୍ରଚଣ୍ଡ କଂସ ଅଣ୍ଡାଳିଣ ନିଶ
ଡାକେରେ ଡ଼ଗରା ଗଲୁ କେଣେ ?

ହାଣିଗଲି ବର କୋବାରେ ହାଣି ଗଲି ବରକୋବା
ଉଠା ଭାତୁଅଣି ବସା ଡାଉପାଣି ଅଇଲେ ବେଠିଆ ଧୋବା

ଯମୁନାକୂଳିଆ କଦମ୍ବମୂଳିଆ ଫେରିଯାଉ ଅଜି ଫେରିଯାଉ
ଛାଡ଼ରେ ଉଗର ଆଉ ହୁଅ ମୋତେ
କାଟିବି ଦେବକୀ ମୁଣ୍ଡରେ
ମୋତେ ଛାଡରେ..... ।'

ତାପରେ 'ଚମନ୍ତ ପୁରିଆ' ଯାତ୍ରାବାଲା ଆସିଲେ; ସେ ଦଳଙ୍କ ଯାତ୍ରା ଦେଖି କେତେ ଗୀତ ଶିଖିଥିଲି; ପଦଟିଏ ମନେ ପଡ଼ୁଛି —

'ଟୋକା ମନ ଘୋଡ଼ା ଚଢ଼ିବାକୁ
ଆଉ ଇଚ୍ଛା ନାହିଁ ତାର ପାଠ ପଢ଼ିବାକୁ
ଟୋକା ମନ.....

ଡାମୁଡୋଟା ମେଳଣରୁ ଅଙ୍କୁଶପୁରିଆ ଦଳଙ୍କ ଯାତ୍ରା ଦେଖି ଶିଖିଥିଲି —

'କାନ୍ଦିଲେ କି ହେବ ଗଜେନ୍ଦ୍ର ଗମନା
ଇନ୍ଦ୍ର କି ସହଜେ ଛାଡ଼ିବ ?

ସେତେବେଳେ ଯାତ୍ରା ମନ ଉପରେ ଅସମ୍ଭବ ପ୍ରଭାବ ବିସ୍ତାର କରିଥିଲା । ବାଉଁଶଗାଡ଼ିରେ ଫୁଲ ଗୁଞ୍ଜି ରଜାର ମୁକୁଟ ପିନ୍ଧି ନଡ଼ିଆ ଫୋପଡ଼ା ଖଣ୍ଡା କରି ମନେ ପଡ଼େ, ଆମେ ଡେଙ୍ଗାରେ ଯାତ୍ରା କରୁଥିଲୁ ।

ପିଲାଦିନେ ପାଲା ଯାତ୍ରା ପରି ଚିତ୍ତାକର୍ଷକ ବୋଧ ହେଉ ନ ଥିଲା । ତାର ଦୃଶ୍ୟ ବଦଳୁ ନ ଥିଲା, ଗାୟକ ଅର୍ଥ ବୁଝେଇବାରେ ବହୁତ ସମୟ ନେଉଥିଲେ; ଗୀତର ଅଗ ମୂଳ କିଛି ବୁଝୁ ନ ଥିଲି । କେବଳ ଚଅଁର ଡ଼ିହ ମରାମରି, ଛିଗୁଲା-ଛିଗୁଲି ଓ ବଚନିକା ଗୀତରେ ବେଳେ ବେଳେ ମୋର ନିଦ ଭାଙ୍ଗି ଯାଉଥିଲା ।

ପାଲାଗୀତ ଅନୁକରଣରେ ରଚିତ ପାଟୁଆ ଓ ଚଇତୀଘୋଡ଼ା ନାଟଗୀତକୁ ମୁଁ ପସନ୍ଦ କରୁ ନ ଥିଲି । ଯାତ୍ରା ଭଳି ସେଥିରେ କିଛି ଆକର୍ଷଣୀୟ ନଥିଲା । ତଥାପି ମୋ ଉପରେ ଏ ସବୁର ଯଥେଷ୍ଟ ପ୍ରଭାବ ପଡ଼ିଥିଲା ।

କଣ୍ଢେଇନାଟର କଥନିକା, ବାଉଁଶରାଣୀର ଗୀତ ଆଦି ଲୋକନାଟ୍ୟର ଆଭାସସବୁ ମୋ ଆଦ୍ୟ ଜୀବନରେ ସାହିତ୍ୟିକ ଭିତ୍ତି ଅଜାଣତରେ ଗଢ଼ୁଥିଲା, ସ୍କୁଲ ଜୀବନରେ ସାହିତ୍ୟଶିକ୍ଷା ହେବାର ବହୁ ଆଗରୁ ।

## ଉପୁଲେଇ ଟୁପୁଲେଇ

ଉପୁଲେଇ ଠାକୁରାଣୀ ଗାଆଁରେ କେତେ କାହାର ବଢ଼ତି କରିଛନ୍ତି; କୁଡ଼ିଆରୁ କୋଠା, ମାଣକରୁ ବାଟି ସମ୍ପତ୍ତି ହୋଇଛି; କିନ୍ତୁ ନିଜେ ଆମ ପଡ଼ୋଶୀ ଗ୍ରାମର 'ଯମ ମା ସାତ ଭଉଣୀ' ଓ 'କେନ୍ଦେଇ'ଙ୍କ ପରି ଦରିଦ୍ର କୁଟୀରରେ ରହିଛନ୍ତି । ବଡ଼ ଘରକୁ ହାତରେ ଆଞ୍ଜୁଳିଏ ଜଳ ଓ ଗୁଆ ଧରି ସେକ୍ଷଣିରେ ବ୍ରତୀମାନେ ଓ ବିଭାଘରକୁ ଦିଅଁ ମଙ୍ଗୁଳିବାକୁ ଗାଁ ମାଇପେ ଠାକୁରାଣୀଙ୍କ ପାଖକୁ ଯାନ୍ତି । ରଜବାସି ଜାକଜମକରେ ଚୁଆ ଚନ୍ଦନରେ ଠାକୁରାଣୀଗାଧୁଆ ହୁଏ । ଦୁର୍ଗାଷ୍ଟମୀ ଦିନ ମେଣ୍ଢା ବୋଦାର ରକ୍ତ ସରାରେ ତାଙ୍କୁ ଅର୍ପିତ ହୁଏ ।

ବଳି ମାଂସତକ ମକଦ୍ଦମୀ ହକିୟାତୀ ଅନୁସାରେ ମକଦ୍ଦମମାନଙ୍କୁ ବଣ୍ଟାଯାଏ । ଆମ ଘରକୁ ପାଞ୍ଚଟଙ୍କା ହକିଆତୀ ବାବଦକୁ ଫୁଟେ ମାଂସ ସାରୁ ପତ୍ରରେ ବନ୍ଧା ହୋଇ ଆସେ ।

ଉପୁଲେଇ ଟୁପୁଲେଇ ଦି ଭଉଣୀ ଆମ ଗ୍ରାମ ପ୍ରତି ସଦା ପ୍ରସନ୍ନା; ହଇଜା, ବସନ୍ତ ଠାକୁରାଣୀଙ୍କୁ ଗାଆଁରେ ପୂରଇ ଦିଅନ୍ତି ନାହିଁ । କିମ୍ବଦନ୍ତୀ ଅଛି, ଦୁଧିଆଳୀ

କାଳୀ ଗାଈ ଆସି ଛିଡ଼ା ହେବା ମାତ୍ରେ ତା ପହ୍ନାରୁ ଝର ଝର ହୋଇ କ୍ଷୀର ବୋହି ଯାଉଥିଲା, ଠାକୁରାଣୀ ତାକୁ ପାଉଥିଲେ । ଘଟଣା ପ୍ରଘଟ ହେଲା । ମାଳୀଙ୍କୁ ସ୍ୱପ୍ନ ହେଲା । ତା ପରେ କୁଡ଼ିଆ ତୋଳା ହୋଇ ପୂଜାର ବ୍ୟବସ୍ଥା ହେଲା । ଠାକୁରାଣୀ ପାତାଳଫୁଟା । ମନ କାମନା ପୂରିବାର ଥିଲେ ସାତ ଯୋଡ଼ା ପାଣିରେ ବେଢ଼ା ପୂରି ଉଠେ । ନଇଲେ ଦିନସାରା ପାଣି ଅଜାଡ଼ୁଥିଲେ ବି କିଛି ଫଳ ହୁଏନାହିଁ । କୋଉ ପୁରୁଷ ଲଗାଇଥିଲେ, ଠାକୁରାଣୀଙ୍କ ବେଢ଼ାରେ କେତକୀବଣ; ବସନ୍ତ କାଳରେ ଫୁଲରେ ମହକି ଉଠେ ।

'ମଙ୍ଗଳା' ଶୂଦ୍ର, ବ୍ରାହ୍ମଣ ସମସ୍ତଙ୍କ ଦେବୀ । ଗାଆଁ ପାଟୁଆ ଯାତ୍ରାର ଇଷ୍ଟ ଦେବୀ ସେ । ସେ କାଳସୀରେ ଉଭା ହୋଇ ଆଗତ ଭବିଷ୍ୟ କହନ୍ତି ।

ଗୋପୀନାଥ ପ୍ରକୃତରେ ରାଧାନାଥ । ତାଙ୍କୁ ରାଧାକୃଷ୍ଣ ନ କହି କାହିଁକି ଗୋପୀନାଥ କହନ୍ତି ? ସେ ଚଉଦଳରେ ବସି ଯାତ୍ରାକୁ ଯାନ୍ତି । କାଛିଆଳୀ, ଛତିତ୍ରାସଧରାଳୀ ଠାକୁରଙ୍କ ଜମି ଭୋଗ କରନ୍ତି । ହେତା ବାବଦକୁ ବାରିକ ମଶାଲ ଧରେ । 'ନାଲିଆ'ରେ ପୋଲଙ୍ଗ ତେଲ ପକାଇ କନା ଡିଆରି ଜଳନ୍ତା ମଶାଲରେ ଢାଳେ । ଗୋପୀନାଥେ ଦୋଳକୁ ରାଚେରୀ ଭୋଗ ଖାଇବା ଲାଗି ବିମାନରେ ଦ୍ୱାରେ ଦ୍ୱାରେ ବୁଲନ୍ତି, ଜଳନ୍ତା 'ମେଣ୍ଢାକୁଡ଼ିଆ' ଚାରିପଟେ ସାତଘେରା ବୁଲି ଦୋଳବେଦୀ ଉପରେ ଖଟୁଲୀରେ ଦୋଳି ଖେଳନ୍ତି । ସେଠି ନାହାକ ବର୍ଷକିଆ ଗ୍ରହଫଳ ଓ ଆଗତ ଫସଲର ଗଣନାକରି ପାଞ୍ଜି ପଢ଼େ । 'ଗୋପେଶ୍ୱର' ମହାଦେବ ଅର୍ବାଚୀନ । ତାଙ୍କ ପ୍ରତିଷ୍ଠା ୫୦ ବର୍ଷରୁ ଅଧିକ ହେବ ନାହିଁ । ମୁଁ ଗାଁ ଦେବଦେବୀଙ୍କ ବିଷୟରେ ପଦେ କବିତା ଲେଖିଥିଲି .....

ଉପୁଲେଇ ଦେବୀ ଚରଣେ ଶରଣ
କେତକୀ ବଣରେ ବାସ
ଗୋପୀନାଥ ଦେବ ଗୋପେଶ୍ୱର ହେ
ମଙ୍ଗଳା ମା ଆସ
ବସ ମୋ କଲମେ ଲେଖିବି
ନିଖିଳ ଦୁଃଖ ମୁଁ ଅନୁଭବି
କଇଁଫୁଲ ମେଳେ କୁଆଁରୀ ଜହ୍ନେ
ମୁଁ ଜଣେ ଗାଉଁଲୀ କବି ।

## ଆଗେ ଘର ଠାକୁର ପୂଜ

ବୋଉର ଉପଦେଶ—ଘରଦିଅଁ ଇଷ୍ଟଦେବ—ତାଙ୍କୁ ଆଗେ ପୂଜ । ମୁଁ ତା କଥା କେବେ ମାନିନାହିଁ । ଘରଦିଅଁକୁ ମୋର ଡର ନାହିଁ, ସବୁବେଳେ ଅବହେଳା । ଯେତେ ଅବହେଳା କଲେ ବୋଉର ସ୍ନେହ ଯେମିତି ଊଣା ହୁଏ ନାହିଁ, ସେମିତି ଦେବଦେବୀଙ୍କ ସ୍ନେହ ଊଣା ହେବନାହିଁ, ସେମାନେ ଅମୃତଦୃଷ୍ଟିରେ ଚାହିଁବେ; ଯୁଆଡ଼େ ଯାଉଥିବି ସେମାନଙ୍କ ଦୃଷ୍ଟି ମୋ ପଛେ ପଛେ ଧାଉଁଥିବ—ଏ ବିଶ୍ୱାସ ।

କିନ୍ତୁ ଏକା ମୋର କାହିଁକି, ସମସ୍ତଙ୍କର ତ—ଗାଁ କନିଅାଁ ସିଙ୍ଘାଣିନାକୀ । ଘର ଡିଅଁ 'ଥିଲ' 'ନ ଥିଲ' ବୁଝନ୍ତି । ଫୁଲ ନ ହେଲେ ଚଳେ । ଉଖୁଡ଼ା ବଦଳରେ ଲିଆ ଦେଇ ହୁଏ । ବେଳେ ବେଳେ ମନେ ନ ପଡ଼ିଲେ ଓପାସେ ରଖିହୁଏ । ଲୋକନାଥେ ଏ ପାପକୁ କେବେ କ୍ଷମା ଦିଅନ୍ତେ ନାହିଁ, ବଡ଼ ବଡ଼ ଠାକୁରଙ୍କ ତଳନ୍ତା ଦଣ୍ଡ ପଡ଼ିଯାନ୍ତା ଆମରି ଉପରେ । କିନ୍ତୁ ଘରଠାକୁର 'ସ୍ୱୁଦ୍ଧା ସ୍ୱୁତା ସ୍ୱଗୃହ ଚରିତଂ (ଆମ ଘର ତ ତାଙ୍କ ଘର, ଦାରୁ ଭୂତୋ ମୁରାରିଃ ।' ଯେତେ ଦୁଃଖ କଷ୍ଟ ପାଇଲେ ସେମାନେ କେବଳ ଦିଅନ୍ତି ବର, ତାଙ୍କୁ ଅଭିଶାପ ଦେଇ ଆସେନାହିଁ । ଦେଲେ ବି ମା' ମାତ ...... ।

ମେଳଣ ପୂର୍ବଦିନ ଠାକୁରଙ୍କ ନବ ଜନ୍ମ । 'ଆଜି ଜମିବେ, କାଲି ମେଳଣ'—ଏହିପରି କୁହାଯାଏ । ମେଳଣର କେତେ ଦିନ ଆଗରୁ ଫୁଲ ତୁଳସୀ ଦଳରେ ଆମ ଠାକୁରଙ୍କୁ ନିମନ୍ତ୍ରଣ ଆସୁଥିଲା । ଠାକୁର ବୋଇଲେ ଜଗନ୍ନାଥ ଦାସଙ୍କ ଭାଗବତ ପୋଥି ମାତ୍ର, ଚନ୍ଦନରେ ଚିତ୍ରିତ । ଏକ ପଟ୍ଟୁଡ଼ିଆ ଚଉଦଳର ଖଟୁଲୀରେ ଲାଲ୍ କରିଆ ଉପରେ ବସୁଥିଲେ ସେ । ନ ଥିଲା ତାଙ୍କର ମଣ୍ଡଣି, କଳସ, ଚାମର, ଛତି, ତ୍ରାସ, ବାନା, ଘଣ୍ଟ; ନ ଥିଲା ତାଙ୍କର ଆଳତି ଦାନି, ଶଙ୍ଖ, ଘଣ୍ଟି, ଭୋଗରାଗ ଲାଗି ଭଲ ବାସନକୁସନ ।

ସାମାନ୍ୟ ମେଳଣ ଖର୍ଚ୍ଚ ଦେଲେ ଗାଁବୋକାଏ ତାଙ୍କୁ କାନ୍ଧେଇ ମେଳଣକୁ ନେଇ ପଟ୍ଟର ଖୁଣ୍ଟି ଉପରେ ବସାଇ ଦେଉଥିଲେ, ଯେଉଁ ଅଟିକାଏ ଭୋଗ ସଞ୍ଜ ବେଳକୁ ମିଳୁଥିଲା ତାକୁ ବାଣ୍ଟି ନେଉଥିଲେ, ନାଲି କରିଆଖଣ୍ଡକ ଠାକୁରଙ୍କୁ ଦେଉ-ଥିଲେ । ତା'ପରେ ଡିଅଁ ମେଳଣ ହେଉଥିଲା (ଅର୍ଥାତ୍ ଠାକୁରେ ପରସ୍ପରଠାରୁ ବିଦାୟ ନେଉଥିଲେ), ଯାତ୍ରା ଜମି ଉଠୁଥିଲା, ବାଣ ଗର୍ଜୁଥିଲା । ଅନ୍ୟ ବହୁ ସୁବେଶିତ ଠାକୁରମେଳରେ ଆମ ଠାକୁରଙ୍କ ଦାରିଦ୍ର୍ୟ ମୋତେ ବଡ଼ ବାଧୁଥିଲା । ଭାବୁଥିଲି—ଏ ଦାରିଦ୍ର୍ୟ କିପରି ଦୂର କରି ପାରନ୍ତି । ଅସଲ କଥା, ଠାକୁର ଆମ ଦାରିଦ୍ର୍ୟ ଦୂର କରିଥିଲେ ତା ସମ୍ଭବ ହୋଇଥାନ୍ତା । କିନ୍ତୁ ସେ ତା ଦୂର କରି ପାରିଲେ ନାହିଁ । ତେଣୁ ବନିଗଲେ ବାଲିଗିରିତା—ବାଲିଗିରିତାଙ୍କୁ ରାଉଳଭୋଗ ।

ଆମ ଠାକୁର ଅନେକ ମେଳଣକୁ ଯାଉଥିଲେ । କ୍ରମେ କାନ୍ଧିଆଳୀମାନେ ପଇସା ଦାବୀ କଲେ । ତାହା ଦେବାର ସଙ୍ଗତି ଆମର ନ ଥିଲା । ଘରେ ପଡ଼ି ପଡ଼ି ଚଉଦଳଟି ବେମରାମତି ଅବସ୍ଥାରେ ଭାଙ୍ଗିଗଲା । ଗୁଳ ଓ ଖୁନ୍ଦ ଖସି କେବଳ ଖଟୁଲୀଟି ଅଟଣାରେ ପଡ଼ି ରହିଲା । ଆମ ଦୁର୍ଗତି ସଙ୍ଗେ ସଙ୍ଗେ ଠାକୁରେ ଚଉଦଳରୁ ଖସି ପିଢ଼ାରେ ବସିଲେ । ଚଉଦଳ ଖଟୁଲୀରେ କୁକୁରଟି ଶୋଉଥିଲା । ବିଷ୍ଣୁକାଠର ଠାକୁର ସିଂହାସନ; ତାର ଏ ଅପବ୍ୟବହାର ଦେଖି ଧୋଇ ଧାଇ ପଞ୍ଚାମୃତ ଛିଞ୍ଚି ମୁଁ ଗାଆଁର ଗୋପୀନାଥ ଦେବଙ୍କୁ ଦେଇଦେଲି ।

## ଯୁଦ୍ଧ ତା ହେଲେ ଏମିତି ହୁଏ !

ରହାଳୀରେ ଦିନେ ଗୋପବନ୍ଧୁ ପଚାରିଥିଲେ—ଆପଣେ, ଯୁଦ୍ଧ କେମିତି ହୁଏ ? ଅବଧାନେ ଆପଣେ ଉତ୍ତର ଦେଲେ—ଆରେ, ଯୁଦ୍ଧ କେମିତି ହୁଏ ଜାଣିନୁ ?

ଏଣ୍ଟୁ ଶବର-କାଣ୍ଡ ମାରେ, ତେଣ୍ଟୁ ଶବର-କାଣ୍ଡ ମାରେ । ଏମିତି ଯୁଦ୍ଧ ହୁଏ ।

ମୁଁ ଯାହା ଦେଖିଥିଲି ଯାତ୍ରାରେ ଯୁଦ୍ଧ—ସେ କେବଳ ଠେଲାପେଲା, ପିଲାମାନଙ୍କ ମଧ୍ୟରେ ଯେମିତି ହୁଏ ।

ଗାଆଁରେ ସେତେବେଳକୁ 'ଗେଜେଟ'(ସମ୍ବାଦପତ୍ର)ର ପ୍ରଚଳନ ବିରଳ । ପ୍ରଥମ ମହାଯୁଦ୍ଧ କାଳ । ମୁଁ ଶୁଣୁଥିଲି—ଜର୍ମାନୀ ବୋଲି କୌଣସି ଲୋକ ଇଂଲଣ୍ଡକୁ ଯାଇ ମାଡ଼ି ବସୁଛି, ଯେମିତି ଯାତ୍ରାରେ ଭୀମ ଦୁଶାକୁ, ବାଳୀ ସୁଗ୍ରୀବକୁ ମାଡ଼ିବସେ ।

ମାମୁଁଘର ଗାଆଁ ମୁଣ୍ଡରେ ଥରେ ଖରି ଗୋଟିଏ ମାଡ଼ଗୋଳ ହେବାରୁ ପଚାରିଲି—ଅଜା, ଏ କ'ଣ ?

ଅଜା ଉତ୍ତର ଦେଲେ—ଫଉଦାରୀ ହଉଚି, ଯା ନା ।

ସେତେବେଳେ ଯୁଦ୍ଧ ଲାଗି ସୈନ୍ୟ ବଛାବଛି ଜୋର୍‌ସୋର୍‌ରେ ଚାଲିଥାଏ । ଆମ ଗାଆଁରୁ କିଏ ଯିବ ? ପିଲାମାନେ ବସି ବିଚାର କଲୁ—ଗୋପିଆ ବାବାଜୀ ଯିବ । ସେ ଗାଆଁରେ ସବୁଠାରୁ ମୋଟା । ଯେ ମୋଟା ତାର ବଳ ବେଶୀ । ମଣି ଦାଶେ ଯିବେ, କିନ୍ତୁ ତାଙ୍କର ଦାଢ଼ି, ଯଦି ନିଆଁ ଝୁଲ ପଡ଼େ ।

ସେଦିନ ଝିମିଟି ଖେଳରୁ ମହାଭାରତ ପରି ପିଲାଙ୍କ ଖେଳରୁ ଆମ ଦୁଆରେ ଗୋଟାଏ ଯୁଦ୍ଧ ଲାଗିଗଲା ।

ନାଥ ଦାଶେ (ଯେ ମଣିଷମାରୁ ଅଭିଯୋଗରେ ଦଶବର୍ଷ ଜେଲ ଖଟିଥିଲେ), ଆଉ ଆମ କୃଷ୍ଣ ଭାଇନା (ପଣ୍ଡିତେ , ନିରୀହ, ଦୁର୍ବଳ) ଦିହେଁ ଗଞ୍ଜେଇଖିଆ ସାଙ୍ଗ । ଦିହିଙ୍କ ଭିତରେ ପାଣି ଗଳୁ ନ ଥିଲା । ଦାଶଙ୍କ କୁଳନନ୍ଦନ ନୀଳମଣି ବାଳୁଙ୍ଗାଙ୍କ ଶିରୋମଣି, ମୋ ପୁତୁରା ଯଦୁମଣିଙ୍କ ସହିତ ତାଙ୍କର ଅଭେଦପ୍ରୀତି । କୋଳିଖିଆରୁ, ମାଛଧରା, ମାଙ୍କଡ଼ମରା, ପହଁରା ସବୁଥିରେ ଦିହିଙ୍କ ଯତି ମିଳେ । ଦିନେ କଅଣ ହେଲା କେଜାଣି, ଦିହିଙ୍କ ମଧ୍ୟରେ ଲାଗିଗଲା ଧରାପରା । ପଥର ପାହାଚ ଉପରେ ପଡ଼ି ନୀଳ ମୁଣ୍ଡରୁ ରକ୍ତ ବୋହିଲା । ତା ମାଆ କି ଯା ସମ୍ଭାଳେ ? ମୋ ଭାଉଜ (କୃଷ୍ଣ ଭାଇନାଙ୍କ ସ୍ତ୍ରୀ—ଯାହାଙ୍କ ତୁଣ୍ଡ ଫିଟିଲେ ବନ୍ଦ କରିବା ଶକ୍ତି କାହାରି ନ ଥିଲା) ଓ ତାଙ୍କ ମଧ୍ୟରେ ଲାଗିଗଲା ଝଟାପଟା କଳି, ଟେକା ଫୋପଡ଼ାଫୋପଡ଼ି ।

ଏଇ ସମୟରେ ନାଥ ଦାଶେ କାହିଁ ଥିଲେ ଚମକି ଆସିଲେ ଭାଉଜଙ୍କୁ ମାରିବାକୁ । ଭାଇନା କି ଯା ସମ୍ଭାଳନ୍ତି ? 'କେମତ୍ ? ଏତେ ସାହସ । ମୋ ଦୁଆରେ ମୋ ଭାରିଯାକୁ ମାରିବୁ ?'

ସେ ପିଣ୍ଡାରୁ ଡେଇଁ ପଡ଼ି ଦାଶଙ୍କୁ ରୋଧିଲେ । କିନ୍ତୁ ଦାଶେ ତ ପେଲା ଷଣ୍ଢ, ଭାଇନାଙ୍କ ପରି ତିନିଟା ମର୍ଦ୍ଦଙ୍କୁ ଏକାବେଳକେ ମୋଡ଼ିମାଡ଼ି ଫିଙ୍ଗିଦେଇ ପାରିବେ । ପୁଣି ସେ ଶ୍ୱାସରୋଗୀ, ଟିକିଏ ଜୋରରେ ଚାଲିଗଲେ ଧଇଁସଇଁ ହୋଇଯାନ୍ତି । ଦାଶେ ଭାଇନାଙ୍କ ତୋଟିରେ କଠା ପକାଇ ଦେଲେ । ପାଟି ଆଉ ଫିଟିଲା ନାହିଁ । ଆଖି ଡୋଳା ଦିଟା ଆଗକୁ ବାହାରି ପଡ଼ିଲା ପରି ଦିଶିଲା । ଭାଉଜ ଗୋଟାଏ ଠେଙ୍ଗା ଆଣି ତାଙ୍କ ହାତରେ ଧରେଇବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଭାଇନାଙ୍କୁ ଭୁବନ ଅନ୍ଧାର ଦିଶୁଥିଲା । ପ୍ରାଣ କୋଉ ମୁହୂର୍ତ୍ତରେ ଯିବ । ଏତିକିବେଳେ ନନା ଆସି

ପହଞ୍ଚି ଛଡ଼ାଛଡ଼ି କରିଦେଲେ । ଦାଣେ ଆଖି ଲାଲ୍ କରି 'ରହ ତତେ ଦଉଚି' କହି ଘରକୁ ଆଗେଇଲେ । ଭାଇନାଙ୍କ ଛିଞ୍ଚାବିଞ୍ଚା ଗୃଲିଲା । ଗୋଟାଏ ଗୋଟାଏ ଦୀର୍ଘଶ୍ୱାସ ପକେଇ ଆମେ ଭାବିଲୁ—ଯୁଦ୍ଧ ତାହେଲେ ଏମିତି ହୁଏ ।

## ଖିରୀ ମହାପ୍ରୁରୁ

ଲୋକା ସାହୁର ବାହାଘର ଦେଖି ଯାଇଥିଲି । ନିମିତାରେ ଭାଇବିରାଦର-ମାନେ ଯୋଡ଼ିଏ ଧାଡ଼ିରେ ଦାଣ୍ଡ ଦୁଆରେ ବସିଗଲେ । ସାହୁଙ୍କ ମୁଖିଆ ସଭାମଝିରେ ଛିଡ଼ା ହୋଇ ପଗ୍ଟରିଲେ ଆପଣମାନଙ୍କ ହୁକୁମ ହେଲେ ଖିରୀମହାପ୍ରୁରୁ ବିଜେ କରିବେ । ସଭାରୁ ସ୍ୱର ଉଠିଲା—ଯାଉ, ଲାଗିଯାଉ । ଆଗେ କଦଳୀପତ୍ରରେ ଖିରୀ ଲାଗିଗଲା । ତାପରେ ପିଠା ମହାପ୍ରୁରୁ, ଅନ୍ନ ମହାପ୍ରୁରୁ, ଡାଲି ମହାପ୍ରୁରୁ, ମହୁର ଓ ବେଶର ମହାପ୍ରୁରୁ, ଆମ୍ବିଳ ମହାପ୍ରୁରୁମାନେ ବିଜେ କଲେ । ଅନ୍ନ ବ୍ରହ୍ମ; ଖିରୀ, ପିଠା ସମସ୍ତେ ମହାପ୍ରଭୁ ନ ହେବେ କାହିଁକି ? କିନ୍ତୁ ଆମକୁ ବଡ କଉତୁକିଆ ଲାଗୁଥାଏ—ଲୁଚି ଲୁଚି ଶୁଣି ହସୁଥାଉ, ଓଡ଼ିଶା ଦେବତାର ଦେଶ ବୋଲି ସେତେବେଳେ ତ ଜ୍ଞାନ ନ ଥିଲା । ହେଲେ ଖଟୁଲୀରେ ସିନା ଦିଅଁ ବସନ୍ତି । ଖିରୀ, ମହୁର ଗଡୁଥିବେ.....

## ଏ କ'ଣ ଚୋରୀ ?

କାହା ବାଡ଼ିରୁ କଦଳୀକାନ୍ଦି କାଟି ପୋଖରୀରୁ ମାଛ ଧରି ରାତି ଅଧରେ ରୋଷେଇ କରି ଖାଇ ମୁହଁ ପୋଛି ଟୋକାଟାକଳିଆମାନେ ସକାଳକୁ ନିର୍ମଳ ହୋଇ ବାହାରନ୍ତି । ଯୁକ୍ତି ବାଢନ୍ତି; ତା ପେଟରେ ପଡ଼ିଥା'ନ୍ତା, ନଇଲେ ଅମ ପେଟରେ ପଡ଼ିଲା । ଏଥିରେ ଦୋଷ କଣ ? ପାପ କେଉଁଠି ?

ଠାକୁରଣୀଙ୍କ ମାନସିକ ବୋଦା ହାଣି ରାନ୍ଧି ଠାକୁରଣୀଙ୍କ ନାଆଁରେ ପାଣି ଛଡ଼େଇ ଖାଇଯା'ନ୍ତି । ଜୀର୍ଣ୍ଣ ହୋଇଗଲେ ପାପ ଯାଏ । କିଏ ପଗ୍ଟରିଲେ କହନ୍ତି—ଆଜିକାଲି ବାଘ ଆସୁଛି । ଟଧିଆ ବି ଟାଣି ନେଇଥିବ ।

ଲୋକନାଥଙ୍କ କଦଳୀପେଣ୍ଡା କଟା ହୋଇ ଆସେ । 'ସେ ଭୋଗ କଲେ ଲୋକନାଥ ଖାଇବେ, ମୁଁ ଭୋଗ କଲେ ପାଇବେ । ଲୋକନାଥଙ୍କ ଭାଗ ତ ବୁଡ଼ିବ ନାହିଁ, ସେ କାହିଁକି ରାଗିବେ ?''

ଏ ଗ୍ରାମ୍ୟ ତରୁଣର ଦର୍ଶନ । ମୁଁ ସ୍ୱଭାବତଃ ଭୟାଳୁ । ଏଥିରେ ମୋର ଭାଗ ନ ଥିଲା । ଦିନେ କିନ୍ତୁ ଯାଇଥିଲି ସେମାନଙ୍କ ସଙ୍ଗରେ, ଖଣ୍ଡେ ଦୂର । ଆମର ଢେର ଆମ୍ବ ଥିଲା । ହାଣ୍ଡି ହାଣ୍ଡି ଆମ୍ବୁଲ ଆଚାର କର ହେଉଥିଲା । ମିଠା ଗଛରୁ କଞ୍ଚା ଆମ୍ବ ତୋଳିବାକୁ ହାତ ଯାଉ ନ ଥିଲା । ପବନବାଡ଼ିଆ, ମାକଡ଼ଝୁଡା, ଫଟା, ଚେଚଡ଼ା ଆମ୍ବ ଆମ୍ବୁଲ ହେଉଥିଲା । ଏହା ସାଙ୍ଗକୁ ଚୋରା ଆମ୍ବ କିଛି କିଛି ମିଶୁଥିଲା । ସେତେବେଳେ ତରକାରୀ ବିରଳ, ଆମ୍ବୁଲପାଣି ଆଶ୍ରା ।

ଆମ ଗାଆଁରୁ ଖଣ୍ଡେ ଦୂରରେ ପୁରଜନ ତୋଟା, ବଣିଆ ବଗିଚ୍ଚ; ମଠବାଡ଼ି ତୋଟାସବୁ । ଶରତ ଆକାଶର ନକ୍ଷତ୍ରପରି ଅମ୍ବ ଛାଇ ହୋଇଥାଏ; ପବନରେ

ନାଚି ନାଚି ସତେ ଯେପରି ଆମକୁ ଡାକୁଥାଏ । ଓସ୍ତାଦ୍‌ମାନେ ତାଳ ହଲାଇ ଆସ୍ଥ ଝଡ଼ାଇ ଦେଲେ । ଗୋଟେଇଗାଟେଇ ଯାଉଁଳିଏ ଲେଖାଏଁ ବାନ୍ଧିଲେ । ଏଇ ସମୟରେ କିଏ ଡାକ ପକେଇଲା —ହେ — — ହେଃ । ଖପ୍ ଖାପ୍ ଦେଇଁ ଦେ ଦଉଡ଼ । ଜଣେ ଅଧେ କଚ୍ଛଡ଼ି ହୋଇ ପଡ଼ି ଖଣ୍ଡିଆଖାବର ହେଲେ—ସେଥିପ୍ରତି ନିଘା ନାହିଁ । ଦୌଡ଼ିଥାନ୍ତି । କାହିଁକି ସେମାନେ ଦୌଡ଼ୁଛନ୍ତି ନ ଜାଣି ମୁଁ ଦୌଡ଼ିଲି । ଛାତି ମୋର ଦାଉଁ ଦାଉଁ ପଡ଼ୁଥାଏ ।

# ଆମ ଗାଆଁ—ଇତିହାସ ଓ ଧୂଳି

ଆମ ଗାଆଁ ନାଆଁ 'ରେଞ୍ଚ୍'; ରେଞ୍ଚ୍ ଓ ଏରେଞ୍ଚ୍ ନାମରେ ପୁରୀ ଜିଲ୍ଲାରେ ଦୁଇଟି ଗ୍ରାମ ରହିଛି । ଏ ନାମଟିର ଅର୍ଥ କଣ ? ଏ ଶବ୍ଦଟିର ଉତ୍ପତ୍ତି କିପରି ହେଲା ? ମନେହୁଏ—ଏହା ଗୋଟିଏ ବୈଦେଶିକ ଶବ୍ଦ—ଯେପରି ତେଲଙ୍ଗ୍, ଡାପଙ୍ଗ୍, ଟେଢଙ୍ଗ । ବୈଦେଶିକ 'ରାଞ୍ଚ' ଶବ୍ଦରୁ ଏହାର ଉତ୍ପତ୍ତି ହୋଇପାରେ- ଅର୍ଥ କୃଷିକ୍ଷେତ୍ର, ଫଳୋଦ୍ୟାନ ବା ଗୋରକ୍ଷଣୀ ।

ଏ ଗ୍ରାମଟି କେବେ ବସିଲା ? ଯୋଜନାବଦ୍ଧ ଭାବରେ ରାଜା ଏହାକୁ ବସାଇ ନାହାନ୍ତି । ଶାସନବାଡ଼ରୁ ବୋଧହୁଏ କୌଣସି ଦାଶପରିବାର ଏଠାକୁ ଉଠି ଆସିଥିଲେ । ପରିବାର ବଢ଼ି ବଢ଼ି ହେଲା ଗ୍ରାମ । ଶାସନ ଗଢ଼ି ଉଠିଲା ପରେ ସାଇମାନ ବସିଲା ।

ଆମ ଗ୍ରାମର ପୂର୍ବ ପଟେ ଧନୁଆଁ ନଈ, ପଶ୍ଚିମ ପଟେ ଭାର୍ଗବୀ । ନିରାପଦ ଦୂରତାରେ ଉଭୟ ନଦୀ ଅବସ୍ଥିତ । କେବେ ଫସଲ ଧୋଇ ଯାଏନାହିଁ । ମରୁଡ଼ିରୁ ଗାଆଁକୁ ରକ୍ଷା କରିବା ଲାଗି ପିତୃପୁରୁଷ ଚାରି ଦିଗରେ ଚାରୋଟି ବଡ଼ ବଡ଼ ପୋଖରୀ ଖୋଳାଇ ଯାଇଛନ୍ତି—ବଇତାଳ, ଝିଗିନି, ସିଙ୍ଗଡ଼ା, ଘୋଡ଼ାବନ୍ଧା ।

ଶାସନରେ ଦଶଘର ପଧାନ, ଦଶଘର ମୁଦୁଲି, ଦଶଘର ତେଲୀ, ପାଞ୍ଚଘର ଗଉଡ଼, ପାଞ୍ଚଘର ବୁଣା, ପାଞ୍ଚଘର କଣ୍ଟରା, ତିନି ଘାଇ ଖେଇ ଅଛନ୍ତି । ଖେଇମାନେ ମକଦ୍ଦମମାନଙ୍କ ଘରେ ଲୋକ ଲାଗନ୍ତି କିମ୍ବା ଦାଣ୍ଡ ମୂଲିଆଭାବେ ଆସି ଜମିବାଡ଼ିରେ କାମ କରନ୍ତି ।

ଗାଆଁର ମୋଟ ଚାଷଜମି ପ୍ରାୟ ଦୁଇଶ ଏକର; ଅଧିକାଂଶ ଜମିର ମାଲିକ କେତେଜଣ ମକଦ୍ଦମ । ଗାଆଁର ବାରପଣ ଲୋକ ମୂଲିଆ ମଜୁରିଆ; ମକଦ୍ଦମମାନଙ୍କ ମକଦ୍ଦମୀ ଖଜଣା କୋଠରେ ଦାଖଲ ହେଉଥିଲା, ବ୍ରାହ୍ମଣଶାସନ ସେତେବେଳେ ଘୁ ଘୁ କମ୍ପୁଥିଲା । କୌଣସି ଇତର ଜାତିର ଲୋକ ଗାଆଁ ଦାଣ୍ଡରେ ଛତା ଟାଣି ବା

ଜୋତା ମାଡ଼ି ଯିବାକୁ ସାହସ କରୁ ନ ଥିଲେ । ଉଚ୍ଚ ପିଣ୍ଡାରେ ବସିଥିବା ମକଦ୍ଦମମାନଙ୍କୁ ଓଳିକି ବା ଦଣ୍ଡବତ ପକାଇ ପକାଇ ଯିବାକୁ ହେଉଥିଲା । 'ସର୍ବାରିଷ୍ଟ ଶାନ୍ତିର୍ଭବତୁ' କିମ୍ବା 'ଶ୍ରୀକୃଷ୍ଣ ଚରଣାରବିନ୍ଦେ ଭକ୍ତିରସ୍ତୁ'—ଆଶୀର୍ବାଦ ମିଳୁଥିଲା । ମାଛିଆ ପାତକ ହେଲେ, ବେକରେ ପଘା ଲାଗି ଖୁଣ୍ଟରେ ଗୋରୁ ମଲେ, ଗୃହରେ ଶାଗୁଣା ବସିଲେ ସାଆନ୍ତମାନଙ୍କ ବ୍ୟବସ୍ଥା ଅନୁଯାୟୀ ପ୍ରାୟଶ୍ଚିତ୍ତ କରା ହେଉଥିଲା ।

ଗୋପୀନାଥେ ଦୋଳକୁ ଚଉଦଳରେ ବସି ଘରେଘରେ ଭୋଗ ଖାଇ ବାହାରିଲା ବେଳେ ମକଦ୍ଦମମାନଙ୍କ ଆଡ଼ମ୍ବର ବାହାରୁଥିଲା । ୨୦ ପଟ ଘଣ୍ଟ ସଙ୍ଗେ ମାଦଳ ବାଜୁଥିଲା; ନାମଜାଦା ଘଣ୍ଟବଜାଳୀ ସେତେବେଳେ ଥିଲେ । ଛତି, ତ୍ରାସ, ବାନା, ବାଣନିଶାଣ, ନାଗା, ନାମସଂକୀର୍ତ୍ତନ, ଖେଳୁଆଡ଼, କଳଘୋଡ଼ା ନାଚ, ଯାତ୍ରାସୁଆଙ୍ଗ, ରାଜ ପଟୁଆରରେ ଠାକୁରେ ମେଳଣକୁ ବିଜେ ହେଉଥିଲେ; ଲୋକେ ପଚାରୁଥିଲେ—ଏ କୋଉଠା ଠାକୁର ? ଚଉଦଳ, ମଣ୍ଡଣି, କଳସ, ପଟୁଆର ଆଡ଼ମ୍ବରରୁ ଗ୍ରାମର ସମୃଦ୍ଧି ଓ ମର୍ଯ୍ୟାଦା ଫୁଟି ଉଠୁଥିଲା । ରାଜ ଆଡମ୍ବର କେବଳ ଠାକୁରଙ୍କଠି ସନ୍ନିହିତ ହୋଇଥିଲା । ଏବେ ସେ ସବୁ ନାହିଁ । ଏବେ ରଥଯାତ୍ରାଟା ଜମୁଚି, ଗୁରିଟା ଶଗଡଚକ ଉପରେ ପୁରୁଣା ଚଉଦଳଟି ଥୁଆ ହୋଇ ହୋଇଛି ରଥ—ଯାହାକୁ ଲକ୍ଷ୍ୟ କରି ଦିନେ ନକଲିଆ କବି ଯଦୁମଣି ଗାଇଥିଲେ—

କୁଞ୍ଜବନେ ଜଗନ୍ନାଥ ନ ହେବ ଗୋସାଇଁ
ରଥ ବୋଲି ଭକ୍ତେ ନେବେ ଶଗଡ଼େ ବସାଇ
ଭୋଗ ବୋଲି ଖଞ୍ଜିଦେବେ କଡ଼ିକିଆ ମୁଆଁ
ଧୂପ ବୋଲି ଖଞ୍ଜିଦେବେ ନିଆଁଖୁଣ୍ଟା ଧୂଆଁ ।

ମକଦ୍ଦମମାନେ ଅତ୍ୟାଚାରୀ ନ ଥିଲେ କହିହେବ ନାହିଁ; ସାମାନ୍ୟ ସୁବିଧାର ବେଶ୍ ଅପବ୍ୟବହାର ହେଉଥିଲା; ଜଣେ ଅଧେ ମକଦ୍ଦମଙ୍କର ଅତ୍ୟାଚାରର ଅନ୍ୟମାନେ ଥିଲେ ନୀରବ ଦ୍ରଷ୍ଟା । ବିଧବାର ଅଳଙ୍କାର ବନ୍ଧା ପଡ଼ି ଆଡ଼ମ୍ବରରେ ବ୍ରାହ୍ମଣପଣ ହେଉଥିଲା । ଠାକୁରଙ୍କୁ ଏତିକି ଟଙ୍କା ପଣ ନ ଦେଲେ ବା ଗାଁ ମହାଜନୀ ନ ଦେଲେ କିମ୍ବା ଅମକ ଅମକ ଜିନିଷ ଟାଆଁ ମହାଜନଙ୍କୁ ଖାଇବାକୁ ଦେବାକୁ ଜବାବ୍ ନଦେଲେ ମହାଜନମାନେ ବ୍ରାହ୍ମଣପଣରେ ପୂରୁ ନ ଥିଲେ । ବ୍ରାହ୍ମଣଭୋଜନ ନ କଲେ ଆତ୍ମା ଅମୋକ୍ଷ ରହିବ, ଏଇ ଭୟରେ ଲୋକେ ମହାଜନଙ୍କୁ ଡାକି ଖୁଆଉଥିଲେ ଓ ଏବେ ଖୁଆଉଛନ୍ତି ।

ପିଣ୍ଡାରେ କଖାରୁ ଦେଖିଲେ ମୂଲିଆ କାମକୁ ଯିବନାହିଁ, ସେଥିଲାଗି ସାଆନ୍ତେ ସୁବିଧା ଉଣ୍ଡି ତା କଖାରୁଗଛ ଓପାଡ଼ି ଦେଉଥିଲେ । ଲୋକଙ୍କ ବାଡ଼ିରେ ପଶି ଜବରଦସ୍ତି କାକୁଡ଼ି, ଜହ୍ନି, ସଜନାଛୁଇଁ ତୋଳି ନେଉଥିଲେ । ବିଚରା ଗରିବର ଉଁ ଚୁଁ କରିବାର ଜୁ ନ ଥିଲା । ନିଜ ବାଡ଼ିର ପରିବା ହରାଇ ସେ ଖୁଣ୍ଟୁଥିଲା ପୋଖରୀକୂଳର ପିଡ଼ାଶାଗ ବା ମଦରଙ୍ଗା ।

ସାମାନ୍ୟ ନିମନ୍ତ୍ରଣ ବା ଶୁଦ୍ଧାଶୁଦ୍ଧିରେ ହଜାର ହଜାର ବ୍ରାହ୍ମଣ ବା ଉପବୀତଧାରୀ ବ୍ରାହ୍ମଣନାମା ବ୍ୟକ୍ତି ଉପସ୍ଥିତ ହେଉଥିଲେ । ସାମାନ୍ୟ ମୁଠାଏ ଖାଇବାପାଇଁ ମାନସମ୍ମାନକୁ ବଳି ଦିଆଯାଉଥିଲା କିପରି ? ଏହା ମନୁଷ୍ୟ ବିଶେଷ

ମର୍ଯ୍ୟାଦାସଚେତନ ହୋଇଛି । ମୋର ବିଶ୍ୱାସ, ସେତେବେଳେ ଏତେଟା ନଥିଲା । ମୁଁ ଥରେ ଏହିପରି ଗୋଟାଏ ବ୍ରାହ୍ମଣପଣକୁ ଯାଇଥିଲି । କେତେକେତେ ଗାଆଁର ଗୋଟାଏ ମେଳଣର ଲୋକ ଉପସ୍ଥିତ ଥିଲେ; ସେମାନଙ୍କୁ ନିୟନ୍ତ୍ରଣ କରିବାଲାଗି 'ଅଙ୍କି' ବ୍ୟବସ୍ଥା (ଚାରିପଟେ ବାଡ଼ ବୁଜା ଯାଏ; ତାଟି ପାଖେ ଲୋକ ଜଗି ରହି ଜଣ ଜଣ କରି ଛାଡ଼େ) ହୋଇଥିଲା । ସେ ଗୋଟାଏ ବିରଟ 'ଚହୋ'; କିଏ ଖାଇଲା, କିଏ ବା ନ ଖାଇଲା, କିଏ ଦକ୍ଷିଣା ପାଇଲା, କିଏ ବା ନ ପାଇଲା; କିଏ ବା ତାଟି ପାଖରୁ ପ୍ରବେଶର ସୁବିଧା ନ ପାଇ ଫେରିଲା । ସମୟର ବୋଧେ କିଛି ମୂଲ୍ୟ ନ ଥିଲା । ନଇଲେ ମୁଠେ ମୋଟା ଜଳଖିଆ, ପଇସେ ଅଧଲେ ଦକ୍ଷିଣା ପାଇଁ ଲୋକେ କୋଶ କୋଶ ବାଟ ଦୌଡ଼ୁଥାନ୍ତି ।

ଶ୍ରାଦ୍ଧ, ସତ୍ୟନାରାୟଣ ପୂଜା, କୃଷ୍ଣଜନ୍ମ, ଦୋଳ, ଦଶହରା, ରଜ, ପର୍ବପର୍ବାଣି ଓ ବିଭାବ୍ରତ ଉତ୍ସବରେ ଗାଆଁ ଉଛୁଳୁଥିଲା, ଦିଆନିଆ, ଖିଆପିଆ ଧୂମ୍ ଚାଲିଥିଲା । ସେତେବେଳେ ଲୋକଙ୍କର ଅଖଣ୍ଡ ଅବସର; ଅଧିକାଂଶ ଲୋକଙ୍କର ଖାଦ୍ୟପେୟର ଅଭାବ ନଥିଲା ।

ମକଦ୍ଦମଙ୍କ ଆର୍ଥିକ ଅବସ୍ଥା ଉପରେ ତାଙ୍କ ସାମାଜିକ ସ୍ଥିତି ନିର୍ଭର କରୁଥିଲା । ଅବସ୍ଥାପନ୍ନ ମକଦ୍ଦମେ ପିଣ୍ଡାରୁ ଓହ୍ଲାଉ ନଥିଲେ । ମୋଡ଼ାମର୍ଦ୍ଦନ, ଚଉଡ଼ାଘଷା, ଭାଙ୍ଗ, ପାଚିଲାଗାମୁଛା ବ୍ୟବହାର ସୁଖ ସାଆନ୍ତିର ଲକ୍ଷଣ ଥିଲା । କିନ୍ତୁ ଠିକ୍ ସେତିକିବେଳେ ଆମ ଗାଆଁର ଭୂମିହୀନ ବ୍ରାହ୍ମଣ ତେମା ଦାଶେ ମୂଲ ଲାଗୁଥିଲେ; କେବଳ ହଳ ଛାଡ଼ି ସେ ସବୁ କରୁଥିଲେ । ଭାଇମାନଙ୍କ ସହିତ ସେ ଆଣ୍ଠୁ ପକାଇ ବିଲ ବାଛୁଥିଲେ; ମୁଁ ତାଙ୍କୁ କକେଇ ବୋଲି ଡାକୁଥିଲି, ଅଥଚ ଆମ ବିଲରେ ମୂଲିଆଭାବେ ଲଗାଉଥିଲି; ମଜୁରି ଦେଉଥିଲି ଦୈନିକ ଛ' ପଇସା ।

ସେତେବେଳେ ଆମ ଧାନକୁଟୁଣୀ ଥିଲେ ବ୍ରାହ୍ମଣ ନାଥ ଦାଶଙ୍କର ବିଧବା ସ୍ତ୍ରୀ ଓ ବିଧବା କନ୍ୟା ତେମା; ତେମା ଆମ ଧାନ ସୁଖଉଥିବାବେଳେ ତା ହାତରେ ଭିଙ୍ଗ ପଡ଼ିଥିଲା; ତା ଆଙ୍ଗୁଠି ଛିଡ଼ି କେନାକେତରା ହୋଇ ଯାଇଥିଲା । ନାଥ ଦାଶଙ୍କ ସ୍ତ୍ରୀ ସେତେବେଳେ ରୋଗରେ ଶଯ୍ୟାଗତା; ବୋଉ ଚାରିମାସ ପର୍ଯ୍ୟନ୍ତ ସେମାନଙ୍କ ଲାଗି ଭାତ ରାନ୍ଧି ନେଇ ଦୁଆରେ ଦେଇ ଆସୁଥିଲା । ସେମାନେ ଭଲ ହେବା ପର୍ଯ୍ୟନ୍ତ ବୋଉ ଉଭୟଙ୍କର ସେବା କରିଥିଲା ।

## ମାଛଗୋଳି

ବଡ଼ ବଡ଼ ପୋଖରୀରୁ ମାଛ ମରା ହୋଇ କୂଳରେ ଗଦା ହେଉଥିଲା । ବଡ଼ ମାଛମାନଙ୍କର ମଣ୍ଡ ନୋଳା ନୋଳା ହୋଇ କଟା ହେଉଥିଲା । ତାପରେ ମକଦ୍ଦମୀ ହକିୟାତୀ ଅନୁଯାୟୀ ଭାଗ ବଣ୍ଟା ହେଉଥିଲା । କେଉଟ ବଡ଼ ବଡ଼ ମାଛ ମାରି ସାରିଲା ପରେ ଗୋଳି ଲାଗି ପୋଖରୀକି ଜନସାଧାରଣଙ୍କୁ ଛାଡ଼ି ଦିଆ ହେଉଥିଲା । 'ଗୋଳି ହେବ' ଏଇ କଥା ଗାଆଁରେ ଖେଳିଗଲା ମାତ୍ରେ କିଏ ମଡ଼ାଜାଲ, କିଏ ପୋଲୁଅ, କିଏ ଜୁନା ମାଛ କଢ଼େଇବା ଖଇଞ୍ଚି ଘେନି ଲୋକେ ପୋଖରୀରେ ପଶୁଥିଲେ । କେହି କେହି ନିଚ୍ଚେ ଗାମୁଛାରେ କାନିଖିଅ ଦେଉଥିଲେ ବା ହାତରେ ଦରଣ୍ଡି ମାଛ ଧରୁଥିଲେ । ମାତ୍ର ମଣ୍ଡାଚକଟାରେ ଗୋଳିଆ ହେବା

ମାଛେତ୍ରେ ମାଛ ପାଟି ପାକୁ ପାକୁ କରି ଉପରକୁ ଉଠନ୍ତି; କିନ୍ତୁ କୋଉଠି ତ୍ରାହି ନାହିଁ । ଘୁରିଆଡ଼େ ମୃତ୍ୟୁ । ଡାଳରୁ ଖସିଲେ ପୋଢ଼ୁଅରେ, ସେଠୁ ଖସିଲେ କାନିଖିଅରେ ପଡନ୍ତି । ଆକାଶରେ ଚିଲ, ବହିଗ, ବଗ, ଛଞ୍ଚାଣ, ଗଙ୍ଗେଇ ଚକ୍‌କର ଦେଇ ଉଡ଼ୁଥାନ୍ତି । ସୁବିଧା ସୁଯୋଗ ଦେଖି ଝାମ୍ପୁଥା'ନ୍ତି । ପକ୍ଷୀ ମାଛଙ୍କ ବଂଶ ନିପାତ ହୁଏ । ଖାଲି ସଉଳ, ମାଗୁର, ରଡା, ତୋଡ଼ି, କଉ, ଚେଙ୍ଗ, ଗଡ଼ିଶା ଆଦି ଭଳି ମାଛ ଯାହା ପୋଡା ମାରି ପଙ୍କରେ ରହିଯାନ୍ତି । ପୋଖରୀ ଶୁଖିଲେ ସେମାନେ ଧରା ପଡ଼ନ୍ତି ।

କାଦୁଅ ପଙ୍କ ପାଣି ଛିଟାର ଭୂତ ଚେହେରାରେ ଲୋକେ ମଣ୍ଡାଜାଲମାନ କାନ୍ଧରେ ପକାଇ ଅଣ୍ଟିଏ ଲେଖାଏଁ ମାଛ ଘେନି ଘରକୁ ଫେରନ୍ତି । ସେଇ ମାଛଗୋଳିର ଆନନ୍ଦ ଓ କରୁଣ ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ ।

## ଗର୍ବ ଖର୍ବ ହୁଏ

ଏଇ ମକଦ୍ଦମମାନଙ୍କର ଗର୍ବ ଦିନେ ଭାଙ୍ଗିଲା, ଗାଆଁର ମକଦ୍ଦମୀ ନିଲାମ ଉଠିଲା—ମାତ୍ର ପାଞ୍ଚହଜାର ଟଙ୍କାରେ । ଆଗରୁ ମକଦ୍ଦମୀ ଖଜଣା କୋଠରେ ଦାଖଲ ହେଉଥିଲା । ଏଇ ଦୁର୍ବଳତାର ସୁଯୋଗ ନେଇ କେତେଜଣ ମୋଟେ ଦେଲେ ନାହିଁ, ଦିନ ଗଡେଇଲେ, ଶେଷକୁ ଫାଙ୍କିଲେ; ସେମାନଙ୍କର କେତେବର୍ଷର କିସ୍ତି ଗ୍ରାମବାସୀ ମିଶି ଦେଲେ; କିନ୍ତୁ କ୍ରମେ ଏଇ ଫାଙ୍କିବାଲାଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା; 'ସେ ଯଦି ନ ଦେଲା ମୁଁ ଦେବି କାହିଁକି ? ମକଦ୍ଦମୀ ଉଠିଯିବ ତ ଉଠିଯାଉ ।' ଠାକୁରଙ୍କ ପିଣ୍ଡାରେ କେତେ ନ୍ୟାୟନିଶାପ ହେଲା, କିନ୍ତୁ କିଛି ଛିଡ଼ିଲା ନାହିଁ । ଗ୍ରାମର ଧନୀ ବ୍ୟକ୍ତି ଚକ୍ରାନ୍ତ କଲେ—ଅନ୍ୟମାନଙ୍କୁ ବଞ୍ଚିତ କରି ନିଜେ କିପରି ଏକୁଟିଆ ମକଦ୍ଦମ ହେବେ ।

ଧନୀ ଭଗବାନ୍ ଦାଶଙ୍କ ପାଠଘର ଶୂନ; ବଙ୍କାଢଙ୍କା କରି କୌଣସିମତେ ଦସ୍ତଖତଟିଏ କରୁଥିଲେ । କିନ୍ତୁ ଭାଗ୍ୟ ତାଙ୍କର ଦାଉ ଦାଉ ହୋଇ ଜଳୁଥିଲା । ସେ ବଳି ଦାଶଙ୍କର ପୋଷିଆ ପୁଅ ହୋଇ ଆସିଥିଲେ; ସେତେବେଳକୁ ତାଙ୍କର ଗୋଟିଏ ଦରମଲା ହଡ଼ା ଥିଲା । କୁଆ ଖୁଁପୁଥିଲେ; କୁଆଙ୍କ ଉପଦ୍ରବରୁ ହଡ଼କୁ ବଞ୍ଚାଇବା ଲାଗି ବଳି ଦାଶେ ହଡ଼ା ପିଠିରେ ବାଉଁଶ ଅଗିଲାଟିଏ ବାନ୍ଧି ଥିଲେ । ସେ ବଡ଼ ଲୋକ ହେଲେ କେମିତି ? କେହି କେହି କହନ୍ତି—ପୋଡା ଧନ ପାଇଲେ—ମାଟି ଖୋଳୁ ଖୋଳୁ ଗରାଏ ଟଙ୍କା । କାହା କାହା ମତରେ ସୁନାର ଯଖ ଜୀବନ୍ୟାସ ପାଇ ବୁଲୁଥିବା ବେଳେ ତାଙ୍କ ଧାନ ଉଷୁଆଁ ଚୁଲୀର ରଡ଼ ନିଆଁରେ ପଡ଼ି ମରିଗଲା, ଦାଶେ ବହୁ ସୁନାର ମାଲିକ ହେଲେ, ମୁଁ ଜାଣିବାରେ ଦାଶେ ଟିକିଏ ଛେଉକା, ଗୋଦା ଢଗ ବସିଥାନ୍ତି । ଶିକାର ପଡ଼ିଲେ ଝାମନ୍ତି । ପାଞ୍ଚ ପଇସା ଆୟ କଲେ ପଇସାଟିଏ ବ୍ୟୟ କରିବା ତାଙ୍କର ପ୍ରକୃତି । ସତେଇଶ ସାଲ ଦୁର୍ଭିକ୍ଷରେ ତାଙ୍କୁ ସୁଯୋଗ ମିଳିଗଲା । ଧାନ ଦେଇ ସେ ଜମି ବନ୍ଧା ରଖିଲେ । ବନ୍ଧା ମୁକୁଳିଲା ନାହିଁ । ଜମି ବଢ଼ି ଚାଲିଲା—ମାଣରୁ ବାଟି, ଗୋଟିଏ ଧାନଗଦା ଜାଗାରେ ପାଞ୍ଚଟି ବସିଲା, ଗୋଟିଏ ହଡ଼ା ସ୍ଥାନରେ ରହିଲେ ସାତ ହଳ ବଳଦ, ପନ୍ଦର ଗାଈ । ବିବାହ ବ୍ରତରେ, ମୃତାହ କ୍ରିୟା, ଗୃହ ନିର୍ମାଣ, ପ୍ରତିଷ୍ଠା, ପ୍ରାୟଶ୍ଚିତ୍ତରେ ଲୋକେ ଧାର୍‌ତା

ହେଲେ; ଦାଶେ ବର୍ଷ ଗୁଲିଲେ, କ୍ରମେ ଗ୍ରାମର ଅଧିକାଂଶ ଜମିର ମାଲିକ ହେଲେ; ହେଲେ ଜଣେ ରମଚନ୍ଦ୍ର ମଙ୍ଗରଜ ବା ମାମଲାବାଜ ।

ତିନି ବର୍ଷର ଖଜଣା ବାକୀ ପଡ଼ିବାରୁ ଆମ ଗାଆଁ ନିଲମ ଡକା ହେଲା; ପଡ଼ୋଶୀ ଶୂନ୍‌ଗରଡ଼ି ଗ୍ରାମର ମକଦ୍ଦମ ଉପେନ୍ଦ୍ର ନାୟକ ନିଲମ୍ ଧରିଲେ କିମ୍ବା ଭଗବାନ ଗୋପନରେ ନିଜେ ଟଙ୍କା ଦାଖଲ କରି ତାଙ୍କ ନାମରେ ନିଲମ ଧରାଇଲେ । ମକଦ୍ଦମୀର ଅଧିକାରୀ ହୋଇ ଉପେନ୍ଦ୍ର ନାୟକ କିଛି ଦିନ ଚକା ମାଡ଼ି ବସିଗଲେ, ଦାଶଙ୍କ ନାମରେ ମକଦ୍ଦମୀ କରିଦେଲେ ନାହିଁ । ଉଚ୍ଛନ୍ନ ଦଶା । ସେତେବେଳର ପାଞ୍ଚ ହଜାର ଟଙ୍କା ଏବର ପାଞ୍ଚ ଲକ୍ଷ ସଙ୍ଗେ ସମାନ । ଦାଶେ ପ୍ରମାଦ ଗଣିଲେ । ବହୁ ବର୍ଷ କାଳ ପାଟି ବୁଜି ପେଟରୁ କାଟି ବନ୍ଧୁବାନ୍ଧବଙ୍କ ମୁହଁକୁ ନ ଗୁହିଁ ଦାଶେ ଏତକ ପାଣ୍ଠି ଜମେଇ ଥିଲେ । ସବୁ ବୁଡ଼ିଲା । ବାରମ୍ବାର ନାୟକଙ୍କ ଦୁଆରକୁ ଦୌଡ଼ି ଦୌଡ଼ି ନିରୁପାୟ ହୋଇ ଶେଷକୁ ଦିନେ ତାଙ୍କ ଗୃହରେ ଗାମୁଛା ବାନ୍ଧି ଝୁଲିବାକୁ ବସିଲେ, ସତରେ ଝୁଲିଥାନ୍ତେ କି ନାହିଁ କିଏ କହିବ ? ମାଇପୀ ମହଲରେ ଆତଙ୍କ ପଡ଼ିଗଲା—ବ୍ରହ୍ମହତ୍ୟା ମହାପାତକ, ଦେବତା ପାର୍ କରି ପାରି ନାହାନ୍ତି, ମାନବ ପାରିବେ କାହୁଁ ? ଅପନିନ୍ଦା, ଅପଖ୍ୟାତି ହେବ, ମୁଣ୍ଡ ଟେକି ଗୁଲି ହେବନାହିଁ । ଧିକ୍ ସେ ସମ୍ପତ୍ତିକୁ । ଉପେନ୍ଦ୍ର କିଛି ସଲାମୀ ନେଇ ଦାଶଙ୍କ ନାମରେ ମକଦ୍ଦମୀତକ ଦରଜ କରିଦେଲେ ।

ଭଗବାନ୍ ହେଲେ ଆମ ଗ୍ରାମର ବଡ଼ ମକଦ୍ଦମ, ଅଧିକାଂଶ ଜମି, ଗଡ଼ିଆ ପୋଖରୀ, ତୋଟାବଗାଏତର ମାଲିକ । ନନାଙ୍କୁ ପୂର୍ବ ହକିୟତି ପାଞ୍ଚଟୋ ଉଆପସ୍ ଦେବେ ବୋଲି ଦାଶେ ଅଗ୍ରୀମ ଟଙ୍କା ନେଇଥିଲେ, ଯେ ହେତୁରୁ ନନା ତାଙ୍କର ସଙ୍ଗାତ, ଖାରଦିଆ ବାନ୍ଧବ । ଭଗବାନ୍ ଦାଶେ ଆମର ମଉସା । କିନ୍ତୁ ବଡ଼ ମକଦ୍ଦମ ପ୍ରତିଶ୍ରୁତି ଭୁଲିଗଲେ; ଅଗ୍ରୀମତକ ବୁଡ଼ିଲା, ବୁଡ଼ିଲା ଜଣେ ଛୋଟ ମକଦ୍ଦମ ମର୍ଯ୍ୟାଦା ଘେନି ରହିବା ଲାଗି ନନାଙ୍କର ଆଶା ।

ମକଦ୍ଦମମାନଙ୍କ ମଧ୍ୟରୁ କାହାର ସର୍ବସ୍ୱ ଗଲା, କାହାର ଡିହବାଡ଼ି ମଧ୍ୟ ଉଠିଗଲା । ଦାଶଙ୍କ ସମୁଦିଙ୍କ ନାମ ନରହରି ଦାଶ, ବାଟିଏ ଜମି ଓ ପଣେ ହକିୟତିର ମାଲିକ । ଦାଶେ ତାଙ୍କୁ କଡ଼ାଏ ମକଦ୍ଦମୀ ଦେଲେନାହିଁ, କେବଳ 'ଦେବା' 'ଦେବା' କହୁଥିଲେ; 'ଦେବା ଦେବା କହୁଥିବା ଯାବଚ୍ଚନ୍ଦ୍ର ଦିବାକରେ' । ଦେଖୁ ଦେଖୁ ସମୁଦିଙ୍କ ନଡ଼ିଆଗଛରେ କଣ୍ଟା ବନ୍ଧା ହେଲା, ଭାଇଙ୍କ ସାମ୍ନାରେ ତାଙ୍କ ଗଛ ନଡ଼ିଆ ତୋଳା ହେଲା । ମାଛ ମର ହେଲା ଦିନ ଝିଅ ତୋଳି, ନାତିମାନେ ଜଳ୍ ଜଳ୍ ଗୁହିଁଥାନ୍ତି । ହେଲେ ଗୋଟାଏ ବେଙ୍ଗ କି ଚୁଙ୍ଗୁଡ଼ି ଆସେନାହିଁ । ବାଟିକର ମାଲିକ ହୋଇ ଦୂରଦୃଷ୍ଟି ଅଭାବରୁ ସରଳପ୍ରାଣ ସୁଗାୟକ ନରହରି ଦାଶ ଉଚ୍ଛନ୍ନ ହୋଇଗଲେ ।

ଭିକାରୀ ଦାଶ ନିଲମ ଆଗରୁ ଥିଲେ ଗାଆଁର ବଡ଼ ମକଦ୍ଦମ । ସେ ଦାଣ୍ଡରୁ ବାଡ଼ି, ବାଡ଼ିରୁ ଦାଣ୍ଡ ଯାଉଥାନ୍ତି, ଆସୁଥାନ୍ତି, ବକ୍ ବକ୍ ବର୍ ବର୍ ହେଉଥାନ୍ତି । ତାଙ୍କର ସବୁ ସମ୍ପତ୍ତି ଉଠିଯାଇଥାଏ, ଏବେ ପ୍ରକୃତରେ ଦାଣ୍ଡର ଭିକାରୀ; ତାଙ୍କ ନନା କହିଥିଲେ ଦାଶେ 'ଏତେ ଧାନ କଣ ହେବ' ବୋଲି କୋଠିକି ଗୋଇଠା ମାରୁଥିଲେ; ଲକ୍ଷ୍ମୀ ଠାକୁରାଣୀ ସବୁ ସହନ୍ତି, ଗର୍ବ ସହନ୍ତି ନାହିଁ । ଭିକାରୀ ଦାଶଙ୍କର ସର୍ବସ୍ୱ ଗଲା, ସେ ତାଟକା ହୋଇଯାଇଥିଲା ହେବା ଅବସ୍ଥାକୁ ଆସି ଯାଇଥାନ୍ତି । ହଠାତ୍ ଦିନେ

ତାଙ୍କର ମୂର୍ଚ୍ଛନା ଫାଟିଗଲା, ତାଙ୍କ ପୁଅ କୁସୁନିଆଁ ଲାଗି ବାଡ଼ି ଗୋଟରେ ଗୋଟେ ଜମି ନ ଥିଲା । କେବଳ ଡିହ ଘରବାଡ଼ି; ଏଥିରେ ଗୁଜୁରାଣ ମେଣ୍ଟିବ କିପରି ? କୁସୁନିଆ ବାଧ୍ୟ ହୋଇ ବାଟକୁ ଗଲା, କଲିକତାରେ 'ଠାକୁର' ହେଲା, ତ୍ରିନାଥ ମେଳାରେ ଚିଲମ ଧରିଲା, ଶେଷକୁ ଡିହଖଣ୍ଡି ଦାଶଙ୍କୁ କବଲା କରି ଦେଲା—ଯାଉଛି ତ ସବୁ ଯାଉ । ସେ ଡିହରେ ଦାଶଙ୍କର ବାଇଗଣ ଲାଗିଲା, କଳା ମଚ ମଚ ବାଇଗଣ ଭିତରେ ଭିକାରୀ ଦାଶଙ୍କ ଆତ୍ମା କାନ୍ଦୁଥିବ ।

ଦାଶଙ୍କ ଦ୍ୱିତୀୟ ସମୁଦି ବଳରାମ ହୋତା ନିଲାମ ପରେ ପଣେ ହକିୟାତିର ମାଲିକ ହୋଇଥିଲେ; ତାଙ୍କର ଧନ ଅଳ୍ପ, ଜନ ବଳ ବେଶୀ, କ୍ଷମତା ଅଳ୍ପ, ଆଡ଼ମ୍ବର ବେଶୀ; ଭଲଲୋକିପଣରେ, ମାମଲତବୁଦ୍ଧିରେ ମଧ୍ୟ ଭେଟିରେ ହୋତାଏ ପୁଲିସ ଓ ସରକାରୀ କର୍ମଚାରୀମାନଙ୍କୁ ବଶୀଭୂତ କରି ପାରୁଥିଲେ ଓ ଯଥାସମୟରେ ସେମାନଙ୍କଠାରୁ କାମ ଆଦାୟ କରୁଥିଲେ । ସେଇ ବଳରେ ସେ କାନତରାଟି ବ୍ୟବସାୟ କରୁଥିଲେ ,ହାଟ ନିଲାମ ଧରୁଥିଲେ; ମକଦ୍ଦମା କ୍ଷମତା ତାଙ୍କ ଆତ୍ମାକୁ ବହୁତ ବଢ଼େଇ ଦେଇଥିଲା ।

ପୋଖରୀରୁ ମାଛମାର ଜେନ୍ମା ଠାକୁରାଣୀଙ୍କଠି ଜନ୍ତାଳ ହେଲେ, କେଉଁଠି ବ୍ରାହ୍ମଣପଣ ହେଲେ ସେ ଯେ ଜଣେ ସର୍ବମୟ କର୍ତ୍ତା, ତାଙ୍କ ବିନା ଯେ କୌଣସି କର୍ମ ହୋଇ ପାରିବ ନାହିଁ, ଏହା ସେ ତର୍ଜନଗର୍ଜନରେ ଜଣାଇ ଦେଉଥିଲେ; ଭଗବାନ ଧନଶାଳୀ ହେଲେ ମଧ୍ୟ କ୍ଷମତା ଜାହିର କରିବା ରୀତି ତାଙ୍କୁ ଜଣା ନ ଥିଲା । 'କୀତକା ବାହୁ ବଳେ ବିରାଟ ରାଜା' ହେଲା ପରି ସମୁଦିଙ୍କ ସମ୍ପଦବଳରୁ ହୋତାଙ୍କ ଆତ୍ମା ଚେତ୍ନା ତୀବ୍ରତାକୁ ରୂପ ଧାରଣ କରିଥିଲା । କିଏ ଖାଉଥିଲା ଛେଳି, କିଏ ବା କେଞ୍ଚା । ତୁଣ୍ଡ ହୁଡ଼ିବା ତ ଧନ ଓ କ୍ଷମତାର ଏକ ସ୍ୱାଭାବିକ ଅଧିକାର !

ମକଦ୍ଦମା ଚାଲିଯିବା ପରେ ବ୍ରାହ୍ମଣ ଶାସନରୁ ଶ୍ରୀ ତୁଟିଗଲା । ମଙ୍ଗ ସମ୍ଭାଳି ନ ପାରି କେହି ଗୋଲାଦେଶ ଗଲେ, କେହି ଲଜ୍ଜାସଂକୋଚ ଛାଡ଼ି ଭିକ୍ଷାବୃତ୍ତି ଧଇଲେ । କେହି କଲିକତା ଯାଇ ବଙ୍ଗାଳୀ ବାଡ଼ିରେ 'ଠାକୁର' ହେଲେ । କେହି ସଂସାର ସହିତ ସାଲିସ୍ କରି ନ ପାରି ଆଖି ବୁଜିଲେ । ଗାଁ ଆଗେ ଥିଲା ଏକଗେଞ୍ଜୀ, ନିବୁଜ, ଲୋକେ ଏ ମୁଣ୍ଡେ ଯାଇ ସେ ମୁଣ୍ଡ ବାଟେ ଯୁଆଡ଼େ ଯାଉଥିଲେ । ଏବେ ଦିଶିଲା ଠାଆକୁ ଠାଆ ମେଲା ଡିହ । ସେଇ ବାଟେ ଗାଆଁ ମଝିକୁ ଅଣ୍ଟିରା ବିଲୁଆ ପଶି ଆସି ବୋବାଳି ଛାଡ଼ିଲା । 'ରାମ୍ ନାମ ସତ୍ୟ ହେ'—ଚାଲିଲା ନାଥ ଦାଶଙ୍କ ଶବ; ଭାରି ବଡ଼ପାଟିଆ ଥିଲେ ସେ, ଗାଁ ଲାଗି ଆଗେ ନିଆଁକୁ ଡେଇଁ ପଡ଼ୁଥିଲେ । 'ରାମ୍ ନାମ୍ ସତ୍ୟ ହେ' ଚାଲିଲେ ବଡ଼ ରଥୀ ଦାଶେ, ନିଲାମରୁ ଯୋଉ ଅଳ୍ପକ ଜମି ଥିଲା ତାକୁ ବିକି ସଂପୂର୍ଣ୍ଣ ନିଃସ୍ୱ ହେଲା ପରେ ଚାଲିଲେ ରଘୁ ଦାଶେ । କୌଣସିମତେ ପିଲାପିଲିଙ୍କୁ ବଞ୍ଚେଇବା ଲାଗି ସେ ଭିକଝୁଲି ଧଇଲେ, ଆଖପାଖରେ ମାଗିଲେ ଲାଜ ମାଡ଼ିବ ବୋଲି ସେ ଦୂର ଗାଁକୁ ଯାଇ ମାଗୁଥିଲେ । 'ରାମ ନାମ ସତ୍ୟ ହେ'—ଚାଲିଲେ ଦାଢ଼ିଆ, ଗୁଣିଆ ମଣିଦାଶେ, ଅଫିମିଆଁ ମୋହନ ଦାଶେ, ଗପୁଡ଼ି ସମନାଥ ଦାଶେ (ସପ୍ତମ ଏଡ଼ଓ୍ୱାର୍ଡ଼ଙ୍କ ପରି ତାଙ୍କ ଚେହେରା), ନକଲିଆ ବାଞ୍ଛ ଦାଶେ, ପୌରାଣିକ, ଗୁମାନୀ ଗୌରାଙ୍ଗ ଦାଶେ, ଯୋଗୀବାଗ ତୋଟାର ଗୋଟାଏ ଜୁଉ ଗାଡ଼ରେ ସମସ୍ତଙ୍କ ପାଉଁଶ ମିଶିଗଲା ।

ଦର୍ପିଷ୍ଠ ମକଦ୍ଦମ, ଗର୍ବିଣୀ ମକଦ୍ଦମାଣୀ, ଧମକରେ ଚମକଉଥିବା, ଯାହାକୁ ନଚଉଥିବା; ପାଚିଲା ଗାମୁଛା ଉଡଉଥିବା, କପାଳରେ ଟଙ୍କା ପରି ଚନ୍ଦନ ଟୋପା ମାରିଥିବା ସାଆନ୍ତ, ଧନ ବୋଲି ଭୂଇଁ କାମୁଡ଼ି ପକଉଥିବା, କାଚ ଝମର ଝମର କରୁଥିବା ବଡ଼ ଘର ଘରଣୀ ସାଆନ୍ତାଣୀ; ଖୋଦ ବଡ଼ ମକଦ୍ଦମ, ଯେ ଦିନେ ପିଲାଏ ପାଠ ପଢ଼ିଲେ ଆଖି ଦେଖାଇବେ, ଅଞ୍ଜନ ଉପରେ ଅଞ୍ଜ ଆସିଯିବ ବୋଲି ବିଶ୍ୱାସ କରୁଥିଲେ, ଯେ ଏକା ଧାରରେ ଥିଲେ ମକଦ୍ଦମ ଓ ମହାଜନ, ଯେ ଅକାଳ ଓ ନଅଁକକୁ ଡାକୁଥିଲେ—ସମ୍ପତ୍ତି ବଢ଼ାଇବେ ବୋଲି, ଯେ ଦିନେ ଗର୍ଜୁଥିଲେ—ଭଗବାନଙ୍କୁ କାହିଁକି ଡାକୁଚ, ମତେ ଡାକ, ମୂଲିଆକୁ ମୂଲ ଓ ଖାତକକୁ ଧନ ଦେଲାବେଳେ ଯାହାଙ୍କ ହାତ ଥରି ଉଠୁଥିଲା, ସଞ୍ଚୟବେଳେ ଭବିଷ୍ୟତ ଉପରେ ଯାହାଙ୍କର ଅଖଣ୍ଡ ବିଶ୍ୱାସ ଥିଲା, ଯେ ଆମ ଗ୍ରାମର ଗତାନୁଗତିକ ଇତିହାସକୁ ଉପନ୍ୟାସରେ ପରିଣତ କରିଥିଲେ, ଯେ ମୃତ୍ୟୁ ପୂର୍ବରୁ ଆହା, ଦିହରୁ ଫାଳେ ମୂଷା, ଅସରପା ଖାଇଲେ ବି ଜାଣି ପାରିଲେ ନାହିଁ, କଡ଼ାଟିଏ କଉଡ଼ି ସାଙ୍ଗରେ ନେଲେ ନାହିଁ । ଦିନେ ଚୋଟେକ ଭିତରେ ଇତର ଲୋକ ପରି ମୁହଁ ଲୁଚେଇ ଯାହାଙ୍କର ମାନଇଜ୍ଜତ ହରଣ କରିଥିଲେ, ତାଙ୍କରି ପିଲାଙ୍କ କାନ୍ଧରେ ବୁହା ହୋଇ ସେଇ ଏକା ରୁଇ ଗାଡ଼ରେ ପଶିଲେ । ମିଶିଗଲା ମକଦ୍ଦମ ମକଦ୍ଦମୀ, ଦାରିଦ୍ର୍ୟ ସମୃଦ୍ଧି, ଇତିହାସ ଓ ଧୂଳି ।

## ଯେଉଁମାନେ ବଞ୍ଚିଛନ୍ତି

ନାଁ ହଜିଯାଏ, ଗାଁ ରହେ । କଏ କୁଆଡ଼େ ଗଲେ, ଗାଁ ପଡ଼ିଛି ।

କେତେକଙ୍କ ସ୍ମୃତି ଅଦ୍ୟାପି ମୋ ମନରେ ଠିକ ଠିକ୍ ହୋଇ ଜଳୁଛି । କେହି କେହି ଗୁଣର ଥିଲେ, କାହା କାହାଠାରେ କିଛି କିଛି ଗୁଣ ଥିଲା । କେତେକଙ୍କଠାରେ ବୈଜ୍ଞାନିକ ବୁଦ୍ଧି, ବିଷୟଜ୍ଞାନ, କର୍ତ୍ତବ୍ୟ, ଚରିତ୍ରର ମହନୀୟତା, କର୍ମକଠୋରତା, ସତ୍ୟ ନିଷ୍ଠା ଥିଲା । କେହି କେହି ଥିଲେ ବ୍ରହ୍ମଜ୍ଞାନୀ—"କୀଟରୁ ବ୍ରହ୍ମପାଏ ସବୁରି ଦେହେ ହରି' କଳ୍ପନା କରୁଥିଲେ । କେହି କେହି ଥିଲେ ମୁକ୍ତିପାଗଳ; ଭକ୍ତିଭାବରେ ଭୋଳ ହୋଇ ସଂସାର, ଘରକରଣା ସବୁ ଭୁଲି ଯାଉଥିଲେ । କେତେକ ଗ୍ରାମକୁ ରୁଚିର, ରୁଚିକର କବି ଓ ସଜ୍ଜନର ବାସଯୋଗ୍ୟ କରିଥିଲେ । କେହି କେହି ଯାନିଯାତ୍ରା, ମେଳା ମଉଛବ, ଓଷାବ୍ରତ, ପର୍ବପର୍ବାଣିରେ ଏହାକୁ ସଦା ସରସ ଓ ଜୀବନ୍ତ ରଖିଥିଲେ । କାହାରି କାହାରି ହୃଦୟ ଥିଲା ହାସ୍ୟରସର ଅସରନ୍ତି ଉତ୍ସ । ଗ୍ରାମରେ ଦୁଃଖ ଥିଲା, ସେ ଦୁଃଖ ଅଧିକାଂଶଙ୍କର । କିନ୍ତୁ ସୌନ୍ଦର୍ଯ୍ୟ ଓ ସୁଖର ଉପାଦାନ ଅଳ୍ପ ନ ଥିଲା । ମୋର ଅଶିକ୍ଷିତ ମନ ଉପରେ ଯେଉଁମାନେ ତିଳାର୍ଦ୍ଧ ପ୍ରଭାବ ପକାଇଥିଲେ, ପ୍ରାଣରେ ଜଗାଇଥିଲେ ପ୍ରାଣୀମାନଙ୍କ ପ୍ରତି ବେଦନାବୋଧ, ତରୁତୃଣ ପ୍ରତି ଅକଳନ୍ତି ଶ୍ରଦ୍ଧା, କୌତୂହଳ ଓ ଆନନ୍ଦ, ସେମାନଙ୍କର ରେଖାଙ୍କ ପୂର୍ଣ୍ଣ ଛବି ଏ ନୁହେଁ, କାହାଣୀ ବା କବିତା ନୁହେଁ; କଛି ସଂକେତ ମାତ୍ର । ଲେଖୁଛି । କାରଣ ସେମାନଙ୍କୁ ଛାଡ଼ି ଗଲେ ମୋ ବିଷୟରେ ବହୁତ କିଛି ଅବୋଧ୍ୟ ରହିଯିବ । କଅଁଳ ବୟସରେ ଗୋଟିଏ ଚରିତ୍ର ଉପରେ କେତେ ଛାପ ପଡ଼ିଥାଏ ଓ କେଉଁଟି କିପରି କାର୍ଯ୍ୟକାରୀ ହୁଏ କହିବା ଦୁଷ୍କର । ତେଣୁ ଯଥାର୍ଥରେ ଏହା ସେମାନଙ୍କ ଅଧ୍ୟୟନ ନୁହେ, ଆତ୍ମ ଅଧ୍ୟୟନ ମାତ୍ର ।

## ବୀର ମହାନ୍ତି

ସେ କାଳର ପୁରୀ ଜିଲ୍ଲାର ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ବାଳକାଟି ମକଦ୍ଦମଙ୍କର ଜଣେ ତହସିଲଦାର ମାତ୍ର ଥାଇ ସେ ଗ୍ରାମରେ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଥିଲେ; ତାଙ୍କୁ ରୋଧିବାର ସାହସ କୌଣସି ଧନୀ ମକଦ୍ଦମଙ୍କର ନ ଥିଲା । ସେ ଥିଲେ ଲୋକପ୍ରେମୀ, ବିଶ୍ୱପ୍ରାଣ, ଯେପରି କବି, ସେହିପରି କର୍ମୀ, ଗ୍ରାମରେ ସ୍ତ୍ରୀ ଶିକ୍ଷାର ପ୍ରବର୍ତ୍ତକ । ସାମାନ୍ୟ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ ବି ସେ ସାହେବସୁବା, ହାକିମହୁକୁମାଙ୍କୁ ଡରୁ ନ ଥିଲେ । ନାମସଂକୀର୍ତ୍ତନର ସେ ଜଣେ ପ୍ରବର୍ତ୍ତକ; ତାଙ୍କ ସଂକୀର୍ତ୍ତନରେ ଗ୍ରାମସବୁ ଉଚ୍ଛୁଳୁ ଥିଲା । ତାଙ୍କ ମାନବିକତା ଓ ତେଜସ୍ୱିତାର ମୋହାଞ୍ଜନ ପ୍ରଭାବ ଗ୍ରାମରୁ ଗ୍ରାମାନ୍ତର ବିସ୍ତୃତ ହୋଇ ଚାଲିଥିଲା । ସେ ହୋଇଥିଲେ ସଂକୀର୍ତ୍ତନମଣ୍ଡଳୀମାନଙ୍କର ପରମ ମାନନୀୟ ଗୁରୁଦେବ । ଏପରି ଜଣେ ବ୍ୟକ୍ତିଙ୍କୁ ପାଇ ଆମ ଗ୍ରାମ ଗୌରବାନ୍ୱିତ ହୋଇଥିଲା ।

## ରାମ ମହାନ୍ତି

ତାଙ୍କ ସାନ ଭାଇ ରାମ ମହାନ୍ତି ମଧ୍ୟ ପରପ୍ରାଣ; ରେଞ୍ଚ ଶାସନକୁ ସେ ଏକ ଉଦ୍ୟାନଗ୍ରାମରେ ପରିଣତ କରିଥିଲେ—ଲଗାଇଥିଲେ ବାକ୍ସ, କରବୀର, କାଞ୍ଚନ, ଗୋଲାପ, ମନ୍ଦାର, ଟଗରି, କୃଷ୍ଣଚୂଡ଼ା; କନିଅର, ଲାଲ୍ ଓ ହଳଦିଆ ଗୋଡ଼ିବାଣ, ରାଧାତମାଳ ପ୍ରଭୃତି ଗଛଲତା । ଗଛବୃଛ ପ୍ରତି ତାଙ୍କର ଅସାଧାରଣ ପ୍ରେମ ଥିଲା, 'ପାତୁଂ ନ ପ୍ରଥମଂ ବ୍ୟବସତି ଜଳଂ ଯୁଷ୍ମାସ୍ୱପିତେଷୁ ଯା' । ପ୍ରକୃତରେ ବୃକ୍ଷ, ଗୁଳ୍ମସବୁ ସିକ୍ତ ହେବା ପୂର୍ବରୁ ସେ କେବେ ତୁଣ୍ଡକୁ ଆହାର ନେଉ ନ ଥିଲେ, କିଏ ପତ୍ରଟିଏ ଛିଣ୍ଡାଇଦେଲେ ତାଙ୍କ ଦେହରୁ ପଳେ ରକ୍ତ ଖସି ପଡୁଥିଲା; ବୃକ୍ଷର ଯନ୍ତ୍ରଣା ତାଙ୍କ ମୁହଁରେ ଫୁଟି ଉଠୁଥିଲା । ସମଗ୍ର ଓଡ଼ିଶାରେ ଏ ଦିଗରେ ସେ ଅସାଧାରଣ ଥିଲେ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ମୁଖରେ ସର୍ବଦା "ହରିବୋଲ" । ବଡ଼ ପାଟିରେ ହରିବୋଲ ଦେଇ ପାହାନ୍ତିଆରୁ ଉଠି କୁଅରୁ କାଢ଼ି ସେ ପ୍ରାୟ ଶହେ ଯୋଡ଼ା (ମାଠିଆରେ) ପାଣି ଫୁଲ ଗଛରେ ଢାଳୁଥିଲେ । ଭାଗବତ ବିଶେଷତଃ ଏକାଦଶ ସ୍କନ୍ଦ ବୋଲି ବୋଲି ତାଙ୍କର ମୁଖସ୍ଥ ହୋଇ ଯାଇଥିଲା । ବରଗଛରେ, ପୋଖରୀ ଦୀପଦଣ୍ଡିରେ ମଞ୍ଚା ବାନ୍ଧି ସେ ସପ୍ତା ବସାଉଥିଲେ, ସେଠି ସାତ ଦିନ ଭାଗବତ ବୋଲା ହେବା ସଙ୍ଗେ ସଙ୍ଗେ ନାମସଂକୀର୍ତ୍ତନ ହେଉଥିଲା । ଏସବୁ ସେ ଯୁଗରେ ଅଭିନବ—ତୀର୍ଥସ୍ଥାନମାନଙ୍କରେ ଅଷ୍ଟପ୍ରହରୀ କରାଇବା ତାଙ୍କର ଯେପରି କି ବ୍ରତ ଥିଲା ।

ଯେତେବେଳେ ଯେପରି କେତେକ ଟାଉଟର, ମାମଲତକାର, ଜଣେ ଅଧେ ଇହସର୍ବସ୍ୱ, ସେହିପରି ଗୋଟିଏ ଧର୍ମଗୋଷ୍ଠୀ ବି ଥିଲା । ମେଳଣ ଯାତ୍ରା, ସପ୍ତା ପାଠ, ସଂକୀର୍ତ୍ତନ ନାମ ଶୁଣିଲେ ସେମାନେ ବାହାରି ପଡୁଥିଲେ—ମୋର ଲେଖା ଯୋଖା ମାମୁଁ ଭାଗବତ ମିଶ୍ରେ, ମୋ ନନା ମାଗୁଣି ଦାଶ ଭାଇନା ହରେକୃଷ୍ଣ ଦାଶ, ସୋମନାଥ ଦାଶ, ଯୋଗୀ ପ୍ରଧାନ, ଅଲେଖ ମିଶ୍ର ପ୍ରଭୃତି । ଶୋଷକ, ମକଦ୍ଦମା ଖୋରମାନେ ପରୋକ୍ଷରେ ଏମାନଙ୍କୁ ହସି ଉଡାଇ ଦେଉଥିଲେ, କିନ୍ତୁ ବୀର

ମହାନ୍ତିଙ୍କୁ ଠେସି ପଦେ କହିବାର ସାହସ କାହାରି ନ ଥିଲା । ବରଂ ମହାନ୍ତିଏ ଇସ୍କୁଲିଆ ଦଣ୍ଡ (ଏକଗୋଡ଼ିକିଆ, ନାକ ବାଳ ଧରା) ଏଇ ତଥାକଥିତ ଧନୀଙ୍କ ପ୍ରତି ପ୍ରୟୋଗ କରିଥିବାର ଶୁଣା ଅଛି ।

ମହାନ୍ତି ଦୁଇଭାଇ ରାସ୍ତାଘାଟ ପରିଚ୍ଛନ୍ନ ରଖାଉଥିଲେ—ରାସ୍ତାଧାର ଦୁର୍ଗନ୍ଧ ମୁକ୍ତ ଥିଲା । ସେମାନେ ମଉଚ୍ଛବରେ ପଂକ୍ତିଭୋଜନ ପ୍ରବର୍ତ୍ତନ କରିଥିଲେ; ସେତେବେଳେ ଗ୍ରାମରେ ଏହା ଅକଳ୍ପନୀୟ । ଏହିମାନଙ୍କ ପୁଣ୍ୟ ପ୍ରଭାବରୁ ମୁଁ ଉନ୍ନତି ପଥରେ ଅଗ୍ରସର ହେବାର ପ୍ରେରଣା ଲାଭ କରିଥିଲି । କିନ୍ତୁ ଅଧିକାଂଶ ଲୋକ ଥିଲେ ଭାଗ୍ୟବାଦୀ; ସେ ପ୍ରଭାବ ମଧ୍ୟ ମୁଁ ଏଡ଼ି ପାରିନାହିଁ । ଅଧିକାଂଶ ଦୁଃଖ ଭାଗ୍ୟର ଦାନ, ପୂର୍ବଜନ୍ମର କର୍ମଫଳ ବୋଲି ବିଶ୍ୱାସ ଥିଲା; ସେ ବିଶ୍ୱାସ ହିଁ ଦୁଃଖକୁ ସହଜସହ୍ୟ କରିଥିଲା । ଦୁଃଖ ଉପରେ ମାଡ଼ି ମକଚି ଚାଲି ସେଥିରୁ ବଞ୍ଚିବାର ଆନନ୍ଦ ନିଗାଡ଼ି ବାହାର କରିବାକୁ ସେମାନେ ଚେଷ୍ଟା କରୁଥିଲେ ।

କଟକକୁ ଲୋକ ଯାଇ ଗୋଟିଏ ଚୌକୀ ମୁଣ୍ଡେଇଁ ଆଣିଥିଲା ।—ବୋଧହୁଏ ଏହା ୧୯୧୦ର କଥା । କୁରୁଚି ବା ଚୌକୀଟି ଅଣାଇଥିଲେ ବୀର ମହାନ୍ତି । ତା ଆଗରୁ କେହି ଚୌକୀ ବା ବେଞ୍ଚରେ ଆମ ଗାଁରେ ବସି ନ ଥିଲା, ବା ଟେବୁଲ ଉପରେ କାଗଜ ପକାଇ ଲେଖୁ ନ ଥିଲା । ପୋଥି ଲେଖା ଚାଲିଥିଲା । ଚାଟମାନେ ତାଳପତ୍ରଖେଦା ଧରି 'କୋଇଲି' ବା 'ଗୋପୀ ଭାଷା' ବୋଲୁଥିଲେ । ଓଳିଆ ମାନଙ୍କରେ ଧାନ ବା ବିହନର ନାମ ତାଳପତ୍ରରେ ଲେଖା ହୋଇ ଓଳିଆରେ ମରା ହେଉଥିଲା । ସେଥିଲାଗି ଲୋକଗୀତରେ ଅଛି—

'ସିଆଁତି ପତରି ଲେଖ ଲୋ ମାଆ
ଗିଆଁତି ପତର ଲେଖ
ଯୋଉ ଘରେ ଅଛି ଧନ ଦରବ
ସେଇ ଘରେ ନେଇ ରଖ ।'

ରାମ ମହାନ୍ତଙ୍କ ବଗିଚାରୁ ମୁଁ ପହିଲେ ପ୍ରକୃତିକୁ ଭଲ ପାଇଥିଲି । ଫୁଲଗଛ ଗୁଡ଼ିକ ସଡ଼କ ଧାରେ ଧାରେ ଲାଗିଥିଲା । ତାର କୃଷ୍ଣଚୂଡ଼ା ଦେଖି ମୋର ମନ ଆନନ୍ଦରେ ପୂରି ଯାଇଥିଲା । ପ୍ରଥମେ ଏଠି ଗୋଲାପ ଦେଖିଲି, ଦେଖିଲି ଯେଉଁ ଓପନ୍ଦା କରବୀର, ଠିକ୍ ଗୋଲାପ ପରି, ସୁଗନ୍ଧ ତାର ସୁରଭି, 'ପ୍ରଜାପତିଟି ହରଷରେ, ବସିଛି ଫୁଲର ଉପରେ'; ମଧୁବାବୁଙ୍କ ବର୍ଣ୍ଣବୋଧର ଛବି ମନରେ ଯେଉଁ ରୂପଶ୍ରୀ ସୃଷ୍ଟି କରିଥିଲା, ତାକୁ ଅନୁଭବ କଲି ଧଳା କଞ୍ଚନ ଉପରେ କଳା ପ୍ରଜାପତିକି ଦେଖି । କିଆରି କିଆରି ମାଣିକଗନ୍ଧି ଗେଣ୍ଡୁ ଓ ମଲ୍ଲୀ ବଗିଚା, ପୋଖରୀ ପୋଖରୀ ଧଳା, ନେଳୀ ଓ ନାଲି କଇଁଫୁଲ, ବିଲ ଓ ପୋଖରୀ ହୁଡ଼ାର କାଶ, କିଆବାଡ଼ର ପାଞ୍ଚଆଙ୍ଗୁଳିଆ ଫୁଲ, ଅପରାଜିତା ଓ ନାଗଫେଣି ଫୁଲ, ପାହାରର ଟାଉଁଶ, ଚିଲ୍‌ଡ଼ର, କୋଇଲଖା ମନରେ ମୋର ଗ୍ରାମ୍ୟ ଜୀବନର ପୂର୍ଣ୍ଣ ପ୍ରଫୁଲ୍ଲତା ଭରି ଦେଇଥିଲା । ଅର୍ଦ୍ଧଶତାବ୍ଦୀରୁ ଅଧିକ ହେଲେ ବି ସେ ସବୁ ମୋ ଆଖି ଆଗରେ ଜୀବନ୍ତଭାବରେ ନାଚୁଛି । ବାହାରେ ସମସ୍ତଙ୍କୁ ଓଲୁ ପରି ଜଣାଗଲେ ବି ମୁଁ ଭିତରେ ମୋ ଅଜାଣତରେ ହୋଇ ଉଠୁଥିଲି କବି ।

ବଇରାଗୀ ଦାଶ ପଢ଼ିଲେ ଆମ ଗାଁ ଲୋକଙ୍କୁ କଲିକତୀ ରନ୍ଧା ଚଖେଇଥିଲା, କଲିକତା ସହର, କଲିକତୀ ଖିଅର ଓ କଲିକତୀ କାଟଛାଣ୍ଟ ଉପରେ ଭୂରି ତାରିଫ୍ କରି କହୁଥିଲା । କଲିକତାକୁ ବାଟ ଫିଟାଇଥିଲା ସେ । ତାପରେ ଶହ ଶହ ଲୋକ ମୋହ୍ରିଁ ଥିଲେ ।

ଅରକ ହଇଜାରେ ତା ବଂଶ ବୁଡ଼ିଗଲା । ଭଉଣୀଟି କୁଟୁଣୀ ଶିଖାଣରେ କୁଆଡ଼େ ଗଲା । ବଂଶର କୁଳାଙ୍ଗାର ସେ, ଶେଷ ଜୀବନରେ ଆଖିଯୋଡ଼ିକ ହରାଇଥିଲା । ବଡ଼ ମକଦ୍ଦମ ତା ଖିଆପିଆ ହାନିଲାଭ ବୁଝିବେ ବୋଲି ଜମିବାଡ଼ିତକ ଲେଖାଇ ନେଲେ । ଖାଦ୍ୟ ଓ ଚିକିତ୍ସା ଅଭାବରେ ପଡ଼ି ପଡ଼ି ବୈରାଗୀ ଆଖି ବୁଜିଲା ।

ହଇଜା ବେଳ କଥା ମନେ ପଡ଼େ—ଗେଲୀ ନାନୀ ଅଁଳାନାନୀ (ବୈରାଗୀର ଭଉଣୀ) ମୁଣ୍ଡରେ ତେଲ ଘଷୁଥାଏ, ଏଣେ ବାଡ଼ି ଦୁଆର ପାହାଚରୁ ପାହାଚ ହଇଜା ବୋହି ଯାଉଥାଏ ।

ଅଁଳା ନାନୀ ମୋର ଯୋଉ ବେରୁଆଁ ମଶିଣାରେ ଶୋଇଥିଲା, କୋକେଇ ବନ୍ଧା ବେଳେ ସେଥିରୁ ତାକୁ ଗୋଟିଏ ଛିଣ୍ଡା କତରାକୁ ଗଡ଼େଇ ଦିଆହେଲା, ମେଣ୍ଟାଏ ଛିଣ୍ଡା କୋତରା କନାରେ ମୁର୍ଦ୍ଦାରକୁ ଗୁଡ଼ାଇ ନିଆ ହେଲା । ଭୁଇ ଗାଡ଼ରେ ଶୁଆଇଲା ପରେ ଶେଯ ବୋଲାଉଥିବା ସେ ଅଳିଆମେଣ୍ଟାକ ବି ଧୋବା ଘେନିଗଲା; ଭଲ ଖଣ୍ଡିଏ ପିନ୍ଧିଥିଲେ ଚିର ଖଣ୍ଡିକ ପିନ୍ଧାଇ ମୁର୍ଦ୍ଦାରକୁ ମଶାଣିକୁ ନେବା କଥା ମନେ ପଡ଼ିଲେ ଏବେ ବି ମୋ ଦେହ ଶୀତେଇ ଉଠେ ।

ନଟ ସାହୁ ବୀର ମହାନ୍ତିଙ୍କ ପଟ୍ଟ ଶିଷ୍ୟ, ଗ୍ରାମେ ଗ୍ରାମେ ସଂକୀର୍ତ୍ତନ ଶିଖାଉ ଥିଲା ସେ, ସଂକୀର୍ତ୍ତନ ଗୀତ ବୋଲୁ ବୋଲୁ ଅଜ୍ଞାନ ହୋଇ ଯାଉଥିଲା ।

ଚଇତନ ସାହୁ । କଳକଣ୍ଠ । ତାର ସଂକୀର୍ତ୍ତନସ୍ୱର ଗୋଟାଏ ଢ଼ୁଆରିଆ ନଈ ପରି ମେଳଣ ଯାତ୍ରାକୁ ଉଛୁଳାଉ ଥିଲା ।

ଫକୀର ସାହୁ । ତାର ଚଳଣି ଦେଖି ଲୋକେ ତାଙ୍କୁ ରଜା ବୋଲି ଡାକୁଥିଲେ, ଯେ ତିନିଟା ବଳଦରେ ଦୁଇଟା ହଳ ବୁଲାଇ ସ୍ୱଳ୍ପବ୍ୟୟର ଏକ ଚମତ୍କାର ଦୃଷ୍ଟାନ୍ତ ଦେଖାଇଥିଲା ।

ବାଜ ବାରିକ ମୃଦଙ୍ଗ ବଜାଇବାରେ ଧୂରନ୍ଧର, ପାଲା ଗାୟକ ସାଧୁ ପଣ୍ଡାଙ୍କ ବାୟକ ହୋଇ ଯିବାକୁ ବିସ୍ତରୁଥିଲା, ଦିନେ ପୋଡ଼ା ପୋଖରୀହୁଡ଼ା ବାଟେ ଆସୁ ଆସୁ ତରି କାଳ କବଳରେ ପଡ଼ିଲା ।

ବର୍ଣ୍ଣ ମହାପାତ୍ରେ ବଡ଼ ରସିକ ଥିଲେ; ଦି କାନ୍ଧରେ ଦି ଖଣ୍ଡ ପାଚିଲା ଗାମୁଛା, କାନରେ ଚମ୍ପାଫୁଲ, କପାଳରେ ସିନ୍ଦୁର କଳୀ । ତାଙ୍କୁ ଚୂଡ଼ାଘଷା, ଚୂଡ଼ା ପଖାଳ, ଆମ୍ବୁଲ ରଇ ପାଗ ଭଲଭାବେ ଜଣା ଥିଲା ।

ସୁକଣ୍ଠ ଗୌରାଙ୍ଗ ଦାଶେ ପୁରାଣ, ରଥ ବୋଲାରେ ଖଣ୍ଡମଣ୍ଡଳରେ ଖ୍ୟାତି ଅର୍ଜିଥିଲେ । ନାଥ ହୋତା ନକଲିଆ, ନରଢ଼ିଆ କଥା କହି ହସେଇ ହସେଇ ଗଡ଼େଇ ଦେଉଥିଲେ ।

‘ଟିକା’ ଭଲ ଲଙ୍ଗଳ ପଉଡ଼ି ଖଙ୍ଗୁ ଥିଲା । ବର୍ଷସାରୁ ବ୍ୟବହୃତ ହେଲେ ବି ସେ ପୈଢ଼ି ଛିଡ଼ୁ ନ ଥିଲା, ବଳଦ ଖୁରରେ ଲୁହା ପଶିଗଲେ ସେ ମନ୍ତୁରି ଭଲ କରି ଦେଉଥିଲା । ହେଣ୍ଡା ଉଛବା ଘର ଛପର କଲେ ଘରରୁ ଟୋପିଏ ପାଣି ଚଲୁ ନ ଥିଲା । ବୁରୁଦା ଖେଇ କଣ୍ଟି ଧରି ହଳ କଲେ କାଖ ବାଟେ ପବନ ପଶି ଯାଇ ପାରୁ ନ ଥିଲା । ଓଳିଆ ବାନ୍ଧିଲେ ବିରି ବା ମୁଗରେ ପୋକ ଲାଗୁ ନ ଥିଲେ । ନିଧି ମହାରଣା ଗଙ୍ଗା ମୃତ୍ତିକାରେ ଚିତାଟଇତନ ମାରି ଝୁରି ଘଟାଟୋପରେ ବାହାରୁ ଥିଲା, ମାଟିଘର ଗୃଳ ତିଆରିରେ ସେ ପ୍ରବୀଣ ଥିଲା । ‘ମଲ୍ଲୀ’ ଧାନ ଖେଇବାରେ, ଖେଳୁଆ ପକେଇବାରେ ଓସ୍ତାଦ ଥିଲା, ଶ୍ରାଦ୍ଧ ମଉଳାରେ ଡାକି ଦେଲେ ଜଗାବୋଉ ଆସି ଯାଉଥିଲା, ଇଂରାଜୀ ଶବ୍ଦର ଉଚ୍ଚାରଣକୁ ସେ ନିଜସ୍ୱ କୌଳିକ ରୀତିରେ ପକାଇ ଦେଇଥିଲା—ଇଞ୍ଜେକ୍ସନ୍—ଇନ୍ଦ୍ରକ୍ଷଣ, ସ୍କୁଲ—ଇସ୍କଲ, ମାଷ୍ଟର-ମାଟର; ଇନିସ୍ପେକ୍ଟର-ଇଣିସିପେଟକର; ବାଇଧର ସାହୁ; ଯାତ୍ରାର ଦୁଆରୀ ପରି ତାର ବେହେରା, ପଶୁପକ୍ଷୀଙ୍କ ଶବ୍ଦକୁ ଅବିକଳ ନକଲ କରି ସେ ବୋବାଇ ପାରୁଥିଲା ।

ଗୋରୁଗାଈ କାଳିଆ ସୋଇଁର ଇଷ୍ଟ । ଗାଈଗୋରୁଙ୍କୁ ପେଟପୂର ନ ଖୋଇଲେ ତା ପାଟିକୁ ଗୁଣ୍ଡା ଯାଉ ନ ଥିଲା । ମହନା ମାଆର ପସନ୍ଦ ଉଚ୍ଚସ୍ତରର ଥିଲା । ତାଙ୍କୁ ଡାକି ପଡ଼ୋଶୀ ଗ୍ରାମବାସୀ କୁଣିଆଁ ଘରକୁ ମଜଡ଼ା ସଂଖୁଳାବୋଝ, ସାବିତ୍ରୀଖିର, ଫଳଥିଆ ବୋଝ, ପୁଆଣି ସବ ଦେଖାଉ ଥିଲେ । ନିମିତପର୍ବରେ ସେବେଇତ, ବନ୍ଧୁବାନ୍ଧବଙ୍କୁ ଯୋଉ ବରାଦରେ ଯାହାକୁ ପରଷିବାରେ ତାଙ୍କୁ ବଳି ଆଉ କେହି ନ ଥିଲେ । ଯଦୁଆ ମାଆଙ୍କୁ ମୁଆଁ, ଉଖୁଡ଼ା, ମନୋହର, ଛାଟି ଖଇ, ଚକ୍ରାପୁଆ ପାଗ ଭଲ ଭାବେ ଜଣାଥିଲା । ସଂଖୁଳାକୁ ଟୋକେଇ ପରି ଗୋଟାଏ ଗୋଟାଏ ନଡ଼ିଆପାଡିଡିଆ ମୁଆଁ ସେ ବୋଳୁଥିଲା । ବାଇଧର ହୋତା ଅମାଳୁ, ପୁରୁ କାକର ଛାଣିବାରେ ଓସ୍ତାଦ୍ ଥିଲେ ।

ବାଞ୍ଛା ମହାରଣା ପହିଲେ ଚମଡ଼ା ବଦଳରେ ଚକ ଚଳାଇ କମାର ଶାଳକୁ ଯୁଗୋପଯୋଗୀ କରିଥିଲା । ନାଲୁ ମିଶ୍ରଙ୍କ ‘ଆପଣା ପର’ ଜ୍ଞାନ ନ ଥିଲା । କାହା ବୋଲି କାହା ବିଲ ସେ ବାଛୁଥିଲେ । ‘ପରପୁଅ ଲାଗି ଯୋଗିଆ କାନ୍ଦେ’ ବୋଲି ଯୋଉ ଢଗ ଚଳୁଛି, ସେଠି ‘ଯୋଗିଆ’ ଜାଗାରେ ‘ନାଲୁଆ’ ହେବା କଥା । ତାଙ୍କ ପାଗଳାମି ପରର ଫସଲ କମେଇବାରେ କଟିଗଲା ।

ତାଙ୍କ ମାଆ ‘ବାଇଆଣୀ ବୁଢ଼ୀ’, ଗୋଡ଼ରେ ହାତରେ ତାର ଲଇଖଡ଼ୁ । ଯୁବତୀ ବୟସର ଅପୂର୍ଣ୍ଣ ଅଳଙ୍କାରଲିପ୍ସାକୁ ହୁଏତ ଏହିମରି ଚରିତାର୍ଥ କରୁଥିଲା ।

ଭାଲୁ ମିଶ୍ରେ, ସମୃଦ୍ଧିବାଡ଼ି ଥିଲେ ବି ଭିକ୍ଷା ତାଙ୍କର ବିନୋଦନ ଥିଲା । ଗୋଲାଦେଶ (ମେଦିନୀପୁର), ପାବନା (ବାଂଲା ଦେଶର ସହର) ତାଙ୍କର ପ୍ରିୟସ୍ଥଳୀ ଥିଲା । ସେ ବଙ୍ଗଳାମିଶା ଓଡ଼ିଆ ଗୀତ ବୋଲୁଥିଲେ—

‘ତୁମି କାଦେର କୁଲେର ବଉ
ଯମୁନା ଯିଚେ ଜଲ ଆନିତେ ଲାଗିବେ ପ୍ରେମେର ଢେଉ ଗୋ
ତୁମି କାଦେର କୁଲେର ବଉ ।

ପାଣ୍ଡୁ ଭେକ ବାବାଜୀ ହୋଇ ପାଣ୍ଡୁ ଦାସ ବୋଲାଉଥିଲା । ମଲା ପରେ ସମାଧିରେ ତୁଳସୀ ଗଛ ଲଗା ହୋଇଥିଲା । ମଶାଣିରେ ହେଲା ଗୋଟିଏ ତୁଳସୀ ବଣ, ଖରାଦିନେ ମରି ଝାଟି ହୁଏ, ବର୍ଷାଦିନେ ଯୋଉ ବଣକୁ ସେଇ ବଣ ।

ବିଧବା ଶରଧି ନାନୀ ମାଣ୍ଡିଆ ଜାଉ, କୋଳଥ ଜାଉ ଖାଇ ଜୀବନ ବିତେଇ ଥିଲା । ଦାନ୍ତ ଘଷୁ ନ ଥିଲା । ପଚାରିଲେ ସେ କହୁଥିଲା—ହାତୀ କଣ ଦାନ୍ତ ଘଷେ ? ସେ ତ ମଲେ ଲକ୍ଷେ, ଜୀଇଁଲେ ଲକ୍ଷେ । ଆଉ ମୁଁ ? ମତେ କିଏ ପଚାରେ ?

ନିର୍ବୁଦ୍ଧିଆ ବୋଲି ଅକୁରକୁ ଲୋକେ ବ୍ୟଙ୍ଗରେ ମନ୍ତ୍ରୀ ବୋଲି ଡାକୁଥିଲେ । ହାଟକୁ ଜିନିଷପତ୍ର ବିକି ନେଲେ ଗରାହାକ ଚାରଣାରେ ନେବାକୁ ଚାହୁଁଥିଲେ ସେ ଅଣ୍ଡି କହୁଥିଲା—ବୋଉ କହିଛି—ଚଉଦ ପଇସାରେ ବିକିବାକୁ । ସେଥିରୁ ଗୋଟିଏ ପଇସା ଊଣା ହେଲେ ମୁଁ ଦେବି ନାହିଁ ।

କୃଷ୍ଣ ମୁଦୁଲି କହୁଥିଲା—"ସତ ଥିଲେ ଭାତ ମିଳେ ।" କାହାଠୁ ପଇସାଟାଏ ଧାରିଥିଲେ ତା ଡୋଟିରେ ସତେ କି ଲେଖି ରହୁଥିଲା ।

ବନ୍ଧୁ ମୁଦୁଲି ମଣିଷ ଭାବରେ ମୋଟେ କଡ଼କା ନ ଥିଲା । ଗୋଟିଏ ଚତୁରୀ, ସିହାଣୀର ହାତ ଧରିଥିଲା ସେ । ବନ୍ଧୁ ଲଙ୍ଗଳ କଣ୍ଟି ଧରିଥିଲା ବେଳେ ତା ସ୍ତ୍ରୀ ପଟେ ବଳଦ ଭଳି ଜୁଆଳି ଭିଡ଼ୁଥିଲା । ସେ ପାଠ ନ ପଢ଼ି ପେଟେଣ୍ଟ୍ ମେଡ଼ିସିନ୍‌ର ସୂତ୍ରସବୁ ଆୟତ୍ତ କରିଥିଲା । ତେବେ ଏତିକି ତାରତମ୍ୟ ଯେ ସମାର୍ଜନୀ ହସ୍ତରେ ସେ ବାରମ୍ବାର ସ୍ୱାମୀ ଦେବତାଙ୍କୁ ବିତାଡ଼ନ କରୁଥିଲା ।

ଦାଢ଼ିଆ ଆନନ୍ଦ ଦାଶ ମନ୍ତ୍ର କରି ଅନ୍ୟ ଗାଈପହାରୁ ଓଖର ଉଡ଼ାଇ ଆଣି ନିଜ ଗାଈପହାରେ ରଖୁଥିଲେ, ଲୋକ ବିଶ୍ୱାସ । ମାଛ ଧରିବା ଲାଗି ସେ କାଦୁଅ ପଙ୍କରେ ପଶୁ ନ ଥିଲେ । ମାଛଧରାଳୀଙ୍କୁ କହୁଥିଲେ—ରାଜଭାଗ ? ରାଜା ନୁହନ୍ତି, ରାଜଭାଗ କଣ ? ଏ ପ୍ରଶ୍ନ କେହି ପଚାରୁ ନ ଥିଲେ । ଦାଶେ ମାଛ ନେଇ ଘରକୁ ଯାଉଥିଲେ ।

ଜମିଦାରୀ, ମକଦ୍ଦମା, ମହାଜନୀ ଓ ମାଲିମକଦ୍ଦମାର ଗୋଲି ପାଣିରେ କଙ୍କଡ଼ା ପରି ଯେଉଁ ଟାଉଟରମାନେ ଖେଳୁଥିଲେ, ଗାଆଁକୁ ବିଭାଗ କରି ଉଠଉ ଥିଲେ, ପକଉଥିଲେ, ତଳିତଳାନ୍ତ କରିଥିଲେ, ସେମାନେ ଗୋଟି ଗୋଟି ହୋଇ କିଏ କୁଆଡ଼େ ମରିହଜିଗଲେ । ସେମାନଙ୍କ ମଧ୍ୟରେ ବଳରାମ ହୋତା ଉଭୟ ସୁଗୁଣ ଓ ଦୁର୍ଗୁଣର ଆଧାର ହୋଇଥିଲେ, ଯାହା ସାଧାରଣତଃ ମଣିଷ ହୋଇଥାଏ । ଜମି ଜମା ବଢ଼େଇବା ଲାଗି ସେ ଯାହା ପାପ କରିଥିଲେ, ଭାଗବତ ସପ୍ତାରେ ତାର ପ୍ରାୟଶ୍ଚିତ୍ତ କରୁଥିଲେ । ସଂସାର ଚଳାଇବାରେ ଯେପରି ହିସାବୀ, ଗ୍ରାମବାସୀଙ୍କୁ ଖୋଇବାପେଇବାରେ ସେପରି ବେହିସାବୀ ମଧ୍ୟ ଥିଲେ । ପୋଲିସ୍‌କୁ ହାତ କରିବାରେ, ଧନୀ ଅତ୍ୟାଚାରୀଙ୍କୁ ସମର୍ଥନ କରିବାରେ ସେ ଜନତାରୁ ଦୂରେଇ ଗଲେ । ଜମିଦାରୀ ଉଠିଯିବା ପରେ ସେ ଧର୍ମଚର୍ଚ୍ଚା କରୁଥିଲେ । ନିଜ ପୋଖରୀରେ ଦିନେ ଗାଧୋଉ ଗାଧୋଉ ତାଙ୍କ କାଳ ଆସି ପହଞ୍ଚିଗଲା, ଯେପରି ଅନ୍ୟମାନଙ୍କ ପାଖରେ 'ହାବୋଡ଼ିଯାଏ ସେ ଆଚମ୍ବିତେ ଆସି ।'

ଶତ ସହସ୍ର ଜନ୍ମି ଥିଲେ, ପ୍ରତିଭାରେ କାହା ଭଳି ମାନେ ରଖିଚି ଗ୍ରାମ ? କେତେ ଜଣଙ୍କୁ ବା ଆତ୍ମବିକାଶର ସୁଯୋଗ ମିଳିଥିଲା, ଏଇ ସଂକୀର୍ଣ୍ଣ ପରିବେଶରେ ? ଆସିଥିଲେ, ଗଲେ; ଜୀବନଧାରଣ ମାତ୍ର ସ୍ୱାର୍ଥ । ଜଗନ୍ନାଥ ଦାଶ, ଗୋବିନ୍ଦ ହୋତା, ଲକ୍ଷ୍ମୀ ମହାପାତ୍ର, ଅଗାଧୁ ପଧାନ, ଆନନ୍ଦ ଗୁଡୁଲି, ଚଇତନ ସାହୁ, ସାଞ୍ଜା ସୋଇଁ, ବାଜି ଜେନା, ଅର୍ଜୁନ ପରିଡ଼ା—ଏଗୁଡ଼ିକ ଏବେ କେବଳ ନାମ, ଆଜିକାଲିର ପିଲାଙ୍କୁ ଅଜଣା, ଅଚିହ୍ନା । ଚିତା ପାଉଁଶ ଓ ଧୂଳି ହୋଇଛି ଏକାକାର, ଯହିଁରେ ଆଜିର ଶିଶୁ ଖେଳେ ।

ଇତିହାସର ଗତି ବଦଳାଇବାର ଶକ୍ତି କାହାର ନ ଥିଲା । ସମୟକ୍ରମେ ଅନ୍ୟ ଦେଶର ପ୍ରଭାବରେ ଇତିହାସର ମୋଡ଼ ବୁଲିଲା, ସମାଜର ମେଡ଼ି ଦୋହଲିଲା । ସାଧାରଣ ବ୍ୟକ୍ତି ସେଇ ଦୋହଲ ମଧ୍ୟରେ ନିଜର ଅସ୍ତିତ୍ୱ ଅନୁଭବ କଲା । ଇତିହାସର ଲଗାମ୍ ଧରି ଚଳିଲା ବିପ୍ଳବୀ ।

ଆମ ଗାଆଁ ବିଷୟରେ ନନାଙ୍କ ନାମରେ ନାମିତ 'ଚିନ୍ତାମଣି ବିଦ୍ୟାପୀଠ'ର 'ଉଦୟଶ୍ରୀ' ହାତ ଲିପି ପତ୍ରିକାରେ ଗୋଟିଏ କବିତା ଲେଖିଥିଲି; ତଳେ ତାର କିଛି ଅଂଶ ଉଦ୍ଧାର କଲି—

"ଚକ୍ରବର୍ତୀ ମୁଁ ଉଡ଼ାଇ ଅଛିରେ
ଧରିଛି ପରଜାପତି
କେଯୁର ଖୋଳିଛି ଛତୁ ମୁଁ ତୋଳିଛି
ସାଧବବୋହୂରେ ମତି ।
ବାଟି ଖେଳି ଅବା ବନିଶି ପକାଇ
ଉଗି ଉଗି ମାଛ ଟଙ୍କା
ମାକଡ଼ ଉଡ଼ାଇ ଆଖଡ଼ା କରି ମୋ
ଶଇଶବ ବିତିଗଲା ।
ନାଚି ଉଠେ ଆଗେ ସୋରିଷ କିଆରି
ଶିଶିର କୁଆଁରୀ ଛବି
ସୁନା ଧାନ ଖେତ ଭକତ ମୁଁ ଜଣେ
ରେଙ୍ଗ ଗାଆଁର କବି ।
ଅଧା ଲଙ୍ଗଳା ଭୂଇଁ ଶୋଷ ଯା'ର
ପଖାଳକୁ ନାହିଁ ଲୁଣ
ପାଟୁଆ ଯାତରା କବି ହୋଇଥିଲେ
ନନା, ଖାଲି ବାରେ ଶୁଣ
ଭାଇନା ମୋ ଥିଲେ ଯାତ୍ରାର କବି
'ଚଇତୀ ଘୋଡ଼ା'ର କବି
ଫୁଟୁଥିଲା ବୋଉ ଗାଉଁଲୀ ଗୀତରେ
ଗାଆଁ ଟୋକାଙ୍କର ଛବି
ଉଦୟନାଥ ସେ ସାନ ଭାଇ ମୋ'ର
ବିଦେଶରେ କଲା ବା'ସ
ନୁଖୁରା ଭୂଇଁରେ କଲମ ଚଷେ ମୁଁ
କୁଞ୍ଜ ବିହାରୀ ଦାଶ ।

ଏକା ଜୁଆ ଗାଡ଼େ ଚୋରା ପଡ଼ିଲେ ରେ
ଗାଆଁ ଗୋଟାକର ଲୋକ
ସାହୁ ଜମିଦାର ଗରିବଗୁରୁବା
ନ ପାଉଥିଲା ଯେ ଭୋକ
କାହା ପାଇଁ କିସ ଶୋକ କରିବି ରେ
ନିତି ଉଏଁ ନୂଆ ରବି
କଲମେ ଟେକୁଚି ବଡ଼ବଡ଼ିଆ ମୁଁ
ତେଣୁ ଗାଆଁର କବି ।''

ମୋ ନନା ଓ ଆମ ସାଇର ମଧୁସୂଦନ ଦାଶେ ସାଂସାରିକ ଦୃଷ୍ଟିରୁ ସୁଚତୁର ଥିଲେ । 'ମକଦ୍ଦମୀ ଗ୍ଲଲିଯିବ' ଗୋଳ ଉଠିଲା ମାତ୍ରେ ନନା ଓ ସେ ଅଧିକାଂଶ ଜମି ପାଟ୍ଟିପଟା କରି ପକାଇଥିଲେ । ତଥାପି ପୈତୃକ ଆଠ ଏକର ଜମି ମଧ୍ୟରୁ ଆମର ଦି ପା ଦ୍ଵିପ ଜମି ଓ ଦି ପା ପୋଲଙ୍ଗ ତୋଟା ଗ୍ଲଲିଗଲା । ଆଦେଶ ଜାରୀ ହେବା ଆଗରୁ ନନା ଶହ ଶହ ଫଳନ୍ତି ପୋଲଙ୍ଗଗଛ ଓ ଗୋଟିଏ ବଡ ଜାମୁଗଛ କାଟି ଆଣିଥିଲେ; 'ଘରପୋଡ଼ିରୁ କୁଟାଖିଏ ପାଇଲେ ସିଲ' । ଜାମୁଗଛଟି ମଝିରୁ ଚିର ହୋଇ ଆମ ବାଡ଼ିଘରେ ଓସ ହୋଇଛି । ତାକୁ ଏବେ ଦେଖିଲେ ମୋର ଗାଆଁ ନିଲାମ୍ କଥା ମନେ ପଡ଼ିଯାଏ । ମନେ ପଡ଼େ, ଆମର ସାମାନ୍ୟ ମକଦ୍ଦମୀ ଥିଲେ ବି କେମିତି ମକଦ୍ଦମଦିମାକ୍ ତିଆର ହୋଇଥିଲା, ମକଦ୍ଦମୀ, ସାଅନ୍ତି ଲୁଚହୁରି ଯାଇଥିଲେ ବି ମତେ କେହି ମକଦ୍ଦମ, ସାଆନ୍ତ, ନ ଡାକିଲେ କେମିତି ମନ ଚିଡ଼ି ଉଠୁଥିଲା । ଯେତେ ଅଳ୍ପ ବୟସ ହେଲେ ବି ଆମେ 'ପଧାନ', 'ତେଲୀ', 'ମୁଦୁଲୀ', 'କଣ୍ଡରା', 'ପାଣ', 'ବାଉରୀ'ଙ୍କୁ ତୁ-ତା କରୁଥିଲୁ, ସେମାନେ 'ତମେ, ଆପଣେ' କହୁଥିଲେ । ଏବେ ବି ଗାଆଁରୁ ସେ ପରମ୍ପରା ଲୋପ ପାଇନାହିଁ, ଶିକ୍ଷିତ ମଣ୍ଡଳରେ, ସହରରେ ବି ଆମେ ମଲିମୁଣ୍ଡିଆଙ୍କୁ 'ତୁ-ତା' କରିଥାଉଁ ।

ବ୍ରାହ୍ମଣଶାସନରୁ ଲକ୍ଷ୍ମୀ ଛାଡ଼ିଲା, 'ଲକ୍ଷ ଘର ଖର୍ଗି ମା ଗୋ ଏକ ଘର କରୁ'—ଆଖି ଆଗରେ ଆମେ ଏ କରୁଣ ଦୃଶ୍ୟ ଦେଖିଲୁ । ଗନ୍ଧୀନଟାଯାକର କଳେଇ ଗୋଟାଏ ଖଳାବାଡ଼ିରେ ଗଦା ମଲା, କୁଟାଗଦା ସ୍ଥାନରେ ଶତହ୍ରଭରଣ ଧାନର ପାଳଗଦା ବସିଲା । ସେହିପରି ମୁଗ, କୋଳଥ, ବିରି ମଧ୍ୟ ମାଟି ଗେଡ଼ି ପରି ଅମଳ ହେବାକୁ ଲାଗିଲା; ଅଥଚ ଏଣେ ନାଲୁ ଦାଶେ ପାଗଳ ହେଲେ, ଭଲୁ ଦାଶେ ଭିକଝୁଲି ଧଇଲେ, ନଡ଼ା ଅଭାବରୁ କୋଉ ମକଦ୍ଦମଙ୍କର ପାଞ୍ଚଶେଣିଆ ଘର ଭୁଷୁଡ଼ି ପଡ଼ିଲା, କିଏ ବା ଦୁଃଖ ସହି ନ ପାରି ପାଚକ ପାଣି ଟିକିଏ କରୁ କରୁ ଡିହବାଡ଼ି ଭଡ଼େଇ ବସିଲା । ବ୍ରାହ୍ମଣସମାଜ ଛିନଛତର ହୋଇ କଲିକତାକୁ ରୋଷେଇଆ ହୋଇ ଯିବାର ବିକଟ ଦୃଶ୍ୟ କେବଳ ଆମ ଗାଆଁରେ ନୁହେଁ, ଅନ୍ୟ ଅନେକ ଗ୍ରାମରେ ମଧ୍ୟ ଦେଖିବାକୁ ମିଳିଥିଲା । 'ବେଦଗାୟତ୍ରୀହୀନ', ପରଙ୍ଗପୁଷ୍ଟ ଏଇ ସୁସ୍ଥୀ ମକଦ୍ଦମଶ୍ରେଣୀଟି ନାମକୁ ମାତ୍ର ଛତିଶପାଟକ ଉପରେ ରଜା ହୋଇ ବସିଥିଲା, କିନ୍ତୁ ତାର ପ୍ରକୃତ ପ୍ରଭୁତ୍ୱ ଲୋପ ପାଇଥିଲା ।

ବାଳିକା ସ୍କୁଲ ପ୍ରଭାବରୁ ଆମ ଗାଆଁର ଝିଅମାନେ ଅନ୍ୟ ଗ୍ରାମକୁ ଶିକ୍ଷିତା ବୋହୂ ହୋଇ ଯାଉଥିଲେ, କିନ୍ତୁ ଆମ ଗାଆଁକୁ ଯେଉଁମାନେ ବୋହୂ ହୋଇ ଆସୁଥିଲେ ସେମାନେ ଗ୍ରାଅକ୍ଷର ବିବର୍ଜିତା । ବିଧବାମାନେ ଉକ୍ତ ପ୍ରାଥମିକ ସ୍କୁଲରୁ

ପାସ୍ କରି କଟକ ହିନ୍ଦୁ ମହିଳା ସ୍କୁଲରୁ ଟ୍ରେନିଂ ପାଇ ଅନ୍ୟ ଗ୍ରାମମାନଙ୍କରେ ଶିକ୍ଷୟିତ୍ରୀ ହେଉଥିଲେ ।

ଖେଇଯାଇଟି ଗ୍ରାମରେ ଦରିଦ୍ରତମ ଥିଲା । ବାପ ମାଆ ଉଭୟେ କାମକୁ ଯାଉଥିଲେ; ଅଚଳ ବୁଢ଼ୀମାନେ ଛୁଆଙ୍କ ଉପରେ ଆଖି ରଖୁଥିଲେ; ମାଣ୍ଡିଆ ଜାଉ, କୋଳଥ ଜାଉ, ସୁଆଁ ଜାଉ, ଅନାବନା ଶାଗ ସାଧାରଣ ଖାଦ୍ୟ ଥିଲା । ବର୍ଷସାରା ଗାଆଁର ଅଳ୍ପ କେତୋଟି ପରିବାର ପେଟପୂରା ଭାତ ଖାଇବାକୁ ପାଉଥିଲେ । ଖେଇପିଲା ରାଇଜଗା ଟୋକାରୁ ସାଆନ୍ତଘରେ ଲୋକ ଲାଗିବାକୁ ସମର୍ଥ ହେଉଥିଲେ—

ଛୋଟ ଛୋଟ ବେଳେ ବାଛୁରୀ ଚରାଉଁ
ବଡ଼ ବଡ଼ ହେଲେ ହଳ ଧରି ଯାଉଁ ।

ଗରିବ ମୂଲିଆ କଥା ରଖି ପାରେନାହିଁ । ଜଣକୁ ଜବାବ୍ ଦେଇ ଆଉ ଜଣକର ଚାଲିଯାଏ । ଯେ ଆଗତୁରା ମୂଲ ଦେଇଛି, ତାର ନ ଯାଇ ଯେ ନଦେ ଦିଏ, ତାର କାମକୁ ଯାଏ । ପେଟ ପୋଡ଼ିଯାଉଥିବା ଲୋକଠାରୁ ସତ୍ୟଧର୍ମ ଆଶା ବୃଥା ।

ଗୋଟାଏ ଗୋଟାଏ ଦାଆ ଧରି ବିଲହିଡ଼ମାନଙ୍କରୁ ଗେଣ୍ଡା ଶାମୁକା ଖମ୍ଭିଡ଼ି ଆଣି ଖେଇମାନେ ଡିଅଣ କରି ଖାଉଥିଲେ; କେହି କଙ୍କଡ଼ା ପୋଡ଼ି ଲଙ୍କା ଲୁଣ ସହିତ ଶିଳରେ ବାଟି ଚଟଣି କରୁଥିଲେ । ବାଉରିସାଇକି ଗଲେ ଗୋଟାଏ ଗୋଟାଏ ଗେଣ୍ଡା, ଶାମୁକା ଖୋଳପା ଗଦା ଏଠିସେଠି ଦିଶୁଥିଲା । କେହି କେହି ସେସବୁ ଆଣି ଅଧିକ ଫଳ ଆଶାରେ ପଣସଗଛମୂଳେ ଦେଉଥିଲେ । ସୁଆଁ ବା ବାଲୁଙ୍ଗାରୁ ଚାଉଳ କାଢ଼ି ଖେଇଆଣୀମାନେ ଜାଉ ବା ଭାତ କରୁଥିଲେ ।

ପୋଖରୀରୁ କାଠଚୁରି, କଳମ୍ବଲଟି, ପୋଖରୀକୂଳରୁ ସୁନୁସୁନିଆଁ, ପିଡ଼ା ଶାଗ, ନହୀରରୁ ପୁରୁଣି, ମଦଙ୍ଗୋ, ହିଡ଼ିମିଚ୍ଛ, କୋଳଥ ବିଲରୁ ଗଇଣ ଶାଗ ଆଦି ତୋଳିଆଣି ଖେଇଆଣୀମାନେ ଖରଡ଼ୁଥିଲେ । ମୂଲ ଲାଗିବା ସଙ୍ଗେ ସଙ୍ଗେ ଡାଳ ଗୋଟେଇବା ଓ ଶାଗ ତୋଳିବା ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ଥିଲା । ତୋଟାରୁ ପତର ଗୋଟେଇ ତାଙ୍କିଡ଼ୁଙ୍ଗା ଭାଙ୍ଗି, ବିଲରୁ ଘଷି ଗୋଟେଇ ଏମିତି କି କିଆଘୋଡ଼ି କାଟିଆଣି ସେମାନେ ଜାଳୁଥିଲେ । ପଇସେଅଧଲେ ପାଇଲେ ଖେଇମାନେ ଖଜୁରି ତାଡ଼ି ପିଇ ଦେଉଥିଲେ । ବିଭାଘରେ ବନ୍ଧୁବାନ୍ଧବ ଖାଇବିସାଦରମାନେ ତାଡ଼ି ପିଇ ଘୁମୁରମାଡ଼ କରୁଥିଲେ । ଜାଳ ଅଭାବରୁ ନିଶ୍ଚୟ, ସେମାନଙ୍କ ମୁର୍ଦ୍ଦାର ପୋଡ଼ା ନ ହୋଇ ପୋତା ହେଉଥିଲା । ସେ ସମାଜରେ ନାରୀ ଉପରେ ପୁରୁଷର ଜୁଲମ୍ ବିରଳ ଥିଲା । କାରଣ ଆହାର, ପରିଧେୟ ଲାଗି କେହି କାହା ଉପରେ ନିର୍ଭର କରୁ ନଥିଲେ । ସ୍ତ୍ରୀମାନେ ହାତରେ ପିତ୍ତଳବାହୀ, ପାଦରେ ବସମୁଦି ଓ ନାକ କାନରେ ପିତ୍ତଳ ଅଳଙ୍କାର ପିନ୍ଧୁଥିଲେ ।

ହାଡ଼ିମାନେ ପେଟରା, ଟୋକେଇ, ବେତା, ଗୌଣୀ, ମାଣ ବୁଣି, ବିଭା ବ୍ରତଘରର ବାଜା ବଜେଇ ଦୁଃଖକଷ୍ଟେ ଚଳୁଥିଲେ । ସେମାନେ ମଲାଗୋରୁର ଚମ ଛେଲି ନେଇ ବିକି ମଧ୍ୟ କିଛି କିଛି ଅର୍ଜୁଥିଲେ । ଶାଗୁଣା ଶିଆଳଙ୍କ ମୁହଁରୁ ମଲା ଗୋରୁର ମାଂସ କାଟି ନେଇ ସିଝେଇ ଖାଇବା ଏକ ବିକଟ ଦୃଶ୍ୟ ଥିଲା ।

ମୁଢ଼ି ଭଖୁଡ଼ା ପସରା ଧରେନି ଗୁଡ଼ିଆଣୀ ଦ୍ୱାରେ ଦ୍ୱାରେ ବୁଲୁଥିଲା । ଧାନ ବା କାଳଥ ଦେଇ ଆମେ ମୁଢ଼ି, ମୁଆଁ ବା ଭଖୁଡ଼ା କିଣୁଥିଲୁ । ଦହିପସରା ମଧ୍ୟ ଆଁରେ ବୁଲୁଥିଲା । ଗିନାଏ ଧାନ ଦେଇ ଆମେ ଗିନାଏ ଦହି କିଣୁଥିଲୁ ।

ସେହିପରି ଦୋକାନପସରା ମଧ୍ୟ ବୁଲୁଥିଲା; ସେ ପସରାରେ ଥିଲା ଗୁଆ, ଣ୍ଡି, ଲଙ୍କା, ହାଣ୍ଡିଫୁଟା, ଲୁଣ, ତେଲ । ଗରିବ ସାଇମାନଙ୍କରେ ଲୋକେ ଜିନିଷ ଦଳରେ ଜିନିଷ କିଣୁଥିଲେ । ଟଙ୍କା ପଇସା କାରବାର ଖୁବ୍ କମ୍ ହେଉଥିଲା ।

ମୋ ଦେଖନ୍ତରେ ବୀର ମହାନ୍ତିଙ୍କ ସଂକୀର୍ତ୍ତନଦଳ ଗାଆଁରୁ ଲୋପ ପାଇଲା । ମ ମହାନ୍ତିଙ୍କ ବଗିଚାଟି ମଧ୍ୟ ନାରଖାର ହୋଇଗଲା । ତିନିକୋଶ ପାଞ୍ଚକୋଶରୁ ଳୀ ଆସି ଏହି ବଗିଚାରୁ ଫୁଲ ତୋଳି ନେଉଥିଲେ । ଲୋପ ପାଇଗଲା ଆମ ଆଁର ଭାଗବତ ଘର ।

ମୋ ଦେଖନ୍ତରେ ତନ୍ତୀର ତନ୍ତ ଭାଜିଲା, ଗାଆଁରୁ ଗାମୁଛା ପିନ୍ଧା ଲୋପ ଲା । ତନ୍ତୀ ମୂଲିଆ ପାଲଟିଲେ; ତେଲୀର ଘଣା ବନ୍ଦ ହେଲା, କୁମ୍ଭାରଙ୍କ ଣ୍ଡିଗଢ଼ା ଚକ ଆଉ ବୁଲିଲାନାହିଁ, ମହାରଣାଙ୍କ ଲଙ୍ଗଳଗଢ଼ା ଟ୍ରାକ୍ଟର ଚାଲୁ ବାରୁ ବନ୍ଦ ହୋଇଆସୁଛି, କମାରଶାଳ କିନ୍ତୁ ପୂର୍ବବତ୍ ଚାଲିଛି ।

ମେଳଣଯାତ୍ରାବେଳେ ପରଦାପ୍ରଥା ଏକାବେଳକେ ଉଠି ଯାଉଥିଲା । ଙ୍ଗୀନ୍ ପାଟଛିଟ ପିନ୍ଧି ମାଇପୀଙ୍କ ସୁଅ ଚାରିଆଡ଼ୁ ମାଡ଼ି ଆସୁଥିଲା । ମେଳଣକୁ ଲେ ବୋଧହୁଏ, ସତେ ଯେପରି ଏଟା ମାଇପୀଙ୍କ ମେଳଣ—ଲାଲେ ଲାଲ, ମିତି ଚଉଦଳର ମଣ୍ଡଣି, ସେହିପରି ମାଇପୀଙ୍କ ଶାଢ଼ୀ ।

ମୋ ଦେଖନ୍ତରେ ଗାଆଁର ଜଳବାୟୁ ମଧ୍ୟ ବଦଳିଗଲା । ଖରଦିନରେ ୀରବିଲରେ ପାଣିସୁଅ ଚାଲିଲା, ଧାନ ଲହଡ଼ା ମାଇଲା (Green Revolution), ନ୍ତୁ ଯେତିକି ଧାନ ତାଠାରୁ ଜନସଂଖ୍ୟା ତେର ବଢ଼ି ଚାଲିଲା । ଦିନେ ଛାତ୍ର ଭାବରୁ ଆମ ଗାଆଁ ସ୍କୁଲ ଉଠି ଯାଉଥିଲା । କିନ୍ତୁ ଏବେ ତାର ଦୁଇଗୁଣା ଘର, ତ୍ର ଜାଗା ହେଉନାହାନ୍ତି ।

## ୯୧୯ ପୁରୀ ଦୁର୍ଭିକ୍ଷ

ସେତେବେଳକୁ ମୋର ପାଞ୍ଚବର୍ଷ ବୟସ । କ୍ଷୀଣ ସ୍ମୃତି ଅଦ୍ୟାପି ମୋ ମନରୁ ନାହିଁ । ବ୍ରାହ୍ମଣଶାସନ ପ୍ରାୟ ଛାରଖାର ହୋଇ ଯାଇଥିଲା । କାହାର ଦୁର୍ଦ୍ଦଶା ବା ଭଳି ବୁଦ୍ଧି ମୋର ହୋଇ ନଥିଲା ।

ଆମ ବିଲରୁ ମଲା ଧାନ କଟା ହୋଇ ଆସିଥିଲା । ଅଗାଡ଼ି, କଣ୍ଡା ବେଙ୍ଗଳା ଥିଲା । କୁଲା ଉଡ଼ାରେ ଅଗାଡ଼ି ସବୁ ଉଡ଼ି ଯାଉଥିଲା । ଗୌଣିଏ ଅଗାଡ଼ିରୁ ଣ ଧାନ ବାହାରିବା କଷ୍ଟ । ସେଥିରୁ ବୁଢ଼ୀ ମାଆ କଲାରେ ଛେଡ଼ି ଛେଡ଼ି ବିହନ ଥିଲା । ପୁରୁଣା ଧାନ କୋଠି ଓଲା ହୋଇ ବାହାରିଲା । କିନ୍ତୁ ନୂଆ ଧାନ ପଶିଲା । ଯାହା ମିଳିଲା ପେଟକୁ ନିଅଣ୍ଟ । ବୋଉ ମୁଗ ସିଝାଇ ଚୁଡ଼ା ପକାଇ ଆମକୁ ଉଥିଲା । ସବୁଦିନ ଦି ଓଳା ପ୍ରାୟ କୋଳଥ ଜାଉ ହେଉଥିଲା । ମାଆ ପ୍ରତିଦିନ ଟିକଟାଏ ଅନାବନା ଶାଗ ସାଉଁଟି ଆଣୁଥିଲା ।

ଭଣ୍ଡର ଅଞ୍ଚଳରେ ସେହି ଦୁର୍ଭିକ୍ଷ ଭୟଙ୍କର ହୋଇଥିଲା । ଅନାହାରରେ ବହୁ ଲୋକ ମରିଥିଲେ । କମିଶନର ସାହେବ ମାଉସୀଙ୍କ ହାତର ପିଠଉଳାହାକୁ ସୁନା ବୋଲି କହୁଥିଲେ ।

ଶୁଖିଲା ସେରେ ରନ୍ଧା ହୋଇ ତୋରାଣି ଜଗା ହେଉଥିଲା; ମାଆ, ବୋଉ ଆଳିଏ ଲେଖାଏଁ ଶାଗ ଖାଇ ତୋରାଣି ପିଉଥିଲେ, କିମ୍ବା ତିନି ଭଳିଆ ଶୁଖ କିଛି କୋଳଥ ଡାଲି, ମାଣ୍ଡିଆ ଜାଉ ଖାଉଥିଲେ; କାଞ୍ଜି, ଶୁଦୁପିତା, ଖିରିସାପାଣି ଖୁବ୍ ହେଉଥିଲା । ବେଳେ ବେଳେ କାଣ୍ଡିଆକୁଣ୍ଡା ପିଠା ହେଉଥିଲା; କଟକୀ ସେର ଦଶ ପଇସାରେ କିଣା ହୋଇ ଗହମ ଜାଉ କରୁ ହେଉଥିଲା । ଏଇ ଦୁଃସମୟରେ ଭଗବାନ୍ ଦାଶଙ୍କ ଘରୁ ଆମର କୋଡ଼ିଏ ଗୌଣୀ ଧାନ କରଜ କରୁ ହୋଇଥିଲା । ଗୋଟିଏ ବଡ଼ ବେଢା ଘେନି ଆମ ଲୋକ ଯାଇଥିଲା; ତା ସଙ୍ଗରେ ବାଆକୁ ଜଡା ଭଳି ମୁଁ ଯାଇଥିଲି । ନିଜେ ଯାଇ ପରଦୁଆରେ ଗୋଡ଼ ଲମ୍ବି ଠିଆ ହୋଇ କରଜ ଆଣିବାକୁ ନନାଙ୍କୁ ଲାଜ ମାଡ଼ିଥିଲା; ସେ କରଜ ଲଗାଉଥିଲେ ସିନା, କେବେ ତାହାଠୁ ଆଣି ତ ନ ଥିଲେ ।

ଖେଳସାର ଖାଲି ହୋଇଯାଉଥିଲା । ଆପଣା ପେଟପାଟଣା ଘେନି କିଏ କୁଆଡ଼େ ପଳାଉଥିଲେ; ଗାଆଁରେ କିଛି କାମ ନ ଥିଲା; ଭିକାରୀ ପଲ୍ଲ ପଲ୍ଲ, ଭିକ ଦେବାକୁ କେହି ନାହିଁ । କେବେ ଶୁକ୍ରବାରର ନାମକୁ ମାତ୍ର ହେଉଥିଲା । ବିଲପୁଆଣି ବନ୍ଦ ହୋଇଯାଇଥିଲା । ମୁଢ଼ି, ଚୂଡ଼ା ଅଭାବରୁ କେତେଦିନଯାଏ ଆମ ପାଟି ବୁଲୁ ନ ଥିଲା । ସେଇ କରଜ ଧାନରୁ ଗଣ୍ଡିଏ ଘେନି ମୁଁ ଗୁଡ଼ିଆ ଘରକୁ ମୁଢ଼ି ଆଣିବାକୁ ଯାଇଥିଲି । ଛୋଟୀ ଗୁଡ଼ିଆଣୀ ଅଦ୍ଭେଇ ହାତ ଲମ୍ବା ବୁଢ଼ୀଟିଏ, ଫୁଙ୍କି ଦେଲେ ପଡ଼ିଯିବ—ଏମିତି ଦେହେର । ଛୋଟୀର ହାତଟି ପିଲାଙ୍କ ହାତ ପରି ଛୋଟ । ମୁଁ ନେଇଥିବା ଧାନଗଣ୍ଡିକ ତା ହାତକୁ ଯୋଖେ ହେଲା (ସେ ଦୃଶ୍ୟ ନାଚି ଯାଉଛି, ଆଖି ଛଳ ଛଳ ହୋଇଯାଉଛି) ।

ତି'ଜଳରେ ସେତକ କୁଆଡ଼େ ମିଳାଇଗଲା । ଛୋଟୀର ଶୁଖିଲିଆ ମୁଢ଼ି ସୁଆଦ । ଆଜିର ରସଗୋଲା ସନ୍ଦେଶ, ଖିରୀଖାଜାର ମଧ୍ୟରେ ମୁଁ ତାକୁ ଭୁଲିପାରି ନାହିଁ । ଆଜି ଛୋଟୀ ନାହିଁ, ତା ସ୍ୱାମୀ ମାଇଚୁଲିଆ ହଟିଆ ନାହିଁ, ତା ଶାଶୂ କଳିହୁଡ଼ୀ ଦୁଲୀ ନାହିଁ, ତାର ସେ ମାରଣା ହଡ଼ାଟା ନାହିଁ । ତାଙ୍କ ସେହି କୁଲା ଖଣ୍ଡିକ ବି ମାଟିରେ ମିଶି ଯାଇଛି । କିନ୍ତୁ ସେ ବାଟରେ ଗଲାବେଳେ ସେ କାଳ ମନ୍ୱନ୍ତର ବେଳର ଶୁଖିଲିଆ ମୁଢ଼ିଗଣ୍ଡାକ କଥା ମୋର ମନେ ପଡ଼ିଯାଏ, ପାଟି ପାଣେଇ ଉଠେ । ଜଣ ଜଣକ ହାତରେ ଗୋଟିଏ ଗୋଟିଏ ଜିନିଷର ପାଗ ଭଲ ଉତୁରେ; ଯୋଗଜନ୍ମା ସେ । ତା ହାତଯଶ ପୃଥିବୀର ପ୍ରତିଷ୍ଠା ପାଏ—କଳା କବିତାରେ ହେଉ, ବା କୋରଖଇରେ ହେଉ । ଆଜି ବଉଆ ବୁଢ଼ିଆର କୋରୁଖଇ, ଛୋଟୀ ଗୁଡ଼ିଆଣୀର ମୁଢ଼ି, କୁରୁପା ସାହୁର ଦୋପାରୀ ଉଷୁନା ଆଉ ଦେବ କିଏ ?

ଆମ ଗାଆଁର ନାରଣ ହୋତାଙ୍କ କଥା ମନେପଡ଼େ । ପିଲାଦିନେ ତାଙ୍କ ଜାମ୍ନାରେ ଖଡ଼ି ଓ ଲଙ୍କଡ଼ି ଥୁଆ ହେଲା । ହୋତାଏ ଲଙ୍କଡ଼ି ଖଣ୍ଡିକ ଉଠାଇଲେ, ଜୀବନର ଅଧାଅଧି ତାଙ୍କର ଗାଈଗୋଠରେ କଟିଲା । ପ୍ରୌଢ଼ ବୟସରେ ମାମଲତକାର ବନିଲେ; ସକାଳ ଧୁଆ ଖୋଳିଆ ଅଙ୍ଗିଆ [illegible]

ସାନ୍ଙ୍କ ଉଣ୍ଡିବାକୁ ଲୋକଲଜ୍ଜା ହେଲା । ତଜ୍ଜନ୍ୟ କରି ରାତି ଅଧରେ ଜଙ୍କରେ ଶାବଳ ପକାଇ ତାଙ୍କୁ ମରାଇଲେ, ବେକରେ ଦୌଡ଼ି ଲଗାଇ ଗଛରେ ଙ୍ଗି ଦେଲେ—ଆତ୍ମହତ୍ୟା କରିଛି । କିଛି ପେଟରେ ପକାଇ ପୁଲିସ୍ ସେଇ ପୋର୍ଟ ହିଁ ଦେଲା । କଚେରୀ ଦାଣ୍ଡରୁ ନାରଣ ରକ୍ଷା ପାଇଲେ, କିନ୍ତୁ ଦୈବୀ ଣ୍ଡରୁ ରକ୍ଷା ପାଇପାରିଲେ ନାହିଁ । ଦୁରାରୋଗ୍ୟ ରୋଗରେ ବର୍ଷକ ମଧ୍ୟରେ ସେ ରଣମୁଖରେ ପଡ଼ିଲେ । ଗୋପିଆର ପ୍ରେତ ଏବେ ଗାଆଁସାରା ବୁଲୁଛି । ମରି ଯ ମରିନାହିଁ ଯେପରିକି ।

ପିଲାଦିନେ ମୋତେ ଗାଈ ଚରେଇବାକୁ ହୋଇଥିଲା । ଗୋଠ ସହିତ ଗହୀର ଗାହିରୀ, ବିଲବଣ ବୁଲିବାକୁ ମୋତେ ସୁଖ ଲାଗୁଥିଲା । ଗହୀରମାଳରେ ବୁଲି ଲି ଖରାଦିନେ ଗାଈଗୋଠ ତୋଟାରେ ବିଶ୍ରାମ କରୁଥିଲା । ଗାଈଜଗା ଟୋକା ମଳରେ ଡାବଲପୁଆ ବା ଡାଳିମାକୁଡ଼ି ଖେଳିବାକୁ ମୋତେ ଭଲ ଲାଗୁଥିଲା । ଡ଼ିଲି ଆଷାଢ଼ରେ ଆମେ କେସୁର ଖୋଳି ଖାଉଥିଲୁ, କିଆକନ୍ଦା, ତୁଣ୍ଡପୋଡ଼ା ଳ ବା ଭଇଞ୍ଚିକୋଳି ଖାଉଥିଲୁ । ମୋର ଦିନକ ଗାଈବର ମନେପଡ଼େ— ମର ଗୋଟିଏ ଛଡ଼ା ଷଣ୍ଢ ଓଲେଇ ଥିଲା, କିଆବାଡ଼ ଡେଇଁ ଫସଲ ଉଜାଡ଼ୁଥିଲା । କୁ ଥରେ ଗୋଠକୁ ଆଣିବା ଲାଗି ତା ପଛେ ପଛେ ମୁଁ ତିନି ଗହୀର ଡ଼ିଥିଲି । ପାଦରେ ପାଦେ କଣ୍ଟା ମାଡ଼ିଥିଲି । ତା ପରଦିନ ଛଡ଼ାବେକରେ ଠଘଣ୍ଟି ପଡ଼ିଲା—

> ଅସଙ୍ଗରେ ସଙ୍ଗିତା
> ଅସଙ୍ଗରେ ସଙ୍ଗୀ ହେଲେ କାଠଘଣ୍ଟି ଲମ୍ବିତା ।

ଥରେ ଗାଈଙ୍କ ଲାଗି ହିଡ଼ରେ ଘାସ କାଟୁ କାଟୁ ଦାଆରେ ତିନୋଟି ଆଙ୍ଗୁଠି ଯାରି ପକାଇଥିଲି । ଏବେ ସେ ଚିହ୍ନ ଅଛି ।

ଥରେ ଗଡ଼ିଶା ମାଛ ବୋଲି ଧାନଗଛ ମୂଳ ଦସଣ୍ଡ ଦସଣ୍ଡ ଗୋଟାଏ ଣ୍ଡସାପ ଧରି ପକାଇଥିଲି । ମୁଠା ଢ଼ାବୁଡ଼ରେ ପଡ଼ି ସେ ମୋତେ କାମୁଡ଼ି ପାରି ଥିଲା । କିନ୍ତୁ ଦି' ଆଙ୍ଗୁଠି ସନ୍ଧିରୁ ଗଳାଇଥିବା ମୁହଁରେ ତା କଟମଟ ଆଖି ଟାକୁ ଚାହିଁ ଦେଇ ମୁଁ ଛାନିଆଁ ହୋଇ ଦୂରକୁ ଫିଙ୍ଗି ଦେଇଥିଲି ।

ବେଳେ ବେଳେ ବୋଝେଇ ଶଗଡ଼ରେ ମୁଁ ଯାଉଥିଲି । କେଉଁ ବରଗଛ ଳ ରଡ଼ିରେ ରହୁଣି । ବାଟରେ ଶଗଡ଼ିଆ ଖେଞ୍ଚେଇ ମତେ ଭଲ ଲାଗୁଥିଲା । ରଗଛ ମୂଳେ ଗାମୁଛା ପକାଇ ଶୋଇ ପଡ଼ୁଥିଲୁ । କୋଇଲି କୁମ୍ଭାଟୁଆ ଗୀତରେ ଠ ଭାଙ୍ଗୁଥିଲା ।

କେବେ କେବେ ନଡ଼ିଆ ଦିପୁଞ୍ଜା କାନ୍ଧରେ ପକାଇ ସଙ୍ଗମେଳରେ ହାଟକୁ କିବାକୁ ଯାଉଥିଲି । ଉପରୁ ଖୁବ୍ ପତଳା କରି କତା ଛଡ଼ାଇ ଖରାରେ ଶୁଖାଉ ଲୁ—ଅଧା ନଡ଼ିଆ ଶୁଖିଲା ପରି ଦିଶିବ, ବାଜିବ, ଗୋଳା ବଡ଼ କି ଛୋଟ ହାରକୁ ଜଣାପଡ଼ିବ ନାହିଁ । କିନ୍ତୁ ଶ୍ୱେପାଛଡ଼ା ବ୍ୟବସାୟୀ ଆମ କାରସାଦି ଗରେ ଠଉରେଇ ନେଇ ପାରୁଥିଲା । ସେତେବେଳେ ଗୋଟାଏ ବଡ ଶୁଖିଲା ଡ଼ିଆର ଦାମ୍ ଦୁଇ ପଇସାରୁ ବେଶୀ ନ ଥିଲା । ନଡ଼ିଆ ବିକି ସେଇ ପଇସାରେ ସଉଦା କିଣି ଆଣୁଥିଲି ।

ଥରେ ମୁଣ୍ଡରେ ମୁଣ୍ଡେଇ ବୋଝେ ପାଚିଲା ଆମ୍ବ ପିପିଲି ହାଟକୁ ବିକି ନେଇଥିଲି । ସେ ଆମ୍ବର ବାସନା ସରସ, କିନ୍ତୁ ମଞ୍ଜ ଖଟା । ଜଣେ ମୁସଲମାନ ପଇସାକୁ ପୁଞ୍ଜାଏ ଆମ୍ବ ମୋଠାରୁ କିଣି ଛୁରିରେ କାଟି ଚିରୁଡ଼ାଏ ଚାଖି କହିଲା—ଗୋସେଇଁ, ଏଇ ଆମ୍ବିଲା ଆମ୍ବଗୁଡ଼ାକ ବିକି ଆଣିଛ ? ଲଜ୍ଜାରେ ମୋ ମୁଣ୍ଡ ତଳକୁ ହୋଇଗଲା । ରାଗରେ ସେଗୁଡ଼ାକ ବାଟରେ ଫୋପାଡ଼ି ଦେଇ ଖାଲି ଟୋକେଇଟା ଘେନି ଘରକୁ ଫେରିଲି ।

ଆଉ ଥରେ ବୋଝେ ଖରଦିନିଆଁ ଖଡ଼ା ଜାମୁଡୋଟା ମେଳଣକୁ ନେଇଥିଲି । ଅବଶ୍ୟ ଲୋକ ମୁଣ୍ଡେଇ ନେଇଥିଲା । ମୋଟେ ପଇସା ମିଳିଲା ଆଠଅଣା । ସେଥିରୁ ଲୋକର ମଜୁରୀ କେତେ ଗଲା, ଶ୍ରମର ମୂଲ କେତେ ଗଲା, ଲାଭ କେତେ ମିଳିଥିବ, ପାଠକେ ବିଚାର କରିବେ । ମହାନ୍ତି ଲୋକ ନ ହେଲେ ଚାଷରୁ କିଛି ଲାଭ ଉଠାଇ ପାରିବନାହିଁ । ଆମର ସାଆନ୍ତିଆ ଚାଷ—ଘୋଡ଼ା ଛ'ଟଙ୍କାକୁ ବାଖର ନ'ଟଙ୍କା । ଅମଳ ହେଉଥିବା କୋଠିକଯାକ ଧାନ ମୂଲ ମପାରେ ହିଁ ଯାଏ । ତଥାପି ସେଥିରୁ ପୂଜା ପାର୍ବଣର ଖେଚୁଡ଼ିପିଠା, ବର୍ଷକ ଖିଆ ଭଲଭାବେ ଚଳେ । କରଜ ଲଗାଉ । ଅକାଳ ନ ପଡ଼ିଲେ କାହାଠୁଁ ଧାରୁନାହିଁ ।

## ବଡ଼ବଢୁଆ

ବଂଶଲତାଟିଏ ଦେବାକୁ ମୁଁ ଅସମର୍ଥ, ତିନି ପୁରୁଷରୁ ଅଧିକ ନାଆଁ ମୁଁ ଜାଣେନାହିଁ, ଲଜ୍ଜାକର ହେଲେ ବି ଏହା ସତ୍ୟ । ମୋ ନନାଙ୍କ ନାଆଁ ଚିନ୍ତାମଣି ଦାଶ, ବଡ ବାପାଙ୍କ ନାଆଁ ପରଶୁ ଦାଶ; ତାଙ୍କ ବାପାଙ୍କ ନାଆଁ ଗୋବିନ୍ଦ ଦାଶ । ତାଙ୍କ ବାପାଙ୍କ ନାଆଁ କଣ ? ଯାହା ହେଉ, ଶ୍ରାଦ୍ଧମଣ୍ଡଳା ଲାଗି ପୁରୋହିତଙ୍କୁ ପ୍ରକ୍ସି ପକାଇ କାମ ଚଳାଇବାକୁ ହୁଏ ।

ପରଶୁ ଦାଶଙ୍କର ଆଉ ତିନି ଭାଇ ଥିଲେ—ବିଦ୍ୟାଧର ଦାଶ, ଗଙ୍ଗାଧର ଦାଶ, ଦୀନବନ୍ଧୁ ଦାଶ । ତିନି ଭାଇ ବପୁବନ୍ତ; ସେମାନଙ୍କ ଠେଙ୍ଗାକୁ ଗାଆଁରେ ସମସ୍ତଙ୍କର ଡର । ସାନଭାଇ ଦୀନବନ୍ଧୁ ଦାଶ ବିକଳାଙ୍ଗ (ଛୋଟା), କିନ୍ତୁ ସବୁଠାରୁ ବୁଦ୍ଧିମନ୍ତ । ପରଶୁ ଦାଶଙ୍କୁ ମୁଁ ଦେଖିନାହିଁ । ଶୁଣିଛି, ବାଦୁଡ଼ିଙ୍କ କବଳରୁ ପାଚିଲା କୟାଁ ରକ୍ଷା କରିବାଲାଗି ସେ କୁଆଡ଼େ ଗୋଡ଼ରେ ଦଉଡ଼ି ବାନ୍ଧି ଶୋଉଥିଲେ । କୟାଁ ଗଛରେ ଗନି ବନ୍ଧାଥିଲା, ଗୋଡ଼ ଦୌଡ଼ିକି ଝିଙ୍କିଲେ ଗିନି ବାଜୁଥିଲା; ବାଦୁଡ଼ି ହୁରୁଡ଼ି ପଳାଇ ଯାଉଥିଲେ ।

'ଖୁଣ ଯାହାଠି, ଗୁଣ ତାହାଠି'; ଦୀନବନ୍ଧୁ ଦାଶ ଛୋଟା, ହେଲେ ତାଙ୍କ ମଗଜରେ ମସଲା ଥିଲା, କାହାର ଜିଭରେ ହାଡ଼ ଅଛି, ଠେସି ପଦେ କହିଦେବ । କାହା ନେଡ଼ିରେ ବାଳ ଉଠିଛି, କଥା ଏଡ଼ିଦେଇ ଖଲିଯିବ । ସେ ଗାଆଁର ମାମଲତକାର ଥିଲେ । ତାଙ୍କ ପ୍ରତି ଭିତରେ ଭିତରେ ସମସ୍ତଙ୍କର ଡରଭୟ ଥିଲା । ଜଣେ ମୋହରିର ମାତ୍ର । କିନ୍ତୁ ସେତେବେଳେ ମୋହରିର ବୋଇଲେ ବଡ଼ ନାମ; ଖଣ୍ଡମଣ୍ଡଳରେ ଖୁବ୍ ଖାତିରି—ସରକାରୀ ଲୋକ, ସରକାରଙ୍କ କାନରେ କାନେ କଣ ଫୁଙ୍କି ଦେବେ । ମାଲିମକଦ୍ଦମା ଲଗାଇ ଦେବେ । ପୁଲିସ୍ ହାତରେ ବନ୍ଧେଇ ଦେବେ; ଭଲ୍ ପଗଡ଼ିଆଙ୍କୁ ପ୍ରାଣେ ଭୟ ।

ହୁଅନ୍ତେ ଜମିଦାରଙ୍କଠୁ ସେ ପାଉଥିଲେ ପାଦପୂଜା—ଓଳିଗି, ଦଣ୍ଡବତ, ନମସ୍କାର ଅଜାଡ଼ି ହୋଇ ପଡ଼ୁଥିଲା । ଘୋଡ଼ା ଚଢ଼ି ସେ ପ୍ରତିଦିନ ପିପିଲି ସବ୍-ରେଜିଷ୍ଟ୍ରି ଅଫିସ୍‌କୁ ଯାଉଥିଲେ । ଏବେ ବି ଆମ ଦାଣ୍ଡପଟ ଗୁହାଳକୁ ଘୋଡ଼ା ଗୁହାଳ କୁହାଯାଏ । 'ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ'; ଆମର ଭୂସମ୍ପତ୍ତି ବୋଇଲେ ସେତେବେଳେ ଚବିଶ ଦସ୍ତିରେ ୩୦ ମାଣ ଜମି ଥିଲା । ବଡ଼ ପରିବାର । ଏତିକିରେ କୌଣସିମତେ ଚଳି ଯାଉଥିଲା । କରଜ କରିବାକୁ ପଡ଼ୁ ନଥିଲା ।

ବର୍ଷାଦିନେ ପିପିଲି ଯିବାକୁ ଦାଶଙ୍କୁ ଭାରି ଅସୁବିଧା ହୁଏ । କୋଉଠି ଅଣ୍ଟାଏ, କୋଉଠି ଛାତିଏ, କୋଉଠି ବେକେ, କୋଉଠି ବୁଡ଼ୁକାଏ ପାଣି । ଘୋଡ଼ା ପହଁରି ପହଁରି ବଡ଼ କଷ୍ଟରେ ଯାଏ । ଲୁଗାପଟା ଓଦା । ପିପିଲି କୋଣାର୍କ ରାସ୍ତାକୁ ସେତେବେଳେ ବୁଲାଇ ଅନ୍ୟ ବାଟେ ନେବାର ବ୍ୟବସ୍ଥା ହେଉଥିଲା । ଦାଶେ ବହୁ ଚେଷ୍ଟା କରି ଆମ ଗାଆଁ ବାଟେ ଅଣାଇଲେ; ଗାଆଁ ଭିତରେ ମଧ୍ୟ ରାସ୍ତାଟିଏ କରାଇଲେ— ଯୁଆଡେ ଗଲେ ସଡ଼କ ରାସ୍ତା, ହେଉ ପଛେ କଚ୍ଚା । ରାସ୍ତା ପାଖ ଗାଆଁ ହୋଇଥିବାରୁ ପରେ ଆମର ଅନେକ ସୁବିଧା ହେଲା; ଗ୍ରାମପଞ୍ଚାୟତ କେନ୍ଦ୍ର, ବଜାର, ହାଟ, ହାଇସ୍କୁଲ, ପଶୁ ଡାକ୍ତରଖାନା ବସିଲା । ଦାଶେ ଦୀର୍ଘକାଳ ବଞ୍ଚି ନ ଥିଲେ; ମାତ୍ର ୪୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେଲା । ସତ୍‌କୀର୍ତ୍ତି କରି ଯାଇଥିବା ହେତୁରୁ ଏବେ ବି ଆମ ଗ୍ରାମବାସୀ ତାଙ୍କୁ କୃତଜ୍ଞତା ସହିତ ସ୍ମରଣ କରିଥାନ୍ତି ।

ଦୀନବନ୍ଧୁ ଦାଶ, ଗଙ୍ଗାଧର ଦାଶ ନିଃସନ୍ତାନ ଥିଲେ । ବିଦ୍ୟାଧର ଦାଶଙ୍କର ଗୋଟିଏ ବୋଲି ପୁଅ—ହରେକୃଷ୍ଣ ଦାଶ । ମୋ ନନା ମାଗୁଣି ଦାଶ କହେଇ, ହରେକୃଷ୍ଣ ଦାଶ ପୁତୁରା । ଦିନେ ଦୁହିଁଙ୍କର କେବେ କଳି ଲାଗିବାର ଦେଖିନାହୁଁ । ହରେକୃଷ୍ଣ ଆମର ଭାଇନା; ତାଙ୍କର ସ୍ୱାସ୍ଥ୍ୟ ଦୁର୍ବଳ । 'ପଣ୍ଡିତେ' ବୋଲି ନାମ ଖ୍ୟାତ । ବାଳିକା ସ୍କୁଲରେ ନନାଙ୍କଠାରୁ ବଡ଼ ପାହ୍ୟାରେ ଥିଲେ ସେ । ମାସକୁ ଦରମା ନ' ଟଙ୍କା । ଯାହିତାହି ଖାଇ ପିନ୍ଧି ଚଳିବାରେ ସନ୍ତୁଷ୍ଟ ନ ଥିଲେ ସେ । ଖୁବ ଜାମାଜୋଡ଼ ପିନ୍ଧି ଯିବାଆସିବା କରନ୍ତି । ସହଜ ସୁଖାଶୀ, ଅଳସ; ବିଳାସ ପ୍ରିୟ, କାମ କରିବା ତ ଦୂରର କଥା, ବିଲବାଡ଼ି ଦେଖିବାକୁ ମଧ୍ୟ ଯାନ୍ତିନାହିଁ । ଡେଲା ବିଲ, କାଦୁଅ ଚକଟା, କଣ୍ଟାଝଟା, କବଳା ପଟାପାଉତି ଭିତରେ ପଶନ୍ତି ନାହିଁ ସେ । ପ୍ରତିଦିନ ଦିଟା ମାଛ ନ ହେଲେ ଗୁଣ୍ଡା ଉଠିବ ନାହିଁ । ଭୋଜନ ଆୟୋଜନରେ ଲାଗିଥାନ୍ତି ସେ । ଚିଲମ ଉପରେ ଆଖି, ପୁଣି ଶ୍ୱାସବେଗକୁ ରୁପିବା ଲାଗି ଅଫିମ ଟିକିଏ ଟିକିଏ ନ ହେଲେ ଅଚଳ । ସେଥିଲାଗି ଘରର ଖର୍ଚ୍ଚ ବଢ଼ିଲା, ବଢ ଚାଲିଲା । ବୁଢ଼ାବୁଢ଼ୀମାନେ ମରିଯିବାରେ ମୃତାହକ୍ରିୟାରେ ଗୁଡ଼ିଏ ଖର୍ଚ୍ଚ ହୋଇଗଲା । ଫଳରେ ଆମର କିଛି କରଜବାରଜ ହୋଇଗଲା । ଜମି ବିକି କରଜ ସୁଝିବା ଛଡ଼ା ଉପାୟ ନାସ୍ତି । ଆମର ଜୋଡ଼ ଜମିସବୁ ଗୁଣ୍ଠ ଦୁଇ ତିନି ଟଙ୍କାରେ ହାତଛଡ଼ା ହୋଇଗଲା । ଏଣେ ଘରେ ବଢ଼ିଚାଲିଲା ନୂଆ ନୂଆ ପେଟ ଆଉ ପାଟି । ସମସ୍ତଙ୍କୁ ଦାନା ଯୋଗାଇବା କ୍ରମେ କାଠିକର ପାଠ ହୋଇ ଉଠିଲା । କୃଷ୍ଣ ଭାଇନା ତ କିଛି ବୁଝୁ ନ ଥାନ୍ତି । ବନ୍ଧୁ ମହଲରେ ଚଢ଼ାଘଷା କରି ଖାଇବା, କୁଣିଆମଇତ୍ରଙ୍କ ଘରକୁ ଯିବା, ଯାତ୍ରାମେଳଣ ବୁଲି ଦେଖିବାରେ ତାଙ୍କର ବେଳ ଯାଏ । ନନା ଦେଖିଲେ—ପର୍ବତ ଆସି ପଥରରେ ରହିଲାଣି—ଆଉ କିଛି ସମ୍ପତ୍ତି ରହିବ ନାହିଁ ।

ବଳିତକସଳ କିଛି ନାହିଁ । ଦିନେ ନନା କୃଷ୍ଣଭଇନାଙ୍କୁ ଡାକି କହିଲେ—ମୁଁ ଆଉ ଏକୁଟିଆ ଘର ଚଳାଇ ପାରିବିନାହିଁ, ତୁମ କଥା ଏଥର ତୁମେ ବୁଝ ।

ଗୋଟିଏ ଘର କେମିତି ଦି ଘର ହେଲା, ଅଗଣା ମଝିରେ କେମିତି କାନ୍ଥ ପଡ଼ିଲା, ମୋର ଝାପ୍‌ସାଭାବେ ମନେ ଅଛି, ଏ ବୋଧେ ୧୯୨୦-୨୧ ବେଳର ଘଟଣା ହେବ; ମୋତେ ସେତେବେଳକୁ ପାଞ୍ଚ ଛ ବର୍ଷ ।

ଭାଇ ଭିନେ କରିବାର ବଣ୍ଟାଅଣ୍ଟା ଲାଗି ଭଲଲୋକ ଆସି ବସିଲେ, ସାମ୍ନାରେ ବାସନକୁସନ, ଚକିଶିଳ ସୁଦ୍ଧା ଆସି ଥୁଆ ହେଲା । ତାଙ୍କ ଭାଗରେ ପଡ଼ିଲା ଶିଶୁକାଠର ଗୋଟିଏ ପଲଙ୍କ, ଆମ ଭାଗରେ ଗୋଟିଏ ବେତବୁଣା ଖଟ ଓ ଶଗଡ଼ । ତାଙ୍କ ଘରକୁ ଗଲା ଲଙ୍ଗଳ ସଜ, ଆମ ଘରକୁ ଆସିଲା ବିଦା । ତାଙ୍କ ଭାଗରେ ପଡ଼ିଲା ପନିକି, ଆମ ଭାଗରେ କୋରଣା, ତାଙ୍କ ଭାଗରେ ପଡ଼ିଲା ବଳଦ, ଆମ ଭାଗରେ ଗାଈ । ତାଙ୍କର କୋଠି, ଆମର କୋଡ଼ମଇ, ତାଙ୍କର ପିତ୍ତଳ, ପିତ୍ତଳକରେଇ; ରେକାବି, ଆମର ଛୋଟ ପିତ୍ତଳହଣ୍ଡା । ସେ ଦିଅଙ୍କୁ ନେଲେ ନାହିଁ, ନନା ଆଦରି ଆଣିଲେ ରାଧାକୃଷ୍ଣ, ଶାଳଗ୍ରାମ, ଏକ ପରସ୍ତିକିଆ ତଉଦଳରେ ଥିବା ଭାଗବତଗାଦି । ବଡ଼ ଭାଇର ଅଂଶ ବୋଲି କୃଷ୍ଣ ଭାଇନା ଘରର ପୂର୍ବପଟ ନେଲେ, ମାଣେ ଏକଚକିଆ ସାରକମି ଅଧିକା ନେଲେ । ତୋଟା ବାଡ଼ି, ନଡ଼ିଆ ବାଗ, ତାଳ ଗଛ, ଘରଡ଼ିହ, ଜମିବାଡ଼ିସବୁ ଅଧା ଅଧା ହୋଇଗଲା । ତଥାପି କେତୋଟି ଆମ୍ବଗଛ, ନଡ଼ିଆଗଛ କୋଠ ରହିଗଲା, ଏବେ ବି ଅଛି । ଆମ୍ବ ଝଡ଼ାପଡ଼ା ଯେ ପାରେ ସେ ନିଏ । କିନ୍ତୁ ତୋଳା ହେଲେ ଅଧା ଅଧା ବଣ୍ଟାହୁଏ । ପୋଖରୀରୁ ମାଛ ଧରା ହେଲେ ଅଧା ଅଧା ହୁଏ, ତାଙ୍କ ଅଧକ ପୁଣି ତିନିଭାଗ ହୁଏ, କାରଣ ସେ ତିନିଭାଇ ଭିନେ ହୋଇଗଲେଣି । କୋଠ ଗଛରୁ ନଡ଼ିଆ ଝଡ଼ିଲେ ଫାଳେ ଫାଳେ ବଣ୍ଟା ହୁଏ । ବରଡ଼ା ପଡ଼ିଲେ ଦିଘର ଲୋକ ପହଞ୍ଚିଯାନ୍ତି । ଏଇ ସାମାନ୍ୟ କଥାରୁ କଳି ଲାଗିଯାଏ ।

ବୋଉ କବାଟ କିଳେ । ବାଡ଼ି ଦୁଆରେ ଗର୍ଜି ଗର୍ଜି ଭାଉଜର ତୋଟି ପଡ଼େ । ବାରମ୍ବାର ଯୁଦ୍ଧ ଆହ୍ୱାନ ଓ ଉତ୍ତେଜନା ମଧ୍ୟରେ ବୋଉ ତୁଣ୍ଡ ଚିପି ଚିପି କାମ କରୁଥାଏ, ଏଣେ ମୁହଁ ମୋଡ଼ୁଥାଏ, ଭାଉଜଙ୍କୁ ନ ଶୁଣିଲା ଭଳି ଛିଗୁଲାଉଥାଏ, କିଏ ଘରକୁ ଆସିଥିଲେ ତା ଆଗରେ ବାରମ୍ବାର ନିଜର ନିର୍ଦ୍ଦୋଷତା ପ୍ରମାଣ କରୁଥାଏ । ମନର ଅରମାନ ଏଥିରେ ହୁଏତ ତାର ମେଣ୍ଟେ । ଭାଉଜ ରିହ ସାଧି ନ ପାରି ଆପଣା ରାଗ ଆପଣା ଉପରେ ହିଁ ଝାଡ଼େ, ଗୋଟାଏ ଗରା କି ଢାଳ ପଥର ପାହାଚ ଉପରେ କଚି ଦେଇ ।

କୃଷ୍ଣ ଭାଇନାଙ୍କର ଚାରିପୁଅ—ଜଗବନ୍ଧୁ, ଯଦୁ, ମଧୁ, ଅଗାଧୁ; ଅଳ୍ପ ବୟସରେ ଭାଉଜର ମୃତ୍ୟୁ ହେଲା । ତାଙ୍କ ଘରର ଅବସ୍ଥା କ୍ରମେ ତଳକୁ ତଳକୁ ଗଲା । ତଥାପି ଭାଇନାଙ୍କର ପାନରୁ ଚୂନ ଖସିଲା ନାହିଁ, ଚିଲମର ଧୂଆଁ ଲିଭିଲା ନାହିଁ; 'କୃଷ୍ଣ'ଙ୍କ ମାତ୍ରା ବି କମିଲା ନାହିଁ । ବହୁ ହୀନିଅବସ୍ଥା ମଧ୍ୟରେ ଜଗବନ୍ଧୁ କଲିକତା ଗଲା 'ଠାକୁର' ହୋଇ । ଅନ୍ୟ ଦି ଭାଇ ଗାଆଁର ଅନେକ ବ୍ରାହ୍ମଣପିଲାଙ୍କ ପରି ତା ପଥ ଅନୁସରଣ କଲେ । ଅଗାଧୁ ଅଳ୍ପ ବୟସରେ ସଂସାରରୁ ବିଦାୟ ନେଲା
ବୁଦ୍ଧିଶୁଦ୍ଧି ଥିଲେ ବି ଭାଇନାଙ୍କ ପିଲାଏ କେହି ପଢ଼ିବାର ସୁଯୋଗ ପାଇଲେ ନାହିଁ

କିମ୍ବା ଦୁର୍ଯ୍ୟୋଗ ଭରଣ କରି ଅସାଧ୍ୟ ସାଧିବାକୁ ବେଙ୍କ ହେଉନାହିଁ । କଲିକତା ରୋଜଗାର ଫଳରେ ତାଙ୍କ ଘର ଭଲ ଚଳିଲା ।

କଲିକତାରୁ ଜଗବନ୍ଧୁ ଫେରିଲା, ପାଦରେ ଜୋତା; ଦେହରେ କାମିଜ, କୋଟ, ହାତରେ ଟର୍ଚ୍ଚ ଲାଇଟ୍, ପକେଟରେ ଝରଣ କଲମ । ପୁରା ପୁରି 'ବାବୁ'ଙ୍କ ଚେହେରା । ପଛରେ ତାର ବୋଝିଆ, ମୁଣ୍ଡରେ ତାର ଅଧବଖରାଏ ଘର ମାଡ଼ି ବସିଲା ଭଳି ଗୋଟାଏ ଟ୍ରଙ୍କ୍, ତା ଉପରେ ଗୋଟିଏ ସୁଟ୍‌କେସ । ଜଗବନ୍ଧୁ ଘରକୁ ପାଦ ଦେବା ମାତ୍ରେ ମୋ ଦେଠେଇ (କୃଷ୍ଣ ଭାଇନାଙ୍କ ବୋଉ) ବାହୁନା (ଏହା ସେ କାଳର ରୀତି ଥିଲା) ପକେଇଲା । ଜଗବନ୍ଧୁ ଛୋଟ ଛୋଟ ପିଲାମାନଙ୍କୁ କୋଉ ମିଠେଇ ବା ଖଜୁରିକୋଲି ବାଣ୍ଟିଦେଲା, ବଡ଼ଙ୍କ ହାତକୁ ରୂପାଭୁଣ୍ଡିଲଗା ପ୍ରକାଣ୍ଡ ପିପିଲି ବଟୁଆଟା ବଢ଼ାଇ ଦେଲା ।

ଘରର ସମସ୍ତଙ୍କ ଲୁଗାପଟା, ଶୀତ ଚଦର, ଡାଲି, ମଶାଲାମଶଲିସବୁ ଦେଖି ବୋଉ ଭାରି ହାଇଁ ପାଇଁ ହେଲା—ତଳିପାରେ କେତେ ମାଳପା ଘଷିଥିଲି । ମୋ ପିଲାରୁ ଗୋଟିଏ କେହି ହେଲେ ବଙ୍ଗଳାବାଟ କରିଥାନ୍ତା । ନନା ବୋଉର ନିର୍ବୁଦ୍ଧି ଆପଣ ଦେଖି ଯାହା କହିଲେ ତାର ମମ-ତୁମ ବଂଶରେ କେହି ପାଠ ପଢ଼ି ନାହାନ୍ତି । ତୁମେ ଶିକ୍ଷାର ମର୍ଯ୍ୟାଦା ବୁଝିବ କାହୁଁ ?

ଜଉରା (ଜଗବନ୍ଧୁ) ଯୋଗୁଁ କୃଷ୍ଣ ଭାଇନାଙ୍କ ସଂସାର ସଜଳା ପଡ଼ିଗଲା, ଜମିବାଡ଼ିରେ ହାତ ବାଜିଲନାହିଁ । ଭାଇନା ପ୍ରାୟ ୬୦ ବର୍ଷ ବୟସରେ ଆଖି ବୁଜିଲେ । ତାପରେ ତାଙ୍କ ଘର ଭାଜିଗଲା । ତିନି ଭାଇ ଭିନେ ହେଲେ । ଭାଗକେ ଦୁଇ ମାଣରୁ ଊଣା ଜମି ପଡ଼ିଲା । ମଧୁ କଲିକତା ନ ଯାଇ ଦୁଆରେ ଖଣ୍ଡିଏ ଦୋକାନ କଲା, ଜଉରା ମଧ୍ୟ ତା ପନ୍ଥା ଅନୁସରଣ କଲା । ଦୋକାନ କରିବାର ଦୁଇବର୍ଷ ପରେ ମୋ ଠାରୁ ଧାରିଥିବା ଚାଳିଶ ଟଙ୍କା ଶୁଝିଦେଲା । ତା ସ୍ତ୍ରୀର ମୃତ୍ୟୁ ହେଲା । ଗଞ୍ଜାମରୁ ଅଢ଼େଇଶ ଟଙ୍କାରେ ଗୋଟିଏ ଝିଅ କିଣା ହୋଇ ଆସିଲା । ଜଉରା ଏଇ କନ୍ୟାଟିକୁ ଘେନି ରାତିରେ ମୋ ବ୍ରହ୍ମପୁର ବସାରେ ରହିଲା, ସେଇ ରାତିରେ ମୋ ସ୍ତ୍ରୀର ସମସ୍ତ ଅଳଙ୍କାରପତ୍ର ଚୋରୀ ଗଲା ।

ସତୁରି ବର୍ଷ ବୟସ; ତାର ନୂଆ ସଂସାରରେ ଚାରିଗୋଟି ପିଲା; କେହି ପାରି ନାହାନ୍ତି । ହଠାତ୍ ଜଉରାକୁ ସେ ପୁରରୁ ଡକରା ଆସିଗଲା ।

ମୃତ୍ୟୁର ମାସକ ଆଗରୁ ମୋ ସହିତ ତାର ମନୋମାଳିନ୍ୟ ହୋଇଥିଲା— ଗୋଟାଏ ଗଜା ଆମ୍ବଗଛ ଲାଗି । ସେ ଗଛଟି ତାର ଓ ମୋର ବାଡ଼ ସୀମାରେ ଜନ୍ମି ଉଠିଥିଲା; ଆମ ଚାଳ ଉପରକୁ ଶୋଇଥିଲା । ସିନ୍ଦୁରୀ ଆମ୍ବ, ପାଚିଲେ ଗୋଟି ଗୋଟି ଆମ ଅଗଣାକୁ ଝଡ଼େ । ଝଗଡ଼ା ଯେତେବେଳେ ମାଇପୀସ୍ତରରୁ ଆସି ପୁରୁଷ ମହଲରେ ଶୀତଳ ଯୁଦ୍ଧରେ ପହଞ୍ଚିଲା, ମାପଚୁପ ଓ ନ୍ୟାୟ ହେବାପାଏ ଗଲା, ମୁଁ ଜଉରାକୁ କହିଲି—ସାମାନ୍ୟ ଆମ୍ବଗଛଟାଏ ପାଇଁ ଏତେ କଳି ଭଲ ନୁହେଁ । ତୁ ଏ ଗଛଟିକୁ ନେ, କିନ୍ତୁ ହାଣି ଦେ । ନଇଲେ ଆମ୍ବ ପାଇଁ ଆମ ଚାଳରେ ଚଢ଼ିଲେ ପୁଣି ଝଗଡ଼ା ଲାଗିବ । ଜଉରା ଆମ୍ବ ଗଛଟି ହାଣିନେବା ଆଗରୁ ବେମାରିରେ ପଡ଼ିଲା— ହାବ୍‌ନିଆଁକୁ ହଳଦିଆ କାମଳ । ଚିକିତ୍ସା ଲାଗି କଟକ ନେବାକୁ ମୋତେ କହି ପାରିଲା ନାହିଁ । କଳହ ପରେ ତାର ସେ ସାହସ ଆଉ ନ ଥିଲା । ଶତ୍ରୁକାଟଣ୍ଠି

କହୁ କହୁ ତା ପ୍ରାଣବାୟୁ ଉଡିଗଲା । ଦୋକାନଟି ଉଠିଗଲା । ଜମି ବେଙ୍କମାଣ । ଏବେ ଏତେ ପିଲାଙ୍କୁ ସମ୍ଭାଳିବ କିଏ ?

ମୃତ୍ୟୁର ବର୍ଷେ ଦୁଇବର୍ଷ ପୂର୍ବରୁ ସ୍ତ୍ରୀ ସହିତ ପ୍ରାୟ ସବୁବେଳେ ତାର ଝଗଡ଼ା ଲାଗୁଥିଲା । ସ୍ତ୍ରୀ ବୈଧବ୍ୟ ବରଣ ଲାଗି ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ହେଉ ଥିଲା । 'ମତେ ଅଥାଡ଼ା କରି ଏବେ ବଢ଼ଦାଣ୍ଡରେ ବସାଇ ଦେଇ ଗଲ' ବୋଲି ଏବେ କନ୍ଦାକଟା କରୁଛି ।

ଦ୍ୱିତୀୟ ପୁତୁରା ଯଦୁମଣି ଦାଶ; ମାଷ୍ଟ୍ରେ ସିଲଟରେ ନାଆଁ ଲେଖି ଆଣ୍ କହିବାରୁ ଦିନେ ଲେଖିଥିଲା—'ଯଦାମଣା ଦାସି' । ତା ଜାତକରେ ପାଠ ନ ଥିଲା, ବୁଢ଼ା ହେବାଯାଏ ସିଧାସଳଖ ଚିଠି ଖଣ୍ଡିଏ ଲେଖିପାରୁ ନ ଥିଲା । ମୋ ଠାରୁ ମାତ୍ର ବର୍ଷେ ବଡ଼, କାନ୍ଧରେ ହାତପକା ସାଙ୍ଗ । ଯଦୁକୁ ସାଙ୍ଗରେ ନ ଧରିଲେ ମୁଁ କୋଳିତୋଳି ବା ମାଛ ମାରି କାହିଁ ନ ଯାଏ । ତାର ଗୋଟିଏ ମୁଦ୍ରାଦୋଷ 'କହିଲେ ମିଛ କରିବ' । ''କହିଲେ ମିଛ କରିବ ଜକେଇ, ମୁଁ ଯେମିତି ତୋଟାରେ ପଶିଚି, ଭୂତଟା ତ ଡେଇଁଲା ... କହିଲେ ମିଛ କରିବ ଜକେଇ ।'' ମତେ ବିଶ୍ୱାସରେ ଡାକି ଦିନେ କହିଲା—କହିଲେ ମିଛ କରିବ ଜକେଇ, ଆମ ଗାଁକୁ ରାମ କୃଷ୍ଣ ଆସିଛନ୍ତି ।

କଣ ବୋଲି ତା ସାଥିରେ ଯାଇ ଦେଖିଲାବେଳକୁ ଗୋଟାଏ ଛେଉଣ୍ଡ କୁକୁର । କିଏ କାହାନ୍ତି ? ହେଇପରା ତା ଦେହରେ କଳା ରାମ, ଧଳା ଲକ୍ଷ୍ମଣ ।

ଆମ ଘର ଭିତରେ ସେ ସବୁଠାରୁ ବଳୁଆ, ହୃଷ୍ଟ, ସାହସୀ, ସାପଟାଏ ବାହାରିଲେ ଯଦୁଆକୁ ଡାକ, ମାକଡ଼ ମାଡ଼ିଲେ, ଦୁଆରେ କିଏ ଗାଳିଗୁଲଜ କଲେ ଯଦୁଆକୁ ଡାକ । ମୋଡ଼ିମାଡ଼ି ଗାଳିଦେଲାବାଲାକୁ ତଳେ ଶୁଆଇ ଛାତିରେ ବସିଯିବ । 'ଆଗେ ମାଡ଼, ପଛେ ବିଚାର', ତାର ନୀତି ।

ତାର ବଳ ଓ ସାହସ ଦେଖି ନନା ତାକୁ ଖୁବ ଭଲ ପାଉଥିଲେ । ଗୁଳି ଗୁଳି ଆମ ଗୋଡ଼ ଘୋଳି ହେଲେ ଦିହିଙ୍କି ଦି କାନ୍ଧରେ ବସାଇ କୋଶ କୋଶ ବାଟ ଚାଲି ଯାଉଥିଲେ ।

ଯଦୁର ସାରାଜୀବନ ପ୍ରାୟ କଲିକତାରେ କଟିଥିଲା—ଠାକୁରଘରେ ନାମ ଡାକ ହେବାରେ ସେ ଠିକା ନେଉଥିଲା—ବିବାହାଦି ନିମିତ୍ୟରେ । କିନ୍ତୁ ଯେତେ ଅରଜିଲେ ପେଟକୁ ନଅଣ୍ଟ, ଧନକୁ ବୃହି ଜନସଂଖ୍ୟା ବହୁତ ବେଶୀ । ଧାରଉଧାର ଓ କରଜରେ ବୁଡ଼ିଥିଲା, ନାନା ରୋଗବ୍ୟାଧି ପରେ ଧରିଲା ରାଜଯକ୍ଷ୍ମା । ମାତ୍ର ୬୧ ବର୍ଷରେ ସେ ବିଦାୟ ନେଲା ।

## ଆମ ଘର

ରେଖ ଶାସନ ଗାଆଁର ପଶ୍ଚିମ ମୁଣ୍ଡରେ ଆମ ଘର, ସୂର୍ଯ୍ୟାସ୍ତ ସଙ୍ଗେ ପିଲା ଦିନରୁ ସଂପର୍କ ନିବିଡ଼ତର । କଥା ଅଛି —

'ଗାଁ ମୁଣ୍ଡ ଘର ଚୋରକୁ' ।

ପିଲାଦିନେ ଆମ ଘରୁ କେତେ କିଛି ଶ୍ରେଣୀ ଯାଉଥିବା କଥା ମୋତେ ଜଣାନାହିଁ । କିନ୍ତୁ କେତୋଟି ବଡ଼ ଅସୁବିଧା ଥିଲା । ବ୍ରାହ୍ମଣମାନେ ମୁର୍ଦ୍ଦାର ପୋଡୁଥିଲେ ଆମ ଘରର ଦଶ କଦମ୍ ଦୂରରେ । ଦୁଆରମୁହଁରେ ବସିଲେ ଜୁଇ ଗାଡ଼ର ହୁତ୍ ହୁତ୍ ଜଳୁଥିବା ନିଆଁ ଦିଶୁଥିଲା । ମୁଡ଼ିକିଆ, ଛୁଡିକିଆରେ ମାସ ହାଣ୍ଡି ଆମ ପଦାଡ଼ରେ ଲୋକେ ଗଡ଼େଇ ଦେଇ ଯାଉଥିଲେ । ବେଲିକିଆ ହାଣ୍ଡି, ବସନ୍ତ ଠାକୁରାଣୀଙ୍କ ପଣାହାଣ୍ଡି ଆମ ଘରର ହାତେ ଦି ହାତ ଦୂରରେ ଗଡ଼ୁଥିଲା । ଜଳଜଳା ହାଣ୍ଡି ଖପର ମାଡ଼ି ଆମକୁ ଯିବାକୁ ହେଉଥିଲା ।

ହୁଡ଼ାରେ ଘୁଷୁରି ପଡିଲେ ଘୁଷୁରିଆ ଦରପୋଡା ଜୁଇକାଠ ଜାଳି ଜଳଜଳା ହାଣ୍ଡିରେ ଖେଷେଇ କରୁଥିଲା । ସେ କିମିଆଁ ଜାଣେ, ଚଣ୍ଡୀ ଚାମଣ୍ଡୀ ତା ପାଖ ମାଡ଼ନ୍ତି ନାହିଁ ବୋଲି ଲୋକବିଶ୍ୱାସ ଜନ୍ମିଥିଲା ।

ଆମ ଘରକୁ ଲାଗି ଗୋଟିଏ ଗଡ଼ିଆ, ଡଙ୍ଗା ଆକାରର, ନାଆଁ ହାଡ଼ଗଡ଼ିଆ । ଗୋରୁ ହାଡ଼, ମଣିଷ ମୁଣ୍ଡ ଖପୁରି, ଜଳଜଳା ହାଣ୍ଡି ଖପର ଯୋଗୁଁ ସେ ପୋଖରୀଟି ସାଧାରଣ ସ୍ନାନ ଲାଗି ଅପବିତ୍ର ବିବେଚିତ ହେଉଥିଲା । କେବଳ ମୁର୍ଦ୍ଦାର ପୋଡ଼ି ଆସିଲା ପରେ ମାଲଭାଇ ସେଥିରେ ଗାଧଉଥିଲେ, ଅଣତୁଠରେ ପ୍ରେତକର୍ମ ଅନୁଷ୍ଠିତ ହେଉଥିଲା ।

ଗାଁବାଲାଙ୍କ ବିରୁଦ୍ଧରେ ମକଦ୍ଦମା ହୋଇ ଆମ ଦୁଆର ମଶାଣି ଉଠିଲା, କିନ୍ତୁ ଭୂତ ଡାହାଣୀ ଭୟ ଛାଡ଼ିଲାନାହିଁ । ରାତି ଅନ୍ଧାରରେ ଉଇମାଟି ଝଡ଼ିଲେ ଆମ ଛାତି ଦାଉଁ ଦାଉଁ ପଡ଼ୁଥିଲା—କଞ୍ଚାଖାଇ ଡାହାଣୀ, ଅପୂଜା ଚଣ୍ଡୀ ବାହାରିଲା କି ଆଉ ? ପିତାପାଣି ବର୍ଷା ପରେ ଆଲୁଅ ଦେଖାଗଲେ ଚିରୁବୁଣୀ ଆଲୁଅ ଜାଳୁଛି ବୋଲି ଡରୁଥିଲୁ ।

ଯୋଉ ବର୍ଷ ବେଶୀ ଧାନ ହୁଏ କୋଠିରେ ଧରେନାହିଁ । ଅଗଣାରେ ଗୋଟିଏ ଦୁଇଟି ଖଣି ଖୋଳା ହୁଏ । ବଉଳ କୁଟା ଦିଆ ହୋଇ ଧାନ ରଖାଯାଏ । ସେ ବର୍ଷ ଖଣି ଖୋଳା ହେଲାବେଳେ ବହୁତ ହାଡ଼ ବାହାରିଲା । ସେଦିନୁଁ ବିଶ୍ୱାସ ଉପୁଜିଲା ଯେ ଆମେ ମଶାଣି ଉପରେ ଘର କରିଛୁ । ଶାସନ କାଳକ୍ରମେ ଶ୍ମଶାନ ଆଡ଼କୁ ମାଡ଼ି ଆସିଛି ।

ନନାଙ୍କ ଅମଳରେ ଆମର କୌଣସି ଘରେ ଜଳାକବାଟି ନ ଥିଲା । ଆଟୁ ଘରଟି ମୂଷାଗାତରେ ଭରା, ବିଲେଇ ମଇଳାରେ ଦୁର୍ଗନ୍ଧମୟ । ପଣ ପଣ ଅସରପା ପେଡ଼ିରେ, ପେଟରାରେ, କାନ୍ଥରେ, କାନ୍ଥକୁଅରେ । ଶତ ସହସ୍ର ସଂଖ୍ୟାରେ ସେମାନେ ଆମ ଗୃହରେ ଥିବାର ପ୍ରମାଣ ଡାଲି, ତରକାରୀରୁ ମିଳି ଯାଉଥିଲା, ମଶାଲାମଶଲିରେ ସେମାନଙ୍କ ଅବାଧ ପ୍ରବେଶ ଯୋଗୁଁ । ଗ୍ରୀଷ୍ମର ଗୁଳୁଗୁଳି ରାତିରେ ଏହି ପତଙ୍ଗଟି ରାତିରେ ପକ୍ଷୀର ଦାମ୍ଭିକତା ଘେନି ଧାନପୋକ ସଙ୍ଗେ ପ୍ରତିଯୋଗିତାରେ ମାତି ଉଠୁଥିଲା । ଆଟୁଘରେ ଥିଲା କୋଠି, ବିହନଓଳିଆ, ଗୋଟାଏ ମସ୍ତ ବଡ଼ ଘୁମା । ବୋଉ ଚତୁର୍ମାସ୍ୟା ଲାଗି ସେଥିରେ ଚାଉଳ ଛାଞ୍ଚି ରଖୁଥିଲା ।

ଶୋଇଲା ବେଳେ ଆମ ପାଦରେ ବାଜୁଥିଲା ଭାଡ଼ି, ମୁଗ, କୋଳଥ, ବିରି ଓ ସରୁ ଧାନ ଓଳିଆ ଭରା । ଆମକୁ ସମାନ୍ତର କରି ଶୋଇଥିଲା ତିନି ପୁରୁଷର ଢିଙ୍କି,

ଘୁଣ୍ଟ ଉପରେ ଝୋଲଥିବା ନାକୁଣ୍ଡ ବର୍ତ୍ତି, ତା ଉପରେ ଝୁଲୁଥିଲା ଗୋଟାଏ ଅଳଗୁଣି, ଅଖାପଟ ପରି ଲୁଗା, ଗାମୁଛା, କନ୍ଥା, ଦରଶାରେ ଭରପୂର । କବାଟ କଣରେ ଡେର ହୋଇଥିଲା ଗୋଟାଏ ଦୁଇଟା ମୂଦ୍ଗର, ମସିଣା ।

ଡାଣ୍ଡଫୁଆର ପିଣ୍ଡା ତଳେ ଥିଲା କେତେଗୁଡ଼ିଏ ଗାତ । ଦିନେ ସକାଳୁ ଉଠି ଦେଖିଲି—ସାପ କାମୁଡ଼ି ଧରିଛି ଗୋଟାଏ ବାଙ୍ଗୁଣିଆ ବେଙ୍ଗକୁ । ଗାତଟା ସରୁ, ସାପ ଭିତରକୁ ବେଙ୍ଗକୁ ଟାଣି ନେଇପାରୁ ନାହିଁ । ରକ୍ତ ସୁଅ ଛୁଟୁଛି । ଅତି କରୁଣ ସ୍ୱରରେ ବେଙ୍ଗଟି ରଡ଼ି ଛାଡ଼ୁଛି । ବର୍ଷାକାଳରେ ପଲ୍ଲୀର ଏହା ଏକ ପରିଚିତ ଦୃଶ୍ୟ; ମୁଁ ଭୁଲିପାରି ନାହିଁ ।

ବେତ ଖଟରେ ପଲଙ୍ଗ ପରି ବାଡ଼ ନ ଥିଲା । ଶୋଇଥିଲା ବେଳେ ନିଦ ବାଉଳାରେ ମୁଁ ସେଥିରୁ ଗଡ଼ି ପଡ଼ିଥିଲି । ଏବେ ବାଁ ଆଖି ତଳେ ଘା ଚିହ୍ନଟି ଅଛି । ଅନ୍ୟ ଯେଉଁ ଦୁଇ ତିନିଟା ଚିହ୍ନ ଅଛି, ନିଜକୁ ଚିହ୍ନୋଟ କରିବା ଲାଗି ସେସବୁ ଲୋଡ଼ା ପଡ଼େ । କିନ୍ତୁ ସେ ସବୁର କରୁଣ ଇତିହାସ ଦାଗ ସ୍ୱୟଂ ଭୁଲିଯାଇଛି । ହୁଏତ ଦୁଷ୍ଟାମିର ଅଲିଖ ମୋହର କିମ୍ବା ବାଲ୍ୟୋଲ୍ଲାସର ଦୁର୍ଦ୍ଦମ କ୍ରୀଡା ସଂକେତ ହୋଇଥିବ ।

ଶୀତ ଦିନେ ନିଆଁ ପୋହିବା ଏକ ଦୈନନ୍ଦିନ ଅଭ୍ୟାସ ଥିଲା । ଉଆଳି କୁଟା, ପତରପାତୁରି ଗୋଟାଇ ଆଣି ଆମେ ନିଆଁ ଜାଳୁଥିଲୁ, ଚାରିପଟେ ଚେକା ହୋଇ ବସି ନିଆଁ ପୋହୁଥିଲୁ । ନନା ଗପର ପେଡ଼ି ଖୋଲି ଦେଉଥିଲେ । ଡେଙ୍ଗା ଡେଙ୍ଗା ନଡ଼ିଆ ଗଛରୁ ଟୋପା ଟୋପା ମୋଟା କାକର ଆମ ଉପରେ କବୃଷ୍ଟି ହୋଇ ପଡ଼ୁଥିଲା ।

ତୋଟାରୁ ବାଦଖିଆ ପୋଲଙ୍କ, ବୋଝ ବୋଝ ପାଚିଲା ଟୋପି ଟୋପି କାଳକଲଗା ପୋଲଙ୍କ ପତର ଘେନି ମାଇପେ ଫେରୁଥିଲେ । କୁହୁଡ଼ି ଅନ୍ଧାର ଭିତରୁ ରଡ଼ି ପକାଉଥିଲା କୋକିସିଆଳି । ଶୀତ ପାହାନ୍ତି ଛଡ଼ା ଅନ୍ୟ ବେଳେ ତାର ବୋବାଳି କେବେ ଶୁଣିନାହିଁ, ବାଡ଼ି ପୋଖରୀରୁ ମାଛ ଶିକାର ପରେ ଡେଇଁ ଯାଉଥିଲେ ଓଧ କୟାଁଗଛରୁ ବାଉଁଶବଣକୁ । ବଣଭୁଆ ପୋଷା ବିଲେଇଙ୍କି ଝାମ୍ପେନେଲା ବେଳେ ବିକଳ ମ୍ୟାଉଁ ମ୍ୟାଉଁ ଶବ୍ଦ କାନରେ ବାଜୁଥିଲା । କିଆ ଗୋହିରୀରୁ ହଠାତ୍ ଖସ୍ କିନେ ବାହାରି ଆମ ପଛପଟେ ପଳାଉଥିଲା ବିଲୁଆ ବା ଶାଳିଆପତନୀ । 'ଧେ' 'ଧେ' କହି କୁକୁର ଲଗାଇ ଦେଉଥିଲୁ ଆମେ । କିଚିକିଚ ଗୋଡ଼ାଇ ବିଲୁଆର ଏକ ଝେଁକାରେ କୁକୁର ପଛେଇ ଆସୁଥିଲା ।

ପକ୍ଷୀମାନେ ଥିଲେ ମୋ ପିଲାଦିନର ସାଥୀ । କୁଆ ମୋତେ ସକାଳୁ ଉଠାଇ ମାଷ୍ଟରଙ୍କ ମାଡ଼ରୁ ରକ୍ଷା କରୁଥିଲା । ବଣି ମୋ ସଙ୍ଗେ ଡେଇଁ ଡେଇଁ ଖେଳୁଥିଲା । ଶଙ୍ଖ ଚିଲ ମୁହଁ ଚାହିଁଲେ ଶୁଭ । ତା ମୁହଁ ଚାହିଁଗଲେ ମାଛ ଖାଇବାକୁ ମିଳେ, ବିଶ୍ୱାସ ପ୍ରଚଳିତ ଥିଲା । ଆମେ ଗାଉଥିଲୁ—

'ଶଙ୍ଖଚିଲ୍ ମହାବିଲ୍ ଧୋବଧବଳିଆ ପକ୍ଷୀ'

ଗଙ୍ଗେଇ ମୋ କଥା ମାନୁଥିଲା । କହୁଥିଲି—

'ଗଙ୍ଗେଇ, ମୋ ପାଇଁ ମୁଠିଏ ବୁଡ଼୍'

ସେ ବୁଡ଼ୁଥିଲା, ତା' ନେଳିଆ ପକ୍ଷୀରେ ଟିକିଏ ହେଲେ ପାଣି ଲାଗୁ ନ ଥିଲା ।

କୋଇଲିର ସାଥୀ ମନୋଭବ (ଆମେ ଖଦେଇ ହୋଇ ବୋବାଇଲେ ସେ ରଗି ଜୋରରେ ବୋବାଏ), ମାଟି ବର୍ଣ୍ଣର କୁଣ୍ଡାଖିଆଙ୍କ କିଚିରିମିଚିରି, ଫୁଟନ୍ତା ଶିମିଳୀ ଗଛରେ 'ଘୁକାଳିକା'ଙ୍କ ମେଳା, ସକାଳିଆ କଅଁଳ ଖରାରେ କାକରଭରା ଘାସ ଉପରେ ସାରସମାନଙ୍କ ଚରା, ଦଳ ଦଳ ଗେଣ୍ଡାଳିଆଙ୍କ ବରଯାତ୍ରିଆ ଢଙ୍ଗ, ଶାରମାନଙ୍କ ଚକ୍ରନୃତ୍ୟ ଓ ବକମ୍ ବକମ୍ ଗୀତ, ପୋଖରୀ କୂଳରେ କାଣ୍ଡିଆ ବଗମାନଙ୍କ ସାବଧାନୀ ଗତି, ଆମକୁ ଖୁସି କରିବା ମନୋବୃତ୍ତିରେ ଭଦଭଦଳିଆ-ମାନଙ୍କ ଖଣ୍ଡି ଉଡ଼ା ଆମ ପିଲାଦିନକୁ ଆନନ୍ଦର ଖୋରାକ ଯୋଗାଇ ଆସିଥିଲା । କିନ୍ତୁ ଯେଉଁ ତ ପକ୍ଷୀଟିଏ, ପକ୍‌କା ଦାର୍ଶନିକ ପରି ଦିଶେ । ବୋଉ ତା ବୋବାଳି ଶୁଣିଲେ ଏତେ ଚିଡ଼୍‌ଚିଡ଼୍ ହୁଏ କାହିଁକି ? ବୋଉକୁ ଚିଡ଼େଇବା ଲାଗି କୋଉଠି ସେଟା ଆମ ପାଚେରୀ ଲଗାଏତ୍ ଗଛରେ ବସି ଖଦେଇ ହେଲାପରି ବୋବାଏ । ବୋଉ ତା ଚିତ୍କାର ଶୁଣିବା ମାତ୍ରେ ଗାଳିଦିଏ—

ଲୁହା ଚେରଣୀ ।
ଦେଢ଼ଶୁର ଅଇଁଠାଖାଇ !

ହଳଦି ଗୁଲୁ ଗୁଲୁ ହଳଦିବସନ୍ତ ମିଠା ସ୍ୱରରେ ବୋବାଏ—"ସୀତା କୁକୁଲୁ" । ମୋ ପୁତୁର ଦିନେ ତାକୁ ଧରି ତେଣାଯାକ ଅଠା ଲଗାଇ ଦେଲା । ଏତେ ସୁନ୍ଦର ପକ୍ଷୀଟି ପ୍ରତି କି ନିଷ୍ଠୁର ଆଚରଣ ! ପକ୍ଷୀଟି ଉଡ଼ି ପାରିଲାନାହିଁ, ନ ଖାଇ ନ ପିଇ ମରିଗଲା । ମତେ ବଡ଼ ବାଧିଥିଲା; ଏଯାକେ ସେକଥା ଭୁଲି ପାରିନାହିଁ ।

ବଡ଼ କରୁଣ ଲାଗୁଥିଲା, ଯେତେବେଳେ ଡାହୁକ ତାର ଅଂଶବଂଶଙ୍କୁ ଉଦଭଟ କଣ୍ଠରେ ଡାକିଆଣି ଅଠାକାଠିରେ ପକାଇ ଦେଉଥିଲା, କେଳା ନଳକୁ ନଳ ଯୋଡ଼ି ଯେତେବେଳେ ଗଛଡାଳରେ ଆରାମରେ ବସିଥିବା ବଗକୁ ପଛଆଡ଼ୁ ବିନ୍ଧି ଦେଉଥିଲା; ଗୋଟାକୁ ଗୋଟା ନଳ କାଢ଼ି ତାକୁ ପିଟି ପିଟି ମାରି ପକାଉଥିଲା, ଓ ସେ ପ୍ରାଣବିକଳରେ ଚିତ୍କାର କରୁଥିଲା; ଦୁଃଖର ବିଷୟ ସେହି, ଶୋକ ଆଦୌ ଶ୍ଳୋକରେ ପରିଣତ ହୋଇପାରି ନ ଥିଲା । ସେଥିଲାଗି ବୋଧେ ମର୍ମରେ ଆଜି ପର୍ଯ୍ୟନ୍ତ ଲାଗି ରହିଛି ସେଇ କାରୁଣ୍ୟ ।

ଆମର ବାଡ଼ିଘର, ହାଣ୍ଡିଶାଳ, ଆଟୁଘର, ମଝିଘର ଏହିପରି କେତୋଟି ଗୁଳଘର ଥିଲା । ଏ ମଧ୍ୟରୁ ମଝିଘରେ (ଏବେ ଭଙ୍ଗା ହୋଇଯାଇଛି) ମୋ ଜନ୍ମକାଳର ଇନ୍ଦୁଡ଼ି ନିଆଁ ଜଳିଥିଲା; ଡାହାଣୀ ଦୃଷ୍ଟି ଏଡ଼ିବା ଲାଗି ମୁଣ୍ଡ ଉପରେ ଗୋଟିଏ କଜ୍ଜଳପାତି ଥୁଆ ହୋଇଥିଲା । ଟିକିଏ ବଡ଼ହେଲା କ୍ଷଣି ବୋଉ ଅଣ୍ଟାରେ ବେଙ୍ଗୀ କଉଡ଼ି ବାନ୍ଧି ଥିଲା, କଣ୍ଠରେ ବାନ୍ଧିଥିଲା ଘୋଡ଼ା ଲାଞ୍ଜବାଳ—ଭୂତ ଦାନା ପଶିଲେ ବି ଦେହର କିଛି କ୍ଷତି କରିବନାହିଁ ।

ବୋଉ ସଡ଼ ସଡ଼ କରି ମୁଣ୍ଡରେ ଘଷି ମାଳପା ଘଷୁଥିଲା, ହଳଦି ଲଗାଇବା ଲାଗି କେତେ ଲାଞ୍ଛନା ଯାଚୁଥିଲା, ଲୁଗାପଟା, ସଜପ ମଶିଣା ସବୁଥିରେ ହଳଦି ଗନ୍ଧ । ସେଇ ହଳଦିବଟା ଶିଳ, ହଳଦି କାଠୁଆ, ଡିହରୁ ଛଡ଼ା ହୋଇଥିବା ଝୁଲା ଝୁଲା ହଳଦି ମଳକୁଟି ଏବେ ଦିଶିଯାଉଛି, ନାକରେ ଗନ୍ଧ ବାଜିଯାଉଛି । [illegible]

କତଗୁଡ଼ା ଫୁଲକୁଟିଆ ଗଛ ସ୍ନାନଘର ବଡ଼ ହେବା ପର୍ଯ୍ୟନ୍ତ ଥିଲା । ଖେପଣ୍ଡା ରୋଗ ଆରୋଗ୍ୟ କରିବା ଲାଗି ଆମକୁ ଛୁଞ୍ଚିମୁହଁ। ଗଞ୍ଜିଆ ମାଛ ଖାଇବାକୁ ଦିଆ ହୋଇଥିଲା, ଯେମିତି ଅକାରଜଣା ରୋଗ ଭଲ କରିବା ଲାଗି ଦିଆହୋଇଥିଲା ପାଚିଲା କଦଳୀ ଭିତରେ ଜୁଳୁଜୁଳିଆ ପୋକ ।

ମଶାରିର ପ୍ରଚଳନ ନ ଥିଲା । କବାଟ କିଳି ଘରେ ଅଡ଼ଡ଼ାଏ ଘଷି ଧୂଆଁ ଦେଇ ଶୋଉଥିଲୁ । ଆଖି ନାକ ବୁଜି ହୋଇ ଯାଉଥିଲା, ଆଟୁଘରେ ନନା ଯୋଉ କୋଠି କରିଥିଲେ ସେଥିରେ କୋଡ଼ିଏ ଭରଣ ଧାନ ଧରୁଥିଲା । ସେଥିରୁ ଖାଇବା ଖରଚ, ଲୋକବାକ ମୂଲିଆ ମଜୁରୀ ଦିଆହୋଇ କିଛି ବିକା ହେଉଥିଲା, କରଜ ବି ଲାଗୁଥିଲା, ଦିଓଳି ବେଳେ ପାଞ୍ଚ ଗୌଣୀ ଧାନ କରଜ ନେଲେ ଲୋକେ ଅମଳ ବେଳେ ପାଞ୍ଚପାଆ ସୁଧ ଦେଉଥିଲେ । ଅପଡ଼ିଆ ଯୁଗ ଆସିଲା, ଆମର ଭରଣ ଭରଣ କରଜ ଧାନ ବୁଡ଼ିଗଲା ।

ନଳାରୁ ଦୁତ ବେଗଂର ସ୍ତୁପ, ସବଳ ଲାଙ୍ଗୁଡ଼ା ପୋକ ଆସି ଖାଇବା ଥାଳରେ ପହଞ୍ଚି ଯାଉଥିଲେ । ଗୋବର ଖତଗଦା ଡାଷ୍ଟ ଦୁଆରେ ଥିଲା । ଗଡ଼ିଆ ପୋଖରୀ ଦଳରେ ପୂର୍ଣ୍ଣ ଥିଲା, ଲଙ୍ଗଳ ଦଣ୍ଡିରେ ବୋରଝାଞ୍ଜି ଭିଡ଼ି ଆମେ କଉ, ଗଡ଼ିଶା ଧରୁଥିଲୁ । ବେଳେ ବେଳେ ଘୁଷୁରି ପଶି ବୋଟଝାଞ୍ଜି ଖାଇ ଯାଉଥିଲେ । ମଈଁଷି ମଧ୍ୟ ପୋଖରୀରେ ଆକଣ୍ଠ ବୁଡ଼ି ରହୁଥିଲେ ।

ଗହ୍ମା ପୂର୍ଣ୍ଣିମା ବଳଭଦ୍ର ପୂଜା ଦିନ ବଳଦ, ଗାଈ ସେଥିରେ ଗାଧୋଉଥିଲେ, ମଣିଷ ବି କାନରେ ଆଙ୍ଗୁଠି ଦେଇ 'ଗଙ୍ଗା ନାରାୟଣ' କହି ସେଥିରେ ବୁଡ଼ ମାରୁଥିଲେ ।

ବୋଉ କହୁଥିଲା—ଏଇଲେ ରଜ ଆସିବ, ବେଗି ବେଗି ହଳଦି କଜଳ ଲଗାଇ ବାହାରି ପଡ଼ ।

ମୁଁ ପଚାରେ—ବୋଉ, ରଜ କାହିଁ ? ବୋଉ ବାଡ଼ି ଗଡ଼ିଆକୁ ଆଙ୍ଗୁଠି ଦେଖାଇଦିଏ ।

ମୁଁ ଦେଖେ—ପାଣିରେ କେତୁଟା ନଡ଼ିଆ ଗଛର ଛାଇ ହଲଚଲ ହେଉଛନ୍ତି । ପଚାରେ—ବୋଉ, ଏଇ କ'ଣ ରଜ ?

ସୁରୁଦୀନାନୀ ବଡ଼ ଫୁଲକ, ସହୀ-ସଙ୍ଗାତୁଣୀଙ୍କ ସହିତ ଖେଳମେଳରେ ମାତିଥିଲା । ହାଟନାନୀ କିନ୍ତୁ ବଡ଼ ଚୁଣର, ବୋଉ ସଂଗେ ମିଶି ହବୁ ଅଡ଼ତିପଡ଼ର କରୁଥିଲା । କିନ୍ତୁ ଟିକିଏ ଓଲେଇ ଥିଲା । ଖଡ଼ିକାରେ ଦୁଧହାଣ୍ଡିରୁ ସର କାଢ଼ି ଖାଇ ଦେଉଥିଲା । ମୁଁ ଦିନେ ବୋଉକୁ ଦେଖାଇଦେଲି । ବୋଉ ଗର୍ଜିଉଠି କହିଲା—ମୋ ଘରର ଦିଅଁ ଦେବତା ଅଛନ୍ତି, ଓଷାପୁନିଅଁ ଲାଗି ରହିଛି । ତୁ ଡାହାଣୀ କଣ କରୁଚୁନା, ଅଇଁଠା କରି ସର ଖାଉଚୁ । ମରୁନୁ, କୋଉ ଶାଶୂ ଘରେ ହମ୍ବାଳିବ ?

କିନ୍ତୁ ହାରନାନୀ ପହିଲିପାଳି ଗଲାବେଳେ ବୋଉ କାନ୍ଦିଥିଲା ଅନେକ ଦିନଯାଏ । ଟିକିଏ କଳିକାଣ୍ଡୋଇ ଥିଲା ସେ । ଟିକିଏ କ'ଣ ହେଲେ ନାକ ଫୁଲେଇ ଟାଉଁ ଟାଉଁ କରି କେତେ କି ଯାଉଥିଲା । ଝଟାପଟା କଳି, କିନ୍ତୁ ଆର ଘଡ଼ିକି ସବୁ ଭୁଲି ଡାକୁଥିଲା—ବୋଉ । ସାମାନ୍ୟ ଟିକିଏ ସର ଖାଇଦେଲା ବୋଲି ମୁଁ ତା

ଙ୍କାରେ ଖୁନ୍ତା ଗୁଜୁରିଥିଲି । ଠିକ୍ କହନ୍ତେ, ଏବେ ଦୁଧଛେନ୍ନା ଖାଉଥିଲା ବେଳେ ତା କଥା ମୋର ମନେପଡ଼େ । ଆଖିରୁ ଲୁହ ଝରେ । ଭଲ ଚିଜ ଖାଉଥିବାକୁ ଦେଖିଲାବେଳେ ବୋଉର ପୁଅମାନଙ୍କ ପ୍ରତି ଟିକିଏ ପକ୍ଷପାତ ଥିଲା । ପୁଅ ପୋଷିବେ । ଝିଅ କ'ଣ ପିଣ୍ଡାକୁ ମାଟି ବୋହିବେ ? ଯେତେ ଦେଲେ କହୁଥିବେ—ଦିଅ, ଆଉଟିକି ଦିଅ ।

କିନ୍ତୁ ବୋଉର ସ୍ନେହଗୁଡ଼ାକ ଆମ ସମସ୍ତଙ୍କ ପ୍ରତି ସମାନ ଥିଲା—ଘନୁରି ଲୋ, କୁଞ୍ଜୁରି ଲୋ, ହାରି ଲୋ, ସୁରୁପୀ ଲୋ । ତାକରେ ଝିଅ ପୁଅ ଭେଦ ନ ଥିଲା । ସମସ୍ତଙ୍କ ପାଖେ 'ଲୋ ; 'ରେ' ନ ଥିଲା ।

ଭାଇନା ଆମ ଭିତରେ ଟିକିଏ ଚଗଲା ଓ ଛେଉଣ୍ଡା ଥିଲେ । ବଡ଼ ପୁଅ ବୋଲି ନନା ବୋଉଙ୍କର ସ୍ନେହ ତା ଉପରେ ଇଜାଡ଼ି ହୋଇ ପଡ଼ୁଥିଲା । ଏଇ ସ୍ନେହ ତା ମୁହଁ ବଢ଼ାଇ ଦେଇଥିଲା । ସେ ମୋ ପିଠିରେ ନିଃଶଙ୍କଭାବେ ହାତ ସୁଖ କରୁଥିଲା । ସତେ ଯେପରି ମୁଁ ଗୋଟାଏ ପଖଉଜ, ପିଠିଟା ଧେଇଆ, ଗାଲଟା ଗୁଇଁଆ ।

ମୋର ବି ଆଖିରେ ଲୁହ ତୁଣ୍ଡରେ ନାଲିସ୍, ଏଣେ ଗାଳି—ମୁହଁ, ମୁଖୁରି । ନାଲିସ୍‌ଗୁଡ଼ାକ ପ୍ରାୟ ବାଁଏ ବାଁଏ ଉଡ଼ି ଯାଉଥିଲା । ଏକତରଫା ଡିଗ୍ରୀରେ ଭାଇନାଙ୍କ ଉପଦ୍ରବ ବଢ଼ି ଯାଉଥିଲା, ବୋଲହାକ ଲୋଡ଼ା ପଡ଼ିଲେ ବେଳେ ବେଳେ ଗେଲେଇ କଅଁଳେଇ କଥା କହୁଥିଲେ ।

ଭାଇନାଙ୍କର ଦିନକର ଛେଉଣ୍ଡାପଣ ମନେ ପଡ଼େ । ଦିନେ ଦିହେଁ ସୁରୁପୀ ନାନୀ ଘରକୁ ଯାଇଥିଲୁ । ନାନୀ କଂସାଏ ପାଚିଲା ପଣସଫୁଟ ଆଣି ଦିହିଙ୍କି ଦେଲା । ପବନରେ ପୋଲାଙ୍କ ତେଲ ଦୀପଟା, ହଠାତ୍ ଲିଭିଗଲା । ଭାରି ମିଠା ପଣସ । ମୁଁ ଥରେ ଖାଇ ଦରଣ୍ଡିଲାବେଳକୁ କଂସା ଖାଲି । ଭାଇନା ସବୁତକ ଖତମ କରି ଦେଇଛନ୍ତି ।

ଆମ ଭାଇଭଉଣୀଙ୍କ ଭିତରେ କଳି ବେଶ୍ ଜମୁଥିଲା । କିନ୍ତୁ କେହି ନିରନ୍ତରରେ କଥା ଧରି ବସୁ ନ ଥିଲା । ଆର ଘଡ଼ିକି ସବୁ ଚୁପ୍ ।

ବୋଉ ଭଲ ପିଠା କରେ, ଚିତ୍ତୋଉ ଅମାବାସ୍ୟାଦିନ ଚିତଉପିଠା କଲାବେଳେ ଗେଣ୍ଡେଇଶୁଣୀଙ୍କୁ ପାଣି ଛଡ଼ାଇ ଦେଇ ବୋଉ ପାଣିକି ଫିଙ୍ଗି ଦେଉଥିଲା; ଗେଣ୍ଡା ଶାମୁକା ଖାଇବେ, ଚୋଡ଼ କାଟିବେ ନାହିଁ । ବଇଳଅମାସ୍ୟାକୁ ମଣ୍ଡା, ଚକିଠା ହେଉଥିଲା । ନନା କହୁଥିଲେ—ବାହ୍ମଣଯାକରେ ପଣ୍ଡା ଉଲଟ୍, ପିଠାଯାକରେ ମଣ୍ଡା ଉଲଟ୍ । ଖାଇଲେ ପେଟରେ ଗଡ଼ୁଥାଏ; ସହଜରେ ଜୀର୍ଣ୍ଣ ହୁଏନାହିଁ । ଜହ୍ନା ପୁନିଅକୁ ବଳଭଦ୍ର ପୂଜା, ଥାଳୀ ପ୍ରମାଣେ ଇଣ୍ଡୁରି ପିଠା ବଳଦଙ୍କୁ ଖୋଉଥିଲୁ । ଦଶହରା, ସୋମନାଥବ୍ରତକୁ ଘି ପିଠା (ନାନମାନ, କାକରା, ଲଡ଼ୁ) ହେଉଥିଲା । ଘିମରା ଗଛର ଶୁଖିଲା ନଡ଼ିଆ ସରୁ ସରୁ ହୋଇ କୋରହୁଏ, ଗରମ ପାଣିରେ ରସ ବାହାର କରି ଘଅ ମରହୁଏ । ଘିଅ କପଡ଼ାଛଣା ଓ ଚିପୁଡ଼ା ହୋଇ ବାହାର କଲା ପରେ ଆମେ ସମସ୍ତେ ବାଣ୍ଟିକୁଣ୍ଟି କ୍ଷୀରେଇରେ କୋରୁଅ ଖାଉ । ନଡ଼ିଆ ପାମି ଅରୁଅଗୁଡ଼ଳରେ ବଟାହୋଇ ଚକୁଳି ହେଉଥିଲା, ଖିରିସାପାଣି ସଙ୍ଗେ ଗୋଳାଇ ଆମେ ଖାଉଥିଲୁ । ଘି ପିଠା କଲେଇ କଢ଼ା ପାଖରେ ବୋଉ ଝାଳିକେ

ଗଛ ଗୋଟିଏ ଲେଉଟ ଉଠାଇ ଦେଉଥିଲା—ସେ ଜରିକ—ଏଠା ଯେମିତି ଅଦ୍ଭୁତ ଗୀତ ଥିଲ ନ ଥାଏ ।

ଶ୍ରାବଣମାସରେ ପାଚିଲା ତାଳରୁ ରସ କାଢ଼ି ବୋଉ ତାଳ ପୋଡ଼ପିଠା କରୁଥିଲା । ତାଳର ଆଉଟିଆ ଅଂଶ କାଢ଼ି ସେଥିରେ ଗୁଣ୍ଡ ଚୂନା, ଗୁଡ଼ ଓ ନଡ଼ିଆ ପକେଇ ଖଳି କରି ହେଉଥିଲା—ତାକୁ କଅଁଳ କଦଳୀପତ୍ରରେ ଗୋଲକାରରେ ଛାପି ତଳେ ରଡ଼ନିଆଁ ଓ ଉପରେ ରଡ଼ନିଆଁ ରଖି ଦିଆ ହେଉଥିଲା—'ତଳେ ନିଆଁ, ଉପରେ ନିଆଁ, ମଝିରେ ବସିଛି ବୁଢ଼ୀ ମିଆଁ' । ସକାଳୁ ପାଉଁଶ ଝାଡ଼ିଝୁଡ଼ି ତା ଭିତରୁ ପୋଡ଼ପିଠା ବାହାର କରୁଥିଲା । ଖଣ୍ଡ ଖଣ୍ଡ କରି କାଟି ଆମ ଭିତରେ ଓ ସାଇପଡ଼ିଶାରେ ବାଣ୍ଟି ଦିଆ ହେଉଥିଲା । ପିଠା ନ ହୋଇଥିଲେ ପାଚିଲାତାଳକୁ ରଡ଼ନିଆଁରେ ପୋଡ଼ି ତାର ଗୋଟାଏ ଗୋଟାଏ ମଞ୍ଜି ଝୁଣି ବସୁଥିଲୁ; ସେ ଗୋଟାଏ ଦୃଶ୍ୟ । ବୋଉ ଆମକୁ ଦେଖି ଚିଡ଼ାଉଥିଲା— 'ତାଳ ବଣିଆଁ ଅସୁର ।'

ପୁଣ୍ୟପରବକୁ ଆମ ଦୁଆରକୁ ଧାଡ଼ି ଲାଗେ । କୁମ୍ଭାରସାଇରୁ ଅଧିକାଂଶ ଆସନ୍ତି, ସେମାନଙ୍କ ମଧ୍ୟରୁ କେତେକ ଆମର ଖାତକ—ତଥାପି ସ୍ନେହସମ୍ବନ୍ଧ । ଆମ ବର୍ଣ୍ଣର ନ ହେଲେ ବି ମୋତେ ବଡ଼େଇ ଡାକନ୍ତି; ବୋଉକୁ ଅଈ ଡାକନ୍ତି ।

ତାପରେ ତି ସାଇର ଭୋଇଆଣୀମାନେ ଆସନ୍ତି । ରଜକୁ ମୁଢ଼ି ଉଖୁଡ଼ା, ଚିତଉ ଅମାବାସ୍ୟା, ଗହ୍ମା ପୁନିଅଁ ଦଶହରାକୁ ଚିତଉ, ଇଣ୍ଡୁରି ବା ନାନପାନ, ଘରକୁ ଫେରିଲା ବେଳକୁ ସେମାନଙ୍କ ଅର୍ଣ୍ଣ ପୁରି ଫାଟି ପଡ଼ୁଥାଏ । ତି ପହରୁ ଷଡ଼ି ଘଡ଼ିକ ପର୍ଯ୍ୟନ୍ତ ଧାଡ଼ି ଲାଗିଥାଏ, କେହି ନିରାଶ ହୋଇ ଫେରି ଯାଏନାହିଁ । କଥା ଅଛି—'ଦେ ଦେଉଣିକି କୋଳଥ ମଣ୍ଡା'; କୋଳଥରେ ମଣ୍ଡାପିଠା ହୁଏ କି ନାହିଁ ମୁଁ ଜାଣେନାହିଁ । ଦେଦେଉଣିଙ୍କ ଲାଗି ହଉଥିବା ଚୋକେଇଙ୍କ ଘି ପିଠା ବୋଉ ଛାଣେନାହିଁ । କରେଇରେ ପକାଏ ପଳାଏ ନଡ଼ିଆ ଘିଅ ପକାଇ ଛାଣି ଦିଏ । ତଥାପି ଲୋକେ କହନ୍ତି—ଆମ ଘର ପିଠା କୁଆଡ଼େ ଘିଅ ଚୁଚୁ ଚୁଚୁ, ଛାରି ଦୁଆଡିଆ । ସେହିପରି ବୋଧହୁଏ ଅନ୍ୟମାନଙ୍କୁ କହୁଥିବେ । ପଉରଷ କରି ନ କହିଲେ ଦେବ କିଏ ?

ଏମାନଙ୍କ ବ୍ୟତୀତ ଚୋକେଇ, ବାଉଁଶିଆ, କଂସା ଘେନି ଆସନ୍ତି ସେତେବେଳେ । ବଢ଼େଇ—ଯେ ଲଙ୍ଗଳ ଗଢ଼େ, ହଳଦିକାଠୁଆ, ଲୁଣକାଠୁଆ, ଚଟୁ, ଅଣେକ ଭେଟି ଦିଏ । କମାର—ଯେ ଲୁହା ପଜାଏ, ଲଙ୍ଗଳ ଧାର କରେ, ଦାଆଭ ଦାନ୍ତ କୁଟେ, ଦଶହରାକୁ ଦାଆ, କଟୁରୀ ଭେଟିଦିଏ । ଧୋବା—ଯେ ଗାଆଁର ମହଲ କାଟେ, ଭଣ୍ଡାରୀ—ଯେ ଖିଅର କରେ, ବନ୍ଧୁ-ବାନ୍ଧବ ଘରକୁ ବୋଝ ନିଏ । ଅନ୍ତତଃ ଥାଳିଏ ଖେଚୁଡ଼ି, କଂସାଏ ଡାଲମା, ଗିନାଏ ଖିରୀ, ଦୁଇଣାଏ ପିଠା ନ ହେଲେ ଆଖିକି ଦିଶେ ନାହିଁ । ଅଳ୍ପ ଦେଲେ ସେବେଇତ ଦାଣ୍ଡରେ ଦେଖେଇ ଦେଖେଇ ନିଏ ।—ଦେଖ, ଅମକ ଘର କେଡ଼େ ନିକୋଚ୍ଛିଆ ।

'ନୂଆଖିଆ' ପର୍ବଦିନ ମୋ ଗୋଡ଼ ତଳେ ଲାଗୁ ନ ଥିଲା; କେତେବେଳେ ଖାଉ, କେତେବେଳେ ଖେଳ, କେତେବେଳେ ବର୍ଷା । ଭୋଇ ଭୋଇଆଣୀମାନେ ବଡ଼େଇ

ଗୋଛା ମୁଣ୍ଡରେ ଘେନି ବିଲରୁ ଫେରନ୍ତି ଖଣ୍ଡି ଦଉଡ଼ରେ ଧାନ ଶିଷାମାନଙ୍କ ଝୁମୁରୁ ଝୁମୁରୁ ଶବ୍ଦ, ମେଘ ଡରରେ ତରତର ଛବେଙ୍ଗ୍ଳା ପକା, ମନରେ ଆନନ୍ଦର ଚହଳ ଉଠାଉଥିଲା । ବିଆଳି ଧ ନର ଚୁଡ଼ାଘଷା, ଗହମ ଖିରି, ଦଳୀଚକଟା ହୋଇ ଗାଆଁର ଠାକୁରଠାକୁରାଣୀଙ୍କୁ ଓ ଘରଦିଅଙ୍କୁ ଭୋଗ ହଉଥିଲା, ସାଇପଡ଼ିଶାଙ୍କ ଘରେ ବଣ୍ଟା ହେଉଥିଲା, ଲୋକବାକ ଖାଉଥିଲେ, ସବେଇତମାନେ ନେଉଥିଲେ । ଯେ କୌଣସି ଶୁକ୍ରବାର ଦିନ ଗାଆଁ ଲୋକ ସୁବିଧା ଅନୁସାରେ ନୂଆଖିଆ ଅନୁକୂଳ କରୁଥିଲେ । ବହୁ ସ୍ୱାଦୁତା ମଧ୍ୟରେ ସେଇ ନୂଆ ମୁଢ଼ି ଓ ନୂଆ ଅନ୍ନର ସ୍ୱାଦ ଏ ଯାକେ ଭୁଲିନାହିଁ । ଶୀତଦିନ ସକାଳର ଶିଲୁରୁ ଫେରି ନନା ଚୂଲୀମୁଣ୍ଡରେ ବସନ୍ତି । ପ୍ରାୟ ଅଧିକାଂଶ ଦିନ ଅମର ଖେଚୁଡ଼ି ହୁଏ ।

ସେ କାଳେ ଡାଲି ପ୍ରଚୁର, କିନ୍ତୁ ପରିବାକଷ୍ଟ; ଜହ୍ନି, କଖାରୁ ଭେଣ୍ଡିରୁ ମାକଡ଼ ଭଜଭାଗ ଉଠାଇ ନେଉଥିଲେ । ଏଣ୍ଡୁଅ, କୁଆଙ୍କ କବଳରୁ କ୍ୱଚିତ ରକ୍ଷା ପାଉଥିଲା କାକୁଡ଼ି, ବାଇଗଣ ଲଗାଇଲେ କାଙ୍କଣା ପୋକ ଖାଇ ଯାଉଥିଲେ । ଆମେ ପାଉଁଶ ପକାଉଥିଲୁ ପୋକମରା ଔଷଧ ଭାବେ । କିନ୍ତୁ ଏ ସବୁ କାଙ୍କଣାଙ୍କ ଦହସହା ହୋଇ ଯାଇଥିଲା ।

ଆମେ ଭଜା ମୁଗ ଡାଲିରେ ଟିକିଏ ସୋରିଷ ତେଲ ପକାଇ ହାପୁରି ହାପୁରି ଖାଇ ଦେଉଥିଲୁ । ଫୁଟେ କଇଁଆଁ, ପଢ଼ାଏ ଆମ୍ବୁଲରେ ବି ବଳତ ଉଡ଼ିଯାଉଥିଲା, ଏବେ ଦେହରେ ନ ଗଲେ ବି ସେ ଆମ୍ବକଷିଉଙ୍କା ତୋରଣି, ବାସନା ଆଉଥରେ ମନେ ପଡ଼ିଯାଏ ।

କୁଣିଆଁମଇତ୍ର ଆସି ଦିନେ ଓଳିଏ ରହି ଚାଲିଗଲେ ପାଦପୂଜା ଛ ତିଅଣ ଭଜା । ବେଶୀ ରହିଲେ ତିଅଣ ଠାଆ କମି ଆସେ, ଭାତରେ ଘିଅ ପଡ଼େନାହିଁ, ତଥାପି ଛଡାବାଡ଼ି ଧରି ବାହାରିଲା ବେଳେ ପାରିକୁଦିଆ ବନ୍ଧୁଙ୍କ ପରି ଆମେ ଖୁବ୍ ଆଦର କରୁ—ରହ ଦିନେ, ନଇଲେ ଓଳିଟିଏ ବନ୍ଧୁ । ବନ୍ଧୁ ନିଜ ମାନ ରଖି ହନ୍ତି—ପିଲାଝିଲା କଣ କରୁଥିବେ । ଗୋରୁଗାଈଙ୍କ ଖବର କିଏ ବୁଝୁଥିବ ।

ଦିଅଙ୍କ ଘରେ କିରାସିନି ଡ଼ିବି, ଲଣ୍ଠନ ପଶୁ ନ ଥିଲା । କେତେ ଭେଙ୍ଗାଳରେ ମକୁଟକର ଗୋଟିଏ ଉଚ୍ଚ ରୁଖା; ତା ଉପରେ ପୋଲାଙ୍ଗତେଲ ଦୀପ ଜଳୁଥିଲା । ସଞ୍ଜ ଦିଆ ହେଲା ପରେ ଦିଅଙ୍କ ଘରେ ଅଧ୍ୟାଏ ଭାଗବତ ପଢ଼ିବା ବିଧି ଥିଲା । ଚଲମନ; ଧ୍ୟାନସ୍ଥ ହୋଇ ବସି ପଢ଼ିବାର ଧୈର୍ଯ୍ୟ ନ ଥିଲା । କ୍ରୋଲି ବୋଲି ଦମାନ ମୁଖସ୍ଥ ବି ହୋଇ ଯାଇଥିଲା । ମୁଁ ସିଆଡ଼ୁ ବୋଲି ବୋଲି ଆସି ଦିଅଙ୍କ ଚରେ ପଶୁଥିଲି—

'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ
ପଦୁଁ ଗଳୁଛି ମକରନ୍ଦ
ସେ ମକରନ୍ଦ କରି ପାନ
ହେଲେ ତରିଲେ ସାଧୁଜନ
ସେ ସାଧୁଜନଙ୍କ ପୟରେ
ମନ ମୋ ରହୁ ନିରନ୍ତରେ
ମନ ମୋ ନିରନ୍ତରେ ଥାଉ
ଦା କୃଷ୍ଣ ବୋଲି ପ୍ରାଣ ଯାଉ ।'

ଭଉନାଙ୍କର ସ୍ୱାସ୍ଥ୍ୟ କିଛି ମନ୍ଦ ନ ଥିଲା । ତଥାପି ବୋଉ ତାକୁ କହୁଥିଲା ତାଳପତ୍ର ସିପେହି । ଯେତେ ଖୋଉଲେ ପେଉଲେ ତା ଦିହରେ ଲାଗୁନାହିଁ ।

ଗାଆଁର ବିଧବା ହୀନ ମାଉସୀ ଡାହାଣୀ ଭାବରେ ଅପଖ୍ୟାତି ଅର୍ଜିଥିଲା । ଭଡ଼ିଆକୁ ଦୁଧ ପେଇଲା ବେଳେ ଘରକୁ ପଶି ଆସିଲେ ବୋଉ ଦୁଧକୁ ଘୋଡ଼େଇ ପକଉଥିଲା—ଅଇଲାଣି, ମୋ ପୁଅ ପେଟରେ ଗଳିଯିବ ।

## ଲୋକବାକ

ଆମ ଘରେ ଯେତେବେଳେ ଲୋକ ଲାଗିଥିଲେ ତିଜଣ ଖୋଇ କେଳା, ଉଜବା; ତି ଜଣଯାକ ଛ' ମାସିଆ । ଯେଥିଲାଗି ସେମାନେ ୯ ଗୁଣ୍ଠ ଜମି ହେତା, ମାସିକିଆ ପଡ଼ି ମୂଲ ୬ ତୌଣୀ ଲେଖାଏ ନେଉଥିଲେ, ତା ଛଡ଼ା ଧାନକଟା ବେଳେ ଛଟି ଲେଖାଏ କୋଡ଼ିକିଆ (ଗୋଟିକ ୧୦।୧୨ ତୌଣୀ ଧାନ ହେବ) ନେଉଥିଲେ । ରଜ, ଦୋଳ ପୁନେଇଁ, ଦଶହରା, ଟହ୍ଲା ପୁନିଅଁ, ଚିତଉ ଉଆସ, ନୂଆଖିଆ, ପୋଡ଼ୁଅଁ ଅଷ୍ଟମୀ, ଶ୍ରାଦ୍ଧ ମଉଳାମାନଙ୍କରେ ସେମାନେ ଆମ ଘରେ ଖାଉଥିଲେ, ପୁଣି ବାଉଁଶିଆରେ ସଜାଡ଼ି ସ୍ତ୍ରୀ ଓ ପିଲାମାନଙ୍କ ଲାଗି ଘରକୁ ନେଉଥିଲେ । ତା ଛଡ଼ା ଦୋଳକୁ ଖଇ ଓ ଭୁଜା, ରଜକୁ ମୁଢ଼ି ନଡ଼ିଆ, ବର୍ଷକୁ ଥରେ ଶୀତ ଚଦର ଓ ଗାମୁଛା ନେଉଥିଲେ । ସ୍ତ୍ରୀ ପିଲା ସମସ୍ତେ କାମ କରୁଥିଲେ; ତଥାପି ସେମାନଙ୍କ ପେଟକୁ ନଅଣ୍ଟ ହେଉଥିଲା, ସେମାନଙ୍କୁ ହାତପିଅଁ ଟାମୁକା ପେଣ୍ଡିବାକୁ ହେଉଥିଲା ।

ଏଇ ଲୋକମାନେ ସାରଦିନ ପରିଶ୍ରମ କରନ୍ତି, ସକାଳୁ ଉଠି ନିଜର ବାଡ଼ି ବଗିଚ୍ଚ ଓ ବିଲକାମ କଲା ପରେ ଆମ କାମକୁ ଆସନ୍ତି ।

ଫେରିଲାବେଳେ ନିଜ ବଳଦ ପାଇଁ ଗୋଛାଏ ଗୋଛାଏ ଘାସ କାଟି ଆଣନ୍ତି । ଅବସର ବେଳେ ସେମାନେ ବାଣି କାଟନ୍ତି, ମୁନ୍ଦସ ବୁଣନ୍ତି । ଦଳେ ଏକାଠି ହେଲେ କୁକୁର ସଙ୍ଗରେ ଘେନି ଠେକୁଆ ଶିକାର କରିଯାନ୍ତି । କିଆବାଡ଼ ଦରଣ୍ଡ ଦରଣ୍ଡ କଇଁଅ ବା ବ୍ରାହ୍ମଣିଅଁ ବେଙ୍ଗ ଧରି ଆଣି ଖାନ୍ତି ।

ପୁରୁଷଙ୍କ ଅପେକ୍ଷା ସ୍ତ୍ରୀମାନଙ୍କୁ ଅଧିକ କାମ କରିବାକୁ ହୋଇଥାଏ, ସେମାନେ ମାଟି ବୁହନ୍ତି, ବିଲ ବାଛନ୍ତି, ଧାନ କାଟନ୍ତି, ମୁଗ, ବିରି, କୋଳଥ ଉପାଡ଼ନ୍ତି । କାମରୁ ଫେରିଲେ ଦଣ୍ଡେ ବିଶ୍ରାମ ନାହିଁ । ଧାନ ଭସେଇବା, ଶୁଖେଇବା ବା ଉଗୁଳିବା, ଧାନ କୁଟିବା, ଚାଉଳ ପାଛୁଡ଼ିବା, ଭାତ ରାନ୍ଧିବା, ପିଲାଝିଲାଙ୍କ ଛଟା ବୁଝୁଥିବା ବେଳେ ପୁଣି ଉପରବେଳା ଲାଗି କାମକୁ ତରବର ପଡ଼େ । ଛୁଆ ଜନମ କଲେ ବି ମାସେ ଦି ମାସ ବିଶ୍ରାମ ମିଳେନାହିଁ, ପେଟ ପୂରେଇବାକୁ ସାରଦିନ ହାଡ଼ଭଙ୍ଗା ଖଟଣି ଖଟିବାକୁ ହୁଏ—ତଥାପି ପେଟପୂର ଖାଇବାକୁ ମିଳେ ବର୍ଷରେ ଅଳ୍ପ କେତେଦିନ; ବଡ଼ ଦୁଃଖକଷ୍ଟର ଜୀବନ; କଥା ଅଛି—

ନିତି ମୂଲିଆ ମୂଲେ ଯାଏ  
ଦିନେ ନ ଗଲେ ଉପାସେ ଶୁଏ ।

ଆମ ଗାଆଁର ଓ ସବୁ ଗାଆଁର ମୂଲିଆମାନଙ୍କ ପ୍ରତି ଏ ଉକ୍ତି ପ୍ରଯୁଜ୍ୟ । ହେଁସ ହେଁସ ପିଲା ଜନମ ହୁଅନ୍ତି—ଲଙ୍ଗଳା, ଲୋତରକୋତର ଅସଣା ଅରୁଚା ହୋଇ ବଢ଼ନ୍ତି, ଧୂଳିରେ, ପଙ୍କ କାଦୁଅରେ ଲଟପଟ, ଭୋକଉପାସରେ କଲବଲ । ରୋଗରେ ପଡ଼ି କତରାଲଗା ଲୋକ ବିନା ଓଷଦ, ପଥିରେ ଝାଡ଼ିଝୁଡ଼ି ହୋଇ ଉଠି ବସନ୍ତି । ବାଉରି ହାଡ଼ ଭରି ଟାଣ ।

କେଳା ଭୋଇ ସେଇ କୁଳର । ତାର ଅଗ୍ରଜ ବା ଅଗ୍ରଜା ମରିଯିବାରୁ ବାପା ମାଆ ଏଇ ନାମଟି ଦେଇଥିଲେ; ଭୋଇ ଅଛୁଆଁ, କିନ୍ତୁ ଯମ ଏ ଛୁଆଁଛୁତି ମାନେ ନାହିଁ । କେଳା ଭୋଇଠାରୁ ବେଶୀ ଅଛୁଆଁ; ଦେବତା ଯମ କେଳାକୁ ଛୁଇଁଲେ ତା କାୟା ମାର ହେବ—କେଳା ବଞ୍ଚିଯିବ, ଏଇ ବିଶ୍ୱାସରେ ସେକାଳେ ତାର ନାମକରଣ କରା ହୋଇଥିଲା । ଠାକୁରାଣୀଅଇଁଠା ସେ, ମୁହଁଯାକ ବସନ୍ତ ଚିହ୍ନ ।

ମଙ୍ଗଳାଙ୍କ କାଳସୀ ସେ । ପୂଜାଧୂଜାରେ ବାଧା ପଡ଼ିଲେ ତା ଦେହରେ ମଙ୍ଗଳା ଉଭା ହୁଅନ୍ତି । ସେ ଥରି ଥରି ଠାକୁରାଣୀଙ୍କ ଯାଉଁଳି ବେତ ବୁଲଉ ଥାଏ, ତୁଣ୍ଡରେ ଧମକ—ଅମକର ବଡ଼ ପୁତକୁ ଖାଇବି, ସେ ମୋ ଆଜ୍ଞାକୁ ଅବଜ୍ଞା କରିଛି, ଗାଆଁରେ ହଇଜା, ବସନ୍ତ ପରେଇବି—ଅମକ ଅମକ ଅନ୍ୟାୟ ଅନୀତି ପଶିଚି; ଲୋକେ ଆସି ସାଷ୍ଟାଙ୍ଗ ପ୍ରଣାମ କରି ପଣା ପଇଡ଼ ଦେଇ ମଙ୍ଗଳାଙ୍କ କୋପ ଶାନ୍ତି କରନ୍ତି । କେହି କେହି ହାତରେ ମୁଦା ମୁଠେଇ ଧରି ଠାକୁରାଣୀଙ୍କ ମହିମା ପରଖନ୍ତି, ଏଥିରେ ଠାକୁରାଣୀ ଭାରି ଖପପା ହୁଅନ୍ତି । ଜୁଳାଏ ଜଳନ୍ତା ଘିଅ ବଳିତା ଗିଳି କାଳସୀ ଅଜ୍ଞାନ ହୁଏ, ତା'ପରେ ତାକୁ ମଙ୍ଗଳା ଛାଡ଼ନ୍ତି ।

କାଳସୀ ବୋଲି ତା ପ୍ରତି ଲୋକମାନଙ୍କର ଆତଙ୍କ ଥାଏ, କେହି କିଛି ହୁଡି କହନ୍ତି ନାହିଁ । ତାର ଚଳଣି ମଧ୍ୟ ଉନ୍ନତ ଧରଣର । ସେ ମିଛ କହେ ନାହିଁ, ଠକେ ନାହିଁ, ଚୋରୀ କରେନାହିଁ; ସେ ଅନେକ ଜଡ଼ିବୁଟି ଜାଣେ; ଝାଡ଼ିଫୁଙ୍କି ଗଦ ଖୁଆଇ ସେ ରୋଗୀଙ୍କି ଭଲ କରିଦିଏ । ପାଟୁଆ ଯାତରେ ସେ ରାଉତାଣୀ ହେଉଥିଲା । ଆମ ଘରେ ସେ ପନ୍ଦର ବର୍ଷ କାଳ ଲୋକ ଲାଗିଥିଲା ।

ଆମ ଗାଆଁରେ ଦି'ଜଣ ଉଛବା ଥିଲେ—ହେଣ୍ଡା ଉଛବା, ଚରଣ ଉଛବା, ଏପରି ତ୍ରିଜଣ ବାଞ୍ଛା ଥିଲେ— ବିଲ ବାଞ୍ଛା, ପୋଳେଇ ବାଞ୍ଛା, ଗପୁଡ଼ି ବାଞ୍ଛା, ବାଞ୍ଛାନିଧି, ଜଣ ଜଣକୁ ସ୍ୱତନ୍ତ୍ର ଭାବେ ଚିହ୍ନିତ କରିବା ଲାଗି ଏ ନାଆଁଦିଆ । ରଣ ଉଛବା ଆମ ଘରେ ଲୋକ ଲାଗିଥିଲା—ନିରଳସ, ଦିନରାତି ଖଟେ, ତଥାପି ଓଲି ପେଟପୂରା ପଖାଳ ମିଳେନାହିଁ, ମିଳେନାହିଁ ପଖାଳ ସାଙ୍ଗକୁ ଟିକିଏ ଲଣ । ପିନ୍ଧାର ତିନି ଥାନରେ ଚିରା, ପଗଡ଼ିଟି ଛିଦ୍ରମୟ । ବିଲରେ କାମ କରୁ କରୁ ନେ ତାକୁ ବାଇଆ ବିଲୁଆ କାମୁଡ଼ି ଦେଲା । ଡାକ୍ତରଖାନାକୁ କିଏ ନେଉଛି ? ପରୁ ଘାଆ ଭଲ ହୋଇଗଲା, କିନ୍ତୁ ଛ'ମାସ ପରେ ଭିତର ବିଷ ଚହଟିଲା । ଦିନେ ଲୁ ଖୁଲୁ ସେ କରଡ଼ି ହୋଇ ପଡ଼ିଲା; କତରାରେ କେତେକାଳ ପଡ଼ି ବିଲୁଆ ପରି ଚାବେଇ ବୋବେଇ ଆକାଶକୁ ଚାହିଁ ଚାହିଁ ଦିନେ ତାର ପ୍ରାଣବାୟୁ ଉଡ଼ିଗଲା ।

ସେ ମଲା ପରେ ଆମ ଘରେ ରହିଲା ବୁରୁଦା (ବୃନ୍ଦାବନ); ତାର ଡାକ ନାମ ହାଡ଼ିଆ । ସେ ଆମ ଘରେ ତିରିଶ ବର୍ଷ କାଳ ଲୋକ ଲାଗିଥିଲା । ଦାରିଦ୍ର୍ୟ ତାର ଦେହସହା; ତାକୁ ସେ କେବେ ଭ୍ରୂକ୍ଷେପ କରିନାହିଁ । ପେଟର ଖୋକଦାଉରେ ସେ କାମରେ ଦିନେ ଅବହେଳା କରିନାହିଁ । ତୋରାଣି ପିଇ ପିଇ ତା ଜୀବନ ଗଲା । ଶେଷକୁ ପାଗଳ ହୋଇ ବଣ ବୁଦାରେ ବସୁଥିଲା ସେ; ଦେଖିଲେ ମତେ ଚିହ୍ନୁଥିଲା, ଭେ ଭେ କାନ୍ଦୁଥିଲା ।

ତା ସ୍ତ୍ରୀ ନାଆଁ ଜହ୍ନ; ସେମାନଙ୍କ ପରି ଏଡ଼େ ଦରିଦ୍ର, ଏତେ ସଙ୍କୋଚ ଆଉ କିଏ ଥିବା ଶୁଣିନାହିଁ । ଅଭାବ ସେମାନଙ୍କ ରକ୍ତ ଶୋଷିଥିଲା, କିନ୍ତୁ ସ୍ୱଭାବ ନଷ୍ଟ କରି ପାରି ନ ଥିଲା । ଖୋକଓପାସରେ ବୁରୁନ୍ଦା ମଲା । ବିନା ଔଷଧ, ବିନା ପଥିରେ ଜହ୍ନର ପ୍ରାଣ ମଧ୍ୟ ଗଲା; ଓଳିଆରେ ଜହ୍ନ ଦଶୋଟି ଟଙ୍କା ଲୁଚାଇ ରଖିଥିଲା, ଦରିଦ୍ରର ସାରା ଜୀବନର ସଞ୍ଚୟ, ସେ ଟଙ୍କା ଶ୍ରାଦ୍ଧଘରେ ଲାଗିଥିଲା । ତା'ପରେ ଆମ ଘରେ ବହୁ ଲୋକ ରହିଛନ୍ତି, ରହୁଛନ୍ତି । କିନ୍ତୁ ଏ ଚାଲାକି ଚତୁର ଯୁଗରେ ବିକଟ କ୍ଷୁଧା ମଧ୍ୟରେ ଏତେ ସଙ୍କୋଚପଣ ଅସହ୍ୟ । ଘୋର ଦାରିଦ୍ର୍ୟ ବରଣ କରି ଆମ ସମସ୍ତଙ୍କୁ ସେମାନେ ରକ୍ଷା କରିଥିଲେ ।

## ଗାଈ, ବଳଦ

ଆମର ହଳେ ବଳଦ ଥିଲେ—ଧଳା, କଣରା; ଧଳାଟି ମଠୁଆ, କଣରାଟି ରଗୁଆ । କଣରା ସାଆନ୍ତ ଘର ଦୁଃଖ ବୁଝେ, କୁଣ୍ଡା ପାଣିରେ କୋଳଥ ଗୁଣ୍ଡିଏ ପକାଇ ଦେଲେ ଢକ ଢକ କରି ପିଇଦିଏ । ଶଗଡ଼ କାଦୁଅରେ ଗଳି ପଡ଼ିଲେ ଆଣ୍ଠୁ ପକାଇ ଭିଡ଼େ—ଜାନ୍ ପଛକେ ଯାଉ, ସାଆନ୍ତର ଶଗଡ଼ ଉଠୁ, ଖୁଆଇ ପିଆଇ ବଞ୍ଚାଇଛି ସେ, ନିମକ୍‌ହାରମ୍ ହେବି ନାହିଁ—ଏଇ ମନୋଭାବ । ସେ ଦଶ ଟଙ୍କାରେ କିଣା ହୋଇଥିଲା, ଆମ ଘରେ ଚଉଦ ବର୍ଷ ବୋହିଥିଲା । 'ଗୋ କନ୍ୟା ଭାଗ୍ୟ ଥିଲେ ମିଳେ'; ଆମ ଭାଗ୍ୟକୁ ଲକ୍ଷଣବନ୍ତ ଗୋରୁଟିଏ ମିଳିଥିଲା, ହାଡ଼ରେ ପଲେ ବଳ ଥିବା ପର୍ଯ୍ୟନ୍ତ ଆମ ଲଙ୍ଗଳ, ଶଗଡ଼ ଭିଡ଼ୁଥିଲା । ସତେ ଯେପରି ପୂର୍ବ ଜନ୍ମରେ ମଣିଷଟିଏ ଥିଲା ସେ, ଋଣ ଶୁଝିବା ପାଇଁ ଗୋରୁ ରୂପରେ ଆମର ସେବା କରୁଥିଲା । ବୁଢ଼ା ହେଲା ସେ, କିନ୍ତୁ ଆମେ ତାକୁ ତଡ଼ିଦେଲୁ ନାହିଁ । ଯେତେବେଳେ ମଲା, ତାକୁ କୁଆ, ଶାଗୁଣା ମୁହଁରେ ଦେଲୁ ନାହିଁ । ଗହୀର ଗାତ ଖୋଳି ଲୁଣ ଦେଇ ତାକୁ ସମାଧି ଦେଲୁ, ତା ଲାଗି ଆମେ ମୁଣ୍ଡ ଧୋଇ ଗାଧୋଇଲୁ ।

ଆମ ଭାଗ୍ୟକୁ ଆଉ ଗୋଟିଏ ବଳଦ ଚଉଦ ଟଙ୍କାରେ ମିଳିଥିଲା; ତା ନାଆଁ 'ବୁଲା'; ଠିକ୍ କଣରା କାଟର; ଖଳିଆ ନୁହେଁ, ପାଟର ନୁହେ, ମାରଣା ନୁହେ, ନାତୁଆ ନୁହେ, ମୂତପିଆ ନୁହେ, ଯୋଡ଼ାମୁହାଁ ନୁହେ, ଠାପୁଆ ନୁହେ, ଗାଳୁଆ ନୁହେ, ହୁରୁଡ଼ା ନୁହେ; ଯେମିତି ଲଙ୍ଗଳରେ ସେମିତି ଶଗଡ଼ରେ, ଖୁଣିବାକୁ କିଛି ନାହିଁ । ଗଲା ଲୋକ ଘଡ଼ିଏ ତା ଚାଲିକି ଚାହିଁ ରହିବ । ସାଧାରଣ ବଳଦ ଯେତିକି ବର୍ଷ ବୁହନ୍ତି, ତାଠାରୁ ସେ ଢେର ବର୍ଷ ବୋହିଥିଲା—ସାଆନ୍ତ ଘରର ସର୍ବାଙ୍ଗୀନ ଉନ୍ନତି ହେଉ; ସେ ଯେପରି କି ମର୍ମେ ମର୍ମେ ଚାହୁଁଥିଲା । ଏବେ ବଳଦ ହଳେ କିଣା ହୋଇଛି, ଏଗାରଶ ପଚାଶ ଟଙ୍କାରେ । ଚାରି ପାଞ୍ଚ ବର୍ଷ ଚାଷ କରି ହଳକୁ ହଳ ବଦଳୁଛନ୍ତି । କେହି ମନେ ରଖୁନାହିଁ ସେମାନଙ୍କର ସୁଗୁଣ ।

ଯେପରି କେହି ମନେ ରଖି ନାହାନ୍ତି ସେ କାଳର ଧାନର କାର୍ତ୍ତିକ ନାମ—ଡାଳିଔପୋହଳା, ରତନଚୁଡ଼ି, ଚୁଙ୍ଗୁଡ଼ିବାଳ, ଯମୁନାଝାଲି, ଅଭଯୀ, ନାଖିଲ, କଦଳିଆ ଚମ୍ପା, କୁସୁମକୁଣ୍ଡା, କର୍ପୂରଗୁଣ୍ଡି, ଉଚ୍ଛୁରୁସହଳ, ଧ୍ଯୋଗ ଇତ୍ୟାଦି । ଏବେ ଅଧିକ ଉତ୍ପାଦନ ପ୍ରତି ଦୃଷ୍ଟି; ପ୍ରାଚୀନ ବିହନଗୁଡ଼ିକ ଡ଼ି ଯାଇଛି; ଯେମିତି ସହର ଗଳିର ନମ୍ବର, ଘରର ନମ୍ବର, ସେହିପରି ୧୨୪୨, ୩୫୬ ପ୍ରଭୃତି ଧାନର ନମ୍ବର; ବୈଚିତ୍ର୍ୟ ଉପରେ ଦୃଷ୍ଟି ନାହିଁ, ପ୍ରାଚୁର୍ଯ୍ୟ କାମ୍ୟ, ବୁଭୁକ୍ଷିତ ଜନତାର ମୁଖରେ ଆହାର ଦେବା ଲାଗି, ଶିଙ୍ଗରେ କଉଡ଼ି ବନ୍ଧା ଘଣ୍ଟି ପକା ଦାମୁଡ଼ିଗୋରୁର ଗାଡ଼ି ଆଉ ରାସ୍ତାରେ ଦୌଡ଼ୁନାହିଁ, ଖାନ୍‌ଦାନୀ ଘରର ଲକ୍ଷଣ ରୂପେ । ଟ୍ରାକ୍‌ଟର ଯୁଗରେ ବଳଦଙ୍କ ଉପରୁ ବଡ଼ ଲୋକଙ୍କ ଦୃଷ୍ଟି ଖସି ଯାଇଛି, ଯେପରି ଘୋଡ଼ାଙ୍କ ଉପରୁ ଖସିଯାଇଛି ପାଶ୍ଚାତ୍ୟ ଋଷୀର ଦୃଷ୍ଟି ।

'କଣରା', 'ବୁଲା' ପରି ଗୋଟିଏ ଗାଈ ଆମର ଥିଲା; ତା ନାଆଁ ଘୁମି; ଖନୀଟାଏ, ବୋବାଇ ଆସେନାହିଁ । ହାଡ଼ ଋରିଖଣ୍ଡ ଥିବା ପର୍ଯ୍ୟନ୍ତ ଘୁମି ପାଏ ପାଏ ଦୁଧ ଦେଉଥିଲା, ବରଅଠା ପରି ବହଳ, ମହୁ ପରି ମିଠା; ଘୁମିର ଚିର ଆମ ବନନାଟି ଥିଲା । ଶୁଖିଲା ବିଲରେ ସାରାଦିନ ମାଟି ଋଟି ଋଟି ଗୋଳିଆ ପାଣି ମୁନ୍ଦିଏ ପିଇ ସେ ଆସି ଖୁଣ୍ଟ ପାଖରେ ଛିଡ଼ା ହେଉଥିଲା । ସେ ଭାଣେ ଖାଉଁଦର ଅବସ୍ଥା, ତୋରାଣି ମୁନ୍ଦାକୁ ବା କୁଟାଖିଅକୁ ତାର ଆଶା ନ ଥିଲା । ସେ ହଳୁ କାମକଲା ବଳଦଙ୍କୁ ନିଅଣ୍ଟ; ଯେମିତି ଘରର ମାଇପେ, ଯେମିତି ଗୁହାଳରେ ଗାଈ; ଅଣ୍ଟନଅଣ୍ଟର ଦାଉଘାତ ସେଇମାନଙ୍କୁ ହିଁ ସହିବାକୁ ହୁଏ । ଗୋଟିଏ ଭୟଙ୍କର ସ୍ମୃତି ଘୁମି ସହିତ ଜଡ଼ିତ ।

ଗାଆଁରେ ଅନେକଙ୍କ ପରି ସେତେବେଳେ ଆମ ଦାଣ୍ଡଘରଟି ଗୁହାଳ ଥିଲା । ଗୁହାଳ ଲଙ୍ଘନ କରି ଘରେ ପଶିବାକୁ ହୁଏ । ଗୁହାଳରେ ଉଘାଡ଼—ଲମ୍ବା ଲମ୍ବା ଧାଡ଼ି ଧାଡ଼ି ବାଉଁଶ ଏ କାଛରୁ ସେ କାଛ ଲମ୍ବିଛି; ସେଥିରେ କାଟ, ଫୋପଡ଼ା, କଡା, ପତରପାତୁରି ଜାଳ ରହେ । ବଳଦ ଗାଈଙ୍କ ଛଡ଼ା ଆମ ଘରେ ପ୍ରାୟ ଶହେ ମେଣ୍ଢା ଥାନ୍ତି । ଗୁହାଳର ଗୋଟିଏ ଅଟେଇରେ ସେମାନେ ରହନ୍ତି । ପ୍ରତି ରାତିରେ ଗଣା ହୁଏ—କାଳେ ବାଟବଣା ହୋଇ ହଜିଥିବେ, ବିଲୁଆ ଗଧିଆ ଝିଙ୍କି ନେଇଥିବେ । ମେଣ୍ଢା ଛୁଆଙ୍କୁ ବିଲୁଆ, କୁକୁର ମାରିଦେବା ସେତେବେଳର ଗୋଟିଏ କରୁଣ ଦୃଶ୍ୟ ଥିଲା ।

ଦିନେ ନଡ଼ିଆ ଗଛରେ ଚଢ଼ି ବାଘ ଋଳକୁ ଡେଇଁଲା, ଋଳ କଣା କରି ଆମ ଗୁହାଳରେ ପଶିଲା; ଅଣ୍ଟିରା ବିଲୁଆ ରଡ଼ି ଦେଉଥାଏ—ବାଘ ! ସାବଧାନ ! ଘୁମି ଗାଈ ଘୁମୁରିଲା । ତା ଘୁମୁରା ଶୁଣି ଆମେ ସମସ୍ତେ ଉଠିଲୁ । କିଟିକିଟିଆ ଅନ୍ଧାର, ଗୁହାଳ ଫିଟାଇବ କିଏ ? ଆମେ ହୋ-ହା ହେଲୁ, କବାଟରେ ଧକ୍‌କା ମାଇଲୁ । ବାଘର ଫାଗକୁ ଡର; ସେ କେମିତି ଖସି ପଳାଇବ, ଚେଷ୍ଟା କଲା, ସେ ଉଘାଡ଼କୁ ଉଠୁଥାଏ, ଉଠି ନ ପାରି ଖସି ପଡ଼ୁଥାଏ । ଏମିତି ଘଡ଼ିଏ ଚେଷ୍ଟା କରି ଶେଷକୁ ଯୋଉ ବାଟେ କଣା କରି ପଶିଥିଲା ସେଇବାଟେ ପଳାଇଗଲା, ଋଳ ବତାରେ ପୁଳାଏ ଲୋମ ଲାଗିଥିଲା, ବାଘ ପାଞ୍ଚୁଟା ମେଣ୍ଢା ମାରିଦେଇଥିଲା । ଯକାଳୁ ଦେଖିଲା ବେଳକୁ ଅନ୍ୟ ମେଣ୍ଢାଙ୍କ ଦେହରେ ଯେପରି କି ପ୍ରାଣ ନ ଥିଲା । ସମସ୍ତେ ଛାନିଆଁ, ମଣିଷଙ୍କୁ ଦେଖିଲାକ୍ଷଣି ଯେପରି କି ପିଣ୍ଡରେ ପ୍ରାଣ ପଶିଲା;

ସମସ୍ତେ ଅଳିଆ ହୋଇ ପଡ଼ିଥିଲେ, କେତେବେଳେ ସେମାନଙ୍କ ପାଳି ପଡ଼ିବ, ସେଇ ପ୍ରଶ୍ନ ଚାହାଣୀରେ ଫୁଟୁଥିଲା ।

## ଗଛବୁରୁଛ

ମାତ୍ର ସାତୋଟି ଟଙ୍କାରେ ଆମ ବାଡ଼ିଆଡ଼ର ଦୟାନ୍ତ ବରଗଛଟି ବିକ୍ରୀ ହୋଇଯାଇଥିଲା; ଗୋଟିଏ ଅଶୀତି ତାଳଗଛକୁ ନିବିଡ଼ ଭାବେ ଆଲିଙ୍ଗନ କରି ସେ ରହିଥିଲା; ଖଣ୍ଡମଣ୍ଡଳର ବାଦୁଡ଼ି ଯେଉଁଥିରେ ଓହଳୁ ଥିଲେ, ବହୁ ବଗ ଓ ଚିଲଙ୍କର ଆଶ୍ରୟସ୍ଥଳୀ ଥିଲା ସେ; ସାତ ପୁରୁଷର ଇତିହାସ ଫୁଟି ଦିଶୁଥିଲା ପ୍ରଥୁଳ, କ୍ଷୀଣ, ଜୀର୍ଣ୍ଣ ନବୀନ ପରସ୍ତ ପରସ୍ତଳମ୍ବୀ ଶିଅରେ । ଯୋଉ ଦିନ ତା ଉପରେ କୁରାଢ଼ି ଚୋଟ ପଡ଼ିଥିଲା, ମୁଁ କାନ୍ଦିଥିଲି; କାହିଁକି, କହିବା ପାଇଁ ହେତୁ ହୋଇ ନ ଥିଲା ମୋର ।

ଆମ ଘର ପାଖକୁ ଲାଗିଥିବା ଆମ୍ବିଳା (ଅମ୍ବ) ଗଛରୁ ମାଆ ମଲାବେଳେ ଖଣ୍ଡିଏ ଡାଳ କଟା ହୋଇଥିଲା । ନନା ମଲାବେଳେ ଆଉ ଖଣ୍ଡିଏ ଡାଳ ଖସା ହେଲା । ବୋଉ ବଞ୍ଚିଥିଲା ବେଳେ ଦେଖାଇ କହୁଥିଲା ଏ ଡାଳଖଣ୍ଡ ମୁଁ ନେବି । ସେଇଆ ହେଲା । ତାର ଆଉ ଖଣ୍ଡିଏ ଡାଳ ଅଛି । ତାକୁ ଚାହିଁଲେ ମନ କିପରି କାରୁଣ୍ୟଭରା ହୋଇଉଠେ ।

ଖଣ୍ଡା ଗଛଟି ବସନ୍ତର ସ୍ପର୍ଶ ମାତ୍ରେ ବଉଳେ; ଆମ୍ବ ଝରି ଯାଏ, ଝରି ଆମ୍ବିଳା । ଯୋଉ ବର୍ଷ ଆମ୍ବ ନଥାଏ ତାର, ଆଦର, ନ ହେଲେ ଚୋରୁ ଚରନ୍ତି । ପୁରୁଷ ପୁରୁଷ ଧରି ଫଳ ଦେଇ ସେ ନିନ୍ଦା ଅପମାନ ଶୁଣି ଆସୁଛି । ମମତା ଅଛି କି ତା'ରି ଉପରେ ହୋଇଛି କୁଠାରଘାତ; ତଥାପି ଶେଷ ସାଥୀ ସେ ପିତୃ ପିତାମହଙ୍କର ।

ଘଅମର ନଡ଼ିଆ, ବଡ଼ଗଛ ନଡ଼ିଆ, ମଞ୍ଜି ଗଛ ନଡ଼ିଆ, ରଙ୍ଗୀ ଗଛ ନଡ଼ିଆ । ଆମର ଶହେ ଗଛ ନଡ଼ିଆ, ନଡ଼ିଆ ଫୁଲରେ, ଗୋଟମାରେ ମୋର ଆଦର । ତଥାପି କୋଉ ଗଛ ପ୍ରତି ମୋର ସ୍ୱତନ୍ତ୍ର ମମତା ନ ଥିଲା ।

ବାଂଝ ନଡ଼ିଆ ଗଛଟି ପ୍ରତି ମୋର ସମବେଦନା ଥିଲା । ବୋଧେ ଏକ-ତାଡ଼ା, ସେ ତେଙ୍ଗାରେ ବଢ଼ି ବଢ଼ି ଯାଇଥିଲା, ବର୍ଷକୁ ଦୁଇ ଗୁଚ୍ଛେଟି ଶୁଖିଲା ବଡ଼ା ଉପହାର ଦେଇ । ନ ଫଳିବାରୁ ତା ଉପରେ କ୍ରୋଧଦୃଷ୍ଟି ପଡ଼ିଲା । ବ୍ରତ କିମ୍ବା ବିଭାଘର ହେଲେ ଲଣ୍ଡ କରି ସେଇ ଗଛରୁ ପତ୍ର ହଣା ହେଉଥିଲା, ତାର ଶାରୀରିକ କଷ୍ଟ ପ୍ରତି କେହି ତିଳେ ମାତ୍ର ଭ୍ରୂକ୍ଷେପ କରୁ ନ ଥିଲା । ଅଦ୍ୟାଗଣୀର ମୁର୍ଦ୍ଦାର ଗଲାବେଳେ ଯେତେବେଳେ ଢୋଲ ଗୁଙ୍ଗୁ ବାଜୁଥିଲା, ଖଇଉଡ଼ି ବିଞ୍ଚା ହେଉଥିଲା, ସେତିକିବେଳେ ମୁଁ ଏଇ ବାଂଝ ଗଛରେ ଲୁହା କଣ୍ଟାଟିଏ ବାଡ଼େଇ ଦେଇଥିଲି, ଫଳିବ ବୋଲି ଲୋକବିଶ୍ୱାସରେ । ବିଶ୍ୱାସ ସତ ଫଳିଲା; ବାଂଝ ଦୁଇଟି ନଡ଼ିଆ ଝରିଲା, ଆହାରେ ତୋଳି ଛଡ଼ ଇଲା ବେଳକୁ ଗୋଟିଏ ଓରଷିଆ, ଆରଟି ପଣ୍ଡା ।

ଯାହାହେଉ, ବାଂଝ ଦୋଷ କଟିଗଲା । ତା ମୁଁହ ଦୁହିଁଙ୍କ ଅଭ ଅପଯଶ
ହିଁ । ଗଛଟି ହାଣ ମୁହଁରୁ ରକ୍ଷା ପାଇଗଲା ।

କୃଷି ବିଜ୍ଞାନରୀତି ଅନୁସରଣ କରିଥିଲେ ହୁଏତ ସୁଫଳ ଫଳିଥାନ୍ତା । କିନ୍ତୁ
ଡ଼ିଆ ଗଛ ପ୍ରତି ଆମ ଗ୍ରାମରେ କୌଣସି ଯତ୍ନ ନିଆ ହୁଏନାହିଁ । ସେ ଫଳୁ ଫଳୁ
ଢ଼ା ହୁଏ, ମରେ । କେହି କେହି ବେଳେ ବେଳେ ମୂଳରେ ଟିକିଏ ଟିକିଏ
ଙ୍କମାଟି ଦେଇଥାନ୍ତି—'ଖତ ଚରକ୍ଷେ, ପଙ୍କ ପୁରୁଷେ'—ଏଇ ବିଶ୍ୱାସରେ । ମାଲୁଆ
ର୍ଷକେ ଥରେ ଝାଡ଼ି ଦେଇଯାଏ—ଛାଞ୍ଚି; ଖୋସା, ଚଅଁର, ଚଢ଼େଇଙ୍କ ବସା;
କ୍ଷାକଟାରୁ ନଡ଼ିଆକୁ ରକ୍ଷା କରିବା ପାଇଁ, ଗଛ ନ ଫଳିଲେ ଜଗନ୍ନାଥ,
ଲୋକନାଥଙ୍କ ନାଆଁରେ ଛାଡ଼ି ଦିଆହୁଏ—ଲୋକନାଥମେଳାକୁ ଚୁଡାଘଷାରେ
ଡାବ ଦେଇ କିମ୍ବା ଜଗନ୍ନାଥଙ୍କ ନାମରେ ପାଣି ଛଡେଇ ଦିଆହୁଏ ।

ଆମ ଘରକୁ ଛାଡ଼ି କିଛି ଦୂରରେ ରାସ୍ତାରେ ଯୋଡ଼ିବର; ସେଇ ବରଓଳଙ୍କୁ
ନ ବିଭା କରିଥିଲା ତା ସ୍ମୃତି କୁଆଡ଼େ ଲୋପ ପାଇ ଗଲାଣି । ଏହାର ଡାଳରେ
ସି ଚିହ୍ନି ବିଧାତା ବରପତ୍ର ସଙ୍ଗେ ଓସ୍ତପତ୍ର ଯୋଡ଼ି ପକାନ୍ତି—ପ୍ରଜାପତି, ବଡ଼
ଟକ ସେ । ଯୋଉ ବରକୁ ଯୋଉ କନ୍ୟା ପାଇବ, ସେ ରଡ଼ିସାର ବସି କୁଆଡ଼େ
ବୁଥାନ୍ତି, ଲୋକବିଶ୍ୱାସ; ଅଦୂର ଗହ୍ୱରର ଶିମିଳି ଗଛଟି ଫଗୁଣର ପହିଲି ଫଗୁ
ଳୁଥିଲା । ସେ ଏବେ କଟା ହୋଇଯାଇଛି । ଯୋଉ ପାକଧୂଆ ଫୁଲ ଛାତିକୁ
ଅନୁରାଗରେ ଲାଲ୍ କରି ଦେଉଥିଲା, ପାଣିବୁହା ଯୋଜୁଅ ଲୋଭରେ ସେ କଟା
ହୋଇଯାଇଛି । ଗଛବୃଛ କାଙ୍ଗାଳ ମନ ମୋର ବିକଳି ଉଠିଛି ।

ଆମ ବାଡ଼ି ପୋଖରୀ କୂଳରେ ଗୋଟିଏ ହିଞ୍ଜଳ ଗଛ—କେଣ୍ଡା କେଣ୍ଡା ଲାଲ୍
ଫୁଲ ଲମ୍ବିଥାଏ, ଝଡ଼ି ମନ୍ଦା ମନ୍ଦା ହୋଇ ପୋଖରୀରେ ଅପୂର୍ବ ଶ୍ରୀ ସୃଷ୍ଟି କରେ ।

ଡିମିରି ବା ବାଇଗବା ଫଳରେ ଖଡ଼ିକା ଫୋଡ଼ି ପିଲାଦିନେ ଆମେ ରଥ
ଗଢ଼ୁଥିଲୁ । ରାଓ କବି ସେଥିଲାଗି 'ବର୍ଣ୍ଣବୋଧ'ରେ 'ରଥଗଢ଼' କଥାଟି ଲେଖିଛନ୍ତି,
ଓଟ ଚଢ଼' କଥାଟି ଅବଶ୍ୟ କାଳ୍ପନିକ । କଲିକତା ଚିଡ଼ିଆଖାନା ନ ଦେଖିବା ପର୍ଯ୍ୟନ୍ତ
ଓଟ ଦେଖି ନ ଥିଲି, ଚଢ଼ିବା ତ ଦୂରର କଥା । ଏବ ପିଲାମାନେ ଆଉ ରଥ
ଢ଼ନ୍ତି ନାହିଁ; ଡିମିରି ବାଇଗବା କିମ୍ବା ନଡ଼ିଆ ଗୋଟମା ପ୍ରତି କାହିଁକି ଆଦର
ହିବ ?

ଆମ ଦାଣ୍ଡକୁ ଲାଗି 'ହାତ ଗଡ଼ିଆ' କୂଳରେ ଗୋଟିଏ ଗଡ଼ା ଆମ୍ବତୋଟା
ଛି । ସେଇ ପୋଖରୀ ପାଣିରେ ଅନେକ ଆମ୍ବଡାଳ ବୁଡ଼ିଥାଏ, ପୁଳା ପୁଳା
ଷରେ ବେଙ୍ଗ ଡ଼ିମ୍ବ ଛାଡ଼େ, ଅଭିଭାବକ ବେଙ୍ଗମାନେ ନବ ବର୍ଷାରମ୍ଭରେ ଭାରି
ଟାଏ ମଉଛା ଜମାନ୍ତି, ତା କୂଳ କିଆବାଡ଼ରେ କଇଞ୍ଚ ଡ଼ିମ୍ବ ଦିଏ, ବିଲୁଆ ଚୁଆ
ରେ । ପାଣିକି ଫୋପଡ଼ାରେ ପିଟିଲେ 'ରାଜ୍ୟରେ କି ବିପ୍ଳବ ହେଲା' ଭାବି
ଉପାଡଳିଆ କଇଞ୍ଚ ଉପରକୁ ଉଠେ, ଧରା ପଡ଼େ, ଏହାର କୂଳେ କୂଳେ କୋଟିଆ
ଡି, ସୂତାରେ ବନିଶି କଣ୍ଟା ଯୋଖି ଜିଆନାଡ଼ ଗୁନ୍ଥି ପକାଇଲେ କୋଟିଆ ଧରେ,
ହୋଇ ପଦାକୁ ଆସେ ।

ଏଇ ତୋଟାରେ ବସି ମୁଁ ଲେଖାଲେଖି କରୁଥିଲି ତାଙ୍କ ଅମାୟିକ ଯିବ ଲକ୍ଷ୍ମୀପୂଜା କରି ମୁଁ ଏଇ ତୋଟାକୁ ପୁରବଢିଆ ମଣ୍ଡାପିଠା ଫିଙ୍ଗୁଥିଲି, ସେହିପରି ସୁମିଷ୍ଟ ଅମ୍ବମାନ ଫଳେଇବା ପାଇଁ ଅଳି କରି ।

ଏଇ ତୋଟାର ଡାଳମାନଙ୍କରେ ବାଘୁଆ ମହୁମାଛି ଫେଣା କବାଟ ପରି ଲମ୍ବି ଅଛୁଥିଲା । ଡାଳରେ ବହୁତ କାଇ (ଲାଲ ଡହା)ଙ୍କର ଭସା ଥିଲା । ତାର ଧଳା ଡିମ୍ବ ଗୁଣ୍ଡି କିମ୍ବା ଚିତୁଡ଼ି ଭସାର ହଳଦିଆ ଡିମ୍ବ ଗୁଣ୍ଡି ବନିଶିଆ ପୋଖରୀରୁ ଟପ୍ ଟାପ୍ କଇ, ମାଗୁର ଛାଣୁଥିଲେ, କୋଉ କୋଉ ଗଛମୂଳେ ଥିଲା ଭଞ୍ଜ ଭଞ୍ଜ ଉଇ ହୁଙ୍କା, ଗୋଟାଏ ଗୋଟାଏ ଅମୁହାଁ ଦେଉଳ ବା ଦୁର୍ଗ ପରି ଦିଶୁଥିଲା । ଗୋଖର ବା ତମଙ୍କର ଅସ୍ଥାନ ଥିଲା ସେସବୁ । ଭୟରେ ଆମେ ତା ପାଖ ମାଡ଼ୁ ନ ଥିଲୁ ।

ଓମ.ଅ ଧନ ତା ଉପରେ କୁରଢି

ସେ ଦିନର ଦୁଇଟି ଝିଙ୍ଗି ଶିବପାର୍ବତୀଙ୍କ ପରି ମିଶି ଆଜି ଗୋଟିଏ ହୋଇଛି । ତାର ଦୁଇଟି ଶାଖା—ଗୋଟିକରେ ସିନ୍ଦୁରୀ ଫଳେ, ଅନ୍ୟଟିରେ ବଡ କାଳି କଦଳିଆ ଆମ୍ବ । ଦେଖାସୁନ୍ଦର ଗଛଟି ବଡ଼ ଝଡ଼ଙ୍କ ଦାଉରେ ଉଧେଇ ପାରିଲା ନାହିଁ । ସେଇଟି କେବେ ବଉଳିବାର ଦେଖିନାହିଁ ।


ଆମ୍ବଗଛରେ ମୁଣ୍ଡି ବଉଳ ହେବା ସଙ୍ଗେ ସଙ୍ଗେ ଆମ ମନ ଅପୂର୍ବ ଆନନ୍ଦରେ ବିଭୋଳି ଉଠୁଥିଲା । ମଳୟର ଝାଇଁ ଧାଇଁ ସାଇଁ ସାଇଁ ମଧ୍ୟରେ କୋଇଲିର ସ୍ୱର ତୋଳୁଥିଲା ଅପୂର୍ବ ହିଲ୍ଲୋଳ ।

ଛାଚିନବାଡିଆ, ଗୁଡ଼ପାଣିଆ, ରସକଦଳିଆ, କାଳିକଦଳିଆ, ନାକୋଇ, ନଢେଇ, ସିନ୍ଦୁରୀ, ଗିରୁଡ଼ି, କଞ୍ଚାପୁଆଦୀଆଦି ନାନା ଜାତିର ଆମ୍ବଗଛ ଏଇ ତୋଟାରେ ଅଛି । ଏଠି ଗୁଣ୍ଡୁଚି ସଙ୍ଗେ କୁଆର ଝଗଡ଼ା ଲାଗେ, ବେଳେ ବେଳେ ମୁହଁ ଦେଖାନ୍ତି ଯୋଗିଷିଆ ଗୋଧି, ନେଉଳ । ଗଛ ସନ୍ଧିରେ ବସି ବୋବାଏ କୁମ୍ଭାଟୁଆ, ଏ ଗଛରୁ ସେ ଗଛ ଉଡ଼ିଯାଏ ହଳଦିବସନ୍ତ । ଖରଦିନେ ଡାମରା କୁଆ ଗଛପାଚିଲା ଆମ୍ବରେ ଥଣ୍ଟ ମାରି ଝଡ଼ାଇ ତଳେ ଖସିଲା ବେଳେ ପିଲାଏ ଛଡ଼ାଇ ନେଇଯାନ୍ତି ।

ରଜାଙ୍କ ରଜୁତି, ଜମିଦାରଙ୍କ ଜମିଦାରୀ ଯିବା ସଙ୍ଗେ ସଙ୍ଗେ ବଣିଆ ବଗିଚା, ବଡ଼ତୋଟା, ପୁରଜନା ତୋଟା, ଗୋପିଆ ମାଆ ତୋଟା କୁରଢି ଦାଢ଼ରେ ଶୋଇ ପଡ଼ିଲା । ଏସବୁ ତୋଟା ଏତେ ଗହଳ, ନିର୍ଜନ ଯେ ଦିନ ଦିପହରେ ଏକୁଟିଆ ଯିବାକୁ ଡର ମାଡ଼ୁଥିଲା, ଦୁଖୀରଙ୍କୀଙ୍କର ଭରସା ଥିଲା, ଥକ୍କା ବାଟୋଇର ବିଶ୍ରାମ ସ୍ଥାନ ଥିଲା । ଭାଗ୍ୟକୁ ଆମ ତୋଟାଟି ଉପରେ ଆଞ୍ଚ ଆସି ନ ଥିଲା, ଆମ ପରିବାରର ସ୍ଥାବର ସଭ୍ୟ ଯେମାନେ, ପୋଷକ, ପିଲାଦିନେ ଡାଳିମାକୁଡ଼ି ଖେଳର ଅଙ୍ଗଲଗ୍ନ, ନାନା ସ୍ମୃତିର ଆଧାର, ପାରିବାରିକ ଇତିହାସର ମୂକସାକ୍ଷୀ, ଗ୍ରୀଷ୍ମକାଳ ଦ୍ୱିପ୍ରହରରେ ଗୋଧନର ଆଶ୍ରୟସ୍ଥଳୀ ଏଇ ତୋଟା, ଏହାର ମୂଲ୍ୟ କିଏ କଳନା କରିବ ? ଷଡ଼ଋତୁର ସ୍ପର୍ଶ ଏଇ ତୋଟା ମାଧ୍ୟମରେ ମୁଁ ଲାଭ କରିଛି, ପ୍ରକୃତି ଆମ୍ରର ମଞ୍ଜରୀମୁକୁଳରେ, କୋମଳ କିଶଳୟରେ; ପିକର ପଞ୍ଚମରେ ଯେପରି ମଧୁର ଭାବରେ ମୋ ହୃଦୟରେ ଧରା ଦେଇଛି, ସେପରି ଆଉ କେବେ କେଉଁଠି ଧରା ଦେଇନାହିଁ ।

# ମୋ ଜାତକ

ମୋ ଜାତକର ଫଳ, ବିବୃତ ଜୀବନକାହାଣୀ ପଢ଼ି ପାଠକମାନେ ଉଭୟର ତୁଳନାତ୍ମକ ଧାରଣା କରି ପାରିବେ । ମୋ ଜୀବନର ରାଜଯୋଗପ୍ରାପ୍ତି ଉପରେ ଟିପ୍ପଣୀ ଲେଖୁନାହିଁ, ଜୀବନକାହାଣୀ ଉପରେ ମଧ୍ୟ ମୁଁ ଟୀକା, ବ୍ୟାଖ୍ୟା ଲେଖିନାହିଁ । ଜୀବନନିର୍ମାତାଙ୍କର କେଉଁଠି କବିତ୍ୱ, ନାଟକୀୟ ଛଟା ଫୁଟାଇବାରେ ତ୍ରୁଟି ରହିଗଲା, ସମୀକ୍ଷା କରିନାହିଁ, ଯାହା ମନେ ପଡ଼ିଲା, ଲେଖି ଯାଇଛି । କ୍ରମଟା ବି ଠିକ୍ ରଖି ପାରିନାହିଁ । ମୋ ଜାତକରେ ଗ୍ରହାବସ୍ଥିତିର ଏହା ଏକ ବିହଙ୍ଗାବଲୋକନ ମାତ୍ର । ଏଥିରେ ସୂକ୍ଷ୍ମ ଗଣନା ନାହିଁ । ତେଣୁ ବ୍ୟତିକ୍ରମ ସମ୍ଭବ ।




'ଲଗ୍ନ ଓ ଷଷ୍ଠାଧୀଶ ମଙ୍ଗଳ', ଭାଗ୍ୟାଧିପତି ଚନ୍ଦ୍ର ସହିତ ଦୁର୍ଗ ସ୍ଥାନରେ ଅବସ୍ଥାନ କରୁଥିବାରୁ ଜାତକର ପ୍ରବଳ ରାଜଯୋଗ ଏବଂ ନେତୃ ସ୍ଥାନରେ ଉଚ୍ଚ ଆସନ ଦେଇ ସମ୍ମାନିତ କରାଇବ ।

---

ମୋ ଜାତକ ସଂପର୍କରେ ରାଜଜ୍ୟୋତିଷ ପଣ୍ଡିତ ମନମୋହନ ଜ୍ୟୋତିଷ ବିଶାରଦଙ୍କର ଏକ ସ୍ଥୂଳ ଗଣନା ।

ଜନ୍ମ ତାରିଖ ୭-୩-୧୯୧୪କୁ ଶକାବ୍ଦ ୧୮୩୫ କୁମ୍ଭ ୨୪ଦିନ ଫାଲ୍‌ଗୁନ ଶୁକ୍ଳ ଦଶମୀ ଶନିବାର ଦିବା ଗତ ୧୩।୧୨କୁ ଲଗ୍ନ ସ୍ଫୁଟ ୩୭।୫।୩୨।୯କୁ ପ୍ରଶସ୍ତ ବୃଶ୍ଚିକ ଲଗ୍ନେ, ସ୍ୱରାଶି ପୁନର୍ବସୁ ନକ୍ଷତ୍ରେ ମିଥୁନ ରାଶି ବିଂଶୋତ୍ତରୀୟ ଦଶାନୁସାରେ ଜନ୍ମ ସମୟକୁ ବୃହସ୍ପତି ମହାଦଶାର ଭୋଗ୍ୟ ବର୍ଷାଦି ୭।୧୧।୮।୧ ।

ପରଂ ଦ୍ୱିତୀୟ ବାଧନାଧିପ ଓ ବିଦ୍ୟାଧିପତି ବୃହସ୍ପତି ବିକ୍ରମ ସ୍ଥାନରେ ରହି ତୃତୀୟାଧିପ ଶନିଙ୍କୁ ପୂର୍ଣ୍ଣଭାବେ ସ୍ନେହ ଦୃଷ୍ଟିରେ ଦେଖୁଥିବାରୁ ଜାତକ ସଦ୍‌ଭାଗ୍ୟଶାଳୀ, ଧନଧାନ୍ୟ ଓ ଦୀର୍ଘାୟୁଯୁକ୍ତ; 'କବି ସୁଗୀତ ପ୍ରିୟଦର୍ଶନଃ ଶୁଚିର୍ଦାତାଚ ଭୋକ୍ତା ନୃପ ପୂଜିତ ସୁଖୀ'; ତୃତୀୟ ଓ ସୁଖାଧିପତି ଶନି ସପ୍ତମ କେନ୍ଦ୍ରରେ ଥିବାରୁ ମହାଶୟ ଦୀର୍ଘାୟୁ, ବହୁଳ ବିଦ୍ୟାବାନ୍, ବିଶିଷ୍ଟଜ୍ଞାନୀ, କବିବରକିଙ୍କର, ସଚ୍ଚରିତ୍ର, ଦୟାଳୁ, ନିଷ୍ଠାବାନ୍, ନୃତ୍ୟଗୀତନାଟକାଦରେ ଉଚ୍ଚ ଅଭିଜ୍ଞ, ଧର୍ମଯାଜକ ଓ ଧାର୍ମିକମାନଙ୍କ ସହିତ ସଂପର୍କିତ ସତ୍‌କୀର୍ତ୍ତିଯୁକ୍ତ ହେବେ ।

କର୍ମାଧିପ ଓ ଲାଭାଧିପ ରବି, ବୁଧ ଚତୁର୍ଥ କେନ୍ଦ୍ରରେ ବୁଧାଦିତ୍ୟ ଯୋଗହେତୁ ସାହିତ୍ୟକ୍ଷେତ୍ରରେ ଅଧ୍ୟକ୍ଷ ହେବେ ।

'ନାନାଃଗମ ଗ୍ରନ୍ଥ ବିସ୍ତର ବୋଧଃ
ପ୍ରଖ୍ୟାତନାମା ନୃପପୂଜିତଶ୍ଚ
ସାଧୁ ସୁଧର୍ମୋ ଭବତୀହ ବାଗ୍ମୀ
କେନ୍ଦ୍ରସ୍ଥିତେ ଚନ୍ଦ୍ରସୁତେ ଚିରାୟୁଃ

ଏହା ବେଦବେଦାନ୍ତ ଦର୍ଶନଶାସ୍ତ୍ରରେ ଅପାର ବୁଦ୍ଧି, ବାଗ୍ମୀ, ରାଜପୂଜ୍ୟ, ଧର୍ମ ପରାୟଣ, ଭୋଗ ବିଳାସ କୋଠାବାଡ଼ି ଯାନବାହନାଦି ବୁଧାଦିତ୍ୟ ଯୋଗରେ ପ୍ରତିଫଳିତ କରାଇ ସୁଖୀ କରାଇବ ।

ଏହା ଛଡ଼ା ଦଶମାଧିପତି ରବି ଚତୁର୍ଥ କେନ୍ଦ୍ରରେ ଥିବାରୁ ଜାତକର ବିଶ୍ୱ ବିଖ୍ୟାତ ଯୋଗ ପ୍ରବଳ ଭାବେ କରାଇବ ।

ଦଶମ ଭବନ ନାଥ କେନ୍ଦ୍ର କୋଣେ ଧନସ୍ଥେ
ବଳବତି ଯଦି ଯାନେ ଯୋଗ ସିଂହାସନସ୍ଥେ
ସ ଭବତି ନରନାଥୋ ବିଶ୍ୱ ବିଖ୍ୟାତ କୀର୍ତ୍ତି
ର୍ମଦ ଗଳିତ କପୋଳେ ସଦ୍‌ଗ୍ରହୈଃସେବ୍ୟମାଃ ।

ବିଦ୍ୟା ସ୍ଥାନରେ ସପ୍ତମ କେନ୍ଦ୍ରାଧିପତି ଓ ବ୍ୟୟାଧିପତି ଶୁକ୍ର ତୁଙ୍ଗୀ ହୋଇ ଥିବାରୁ ଜାତକକୁ ସର୍ବ ଗୁଣ ସଂପନ୍ନ ଓ ଗୁରୁ ଗୌରବ ଯୁକ୍ତ ଓ ବିଶ୍ୱ ଦରବାରରେ ପୂଜ୍ୟ କରାଇବ ।

ଏ ମହାଶୟ ଶାନ୍ତ, ଧୈର୍ଯ୍ୟଶୀଳ, ଊର୍ଜସ୍ୱୀ, ଅଗ୍ରଗାମୀ, ପ୍ରତ୍ୟୁତ୍ପନ୍ନମତି, ସର୍ବାଗ୍ରେପୂଜ୍ୟ, ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ସ୍ୱଳ୍ପକୁଟୁମ୍ବୀ, ସଦା ସନ୍ମାନଶୀଳ, ସଦାସ୍ମିରା, ମୃଦୁଭାଷୀ, ବାଗ୍ମୀ, ଅଧ୍ୟବସାୟ ସାହସ ସହିତ କର୍ମଯୋଗୀ ଇତ୍ୟାଦି ବହୁଗୁଣଯୁକ୍ତ । ସ୍କୁଲ, କଲେଜ, ଚିକିତ୍ସାଳୟ ଆଦି ଦେଶ କଲ୍ୟାଣ କର୍ମମାନ ଆନୁଷ୍ଠାନିକ ଭାବେ ପ୍ରତିଷ୍ଠା କରାଇବେ । ଜାତକର ୭।୧୧।୮।୧ ଠାରୁ ଅର୍ଥାତ ୮।୧୧।୧୯୨୫ ଠାରୁ ଜାତକର କ୍ରମଶଃ ବିଦ୍ୟାର୍ଜନ ସହ ଉତ୍ତରୋତ୍ତର ଦୁଃଖ୍ୟାତି,

ରାଜ ପ୍ରଶଂସା, ସର୍ବ କ୍ଷେତ୍ରରେ ପ୍ରଶଂସନୀୟ ଓ ବିଶ୍ୱ ସମ୍ମାନ ଲାଭ ଶେଷ ଜୀବନ ପର୍ଯ୍ୟନ୍ତ (୮।୪।୧୯୯୬)' ।

## ବ୍ରତଘର

ଆମ ଗାଆଁରେ ଗୋପେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ବର୍ଷ ଭାଇନାଙ୍କର ଓ ମୋର ବ୍ରତଘର ହୋଇଥିଲା । ଦଶ ବାର ବର୍ଷ ବୟସ ହେଲେବି ସେତେବେଳେ ଲଙ୍ଗଳା ହୋଇ ତେଙ୍ଗଡ଼ାରେ ହାଣ୍ଡି ଛୁଇଁ ପଖାଳ ବାଢ଼ି ଆଣି ଖାଉଥିଲି । ବ୍ରତଘର ପୂର୍ବରୁ ମାସେକାଳ ବନ୍ଧୁବାନ୍ଧବଙ୍କ ଘରେ ଦି'ଭାଇ ଶୁଖୁଆ ଖାଇ ବୁଲିଥିଲୁ । ସେ କାଳେ କୁଣିଆଁ ମଇତ୍ରଙ୍କ ଘରକୁ ଯାଇ ସାତ ଆଠ ଦିନ ରହିବା ଗୋଟିଏ ସାଧାରଣ ଘଟଣା ଥିଲା । ବଡ଼ ହେବା ପରେ ଶୁଖୁଆଖିଆ ମନା । ଆଗେ ଜୀବନସାରା ଶୁଖୁଆ ଛାଡ଼ିବାକୁ ହେଉଥିଲା । ଏବେ ଗୁଡ଼ଳୀରୁ ତାମଡା, କୋକଲିରୁ ଇଲିସି ଶାସନୀଏ ନିର୍ବିକାର ଚିତ୍ତରେ ଖାଉଛନ୍ତି ।

ମଙ୍ଗଳ ଦିନ ଘଡ଼ିରେ ପାହାନ୍ତି ପଖାଳ, ଠେଶର, ମହୁର ଆମକୁ ଗିଳେଇ ଦିଆ ହୋଇଥିଲା । ବ୍ରତଘର ଦିନ ଓପାସେ ରହିଲେ ବି ଆମ୍ବିଲି ହାକୁଟି ଉଠୁଥିବ । କାନଫୋଡ଼ା, ପୁଂସବନ, ଜାତକର୍ମ, ନାମକରଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ, ଉପନୟନ, ବେଦାରମ୍ଭ, ସମାବର୍ତ୍ତନ ଆଦି ଦଶକର୍ମ ଆମର ଏକା ଦିନକେ ହୋଇଥିଲା । ଛେନା, ଗୁଡ଼ ଖାଉଁ ଖାଉଁ ରୂପା ଛୁଞ୍ଚିରେ କାନ ଫୋଡ଼ି ସୂତା ଗଳେଇ କ୍ଷତ ସ୍ଥାନରେ ଚନ୍ଦନ ସିନ୍ଦୂର ଲଗାଇ ଦିଆ ହୋଇଥିଲା । ଆମ ବେଦୀକୁ ଗଣେଶ, ଇନ୍ଦ୍ର, ବ୍ରହ୍ମା, ବାୟୁ, ଅଗ୍ନି, ଆଦିତ୍ୟ, ବରୁଣ, ଦଶଦିଗ ପାଳ, ଧୃତି, ପୁଷ୍ଟି, କ୍ଷମା, ସ୍ୱାହା, ସ୍ୱଧା, ସାବିତ୍ରୀ, ଲକ୍ଷ୍ମୀ, ସରସ୍ୱତୀ ଆଦି ସ୍ୱର୍ଗର ଦେବତାମାନେ ଓହ୍ଲାଇ ଆସିଥିଲେ । ପୂର୍ଣ୍ଣକୁମ୍ଭର ମୁଖରେ ରୁଦ୍ର, କଣ୍ଠରେ ବିଷ୍ଣୁ, ତଳେ ବ୍ରହ୍ମା, ମଧ୍ୟ ଭାଗରେ ମାତୃଗଣ, ଗର୍ଭରେ ସପ୍ତ ସମୁଦ୍ର, ସପ୍ତଦ୍ୱୀପା ମେଦିନୀ ଆସି ବିଜେ କରିଥିଲେ । ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ, କୁରୁକ୍ଷେତ୍ର ପ୍ରଭାସ ଗୟା ଆଦି ପୁଣ୍ୟ ତୀର୍ଥମାନ ଆସି ବାସ କରିଥିଲେ, ଆସିଥିଲେ ସ୍ୱୟଂ ଶୁକ୍ଳାମ୍ବରଧର, ପ୍ରସନ୍ନବଦନ ବିଷ୍ଣୁ, ଅତସୀ କୁସୁମ ଶ୍ୟାମ, ପୀତବାସ କୃଷ୍ଣ । ଓହ୍ଲାଇ ଆସିଥିଲା ଗୁରୁ କୁଳ ସଂସ୍କୃତି, ଗୁରୁଗୃହ ବାସ, ବେଦାଧ୍ୟୟନ, ଦୀକ୍ଷାଦାନ—ସେ ସବୁ ବୁଝିବା ଲାଗି ସେତେବେଳେ ମୋର ଶକ୍ତି ନ ଥିଲା । ଛଣପଟ ଡାଲ ପିନ୍ଧି କାନ୍ଧରେ ଉଦୁମ୍ବର ଖଡ଼ା ପକାଇ ଦୀର୍ଘ ସଂସ୍କୃତମନ୍ତ୍ର ଶୁଣି ହୋମଧୂଆଁରେ ମୋତେ କାନ୍ଦିବାକୁ ହୋଇଥିଲା । ପଞ୍ଚଗ୍ରାସ (ପାଞ୍ଚୋଟି ଗୁଣ୍ଡା) ନାମରେ ମୋତେ ଫାଲୁଆ ଗୁଣ୍ଡା ଗିଳିବାକୁ ହୋଇଥିଲା ।

ଗୋବର, ଭୂମି, ସୁନା, ଧାନ, ପୁସ୍ତକ ଏଥି ମଧ୍ୟରୁ କଣ ଗ୍ରହଣ କରିବି ବୋଲି ମୋତେ ପଚରା ଯାଇଥିଲା । ଭୂମି, ଗୋବର, ଧାନ କୃଷି ସହିତ, ସୁନା ହୁଏତ ଶିଳ୍ପ ସହିତ, ପୁସ୍ତକ ବିଦ୍ୟା ସହିତ ସଂପୃକ୍ତ । ମୁଁ ପୁସ୍ତକଟି ଗ୍ରହଣ କରିଥିଲି, ମନେ ପଡୁଛି ।

ଗୁରୁସେବା, ଅରଣ୍ୟରୁ ସମିଧ ଆହରଣ, ସ୍ମୃତିନିହିତ ଯମ ନିୟମାଦି ପାଳନ, ସତ୍ୟଭାଷଣ କର୍ତ୍ତବ୍ୟ ବୋଲି ପୁରୋହିତ ବା ଗୁରୁ ଉପଦେଶ

ଦେଇଥିଲେ । ମୁଁ କେବଳ ଶେଷ ଉପଦେଶଟି ଯଥା ସମ୍ଭବ ପାଳନ କରି ଆସିଛି, ମଦ୍ୟ ମାଂସ ବିସର୍ଜନ, ବୃକ୍ଷାରୋହଣ, ନଦୀ ପୁଷ୍କରିଣୀରେ ସନ୍ତରଣ ଅକର୍ତ୍ତବ୍ୟ ବୋଲି ଉପଦିଷ୍ଟ ହୋଇଥିଲି । ଏଥିମଧ୍ୟରୁ ମଦ୍ୟପାନ କରିନାହିଁ । ଆମ୍ବ, ଲିମ୍ବ ଓ ଜାମ୍ବୁ ଫଳ ତୋଳିବା ଲାଗି ବୃକ୍ଷାରୋହଣ କରିଛି । ସନ୍ତରଣ କାହିଁକି ବାରଣ କରା ଯାଇଥିଲା ଏ ପର୍ଯ୍ୟନ୍ତ ବୁଝି ପାରିନାହିଁ ।

ଧ୍ରୁବ ମାମୁଁ ଓ ନାଦ ମାମୁଁ ଥାଳୀ ଧରିଥିଲେ । ଟଙ୍କା, ଅଧୁଲି, ସୁଉକି, ସୁନା ମୁଦି, କଣ୍ଠି ଓ ନୋଳିରେ ଆଞ୍ଜୁଳା ପୂର୍ଣ୍ଣ ହୋଇ ଯାଇଥିଲା । ତେଲଙ୍ଗୀ ବାଜା ବାଜୁଥିଲା । ଯୋଡ଼ିନାଗରା ସଙ୍ଗେ ଯୋଡ଼ିମହୁରୀ ଛାନ୍ଦ ସ୍ୱର ଧରି ବାଜୁଥିଲା । ସ୍ତ୍ରୀ ଲୋକମାନେ ନାନା ରଙ୍ଗର ପାଟ, ଛିଟ ପିନ୍ଧି ଓଢ଼ଣା ପକାଇ ଆସି ଘୃତ ପକ୍ୱ ଚରୁଅନ୍ନ ମାମୁଁ ଧରିଥିବା ଥାଳୀରେ ଦେଇ ହାତ ଧୋଇ କିଏ କାନନୋଳି, କିଏ ଅନନ୍ତବ୍ରତ, ଖଡ଼ୁ, କଣ୍ଠି, ପଇତା ମୁଦି, ରୂପା ଟଙ୍କା ବଢ଼େଇ ଥିଲେ, ପୁରୋହିତେ ପ୍ରତ୍ୟେକ ଥର ବୋଲିଥିଲେ—ଭବନ୍ ଭିକ୍ଷାଂ ଦେହି । ପୁରୁଷମାନେ ହୋମାଗ୍ନିରେ ଘୃତାହୁତି ଦେଇ ବଢେଇ ଥିଲେ । ସେତେବେଳେ ବ୍ରତ ବନ୍ଦାଣ ଗୀତ ଲୋକରେ ପ୍ରଚଳିତ ଥିଲା—

‘ମାଆ ଦେବେ ବଡ଼ ଭିକ      ହୀରା ଲଗା ଖଡ଼ୁ
ବାପା ଦେବେ ବଡ଼ ଭିକ      ହୀରା ବାଟି ଗଡ଼ୁ ।
ଆଈ ଦେବେ ବଡ଼ ଭିକ      ହୀରା ଲଗା ନୋଳି
ଅଜା ଦେବେ ବଡ଼ ଭିକ      ହୀରା ଲଗା ମାଳି ।
ପିଉସୀ ଦେବେ ବଡ଼ ଭିକ      ସୁବର୍ଣ୍ଣ ମୁକୁଟା
ପିଉସା ଦେବେ ବଡ଼ ଭିକ      ସୁବର୍ଣ୍ଣ ପଇତା ।

X          X          X

ବରତ କଲ ବିଭା ନ କଲ ଏ ଘରେ କାର୍ଯ୍ୟ ନାହିଁ
କାନ୍ଧରେ ବାଡ଼ି ବୁଲାଇ ବୁଲିବୁ ଦେହି, ଦେହି ।

ବ୍ରତ ପରେ ପ୍ରାୟ ବେଳବୁଡ଼କୁ ପଟୁଆରରେ ରୋଷଣି ହେଲା—ଯୋଡ଼ିନାଗରା, ତେଲିଙ୍ଗୀ ବାଇଦ, ଢୋଲ, ଚାଙ୍ଗୁ, ପେଙ୍କାଳି ଏକାବେଳକେ ବାଜି ଉଠିଲା; ଦେଖଣାହାରୀ ଖୁବ ଚାଲିଥିଲେ । ରୋଷଣି ବେଳେ ମୋତେ ଯାହା ଶିଖାଇ ଦିଆ ହୋଇଥିଲା, ମୁଁ କହିଲି—

‘କୁଆଡ଼େ ଯାଉଛ ?’’

‘‘ରୁଷି ଯାଉଛି ।’’

‘‘କାହିଁକି ?’’

‘ମାମୁଁ ବ୍ରତ କଲେ, ନନା ବିଭା ଦେଲେ ନାହିଁ ।’’

‘‘କେତୋଟି ବିଭା ହେବ ?’’

‘‘ସାତୋଟି ।’’

ଗୋଟିଏ କହିଥିଲେ ଠିକ୍ ହୋଇଥାନ୍ତା । କିନ୍ତୁ ହାସ୍ୟୋଦ୍ରେକ କରେଇବା ଲାଗି ସାତୋଟି ବୋଲି ଶିଖାଇ ଦିଆ ହୋଇଥାଏ । ଉପୁଳେଇ ଠାକୁରାଣୀଙ୍କଠି ଆଞ୍ଜୁଳି

ଘୁଉଳ, ଘୁଆ ଢାଳି ଦର୍ଶନ କରି ଆସିବା ପରେ ରୋଷଣି ବଳିଲା, ରାତିରେ ଘୁମନ୍ତ ଅବସ୍ଥାରେ ମୁକୁଟ ପିନ୍ଧାଇ ଫୁଲସଖରେ ପରୁଡ଼ି ମଶିଣା ଉପରେ ବସେଇ ଦିଆ ହେଲା ।

ବନେ ମୟୂରାଃ ଗଗନେ ସୁମେଘାଃ
ଲକ୍ଷାନ୍ତରେ ଭାନୁଃ ଜଳେ ଚ ପଦ୍ମା
ଇନ୍ଦୁ ର୍ଦ୍ୱିଲକ୍ଷ ଯୋଜନସ୍ୟ ଦୂରମ୍
ଯା ଯସ୍ୟ ପ୍ରୀତି ନହି ତସ୍ୟ ଦୂରମ୍ ।

ମୁଁ ଘୁମଈଁ ଘୁମଈଁ ଏହି ଶ୍ଳୋକଟି ଆବୃତ୍ତି କରିଥିଲି, ଯେତେଦୂର ମନେ ପଡ଼େ ।

ବ୍ରତ ପରେ "ଓଁ ବ୍ରହ୍ମଣେ ନମଃ, ଧର୍ମରାଜାୟ ନମଃ, ଚିତ୍ରଗୁପ୍ତାୟ ନମଃ, ଓଁ ବ୍ରହ୍ମଣେ ସ୍ୱାହା, ଧର୍ମରାଜାୟ ସ୍ୱାହା, ଚିତ୍ରଗୁପ୍ତାୟ ସ୍ୱାହା, ଓଁ ପ୍ରାଣାୟ ସ୍ୱାହା, ଅପନାୟ ସ୍ୱାହା, ବ୍ୟାନାୟ ସ୍ୱାହା, ଉଦାନାୟ ସ୍ୱାହା, ସମାନାୟ ସ୍ୱାହା ପ୍ରଭୃତି ପଢ଼ି ମହାଜନସଖରେ ଘିଅରେ ଚଳୁ ଓ ଭୋଜନ ପରେ ଜଳରେ ଆଗମନ କରିବାକୁ ହୋଇଥିଲା । ତାପରେ ପ୍ରତିଦିନ ଚଉରରେ ଜଳ ଢାଳି ତୁଳସୀ ତୋଳା ଓ ବିଭିନ୍ନ ମନ୍ତ୍ର ବୋଲି ଠାକୁର ପୂଜା କରିବାକୁ ହୋଇଥିଲା । ପଇତା ମନ୍ତ୍ର, ସନ୍ଧ୍ୟା, ଗାୟତ୍ରୀ ଆଦି ଶିଖିବାକୁ ହୋଇଥିଲା ।

'ଜନ୍ମନା ଜାୟତେ ଶୂଦ୍ରଃ, ସଂସ୍କାରାତ୍ ଦ୍ୱିଜମୁଚ୍ୟତେ'; ବଡ଼ୁ ହେବା ପରେ ଘରେ ଦିଅଁ ଗାଧୋଇବା; ଅଶୌଚରେ ଅନ୍ୟମାନଙ୍କ ଘରେ ଦିଅଙ୍କୁ ପାଣି ଦେବା, ସପ୍ତାରେ ବକ୍ତା ହେବାର ଅଧିକାର ଜନ୍ମିଲା । ବ୍ରହ୍ମପଇତା ଥିଲେ ପାଖରେ ଭୂତ ପ୍ରେତ ପଶି ପାରିବେନାହିଁ ବୋଲି ମନରେ ବିଶ୍ୱାସ ଜନ୍ମେଇ ଦିଆହେଲା ।

ସେତେବେଳେ ବନ୍ଧୁବାନ୍ଧବଙ୍କ ଘରୁ ଆସୁଥିବା କଟକଟିଆ ଭାରରେ ନିମିତା ଚଳି ଯାଉଥିଲା । କିଏ ଦେଇଥିଲା ସାରୁ ଭାରେ, କଦଳୀ ଭାରେ, ଖମ୍ଭ ଆଳୁ ଭାରେ; କିଏ ବା ପଠାଇଥିଲା ଦୁଧ ଭାରେ; ମାଛ ଭାରେ; ମଙ୍ଗନ, ବ୍ରତଘର ଦିନ ଭୋଜି ବାଦ ବହୁତ ପନିପରିବା ବଳିଥିଲା; ବନ୍ଧୁବାନ୍ଧବ ବିଦାୟ ନେଲାବେଳେ ସେଥିରୁ କିଛି କିଛି ଗଣ୍ଠିଲିରେ ବନ୍ଧା ହୋଇଥିଲା ।

ପାଲିଙ୍କିରେ ଚଢ଼ି ସ୍କୋଷଣିରେ ଯିବା ବଡ଼ ସମ୍ମାନଜନକ ଥିଲା; କିନ୍ତୁ ମୋ ଭାଗ୍ୟରେ ତାହା ଘଟି ନ ଥିଲା । ମୁଁ ଭାଇନାଙ୍କ ସଙ୍ଗେ ଚାଲି ଚାଲି ସ୍ରୋଷଣିରେ ଯାଇଥିଲି ।

ଦାଣ୍ଡ ଦୁଆର ଓଳାପୋଛା ହୋଇ ପାଣି ଛିଞ୍ଚା ହୋଇଥିଲା; ନଡ଼ିଆ ପୋପଡ଼ା ପିଢ଼ାରେ ବ୍ରାହ୍ମଣ ମହାଜନମାନେ ବସିଥିଲେ; କଦଳୀ ପତରରେ ଲୁଣ ଦିଆହେଲା ପରେ ଅନ୍ନ, ଘିଅ, ଡାଲି, ଆମ୍ବିଳ, ନିରମିଷ ତରକାରୀ ପରିବେଷଣ କରାହେଲା । ଚଳୁ କରିବା ଲାଗି ହାତରେ ପାଣି ଦିଆ ହୋଇଥିଲା । ହାତ ଚାଲିଲା ପରେ ସାରୁ, କଦଳୀ, ଖମ୍ଭଆଳୁ ମାଛର ମହୁର ଓ ବେଶର ପରେ ଖିରୀ ଲାଗିଥିଲା ଓ ତା ଉପରେ ଖଣ୍ଡ ଛିଞ୍ଚା ହୋଇଥିଲା । ଶେଷକୁ କାକରା ପିଠା ଲାଗିଥିଲା; ପିଲାମାନେ ନ ଖାଇ ବାଁ ହାତରେ ପିଠାଟିମାନ ଧରିଥିଲେ । ସେତେବେଳକୁ କାନେକା, ମାଛ ଚହ୍ଲାଳ ଓ ଛେଞ୍ଚଡ଼ା ଚାଲୁ ହୋଇ ନ ଥିଲା । କୁକୁର ଉପଦ୍ରବରୁ ମହାଜନମାନଙ୍କୁ

ରକ୍ଷା କରିବା ପାଇଁ ସନ୍ଧ୍ୟାରେ ଦିପଟେ ବାରିକ ଜଗି ରହିଥିଲେ । ବାରିକ ଅଇଁଠା ପତର ଉଠାଇ ଫୋପାଡ଼ିଲା ପରେ କୁକୁରଙ୍କ ମଧ୍ୟରେ ଘୋର ଯୁଦ୍ଧ ଲାଗି ଯାଇଥିଲା ।

## ସେ ଦିନର ଜଣେ ଚାଷୀ

ଏମିତି ମୋ ଦିନ ଗଡ଼ି ଚାଲିଲା; ମୋ ଜାତକରେ ପାଠ ଅଛି ବୋଲି ମୋ ଜାତକ ଗଢ଼ିଥିବା ଓ ମଝିରେ ମଝିରେ ଦେଖୁଥିବା ଜଉତିଷ ବୈଷ୍ଣବ ନାହାକ କହି ନ ଥିଲେ ! ମୋ ଭେଣୋଇ ବାମନ ରଥେ ଜଣେ ବନ୍ଧୁଜନଙ୍କୁ ଆମ ଦି ଭାଇଙ୍କ ପରିଚିତ କରେଇବା ବେଳେ କହିଥିଲେ—ବଡଟି (ମୋ ଭାଇନା) ଚାଲାକୀ ଚତୁର, ସାନଟି ଓଲା । ଏଥିରେ ମୋ ମନ ଫିକା ପଡ଼ିଯାଇଥିଲା, କିନ୍ତୁ ସେ ମିଛ କହି ନ ଥିଲେ । ସାଂସାରିକ ଦୃଷ୍ଟିରୁ ମୁଁ ଆଜୀବନ ଓଲା ।

ଭାଇନା ତ ପାଠ ପଢ଼ିବାକୁ ଗଲେ, ଘରେ ରହି ଚାଷବାସ ସମ୍ଭାଳିବା ଭାର ମୋ ଉପରେ ପଡ଼ିଲା । ମୁଁ ହେଲି ଟାଆଁରେ ଜଣେ ଚାଷୀ, ମାଣ ମାଣ ଜମି ମୁଁ ଧାନ ବୁଣେ—ଗୋଲାଭଣ୍ଡି, ମୋଟଗ, କଖାରୁଆ, ଗୋଟିକା, ବିଲେଇସିଆଳି, କଳାକ୍ଷିରୀ, ହଳଦିଆମାଗୁର, ମହିପାଳ । ପ୍ରଥମେ ପ୍ରଥମେ ପାହିପଡ଼ିଆ ହେଉଥିଲା । ପରେ ଅଭ୍ୟାସରେ ସବୁ ଦୋରସ୍ତ ହୋଇଗଲା । ମୁଗ, ବିରି, ରାଶି, ସୋରିଷ ବୁଣି ଜାଣିଲି; ଖନ୍ଦକ ଖୋଳି ଖମ୍ବଆଳୁ ପକାଇଲି । ସାରୁରେ ପିଡ଼ିଆ ଦେଇ ହୁଡ଼ା ଉଠାଇଲି । କୋଳଥ ପୁଞ୍ଜି ଦେଇ ଜାଣିଲି । ବିଲରୁ ଡଲି ଓପାଡି ରୋଇଲି । କଡ଼ି, କୋଡ଼ମାଟିଆ କଲି । ଚାକର ନ ଆସିଲା ଦିନ ଗାଈ ଚରାଇଲି । ଗୁହାଳ ପୋଛିଲି । କୋଳଥ ରଗଡ଼ିଲି, କୁଳୁଚି କୁଟିଲି । ଟୋରୁପାଣି ତଡେଇ ଗୋରୁ ମୋହିଲି, କାଠ ଚିରିଲି, ମାଛ ମାରିଲି । ଗଛରେ ଚଢ଼ି ଆମ୍ବ ପାରିଲି । ଭାର ସାଙ୍ଗରେ କୁଣିଆ ହୋଇ ବନ୍ଧୁ ଘରକୁ ଗଲି । କାନ୍ଧରେ ଚୁଡ଼ାଭଜା ଉଖୁଡ଼ା ଯାଉଁଳି ପକାଇ ନାନୀକି ଦେଖିବାପାଇଁ ଗଲି । ନିମ୍ନ ମଧ୍ୟବିତ୍ତ ପରିବାରରେ ସାଆନ୍ତ ହୋଇ ବସିଲେ ଚଳେନାହିଁ । ଲୋକଙ୍କ ସାଙ୍ଗରେ ମିଶି ବାଡ଼ବୁଜାରୁ ଘରଛପର, ଦଉଡ଼ିବୋଳାରୁ ଓଳିଆବନ୍ଧା, ମାଟିବୁହାରୁ ବେଙ୍ଗଳାପକା ପର୍ଯ୍ୟନ୍ତ ସବୁ କାମ କରିବାକୁ ହୁଏ । କମାର ଶାଳରେ ଲୁହା ପଜେଇବାଠାରୁ ବଢ଼େଇ ଘରେ ଲଙ୍ଗଳ ଗଢ଼େଇବା ଓ ଲୋକ ଡାକି ବିଲରେ ପକାଇ ନିଜେ ଜଗି ବସିବାକୁ ହୁଏ । ଚାଷୀର ଜୀବନ କଠୋର ପରିଶ୍ରମୀର ଜୀବନ ।

ବିଲରେ ଧାନ କଟଚା ପଡ଼ିଥିଲେ ଲୋକଙ୍କୁ ବିଲକୁ ପଠାଇ ଦେଇ ମୁଁ ନିଜେ ଶଗଡ଼ ଯୋଚି ନେଉଥିଲି । ବିଲରେ କଳେଇ ବାହିଆ କରୁଥିଲି । ଶଗଡ଼ରେ ହଳା ନଦା ହେଲା ବେଳେ ବାଉଁଶ ଭିଡ଼ା ହେଲା ବେଳେ ସାହାଯ୍ୟ କରୁଥିଲି । ଶୀତ ଦିନର ସେ ଡାହାଣିଆ ଖରା, ବାଉରଣୀମାନେ ନଡ଼ା ଖେଳେଇ ଧାନ ଗୋଟାଇବା, ଲୋକମାନେ ଅଗ ଖୁଣ୍ଟି ଯିବା, ଧାନଖିଆ ଚଢ଼େଇ ଏ ବିଲରୁ ସେ ବିଲକୁ ଉଡୁଥିବା, କଜଳପାତିଆ ଚକ୍କର ଦେଉଥିବା ଏତିକିବେଳେ ଗୁଡ଼ିଆ ମୁଢ଼ି ଉଖୁଡ଼ା ପସର ମୁଣ୍ଡେଇ ପହଞ୍ଚୁଥିବା, ଖେତବନ୍ଧା ହେଉଥିବା ଦୃଶ୍ୟ ମୋର ମନେ ପଡ଼ି ଯାଉଛି ।

ଖେତବନ୍ଧା ବିଲ ବୋଲି ଆମର ଖଣ୍ଡିଏ ସ୍ୱତନ୍ତ୍ର ବିଲ ଥିଲା । ସେଥିରେ ଆମର ଧାନକଟା ମୁର୍ଣ୍ଡି ମରୁଥିଲା । ନଈ ପାରି କରୁଥିବା କେଉଟ, ଖିଅର କରିବା ବାରିକ, ଲୁଗା କାଚୁଥିବା ଧୋବା, ଲଙ୍ଗଳଗଢ଼ାଳୀ ବଢ଼େଇ, ଲୁହାପଜାଳୀ କମାର ଏଇ ବିଲରୁ ବରତନ ବାବତକୁ ଗୋଟିଏ ଗୋଟିଏ କଳେଇ ପାଉଥିଲେ । ଆମ ଘରେ ଲାଗିଥିବା ଲୋକମାନେ ଶେଷ ମୁଥିଆ ବଡ଼ ବଡ଼ କୋଡ଼ିକିଆ କାଟୁଥିଲେ; ଧାନକଟା ପରେ ବିଲର ଗୋଟାଏ କଣରେ ଦୁଇ ଚାରି ଧାନ ଗଛ ଛାଡ଼ି ଦିଆ ହେଉଥିଲା—ମହାଲକ୍ଷ୍ମୀଙ୍କର ପ୍ରତୀକ, ମୁଁ ଘରୁ ଛେନାଗୁଡ଼ ଆଣି ଭୋଗ କରୁଥିଲି ଘରୁ ଆଣିଥିବା ଟୋକେଇକ ମୁଢ଼ି ଉଖୁଡ଼ା କାମ କରୁଥିବା ଲୋକଙ୍କୁ ବାଣ୍ଟି ଦେଉଥିଲି ।

ମନେ ପଡ଼େ ପାଳଭୂତ କଥା—ମଶାଣି ଭୂତ, ଖର୍ଣ୍ଣିଆ ଭୂତ ଓ ପାଳଭୂତ, ଏଇ ତିନି ଭୂତଙ୍କ ସଙ୍ଗେ ଆମର ସଂପର୍କ ଥିଲା; ମଶାଣି ଭୂତ ନାଆଁରେ ଛାତି ଥରି ଉଠୁଥିଲା; ଖଣ୍ଡିଆ ଭୂତ ସଙ୍ଗେ ଖେଳୁଥିଲୁ, ପାଳଭୂତ କଳାର କଳ୍ପନାରେ ଅଦଭୁତ ଏକ କୌତୁକ ବସ୍ତୁ ଥିଲା । ମଣିଷଙ୍କୁ ଡରଉଥିଲେ ମଶାଣି ଭୂତ; ଜୀବଜନ୍ତୁଙ୍କୁ ଭୟ ଦେଖାଉଥିଲେ ପାଳଭୂତ । କାଳେ ଭଲ ଫସଲରେ ଡାହାଣୀ, ଡାହିଣୀଙ୍କ ଦୃଷ୍ଟି ପଡ଼ିଯିବ, ସେଥିଲାଗି ଖେତ ମଝିରେ ଗୋରୁ ମୁଣ୍ଡ ବି ଟାଙ୍ଗି ଦିଆ ହେଉଥିଲା ।

ବେଳେ ବେଳେ ଖଳାରେ ବଡ ତରବରରେ ମୁଁ ଗଦାଉଥିଲି ଘଷିକରଡ଼ା, ପହିଲି ଆଷାଢ଼ୁଆ ମେଘ ମାଡ଼ି ଆସିବାର ଦେଖି । ଘଷିକରଡ଼ା ଓଦା ହେଲେ ଡାହାଣୀ ପୋକ ଖାଇଯିବାର ଶଙ୍କା ଥିଲା ।

ବେଳେ ବେଳେ ପବନ ମୁହଁରେ ଉଡ଼ାଉଥିଲି ମୁଗ ବୋଡ଼ି । ବଡ଼ ଆଗ୍ରହରେ ଗାଈ, ବଳଦ ତାକୁ ଗିଳିଯାଉଥିଲେ; ବେଳେ ବେଳେ ଗୋରୁ କୁଣ୍ଡରେ କୁଣ୍ଡା ବଦଳରେ ମୁଗ ବୋଡ଼ି ପଡ଼ୁଥିଲା ।

ଡାହାଣିଆ ଖରାରେ କୋଳଥ, ବିରି, ମୁଗ ଅମଳର ସେଇ ଦୃଶ୍ୟ ଆଖି ଆଗରେ ନାଚି ଯାଉଛି; ରୁକ୍ଷ ବିଲ ମତେ ମହ ମହ ବାସୁଥିଲା, ଧାନ କେଣ୍ଡା ସଙ୍ଗେ ମୋର ମନର ମମତା ଗୁନ୍ଥି ହୋଇ ଯାଇଥିଲା । ଦୁଃଖର କଥା, ଖେତ ନୁହେଁ, କାଗଜ ମୁଁ ଚଷିଲି ।

ଗୋରୁ ଆଉ ମଣିଷ—ଏମାନଙ୍କ କବଳରୁ ରକ୍ଷା କରିବା ଲାଗି ମୁଗ ବିଲ ଜଗି ଯାଉଥିଲି । ପ୍ରଚଣ୍ଡ ଦିପହରର ଖରାବେଳେ ଏକୁଟିଆ ଗୋଟାଏ ବାଉଁଶ ଗୋରଡ଼ିରେ ବସୁଥିଲି । କେହି କୁଆଡ଼େ ନାହିଁ, ଡର ମାଡ଼େ; କାଳେ ଭୂତ ପ୍ରେତ କି ବ୍ରହ୍ମରାକ୍ଷସ ବାହାରିବ । ଡର ମାଡ଼ିଲେ ବ୍ରହ୍ମ ପଇତାକୁ ହାତରେ ଗୁଡ଼ାଏ— ବାଉଁଶ କିଟିକିଟି ଡାକୁଥାଏ—ସୁ-ସୁ-ସାଇଁ-ସାଇଁ ଗହୀରରେ ମରୀଚିକାର ଝାଲର । ଚକ୍‌କର ଦେଉଥାନ୍ତି ଖରା ଝାଇଁ ଝାଇଁ ଆକାଶରେ କେତୁବା ଶାଗୁଣା ।

ଧାନ ପାଚିଥିଲା ବେଳେ ଦୂର ଦୂରନ୍ତର ବିଲକୁ ଜଗିବାକୁ ଯାଏ—ଲୋକେ ମେଣ୍ଡା କରିବା ନାଆଁରେ ଗୋଛା ଗୋଛା ଧାନ ଛିଣ୍ଡାର ନିଅନ୍ତି । ଘରେ ଦୁଆରେ ଧାନର ମେଣ୍ଡା ଝୁଲାଇବା ସେକାଳର ଗୋଟାଏ ବଡ଼ ସଉକ ଥିଲା ।

କେହି କେହି ଧାନ କିଆରି ମଝିରେ ଲୁଚି ବସି ଗେଣ୍ଡା ମୁହଁ ଦାନ୍ତରେ କେଣ୍ଡାସବୁ ଛିଣ୍ଡେଇ ଚୋବେଇବାରେ ଭର୍ତ୍ତି କରି ଢାଳ ଘୋଡ଼େଇ ଘରକୁ ଫେରନ୍ତି । ସତେ ଯେପରି ଘଷି ଗୋବର ଗୋଟେଇ ବା ଢାଳ କରି ଯାଇଥିଲେ ।

ମୋ ସଙ୍ଗେ ଭଗବାନ୍ ଦାଶଙ୍କ ପୁଅ ରମଦାଶ ଧାନ ଜଗି ଯାଉଥିଲେ । ଭଲ ବାସନା ଧାନ ଛିଣ୍ଡାଇ କାନିରେ ଥୋଇ ବାଡ଼ିରେ କୁଟୁଥିଲୁ, ଚିଡ଼ର କି ସରୁ ସରୁ ପତ୍ର ଯେଥିରେ ପକାଉଥିଲୁ । କୁଣ୍ଡା ଉଡ଼େଇ ଦେଉଥିଲୁ; ଏହାକୁ "ଚେଙ୍ଗେଇଚାଉଳ" କୁଟା କହନ୍ତି । ସେ ବାସନା ଚେଙ୍ଗେଇଚାଉଳକୁ ଆମେ ଖାଉଥିଲୁ । ସେତେବେଳେ ଚାଉଳ ଚୋବେଇବା ଖେଳସାଇରେ ଗୋଟାଏ ରୀତି ଥିଲା—ସେଇ ପ୍ରଭାବରେ ହୁଏତ ଆମେ ଯା କରୁଥିଲୁ । ସେତେବେଳେ ସେ ଭଲ ଲାଗୁଥିଲା, ଯେମିତି ଭଲ ଲାଗୁଥିଲା କୋଇଲିପାଚୁଡ଼ା ଆମ୍ବ, କଷି କଇଁଆ, କରମଙ୍ଗା କଷି, କିମ୍ବା ତୁଚ୍ଛାଡିତୁଚ୍ଛ କଣ୍ଟେଇ କୋଳି, ଶରଢ଼ ବାଟୁଆ କୋଳି ।

ଏମିତି ଘର କାମରେ ମୋର ହାଡ଼ ଶକ୍ତ ହେଲା । ନନା 'ହଂସ ଦୂତ'ରୁ ଶ୍ଳୋକ ଶିଖାଇଲେ—

ଦୁକୂଳଂ ବିଭ୍ରାଣଂ
ଦଳିତ ହରିତାଳ ଦ୍ୟୁତିହରମ୍

ବ୍ରାହ୍ମଣ ଘର; ଫୁଲସଭାରେ ଅବଶ୍ୟ ବସିବି; ସେଠି ମୂକ ହୋଇ ବସିଲେ ଲୋକେ କହିବେ—ଡେଙ୍ଗା ମାଗୁଣି ଦାଶ ଏତେବଡ଼ ପଣ୍ଡିତ, ତାଙ୍କ ପୁଅଟା ବଣ୍ଡ ମୂର୍ଖ । ଏଇ ଲୋକଲଜ୍ଜାରୁ କୁଳକୁ ରକ୍ଷା କରିବା ଲାଗି ମୁଁ 'ମହାନାଟକ'ରୁ—

'ରମାଭିଷେକେ ମଦବିହ୍ୱଳାୟାଂ
କକ୍ଷଚ୍ୟୁତା ହେମଘଟ ସ୍ତରୁଣ୍ୟାଃ
ସୋପାନମାରୁହ୍ୟ କରୋତି ଶବ୍ଦମ୍
ଠଂଠଂ ଠଠଠଂ ଠଠଠଂ ଠଠଠଂ ।

ରମଲକ୍ଷ୍ମଣ ପୂର୍ବଜଂ ରଘୁବରଂ ସୀତାପତି ସୁନ୍ଦରମ୍
କାକୁତ୍ସ୍ଥଂ କରୁଣାକରଂ ଗୁଣନିଧିଂ ବିପ୍ରପ୍ରିୟଂ ଧାର୍ମିକମ୍

ଶ୍ଳୋକ ଶିଖିଲି । ପାଞ୍ଚ ସାତ ଶ୍ଳୋକ ଶିଖି ବୋଲିଲା ପରେ ନନାଙ୍କର ବିଶ୍ୱାସ ହେଲା—ମୋର ମୂର୍ଖ ଦୋଷ କଟିଛି ।

ପ୍ରାଥମିକ ସ୍କୁଲ କାନ୍ଥରେ ଲେଖା ହୋଇଥିଲା—

ପିଲାମାନେ ପାନ ଖାଆନ୍ତି ନାହିଁ
ଖାଇଲେ ତ ପାଠ ଆସଇ ନାହିଁ ।

ଏବେ ଘରେ ଅସୁବିଧା । ନନା କିମ୍ବା ବୋଉ କେହି ପାନ ଖାନ୍ତିନାହିଁ । କୁଣିଆଁ ମଇତ୍ର ଆଇଲେ କାହା ଘରୁ ମାଗି ଆଣିବାକୁ ପଡ଼େ—ଅସୁନ୍ଦର; ମାନମର୍ଯ୍ୟାଦା ଦେଖାଇବାର ସେ କାଳର ଗୋଟିଏ ରୀତି ହେଉଛି—କୁଣିଆଁ ଆସିବା ମାତ୍ରେ ଗୋଡ଼ ଧୋଇବାକୁ ପାଣି ଦେବା, ବସିବା ଲାଗି ମସିଣା ପକେଇ ଦେବା ଓ ବଟୁଆ ଆଣି ଥୋଇବା; ଜଳଖିଆ ଅବଶ୍ୟ ଅଧିକା କଥା । ବେଳ କାଳ ଦେଖି ସେ ବ୍ୟବସ୍ଥା ହୁଏ ।

# ସଂଗ୍ରାମ ଓ ସାଧନା

ନନା ମୋତେ ପାନଖିଆ ଶିଖେଇଥିଲେ, ପରଦ୍ୱାରସ୍ଥ ହେବାକୁ ହେବନାହିଁ ବୋଲି । କଣ୍ଢିଲେର ପାନଡବା, ବାଳକାଟିର ପିକଦାନୀ, ଚୂନଦାନୀ, ଅଚ୍ୟୁତ ପୁର ଗୁଆକାଡି, ପିପିଲିର ବଟୁଆ ସବୁ ଆମର ଥିଲା । ପଇସାକର କଷା ଗୁଆ, ଅଧଅଣାକର ପାନ, ଚୂନ ଖଇର କିଣା ହୋଇ ଆସିଲା । ପ୍ରଥମ ପାନଖଣ୍ଡି ଖାଇଲା ପରେ ମୁଁ ବାନ୍ତି କଲି; ଚୂନ କଲ ଖାଇଗଲା; ସେ ଲୀଳା ସେଇଠି ସରିଲା । ପାନ ପଚିଗଲା, ଚୂନ ଶୁଖିଗଲା । ମୋ ମନ ବି କେମିତି ଉଦାସିଆ ହୋଇଗଲା ।

ବୋଉ କନ୍ୟାପାତ୍ର ଖୋଜେଇଲା, ମଝିଆଁ ବୋହୂର ହାତରନ୍ଧା ଖାଇବ ବୋଲି । କନ୍ୟାଟି ଆମ ଗାଆଁ ବାଳିକା ସ୍କୁଲର ଛାତ୍ରୀ—ତାକୁ ଦେଖି ମୋ ମନ ଆନନ୍ଦିତ ହୋଇଗଲା । ବିଭାଘରେ ଅବଶ୍ୟ ମୋ ମନ ସମ୍ବାଦ କେହି ଖୋଜି ନ ଥାନ୍ତା; କିନ୍ତୁ ଅନ୍ୟ ଘଟଣା ଚକ୍ରାନ୍ତରେ ସେ ପ୍ରସ୍ତାବ ସେଇଠି ରହିଗଲା ।

ଘରେ ଭାଉଜ; ଭାଇନା ତ ଚାକିରୀ କରିଥାନ୍ତି । ନନା ଆଶ୍ୱସ୍ତ ହେଉଥିଲେ—ମୁଁ ଚାଷ ସମ୍ଭାଳି ନେଲି ବୋଲି । ଦିନେ ବୋଉ କହିଲା—ଚାଷ ତ ଚାଲୁଥିଲା, ଚାଲିବ; ସେ ନ କଲେ କ'ଣ ହେବ ନାହିଁ ?

ଏଇ ସମୟରେ ଆମ ଗାଆଁରୁ ଜଣେ ଦି'ଜଣ ପ୍ରାଇଭେଟ କରିଦେଇ ପାଠ ପଢି ମାଇନର୍ ପାସ୍ କରିଥାନ୍ତି । ନନା ମୋତେ ନିମାପଡ଼ା ପଠାଇଲେ—ମୁଁ କୋଉ ବାବୁ ପାଖେ ରହି ପ୍ରାଇଭେଟ କରି ପାଠ ପଢିବି ବୋଲି; ଜଣକ ଘରେ ଓଲିଟିଏ ପ୍ରାଇଭେଟ କରିଛି; ମତେ ଭାରି କାନ୍ଦ ମାଡ଼ିଲା; ବୋଉ, ନାନୀ ମାଘସପ୍ତମୀକି ଚନ୍ଦ୍ରଭାଗା ଯାଇଥିଲେ । ମୁଁ ସେମାନଙ୍କ ବାଟ ଜଗି ବସିଥିଲି; ପଳାଇ ଆସିଲି ।

## ଜୀବନ ଗୋଟିଏ ନାଟକ

ସତରେ ଜୀବନ ଗୋଟିଏ ନାଟକ; କେତେବେଳେ ତାର ମୋଡ଼ କୁଆଡ଼କୁ ବୁଲିଯାଏ କିଏ କହିବ ? ମୁଁ ଚକାଭଉଁରୀ ଖେଳୁଥିଲି ଗୋଟିଏ ବୃତ୍ତରେ—ସେଇ ବୃତ୍ତରେ ବୋଉ, ନନା, କଣର ବଳଦ, ବୁଣା, ଚଷା, କଟା, ଅମଳ, ସଂକୀର୍ତ୍ତନ, ମଉଛା, ମେଳା, ପର୍ବପର୍ବାଣି—ସେଥିରେ ବୁଲିବୁଲି ଶେଷରେ ମୁଁ ବୁଡ଼ିଥାନ୍ତି, ମରିଥାନ୍ତି । ଜୀବନର ଗତାନୁଗତିକ ଧାରାରେ ବିଧାତା ହସ୍ତକ୍ଷେପ କଲା ।

ନନା ଝିଣ୍ଟି ଗାଆଁର ମହାଦେବ କପିଳନାଥଙ୍କୁ ସ୍ୱପ୍ନରେ ଦେଖିଲେ; ଦେବ—ଦେବ ଦିନେ ଆମ ଘରକୁ ହାଲୋଲ କରି ଛିଡା ହୋଇ ନନାଙ୍କୁ କହିଲେ—ପୁଅକୁ ଘରେ ବସାଇଛୁ କାହିଁକି ? ପାଠ ପଢ଼ା, ଭଲ ହେବ ।

ମୋ ସୌଭାଗ୍ୟକୁ ନନା ସେ ସ୍ୱପ୍ନ ଉପରେ ବିଶ୍ୱାସ କଲେ; ସ୍ୱପ୍ନ ମିଛ ବୋଲି ଭାବି ଉଡ଼ାଇ ଦେଇଥିଲେ ମୋ ଭାଗ୍ୟ କୋଉ ଅଚଳ, ଅଟଳ ପଥର ତଳେ ଯାଇ ପଡ଼ିଥାନ୍ତା ।

ତା ଆର ଦିନ ନନାଙ୍କୁ ଆଉ ତର ସହୁ ନାହିଁ । ପାହାନ୍ତିଆ ପହର ସ୍ୱପ୍ନ—ପରେ ପରେ ସେ ଚେଇଁ ଉଠିଛନ୍ତି, କିଛି ଭୁଲି ନାହାନ୍ତି । ଏ କେବେ ମିଛ ନୁହେଁ—ନିଶ୍ଚୟ ଦେବତାଙ୍କ ନିର୍ଦ୍ଦେଶ । ସେ ଦେବଦେବ ମହାଦେବ, ସଦାଶିବ, ସର୍ବେଶ୍ୱର;

ମଣିଷ ଜୀବନ ଉପରେ ତାଙ୍କର ହସ୍ତକ୍ଷେପ ଅପ୍ରାକୃତିକ ନୁହେଁ । ନନା ଦୁର୍ଗାଙ୍କ କୃପାରୁ କବିତ୍ୱଶକ୍ତି ଲାଭ କରିଥିଲେ । ମୋ ଉପରେ ଶିବଙ୍କ କୃପାକୁ ସେ ଅସମ୍ଭବ ମନେ କରିବେ କାହିଁକି ? ଦେବଦେବୀ ପ୍ରତ୍ୟକ୍ଷରେ ଦେଖାଦେଲେ ମଣିଷ ହୁଏତ ତେଜ ସହି ପାରିବନାହିଁ; ତେଣୁ ସ୍ୱପ୍ନରେ ହିଁ ସେମାନେ ଦେଖାଦର୍ଶନ ଦିଅନ୍ତି । ତା ଫଳରେ କେତେ ମନ୍ଦିର ତୋଳା ହୁଏ, ଭୋଗରାଗର ବ୍ୟବସ୍ଥା ହୁଏ । ଝିଣ୍ଟି ଗ୍ରାମ ସହିତ ଆମର କିଛି ସଂପର୍କ ନ ଥିଲା, ନନା ମହାଦେବ କପିଳ ନାଥଙ୍କୁ କେବେ ଦର୍ଶନ କରିଯାଇ ନ ଥିଲେ । ତେଣୁ ଏ ସ୍ୱପ୍ନ ଅଯାଚିତ, ମୋର ଭାଗ୍ୟ ନିର୍ମାଣରେ ଇଥାରୁ ଦେଇଥିଲେ କପିଳନାଥ, କପିଳନାଥ ଯେ ବର୍ଷସାରା ଗମ୍ଭୀରା ପାଣିରେ ବୁଡ଼ିଥାନ୍ତି, ବର୍ଷକେ ଥରେ ପଙ୍କୋଦ୍ଧାର ବେଳେ ଦେଖା ଦିଅନ୍ତି ।

## ମୋର ମାଇନର ପଢ଼ା

ନିମାପଡ଼ା ପାଖ ହେଲେ ବି ଆମ ଗାଁ ପିଲାଏ ଭୁବନେଶ୍ୱର ଯାଉଥିଲେ । ଭୁବନେଶ୍ୱର ମାଇନର ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ଅନାଥବନ୍ଧୁ ମହାନ୍ତି ଆମ ପଡ଼ୋଶୀ ଗାଆଁ ସମରେଇ ଶାସନର ଲୋକ । ଜଣେ ଯୁଆଡ଼େ ଆଗେଇଲା, ଅନ୍ୟ-ମାନେ ସିଆଡ଼େ ବାଟେଇଲେ । ଭାଇନା ଓ ଅନ୍ୟମାନେ ଭୁବନେଶ୍ୱରରେ ପଢ଼ୁଥାନ୍ତି । ମତେ ନନା ସେଠିକି ଘେନିଯିବା କଥା ସ୍ଥିର କଲେ ।

ଖଡ଼ୁ, କଣ୍ଠି ପିନ୍ଧି ଇସ୍କୁଲକୁ ଗଲେ ପିଲାଏ ହସିବେ । ମୋ ହାତରୁ ରୂପାଖଡ଼ୁ, ଅନନ୍ତବ୍ରତ କଢ଼ା ହେଲା, ବେକରୁ କଣ୍ଠି କଟାଗଲା, କାନ ସଙ୍ଗେ ନୋଳି ବସି ଯାଇଥିଲା; କାଢ଼ିବା ମାତ୍ରେ ରକ୍ତ ବୋହିଲା । ନନା ମତେ ସଙ୍ଗରେ ଘେନି ଭାର୍ଗବୀ ନଈ ବନ୍ଧେ ବନ୍ଧେ ଚାଲିଲେ; ଅଦଲାବାଦ ଗାଆଁବାଟେ ଯାଇ 'ଝିଣ୍ଟି'ରେ ଥାକ ମାଇଲେ; କପିଳନାଥଙ୍କୁ ଚାରି ପଇସାର ଗଞ୍ଜେଇ ଭେଟି ଦେଲେ । ବାଳକାଟିରେ ଦୟା ଓ ଭାର୍ଗବୀ ନଦୀ ସଙ୍ଗମ ଅତିକ୍ରମ କଲେ; ଧଉଳି ପାହାଡ଼ କଡ଼େ କଡ଼େ ଗଙ୍ଗୁଆ ନଈ ତେଇଁ ଭୁଆସୁଣୀ ଠାକୁରାଣୀକି ଡାହାଣ ପାଖେ ରଖି ଯାଇ ଭୁବନେଶ୍ୱରରେ ପହଞ୍ଚିଲେ । ଦେଉଳସହର ଏ; ବଣବୁଦା ଭିତରେ ଦେଉଳଟିମାନ ଉଠିଛି — ତା ଉପରେ ଜଙ୍ଗଲ ମାଡ଼ିଛି, କେଉଁଠି ବା ଦେଉଳକୁ ମାଡ଼ି ବସିଛି । ସେଠି ମହାବଳ ବାଘ କହୁଛି ମୁଁ, ଗୋଖୁର ସାପ କହୁଛି ମୁଁ; ୧୯୨୭ ଖ୍ରୀଷ୍ଟାବ୍ଦର ଭୁବନେଶ୍ୱର - ଯୁଆଡ଼େ ଦେଖିବ କୋବିଲା ବଣ; ମାଉସୀମାଆ ଦେଉଳ, ଶତ୍ରୁଘ୍ନେଶ୍ୱର ଦେଉଳରୁ ଷ୍ଟେସନ ପର୍ଯ୍ୟନ୍ତ ନିବିଡ଼ ଜଙ୍ଗଲ । ଯାତ୍ରୀ ଆଣିବା ଲାଗି ଧାଡ଼ିବାନ୍ଧି ଶଗଡ଼ଗାଡ଼ି ନାଥାନ୍ତି—ଷ୍ଟେସନରୁ ସହରକୁ ଭଡ଼ା ତିନିଅଣା, ଚାରିଅଣା । ସାଆନ୍ତରପୁରରୁ ଟଗୋଟାଏ ଧଡ଼ଧଡ଼ିଆ ବସ୍ ଚାଲେ, ଅଧେ ଦିନ ବନ୍ଦ ହୁଏ ।

ଲିଙ୍ଗରାଜଙ୍କଠି ଘିଅ ଦୀପଟିଏ ବଯାଇଲୁ । ତାପରେ ହେ.ମା. ଅନାଥବନ୍ଧୁଙ୍କ ସହିତ ସାକ୍ଷାତ କଲୁ । ନାମଟି ତାଙ୍କର ସାର୍ଥକ । ଆଜନ୍ମ ଦୁଃଖୀ ସେ, ତେଣୁ ଦୁଃଖୀର ଦୁଃଖ ବୁଝି ପାରନ୍ତି । ନନାଙ୍କର ଅତି ଦୀର୍ଘ ଆକୃତି, ସ୍ୱଚ୍ଛ ଉପବୀତ, ଚନ୍ଦନ ଟୋପା ଦେଖି ସେ ନମସ୍କାର ହେଲେ । ତାଙ୍କଠାରୁ ସ୍ୱପ୍ନକାହାଣୀ ସବିଶେଷ ଶୁଣିଲେ, ଘଡ଼ିଏ ମୂକ ରହି ଏକ ଆଖିରେ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ମୋତେ ଅନେଇଗଲେ— ତୁଣ୍ଡା, ଅଚଞ୍ଚା, ଅବାଗିଆ ଚେହେରା । ପାଠପଢ଼ୁଆର କୌଣସି ଲକ୍ଷଣ ନ ଦିଶିବାରୁ

କଥା; କିନ୍ତୁ ତା ଭିତରେ ସେ କୋଉଠି କିଛି ଦେଖିଲେ, କିମ୍ବା ଦେବତାଙ୍କ କୃପାରୁ ତାଙ୍କୁ ଦେଖାଗଲା । ସମସ୍ତଙ୍କୁ ପାଠ ପଚ୍ଚାରନ୍ତି, ଭାଗ୍ୟକୁ ମତେ କିଛି ପଚ୍ଚାରିଲେ ନାହିଁ । ପଚ୍ଚାରିଥିଲେ କିଛି ଉତ୍ତର ନ ପାଇ ହୁଏତ କହିଥାନ୍ତେ—ଦାଶେ, ଏ ମାଟି ପିଣ୍ଡୁଳାଟାକୁ କାହିଁକି ମିଛରେ ଆଣିଛ ? ଯା ଦେହି ପାଠ ହେବନାହିଁ । ମୁଁ ବି ମନେ ମନେ ଭାବୁଥାଏ ମହାପ୍ରଭୁ, ସେଇଆ କହନ୍ତେକି ।

ଗାଆଁର ଗଛଚଢ଼ା, ମାଛବୁହା ବେଶ୍ ଆରେଇ ଯାଇଥିଲା, ଭୁବନେଶ୍ୱର ସୁଖ ଲାଗିବ କୁଆଡ଼ୁ ?

ଦେବତାଙ୍କ କୂଟ କି କ'ଣ କେଜାଣି ସରସ୍ୱତୀ ଆସି ସାରଙ୍କ କଣ୍ଠରେ ବିଜେ ହେଲେ । ସେ କହିଲେ ଟଙ୍କା ପଇସା କଥା ମୁଁ ବୁଝିବି, ସେ ଏଇଠି ପଢ଼ୁ । ନନା ଘରକୁ ଯାଇ ମାସକୁ ୧୫ ସେର ଲେଖାଏଁ ଚାଉଳ ପଠାଇଥିଲେ । ଅଭାବରୁ ସେତକ ବି ବନ୍ଦ ହୋଇଗଲା ।

ସ୍କୁଲରେ ସିନା ନାମ ଲେଖା ହେଲା, ପାଠଘର ଶୂନ୍ । ମତେ କିଛି ଆସିଲା ନାହିଁ । ଚତୁର୍ଥ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ନମ୍ବର ଅଦ୍ୟାପି ମୋର ମନେ ଅଛି । କି ଗଭୀର ଯନ୍ତ୍ରଣା ମର୍ମେ ମର୍ମେ ମୁଁ ଅନୁଭବ କରୁଥିଲି । ଅଙ୍କରେ ଥିଲା ଶୂନ୍, ସାହିତ୍ୟରେ ୩୭; ଡ୍ରଇଁରେ ୭; ସେଇ ଅନୁକ୍ରମରେ ଭୂଗୋଳ, ଇତିହାସ ଓ ସ୍ୱାସ୍ଥ୍ୟରକ୍ଷାରେ ନମ୍ବର ରହିଥିଲା । ଅକ୍ଷର ଖରାପ; ପିଲାଦିନେ ହସ୍ତାକ୍ଷର ଲେଖିବାର ସୁଯୋଗ ପାଇ ନ ଥିଲି । କେସରଦା ପତ୍ର, ହାଣ୍ଡି କଳା କାଳିକି ବାଉଁଶ କାଠି କଲମ; କେତେବେଳେ କେମିତି ଫର୍ଦ୍ଦେ ଫର୍ଦ୍ଦେ ବାଲି କାଗଜ ହସ୍ତାକ୍ଷର ଲେଖିବାକୁ ମିଳିଥିଲା ।

ମୋର ଧୂଳିଧୂମା ଚେହେରାକୁ କଦର୍ଯ୍ୟ ନମ୍ବର ଦେଖି ମାଷ୍ଟ୍ରମାନେ ଭାବି ନେଲେ—ଏଇଟା ଦ୍ୱାରାରେ କିଛି ହେବନାହିଁ । ସାଙ୍ଗ ପିଲାମାନେ ଅବଜ୍ଞା କରିବାକୁ ଲାଗିଲେ । ଏଥିରେ ପେଡ଼ିପୋଟଳା ବାନ୍ଧି ଘରକୁ ଯିବା କଥା । କିନ୍ତୁ ଅନାଥବନ୍ଧୁ ଭଗବତ୍‌ବିଶ୍ୱାସୀ, ମୋ ପ୍ରତି ଚିର ସହାନୁଭୂତିଶୀଳ । ମୋ ବିଫଳତା ତାଙ୍କ ବିଶ୍ୱାସକୁ ଟଳାଇ ପାରିଲାନାହିଁ । ସେ ମୋ ପଢ଼ାପଢ଼ି ଲାଗି ଉତ୍ତମ ବ୍ୟବସ୍ଥା କରି-ଦେଲେ । ଉପର ଶ୍ରେଣୀର ପିଲାମାନେ ଜଣକ ପରେ ଜଣେ ମତେ ପଢ଼ାଇଲେ; ଘନଶ୍ୟାମଙ୍କ ଇଙ୍ଗିତରେ ପିଠିରେ ହାତସୁଖ ବି କଲେ । ମୋ କୋଷ୍ଠିରେ ତ ପିଲାଦିନୁ ମାଡ଼; ମାଡ଼ ଖୋଉଥିବା ଗ୍ରହ ଏବେ ବି ସ୍ଥାନ ପରିବର୍ତ୍ତନ କରି ନ ଥିଲା । ତେବେ ତା'ର ଉଦ୍ଦେଶ୍ୟ ଭଲ ଥିଲା, ସୁଫଳ ଫଳିଲା । ବାର୍ଷିକ ପରୀକ୍ଷାରେ ମୁଁ ଅଙ୍କରେ ଶତକ ରଖିଲି, ଇଂରାଜୀ, ସାହିତ୍ୟ, ଭୂଗୋଳ, ଇତିହାସ, ସବୁଥିରେ ଭଲ ନମ୍ବର ରହିଲା; ଯେଉଁଦିନ କ୍ଲାସ୍ ଉଠା ଫଳ ଡକା ହେଲା, ସେଦିନ କି ଆନନ୍ଦ, ଚତୁର୍ଥରୁ ପଞ୍ଚମ ଶ୍ରେଣୀରେ ଡେଇଁ ଯାଇ ବସିବାର ଉତ୍‌ଫୁଲ୍ଲତା ଆଜି ବି ମନେ ପଡ଼େ । କ୍ରମେ ଶିକ୍ଷକ ଓ ସହପାଠୀମାନଙ୍କର ଶ୍ରଦ୍ଧା ଆକର୍ଷଣ କରିବାକୁ ମୁଁ ସମର୍ଥ ହେଲି ।

ସେତେବେଳେ ଭୁବନେଶ୍ୱରରେ ଏଠି ସେଠି କାଙ୍କଣ ଗଛ ମାଡ଼ିଥିଲା, କାଙ୍କଣ ଫଳୁଥିଲା । ବଣରେ ବୁଲି ବୁଲି କୋଳି ଖାଉଁ ଖାଉଁ ଆମେ ଯାଇ ଖଣ୍ଡଗିରିରେ ପହଞ୍ଚୁ ଥିଲୁ । ଚନ୍ଦନଚର୍ଚ୍ଚିତ 'ମଲିଆ' ଆମ ହଷ୍ଟେଲକୁ ଆସି ଆମକୁ ପ୍ରତିଦିନ

କପିଳେଶ୍ୱରଙ୍କ ଶ୍ରୀଅଙ୍ଗଛଡ଼ା ଚନ୍ଦନ ଦେଉଥିଲା । ହଷ୍ଟେଲରେ ମୁଠିଏ ଖାଉଥିଲି, କାହାଠୁଁ କେତେବେଳେ ପଇସାଏ ଅଧଲାଏ ନେଉଥିଲୁ । ବେଳେବେଳେ ଖରଖିଆ ବୈଦ୍ୟନାଥଙ୍କଠି ପହଞ୍ଚୁଥିଲୁ । ମଣିଷଙ୍କ ପରି ତାଙ୍କର ଉଚ୍ଚାକାଂକ୍ଷା ଥିଲା । ସେ ଛୋଟ ଦେଉଳରେ ରହିବାକୁ ପସନ୍ଦ କରୁ ନ ଥିଲେ; କହୁଥିଲେ (ଅବଶ୍ୟ କିମ୍ବଦନ୍ତୀ), ରହିଲେ ତ ଘୋବନା (ଲିଙ୍ଗରାଜ) ପରି ରହିବି, ନଇଲେ ଯୋଉ ଖରଖିଆ ବୈଦ୍ୟନାଥକୁ ସେଇ ଖରଖିଆ ବୈଦ୍ୟନାଥ । ବେଳେ ବେଳେ ବିଭୀଷଣେଶ୍ୱର, ମେଘେଶ୍ୱର, ପର୍ଶୁରାମେଶ୍ୱର ବା ରାଜାରାଣୀ ଦେଉଳରେ ଯାଇ ବସୁଥିଲୁ; ବିନ୍ଦୁସରୋବରରେ ଗାଧୋଇ ଅନନ୍ତବାସୁଦେବ ମନ୍ଦିରରେ ମହାପ୍ରସାଦ ଖାଉଥିଲୁ ।

ସେତେବେଳେ ଲିଙ୍ଗରାଜ ମନ୍ଦିର ଦକ୍ଷିଣ ପାଚେରୀକୁ ଲାଗି ମାଇନର ସ୍କୁଲଟା ଥିଲା; ଖଡ଼ ଘର; ଗ୍ରୀଷ୍ମ ଛୁଟିରେ ସ୍କୁଲରେ କିଏ ନିଆଁ ଲଗାଇଦେଲା । କେତେ କାଳର ବିରାଟ ପାଠାଗାରଟି ପୋଡ଼ି ପାଉଁଶ ହୋଇଗଲା । ଚୌକୀ, ବେଞ୍ଚ, ଡେସ୍କ, ଆଲମାରୀ କିଛି ଗୋଟିଏ ହେଲେ ଜିନିଷ ଉଦ୍ଧାର କରାଯାଇ ପାରିଲା ନାହିଁ । ସବୁ ଅଧ; ଗୋଟିଏ ବୋଲି କୂଅ, ୬୦ ହାତ ଗହୀରରେ ପାଣି; ଶଗଡ଼ିରେ ତାଳେ ପାଣି କାଢ଼ିଲେ ଉପରକୁ ଆସିଲାବେଳକୁ ଟଳେ ଥାଏ । କୂଅ ନନ୍ଦ ଉପରେ ଆମ ତାଳ ଥୋଇବାର ଚିହ୍ନ ଏବେ ବି ଗାତ ଗାତ ହୋଇ ଦିଶେ ।

ସେତେବେଳେ ଭୁବନେଶ୍ୱରରେ ହଇଜା ଲାଗିବା, ଘରପୋଡ଼ି ହେବା ଏକ ସାଧାରଣ ଘଟଣା ଥିଲା । ଯେତେକ ଭୂତ ଚଣ୍ଡୀ ତ ବଣରେ ବସା ବାନ୍ଧି ରହିଥିଲେ; ଆମ ଆଖି ଆଗରେ ସେ ଦିନ ଗୋଟାଏ ପିଲା ଭୂତକୁ ଡରି ରକ୍ତ ବାନ୍ତି କରି ମରି ଶୋଇଲା; ରାତିଯାକ ତା ଶବକୁ ଜଗି ଆମେ ବସିଥାଉ । ତାକୁ ଝିଙ୍କିନେବା ଲାଗି ଗଧିଆ, ବିଲୁଆ ଆସୁଥାନ୍ତି ।

ଘର ପୋଡ଼ିଗଲା ପରେ ସ୍କୁଲ ଆଉ ଗୋଟିଏ କୋଠାରେ ବସିଲା । ବେଞ୍ଚ ଅଭାବରୁ ଆମକୁ ତଳେ ବସିବାକୁ ହେଲା । ସେତେବେଳେ ଜାମା ପିନ୍ଧା ପିଲା କ୍ୱଚିତ୍ ଥିଲେ । ଏକ କାନିକିଆ ହୋଇ କିମ୍ବା କାନ୍ଧରେ ଦୋସଡ଼ା ପକାଇ ଅଧିକାଂଶ ଛାତ୍ର ସ୍କୁଲକୁ ଆସୁଥିଲେ । ଆମେ ସ୍କୁଲରୁ ମାଇଲିଏ ଦୂର କେଦାରଗୌରୀକି କାଳି ଅନ୍ଧାରରୁ ଗାଧୋଇ ଯାଉଥିଲୁ କେଦାରଗୌରୀ (ଯେଉଁଠି ଅସୁର ପାଟିରୁ ପାଣି ଗଳୁଥିଲା, ଅସୁରୁଣୀ ପିଉଥିଲା ), ଏତେ ସଫା ଯେ ସାତତାଳ ପାଣିରୁ ଭୂଇଁ ଫୁଟି ଦିଶୁଥିଲା, ଗାଧୋଇବା ବେଳେ କାଠିପୋହଳା, କଳାବଇଁଶି ମାଛ କାମୁଡ଼ି ପକାଉଥିଲେ; କୋଟିତୀର୍ଥ, ସ୍ୱର୍ଣ୍ଣଜାଳେଶ୍ୱର, ପର୍ଶୁରାମେଶ୍ୱର ଦେଉଳ ପାରି ହୋଇ ଆମେ କେଦାରଗୌରୀକୁ ଯାଉ । ରାଧାନାଥଙ୍କ କବିତା ଉପରେ ବିଶ୍ୱାସ ଆସୁ ନ ଥାଏ—କେଦାର କେମିତି ମହାଦେବ ହେଲା ? ଗୌରୀ କେମିତି ଠାକୁରାଣୀ ହେଲା ? ଏଇ ମଣିଷ କ'ଣ ଏମିତି ଠାକୁର ଠାକୁରାଣୀ ହୋଇଯାନ୍ତି ?

ମାଇନର ପରୀକ୍ଷାବେଳେ ଆମେ ଗାଧୋଇପାଧୋଇ ଗୌରୀ ମନ୍ଦିରକୁ ଯାଇ ପିଲାଙ୍କ ମଙ୍ଗଳ କାମନାରେ ପରୀକ୍ଷା ଦିନତକ ଘିଅଦୀପ ବସାଉଁ । ସକାଳୁ ଯାଇ ସନ୍ଧ୍ୟାରେ ଫେରୁ । ଯାତ୍ରୀର ପଛରେ ଅଧଲେ ପଇସେ ପାଇଁ ପଣ୍ଡା ଯେପରି ଗୋଡ଼େଇ ଥାନ୍ତି, ଦେଖିଲେ ବଡ଼ ଖରାପ ଲାଗେ । କେଦାରଗୌରୀ ପାଣି ପେଟେ ପେଟେ ପିଉଁ ।

# ବୋଡ଼ିଂ

ହଷ୍ଟେଲ ବା ଛାତ୍ରାବାସ ନାମ ପ୍ରଚଳିତ ନ ଥିଲା । ପ୍ରବେଶବେଳେ ନୂଆ ଛାତ୍ରଙ୍କୁ ସାର୍ ପଚାରୁ ଥିଲେ—ବୋଡ଼ିଂରେ ରହିବ ନା ବାହାରେ ? ଛୁଟି ହେଲେ ସୁକୁଟା ମୁହଁ, ତାଳପତ୍ର ସିପେହି ପରି ଚେହେରା ଘେନି ଘରେ ପହଞ୍ଚିଲେ ବୋଉ ହସି ହସି କହେ—''ବୋଡ଼ିଂରେ ଗୋଡ଼ି ବେଶରପାଣି ହୁଏ'' ! ଭୁବନେଶ୍ୱରରେ ସେତେବେଳେ ସେହିପରି ସଫା ଗୋଡ଼ି ଗଦାମାନ ଥିଲା ଏକା, ଯାହାକୁ ଦେଖିଲେ ଗ୍ଲେବେଇବାକୁ ଲୋଭ ହେବ । କୋଠାଘର ପାଇଁ ସେସବୁ କେହି କ୍ୱଚିତ୍ ରମ୍ପୁଡ଼ି ନେଉଥିଲେ ।

ବୋଡ଼ିଂ ନାମରେ ସେତେବେଳେ କେତୋଟି ଖପରଘର ଥିଲା—ଢିମା ପଥର ଗୋଡ଼ି ମାଟି ମିଶା କାନ୍ଥ, ଯାହା ଉପରେ ଖପର ନ ଥିଲେବି ପାଞ୍ଚ ବର୍ଷର ବର୍ଷା ଅସରା ସମ୍ଭାଳି ନେଉଥିଲା, ଭାଙ୍ଗୁ ନ ଥିଲା । ଭୁବନେଶ୍ୱରରେ ବାଉଁଶ ବିରଳ; କାନ୍ଥ ଉପରେ ପଡ଼ିଥିଲା କେତୋଟି ଗଛ ଡ଼ାଳର ରୁଅ । ଘରପୋଡ଼ି ଭୟରେ କେହି ସେପରି ବହଳ ନଡ଼ା ଛପର, ଛେଣିବନ୍ଧା ପାଞ୍ଚଶେଣିଆ ଘର କରୁ ନ ଥିଲେ ।

ମାଟି ଚଟାଣ । ଗୋଟିଏ ଗୋଟିଏ କୋଠରୀରେ ଦଶବାର ଜଣ କରି ପିଲା ରହୁଥିଲେ । ଝିଡ଼ିକି ଖୋଲିଦେଲେ ଦିଶୁଥିଲା ଅଗନାଗିନ୍ ବନସ୍ତ, ବୋଡ଼ିଂ ଘରକୁ ଲାଗି ହଳଦିଆ ଫୁଲଭରା କୁଜି ଖଇକୁଣ୍ଡା ବଣ—ଯାହାର ପତ୍ରକୁ ଲୋକେ ଶାଗ କରୁଥିଲେ । ସେଇ ବଣରେ ଛପି ଛପି ଚାଲି ଯାଉଥିଲା ଗୋଖୁର ସାପ; ମଧ୍ୟେ ମଧ୍ୟେ ଦେଖାଦେଉଥିଲେ ଗୋଟାଏ ଗୋଟାଏ ରଣା ବା ଚନ୍ଦନବୋଡ଼ା ।

ବୋଡ଼ିଂ ଘରେ ଧାଡ଼ି ଧାଡ଼ି ଦେଉଳିଆ ବେତବୁଣା ପେଟରା । ସେଥିରେ ଖଣ୍ଡେ ଅଧେ ଲୁଗା, ବହିପତ୍ର, ଚୁଡ଼ାମୁଣି ଓ ତେଲଶିଶି ଥିଲା । ବାହାରେ ରଖିଲେ ଚୁଡ଼ା ଦଣ୍ଡକେ ଶେଷ ହୋଇ ଯାଉଥିଲା । ପିଲାଙ୍କଠାରୁ ପୂଜାହାରୀ, ଚାକର ପର୍ଯ୍ୟନ୍ତ କେହି ଏହାକୁ ପରଦ୍ରବ୍ୟ ବୋଲି ଅସ୍ପର୍ଶ୍ୟ ବିଚାରୁ ନ ଥିଲେ । ବେଳେବେଳେ ଜଳଖିଆତକ ଘରୁ ଆସି ପେଟରା ପାଖେ ପହଞ୍ଚୁ ନ ଥିଲା । ତେଲ ଅବସ୍ଥା ମଧ୍ୟ ସେଇଆ ହେଉଥିଲା । ମାଲିକ ଭ୍ରୂକୁଟୀରେ ସ୍ୱାର୍ଥବୁଦ୍ଧି ଜାଗ୍ରତ ନ କରିବା ପର୍ଯ୍ୟନ୍ତ କେହି କିଛି ବୁଝିବାକୁ ଚେଷ୍ଟା କରୁ ନ ଥିଲେ । ହସି ହସି ଲଗାଇପଗାଇ ଚାଲି ଯାଉଥିଲେ ।

ବୋଡ଼ିଂରେ ଜଳଖିଆର ବ୍ୟବସ୍ଥା ନ ଥିଲା । 'ମଙ୍ଗୁ' ଗୁଡ଼ିଆ ଆସିଲେ ଆମେ ପଇସା ପଇସାକର ମୁଢ଼ି କିଣି ଖାଉଥିଲୁ । ମଙ୍ଗୁ ପିଲାଙ୍କ ମନ ନବା ପାଇଁ ପୁଞ୍ଜିଏ ଉଖୁଡ଼ା ଲାଭ ପକାଇ ଦେଉଥିଲା । ପଇସା ନଥିଲା ଦିନ ଚୁଡ଼ା ଉପରେ ଆଖି । କଞ୍ଚା ଚୁଡ଼ା ଚୋବା ହେଉଥିଲା । ତା ସାଙ୍ଗକୁ ଖଣ୍ଡ ନଡ଼ିଆ, ଲୁଣ ଟିକିଏ ମିଳିଲେ ଭଲ ।

ଯାହା ପାଖରେ ଜଳଖିଆ ନାହିଁ ବା ଘରୁ ପଇସା ଆସିନାହିଁ; ସେ ମୁହଁ ଶୁଖାଇ ପାଟି ଚିପି ରହୁଥିଲା । କେହି କେହି ଲଜ୍ଜା ସଂକୋଚ ଛାଡ଼ି ଚୋଠାମାନଙ୍କ ପାଖେ ଅଣ୍ଟି ପତାଇ ଦେଉଥିଲେ—ମୁଠାଟିଏ ଦେଲେ 'ହଇରେ ହଇରେ ଏତିକି ଦେଲୁ ! ଆଉ ଗଣ୍ଡିଏ ଦେ । ମୋର ଆସିଲେ ଦେବି ଯେ' !

**ମୁଁ ଭୁବନେଶ୍ୱର ହାଟର ନଡ଼ିଆ ବ୍ୟବସାୟୀ ମୂଳିଆ ବୁଢ଼ାକୁ ଚାହିଁ ବସୁଥିଲି— ଗଣ୍ଡିଏ ଚୁଡ଼ା କି ମୁଢ଼ି ଆଣିବ । ଭୋକରେ ପେଟରୁ ଦଶିପୋକ ମରି ଯାଉଥିଲେ ।**

ବୋଡ଼ିଂରେ ଖାଇବାକୁ ମିଳୁଥିଲା ଉକୁଣିଆ ପୋକ ଓ ଗୋଡ଼ିମିଶା ଚାଉଳର ଭାତ, ଡାଲି ନାମରେ ହଳଦିଆ ପାଣି, ପୂଜାହାରୀ ପେଜତକ ନଷ୍ଟ ନ କରି ମିଶାଇ ଦେଉଥିଲା, ଡାଲିଟା ଟିକେ ଅଧିକ ବହଳ ଧରୁଥିଲା—ଅଭାବ ହେଉ ନ ଥିଲା । ବେଳେ ବେଳେ ମିଳି ଯାଉଥିଲା ପେଜ ସରଟା, ଦୁଧସର ଭକ୍ତିରେ ମୁଁ ତାକୁ ଗିଳି ଦେଉଥିଲି । ତରକାରୀଟା ଦିଶୁଥିଲା ଚ୍ୟବନ ପ୍ରାସ ପରି, କରେଇ ଯୋଗୁଁ କଳା କଟ କଟ—ଆଳୁ ବିରଳ, ସାରୁ, ଖଡ଼ା, କଖାରୁ, ମଞ୍ଜିଆ ପାଳୁଅ ବାଇଗଣ ପ୍ରଧାନ ପରିବା । ମାଂସ ସ୍ୱପ୍ନ । ମାଛ ମାସେ ପନ୍ଦର ଦିନରେ ଥରେ ମିଳି ଯାଉଥିଲା । ମିଲ୍ ଗୋଟାକୁ ଖର୍ଚ୍ଚ ଦେଢ଼ ପଇସା, ଦି ପଇସା । ପନ୍ଦର ସେର ଚାଉଳ ବାଦ୍ ଦୁଇ ତିନି ଟଙ୍କା ବୋଡ଼ିଂ ଖର୍ଚ୍ଚ ପଡ଼ୁଥିଲା ।

ଏ ଦୁଃଖ କଷ୍ଟ ମଧ୍ୟରେ ଯେଉଁଦିନ ଫିଷ୍ଟ୍ ହେଉଥିଲା, ସେ ଦିନ ଖୋସଣିଫିଟା ଖିଆ । ଖିରୀରୁ ତେଜପତ୍ରଟାଏ, ମହୁରରୁ ଚୁଙ୍ଗୁଡ଼ି ମୁଣ୍ଡଟାଏ, ବେଶରରୁ ବଡ଼ ମାଛ କଣ୍ଟାଟାଏ ମିଳିଗଲେ କି ଆନନ୍ଦ ।

ପିଲାଙ୍କ ମଧ୍ୟରେ ଜୋତା କାହାର ନ ଥିଲା । ହେଃମାଙ୍କର ଯୋଉ ଯୋତା ହଳକ ଥିଲା ତାକୁ କୁକୁର କାମୁଡ଼ିବ ନାହିଁ । ତଥାପି ଏହା ସେତେବେଳେ ମାନ୍ୟାସ୍ପଦ ଜୋତା । ତା ଶବ୍ଦରୁ ଆମେ ଦୂରରୁ ଜାଣିଯାଉଥିଲୁ—ହେଃ ମାଃ ଆସି ଗଲେ; ଚୁପ୍ ଚାପ୍ ।

ସେକେଣ୍ଡ ମାଷ୍ଟ୍ରେ ମାଡ଼ୁଥିଲେ ହଳେ ଚଟି । ଚାଲିଲା ବେଳେ ଚଟି ପଛଟା ଗୋଇଠିରେ ପଟ୍ ପଟ୍ ବାଜୁଥିଲା ।

ଏଇ ବୋଡ଼ିଂରେ ସତରଞ୍ଜି, ତକିଆ ବା ବିଛଣା ଚାଦର ନ ଥିଲା । ପିଲାମାନେ ସଉପ, ଜୁଣ ମଶିଣା ବା ସନ୍ତର ମଶିଣାରେ ଶୋଉଥିଲେ ଗୋଟିଏ ଧାଡ଼ିରେ, ଦକ୍ଷିଣ ଦିଗକୁ ମୁଣ୍ଡ କରି । ତଳ କ୍ଲାସ ପିଲା ଉପର କ୍ଲାସ୍ ପିଲାଙ୍କୁ ଡାକୁଥିଲେ 'ବାବୁ', କେହି ହୁଡ଼ି ବା ତେଡ଼ି କିଛି କହିବା ଅସମ୍ଭବ । 'ମନିଟର'ଙ୍କୁ ଦେଖିଲେ ମୋ ଛାତି ଦାଉଁ ଦାଉଁ ପଡ଼ୁଥିଲା । କାଳେ ସୁପରିଣ୍ଟେଣ୍ଡେଣ୍ଟଙ୍କ କାନରେ କିଛି ଫୁଙ୍କି ଦେବେ ।

କ୍ଷମତା ଯୋଗୁଁ ତାଙ୍କ ପିଲାଳିଆ ଚେହେରାଟା ଅପ୍ରାକୃତିକ ଭାବେ ଗୁରୁଗମ୍ଭୀର ହୋଇ ଯାଇଥିଲା । ମନେ ମନେ ସେ ଜଣେ ମାମଲତକାର ବା ହାକିମ ବନି ଯାଇଥିଲେ । ପାଠପଢ଼ା ଛଡ଼ା ସେ ସବୁ କରୁଥିଲେ । କେନ୍ଦ୍ର ପରୀକ୍ଷାରେ ଫେଲ୍ ହେଲାରୁ ଯାଇଁ ଚେତା ପଶିଲା । କିନ୍ତୁ ତଳ ଶ୍ରେଣୀର ପିଲାଙ୍କ ସଙ୍ଗରେ ବସିବାକୁ ଲାଜ ମାଡ଼ିଲା । ସେ ପେଡ଼ିପୋଟଳା ବାନ୍ଧି ପିତୃଦେବଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ଘରକୁ ବାହୁଡ଼ି ଗଲେ; 'ଗଲାପୁତ୍ର ବାହୁଡ଼ି ନଇଲା ଲୋ କୋଇଲି' । ଶିକ୍ଷାରେ ଡୋରି ବନ୍ଧା ହେଲା । ସାନ ବା କୁନି ମନିଟରଙ୍କ ଅବସ୍ଥା ବି ସେଇଆ ହେଲା ।

ସେତେବେଳେ ଭୂତକୁ ଖୁରି ତଣ । କେତେବେଳେ କେଉଁ ଭୂପରେ ସେ ଛିଡ଼ା ହେଉଥିଲା ଇୟତ୍ତା ନାହିଁ । ପଣ୍ଡିତ ଆର୍ତ୍ତବନ୍ଧୁ ବହୁତ ଭୂତ ଗଳ୍ପ କହୁଥିଲେ—'କେମିତି ରାତି ଅଧରେ ଘରର ବନ୍ଦ ଝରକାଗୁଡ଼ାକ ଧଡ଼ଧାଡ଼ ଫିଟିଗଲା, ଝରକାବାଟେ କେମିତି ଗୋଟାଏ ହାତ ଦିଶିଲା, ଆଲୁଅଟା ବିନା ପବନରେ କେମିତି ପଟକିନେ ଲିଭିଗଲା, ପାହାନ୍ତିଆକୁ ବରଗଛଟା କେମିତି ଶୋଇ ପଡ଼ିଲା, ଭୂତ କେମିତି ଚଢ଼ିଗଲା, ଏ ସବୁ କଥା ଆମେ ଏକ ନିଃଶ୍ୱାସରେ ଶୁଣୁଥିଲୁ, ରାତିରେ ସ୍ୱପ୍ନ ଦେଖୁଥିଲୁ—ଭୂତ ମାଡ଼ି ବସୁଥିଲା; ଦଉଡ଼ି ପଳାଇବାକୁ ପାଦ ଚଳୁନାହିଁ । ବିଲିବିଲା ରଡ଼ିରେ ସାଙ୍ଗ ଉଠୁଥିଲେ—କିରେ କଣ, କଣ ? "ମୁଁ ? ମୁଁ ନୁହେଁ ।"

ସାଙ୍ଗ ମଧ୍ୟରୁ କିଏ କୁଆଡ଼େ ଗଲେ, ଭାବିଲେ ଚିତ୍ତ ଥରିଯାଏ, କି ମଧୁମୟ ସଂପର୍କ, କିଏ ବଉଳ, କିଏ ସଙ୍ଗାତ, କିଏ ମକର । ବାବୁ ସିଦ୍ଧେଶ୍ୱର କଥା ମନେ ପଡ଼େ । ଧନ୍ୟ ତା ଧୈର୍ଯ୍ୟ, ମାନ ଅପମାନ ପ୍ରତି ଆଖି ବୁଜି ସେ ପାଞ୍ଚ ବର୍ଷ କାଳ ମାଇନର ଚତୁର୍ଥ ଶ୍ରେଣୀରେ ଘୁଷୁରି ଥିଲା । ଲିଙ୍ଗିପୁରରୁ ଭୁବନେଶ୍ୱର ପ୍ରତିଦିନ ଚାଲି ଚାଲି ଆସୁଥିଲା, ଢେପାଟାଏ । ସବୁଥିରେ ପ୍ରାୟ ଶୂନ୍, କାହିଁରେ କାହିଁରେ ଦୈବାତ୍ ପାଞ୍ଚ ସାତ ନମ୍ବର ରହିଯାଉଥିଲା । ବେଶ୍ ଢେଙ୍ଗା ମର୍ଦ୍ଦ । ତାକୁ ଦେଖି ହେ: ମା ଅନାଥବନ୍ଧୁ କହୁଥିଲେ—

ବୁଢ଼ା କାଳ ପାଠ
ଛତୁ ଫୁଟା କାଠ ।

ମୋ ସଙ୍ଗାତ ସନାତନ କଥା ବି ମନେ ପଡ଼େ । ଭୂତଲେ ଗୋଳମାଳ ହେବ ବୋଲି ସେ ଗଛରେ ଚଢ଼ି ପଢ଼େ, ରାତି ଅଧରୁ ଉଠି ପଢ଼େ । କିନ୍ତୁ 'ପାଠ୍ ପଢ଼େ ପଢେ ଧୋତ୍ ଉଡ଼େ ଯାୟ ମରମ୍ ନ ଜାନେ କୋଇ', ସାନ ପଣ୍ଡିତେ ତାକୁ ଉପଲକ୍ଷ୍ୟ କରି କହୁଥିଲେ । ମୋ ସଙ୍ଗାତ 'ଯୋଗୀ' ଯେ ସଂସ୍କୃତ ପ୍ରାର୍ଥନା ବୋଲିଲେ ଲୋମ ଟାଙ୍ଗୁରି ଉଠୁଥିଲା, ସେ କୁଆଡ଼େ ଗଲା ? ଦେଖୁଛି କେବଳ ଆମ ଗାଆଁର ଦାମବାବୁଙ୍କୁ; ସେ ଚିନ୍ତାମଣିବିଦ୍ୟାପୀଠର ହେ: ମା । ଅତି ସତ୍ୟବନ୍ତ, ନିଷ୍ଠାପର ଲୋକ । ସେଇ ମୁହଁଟିକି ଚାହିଁଦେଲେ ଲିଙ୍ଗରାଜଙ୍କ 'ମହାଦୀପ' ସାମ୍ନାରେ ଜଳି ଉଠେ—ସେଇ ଆଲୁଅରେ ଦୂର ଅତୀତ ଉଜ୍ଜ୍ୱଳ ଓ ରୋମାଞ୍ଚକର ମୂର୍ତ୍ତିରେ ମୋ ଆଗରେ ନାଚି ଉଠେ ।

ସେତେବେଳର ମକରମେଳା, ଜାଗରଯାତ୍ରା, ଅଶୋକାଷ୍ଟମୀ କଥା ମନେ ପଡ଼େ । ପଣ୍ଡା ବାଇହାଣ୍ଡିରେ ମକର ଚାଉଳ ଗୋଳି ଯାତ୍ରୀଙ୍କୁ ଟିକିଏ ଟିକିଏ ଚଖାଇ ଦେଉଳ ବେଢ଼ାରେ ବିକ୍ରୟ କରୁଥିଲେ । ଜାଗର ଜାଳି ସାରା ରାତି କେତେବେଳେ ଲିଙ୍ଗରାଜ, କୋଉ ବର୍ଷ ବା କପିଳେଶ୍ୱରଙ୍କ ଦେଉଳରେ ରାତି କଟାଇଥିଲି । ବଡ଼ଦାଣ୍ଡରୁ ଗହୀର ବାଟେ ରୁକୁଣାରଥ ମାଉସୀ ମା ଦେଉଳ ଯାଏ ଯାଉଥିଲା, ବେଳେ ବେଳେ ରଥ ଉପରେ ଗହୀର ବିଲରୁ ପାଣି ବାହାରି ପଡୁଥିଲା, କାଦୁଅରେ ଚକ ଗଳି ପଡୁଥିଲା, ବହୁ କଷ୍ଟରେ ଉଠୁଥିଲା । 'ରୁକୁଣା ରଥ ଅଣ ବାହୁଡ଼ା' । ବାହୁଡ଼ା ଯାତ୍ରା ଦିନ ମୁହଁ ନ ବୁଲାଇ ରୁକୁଣା ରଥ ଫେରୁଥିଲା ।

ହରିତାଳିକା ଓ ଶ୍ରୀପଞ୍ଚମୀକୁ ଦେଉଳରେ ମହାପ୍ରସାଦ ବରାଦ୍ ହେଉଥିଲା । ବିଶୁଦ୍ଧ ଘିଅର କାନେକା, ମହ ମହ ବାସୁଥିବା ହରଡ଼ଡାଲି, ବେଶର, ମହୁର

ଆମେ ଦେଉଳରୁ ସ୍କୁଲକୁ ବୋହି ଆଣୁଥିଲୁ । କୃତ୍ତୁ ଆଉ ଖେଚରୀ ଯାଉ କୁଆଡ଼େ ତଳେ ପଡୁଥିଲା । ଆମେ ବାଟମାରା କରି ଦେଉଥିଲୁ । ଖେଳିରେ ନାମକୁ ମାତ୍ର ବସି ଖିରୀ, କଦଳୀଚକଟା ଟିକିଏ ଟିକିଏ ହାପୁରି ଉଠୁଥିଲୁ ।

ଶିକ୍ଷକମାନଙ୍କ ମଧ୍ୟରେ ଅନାଥବନ୍ଧୁ ଆଜନ୍ମଦୁଃଖୀ । କିନ୍ତୁ ନିଜ କଥା ସେ କେବେ ଭାବନ୍ତିନାହିଁ । ଅତ୍ୟନ୍ତ ଛାତ୍ରବତ୍ସଳ । ଛାତ୍ରମାନଙ୍କ ଭଲମନ୍ଦ ବୁଝୁ ବୁଝୁ ତାଙ୍କର ଦିନ ଗଡ଼ିଯାଏ । ଶିକ୍ଷକଙ୍କ ମଧ୍ୟରେ ଗୁରୁ ସେ, ଦ୍ୱିପଦଙ୍କ ମଧ୍ୟରେ ଜଣେ ପ୍ରାଣସ୍ପର୍ଶୀ ମଣିଷ । ତାଙ୍କ କଣ୍ଠସ୍ୱର ଗମ୍ଭୀର, ନିର୍ମଳ, ପଢ଼େଇବା ରୀତି ଚମତ୍କାର । ଏବେ ବି ମୋ ପରି ବହୁ ଛାତ୍ରଙ୍କର ଗର୍ବ ସେ । ଛାତ୍ରଙ୍କର ମୂଳଦୁଆ ଗଢ଼ିବାରେ ତାଙ୍କର ଅଦ୍ଭୁତ ଦକ୍ଷତା ଥିଲା । କେବେ କାହାକୁ ପାହାରେ ବାଡ଼େଇବାକୁ ତାଙ୍କ ହାତ ଯାଉ ନ ଥିଲା । ରାଗିଲେ ଖୁବ୍ ଜୋର୍‌ରେ ହାତ ଉଠାଇ ଛୁଇଁ ଦେଉଥିଲେ ମାତ୍ର । ବାପମାଆଙ୍କୁ ଛାଡ଼ି ମୋ ଆଶ୍ରା ନେଇଛନ୍ତି, ମାରିବାକୁ କେମିତି ହାତ ଯିବ ?

ଘରକୁ ପିଲାଙ୍କୁ ଡାକି ଖୋଇବାରେ ତାଙ୍କର ପରମ ଆନନ୍ଦ, ଖୋଇବା ଲାଗି ବିଶେଷ କିଛି ନ ଥିଲା । ତାଙ୍କ ଘର ପଖାଳ ଶାଗରେ ସ୍ନେହ ମିଶି ଏକ ଅପୂର୍ବ ଆସ୍ୱାଦ ଦେଉଥିଲା, ଯାହା କେବେ କେଉଁଠି ମିଳୁ ନ ଥିଲା । ସହରରେ ତାଙ୍କର ଘର ନ ଥିଲା, ମଫସଲ କୁଡ଼ିଆ ଖଣ୍ଡି ଛପର ଅଭାବରୁ ମାଟିରେ ମିଶିଯାଇଥିଲା । ଜୀବନ କାଳ ମଧ୍ୟରେ ସେ ନିଜର କିଛି ହେଲେ ଉନ୍ନତି କରି ପାରି ନ ଥିଲେ ।

କ୍ଷୁଦ୍ର ସ୍ତର ଓ ସ୍ଥିତିରେ ମଣିଷ କେତେ ବଡ ହୋଇପାରେ, ଏବ ପରିସ୍ଥିତିରେ ମୁଁ ତାହା ଧାରଣା କରିପାରୁ ନାହିଁ । ଆମର ସୌଭାଗ୍ୟ-ଆମେ ସେପରି ଜଣେ ଗୁରୁ ପାଇଥିଲୁ—ସେ ଦୃଷ୍ଟି ଖୋଲି ଦେଇ ପାରୁଥିଲେ, ଦୃଷ୍ଟି, ଆଦିମ ଅନ୍ଧକାରରେ, ଘନ ଜଡ଼ତାରେ ଯାହା ଅଥର୍ବ ହୋଇ ଯାଇଥିଲା ।

ସାର୍ ସିନା କେତେ ମାଟି ପିଣ୍ଡୁଳାକୁ ସୁନା କରି ଗଢ଼ିଲେ, ତାଙ୍କ ସୁନା ପିତୁଳାଟି କିନ୍ତୁ ମାଟି ପାଲଟି ଗଲା । ତାଙ୍କର ଏକମାତ୍ର କୁଳାଙ୍କୁର 'ଲିଙ୍ଗରାଜ', ଯେ ଖାକି ପ୍ୟାଣ୍ଟ୍ ପିନ୍ଧୁଥିଲା, ଟପ୍ ଟାପ୍ ଇଂରେଜ କହୁଥିଲା, ପୂର୍ବରେ, ଚଲାକୀ ଚତୁରତାରେ ସହରୀ ପିଲାଙ୍କର ପ୍ରତୀକ ଥିଲା, ଆଶ୍ଚର୍ଯ୍ୟ, ବହୁକଷ୍ଟରେ ସେ ମାଟ୍ରିକ୍ ଯାଏ ଗଲା ।

ଭଗବାନଙ୍କ ବିଚାର, ମନେ ହୁଏ, ବେଳେ ବେଳେ ଏକ ବିଭ୍ରାଟ । 'ଅକାଳ କାଣ୍ଡ କପାଳେ ବାଜିଲା' ପରି ଆମେ ପାସ୍ କରି ଆସିବାର କେତେ ବର୍ଷପରେ ବସନ୍ତ ରୋଗରେ ଅନାଥବନ୍ଧୁଙ୍କର ହଠାତ୍ ମୃତ୍ୟୁ ହେଲା । ଲିଙ୍ଗରାଜ ପ୍ରାୟ ହୋଇଗଲା ଅନାଥ । ମୋର ମାତୃହମା ଗୁରୁପତ୍ନୀ ସେପରି ଶିକ୍ଷିତା ନ ଥିଲେ । କିନ୍ତୁ ପେଟଦାୟରେ ତାଙ୍କୁ ଚାକିରୀ କରିବାକୁ ହେଲା, ସେ ହେଲେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ସ୍କୁଲର ମାଷ୍ଟରଣୀ । ଏ ସମ୍ବାଦରେ ଛାତି ଫାଟିଗଲା ପରି ଲାଗୁଥିଲା । ଭାଗ୍ୟର ଏ କି ବିଡ଼ମ୍ବନା ! ଭଲଲୋକ ହେଲେ ଯେ ବିପଦ ନ ପଡ଼ିବ ଏହା କେହି କହି ନ ପାରେ, ଭଲ ମନ୍ଦ ଉଭୟ ବିପନ୍ନ ହୁଅନ୍ତି, କେହି ଏ ଜନ୍ମ କେହି ଗତ ଜନ୍ମ କର୍ମଫଳରୁ ।

ଆମର ସେକେଣ୍ଡ ମାଷ୍ଟ୍ର ଥିଲେ ଲକ୍ଷ୍ମୀକାନ୍ତ ସାଉ, ଅତି ଦୁର୍ବଳ ଶରୀର । ଫୁଙ୍କି ଦେଲେ ସତେ କି ପଡ଼ିଯିବେ । ମହାରାଷ୍ଟ୍ରୀ, କିନ୍ତୁ ପୁରାପୁରି ଓଡ଼ିଆ ହୋଇ ଯାଇଥିଲେ ସେ । ଓଡ଼ିଆରେ କବିତା ଲେଖୁଥିଲେ । ମାତ୍ରାବୃତ୍ତରେ ରଚିତ ତାଙ୍କର ଦେଶପ୍ରେମମୂଳକ କବିତାର ପଦେ ଦିପଦ ଏବେ ବି ମନେ ଅଛି—

'କୀର୍ତ୍ତି କିରିଟିନୀ ଜନନୀ ମୋହର
କାହିଁକି ତୋର ଏ ବେଶ ?
ଶ୍ରୀମୁଖମଣ୍ଡଳ ମଳିନ ମା ତୋର
କାହିଁକି ରୁକ୍ଷ କେଶ ?
ଅତୀତ ତୋହର ତୁଚ୍ଛ ବୋଲି ଗୋ
ନ କର ନ କର ଶଙ୍କା
ଲିଙ୍ଗରାଜର ତୁଙ୍ଗ ଦେଉଳେ
ରହିଛି ତୋ ନାମ ଅଙ୍କା ।
ଗାଏ ଖଣ୍ଡଗିରି ନୀରବ ବାକ୍ୟ
ଧଉଳି ଦେଇଛି ନୀରବ ସାକ୍ଷ୍ୟ
କେଦାରଗଉରୀ ଝର ନୀର ଗାଏ
ଓଡ଼ିଶା ଦେବତା ଦେଶ !'

ଓଡ଼ିଆ ଅକ୍ଷରଗୁଡ଼ିକ ତାଙ୍କର ମାଛମଞ୍ଜି ପରି ଗୋଲ; ଡ୍ରଇଁ କଲା ବେଳେ ସେ ରବର ଲୋଡ଼ୁ ନ ଥିଲେ । ଗୋଟିଏ ଗାରକେ ଚମତ୍କାର ଫୁଲ, ମଡେଲ ଡ୍ରଇଁ ଓ ମାନଚିତ୍ରମାନ ଅଙ୍କନ କରି ଦେଉଥିଲେ । ବି. ଏ. ଫେଲ୍, ଉଚ୍ଚ ସ୍ୱରରେ ପାଠ ପଢ଼େଇବା ଲାଗି ତାଙ୍କ ଦେହରେ ବଳ ନ ଥିଲା । ଡିକ୍‌ଟେସନରେ ଗୋଟିଏ ଭୁଲ୍‌କୁ ପାହାରଟିଏ ବସେ । ବେଳେ ବେଳେ ପେନ୍‌ସିଲ୍‌ରେ ପିଲାମାନଙ୍କ ଆଙ୍ଗୁଠିର ବଳ ପରଖୁଥିଲେ ସେ । ନିଶ ହଳକ କୋପରେ ଦୋହଲି ଉଠିଲେ ଆମ ଛାତି ଭୟରେ ଥରି ଉଠୁଥିଲା ।

ଲକ୍ଷ୍ମୀକାନ୍ତ ଭୁବନେଶ୍ୱର ଛାଡ଼ି ଆଠମଲ୍ଲିକ ମାଇନର ସ୍କୁଲରେ ହେଃ ମାଃ ଓ ପରେ ସେହି ରାଜ୍ୟର ଶିକ୍ଷାବିଭାଗର ପରିଦର୍ଶକ ଭାବେ ଅବସର ଗ୍ରହଣ କରିଥିଲେ ଓ ଏବେ (୧୯୬୫ରେ) ୮୨ ବର୍ଷ ବୟସରେ ପୁରୀରେ ତାଙ୍କର ମୃତ୍ୟୁ ହୋଇଛି । ଦୃଷ୍ଟିଶକ୍ତି ହରାଇବା ପର୍ଯ୍ୟନ୍ତ ସେ ସାହିତ୍ୟରଚନାରେ ବ୍ୟାପୃତ ଥିଲେ । ତାଙ୍କର ଅଧିକାଂଶ ଲେଖା ପାଣ୍ଡୁଲିପି ଆକାରରେ ରହିଛି । ପ୍ରକାଶିତ ପୁସ୍ତକ 'ରତ୍ନାବଳୀ'ରେ ସେ 'ହେମନ୍ତ', 'ଶିଶିର', 'ବସନ୍ତ' ଓ 'ନିଦାଘ' ପ୍ରଭୃତି ତୁଳସୀଦାସଙ୍କର ସ୍ତବକଗୁଡ଼ିକ ଅନୁବାଦ କରିଛନ୍ତି । କବିବର ରାଧାନାଥ 'ଶରତ' ଓ 'ବର୍ଷା'ର ଅନୁବାଦ କରିଥିଲେ । ତାଙ୍କ ପ୍ରକାଶିତ ପୁସ୍ତକ 'ରତ୍ନାବଳୀ'ରେ ଟେନିସନ୍‌ଙ୍କ 'ଡୋରା' କବିତାର ଅନୁବାଦ ସ୍ଥାନ ପାଇଛି—

'ବୃଦ୍ଧ ଆଲ୍ଲାନ ଶୁଦ୍ଧମତି
ଗୃହାଶ୍ରମର ଶ୍ରେଷ୍ଠ ଯତି
ଛନ୍ଦେ ଲକ୍ଷ୍ମୀ ପଦ୍ମ ପାଦ ସଦ୍ମ ଭରି ରାଜେ
କଲ୍ପଜୀବୀ ସ୍ୱଳ୍ପଭାଷୀ
ପଲ୍ଲୀର ସେ ବଡ଼ ଯେ କୃଷୀ

**କ୍ଷେତ୍ର ସୀମା ସ୍ପର୍ଶ କରି,**
କ୍ଷେତ୍ର ତାର ସଢେ ।'

ଚିଗିରିଆ ଗଡ଼ର ଆର୍ତ୍ତବନ୍ଧୁ ପଟ୍ଟନାୟକ ଆମର ହେଡ ପଣ୍ଡିତ ଥିଲେ । କବିତାରଚନାରେ ଛାତ୍ରମହଲରେ ତାଙ୍କ କୃତିତ୍ୱ ମଧ୍ୟ ଫୁଟି ଉଠିଥିଲା । ମୋର ପଦଟିଏ ମନେ ଅଛି—

'କଞ୍ଜବାସିନୀ ବାଣୀ କଞ୍ଜ ଚରଣେ
ପୂଜେ ଆହ୍ଲାଦମନେ ମଧୁ ନିକୁଞ୍ଜବନେ
ମିଳିନ୍ଦ ମାଳାୟିତ ସୁନୀଳକେଶା
ଶଶିମୟୂଖଜିତ ଧବଳ ସୁବେଶା
ଆସ ମା ଦୀନ ସଦନେ ।'

ପଣ୍ଡିତ ମହାଶୟ ବୋଡ଼ିଂର ସୁପରିଣ୍ଟେଣ୍ଡେଣ୍ଟ, ଆଇନଶୃଙ୍ଖଳା ରକ୍ଷାରେ ଭାରି କଡ଼ା । ମାଡ଼ ଦେଲାବେଳେ ଉପ୍ରୋଧ ନ ଥାଏ । ବେତ ପାହାରଟା ପୂରା ଦମ୍‌ରେ ପଡ଼େ, ଚିହ୍ନଟା ଦିନାକେତେ ରହେ ।

ସାହିତ୍ୟରେ ଉତ୍ସାହ । ତାଙ୍କ ସାହିତ୍ୟରେ ପ୍ରବେଶ ଯଥେଷ୍ଟ । ରାଧାନାଥ ଗ୍ରନ୍ଥାବଳୀ ମୁଖସ୍ଥ ।

'ଇତିହାସ ରଙ୍ଗ ସ୍ଥଳୀ ତୁ ଚିଲିକା
ତୋର ତୀରେ ପରା ଶ୍ରୀମତୀ ମାଣିକା
ହସ୍ତେ ଭୁଞ୍ଜିଥିଲେ ସାଦରେ ଲବଣୀ
ଭାବଗ୍ରାହୀ ପ୍ରଭୁ ଭକ୍ତ ଚିନ୍ତାମଣି ।'

ଆମର ମର୍ମେ ମର୍ମେ ରଶ୍ମି ପରି ପଡେ ଅବା ଏହି କବିତାର ଭାବ ଖେଳି ଯାଇଥିଲା । ଭାବରେ ଭୋଳ, ରସରେ ଟଳମଳ ହୋଇ ସେ ବୁଝାନ୍ତି—ଚିଲିକା କିପରି ଇତିହାସର ଏକ ରଙ୍ଗମଞ୍ଚ, 'ଶ୍ରୀମତୀ', 'ଚିନ୍ତାମଣି' ଓ 'ଭାବଗ୍ରାହୀ' ଶବ୍ଦର କିପରି ଚମତ୍କାର ପ୍ରୟୋଗ ହୋଇଅଛି ।

ସାହିତ୍ୟ ପଢ଼ାଇଲା ବେଳେ ସେ ସଂସାର ଭୁଲିଯାନ୍ତି ଯେପରିକି, ପ୍ରେମରେ ପଢ଼ନ୍ତି, ପ୍ରେମରେ ପଢ଼ାନ୍ତି । ସାହିତ୍ୟ ସେହିପରି ଅପାର୍ଥିବ ରସପ୍ରସ୍ରବଣ ଏକା । ସେପରି ଭାବ ମନରେ ନ ଉପୁଜିଲେ ଲେଖିବା ବୃଥା, ପଢିବା ପଢ଼େଇବା ବୃଥା ।

ପଣ୍ଡିତ ମହାଶୟଙ୍କର ଗୋଟିଏ ପୁଅ ହେଲା । ମନେ ପଡ଼େ, ସେ ବୋଡ଼ିଂ ପିଲାଙ୍କୁ ଟଙ୍କାଟିଏ ମିଠେଇ ଖାଇବାକୁ ଦେଇଥିଲେ । ସେଥିରୁ ଛ' ଅଣାରେ କଟକୀ ସେରେ ସୁଜି, ଚାରଣାରେ ସେରେ ଚିନି, ଛ' ଅଣାରେ ପାଏ ଗୁଆ ଘିଅ କିଣି ଆମେ ପିଲାମାନେ ମହନଭୋଗ କରି ଖାଇଥିଲୁ । ପିଲାଟି ଏକୋଇଶା ଡେଇଁବା ଆଗରୁ ସଂସାର ଛାଡ଼ିଗଲା । ଆମ ହାଲୁଆଖିଆ ମଜା ଛାଡ଼ିଗଲା ।

ସଂସାରଅନୁଭୂତିରୁ ବୁଝାଯାଏ—ଯାହା ଉପରକୁ ବିପଦ ଆସେ, ତା ପଛକୁ ତା ପଛ ଲାଗିଥାଏ । ସଂପର୍କୀୟମାନେ ବିପନ୍ନ ହେଲାପରେ ଏଥର ସିଧାସଳଖ ସାରଙ୍କ ନିଜ ଉପରେ ହିଁ ଆକ୍ରମଣ ହେଲା । ତାଙ୍କ ବଳାଗଣ୍ଠିରେ ଗୋଟାଏ

ଲୁପ ଥିଲା । କ୍ରମେ ବଢ଼ି ବଢ଼ି ଏହା ବିଷମ ଆକାର ଧାରଣ କଲା । ପଣ୍ଡିତ ମହାଶୟ ସଂସାର ବା ବୋର୍ଡିଂ ଚିନ୍ତା ଛାଡ଼ି ପ୍ରତିଦିନ ପୂଜା ଆରାଧନାରେ ଘଣ୍ଟା ଘଣ୍ଟା କଟାଇବାକୁ ଲାଗିଲେ । ତାଙ୍କ ବ୍ୟାକୁଳ ସ୍ତୁତି ଏବେ ବି କାନରେ ମୋର ବାଜି ଯାଉଛି ।—

'ହେ ଚନ୍ଦ୍ରଚୂଡ଼ ମଦନାନ୍ତକ ଶୂଳପାଣେ
ସ୍ଥାଣୋ ଗିରୀଶ ଗିରିଜେଶ ମହେଶ ଶମ୍ଭୋ
ଭୂତେଶ ଭୀତ ଭୟସୂଦନ ମାମନାଥମ୍
ସଂସାର ଦୁଃଖ ଗହନାତ୍ ଜଗଦୀଶ ରକ୍ଷ' ।

ଲିଙ୍ଗରାଜମହାପ୍ରଭୁଙ୍କ ମୁଣ୍ଡରେ ଲକ୍ଷେ ଗଇଣ୍ଠ ଫୁଲ ଚଢ଼ାଇଲେ ସାର୍ ରୋଗମୁକ୍ତ ହେବେ ବୋଲି ଜଣେ ପଣ୍ଡିତ ବ୍ୟବସ୍ଥା ଦେଲେ । ସେତେବେଳେ ଭୁବନେଶ୍ୱରରେ ଚାରିଆଡ଼େ ବିସ୍ତୃତ ପଡ଼ିଆ, ଅନାବନା କୋଟି କୋଟି ଗଇଣ୍ଠ ଗଛ, ଯୁଆଡ଼େ ଦୃଷ୍ଟି ପକାଇବ ତେଣେ, ସତେ ଯେପରି ଶିବଙ୍କର ଅପାଣିଆ ଉଦ୍ୟାନସବୁ ତାଙ୍କରି ମହିମାରେ ବଢ଼ି ଉଠିଛି । ଆମେ ଗୋଟିଏ ଗୋଟିଏ ଚାଙ୍ଗୁଡ଼ି ଧରି ଗଣି ଗଣି ଗଇଣ୍ଠ ଫୁଲସବୁ ତୋଳୁଥିଲୁ । ଲିଙ୍ଗରାଜଙ୍କର କେତେ ଅଭିଷେକ କରାହେଲା, କେତେ ପାଦୁକ ପାଣି ପିଆହେଲା, କପିଳେଶ୍ୱରଙ୍କଠି କେତେ ଦୀପ ଜଳାଗଲା, କେଦାର-ନାଥଙ୍କ ମୁଣ୍ଡରେ କେତେ କଦଳୀ ନବାତ ଘଷାଗଲା, ସୋମନାଥଙ୍କ ନାମରେ କେତେ ଉପାସ କରାଗଲା । ସବୁ ସଂକଳ୍ପ, ପୂଜାଧୂଜା କୁଆଡ଼େ ପାଣି ଫାଟିଗଲା । ଦୁର୍ଭାଗ୍ୟ କବଳରୁ ଏଇ ଧ୍ୱଂସମୁଖୀ ପରିବାରଟିକୁ କୌଣସି ଦେବଦେବୀ ରକ୍ଷା କରିପାରିଲେ ନାହିଁ । ମୁହଁ, କାନ ଫୁଲି ଲାଲ୍ ହୋଇଗଲା । ଲୋକନିନ୍ଦାକୁ ଡରି ସାର୍ ସ୍କୁଲ ଛାଡ଼ି ପଳାଇଗଲେ—ସନ୍ନ୍ୟାସୀ ! ବହୁ ଖୋଜାଖୋଜି ପରେ ତାଙ୍କର ସନ୍ଧାନ ମିଳିଲା ମଥୁରାରେ । ସଦାବର୍ତ୍ତ ଅନ୍ନରେ ସେ ଜୀବନ ଧାରଣ କରୁଥାନ୍ତି—ଧ୍ୟାନ-ଧାରଣାରେ, ଧର୍ମଚର୍ଚ୍ଚାରେ ଜୀବନ କଟୁଥାଏ । ତାଙ୍କ ଭାଇ କାହ୍ନୁ ପଟ୍ଟନାୟକ ତାଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରି ବ୍ୟର୍ଥ ହେଲେ । ସେ କହିଲେ—"କୁବେରପୁରୀ ଜୁର ହେଲେ ମଧ୍ୟ ଆଉ ବ୍ରଜଧାମ ତ୍ୟାଗ କରି ଯିବିନାହିଁ" । ତା'ପରେ ତାଙ୍କ ପରିବାରର ଏକ କରୁଣ ପରିଣତି ହୋଇଥିଲା । ସ୍ତ୍ରୀ ଜୀବନ ପ୍ରତି ନିରାଶ ହୋଇ ଆତ୍ମହତ୍ୟା କଲେ ।

ମଧୁସୂଦନ ମିଶ୍ର ସ୍କୁଲର ସାନ ପଣ୍ଡିତ; ଧୋବ ଫର ଫର ଲୁଗା ଜାମା ପିନ୍ଧି ସ୍କୁଲକୁ ଆସନ୍ତି । ସେ ଜଣେ ଉତ୍କୃଷ୍ଟ ପୋଥିଶିଳ୍ପୀ । ଜଗନ୍ନାଥ ତ୍ରିମୂର୍ତ୍ତି, ରାଧାକୃଷ୍ଣ, ଉମାମହେଶ୍ୱର, ପଦ୍ମ, ନାନା ଫୁଲକୁଞ୍ଜ ତାଳପତ୍ରରେ ବଡ଼ ସୁନ୍ଦର ଭାବେ ସେ ଅଙ୍କନ କରନ୍ତି, ରଙ୍ଗ ଦିଅନ୍ତି; ଅକ୍ଷର ମଧ୍ୟରୁ ଅଧା କରଣି । କର୍ମକର୍ମାଣି ପୂଜାଧୂଜା ଆଦି ବ୍ରାହ୍ମଣିଆ ପାଠରେ ସେ ପ୍ରବୀଣ । ଭୁବନେଶ୍ୱରର ବିଭିନ୍ନ ଦେଉଳ ବିଷୟରେ ସେ ଜଣେ ବିଶେଷଜ୍ଞ, ଯାବତୀୟ କାହାଣୀ କିମ୍ବଦନ୍ତୀ ତାଙ୍କୁ ଜଣା । 'ଉତ୍କଳର ପ୍ରାଚୀନକୀର୍ତ୍ତି' ପଢ଼ା ହେଲା ଦିନ ସେ ଆମକୁ ଭୁବନେଶ୍ୱରର ଦେଉଳସବୁ ବୁଲାଇ ଦେଖାନ୍ତି ।

କିନ୍ତୁ ବିଜ୍ଞାନ ବିଷୟରେ ସେ ଅଜ୍ଞାନ । 'ପ୍ରଜାପତି' ଅର୍ଥ ସେ କହୁଥିଲେ ପ୍ରଜାପତିଆ ଚଢ଼େଇ । ଯାହାର ପକ୍ଷ ଅଛି ତାଙ୍କ ଦୃଷ୍ଟିରେ ସେ ପକ୍ଷୀ, କର୍ଣ୍ଣ,

ଝିଙ୍ଗିପୋକ, ଭଅଁର, ମଶା, ମାଛି ସବୁ ପକ୍ଷୀ । ପକ୍ଷୀ ଓ ପତଙ୍ଗ ମଧ୍ୟରେ ଥିବା ତାରତମ୍ୟ ସେ ବୁଝି ନ ଥିଲେ ।

ଦିନର ଶେଷ ପିରିଅଡ୍‌—ଧର୍ମଶିକ୍ଷା, ପେଟରେ ଭୋକ, ସେତେବେଳେ ଧର୍ମତତ୍ତ୍ୱ ବା ଉପଦେଶ ଶୁଣିବ କିଏ ? ମନ ଚଞ୍ଚଳ—ସ୍କୁଲ ପଳାଇବା । ସାନ ପଣ୍ଡିତେ ଅଭିଜ୍ଞତାରୁ ବୋଧହୁଏ, ପିଲାମାନଙ୍କର ଏ ମନସ୍ତତ୍ତ୍ୱ ହୃଦୟଙ୍ଗମ କରିଥିଲେ । ସେ ପୌରାଣିକ ଗଳ୍ପସବୁ ଆରମ୍ଭ କରି ଦେଉଥିଲେ, ଅତି ନାଟକୀୟ ଢଙ୍ଗରେ ।

ଭୀମର ବାହୁବଳ ପଶି ଯାଉଥିଲା ତାଙ୍କ ବାହାରେ, ଦୁଃଶାସନକୁ ମାଡ଼ି ବସିଥିବା ବେଳେ ଭୀମର ଭ୍ରୂକୁଟି ଫୁଟି ଉଠୁଥିଲା ତାଙ୍କ ମୁଖରେ । ସେ ଚିରାରୁ ଥିଲେ ତା'ର ଛାତି, ଓପାଡ଼ି ଊର୍ଦ୍ଧ୍ୱାକାଶକୁ ଫିଙ୍ଗି ଦେଉଥିଲେ ତା'ର ବାହୁ—

ଭଲକରି ଦେଖ ଏବେ ଭ୍ରାତାଙ୍କ ବଦନ
ଉପକାରୀ ବନ୍ଧୁ ଯେ ଅଟନ୍ତି ଏହୁ ଜନ ।

ଯୁଦ୍ଧବେଳେ ସେ ପୂରପୂରି ହୋଇ ଯାଉଥିଲେ ପୁରାଣ କାଳର । କେବଳ ଗଦା ଯୁଦ୍ଧରେ ଛିଡ଼ା ହେଲାବେଳେ ସେ ସଚେତନ ହୋଇ ଯାଉଥିଲେ—ଗୋଟିଏ ପାଦ ଯେ ଖଞ୍ଜ, ପ୍ରାୟ ଅଚଳ ।

ମନେପଡ଼େ କ୍ଷେତ୍ରମୋହନ ପଟ୍ଟନାୟକଙ୍କ କଥା । ଯେ ଅଚଳ, ଅକର୍ମଣ୍ୟ, ତାଙ୍କ ପରିବାର ବିପନ୍ନ । ଦୟା ପାଇ ଅନାଥବନ୍ଧୁ ତାଙ୍କୁ ହଷ୍ଟେଲର ଗୋଟିଏ କୋଠରୀରେ ଆଣି ରଖିଥିଲେ । ସେ ଛାତ୍ରମାନଙ୍କୁ ପଢ଼ାଉଥିଲେ, ଆମ ମେସ୍‌ରେ ଖାଉଥିଲେ । ପାହାନ୍ତିଆରେ ତାଙ୍କ ସ୍ତୁତିଗୀତ ଶୁଣା ଯାଉଥିଲା—

କେଶବ କୁରୁ କରୁଣା
ଦିନେ କୁଞ୍ଜକାନନଚାରୀ
ମାଧବ ମନ ମୋହନ
ଦିନେ ମୋହନ ମୁରଲୀଧାରୀ ।

ସୁସ୍ଥ, ସବଳ ହେଲା ପରେ କ୍ଷେତ୍ରମୋହନ ପୁରୀ ଜଗନ୍ନାଥବଲ୍ଲଭ ମଠର ମ୍ୟାନେଜର ହେଲେ ।

ମନେପଡ଼େ ସୁଧାଚରଣ ପଣ୍ଡା (ସ୍ୱନାମଧନ୍ୟ ଡାକ୍ତର ଓ ଐତିହାସିକ)ଙ୍କ କଥା । ଆମେ ପିଲାମାନେ ସ୍କାଉଟିଂରେ ପିରମିଡ୍ ଗଢୁଥିବା ବେଳେ ସେ ପଡ଼ିଆକୁ ସାଇକଲରେ ଆସି ହଠାତ୍ ପଡ଼ିଯାଇ ଥିଲେ—ଆହା ଗୋଡ ଭାଙ୍ଗି ଗଲା । ଉଠିବାକୁ ଅକ୍ଷମ, ଅଜ୍ଞାନ । ଛିଞ୍ଚାଡ଼ିଞ୍ଚା କରି ତାଙ୍କ ଚେତା ଫେରାଇ ଅଣା ହୋଇଥିଲା । ହଷ୍ଟେଲକୁ ବୋହିନେଇ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା । କିଛିକାଳ ପରେ ସେ ହଠାତ୍ ହସି ଉଠିଲେ ଓ ଠିଆହୋଇ ପଡ଼ିଲେ । 'ମିଛରେ' ବୋଲି ହସି ହସି ଆମେ କିଏ କୁଆଡ଼େ ପଳାଇ ଯାଇଥିଲୁ । ସ୍କାଉଟିଂରେ ଆମେ ଆହତର କିପରି ସେବା କରି ଶିଖିଛୁ, ପରଖିବା ତାଙ୍କର ଉଦ୍ଦେଶ୍ୟ ଥିଲା ।

ମନେପଡ଼େ—ଖୋର୍ଦ୍ଧା ହାଇସ୍କୁଲକୁ ମୁଁ ମାଇନର ପରୀକ୍ଷା ଦେବାକୁ ଯାଇଥିଲି । ବାଙ୍କନିଧି ପଟ୍ଟନାୟକ ('ଧୂପ ଛାୟା' ଗଳ୍ପ ପୁସ୍ତକର ଲେଖକ) ସେତେବେଳେ ସେଠି ହେ: ମା: ଥିଲେ । ତାଙ୍କର ବିଶାଳ, ଗୁରୁଗମ୍ଭୀର ମୂର୍ତ୍ତି ଦେଖି ଖୁବ୍ ଡର ମାଡ଼ିଥିଲା । ଘଣ୍ଟାର ଢାଉଁ ଢାଉଁ ସଙ୍ଗେ ଛାତି ମୋର ଦାଉଁ ଦାଉଁ ପଡ଼ିଥିଲା । କୋହଲା ପାଗ, ଝିପି ଝିପି ବର୍ଷା । ବରୁଣେଇ ପାହାଡ଼ ବଣରେ ଧୂଆଁଳିଆ ମେଘସବୁ ଚରିବୁଲି ପୁଣି ଆକାଶକୁ ଉଡ଼ି ଯାଉଥିଲେ ।

୧୯୩୦ରେ ମୁଁ ମାଇନର ପାସ୍ କଲି । ଖଣ୍ଡଗିରି ଆମର ଲୀଳାଶୈଳ ଥିଲା; ଏକା ଦୌଡ଼କେ ଯାଇ ପହଞ୍ଚୁଥିଲୁ ଜୈନ ମନ୍ଦିର ପାଖରେ; ମାଘସପ୍ତମୀକି ତେଣେ ଚନ୍ଦ୍ରଭାଗା ବୁଡ଼, ଏଣେ ଖଣ୍ଡଗିରି ମେଳା । ବାବାଜୀମାନଙ୍କ ଭଜନ ଓ ଖଞ୍ଜଣି ଶବ୍ଦରେ ଗିରିଗୁମ୍ଫା କମ୍ପି ଉଠୁଥିଲା; ଉଦୟଗିରି ଗୁମ୍ଫା ସାମ୍ନାରେ ଆମେ ଚେଷ୍ଟାଇ କରି ଖାଉଥିଲୁ; ଜାଣି ନ ଥିଲୁ ପାହାଡ଼ ଉପରେ ଲେଖା ହୋଇଛି ଜଣେ ଦିଗ୍‌ବିଜୟୀ ମହାରାଜାଙ୍କ କୀର୍ତ୍ତି ଗାଥା ବୋଲି—ସମ୍ରାଟ ଖାରବେଳ । ଦୁର୍ଦ୍ଧର୍ଷତା ଓ ଧର୍ମପ୍ରାଣତାରେ ସେ ଅଶୋକଙ୍କର ପ୍ରାୟ ସମାସ୍କନ୍ଧ ଥିଲେ ।

ଗଙ୍ଗୁଆ ନଦୀର ଧାରେ ଧାରେ ଯାଇ ପହଞ୍ଚୁଥିଲୁ ଶିଶୁପାଳ ଗଡ଼ରେ—ଏଠି ଖାରବେଳଙ୍କର ନଅର ଥିଲା, ଥିଲା ମହାବିଜୟପ୍ରାସାଦ—ଏ ନଈଟି ଥିଲା ତାର ଗଡ଼ଖାଇ । ଏପଟେ ଉଦୟଗିରିର ଖାରବେଳ ଲେଖକୁ, ସେପଟେ ଦୟା କୂଳର ଧଉଳିର ଅଶୋକଙ୍କ ଶିଳାଲେଖ ।

ଭାସ୍କର୍ଯ୍ୟ ନ ବୁଝିଲେ ବି ବାରମ୍ବାର ମନ୍ଦିର ବୁଲି ଦେଖିବାକୁ ଭଲ ଲାଗୁଥିଲା । ବାସୁଆ ବଳଦ, ଯେ ତିନିପାଦ ଉଠିଛି, ଆଉ ପାଦେ ଉଠିଲେ ପୃଥିବୀରେ ପ୍ରଳୟ ହେବ, ଗଣପତି ଯାହାଙ୍କୁ ପୁରୁଷୋତ୍ତମ ଦେବ କାଞ୍ଚୀ ଜୟକରି ଆଣିଥିଲେ ବୋଲି ବିଶ୍ୱାସ ପ୍ରଚଳିତ, କଳିଯୁଗ ଭେଣ୍ଟା, ଯେ ସେ କାଳ ଭେଣ୍ଡିଆ ଦେହସରର ଉତ୍କୃଷ୍ଟ ନମୁନା, ମୁକୁଶିଆଳି ଯାହାର ଧାରେ ଧାରେ ଉତ୍କଳୀୟ ଯୁଦ୍ଧ ପଟୁଆରର ଚିତ୍ର ଖୋଦିତ, ପାର୍ବତୀ ଦେଉଳ, ବୋଇତିଆଳ ଦେଉଳ, ଗୌରୀ ମନ୍ଦିର, ପର୍ଶୁରାମେଶ୍ୱର, ମେଘେଶ୍ୱର, ମୁକ୍ତେଶ୍ୱର, କେଦାରଗୌରୀ, ପାପନାଶିନୀ, ମରୀଚିକୁଣ୍ଡ, ବିନ୍ଦୁସାଗର, କୋଟିତୀର୍ଥ ସବୁ ଥରେ ମନବୋଧ କରି ଦେଖିଲି । ଘରକୁ ଫେରିଗଲା ବେଳେ ଲିଙ୍ଗରାଜଙ୍କ ବଡ ଦେଉଳକୁ ପଛକୁ ରହି ରହି ଦେଖୁଥିଲି—ବଡ଼ ଦେଉଳ—ଯାହା ଉପରକୁ ପ୍ରତି ପୂର୍ଣ୍ଣିମାରେ ବଡ଼ପଣ୍ଡା 'ଲିଙ୍ଗରାଜ ହେ' ବୋଲି ବଡ଼ ପାଟି କରି ମହାଦୀପ ଧରି ଉଠିଯାଉଥିଲା, ରାତିରେ ବାଜି ଉଠୁଥିଲା ତେଲିଙ୍ଗି ବାଜା ।

## ବିଜୟରୁ ପରାଜୟ ମହତ୍ତର

ମାଇନର ପାସ୍ ପରେ ଉପରକୁ ପଢିବାର ସାହସ ମୋର ନ ଥିଲା । ପରିସ୍ଥିତି ପ୍ରତିକୂଳ । ବନ୍ଧୁବାନ୍ଧବ କି ହିତାକାଂକ୍ଷୀ କାହାଠାରୁ କିଛି ଉତ୍ସାହ ମିଳିଲା ନାହିଁ । ସ୍ଥିର କଲି—ଗୁରୁଜିରୀ କରିବି ।

ଭାଇନା ନିମ୍ନ ପ୍ରାଥମିକ ସ୍କୁଲରେ ନୂଆ ହୋଇ ସେକେଣ୍ଡ ପଣ୍ଡିତ ହୋଇଥାନ୍ତି । ମାସକୁ ଦରମା ସାତ ଟଙ୍କା; ବର୍ଷେ ଶିକ୍ଷକତା କଲା ପରେ ସେ ଟ୍ରେନିଂକୁ

ଯାଉଥାନ୍ତି । ତାଙ୍କ ଢାଗାଟି ମିଳିଯିବ ଭାବି ବଡ ଆଶାରେ ବାମନାଳ ଗ୍ରାମକୁ ଧାଇଁଲି । କିନ୍ତୁ ଭାଗ୍ୟର ଚକ୍ରାନ୍ତରେ ସେ ହେଲାନାହିଁ । ତା ପରେ ଯୋଉ ତାଳ ଧଇଲି ସେ ତାଳ ଛିଡ଼ିଲା । ଶେଷକୁ ଆଉ ମିଳିଲା ନାହିଁ, ଅନ୍ନଦା । ଟିଉସନ୍‌ଟିଏ । ବେତନ କେବଳ ଭୋଜନ । ଯାହାହେଉ, ମୋ ଦାନାମୁଠାକ ପାଇଁ ମୁଁ କାହା ଉପରେ ନିର୍ଭର କରୁନାହିଁ—ଆତ୍ମସନ୍ତୋଷ ।

କିନ୍ତୁ ମୋ ଦୃଷ୍ଟି ଥିଲା ଗାଁ ସ୍କୁଲ ଉପରେ, ଏଠା ଶିକ୍ଷକ ମଧ୍ୟ ଟ୍ରେନିଂକୁ ଯାଉଥାନ୍ତି । ମୋର ଦାନାଦାତା ନିମାପଡ଼ା ମାଇନର ସ୍କୁଲର ହେଡ୍‌ମାଷ୍ଟ୍ରେ ଶ୍ରୀ ଜଗନ୍ନାଥ ରଥେ ଟିକିଏ ସୁପାରିସ୍ କରି ଦେଇଥାନ୍ତି । କିନ୍ତୁ ମୁଁ ଛୁଇଁଲା ବେଳକୁ ସୁନା ମୁଣ୍ଡା ପଥର ହୋଇ ଯାଉଥାଏ । ହଠାତ ମାଷ୍ଟ୍ରଙ୍କ ଡମୋ ପାଦରୁ ଖସି ହୋଇଗଲା ଗ୍ରି; ଧରୁ ନ ଧରୁ ସେ ବି ଖସିଗଲା—ଭାଗ୍ୟର ବିଡ଼ମ୍ବନା ।

ଯେ ଯେ ଚାକିରିଟି ପାଇଲେ, ସେ ସ୍ଥାନୀୟ; ପ୍ରଭାବଶାଳୀ ମାମଲତକାରଙ୍କ ସୁପାରିସ୍ ତାଙ୍କ ପଛରେ ଥିଲା । କିନ୍ତୁ ପରାଜୟହିଁ ବିଜୟଠାରୁ ମୋ ପକ୍ଷରେ ଅଧିକ ଅନୁକୂଳ ହେଲା । ମଣିଷର ମନ ଛୋଟ; ସେ ଯାହା ଚାହେଁ, ଭଗବାନ୍ ଭାଗ୍ୟତଃ ତାହା ଦିଅନ୍ତି ନାହିଁ । ଦେଲେ ତା ଅବସ୍ଥା ଶୋଚନୀୟ ହେଉଥାନ୍ତା । ମୁଁ ଚାହିଁ ଜାଣି ନ ଥିଲି; ଅନ୍ଧ ପରି ଅଣ୍ଡାଳି ଅଣ୍ଡାଳି ଚାଲୁଥିବା ବେଳେ ପ୍ରଭୁ ଆଲୋକ ଆଡ଼କୁ ମୋ ଜୀବନର ମଙ୍ଗ ବୁଲାଇ ଦେଲେ ।

ସେ ବର୍ଷ ନିମାପଡ଼ା ମାଇନର ସ୍କୁଲରେ ଅଷ୍ଟମ ଶ୍ରେଣୀ ଖୋଲା ହେଉଥାଏ । କିନ୍ତୁ ନୂଆ ହାଇସ୍କୁଲକୁ ଛାତ୍ର ମିଳୁ ନ ଥାନ୍ତି । ମୋର ପରମ ହିତାକାଂକ୍ଷୀ ରଥେ ମୋତେ ନ ପଚାରି ବା ପଚାରିବାର ପ୍ରୟୋଜନ ଅନୁଭବ ନ କରି ମୋ ନାମଟି ସ୍କୁଲରେ ଲେଖାଇଦେଲେ । ନାମଲେଖା ଫି ବା ଦରମା ମୋତେ କିଛି ଦେବାକୁ ପଡ଼ିଲା ନାହିଁ । କାଲି ଆଉ ଆଜି ମଧ୍ୟରେ କେତେ ତଫାତ୍ । ଆଜି ମୁଁ ହାଇସ୍କୁଲର ଛାତ୍ର ! ସେତେବେଳେ ତାର ଗୁରୁତ୍ୱ ବା ଗୌରବ ଥିଲା, ଭାଗ୍ୟ ବେଳେ ବେଳେ ଭୋଜବିଦ୍ୟା ପରି କାର୍ଯ୍ୟ କରେ ।

କ୍ଲାସ୍‌ରେ ଯେତେବେଳେ ଯାଇ ବସିଲି, ଛାତି ମୋର କୁଣ୍ଢେ ମୋଟ ହୋଇଗଲା । ବେଶୀ ଆନନ୍ଦିତ ହେଲି, ଯେତେବେଳେ ଦେଖିଲି—ମୋ ସମାସ୍କନ୍ଧ ଜଣେ ହେଲେ ଛାତ୍ର ଶ୍ରେଣୀରେ ନାହିଁ । ଅନାଥବନ୍ଧୁଙ୍କ କିମିଆଁ ଯୋଗୁଁ ଆମେ ଜଣେ ଜଣେ ସ୍ୱତନ୍ତ୍ର ମାର୍କାମରା ହୋଇଥିଲୁ । ପ୍ରଶ୍ନଟି ବୁଲି ବୁଲି ସବା ଶେଷରେ ମୋ ଉପରେ ପଡ଼େ । ମୁଁ ଯଥାର୍ଥ ଉତ୍ତର ଦେଇ ଶିକ୍ଷକଙ୍କ ସନ୍ତୋଷ ବିଧାନ କରେ । ଏହି ପ୍ରକାରେ ମୋ ଆସନ ସ୍କୁଲରେ ଦୃଢ଼ତର ହେଲା—ମୁଁ ହେଲି ଅପରିହାର୍ଯ୍ୟ—ମୋ ଉପରେ ନୂତନ ସ୍କୁଲର ଭବିଷ୍ୟତ କେତେକାଂଶରେ ନିର୍ଭରଶୀଳ ହୋଇ ପଡ଼ିଲା ।

## କବିତା ଯେଉଁ ଦିନ ଜନ୍ମ ହେଲା

ସେହି ବର୍ଷ ମୋ ଜୀବନରେ ଗୋଟିଏ ନୂତନ ଦିଗବଳୟ ଖୋଲିଲା—ବିତାନ ପରି ବିଚିତ୍ର ସେ, ବହୁ ବର୍ଣ୍ଣଯୁକ୍ତ । ମୁଁ କବିତା ଲେଖିଲି—ସେ ୧୯୩୧ ମସିହା କଥା । ନିଜକୁ ନୂଆ ଭାବେ ଆବିଷ୍କାର କଲା ପରି ଲାଗିଲା—ନିଜ ପାଖେ

ନିଜର ମୂଲ୍ୟ ବଢ଼ିଲା —ଆନନ୍ଦର ଏକ ମହୁଫେଣା ଯେପରି ଝୁଲିବାକୁ ଲାଗିଲା ମୋର ମନରେ ।

କେଉଁଠୁ କେଜାଣି 'ରାଧାନାଥ ଗ୍ରନ୍ଥାବଳୀ' ଖଣ୍ଡିଏ ମୋ ହାତରେ ପଡ଼ିଥାଏ । ବିନା ଗୁରୁରେ କାବ୍ୟସବୁ ଖଣ୍ଡିକ ପରେ ଖଣ୍ଡିଏ ପଢ଼ି ଯାଉଥାଏ । ରାଧାନାଥ ହିଁ ମୋର ପ୍ରଥମ ଦିଶାରୀ, ତାଙ୍କରି କାବ୍ୟରେ ହିଁ ମୋର ପ୍ରଥମ ଭାବର ଅଭିଷେକ ହୋଇଛି । ଘୋର ଶୂନ୍ୟତା ମଧ୍ୟରେ ପୂର୍ଣ୍ଣତାର ଅନୁଭବ ଆସିଛି ମୋର ମନରେ । ରାଧାନାଥଙ୍କଠାରୁ ମୁଁ ପ୍ରଥମେ ପ୍ରକୃତିକି ଭଲ ପାଇ ଶିଖିଲି ।

ଗୁରୁଗମ୍ଭୀର ହୋଇ ବୁଲିଲି କୁଶଭଦ୍ରା ନଦୀ ତଟରେ, ବସିଲି ମନ୍ଦିର ଦେହଳୀରେ, ଶ୍ମଶାନରେ ବା ନିର୍ଜନ ତୋଟାମାଳରେ । ନାନା ଦୁଃଖ ମଧ୍ୟରେ କବିତା ଲେଖା ହିଁ ବଡ଼ ଉପଭୋଗ ଥିଲା । ଏବେ ଦିନେ ଘରେ ପୁରୁଣା ପେଟରା ଅଣ୍ଡାଳୁ ଅଣ୍ଡାଳୁ ନବମ ଶ୍ରେଣୀରେ ଲିଖିତ ଖଣ୍ଡିଏ କାବ୍ୟ ପାଇଲି । ଅପୂର୍ଣ୍ଣ । ନାମ 'ଲାବଣ୍ୟ କୁସୁମ' । ପ୍ରଥମରୁ ଖଣ୍ଡ କବିତା ପରିବର୍ତ୍ତେ କାବ୍ୟ ଲେଖୁଥିଲି ଏହାହିଁ; ତା'ର ପ୍ରମାଣ । ତେଣୁ ସେ କାଳର ପଦ୍ୟ ଓ ଗଦ୍ୟ ଲେଖାର ନମୁନା ପାଠକମାନଙ୍କୁ ଦେବାପାଇଁ ମୋତେ ସୁବର୍ଣ୍ଣ ସୁଯୋଗ ମିଳିଗଲା । କାବ୍ୟଖଣ୍ଡି ଆମ ସ୍କୁଲର ସଂସ୍କୃତ ପଣ୍ଡିତ ହରିହର ମିଶ୍ରଙ୍କୁ ଅର୍ପଣ କରିଥିଲି । ଅର୍ପଣ ପତ୍ରରେ ଲେଖିଥିଲି—

"ଆଜି ମୋର ଗୋଟିଏ ଆନନ୍ଦର ଦିବସ । ଆଜି ମୋର ହୃଦୟରେ ଗୋଟିଏ ଆନନ୍ଦ ସାଗର ନିର୍ମିତ । କାରଣ ମୁଁ କପୋଳକଳ୍ପିତ, ସୁନୀଳ ନିର୍ମଳ ଗଗନରେ ଅର୍ଦ୍ଧ ନିମୀଳିତ ତାରକା ସଦୃଶ, ସାହିତ୍ୟ ସୁଗନ୍ଧ ବୃକ୍ଷବିଶିଷ୍ଟ ବିପିନରେ କ୍ଷୁଦ୍ର ଅଶ୍ରୁବାସିତ କୁସୁମ ସଦୃଶ, ସିକତାମୟ, ପ୍ରକାଣ୍ଡ ସାହିତ୍ୟ ମରୁସ୍ଥଳିରେ ଅଦୃଷ୍ଟ ରେଣୁ ସଦୃଶ, ପ୍ରକାଣ୍ଡ ଓ ଅନନ୍ତ ସାହିତ୍ୟ ନୀରନିଧିରେ କ୍ଷୁଦ୍ର ମୀନ ସଦୃଶ ଏହି ଲାବଣ୍ୟ କୁସୁମ' କାବ୍ୟ ଖଣ୍ଡିକ ସାହିତ୍ୟଅନୁରାଗୀ, ବିଦ୍ୟୋତ୍ସାହୀ ଶ୍ରୀ ହରିହର ମିଶ୍ରଙ୍କ ଚରଣକମଳରେ ସଂଶୋଧନ ନିମିତ୍ତ ଅର୍ପଣ କରୁଅଛି ।"

ତା ୧୦-୧୦-୧୯୩୨ ।

ମୋର ପାଠକ ଓରଫ ପଢ଼ା ସଙ୍ଗୀମାନଙ୍କ ଲାଗି ଖଣ୍ଡିଏ ଆବେଦନପତ୍ର ଏଥିରେ ସନ୍ନିବିଷ୍ଟ ହୋଇଥିଲା ମଧ୍ୟ—

"ପ୍ରାବୃଟ କାଳରେ ଅମାଅନ୍ଧାରିତ ବିଭାବରୀରେ ସପାଟରେ ଧରାରେ ଜ୍ୟୋତିରିଙ୍ଗଣ ସଦୃଶ ଏହି କପୋଳକଳ୍ପିତ, ଚିର ଆଶାପୋଷିତ, 'ଲାବଣ୍ୟ କୁସୁମ' କାବ୍ୟଖଣ୍ଡିକ ସମାପ୍ତ କରିଥିବାରୁ ଆଜି ମୋର ହୃଦୟରେ ଆନନ୍ଦକଲ୍ଲୋଳ ଖେଳି ଉଠୁଛି । ମାତ୍ର ସମସ୍ତ ହୃଦୟରେ ଖେଳିବ ନାହିଁ । ସୁଲଳିତ ଲେଖା ପାଠ କଲେ ସାଧାରଣତଃ ବାଳକମାନେ ବିଷ୍ଣୁପଦରେ ଉପବିଷ୍ଟ ହୋଇ ସ୍ୱର୍ଗସୁଧା ପାନ କଲାପରି ବୋଧ କରନ୍ତି । ମାତ୍ର ଏହା ତାର ବିପରୀତ । ଏହା ମୋର ପ୍ରଥମ କାବ୍ୟ ହୋଇଥିବାରୁ, ଲେଖାରେ ବିଶେଷ ଅଧ୍ୟବସାୟିତ ନ ହୋଇଥିବାରୁ ସୁଶ୍ରାବ୍ୟ ହେଲାପରି ବୋଧ ହେଉନାହିଁ । ମୁଁ ସାହିତ୍ୟନୀରନିଧିରେ ପ୍ରବେଶ କରି ନାହିଁ । ସାହିତ୍ୟାର୍ଣ୍ଣବ ପୁଳିନସ୍ଥ ରଜସୁଦ୍ଧା ସଂଗ୍ରହ କରିବାକୁ ସମର୍ଥ ହୋଇନାହିଁ । ମୁଁ ଏହା ଲେଖିବା ସମୟରେ କୌଣସି ନିର୍ଜନ ସ୍ଥାନରେ ବସି ଲେଖି ନାହିଁ । ତେଣୁ ଭାବନାସ୍ରୋତରେ ଅନେକ ବାଧା ନିକ୍ଷିପ୍ତ ହୋଇଅଛି ।

ମୁଁ ଅଳ୍ପ ପୁସ୍ତକ ପାଠ କରିଥିବାରୁ ବହୁତ ଭାବ ସଂଗ୍ରହ କରିପାରି ନାହିଁ । କେଣୁ ଏହା ଭାବାଳଙ୍କାରରେ ଅଳଙ୍କୃତ ହୋଇନାହିଁ । ଏହି କବିତାରେ କିଛି ବିଶେଷତ୍ୱ ନ ଥିବାରୁ କବିତାର କର୍ତ୍ତା କିଏ, କେହି ଭାବିବ ନାହିଁ । ଏଣୁ ପାଠକମାନଙ୍କୁ ଅନୁରୋଧ କରେ, ସେମାନେ ଏହା ପାଠ କରି ହସିବେ ନାହିଁ ।"

ପ୍ରାପ୍ତ ଖାତା ଖଣ୍ଡିକରେ ଦୁଇଟି ମାତ୍ର ସର୍ଗ ଲିଖିତ ହୋଇଅଛି, ବଙ୍ଗଳାଶ୍ରୀ ରାଗରେ । ପ୍ରସଙ୍ଗ—ରାଜା ବୀରସେନଙ୍କ ହେମା ସହିତ ରାଜା ସୁଦର୍ଶନଙ୍କ ପୁତ୍ର ବିଦ୍ୟାଧରର ବିବାହ, ବିଦ୍ୟାଧର ଅଳ୍ପାୟୁ; ତାର ବହୁତ ଘାଟି ଅଛି, ପ୍ରାଣ ଯିବାର ଶଙ୍କା ପଦେ ପଦେ । ଅମରୀମାନଙ୍କର ନୈଶ ସଂଳାପରୁ ସମସ୍ତ ରହସ୍ୟ ବୁଝି ହେମାମଣି ପତିକୁ ସମସ୍ତ ସଂକଟରୁ ରକ୍ଷା କରିଅଛି । ଯେ ଦଂଶନ କରିବାକୁ ଆସୁଥିବା ସର୍ପକୁ ବିନାଶ କରିଅଛି, ପିତାଙ୍କୁ କହି ମେଘନାଦ ପାଚେରୀ ଭଙ୍ଗାଇଛି । ଦୈବଶକ୍ତି ଏଥିରେ ତାର ସହାୟକ ହୋଇଅଛି ।

ଏକ ଦିଗରେ ରାଧାନାଥଙ୍କ କାବ୍ୟ, ଅନ୍ୟ ଦିଗରେ ଲୋକକାହାଣୀର ପ୍ରଭାବ ଏହି କାବ୍ୟ ଉପରେ ପ୍ରତିଫଳିତ ହୋଇଅଛି । ପ୍ରକୃତି ବର୍ଣ୍ଣନାରେ ନିଜସ୍ୱ ଅନୁଭୂତି ସ୍ୱାଭାବିକ ଭାବେ ପ୍ରକାଶିତ । ଏହି କେତୋଟି ଉଦ୍ଧୃତିରୁ ମୋର କାବ୍ୟରଚନାର ଆଦ୍ୟ ସ୍ୱରୂପ ଜଣା ପଡ଼େ ।

## ପ୍ରକୃତ ବର୍ଣ୍ଣନା (ଉଷା)

ମୃଦୁ ମନ୍ଦ ବହେ ଦକ୍ଷିଣା ପବନ
ପଡ଼େ ବାଳାରୁଣ କର
ବଡ଼ ବୃକ୍ଷ ଦେଖି କନକ ଛାଆଣି
କରୁଛି ସେ ଦିବାକର ।

'ଉଠଲୋ' 'ଉଠଲୋ' ବୋଲି ଏକ ପକ୍ଷୀ
ଡାକିଲା ସର୍ବ ଦୁଆରେ
ମଧୁପର ସ୍ରୋତ ଭାସିଗଲେ ଏକ
ଶଙ୍ଖ ବଜାଇ ସୁସ୍ୱରେ ।

ଏହି ଶଙ୍ଖ ଶୁଣି ମନ ଯା ପାଞ୍ଚିଲା
ସତେ କି ଭ୍ରମରଗଣ
ବାଦିତ୍ର ଶବଦେ କମ୍ପାଇ ମେଦିନୀ
ବାହାରିଲେ କରି ରଣ ?

ସେ ପୁଷ୍ପ ଲମ୍ପଟ ଏହିକ୍ଷଣି ଯାଇ
ଆରମ୍ଭି ଘୋର ସମର
ମଧୁ ଧନ ଯେତେ ଆଣିବେ ବୁହାଇ
ଖାଲି କରିଣ ଅମାର ।

ପ୍ରଭାତୁ ଉଠିଣ          ଡାକୁଚି କୁକ୍‌କୁଟ
‘ରକ୍ଷ ରକ୍ଷ ନାରାୟଣ’
କୁମ୍ଭାଟୁଆ ଭାଟ          ଗମ୍ଭୀର ସ୍ୱରରେ
କରଇ ସ୍ତବ ପଠନ ।

ବନସ୍ପତି ଡାଳେ          ବସେ କଳକଣ୍ଠ
କୁହୁ କୁହୁ କୁହୁ କୁହୁ
ମୋ ଗୀତ ଶୁଣୁନା,          ମୋ ଗୀତ ଶୁଣୁନା
ଉଁ ଉଁ ଉଁ ଉଁ ।

## ସନ୍ଧ୍ୟା

ସେ କାଳେ ବାରୁଣୀ
କାନ୍ତ ଦିନମଣି
କୋଳ କରି ନେଉଥିଲେ
କଳା ବାରିବାହେ
ଦିଗବଳୟରୁ
ବସ୍ତ୍ର ପୋତ ଛାଡ଼ୁଥିଲେ ।
ପ୍ରତୀଚୀ ସାମ୍ରାଜ୍ଞୀ
ସ୍ୱର୍ଣ୍ଣ ଘନ ଧନ
ପାଇ ଭାବେ ଏହା ସିନା
ତୁହାଇ ତୁହାଇ
ପୁଟ ଦେଉଥିଲେ
ଲୁହା କି ହେ ଇବ ସୁନା ?

ପ୍ରଦୋଷେ ଅରୁଣ
କିରଣସମୂହ
ପଡ଼ୁଥିଲା ମହୀରୁହେ
ସ୍ୱଚ୍ଛ ଚନ୍ଦ୍ରାତପ
ଟାଣିଥିଲା କିବା
ଶାଖୀ ଶ୍ୟାମଳିତ ଦେହେ ?

ବୃକ୍ଷ ଭେଦ କରି
ଆଦିତ୍ୟ କିରଣ
ପଡ଼ିଥିଲା ଭୂମି ପରେ
ତରଳିତ ହେମ
ଢାଳୁଁ ଅନୁ କିବା
ଗଳି ପଡ଼ିଛି ମହୀରେ ?

ସନ୍ଧ୍ୟାବଧୂଙ୍କର
ଆଗମନ ବାର୍ତ୍ତା
ଘରେ ଘରେ ଦେବା ପାଇଁ
କାକଳୀ ନାଗରା
ବଜାଇ ବିହଙ୍ଗେ
ମେଦିନୀ ଦେଲେ କମ୍ପାଇ ।

## ପୁଷ୍ପ ବିଦାୟ

ନେଉଛନ୍ତି ଶେଷ ବିଦାୟ ପାଦପୁଁ
ନିଅନ୍ତି ଯଥା ଦୁଃଖିତେ
କରାଳ ପାଶରେ ପାଇବାକୁ ଫାଶି
ପିତାମାତାଠାରୁ ପୁତ୍ରେ ।

## ବୃକ୍ଷର ପୁଷ୍ପକ୍ଷେପ

ପୁରୁଣା ମଳିନ ସୁଗନ୍ଧବିହୀନ
ପ୍ରସୂନାଳଙ୍କାରମାନ
କାଢି ଫିଙ୍ଗିଦେଲା ଫିଙ୍ଗିଦ୍ୟନ୍ତି ଯଥା
ନିର୍ଦ୍ଧନ ପାଇଲେ ଧନ ।

## ପୁଷ୍ପ ସମ୍ବନ୍ଧରେ ପବନର ସ୍ୱାର୍ଥ ବିନିମୟ

ସମୀରକୁ କାଲି ଦେବ ବୋଲି କହେ
ସୁମନ ପୁଷ୍ପ ବିଭବ
ସେ ପ୍ରକୃତିରାଣୀ, ଗନ୍ଧବହ ଯଦି
କଲ୍ଲୋଳରେ ଦୋଳାଇବ ।

## ଚନ୍ଦ୍ରର ଗର୍ବର ଖର୍ବତା

ଶର୍ବରୀଶ ଅବ୍ଧିମୁକୁରରେ
ନିଜ ପ୍ରତିବିମ୍ବ ଦେଖୁଛନ୍ତି
ତାଙ୍କ ପଟାନ୍ତର କିଏ ଅଛି ବୋଲି
ଚତୁର୍ଦ୍ଦିଗକୁ ଚାହାନ୍ତି ।
ନିଜ ସୌମ୍ୟ ପ୍ରତିବିମ୍ବ ଦେଖି ଶଶୀ
ଗର୍ବ ମଦମତ୍ତ ହେଲେ
ଗରବଗଞ୍ଜନ ଜଳଦ ଝଟିଏ
ଆସି ଚନ୍ଦ୍ରେ ଆଚ୍ଛାଦିଲେ ।

## ବିବାହ ବେଷଣିରେ ଭ୍ରମରର ଭ୍ରମ ଓ ନୈରାଶ୍ୟ

ଆଲୋକର ମାଳା ଦେଖିଣ ମଧୁପେ
ଭାବନ୍ତି ରବି ଉଦିଲେ
ପ୍ରସ୍ଫୁଟୀ କୁସୁମ ମଧୁପାନ ଆଶେ
କିମ୍ବା ସେମାନେ ନ ଗଲେ ?

ଏତେ ଭାବି ଅଳିକୁଳଟି ପଡ଼ନ୍ତି
କାଗଜ ରଚିତ ପୁଷ୍ପେ
ଏ ପୁଷ୍ପୁ ସେ ପୁଷ୍ପେ ଉଡ଼ିଯାନ୍ତି
ମଧୁ ନ ପାଇ କାହିଁ ମଧୁପେ ।

## କନ୍ୟାର ଭଗ୍ନା ବିପଦ ଭାବି ରାଜପିତାଙ୍କ ଦୁଃଖ

ଜାଣୁ ଜାଣୁ ତୋତେ ସରିତର ସ୍ରୋତେ
ଦେବି ମୁଁ କେମନ୍ତେ ଭସାଇ ?
ଜାଣୁ ଜାଣୁ ତୋତେ ମୃତ୍ୟୁ ବୈଶ୍ୱାନରେ
ଦେବି ଅବା କେମନ୍ତେ ପେଇ ?

କୋମଳ ବଲ୍ଲରୀ ଉତ୍ପାଟନ କରି
କେମନ୍ତେ ରଖେଁ ଯୌର କରେ ?
ଜାଣୁ ଜାଣୁ କେମନ୍ତେ ଝଡ଼ ଦରିଆରେ
ନାବ ମୁଁ ମେଲିବି କରେ ?

ଜାଣୁ ଜାଣୁ ତୋତେ ରକ୍ତାକ୍ତ କେଶରୀ
ମୁଖେ ଦେବି କେମନ୍ତେ ପେଲି ?
ବୋଲିବେଟି ପ୍ରଜା ଏ ଅଧମ ରାଜା
ଜାଣୁ କିସ ଦିଏ କରି ।

## ନାୟିକାର ଦର୍ଶନ ପୂର୍ବରୁ ନାୟକ ମନରେ ଅକଳ୍ପନୀୟ ଆନନ୍ଦ

ଆଜି କିମ୍ବା ମୋତେ ପ୍ରାକୃତିକ ଦୃଶ୍ୟ
ଦିଶୁଛି ଏତେ ଲାବଣ୍ୟ ?
ପୁଷ୍ପମାନେ ସର୍ବେ ବିକଶିତ ହୋଇ
ହସନ୍ତି ଖୋଲି ଆନନ ।

ଲାବଣ୍ୟଲହରୀ ଖେଳୁଅଛି କିମ୍ବା
ଆଜି ସର୍ବ ଉପବନେ ?
କୁରଙ୍ଗସମ୍ଭୂତ କନକ ସଦୃଶୀ
ଦିଶେ କିମ୍ବା ମୋ ନୟନେ ?

ଆଜି କିମ୍ପା ମୋର ହୃଦୟସାଗରେ
ଖେଳେ ଅପୂର୍ବ ଲହରୀ ?
ଆଜି କିମ୍ପା ମୋର ହୃଦୟଗଗନେ
ହିମାଂଶୁ ଖେଳେ ଭଉଁରୀ ?

ଏମିତି ଆଉ ଗୋଟିଏ ପୌରାଣିକ କାବ୍ୟ ଲେଖିଥିଲି—'ବନବୀର', 'ବିରାଗିନୀ' ଅନୁକରଣରେ ଗୋଟିଏ ଉପନ୍ୟାସ ମଧ୍ୟ ଲେଖିଥିଲି; କେତେ ଛୋଟ ଛୋଟ କବିତା ଯେ ଲେଖିଥିଲି ସୀମା ନାହିଁ—ବିଷୟ—ଭଙ୍ଗା ଦେଉଳ, ଶ୍ମଶାନ, ନଦୀ, ପୁଷ୍କରିଣୀ, ଶରତ୍, ବର୍ଷା, ବସନ୍ତ, ଉଦ୍ୟାନ, କୋକିଳ, ଉଷା, ସନ୍ଧ୍ୟା, କାହାର ମୃତ୍ୟୁରେ ବା ନବ ଜନ୍ମରେ । 'କୁଞ୍ଜବିହାରୀ ଗ୍ରନ୍ଥାବଳୀ'ର ପରିକଳ୍ପନା ମଧ୍ୟ ସେଇ କାଳର । ଗୋଟିଏ ବଡ଼ ଖାତା ବାନ୍ଧି ତା ଉପରେ ଏହି ନାମଟି ଲେଖିଥିଲି । ଆଉ ଜଣେ କିଶୋର କବି ମୋତେ 'ରାଧାନାଥ' ଓ ନିଜକୁ 'ମଧୁସୂଦନ' ସ୍ଥାନରେ ବସେଇଥାଏ । ସେଇଆ ଶୁଣି ମୁଁ ମନେ ମନେ ବେଶ୍ ଫେଣ୍ଟି ହୋଇ ଯାଉଥାଏ, ଠିକ ଗୋଟାଏ ଯୁବକ ପରି ବସି ରହୁଥାଏ । କୁଶଭଦ୍ରା କୂଳର କାଶବନ ମୋର ବିହାର ଭୂମି ଥିଲା । ତା'ର ସବୁଜ ତୀରେ ତୀରେ ବୁଲୁ ବୁଲୁ ଶତ ଶତ ସନ୍ଧ୍ୟା ଅନ୍ଧକାର ମଧ୍ୟରେ ହଜି ଯାଇଥିଲା । ଏଇ ସମୟର ଜୀବନ ମୋର ଘୋର ସଂଗ୍ରାମମୟ । କିନ୍ତୁ କବିତାରେ କିଛି ଫୁଟିନାହିଁ । କବିତା ଥିଲା ମୋର ସ୍ୱପ୍ନ ସରୋବରର ଫୁଲ; କିନ୍ତୁ ତଳଟା ଘୋର ପଙ୍କମୟ । ପଢ଼ାଲାଗି ବହୁ କଷ୍ଟ ସହୁଥିଲି, କିନ୍ତୁ ପଢ଼ିପାରୁ ନ ଥିଲି ।

ମୋର ତିନିଗୋଟି ଟିଉସନ ଛାତ୍ର—କୃଷ୍ଣ ଶାନ୍ତ ଶିଷ୍ଟ । ସେ ପର ଜୀବନରେ କୃଷି ବିଭାଗର ଉଚ୍ଚ ପଦରେ ଅଧିଷ୍ଠିତ ହୋଇଥିଲା । ଦୁଃଖିଆ (ଦୁଃଖିଶ୍ୟାମ) ଚତୁର, କିନ୍ତୁ ଦୁଷ୍ଟ । ପାଢ଼ାରେ ତି ପାଢ଼ାରେ ବସିବା ମାତ୍ରେ ଚିତ୍କାର କରି କହେ—ତୋ ମାଇପ ମରୁ, ତୋ ପୁଅ ମରୁ, ତୋ ଝିଅ ମରୁ । ଶତ୍ରୁଙ୍କୁ ମୁଁ ବିଲ୍ଲ ହୋଇ ନ ଥାଏ । ଦୁଃଖିଆ କୌଣସିମତେ ମାଟ୍ରିକ୍ ପାସ କରି କିରାନୀ ହୋଇଥିଲା । ପଞ୍ଚୟର ପକ୍ଷପାତୀ, ବେଳେ ବେଳେ ଅତି ପକ୍ଷପାତୀ ହୋଇ ସ୍ନେହ, ପ୍ରୀତି, ମାୟା ମମତା ପ୍ରତି ତିଳାର୍ଦ୍ଧ ଭ୍ରୂକ୍ଷେପ କରୁ ନ ଥିଲା । ତା'ର ଅକାଳ ମୃତ୍ୟୁ ହେଲା । 'ଧୋବା'—ତା ଉପରର ବହୁ ସନ୍ତାନଙ୍କୁ ଯମ ଅକାଳେ ହରଣଗ୍ରଳ କରିବାରୁ କୌଶଳକ୍ରମେ ଏହି ନାମଟି ଦିଆ ହୋଇଥିଲା । ତା'ର କିଛି ମନେ ପଡ଼ୁନାହିଁ । କୌଣସିମତେ ମାଇନର ପାସ୍ କରି ସେ ପିଅନଟିଏ ହେଲା ।

ବାପା ସିନା ମୋ ନାଆଁ ନିମାପଡ଼ା ସ୍କୁଲରେ ଲେଖାଇଦେଲେ, ନିଜର ଓ ସାନଭାଇର ପିଲାମାନଙ୍କୁ ସେଠି ପଢ଼ାଇଲେ ନାହିଁ । ଅବସ୍ଥାଚକ୍ରରେ ତାଙ୍କୁ ବି ସ୍କୁଲ ଛାଡ଼ିବାକୁ ହୋଇଥିଲା । ସେ ମାଇନର ସ୍କୁଲର ହେଃ ମା ଥିଲେ, ବି ଏ ଫେଲ୍ । ହାଃ ସ୍କୁଲରେ ତାଙ୍କୁ ହେ ମା କରି ରଖାଯାଇ ପାରନ୍ତା କିପରି ? ସେ ବେଶ୍ ପୁରୁଖା ହୋଇଥିବାରୁ ଓ ସ୍ୱକୀୟ ଆରମ୍ଭରୁ ଜଣେ କର୍ତ୍ତା ହୋଇଥିବାରୁ ଅନ୍ୟ କାହା କର୍ତ୍ତୃତ୍ୱରେ ପରିଚାଳିତ ହେବାକୁ ମର୍ଯ୍ୟାଦାଜନକ ମନେ କଲେ ନାହିଁ । ଉଚ୍ଚାସନରେ ପ୍ରତିଷ୍ଠିତ ଭାଇମାନେ ତାଙ୍କୁ ଆର୍ଥିକ ସାହାଯ୍ୟ କଲେ । ସେ ପାଟପୁର ଗ୍ରାମରେ ଧର୍ମ ଓ କାବ୍ୟ ଚର୍ଚ୍ଚାରେ ମନ ଦେଲେ । ବଙ୍ଗଳାଶ୍ରୀ ରାଗରେ ବହୁ କବିତା ରଚନା କରି ସେ ମୋତେ ଶୁଣାଇଥିଲେ, କିନ୍ତୁ ମୁଁ ତାଙ୍କୁ ଗୋଟିଏ ହେଲେ କବିତା

ଶୁଣାଇବାକୁ ସାହସ କରି ନ ଥିଲି । ଏକାନ୍ତ ସୁଖୀ, ଦୁଃଖଧନ୍ଦାରୁ ଦୂରେଇ ରହନ୍ତି । ବିପୁଳ ବପୁ; ଶୁଭ୍ର ଉଜ୍ଜ୍ୱଳ, ଦେବାର୍ଚ୍ଚନରେ ତାଙ୍କର ଗୋଟିଏ ବେଳା କଟୁଥିଲା । ମଧୁର ସ୍ୱରରେ ସେ ସଂସ୍କୃତ ପ୍ରାର୍ଥନା ଶ୍ଳୋକସବୁ ଆବୃତ୍ତି କରିଥାନ୍ତି, ଏବେ ବି ଭକ୍ତି-ଗଦ୍‌ଗଦ ସେଇ କଣ୍ଠସ୍ୱର କାନରେ ବାଜି ଯାଉଛି ।

ପାଟପୁରରେ ମୁଁ ଥିବାବେଳେ ତାଙ୍କ ପିତା ଅନନ୍ତ ରଥଙ୍କର ମୃତ୍ୟୁ ହେଲା । ବାପ ଥିଲା ପୁଅ ଶବ ନ କାନ୍ଧେଇବାର ଚଳଣି ଥିଲେ ବି ମୁଁ ରାତି ଅଧରେ ଅନ୍ୟ ମାଳ ଭାଇମାନଙ୍କ ସହିତ ତାଙ୍କୁ କାନ୍ଧେଇ ନେଇଥିଲି । ବାସି ମଡ଼ା ହୋଇଯିବ ବୋଲି ରାତିରେ ତାଙ୍କୁ ଦାହ କରାଯାଇଥିଲା । ଚିତାଗ୍ନି ତାଙ୍କୁ ଭସ୍ମକରି ଲିଭିଆସିଲା ବେଳକୁ କୁଆଁତାରା ଉଠିଲା । କୁଶଭଦ୍ରା କୂଳରେ ବସି ସେଇଆକୁ ରହୁଁ ରହୁଁ ସିନ୍ଦୂରା ଫାଟିଲା ।

ସହରକୁ ଗଲେ ଦୃଷ୍ଟି ଫିଟିବ, ସାଧାରଣ ଜ୍ଞାନ ବଢ଼ିବ, ଏଥିଲାଗି ଜଗନ୍ନାଥ ରଥଙ୍କ ଭାଇ ପି ଡବ୍ଲ୍ୟୁ ଡି ଏସ୍.ଡି.ଓ ବାସୁ ରଥେ ପିଲାମାନଙ୍କୁ କଟକ ଘେନି ଗଲେ । ଦୁଃଖମନରେ ବିଦାୟ ଦେଲାବେଳେ ମୋର ମନେ ପଡ଼ୁଥିଲା—ସେମାନଙ୍କ ପ୍ରତି ସନ୍ଧ୍ୟାରେ ବୋଲା ସ୍ତୁତି ଗୀତ—

"ଜଗନ୍ନାଥ ସ୍ୱାମୀ
ନୟନ ପଥଗାମୀ ଭବତୁ ମେ ।"

ସେଇ ପ୍ରଭୁଙ୍କ ନାମ ଧରି ବୁଲୁ ବୁଲୁ ମୋତେ ପୁଣି ଚିଉସନଟିଏ ମିଳଗଲା, ବିଷ୍ଣୁପୁରରେ ।

ଏହି ଗ୍ରାମ କୁଶଭଦ୍ରା ନଦୀ କୂଳରେ ଅବସ୍ଥିତ, ନିମାପଡ଼ାରୁ ତିନିମାଇଲ ଦୂର । ମୁଁ ପ୍ରସିଦ୍ଧ କଂଗ୍ରେସ କର୍ମୀ, ନିମାପଡ଼ାର ଗାନ୍ଧୀ ମୋହନ ଦାଶଙ୍କ ପୁତୁରା ପଦ୍ମନାଭ ଓ ଜୟକୃଷ୍ଣ ପ୍ରଭୃତିଙ୍କୁ ପଢ଼ାଇଲି । ଦାଶେ ସେତେବେଳେ ପୁରୀ ଲୋକାଲ୍ ବୋର୍ଡ଼ ଚେୟାରମ୍ୟାନ୍ ହୋଇଥିଲେ, ସ୍ୱାଧୀନତାଆନ୍ଦୋଳନରେ ଯୋଗ ଦେଇ କେତେଥର ଜେଲ୍ ବରଣ କରିଥିଲେ । ଏକାନ୍ତ ଭାବେ ସଚ୍ଚୋଟ, ନିଜର ଆର୍ଥିକ ଉନ୍ନତି ଲାଗି ଦିନେ ହେଲେ ଚେଷ୍ଟା କରି ନାହାନ୍ତି । କିଛି ଚାଷ ଜମି ଥିଲା । ମୁଠେ ମୋଟା ଭାତ ଖାଇ ଖଣ୍ଡେ ମୋଟା ଖଦଡ଼ ପିନ୍ଧି ସେ ଜନସେବାରେ ଲାଗିଥିଲେ ।

ସେତେବେଳେ ବାଉରି ଘରେ ଖାଇ ମୋହନବାବୁ ବ୍ରାହ୍ମଣମହଲରେ ଚହଳ ପକାଇଥିଲେ । ମୁଁ ତାଙ୍କ ପ୍ରଭାବରେ ଖଦଡ଼ ପିନ୍ଧୁଥିଲି; ତକଡ଼ିରେ ସୂତା କାଟୁଥିଲି । ବେଳେ ବେଳେ ହୋ ଉଠୁଥିଲା—ଯୁଦ୍ଧ ଲାଗିଗଲା, ସରକାର ଓ ଗାନ୍ଧୀ ମହାତ୍ମାଙ୍କ ଭିତରେ ।

କର୍ମୀମାନଙ୍କର ସଟ୍‌ଆର ବୁଲିଥାଏ, ଜାତୀୟ ସଂଗୀତ ବୋଲା ହେଉଥାଏ । ମଫସଲର କେତେ କର୍ମୀଙ୍କ ସହିତ ଏଇ ତାଲିମ୍‌ରେ ଯୋଗ ଦେଇଥାନ୍ତି ମୋ ସାଙ୍ଗ ଭାଇନା । କର୍ମୀମାନଙ୍କ ମନରୁ ଭୟ ଛଡ଼ାଇବା ଚେଷ୍ଟାରେ ଭାଇନାଙ୍କୁ କୁହାଗଲା—ଅଣ୍ଡିଆ ମଶାଣିର ହଇତା ମୁର୍ଦ୍ଦାର ମୁଣ୍ଡ ତଳେ ଗୋଟିଏ ଚିଠି ଅଛି । ରାତି ଅଧରେ ଯାଇ ତୁମେ ଆଣିବ । ଭାଇନା ଗଲେ, ଅମାବସ୍ୟା ତିଥି, ଘୋର

ଅନ୍ଧାର, ଟିପି ଟିପି ବର୍ଷା ପଡୁଛି । ମଡ଼ା ମୁଣ୍ଡ ତଳୁ ଗିଠି କାଟିବା ବେଳେ ଶୁଣିକିନେ ବିଜୁଳି ମାରିଦେଲା, ମଡ଼ାର ବିକୃତ ମୁହଁକୁ ଦେଖି ଦେଇ ତାଙ୍କ ଛାତିରେ ଛନକା ପଶିଗଲା । ତଥାପି ଛାତି ଦମ୍ଭ କରି କୁଶଭଦ୍ରା ବନ୍ଧେ ବନ୍ଧେ ପାଦ ଟିପି ଟିପି ଆସୁ ଆସୁ ଗୋଟାଏ କିଏ ବରଗଛରୁ ଡେଇଁଲା । ସେତିକିରେ ଭାଇନା ବେହୋସ୍ । ଛ'ମାସ ଚିକିତ୍ସା ପରେ ଭଲ ହେଲେ ।

ସ୍ୱାଧୀନତା ଲାଭ ପରେ ଯେଉଁ ଭୋଜ ଦକ୍ଷିଣା ମିଳିଲା, ସେଥିରେ ମୋହନ ଦାଶେ ଭାଗିଦାର ନ ଥିଲେ । କିଛିଦିନ ପରେ ସେ ହୋଇଗଲେ ଆମ ଅଞ୍ଚଳର କମ୍ୟୁନିଷ୍ଟ ନେତା ।

ଦାଶଙ୍କ ବଡ଼ଭାଇ କେଶବ ଦାଶ ସଂସାର ଚଳାଉ ଥିଲେ । ସେ ଜଣେ ଭଲ ଚାଷୀ । କୁଶଭଦ୍ରା କୂଳ ଉର୍ବର କାଣ୍ଡିଆ ଜମିରେ ସେ ଧନିଆଁ, ମୂଳା, ସୋରିଷ, ଆଳୁ, ଧୂଆଁପତ୍ର ପ୍ରଭୃତି ଫସଲମାନ କରୁଥିଲେ, ସେ ସବୁ ନିମାପଡ଼ା ହାଟରେ ବିକି ଲାଭବାନ୍ ହେଉଥିଲେ । ତାଙ୍କ ସ୍ତ୍ରୀ ବହୁ ସନ୍ତାନବତୀ ଓ ରୁଗ୍ଣା ଥିଲେ । ରନ୍ଧାବଢ଼ା ଆଦି ଯାବତୀୟ ଗୃହକର୍ମ ମୋହନ ଦାଶଙ୍କ ସ୍ତ୍ରୀ କରୁଥିଲେ । କଥା ଅଛି—Charity begins at home । ନାରୀ ଶିକ୍ଷା ବିସ୍ତାର ପ୍ରୟାସରେ ଦାଶେ ପଡ଼ିଲେ ନିଜ ସ୍ତ୍ରୀକୁ ପଢ଼ାଇବାକୁ ଚେଷ୍ଟା କଲେ । କିନ୍ତୁ ସବୁ ପାଣି ଫାଟିଗଲା । କୌଣସିମତେ ସ୍ତ୍ରୀଙ୍କର ଅକ୍ଷରପରିଚୟ ହୋଇ ନ ପାରିଲା । ମନ ନ ଥିଲେ କେହି ପାଠ ବାଟି ପିଆଇ ଦେଇପାରେ ?

ସେତେବେଳେ ବିଷ୍ଣୁପୁରରେ ଅତି ଅଳ୍ପ ଲୋକ ଶିକ୍ଷିତ ଥିଲେ । ତାଳପତ୍ର ପୋଥିଲେଖା ଏକ ବୃତ୍ତି ଥିଲା । ପଢ଼ାଗାଁରେ ସେତେବେଳେ ଚହି ସେତେ ଚାଲୁ ହୋଇ ନ ଥିଲା । ଖବରକାଗଜ ଖଣ୍ଡିଏ ଦେଖିବାକୁ ମିଳୁ ନ ଥିଲା ।

ପ୍ରତିଦିନ ସ୍କୁଲକୁ ଛ'ମାଇଲ୍ ଚାଲି ଯିବା ଆସିବାରେ ଓ ପିଲାଙ୍କୁ ପଢ଼ାଇବା ପରେ ଯୋଉ ସାମାନ୍ୟ ସମୟ ମିଳୁଥିଲା, ସେଥିରେ ପଢ଼ାପଢ଼ି ନ କରି ବସି କବିତା ଲେଖୁଥିଲି । ଦରିଦ୍ର ଜୀବନରେ ଏହି ପ୍ରଚେଷ୍ଟା ହାସ୍ୟକର ହେଲେହେଁ ସତ୍ୟ ଥିଲା । ଗୋଧୂଳିଟି ପ୍ରାୟ କୁଶଭଦ୍ରା କୂଳରେ କଟୁଥିଲା—ସୁଦୂରପ୍ରସାରୀ ଶସ୍ୟକ୍ଷେତ୍ର, ଜଳସ୍ରୋତ ଓ ସ୍ୱଚ୍ଛ ବାଲୁକା ଅସ୍ତାତପ ଲିଭିଲା ପରେ ମୁଁ ଫେରୁଥିଲି ।

ସେତେବେଳେ କେତେଖଣ୍ଡି 'ଉତ୍କଳସାହିତ୍ୟ' ପତ୍ରିକା ପଢ଼ିବାକୁ ପାଉଥିଲି । ନିପଟ ମଫସଲରେ ଉଚ୍ଚାଙ୍ଗ ସାହିତ୍ୟ ସହିତ ଏଇ ପତ୍ରିକା ଜରିଆରେ ମୋର ପ୍ରଥମ ପରିଚୟ ହୋଇଥିଲା; ଏହା ମୋର ଦୃଷ୍ଟି ଫିଟାଇ ଦେଇଥିଲା । କୁଶଭଦ୍ରା କୂଳରେ ନିଃସଙ୍ଗ ସନ୍ଧ୍ୟାରେ ଯେଉଁ ଭାବନାସବୁ ମନରେ ଉଦିତ ହୋଇଥିଲା, ରୂପ ଦେବାକୁ ମୋର ଭାଷା ନ ଥିଲା । 'କଙ୍କାଳର ଲୁହ'ରେ ପରବର୍ତ୍ତୀ ଜୀବନରେ ସେ ସବୁ ରୂପାୟିତ ହେଲା । ଭବଜୀବନ ଯେଉଁମାନେ ଯାପନ କରନ୍ତି, ସେମାନେ ଯେ ଅନୁଭୂତିରୁ କିଛି ହରନ୍ତି ନାହିଁ, ଏହାହିଁ ତାର ପ୍ରମାଣ ।

ବିଷ୍ଣୁପୁରରେ ଏକ ବର୍ଷ କଟାଇଲା ପରେ କିଛିଦିନ ଯାଇ ଅଣ୍ଡିଆ ଶାସନରେ ରହିଲି, ମୋର ଚିରହିତାକାଂକ୍ଷୀ ଶିକ୍ଷକ ଶ୍ରୀ ଘନଶ୍ୟାମ ମିଶ୍ରଙ୍କ ପାଖରେ; ତାଙ୍କୁ ସେବାଶୁଶ୍ରୂଷା କରି ଦେଉଥିଲି । ବଜାରରୁ ଚାଉଳ, ଡାଲି, ଗୁଡ଼, ପନିପରିବା କିଣି ଆଣିବାଠାରୁ ବାସନ ମଜା ପର୍ଯ୍ୟନ୍ତ ସବୁ କାମ କରିବାକୁ ପଡ଼ୁଥିଲା । ପୁଣି ରାତିରେ ଟିଉସନ୍ କରିବାକୁ ହେଉଥିଲା । ସାର୍ ଶୋଇବା ପରେ ଲେଖୁଥିଲି ବା ପଢୁଥିଲି । ସେହି ସମୟରେ ମୋର ଦୁଃଖକୁ ଘନତର କରିବା ଲାଗି ପିତୃବିୟୋଗ ଘଟିଲା । ମୁଁ କାନ୍ଦି ପାରି ନ ଥିଲି । ସେ ଦୁଃଖ କାନ୍ଦିବାର ଅତୀତ ଥିଲା । ବାପ ଓଳିରେ ପୁଅ ମୁଁ ଥିଲି, ନନାଙ୍କର ବର୍ଣ୍ଣ ଓ ଆକାର ମୁଁ ନେଇଥିଲି; ତାଙ୍କ କବିତ୍ୱର କିଞ୍ଚିତ୍ ଉତ୍ତରାଧିକାରୀ ହୋଇଥିଲି । ଘରେ ପହଞ୍ଚିବାର ଗୋଟାଏ ଦିନ ପରେ ହଠାତ୍ ନନାଙ୍କ ମୃତ୍ୟୁ, ବୋଉର ଅହ୍ୟରୁ ବୈଧବ୍ୟ ରୂପ ମନରେ ଗଭୀର ରେଖାପାତ କରିଥିଲା । ବଡ଼ ନିରାଶ୍ରୟ ଅନୁଭବ କରୁଥିଲି । ଘୋର ବୈରାଗ୍ୟ ଆସିଲା । ବେଳେ ବେଳେ ଯାଇ ଶ୍ମଶାନରେ ବସୁଥିଲି, ନନାଙ୍କ ଜୁଇ ଗାଡ଼କୁ ଚାହିଁ ରହୁଥିଲି । ଏହି ସମୟରେ 'ମହାଯାତ୍ରା' ଓ 'ଦରବାର' ପାଠ ବୈରାଗ୍ୟକୁ ଇନ୍ଧନ ଯୋଗାଇଥିଲା ।

ସଂସାର ଛାଡ଼ି ସନ୍ନ୍ୟାସୀ ହୋଇଯିବା ଚିନ୍ତା ମନରେ ଉଦିତ ହେଲା । ନିମାପଡ଼ା ଛାଡ଼ି ପୁରୀ ପଳାଇଗଲି । ସେଠି କିଛିଦିନ ଶ୍ରୀ ନିଗମାନନ୍ଦ ପରମହଂସଙ୍କ ଶିଷ୍ୟ ହୋଇ ରହିଲି ।

ଶ୍ରୀ ନିଗମାନନ୍ଦଙ୍କ ସଂସାରୀ ନାମ ନଳିନୀକାନ୍ତ; ସେ ପ୍ରସିଦ୍ଧ ଔପନ୍ୟାସିକ ବଙ୍କିମଚନ୍ଦ୍ରଙ୍କର ଦୂର ସଂପର୍କୀୟ ଥିଲେ, କିରାନୀ କାର୍ଯ୍ୟ କରୁଥିଲେ, ହଠାତ୍ ସ୍ତ୍ରୀର ଛାୟାମୂର୍ତ୍ତି ଆସି ସାମ୍ନାରେ ଛିଡ଼ା ହୋଇଗଲା । କାହିଁକି ଏପରି ହେଲା ବୁଝି ନ ପାରି ନଳିନୀକାନ୍ତ ଘରକୁ ଗଲେ ଓ ବୁଝିଲେ ଯେ ସ୍ତ୍ରୀଙ୍କର ମୃତ୍ୟୁ ହୋଇ ଯାଇଅଛି । ମନୋବ୍ୟଥାରେ ସେ ସଂସାର ଛାଡ଼ି ଚାଲିଗଲେ, ବହୁ ସାଧନା ପରେ ସିଦ୍ଧି ଲାଭ କଲେ ।

ସେ କେବେ କାହାକୁ ବିଭୂତି ଦେଖାଉ ନ ଥିଲେ, ସଂଯମ, ପ୍ରାଣାୟମ ଓ ଯୋଗ ଶିକ୍ଷାଦେବା ତାଙ୍କର ପ୍ରଧାନ କାର୍ଯ୍ୟ ଥିଲା । ସେ 'ଯୋଗୀଗୁରୁ', 'ଜ୍ଞାନଗୁରୁ' ଓ 'କର୍ମଗୁରୁ' ପ୍ରଭୃତି ବହୁ ଉପାଦେୟ ଧର୍ମପୁସ୍ତକ ରଚନା କରିଥିଲେ । ତାଙ୍କ ଜୀବନର ପ୍ରତ୍ୟକ୍ଷ ଅନୁଭୂତି ସେସବୁ ପୁସ୍ତକରେ ପ୍ରକାଶ ପାଇଥିଲା ।

ଶ୍ରୀ ନିଗମାନନ୍ଦ ଗ୍ରୀଷ୍ମକାଳରେ ପୁରୀର ନୀଳାଚଳ ଆଶ୍ରମରେ ରହୁଥାନ୍ତି— ଦିବ୍ୟସୁନ୍ଦର ଯୋଗୋଜ୍ଜ୍ୱଳ ସନ୍ନ୍ୟାସୀ ମୂର୍ତ୍ତି । ଗୋଟିଏ ଲାଲ୍ ମଖମଲୀ କନାର ରିକ୍ସାରେ ବସାଇ ତାଙ୍କୁ ଆମେ ସମୁଦ୍ର କୂଳକୁ ନେଉଁ । ତାଙ୍କ ଦେହରୁ ଏକ ଦିବ୍ୟ ସୁରଭି ବାହାରୁଥାଏ । ସେ ଗୋଟିଏ ସ୍ଥାନରେ ନୀରବ ନିଶ୍ଚଳ ଭାବେ ସାନ୍ଧ୍ୟ ସମୁଦ୍ରକୁ ଚାହିଁ ଦୁଇ ତିନି ଘଣ୍ଟା ବସନ୍ତି ।

ମୋ ଶ୍ରେଣୀ ପଢୁଆ ସାଙ୍ଗ ' ଏକାଦଶୀ' ଦୀକ୍ଷା ନେଲା; ପାହାନ୍ତିଆରୁ ଉଠି ସେ ନାକରେ ଗ୍ଲାସେ ବାସି ପାଣି ପିଏ, ଆସନ କରେ, 'ଗୁରୁଦେବ ଦୟାକର ଦୀନ ଜନେ' ପ୍ରାର୍ଥନା ବୋଲେ । କାହା ଉପରେ ରାଗେ ନାହିଁ । ଖୁବ୍ ପଢ଼େ; କିନ୍ତୁ ମନରେ କିଛି ରହେନାହିଁ । ପରୀକ୍ଷାରେ ଫେଲ୍ ହୋଇ ଏକାଦଶୀ ପୁରୀ ଫେରି

ଆସିଲା, ସାଇକଲ ଦୋକାନଟିଏ ଖୋଲି ରହିଲା । ଗୁରୁଦେବଙ୍କଠାରୁ ଦୀକ୍ଷାନେବା ଲାଗି ଏକାଦଶୀ ମୋ ସଙ୍ଗେ ଲଗେଇଥିଲା; କିନ୍ତୁ ମୋ ମନ ମାନିଲା ନାହିଁ, ବାବାଜୀ ହେଲେ କି ଲାଭ ? କେତେ ତ ହୋଇଛନ୍ତି; କେବଳ ଭିକ୍ଷାବୃତ୍ତିହିଁ ଜୀବିକା ହୋଇଛି; କେତେ କୁହୁକ ଦେଖାଉଛନ୍ତି, କେତେ ଚୋରୀ କରୁଛନ୍ତି; କେତେକ ବାବାଜୀ ହେବାକୁ ସଂସାରୀ ହେବାଠାରୁ ସହଜତର ଉପାୟ ରୂପେ ଧରିଛନ୍ତି; ଭାରତୀୟ ଧର୍ମ ବିଶ୍ୱାସର ସୁଯୋଗ ନେଇ ଲକ୍ଷ ଲକ୍ଷ ସୁସ୍ଥ, ସବଳ ଲୋକ ଅଳସ ଜୀବନ ଯାପନ କରୁଛନ୍ତି; ଏଥିରେ ଭଗବତ୍ ପ୍ରାପ୍ତି ହୁଏନାହିଁ, ଆତ୍ମୋନ୍ନତି ଘଟେନାହିଁ । ଧର୍ମ ଲାଗି ସଂସାରହିଁ ପ୍ରଶସ୍ତ କ୍ଷେତ୍ର; ସଂସାର ତ୍ୟାଗ କରି ସନ୍ନ୍ୟାସ ଅବଲମ୍ବନ କରିବା ଦରକାର ନାହିଁ । ଶ୍ରୀ ନିଗମାନନ୍ଦହିଁ ସେଇଆ କହିଛନ୍ତି । ମୁଁ ଗ୍ରୀଷ୍ମଛୁଟି ପରେ ନିମାପଡ଼ା ଫେରି ଆସିଲି, ଯେହି ସହଜବିଶ୍ୱାସୀ କିଶୋରଟି ପରି, ଯେ ଅାଦ୍ୟ ସନ୍ନ୍ୟାସର କଠୋର ଜୀବନ ଉପରେ ବିରକ୍ତ ହୋଇ କହିଥିଲା—

'ଖଇ ଗୋଟି ଗୋଟି ଧାନ ଗୋଟି ଗୋଟି
ବାଛୁ ବାଛୁ ଦିନ ସଇଲା
ବାପାଙ୍କୁ କହିବ ବଳଦ ନ ବିକିବ
ବାବାଜୀ ହୋଇବା ନୋହିଲା' ।

ନିମାପଡ଼ାରେ କୋଉଠି ରହିବି, କେମିତି ପଢ଼ିବି ବୁଝିପାରୁ ନ ଥାଏ । ଶିକ୍ଷକମାନେ ମୋତେ ମନେ ମନେ ଖୋଜୁଥାନ୍ତି । ପୂର୍ବୋକ୍ତ ପୁରୀ, ରଘୁନାଥପୁରର ଘନଶ୍ୟାମ ମିଶ୍ରଙ୍କ ସଙ୍ଗେ ଦିନେ ସାକ୍ଷାତ୍ ହେଲା; ସେ ମୋତେ ନେଇ ପାଖରେ ରଖିଲେ, ଦୁହେଁ ମେସ୍‌ରେ ଖାଉଥିଲୁ । ସେ ମୋର ବ୍ୟୟ ବହନ କଲେ । ଟ୍ରେନିଂପ୍ରାପ୍ତ ଗ୍ରାଜୁଏଟ୍ ସେ; ହାଇସ୍କୁଲର ସହକାରୀ ପ୍ରଧାନଶିକ୍ଷକ, ମାସିକ ଦରମା ଟ ୬୫ ଙ୍କା ମାତ୍ର; ଗୃହରେ ବୃଦ୍ଧ ଅଜା, ଆଈ, ମିଶ୍ରଙ୍କ ଅର୍ଥ ସାହାଯ୍ୟ ଉପରେ ନିର୍ଭରଶୀଳ ଗୁଡ଼ିଏ ପୁଅଝିଅ; ଈଶ୍ୱରବିଶ୍ୱାସୀ; ଦାର୍ଶନିକ ମନୋଭାବାପନ୍ନ ଲୋକ; ସ୍ୱଳ୍ପ ଆୟରୁ ମୋତେ ସାହାଯ୍ୟ କରିବା ମିଶ୍ରଙ୍କ ଅଶେଷ ଉଦାରତା । ପ୍ରଭୁଙ୍କ କୃପାରୁ ମୋର ଶେଷ ବର୍ଷଟି ସୁରୁଖୁରୁରେ କଟିଲା । କିନ୍ତୁ ସେ ବର୍ଷ ଟେଷ୍ଟ ପରୀକ୍ଷାରେ ମୁଁ କିଞ୍ଚିତ୍ କପି କରି ଘନଶ୍ୟାମବାବୁଙ୍କ ବିଶ୍ୱାସରେ ବିଷ ଦେଇଥିଲି । ସେ ଅନୁତାପ ଅଦ୍ୟାପି ମୋତେ ଆହତ କରେ ।

ଦିନେ କେତୋଟି ସଂସ୍କୃତ ପରୀକ୍ଷାଖାତା ଘନଶ୍ୟାମବାବୁ ବସାକୁ ଆଣିଥିଲେ । ତା' ଭିତରେ ମୋ ଖାତାଟି ଥିଲା; ମୁଁ କେତେକ ଧାତୁରୂପ ଭୁଲ୍ କରିଥିଲି । ପାହାନ୍ତିଆରେ ଉଠି ବହି କାଢ଼ି ତାକୁ ନିର୍ଭୁଲ ଭାବେ ମୋ ଖାତାରେ ଟିପିଥିଲି, ବୁଦ୍ଧିହୀନ ମୁଁ, ନାଲି କାଳିରେ ।

ଘନଶ୍ୟାମବାବୁ ନିଘୋଡ଼ ନିଦରେ; ସେ ସକାଳୁ ଉଠିଲେ; ତାଙ୍କୁ ଦେଖି ମୋ ଛାତି ଗୁଁଜିକିନେ ମାରିଦେଲା; କାଲି ମୁଁ ଯାହା ଥିଲି ଆଜି ତାହା ନାହିଁ—ଛିଃ, ତାଙ୍କ ଆଖିରେ କେଡ଼େ ଛୋଟ ହୋଇଯିବି ମୁଁ, ମୋର କେଡ଼େ ଉଜ୍ଜ୍ୱଳ ଭବିଷ୍ୟତ ଦେଖୁଥିଲେ ସେ । ମୋ ଚରିତ୍ର ଉପରେ ତାଙ୍କର କେତେ ଆସ୍ଥା ଥିଲା । ମୁହୂର୍ତ୍ତକେ ସବୁ ଚୂନମାର ହୋଇଯିବ । ଯୋଉ ବିଷୟରେ ମୁଁ ଭଲ କରୁଥିଲି ସେଥିରେ ହିଁ କପି କରିଛି ! ଧିକ୍ ମୋ ତଥାକଥିତ ଭଲପଣକୁ । ତୁଣ୍ଡରେ ବଡ଼ ବଡ଼ କଥା

କହିଲେ କଣ ହେବ ?  ଏଇ ତ ମୋ ଭିତରର ସ୍ୱରୂପ । 'ଝାଟି ମହାକାଳ ଫଳ, ଭିତରେ ପୋଡ଼ା ଅଙ୍ଗାର' ।

ଘନଶ୍ୟାମବାବୁ ଖାତା ସଜାଡୁ ସଜାଡୁ ସବୁ ଜାଣିଲେ—ଗମ୍ଭୀରପ୍ରକୃତିର ଲୋକ; 'ରମ କି ବିଷ୍ଟୁ' ମୋତେ କିଛି କହିଲେନାହିଁ । 'ମାରନା ମୁଁ ମଲିଣି' ଅବସ୍ଥା ଦେଖି ହୁଏତ ତାଙ୍କ ମନରେ କରୁଣା ଆସିଥିବ । କେବଳ ସେତକ କାଟି ଦେଇ ଖାତା ନେଇ ସେ ସଂସ୍କୃତ ପଣ୍ଡିତଙ୍କୁ ଦେଇ ଦେଲେ । 'ପଦାରେ ଏପରି ଖାତା ରଖିବା ଭୁଲ, ସୁଯୋଗ ପାଇଲେ ପିଲା କପି ନ କରିବ କାହିଁକି'—ଏଇ ଦୃଷ୍ଟିରେ ସେ ଘଟଣାଟାକୁ ଦେଖି ଚପି ଦେଲେ; ବାହାରେ କଥାଟା ପ୍ରଘଟ ହେଲାନାହିଁ; ମୁଁ ସମସ୍ତଙ୍କ ଆଖିରେ ପୂର୍ବପରି ଭଲ ପିଲା ହୋଇ ରହିଲି, ଯଦି ବା ମୋ ନିଜ ଦୃଷ୍ଟିରେ ନୁହେ ।

ଘନଶ୍ୟାମବାବୁ ବାରମ୍ବାର ଆବୃତ୍ତି କରିଥାନ୍ତି—

ନିନ୍ଦନ୍ତୁ ନୀତିନିପୁଣାଃ ଯଦି ବା ସ୍ତୁବନ୍ତୁ
ଲକ୍ଷ୍ମୀ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍
ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା
ନ୍ୟାଯ୍ୟାତ୍ ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ ।

ଘନଶ୍ୟାମବାବୁ ନୀତିବାଦୀ, ତାଙ୍କ ଅଜାଙ୍କ ଆଦର୍ଶରେ ମଣିଷ ହୋଇଥିଲେ; ତାଙ୍କ ଅଜା ଜଣେ ଖ୍ୟାତନାମା ପଣ୍ଡିତ ଥିଲେ, ପାଣ୍ଡିତ୍ୟ ଲାଗି କବିବର ରାଧାନାଥଙ୍କର ପ୍ରଶଂସାପତ୍ର ଲାଭ କରିପାରିଥିଲେ । ଘନବାବୁ ଟିକିଏ ମନ୍ଥର, ଅଳସ; କିନ୍ତୁ ସାଧାରଣ ସଂକୀର୍ଣ୍ଣତାର ବହୁ ଊର୍ଦ୍ଧ୍ୱରେ ଥିଲେ ସେ; ସ୍ୱଳ୍ପ ସନ୍ତୁଷ୍ଟ, ମହାପ୍ରାଣ, କର୍ତ୍ତବ୍ୟନିଷ୍ଠ ଶିକ୍ଷକ; ଭିତର ଚିନ୍ତା ବାହାର କର୍ମ ତାଙ୍କର ସମାନ ଥିଲା ।

ଦିନାକେତେ ସେ ଏକାଦଶ ଶ୍ରେଣୀରେ 'ଉଷା' କାବ୍ୟ ପଢ଼ାଉଥିଲେ; ସାହିତ୍ୟରେ ମୋର ଉତ୍ତମ ସ୍ଥାନ ଥିବା କଥା ତାଙ୍କୁ ଅଗୋଚର ନ ଥିଲା; ସେ ମୋଠାରୁ ଅନେକ ପଦ ବୁଝି କ୍ଲାସରେ ବୁଝାଉଥିଲେ; ଜଣେ ବି. ଏ. ଡ଼ି. ଇ. ଡ଼ି. ମୋଠାରୁ ସାହିତ୍ୟ ବୁଝୁଛନ୍ତି ଭାବି ମୋର କ୍ଷୁଦ୍ର ମନ ବେଳେ ବେଳେ ଫୁଲି ଉଠୁଥିଲା ।

ମୁଁ ସେତେବେଳେ ହଷ୍ଟେଲରେ ବଡ ନୀତିବାଦୀ; କାହା ହାତରେ ବିଡ଼ି କିମ୍ବା ଗୁଡ଼ାଖୁ ଦେଖିଲେ ମୁଁ ଛଡାଇ ଆଣୁଥିଲି । ଦିନେ କେତୋଟି କୁକୁଡ଼ା କାଟି ପିଲାଏ ହଷ୍ଟେଲରେ ଭୋଜି କଲେ; ମୁଁ ଏହାର ଘୋର ପ୍ରତିବାଦ କରିଥିଲି । ସାଙ୍ଗ ଭିତରୁ ଜଣେ ବାହାରିପଡ଼ି କହିଲା—ତୁ କେମିତି ମାଛ ଖାଉଛୁ ? ମାଛଙ୍କର ଜୀବନ ନାହିଁ, ନା ?

'ଏ କଣ ସମାନ କଥା' ?

'ହଁ ଏକା କଥା; ଯଦି ପାପ ହୁଏ, ମାଛ ମାରିବା, କୁକୁଡ଼ା ମାରିବା ଦିଟାଯାକ ପାପ ହେବ' ।

ଯୁକ୍ତିର ଗୁରୁତ୍ୱ ବୁଝିଲି, ସେହିଦିନ ମାଛ ଛାଡ଼ିଦେବି ବୋଲି ସଂକଳ୍ପ କଲି; ବାରବର୍ଷ ପର୍ଯ୍ୟନ୍ତ ସେ ସଂକଳ୍ପ ମୁଁ ରକ୍ଷା କରିଥିଲି । କଲିକତାରେ ଓଡ଼ିଆରେ ଏମ୍. ଏ. ପଢୁଥିବା ବେଳେ ଶ୍ରୀ ଗୋପାଳ ମଲ୍ଲିକ୍ ଲେନ୍ ମେସ୍‌ରେ ଯେତେବେଳେ ବନ୍ଧୁମାନେ 'ଝୋଲ, ଝୋଲ' ହାପୁରୁଥିଲେ ସେତେବେଳେ ମୋ ଭାଗ୍ୟକୁ ମିଳୁଥିଲା ଆଳୁ ଭରତା । ଆମିଷ ପ୍ରତି ତ ମୋର ଘୃଣା ନ ଥିଲା । ଦିନେ ତୁଚ୍ଛା ଖାଇ ବିରକ୍ତିରେ ସଂକଳ୍ପଚ୍ୟୁତ ହେଲି ।

ନିମାପଡ଼ା ହାଇସ୍କୁଲ ହଷ୍ଟେଲରେ ଥିଲାବେଳେ 'ପଥେ ପ୍ରବାସେ'ର ଲେଖକ ଅନ୍ନଦାଶଙ୍କର ରାୟ ନିମାପଡ଼ା ବାଟେ କୋଣାର୍କ ଯାତ୍ରା କରିଥିଲେ; ନିମାପଡ଼ାରେ ସେ ଦୁଇତିନି ଘଣ୍ଟା ଅଟକି ଥିଲେ, ତାଙ୍କ ଗୁରୁ ମନମୋହନ ଘୋଷଙ୍କୁ ଦର୍ଶନ କରିଯିବା ପାଇଁ; ଶ୍ରୀଯୁକ୍ତ ଘୋଷଙ୍କ ପାଦ ତଳେ ଲାଗୁ ନ ଥାଏ—ସତେ ନୂତନ ରାଜ୍ୟ ଲାଭ କରିଛନ୍ତି ! ନୂଆ ଦେଶ ଆବିଷ୍କାର କରିଛନ୍ତି । 'ମୋ ଛାତ୍ର ଅନ୍ନଦା' । ଆଃ, କି ଗର୍ବୋତ୍‌ଫୁଲ୍ଲ ଆନନ୍ଦ ସେ ! ଗୁରୁ ଶିଷ୍ୟଙ୍କ ମଧ୍ୟରେ କି ପବିତ୍ର ସଂପର୍କ ! ସେ ଛାତ୍ର ଧନ୍ୟ, ଯେ ଗୁରୁଙ୍କର ଏପରି ବାତ୍ସଲ୍ୟାନନ୍ଦ ଲାଭ କରିପାରେ; ସେ ଗୁରୁ ଧନ୍ୟ, ଯେ ଆଇ. ସି. ଏସ୍. ଛାତ୍ର, ସୁବିଖ୍ୟାତ କବିଛାତ୍ରର ଉଷ୍ଣ ଅଶ୍ରୁରେ ନିଜର ପଦ ଧୌତ ହେବାର ସୌଭାଗ୍ୟ ଲାଭ କରିପାରେ ।

କୋଣାର୍କ ପଥରେ ଗୋଟିଏ ରାତି ଔପନ୍ୟାସିକ କାହ୍ନୁଚରଣ ଆମ ସାଙ୍ଗରେ କଟାଇଥିଲେ । କାହ୍ନୁଚରଣ ଓଡ଼ିଶାପ୍ରେମୀ, ଓଡ଼ିଆ ଭାଷାପ୍ରେମୀ; ଓଡ଼ିଶାର ଭାତହାଣ୍ଡି ଓଡ଼ିଆଙ୍କ ହାତରୁ ଯେଉଁମାନେ କାଢ଼ିନେଇ ଥିଲେ, ସେମାନଙ୍କ ପ୍ରତି ତାଙ୍କ ଅନ୍ତରର ତୀବ୍ର ବିରୋଧ କ୍ରୋଧ ରୂପରେ ଚକ୍ଷୁରେ ମୁଖରେ ଜଳି ଉଠୁଥିଲା । କିନ୍ତୁ ମୁଁ ମୋଟେ ବୁଝିପାରୁ ନ ଥାଏ—ଓଡ଼ିଆ ଜମିଦାର, ବଙ୍ଗାଳୀ ଜମିଦାରଙ୍କ ମଧ୍ୟରେ ତାରତମ୍ୟ କଣ; ଆମ ଗାଆଁର ଜଣେ ଓଡ଼ିଆ ମକଦ୍ଦମ ଗାଆଁକୁ ଉଠଉଚି, ପକଉଚି, ସବୁ ଜମି କେମିତି ତାର ହେବ, ସବୁ ଲୋକେ କେମିତି ପାଞ୍ଚଗୌଣୀ, ପାଞ୍ଚଟଙ୍କା ପାଇଁ ତା ଦୁଆରେ ଗୋଡ଼ ଭାଙ୍ଗି ଠିଆହେବେ, ଅହୋରାତ୍ର ଏଇ ଚିନ୍ତା । ଅକାର୍ଯ୍ୟ ବୋଲି ତାର କିଛି ନାହିଁ; ସୁଖାଦ୍ୟ ସେ ବିକ୍ରୀ କରେ, ଅଖାଦ୍ୟ ଖାଏ । ଧନୀ ହୋଇ ମହା ଦରିଦ୍ର ପରି ଚଳେ । ମକଦ୍ଦମୀ ତାର ପ୍ରକୃତି ବଦଳାଇ ଦେଇଛି; ସେ ମଣିଷପଣିଆରୁ ଖସି ହୋଇଛି ଅମଣିଷ । ଆମର ମକଦ୍ଦମୀ ଯାଇଛି, ଆହତ, କ୍ଷିପ୍ତ ମୁଁ; ଓଡ଼ିଆ ମକଦ୍ଦମ, ଜମିଦାରଙ୍କ ବିଷୟରେ ଏପରି ଭାବୁଥିଲେ ବି କାହ୍ନୁବାବୁଙ୍କ ପରି ବଡ଼ ଲେଖକଙ୍କୁ ଭରସି କିଛି କହିପାରି ନ ଥିଲି ।

୧୯୩୫ରେ ମାୟାଧର ମାନସିଂହ ଆମ ସ୍କୁଲକୁ ଶିକ୍ଷକ ହୋଇ ଆସିଥିଲେ; ତାଙ୍କଠାରୁ ମୁଁ ପ୍ରଥମେ ଆଧୁନିକ ବଙ୍ଗଳା କବିତାର ଆସ୍ୱାଦ ପାଇଲି; ମୋତେ ଖଣ୍ଡିଏ 'ରବୀନ୍ଦ୍ରନାଥ ଗ୍ରନ୍ଥାବଳୀ' କିଣିଦେବା ଲାଗି ହେଃମାଃ ମନମୋହନ ଘୋଷଙ୍କୁ ଜଣାଇଥିଲି; ସେ ଏପରି ଏକ ତାଚ୍ଛଲ୍ୟ ହସ ହସିଲେ ଯେ ମୁଁ ପଛେଇ ପଛେଇ ଖସି ଗଲି—ପାଗଳ ! ପାଞ୍ଚ ଟଙ୍କାରେ ରବୀନ୍ଦ୍ର ଗ୍ରନ୍ଥାବଳୀ ! ପାଠ ପଢ଼, ପାସ୍ କର, ସେ ସବୁ ପରେ ! ଗରିବ ଛାତ୍ର ପକ୍ଷରେ କବି ହେବା ଗୋଟାଏ ଯୋଗ୍ୟତା ନୁହେଁ, ସମୟର ଘୋର ଅପଚୟ । ଜୀବନ ପଡ଼ିଚିରେ, ଅନେକ ଆଗକୁ ଲମ୍ବିଚି । ସେତେବେଳେ କିଛି କରିବୁ ତ କରିବୁ । ବର୍ତ୍ତମାନ ଏହା ଅତିରିକ୍ତ, ଅବାଞ୍ଛିତ ।

ସ୍କୁଲର ଅନ୍ୟତମ ଶିକ୍ଷକ ଥିଲେ ପଦ୍ମନାଭ ମହାପାତ୍ର, ଇଂରେଜୀରେ ଏମ୍. ଏ; କିନ୍ତୁ ଆମ ଆଖିରେ ସେତେବେଳେ ସେ ସର୍ବ ବିଦ୍ୟା ବିଶାରଦ । କିନ୍ତୁ ଏତେ ପାଠକୁ ବେଶ ମୋଟେ ଖାପ ଖାଉ ନ ଥିଲା । ଖଣ୍ଡେ ଅଧା କାମିଜି, ହଳେ ଚଟି; ପୁଣି ସେ ଏ ଅଞ୍ଚଳରେ ସେତେବେଳେ ଏକମାତ୍ର ଏମ୍ ଏ. ସେଥିଲାଗି ଟିକେ ହେଲେ ଅହଂକାର ନ ଥିଲା; ବହୁତ ପାଠର ଗୋଟିଏ ଲକ୍ଷଣ ଏ, ମନେ ମନେ ବୁଝିଲି; ଫମା ମାଠିଆର ଶବ୍ଦ ବେଶୀ ।

ପଦ୍ମନାଭବାବୁ ଅଙ୍କ, ଭୂଗୋଳ, ସାହିତ୍ୟ, ସଂସ୍କୃତ ସବୁ ସରଳ, ପ୍ରାଞ୍ଜଳ ଭାବେ ବୁଝାଇ ଦେଇ ପାରୁଥିଲେ । ଅଙ୍କନ, ନିର୍ମାଣ, ସଙ୍ଗୀତ ଗାନ ଓ ଅଭିନୟ କଳାରେ ମଧ୍ୟ ସେ ସୁନିପୁଣ ଥିଲେ । ସେ ଅଜାତକ୍ରୋଧ; ଖୁବ୍ ରାଗିଲେ କ୍ଲାସରେ କହନ୍ତି 'ଷ୍ଟୁପିଡ୍' । ବହୁ ବିଦ୍ୟାରେ କୁଶଳ ଥିବାରୁ ଗୋଟିକରେ ପ୍ରବୀଣ ହେବା ବୋଧ ହୁଏ, ତାଙ୍କ ଜୀବନରେ ସମ୍ଭବ ହୋଇ ପାରି ନି ଥିଲା—'jack of many trades, master of none' ହୋଇ ସେ ରହିଗଲେ, ବହୁ ଅଧ୍ୟୟନ କରି ମଧ୍ୟ ଉଚ୍ଚ ଙ୍କ ବିଦଗ୍ଧମଣ୍ଡଳକୁ ଉଠି ପାରିଲେ ନାହିଁ । ବିଦ୍ୟା ସଙ୍ଗେ କର୍ମପ୍ରବଣତାର ସେପରି ସଂଯୋଗ ନ ଥିଲା ।

ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ପଣ୍ଡିତ ବାସୁଦେବ ମହାପାତ୍ରଙ୍କୁ ମଧ୍ୟ ଆମ୍ଭେମାନେ କିଛିକାଳ ଶିକ୍ଷକ ଭାବେ ପାଇଥିଲୁ, ସେତେବେଳକୁ ତାଙ୍କର 'ଶାନ୍ତି ଧାରା' ପ୍ରବନ୍ଧ ଓ 'ବୀର ଭରତ' ପ୍ରକାଶିତ ହୋଇ ସାରିଥିଲା, ଆଲୋଚନାସଭାରେ ତାଙ୍କର କଥନଶୈଳୀ ବିଶେଷ ଚିତ୍ତଗ୍ରାହୀ ହେଉଥିଲା । ସୁନୀତି ଓ ସଦ୍‌ଜ୍ଞାନର ଭଣ୍ଡାର ଥିଲେ ସେ, କିନ୍ତୁ ସେ ସବୁର ବୀଜ ବୋଧହୁଏ ଅସ୍ଥାନରେ ଅକାଳରେ ଉପ୍ତ ହେଉଥିଲା । ସତ୍ୟବାଦୀ ଆଦର୍ଶରୁ ବହୁ ଦୂରରେ ଥିଲୁ ଆମ୍ଭେ;'ପାଠ ପଢ଼ିବୁ, ଚାକିରୀ କରିବୁ, ମଣିଷ ହେବୁ, ଦେଶ ସେବା କରିବୁ, ଶ୍ରମଦାନ କରିବୁ, ରୋଗୀ ସେବା କରିବୁ'—ଏଭଳି ଭାବ କାହାରି ମନରେ କ୍ୱଚିତ୍ ଦେଖା ଦେଉଥିଲା । ଆମ ଶିକ୍ଷା ପଛରେ ଗୋପବନ୍ଧୁ ବା ହରିହର ନ ଥିଲେ । ତ୍ୟାଗନିଷ୍ଠ ଭାବ କିଛି ହେଲେ ନଥିଲା; ତେଣୁ ତାଙ୍କ ବାଗ୍ମିତା କେବଳ ଲାଳିକାର ସାମଗ୍ରୀ ହୋଇଥିଲା ।

ଦାମବାବୁ ଇତିହାସ ଶିକ୍ଷକ; ସ୍ମୃତିଶକ୍ତି ତାଙ୍କର ଏକାନ୍ତ କ୍ଷୀଣ ଥିଲା । କହୁଁ କହୁଁ ହଠାତ୍ କଥାର ସୂତ୍ର ହରାଇ ବସୁଥିଲେ; ଆମଠାରୁ ଖିଅଟି ପାଇ ପୁଣି କିଛି ଦୂର ମାଡ଼ି ଯାଉଥିଲେ, କିଛି ସମୟ ପରେ ପୁଣି ସେଇଟି ହଜି ଯାଉଥିଲା । ନିଜ ସାଙ୍ଗରେ ତାଙ୍କର ଏଇ ଲୁଚକାଳି ଖେଳ ସବୁ ଦିନ ଲାଗିଥିଲା । ଯେଉଁ ଆଦର୍ଶ ଓ ନୀତିଶିକ୍ଷା ସେ ପ୍ରଚାର କରୁଥିଲେ, ନିଜେ ଥିଲେ ତାର ଠିକ ବିପରୀତ । ଛାତ୍ରମାନଙ୍କ ଚରିତ୍ର ଉପରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା; ଅଥଚ ନିଜ ଚରିତ୍ର ଅମର୍ତ୍ତା ମାଡ଼ି ଚାଲିଥିଲା । ଅର୍ଥ ଆତ୍ମସାତ୍ କରିଛନ୍ତି, ଚରିତ୍ର ସ୍ଖଳନ ଘଟିଛି, ଏଇ ଅଭିଯୋଗରେ ତାଙ୍କୁ ସ୍କୁଲରୁ ନିକାଲି ଦିଆଯାଇଥିଲା ।

ଯୋଗୀବାବୁ ଥିଲେ ଅଷ୍ଟମ ନବମ ଶ୍ରେଣୀର ଶିକ୍ଷକ, ଏକାନ୍ତ ସରଳ, ଅମାୟିକ । ସବୁ ପିଲାଙ୍କ ସଙ୍ଗେ ସେ ସହଜରେ ମିଶି ପାରୁଥିଲେ, ପିଲା ବୁଝିବାଯାଏ ବୁଝେଇବା ଧୈର୍ଯ୍ୟ ଥିଲା ତାଙ୍କର । ଇଂରେଜୀ ଓ ଓଡ଼ିଆ ଅକ୍ଷର ତାଙ୍କର ଛପା ହରଫ ପରି ଥିଲା । ଶିକ୍ଷାଦାନ ଛଡ଼ା ଯାବତୀୟ ଅଫିସ କାମର ଦାୟିତ୍ୱ ତାଙ୍କ ଉପରେ ଥିଲା । ଶିକ୍ଷକଜୀବନର ଦୁର୍ଦ୍ଦଶାର ମୂର୍ତ୍ତ ପ୍ରତୀକ ଥିଲେ ସେ । କାହା

ବିରୁଦ୍ଧରେ ତାଙ୍କର କିଛି ଅଭିଯୋଗ ନ ଥିଲା । ଯେତେ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ହେଉ ପଛେ ନିଜର କର୍ତ୍ତବ୍ୟ କର୍ମ ସେ କରି ଯାଉଥିଲେ ।

ଅନ୍ୟ ଶିକ୍ଷକ ମାନଙ୍କ ମଧ୍ୟରୁ ପଣ୍ଡିତ ହରିହର ମିଶ୍ରଙ୍କ କଥା ମୋର ଅଧିକ ମନେ ପଡ଼େ । ସେ ମାତ୍ର ୩୦ ଟଙ୍କା ବେତନ ପାଉଥିଲେ । ସେଥିରୁ ଘରଭଡ଼ା ଦେଉଥିଲେ, ଚାଉଳ, ଡାଲି ପ୍ରଭୃତି ସବୁ ତାଙ୍କୁ କିଣିବାକୁ ହେଉଥିଲା । ସେଥିରୁ କଟକ ପଢ଼ିବାକୁ ଆସିବା ବେଳେ ସେ ମୋତେ ସ୍ୱତଃପ୍ରବୃତ୍ତ ହୋଇ ଗୋଟିଏ ଟଙ୍କା ସାହାଯ୍ୟ ଦେଇଥିଲେ । ଏହାହିଁ ମୋ ଭବିଷ୍ୟ ଜୀବନର ମୂଳଧନ । ସେ ମୋର ସାହିତ୍ୟ ପ୍ରବନ୍ଧକୁ ଶ୍ରେଣୀର ନମୁନା ସ୍ୱରୂପ ପଢ଼ୁଥିଲେ, ଅକୁଣ୍ଠ ଭାବେ ଉଚ୍ଚ ପ୍ରଶଂସା କରୁଥିଲେ । ବିକଟ ଦାରିଦ୍ର୍ୟ ଓ ଜୀବନସଂଗ୍ରାମ ମଧ୍ୟରେ ମୋ ଛାତିକି ସେ ଫୁଲାଇ ରଖିଥିଲେ । ତାଙ୍କ ଯୋଗୁଁ ସଂସ୍କୃତ ସାହିତ୍ୟ ପ୍ରତି ମୋ ଅନ୍ତରରେ ଗଭୀର ଶ୍ରଦ୍ଧା ଆସିଥିଲା । ତାଙ୍କ କଣ୍ଠ ସୁଲଳିତ । ଉଚ୍ଚାରଣ ସୁସ୍ପଷ୍ଟ । ବୀର ପୁରୁଷୋତ୍ତମପୁରର ବ୍ରାହ୍ମଣ ସେ, ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଛାତ୍ର । ତାଙ୍କ କଣ୍ଠରୁ ଶ୍ଳୋକ ଶୁଣିଲେ ଆନନ୍ଦରେ ମୋ ଆଖିରୁ ଲୁହ ବୋହି ଯାଉଥିଲା । ନିମାପଡ଼ାର ସେତେବେଳର ବାବୁ (ସବ୍‌ଇନ୍‌ସପେକ୍‌ଟର) ଜଗନ୍ନାଥ ମହାପାତ୍ରଙ୍କ ସହିତ ତାଙ୍କର ଶ୍ଳୋକ ପ୍ରତିଯୋଗିତା ହେଉଥିଲା, କେତେବେଳେ

ମଦେକ ପୁତ୍ରା ଜନନୀ ଜରତ୍ତୁରା
ନବପ୍ରସୂତା ବରଟା ତପସ୍ୱିନୀ

X X X

ଧିଗିନ୍ଦୁଶଂତେ ତରଳଂ ଭବନ୍ମନଃ
ସମୀକ୍ଷ୍ୟ ପକ୍ଷାନ୍ ମମ ହେମ ଜନ୍ମନଃ ।

କେତେବେଳେ ମେଘ, କେତେବେଳେ ମାଘ, କେତେବେଳେ ଭାରବୀ, କେତେବେଳେ ରଘୁ ; ତରୁଣ ବୟସ, ଆବେଗଭରା କୋମଳ କଣ୍ଠ—ଦୁହେଁ ପ୍ରୀତିପୂର୍ଣ୍ଣ ଭାବେ ଗାଇ ଯାଉଥିଲେ—ସମୟର ସୀମା ନାହିଁ—ଜଞ୍ଜାଳର ଆହ୍ୱାନ ନାହିଁ । ମୁଁ କିଛି ବୁଝୁ ନ ଥିଲି, କିନ୍ତୁ ମୋର କଣ୍ଠ ବାଷ୍ପରୁଦ୍ଧ ହେଉଥିଲା କାହିଁକି ? ଅବାରିତ ଭାବେ ଅଶ୍ରୁ ଝରି ଯାଉଥିଲା କାହିଁକି ? ବୋଧହୁଏ, ସେତେବେଳେ ମୋ ଛାତିରେ କବିତାର ପୁନାଦି ପଡ଼ୁଥିଲା, କାଳିଦାସ କବିତାର ପାଖୁଡ଼ା ଅନୁକୂଳ ଖଣ୍ଡରେ ସେଇ ପୁନାଦି ଉପରେ ପଡ଼ୁଥିଲା ।

କାହିଁକି କେଜାଣି ପଣ୍ଡିତ ମହାଶୟ ନିମାପଡ଼ା ସ୍କୁଲ ଛାଡ଼ିଗଲେ, କଟକରେ ବସାଟିଏ ନେଇ ରହିଲେ, ଜ୍ୟୋତିଷ ଚର୍ଚ୍ଚା କଲେ; ଗଡ଼ଜାତ ରଜାମାନଙ୍କ ଜାତକ ଦେଖି କିଛି କିଛି ଆୟ କରି ଚଳିଲେ । ସେମାନଙ୍କ ସାହାଯ୍ୟରେ କେତେଖଣ୍ଡି କବିତା ବହି ମଧ୍ୟ ଛପେଇଲେ, ନୟାଗଡ଼ ରଜାଙ୍କ ସଙ୍ଗେ ତାଙ୍କର ଖୁବ୍ ବନିଲା, ତାଙ୍କୁ ପ୍ରବର୍ତ୍ତାଇ ବହୁ ଯଜ୍ଞ କରାଇଲେ, ମଦ ଛଡ଼ାଇଲେ । ଗଡ଼ଜାତ ଯିବା ପରେ ଦେବୋତ୍ତର ଅଫିସର୍ ହୋଇ ରହିଲେ । ମୋର ବିଶ୍ୱାସ, ତାଙ୍କର ତତ୍କାଳୀନ ଆୟ ସଙ୍ଗେ ଦେବତାଙ୍କର ଅଭିଶାପ କିଛି ଆସି ମିଶିଥିଲା, ଯାହା ତାଙ୍କୁ କରିଦେଲା ପଙ୍ଗୁ, ଅଚଳ ।

ସେ କାଳର ଆଉ ଜଣେ ବଡ଼ ଲୋକଙ୍କ ସଙ୍ଗେ ମୋର ସଂସ୍ରବ ଥିଲା—ସେ ବିଦ୍ୟାବିନୋଦ ମଧୁସୂଦନ ଦାଶ; ତାଙ୍କ ନାମରେ ଏ ପର୍ଯ୍ୟନ୍ତ ନାମିତ ହୋଇନାହିଁ । କିନ୍ତୁ ସେ ପ୍ରକୃତରେ ନିମାପଡ଼ା ହାଇସ୍କୁଲର ପ୍ରତିଷ୍ଠାତା ଥିଲେ; ସେ ଯୁଗର ଜଣେ ଶ୍ରେଷ୍ଠ ଶିକ୍ଷାବିତ୍, ସାହିତ୍ୟିକ ଓ ପଣ୍ଡିତ ହିସାବରେ ସମଗ୍ର ଓଡ଼ିଶାରେ ତାଙ୍କର ନାମ ଥିଲା । ହାତ ଫୁଟ ଲମ୍ବ ଉଚ୍ଚ ମଧୁବାବୁ ଚାଲିଗଲା ବେଳେ ରାସ୍ତା ପୂରି ଉଠୁଥିଲା । ଯେପରି ବିପୁଳ ଦେହ, ସେପରି ଉଚ୍ଚ ତାଙ୍କର ମନ । ଜଣେ ଧନୀ, ମାନୀ, ଜ୍ଞାନୀ ଓ ମହୋଦାର ବ୍ୟକ୍ତି ଭାବରେ ତାଙ୍କର ପ୍ରଚୁର ପ୍ରତିଷ୍ଠା ଥିଲା । ନୀଳମାଧବ, ଇନ୍ଦ୍ରଦ୍ୟୁମ୍ନ, ବିଶ୍ୱାବସୁ କିଂବଦନ୍ତୀ ଆଧାରରେ ରଚିତ ତାଙ୍କର 'ନୀଳାଚଳ' କାବ୍ୟ ସେତେବେଳେ ବିଦଗ୍ଧମହଲରେ ଆଦୃତ ହୋଇଥିଲା; 'ଉତ୍କଳସାହିତ୍ୟ'ରେ ଗବେଷଣାମୂଳକ ପ୍ରବନ୍ଧମାନ ଲେଖି ସେ ପ୍ରତିଷ୍ଠା ଅର୍ଜନ କରିଥିଲେ । ସାଂସ୍କୃତିକ ପ୍ରତିଷ୍ଠା ଯୋଗୁଁ 'ମଧୁସୂଦନଗ୍ରନ୍ଥାବଳୀ'ର ମୁଖବନ୍ଧ ଲେଖିବା ଲାଗି ତାଙ୍କୁ ଯୋଗ୍ୟ ବିବେଚନା କରାଯାଇଥିଲା । ତାଙ୍କୁ ମୋର ତୁଚ୍ଛାତିତୁଚ୍ଛ କାବ୍ୟକବିତା ଶୁଣାଇବା ଏକ ଅବିବେକୀ ଦୁଃସାହସ; ପ୍ରଶଂସା ତ ଦୂରର କଥା, ମୋ କବିତା ତାଙ୍କ ନିନ୍ଦାର ମଧ୍ୟ ଅଯୋଗ୍ୟ ଥିଲା; ତଥାପି ସେ ମୋତେ ଆଶୀର୍ବାଦ କରିଥିଲେ; ମୁଁ ତାର ଅପାତ୍ର ନ ହେବା ଲାଗି ସାରାଜୀବନ ପ୍ରୟାସ କରି ଆସିଛି, ସେ ଉତ୍କଳସାହିତ୍ୟସମାଜର ସମ୍ପାଦକ ଥିଲେ । ଶ୍ରୀରାମଚନ୍ଦ୍ର ଭବନରେ ମୋ ସଭାପତିତ୍ୱରେ ତାଙ୍କ ପ୍ରତିକୃତି ଉନ୍ମୋଚିତ ହୋଇଅଛି ।

ନିମାପଡ଼ା ସ୍କୁଲର ଛାତ୍ର ଥିବା ବେଳେ ଲୋକସେବାର ଗୋଟିଏ ଅପୂର୍ବ ସୁଯୋଗ ମୋତେ ମିଳିଥିଲା । ଅବଶ୍ୟ ଏହା ଗୋପବନ୍ଧୁ, ସି. ଏଫ୍. ଆଣ୍ଡ୍ରୁଜଙ୍କ ପ୍ରଭାବ; ସେମାନଙ୍କ ତ୍ୟାଗପୂତ ସେବାଭାବ ହାଓ୍ୱାରେ ଖେଳିବୁଲୁଥିଲା; ତାହାହିଁ ଆମକୁ ବନ୍ୟାଞ୍ଚଳକୁ ଘେନି ଯାଇଥିଲା, ସେଇ ସମୟର କରୁଣ ଅନୁଭୂତିକୁ ମୁଁ ପରବର୍ତ୍ତୀ ଜୀବନରେ 'କଙ୍କାଳର ଲୁହ'ରେ ରୂପାୟିତ କରିଥିଲି, ମୁଖବନ୍ଧରେ ମୁଁ ଲେଖିଥିଲି—

"ଘରଦ୍ୱାର ପଡ଼ି ମାଟିରେ ମିଶି ଯାଇଛି । ମଣିଷ, ଗାଈଗୋରୁ ଭାସିଯାଇଛନ୍ତି; ଯାହା ସଙ୍ଗରେ ଚାଉଳ ଆଣିଥିଲୁ ସମୁଦ୍ରକୁ ଶଙ୍ଖେ; 'ଚାଉଳବସ୍ତା' ଓ 'ଦଣ୍ଡଣା' ଗ୍ରାମରେ ବାଣ୍ଟୁ ବାଣ୍ଟୁ ଶେଷ । 'ସାଇଲୋ ଯୋଡ଼' ପାରିହେଲା ପରେ 'ନଡ଼ଣା'; 'ଭୋଟଶୋଳଦା' 'ଟୁଆଁସାହି', 'ପୋଦନା' ପ୍ରଭୃତି ଗ୍ରାମରୁ କିଛି କିଛି ଚାଉଳ ସଂଗ୍ରହ କରି 'ବାରିମୂଳୀ', କନ୍ଥିଆ', 'ଯାଜଲପୁର'; 'ପାଳସାହି' ଓ 'ତମାଲୋ' ପ୍ରଭୃତି ଗ୍ରାମରେ ବାଣ୍ଟିଲୁ । ଚାଉଳବସ୍ତା ମୁଣ୍ଡେଇ ଆସିଲାବେଳେ ମୁଁ ଗୋଟିଏ ଘାଇରେ ବୁଡ଼ି ଯାଇଥିଲି, ଶେଷ ନିଃଶ୍ୱାସ ଯିବା ପୂର୍ବରୁ ମୋର ସହପାଠୀ ଗୋପାଳ ମୋତେ ରକ୍ଷା କରିଥିଲା ।"

ମୃତ୍ୟୁ କାଳର ସେହି ଭୟଙ୍କର ମୁହୂର୍ତ୍ତକୁ ଉପଲକ୍ଷ୍ୟ କରି ଯାହା ଲେଖିଥିଲି ତାହା ସେ ସମୟକୁ ଗୁହିଁ ଦେଶାତ୍ମବୋଧକ—

"ନିତି ନିତି ଶତ ଜୀବନ ଯାଉଛି
ଏ ଜୀବନ ଯିବ, ଯାଉ
ଶତ ଶତ ହୀନ କଙ୍କାଳ ସମ
ଜଳରେ ସମାଧି ପାଉ ।

ଦୀନର ଭାଗ୍ୟେ ଭାଗୀ ହୁଏଁ ଦିନେ
ନିଜରେ ଦେଇ ମୁଁ ବଳି
ସଞ୍ଜ ବଳିତା ସମ ନିଭିଯାଏଁ
ନିଭିଯାଏଁ କ୍ଷଣେ ଜଳି ।
ବିକଳ ନ ହେବ ପିତାମାତା ମୋତେ
ଦେଖିବ ଭାଇନା ମୁହେଁ
ଜନମି ଥିଲି ମୁଁ ଲୁହ ଲହୁ ଧାରେ
ମିଶିଗଲି ଆଜି ଲୁହେ ।
ଲୋଡ଼ା ନାହିଁ ଯଦି ଏ ଜୀବନ ମୋର
ନିଅ, ନିଅ ମହାବାହୁ
ପ୍ରାର୍ଥନା ମୋର ଜୀବନଅର୍ଘ୍ୟେ
ଛାଡ଼ି ଦୁର୍ଦ୍ଦଶା ଯାଉ
ଚେତା ଗଲା ହଜି ତହିଁ
ଚେତା ହେଲା ପରେ ଦେଖିଲି ନଉକା
ଧରିଚି କାଦୁଅ ନଈ ।''

ବନ୍ୟା କାଳରେ ପଲ୍ଲୀର ଦୁର୍ଦ୍ଦଶା ମୁଁ ନିମାପଡ଼ା ରହଣି କାଳରେ ଭଲ ଭାବରେ ହୃଦୟଙ୍ଗମ କରି ପାରିଥିଲି । ପ୍ରାଚୀ ନଦୀ ତୀରବର୍ତ୍ତୀ ତ୍ରିବେଣୀ ଯାତ୍ରା ଦେଖି ଯାଇଥିଲି । ନିମାପଡ଼ା ନିକଟବର୍ତ୍ତୀ ଭଗ୍ନ ସୋମନାଥ ମନ୍ଦିର, କାକଟପୁର ମଙ୍ଗଳା, ରାମଚଣ୍ଡୀ ମନ୍ଦିର ଓ କୋଣାର୍କ ମନ୍ଦିର ମଧ୍ୟ ଦେଖି ଯାଇଥିଲି । କିନ୍ତୁ କୁଶଭଦ୍ରା ନଦୀ ମୋର କିଶୋର ମନ ଉପରେ ମୋହାଚ୍ଛନ୍ନ ପ୍ରଭାବ ବିସ୍ତାର କରିଥିଲା ।

ନିମାପଡ଼ା ହାଇସ୍କୁଲର ପ୍ରଥମ ବର୍ଷର ଫଳ ଶୂନ୍ ହେଲା । ଦ୍ୱିତୀୟ ବର୍ଷ ସାତ ଜଣ ପାସ୍‌ପିଲାଙ୍କ ମଧ୍ୟରୁ ମୁଁ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିଲି ।

'ଗୋଲାମୀ ଛାଡ଼', 'ଛୁଆଁ ଛୁତି ବାର ନାହିଁ', ବହଳ ପଢ଼ିଥାଏ, ବିଦେଶୀ ଲୁଗା ପୋଡ଼ା ହେଉଥାଏ । 'ଝଣ୍ଡା ଉଚ୍ଚା ରହେ ହମାରା' ଗୀତ ଶୁଣାଯାଉଥାଏ । ମହାତ୍ମା ଗାନ୍ଧୀ ତେଲାଙ୍ଗ ନିକଟବର୍ତ୍ତୀ ବେରବୋଇ ଆସୁଥାନ୍ତି । ମୁଁ ଖଦଡ଼ ପିନ୍ଧି କେତେକ ଖଦଡ଼ିଆ ସାଙ୍ଗ ପିଲାଙ୍କୁ ଘେନି ଚାଲି ଚାଲି ବେରବୋଇ ଗଲି, ପ୍ରାୟ ୨୦ ମାଇଲ ବାଟ । ଲୋକସୁଅ ଚାରିଆଡ଼ୁ ଛୁଟିଥାଏ, ପାଦରେ ହଳେ ଚଟି, ଖାଲି ଦେହ, ଘଣ୍ଟାଟିଏ ଅଣ୍ଟାରେ ଝୁଲୁଥାଏ । ଦୁଇପଟେ ଦୁଇଜଣଙ୍କ କାନ୍ଧରେ ହାତ ପକାଇ ମହାତ୍ମାଜୀ ଓ ତାଙ୍କ ପଛେ ଶତ ଶତ ଗାନ୍ଧୀ ଟୋପି ପିନ୍ଧା କର୍ମୀ ଚାଲିଥାନ୍ତି । ଦୂରରୁ ନମସ୍କାରଟିଏ କରି ପଛ ଜନସ୍ରୋତ ତୋଡ଼ରେ ଆଗେଇ ଚାଲିଲି । ବେରବୋଇ କ୍ୟାମ୍ପରେ ତମ୍ବୁ ପଡ଼ିଥାଏ । ଦୂରରୁ ଦେଖିଲି ଜବାହାରଲାଲ୍ ନେହେରୁ, ବଲ୍ଲଭଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ, ରାଜଗୋପାଳାଚାରୀଙ୍କୁ । ଏତେ ବଡ଼ ବଡ଼ ଲୋକଙ୍କୁ ଏକାଠି ଦେଖି ନେତ୍ର ପବିତ୍ର ହୋଇଗଲା ।

ମହାତ୍ମାଜୀ ଛେଳିଦୁଧ ଓ ଫଳାହାର କରୁଥାନ୍ତି । ନିଜ ହାତରେ ପାଇଖାନା ସଫା କରୁଥାନ୍ତି । କଥାବାର୍ତ୍ତା ବେଳେ ବି ସୂତା କାଟୁଥାନ୍ତି । ପୁରୀ ଜଗନ୍ନାଥ ମନ୍ଦିରକୁ ଯିବା ଲାଗି ତାଙ୍କୁ କେହି କେହି ସ୍ଥାନୀୟ କର୍ମୀ ଅନୁରୋଧ କରୁଥାନ୍ତି ।

ଯୋଉ ମନ୍ଦିରରେ ହରିଜନଙ୍କୁ ପଶିବାକୁ ଦିଆ ହୁଏନାହିଁ, ସେ ମନ୍ଦିରକୁ ସେ ଯିବେ ନାହିଁ ବୋଲି କହୁଥାନ୍ତି । କସ୍ତୁରୀବା ଲୁଚି ଗାନ୍ଧିଜୀଙ୍କ ବିନା ଅନୁମତିରେ ମନ୍ଦିରକୁ ଚାଲି ଯାଇଥିଲେ । ସେ ଘଟଣା ଜାଣିପାରି ଗାନ୍ଧିଜୀ ଖୁବ୍ ରାଗିଥିଲେ, ମୋର ମନେହୁଏ, ଅନଶନ କରିଥିଲେ । 'ଜୟ ମହାତ୍ମା ଗାନ୍ଧୀକି ଜୟ' ମଧ୍ୟରେ ଆମେ ଗାମୁଛା କାନିରେ ବାନ୍ଧି ନେଇଥିବା ଚୂଡ଼ା ଗଣ୍ଡିକ ପାଟିରେ ପକାଉ ପକାଉ ଫେରିଲୁ ।

## ସେ ସମୟର ଅନ୍ୟ ଦୁଇଜଣ ବ୍ୟକ୍ତି

ବିପ୍ଲବର ଯୁଗ ସେ ନୁହେ, ତଥାପି ଅତି ଅସହ୍ୟ ହେଲେ ଅତ୍ୟାଚାରୀଙ୍କୁ ଜଣେ ଜଣେ ବିପ୍ଲବୀ ନିକାଶ କରି ଦେଉଥିଲେ, ନିଜ ଜୀବନକୁ ପାଣି ଛଡ଼ାଇ । ସେହିପରି ଖମାରରେ କରଜ ହିସାବ କରୁ କରୁ ଘଡ଼ସ ମଠର ମହନ୍ତ ବଳି ପଡ଼ିଲେ, ଦିନ ଦିପହରରେ ସମସ୍ତଙ୍କ ଆଖି ଆଗରେ ଗାଁ ଦାଣ୍ଡରେ ନିହତ ହେଲେ ବଳଙ୍ଗାର ବନମାଳି ପତି, ନାଏବ୍ ବାବୁ । ପିଟି ପିଟି ଲୋକେ ତାଙ୍କୁ ମାରି-ପକାଇଲେ, ପେଟ ଚିରି ଅନ୍ତବୁଜୁଳା ବାହାର କରିଦେଲେ; ଦେହରେ ତାଙ୍କ ରକ୍ତ ବୋଲି ହେଲେ; ଶଗଡରେ ପକାଇ ହାଟ ଚାଲିଥିବା ବେଳେ ପଟୁଆରରେ ନେଇ କିଆସିନି ଢାଳି ଭାର୍ଗବୀ କୂଳେ ପୋଡ଼ିଲେ । ପତି ସ୍ନାନ କରି ଖମାରରୁ ଘରକୁ ଯିବା ବାଟରେ ଏ ଦୁର୍ଘଟଣା ଘଟିଲା । ଲୋକେ ପ୍ରାଣଭୟରେ କେହି ହନ୍ତାମାନଙ୍କ ପାଖ ମାଡ଼ି ନ ଥିଲେ; ଦଇବେ ନାଏବଙ୍କ ପ୍ରତି ଶ୍ରଦ୍ଧା ନ ଥିଲା, ସେ ଉତ୍କଳର ଜଣେ ମାନ୍ୟ ବ୍ୟକ୍ତି ହେଲେ ବି ।

ସେ ବୃହତ୍ ବଳଙ୍ଗା ମେଳଣର ପ୍ରତିଷ୍ଠାତା, ଯାତ୍ରା ଓ ଆଖଡ଼ା ଦଳର ପୋଷକ, ଓଡ଼ିଶାର "ରାଧାକୃଷ୍ଣ ଥିଏଟର" ଦଳର ଆଦି ମନ୍ତ୍ରଦାତା ସେ । ଅଶ୍ୱିନୀ କୁମାର ଘୋଷ ବଳଙ୍ଗାର ଥିଏଟର୍ ଲାଗି ହିଁ ପ୍ରଥମେ ନାଟକ ଲେଖୁଥିଲେ । ତାପରେ ଶ୍ରୀପତିଙ୍କଠାରୁ ପାଞ୍ଚ ହଜାର ଟଙ୍କାରେ କିଣିନେଇ ତାର ନାମ "ବଳଙ୍ଗା ଆର୍ଟ ଥିଏଟର୍" ରଖିଥିଲେ ଓ ସେଥିଲାଗି ପ୍ରାୟ ସର୍ବସ୍ୱାନ୍ତ ହୋଇଥିଲେ ।

ପୋଲିସ ଚାକିରୀରୁ ଅବସର ନେବା ପରେ ଦାମୋଦର ରଥ ନିଜ ଗ୍ରାମ ନିମାପଡ଼ା, ପାଟପୁରରେ ନିଜ ଘରେ ଆସି ରହୁଥିଲେ । ସାହେବ ପରି ଗୋରା ତକ୍ ତକ୍ ଚେହେରା, ସାହେବଙ୍କ ପରି ଠାଣିମାଣି । ଗ୍ରାମରେ ଗୋଟିଏ ବିରାଟ ଅସାମଞ୍ଜସ୍ୟ ପରି ଦିଶୁଥିଲେ; ସେ ତ ଅତି ବଡ଼ ଅଫିସର୍, କାହା ସଙ୍ଗେ ମିଶିବେ, କ'ଣ ବା କଥା ହେବେ ? ଆପଣା ଛାଏଁ ଛାଏଁ ଏକୁଟିଆବାଆର ହୋଇ ସେ ରହୁଥାନ୍ତି । ସ୍ୱାଧୀନତାସଂଗ୍ରାମୀଙ୍କ ଦମନକାରୀ—ସେ ବ୍ରିଟିସ୍ ସରକାରଙ୍କ 'ରାୟବାହାଦୁର' ପଦବୀ ଲାଭ କରିଥିଲେ । କିନ୍ତୁ ତାଙ୍କୁ ପାଟି ଫିଟାଇ ପଦେ କହିବାକୁ ଗାଆଁରେ କାହାର ସାହସ ନ ଥିଲା । କେବଳ ପଦାକୁ ବାହାରିଲା ବେଳେ ବେଢ଼ୁଥିଲେ ଦଳେ କୁକୁର । ଯେତେ 'ଛି' 'ଛି' କଲେ, ଠେଙ୍ଗା ଦେଖାଇଲେ ବି ସେମାନେ ନିବୃତ୍ତ ହେଉ ନ ଥିଲେ । ପ୍ରକୃତିର ଆଶ୍ଚର୍ଯ୍ୟ ପ୍ରତିଶୋଧ । ମଣିଷଙ୍କ ପ୍ରତି ଏତେ ପ୍ରବଳ ହେଲେ ବି କୁକୁରଙ୍କ ସାମ୍ନାରେ ରଥେ ନିଜକୁ ବଡ଼ ଅସହାୟ ମନେ କରୁଥିଲେ ।

# ହଜିଲା ବଳଦ ଓ କର୍ଣ୍ଣପିଶାଚୀ

ମାଟ୍ରିକ ପଢୁଥିବା ବେଳ କଥା; ରାତିରେ ଆମ ଗୁହାଳରେ ପଶି ଗୋଟିଏ ବଳଦ କିଏ ଫିଟାଇ ନେଇଗଲା । ହଳ ବନ୍ଦ; ଯେତେ ଖରଖରୁସି ହେଲେ ମଧ୍ୟ ନିଜର ଧାନବୁଣା ପାଗ ଛାଡ଼ି କିଏ ଦେବ ? ଭାଇନା ଯାତ୍ରାଦଳ ଘେନି କୁଆଡେ ଯାଇଥାନ୍ତି । ଖବର ପାଇ ମୁଁ ନିମାପଡ଼ାରୁ ଆସି ପହଞ୍ଚିଲି । ବଳଦ ଖୋଜି ଆଣିବା ଲାଗି ଚାରିଦିଗକୁ ଲୋକ ପଠାଗଲା । ମୁଁ ଭାଇନାଙ୍କର ଜଣେ ମଇତ୍ରଙ୍କୁ ସଙ୍ଗରେ ଘେନି ଚାଲି ଚାଲି ଗଲି 'ଘୋରଡ଼ିଆ' ଗାଆଁକୁ । ଆମ ଗ୍ରାମରୁ ପ୍ରାୟ ତାଳଭଙ୍ଗା ଆଠକୋଶ ବାଟ । ସେଠି ଜଣେ ସର୍ବଜ୍ଞାତୀ ପଣ୍ଡିତ ଥାନ୍ତି । ତାଙ୍କର କର୍ଣ୍ଣପିଶାଚୀ ସାଧନା । ସେ ପ୍ରଶ୍ନ ପରେ ପ୍ରଶ୍ନ ପଚାରନ୍ତି । ଠାକୁରାଣୀ ତାଙ୍କ କାନରେ ଉତ୍ତର କହି ଦିଅନ୍ତି ।

କୁଣ୍ଡଳମଣ୍ଡିତ ବୃଦ୍ଧ ପଣ୍ଡିତପ୍ରବର । ସେ ମୋତେ ଦେଖୁ ଦେଖୁ କହି ଉଠିଲେ—

"ଆପଣଙ୍କର ଶଗଡ଼
ନା, ନା, ସିନ୍ଧୁକ, ବାକ୍ସ
ନା, ନା, ଟଙ୍କା,
ନା, ନା, କଂସାବାସନ
ନା, ନା, ସୁନାରୂପା ଆଦି ଧାତୁ ଦ୍ରବ୍ୟ
ନା, ନା, ଚାରିଗୋଡ଼ିଆ ଜନ୍ତୁ
ଚୋରୀ ଯାଇଛି
ନା, ନା, ହଜିଛି ।

ଗାଆଁରେ ଶାଗଖିଆକୁ ପେଜଖିଆ ଦେଖିପାରେନାହିଁ । କିଏ ବିବାଦିଆ ଲୋକ ଫିଟାଇ ନେଇଛି, ନା ନା ଦୂରରେ ଛାଡ଼ି ଦେଇଛି । ଯାଅ, ଯାଅ ଅବିଳମ୍ବେ ତୁମ ବଳଦ ମିଳିଯିବ ।"

ଘୋରଡ଼ିଆ ତେଲାଙ୍ଗ ଷ୍ଟେସନ ନିକଟବର୍ତ୍ତୀ ଗୋଟାଏ ପୁରୁଣା ଗାଆଁ, ବଡ଼ ଗାଆଁ । କିନ୍ତୁ ମୁଁ ନ ଅଟକି ଚୂଡ଼ା ପୋଷେ ପାଟିରେ ପକାଇ ପୁଣି ଗାଆଁକୁ ବାଟ ସଳଖିଲି ।

ଅଦୂର ପାହାଡ଼ ଶିଖରେ ମେଘସବୁ ଲଟେଇ ପଟେଇ ହେଉଥାନ୍ତି । ତଳକୁ ଓହ୍ଲାଉ ନାହାନ୍ତି କାହିଁକି ? ମହୁପେଣା ପରି ଖଣ୍ଡକୁ ଖଣ୍ଡ; ଧରନ୍ତି । ଏଭଳି ଦୃଶ୍ୟ ସହିତ ଏଇ ମୋର ପ୍ରଥମ ପରିଚୟ । ତାକୁ ଚାହିଁ ଯାଉଁ ଯାଉଁ ମୋର କେତେ ବାଟ କଟିଗଲା ।

'ମାଧିପୁର' ଗାଆଁରୁ ବଳଦ ମିଳିଲା । ଜାକଜମକରେ ଗୋଟିଏ ତ୍ରିନାଥ ମେଳା ହେଲା—

ହେ ଧର୍ମ ତୁହି ରକ୍ଷା କର
ଅସତ୍ୟ ନୁହ ସୌଦାଗର ।

ବୋଉ ଗୋପେଶ୍ୱରଙ୍କୁ ଗୋଟିଏ 'ପୁଡ଼ା' (ସିଧା) ଦେଲା, ବୃନ୍ଦାବତୀଙ୍କ ପାଖେ ସନ୍ଧ୍ୟା ଦେଲାବେଳେ ଗୁଣୁ ଗୁଣୁ ସ୍ୱରରେ କହୁଥିଲା—ହେ ଧର୍ମଦେବତା, ହେ ଜଗନ୍ନାଥେ, ହେ ବଡ଼ ଠାକୁରେ—ମୋ ବଳଦ ଯେ ନେଇଥିଲା, ତା ହାତ-ଗୋଡ଼ ରହିଯାଉ, ଚଉରଙ୍ଗୀ (କୋଷ୍ଠ) ଘୋ'ଟିଯାଉ ।

ଚୂଆ, ହୁଳଦିରେ ଉପୁଳେଇ ଟୁପୁଳେଇଙ୍କୁ ଗାଧୋଇ ଛେନାଗୁଡ଼ 'ଭୋଗ କରାଗଲା । ଲୋକନାଥଙ୍କୁ କାନ୍ଦିଏ କଦଳୀ ଯଗ୍ର ହୋଇଥିଲା । କେହି ନେଇପାଇ ପାରିଲେନାହିଁ । ବାଟଲୋକନାଥଙ୍କୁ ଭାଇନା ପାଣି ଛଡ଼େଇ ଦେଲେ । ଲୋକନାଥେ ଶୂନ୍ୟଗତି, ସହଜରେ ଏଠାକୁ ଆସି ବାସନା ପାଇଥିବେ । ଚଷ୍ଟ କହ୍ନା ହେଲାନାହିଁ । ଆମର ପୂରା ଲାଭ । ଭାଗତକେ ପୁଞ୍ଜାଏ ପାଞ୍ଚଟା କରି ଗୋଲମରିଚ ଦିଆ ପାଟକପୂରା କଦଳୀ ପଡ଼ିଥିଲା ।

# ବୈଦେହୀ ଗାଙ୍ଗ ଓ ମହାଦେବଙ୍କ ଚୁଆ

ଗଙ୍ଗା ନାମ ଜଡ଼ିତ, ତେଣୁ ପବିତ୍ର; ବୈଦେହୀଙ୍କ ଜୀବନ ଯେପରି, ଗଙ୍ଗାର ଜୀବନ ସେହିପରି । ଗୋଟିକରେ ମନର, ଅନ୍ୟଟିରେ ଦେହର ଅଭିଷେକ ହୁଏ; ଏଇ ଦୁଇର ସଂଯୋଗରେ ବୈଦେହୀ ଗାଙ୍ଗ ଏବେ ଅପଭ୍ରଷ୍ଟ ହୋଇ ବଇଡାଙ୍ଗ ହୋଇଅଛି । ପ୍ରାୟ ପାଞ୍ଚ ଛ'ଏକର ଭୂ-ବ୍ୟାପୀ ପୋଖରୀ, ଭାଦ୍ରବରେ କଇଁଫୁଲରେ ନକ୍ଷତ୍ରମଣ୍ଡିତ ହୁଏ; ପିଲାଦିନରୁ ଏହାକୁ ଦେଖି ହିଁ ମୁଁ ସମୁଦ୍ର କଳ୍ପନା କରିଥିଲି, କାର୍ତ୍ତିକ ପୂର୍ଣ୍ଣିମାରେ 'ଅକାମାବୈ' ବୋଲି କଦଳୀ ପାଟୁକା ଡଙ୍ଗା ଛାଡ଼ୁଥିଲି, ଚନ୍ଦ୍ର ପାଣି ଭିତରକୁ ପଶି ଯାଉଥିବା ବେଳେ । ଏହାରି ତୁଠରେ ପୁରୋହିତେ କରୁଥିଲେ ମୃତ ଗ୍ରାମବାସୀଙ୍କ ପ୍ରେତକ୍ରିୟା, ଦଶାହରେ ଖିଅରବାଆର ହୋଇ ଗାଧୋଇ-ପାଧୋଇ ନୂଆ ଲୁଗା ପିନ୍ଧି ଦଳ ଦଳ ହୋଇ କୁଟୁମ୍ବ, ବନ୍ଧୁବାନ୍ଧବ ଯାଉଥିଲେ; ଏହା'ର ତୀରରେ ଶ୍ମଶାନ, ଯୋଗୀବାଗ ତୋଟା (ଯୋଉଠି ଯୋଗୀଋଷିଙ୍କ ଆଶ୍ରମ ଥିଲା, ବହୁତ ଯାଗଯଜ୍ଞ ହେଉଥିଲା, ଏବେ ଯଜ୍ଞ ସ୍ତମ୍ଭସବୁ ଅଛି), ଏହାର ଗୋଟିଏ ହୁଡ଼ାରେ ଗୋପେଶ୍ୱର ମହାଦେବ; ଅନ୍ୟ ହୁଡ଼ାରେ ସାହେବମାନେ ଛିଡ଼ାହୋଇ ହଂସରଳି ମାରୁଥିଲେ; ଜଳସ୍ରୋତ ମୁଖରେ ବାଉଁଶ ବାଡ଼ ଦିଆହୋଇ ଗଡ଼ାରେ ଦାନ୍ତିଆ ବସାଇ ମାଛ ମରା ହେଉଥିଲା ।

କୋଉ ରଜା ମହାରଜା ଯାକୁ ଖୋଳାଇଥିଲେ; କିନ୍ତୁ ବ୍ରିଟିଶ୍ ସରକାର ଆସିଲେ, ଗଲେ; କେବେ ପଙ୍କୋଦ୍ଧାର ହେବା ଶୁଣି ନାହୁଁ । ଏବେ ଜମିଦାର ତ ଛଞ୍ଚି ଜାଣନ୍ତି । ବିଞ୍ଚି ଜାଣନ୍ତିନାହିଁ । ଗୋଟାକ ଗାଆଁକୁ ଗୋଟାଏ ଆଁରେ ଭର୍ତ୍ତିକଲେ ବି ତୁଷ୍ଟି ନାହିଁ । କଙ୍କାଳମୟ ସେଇ ଗ୍ରାମର ଶକ୍ତିକୁ ସଂହତ କରି ମୁଁ ବଇଡାଙ୍ଗର ପଙ୍କୋଦ୍ଧାର ଲାଗି ଚେଷ୍ଟା କରିଥିଲି, ହାତରେ କଡ଼ାଏ କଉଡ଼ି ନାହିଁ, ମନରେ ଲୋକକଲ୍ୟାଣକାମନା ଓ ସାହସ ।

ଗ୍ରୀଷ୍ମ ଛୁଟିଟି ଗାଁରେ କଟାଏ; ସନ୍ଧ୍ୟା ହେଲେ ନିଜେ କୋଦାଳଟି କାନ୍ଧେଇ ଲଣ୍ଠନଟି ଧରି ପୋଖରୀକି ଯାଏ—ପଙ୍କଚଟାଣଟା ଫାଟି ଆଁ କରିଥାଏ । ଟେଳାଟାମାନ ଅତି ସହଜରେ ଉଠାଇ ହୁଏ, ତାକୁ କାନ୍ଧେଇ ମୁଣ୍ଡେଇ ବା ଟୋକେଇରେ ନେଇ ବନ୍ଧରେ ଫିଙ୍ଗି ଦେବାକୁ ହୁଏ । ତୋଟି ଫଟାଇ ଡାକି ଡାକି

ଦଶ ପନ୍ଦର ଜଣ ମାତ୍ର ଲୋକ ଆସୁଥିଲେ । କାମ ବାଧାରେ ପୁଣି କାମ କରିଯିବା (ବିନା ମଜୁରିରେ) କଷ୍ଟକର । ଲୋକ ସାଧାରଣଙ୍କୁ କଲ୍ୟାଣମାର୍ଗରେ ପ୍ରବର୍ତ୍ତେଇବା ମୋ ପକ୍ଷରେ ସହଜ ନ ଥିଲା; ଅଧିକାଂଶ ଜମିଦାରଙ୍କ ଲୋକ, ଏ କର୍ମ ଜମିଦାରଙ୍କ ଇଚ୍ଛା ବିରୁଦ୍ଧ ଥିଲା । ଶ୍ରମଦାନରେ ଖଣ୍ଡିଏ ଚୂଆ ମାତ୍ର ଖୋଳା ହେଲା । ଏବେ ସବୁଆଡ଼ୁ ଶୁଖି ସେଠି ଟୋପିଏ ପାଣି ରହେ—ମହାଦେବଙ୍କ ଚୂଆ ।

## ନି. ପ୍ରା. ମାଷ୍ଟ୍ରେ

ଭାଇନା ବେଳେ ବେଳେ ଯାତ୍ରାଦଳ ଘେନି ଦୂର ଜାଗାକୁ ଚାଲି ଯାଉଥିଲେ; ସ୍କୁଲ ବନ୍ଦ ହୋଇଯିବାରେ ପିଲାଏ ଗାଆଁରେ ଉତ୍ପାତ କରୁଥିଲେ । ଗାଆଁରେ କଥା ଉଠୁଥିଲା, କୋଡ଼ମାଡ଼ ପଡ଼ୁଥିଲା ସେକ୍ରେଟାରୀଙ୍କ ଉପରେ । ଲୋକେଇ ଗୋରଡ଼ା ନି ପ୍ରା. ସ୍କୁଲର ସେକ୍ରେଟାରୀ ଉଦୟନାଥ ମହାନ୍ତି ଜଣେ ଥିଲାବାଲା, କିନ୍ତୁ ପାଠଘର ପ୍ରାୟ ଶୂନ୍, ସେ ଭାଇନାଙ୍କଠାରୁ ମାମଲତବୁଦ୍ଧି ଶିଖିଥିଲେ । ତା'ପରେ ନ୍ୟାୟନିଶାପରେ 'ଭଲଲୋକ' ହୋଇ ବସିବାର ସୁଯୋଗ ତାଙ୍କୁ ମିଳିଥିଲା, ଗାଆଁ ମହଲରେ ପ୍ରତିଷ୍ଠା ବଢ଼ିଥିଲା । ଜଣେ ଶିଷ୍ୟ, ମହାପ୍ରସାଦ ବନ୍ଧୁ ହୋଇଥିବାରୁ ସେ ଭାଇନାଙ୍କୁ ତେଡ଼ି କିଛି କହିପାରୁ ନ ଥିଲେ, କିନ୍ତୁ ଅସନ୍ତୋଷକୁ କେତେକାଳ ଚପେଇ ରଖାଯାଇ ପାରିବ ? ଭାଇନା ଏ ଗାଆଁକୁ ସଭ୍ୟ କରିବା ଚେଷ୍ଟାରେ ଯେଉଁମାନଙ୍କର ଆଖି ଫିଟାଇଥିଲେ, ସେମାନଙ୍କ ଭିତରୁ ଜଣେ ଖୁଆଣିଆ ତାହାରି 'ବାବୁ'ଙ୍କ ପାଖକୁ ଖଣ୍ଡେ ଦରଖାସ୍ତ ପେସ୍ କରିଦେଲେ । ସରଜମିନ୍ ତଦନ୍ତରେ ସେକ୍ରେଟାରୀ 'ବାବୁ'ଙ୍କୁ ଭଲ ଖୁଆଇପିଆଇ ମେଜାଜକୁ ବହୁ ପରିମାଣରେ ଥଣ୍ଡା ରଖିଥିଲେ । ଅବସ୍ଥା ସମ୍ଭଳା ପଡ଼ିଗଲା । କିନ୍ତୁ ଭାଇନା ସତର୍କ ହେଲେ । ସେ ଯାତ୍ରା କରି ଗଲେ ମୁଁ ହାଃ ସ୍କୁଲରୁ ଛୁଟି ନେଇ ଆସି ସ୍କୁଲ ଦାୟିତ୍ୱରେ ରହୁଥିଲି ।

ମାଷ୍ଟ୍ରଙ୍କ ଲାଗି ଖଣ୍ଡେ ଗାଆଁ ବଢ଼େଇଦିଆରି ରଙ୍ଗହୀନ ମେଜ ଓ ଖଣ୍ଡେ ଟୁଲ୍ ଥିଲା । ପିଲାମାନେ ନଡ଼ିଆବରଡ଼ାବୁଣା ଗୁଣ୍ଡରେ ବସୁଥିଲେ, ସିଲଟରେ ଲେଖୁଥିଲେ । ଧୂଳିଆ 'ଖଡ଼ିପାଠ' ସେତେବେଳକୁ ଉଠିଯାଇଥିଲା । ମାଡ଼ ଦେବାରେ ମାଷ୍ଟ୍ରଙ୍କର ଅଖଣ୍ଡ ସ୍ୱାଧୀନତା ଥିଲେ ବି ମୁଁ ବେତ ଚଲେଇବା ଦୂରେ ଥାଉ, କାହାକୁ ବିଧା ବା ଚାପୁଡ଼ାଟାଏ ମାରି ନ ଥିଲି । କେତୁଟା ଦିନ ପଢ଼ାଇବି ଯେ ମାରିବି । ମିଛକୁ ନାଆଁ ସାରିବି କାହିଁକି ?

ଗାଆଁଟି ଗହୀର ମଝିରେ, ରାସ୍ତା ବୋଇଲେ ହିଡ଼ । ବର୍ଷା ଦିନେ ପ୍ରାୟ ବିଚ୍ଛିନ୍ନ ହୋଇପଡ଼େ । ଘୋର ବାଉଁଶ ବଣ, ଦିନ ଥାଉଁ ଥାଉଁ ଅନ୍ଧାର ଘୋଟି ଆସେ । ଗୋଟିଏ ବୋଲି ଗଡ଼ିଆ, ବାଉଁଶପତ୍ର ପଡ଼ି ସଢ଼ିଯାଏ; ସେଥିରେ ଗାଧୁଆପାଧୁଆ, ସେଥିରୁ ହିଁ ରୋଷେଇ ଓ ପାନୀୟ ଜଳ ସଂଗ୍ରହ । ଅସୁବିଧା ଅଭ୍ୟାସରେ ସୁବିଧା ପରି ଲାଗୁଥିଲା । ତେଣୁ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲେ ବି କେହି କୂଅଟିଏ ଖୋଳାଉ ନ ଥିଲା । ସ୍କୁଲର ସମସ୍ତ ପିଲା ବ୍ରାହ୍ମଣେତର ବର୍ଣ୍ଣର । ତେଣୁ ମୋତେ ହାତରେ ରୋଷେଇ କରି ଖାଇବାକୁ ହେଉଥିଲା—ପରିବାର ସଞ୍ଜା ନାହିଁ, କେବଳ ଭାତ, ଡାଲି । ଚୂନା ମାଛ ମିଳିଲେ ରାନ୍ଧିବାକୁ ମୋର ଧୈର୍ଯ୍ୟ

...ଥିଲା । କୌଣସି ମତେ କ୍ଷୁଧା ଦୂର ହେଲେ ନଟ ଗଲା । ପ୍ରକାରକୁ ପଗ୍ଭରୁଛି ...ଏ ? ସେକ୍ରେଟାରୀ ହିଁ ସମସ୍ତ ବ୍ୟୟ ବହନ କରୁଥିଲେ । ହିଡ଼ବାଡ଼ ବାଟ, ...ମଭୟ । ମୁହଁସଞ୍ଜ ନ ହେଉଣୁ ମୁଁ ସ୍କୁଲ ଛୁଟି କରି ଘରକୁ ଫେରି ...ଆସୁଥିଲି ।

୧୯୩୫ରେ ମୁଁ ମାଟ୍ରିକ୍ ପାସ୍ କଲି । ଭାଇନା କହିଲେ—ଆମ ଘରକୁ ଏ ...ପା ଢେର ହେଲାଣି—ଏଥର ଚାକିରୀ କର । ଏକଥା କହିବା ତାଙ୍କ ପକ୍ଷରେ ...ଭାବିକ । ତାଙ୍କ ଉପରେ ସଂସାରର ଭାରୀ ଚାପ; ବଡ କଷ୍ଟରେ ମଙ୍ଗ ସମ୍ଭାଳି ସେ ...ାବ ଚଳାଉଥାନ୍ତି ।

ଗାଁର ଧନୀ ଲୋକଙ୍କ ମନ ଈର୍ଷାରେ ଜଳୁଥାଏ । ଏତେ ପଇସା ଖର୍ଚ୍ଚ କରି ...ମାନଙ୍କ ଗେଲବସରିଆ, ବୁଦ୍ଧିଆ ପିଲେ କିଛି ହେଲେ ନାହିଁ; ଏଇଟା କେମିତି ...ନ୍ୟେ ଶୂନ୍ୟେ ଉପରକୁ ଉଠିଯାଉଚି ?

ତଣେ ପେନ୍‌ସିଲ, କଲମ ଗୋଛା ଘରକୁ ପଠାଉଥାଏ । ଅବଶ୍ୟ ଚୋରୀ ...ହେ ( ବଡଲୋକ ପିଲାଏ କଣ ଚୋରୀ କରନ୍ତି ? ) । ସାଙ୍ଗସାଥୀମାନଙ୍କୁ ...ାବଧାନତା ବା ସତର୍କତା ଶିକ୍ଷା ଦେବା ତାର ଉଦ୍ଦେଶ୍ୟ ଥିଲା ।

ମତେ ଦେଖିଲେ ବଡ଼ ମକଦ୍ଦମା ଯୋଉ ଭାବ ଦେଖାନ୍ତି, ସେଥିରୁ ବୁଝେ— ...ଠ ପଢ଼ିବା ଗୋଟାଏ ବଡ଼ କଥା ନୁହେ । ଆମେ ତ ଦୁଆରେ ବସି ଶହ-ହଜାର ...ମଉଚୁ ।

ମୁଁ ବିଦାୟ ନେଲି ବହୁ ସ୍ମୃତିର ତୀର୍ଥକ୍ଷେତ୍ର ନିମାପଡାରୁ—ନିମାପଡା ...ମ ଈଁ ସନ୍ନ୍ୟାସୀଙ୍କ ସ୍ମୃତିକ୍ଷୋର ଏକ ପରିଣାମ, କିମ୍ବଦନ୍ତୀ କହେ । ଏହାର ...ଦୂରରେ ଭାରତଗୌରବ କୋଣାର୍କ, 'ଭଲ୍ଲୁକ ବିକଟ କାକଟପୁର ମହାମଙ୍ଗଳା' ...ହୁ କୀର୍ତ୍ତିସମନ୍ୱିତା ପ୍ରାଚୀନଦୀ, ନିଆଳୀ ଓ ମାଧବ ମନ୍ଦିର, ସୋମନାଥ ...ନ୍ଦିର ।

ନିମାପଡ଼ା ନୁହେ ସହର, ନୁହେ ଗ୍ରାମ । ରାଉସିଂହଙ୍କ ଯୋଗୁଁ ଏହାର ନାମ ...କ । କୋଠଦେଶ ପ୍ରଗଣାର ମାଲିକ ଥିଲେ ସେ, ଯେପରି ଧନୀ, ସେହିପରି ...ନୀ । ଭିତରୁ ଗୋଟାଏ ଘୋଡାଦାନା (କୋଳଥ) ବାହାରିଲା ବୋଲି ସେ ...ଠିଏ ମହଣ ଘିଅ ହୋମ କରିଥିଲେ, କୌଣସି ଅପରାଧରେ ସରକାରଙ୍କୁ ...ଲଟିଏ ଜୋରିମାନା ନ ଦେଇ ସର୍ବସ୍ୱ ହରାଇଥିଲେ । ସେ ଡିମାକ୍ ଭାଙ୍ଗିଥିଲା ...ଛ ନଇଁ ନ ଥିଲା । ଏବେ ନିମାପଡ଼ା ଲଗାଏତ୍ ଗଡ଼ଅର୍ଣ୍ଣିଆରେ ତାଙ୍କ ଭଙ୍ଗା ...ରସବୁ ଛିଡ଼ା ହୋଇଛି, ଗୋଖୁରମାନଙ୍କ ଆଶ୍ରୟସ୍ଥଳୀ ସ୍ୱରୂପ । ଏ ସଂସାରରେ ...ାର ଦର୍ପ ଚିରସ୍ଥାୟୀ ରହିଛି ?

## ...ଗଁକୁ ନିଶୁଣି ନାହିଁ, ଜୀବନକୁ ଅଛି

ରାବଣେଶ୍ୱର ସ୍ୱର୍ଗକୁ ସିଡ଼ି ପକାଇବ ବୋଲି ବସିଥିଲା, ପାରିଲା ନାହିଁ । କିନ୍ତୁ ...ଷ ପୁଆଡ଼କୁ ଚାହିଁବ, ସିଆଡ଼କୁ ନିଶୁଣି ଡେରି ଦେଇପାରେ । ମନରେ ସାହସ ...ହିଁ ?

ପେଡ଼ି ପୋଟଳା ବାନ୍ଧି ନିମାପଡ଼ାରୁ ବିଦାୟ ନେଇ ଆସିଲାବେଳେ ମନର ମୂର୍ତ୍ତିମାନ୍ ଆଦର୍ଶ, ତୁଙ୍ଗ ଶିଖରୀ ଚୂଳର ମଣିଷ ମଧୁସୂଦନ ଦାଶ କହିଲେ— ଏତିକିରେ କଣ ହେବ ?

'କେମିତି ପଢ଼ିବି ?'

'ଯେମିତି ପଢ଼ିଥିଲେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର.....। ପଢ଼ିବାକୁ ମନ ଥିଲେ, ମନରେ ଦୃଢ଼ ସଂକଳ୍ପ ଥିଲେ, ଉପାୟ ବଳେ ବଳେ ମିଳିଯିବ; ଯେଉଁମାନଙ୍କର ଉଦ୍ଦେଶ୍ୟ ସତ୍, ସଦୁଦ୍ୟମରେ ଲାଗିଥାନ୍ତି, ଭଗବାନ୍ ସେମାନଙ୍କ ପଛରେ ଥାନ୍ତି ସହାୟ ହୁଅନ୍ତି । ଯା, ଯେମିତି ଏତେ ବାଟ ପଢ଼ିଲୁ, ସେମିତି ପଢ଼ିବୁ ।'

ମଧୁବାବୁ ବେଶୀ କଥା କହନ୍ତିନାହିଁ । ସେ ଖଣ୍ଡିଏ ପତ୍ର ଲେଖିଦେଲେ ତାଙ୍କ ଜୋଇଁ କଟକର ଭୁବନ୍ତାହୀ ମିଶ୍ର (ଡିପୋଟୀ ସାହେବ)ଙ୍କ ନିକଟକୁ । ସେ ସେତେବେଳେ ତେଲେଙ୍ଗାବଜାର ପୁରୀଘାଟ ବସାରେ ରହୁଥାନ୍ତି । ତାଙ୍କର ସାତ ଆଠ ବର୍ଷର ଗୋଟିଏ ପୁଅ—ମାଧବ ମିଶ୍ର, ଡାକନାମ 'ବୁଢ଼ା', ମୁଁ ଶ୍ରୀ ମିଶ୍ରଙ୍କ ଘରେ ରହି ବୁଢ଼ାକୁ ପଢ଼ାଇଲି, ରେଭେନ୍‌ସା କଲେଜରେ ଆଇ ଏ ଶ୍ରେଣୀରେ ନାମ ଲେଖାଇଲି ।

ବହିପତ୍ର ନ ଥିଲା । ତେଣୁ ପଢ଼ିବାପ୍ରଶ୍ନ ଉଠେନାହିଁ । ଟିଉସନ୍ ସରିଲେ ଟିକିଏ ସମୟ ମିଳିଲେ କବିତା ଲେଖିବସେ । କେହି କେହି କହନ୍ତି, କବିତାଲେଖା ଗୋଟାଏ ନିଶା; ମୋ ପକ୍ଷରେ ଏହା ହୋଇଥିଲା ଏକ ବ୍ୟାଧି, ଦୁରାରୋଗ୍ୟ; ପ୍ରତିଷେଧକ ବହିବାର କିମ୍ବା ଅଧ୍ୟବସାୟରେ ଲଗାଇବାର ସାମର୍ଥ୍ୟ ମୋର ନ ଥିଲା । କବିତା—ଲେଖା ପଢ଼ାପଢ଼ିର ହେଲା ଏକ ପ୍ରଧାନ ଅନ୍ତରାୟ । କ୍ଲାସରେ କଣ ପଢ଼ା ହେଉଥିଲା ମୁଁ ଜାଣେ ନାହିଁ । ଅଧ୍ୟାପକମାନଙ୍କ ବକ୍ତୃତା ଶୁଣିବାର ଭାନ କରେ ଶୁଏ, ନଇଲେ କବିତା ଲେଖେ—ସମସ୍ତ ଖଣ୍ଡିଏ ରଫଖାତା ମାତ୍ର ।

ଏଇ ମାନହାନି ଓ ଗ୍ଲାନି ଅନୁଭବ ବେଳେ ଦିନେ ହଠାତ୍ ମାନ ମିଳିଗଲା କ୍ଷତିପୂରଣ ଭଳି । ଦରିଦ୍ରଜୀବନରେ ଯଶପ୍ରତିଷ୍ଠା ଲାଭ ହାସ୍ୟକର । ଯାହାହେଉ ସେ ଦିନ ମୁଁ କ୍ଲାସରେ ବେଶ ପରିଚିତ ହୋଇଗଲି । ମୋର ରୂପ, ବେଶ ଜୀବନସଂଗ୍ରାମ ଦେଖି କେହି କୁତିତ୍ ବନ୍ଧୁତା କରେଇବାକୁ ଆଗେଇ ଆସିଥିଲେ ମୋର ସୁହୃଦ ଥିଲେ ମୋପରି କେତେଜଣ ସଂଗ୍ରାମୀ, ହତଭାଗା । ସେଦିନ ମୋ ମନର ହାଓ୍ୱା ଟିକିଏ ବଦଳି ଗଲା । 'ସହକାର'ରେ 'ଭ୍ରମଣସଙ୍ଗୀ' ବୋଲି ମୋର ଗୋଟିଏ ଲେଖା ବାହାରିଥାଏ (ଗାର୍ଡ଼ିନରଙ୍କ Fellow Travellerର ଅନୁବାଦ) ଅଧ୍ୟାପକ ଜନାର୍ଦ୍ଦନ ମହାନ୍ତି 'ସହକାର' ଅଫିସରୁ ପରିଚୟ ନେଇ ମୋତେ କ୍ଲାସରେ ଖୋଜିଲେ, ସବା ପଛ ବେଞ୍ଚର ଘମନ୍ତ ଦଳରୁ ପାଇଗଲେ । ମୁଁ ଲାଜରେ ମୁଣ୍ଡ ନୁଆଁଇ ଛିଡ଼ା ହେଲି—''ଛି ଛି, ସାର୍ କାହିଁକି ଏ ବାଜେ ଲେଖାଟା ପଢ଼ିଲେ ? ତାଙ୍କ ପଢ଼ିଲା ଭଳି ଏଥିରେ କଣ ଅଛି ?''

ସବୁ ପିଲାଏ ଏକ ଦୃଷ୍ଟିରେ ମତେ ଚାହିଁଥାନ୍ତି । 'ସହକାର'ରେ ଏଇଟାର ଲେଖା ବାହାରିଛି । ଏ ପୁଣି ଗୋଟାଏ ଲେଖକ । ଦିନେ ହେଲେ କେଉଁ ପ୍ରଶ୍ନ ମୋ ଉପରେ ପଡ଼ିନାହିଁ, କିପରି ନ ପଡ଼ୁ ସେଇ ଚେଷ୍ଟା ମୁଁ କରିଥାଏ । ଯାହାକୁ ଦେଖା ନ ଗଲା ଭଳି ଲମ୍ବା ପିଲା ପଛେ ଲୋଇପଡ଼େ । ତାଙ୍କ ଉଚ୍ଚ ହାସ୍ୟରେ ଚା

ଘଣ୍ଟା ବାଜିଲେ ମୋ ନିଦ ଭାଙ୍ଗେ । ସେ ଦିନଠୁଁ ମୋତେ ଆଉ ନିଦ ଲାଗିଲା ନାହିଁ, ଭୟରେ । କାରଣ ସାର୍ ପଢ଼ଉଁ ପଢ଼ଉଁ ବେଳେ ବେଳେ କହୁଥିଲେ—'My friend in that corner'; ସେ ମନେ ମନେ ମୋତେ ଖୋଜନ୍ତି । ତାଙ୍କ ଦୃଷ୍ଟିପଥରୁ ଅନ୍ତି ଲୁଚି ଶୋଇ ପଡ଼ିବା ଆଉ ସମ୍ଭବ ହେଲା ନାହିଁ ।

ସାର୍ ସେ ସ୍ମୃତିସବୁ ଭୁଲିଗଲେ । ଦିନେ ଖଣ୍ଡିଏ 'ନୈବେଦ୍ୟ' ବହିରେ Presented with author's best compliments' ଲେଖି ମୋ ନିକଟକୁ ଉପହାର ପଠାଇଲେ; ମୁଁ ତାଙ୍କୁ ହାତ ଯୋଡ଼ି କହିଲି—ମୁଁ ଆପଣଙ୍କ ପ୍ରେରଣାର ଫଳ; ଯେତେ ସାହିତ୍ୟିକ ହେଲେ ବି ଆପଣଙ୍କର ଜଣେ ନଗଣ୍ୟ ଛାତ୍ର ମାତ୍ର ।

ସୁଯୋଗ ନ ପାଇ କୂପମଣ୍ଡୁକ ହେବା ଗୋଟାଏ କଥା, ସାଗର ଭିତରେ ାସ କରି ଗର୍ତ୍ତରେ ପଶିବା ଅନ୍ୟ କଥା । ଓଡ଼ିଶାର ଲଣ୍ଡନ କଟକନଗରରେ ମାର ଏଇ ଦୁର୍ଦ୍ଦଶା ହୋଇଥିଲା । ବାସ୍ତବିକ, ମାନସିକଭାବରେ ମୁଁ ଥିଲି ଗୋଟିଏ ଙ୍ଗ । ଆଧୁନିକ ସାହିତ୍ୟ ସହିତ ମୋର କୌଣସି ସମ୍ପର୍କ ନ ଥିଲା ।

କେତେଜଣ ହତଭାଗାଙ୍କ ସହିତ ପ୍ରତିଦିନ ଦରଫୁଟା ଭାତ, ଡ଼ାଲିପାଣି ଖାଇ ନି ମାଇଲ୍ ଦୌଡ଼ିବାକୁ ହୁଏ, ତେଲେଙ୍ଗା ବଜାରରୁ ରେଭେନ୍ସା କଲେଜ । ଧ୍ୟାପକ ଅଧ୍ୟା ପରେ ଅଧ୍ୟା ଭାଗବତ ଗାଇ ଚାଲିଥାନ୍ତି । ମୋ କାନରେ କିଛି ପଶେ ାହିଁ । କେବଳ କଲେଜକୁ ଯାଏ, ଆସେ । କିଛି ବୁଝେନାହିଁ । କାହାଠାରୁ ବହି ାଗି ଆଣି ପଢ଼ିବାକୁ ସଂକୋଚ ଲାଗେ; କାଳେ ନାହିଁ କରିଦେବ ! ଚରମ ର୍ଦ୍ଦଶାରେ ପଡ଼ି ଜଣେ ବନ୍ଧୁଙ୍କୁ ଥରେ ଦୁଇ ଟଙ୍କା ଉଧାର ମାଗିଥିଲି—ସେ ନାହିଁ ରିଦେଲେ । ସେହି ଦିନଠାରୁ ଓପାସେ ପଛେ ରହେ, କାହାକୁ ଧାର୍ ମାଗେ ାହିଁ; ସେ ଅଭ୍ୟାସ ମୋର ନାହିଁ । ନିଜର ସାଇକଲ ନ ହେବା ପର୍ଯ୍ୟନ୍ତ କାହାଠାରୁ ାଇକଲ ମାଗି ଚଢ଼ି ଶିଖି ନ ଥିଲି ।

'ଦୁଃଖେ ଯାଦେର ଜୀବନ ଗଢ଼ା
ତାଦେର ଆବାର ଦୁଃଖ କିରେ ?'

ଚାକିରୀ ଜୀବନରେ ଅଭାବ ମୋର ହୋଇନାହିଁ, ନୁହେଁ । କିନ୍ତୁ ମୋ ଦୁଃଖକଷ୍ଟ ମୋ ଦେହରେ ମୁଁ ଚପେଇ ନିଏ । ସେ କଥା ଅନ୍ୟ କେହି ଜାଣନ୍ତି ନାହିଁ । ଭାବ ଯେପରି ମୋର, ଅଭାବ ସେହିପରି ମୋର; ସମ୍ପଦ ଯେପରି ମୋର ବିପଦ ସେହିପରି ମୋ ନିଜର; ଦୁଃଖକୁ ଥରେ ନିଜର କରି ପାରିଲେ ସେ ଆଉ ଆଖି ଦେଖାଇବ ନାହିଁ; ଯନ୍ତ୍ରଣା ଦେବନାହିଁ । ବିପଦ, ବାଧା, ବିଘ୍ନ ମଧ୍ୟରେ ଚଳି ଚଳି କ୍ରମେ ସେ ସବୁ ମୋର ନିଜର ହୋଇ ଯାଇଛନ୍ତି । ଆଉ ସହଜରେ ବିଚଳିତ କରି ପାରୁ ନାହାନ୍ତି । ଲକ୍ଷ୍ୟପଥରୁ ଚ୍ୟୁତ କରିଛନ୍ତି କ୍ୱଚିତ୍, କିନ୍ତୁ ବିଚ୍ୟୁତ, ବିଚ୍ଛିନ୍ନ କରି ପାରିନାହାନ୍ତି ଚିର କାଳ ଲାଗି ।

ମୋ ଛାତ୍ର 'ବୁଢ଼ା'କୁ ବର୍ଣ୍ଣବୋଧ ପଢ଼େଇବାକୁ ହେଉଥାଏ; ପିଲାଟିର ସ୍ମୃତି ତୀକ୍ଷ୍ଣ, ବଡ଼ ବିଚକ୍ଷଣ ସେ । ମାତ୍ର ଚାରିମାସ ମଧ୍ୟରେ ବହୁତ ପଢ଼ିଯାଇଥିଲା । ଭବଗ୍ରାହୀବାବୁଙ୍କର ହଠାତ୍ କଟକରୁ ହାଜାରିବାଗକୁ ବଦଳି ହେଲା । ସେଠି ସରକାରୀ କ୍ୱାଟର ମିଳିଲା । ସେ ପିଲାପିଲିଙ୍କୁ ଘେନି ଗଲେ । କିନ୍ତୁ ବୁଢ଼ାର କଷ

ରୋଗ ହେଲା, ଡାକ୍ତରଙ୍କ ଔଷଧ ଓ ପିତାମାତାଙ୍କ ସ୍ନେହ ଏଡ଼ି ଦେଇ ସେ ଚାଲିଗଲା, ଜୀବନର ଚରମ ଦୁର୍ଦ୍ଦଶାରେ ପଡ଼ିଥିଲା ବେଳେ ମୁଁ ଏ ଦୁଃସମ୍ବାଦ ଶୁଣିଲି ।

ଖବଗ୍ରାହୀବାବୁ ହାତାରିବାର୍ ଗଲା ପରେ ମୋର ଅବସ୍ଥା—'ସମୁଦ୍ରେ ଭାସଣଂ ତଥା' ।

ଭୁବନେଶ୍ୱରକୁ ନେଇଥିଲି ଗୋଟିଏ ପେଟରା—ସେତେବେଳକୁ ଟଙ୍କ୍, ସୁଟ୍‌କେସ ଯେତେ ଚାଲୁ ହୋଇ ନ ଥିଲା; କଟକରେ ପେଟରା ଅଚଳ, ଆଣିଥିଲି ଗୋଟିଏ କାଠବାକ୍‌ସ, କେତେ ବର୍ଷ ତଳେ ଟଙ୍କାଟିଏ ଦିଆହୋଇ ମେଳଣରୁ ଏହା କିଣା ହୋଇଥିଲା । ସେଇ ଚାବି କବଜାହୀନ କାଠବାକ୍‌ସଟି କାନ୍ଧେଇ ମୁଁ ରାସ୍ତା ଧାରରେ ଆସି ଛିଡ଼ାହେଲି, ଉପରକୁ ଚାହିଁ ମନେ ମନେ ପଚାରିଲି—ପ୍ରଭୁ, ଏବେ କୁଆଡ଼େ ଯିବି ?

ବାଟ ତ ସବୁଆଡ଼େ ପଡ଼ିଛି; ଲୋକେ ଯାଉଛନ୍ତି, ଆସୁଛନ୍ତି, ସମସ୍ତଙ୍କ ପଥ ସ୍ଥିର, ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଯେପରିକି ।

ହାତରେ ପଇସାଟିଏ ନାହିଁ, ଭିତରେ କାନ୍ଦୁଥାଏ,—ଲୋକଲଜ୍ଜାକୁ ଆଖିରୁ ଲୁହ ଗଡ଼ାଉ ନ ଥାଏ ଯାହା । ଆରେ, ଏ ଲୁହ ମଣିଷଙ୍କୁ ଦିନା ଦିଶେନାହିଁ, ଭଗବାନଙ୍କ ଆଖିକି କଣ ବଳେଇ ଯିବ । ସେ ଜଣକୁ ପଠାଇଲେ—ଠିକ୍ । ଆଃ, ଏଇ ସମୟରେ ଜଣେ ଆସି ପାଖରେ ଛିଡ଼ା ହୋଇଗଲେ କେମିତି ଲାଗେ । ଦେହରେ କେତେ ବଳ ଆସେ । ମୁଁ ଏକୁଟିଆ ନୁହେଁ, ମୋ ସାଙ୍ଗେ ମିଶି ଦୁର୍ଦ୍ଦିନ ସଙ୍ଗେ ଯୁଝିବାକୁ ଆଉ ଜଣେ ଅଛି । କିଛି ନ କଲେ ପଛରୁ ତ ଟିକିଏ ଆଣ୍ଠିଦବ ।

'କିରେ, ଏଠି କାହିଁକି ଏମିତି ଛିଡ଼ା ହୋଇଛୁ ?'

'ଗଛ ତଳକୁ ଯିବି, ନଇଲେ ଗାଆଁକୁ; ପୋଥିରେ ଆଜିଠାରୁ ମୋର ଡୋରି ବନ୍ଧା ହେଲା; ପାଠପଢ଼ା ଆମ ଲାଗି ନୁହେଁରେ ଭାଇ, ପୂର୍ବଜନ୍ମରେ ଯାହାର ଯେପରି ତପସ୍ୟା ଥିବ.....'

'କଣ ଗୁଡାଏ ବକୁଚୁ ? ଚାଲ୍ ମେସ୍‌କୁ; ଏ ଦାଣ୍ଡଟାରେ ଏମିତି ଅଷ୍ଟପ୍ରହର ଛିଡ଼ା ହୋଇଥିଲେ, କିଏ ଟିକିଏ ମୁହଁକୁ ଚାହିଁବ ନା ପଚାରିବ ? ଚାଲ୍, ଚାଲ୍ ।'

ମେସ୍‌ଟି ଚୌଧୁରି ବଜାର, ଝୋଲାସାହି ମଝାମଝି । ପୁରୁଣା କୋଠା; ମଝି ଘରଟିରେ ଝରକା ନାହିଁ । ଦିନରେ କିଟିକିଟିଆ ଅନ୍ଧାର; ଦଉଡ଼ିଆ ଖଟଟି ଉପରେ ମୁଁ ଆସ୍ଥାନ ଜମାଇଲି; ଲଣ୍ଠନଟି ସବୁବେଳେ ଜମାଇ ରଖିଥାଏ । କାରଣ ସେଘରେ ମୋତେ ରତି ପାହେନାହିଁ । ତଥାପି ଏ ଢେର ଭଲ, ଗଛମୂଳ, ରାସ୍ତାକଡ଼ ଅପେକ୍ଷା ।

ମୁଣ୍ଡ ପାଣିରେ ଦି'ଦିନ ଚଳିଲା; ତେଣିକି ପାଦ ଅଚଳ । ଏ ଅବସ୍ଥା ବୁଝିପାରି ସେଇ ବନ୍ଧୁ ଜଣକ ମେସ୍‌ରେ ମୋର ଖାଇବାର ବ୍ୟବସ୍ଥା କରିଦେଲା, ଖାଇବସିଲା ବେଳେ ବିଚାରୁଥାଏ—ମେସ୍ ଖର୍ଚ୍ଚା କିପରି ଦେବି ? କଲେଜ ଦରମା ? ଭାବି ଭାବି ଭାତ ରୁଚୁ ନ ଥାଏ, ରାତିରେ ନିଦ ବି ଲାଗୁ ନ ଥାଏ ।

ଏ ଯୁଗ ଭଳି ସେତେବେଳେ ଟିଉସନ ମଧ୍ୟ ଏତେ ସୁଲଭ ନ ଥିଲା; ତଥାପି କଲେଜରୁ ଫେରିଲା ପରେ ମୋର ନିତ୍ୟନୈମିତ୍ତିକ କାର୍ଯ୍ୟ ହୁଏ ଟିଉସନ ଖୋଜା । ଏ ବଜାରରୁ ସେ ବଜାର, ସେ ବଜାରରୁ ଆର ବଜାର; ଟିଉସନର ଓସ୍ତାଦମାନଙ୍କ ନିକଟକୁ ଝପଟିଥାଏ—କିଏ ଛିନିମାସ ପାଞ୍ଚମାସରେ ଥରେ ପଇସା ଦିଏ, କିଏ ତି' ଚାରି ମାସ ଟିଉସନ କରାଇ ବିନା ଦରମାରେ ମାଷ୍ଟରଙ୍କୁ କିଛି ଅପବାଦ ଦେଇ ବିଦାୟ କରିଦିଏ—ଟିଉସନ ବିଷୟରେ କେତେ କାହାଣୀ ଶୁଣୁଥାଏ । କଟକ ସହରକୁ ତି'ପାହୁଣ୍ଡ କରିଥାଏ; ଚାଲି ଚାଲି ପାଦରେ ଗୁନ୍ଦିଫୁଟିଲା ସିନା, ଟିଉସନଟିଏ କେଉଁଠି ମିଳିଲାନାହିଁ । ଏଥିରୁ ବୁଝିଲି—ଅଧିକ ପଢ଼ାଇବା ଭଗବାନ୍‌ଙ୍କର ଇଚ୍ଛା ନୁହେଁ, ଲୋଇନା ଠିକ୍ କହୁଥିଲେ, ଆମ ଘରକୁ ମାଟ୍ରିକ୍ ପାଠ ଢେର; ନନା ନିମ୍ନ ପ୍ରାଥମିକ—ଲୋଇନା ମାଇନର—ମୁଁ ମାଟ୍ରିକ୍; ଏ କ୍ରମତ ଠିକ୍ । ସେ କାଳେ ମାଟ୍ରିକ୍ ପାସ୍ କରିବା କିଛି ଗୋଟାଏ ଛୋଟ କଥା ନ ଥିଲା । ସବ୍ ରେଜିଷ୍ଟର ଅଫିସରେ କିରାନୀ ହୋଇ ଆମ ଗାଁର ଅନନ୍ତ ମହାନ୍ତି ବେଶ୍ ମାନ୍ୟଗଣ୍ୟ ହୋଇଥିଲେ, ଢେର ଜମିବାଡ଼ି କିଣିଥିଲେ, ପିଲାଙ୍କୁ ପାଠ ପଢ଼େଇ ମଣିଷ କରିଥିଲେ, ମାଟ୍ରିକ ପାସ୍‌ବାଲା କରି ନ ପାରେ କଣ ? ବେଶୀ ପଢିବି ବୋଲି ମୁଁ ମିଛରେ ହଙ୍କ ହଙ୍କ ହେଉଛି କାହିଁକି ? ଯାହାର ପଇସା ଅଛି, ସେ ପଢିବ—ଜମିଦାରଙ୍କ ପୁଅ, ଅଫିସରଙ୍କ ପୁଅ; ମୁହଁରେ ସୁନା ଚାମୁଚ ଧେନି ଜନମ ହୋଇଛନ୍ତି ସେମାନେ—ଷଠୀ ବି ପାଠ ଲେଖିଦେଇଛି ସେମାନଙ୍କ କପାଳରେ । ମୋ ପରି ନୁଖୁରା ବଳିତା ଧରି ବାଟ ଚାଲୁଛି କିଏ ? ଶୁଖିଲା ନଈରେ ନାଆ ପେଲୁଛି କିଏ ? ଲଜ୍ଜା ସଂକୋଚ କଣ ପୋଡ଼ି ଖାଇଲି ? ଏ ସମାଜରେ ଧନ ନ ଥିଲେ ପାଠ ପଢିବାକୁ ଯିବା ବାତୁଳତା । କିନ୍ତୁ ଏଥିରେ ମୋ ଜୀବନର କାଣ୍ଡାରୀ ହସି ଉଠିଥିବେ—ଦୁର୍ବଳ ତୁ, ଭୀରୁ; ଏତିକିରେ ଭାଜି ପଡୁଛୁ ? କେତେ ବୋଝ, ବୋଝ ଉପରେ ବୋଝ, ତା ଉପରେ ନଳିତାବିଡ଼ା ବୋହିବାକୁ ପଡ଼ିବ; ବେଡ଼ି, ତା ଉପରେ କୋରଡ଼ା, ତା ଉପରେ ଠେଙ୍ଗା ପାହାର ସହିବାକୁ ହେବ; ସଂସାରରେ ଜୀବନ ଏତେ ସହଜ ନୁହେଁ; ହାଡ଼ଗୋଡ଼ ଭାଙ୍ଗିବାକୁ ପଡ଼େ, ଲକ୍ଷେ କୋଡ଼ମାଡ଼ ସହିବାକୁ ହୁଏ—ତେବେ ଯାଇ କିଏ ମଣିଷ ହୁଏ । ତେମେ ଭାବିଛ—ସିଧା ନଈର ଏପାଖରୁ ସେପାଖକୁ ପହଁରି ଯିବ ...ନଈରେ ସୁଅ, ଭଉଁରୀ ନ ଥିବ, ସାପ, କିମ୍ଭୀର ନ ଥିବେ; ଚଲା ବାଟଟା ରାଜପଥ ହୋଇଥିବ, ଅଗ ଗୋଡରେ କଣ୍ଟା ବାଜିବନାହିଁ, ଆକ୍‌ସିଡେଣ୍ଟ୍ ହେବନାହିଁ; ଆରେ ଜୀବନଭୀରୁ, ଏ ଆଶା ଦୁରାଶା ।

ସେଇ ଇଚ୍ଛା ହିଁ ବଳୀୟସୀ; ତା ସାମ୍ନାରେ ମୋ ମନ ହାର ମାନିଛି । ଯାହା ଭଲ ବୋଲି ଜୀବନରେ ବିଚାରିଛି, ତାହା ଭୁଲ୍ ପ୍ରମାଣିତ ହୋଇଛି । ସେଇ ଅଦୃଶ୍ୟ ହସ୍ତଟି କେବଳ କପାଳରେ କେତୋଟି ଗାର ଟାଣି ଦେଇ ନୀରବ ହୋଇ ଯାଇନାହିଁ; ସେ ମୋ ପିଛା ଲାଗିଛି । ବୁଡ଼ିଗଲା ବେଳେ ମୋତେ ଶୁଖିଲାକୁ ଟାଣୁଛି । ଝୁଣ୍ଟି ପଡ଼ିଲା ବେଳେ ମୋତେ ଉଠାଇ ଦେଉଛି । ଭାଙ୍ଗିପଡ଼ିଲା ବେଳେ ଧରି ସମ୍ଭାଳି ନେଉଛି, ମୋତେ ଆଗକୁ ଠେଲୁଛି, ଥକ୍‌କା ହୋଇ ଠିଆ ହୋଇ ଗଲାବେଳେ ଟାଣୁଛି, ଅଳସପଣରେ ମୋ କଳଙ୍କିଲଗା ଚକ ଅଚଳ ହେଲା ବେଳେ । ଦିଶାରୀ ସେ, ମୋ ଦଦରା ଡଙ୍ଗାର ନାଉରିଆ ।

ପଢ଼ା ଛାଡ଼ି ଘରକୁ ଯିବାର କେତୋଟି ମୁହୂର୍ତ୍ତ ଆଗରୁ ମୋତେ ଗୋଟିଏ ଟିଉସନ୍ ମିଳିଗଲା; ପ୍ରଭୁଙ୍କୁ ନମସ୍କାର କଲି, ନମସ୍କାର କଲି ବାରମ୍ବାର । ମେସ୍

ଖର୍ଚ୍ଚ ନ ଦେଇ ଘରକୁ ଯାଇଥାନ୍ତି କିପରି ? କୋଉ ଭରସାରେ କିଏ ମତେ ଛାଡ଼ି ଦେଇଥାନ୍ତା ? 'ଟିଉସନ ପାଇଛି'—ଏ ସମ୍ବାଦରେ ମୋତେ ମ୍ୟାନେଜର ମେସ୍ ଖର୍ଚ୍ଚ ମାଗିଲାନାହିଁ; 'ହଁ, ଟଙ୍କା ପାଇଲେ ଦେବ'; 'ଭାଲିଆ ବା ଫିସାଡ଼ିଆ ନୁହେଁ।' ମୋ ଚଳଣିରୁ ତାଙ୍କର ଧାରଣା ଜନ୍ମିଥିଲା ।

ସେ କାଳର ଗୋଟିଏ ଅପ୍ରୀତିକର ଘଟଣା ବା ଦୁର୍ଘଟଣା ମୋର ମନେ ପଡ଼େ । ଦୁଃସ୍ଥ ଅବସ୍ଥାର ଚୂଡ଼ାନ୍ତ ସ୍ତରରେ ପହଞ୍ଚିଥିଲି ମୁଁ । ତାହା ବୁଝିବା ଲାଗି ଘରେ ବା ବାହାରେ ମୁଁ କାହାକୁ ସୁଯୋଗ ଦେଇନାହିଁ । ସାମାନ୍ୟ କମିଜ ଖଣ୍ଡିଏ କିଣିବା ଲାଗି ମୋର ସମ୍ବଳ ନ ଥିଲା । କାନ୍ଧରେ ଗୁଦର ପକାଇ ମୁଁ ଡ୍ରିଲ୍‌କୁ ଯାଇଥିଲି ବୋଲି ଡ୍ରିଲ ସାର୍ ମୋତେ ଧାଡ଼ିରୁ ବାହାର କରି ଦେଇଥିଲେ । ଗୁଦର ପକାଇ ଡ୍ରିଲ୍ କରିବା ଅସୁବିଧାଜନକ ହୋଇପାରେ, କିନ୍ତୁ ବେଆଇନ୍ ନୁହେଁ । ପ୍ରତିବାଦ ଲାଗି ସାହସ କୁଳେଇଲାନାହିଁ । ଅପମାନଜନିତ ଯନ୍ତ୍ରଣା ବହୁଦିନ ପର୍ଯ୍ୟନ୍ତ ମୋତେ ଦଗ୍‌ଧ କରିଥିଲା ।

ଡ୍ରିଲ୍ ବୋଲି ସେତେବେଳେ କଲେଜରେ ଯାହା ହେଉଥିଲା, ତାହା ଗୋଟାଏ ପ୍ରହସନ । ବେଳେ ବେଳେ ଗୋଟାଏ ସିଧା ଧାଡ଼ି କରାଇ 'ଲେଫ୍‌ଟ ରାଇଟ୍', କରାଯାଉଥିଲା; ସେଇଠି ଆରମ୍ଭ, ସେଇଠି ଶେଷ—ପ୍ରାଥମିକ ଶ୍ରେଣୀରେ ଯାହା, କଲେଜରେ ସେଇଆ । ଡ୍ରିଲରେ ସାର୍ ବା ଛାତ୍ର କାହାରି ଆନ୍ତରିକତା ନ ଥିଲା, 'ଆଜି ଥାଉ ସାର୍' ବୋଲି ପିଲାଏ କହିବା ମାତ୍ରେ ସାର ଧାଡ଼ି ଭାଙ୍ଗି ଦେଇ ସାଇକଲ୍ ମାରି ଘରକୁ ଛୁଟୁଥିଲେ । ଡ୍ରିଲ୍ କରେଇବା ଗୋଟିଏ ସାମୟିକ କାର୍ଯ୍ୟ ଥିଲା, କିନ୍ତୁ ପୂରା ବେତନ ସେ ପାଉଥିଲେ ।

ମୁଁ ଆଇ ଏ. ପଢ଼ୁଥିବା ସମୟରେ ୧୯୩୬ ଖ୍ରୀଷ୍ଟାବ୍ଦରେ ନୂତନ ଓଡ଼ିଶା ପ୍ରଦେଶ ସଂଗଠିତ ହେଲା । ସିଂହଭୂମ୍, ମେଦିନୀପୁର, ଟିକାଲି, ଡରଳା, ବସ୍ତର, ଜଳନ୍ତର, ବୁଡ଼ାରସି, ଇଛାପୁର, ମଞ୍ଜୁଷା, ଉଦ୍ୟାନଖଣ୍ଡ, ଫୁଲଝର ଏଇ ନବ ପ୍ରଦେଶର ଅଙ୍ଗୀଭୂତ ନ ହେବାରୁ ବହୁତ କ୍ଷୋଭ ପ୍ରକାଶ ପାଉଥିଲା । ଓଡ଼ିଶାର ରାଜଧାନୀ କଟକ, ଚୌଦ୍ୱାର, ଭୁବନେଶ୍ୱର, ବ୍ରହ୍ମପୁର କିମ୍ବା ରମ୍ଭା ଇତ୍ୟାଦି କେଉଁଠାରେ ହେବ, ଏ ନେଇ ଆନ୍ଦୋଳନ ମଧ୍ୟ ହୋଇଥିଲା । ବିଚ୍ଛିନ୍ନାଞ୍ଚଳର ପୁନର୍ମିଶ୍ରଣ ଲାଗି ଓ ବିଚ୍ଛିନ୍ନାଞ୍ଚଳରେ ଉତ୍କଳୀୟ ସଂସ୍କୃତିର ସୁରକ୍ଷା ଲାଗି ଉତ୍କଳ ସମ୍ମିଳନୀ ନେତୃତ୍ୱ ନେଇଥିଲା । ତଥାପି କଟକର ତରୁଣମହଲରେ ଏଥିଲାଗି 'ଅବକାଶ ବାହିନୀ' ନାମରେ ଗୋଟିଏ ସ୍ୱତନ୍ତ୍ର ଅନୁଷ୍ଠାନ ଗଠିତ ହୋଇଥିଲା ଓ 'ବାହିନୀ' ସାପ୍ତାହିକ ପତ୍ରିକା ପ୍ରକାଶ ପାଇଥିଲା । ମୁଁ ଏହି ଅନୁଷ୍ଠାନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲି । ଉତ୍କଳୀୟ ଦେଶାତ୍ମବୋଧ ଘେନି ସେତେବେଳେ ବହୁ କିଶୋରକବିତା ରଚନା କରିଥିଲି —ଯେପରିକି—

ଓଡ଼ିଶା ବୀର ଦେଶରେ ଆମେ ଓଡ଼ିଆ ବୀର ପିଲା
ଗଜପତିର ରକତ ତେଉ ନଚ୍ଚଏ ଆମ ଶିରା
ଆକାଶେ ଯେତେ ତାରକା ଦିଶେ
ଆମରି ଆଖି କିରଣ କିସେ ।
ଛୁଟି ସେ ଦୂର ସବଙ୍ଗେ ମିଶେ ଝଟକେ ଯଥା ହୀରା' ।

'ଉତ୍କଳସମ୍ମିଳନୀ', 'ଭାରତୀୟ ଜାତୀୟ କଂଗ୍ରେସ' ଏଇ ଦୁଇ ଅନୁଷ୍ଠାନ ଭିତରେ ଦେଶାତ୍ମବୋଧ ପ୍ରକାଶ ପାଉଥିଲା; ଗୋପବନ୍ଧୁ, ନୀଳକଣ୍ଠ ପ୍ରଭୃତି ଉଭୟ ଭାବଧାରାକୁ ପରିପୁଷ୍ଟ କରୁଥିଲେ, ଉଭୟଙ୍କୁ ପରସ୍ପରର ପରିପୂରକ ମନେ କରୁଥିଲେ; କିନ୍ତୁ କିଛି ବର୍ଷ ପରେ ଉତ୍କଳସମ୍ମିଳନୀ ଉତ୍କଳୀୟ ଆଶା ଆକାଂକ୍ଷାର ପ୍ରତୀକ ହୋଇ ଆଉ ରହିଲାନାହିଁ; ଉତ୍କଳୀୟ ନେତାମାନେ ସାମ୍ରାଜ୍ୟବାଦ ବିରୁଦ୍ଧରେ ଜାତୀୟ ସଂଗ୍ରାମରେ ଝାସ ଦେଲେ ।

ପ୍ରଥମ ଓଡ଼ିଶା ବ୍ୟବସ୍ଥା ସଭା ରେଭେନ୍ସା କଲେଜ ହଲରେ ବସିବାର ଆମେ ଦେଖିଛୁ । ମଧୁବାବୁ ଓ ଗୋପବନ୍ଧୁବାବୁଙ୍କୁ ମୁଁ ଦେଖିନାହିଁ । ବ୍ରଜସୁନ୍ଦର ଦାସଙ୍କ ବକ୍ତୃତା ମାତ୍ର ଥରକ ପାଇଁ ରେଭେନ୍ସା କଲେଜ ହତାରେ ଶୁଣିବାକୁ ପାଇଥିଲି । ବିଶ୍ୱନାଥ ଦାଶଙ୍କ ମନ୍ତ୍ରୀମଣ୍ଡଳ ଚାଲୁଥିବା ବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଓଡ଼ିଶାକୁ ଆସିଥିଲେ ଓ କଟକ ଷ୍ଟେସନରେ ମୁଁ ତାଙ୍କୁ ପ୍ରଥମ ଓ ଶେଷଥର ପାଇଁ ଦର୍ଶନ କରିଥିଲି ଓ ନୀରବ ଆଶୀର୍ବାଦଟିଏ ଲାଭ କରିଥିଲି । ପରବର୍ତ୍ତୀ ଜୀବନରେ ମୋର ଦୀର୍ଘ ଶାନ୍ତିନିକେତନ ବାସ ସେହି ପୁଣ୍ୟର ହିଁ ଫଳ ।

ଆଇ. ଏ.ରେ ଇତିହାସ, ତର୍କଶାସ୍ତ୍ର ଓ ସଂସ୍କୃତ ସେ କାଳର ଅଧମ ଉଦ୍ଧାରଣ ବିଷୟ; ଅଧ୍ୟାପକ ବିପିନ ବିହାରୀ ରାୟ ଗୁରୁଗମ୍ଭୀର ସ୍ୱରରେ ଲଜିକ୍ ନୋଟ୍ ଡାକନ୍ତି; ଅନ୍ୟ ଅଧ୍ୟାପକଙ୍କ ପରି ଗଡ଼ ଗଡ଼ କରି ଗାଇଯାନ୍ତି ନାହିଁ; ଶ୍ରୀଯୁକ୍ତ ରାୟଙ୍କ ନୋଟ୍ ସଂକ୍ଷିପ୍ତ, ସରଳ, ସୁନ୍ଦର । ତାକୁ ଦୁଇ ଚାରିଥର ପଢ଼ିଥିଲେ କେହି ଫେଲ୍ ହେବନାହିଁ, ପ୍ରଥମ ଶ୍ରେଣୀରେ ପାସ୍ କରିପାରେ, ନ ପାରେ । ଇତିହାସ ତ ମାଟ୍ରିକ୍‌ରେ ଭଲଭାବେ ପଢ଼ିଥିଲି, ମୋର ୬୫/୮୦ ନମ୍ବର ରହୁଥିଲା । କଲେଜରେ ତାର ବୃହତ୍ତର ସଂସ୍କରଣ ପଢ଼ିନାହିଁ । ଏଲ୍. ମୁଖାର୍ଜି ସେତେବେଳେ ପତିତପାବନ । ତାକୁ ମୁଖସ୍ଥ କରିଥିଲି । ଇଂରାଜୀ ବହିସବୁ ପଢ଼ିନାହିଁ । ଏଠି ସେଠି ଆଖି ପକାଇଥିଲି । କିନ୍ତୁ ମୋର ଇଂରାଜୀ ଲେଖା ପ୍ରାୟ ଶୁଦ୍ଧ ଥିଲା, ମାଇନର ହେ. ମା ଅନାଥବନ୍ଧୁଙ୍କ କୃପାରୁ । କୌଣସି ମତେ ଆଇ ଏ. ପରୀକ୍ଷାର୍ଣ୍ଣବ ଉତ୍ତୀର୍ଣ୍ଣ ହେଲି ଖଣ୍ଡିଏ ଭଙ୍ଗା ଡଙ୍ଗାରେ, ଅବଶ୍ୟ ଯାହା ତଳକୁ ଆଉ ନାହିଁ, ସେହି ଶ୍ରେଣୀରେ । କିନ୍ତୁ ଏଥିରେ ତିଳାର୍ଦ୍ଧ ଅସନ୍ତୋଷ ମୋର ନ ଥିଲା । ପରିଶ୍ରମ ତ କରି ନ ଥିଲି ବା କରିବାର ସୁବିଧା ନ ଥିଲା । ଏହି ପାସ୍‌କୁ ଭାଗ୍ୟ ଜୋର୍ ବୋଲି ମନେକଲି ।

## ଭାଲେରି ଛକ, ସୋଲରି ବାଙ୍କ

**କଥା ଅଛି—**

ଭାଲେରି ଛକ, ସୋଲରି ବାଙ୍କ
ସାଳିଆ ନଈ, ବାଣପୁରିଆ ଭାଇ
ଏମାନଙ୍କୁ ବିଶ୍ୱାସ ନାହିଁ ।

ଭାଲେରି ଛକରୁ ଓ ସୋଲରି ବାଙ୍କରୁ ବାଘ ଝିଙ୍କି ନେଉଥିବେ, ପାହାଡ଼ୀ ସାଳିଆ ନଈ ଖରସ୍ରୋତରେ ମଣିଷଙ୍କୁ ଭସାଇ ନେଉଥିବ; କିନ୍ତୁ ବାଣପୁରିଆ ଭାଇ କି ଦୋଷ କଲେ ? ସେ କାହିଁକି ବିଶ୍ୱାସଭାଜନ ନୋହିବେ ? କଥା କ'ଣ ନା,

ମାର୍ ମାର୍ ଭଣ୍ଡାରିଆକୁ ମାର୍ । ସବୁ ଜାଗାରେ ମିଛୁଆ ପଡିଆ, ବିଶ୍ୱାସିଆ ବିଶ୍ୱାସଘାତିଆ ଲୋକ ଅଛନ୍ତି; କାହାର ଗୋଟାଏ କୋଉଦିନ କଣ ହେଲା ବୋଲି ସେ ବାଣପୁରିଆଙ୍କ ମୁଣ୍ଡରେ ଅଟା ବୋଲି ଦେଇଛି । ଅଲଣ୍ଡାରେ ଜଣେ ଚୋର; ତା ବୋଲି ଚୋର ଗାଁ କହିବାର ଯଥାର୍ଥତା କେଉଁଠି ?

ବାଣପୁର ବାସ ଯୋଗ ମୋର ଘଟିଥିଲା ଠିକ୍ ଆଇ.ଏ. ପରୀକ୍ଷା ଦେଲା ପରେ । ନୂଆ ହାଇସ୍କୁଲ ହେଉଥାଏ; ଶିକ୍ଷକ ମିଳୁ ନଥାନ୍ତି । ପଣ୍ଡିତ ଗୋଦାବରୀଶ ଦୈବାତ୍ ସାକ୍ଷାତ ହେବା ମାତ୍ରେ ମୋତେ ନିଯୁକ୍ତ କଲେ ସେହି ସ୍କୁଲର ଶିକ୍ଷକ ଭାବେ— ମାସିକ ଦରମା ପଚିଶ ଟଙ୍କା । ଗାଡ଼ିଭଡ଼ା ମାତ୍ର ସଂଗ୍ରହ କରି ମୁଁ ବାଣପୁର ଚାଲି ଗଲି, ଚଳାଚଳ ହେବା ଲାଗି ହାତରେ ଗୋଟିଏ ହେଲେ ପଇସା ନ ଥିଲା । ସେ କଥା ଗୋଦାବରୀଶଙ୍କୁ ସଂକୋଚରେ କହି ପାରିଲିନାହିଁ । କଥା ଅଛି—ମୁଖ ଫଟିଲେ ଦୁଃଖ ଯାଏ । ଅର୍ଥାଭାବରେ ମୋତେ ଗୋଟିଏ ଦିନ ନିର୍ଜଳା ଏକାଦଶୀ କରିବାକୁ ହୋଇଥିଲା ।

ସେଦିନ ପଲଟଣ ପଡ଼ିଆ ମେଳଣ ଦେଖି ଯାଇଥିଲି—ପାଞ୍ଚ ଛ'ମାଇଲ ଦୂର; ବାଟଚଲା ବାଧାକୁ ଖାତା ଉପବାସ—ସୁଅଙ୍ଗ ନାଚୁଥାନ୍ତି, ସଲଟନ ଚାଲିଥାଏ । ଯାତ୍ରା ଜମୁଥାଏ; ଚଉଦଳ ପରେ ଚଉଦଳ ଆସୁଥାନ୍ତି—ନାମସଂକୀର୍ତ୍ତନକୁ ଘଣ୍ଟମାଦଳ । କିନ୍ତୁ ତାତିଲା ପେଟରୁ ମୋ ଆଖିବାଟେ ଉଡ଼ି ଯାଉଥାନ୍ତି ଜୁଳୁଜୁଳିଆ ପୋକ ।

ସେ ଦିନର ବାଣପୁର ଗୋଟିଏ ସୁଖସ୍ୱପ୍ନ ପରି ଦିଶେ—ଚିଲିକାର ରଙ୍ଗୀନ୍ କୁହୁଡ଼ି ଭିତରୁ ସୂର୍ଯ୍ୟ ଉଠେ ଭାଲେରି ଶିଖରରେ ଝଟକି ଉଠେ ସନ୍ଧ୍ୟାତାରା; ସାଲିଆ ତୀରରେ ରାଶି ରାଶି ନାଗେଶ୍ୱର ବୃକ୍ଷ, ଫଗୁଣରେ ପୁଷ୍ପିତ, ଅଳି ଗୁଞ୍ଜନରେ ମୁଖରିତ; ଅଦ୍ଭୁତ ଏକ ଗୀତିକବିତାର ଛନ୍ଦରେ ବସନ୍ତପ୍ରଭାତକୁ ମୋହାଚ୍ଛନ୍ନ କରନ୍ତି ।

ବାଣପୁର କୁଆଡ଼େ ବାଣାସୁରର ରାଜ୍ୟ ଥିଲା । ଘଣ୍ଟଶିଳାରେ ବାଜୁଥିଲା ତାର ଘଣ୍ଟ । କଳ୍ପୁଥିଲି ସେଇ ଅସୁରର ରୂପ, ଯେତେବେଳେ ପାହାଡ଼ର ଘନଛାୟା ମାଡ଼ି ମାଡ଼ି ଆସୁଥିଲା ଅନ୍ଧକାର ଭିତରକୁ—ତାର ଅଗ୍ରଦୂତ ପରି ଦିଶୁଥିଲେ ଭଲ୍ଲୁକସବୁ ।

ମୁଁ ସାଲିଆ ନଦୀରେ ପ୍ରତିଦିନ ଗାଧୋଉଥିଲି, ବୁଲି ଯାଉଥିଲି ଘଣ୍ଟଶିଳା ପାହାଡ଼ ଉପରକୁ । ବହୁ ଦୁଃଖକଷ୍ଟ ମଧ୍ୟରେ ଘନସବୁଜ ଅରଣ୍ୟ, ସର୍ପିଳ ସାଲିଆ, ଲାସ୍ୟମୟୀ ଚିଲିକା ମନକୁ କାବ୍ୟଭାବରେ ତରଙ୍ଗିତ କରି ରଖିଥିଲା । ପାଖକୁ ମାଡ଼ି ଆସି ଝରକା ପାଖେ ବସି ଯାଉଥିଲା ଯେପରିକି ଭାଲେରି ତା ଉପରେ ଘୁସୁରୁଥିଲା ରଙ୍ଗୀନ୍ କୁହୁଡ଼ି, ବିଜୁଳିଚମକା ମେଘ । ଜଳୁ ଜଳୁ ମିଞ୍ଜି ମିଞ୍ଜି ହୋଇ ଲିଭିଯାନ୍ତି ତାରାସବୁ—ଯୋର ଯୋର ହୋଇ ଫୁଟି ଉଠେ ସକାଳ କିରଣ ।

ବାଲୁଗାଁ ବାଟେ ମୁଁ ପାରିକୁଦ ଦେଖି ଯାଇଥିଲି । ଚଢ଼େଇଟୁହା, ଚଢ଼େଇହଗା ସୁଦୂରର ରମ୍ଭାନାସୀ, ଗୁଳ୍ମମୟ ଜଟିଆ, ଚଢ଼େଇର ମୁହୂର୍ତ୍ତେ ଟଣା ରୁନ୍ଦୁଆ, ଢେଉ ଦୋଳାର ପକ୍ଷୀ, ନୌକାରୁ କେଉଟର ଘେରଜାଲ, ଦ୍ୱୀପର ପାହାଡ଼, ଆକାଶର ମେଘଛାୟା, ମତ୍ସ୍ୟର ଉଲ୍ଲମ୍ଫନ ପ୍ରାଣକୁ ନାନା ଭାବେ ଆଲୋଡ଼ିତ କରିଥିଲା । ସବୁଠାରୁ ପୀଡ଼ାଦାୟକ ହୋଇଥିଲା କାଳିଜାଈ ପାହାଡ଼ର ମୁମୂର୍ଷୁ କୁକ୍କୁଟ, ମେଷ,

ଛାଗଳମାନଙ୍କର କରୁଣ ଚିତ୍କାର । ତତୁର୍ଦ୍ଧ ପରେ ଜଳାର୍ଣ୍ଣବ—ଜଳାପ୍ଲବରେ ଏମାନେ ମରୁଥିଲେ; ଏଥିରେ କିପରି ଧର୍ମଲାଭ ହୁଏ ଅମୃତସୁଖୀ ମୃଢ଼ମତିମାନେ ବୁଝୁଥିବେ । ସେମାନଙ୍କ ବିକଳ ବିକଟ ମୁଖର ଶେଷ ମିନତି ଅଦ୍ୟାପି ମନରେ ଛାପି ହୋଇ ରହିଛି ।

ବାଣପୁର ରହଣି କାଳରେ ଥରେ ଭୁଲେରି ପାହାଡ଼େ ପାହାଡ଼େ ନାରାୟଣୀ ଠାକୁରାଣୀଙ୍କୁ ଦର୍ଶନ କରି ଯାଇଥିଲୁ; ବାଘ ହାବୁଡରେ ପଡ଼ିଥିଲୁ, ଅଦୂରରୁ ହେଣ୍ଟାଳ ଶୁଣା ଯାଉଥିଲା, କାହାରି କିଛି କ୍ଷତି ହୋଇନାହିଁ । ପାହାଡ ଉପରେ ଝରଣା କୂଳେ, ଆମ୍ର ପନସକୁଞ୍ଜରେ ବନଭୋଜି କରି ଆମେ ନିରାପଦରେ ଫେରିଥିଲୁ ।

ସେତେବେଳେ ମୋର ସହକର୍ମୀ ଥିଲେ ଶ୍ରୀଧର ଦାସ—ଓଡ଼ିଆରେ ଏମ୍.ଏ. ପାସ୍ କରି ପରେ ସେ ଖ୍ରୀଷ୍ଟ କଲେଜର ଅଧ୍ୟାପକ ହୋଇଥିଲେ । ସଂସାରୀଙ୍କ ମଧ୍ୟରେ ସାବଧାନୀ, ଭାବୁକଙ୍କ ମଧ୍ୟରେ କର୍ମୀ । ସାହିତ୍ୟିକମହଲରୁ ସେ ଖସି ଆସିଥିଲେ ପାଠ୍ୟରଚୟିତାଙ୍କ ସ୍ତରକୁ । ଅର୍ଥ ପ୍ରଚୁର ମିଳିଲା, ମିଳିପାରିଲାନାହିଁ ପ୍ରତିଷ୍ଠା । ପଣ୍ଡିତ ନାରାୟଣଙ୍କ ସହିତ ମିଶି ସେ ହୋଇଗଲେ ବୟାକରଣ ।

ମୋର ଅନ୍ୟତମ ସହକର୍ମୀ ଥିଲେ ବିଜୟଚନ୍ଦ୍ର ଦାସ—ଦେହେରେ ତରୁଣ; ଜ୍ଞାନବୃଦ୍ଧ, ସ୍ୱଳ୍ପ ଆୟକୁ ସେ ପୁସ୍ତକ, ପତ୍ରିକା ଓ ସିଗାରେଟ୍ କ୍ରୟରେ ବ୍ୟୟ କରି ଦେଉଥିଲେ । ଏକାନ୍ତ ଭାବପ୍ରବଣ—ବକ୍ତୃତାରେ ନିଜକୁ ପ୍ରପାତ ପରି ଢାଳି ଦିଅନ୍ତି । ସାମୟିକ ଶିକ୍ଷକତା ଛାଡ଼ି ସେ ହେଲେ ଅଗ୍ରଗାମୀ ନେତା—ପହିଲେ କମ୍ୟୁନିଷ୍ଟ, ପରେ କଂଗ୍ରେସ ।

'ମିଶ୍ର'ଙ୍କୁ ବାଣପୁରରେ ବାବୁ କହନ୍ତି—ଗୁରୁ ଗାମ୍ଭୀର୍ଯ୍ୟ ମଧ୍ୟରୁ ବେଳେ ବେଳେ ହାସ୍ୟର ଛିଟା ଛିଟିକି ପଡ଼େ । ଅତି ମାନ୍ୟ; ତାଙ୍କୁ କିଛି କହିବାକୁ ମତେ ଡର ମାଡ଼େ । ମହାପାତ୍ରଙ୍କ ସହିତ ଭାବ ଜମେଇବାକୁ ଆଗେଇ ଯାଇଥିଲି—ତାଙ୍କ କବିତା ପଢ଼ି ମୁଁ ଅଭିଭୂତ ହୋଇଥିଲି, ତାଙ୍କ ଗ୍ରାମର ଶିଶୁ କଳରୋଳ ଓ କାକଳୀ ମୋତେ ମୁଗ୍ଧ କରିଥିଲା—ବୋଧ ହେଉଥିଲା—ସେ ଗାଆଁର ଫୁଲମାନେ ମହାପାତ୍ରଙ୍କ କବିତା ଶୁଣି ଫୁଟୁଛନ୍ତି, ସ୍ୱପ୍ନଭଙ୍ଗ ହେଲା, ଯେତେବେଳେ ବୁଝିଲି—ସେ ମୋତେ ଖାତିରିରେ ଆଣୁ ନାହାନ୍ତି—କାରଣ ମୁଁ ନୂତନ ଲେଖକ ବା ଅଲେଖକ ।

ତାଙ୍କ ଗ୍ରାମ ନାମଟି ମୁଁ ସ୍ମରଣୀୟ ରଖିଥିଲି ସେ କାଳେ ରଚିତ ମୋର ଗୋଟିଏ ଗୀତରେ; ଆଇ.ଏ. ପାସ୍ ପରେ ରଚିତ ଏଇ ଗୀତଟି ମୋର କିଞ୍ଚିତ୍ ପରିବର୍ତ୍ତିତ ଆକାରରେ ପରେ ପ୍ରକାଶିତ ହେଲା ।

'ଘଣ୍ଟଶିଳା' ପାହାଡ଼ରେ ଭାଲୁଟିଏ ମରି ହୋଇଥିଲା । ମୃତ୍ୟୁ ପୂର୍ବରୁ ମନୁଷ୍ୟ ସହିତ ତାର ସଂଗ୍ରାମକୁ ଅବଲମ୍ବନ କରି ରଚନା କରିଥିଲି—'ଭାଲୁ'—ମୁଖସ୍ଥ କରିଥିଲେ ସ୍କୁଲର ଛାତ୍ରମାନେ ।

'ଲୁଲୁ ଲୁଲୁ ଧାଇଁ ଆସ ହୋ
ପଡ଼ିଲା ଚୁରି
କୁମାରଙ୍ଗର ଲୋକେ କହିଲେ ହୋ
ଆଣରେ ଠେଙ୍ଗା ଦା କଟୁରୀ
ଆଣରେ ଡେଣ୍ଡା ଚୁରି
ଧର୍ ରେ ମାର ମାର୍ ରେ ଧର
କହି ଅଇଲେ ଘେରି ।'

ବାଣପୁରରେ ରହଣି ମାତ୍ର ଦୁଇମାସ । କିନ୍ତୁ ସମୟସମୁଦ୍ରରେ ତାର ସ୍ମୃତି ବୁଡ଼ି ଯାଇନାହିଁ । ସବୁ ଦିଶି ଯାଉଛି କେତୋଟି ଉଜ୍ଜ୍ୱଳ ଆଲେଖ୍ୟ ଭଳି—ନାଗେଶ୍ୱର ଫୁଲବନ, ପର୍ବତ, ନିର୍ଝର, ହ୍ରଦ, ସ୍କୁଲର ଛାତ୍ର, ବିଲର ଚାଷୀ ।

ବାଣପୁରରୁ ଅର୍ଜିତ ଅର୍ଥରେ ରେଭେନ୍ସା କଲେଜରେ ବି.ଏ ଶ୍ରେଣୀରେ ନାମ ଲେଖାଇଲି । ଟିଉସନ ବଜାରରେ ପ୍ରତିଷ୍ଠା ଥିଲା; ଟିଉସନ୍‌ଟିଏ ମିଳିଗଲା । ବଣିଆ ସାଇ କୃଷ୍ଣବାବୁଙ୍କ ଘରେ ବଖରାଏ ଘର ରହିବାକୁ ମିଳିଲା—ମାସକୁ ଟଙ୍କାଟିଏ ଭଡ଼ା; ସେଇ ସାଇର ଗୋଟିଏ ମେସ୍‌ରେ ଖାଇଲି ।

## କୃଷ୍ଣ ଚରିତ—ନୁହେ ଭାଗବତ

କୃଷ୍ଣବାବୁ ନିରୀହ, ନରମ ପ୍ରକୃତିର ଲୋକ, ମାଛିକି ମର୍ କହନ୍ତିନାହିଁ । ଚିଲିକା କୂଳରେ ତାଙ୍କର ବାର ଏକର ଜମି ଥିଲା—ଅଳ୍ପ କିସ୍‌ମତ୍‌ର ଜମିଦାର ଥିଲେ ସେ । ସେହି ଜମିର ଭାଗଧାନ, ମୁଗ, ବିରି ସେ ପାନ୍ତି । ଅନ୍ନାଭାବ ଘଟେ ନାହିଁ । କିନ୍ତୁ ବହୁ ପ୍ରକାରର ବାଜେ ଖର୍ଚ୍ଚ ଅଛି । କୋଠାଘରୁ ପାଣି ଗଳୁଛି, ମରାମତି କରିବାକୁ ପଇସା ନାହିଁ । ଲୁଗାପଟା, ପାନଗୁଆ, ମସଲାମସଲି ତେଲ୍ ବେଙ୍ଗର ଆଦି ନାନା ଖର୍ଚ୍ଚ ଅଛି । ଆସିବ କେଉଁଠୁ ?

ସେ କରଣ; କିନ୍ତୁ କରଣର ତାକତର୍କ ତାଙ୍କୁ ଜଣା ନାହିଁ । ଶିଖିଥାନ୍ତି ବଣିଆ ବିଦ୍ୟା, 'ଯେ ଦେଶେ ଯାଇ ସେ ଫଳ ଖାଇ'; ବଣିଆ ସାଇରେ ରହି ସେ ଅଳଙ୍କାର ଗଢ଼ାରେ ପାଟବ ହାସଲ କରିଥାନ୍ତି । ତାଙ୍କ ହାତକାମର କାଟ୍‌ତି ଭଲ । କିନ୍ତୁ ଏକ ପଟା ଅଳସୁଆ ସେ । କୌଣସି ଅର୍ଥକରୀ କର୍ମ କରିବାଲାଗି ତାଙ୍କର ପ୍ରବୃତ୍ତି ହୁଏ ନାହିଁ—ଖାଇବା-ଶୋଇବା-ଗଳ୍ପ କରିବା । ସକାଳୁ ଉଠିଲେ ଗିଲାସଟିଏ ଧରି ଚା ଲାଗି ଦୁଧଟିକିଏ ଯୋଗାଡ଼ କରିଯାନ୍ତି—ଫେରିଲା ବେଳକୁ ତିନ ଦଣ୍ଡ । ସେହିପରି ସବୁ କାର୍ଯ୍ୟ—ଯୁଆଡ଼େ ଯାନ୍ତି ସିଆ ତ ଲାଖନ୍ତି । ଅଳସପଣରେ ଦିନକୁ ଦିନ ଘରଟା ତଳକୁ ତଳକୁ ଯାଉଥାଏ—ଯେ ଯେତେ କହିଲେ ନିଷ୍ଫଳ; 'ହଁ-ହଁ', କାର୍ଯ୍ୟରେ କିଛି ନାହିଁ । ଶକ୍ତି, ବୁଦ୍ଧି, କୌଶଳ ସବୁ ଥାଇ ପରିବାରଟି ଧ୍ୱଂସମୁଖୀ ହୋଇଥାଏ—ଶିଶୁମାନଙ୍କ କରୁଣ କ୍ରନ୍ଦନ; ସ୍ତ୍ରୀର ଝଙ୍କାସ ବଚନ କାଲ କାନରେହିଁ ପଡ଼େ ।

ସେହି ଘରେ ମୁଁ ବର୍ଷଟିଏ ରହିଥିଲି; ଟିଉସନ୍‌ରୁ ପନ୍ଦର ଟଙ୍କା ପାଉଥାଏ, ସେଥିରୁ ମୋର ଖିଆପିଆ, କଲେଜ ଦରମା ଉଠେ, ସୋସିଆଲ୍ ସର୍ଭିସ ଲିଗ୍‌ରୁ ମାସିକ ତିନି ଟଙ୍କା ସାହାଯ୍ୟ ପାଉଥାଏ ।

ସେତେବେଳେ ସାନଭାଇ ଉଦୟନାଥ ଘୋଷ ମାଇନର ସ୍କୁଲର ଛାତ୍ର । ସେ ବୃତ୍ତି ପାଉଥାଏ, ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥାଏ । ତା ନିକଟକୁ କିଛି କିଛି ସାହାଯ୍ୟ ନ ପଠାଇଲେ ସେ ପଢ଼ିପାରିବ ନାହିଁ । ନିଜେ ରୋଜଗାର କରି ପଢ଼ିବା, ପୁଣି ସେଥିରୁ ଭାଇକୁ ପଢ଼ାଇବା ଦୁଃସାଧ୍ୟ କାର୍ଯ୍ୟ; ସେଥିଲାଗି ମୋତେ ବେଳେ ବେଳେ ଅନ୍ନକଷ୍ଟରେ ରହିବାକୁ ପଡୁଥିଲା ।

ଗୋଟିଏ ମାସ ଅତି କଷ୍ଟରେ ଯାଇଥିଲା । ମହେଶ୍ୱର ବୋଲି ମୋର ଗୋଟିଏ ମାଇନର ପଢ଼ା ସାଥୀ, ସେ ଆସି ମୋ ଅନ୍ନରେ ଭାଗିଦାର ହେଲା । ଦଶପନ୍ଦର ଦିନ ମୋ ପାଖେ ରହିଲା, ଦିନେ ତିନୋଟି ଟଙ୍କା ସାନ ଭାଇ ପାଖକୁ ମନିଅର୍ଡ଼ର କରିବାକୁ ନେଉଛି ମହେଶ୍ୱର କହିଲା, ଦଅନ୍ତୁ, ମୁଁ ପୋଷ୍ଟ ଅଫିସକୁ ଯାଉଛି, ମନିଅର୍ଡ଼ର କରି ଦେବି ।

ଦେଲି । କିନ୍ତୁ ଭାଇ ପାଖେ ଟଙ୍କା ପହଞ୍ଚିଲା ନାହିଁ । ମୋତେ ଆଉ ଥରେ ମନିଅର୍ଡ଼ର କରିବାକୁ ହେଲା, ସହଜ ବିଶ୍ୱାସର ବିଷମୟ ଫଳ ସ୍ୱରୂପ ସାରମାସଟି କେତେବେଳେ ବେଳାଏ, କେତେବେଳେ ନ ଖାଇ ମୋତେ ଚଳିବାକୁ ହୋଇଥିଲା । ମହେଶ୍ୱର ଆଉ ଦେଖା ଦେଲା ନାହିଁ । ଟିକିଏ ଆଡ଼ପାଗଳା, କିନ୍ତୁ ଭଲ ପଢୁଥିଲା, ପଢ଼ିବାର ସୁଯୋଗ ଖୋଜି ଖୋଜି ସେ ବୁଲୁଥିଲା । ମୋ ବସାରୁ ଖସିଯିବାର କେତେ ଦିନ ପରେ ଅତି ନିରାଶ୍ରୟ ଭାବରେ ପର ପିଣ୍ଡାରେ ପଡ଼ି ସେ ପ୍ରାଣତ୍ୟାଗ କଲା ।

## ଘରେ ଭାତ ନାହିଁ କୁଟୁମ୍ବ ବହୁତ

କୃଷ୍ଣବାବୁଙ୍କ ଘର ସାମ୍ନାରେ ଗୋଟିଏ ଦରିଦ୍ର ପରିବାର, ବଖୁରିଏ ଘର— ସାତୋଟି ପିଲା, ଫୁଙ୍ଗୁଳା, ଲଙ୍ଗଳା, ଉପାସିଆ । ସେ ଘରଟି ଉପରେ ଆଖି ପଡ଼ିଲେ ମନେ ପଡ଼େ—

'ହଳଦି ଗୁରୁଗୁରୁ ଘମ ଘଉଡ,
ଘରେ ଭାତ ନାହିଁ କୁଟୁମ୍ବ ବହୁତ ।

ଘରର ମାଲିକ ଯାହି ଦି ପଇସା ରୋଜଗାର କରେ, ନିଶାପାଣିରେ ଉଡ଼ାଇ ଦିଏ, ରାତି ଅଧରେ ଲାଲ୍ ଲାଲ୍ ଆଖି କରି ସ୍ତ୍ରୀ ଉପରେ ଝଡ଼େଇ ହୁଏ, ପିଲାଗୁଡ଼ାକ ଶୋକରେ 'କେଁ-କାଁ' ହେଉଥାନ୍ତି ।

ଦିନେ ହତଭାଗିନୀ ସେଇ ସ୍ତ୍ରୀ ଲୋକଠାରୁ ପଦାରେ ହଠାତ୍ ପିଲାଟାଏ ଜନମ ହୋଇ ପଡ଼ିଲା । ତାକୁ ଧୋଇବା ପାଇଁ ଘରେ ବଳକଟେ କନା କିମ୍ବା କପଡ଼ ନ ଥିଲା । ଏ ଦୃଶ୍ୟ ଆଉ ମୋ ଆଖି ସହି ପାରିଲା ନାହିଁ । ମୋ ସର୍ବସ୍ୱ ଛିଣ୍ଡା ସପ ମଶିଣା ଓ ଗୁଦର ଖଣ୍ଡିକ ତା ପାଖକୁ ଫିଙ୍ଗିଦେଲି ।

## ଅଭାବ ଭଳି ବିକଶି ଉଠେ ଭାବ

ସଚ୍ଚି ରାଉତରାୟ ଓ ବିନୋଦ ନାୟକ ମୋର ପଢ଼ା ସାଥୀ । ସଚ୍ଚି ସେତେବେଳକୁ ବଡ଼ କବି, କବିତାରେ ନୂଆଯୁଗର ପୁନାଦି ପକାଉଥାଏ । ଖଦଡ଼ ଧୋତି, ପଞ୍ଜାବୀ, ଖଦଡ଼ ଟୋପି ପିନ୍ଧିଥାଏ, ଲମ୍ବା ଲମ୍ବା ବକ୍ତୃତା ଝାଡ଼ୁଥାଏ, ବିବୃତି ଦେଉଥାଏ, ତାର 'ବାଜି ରାଉତ' ପ୍ରକାଶ ପାଇଥାଏ, ଲମ୍ବା ଲମ୍ବା କବିତାମାନ 'ସହକାର'ର ପୃଷ୍ଠା ମଣ୍ଡନ କରୁଥାଏ; 'ସହକାର'ର ସହକାରୀ ସମ୍ପାଦକ, ବିନୋଦ ମଧ୍ୟ ପ୍ରତି ମାସରେ ନୂଆ ପ୍ରତିଷ୍ଠା ଅର୍ଜନ କରୁଥାଏ । ସେମାନଙ୍କ ସଙ୍ଗେ ସାଥୀ ହେବାର ଯୋଗ୍ୟତା ମୋର ନ ଥିଲା । ମୁଁ ରାଧାନାଥୀ ପ୍ରଭାବରୁ ପୂରାପୂରି ମୁକ୍ତ ହୋଇ ନ ଥାଏ । ବିଶ୍ୱସାହିତ୍ୟ ଅଧ୍ୟୟନ ତ ଦୂରର କଥା, ରବୀନ୍ଦ୍ରନାଥଙ୍କର କୌଣସି କବିତାପୁସ୍ତକ ମୋ ହାତରେ ପଡ଼ି ନ ଥାଏ । ରବୀନ୍ଦ୍ର କବିତା ନ ପଢ଼ି ସେତେବେଳେ କବି ହେବା ଦୁରାଶା ମାତ୍ର । ନୂଆ ହୋଇ ମାତ୍ରାବୃତ୍ତ ଛନ୍ଦ, ଧାବମାନ ଛନ୍ଦ, ମୁକ୍ତଛନ୍ଦ ଓ ଶେଷକୁ ଗଦ୍ୟକବିତା ଓଡ଼ିଆ ସାରସ୍ୱତ ମନ୍ଦିରରେ ପ୍ରବେଶ କରୁଥାଏ । ପ୍ରାଚୀନପନ୍ଥୀମାନେ ନାକ ଟେକୁଥାନ୍ତି—ଦେଶ ରସାତଳକୁ ଗଲା, ସାହିତ୍ୟ ଚୁଲୀରେ ପଶିଲା । ଆଧୁନିକମାନେ ସ୍ୱାଗତ କରୁଥାନ୍ତି ଏଇ ନୂଆ ଧାରାକୁ ।

ସବୁଜ ଯୁଗ ଅପସରି ଯାଉଥାଏ, ସବୁଜପନ୍ଥୀମାନଙ୍କ ମଧ୍ୟରୁ କେତେକ ପୂରାପୂରି ଲେଖନୀ ଛାଡ଼ି ଦେଇଥାନ୍ତି, କେତେକ ଧାରା ପରିବର୍ତ୍ତନ କରିଥାନ୍ତି । ଓଡ଼ିଶାରେ କମ୍ୟୁନିଷ୍ଟ ଧାରାର ପ୍ରଥମ ପଦକ୍ଷେପ କାଳ । ବିପ୍ଳବକବିତା ନ ଲେଖିଲେ ପତ୍ରିକାରେ ସ୍ଥାନ ପାଇବା କଷ୍ଟକର । ପ୍ରକୃତ ବିପ୍ଳବୀ ନୋହିଲେ ବି ବିପ୍ଳବୀ ହେବାକୁ ହେଲା । ଛଦ୍ମ ବିପ୍ଳବୀର 'କଏଦୀ' କବିତାଟି ଜ୍ୟେଷ୍ଠ ୧୩୪୫ 'ସହକାର' ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ ହେଲା । ଏଥିରେ ଉପଧାମିଳନ ଲାଗି ପ୍ରୟାସ କରି ମୁଁ ପ୍ରାୟ ସଫଳ ହୋଇଛି । ମାତ୍ର ମାତ୍ରାବୃତ୍ତ ଭୁଲ ବହୁତ । ମୋର ଏପରି ଏକ କବିତା ପ୍ରକାଶ ପାଇଛି, ସମ୍ପାଦକଙ୍କର ଉଦାରତା ଓ ନୂତନ ଲେଖକଙ୍କୁ ଉତ୍ସାହ ଦେବାର ତତ୍ପରତା ବୋଲିବାକୁ ହେବ । ଏ ମୋର ପ୍ରଥମ ପ୍ରକାଶିତ କବିତା, ବ୍ରିଟିଶ କାରାଗାରରେ ବନ୍ଦୀ ଦେଶପ୍ରେମୀଙ୍କ ଉଦ୍ଦେଶ୍ୟରେ ଲିଖିତ । ଯୁଗୋପଯୋଗୀ ବିଷୟକୁ ବାଦ୍ ଦେଲେ ଶିଳ୍ପଦୃଷ୍ଟିରୁ ଏହା ମାଟ୍ରିକ ଶ୍ରେଣୀର କବିତା ଅପେକ୍ଷା ଉନ୍ନତତର ବୋଧ ହେଉନାହିଁ । ତବେ କେତୋଟି ପଦ ଉଦ୍ଧୃତ ହେଲା—

ଭାରତ ଭାଗ୍ୟତାରା

ତୁମ ଯୋଗୁଁ ଆଜି ବହେ ଭାରତରେ ନବ ଜୀବନର ଧାରା
କୋଟି ପ୍ରାଣେ ଆଜି ଛୁଟେ ଅହର୍ନିଶ ଦେଶ ପ୍ରେମିକର ଉତ୍ସ
ମଣିଲ କଏଦୀ ଦେଶ ସେବା ଆଗେ ନିଜ ପ୍ରାଣ ଅତି ତୁଚ୍ଛ
ତୁମରି ଦୀପ୍ତ ବିଭୂତି ଜଳିଲା ହୃଦ ମନ୍ଦିର ଚୂଳେ
ସ୍ୱାଧୀନର ଶତ ଜାଗ୍ରତ ବେଦ ଜାଗିଲା ମନର ମୂଳେ ।

X X X

ଅନ୍ଧାର ନିଗଡ଼େ ପୁଷ୍ପମାଳା ସମ ନେଇ ନିଜ କରେ ବରି
ଆୟସୀ ବଜ୍ର ଶୃଙ୍ଖଳା ଶତ ହସି ହସି ବୀର ପରି ।

କୋମଳ ଶିରୀଷ ତଲ୍ପ ଅମ୍ବର ଚୁମ୍ବିତ ଚନ୍ଦ୍ରଶାଳା
ତେଜିଲ ଆମୋଦ ରଙ୍ଗ ସମ୍ପଦ ସ୍ୱାଧୀନ ଉଦ୍ୟାନମାଳା
ନବ ପ୍ରଣୟିନୀ ଅଧରବିମ୍ବେ ଚୁମ୍ବନ ନାହିଁ ଢାଳି
ଘେନିନାହଁ ଗଳେ ନବ ପ୍ରଣୟର ବନ୍ଦନା ଫୁଲମାଳୀ
ଘେନିନାହଁ ମାତା ପିତା ସ୍ନେହର ସେ ଆଶିଷ କୁସୁମ ବୃଷ୍ଟି
ଛିନ୍ନ କରିଲ ମମତାର ଡୋରି ତ୍ୟାଗଯାଗେ ତବ ତୁଷ୍ଟି ।

X X X

ମୁକ୍ତ ତମେରେ ବନ୍ଧନ ସାଥେ ସ୍ୱାଧୀନ ଆକାଶ ପରି
ଜାତି ଜଡ଼ ପିଣ୍ଡେ ବୁହାଇଲ ପ୍ରାଣ ମୁକ୍ତ ଜଳଧାର ସରି ।
ଜାତିର ମୁକୁଟ ଶର ହୀର ତୁମେ ଜାତୀୟ ପ୍ରେରଣା ଧାର
ଭୁଲିବନି ଜାତି ଦେଶ ପାଇଁ ତୁମେ ବରି ନେଇଥିଲ କାର ।

ସେଇ ମାସର 'ଜହ୍ନମାମୁଁ'ରେ ମୋର ଆଉ ଗୋଟିଏ କବିତା ବାହାରି ଥିଲା—'ବେଙ୍ଗୁଲୀ ବାହାଘର' ।

ଘୁମୁରି ଉଠେ ଉଠାଣ ମେଘ ଡାକ୍ ଡମା ଡମ ଡମ୍
ଗଛ ପତରେ ବରଷା ପାଣି ଚମକ୍ ଗୁମ୍ ଚମ୍
ବାଉଁଶ ନଳେ ବଜାଏ ବାଆ ବଇଁଶୀ ବାରବାର
ବେଙ୍ଗୁଲୀ ବାହାଘରରେ ଆଜି ବେଙ୍ଗୁଲୀ ବାହାଘର
କୁରର୍ କାଚର୍ ଖୁରର୍ ଖାରର୍ ଘରର୍ ଘାରର୍ ଜଳେ
ବେଙ୍ଗ ମାଇପେ ହୁଳହୁଳି ଯେ ଶୁଭଇ ଏକା ରେଳେ

X X X

ହୁଙ୍କା ତଳେ ଭଦ୍ରଲୋକ ବିଲୁଆ ହୁକ୍କା ହୋ
ପାଖି ପିଲଟି କୁତୀକି କହେ ଧାଆଁରେ ଧୋ ଧୋ
ଝଡ଼ିପୋକରେ କରନ୍ତି ଭୋଜି କୁଆ ବେଙ୍ଗ ବଣି
ବେଙ୍ଗୁଲୀ ବାହାଘର ସଙ୍ଗୀତ ଧିନି ତା ଧିନି ଧିନି
ଇତ୍ୟାଦି ।

ବିଦଗ୍ଧ କବିତା ଛଡ଼ା ଶିଶୁକବିତା ରଚନା ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ମୋର ଗୋଟିଏ ପ୍ରିୟ ବିନୋଦନ ଥିଲା, ଜହ୍ନମାମୁଁର ପ୍ରାୟ ପ୍ରତ୍ୟେକ ସଂଖ୍ୟାରେ ମୋର ଗୋଟିଏ କବିତା କିମ୍ବା ଗଳ୍ପ ପ୍ରକାଶ ପାଇଛି; କେଉଁ କେଉଁ ସଂଖ୍ୟାରେ ମୋର ଦୁଇ ତିନୋଟି ରଚନା ମଧ୍ୟ ସ୍ଥାନ ପାଇଛି । ମାନନୀୟ ବାଳକୃଷ୍ଣ କର ମୋର ସେତେବେଳର ସାହିତ୍ୟଗୁରୁ । ସେ ମୋତେ ବଡ଼ ସ୍ନେହ-ଦୃଷ୍ଟିରେ ଦେଖୁଥାନ୍ତି ଓ ସାହିତ୍ୟ ରଚନା ଦିଗରେ ଉତ୍ସାହିତ କରୁଥାନ୍ତି । ସାହିତ୍ୟିକ ଜୀବନନୌକାର ମଙ୍ଗ ଧରିବା ଦାୟିତ୍ୱ ସତେ ବା ଭଗବାନ୍ ତାଙ୍କରି ଉପରେ ନ୍ୟସ୍ତ କରିଥିଲେ, କେବଳ ମୋର ନୁହେଁ, ଜୀବନସଂଗ୍ରାମରେ ଟଳମଳ ଅନେକ ଦଦରା ଡଙ୍ଗାର । ଆଜିର ବହୁ ଯଶସ୍ୱୀ ଲେଖକ ଅକାଳରେ ଲେଖନୀ ଛାଡ଼ି ନ ଥିଲେ କେବଳ ତାଙ୍କରି ଯୋଗୁଁ । 'ସହକାର', 'ଜହ୍ନମାମୁଁ', 'ଆନନ୍ଦ ଲହରୀ'

ଉପନ୍ୟାସମାଳା ପ୍ରକାଶ ଆର୍ଥିକ ଭିତ୍ତି ଓ ସାଂସ୍କୃତିକ ସ୍ଥିତିରେ ମହତ୍‌କୀର୍ତ୍ତି ପରି ଅଖିଦୃଶିଆ ନୋହିପାରେ, କିନ୍ତୁ ଅକାଳ ମୃତ୍ୟୁ ଯୁଗରେ ଏହା ଅଦଭୁତ ଅମୃତ ସଂଜୀବନୀ ପରି କାର୍ଯ୍ୟ କରିଥିଲା । ବାଳକୃଷ୍ଣ ବୃହତ୍ ସାହିତ୍ୟନିର୍ମାତା ନୋହି ପାରନ୍ତି, କିନ୍ତୁ ସୁନିଶ୍ଚିତ ଭାବେ ସେ ସାହିତ୍ୟିକନିର୍ମାତା ।

ଯେତେଦୂର ମନେ ପଡ଼େ—'ସହକାର'ରେ ମୋର ଦ୍ୱିତୀୟ କବିତା 'ସାତ କୋଶିଆରେ ସଞ୍ଜ' ୧୯୩୯ରେ ପ୍ରକାଶିତ ହୋଇଥିଲା । ମୁଁ ବି. ଏ. ପରୀକ୍ଷା ଦେଲା ପରେ ମୋର ବନ୍ଧୁ ଲଳିତକୁମାର ପତି (ଅଧ୍ୟାପକ ପ୍ରଫୁଲ୍ଲ ପତିଙ୍କ ବଡ଼ ଭାଇ)ଙ୍କ ସଙ୍ଗେ ସାତକୋଶିଆ ଗଣ୍ଡ ଦେଖି ଯାଇଥିଲି । 'ମହାଯାତ୍ରା'ରେ ରାଧାନାଥଙ୍କ ସାତକୋଶିଆ ଗଣ୍ଡ ବର୍ଣ୍ଣନା ପଢ଼ି ମୁଗ୍ଧ ହୋଇ ସେହିସ୍ଥାନ ଦେଖିବା ଲାଗି ମନ ବଳାଇଥିଲି । କିନ୍ତୁ ଦଶପଲ୍ଲା ରାଜାଙ୍କ ବିନା ସାହାଯ୍ୟରେ ସେତେବେଳେ ସାତକୋଶିଆ ବା ବଡ଼ମୂଳଘାଟି ଦେଖିଯିବା ଆମ୍ଭମାନଙ୍କ ପକ୍ଷେ ଅସମ୍ଭବ । କିନ୍ତୁ କି ଉପାୟ ଅବଲମ୍ବନ କରାଯିବ ?

ଆମ୍ଭେମାନେ ଯାଇ ଦଶପଲ୍ଲା ମାଇନର ସ୍କୁଲ ହଷ୍ଟେଲରେ ରହିଲୁ । ମହାରାଜା ଆମ୍ଭମାନଙ୍କର ଆଗମନସମ୍ବାଦ ପାଇ ଖାଦ୍ୟପେୟର ସୁବନ୍ଦୋବସ୍ତ କରି ଦେଇଥିଲେ । ଜହ୍ନମାମୁଁର ଲେଖକ ଭାବରେ ଛାତ୍ରମାନଙ୍କର ଶ୍ରଦ୍ଧା ଓ ସମ୍ମାନ ମିଳିଲା । ଗୋଟିଏ କବିତା ଲେଖି ମହାରାଜାଙ୍କୁ ଭେଟି ଦେଲୁ । ସେ ଗୋଟିଏ ହାତୀ ଦେଲେ; ଆଗରେ ମାହୁନ୍ତ, ପଛରେ ତାଳୁଆ, ମଝିରେ ଆମେ । ରାଜଶ୍ରଦ୍ଧା ଓ ହସ୍ତୀ ଆରୋହଣ ସୁଖରେ ଆମ୍ଭେମାନେ ଆମୋଦିତ ହୋଇଥିଲୁ । ସେତେବେଳେ ଘୋର ଗ୍ରୀଷ୍ମକାଳ, ବଣ ଝିଙ୍କାରୀ ରଡ଼ୁଥାଏ, ବଡ଼ ବଡ଼ ବଣ ବୁଢ଼ାଆଣାଙ୍କ ଗୋଛା ଗୋଛା ଜାଲ ଆମ ଦେହରେ ବାଜି ହେଉଥାଏ । ହାତୀ ଗରମରେ ବଲବଲ ହୋଇ ପ୍ରତି ଦଶ ମିନିଟରେ ପିଠି ଉପରକୁ ଅନ୍ତରାଏ ଲେଖାଏ ଛେପ ଛିଞ୍ଚାଡ଼ୁଥାଏ, ଆମେ ଓଦା ହୋଇ ଯାଉଥାଉ ।

ତାଳୁଆ ଆମକୁ ବାଘ କାହାଣୀ କହୁଥାଏ, ବାଟଯାକ କେଉଁଠୁ କିପରି ମଣିଷକୁ ବାଘ ଝିଙ୍କି ନେଇଛି; ହୁଳା ଜାଳି ଢୋଲ ବଜାଇ ବଣ ମଝିରେ ଶତ ଶତ ଲୋକ ଗଲାବେଳେ ମଧ୍ୟ ବାଘ ଝାମ୍ପି ନିଏ; ଯଥା ସ୍ଥାନରେ ପହଞ୍ଚିଲା ବେଳକୁ ଜଣେ ଦି'ଜଣ ଲୋକ ଉଣା ପଡ଼ିଯାନ୍ତି—କିଏ ? କାହାକୁ ନେଇଛି ? ରତନା କାହିଁ ? ହରିଆ ?

ବାହାରକୁ ଗଲେ ଲୋକେ ଚାରିପଟେ ଛକି ରହନ୍ତି—କାଳେ ଅତିଥିଙ୍କୁ ବାଘ ଉଟାରି ନେବ । ବଡ଼ ଆତଙ୍କଗ୍ରସ୍ତ ହୋଇଥିଲୁ ଆମେ । ହାତୀରୁ ନୌକାରେ ଆମେ ମହାନଦୀରେ ଚଳିଲୁ । ସେତେବେଳକୁ ରାତି ପହରେ- ଶରତ୍ ପୁଷ୍କରିଣୀର ସଫେଦ କଇଁଫୁଲ ପରି ସ୍ୱଚ୍ଛ ଓ ଅତି ସ୍ୱଚ୍ଛନ୍ଦ ତାରା—ସତେ ଯେପରି ପାଖେଇ ଆସିଛି, ସ୍ନେହରେ ସତରେ । ରାତି ଅଧରେ ବଡ଼ମୂଳଘାଟିରେ ପହଞ୍ଚିଲୁ । ମଶାଲ ଜାଳି ନାଉରୀ ଦେଖାଇ ଦେଲା । ଆମେ ଭୂଇଁରେ ପାଦ ଦେଇଛୁ କି ନାହିଁ—ଶୁଣାଗଲା ବାଘର ହେଣ୍ଟାଳ—ତା'ପରେ ଗୋଡ଼ାଗୋଡ଼ି ଶବ୍ଦ—ନାଉରୀ କହିଲା –ସମ୍ବରକୁ ମହାବଳ ଗୋଡ଼ାଇଛି, ପଳାଇ ଆସ । ଛାନିଆଁ ହୋଇ ଆମେ ନୌକା ଘରେ ପଶିଗଲୁ । ନାଉରୀ ନୌକାକୁ କୂଳରୁ ଛଡ଼ାଇ ଆଣିଲା । ସକାଳୁ

ଫେରନ୍ତା ନାଆ ଘାଟରେ ଲାଗିଲା । ସାତକୋଶିଆକୁ କେନ୍ଦ୍ର କରି ମୋର ଦ୍ୱିତୀୟ କବିତା—

ଧୂମାୟିତ ଦୂର ଅସ୍ତାଚଳେ
ଦିବସ ଲୋହିତ ଚିତା ଦପ ଦପ ଅସ୍ତାତପେ ଜଳେ ।
ମରମରେ ମନ୍ଦାନିଳେ ଘନ ବନ ତପନ ବିହୁନେ
ଗିରି ଖୋଲେ କଳକଳେ ବିରହୀ ସେ ବରହୀ ବାହୁନେ
କାନ୍ଦେ ବନ ଅନ୍ଧାରେ କୁରରୀ
ପ୍ରଳପଇ ଢ଼ଳ ଢଳ ଜଳେ ଜଳେ ସରିତସୁନ୍ଦରୀ ।
ନୀଳଶୈଳ କୁହେଳୀ ଧୂସର
ଶିରେ ହସେ ରଞ୍ଜରତା ଗୋଧୂଳିର ବଧୂଲୀ ଅଧର
ଆକାଶେ ତୋଳଇ କିଏ ବାଦଲର ସୁବର୍ଣ୍ଣ ଅଟ୍ଟାଳୀ
ଇନ୍ଦ୍ରଧନୁମୟ ତନୁ ବିଜୁଳିର ରତ୍ନଦୀପ ଜାଳି
ପତ୍ର ପୁଷ୍ପେ ହସେ ଅସ୍ତରାଗ
ସୁବର୍ଣ୍ଣ ସାଗରେ ଭାସେ ଶୈଳମାଳା ଜିଣି ପଦ୍ମରାଗ ।

ସେତେବେଳେ ବ୍ରହ୍ମପୁରରୁ ପ୍ରକାଶିତ 'ନବୀନ' ନବୀନ ସାହିତ୍ୟିକମାନଙ୍କ ଭରସା ଥିଲା । ମୁଁ ସେଠାକୁ ବୁକ୍‌ପୋଷ୍ଟ କରି ଏକାବେଳକେ ଏକ ଡଜନ କବିତା ପଠାଇଥିଲି; ସେସବୁ ଗୋଟିକ ପରେ ଗୋଟିଏ ପ୍ରକାଶିତ ହୋଇଥିଲା । ଛପା ହରଫରେ ସ୍ୱନାମ ବାରମ୍ବାର ଦେଖି ବିଶ୍ୱାସ ଜନ୍ମିଥିଲା—ମୋ କବିତା ପ୍ରକାଶଯୋଗ୍ୟ ହେଲାଣି । କିନ୍ତୁ ପ୍ରକୃତପକ୍ଷେ ସେଠି ଯଚେଇ ଥିଲା, ବଛେଇ ମୋଟେ ନ ଥିଲା ।

ଅଧ୍ୟାପକମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଜୀବନ ଗୋଟିଏ ଲୀଳା ମାତ୍ର ଥିଲା—'ହସି ଖେଳି ସେହୁ ଗମନ୍ତି ସମୟ, ମଣନ୍ତି ଜୀବନ ମହୋତ୍ସବମୟ' । ଯେଉଁମାନେ ବ୍ୟକ୍ତିତ୍ୱ ଓ ବୈଦଗଧ୍ୟରେ ମୋ ମନରେ ଗାର ଟାଣିପାରିଥିଲେ ସେହିମାନଙ୍କ ବିଷୟରେ କିଞ୍ଚିତ୍ ସୂଚନା ଦେଲି ମାତ୍ର ।

ପ୍ରାଣକୃଷ୍ଣ ପରିଜା—କି ଅଧ୍ୟାପକ, କି ଛାତ୍ର ସମସ୍ତଙ୍କ ଭିତରେ ସେ ଥିଲେ ଲୋକପ୍ରିୟ ପରିଜା । ଛାତ୍ରଙ୍କ ସହିତ ଭାବ ତାଙ୍କର ମନୋଭାବମାତ୍ର ନ ଥିଲା; ଏହା ଥିଲା ତାଙ୍କ ଜୀବନଯୋଜନାର ଏକ ଅଂଶ, ପ୍ରାଣର ଏକ ସ୍ୱତଃ ପ୍ରବାହ ।

ଅଧ୍ୟୟନ ବା ଅଧ୍ୟାପନାନିଷ୍ଠ—ଗୁରୁଗମ୍ଭୀର; କିନ୍ତୁ ତାଙ୍କ ସଂକ୍ଷିପ୍ତ, ସାରବାନ୍ ବକ୍ତୃତାରୁ ହାସ୍ୟରସର ଯଥେଷ୍ଟ ଖୋରାକ ମିଳୁଥିଲା । ବିଜ୍ଞାନ ବିଷୟକ ଭାଷଣରେ ସେ ସଂସ୍କୃତ ଶ୍ଳୋକ, ଏପରିକି ଜଗତମାଳି ଉଦ୍ଧାର କରିଥାନ୍ତି ।

ଥରକ ସାକ୍ଷାତରେ ବି ସେ କାହାକୁ ଭୁଲନ୍ତିନାହିଁ, ନାମ ଧରି ଡାକନ୍ତି, ଆପଣାର ପରି ବ୍ୟବହାର କରନ୍ତି ।

ଉତ୍ଥାନ—କେବଳ ଉତ୍ଥାନ—ଏଇ ତାଙ୍କର ଜୀବନ—ଅଧ୍ୟାପକରୁ ଅଧ୍ୟକ୍ଷ—କୁଳପତି, ପୃଥିବୀରେ ତାଙ୍କ ପରିଚିତି ଓଡ଼ିଶାକୁ ଦେଇଥିଲା ଏକ ସ୍ୱତନ୍ତ୍ର

ମାନ୍ୟ । ଶେଷ ଜୀବନରେ ସେ ସକ୍ରେଟିସ୍‌ଙ୍କ ପରି ଦିଶୁଥିଲେ ବୋଧ ହେଉଥିଲା ଏକ ଚଳନ୍ତ ଗୌରବମୟ ଇତିହାସ ।

ନିରଞ୍ଜନ ନିୟୋଗୀ—ଇଂରଜୀ ଅଧ୍ୟାପକ, ଇଂରଜୀ ଓ ବଙ୍ଗଳାରେ ତାଙ୍କ ବକ୍ତୃତା କବିତା ପରି ଶୁଣାଯାଉଥିଲା ।

ମୋହିନୀମୋହନ ସେନାପତି—ଫକୀରମୋହନଙ୍କ ପୁତ୍ର ବୋଲି ତାଙ୍କ ପ୍ରତି ଆମର ସ୍ୱତନ୍ତ୍ର ମାନ୍ୟ ଓ କୌତୂହଳ ନିଶ୍ଚୟ ଥିଲା । କିନ୍ତୁ ସେ ଥିଲେ ବ୍ୟାସକବିଙ୍କର ଠିକ୍ ଓଲଟା—ନାସ୍ତିକ; ବିହ୍ୱଳ ଭାବପ୍ରବଣତା ତାଙ୍କର ନ ଥିଲା, ଥିଲା ତୀକ୍ଷ୍ଣ ଯୁକ୍ତିପଟୁତା । ତାଙ୍କୁ ଯୁକ୍ତିରେ ହଟାଇବାକୁ କଲେଜରେ ବା ଓଡ଼ଶାରେ କେହି ନ ଥିଲେ । ଯେଉଁମାନେ ସ୍ୱାଧୀନଚେତା, ଆଧୁନିକଭାବାପନ୍ନ ସେହିମାନଙ୍କ ଲାଗି ତାଙ୍କ ମୁଖରୁ ଫିଟୁଥିଲା ଉତ୍ସ । କୁମାରମାନଙ୍କ ସମକ୍ଷରେ ସେ ଅବତାରଣା କରୁଥିଲେ—ବିଶ୍ୱର ବିବାହସମସ୍ୟା । ଅଧ୍ୟାପନା ନାମରେ ଏକ ଆଲୋଚନା ହିଁ ଚାଲେ ।

ସମସାମୟିକ ବିଦଗ୍ଧ ଆଲୋଚକମହଲରେ ସେ ଥିଲେ ଏକାନ୍ତ ମୌଳିକ ପନ୍ଥୀ । ତାଙ୍କ ରଚିତ କେତୋଟି ପ୍ରବନ୍ଧରୁ ଏକ ନୂତନ ଆସ୍ୱାଦ ମିଳେ ।

ବିପିନବିହାରୀ ରାୟ—କଥା ଧୀର—କାନରେ ବାଜେ ନ ବାଜେ । ସେଥିରେ ତିଳାର୍ଦ୍ଧ ତରଙ୍ଗ ନ ଥାଏ, ଜୁଆର ତ ଦୂରର କଥା । ଭାବୁକତାବିରୋଧୀ, ସଂଳାପପ୍ରବଣ; ତୁଣ୍ଡରୁ ଅଳ୍ପ କଥା ବାହାରେ—ସାରବାନ୍; ଓଡ଼ିଆସାହିତ୍ୟର ପ୍ରାବନ୍ଧିକ ଭୂମିକାରେ ତାଙ୍କର ସ୍ଥାନ ଅପ୍ରତିଦ୍ୱନ୍ଦୀ ।

ରତ୍ନାକର ପତି—ବିପିନବାବୁ ଯେତିକି ନୀରବନିଶ୍ଚଳ, ରତ୍ନାକରବାବୁ ସେତିକି କ୍ଷିପ୍ର, ଅନର୍ଗଳ । ମସ୍ତିଷ୍କର ସଞ୍ଚିତ ଜ୍ଞାନ ଅଧରରେ ଶାଣିତ ହୋଇ ବାହାରେ, କୃପାଣ ପରି ଛୁଟେ ସତେ ବା ଅଜ୍ଞାନତା ନାଶ ଲାଗି । ତାଙ୍କୁ ଦେଖିଲେ ଅଶ୍ରଦ୍ଧର ମନରେ ଆଶ୍ୱାସନା ଆସେ, ଭଲ ମଣିଷ ହେବାର ପ୍ରବୃତ୍ତି ମନରେ ଜାଗ୍ରତ ହୁଏ ।

କୃତ୍ତିବାସ ସାମନ୍ତରାୟ ଗଭୀର ଜ୍ଞାନରୁ ହଠାତ୍ ହସ କୌତୁକ ଫୁଟିଉଠନ୍ତି । ଜନାର୍ଦ୍ଦନ ମହାନ୍ତି କହନ୍ତି—**A boy of fourteen is nothing, but a girl of fourteen** -ହ-ଉ-ଉମ୍ !! ଏଥିରେ ସମସ୍ତ କ୍ଲାସ୍ ହସି ଉଠୁଥିଲା । ତରୁଣୀବହୁଳ ଶ୍ରେଣୀରେ ଏବେ ଏ ଧରଣର ହାସ୍ୟରସ ଅଚଳ । ଗିରିଜାଶଙ୍କର 'ଓଡ଼ିଆ ନାଟ୍ୟ କଳା' ପୁସ୍ତକର ରଚୟିତା, ଭାଷାତତ୍ତ୍ୱବିତ୍, ଉଚ୍ଚକୋଟୀର ପ୍ରାବନ୍ଧିକ । ସୁପଣ୍ଡିତ, ପଢ଼ାନ୍ତି ଭଲ, ଖାତାରେ ନମ୍ବର ଦେବାରେ କୃପଣ ।

ନାରାୟଣ ମୋହନ ଦେ କବିଭାବରେ ସେ କାଳେ ସୁପ୍ରସିଦ୍ଧ । ସେ ଇଂରଜୀ ଅଧ୍ୟାପକ; ସେ କାହିଁକି ଏପରି ସଂସ୍କୃତ ଶବ୍ଦବହୁଳ ଦାନ୍ତଭଙ୍ଗା କବିତା ରଚନା କରୁଥିଲେ ? ତାଙ୍କ 'ହରିହର ଛତ୍ର ମେଳା' ଏକ କୃଷ୍ଟ କବିତା; ତାଙ୍କ ସଂକଳିତ 'ଜୟନ୍ତୀ', 'ବୈଜୟନ୍ତୀ'ରେ କେତୋଟି ଉଚ୍ଚଶ୍ରେଣୀର କବିତା ରହିଛି ।

କାଶୀନାଥ ଦାଶ ପ୍ରଥମ ଓଡ଼ିଆ ଅଧ୍ୟାପକ;—ସେ କୁଆଡେ ଖାତା ଦେଖନ୍ତି ନାହିଁ, ଓଜନ କରି ନମ୍ବର ଦିଅନ୍ତି, କହନ୍ତି ପଢ଼ିଛି ବୋଲି ବେତନ ପାଉଛି, ପଢ଼ାଉଛି ବୋଲି ନୁହେଁ । ଏ ଗୁଜବ ।

ନିଶିକାନ୍ତ ସାନ୍ୟାଲ ବୈଷ୍ଣବ, ସମସ୍ତ ଦରମା ଗୌଡ଼ୀୟ ମଠକୁ ଦେଇ ଦିଅନ୍ତି, ମଠରୁ ଯତ୍‌ସାମାନ୍ୟ ମାସିକ ଖର୍ଚ୍ଚ ଆଣି ଚଳନ୍ତି । ତାଙ୍କ କଣ୍ଠସ୍ୱର କ୍ଷୀଣ, ଅଧ୍ୟାପନାରୀତି ନିତାନ୍ତ ନୀରସ ।

ଘନଶ୍ୟାମ ଦାସ କର୍ମନିଷ୍ଠ, ମନରେ ଦିଲ୍‌ଦାର୍ । ରୀତିମତ ପ୍ରସ୍ତୁତ ହୋଇ କ୍ଲାସ୍‌କୁ ଯାନ୍ତି; ଗୋଟିଏ ମିନିଟ୍ ସମୟ ନଷ୍ଟ କରନ୍ତିନାହିଁ । ଲେକ୍‌ଚରର୍ ହୋଇ ଦୀର୍ଘକାଳ ରହିବା ପରେ ସେ ନିରଶ ଓ ଭଗ୍ନହୃଦୟ ହୋଇ ଯାଇଥିଲେ; ଶେଷରେ ସେ ପାନର ଆଶ୍ରୟ ନେଇଥିଲେ ଓ ତାଙ୍କର ମତିଭ୍ରମ ଘଟିଥିଲା ।

ଆର୍ତ୍ତବଲ୍ଲଭ ମହାନ୍ତି; ପାସ୍ ତୃତୀୟ ଶ୍ରେଣୀରେ; ତାର କ୍ଷତିପୂରଣ ଲାଗି ଗବେଷଣାରେ ମନପ୍ରାଣ ଢାଳି ଦେଇଥିଲେ । ଶେଷ ପର୍ଯ୍ୟନ୍ତ ତୃତୀୟ ଶ୍ରେଣୀ ଗନ୍ଧ ତାଙ୍କ ନାମରୁ ଛାଡ଼ି ନ ଥିଲା । ନାମଧାତୁ ପ୍ରୟୋଗ କରି ସେ ଛାତ୍ରମାନଙ୍କୁ ବ୍ୟଙ୍ଗ କରୁଥିଲେ—'ଅସୌ ମର୍କଟାୟତେ, ଅସୌ ବ୍ୟାଘ୍ରାୟତେ, ଅସୌ ଗର୍ଦ୍ଦଭାୟତେ ।

ମାତୃଭୂମି ଓ ମାତୃଭାଷା ପ୍ରତି ତାଙ୍କ ଅନ୍ତରରେ ଅସୀମ ମମତା ଥିଲା । ଉଦରପୀଡ଼ାରେ ଅଶେଷ କଷ୍ଟ ଭୋଗ କଲେ ବି ଶେଷ ନିଃଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ସେ ସାଂସ୍କୃତିକ କାର୍ଯ୍ୟରେ ଲୀନ ରହିଥିଲେ । ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ସଂକଳନରେ ସେ ନୂତନ ଦିଗ୍‌ଦର୍ଶକ । ସାରଳାମହାଭାରତ ସଂକଳନ ତାଙ୍କର ଶେଷ ଓ ଶ୍ରେଷ୍ଠ କାର୍ଯ୍ୟ ।

ଲକ୍ଷ୍ମୀକାନ୍ତ ଉତ୍କଳସଙ୍ଗୀତବିଦ୍ୟାଳୟର ପ୍ରତିଷ୍ଠାତା, ଭୂପତି ପଣ୍ଡିତଙ୍କ 'ପ୍ରେମପଞ୍ଚାମୃତ'ର ସଂକଳକ, ନିରଳସ ଓ ଛାତ୍ରବତ୍ସଳ ଥିଲେ । ସଂସ୍କୃତ ଅଧ୍ୟାପକମାନଙ୍କୁ ଉପଲକ୍ଷ୍ୟ କରି ସେକାଳେ ଗୋଟିଏ ଗାଳିକା ରଚିତ ହୋଇଥିଲା—

'ଜଗନ୍ନାଥସ୍ୟ ପାଣ୍ଡିତ୍ୟମ୍
ଆର୍ତ୍ତସ୍ୟ ମୁଖ ବିକୃତିଃ
ଲକ୍ଷ୍ମୀକାନ୍ତସ୍ୟ ଚାପଲ୍ୟମ୍
କାଶ୍ୟାଂ ସନ୍ତି ତ୍ରୟୋ ଗୁଣାଃ ।

ଏହି ଗାଳିକାର ରଚୟିତା କିଏ ଜାଣେ ନାହିଁ; ତାହା ଏବେ ଚାଲୁଛି, ଯେପରି ଚାଲୁଛି—

'ବାଇଧରୀ କବିତାକୁ ହାଇଦରୀ ବିଡ଼ି
ଗୁଡ଼ୁଚଟୀ ଗାଣ୍ଡିଆକୁ.........................।

ନିର୍ମଳ ବାନାର୍ଜୀ ଅତ୍ୟନ୍ତ ଶୃଙ୍ଖଳାସଚେତନ; ଟିକିଏ ଜୋତା ଖଡ଼ ଖଡ଼ ହେଲେ ସେ ଗାଳି ବୃଷ୍ଟି କରନ୍ତି, ନୈତିକତା ଓ ସଚ୍ଚରିତ୍ର ବିଷୟରେ ବକ୍ତୃତା

ଝାଡ଼ନ୍ତି । ଛାତ୍ରମାନେ ତାଙ୍କର ଏ ଦୁର୍ବଳତା ଜାଣନ୍ତି, ପାଠ୍ୟାରମ୍ଭ ଆଗରୁ ଜୋତା ଖଡ଼ ଖଡ଼ ହିଁ କରନ୍ତି । ବର୍ଷସାରା ଏଇ ପାଲା ଚାଲେ, ଇତିହାସ ପଢ଼ା ହୋଇପାରେ ନାହିଁ ।

ଓଡ଼ିଶାର ଇତିହାସ ଓ ପ୍ରତ୍ନତତ୍ତ୍ୱ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା, ସେ ଓଡ଼ିଶା ମ୍ୟୁଜିଅମ୍‌ର ପୂନାଦି ପକାଇଥିଲେ; ପହିଲେ ରେଭେନ୍‌ସା କଲେଜର ମୁସଲମାନ ଛାତ୍ରାବାସ ବୋଲାଉଥିବା କେତୋଟି କୋଠରୀରେ ତାଙ୍କ ସଂଗୃହୀତ ମୂର୍ତ୍ତିସବୁ ଅବସ୍ଥାପିତ ହୋଇଥିଲା; ତାଙ୍କର ଅକାଳ ମୃତ୍ୟୁ ପରେ ଅଧ୍ୟାପକ ଘନଶ୍ୟାମ ଦାସ ଏହି ଅନୁଷ୍ଠାନର ଅଭିବୃଦ୍ଧି ଘଟାଇଥିଲେ । ପରବର୍ତ୍ତୀ କାଳରେ ମୁଁ ରାଞ୍ଚୀରୁ ଗୋଟିଏ ବିରାଟ ପିତ୍ତଳ ଗଡ଼ୁ କିଣି ଆଣି ଏହି ଯାଦୁଘରକୁ ଉପହାର ଦେଇଥିଲି । ଏହା ଉପରେ ଶିବାଜୀଙ୍କ ଯୁଦ୍ଧ ପଟୁଆର ଚିତ୍ରିତ ହୋଇଥିଲା ।

ରେଭେନ୍‌ସା କଲେଜରେ କିପରି ଜ୍ଞାନୀ ଅଧ୍ୟାପକସବୁ ଥିଲେ ତାର ଉଦାହରଣ ଦେବାକୁ ଯାଇ ଘନଶ୍ୟାମବାବୁ ଯଦୁନାଥ ସରକାରଙ୍କ କଥା କହନ୍ତି । ଡକ୍‌ଟର ସରକାର କିପରି ଲୋକପ୍ରିୟତାକୁ ଭ୍ରୂକ୍ଷେପ କରୁ ନ ଥିଲେ, ଏକାନ୍ତ ସମୟସଚେତନ ଓ ଗବେଷଣାନିଷ୍ଠ ଥିଲେ, ଏହି ଘଟଣାରୁ ତାର ପ୍ରମାଣ ମିଳେ । ଏକା ବିଭାଗର ଅଧ୍ୟାପକ ହେଲେ ବି ଯଦୁନାଥଙ୍କ ସହିତ ସାକ୍ଷାତ୍‌କାର ଲାଗି ଘନଶ୍ୟାମବାବୁଙ୍କୁ ଅନୁମତି ନେବାକୁ ଓ ସମୟ ନିର୍ଦ୍ଧିଷ୍ଟ କରିବାକୁ ପଡ଼ିଥିଲା । ଯଦୁନାଥବାବୁ ପାଞ୍ଚ ମିନିଟ୍ ସମୟ ଦେଇଥିଲେ । ଅବତରଣିକା କରୁ କରୁ ପାଞ୍ଚ ମିନିଟ୍ ଗଡ଼ିଗଲା । ଯଦୁନାଥ ଘନଶ୍ୟାମଙ୍କୁ କହିଲେ — ତୁମ ସମୟ ଅତୀତ ହୋଇଛି; ଏବେ ବିଦାୟ ନେଇପାର ।

ମୁଁ ବି. ଏ.ରେ ସଂସ୍କୃତରେ ଅନର୍ସ ନେଇଥିଲି; ସେ ବର୍ଷ ସେଥିରେ ମୁଁ ଏକମାତ୍ର ଛାତ୍ର ଥିଲି । ଅଧ୍ୟାପକ ଗୋଟାଏ ପିଲା ଲାଗି କ୍ଲାସ କରିବାକୁ ବିତୃଷ୍ଣ, ମୋର ବି ପଢ଼ିବା ପ୍ରତି ବିତୃଷ୍ଣା ଥିଲା । ଅର୍ଥ ନ ବୁଝି ପାଣିନିବ୍ୟାକରଣ ସୂତ୍ର ଗଳାଧଃକରଣ ତିକ୍ତ ଓ ଭୟଙ୍କର ବୋଧ ହେଉଥିଲା । 'ବିନା ଅନର୍ସରେ ଭବିଷ୍ୟତର ଉନ୍ନତିପଥ ରୁଦ୍ଧ' ଜାଣି ସୁଦ୍ଧା ଅନର୍ସ ଛାଡ଼ିଲି ବା ପରିସ୍ଥିତି ଛାଡ଼ିବାକୁ ବାଧ୍ୟ କଲା । ମୋର ଦୀର୍ଘ ଅସୁସ୍ଥତା ଏହାର ଆଶୁ କାରଣ । ଦ୍ୱିତୀୟ କାରଣ — ମୋର କଠୋର ଜୀବନସଂଗ୍ରାମ । ଚିନ୍ତନରେ ଅଧିକାଂଶ ସମୟ ଯାଉଥିଲା, ଭାବିଲି ଅନର୍ସ ତ ଯାହା ମିଳିବ ମିଳିବ, ଶେଷକୁ ମୂଳ ବୁଡ଼ିବ । ଫେଲ୍ ହେବା ମୋ ପକ୍ଷେ ଏକ ଦୁର୍ଘଟଣା ନୁହେଁ, ଦାରୁଣ ବିପର୍ଯ୍ୟୟ । ଆଉ ଥରେ ପରୀକ୍ଷା ଦେବା ହୁଏତ ସମ୍ଭବ ନୋହିପାରେ ।

ଗୌରବ ମିଳୁ ନ ମିଳୁ, କୌଣସିମତେ ଲୋକଲଜ୍ଜାରୁ ରକ୍ଷା ମିଳୁ—ଏଇ ଭାବନା ହିଁ ମୋର ଗତି ନିୟନ୍ତ୍ରଣ କଲା । ଜୀବନରେ କେବେ ଫେଲ୍ ହୋଇନାହିଁ, ଏହା ଗୌରବ ନୋହିପାରେ, କିନ୍ତୁ ଏକ ସାଧାରଣ ସ୍ଥିତିର ତ ଏକ ତତ୍ତ୍ୱ ସ୍ୱୀକାର ।

ରେଭେନ୍‌ସା କଲେଜ ଓଡ଼ିଶାର ପ୍ରାଚୀନତମ ଶିକ୍ଷାନୁଷ୍ଠାନ—ଜାତୀୟ ପ୍ରତିଭାର ଏକ ଉତ୍ସମୁଖ—ସେ ଦିଶୁଥିଲା ସହର ଭିତରର ଏକ ସହର ଭଳି, ସରସ୍ୱତୀଙ୍କର ଏକ ସମୁଜ୍ଜ୍ୱଳ ମନ୍ଦିର ପରି, ତାର ଉପଯୋଗୀ ଛାତ୍ରଜୀବନରେ ମୁଁ

କିଛି କରିପାରି ନ ଥିଲି । ନେଉ ନ ଥିଲି ପ୍ରବନ୍ଧପ୍ରତିଯୋଗିତା ବା ଆଲୋଚନା ସଭାରେ ଅଂଶ, ଭାଗ ନେଉ ନଥିଲି ଏହାର ଭ୍ରମଣ କାର୍ଯ୍ୟକ୍ରମରେ, ବଣଭୋଜିରେ, ନାଟ୍ୟାଭିନୟରେ, ପଢୁ ନ ଥିଲି ଏହାର 'କନିକା ପାଠାଗାର'ରେ; ଛାତ୍ରଜୀବନର ସାଧାରଣ ଚପଳ୍ୟ ବା ଉଦ୍ଦାମତା ପ୍ରକାଶର କୌଣସି ଅବକାଶ ନ ଥିଲା; ଏହି ସମାଜରୁ ଦୂରେଇ ରଖିଥିଲା ଦାରିଦ୍ର୍ୟ—'ଆଲୋ ସଖୀ, ଆପଣା ମହତ ଆପେ ରଖି', ସାମୟିକ ବିନୋଦନ ଥିଲା ସମସ୍ତରର ସଙ୍ଗୀମାନଙ୍କ ସହ ଆଳାପ, ସାନ୍ଧ୍ୟ ଭ୍ରମଣ, କବିତାରଚନା । ନାମକୁ ମାତ୍ର ଛାତ୍ର ଥିଲି, ଏକ ମହତ୍ ଅନୁଷ୍ଠାନର ସୁଫଳ କିଛି ହେଲେ ଲାଭ କରି ପାରି ନ ଥିଲି; ଦିନ ପରେ ଦିନ ଗଡ଼ି ଯାଉଥିଲା, ହାବୁଡ଼ୁ ଥିଲା ଗୋଟିଏ ଘାଟି—ପରୀକ୍ଷା; ସର୍ବତ୍ର ସାଧାରଣ ଚଳନ, ଏଇଠି ମାତ୍ର ଉଲ୍ଲମ୍ଫନ । ଶକ୍ତିକୁ ଠୁଳ କରି ସେ ଚେଷ୍ଟା ହେଉଥିଲା ।

ମୋର କେତେକ ବନ୍ଧୁ ଥିଲେ, ମାତ୍ର ଜୀବନଦୋସର ଜଣେ ଅଧେ । ଦୁରବସ୍ଥା ଯୋଗୁଁହିଁ ମୁଁ କରଛଡ଼ା ଦେଇ ରହୁଥିଲି । ବନ୍ଧୁମାନଙ୍କ ମଧ୍ୟରୁ ମୋ ଦୁଃଖ ଶୁଣିବ, ବୁଝିବ କିଏ ? କଥା ଅଛି—

'ଦରଜୀ ଆଗରେ ଦରଜ କହିଲେ
ଅଧେ ଦରଜ ନିଏ
ନିଦରଜୀ ଆଗେ ଦରଜ କହିଲେ
ଆହୁରି ଦରଜ ଦିଏ ।'

ଏକା ହରେକୃଷ୍ଣ ଥାଏ ମୋର ଦୁଃଖ ଦୁର୍ଦ୍ଦିନର ବନ୍ଧୁ; ସେ ମୋତେ ବୁଝୁଥିଲା ଜଣେ ଦରଦୀ ବୁଝିଲା ଭଳି । ସେ ନିଜେ ଦୁଃଖୀ, ସଂଗ୍ରାମକଠୋର ଥିଲା ତାର ଜୀବନ । ଦୁହେଁ ଏକାଠି ବସି ଆଲୋଚନା କରୁଥିଲୁ । ପାଠ୍ୟ ବହି ତ ପଢ଼ି ନ ଥିଲୁ; ପରୀକ୍ଷାରେ କଣ କଣ ପଡ଼ିବାର ସମ୍ଭାବନା, ବାଛି ବାଛି ଏକାଠି ବସି ପଢୁଥିଲୁ । ସୌଭାଗ୍ୟକୁ ସେଥିରୁ କିଛି କିଛି ପରୀକ୍ଷାରେ ପଡିଥିଲା, ପାସ୍ କରିବା ଆମ ପକ୍ଷେ ସହଜ ହୋଇଥିଲା ।

ହରେକୃଷ୍ଣ କବି; ଦୁର୍ଦ୍ଦିନ ମଧ୍ୟରେ ମୋ ପରି ପାଠ ନ ପଢ଼ି ସମୟ ନଷ୍ଟ କରି ସେ କବିତା ଲେଖୁଥିଲା । କିନ୍ତୁ ପତ୍ରପତ୍ରିକାରେ ପ୍ରକାଶ କରିବାକୁ ତାର ସାହସ ନ ଥିଲା । ସେସବୁ ଅବଶ୍ୟ ପ୍ରକାଶର ଅଯୋଗ୍ୟ ନ ଥିଲା । ହରି ଲାଜକୁଳା ଓ ପଛୁଆ ଥିଲା । ଫଳରେ ସେ ଯୋଉଠି ସେଠି ରହିଗଲା । ପୁଣି ଅର୍ଥାଭାବକୁ ଆଇ. ଏରୁ ତା ପୋଥିରେ ଡୋରି ଦିଆଗଲା । ଏଥିରେ ତା ମନ ଭାଙ୍ଗି ପଡ଼ିଲା । କିରାନୀ ଚାକିରୀରେ ତାର ରସର ସାଗର ଶୁଖିଗଲା । ନିଜ ଚେଷ୍ଟାରେ ଏବେ ସେ ବି. ଏ ପାସ କରିଛି, ନିମ୍ନ କିରାନୀ ଚାକିରୀରୁ ଉଠି ଉଠି 'ବଡ଼ବାବୁ' (ମୁଖ୍ୟକିରାନୀ) ହୋଇଛି, ଗୋଟିଏ ଗୋଦାମ ଘରେ ପିଲାଛୁଆଙ୍କୁ ଘେନି କଟକରେ ରହିଛି । କିନ୍ତୁ କବିତାଲେଖା ଛାଡ଼ିନାହିଁ । ଏବେ ସେ କବିତାରେ ମୋ ପାଖକୁ ଚିଠି ଲେଖିଛି; ସେଟି ଉଦ୍ଧାର କରିବାର ଲୋଭ ସମ୍ବରଣ କରି ପାରିଲି ନାହିଁ—

ବୋର୍ଡ଼ ଅଫ୍ ରେଭିନ୍ୟୁ
କଟକ-୨
ତା ୨୯-୮-୧୯୬୯

କୃଷ୍ଣଭାଇନା,

ବହୁ ଦିନୁଁ ଦେଖା ନାହିଁ—ତା କଥା ମୁଁ ତୁମକୁ କହିନି
ଆମ ବନ୍ଧୁ 'ଯଦୁଆ ଚଇନା'
ଗତ କାଲି ଦେଖା ହେଲା—ଭୀମ ମୂର୍ତ୍ତି ମସ୍ତବଡ଼ ମୁଣ୍ଡ
କାଳିଆ ବଣୁଆ ହାତୀ । ନାହିଁ ଯାହା ଶୁଣ୍ଢ ।
ଖାକି ଡ୍ରେସ୍, ସୋଲା ହ୍ୟାଟ୍, କପାଳରେ ଚିତା
କାନ୍ଧ ପାଖେ ଝିଙ୍କିମାରେ ଚିକିଟା ପଇତା ।
କାଖରେ ବ୍ୟାଟନ୍ ଝାକି ସେମନ୍ତେ 'ଖଇନି'
'ଯଦୁଆ ଚଇନି' ।

x x x

ଦେଖୁ ଦେଖୁ ଆରମ୍ଭିଲା, 'କୃଷ୍ଣବାବୁ ବଡ଼ ଭାଗ୍ୟବନ୍ତ
ତୋଳିଛି ପ୍ରକାଣ୍ଡ ଘର, ଜାଣିନାହୁଁ ? ଲେଖି ବହୁ ଗ୍ରନ୍ଥ
ଅରଜିଛି ବହୁଧନ ।'
"ମୁଁ ବି ଜୀବନରେ
ଊଣା ନୋହେଁ କେଉଁଥିରେ ଧନ ସମ୍ମାନରେ ।
ତୋଳି ଦେଇଅଛି ଘର; ଦେଇଅଛି ଶିକ୍ଷା ଉପଯୁକ୍ତ
'ଯନ୍ତ୍ରୀ' ଏକ ପୁତ୍ର ଆନ ମନ୍ତ୍ରୀ ପାଇଁ ହେଉଛି ପ୍ରସ୍ତୁତ ।
ବି. କମ୍, ବି ଏଲ୍ ପାସ୍ । ଦୁହୁଁ କରି ଦେଇଅଛି ଭିନ୍ନି,
କି ଲୋଡ଼ା ଜୀବନେ ଆଉ ? ଦେଶର ଯା ହେଉ ପରିସ୍ଥିତି ।"
ଏମେତି ସେ ବଖାଣିଲା ଅପରନ୍ତି ତା କୀର୍ତ୍ତି-କଳାପ
ଗୋଟିଏ ମୁଖର ବକ୍ତା-ଅନ୍ୟ ମୂକ ।
କି ବନ୍ଧୁ-ସଂଳାପ ।

x x x

ଯଦୁ ଗଲା ବସ୍ ଚଢ଼ି ଅନ୍ତରାଳେ ।
ଫେରିଲି ମୁଁ ଘରେ
ରୋଗିଣୀ ଭାରିଯା, ପୁଣି ଝିଅ ଏକ କମ୍ପ ଅଛି ଜରେ ।
ଅସ୍ଥିସାର 'ପୁତ୍ର' ମୋର ଜନମିଛି ପଞ୍ଚକନ୍ୟା ତଳେ,
ପଞ୍ଚମ-ସୋପାନେ ପଢ଼େ ଏବେ ବାର ପୂର୍ଣ୍ଣ ହେଲେ ଟଳେ ।

ଝୁହିଲି ସକଳେ ପୁଣି ଆକାଶକୁ ଦେଲି ଊର୍ଦ୍ଧ୍ୱ ଦୃଷ୍ଟି,
ପ୍ରେମମୟ ହେ ଈଶ୍ୱର ମଧୁମୟ କି ସୁନ୍ଦର ସୃଷ୍ଟି ।

X X X

ଅତୀତ ଧୂସର ଦିଶେ । ଆରେ ଖୋଜି ପାଉନାହିଁ ରାହା,
ଭଙ୍ଗା ଡଙ୍ଗା ଠେଲି ଠେଲି ଥକି ପଡ଼େ ଥବିର ଏ ବାହା ।
କାହିଁଗଲେ ସାଙ୍ଗସାଥୀ ? ଚାରିଦିଗେ ବୁଲୁଉଛି ଆଖି
ଥରେ ଆସି ଆଖି ଆଗେ ଲୁଚିଯାଅ, କାହିଁକି ଏ ଫାଙ୍କି ?
ଦ୍ୱାରକାର ସିଂହଦ୍ୱାରେ ସୁଦାମାର ନାହିଁକି ପ୍ରବେଶ ?
ଜୀବନର ଭାଗ-କର୍ମେ ଏହି କିବା ଶୂନ୍ୟ ଭାଗଶେଷ ?

X X X

ଗୀତପ୍ରାଣ ଉତ୍କଳଜାତି କାନ୍ଦିବାରେ ରଚେ ଛନ୍ଦ ତାଳ,
ତେଣୁ ଗୀତେ ପ୍ରକାଶିଲି ଦୁଇପଦ ଯାତ୍ରା କହିବାର ।
ଲୋଡ଼ିନାହିଁ ଗୃହାରମ୍ଭେ—ସ୍ପୃହା ନାହିଁ ସଭ୍ୟ-ସମାଜରେ,
ଚାହିଁଲେ ମୁଁ ଯିବି ଏକା ଦେଖିବାକୁ ନୂଆ ଘରେ ଥରେ ।
ଭୂଇଁ ଛୁଇଁ ଦୁହିଁକି ପ୍ରଣାମ,
ପିଲାଙ୍କୁ ଶୁଭେଚ୍ଛା, । ଇତି । ହରେକୃଷ୍ଣ-ନାମ ।

ମୁଁ ବି.ଏ ଶେଷ ବର୍ଷ ପଶ୍ଚିମ ଛାତ୍ରାବାସ ପାର୍ଶ୍ୱବର୍ତ୍ତୀ ଗୋଟିଏ କୋଠରୀରେ ରହୁଥିଲି । ଡକ୍ଟର ବଳଭଦ୍ର ପ୍ରସାଦ (ସେତେବେଳର ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ)ଙ୍କ ଦୟାରୁ ମାସିକ ମାତ୍ର ଟଙ୍କାଏ ଭଡାରେ କୋଠରୀଟି ପାଇଥିଲି । ମୋ ଟିଉସନ ଆୟ ହଷ୍ଟେଲ ବ୍ୟୟ ଲାଗି ଅକୁଳାଣ ହେଉଥିଲା ବୋଲି ହୋଟେଲରେ ଖାଉଥିଲି । ମାତ୍ର ଛ'ଟି ଟଙ୍କାରେ ଦି ଓଳା ହୋଟେଲଖିଆ ଚଳୁଥିଲା; ସେତେବେଳକୁ 'କଟକ ସହର ବଡ଼ ମହରଗ' ହୋଇ ନ ଥିଲା । ପରିବେଶ ବିଶେଷ ଗ୍ରାମ୍ୟ ଥିଲା ; ରାସ୍ତା ଉପରେ ଶହ ଶହ ଶଗଡ଼ ଧୂଳି ଉଡ଼ାଇ କେଁ କଟକଟ ଶବ୍ଦ କରି ଚାଲିଥିଲେ, ଦରମଲା ଯୋଡ଼ି ଘୋଡ଼ା ଗାଡ଼ି ଟାଣୁଥିଲେ; ହାତଟଣା ରିକ୍ସା ମଧ୍ୟ ଚାଲିଥିଲା । ଗ୍ରାମ୍ୟ କଟକ (ଯାହାକୁ ଦେଖି ମଧୁବାବୁ 'କଟକ ନଗର, ଧବଳ ଟଗର' ଲେଖିଥିଲେ) ମୋରି ଆଗରେ ନଗରପଦବୀକି ଉନ୍ନୀତ ହେଲା । ଆଗରୁ ଆଖିରେ ପଡ଼ିଲା ଭଳି କୋଠାଘର ଅଳ୍ପ ଥିଲା —ରେଭେନ୍ସା କଲେଜ, ମେଡ଼ିକାଲ ସ୍କୁଲ, ତା'ପରେ ଦର୍ପଣୀ ରଜାଙ୍କ କୋଠି । ଗଳିଗୁଡ଼ିକ ଗାଁ ପରି ଚାଳଘରଭରା ଥିଲା । ଦ୍ୱିତୀୟ ମହାଯୁଦ୍ଧ ପରେ କଟକ ସହରର ଚେହେରା ବଦଳିଲା । ଓଡ଼ିଆଙ୍କ ମଧ୍ୟରେ ବଡ ବଡ ଅଫିସର, କଣ୍ଟ୍ରାକ୍ଟର, ଖଣି ଓ କଳକାରଖାନା ମାଲିକ ଓ ବ୍ୟବସାୟୀ ଦେଖା ଦେଲେ । ବଡ ବଡ଼ ଆଧୁନିକ ଢଙ୍ଗର କୋଠାଘରମାନ ମୁଣ୍ଡ ଟେକିଲା । ଓଡ଼ିଆ-ମାନେ ନିମ୍ନ ମଧ୍ୟବିତ୍ତ ବା ମଧ୍ୟବିତ୍ତ ଥିଲେ, ଏବେ ବହୁ ସଂଖ୍ୟାରେ ଧନୀ ବା ବଡ଼ଲୋକ ଦେଖାଦେଲେ ।

ମୋ ଦେଖନ୍ତରେ କଟକକୁ ମୂକ ଛାୟାଚିତ୍ର, ତା ପରେ ଟକି ଆସିଲା; ଆର୍ଟ ଥିଏଟରରୁ କାଳୀ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସ, ତା'ପରେ ଅନ୍ନପୂର୍ଣ୍ଣା ଓ ଜନତା ରଙ୍ଗମଞ୍ଚରେ ନୂଆ ନୂଆ ଅଭିନୟ ଦେଖାହେଲା ଓ ଓଡ଼ିଆ ନାଟ୍ୟ ସାହିତ୍ୟର ବିଶେଷ ଉନ୍ନତି ଦେଖାଗଲା । ବୈଷ୍ଣବ ପାଣି ଓ ବାଳକୃଷ୍ଣ ମହାନ୍ତିଙ୍କ ଯାତ୍ରାରୁ କୃଷ୍ଣ ପ୍ରସାଦ ବସୁଙ୍କ ଯାତ୍ରା ଦେଖିବାକୁ ମିଳିଲା । ଜଗବନ୍ଧୁ ସିଂହଙ୍କ 'ପୁରୀମାଳୀ ସାହି ଯାତ୍ରାବାଲା' ବିଶେଷ ପ୍ରସିଦ୍ଧି ଲଭ କଲେ ।

ରେଭେନ୍‌ସା କଲେଜ ଓ ମେଡ଼ିକାଲ ସ୍କୁଲ ମଧ୍ୟରେ (ସେତେବେଳକୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହୋଇ ନଥିଲା) ଫୁଟ୍‌ବଲ ଖେଳ ହେଉଥିଲା । ବେଳେ ବେଳେ ଝିମିଟି ଖେଳରୁ ମହାଭାରତ ଯୁଦ୍ଧ ଉପୁଜୁଥିଲା । କିଏ କାହାକୁ କେତେବେଳେ ହଟାଉଥିଲା; କିନ୍ତୁ ଖେଳର ପରିଣତି ଭୟଙ୍କର ହେଉଥିଲା । ନରଅସ୍ଥିଧାରୀ ମେଡ଼ିକାଲ ପିଲାମାନେ ନିରସ୍ତ୍ର ରେଭେନସା କଲେଜର ପିଲାଙ୍କୁ କ୍ରୀଡ଼ାପ୍ରାଙ୍ଗଣରୁ କ୍ଷତବିକ୍ଷତ କରି ବିତାଡ଼ନ କରୁଥିଲେ ।

ଅଧିକାଂଶ ଲୋକ ଖାଲି ପାଦ ଓ ଖାଲି ଦେହରେ ଚାଲିଥିଲେ । ଦ୍ୱିତୀୟ ମହାଯୁଦ୍ଧ ମଧ୍ୟରେ ବା ପରେ ଯୋତାମଡ଼ାଳା ଓ କାମିଜିପିନ୍ଧାଳାଙ୍କ ସଂଖ୍ୟା ବହୁତ ବଢ଼ି ଯାଇଥିଲା । ପାଠପଢ଼ୁଆଙ୍କ ସଂଖ୍ୟା ଊଣା ଥିବାରୁ ସହଜରେ ଚାକିରୀ ମିଳି ଯାଉଥିଲା ।

ଶ୍ୟାମଚନ୍ଦ୍ର ତ୍ରିପାଠୀ ଡି ପି. ଆଇ ହୋଇ ରେଭେନ୍‌ସା କଲେଜରୁ ଅଣ ଓଡ଼ିଆ ଅଧ୍ୟାପକମାନଙ୍କୁ ତଡ଼ିଲେ ଓ ଏହି କଲେଜକୁ ଓଡ଼ିଆ ସଂସ୍କୃତିଭିତ୍ତିବାପନ୍ନ କଲେ । ନୂଆ ହୋଇ କମ୍ୟୁନିଷ୍ଟ ବାହାରିଲେ ଓ ସେମାନେ ପ୍ରଗତିବାଦ ପ୍ରବର୍ତ୍ତନରେ ଅଗ୍ରଣୀ ହେଲେ; ସେମାନେ ବୋଧହୁଏ ପ୍ରଥମ ଥର ପାଇଁ କଲେଜରେ ଧର୍ମଘଟ କରାଇଲେ । ଛାତ୍ରମାନଙ୍କ ମଧ୍ୟରେ ରାଜନୀତିକ ଚେତନା ଓ ଐକ୍ୟଶକ୍ତି ବୃଦ୍ଧିଲାଭ କଲା । ଶେଷକୁ ଏପରି ହେଲା ଯେ ଛାତ୍ରମାନଙ୍କୁ ନ ଧରିଲେ ନେତାମାନଙ୍କ ରାଜନୀତି ଚଳିଲା ନାହିଁ ।

ପୁଞ୍ଜିବାଦ ବିରୁଦ୍ଧରେ ବିପ୍ଳବର ପୂନାଡ଼ି ପଡ଼ିଲା—ଗଣତନ୍ତ୍ର, ସାମ୍ୟବାଦ, ସମାଜବାଦ ଆଡ଼କୁ ଓଡ଼ିଆ ଲେଖନୀ ପାଠକଙ୍କୁ ଟାଣିନେଲା । ନୂଆ ଧରଣର କାବ୍ୟ କବିତା, ଗଳ୍ପ ଉପନ୍ୟାସ ରଚିତ ହେବାକୁ ଲାଗିଲା, ପ୍ରବନ୍ଧ ଓ ସମାଲୋଚନା ଆଡ଼କୁ ଲେଖକର ଦୃଷ୍ଟି ଆକୃଷ୍ଟ ହେଲା ।

ପୁରୀ, ବାଲେଶ୍ୱର ଓ ସମ୍ବଲପୁରରେ କଲେଜ ହେଲା । ତା'ପରେ ସ୍କୁଲ କଲେଜ ସଂଖ୍ୟା ଅସମ୍ଭବ ଭାବେ ବଢ଼ିବାକୁ ଲାଗିଲା । ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ଲେଖକ ଓ ପାଠକଙ୍କ ସଂଖ୍ୟା ବଢ଼ିଲା, ପୁସ୍ତକର କାଟତି ମଧ୍ୟ ବଢ଼ିଲା । ଆଗେ ସାହିତ୍ୟିକମାନଙ୍କ ଅର୍ଥଘର ଶୂନ୍ ଥିଲା, ଏବେ ଓଡ଼ିଆ ସାହିତ୍ୟିକ ସାହିତ୍ୟ ଲେଖି ଉପାର୍ଜନର ଆଶା ପୋଷଣ କଲା, 'ଓଡ଼ିଆରେ କାହିଁକି ଲେଖିବି' ପ୍ରଶ୍ନ ତା ମନରେ ଉଙ୍କି ମାରୁଥିଲେ ବି ।

ବି.ଏ ପଢ଼ିଲାବେଳେ ମୁଁ ଥରେ ଗୋଟିଏ ସବ୍ ରେଜିଷ୍ଟ୍ରାର୍ ଚାକିରୀ ଲାଗି ଦରଖାସ୍ତ ଦେଇଥିଲି । 'ପଖାଳକର' ଲୁଗା ପିନ୍ଧି କାନ୍ଧରେ ଗୁଡ଼ର ପକାଇ ମୁଁ ପି.ଏସ୍.ସି ସହିତ ସାକ୍ଷାତ କରିଥିଲି । ଟାଇ ଓ ସୁଟ ସାହେବୀ ପୋଷାକ ବିନା

ସାକ୍ଷାତ୍କାର ହାସ୍ୟାସ୍ପଦ ଓ ଦୁଃସାହସିକ ବ୍ୟାପାର ଥିଲା । ତଥାପି ମୁଁ ସାକ୍ଷାତ କରିଥିଲି, ବନ୍ଧୁମାନଙ୍କ ଆମୋଦ ଲାଗି ପ୍ରଚୁର ଖୋରାକ ଯୋଗାଇ । ବନ୍ଧୁ ରମେଶ ଚନ୍ଦ୍ର ଶତପଥୀ ଏଇ ଚାକିରୀଟି ପାଇଥିଲେ, ତାଙ୍କ ପିତା ପ୍ରଥମ ମହାଯୁଦ୍ଧ କାଳରେ ଜାହାଜ ବୁଡ଼ିରେ ମରିଥିବାରୁ ।

୧୯୩୯ରେ ପାଟଣା ବିଶ୍ୱବିଦ୍ୟାଳୟରୁ ମୁଁ ବି.ଏ ପାସ୍ କଲି । ଆକୃତିର ବିଶାଳତା ଦେଖି ପୁଲିସ ହେବାଲାଗି କେତେକ ଅଧ୍ୟାପକ ମୋତେ ପରାମର୍ଶ ଦେଇଥିଲେ । ମନସ୍ତତ୍ତ୍ୱବିତ୍ ନୁହନ୍ତି ସେମାନେ । ମନର ସମ୍ବାଦ ନ ଜାଣି ଏପରି ଉପରଠାଉରିଆ ଉପଦେଶ ଦେବାରେ କୌଣସି ସାର୍ଥକତା ନ ଥିଲା । ବୃତ୍ତି ଲାଗି ମନୋବୃତ୍ତିକି ବଳି ଦେବାର ପାତ୍ର ନ ଥିଲି ମୁଁ । ଦୁଃଖ ସହିବାର ଅଭ୍ୟାସ ଥିଲା, ବାଧାବିଘ୍ନର ସମ୍ମୁଖୀନ ହେବାର ସାହସ ଥିଲା । ଅନ୍ତରରେ ଥିଲା ଦୃଢ଼ ଜିଦ୍— କିଛି ହେବି, କିଛି କରିବି । ତେଣୁ ମନୋବୃତ୍ତିର ପ୍ରତିକୂଳ ଗୋଟାଏ ସହଜ ସାଲିସ୍ ମାନି ନେବାଲାଗି କେବେ ପ୍ରଲୋଭିତ ହୋଇନାହିଁ ।

ଆସିଷ୍ଟାଣ୍ଟ ଟ୍ରାନ୍ସଲେଟର ଚାକିରୀଟିଏ ପାଇଁ ପ୍ରତିଯୋଗିତାରେ ଯୋଗ ଦେଇ ଫେଲ୍ ମାଇଲି; ଅଧମ ଉଚ୍ଚାରଣପନ୍ଥା ଶିକ୍ଷକତା; ଟ୍ରେନିଂ କଲେଜରେ ଯୋଗ ଦେବା ଲାଗି ବଛାବଛି ପରୀକ୍ଷା ଦେଇଥିଲି; ସେଥିରେ ମଧ୍ୟ କୃତକାର୍ଯ୍ୟ ହୋଇ ପାରିଲିନାହିଁ—ଏଥିରୁ ବୁଝିଲି—ଭଗବାନ୍ଙ୍କର ଆଉ କିଛି ଉଦ୍ଦେଶ୍ୟ ଅଛି; ଡକ୍ଟର ପ୍ରାଣକୃଷ୍ଣ ପରିଜା ଏଇ ଅବସ୍ଥାରେ ମୋତେ ଦିନେ କହିଲେ— ତୁମର ତ ସାହିତ୍ୟ ଦିଗଟି ଭଲ ଅଛି, ତୁମେ ଓଡ଼ିଆରେ ଏମ୍.ଏ ପଢ଼ । ଓଡ଼ିଆରେ ଅନର୍ସ କ୍ଲାସ ଖୋଲିବାର ଅଛି । ଚାକିରୀ ମିଳିଯିବ ।

ସେତେବେଳକୁ ଉତ୍କଳବିଶ୍ୱବିଦ୍ୟାଳୟ ହୋଇନାହିଁ, ରେଭେନ୍‌ସା କଲେଜରେ ଓଡ଼ିଆରେ ଏମ୍.ଏ. ଶ୍ରେଣୀ ଖୋଲି ନାହିଁ । ଏମ୍.ଏ. ପଢ଼ିବାକୁ ହେଲେ କଲିକତା ଯିବାକୁ ହେବ । ହାତରେ ଫଟା ପାହୁଲାଟିଏ ନାହିଁ । ଶୂନ୍ୟକୁ ଚାହିଁଲି—ଭଗବାନ୍ ?

## କଲିକତାରେ ଛାତ୍ରଜୀବନ

ବାଟ ଯେତେବେଳେ ଖୋଲିବାର ଥାଏ, ଦରଜାରେ ହାତ ମାରୁ ନ ମାରୁ ଖୋଲିଯାଏ । ମୋତେ ବହୁ ବନ୍ଦ ଦୁଆରେ ଧକ୍କା ମାରିବାକୁ ପଡ଼ିନାହିଁ । ମୋ ଜୀବନଗଠନରେ ଜଣେ ଉଦ୍ୟୋକ୍ତା ପ୍ରସିଦ୍ଧ ସାହିତ୍ୟିକ, ବିଦ୍ୟାବିନୋଦ, ହୃଦୟବାନ୍ ମଧୁସୂଦନ ଦାଶ । ସେ ମୋଠାରେ କ'ଣ ଦେଖିଥିଲେ କେଜାଣି, ମୋ ପ୍ରତି ବିଶେଷ ଆଶାନ୍ୱିତ ହୋଇଥିଲେ । କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍.ଏ ପଢ଼ିବା ଲାଗି ସେ ମୋତେ ବିଶେଷ ଉତ୍ସାହିତ କଲେ ଓ ମୋ ଲାଗି ଏମାର ମଠ ମହନ୍ତ ମହାରାଜ ଶ୍ରୀ ଗଦାଧର ରାମାନୁଜ ଦାସଙ୍କ ଦ୍ୱାରସ୍ଥ ହେଲେ । ମହନ୍ତ ମହାରାଜ ଦାନବୀର, କିନ୍ତୁ ମୋ କପାଳକୁ ମାତ୍ର ଏକୋଇଶିଟି ଟଙ୍କା ମିଳିଲା । ସେତିକି ମାତ୍ର ମୂଳଧନ କରି ମୁଁ କଲିକତା ଯାତ୍ରା କଲି । ହୃଦୟରେ ଅଜଣା ଆଶଙ୍କା —କୁଆଡ଼େ ଯିବି ? କିପରି ଚଳିବି ? ହାବଡ଼ା ଷ୍ଟେସନ ଦେଖି ଥକ୍କା ହୋଇ ଛିଡ଼ା ହୋଇଗଲି—କଟକ ଅପେକ୍ଷା ସବୁକିଛି ଢେର ବଡ଼—ଆଲୋକ ଯେପରି

ଉଜ୍ଜ୍ୱଳତର, ଗାଡ଼ି ଓ ମଣିଷ ଭିଡ଼ ସେହିପରି ଭୟଙ୍କର । ମହାନଦୀ ଅପେକ୍ଷା ଗଙ୍ଗାରେ ଢେର ବେଶୀ ପାଣି । ଲୋକେ ଚାଲିଛନ୍ତି—ଚାଲିଛନ୍ତି—କିଏ କୁଆଡ଼େ । ସେ କାଳର ଚିନ୍ତା ମୁଁ ପରେ କଲିକତାରୁ ପ୍ରକାଶିତ 'ଆସନ୍ତାକାଲି' ପତ୍ରିକାରେ 'ନଣ୍ଡାର ଚିଠି' ନାମରେ ବ୍ୟକ୍ତ କରିଅଛି—

"ଗାଡ଼ିରେ ଯନ୍ତାଯନ୍ତି ଆସିଲି ଛିଡ଼ା ହୋଇ
ହାବଡ଼ା ଇଷ୍ଟେସନ ଚଉକଡ଼ିକି ଚାହିଁ
ଭାବିଲି ଜୀବନ ଧନ୍ୟ ହେଲା ମୋର
ଧନ୍ୟ କମ୍ପାନୀ ଗଢ଼ିଚ୍ଛ ଏ ହାବଡ଼ା ପୋଲ ।
ଗାଡ଼ି ଘୋଡ଼ା ଶବଦେ ଚମକୁଅଛି ପୃଥ୍ୱୀ
ଅଳପକେ ମଉସା ଲୋ ଦେବେ ଚକଟି ମାରି ।
କୋଠା ଉପରେ କୋଠା ହୋଇଛି ନଦୀନଦି
ମେଳଣ ଯାତ୍ରା ପରି ମଣିଷ ଖୁନ୍ଦାଖୁନ୍ଦି ।
କାହାରି ମୁହଁକୁ କେହି ତ ଚାହୁଁ ନାହିଁ
କଳ ପରି ସବୁ ଚାଲିଚି ଏଠାଇଁ ।

ଦୋମହଲା ବସ୍, କାର୍, ଟ୍ରାମ୍, ଟ୍ରକ୍ ସୁଦୀର୍ଘ ହାବଡ଼ା ପୋଲ ଉପରେ ଛୁଟିଥାଏ, ଗଙ୍ଗାରେ ବଂଶୀ ବଜାଇ ଜାହାଜ ଧାଇଁଥାଏ । ଫୁଟ୍‌ପାଥ୍ ଉପରେ ବାରମିଶା ଜନତାର ସ୍ରୋତ, ସବୁଗୁଡ଼ିକ ମୁହଁ ଅଚିହ୍ନା । ଭାରି ଡ଼ର ମାଡ଼ିଲା—କୁଆଡ଼େ ଯିବି ? କେଉଁ ଯାନରେ ? ସ୍ଥିର କଲି—ପରିଚିତ ଯାନରେ ଯିବି, ହେଉ ପଛେ ଗତି ମନ୍ଥର—ରିକ୍‌ସା । କିନ୍ତୁ ରିକ୍‌ସାବାଲା ଇଂରାଜୀ ବୁଝୁ ନ ଥାଏ । ମୁଁ ହିନ୍ଦୀ ବା ବଙ୍ଗଳା କହିପାରୁ ନ ଥାଏ । ମୋ ଢଙ୍ଗଢାଙ୍ଗ ଦେଖି ରିକ୍‌ସାବାଲା ଠଉରେଇ ନେଲା ଯେ ମୁଁ ଜଣେ ଓଡ଼ିଆ । ଓଡ଼ିଆର ଗୌରବ ଗରିମା ବିଷୟରେ ସେତେବେଳେ କଲିକତାର ସାଧାରଣ ମହଲରେ ଉଚ୍ଚ ଧାରଣା ନ ଥିଲା । ଫଳରେ ରିକ୍‌ସାର ଦର ବଢ଼ିଲା—ବାରଅଣା । ସେକାଳ ଦରଦାମ୍‌କୁ ଦେଖିଲେ ଖୁବ୍ ହେଲେ ଚାରିଅଣା ପଡ଼ିଥାନ୍ତା—ହାବଡ଼ାରୁ ଆମହର୍ଷ୍ଟ ଷ୍ଟ୍ରିଟ୍ । ରିକ୍‌ସାବାଲା ରିକ୍‌ସାରେ ବସିବା ଆଗରୁ ପଇସାତକ ମୋଠାରୁ ଅଦାୟ କରିନେଲା । ଗାଡ଼ି ଓ ଜନଗହଳି ମଧ୍ୟରେ ହାତଟଣା ରିକ୍‌ସା ଦୌଡ଼ି ଦୌଡ଼ି ଚାଲିଲା ।

ଆମହର୍ଷ୍ଟ ଷ୍ଟ୍ରିଟ୍‌ରେ ବେଙ୍ଗଲ ବୋର୍ଡ଼—ତାର ଗୋଟିଏ କୋଠରୀରେ ଅଧ୍ୟାପକ ପଣ୍ଡିତ ବିନାୟକ ମିଶ୍ରଙ୍କ ବସା । ସେଠି ପହଞ୍ଚିଲେ ଓହ୍ଲାଇବା ଲାଗି ପତ୍ର ଲେଖିଥାଏ । କିନ୍ତୁ ବସାଟି ଖୋଜି ପାଇଲିନାହିଁ । ମୋତେ ଇତସ୍ତତଃ ହେବାର ଦେଖି ବିହାରୀ ରିକ୍‌ସାବାଲା ମୋ ଜିନିଷପତ୍ର ଫୁଟ୍‌ପାଥ୍‌ରେ ଫିଙ୍ଗିଦେଇ ଚାଲିଗଲା । ଅସହାୟ ଅବସ୍ଥାରେ ମୁଁ ପୁଲିସ୍‌ର ଆଶ୍ରୟ ନେଲି । କନିଷ୍ଟବଲ୍ ରିକ୍‌ସାବାଲାକୁ ଧରି ଦୁଇ ଚଇଲନ ଲଗାଇ ମୋ ଜିନିଷପତ୍ର ନଦେଇଲା ଓ ମୋତେ ବସାଟି ଦେଖାଇଦେଲା ।

## ପଣ୍ଡିତ ବିନାୟକ ମିଶ୍ର

ବେଙ୍ଗଲ ବୋର୍ଡ଼ିଂ ଗୋଟିଏ ହୋଟେଲ; ବିନାୟକବାବୁ ଏହାର ତୃତୀୟ ମହଲାରେ ରହୁଥିଲେ । ହୋଟେଲ ମ୍ୟାନେଜର ପଣ୍ଡିତ ମହାଶୟଙ୍କୁ ଖୁବ୍ ଶ୍ରଦ୍ଧା,

ଅଜ୍ଞାନ ଦେଖାଉଥିଲେ । ତାଙ୍କ କୋଠରୀଟି ଛୋଟ, ଖଟିହୀନ ଖଟଟି ଅଧିକାଂଶ ଜାଗା ମାଡ଼ି ବସିଥିଲା, ଟେବୁଲ୍, ଚୌକୀ ପଡ଼ନ୍ତା ବା କୋଉଠି ? ଏଠି ସେଠି ଗୋଛା ଗୋଛା ବହି; ଛାଞ୍ଚୁଣି ବୁଲିବାକୁ ଜାଗା ନ ଥିଲା । ବିନାୟକ ଖଟରେ ଅଣେଇ ହୋଇ ବସି ପଢ଼ୁଥିଲେ । ପଢ଼ା ତାଙ୍କର ଏକମାତ୍ର ଆମୋଦ ଥିଲା । ଥିଏଟର ସିନେମା ନାହିଁ, ଜଳସଂସ୍ରବ ନାହିଁ; କେବଳ ପଢନ୍ତି ବା ଲେଖନ୍ତି । ଅନ୍ୟ ବିନୋଦନ ମଧ୍ୟରେ ଜ୍ୟୋତିଷ ଚର୍ଚ୍ଚା, ଜାତକ ଦେଖା ବା ହୋମିଓପାଥିକ ଔଷଧ ବିତରଣ ।

ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଭାଷାର ଇତିହାସ' ସେତେବେଳକୁ ଛପା ସରିଥାଏ । ଶିଳାଲେଖ ଓ ତମ୍ବାପଟା ପଢି ସେ ଓଡ଼ିଶା ଇତିହାସର ମୌଳିକ ତଥ୍ୟମାନ ବାହାର କରୁଥାନ୍ତି । ତାଙ୍କ ଇଂରାଜୀ ପ୍ରବନ୍ଧସବୁ ପ୍ରତିଷ୍ଠିତ ପତ୍ରିକାମାନଙ୍କରେ ପ୍ରକାଶ ପାଉଥାଏ । ଗବେଷକଭାବରେ ସେ ବିପୁଳ ପ୍ରତିଷ୍ଠା ଅର୍ଜନ କରିଥାନ୍ତି । କଲିକତା ସହର, ବିପୁଳ ପାଠାଗାର ଓ ଅଖଣ୍ଡ ଅବସରର ସେ ସଦୁପଯୋଗ କରିଥାନ୍ତି । ସାମାନ୍ୟ ଭରନାକୁଲାର୍ ହୋଇ ଏମ୍. ଏ. ଛାତ୍ରଙ୍କୁ ପଢ଼ାଇବା ବିସ୍ମୟକର ବୋଧ ହୋଇପାରେ, କିନ୍ତୁ ତାଙ୍କ ପରି ବିଦ୍ୱାନ୍ ପକ୍ଷେ ଏହା ଲଘୁ କ୍ରୀଡ଼ା ମାତ୍ର ଥିଲା ।

ସେ ଅଧ୍ୟାପକ ପରି ଦିଶୁ ନ ଥିଲେ—ଲୁଗା, ପଞ୍ଜାବୀ, ତା ଉପରେ ଚଦର—ଠିକ୍ ଯେମିତି ଜଣେ ହାଇ ସ୍କୁଲ ପଣ୍ଡିତ । ତାଙ୍କ ବ୍ୟବହାର ସରଳ, ସ୍ନେହଶୀଳ ଥିଲା, ଯଦି ବା ସବ୍‌ଜାନ୍ତା ଭାବ ବେଳେ ବେଳେ ଉଠୁଥିଲା ଔଦ୍ଧତ୍ୟ ସ୍ତରକୁ । ତାଙ୍କ ସମାଲୋଚନାର ଶରବ୍ୟ ନୋହୁଥିବା ଜଣେ ହେଲେ ପଣ୍ଡିତ ଓଡ଼ିଶାରେ ନ ଥିଲେ । ଗୌଣତ୍ୱବୋଧ ଓ ନୈରାଶ୍ୟ ତାଙ୍କୁ ଏହି ସ୍ତରକୁ ଆଣିଥିଲା । 'ଓଡ଼ିଶାରେ କିଛି ହେବନାହିଁ, ଏଠି ଉଠୁଥିବା ଲୋକର ଗୋଡ଼କୁ ଅସହିଷ୍ଣୁ ଲୋକ ପଛରୁ ଟାଣନ୍ତି' । ଏହା ଦୁଃଖରେ କହିଲେ ବି ଓଡ଼ିଶାର ସଂସ୍କୃତିକୁ ମହତ୍ତ୍ୱସ୍ତରକୁ ଆଣିବା ଲାଗି ସେ ଚେଷ୍ଟିତ ହେଉଥାନ୍ତି ।

ମୁଁ ବେଙ୍ଗଲ ବୋର୍ଡିଂରେ ରାତିଟିଏ ରହିଲି । ସକାଳୁ 'ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ' (୬, ଗାରିଷ୍ଟିନ୍ ପ୍ଲେସ୍, କଲିକତା-୧)ର ଛାତ୍ର ଶ୍ରୀମାନ୍ ଦିଗମ୍ବର ଦାସ ମୋତେ ନେବାକୁ ଆସିଲେ । ଯେଉଁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହୋଇ ମୁଁ ରହିବା କଥା ଆଗରୁ ସ୍ଥିର ହୋଇଥାଏ । ମାସକୁ ଦରମା ଦଶ ଟଙ୍କା । ସେତିକି ପଇସାରେ ସେତେବେଳେ କଲିକତାରେ ଚଳିବା କଷ୍ଟକର ନ ଥିଲା । ପଞ୍ଜାବୀ ହୋଟେଲ୍‌ରେ ମୁଁ ଖାଉଥିଲି –ଏକ ପ୍ଲେଟ୍ ଭାତ, ଗୋଟା ମୁଗଡାଲି; ସବ୍‌ଜି—ମିଲ୍ ପ୍ରତି ପଡ଼ୁଥିଲା ଚାରି ପଇସା, ମାଛ ଖାଇଲେ ଆଉ ଦୁଇ ପଇସା ଅଧିକ ଲାଗୁଥିଲା । ଦୁଇ ଅଣାରେ ଦୁଇବେଳା ଦୁଇମୁଠା ଅନ୍ନ, ଦୁଇପଇସାର ଜଳଖିଆ (ଚୁଡ଼ାଭଜା, ଉଖୁଡ଼ା, ବୁଟଭଜା ବା ଘୁଗ୍‌ନି); ମୋଟରେ ଦୈନିକ ଦଶପଇସା ବା ତିନିଅଣାରେ ମୁଁ ଭଲରେ ଚଳୁଥିଲି । କ୍ଲାଇବ୍ ଷ୍ଟ୍ରିଟରୁ (ବର୍ତ୍ତମାନ ତାର ନାମ ନେତାଜୀ ସୁଭାଷ ରୋଡ୍) ଇଉନିଭରସିଟି କଲେଜ ପ୍ରାୟ ତିନି ମାଇଲ୍ ବାଟ; ମୁଁ ଚାଲି ଚାଲି ଯାଉଥିଲି ।

ଦିଗମ୍ବର ପହିଲେ ମୋତେ ନେଇ ଗୋକୁଳ ଚନ୍ଦ୍ର ଦାସଙ୍କ ବସାରେ ପହଞ୍ଚିଲା । ଗୋକୁଳବାବୁ ଯାଦବମାନଙ୍କର ନେତା । ଚାରିତାଲା କୋଠା ଉପରେ

ବଖରାଟିଏ ମାତ୍ର ଘର; ଯେ ଘରେ ଟ୍ରଙ୍କ୍ ଉପରେ ସୁଟ୍‌କେସ୍, ତା ଉପରେ ଲୁଗା ରଖା ଅଳଗୁଣି, ଗୋଟିଏ କଣରେ ରେଷ୍ଟେଇବାସ ହୁଏ । ବାବୁ ନିଜେ ସେ ଘରେ ରହନ୍ତି । ଆଉ ଜଣେ ରହିବା ଅସମ୍ଭବ । ଖାକ୍‌ସଟି ସେ ଘରେ ରଖିଲି । ମୁଁ ଶୋଇଲି ଅଫିସ୍‌ର ବେହେରାମାନଙ୍କ ସହିତ ପାହାଚ ଉପରେ । ପାହାଚକୁ ପାହାଚ ଲମ୍ବ ହୋଇ ଲୋକ ଶୋଇଯାନ୍ତି । ପାହାଚଗୁଡ଼ିକ ପ୍ରଶସ୍ତ ଓ ପରିଚ୍ଛନ୍ନ । କ୍ଲାଇବ୍ ଷ୍ଟ୍ରିଟ୍ ସେତେବେଳେ କଲିକତାର ସମୃଦ୍ଧତମ ଅଞ୍ଚଳ, ପରିଚ୍ଛନ୍ନତାରେ ଆଦର୍ଶ ସ୍ଥାନୀୟ; ରାସ୍ତା ପ୍ରତିଦିନ ଧୁଆ ହୁଏ, ଘର ଓ ପାହାଚ କିରାସିନି କନା ବା କିରାସିନି ଭିଜା ଝୋଟକେସରେ ପୋଛା ହୁଏ । କିନ୍ତୁ ମାମୀ ଡିଗନ୍‌ଦରକୁ ଏ ଦୃଶ୍ୟ ଅସହ୍ୟ ହେଲା । 'ତାର ସାର୍ ଏଇ ବେହେରାମହଲରେ ହାନିମାନିଆ ହୋଇ ଶୋଇବେ' । ସେ ତା' ପରଦିନ ମୋତେ ଜନ୍ ଡିକିନ୍‌ସନ୍ କମ୍ପାନୀକୁ ଘେନିଗଲା । ଏ ଗୋଟିଏ କାଗଜକମ୍ପାନୀ, ଏଥିରେ ଓଡ଼ିଆ ବେହେରା ବହୁ ସଂଖ୍ୟାରେ ଥାନ୍ତି । ଅଧିକାଂଶ ଯାଦବ, ଗୌରବର୍ଣ୍ଣ, ଉପବୀତଧାରୀ; ବ୍ରାହ୍ମଣ ବୋଲି ଭ୍ରମ ହେବ । ସେମାନଙ୍କ ଚଳଣି ମଧ୍ୟ ଉଚ୍ଚକୋଟୀର, ସେମାନଙ୍କ ମଧ୍ୟରେ ଏମ୍. ଏ. ଛାତ୍ର ମୁଁ । ବହୁ ଶ୍ରଦ୍ଧା ଓ ସମ୍ମାନ ପାଇ ମୁଁ ସେଠି ରହିଲି ଓ ତରୁଣ ବେହେରାମାନଙ୍କୁ ପାଠ ପଢ଼ାଇଲି, ଅଫିସ୍‌ରେ ବସି ସକାଳେ ପଢ଼ାପଢ଼ି କଲି ।

୧୯୩୯, ଦ୍ୱିତୀୟ ମହାଯୁଦ୍ଧ କାଳ; ଭଲ ଭଲ ସାହେବମାନେ ବିଲାତ ସରକାରଙ୍କ ଡକରାରେ ଯୁଦ୍ଧରେ ଯୋଗ ଦେବା ଲାଗି ଏଣ୍ଡିଆ ଛାଡ଼ି ଇଂଲଣ୍ଡକୁ ଚାଲି ଯାଉଥାନ୍ତି—ଆପଦ କାଳରେ ମାତୃଭୂମିର ଗୌରବ ରକ୍ଷା ଲାଗି ପ୍ରାଣ ଦେବା ସେମାନଙ୍କର ଲକ୍ଷ୍ୟ ଥିଲା । ଜଣେ ଅସଂସ୍କୃତ ଇଂରେଜ ସେତେବେଳେ ସେଇ ବିଶାଳ କାଗଜକମ୍ପାନୀର ବଡ଼ସାହେବ ହୋଇଥାଏ ।

ଦିନେ ବଡ଼ସାହେବଙ୍କ ଖାସ୍ କାମେରାରୁ ଗୋଟିଏ ଫାଉଣ୍ଟେନ୍ ପେନ୍ ହଜିଲା । କମ୍ପାନୀର କିରାନୀ, ବେହେରା, କୁଲି ସମସ୍ତଙ୍କୁ ସାହେବ ଡକାଇଲେ । ଜଣେ ଗୁଣିଆ ମଧ୍ୟ ଡକା ହୋଇ ଆସିଲା । ସମସ୍ତଙ୍କ ହାତରେ ମୁଠାଏ ମୁଠାଏ ଚାଉଳ ଦିଆଗଲା । ଚାଉଳ ଚୋବାଇ କାଢ଼ିଲା ପରେ ଯାହା ପାଟିରୁ ଲାଳ ନ ବାହାରିବ, ସେ ଚୋର ବୋଲି ଧରାଯିବ । ମୋର ପରମ ବନ୍ଧୁ ମୁରଲୀବାବୁଙ୍କ ପାଟିରୁ ଚାଉଳ ଚୋବାଇଲା ପରେ ଲାଳ ବାହାରିଲା ନାହିଁ । ସେ ସୁଜନ, ଯାହାକୁ କହନ୍ତି ଭଦ୍ର ଲୋକ । ଅକାରଣେ ଦୋଷୀ ବିବେଚିତ ହେବାରୁ ସେ ମନଦୁଃଖରେ ଚାକିରୀ ଛାଡ଼ି ଦେଲେ; ତାର ଅଳ୍ପଦିନ ପରେ ଅନ୍ୟ ଏକ କମ୍ପାନୀରେ ଚାକିରୀ ପାଇଲେ । ସାହେବଙ୍କ ମଧ୍ୟରେ ଏତେ କୁସଂସ୍କାରପୂର୍ଣ୍ଣ ଅଜ୍ଞ ଅଛନ୍ତି, ମୋର ଧାରଣା ନ ଥିଲା । ଏଇ ସାହେବ ଇଂଲଣ୍ଡରେ କୁଲିକାମ କରୁଥିଲା । ଯୁଦ୍ଧବେଳେ କେହି ନ ମିଳିବାରୁ ତାକୁ ବଡ଼ସାହେବ କରି ପଠା ହୋଇଥିଲା । ସେ ଅଫିସ୍‌ରେ ପ୍ରତିଦିନ କିଛି ନା କିଛି ଉପଦ୍ରବ କରୁଥିଲା—

ନୀଚ ପାଇଲେ ଅଧିକାର
ଋଷିଙ୍କି ବୁହାଇଲେ ଖର ।

କିଛି ନ କଲେ ତା' ମନ ଘାଣ୍ଟି ହେଉଥିଲା । 'ବଡ଼ ଲୋକଙ୍କୁ ଉତ୍ତର ନାହିଁ' ନ୍ୟାୟରେ ଚାକିରିଆମାନେ ତା ଜୁଲମ୍ ସହିଯାଉଥିଲେ ।

'ଏ ଘଟଣା ପରେ ଦିଗମ୍ବର ତା ନିଜ ବସାକୁ ମୋତେ ଘେନିଗଲା—ନର୍ଥ ବ୍ରିଟିସ୍ ଇନସୁରେନସ ଆଣ୍ଡ କୋ । ଗୁରିତାଲା ଉପର ଛାତରେ କେତୋଟି ଛୋଟ ଛୋଟ ଘର; ସେଥିରେ ବିହାରୀ ଓ ଓଡ଼ିଆ ବେହେରାମାନେ ରହୁଥାନ୍ତି । ବିହାରୀମାନେ ପାହାନ୍ତିଆରୁ ଉଠି ସ୍ନାନ କରି ''ରାମ ଚରିତ ମାନସ'' ପାଠ କରିଥାନ୍ତି—

ଯହାଁ କାମ ତହାଁ ରାମ ନହିଁ
ଯହାଁ ରାମ ତହାଁ ନହି କାମ
ଦୋନେ ଏକ ନହି ମିଲେ
ରବି ରଜନୀ ଏକ ଠାମ ।

ଯେଉଁଠାରେ କାମ ବା କାମନା, ସେଠି ରାମ ନାହାନ୍ତି । ଯେଉଁଠି ରାମ ଅଛନ୍ତି, ସେଠି କାମନା ନାହିଁ—ଯେପରି ଦିବା ରାତ୍ରି ଏକାଠି ରହି ନ ପାରନ୍ତି ।

ଦିନ ନ'ଟା ବେଳକୁ ବାମ୍ଫ ବାହାରୁଥିବା ଡବାଡ ଭାତ ଓ ହରଡ଼ ଡାଲି ଖାଇ ମୁଣ୍ଡରେ ପଗଡ଼ି ଭିଡ଼ି ବିହାରୀମାନେ ଅଫିସ୍‌କୁ ଗ୍ଲଲିଯାନ୍ତି ।

ବଡ଼ି ଭୋରରୁ ଉଠି ସର୍ଦ୍ଦାରଙ୍କୁ ଛାଡ଼ି ସବୁ ବେହେରା ଟେବୁଲ୍, ଚୌକୀ, ଆଲମିରା ଆଦି ଆସବାବ୍ ପୋଛନ୍ତି, ବଡ଼ସାହେବ, ବଡବାବୁ ଓ କିରାନୀମାନଙ୍କ କଲମ ଧୋଇ ପୋଛି ସଫା କରି ରଖନ୍ତି, ପିତ୍ତଳଲିଖିତ ନାମସବୁ ଘଷାମଜା କରନ୍ତି । ଝାଡ଼ପୋଛ ପରେ ମେହେନ୍ତରମାନେ ଝୋଟଗୋଛାରେ କିରାସିନୀ ବୋଳି ଅଫିସ୍ ଚଟାଣରେ ବୁଲାଇ ଆଣନ୍ତି, ପାଇଖାନା ଘର, ଗାଧୁଆ ଘର ପୋଛି ଠିକ୍ ଠିକ୍ କରି ଦିଅନ୍ତି । ରାତିରେ ବେହେରାମାନେ ଫ୍ୟାନ୍ ଛାଡ଼ି ଲମ୍ବା ଲମ୍ବା ଟେବୁଲ୍‌ରେ ଶୋଇଯାନ୍ତି ।

ମୋତେ ଗ୍ଲରି ମହଲା ଛାତ ଉପରେ ଲିଫ୍‌ଟ ପାଖରେ ଛୋଟ ବଖରାଟିଏ ମିଳିଥାଏ । ଓଡ଼ିଆ ବେହେରାମାନଙ୍କ ତ୍ୟାଗ ଫଳରେ ମୋର ଏ ଭୋଗ । ଦିନସାରା ଲିଫ୍‌ଟ କମ୍ପନରେ ଘର କମ୍ପେ, ଗର୍ଜନରେ କାନ ଫାଟେ, ମନ ଚିଡ଼୍ ଚିଡ଼ ହୁଏ, କବିତାର ଭାବ ବାଉଳାଗ୍ଲଉଳା ହୋଇଯାଏ । କିନ୍ତୁ ମୋ ପରିସ୍ଥିତି ଓ ଓଡିଆଙ୍କ ରହଣି ଅବସ୍ଥା କଥା ଯେତେବେଳେ ଚିନ୍ତା କରେ, ମନ ଶାନ୍ତ ହୋଇଯାଏ । ଏଇ ଓଡ଼ିଆଙ୍କ ଦୁରବସ୍ଥା ଦେଖି ସେତେବେଳେ ଲେଖିଥିଲି—

'ବଣ୍ଡୁରିକ ଘରେ ରହୁ ଗ୍ଲଲିଣ ବେହେରା
କଅଁଳିଆ ପିଲା ମୁହିଁ କଙ୍କାଳ ଚେହେରା ।'

ମୋ ପରିବେଶଟି କିନ୍ତୁ ଚମତ୍କାର ଥିଲା—ଉପରେ ମେଘମେଦୁର, ତାରକିତ, ଜ୍ୟୋତ୍ସ୍ନାଧୌତ ବା ରଶ୍ମିଳ ..ଆକାଶ (କଲିକତାରେ ଯାହା ଅଦୃଶ୍ୟ, ଦୁଷ୍ପ୍ରାପ୍ୟ) ଗଙ୍ଗାରେ ଚଳମାନ ପୋତ, ରାସ୍ତାରେ ଯାନ ବା ଜନସ୍ରୋତ ।

## ଦିଗମ୍ବର ଦାସ

ଦିଗମ୍ବରର ଗୁରୁଭକ୍ତି କଲିକତାର ଦୁଃଖକଷ୍ଟକୁ ସହଜସହ୍ୟ କରିଥିଲା । ଅନାହାରରୁ ରକ୍ଷା କରିବା ଲାଗି ବେଳେ ବେଳେ ନିଜ ଆହାରରୁ ସେ ମୋତେ

ଅର୍ଦ୍ଧେକ ଦେଇଛି, କଲିକତାରେ କୁଆଡ଼େ ଏକୁଟିଆ ଯିବାକୁ ଛାଡ଼ିନାହିଁ । ସେ ଜାଣେ—ମୁଁ ଭଲ ଟ୍ରାମ୍ ଚଢ଼ି ଜାଣେନାହିଁ, ମୋତେ ରାସ୍ତାଘାଟ ଜଣାନାହିଁ । କୋଉଠି ଓହ୍ଲାଇବି ବୋଲିଲେ କୋଉଠି ଓହ୍ଲାଏ । ଦିଗମ୍ବରର ଅଭିଭାବକତ୍ୱରେ ରହି ମଧ୍ୟ ମୁଁ କେବେ ରାସ୍ତାଘାଟ ଚିହ୍ନିବାକୁ ଚେଷ୍ଟା କରେନାହିଁ । ସେ ସ୍ୱତନ୍ତ୍ର ଭାବେ ରାନ୍ଧି ମୋତେ ଖୁଆଏ । କୋଉ ଶିକ୍ଷିତ ବନ୍ଧୁ ଜୀବନରେ ମୋତେ ଏପରି ସାହାଯ୍ୟ କରିଛି ? ସାମାନ୍ୟ ଆୟରୁ ମୋ ଲାଗି ଖର୍ଚ୍ଚ କରିବାକୁ ତାର ତିଳାର୍ଦ୍ଧ କୁଣ୍ଠା ନ ଥିଲା । ସାର କେମିତି ଭଲ ଖାଇବେ, ଭଲରେ ରହିବେ, ଆଶ୍ଚର୍ଯ୍ୟ, ଏଇ ତାର ଚିନ୍ତା । ସାହାଯ୍ୟ ଦେବା ପାଇଁ ସେ ଯେପରି ଅକାତର, ମୁଁ ନେବାପାଇଁ ସେହିପରି କୁଣ୍ଠିତ । ଦିଗମ୍ବରକୁ ମୁଁ ମଧ୍ୟ ସାହିତ୍ୟମନ୍ତ୍ରରେ ଦୀକ୍ଷିତ କରିଥିଲି, ତାର କୌଣସି ଉପକାର କରିବା ଲାଗି ସଦା ଜାଗ୍ରତ ଥିଲି । କେତେକ ଉପନ୍ୟାସ ଛପାଇଲା ପରେ ସେ 'ଶୁଭଶଙ୍ଖ' ମାସିକ ପତ୍ରିକାର ସମ୍ପାଦକ ହୋଇଥିଲା । ସେଥିରେ ମୁଁ ଲେଖୁଥିଲି ।

## ଭାବଗ୍ରାହୀ ପତି

ମୋର ଅର୍ଦ୍ଧାହାରରେ ଭାଗିଦାର ହେଉଥିଲେ ବେଳେ ବେଳେ ଭାବଗ୍ରାହୀ ପତି । ସେହି କଂଗ୍ରେସକର୍ମୀ ଓ ସୁଲେଖକ ସ୍ୱାଧୀନତାଆନ୍ଦୋଳନ ବେଳେ ଓଡ଼ିଶା ଛାଡ଼ି କିପରି କଲିକତାରେ ପହଞ୍ଚିଥିଲେ, ଜାଣେ ନାହିଁ । ଦିଗମ୍ବର ମନେ ମନେ ଚିଡ଼୍ ଚିଡ଼୍ ହେଉଥିଲା—ତା ସାର୍‌ଙ୍କ ଆହାରରୁ ଭାଗ ନେଉଛି, ସାର୍‌ଙ୍କ ପାଖେ ଖଣ୍ଡିଆଖାଦି ହୋଇ ଶୋଉଛି । କିନ୍ତୁ ଶ୍ରୀ ପତିଙ୍କ କର୍ମଶକ୍ତି ପ୍ରବଳ ଥିଲା; କଠାଟିଏ ବିଡ଼ି ଦେଲେ ସାହିତ୍ୟ ଅନୁଷ୍ଠାନର ବିବରଣୀ ଓ ସମ୍ବାଦପତ୍ର ଲାଗି ସମ୍ବାଦ ଲେଖି ଦେଉଥିଲେ, ତାଙ୍କ କଣ୍ଠସ୍ୱର ଉଚ୍ଚ ଓ ଭାଷଣ ଜ୍ୱାଳାମୟ ଥିଲା । ସେ ନ୍ୟସ୍ତ-ସ୍ୱାର୍ଥୀର ସମାଲୋଚକ, ସ୍ୱାଧୀନତା-ମନୋବୃତ୍ତିସଂପନ୍ନ ଓ ଉତ୍କଳଭକ୍ତ । ଟିକିଏ ରୁଟ୍‌ଖିବ ଥିଲେ ସେ ନେତାମାନଙ୍କ ସ୍ନେହଚକ୍ଷୁରେ ପଡ଼ିଥାନ୍ତେ ଓ ତାଙ୍କ ଦାରିଦ୍ର୍ୟ ଘୁଞ୍ଚି ଯାଇଥାନ୍ତା । ତା' ହେଲା ନାହିଁ । ସେ ସଂସାର କରିପାରିଲେ ନାହିଁ । ଶେଷ ଜୀବନରେ ସେ ସ୍ୱ ଗ୍ରାମ ଶଙ୍ଖତ୍ରାସରେ ଆଶ୍ରା ନେଇଥିଲେ, ରାଜନୀତିକ ପେନ୍‌ସନ୍ ଓ ତାମ୍ରପତ୍ର ସନନ୍ଦ ପାଇଥିଲେ, ପୋଷିଆ ପୁଅଟିଏ କରିଥିଲେ । ଲେଖାଲେଖିରେ ଜୀବନ ବିତାଉଥିଲେ । ମୃତ୍ୟୁ ପୂର୍ବରୁ (ମୃତ୍ୟୁ-୧୯୭୫) ଅଧିକାଂଶ ଲେଖା ପାଣ୍ଡୁଲିପି ଅବସ୍ଥାରେ ରହିଗଲା ।

## ବେଜେଲ୍‌ଗେଟ୍ ହତ୍ୟା

୧୯୩୯, ସେପ୍‌ଟେମ୍ବର ୨ୟ ତାରିଖ । ରଣପୁର ଗଡ଼ଜାତରେ ସେଦିନ ପଲିଟିକାଲ୍ ଏଜେଣ୍ଟ ବେଜେଲ୍‌ଗେଟ୍‌ଙ୍କୁ ହତ୍ୟା କରାଗଲା । ଏ ଘଟଣା କଲିକତାରେ ଖୁବ୍ ଚହଳ ପକାଇଥିଲା—ଓଡ଼ିଆମାନେ ଧନୁଶରରେ ନୁହେ, ବନ୍ଧୁକରେ ନୁହେଁ, କୋଳଥବାଡ଼ିଆ ଠେଙ୍ଗାରେ ପିଟି ପିଟି ଏତେବଡ଼ ଗୋଟାଏ ପଦସ୍ଥ ସାହେବଙ୍କୁ ମାରି ପକାଇଲେ; ସେମାନେ ନିରୀହ ନୁହନ୍ତି, ଭୀରୁ, କାପୁରୁଷ ନୁହନ୍ତି, ଲୋଡ଼ା ହେଲେ ଘୋର ବିପ୍ଳବ କରିପାରନ୍ତି, ଏହିପରି ଏକ ଧାରଣା ଜନ୍ମିଲା, ଓଡ଼ିଆମାନେ

ବଙ୍ଗାଳୀଙ୍କ ଆଗରେ ଛାତି ଫୁଲାଇ ଚାଲିଲେ, ଯେମିତି ଚାଲନ୍ତି ଓଡ଼ିଶାର ଫୁଟ୍‌ବଲ୍ ଟିମ୍ କଲିକତାରେ ବିଜୟ ଲାଭ କଲେ । ଗୋଟାଏ ସାହେବକୁ ମାରିବା ବଙ୍ଗ ପକ୍ଷରେ ନୂତନ ଗୌରବ ନ ଥିଲା, ବଙ୍ଗଭଙ୍ଗ ଆନ୍ଦୋଳନ ବେଳେ ବୋମା ଫୁଟାଇ କେତେ ସାହେବ ସେମାନେ ମାରିଥିଲେ, ହସି ହସି ସାମ୍ରାଜ୍ୟବାଦୀର ଫାଶି କାଠରେ ଝୁଲିଥିଲେ । ତଥାପି ବେଢେଲ୍‌ଗେଟ୍ ହତ୍ୟା ବଙ୍ଗାଳୀ ମହଲରେ ଖୁବ୍ ଗୋଟାଏ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ବିପ୍ଳବୀଙ୍କ ଗହଳି ଭିତରେ ପଶି ଜଣେ ଦି'ଜଣଙ୍କୁ ଗୁଳିକରି ମାରିବା ପରେ ଉତ୍ୟକ୍ତ ଜନତା ମୁଣ୍ଡରେ ପଥର ଛେଚି ବେଢେଲଗେଟ୍‌ଙ୍କୁ ଗୋଟିଏ ମାଂସ ମେଞ୍ଚାରେ ପରିଣତ କରିଥିଲେ । ପ୍ରକୃତ ଅପରାଧୀ କିଏ ଜଣାପଡ଼ିଲା ନାହିଁ । କିନ୍ତୁ ରଘୁ, ଦିବାକର ଦୁହେଁ ଭାଗଲପୁର ଜେଲ୍‌ରେ ଫାଶି ପାଇଲେ । ଲୋକଦେଖାଣିଆକୁ ଗୋଟାଏ ବିଚାର ମାତ୍ର ହୋଇଥିଲା ।

## ବ୍ରଜବନ୍ଧୁ ନୈଶ ବିଦ୍ୟାଳୟ

ବରେଣ୍ୟ ନେତା ମଧୁସୂଦନ ଦାସ କଲିକତା ରହଣିକାଳ ମଧ୍ୟରେ ସବାଲିସ୍ କମ୍ପାନୀର ଇଂରେଜ କର୍ତ୍ତୃପକ୍ଷଙ୍କୁ ଭେଟି କମ୍ପାନୀର ଓଡ଼ିଆ କର୍ମଚାରୀଙ୍କ ସୁବିଧା ସୁଯୋଗ ଲାଭ ସଂପର୍କରେ ଆଲୋଚନା କରିଥିଲେ । ତାଙ୍କ ପରାମର୍ଶରେ କମ୍ପାନୀ ନୈଶ ବିଦ୍ୟାଳୟଟିଏ ଖୋଲିବା ଲାଗି କୋଠରୀଟିଏ ଛାଡ଼ି ଦେଇଥିଲେ । ୧୯୨୧ ଖ୍ରୀଷ୍ଟାବ୍ଦରେ ବ୍ରଜବନ୍ଧୁ ନୈଶ ବିଦ୍ୟାଳୟର ଶୁଭାରମ୍ଭ ହେଲା । ବୋଧହୁଏ ଏହା କଲିକତାରେ ଓଡ଼ିଆମାନଙ୍କ ନିରକ୍ଷରତା ଦୂରୀକରଣର ଆଦ୍ୟ ଚେଷ୍ଟା । ଏହାର ଅନୁକରଣରେ ହାବଡ଼ା, ମାଟିଆ ବୁରୁଜ, ଟିଟାଗଡ଼, କମାରହାଟି, ଜଗଦଳ, ବାଲିଗଞ୍ଜ, ଟଲିଗଞ୍ଜ ପ୍ରଭୃତି ବିଭିନ୍ନ ସ୍ଥାନରେ ଓଡ଼ିଆଙ୍କ ଶିକ୍ଷାନୁଷ୍ଠାନ ଓ ପାଠାଗାର ସବୁ ସ୍ଥାପିତ ହୋଇଥିଲା । ଡେଲହାଉସି ସ୍କୋୟାରର ଏଇ ଅନୁଷ୍ଠାନଟି ଓଡ଼ିଆଙ୍କ ଓଡ଼ିଆତ୍ୱ ବଜାୟ ରଖିବା ଲାଗି ଗତ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ହେଲା ଚେଷ୍ଟା କରିଆସୁଛି ।

ସାଧାରଣ ଚାନ୍ଦା ଓ ଶିକ୍ଷାର୍ଥୀମାନଙ୍କ ଦେୟରୁ ଶିକ୍ଷକମାନଙ୍କ ବେତନ ଓ ଯାବତୀୟ ବ୍ୟୟ ନିର୍ବାହ ହେଉଥିଲା । ସମଗ୍ର କଲିକତାରେ ଓ ଓଡ଼ିଶାରେ ଏହା ଏକ ଶୃଙ୍ଖଳାବଦ୍ଧ ଓ ସୁପରିଚାଳିତ ଅନୁଷ୍ଠାନ ରୂପେ ପ୍ରସିଦ୍ଧି ଲାଭ କରିଥିଲା ।

ସେତେବେଳେ ବ୍ରଜବନ୍ଧୁରେ ମୋଟରେ ତିନିଜଣ ଶିକ୍ଷକ ଓ ଶତାଧିକ ଛାତ୍ର ଥିଲେ । ଛାତ୍ରମାନଙ୍କ ଅଭିଭାବକଙ୍କ ମଧ୍ୟରୁ ଅଧିକାଂଶ ବାଣିଜ୍ୟ, ବନ୍ଦର, ବ୍ୟାଙ୍କ ଓ ଇନ୍‌ସୁରେନ୍‌ସ ଅଫିସର ବେହେରା, ମେହେନ୍ତର, ଝାଡ଼ୁଦାର, ମୋଟିଆ ମଜୁରିଆ, ପାଣିକଳ ଓ ବିଜୁଳି ମିସ୍ତ୍ରୀ, ବରା ଗୁଲୁଗୁଲା, ଗୁଡ଼ାଖୁ ଓ ପାନ ଦୋକାନୀ, ବସ୍ ଟ୍ରାମ୍ କଣ୍ଡକ୍‌ଟର ବା 'ଠାକୁର' । ଖିଦିରିପୁରର ଭୂୟାଁ ଭାସ୍କର ମହାପାତ୍ରଙ୍କୁ ଛାଡ଼ି ଦେଲେ ସେତେବେଳେ କଲିକତାରେ ସେ ଭଳି ବଡ଼ ଓଡ଼ିଆ ବ୍ୟବସାୟୀ, ଇଞ୍ଜିନିଅର, ଡାକ୍ତର ବା ବଡ଼ ଅଫିସର ନ ଥିଲେ । କାଁ ଭାଁ ଯେଉଁଠି ବା ଜଣେ ଅଧେ ଓଡ଼ିଆ କର୍ମଚାରୀ ଥିଲେ, ସେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ସଂକୋଚ ବୋଧ କରୁଥିଲେ ।

ଏଇ ମେହେନତୀ ଜନତା ସହିତ ନିଜର ଭାଗ୍ୟକୁ ସାମିଲ୍ କରିବାରେ ମୋର ବିଶେଷ ଅସୁବିଧା ହୋଇ ନ ଥିଲା । କାରଣ ମୁଁ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିଲି, ଜନସାଧାରଣଙ୍କ ଦୁଃଖଦୁର୍ଦ୍ଦଶା ନିଜ ଜୀବନରେ କିଛି ଅନୁଭବ କରିଥିଲି । ଏମ୍. ଏ ପଢୁଛି ବୋଲି ଭାରୀ ଗୋଟାଏ ଅହଙ୍କାର ବି ନ ଥିଲା । ଯେପରି କଷ୍ଟରେ ପଢୁଥିଲି ମୋ ମନ ଜାଣୁଥିଲା । ଅଡ୍‌ଡା ଦେଖାଇବାର ସଙ୍ଗତି ବା ମନୋବୃତ୍ତି ଆଦୌ ନ ଥିଲା ।

ପୂରାପୂରି ଗୋଟିଏ ବର୍ଷ ସାଧାରଣଙ୍କ ମେଳରେ ମୋର କଟିଛି । ମୁଁ ସେମାନଙ୍କ ସଙ୍ଗେ ଜଣେ ହୋଇ ବସିଛି, ଉଠିଛି, ଖାଇଛି, ଶୋଇଛି, ତ୍ରିନାଥ ମେଳାରେ, ପଞ୍ଚାନନ ମେଳାରେ, ଯାତ୍ରା ଥିଏଟରରେ ଏକମନ, ଏକପ୍ରାଣ ହୋଇ ଯୋଗ ଦେଇଛି; ଗଣେଶପୂଜା, ସରସ୍ୱତୀପୂଜାରେ ପଂକ୍ତିଭୋଜନରେ ବସିଛି । ସେମାନଙ୍କୁ ବୁଝିଛି ଓ ନାନା ସଭାସମିତିରେ ବୁଝାଇବାକୁ ଚେଷ୍ଟା କରିଛି । ଯେତିକି ଶ୍ରଦ୍ଧା କରିଛି ତାର ବହୁ ଗୁଣ ପାଇଛି । ଉଚ୍ଚ ସମ୍ମାନିତ ସ୍ଥାନକୁ ସେମାନେ ମୋତେ ଟେକି ଧରିଛନ୍ତି । ଜଣେ ଏମ୍.ଏ. ପଢୁଆ ଯେ ସେମାନଙ୍କ ଭିତରେ ଅଛନ୍ତି, ଏ ନେଇ ଗର୍ବ କରିଛନ୍ତି ସେମାନେ, ବିଶେଷତଃ ବଙ୍ଗାଳୀଙ୍କ ଆଗରେ—କେବଳ ଏଇଆ ପ୍ରମାଣିତ କରିବା ପାଇଁ ଯେ 'ଓଡ଼ିଶା କୁଲି ମୂଲିଆର ଦେଶ' ନୁହେ । ସେଠି ବି ଏ, ଏମ୍. ଏ ଅଛନ୍ତି, ନେତା, କବି ଅଛନ୍ତି । ବଙ୍ଗାଳୀଙ୍କ ମତ ବଦଳେଇବା ବା ଟେକ ଭାଙ୍ଗିବା ଏଇ ଦେଶପ୍ରେମୀ ଓଡ଼ିଆମାନଙ୍କର ଉଦ୍ଦେଶ୍ୟ ଥିଲା । ଓଡ଼ିଆମାନଙ୍କ ସ୍ନେହ ଶ୍ରଦ୍ଧାର ପ୍ରାଚୁର୍ଯ୍ୟ ମଧ୍ୟରେ ହଜି ଯାଇଥିଲା ମୋର କ୍ଷୁଦ୍ର 'ଅହଂ' ।

ବ୍ରଜବନ୍ଧୁ ନୈଶ ବିଦ୍ୟାଳୟର କୋଠରୀଟି ଦୋତାଲାରେ ଅବସ୍ଥିତ ଥିଲା । ସେଇ ଅଫିସ, ସେଇ ପାଠାଗାର, ସେଇ ସ୍କୁଲ । ସେଠି ବସନ୍ତି ଗ୍ରନ୍ଥାଗାରିକ, ସମ୍ପାଦକ, ଶିକ୍ଷକ, ଆଗନ୍ତୁକ ଭଦ୍ରଲୋକ ବା ପରିଦର୍ଶକ । ପାଠାଗାରରେ ପ୍ରାୟ ସମସ୍ତ ଓଡ଼ିଆ ପୁସ୍ତକ ସଂରକ୍ଷିତ, ବନ୍ଧା ହୋଇ ସମସ୍ତ ସାହିତ୍ୟପତ୍ରିକା ସୁସଜ୍ଜିତ । ଶୃଙ୍ଖଳାରେ ପରିଚାଳିତ ଏ ଭଳି ଗୋଟିଏ ପାଠାଗାର ସମଗ୍ର ଓଡ଼ିଶାରେ ଦୁର୍ଲଭ ।

ଅନୁଷ୍ଠାନରେ ସଭାପତି ଯୋଗୀନ୍ଦ୍ର ଦାସ ଶ୍ରୀ ଅକ୍ଷରବିବର୍ଜିତ, କିନ୍ତୁ ସୁସଂସ୍କୃତ । ଦିନେ ହେଲେ ତାଙ୍କ ବ୍ୟବହାରରେ ଅଶିକ୍ଷିତର ରୂଢ଼ କର୍କଶତା ଦେଖିବାକୁ ପାଇନାହିଁ । କମ୍ପାନୀର ସର୍ଦ୍ଦାର ସେ, ସେଇ ସାହିଆ ବଳରେ ସଭାପତି, ଚାଣକ୍ୟ ବାକ୍ୟ ମାନି କିମ୍ବା ନିଜର ସୀମା ବିଷୟରେ ସଚେତନ ରହି ସଭାରେ ସେ କେବେ ମୁଖ ଖୋଲୁ ନ ଥିଲେ । ସେ ଅଫିସ୍ ଓ ସ୍କୁଲର ତାରତମ୍ୟ ଭଲ ଭାବେ ବୁଝୁଥିଲେ ଓ ସ୍କୁଲରେ ନିଜକୁ କେବେ ଜାହିର କରୁ ନ ଥିଲେ । ନିଜର ଦୂରତ୍ୱ ରକ୍ଷା କରି ସୁଜ୍ଞ ଓ ସୁଜନ ରହି ସେ ଛାତ୍ର, ଶିକ୍ଷକ ଓ କର୍ମୀମାନଙ୍କର ଶ୍ରଦ୍ଧା ଓ ସମ୍ମାନଭାଜନ ହୋଇଥିଲେ ।

ଅନୁଷ୍ଠାନର ସମ୍ପାଦକ କ୍ଷେତ୍ରମୋହନ ଦାସ । ଶିକ୍ଷା ଅକ୍ଷରପରିଚୟ ମାତ୍ର । କିନ୍ତୁ ଦୀକ୍ଷା ମହନୀୟ । କ୍ଷେତ୍ରମୋହନବାବୁ ଜଣେ ଶିକ୍ଷାପ୍ରେମୀ ଲୋକ ଥିଲେ । ସ୍କୁଲରେ ବସି ସେ ଶିକ୍ଷକ ଓ ଛାତ୍ରମାନଙ୍କର ହାନିଲାଭ ବୁଝୁଥିଲେ । ସମ୍ବାଦପତ୍ର ଓ ପୁସ୍ତକପାଠରେ ସେ ସନ୍ଧ୍ୟା ଛ'ଟା ଠାରୁ ଦଶଟା ପର୍ଯ୍ୟନ୍ତ ସମୟତକ କଟାଉଥିଲେ । କ୍ଷେତ୍ରମୋହନଙ୍କ ବ୍ୟକ୍ତିତ୍ୱରେ ଦୁଇଟି ବିରୁଦ୍ଧ ସମନ୍ୱୟ ରହିଥିଲା—ଗୋଟିଏ ଶାସକର ଗାମ୍ଭୀର୍ଯ୍ୟ, ଅନ୍ୟଟି ହାସ୍ୟରସ ।

ଛାତ୍ରମାନଙ୍କ ତର୍କସଭାରେ କହୁଁ କହୁଁ ସେ ବକ୍ତୃତାର ବାଗସାଗ ପାଇ ଯାଇଥିଲେ ଓ ମଜ୍ଜା ଜାଣି ଯାଇଥିଲେ । ଛାତ୍ରମାନଙ୍କ ସାହିତ୍ୟରଚନା ଉପରେ ଭଲ ମନ୍ଦ ଛାପ ମାରିବାର ବୁଦ୍ଧି କିଞ୍ଚିତ୍ ହାସଲ କରିଥିଲେ ।

ସ୍କୁଲ ଆରମ୍ଭ ହେବା ଆଗରୁ ସମ୍ପାଦକ ଓ ଶିକ୍ଷକମାନଙ୍କର ଏକତ୍ର ଜଳଯୋଗ ବ୍ୟବସ୍ଥା ଥିଲା । ଚାରିଅଣାର ଚୁଡ଼ାଭଜା, ଚଣା, ଡାଲି ବୁଟ ଛଡ଼ା ଚିନାବାଦାମ୍ ଭଜା, ବୁନ୍ଦିଆ ଅଣାଯାଉଥିଲା; ଖବରକାଗଜ ଉପରେ ସେତକ ଗୋଳାପୋଳା ହେଉଥିଲା । ସେଥିରୁ ମୁଠିଏ ମୁଠିଏ ଖାଇ ଚା ମୁନ୍ଦେ ମୁନ୍ଦେ ପିଇ ପ୍ରାର୍ଥନା ପରେ ଶିକ୍ଷକମାନେ ଶିକ୍ଷାରମ୍ଭ କରୁଥିଲେ ।

ସପ୍ତାହରେ ଥରେ ଆଲୋଚନାସଭା କିମ୍ବା ସାହିତ୍ୟସଭା ବସୁଥିଲା । ହାତ-ଲେଖା ପତ୍ରିକାଟିଏ ଚାଲିଥିଲା । ସମ୍ପାଦକ ଓ ଶିକ୍ଷକମାନଙ୍କ ନିଷ୍ଠା ଯୋଗୁଁ ସ୍କୁଲଟି କ୍ରମେ ଉନ୍ନତି ପଥରେ ଆଗେଇ ଚାଲିଥିଲା । 'ବ୍ରଜବନ୍ଧୁ'କୁ ଏକ ମାଇନର ସ୍କୁଲରେ ପରିଣତ କରିବା ଚିନ୍ତା ପଡ଼ିଥିଲା । କିନ୍ତୁ ସେଥିଲାଗି ପ୍ରଶସ୍ତ ଜାଗା ନ ଥିଲା । ଗୋଟିଏ କୋଠରୀରେ ତିନିଜଣ ଶିକ୍ଷକଙ୍କ ଶିକ୍ଷାଦାନ ବେଶ୍ କୋଳାହଳ ସୃଷ୍ଟି କରୁଥିଲା ।

ଏଇ ଅନୁଷ୍ଠାନରେ ନେତା, କବି ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଜନ୍ମଦିବସ ପାଳିତ ହେଉଥିଲା । ସମ୍ବର୍ଦ୍ଧନା, ଭାଷଣଶ୍ରବଣ ଓ ମନ୍ତବ୍ୟଗ୍ରହଣ ବ୍ରଜବନ୍ଧୁର କର୍ମ ପରିସର ଅନ୍ତର୍ଗତ ଥିଲା ।

ଯେଉଁମାନଙ୍କ ଲାଗି ମାଆ ସରସ୍ୱତୀଙ୍କର ଫାଟକ ବନ୍ଦ ହୋଇଯାଇଥିଲା, ସେମାନଙ୍କୁ ବ୍ରଜବନ୍ଧୁ ଦେଖାଇଥିଲା ଆଲୋକ, ସଂଗ୍ରାମ ଓ ସାଧନାର ପଥ । କେହି କେହି ବ୍ରଜବନ୍ଧୁରୁ ବିଦାୟ ନେବା ପରେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ, କେହି କେହି ପିଅନରୁ କିରାନୀ ପଦବୀକୁ ଉନ୍ନୀତ ହୋଇଥିଲେ । କେହି କେହି ହୋଇଥିଲେ ସ୍ୱାଧୀନ ବ୍ୟବସାୟୀ, ପେଷାଦାର ସାହିତ୍ୟିକ ।

ଏବେ ବ୍ରଜବନ୍ଧୁ ଗୋଟିଏ ହାଇ ସ୍କୁଲ । ୧୯୭୩ରେ ତାର ସୁବର୍ଣ୍ଣଜୟନ୍ତୀ ପାଳିତ ହୋଇଛି । କିନ୍ତୁ ଯେତେବେଳେ ସେ ଥିଲା କାଣା ଆଖିର କଜଳ ଗାର ପରି, ଓଡ଼ିଆଙ୍କର ଗତିମୁକ୍ତିଦାତା ।

## କଲିକତୀ ସାହିତ୍ୟ

ଏହି ଅନୁଷ୍ଠାନରେ ହିଁ ଆଧୁନିକ କଲିକତୀ ସାହିତ୍ୟର ପ୍ରଥମ ପୁନାଦି ପଡ଼ିଥିଲା, ତା ପୂର୍ବରୁ କଲିକତାରେ 'ଚୋହ୍ଲ ମୋର କଟକିଆଣୀ', 'ନଟୁରେରୀ', 'ଦୋଳମିଳନ', 'ରଜମିଳନ' ପ୍ରଭୃତି ଯୌନଭାବ ଉତ୍ତେଜକ କ୍ଷୁଦ୍ର ପୁସ୍ତକମାନ ପ୍ରଚଳିତ ଥିଲା । ସ୍ୱଳ୍ପଶିକ୍ଷିତ ପ୍ରବାସୀମାନେ ଏ ଜାତୀୟ ପୁସ୍ତକ ପାଠକରି ସେମାନଙ୍କ ସାହିତ୍ୟପିପାସା ଚରିତାର୍ଥ କରୁଥିଲେ । ଏହି ଅନୁଷ୍ଠାନରୁ ମୋ ସମୟରେ ବାହାରିଲେ ଦିଗମ୍ବର ଦାସ, କଣ୍ଟୁଡ଼ୀ ଚରଣ ଦାସ, ବୀଣାକର ଦାସ, ଗୋପୀନାଥ ଦାସ ପ୍ରଭୃତି । ଉକ୍ତ ଲେଖକମାନଙ୍କ ଦ୍ୱାରା କଲିକତୀ ପାଠକଙ୍କ ସଂଖ୍ୟା ଯେ ବହୁ ପରିମାଣରେ ବୃଦ୍ଧିଲାଭ କରିଥିଲା, ସନ୍ଦେହ ନାହିଁ ।

ଯୌନଗନ୍ଧପୂର୍ଣ୍ଣ, ରଙ୍ଗୀନ୍ ଚିତ୍ରସମ୍ବଳିତ, ଚକଚକ୍ୟଭରା ଉପନ୍ୟାସ ରଙ୍ଗ, ଦଶହରା, ଦୋଳରେ ଘରକୁ ଫେରିଲାବେଳେ ଓଡ଼ିଆମାନେ କିଣି ନିଅନ୍ତି; କଲିକତାର ବହିବିକ୍ରୟ କଟକଠାରୁ ଯେତେଅଧିକ ଉଣା ଥିଲା, କୁହା ଯାଇ ନ ପାରେ । ଏହାଙ୍କୁ ସାହିତ୍ୟର ଗୁଣାତ୍ମକ ଉନ୍ନତି କୁହା ନ ଗଲେ ମଧ୍ୟ ପଠନଲିପ୍ସାବୃଦ୍ଧି ଯୋଗୁଁ କଲିକତାରେ ଓଡ଼ିଆ ପାଠାଗାର ସଂଖ୍ୟା ବଢ଼ି ବଢ଼ି ଦୁଇଶହ ହୋଇଥିଲା । ହାବଡ଼ା, ବାଲିଗଞ୍ଜ, ଟାଲିଗଞ୍ଜ, ଖିଦିରିପୁର, ଜଗଦ୍ଦଳ, ଟିଟାଗଡ଼, ମାଟିଆବୁରୁଜ ପ୍ରଭୃତି ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଗୋଟିଏ ଗୋଟିଏ ପାଠାଗାର ସଂଯୁକ୍ତ ହୋଇଥିଲା । ଅର୍ଦ୍ଧସାମାଜିକ ଓ ସାଂସ୍କୃତିକ ବାତାବରଣ ସୃଷ୍ଟି ଲାଗି ଲୋକେ ଯତ୍‌ପରୋନାସ୍ତି ଚେଷ୍ଟା କରୁଥିଲେ । ସେମାନଙ୍କ ତରଫରୁ ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗାପୂଜା, ରଥଯାତ୍ରା ଅନ୍ତରାଳରେ ଅନୁଷ୍ଠିତ ହେଉଥିଲା । ପାଲା, ଦାସ-କାଠିଆ, ସଖୀନାଟଦଳ ଓ ଯାତ୍ରାବାଲା ନିମନ୍ତ୍ରିତ ହୋଇ ଓଡ଼ିଆ ସଂସ୍କୃତିର ଗୌରବଗରିମା ଦେଖାଉଥିଲେ, ପରୋକ୍ଷ ଆଗରେ ଓଡ଼ିଆ ଛାଡ଼ି ଫ୍ଲକ୍‌ଗ ଖୋଲିବାକୁ ସୁଯୋଗ ପାଉଥିଲା ।

ନୂତନ କଲିକତା ସାହିତ୍ୟ ନୈତିକ ମାନବୃଦ୍ଧି ନ କଲେ ବି ଓଡ଼ିଆଙ୍କ ମଧ୍ୟରେ ବଳବତୀ ପିପଠିଷା ଜାଗ୍ରତ କରିଥିଲା । ଡିଟେକ୍‌ଟିଭ୍‌ରୁ ଭଲ ଭଲ ଉପନ୍ୟାସ, କାବ୍ୟକବିତା, ନାଟକ, କ୍ଷୁଦ୍ରଗଳ୍ପ ଓ ସମାଲୋଚନା ରାଜ୍ୟରେ ଲୋକେ ପ୍ରବେଶ କରିଥିଲେ ଓ 'କଲିକତାରୁ 'ଆସନ୍ତାକାଲି' 'ନବରବି' ପ୍ରଭୃତି ଉଚ୍ଚସ୍ତରର ପତ୍ରିକା ପ୍ରକାଶ ପାଇଥିଲା, ଏହି ପତ୍ରିକାସବୁର ଅଧିକାଂଶ ଗ୍ରାହକ ଥିଲେ କଲିକତା ଓଡ଼ିଆ । ରାଧାନାଥ ଗ୍ରନ୍ଥାବଳୀ, ମଧୁସୂଦନ ଗ୍ରନ୍ଥାବଳୀ ପ୍ରଭୃତିର ବିକ୍ରୀ ସଂଖ୍ୟା କ୍ରମଶଃ ବୃଦ୍ଧି ଲାଭ କରିଥିଲା ଓ ସେମାନଙ୍କ ପାଠକ ସଂଖ୍ୟା ନିତାନ୍ତ ନଗଣ୍ୟ ନ ଥିଲା ।

କଲିକତା ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନମାନଙ୍କ ଜରିଆରେ ଉଚ୍ଚ-କୋଟୀର ନାଟକଅଭିନୟ ଚାଲିଥିଲା ଓ ସଂଗୀତ ଆସରମାନ ବସୁଥିଲା । ଓଡ଼ିଆ ପୁସ୍ତକ ଦୋକାନମାନ କ୍ରମେ ନଷ୍ଟା ଗିରିଜା, ଶଶିଭୂଷଣ ଦେ ଷ୍ଟ୍ରିଟ୍‌ରୁ ଶିଳ୍ପାଞ୍ଚଳ ମାନଙ୍କରେ ବ୍ୟାପିଲା ଓ ଅଧ୍ୟୟନ ଏକ ବିନୋଦନରେ ପରିଣତ ହେଲା । କିନ୍ତୁ କି ଅବସ୍ଥାଚକ୍ରରେ ପଡ଼ି ସେ କାଳର ଅଧିକାଂଶ ଲେଖକ ଲେଖାଲେଖି ଛାଡ଼ିଦେଲେ —ଲେଖୁଥିଲେ କ୍ରମାଗତ ଭାବେ କେବଳ କସ୍ତୁରୀ ଚରଣ ଦାସ—ସେ ଛିଡ଼ା ହୋଇପାରିଥିଲେ ଜଣେ ସମୃଦ୍ଧ, ସମ୍ଭ୍ରାନ୍ତ ଓଡ଼ିଆଭାବେ; ସାହିତ୍ୟବ୍ୟବସାୟୀ ଭାବେ ସେ ହେଲେ ସୁପ୍ରତିଷ୍ଠିତ, ବ୍ୟବସାୟ ଉପରେ ହିଁ ତାଙ୍କର ନଜର ରହିଲା, ସାହିତ୍ୟର କିଛିହେଲେ ମାନୋନ୍ନତି ଘଟିପାରିଲା ନାହିଁ ।

ବଙ୍ଗବନ୍ଧୁ ନୈଶବିଦ୍ୟାଳୟରେ ମୁଁ ଏକବର୍ଷରୁ କିଛି ଅଧିକ କାଳ କାର୍ଯ୍ୟ କରିଥିଲି । ଏହି କର୍ମକେନ୍ଦ୍ରରୁ ମୁଁ ଘୂରି ବୁଲିଥିଲି ସମଗ୍ର କଲିକତାରେ । କଟକରେ ସଭାରେ ଛିଡ଼ା ହେଲେ ମୋ ଗୋଡ଼ ଥରୁଥିଲା । ଭୟରେ ପାଟି ଶୁଖି ଯାଉଥିଲା । କିନ୍ତୁ କଲିକତାରେ ମୁଁ ଦେଲି ଲମ୍ବା ଲମ୍ବା ବକ୍ତୃତା । ସେଠି ମୋ ଦୋଷ ବାଛିବାକୁ କେହି ନ ଥିଲେ, ଗୁଣ ଗୁଣି ତାଳି ଦେବାକୁ ବହୁ ଲୋକ ଥିଲେ । ଅଳ୍ପଦିନ ମଧ୍ୟରେ ବନିଗଲି ଜଣେ ନେତା; କେତେବେଳେ ନୈଶବିଦ୍ୟାଳୟ ଉନ୍ମୋଚନ, ପାଠାଗାର ଉଦ୍‌ଘାଟନ, ବାର୍ଷିକ ଉତ୍ସବ ପାଳନାଦିରେ ମୁଁ ହେଲି ମୁଖ୍ୟବକ୍ତା ବା ସଭାପତି

ଗଣ୍ଡା ଗଣ୍ଡା ଗୋଲାପ ବା ପଦ୍ମଫୁଲମାଳ ଏ ଦରିଦ୍ର ଗଳାରେ ଲମ୍ବିବାକୁ ଲାଗିଲା । ଘୋର ଦାରିଦ୍ର୍ୟ ମଧ୍ୟରେ ଏ ଆଦରଅଭ୍ୟର୍ଥନା ଯେପରି ଆତ୍ମପ୍ରତ୍ୟୟ ଜନ୍ମାଉଥିଲା, ସେହିପରି ସୃଷ୍ଟିଦିଗରେ ମୋତେ ପ୍ରରୋଚିତ କରୁଥିଲା । କଲିକତାରେ ମୁଁ କି କି କାର୍ଯ୍ୟ କରିଥିଲି ସେ କାଳର ଲିଖିତ ଏକ ଡାଇରିରୁ ଜଣାଯାଏ । ପରିଶିଷ୍ଟ ଦ୍ରଷ୍ଟବ୍ୟ ।

## ପ୍ରବାସୀ ଉତ୍କଳସାହିତ୍ୟସମ୍ମିଳନୀ

ଓଡ଼ିଆଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରିବା, ଆମ ସଂସ୍କୃତି ଯେ ବିରାଟ ଏହା ବଙ୍ଗବାସୀଙ୍କୁ ଦେଖାଇବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ଥିଲା । ପଣ୍ଡିତ ବିନାୟକ ହୋଇଥିଲେ ଅଭ୍ୟର୍ଥନାସମିତିର ସଭାପତି, ମୁଁ, ଆକୁଳି ମିଶ୍ର ସମ୍ପାଦକ । ସଙ୍ଗୀତଜ୍ଞ ମନମୋହନ ସାବୁତ ସଙ୍ଗୀତ ଗାଇ ବଙ୍ଗବାସୀଙ୍କ ବାହାବା ପାଇବା ଫଳରେ ଆମ ଛାତି ଫୁଲି ଉଠିଥିଲା । ଡକ୍‌ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଉତ୍କଳୀୟ ସଂସ୍କୃତିକୁ ବଙ୍ଗର ଦାନ ଉପରେ ଅଧିକ ଜୋର୍ ଦେଇଥିଲେ, ବଙ୍ଗ ସଂସ୍କୃତିକୁ ଉତ୍କଳର ଦାନ ସମ୍ପର୍କରେ କିଛି କହିଥିଲେ ଆମେ ଅବଶ୍ୟ ଉଦ୍‌ବୁଦ୍ଧ ହୋଇଥାନ୍ତୁ । ସେ ଯତ୍‌ସାମାନ୍ୟ ସୂଚନା ଦେଇଥିଲେ, ବଙ୍ଗଳାର ସମ୍ବାଦପତ୍ର ତାହା ଉଡ଼ାଇଦେଲେ । ସମ୍ବାଦଟି ଏକପାଖିଆ ହୋଇ ବାହାରିଲା । ଏଥିରେ ଆମେ କ୍ଷୁଣ୍ଣ ହେଲୁ । କବି ମାୟାଧର ମାନସିଂହ ସଦ୍ୟ ଡକ୍‌ଟର ହୋଇ ଇଂଲଣ୍ଡରୁ ଫେରିଥାନ୍ତି । ସେ 'ଡକ୍‌ଟର' ସ୍ଥାନରେ 'ଆଚାର୍ଯ୍ୟ' ବୋଲି ନିଜକୁ ପରିଚିତ କରାଉଥାନ୍ତି । ତାଙ୍କ ଭାଷଣଟି ଯଥା ସମୟରେ ଛାପା ହୋଇ ନ ଆସିବାରୁ ସେ ଖପ୍‌ପା ହୋଇଥାନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ଭାଷଣ ବିଦଗ୍‌ଧମହଲରେ ଖୁବ୍ ଆଦୃତ ହୋଇଥାଏ । ୧୯୪୧ରେ ଦୁଇଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀ ସଫଳ ହୋଇଥିଲା ।

ପନ୍ଦରଦିନ ଧରି ଦୌଡ଼ି ଦୌଡ଼ି ଗୋଡ଼ରୁ ପାଣି ମରିଥିଲା, ତଥାପି ସାମାନ୍ୟ ତ୍ରୁଟି ଦେଖିଲେ ଲୋକେ ବାହୁଥିଲେ ବା ଅପବାଦ ଦେଉଥିଲେ; ସଂଗଠକର ଏଇ ପ୍ରଥମ ଅନୁଭୂତି; କଲିକତାରେ ସର୍ବତ୍ର ମୁଁ ସୁପରିଚିତ ହୋଇଗଲି, ଏଇ ବଡ଼ ଲାଭ ।

## ଛିନ୍ନମସ୍ତା

କଲିକତାରେ 'ବାହିନୀ' ଅନୁଷ୍ଠାନ ସହିତ ସଂପୃକ୍ତ ହୋଇ ମୁଁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲି । ପ୍ରବାସୀ ଓଡ଼ିଆଙ୍କଠାରୁ ଚାନ୍ଦା ଆଦାୟ ଲାଗି ଲୋଡ଼ା ହେଲା ଖଣ୍ଡିଏ ଗୀତ ବହି । ମୁଁ ଲେଖିଲି 'ଛିନ୍ନମସ୍ତା', ବିଭିନ୍ନ ସ୍ୱରରେ ରଚିତ । ଖୋଳ,ଗିନି ବଜାଇ ଗୀତ ବୋଲି ଆମେ କଲିକତାର ଗଳି ଓ ଖିଲାଅଳମାନଙ୍କରେ ବୁଲିଥିଲୁ । ଯାହା ଚାନ୍ଦା ଆଦାୟ ହୋଇଥିଲା, ସେଥିରୁ ସିଂହଭୂମ୍, ମେଦିନୀପୁରର କର୍ମୀମାନଙ୍କୁ ସାହାଯ୍ୟ ଦିଆ ହୋଇଥିଲା । ଏହା ମୋର ପ୍ରଥମ ପ୍ରକାଶିତ ପୁସ୍ତକ; ପ୍ରକାଶକାଳ ୧୯୪୦, ଦାମ୍ ଛ' ପଇସା । ଏହାର ବିକ୍ରୟ ଲବ୍‌ଧ ଅର୍ଥ ଦେଶମିଶ୍ରଣ କାର୍ଯ୍ୟରେ ବ୍ୟୟିତ ହୋଇଥିଲା । ପରିଶିଷ୍ଟ ଦ୍ରଷ୍ଟବ୍ୟ ।

# ପଣ୍ଡିତ ମୃତ୍ୟୁଞ୍ଜୟ ଓ ମେଦିନୀପୁର ଓଡ଼ିଆ

ପଣ୍ଡିତ ମୃତ୍ୟୁଞ୍ଜୟ କାବ୍ୟତୀର୍ଥଙ୍କ ଘର ଝାଡ଼ଗ୍ରାମ ମହକୁମାର 'ଚନ୍ଦ୍ରୀ ଗ୍ରାମରେ, ତାଙ୍କ 'ପଲ୍ଲୀମଙ୍ଗଳ ପାଠାଗାର' ବିଶ୍ୱନାଥକମିଶ୍ରଣ ଆନ୍ଦୋଳନର ଗୋଟିଏ ମୁଖ୍ୟ କେନ୍ଦ୍ରଥିଲା । ପାଠାଗାରରେ ଅଧିକାଂଶ ଓଡ଼ିଆ ପୁସ୍ତକ ଟର୍ଜିତ ଥିଲା, ପତ୍ରପତ୍ରିକାସବୁ ଆସୁଥିଲା । କିନ୍ତୁ ଏ ସବୁର ପାଠକ ସଂଖ୍ୟା ନଗଣ୍ୟ ଥିଲା । ଓଡ଼ିଆ କାହିଁକି ପଢ଼ିବେ ? ଚାକିରୀ ମିଳିବ ? ଓଡ଼ିଶାପ୍ରୀତି ଓ ଓଡ଼ିଆଭାଷାପ୍ରୀତି ପ୍ରାୟ ଲୋପ ପାଇଥିଲା । ମେଦିନୀପୁରିଆ ଯେ ଦିନେ ଓଡ଼ିଆ ଥିଲେ ଏ ସ୍ମୃତି ଭୁଲି ଯିବାକୁ ଚାହୁଁଥିଲେ—'ଜେନା' ଲେଖୁଥିଲେ 'ଜାନା', ମହାନ୍ତି'—ମାଇତି । କଣ୍ଟାଇ ନୀହାର ପ୍ରେସ୍‌ରୁ ବଙ୍ଗଳା ହରଫରେ ଓଡ଼ିଆ ବହି ବାହାରୁଥିଲା, ଏହାର ପାଠକସଂଖ୍ୟା ବି ଊଣା ହୋଇ ଯାଇଥିଲେ । ଜଗନ୍ନାଥ ଦାସଙ୍କ ଭାଗବତ ବା ସାରଳା ମହାଭାରତ ଆଉ କିଣିବାକୁ ମିଳୁ ନ ଥିଲା, ଏଭଳି ପୁସ୍ତକପ୍ରକାଶ ଏକଦମ୍ ବନ୍ଦ କରିଦେବେ ବୋଲି ପ୍ରେସ ମ୍ୟାନେଜର ମତେ କହୁଥିଲେ । ବଙ୍ଗଳାର ବିପୁଳ ସାହିତ୍ୟବିଭବ ସୁବର୍ଣ୍ଣ ହରିଣ ପରି ମେଦିନୀପୁରିଆଙ୍କ ମନ ଭୁଲାଇ ନେଇଥିଲା । ବୃଦ୍ଧ ମୃତ୍ୟୁଞ୍ଜୟ ଓଡ଼ିଆସଂସ୍କୃତିର ପୁନରୁତ୍ଥାନ ଲାଗି ବ୍ୟାକୁଳ ପ୍ରାଣରେ ଲାଗିଥିଲେ । କିନ୍ତୁ ମେଦିନୀପୁରଆଙ୍କ ମନୋବୃତ୍ତି ଥିଲା —'ଲଛମନ୍ ନେହି ଭୁଲେଗା' । ମୃତ୍ୟୁଞ୍ଜୟଙ୍କ ନିମନ୍ତ୍ରଣରେ ମୁଁ ଝାଡ଼ଗ୍ରାମ ଓ ଚନ୍ଦ୍ରୀ ଯାଇ ଲୋକମାନଙ୍କୁ ଓ ସ୍କୁଲମାନଙ୍କରେ ଓଡ଼ିଆରେ ବକ୍ତୃତା ଦେଇ ଛାତ୍ରମାନଙ୍କୁ ବୁଝାଇଥିଲି । କିନ୍ତୁ ଓଡ଼ିଶାର କୌଣସି ନେତା ବା କବିଙ୍କ ନାମ, ଓଡ଼ିଶାର ଭୂଗୋଳ ବା ଇତିହାସ ପିଲାମାନେ ଜାଣି ନ ଥିଲେ । କେତେ ବର୍ଷ ଆଗେ ଗୋଦାବରୀଶ ମାତ୍ର ଖାଇ ପେରିଥିଲେ, ମେଦିନୀପୁରକୁ ବଙ୍ଗଳାରେ ରଖି ବୀରେନ୍ ଶାସମଲ ଦେଶପ୍ରାଣ ହୋଇଥିଲେ । ମେଦିନୀପୁରରେ ବୁଲି ବୁଲି ଯାହା ଦେଖିଲି ସେଥିରେ ମୋ ମନରେ ନୈରାଶ୍ୟ ଆସିଥିଲା, ମେଦିନୀପୁରକୁ ବଙ୍ଗଳାରେ ରଖି ବୀରେନ୍ ଶାସମଲ ଦେଶପ୍ରାଣ ହୋଇଥିଲେ । ମେଦିନୀପୁରରେ ବୁଲି ବୁଲି ଯାହା ଦେଖିଲି ସେଥିରେ ମୋ ମନରେ ନୈରାଶ୍ୟ ଆସିଥିଲା । ମେଦିନୀପୁର ଯେ କେବେ ଓଡ଼ିଶାରେ ମିଶି ପାରିବନାହିଁ, ଏ ଧାରଣା ଜନ୍ମିଥିଲା । ପରବର୍ତ୍ତୀ କାଳରେ ମୃତ୍ୟୁଞ୍ଜୟଙ୍କୁ ମେଦିନୀପୁର ଓଡ଼ିଆ ପଲ୍ଲୀଗୀତସଂଗ୍ରହ କାର୍ଯ୍ୟରେ ଲଗାଇଥିଲି ।

# ବଳରାମ ନନ୍ଦ

ବଳରାମର ଗାଆଁ କୋଉଠି ମନେ ନାହିଁ । କିନ୍ତୁ ସବୁଠି ସେ ତାର ଘର ଅଛି, ଏଇ ପ୍ରମାଣ କରିବାକୁ ସେ ଚେଷ୍ଟା କରିଥିଲା । 'ଅବକାଶ ବାହିନୀ'ର ମୁଖ୍ୟ ନେତା ସେ, କଲିକତାରେ ସେ କାଳର ନିଷ୍ଠାପର କର୍ମୀ । କୋଉଠି ଝଣ୍ଡିଏ ଚାକିରୀ କରିଥିଲା ସେ । ଯାହା ରୋଜଗାର କରୁଥିଲା ସବୁ ଦେଶମିଶ୍ରଣ କାର୍ଯ୍ୟରେ ଖର୍ଚ୍ଚ କରିଦେଉଥିଲା । ନିଜେ ଅଭାବରେ ପଡ଼ି ପରକୁ ଚଳାଇବା ତାର କାର୍ଯ୍ୟ ଥିଲା । ଚିନ୍ତାମଣି ପାଣିଗ୍ରାହୀଙ୍କୁ ସେ ପାଠ ପଢ଼ାବେଳେ ଅଳ୍ପ ସାହାଯ୍ୟ କରିନାହିଁ । 'ବାହିନୀ' ପତ୍ରିକାର ଅଧିକାଂଶ ଲେଖା ଲେଖୁଥିଲା, 'ବାହିନୀ' ପତ୍ରିକା ଚଳାଉଥିଲା ସେ । କଲିକତାରେ ବିଶ୍ୱନାଥକମିଶ୍ରଣ ଆନ୍ଦୋଳନ

ମୁଖ୍ୟତଃ ତା'ରି ନେତୃତ୍ୱରେ ଚାଲିଥିଲା । କିନ୍ତୁ ଦିନେ ଏହା ବନ୍ଦ ହୋଇଗଲା । ଉପାସଭୋଜକରେ, ଅସ୍ୱାସ୍ଥ୍ୟକର ସ୍ଥାନରେ ରହି ବଳରାମକୁ ଟି ବି ଧରିଲା । ମୁଁ ସେତେବେଳେ ସଂସ୍କୃତବିଭାଗର ସୁପରିଣ୍ଟେଣ୍ଡେଣ୍ଟ । ସେ ପୁରୀରେ ମୋ ସହିତ ସାକ୍ଷାତ୍ କଲା, କଣ୍ଠ ପଡ଼ିଯାଇଥାଏ, ଏକ କଙ୍କାଳ । ସୁସ୍ଥ ମୁଁ, ତାକୁ ଡରିଲି, ବନ୍ଧୁ ମୁଁ ସେ କିପରି ଦୂରକୁ ଯାଉ; ମନେ ମନେ ଚାହିଁଲି । ସେ ମୋତେ ସାହାଯ୍ୟ ମାଗିଲା, ମାତ୍ର ସାତୋଟି ଟଙ୍କା ଦେଲି । ମୋ ଦରମା ଥିଲା ମାସିକ ୧୨୮ ଟଙ୍କା । କିନ୍ତୁ ହାତରେ ସୁନାମୁଦି ଥିଲା, ଆଖିରେ ସୁନା ଚଷମା । ସ୍ୱଭାବତଃ କୃପଣ, ମନ ଭରି ତାକୁ ସାହାଯ୍ୟ କରି ପାରିଲିନାହିଁ, ଆଜି ଗଭୀର ଅନୁଶୋଚନା । ବଳରାମ ଅଳ୍ପଦିନ ପରେ ସଂସାର ଛାଡ଼ି ଚାଲିଗଲା ।

ଷଷ୍ଠ ବାର୍ଷିକ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲାପରେ ସେଇ ଟୁଙ୍ଗୀ ଛାଡ଼ି ମୁଁ ଶ୍ରୀ ଗୋପାଳ ମଲିକ୍ ଲେନ୍‌ର ପୋଷ୍ଟ ଗ୍ରାଜୁଏଟ୍ ମେସ୍‌ରେ ରହିଲି; ଅଧ୍ୟାପକ ମହେଶ୍ୱର ଦାଶ ଏହାର ସୁପରିଣ୍ଟେଣ୍ଡେଣ୍ଟ । ତଳ ଅନ୍ଧାରିଆ ରୁମ୍‌ଟିରେ କୌଣସି ଛାତ୍ର ରହିବାକୁ ରାଜି ହେଉ ନ ଥିଲେ । ମୁଁ ନାମକୁ ମାତ୍ର ସିଟ୍‌ରେଣ୍ଟ ଦେଇ ସେ କୋଠରୀରେ ରହିଲି । ଅନ୍ୟ ରୁମ୍‌ମାନଙ୍କରେ ଏକାଧିକ ଛାତ୍ର ରହିଲେ ମଧ୍ୟ ଏ ରୁମ୍‌ରେ ମୁଁ ଏକା; ଏଇ ସୁବିଧା । ଦିନରେ ଆଲୁଅ ଜାଳି ପଢ଼ିବାକୁ ହୁଏ, କଲିକତାର ବଡ଼ ବଡ଼ ଅଫିସମାନଙ୍କରେ ତ ଦିନରେ ଆଲୁଅ ଜଳେ, ତେଣୁ ଅସ୍ୱାଭାବିକ ଲାଗୁ ନ ଥାଏ ।

ମହେଶ୍ୱରବାବୁଙ୍କ ସାହାଯ୍ୟରେ ଦରମାରୁ ଅବ୍ୟାହତି ପାଇବାଲାଗି ଚେଷ୍ଟା କଲି । ବିଶ୍ୱବିଦ୍ୟାଳୟର ସେକ୍ରେଟରୀଙ୍କୁ ଦେଖା କରିବାରୁ ସେ କହିଲେ— 'ତୋମାଦେର ସରକାର ନେଇ ? ଏଖାନେ କେନ ଏଲେନ୍ ? ଆମି ତୋମାର କେସ୍ କନ୍‌ସିଡ଼ର କରିତେ ପାର୍‌ବୋନା ।'

ମହେଶ୍ୱରବାବୁ ମୋତେ ଉପାଚାର୍ଯ୍ୟ ଡକ୍‌ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନିକଟକୁ ଘେନିଗଲେ ଓ ମୁଁ ସହଜରେ ଦରମାରୁ ଅବ୍ୟାହତି ପାଇଗଲି । ସେ ଦିନର ଗୋଟିଏ ଛୋଟ ଘଟଣା ମନେ ପଡ଼େ । ଡକ୍‌ଟର ଶ୍ୟାମାପ୍ରସାଦଙ୍କ ବସାକୁ ଯିବା ଲାଗି ଟ୍ରାମ୍‌ରେ ଉଠିଥିଲି । ପ୍ରଥମ ଥର ପିନ୍ଧିଥିବା ନୂଆ ଯୋତା (ସେତେବେଳେ ଦାମ ଆଠ ଅଣା)ରୁ ପଟେ ଖସିଗଲା; ଟ୍ରାମ୍ ଚାଲିଗଲା । ସେ ପଟକ ଖୋଜି ଆଣିବା ଲାଗି ମୁଁ ବାକୀ ପଟକ ଫିଙ୍ଗିଦେଲି । ଦରିଦ୍ର ଜୀବନର ସେ ଘଟଣା କରୁଣ, କିନ୍ତୁ ଏବେ ମଧୁର ଲାଗୁଛି ।

ଏମ୍.ଏ. ଶେଷ ବର୍ଷ ମୁଁ ଓଡ଼ିଶା ସରକାରଙ୍କଠାରୁ ମାସିକ ଦଶ ଟଙ୍କା ପୋଷ୍ଟ ଗ୍ରାଜୁଏଟ୍ ବୃତ୍ତି ଲାଭ କରିଥିଲି । ଅଧ୍ୟାପକ ବିପିନବିହାରୀ ରାୟ ମୋ ନିକଟକୁ ସ୍ୱତଃପ୍ରବୃତ୍ତ ହୋଇ ମାସିକ ସାତ ଟଙ୍କା ଲେଖାଏ ସାହାଯ୍ୟ ପଠାଇଥିଲେ (ତାଙ୍କ ଋଣ ସୁଝିବା ଅସମ୍ଭବ) ।

ସେତେବେଳେ ହଷ୍ଟେଲରେ ଖିଆପିଆ ଉଚ୍ଚ ସ୍ତରର ଥିଲା । ରୋହି ବା ଭାକୁଡ଼ ମାଛର ଗୋଟିଏ ଝୋଳ, ରଙ୍ଗା ଇଲିସିର ଝୋଲ୍, ତା ଛଡ଼ା ସାଦା ତରକାରୀ ବା ସୁକ୍ତ, ଡାଲି, ଭଜା, ଖଟା, ସରୁ ଅନ୍ନ ଓ ଲେମ୍ବୁ । ନିରାମିଶାଶୀ ମୁଁ, ମୋ ଲାଗି

ପ୍ରତିଦିନ ସ୍ୱତନ୍ତ୍ର ଅନୁଭବ ହେଉଥିଲା—ଖାଇ ଖାଇ ଚିନ୍ତା ଲାଗିଲା, ସଙ୍ଗଦୋଷ ବା ଗୁଣରେ ଦୀର୍ଘକାଳ ଛାଡ଼ିଥିବା ମାଂସ ପୁଣି ଖାଉଛି ।

## ଓଡ଼ିଆ ବିଭାଗ

ବିଜୟ ଚନ୍ଦ୍ର ମଜୁମଦାର 'ସୋନପୁର' ଗେଜେଟରେ ଥିଲେ, ସୋନପୁର ମହାରାଜାଙ୍କ ଜୀବନଚରିତ ବଙ୍ଗଳାରେ ଲେଖିଥିଲେ । ବୋଧହୁଏ ତାଙ୍କରି ପ୍ରଭାବରେ ମହାରାଜା ବୀର ମିତ୍ରୋଦୟ ସିଂହଦେଓ ଓଡ଼ିଆରେ ସ୍ନାତକୋତ୍ତର ବିଭାଗ ଖୋଲିବା ଓ ଗବେଷଣା କରିବା ଲାଗି କଲିକତା ବିଶ୍ୱବିଦ୍ୟାଳୟକୁ ପନ୍ଦର ହଜାର ଟଙ୍କା ଦାନ କରିଥିଲେ । ଏହାକୁ ମହାରାଜାଙ୍କ ଅପୂର୍ବ ଜାତୀୟ ଚେତନା ଓ ଓଡ଼ିଆ ସାହିତ୍ୟ ପ୍ରୀତି ବୋଲିବାକୁ ହେବ । ସେ ସମୟରେ ଏହା ଏକ ଦୁଃସାହସ । ଓଡ଼ିଆ ଭାଷା ଓ ସାହିତ୍ୟର ସ୍ଥିତି, ଗତି ଯାହା, ସେଥିରେ ଭାରତୀୟ ସଂସ୍କୃତି-ଦରବାରରେ ଏହା ପ୍ରକୃତପକ୍ଷେ ଏକ ଉଚ୍ଚାସନ ଲାଭ । ଦିନେ ଓଡ଼ିଆର ଅସ୍ତିତ୍ୱ ଦୋଳାୟମାନ ଅବସ୍ଥାରେ ଥିଲା । ବଙ୍ଗାଳୀ ଶିକ୍ଷିତସମାଜରେ ବଙ୍ଗଳା ସହିତ ସମାସନ ଲାଭ ତା ପକ୍ଷରେ ନିଶ୍ଚୟ ଏକ ସୌଭାଗ୍ୟର ସୂଚନା ।

ବୋଧହୁଏ ଏହି ଟଙ୍କାର ସୁଧରେ ବିଜୟ ଚନ୍ଦ୍ର 'Selections from Oriya Literature' ସଂକଳନ ଉଦ୍ୟମ କଲେ ଓ ଏହି କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ଜଣେ ଓଡ଼ିଆ ପଣ୍ଡିତ ପଠାଇବାକୁ 'ଉତ୍କଳସାହିତ୍ୟ' ପତ୍ରିକାର ସମ୍ପାଦକ ଶ୍ରୀ ବିଶ୍ୱନାଥ କରଙ୍କ ନିକଟକୁ ପତ୍ର ଲେଖିଲେ । ବିଶ୍ୱନାଥ ବିନାୟକ ମିଶ୍ରଙ୍କୁ କଲିକତା ପଠାଇଲେ । ଏହା ୧୯୨୦ ମସିହା କଥା । ପଣ୍ଡିତ ନୀଳକଣ୍ଠ ଦାସ ନୂଆ ଭାବେ ଓଡ଼ିଆ ଅଧ୍ୟାପକ ହୋଇ ଆସିଥାନ୍ତି । ୧୯୨୧ରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନ ଆସିବାରୁ ଓଡ଼ିଆ ଅଧ୍ୟାପନା ଓ ଗବେଷଣାରେ ଜଳାଞ୍ଜଳି ଦେଇ ସେ ଚାଲିଗଲେ । ସେତେବେଳେ ଗୁଣଗ୍ରାହୀ ଉପାଚାର୍ଯ୍ୟ ସାର୍ ଆଶୁତୋଷ ସାହିତ୍ୟିକ, ବିଜ୍ଞ ଓ ଯୋଗ୍ୟ ଲୋକମାନଙ୍କୁ ଏମ୍.ଏ. ଡିଗ୍ରୀ ହାସଲ କରି ନଥିଲେ ସୁଦ୍ଧା ଅଧ୍ୟାପକ ଭାବେ ନିଯୁକ୍ତି ଦେଉଥିଲେ, ଏଇ ସିଦ୍ଧି ବା ଧାରା ଶ୍ରୀ ମିଶ୍ରଙ୍କ ଭାଗ୍ୟରେ ପରିବର୍ତ୍ତନ ଘଟାଇଲା । ବିଜୟଚନ୍ଦ୍ର ନୀଳକଣ୍ଠଙ୍କ ପରେ ଓଡ଼ିଆ ଅଧ୍ୟାପକ ହୋଇଥିଲେ । ତାଙ୍କ ଚେଷ୍ଟାରେ ବିନାୟକ ମାସିକ ୫୦ଟଙ୍କା ବେତନରେ ସହକାରୀ ଓଡ଼ିଆ ଅଧ୍ୟାପକ ଭାବେ ନିଯୁକ୍ତ ହେଲେ । ୧୯୩୨ରେ ସେ ଅଧ୍ୟାପକ ପଦକୁ ଉନ୍ନୀତ ହେଲେ ଓ ମାସକୁ ପଞ୍ଚସ୍ତରୀ ଟଙ୍କା ବେତନ ପାଇଲେ । ଏହି ପ୍ରକାରେ ଓଡ଼ିଆ ସାହିତ୍ୟଇତିହାସରେ ନୂତନ ଅଧ୍ୟାୟ ଖୋଲିଲା । ପ୍ରାୟ ତେର ଜଣ ଛାତ୍ର କଲିକତାରେ ଓଡ଼ିଆରେ ଏମ୍. ଏ. ଡିଗ୍ରୀ ଲାଭ କରିଥିଲେ । କିନ୍ତୁ ଓଡ଼ିଶାରେ ଦୀର୍ଘ କାଳ ଓଡ଼ିଆ ଏମ୍. ଏ. ଡିଗ୍ରୀକୁ କୌଣସି ଗୁରୁତ୍ୱ ଦିଆଯାଇ ନ ଥିଲା । କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଏମ୍. ଏ: ଡିଗ୍ରୀ ପ୍ରାପ୍ତ ଶ୍ରୀ ଲୋକନାଥ ମହାପାତ୍ର ପ୍ରାୟ ସାରାଜୀବନ ଶିକ୍ଷକ ଭାବେ କଟାଇଥିଲେ । ଦର୍ଶନ, ଇତିହାସ, ସଂସ୍କୃତ ଡିଗ୍ରୀ ପ୍ରାପ୍ତ ବ୍ୟକ୍ତିମାନଙ୍କୁ ଓଡ଼ିଆ ଅଧ୍ୟାପନାର ସୁଯୋଗ ଦିଆଯାଉଥିଲା । ଅଦ୍ୟ ଅବସ୍ଥାରେ ଓଡ଼ିଆ ଏମ୍. ଏ.ମାନେ ବିଶେଷ ଅବହେଳିତ ହୋଉଥିଲେ ।

ଓଡ଼ିଆରେ ଏମ୍. ଏ. ପଢ଼ିବାକୁ କ୍ୱଚିତ୍ କେହି କଲିକତା ଯାଉଥିଲେ । ତେଣୁ ପଣ୍ଡିତ ବିନାୟକ ପୁସ୍ତକରଚନା ଓ ଗବେଷଣାରେ ହିଁ ଲାଗିଥିଲେ । ଶ୍ରୀ ମହେଶ୍ୱର

ତାଙ୍କର ଘର ମେଦିନୀପୁରରେ; ଓଡ଼ିଆ ହେଲେ ବି ସେ ଖାଣ୍ଟି ଓଡ଼ିଆ କହିପାରୁ ନ ଥିଲେ, ସଂସ୍କୃତ ଓ ବଙ୍ଗଳାରେ ଉଭୟରେ ଏମ୍. ଏ. ।

ଏକ ସାଧାରଣ ଶ୍ରେଣୀରେ ସେ ବଙ୍ଗଳା, ହିନ୍ଦୀ, ଓଡ଼ିଆ, ତେଲୁଗୁ, ତାମିଲ, ଗୁଜୁରାଟୀ, ମରହଟ୍ଟୀ ଛାତ୍ରମାନଙ୍କୁ ଭେଟୁଥିଲେ—ପଢ଼ାଉଥିଲେ ରାଜଶେଖରଙ୍କ ପ୍ରାକୃତ କର୍ପୂରମଞ୍ଜରୀ । ସେହିପରି ଏକ ସାଧାରଣ ଶ୍ରେଣୀରେ ଡକ୍‌ଟର ବେଣୀ ମାଧବ ବଡ଼ୁଆ ପାଲୀ, ଡକ୍‌ଟର ସୁନୀତିକୁମାର ଚଟାର୍ଜୀ ଭାଷାତତ୍ତ୍ୱ ପଢ଼ାଉ ଥିଲେ । ଅଧ୍ୟାପକ ପ୍ରିୟରଞ୍ଜନ ସେନ୍ ମୋର ଅନ୍ୟତମ ଅଧ୍ୟାପକ ଥିଲେ । ସେ ଇଂରାଜୀରେ ଏମ୍. ଏ., ସଂସ୍କୃତରେ କାବ୍ୟତୀର୍ଥ, ପ୍ରେମଚାନ୍ଦ, ରାୟଚାନ୍ଦ ଡିଗ୍ରୀ-ଧାରୀ, ବଙ୍ଗଳାସାହିତ୍ୟରେ ଜଣେ ପ୍ରବୀଣ ବ୍ୟକ୍ତି ଥିଲେ । ସେ ପ୍ରେମଚନ୍ଦଙ୍କ 'ଗୋଦାନ' ପ୍ରଭୃତି ଉପନ୍ୟାସ ବଙ୍ଗଳାରେ ଅନୁବାଦ କରିଥିଲେ । ସେ କଲେଜିଏଟ ସ୍କୁଲର ଛାତ୍ର ଥିଲେ, କିଛିକିଛି ଓଡ଼ିଆ ଜାଣିଥିଲେ, Calcutta Reviewରେ ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରଭୃତିଙ୍କୁ ଅବଲମ୍ବନ କରି ଇଂରାଜୀରେ ପ୍ରବନ୍ଧମାନ ଲେଖିଥିଲେ ଓ ସେସମସ୍ତ History of Modern Oriya Literature ନାମରେ ସଂକଳନ କରିଥିଲେ । କିନ୍ତୁ ଏହି ହସ୍ତଲିଖିତ ପୁସ୍ତକଟି ବିକ୍ରି ହେଲା ନାହିଁ ବୋଲି ଶ୍ରୀ ସେନ୍ ମୋ ଆଗରେ କ୍ଷୋଭ ପ୍ରକାଶ କରିଥିଲେ । ଫର୍ମା ସବୁ ଅବନ୍ଧା ଅବସ୍ଥାରେ ତାଙ୍କ ଘରେ ପଡ଼ି ପଡ଼ି ନଷ୍ଟ ହୋଇଗଲା ।

ଅଧ୍ୟାପକ ସେନ୍ ମୋତେ 'ସମରତରଙ୍ଗ' ପଢ଼ାଉଥିଲେ, ଗାଉଁଲୀ ଓଡ଼ିଆ ଶବ୍ଦଗୁଡ଼ିକର ଅର୍ଥ ମୁଁ ତାଙ୍କୁ କହି ଦେଉଥିଲି । କିନ୍ତୁ ଅତି ଚମତ୍କାରଭାବରେ ସେ ସମାଲୋଚନାର ରୀତି ବତାଇ ଦେଉଥିଲେ । 'ମହାଯାତ୍ରା' ସହିତ ତାଙ୍କର 'ମେଘ ନାଦ ବଧ', 'ପାରାଡାଇସ୍ ଲଷ୍ଟ'ର ତୁଳନାତ୍ମକ ଆଲୋଚନା ଅପୂର୍ବ ହେଉଥିଲା । ପଣ୍ଡିତ ବିନାୟକ ମନମୋହନ ଚକ୍ରବର୍ତ୍ତୀଙ୍କ ଇଂରାଜୀରେ ଲିଖିତ ଓଡ଼ିଆ ସାହିତ୍ୟର ଇତିହାସରୁ ବୃତ୍ତ ଓ ରାଗ ମଧ୍ୟରେ ଥିବା ତାରତମ୍ୟ ଦର୍ଶାଉଥିଲେ । ମୁଁ ତାଙ୍କର ଓଡ଼ିଆ ଭାଷାର ଇତିହାସ ଓ ଓଡ଼ିଆ ସାହିତ୍ୟର ଇତିହାସ ପଢ଼ୁଥିଲି । ସେତେ-ବେଳକୁ ଖଣ୍ଡିଏ ହେଲେ ଓଡ଼ିଆ ସମାଲୋଚନା ବହି ପ୍ରକାଶ ପାଇ ନ ଥିଲା । ମୁଁ 'ଉତ୍କଳସାହିତ୍ୟ', 'ସହକାର', 'ନବଭାରତ'ର ପ୍ରବନ୍ଧରୁ ଯତ୍‌ସାମାନ୍ୟ ନୋଟ୍ କରୁଥିଲି ।

ସେତେବେଳେ ଡକ୍‌ଟର ନୀହାରରଞ୍ଜନ ରାୟ କଲିକତା ବିଶ୍ୱବିଦ୍ୟାଳୟ ପାଠାଗାରର ଗ୍ରନ୍ଥାଗାରିକ । ତାଙ୍କଠାରୁ ଅନୁମତି ନେଇ ମୁଁ ଓଡ଼ିଆ ବହିସବୁ ସଜାଡ଼ିଲି । ପୋଷ ପୋଷ କଳା ଗୁଣ୍ଡ, ଧୂଳି, ଅଳନ୍ଧୁ ଜମି ରହିଥିଲା । ଝଡ଼ାଝଡ଼ି କରି ଚେପା, ଲୋତରା, ଛିଣ୍ଡା, ଫିମ୍ପିମରା ବହିଗୁଡ଼ାକ ସଜାଡ଼ି ରଖିଲି । ସାରାଦିନ ସକାଳୁ ସନ୍ଧ୍ୟା ଲାଇବ୍ରେରୀରେ ବସି ପଢ଼ାପଢ଼ି କରେ । ମଝିରେ ଆସି ଖାଇ ଦେଇ ଯାଏ । କିନ୍ତୁ ପଢ଼ାରେ ନିବିଷ୍ଟ ହୋଇ ପାରିଲିନାହିଁ, ମୁଁ ଯିବା ଓଡ଼ିଆ ଆନ୍ଦୋଳନକୁ ଛାଡ଼ିଲି, ଓଡ଼ିଆ ଆନ୍ଦୋଳନ ମୋତେ ଛାଡ଼ୁଛି କେଉଁଠି ? ସେ କାଳେ ଏବ ଭଳି ଏତେ ନେତା ନ ଥିଲେ । ମୁଁ ମଝିରେ ମଝିରେ ଯାଇ ସଭାରେ ଯୋଗ ଦେଲି । ଓଡ଼ିଆ ବସ୍ତିସବୁ ବୁଲି ଦେଖିଲି । ଓଡ଼ିଆମାନଙ୍କ ଦୁରବସ୍ଥା ଉଲ୍ଲେଖ କରିଛି । ପରିଶିଷ୍ଟ ଡାଇରି, ଦ୍ରଷ୍ଟବ୍ୟ ।

ଶ୍ରୀ ଗୋପାଳ ମଲ୍ଲିକ ଲେନର ମେସ୍‌କୁ ଗଲାପରେ ମୋର ଅଭାବ ବଢ଼ିଥିଲା ଓ ମୁଁ ଗୋଟିଏ ଟିଉସନ ଧରିଥିଲି—ପାଞ୍ଚୋଟି ପିଲା । ପରୀକ୍ଷାରମ୍ଭର ଦୁଇମାସ ପୂର୍ବରୁ ପଢ଼ାଇଥିଲି । ପାଞ୍ଚଟିରୁ ଦୁଇଟି ପାସ୍ କଲେ, ତିନୋଟି ଫେଲ୍ ହେଲେ । ସାରା ଛାତ୍ରଜୀବନ ମୁଁ ଶିକ୍ଷକତା କରି ଆସିଛି । ଟିଉସନବଜାରରେ ନିମାପଡ଼ା ଓ କଟକରେ ମୋର ପ୍ରତିଷ୍ଠା ଥିଲା—କିଛି ଅହଙ୍କାର ବି ଥିଲା । ମନେମନେ ଆହତ ହେଲି । ପୁଣି ବିଚାରିଲି—ମୂଳଦୁଆ ଖରାପ; କାନ୍ଥର ଫାଟରେ ମାଟି ଲେପି ଯେତେ ଲିପାପୋଛା କଲେ କଣ ହେବ ? ସମୟ ଦରକାର । ଦୁଇ ମାସରେ କି କୁହୁକ ବିଦ୍ୟା ମୁଁ ଦେଖାଇ ପାରିଥାନ୍ତି ?

ପୂଜାଛୁଟିରେ ଉତ୍ତର ଭାରତ ଭ୍ରମଣରେ ଯିବା ପ୍ରସ୍ତାବ ହେଲା । ସ୍ନାତକୋତ୍ତର ବହୁ ବଙ୍ଗାଳୀ ପିଲା ବାହାରିଲେ, ଦରଖାସ୍ତ କରିଥିଲେ ବି ମୋ ନାଆଁଟି ତାଲିକାରେ ଉଠିଲାନାହିଁ । ପ୍ରତ୍ୟେକ କଥାରେ କଣ କର୍ତ୍ତାଙ୍କ ସଙ୍ଗେ ଲଢ଼େଇ କରିବାକୁ ହେବ ? ପୁଣି ଅଧ୍ୟାପକ ମନ୍ମଥେଶ୍ୱର ଦାଶଙ୍କୁ ସଙ୍ଗରେ ଘେନି ଡକ୍ଟର ଶ୍ୟାମାପ୍ରସାଦ ମୁଖୋପାଧ୍ୟାୟଙ୍କ ସଙ୍ଗେ ସାକ୍ଷାତ କଲି । ତାଙ୍କ ଇଙ୍ଗିତ ମାତ୍ରେ ମୋ ନାମଟି ତାଲିକାର ଅନ୍ତର୍ଭୁକ୍ତ ହୋଇଗଲା । ୧୯୩୦ରେ ମୁଁ ଡାଇରିରେ ସେଇ ଭ୍ରମଣର ଯତ୍‌ସାମାନ୍ୟ ଟିପି ରଖିଥିଲି । ୧୯୫୦ରେ ମୋର ପ୍ରଥମ ଭ୍ରମଣକାହାଣୀ 'ଲଙ୍କାଯାତ୍ରୀ' ପ୍ରକାଶିତ ହେଲା । ତାର ଦଶ ବର୍ଷ ପୂର୍ବରୁ ପରବର୍ତ୍ତୀ କାଳରେ ଏହିଭଳି ବିପୁଳ ସାହିତ୍ୟ ଲେଖିବାର ମୂଳବୀଜ ମୋର ଟିପା ଖାତାରେ ହିଁ ନିହିତ ଥିଲା । ଏହାକୁ ମୋର ପ୍ରଥମ ଭ୍ରମଣକାହାଣୀ ବା ଟିପାଖାତା ଯାହା କିଛି କୁହାଯାଇପାରେ । ମୋ ସାହିତ୍ୟିକ ବିକାଶ ଜାଣିବା ଲାଗି କିଞ୍ଚିତ୍ ସାହାଯ୍ୟ କରିବ, ଏଇ ବିଶ୍ୱାସରେ ଯତ୍‌ସାମାନ୍ୟ ଉଦ୍ଧାର କଲି—

## ଉତ୍ତରା ପଥେ

ଯତିନ୍ ବାବୁ (ବଙ୍ଗଳା ଅଧ୍ୟାପକ)ଙ୍କ ଗୃହକୁ ଯାଇ ରାତି ନ'ଟା ଗାଡ଼ିରେ ଯାତ୍ରା କଲୁ । ପ୍ରଫେସରବାବୁଙ୍କ ଘରେ ଜଣେ ଓଡ଼ିଆ 'ଠାକୁର'ଙ୍କ ସହିତ ପରିଚୟ ହେଲା । ନିଜ ଦେଶରେ ଜଳାଞ୍ଜଳି ଦେଇ ବ୍ରାହ୍ମଣ ପିଲାଟି କିପରି ଚୁଲୀ ମୁହଁରେ ଶିଝୁଛି ଏବଂ ନାନା ଗାଳି ସହ୍ୟ କରୁଛି ସବୁ ଜଣାଇ ଅଶ୍ରୁମୋଚନ କରିଥିଲା ଏବଂ ମୋ ଭାଗ୍ୟ ସହିତ ନିଜ ଭାଗ୍ୟକୁ ତୁଳନା କରି କପାଳରେ କରାଘାତ କରିଥିଲା ।

ଗାଡ଼ି ଭିତରେ ବୋରିଆ ପକାଇବାକୁ ସ୍ଥାନ ନାହିଁ । କୌଣସିମତେ କହୁଣୀ ମାରି ଭିତରେ ପଶିଲୁ । ଭୀଷଣ ଗରମ । ଅନେକ ଯାତ୍ରୀ ଛିଡ଼ା ହୋଇଥାନ୍ତି । ଗାଡ଼ି ଗର୍ଜନ କରି ଚାଲିଲା । ବଡ଼ି ସକାଳୁ ଗୟାରେ ପହଞ୍ଚିଲୁ ।

ସେଦିନ ରାତିଟି ବଡ଼ ମନୋହର । ଆକାଶରେ ଦ୍ୱିତୀୟା ଚନ୍ଦ୍ର, ତାରାଗୁଡ଼ିକର ଜ୍ୟୋତି ପୂର୍ଣ୍ଣ ବିକାଶ ଲାଭ କରିଥାଏ । କୁହୁଡ଼ିମିଶା ଶୀତଳ ପବନ ପ୍ରାଣ ପୁଲକିତ କରୁଥାଏ ।

ଗୟା ଷ୍ଟେସନରେ ପଣ୍ଡାମାନେ ଘେରିଆସେ ଗଦରେଣିଆ ମାଛି ପରି ବେଢ଼ିଗଲେ । ସମସ୍ତଙ୍କୁ ଫାଙ୍କି ଦେଇ ଆମ୍ଭେମାନେ ତିନିଖଣ୍ଡ ଟଙ୍ଗା କରି 'ଭାରତ

ସେବାଶ୍ରମରେ ପହଞ୍ଚିଲୁ । ସେଠାରେ ଅନେକ ବାଙ୍ଗାଳୀ ଅଛନ୍ତି । ସେମାନେ ଆମର ଖାଇବା ପିଇବାର ସମସ୍ତ ବନ୍ଦୋବସ୍ତ କରିଥିଲେ ।

ଫୁଲବଗିଚାଗୁଡ଼ିକ ସୁନ୍ଦର । ନାନା ଫଳରେ ବଗିଚାଟିଏ ପରିପୂର୍ଣ୍ଣ । ଆଶ୍ରମ ଚତୁର୍ଦ୍ଦିଗରେ ଶସ୍ୟକ୍ଷେତ୍ର । ଟାଉନର ଲୋକସଂଖ୍ୟା ୯୬୦୦୦ । ଫଲ୍‌ଗୁ ନଦୀ କଳ କଳ ନାଦରେ ବହମାନା, ଉପରବେଳା 'ବୁଦ୍ଧଗୟା' ଦର୍ଶନ କରିବାକୁ ବାହାରିଲୁ, ପ୍ରାୟ ଗୟାଠାରୁ ଛ' ମାଇଲ ଦୂରରେ ଅବସ୍ଥିତ, ଅସଂଖ୍ୟ ବୌଦ୍ଧ ମୂର୍ତ୍ତି ଓ କାରୁକାର୍ଯ୍ୟ ଦେଖି ମୁଗ୍‌ଧ ହୋଇଥିଲି । ବୌଦ୍ଧ ମୂର୍ତ୍ତି ଖୁବ ବଡ଼ । ମନ୍ଦିର ବେଶୀ ଉଚ୍ଚ ନୁହେଁ । ମନ୍ଦିରର ଚାରିକୋଣରେ ଗୋଟିଏ ମୁକୁଟର ବିଭିନ୍ନ ଶାଖା ପରି ୪ଟି ମନ୍ଦିର ଅବସ୍ଥିତ । ମନ୍ଦିରର ବେଢ଼ାରେ ଅସଂଖ୍ୟ ଖୋପ । ପ୍ରତି ଖୋପରେ ବୌଦ୍ଧ ମୂର୍ତ୍ତି ଥିବାର ପ୍ରବାଦ ଅଛି । କିନ୍ତୁ ବର୍ତ୍ତମାନ ଖୋପଗୁଡ଼ିକ ଶୂନ୍ୟ । ମନ୍ଦିରର ଶୀର୍ଷ ଦେଶରେ ଗୋଟିଏ ପ୍ରସ୍ତର ପଦ୍ମ ମୁଣ୍ଡିମର କାରୁକୌଶଳ ଚମତ୍କାର । ଚତୁର୍ଦ୍ଦିଗରେ ଅନେକ ଭଗ୍ନସ୍ତୂପ ବିଦ୍ୟମାନ । ବିଭିନ୍ନ ମୂର୍ତ୍ତିର କଙ୍କାଳ, ଭଗ୍ନହସ୍ତ ପଦରେ ଚତୁର୍ଦ୍ଦିଗ ପୂର୍ଣ୍ଣ ହୋଇ ଶ୍ମଶାନ ବତ୍ ପ୍ରତୀୟମାନ ହେଉଛି । ନିକଟରେ ପୁଷ୍କରିଣୀ, ମନ୍ଦିର ଚାରିଦିଗରେ ଚାରିଦ୍ୱାର; ବୋଧିବୃକ୍ଷ ମନ୍ଦିରର ଗୋଟିଏ କଡ଼କୁ ବିଦ୍ୟମାନ । ତାହା ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ପତାକାରେ ପରିଶୋଭିତ ହୋଇଅଛି । ଏହି ବୃକ୍ଷତଳରେ ବୁଦ୍ଧ ବୁଦ୍ଧତ୍ୱ ଲାଭ କରିଥିଲେ, କିଂବଦନ୍ତୀ ।

ନିକଟରେ ରାମ ଲକ୍ଷ୍ମଣ ସୀତା, ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଏବଂ ଶିବମୂର୍ତ୍ତି ବିଦ୍ୟମାନ । ଶଙ୍କରାଚାର୍ଯ୍ୟ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ଯୁକ୍ତିରେ ପରାସ୍ତ କରି ବ୍ରାହ୍ମଣ୍ୟ ଧର୍ମର ପୁନଃପ୍ରତିଷ୍ଠା କରିଥିଲେ । ତାର ସ୍ମୃତି ଚିହ୍ନ ସ୍ୱରୂପ ଅସଂଖ୍ୟ ଶିବମୂର୍ତ୍ତି ବୁଦ୍ଧ ଗୟା ଉପକଣ୍ଠବର୍ତ୍ତୀ ମନ୍ଦିରମାନଙ୍କରେ ପ୍ରତିଷ୍ଠିତ ହୋଇଥିଲା । ଅଦୂରରେ ଶଙ୍କରାଚାର୍ଯ୍ୟଙ୍କର ବିରାଟ ମଠ; ବେଦପାଠ, ଶିବପୂଜା, କାଳଭୈରବ ମୂର୍ତ୍ତି, ଲାଇବ୍ରେରୀ—ପାଣ୍ଡୁଲିପି ଦର୍ଶନ କରି କରି ଫଲ୍‌ଗୁ ନଦୀର ତୀରେ ତୀରେ ବସାକୁ ବାହୁଡ଼ି ଆସିଲୁ । ଦିନମଣି ଅସ୍ତପ୍ରାୟ । ଗୋଟିଏ ବଙ୍ଗାଳୀ ହୋଟେଲରେ ଖାଇବା ବ୍ୟବସ୍ଥା । ରାତ ଗାଡ଼ିରେ ମୋଗଲସରାଇରୁ ବନାରସ ଗଲୁ ।

ବନାରସରେ ପ୍ରାୟ ୩୦୦ ଘାଟ—ମଣିକର୍ଣ୍ଣିକା, ଦଶାଶ୍ୱମେଧ ଘାଟ, ପଞ୍ଚଗଙ୍ଗା ଘାଟ, ବ୍ରହ୍ମଘାଟ, ଇତ୍ୟାଦି—ପ୍ରତି ଘାଟରେ ଗୋଟିଏ ଗୋଟିଏ ବଡ଼ ଛତ୍ର ତଳେ ଜଣେ ଜଣେ ପଣ୍ଡା ଫୁଲ ଚନ୍ଦନ, ପାନିଆ ଦର୍ପଣ ଘେନି ବସିଥାନ୍ତି । ତେଲପସରା ସ୍ଥାନେ ସ୍ଥାନେ ବସିଥାଏ । ସ୍ନାନର ସବୁ ସୁବିଧା କରାଯାଇଛି । ମଣିକର୍ଣ୍ଣିକାର ସୁପ୍ରସିଦ୍ଧ ମଣିକର୍ଣ୍ଣିକେଶ୍ୱର ଶ୍ମଶାନ ଦୃଶ୍ୟ—ତୀର୍ଥ—ସଂକଳ୍ପ—ମସ୍ତକମାନଙ୍କ ସନ୍ତରଣ—ପଣ୍ଡାମାନଙ୍କ କୋଳାହଳ—ଗଙ୍ଗା ମଧ୍ୟସ୍ଥ ମନ୍ଦିର—ବେଣୀମାଧବର ଧ୍ୱଜା—

ଗଙ୍ଗାର ଅଳସ ବକ୍ରଗତି—ସଞ୍ଜର ରଙ୍ଗୀନ୍ ଛାଇ—ଚତୁର୍ଥୀ ଚନ୍ଦ୍ରର ଆପାଣ୍ଡୁର କୋମଳ ଜ୍ୟୋତ୍ସ୍ନା, ବାମଦିଗେ ରହସ୍ୟମୟ ଚକ୍ରବାଳରେ ନୀଳବନ ରେଖା, ଆନ୍ଦୋଳିତ ଲହରୀମାଳାରେ ଅଗଣିତ ଶୁଭ୍ର ତାରକା ସହ ନଭ-ବିତାନର ପ୍ରତିବିମ୍ବ, ସ୍ୱଚ୍ଛ ଜଳରେ ପ୍ରତିଫଳିତ ତୀରସ୍ଥ ବିଜୁଳି ଆଲୋକମାଳା—ଜଳବନରେ ସୁବର୍ଣ୍ଣ ଲତିକା ପରି କ୍ରୀଡ଼ାଲୋଳ ପ୍ରତୀୟମାନ ହେଉଥାଏ । ଏ ମଧ୍ୟରେ 'ବିତଳକୁ ଆଲିଙ୍ଗନ' ସଙ୍ଗୀତଗାନ ସମୟୋପଯୋଗୀ ହୋଇଥିଲା ।

ବିଶ୍ୱେଶ୍ୱର ମନ୍ଦିର ଦର୍ଶନ ମନ୍ଦିରର ସ୍ୱର୍ଣ୍ଣଚୂଡ଼ା—ରୌପ୍ୟଦ୍ୱାର, ଆଳତି ଦର୍ଶନ, ସାତ ଜଣ ପଣ୍ଡା ଆଳତି କରନ୍ତି । ଜଣେ ଗୀତ ଗାଉଛି । ଡମ୍ବରୁ, ଦୁନ୍ଦୁଭି ଓ ଘଣ୍ଟା ବଜାଯାଏ, ସପ୍ତଶିଖ ଆଳତି, ବଂ ବଂ ଶିବନାଦ, ପଞ୍ଚଫଣା ନାଗଚ୍ଛତ୍ର, ପୁଷ୍ପ ମାଳାବିଭୂଷିତ ଲକ୍ଷ୍ମୀନାରାୟଣ, ପଞ୍ଚପାଣ୍ଡବ, ଶିବପାର୍ବତୀ, ରାଧାକୃଷ୍ଣ ମୂର୍ତ୍ତି ବଡ଼ ଚମତ୍କାର—ହିନ୍ଦୁ ବିଶ୍ୱବିଦ୍ୟାଳୟ—ଲାଇବ୍ରେରୀ ।

## ସାରନାଥ ଗମନ

୨୫୨୩ ବର୍ଷ ତଳର କୀର୍ତ୍ତି—ସାରନାଥ ସେତିକି ବିରାଟ ନଗର ପରି ପ୍ରତୀୟମାନ ହୁଏ । ଚତୁର୍ଦ୍ଦିଗରେ ପ୍ରାଚୀରର ଚିହ୍ନ ଅଦ୍ୟାପି ପରିଦୃଷ୍ଟ । ଅସଂଖ୍ୟ ବୌଦ୍ଧ ବିହାର—ପ୍ରତ୍ୟେକ ବୌଦ୍ଧର ସ୍ୱତନ୍ତ୍ର କୋଠରୀ—ସୁଦୀର୍ଘ ସୁଡ଼ଙ୍ଗ—ତା ମଧ୍ୟରେ କୁମାରୀ ଦେବୀ ଦେଖ ଦର୍ଶନ କରି ପାଉଥିଲେ । ବୁଦ୍ଧଦେବଙ୍କ ସମାଧି ମନ୍ଦିରର ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥା, ଇଷ୍ଟକଗୁଡ଼ିକରେ ଲତା, ପୁଷ୍ପ ଫଳ ପତ୍ର ଚିତ୍ର ମନୋହର—ବୁଦ୍ଧଙ୍କ ଧର୍ମପ୍ରଚାର ସ୍ଥାନ—ଅଶୋକସ୍ତମ୍ଭ—ଶିଳାଲେଖ—ଜୀର୍ଣ୍ଣ ସ୍ତୂପ ପ୍ରତି ସୁବର୍ଣ୍ଣ କିରଣର ଅଟ୍ଟହାସ ।

## ଗଙ୍ଗା ଯମୁନା ସଙ୍ଗମ (ପ୍ରୟାଗ)

ଗଙ୍ଗା ଯମୁନା ସଙ୍ଗମର ଅପୂର୍ବ ଦୃଶ୍ୟ—କୃଟିଲ ପ୍ରକ୍ଷେଳପି.....ଭିନ୍ନ ପ୍ରବାହ ଯମୁନା ତରଙ୍ଗେ—ମସ୍ତକୋପରି ଅନନ୍ତ ଉଦାର ଆକାଶ—ଚତୁର୍ଦ୍ଦିଗରେ ଶସ୍ୟ-ଶ୍ୟାମଳ ଧରଣୀ—କ୍ଷୁଦ୍ର ମେଘମାଳାରେ ଦିଗନ୍ତର ଭ୍ରୂତଟ ଅନମ୍ର--ମଧ୍ୟାହ୍ନର ଉଦ୍ଦାମ ଆଶ୍ଳେଷ—ତା ମଧ୍ୟରେ ଗଂଗା ଯମୁନାର ମଧୁର ମିଳନ; ଗଙ୍ଗା ଉଚ୍ଛଳା, ମୁଖର—ଯମୁନା ଧୀର, ଶୀତଳା, ଉତ୍କ୍ଷିପ୍ତ ତରଙ୍ଗମାଳ ଉତ୍‌ଫଣ ସର୍ପ ପ୍ରାୟ ଶୂନ୍ୟ ଦଂଶନ କଲାପରି ପ୍ରତୀୟମାନ—କବି ହୃଦୟରେ ଭାବାବେଶ ପରି ଈଷତ୍ ଚଞ୍ଚଳ, ଲହରୀ ମାଳା ଯମୁନାର ବକ୍ଷଦେଶରେ ବିରାଜମାନ—ଧରଣୀ ଗଳାରେ ଯେପରି ଦୁଇଟି ମାଳା —ଗୋଟିଏ ଇନ୍ଦ୍ରନୀଳମଣି ଅନ୍ୟଟି ମୁକ୍ତା ଫଳର—କିବା ଦୁଇଟି ପଦ୍ମମାଳା ଗୋଟିଏ ଶ୍ୱେତ, ଅନ୍ୟଟି ନୀଳ....ଯେପରି କି ଆଲୋକ ଛାୟାର ମିଶାମିଶି ଲୀଳା, କିନ୍ତୁ ଅନ୍ତରର ଭାବକୁ ଏଡ଼ି ମିଶି ପାରି ନାହାନ୍ତି । ନୀଳ ଯମୁନାର ଗୋଟିଏ ଢେଉ ଗୋଟିଏ ଜଳବୁଡ଼ା କାକ ପରି କ୍ରୀଡ଼ା କରୁଛି । ଗଙ୍ଗାର ଗୋଟିଏ ଢେଉ ଯମୁନାରେ ଗୋଟିଏ ଶ୍ୱେତ ହଂସ ପରି ସନ୍ତରଣ କରୁଛି । ମିଳନସ୍ଥାନରେ ଦୁଇଟି ଢେଉ ଏକତ୍ର ମିଶି ଗଲାବେଳେ ରାଧାକୃଷ୍ଣଙ୍କର ଆଲିଙ୍ଗନ ପରି ବଡ଼ ପ୍ରୀତିପ୍ରଦ ବୋଧ ହେଉଛି । ବୁଦ୍‌ବୁଦଗୁଡ଼ିକ କେଉଁ ଜଳଦେବୀର ଛିନ୍ନ ମୁକ୍ତା ଫଳ ପରି ଭାସି ଉଠୁଛି—ଫେନପୁଞ୍ଜ ବରୁଣରାଜାଙ୍କର ମୁକୁଟ ଝରି ପରି ସ୍ରୋତ ପ୍ରବାହରେ ଭାସି ଯାଉଛି—ଆବର୍ତ୍ତ ପୂର୍ଣ୍ଣତା ସତ୍ତ୍ୱେ ଯେପରିକି ବିରାଟ ଶୂନ୍ୟତାର ସୂଚନା ଦେଉଛି ।

## ଦିଲ୍ଲୀ

ହସ୍ତିନାପୁର ଭଗ୍ନସ୍ତୂପ, ଖଣ୍ଡର, ଦୀର୍ଘ ଉଚ୍ଚ ପ୍ରାଚୀର । ପ୍ରତ୍ୟେକ ରେଣୁ ସ୍ମୃତି ବିଜଡ଼ିତ—ମନଶ୍ଚକ୍ଷୁର କୌଣସି ଜିନିଷ ଯେପରିକି ହଜିଛି—ଆମେ ତାକୁ

ଖୋଜନ୍ତୁ—ସେ ଯୁଗର କେତେ ଅସ୍ପୃଷ୍ଟ ମୃତ୍ତିକାରେ ପରିଣତ ହେଲାଣି—କେତେ ନବ ସୃଷ୍ଟି—ଉତ୍‌ଥାନ ପତନ, ଛାୟା ଆଲୋକ, ମାୟା ମରୀଚିକା ମନପ୍ରଦେଶରେ ଖେଳି ବୁଲେ ।

ସାହାଜାହାନ ନିର୍ମିତ ଜୁମା ମସ୍‌ଜିଦ୍—୫ ହଜାର ଶିଳ୍ପୀ ୬ ବର୍ଷ କାଳ ଏଥିରେ କାମ କରିଥିଲେ । ସାହାଜାହାନ ଗୋଟିଏ ସ୍ୱର୍ଗୀୟ ସ୍ୱପ୍ନ ଦେଖି ଏହା ନିର୍ମାଣ କରିଥିଲେ, କିମ୍ବଦନ୍ତୀ, ସମ୍ରାଟଙ୍କ ନାମ ଓ ଶେଷ ହେବାର ତାରିଖ (୧୬୫୦ ଖ୍ରୀଷ୍ଟାବ୍ଦ) ଏଥିରେ ଲେଖା ଅଛି । ମିନାର ଉପରେ ମାର୍ବଲପଥରର ଗୋଟିଏ ଚନ୍ଦ୍ରାତପ ଅଛି ।

ଲାଲ୍‌କିଲା, ୧୬୩୯ରେ ସାହାଜାହାନଙ୍କ ଦ୍ୱାରା ନିର୍ମିତ । ଏଥିରେ ମୟୂର ସିଂହାସନ ଥିଲା । କୋହିନୁର ହୀରା ଓ ବହୁ ନୀଳା, ମଣିମୁକ୍ତା ଥିଲା । ମରହଟ୍ଟାମାନେ ସବୁ ଲୁଣ୍ଠନ କରି ନେଇଥିଲେ । ୧୮୫୭ରେ ଏହା ଘୋଡାଶାଳ (ବ୍ରିଟିସ୍ ସୈନ୍ୟଙ୍କର)ରେ ପରିଣତ ହୋଇଥିଲା । ବିଦ୍ରୋହ ପରେ ସେନାନିବାସରେ ପରିଣତ ହେଲା । ଏହା ମଧ୍ୟରେ ଅନେକ ସୁନ୍ଦର ସୁନ୍ଦର ପ୍ରାସାଦ ଅଛି । ଲାହୋର ଗେଟ୍ ୪୧ ଫୁଟ ଉଚ୍ଚ, ୨୪ ଫୁଟ ପ୍ରସ୍ଥ, ତିନି ମହଲା । ଅଉରଙ୍ଗଜେବ୍ ସାହାଜାହାନଙ୍କ ନିର୍ମିତ କାନ୍ଥର ଚତୁର୍ଦ୍ଦିଗରେ ଆଉ ଗୋଟିଏ ବଡ଼ ପାଚେରୀ ବୁଲାଇ ଦେଇଥିଲେ । 'ନକ୍‌କର ଖାନା'ରେ ପ୍ରତିଦିନ ଡ୍ରମ୍ ଓ ତୂରୀ ବାଜୁଥିଲା । ବର୍ତ୍ତମାନ ଏହା ଯାଦୁଘରରେ ପରିଣତ ହୋଇଛି । ଘୋର ପରିବର୍ତ୍ତନ ଦେଖି ଉର୍ଦ୍ଦୁ କବିଙ୍କ ଉକ୍ତି ମନେ ପଡ଼େ—

"ଯେଉଁଠି ଆନନ୍ଦର ଜୁଆର ଛୁଟିଛି, ସେଠି ଦିନେ ଅବଶ୍ୟ ଦୁଃଖର ଭଟ୍ଟା ପଡ଼ିବ । ଆନନ୍ଦର କଳଧ୍ୱନି ସ୍ଥାନରେ ବିଳାପ ଓ ବେଦନ ଧ୍ୱନି ଶୁଣାଯିବ ।"

ଲାଲ୍ ଦୁର୍ଗର 'ଦେବାନିୟମ'ରେ ସମ୍ରାଟ ଲୋକମାନଙ୍କୁ ବ୍ୟକ୍ତିଗତ ସାକ୍ଷାତ୍ ଦେଉଥିଲେ । ସାଧାରଣଙ୍କ ପ୍ରବେଶ ଅଧିକାର ଥିଲା । ତେଣୁ ଏହାର ନାମ 'ଦେବାନିୟମ୍' । ପର୍ବ ସମୟରେ ଏହା ସଜ୍ଜିତ ହେଉଥିଲା । ୧୮୫୭ ବିଦ୍ରୋହ କାଳରେ ଏହା ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା ।

ଦେବାନିଖାସ୍ ଛାତର ଚାରିକଣରେ ଚାରୋଟି ମାର୍ବଲ ଗମ୍ବୁଜ, ଅନେକ ଖମ୍ବ, ଛାତରେ ସୁନାପତ୍ର ଦିଆଯାଇଥିଲା । ସ୍ତମ୍ଭସବୁ ହୀରା ନୀଳା ରତ୍ନାଦିରେ ଭୂଷିତ ହୋଇଥିଲା । ପ୍ରାସାଦ ମଧ୍ୟଭାଗରେ ୧୨ ଫୁଟ ଓସାରର ଗୋଟିଏ ମାର୍ବଲ ନାଳ ଅଛି । ବର୍ତ୍ତମାନ ଶୁଷ୍କ । ଯମୁନା ସହିତ ସଂଯୁକ୍ତ ହୋଇ କିପରି ଏହା ମଧ୍ୟକୁ ଜଳ ଆସୁଥିଲା ବୁଝା ଯାଉନାହିଁ । ଏହା ମଧ୍ୟରେ ଗୋଟିଏ ମାର୍ବଲ ପୀଠ ଉପରେ ମୟୂରସିଂହାସନ ଥିଲା । ୧୭୩୯ ଖ୍ରୀଷ୍ଟାବ୍ଦରେ ନାଦିର ସାହା ଏହା ନେଲେ । ଗୋଟିଏ କାନ୍ଥରେ ଲେଖା ଅଛି –'ଯଦି କେଉଁଠି ସ୍ୱର୍ଗ ଥାଏ, ତା ଏଇଠି-ଏଇଠି ଏଇଠି' ।

ଏହାକୁ ବର୍ତ୍ତମାନ ଦେଖିଲେ ମନରେ ଦୁଃଖ ଆସେ, ଉର୍ଦ୍ଦୁ କବିଙ୍କ ଉକ୍ତି ମନେ ପଡ଼େ—'ସଂସାର କେବଳ ସୁଖର ନୀଡ଼ ନୁହେଁ, ସୌନ୍ଦର୍ଯ୍ୟ ଓ ପ୍ରୀତିର ସ୍ଥଳ ନୁହେଁ, ଏହା ଏକ ଶିକ୍ଷାକ୍ଷେତ୍ର—ଏଠା ଆନନ୍ଦ ଅଳ୍ପ କ୍ଷଣସ୍ଥାୟୀ' ।

ଦେୱାନିଖାସ୍ ନିକଟରେ ମୋଗଲ ବାଦଶାହଙ୍କ ସ୍ନାନଘାଟ; ସ୍ନାନଘାଟରେ ୩ଟି ମାର୍ବଲ କୋଠା ଖୁବ୍ ପ୍ରଶସ୍ତ; ତଳେ ଉଷ୍ଣ ଜଳପ୍ରବାହ ଥିଲା, ତାର ବାଷ୍ପ ଉଠି ଗୃହଟିକୁ ଗରମ ରଖୁଥିଲା ।

ନଦୀ ଆଡ଼କୁ ୩ଟି ମାର୍ବଲ ପୁଷ୍କରିଣୀ ଅଛି, ହୀରାନୀଳା ଖଚିତ । ପ୍ରଥମରେ ସୁବାସିତ ଗୋଲାପଜଳରେ ଲଳନାଗଣ ସ୍ନାନ କରୁଥିଲେ, ବେଶଭୂଷଣ ପରିଧାନ କରୁଥିଲେ । ଦ୍ୱିତୀୟଟି ଜଳଘାଟ । ସ୍ତୁତିପାଠ କରିବା ପାଇଁ ମାର୍ବଲପଥରର ଗୋଟିଏ ପଲଙ୍କ ପଡ଼ିଛି । ତୃତୀୟରେ ଉଷ୍ଣଜଳଭରା ପୁଷ୍କରିଣୀ । ଏହା ତଳେ ଗୋଟିଏ ବଡ଼ ଲୌହପିଣ୍ଡ ଥିଲା, ଏହା ଗରମ ହେବା ମାତ୍ରେ ପୁଷ୍କରିଣୀ ଜଳକୁ ଉଷ୍ଣ ରଖୁଥିଲା ।

'ମୋତି ମସ୍‌ଜିଦ୍' ଔରଙ୍ଗଜେବଙ୍କ ନିର୍ମିତ, ମାର୍ବଲପଥରରେ; ୧୮୫୭ ତୋପ ମାଡ଼ରେ ବିକଳାଙ୍ଗ, ସ୍ୱର୍ଣ୍ଣଚପାଣିତ ଅଙ୍ଗ ଭଗ୍ନ । ମଧ୍ୟ ଭାଗରେ ଗୋଟିଏ ଗୃହ । ଏଥିରେ ପ୍ରାର୍ଥନା କରାଯାଉଥିଲା ।

'ତସ୍‌ବିର୍ ଖାନା' ବାଦଶାହାଙ୍କ ଶୟନାଗାର, ଗୁପ୍ତ ମନ୍ତ୍ରଣାଗାର ରୂପେ ଏହା ବ୍ୟବହୃତ ହେଉଥିଲା ।

## ଶେଷ ପର୍ବ

କଲିକତାରେ ଛାତ୍ର ଥିଲାବେଳେ ଦୁଇଟି ମୁଖ୍ୟ ଘଟଣା ମୋ ଉପରେ ପ୍ରଭାବ ବିସ୍ତାର କରିଥିଲା ଗୋଟିଏ ଦ୍ୱିତୀୟ ମହାଯୁଦ୍ଧ, ଅନ୍ୟଟି ଭାରତର ସ୍ୱାଧୀନତା ସଂଗ୍ରାମ । ଉଭୟ ଆଜି ଇତିହାସର ଗୌରବ ଲାଭ କରିଅଛି । ଯୁଦ୍ଧର ପ୍ରତ୍ୟକ୍ଷ ଫଳ ରୂପେ ଦେଖାଦେଲା ଦରବୃଦ୍ଧି; କଳାବଜାର ବୋଲି ନୂଆ କଥାଟିଏ ଶୁଣାଗଲା, ଯାହା ଯୁଦ୍ଧ ଶେଷ ପରେ ବି ଲାଗି ରହିଲା, କ୍ରମେ ରୁଦ୍ର ରୂପ ଧାରଣ କରି ମନୁଷ୍ୟ ଚରିତ୍ରର ଘୋର ଅବନତି ଘଟାଇଲା । ଜୀବନର ସାଧାରଣ ମାନ ବଜାୟ ରଖିବା ଲାଗି ମନୁଷ୍ୟକୁ ରକ୍ତାକ୍ତ ସଂଗ୍ରାମରେ ନିମଜ୍ଜିତ ହେବାକୁ ହେଲା । ଯୁଦ୍ଧର କାହାଣୀ ସମ୍ବାଦପତ୍ରରେ ପଢ଼ୁଥିଲି, ଦରଦାମ୍‌ବୃଦ୍ଧି, ପ୍ରୟୋଜନୀୟ ଦ୍ରବ୍ୟର ଦୁର୍ଲଭତା ବ୍ୟତୀତ ଯୁଦ୍ଧର ଅନ୍ୟ ବିଭୀଷିକା ହୃଦୟଙ୍ଗମ କରିବା ମୋ ପକ୍ଷେ ସମ୍ଭବ ନଥିଲା । ଯୁଦ୍ଧର ଘୋର ହିଂସା ମଧ୍ୟରେ ଅହିଂସ ସ୍ୱାଧୀନତାସଂଗ୍ରାମ ଓ ବ୍ରିଟିଶ୍ ସରକାରଙ୍କ ଦମନଲୀଳା ଲାଗି ରହିଥିଲା ।

ଭାରତର ଏଇ ଘୋର ଦୁର୍ଯୋଗ ମଧ୍ୟରେ ରବୀନ୍ଦ୍ରନାଥ ଇହଧାମ ତ୍ୟାଗ କଲେ । କଲିକତାରେ ଦୁଇ ବର୍ଷ ମଧ୍ୟରେ ତାଙ୍କୁ ଥରେ ଶାନ୍ତିନିକେତନରେ କିମ୍ବା ଜୋଡ଼ାସାଙ୍କୋରେ ତାଙ୍କ ବାସଗୃହରେ ଦେଖି ଆସିପାରିଲି ନାହିଁ, ମନରେ ପ୍ରବଳ ଅନୁଶୋଚନା ଜାତ ହେଲା । କେତେ ଶତାବ୍ଦୀ ମଧ୍ୟରେ ଏପରି ଜଣେ କବି ସଂସାରରେ ଆବିର୍ଭୂତ ହୁଅନ୍ତି, ନବ ନବ ଆନନ୍ଦଲୋକର ଲୀଳାନିନାଦରେ ମତାଇ ଦିଅନ୍ତି । ମହାତ୍ମାଙ୍କ ମହନୀୟ ବ୍ୟକ୍ତିତ୍ୱର ସଂସ୍ପର୍ଶ ମୋତେ ଅଶେଷ ସଂଜୀବିତ କରିଥାନ୍ତା—ଯାହା ତାଙ୍କ ପୁସ୍ତକପାଠରେ ସମ୍ଭବ ନୁହେଁ । ପଛବୁଦ୍ଧିଆ ମୁଁ, ପସ୍ତେଇହେବା ହିଁ ସାର ହେଲା ।

ଧମାଧମ୍ ପଢ଼ାପଢ଼ିରେ ଲାଗିଗଲି । ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମଛୁଟି ହେଲା । ଦୁଇବର୍ଷବ୍ୟାପୀ ଏମ୍.ଏ କ୍ଲାସ୍‌ର ଆଜି ଶେଷ ଦିନ । ଡାଇରିରେ ଲେଖିଛି—"ଆଉ ବୋଧେ ଜୀବନରେ ଛାତ୍ର ହୋଇ ପଢ଼ିବାକୁ ହେବନାହିଁ । ମନୁଷ୍ୟ ପୁସ୍ତକ ସହିତ ସମ୍ପର୍କ ରଖି ଚିରଦିନ ଛାତ୍ର ହୋଇପାରେ, କିନ୍ତୁ ଛାତ୍ରଜୀବନର ଏଇ ଶେଷ ଦିନ ବିଦାୟ ନେଲାବେଳେ ଚକ୍ଷୁ ଲୋତକାର୍ଦ୍ର ହୁଏ ।

ହୁଏତ ଚାକିରୀ ଜୀବନ ଏଠିଠାରୁ ଆରମ୍ଭ ହୋଇପାରେ; ପାଲୀରେ ଏମ୍.ଏ. ପଢ଼ିବାଲାଗି ଯତ୍ନ କରୁଛି ।"

## ଡକ୍ଟର ବଡ଼ୁଆ

ଡକଟର ବେଣୀମାଧବ ବଡ଼ୁଆ (ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ପାଠକ) ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟର ପାଲୀ ଅଧ୍ୟାପକ, ସେ ମୋତେ ପାଲୀ ପଢ଼ାଇ ଦେଇଥିଲେ; ମୁଁ ତାଙ୍କୁ ଓଡ଼ିଆ ଭାଷା ଶିଖାଉଥିଲି । ପାଲୀରେ ଏମ୍.ଏ. ପଢ଼ିବାଲାଗି ସେ ମୋତେ ପ୍ରବର୍ତ୍ତାଇ ଥିଲେ; କିନ୍ତୁ ତାର ଉପଯୋଗିତା ହୃଦୟଙ୍ଗମ କରି ନପାରି ମନ ଦେଲିନାହିଁ ।

ମୋର ବିପୁଳ ଚେହେରା ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ମୋ ପରି ଚେହେରାବାନ୍ (ଲମ୍ବା, ଚୌଡ଼ା, ସୁସ୍ଥସବଳ ମସ୍ତିଷ୍କ ତାଙ୍କ ଦୃଷ୍ଟିରେ ସେଇଆ ଥିଲା)ଙ୍କ ଉପରେ ଭିତ୍ତିକରି ସେ ଭବିଷ୍ୟତ ଜୀବତତ୍ତ୍ୱ ଗଢ଼ୁଥିଲେ । ତାଙ୍କର ଇଚ୍ଛା—ମୁଁ ଗୋଟିଏ ସୁନ୍ଦରୀ କାଶ୍ମୀରୀ ତରୁଣୀଙ୍କୁ ବିଭା ହୁଏଁ । ତାହେଲେ ପ୍ରକୃତ ଶ୍ରୀମନ୍ତ ସ୍ୱାସ୍ଥ୍ୟବନ୍ତ ମନୁଷ୍ୟ (Super man)ର ସୃଷ୍ଟି ହୋଇପାରିବ । କନ୍ୟା ଠିକଣା କରିବା ଦାୟିତ୍ୱ ସେ ଗ୍ରହଣ କରିଥିଲେ । ସେତେବେଳକୁ କୌଣସି କାଶ୍ମୀରୀ ଝିଅ ମୋ ଆଖିରେ ପଡ଼ି ନଥିଲା । ତଥାପି କହିଲି—ଏପରି ଏକ ସୁନ୍ଦରୀ (ଧଳା ହାତୁଣୀ) ପୋଷିବାକୁ ବିଭବ ମୋର କାହିଁ ? ସୁନ୍ଦରୀ କଣ କଠିଣ ପରିଶ୍ରମ କରିପାରିବେ ? ଦରିଦ୍ର ଗୃହରେ କଣ ସୌନ୍ଦର୍ଯ୍ୟର ଲାଳନା ହୋଇପାରିବ ? କଠୋର ପରିଶ୍ରମ ନ କଲେ କଣ ନିମ୍ନ ମଧ୍ୟବିତ୍ତର ସଂସାର ଚଳିପାରିବ ?

ଆଉ ଗୋଟିଏ କଥା ସେ ମୋଠାରୁ ସ୍ୱୀକାର କରାଇ ନେଇଥିଲେ—ମଟରଗାଡ଼ି କିଣିବନାହିଁ । ନିଜର ସ୍ୱତନ୍ତ୍ର ଗାଡ଼ି ଏ ଯୁଗର ଏକ ପ୍ରୟୋଜନ; କିନ୍ତୁ ତାଙ୍କର ଧାରଣା, ଏଥିରେ ବହୁ ଜଞ୍ଜାଳ, ବହୁ ବ୍ୟୟ, ଅଭିମାନ ମଧ୍ୟ କମ୍ ଆସେନାହିଁ । ତାଙ୍କର ଏ ଦିଗରେ କଣ ତିକ୍ତ ଅନୁଭୂତି ଥିଲା ଜାଣେନାହିଁ, ସେ ପ୍ରତିଦିନ ଟ୍ରାମ୍‌ରେ ଯିବା ଆସିବା କରୁଥିଲେ । କିନ୍ତୁ ମୋତେ ଶପଥ କରାଇଲେ—ବହୁତ ରୋଜଗାର କଲେ ବି ଗାଡ଼ି କଣିବନାହିଁ । ଗାଡ଼ି ଉପରେ ଧ୍ୟାନ ରହିଲେ ବହି ଉପରୁ ଖସିଯିବ । ବହୁତ ପଢ଼ାପଢ଼ି ଓ ଗବେଷଣା ନ କଲେ ଜଣେ ଅଧ୍ୟାପକ ଭାବେ ସୁଖ୍ୟାତି ଅର୍ଜନ କରିପାରିବ ନାହିଁ । ଗାଡ଼ି ଥିଲେ କାମ ନ ଥାଇ ବହୁ ସ୍ଥାନକୁ ଯିବାକୁ ଇଚ୍ଛା ହେବ, ସେଥିରେ ଦେଖେଇ ହେବାର ପ୍ରବୃତ୍ତି ଅଳ୍ପ ନ ଥିବ ।

ମୁଁ ଏମ୍.ଏ.ରେ ସ୍ୱତନ୍ତ୍ର ବିଷୟଭାବେ 'ମୈଥିଳୀ' ସାହିତ୍ୟ ନେଇଥିଲି । ମୋର ଅଧ୍ୟାପକ ଥିଲେ ମିଥିଳାର ବାବୁଆ ମିଶ୍ର; ସେ ପଢ଼ାଉଥିଲେ 'ସ୍ୱପ୍ନ ବାସବଦତ୍ତା'ର ମୈଥିଳୀ ଅନୁବାଦ, ବିଦ୍ୟାପତିଙ୍କ କବିତା; ବଙ୍ଗାଳୀ ପିଲାମାନେ

ଏକ ପେପରଟିର ଉତ୍ତର ବଙ୍ଗଳା ଅକ୍ଷରରେ, ହିନ୍ଦୀ ପିଲାମାନେ ଦେବନାଗରୀ ଅକ୍ଷରରେ ଲେଖି ପାରୁଥିଲେ, କିନ୍ତୁ ଓଡ଼ିଆ ଛାତ୍ରଙ୍କୁ ଓଡ଼ିଆ ଅକ୍ଷରରେ ଲେଖିବାକୁ ଅନୁମତି ମିଳୁ ନ ଥିଲା । ମୁଁ ପୂର୍ବବତ୍ ଉଦାରମନା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ସାକ୍ଷାତ କଲି । ସେ ମୌଖିକ ପ୍ରଶ୍ନର ଉତ୍ତର ଓଡ଼ିଆ ଅକ୍ଷରରେ ଲେଖିବାଲାଗି ମୋତେ ଅନୁମତି ଦେଲେ ।

୧୯୪୧ରେ ମୁଁ ପରୀକ୍ଷା ଦେଇଥିଲି । ଖୁବ୍ ଭଲ ଫଳ ହୋଇଥିଲା; କିନ୍ତୁ ସମାବର୍ତ୍ତନ ଉତ୍ସବ ୨୮।୨।୪୨ରେ ହେଲା, ମୁଁ ଡିଗ୍ରୀ ନେବାଲାଗି ରାଞ୍ଚିରୁ କଲିକତା ଆସିଥିଲି । ଆଜିଜୁଲ୍ ହକ୍ ସେତେବେଳେ କଲିକତାବିଶ୍ୱବିଦ୍ୟାଳୟର କୁଳପତି ଥିଲେ; ଡକ୍ଟର ରାଧାକୃଷ୍ଣନ୍‌ଙ୍କୁ ଏହି ସମାବର୍ତ୍ତନ ଉତ୍ସବରେ ଡି.ଲିଟ୍. ଉପାଧି ଦିଆଯାଇଥିଲା ।

ଓଡ଼ିଆ ଏମ୍.ଏ.ରେ ମୁଁ ଏକମାତ୍ର ଛାତ୍ର ଥିଲି । ଏଥିରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବା ଯାହା, ଶେଷ ହେବା ସେୟା । ମୋର ଅଧିକାଂଶ ଖାତା କଲିକତା ବାହାରକୁ ଯାଇଥିଲା । ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ପ୍ରଭୃତି ମୋର ପରୀକ୍ଷକ ଥିଲେ । ଗୋଦାବରୀଶ ଖୁବ୍ କମ୍ ନମ୍ବର ଦେଇଥିଲେ; ସେ କଥା ଶୁଣି ମୁଁ ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କ ଆଗେ କ୍ଷୋଭ ପ୍ରକାଶ କରିଥିଲି । ମହାପାତ୍ରେ ମିଶ୍ରଙ୍କୁ କହିଦେବାରୁ ସେ କଲିକତା ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟଙ୍କ ନିକଟକୁ ମୋ ବିରୁଦ୍ଧରେ ପତ୍ର ଲେଖିଥିଲେ; କିନ୍ତୁ ସେତେବେଳକୁ ଫଳ ବାହାରି ସାରିଥିଲା, ମୋର କିଛି କ୍ଷତି ହେଲାନାହିଁ । ପଣ୍ଡିତ ନୀଳକଣ୍ଠ ମୋତେ ଶହେରୁ ୭୫ ନମ୍ବର ଦେଇଥିଲେ ଓ ଆମ ଅଞ୍ଚଳର ଜଣେ ପଣ୍ଡିତଙ୍କୁ କହିଥିଲେ—ଗୋବରଗଡ଼ିଆରେ ପଦ୍ମଟାଏ କେମିତି ଫୁଟିଲା ?

ପରୀକ୍ଷାଫଳ ଆଶାତୀତ ଭାବେ ଭଲ ହୋଇଥିଲା । ମୁଁ ବଙ୍ଗଳା, ହିନ୍ଦୀ, ତେଲୁଗୁ, ତାମିଲ୍ ପ୍ରଭୃତି ସମସ୍ତ ଭାରତୀୟ ଭାଷାବିଭାଗରେ ସର୍ବୋଚ୍ଚ ନମ୍ବର ରଖି ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲି । ତା ଫଳରେ ମୋତେ ତିନିଗୋଟି ସୁବର୍ଣ୍ଣମେଡାଲ୍ ମିଳିଲା—ୟୁନିଭରସିଟି ଗୋଲଡମେଡାଲ୍ (ତିନିଭରିର ଉତ୍କୃଷ୍ଟ ସୁବର୍ଣ୍ଣ ମେଡାଲ), ଚନ୍ଦ୍ରନାଥ କୁଣ୍ଡୁ, ଶ୍ରୀନାଥ କୁଣ୍ଡୁ ଗୋଲ୍ଡମେଡାଲ୍, ଦୁର୍ଗାମଣି ଦେବୀ ଗୋଲ୍ଡମେଡାଲ୍ । ତା ଛଡ଼ା ମୁଁ ନଗଦ ଦୁଇଶହ ଟଙ୍କା ପୁରସ୍କାର ଲାଭ କରିଥିଲି; ଯେଉଁଥିରେ ରବୀନ୍ଦ୍ର ଗ୍ରନ୍ଥାବଳୀ ଏକସେଟ୍, କିଥ୍‌ଙ୍କ 'History of Sanskrit Literature' ଖଣ୍ଡିଏ କିଣିଥିଲି ।

ପତ୍ରପତ୍ରିକାରେ ବିଶେଷତଃ 'ସହକାର'ରେ ସମାବର୍ତ୍ତନ ବେଶରେ ଚିତ୍ର' ଅଣ୍ଟୁଥିବା ଫଟୋଟି ପ୍ରକାଶ ପାଇଥିଲା । ଏହାହିଁ ମୋର ପ୍ରଥମ ଜୀବନର ଗୌରବଲାଭ । ଏଥିଲାଗି ମୁଁ ଅଧ୍ୟାପକ ମହେଶ୍ୱର ଦାସଙ୍କ ନିକଟରେ ବିଶେଷ ଋଣୀ; ସେ ମୋତେ ପଦେ ପଦେ ସାହାଯ୍ୟ କରିଥିଲେ ।

କଲିକତା ବିଶ୍ୱବିଦ୍ୟାଳୟ ମୋତେ ଲାଗୁଥିଲା ବିଦ୍ୟାର ଏକ ମହାନ୍ ତୀର୍ଥକ୍ଷେତ୍ର ପରି—ସେତେବେଳେ ଏଠି ଥିଲେ ଡକ୍ଟର ରାଧାକୃଷ୍ଣନ୍, ହୁମାୟୁନ୍ କବୀର, ଡଃ ବିନୟ ସରକାର, ଡକ୍ଟର ସୁନୀତି କୁମାର ଚାଟାର୍ଜୀ, ଡଃ ସୁକୁମାର ସେନ୍, ପଣ୍ଡିତ ବିଧୁଶେଖର ଶାସ୍ତ୍ରୀ, ଡକ୍ଟର ନୀହାରରଞ୍ଜନ ରାୟ, ଡକ୍ଟର

ଶଶିଭୂଷଣ ଦାସଗୁପ୍ତ, ଡକ୍ଟର ବେଣୀମାଧବ ବଡୁଆ ଓ ଆଉ କେତେ ବିଶିଷ୍ଟ ବ୍ୟକ୍ତିତ୍ୱ ଓ ବିଶେଷଜ୍ଞ । ସେମାନଙ୍କ ପାଖରୁ କିଛି ବିଦ୍ୟା ଆହରଣ କରିବାର କ୍ଷମତା ମୋର ନଥିଲା । କେବଳ ବୋଧ ହେଉଥିଲା—ମହାତ୍ମା ସନ୍ନିଧାନରେ କିଛି ମହାନ୍ ମନ୍ତ୍ରରେ ଦୀକ୍ଷିତ ମୁଁ । କଣ ସେ ମନ୍ତ୍ର ? କୁହୁଡ଼ି ଭିତରେ ସବୁ ଯେପରି ଅଛନ୍ନ ଦିଶୁଥିଲା ।

## ରାଞ୍ଚୀରେ ଗୋଟିଏ ବର୍ଷ

ପରୀକ୍ଷା ଫଳ ବାହାରିବା ଯାଏ ମୁଁ କଲିକତାରେ ଅପେକ୍ଷା କରି ବସି ନ ଥିଲି । ଗାଆଁକୁ ଫେରି ବେକାର ଜୀବନ ଯାପନ କରିବାର ଇଚ୍ଛା ମୋର ନ ଥିଲା । ପଣ୍ଡିତ ବିନାୟକ ମୋ ଲାଗି ଗୋଟିଏ ଟିଉସନ ଯୋଗାଡ଼ କରିଦେଲେ—ରାଞ୍ଚୀରେ ନୟାଗଡ଼ ରାଜକୁମାରଙ୍କର ଗୃହଶିକ୍ଷକ । ଯେମିତି ଥିଲେ ପଣ୍ଡିତ ବିଷ୍ଣୁ ଶର୍ମା, ମିତ୍ରଲାଭ ଗପ କହୁ କହୁ ଦୁଷ୍ଟ ଦୁରନ୍ତ ରାଜକୁମାରମାନଙ୍କ ମନକୁ ପାଠରେ ଭର୍ତ୍ତି କରି ଦେଇପାରିଥିଲେ ଯେପରି ମହାଜ୍ଞାନୀ, ରସିକ ସାହିତ୍ୟିକ, ସେହିପରି ମନୋବିଜ୍ଞାନୀ, ନୀତିବାଦୀ ଶିକ୍ଷକ । ମୋ ଭାଗ୍ୟକୁ ସେହିପରି ଏକ ପରୀକ୍ଷା ଜୁଟିଲା । ପାରିବି କି ନାହିଁ ? 'ରାଜକୁମାର' ଶବ୍ଦରେ ମନ ମୋର କୌତୂହଳୀ ହୋଇଉଠିଲା । ଦେଖିଥିଲି ଯାହା ଯାତ୍ରାରେ ରାଜା, ରାଜପୁତ୍ର । ଏ କୁମାର କିପରି ହୋଇଥିବେ ? ଅଭିଜାତସମ୍ପ୍ରଦାୟରୁ ବେଶ ଦୂରବର୍ତ୍ତୀ, ତାଙ୍କ ସଙ୍ଗେ ଚଳି ପାରିବି କି ନାହିଁ ?

ଗୌରବବୋଧ ମୋର ଅଳ୍ପ ନ ଥିଲା, ତାକୁ ବଢ଼ାଇ ଦେଇଥିଲା ଆଧୁନିକ ପୋଷାକର ଅଭାବ । ମୁଁ ପିନ୍ଧୁଥିଲି ଲୁଗା, କାମିଜ, ରାଜକୁମାର ସାହେବପିଲାଙ୍କ ସଙ୍ଗେ ଚଳୁଛନ୍ତି, ବି. ଏନ୍. ଆର୍ ହୋଟେଲରେ । ଶିକ୍ଷକ ଆଧୁନିକ ନ ହେଲେ ତାଙ୍କୁ ଲାଜ ମାଡ଼ିବ । ମୁଁ କରାଇଲି ଗୋଟିଏ ଫୁଲ୍‌ପ୍ୟାଣ୍ଟ୍, କିଣିଲି ତିନିଟଙ୍କା ପନ୍ଦର ଅଣା ଦି' ପଇସାରେ ହଳେ ପୂରା ବାଟା ଜୋତା ।

ନୟାଗଡ଼ ଗଡ଼ଜାତର ରାଣୀ (ନେପାଳୀ) ହେମ ରାଜଲକ୍ଷ୍ମୀ ସେତେବେଳେ ରାଜାଙ୍କଠାରୁ ବିଚ୍ଛିନ୍ନା । ଦିନେ ସେ ନୟାଗଡ଼ ରାଜ୍ୟର ଗୃହ ଓ ଦେବୋତ୍ତର ବିଭାଗର ଦାୟିତ୍ୱରେ ଥିଲେ । ସୁଶାସିକା ଭାବରେ ତାଙ୍କର ନାମ ଥିଲା । ତାଙ୍କ ରୁଚି ଯେପରି ମାର୍ଜିତ, ଅନ୍ତର ସେହିପରି କରୁଣାରେ ପୂର୍ଣ୍ଣ ଥିଲା । ତାଙ୍କ ରାଜ୍ୟରେ ଭିକାରୁଣୀ ରହିବେନାହିଁ, ଏଇ ବ୍ୟବସ୍ଥା ସେ କରିଥିଲେ । ରୁଗ୍‌ଣା, ପତିତା, ବୃଦ୍ଧାମାନଙ୍କ ଲାଗି ଖାଦ୍ୟପେୟ, ବାସ ଓ ଚିକିତ୍ସାର ବ୍ୟବସ୍ଥା ହୋଇଥିଲା । ଯାହା ସ୍ୱାଧୀନତାର ପଚିଶ ବର୍ଷ ପରେ ବି ଓଡ଼ିଶାରେ ବା ଭାରତରେ କଳ୍ପନା କରଯାଇ ପାରିନାହିଁ ।

କୌଣସି କାରଣରୁ ରାଜାରାଣୀଙ୍କ ମଧ୍ୟରେ ମନୋମାଳିନ୍ୟ ହେଲା; ବ୍ୟବଧାନ ବଢ଼ି ଚାଲିଲା । ରାଣୀ ରାଜକୁମାର ବ୍ରଜେନ୍ଦ୍ରଙ୍କୁ ସଙ୍ଗରେ ଘେନି ରହିଲେ ରାଞ୍ଚୀଷ୍ଟେସନ ନିକଟବର୍ତ୍ତୀ ବି ଏନ୍ ଆର୍ ହୋଟେଲରେ । ସଙ୍ଗରେ ସେକ୍ରେଟାରୀ ଶ୍ରୀ ନିୟୋଗୀ କେତୋଟି ମୁଦୁସୁଲୀ, ଆୟା, ଜଣେ ବଂଗାଳୀ ଡାକ୍ତର । ମୁଁ ବ୍ରଜେନ୍ଦ୍ରର 'ସାର୍' ଭାବେ ନିଯୁକ୍ତି ପାଇଲି । ମାସିକ ଦରମା ୪୫ ଟଙ୍କା ।

ସେତେବେଳେ ଏ ଟଙ୍କା ମୋତେ ଯଥେଷ୍ଟ ଜଣା ଯାଉଥିଲା । ମାସକୁ ଶହେ ଟଙ୍କା ଦରମାରେ ପରିବାର ଘେନି ଲୋକେ ମହାସୁଖରେ ଚଳୁଥିଲେ ।

୧୫ । ୯ । ୪୧ରେ ମୁଁ ରାଞ୍ଚୀ ଯାତ୍ରା କଲି । କଲିକତାରେ ଏତେଦିନ ରହିଲା ପରେ ବି ମଫସଲୀ ଓଲୁଆମି ମୋ ଦେହ ଛାଡ଼ି ନ ଥିଲା । ଆତଙ୍କ ହିଁ ମୁଖ୍ୟ ଆପଦ । ତା ଫଳରେ ବିଚାରବିବେଚନା ହରାଇ ଭୁଲ ପରେ ଭୁଲ କରି ବସୁଥିଲି । ଏବେ ଆଶ୍ଚର୍ଯ୍ୟ, ରାଞ୍ଚୀରେ ନ ପହଞ୍ଚି ପହଞ୍ଚିଲି ହଜାରିବାଗରେ । ହତାଶରୁ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରି ମନେ ମନେ କହିଲି—ଗୋଟାଏ ନୂଆ ଜାଗା ଦେଖା ହୋଇଗଲା । ଯେମିତି ମାଲ କୁସ୍ତି ଦେଖାଉ ଦେଖାଉ କେତେଥର ପଡ଼ିଗଲେ କହେ—ଏ ବି ଗୋଟାଏ କୁସ୍ତି । ଯାହାହେଉ, ହଜାରିବାଗରୁ ସେପଟ ଟଙ୍କାଟିଏ ଭଡ଼ା ବା ଓଲୁ ଟିକସ ଦେଇ ରାଞ୍ଚୀ ଆସିଲି । ଅର୍ଥନାଶ ସଙ୍ଗେ ମନସ୍ତାପ ।

ରାଞ୍ଚୀ ସହରରେ ବହୁ ହୋଟେଲ ଖୋଜି ଖୋଜି ମୁଁ ରହିଲି ଗ୍ରାଣ୍ଡ ହୋଟେଲରେ । ନାମତଃ ଗ୍ରାଣ୍ଡ—ମୋଟା ଢେଙ୍କିଛଟା ଭାତ, ଚଣା ଡାଲି, ଚଣା ସ୍ୱରୂପ ବେଳକୁ ବେଳେ ଛତୁ ପିଆଜ ମିଳୁଥାଏ । କଳ୍ପନା ସଙ୍ଗେ ବାସ୍ତବ ଖାପ ନ ଖାଇବାରୁ ଖବୁଥାଏ—ସର୍ବଗ୍ରାସକୁ ଏ ରଜଖାନା ହେଉନାହିଁ ।

ଜଳଖିଆରେ ପାଟି ସୁଆଦକୁ କିଏ ପଚାରେ ? ଭୌଣସିମାନେ ପେଟ ପୂରିଲେ ନଟ ଗଲା । ସେତେବେଳେ ମଇଁଷିଘିଅ ସେରକର ଦାମ୍ ପାଞ୍ଚ ଟଙ୍କା, ପାଉଁରୁଟି ଗୋଟାକୁ ଦୁଇ ପଇସା । ମୁଁ କଞ୍ଚା ଘିଅ ମଖାଇ ପାଉଁରୁଟି ଖାଉଥିଲି ।

## ବାପି

୧୭ । ୯ । ୪୧ରେ ଶରତକୁମାର ବ୍ରଜେନ୍ଦ୍ରକୁ ପଢ଼ାଇବାକୁ ଗଲି । ବ୍ରଜେନ୍ଦ୍ରର ଡାକନାମ 'ବାପି', ସ୍ୱଭାବତଃ ଗଳ୍ପପ୍ରିୟ, ଗଳ୍ପ କହିଲେ ମନ ଦେଇ ଶୁଣେ; ପାଠ କଥା ପଡ଼ିଲେ ମନ ଚଞ୍ଚଳ, ସବୁ ଦୁଷ୍ଟାମି ବାହାରେ; ଛଡ଼ା ଥିଲା, ନ ଲିତ ଏଠି ଚଳିବନାହିଁ, ମାଡ଼ ଦେଇ ଶାସନ କରିବା ପ୍ରଶ୍ନ ଉଠୁଚି କେଉଁଠି ? 'ଟେକ୍ନିକ' କଥା ମନେ ପଡ଼ିଲା; ମନେ ମନେ କଳ୍ପିତ ଗୁରୁ ବିଶ୍ୱଶର୍ମାଙ୍କଠାରୁ ଦୀକ୍ଷା ନେଇ ଆରମ୍ଭ କଲି ରାମାୟଣ, ତା'ପରେ ମହାଭାରତ ଗଳ୍ପ; ବାପି ମନ ଦେଇ ଶୁଣିଲା, ମୋ ଆଗମନକୁ ଉତ୍କଣ୍ଠା ସହିତ ଅପେକ୍ଷା କରି ବସିଲା । ତାର ଚିତ୍ତବିନୋଦନରେ ମୋର ଭୂମିକା ଆଉ ଗୌଣ ହେଉନାହିଁ । କ୍ରୀଡ଼ାର ଦରବାର ମେଲାଇ ସେ ବସିଥାଏ । ମୁଁ ହୁଏ ତା ଦରବାରର ଗଳ୍ପପାଠକ ।

ବାପିର ଜନ୍ମନକ୍ଷତ୍ର ପଡ଼ିଲା, ମୁଁ ତିନିପଦିଆ ଆଶୀର୍ବାଦ କବିତାଟିଏ ଲେଖି ତାକୁ ଉପହାର ଦେଇଥିଲି—

ଢୁଲ ଢୁଲ ଢୁଲ ଭୁସ ଭୁସ ଭୁସ୍ ନଭ
ଘୁମୁରୁ ବାଜଇ ଘନ ଘନ ଘନ ଘନ
ରକ୍ଷା କର ସେ ବିପଦେ ଚକ୍ର କରେ
ଜୟ ଜଗଦୀଶ ଜୟ ଜଗଦୀଶ ହରେ ।
ଝିରି ଝିରି ଝିରି ଝରୁଛି ଜଳ ତୋଳ
ସୁରେ ସୁନ୍ଦର ବାପି ହୃଦ ଦର୍ପଣ ମାଜ
ଭୂମଣ୍ଡଳ ସେ ଜିଷ୍ଣୁ ନହ ବିଦ୍ୟାବଳେ
ଜୟ ଜଗଦୀଶ ଜୟ ଜଗଦୀଶ ହରେ ।

ସୁସ୍ଥ ତା ଦେହ, ଶାନ୍ତ କର ତା ମନ
ଆୟୁର୍ବଳ ତା କର ପ୍ରଭୁ ବର୍ଦ୍ଧନ
ମହାତ୍ମା ସମ ଯଶ ରଖୁ ମହୀତଳେ
ଜୟ ଜଗଦୀଶ ଜୟ ଜଗଦୀଶ ହରେ ।

ବାପି ବଡ଼ କଳ୍ପନାବିଳାସୀ; ନୀଳ ଆକାଶର କେଉଁ କୁହୁକପରୀ ଆସି ଚଉକୀରେ କୁହୁକକାଠି ଲଗାଇ ଦେଇଛନ୍ତି ସେଥିରେ ଯୋଡ଼ିଏ ଡେଣା ଓ ଇଞ୍ଜିନ୍ ଲାଗିଯାଏ । ସେ ଉଡ଼ି ଉଡ଼ି କଳା ମେଘ ମଧ୍ୟରେ ଲୁଚିଯାଏ । ମେଘ ଭିତରେ ଝରକା ପିଟାଇ ମୁଁ କ'ଣ କରୁଛି, ସେ ଲୁହି ହସେ । ଶେଷକୁ ମୋ ଉପରେ ଗୁଡ଼ିଏ କୁଆପଥର ବରଷ ଦିଏ । ମୁଁ ସେଇ କଳ୍ପନାରେ ମିଛେ ମିଛେ ମସ୍‌ଗୁଲ୍ ହୋଇ ଜାଡ଼ରେ ଥରିଯାଏ ।

କେତେବେଳେ ସେ ତା'ର ପ୍ରିୟ କୁକୁରମାନଙ୍କ ସଙ୍ଗେ ଫୋନ୍‌ରେ କଥାଭାଷା ହୁଏ । ଗଛପତ୍ର ସଙ୍ଗେ କଥାଭାଷା ହେବାକୁ ସେ ଅସ୍ୱାଭାବିକ ମନେ କରେନାହିଁ । ଏଇ ଶିଶୁକବିର କବିତ୍ୱ ବଡ଼ ମଧୁର ଲାଗେ ।

ବେଳେ ବେଳେ ଉଭୟେ ବାଘ ଶିକାର କରିବାକୁ ଯାଉଁ । ଗୋଟିଏ ବଣ ତିଆରି କରାଯାଏ । ବଣ ପାଖରେ ନଈ, ନଈ ଉପରେ ପୋଲ, ପୋଲରୁ ଅନାଇଲେ କେତେ ପାହାଡ଼ ଦିଶେ ।

ଆମେ ଦୁହେଁ ନାନା ବଙ୍କା ବାଟରେ ମଟର ବୁଲାଇ ନିଜ ପାଟିରେ ମଟର ଶିଙ୍ଘା ବଜାଇ ଓ ଘୁ ଘୁ ଶବ୍ଦ କରି ହାତରେ ବନ୍ଧୁକ ଧରି ପାହାଡ ଉପରେ ଚଢ଼ୁ । ଗୋଟିଏ ଗଛରେ ମଞ୍ଚା ବାନ୍ଧ ବସୁ । ପାଣି ପିଇବାକୁ ବାଘ ନଈକୁ ଆସେ । ବାପି ତା ମୁହଁରେ ଖୁବ୍ ପାବାରବାଲା ଟର୍ଚ୍ଚ ପକାଇ ଦିଏ । ଦୁହେଁ ବାଘକୁ ଗୁଳିରେ ମାରି ପକାଉ । ତା ପରେ ଦୁହେଁ ମଲା ବାଘର ଦୁଇପଟେ ଠିଆ ହେଉ । ଫଟୋବାଲା ଫଟୋ ନିଏ ।

ବାପିର ୩୦।୪୦ ଖଣ୍ଡ କୁଣ୍ଢେଇ ମଟର, ଗୋଟିଏ ରେଲ୍‌ଗାଡ଼ି, ଜଣେ ବସିଲା ଭଳି ଗୋଟିଏ ମଟରଗାଡ଼ି, ଗୋଟିଏ ତିନିଚକିଆ ସାଇକେଲ ଥିଲା । ରେଲ୍‌ଗାଡ଼ି ଚାଲିବାପାଇଁ ଗୋଟିଏ ବଡ଼ ରେଲ୍‌ଲାଇନ୍ ବଖରାକ ଘରେ ମଲା ସାପ ପରି ବଙ୍କା-ଟଙ୍କା ହୋଇ ପଡ଼ିଥାଏ । ରେଲ୍‌ବାଇ ଷ୍ଟେସନ, ଲେଭଲ୍‌କ୍ରସିଂ, ସିଗ୍‌ନାଲ୍, ରେଲ୍-ପୋଲ, ଟନେଲ୍ ସବୁ ସୁନ୍ଦରଭାବରେ ସଜା ହୋଇଯାଏ । ଗାଡ଼ିର ଇଞ୍ଜିନ ଚାଲେ ନାହିଁ, ହାତରେ ଧରି ଲାଇନ୍ ଉପରେ ବାପି ଚଲାଏ । ବେଳେବେଳେ ବଡ଼ ବଡ଼ ଆକ୍‌ସିଡେଣ୍ଟ ହେବାର କଳ୍ପନା କରାଯାଏ । ବାପିର ଉଦାର ହୃଦୟ ଆହତ ଯାତ୍ରୀଙ୍କ ଚିକିତ୍ସା ଲାଗି ବ୍ୟାକୁଳ ହୋଇଉଠେ । ତା'ର ୪୦ ଖଣ୍ଡଯାକ ଖେଳଣା ମଟର ବିକ୍ଷତ ଓ ଅର୍ଦ୍ଧମୃତ ନରନାରୀଙ୍କୁ କାଳ୍ପନିକ ଡାକ୍ତରଖାନାକୁ ବହି ନେଇଯାଏ ।

ବାପିର ଗୋଟିଏ କୁନି ଟେବୁଲ୍, ଗୋଟିଏ ଛୋଟ ଚୌକୀ । ଟେବୁଲ ଉପରେ ତା'ର ଟିକି ଅଫିସ୍‌ଟି । ଉପର ଫାଳକ ଛପା କାଗଜ (Blotting) ଲଗା ବ୍ଲଟିଙ୍ଗ୍ ପ୍ୟାଡ୍, ଗୋଟିଏ ଖେଳଣା ଟେଲିଫୋନ୍, ଗୋଟିଏ ଟେବୁଲ୍ ଟର୍ଚ୍ଚ, ଟିକେଟିକେ ଦରକାରୀ ଅଦରକାରୀ ବହି ।

ବାପି ଜୀବନ୍ତ ଅଜୀବନ୍ତ ସମସ୍ତଙ୍କ ସଙ୍ଗେ ଏହି ଫୋନ୍‌ରେ କଥାଭାଷା ହୁଏ । ତା'ର ଟିକି କୁକୁରଟିର ନାମ 'ରବିନ' । ପ୍ରୟତମ କୁକୁରଟିର ନାମ 'ରୁଭ' । ବାପି ଡାକିଦେଲା କ୍ଷଣି ଗଳାର ଘାଘଡ଼ି ଝୁମ୍‌ଝୁମ୍ କରି ଦୌଡ଼ି ଆସି ତା ଚୌକୀ ଉପରେ ଚଢ଼ିଯାଏ । ବାପି ଏଇ 'ରୁଭ'କୁ ଅନେକ ଗପ କୁହେ । ରୁଭ ସବୁ ଶୁଣି ବୁଝିଗଲା ପରି ଆଖି ମିଟିମିଟି କରୁଥାଏ । ବାପି ତା ନିକଟକୁ ଅନେକ ସମୟରେ ଫୋନ୍‌ରେ ଆମ ପଢ଼ାଘରର ସମ୍ବାଦ ଦିଏ ।

ବାପି ମୋଠାରୁ ପାଠ ବୁଝିବାକୁ ଥିଲେ ମିଛରେ ମିଛରେ ମୋ ନିକଟକୁ ଫୋନ୍ କରେ । ଗୋଟିଏ ସ୍ନୋ ଡବାକୁ ମୁହଁରେ ଓ ତା ଠିପିକୁ କାନରେ ଦେଇ ମୁଁ ଫୋନ୍‌ରେ ତା ସଙ୍ଗରେ କଥାଭାଷା ହେବାର ଛଳନା କରେ ।

ବାପି ସଙ୍ଗେ ମୋର ଅନେକ ଯୁଦ୍ଧ ହୁଏ । ସେ ହୁଏ ଜର୍ମାନୀ, ମୁଁ ହୁଏ ଇଂଲଣ୍ଡ । ମୁଁ ଜର୍ମାନୀ ହେବାକୁ କହିଲେ ସେ ଜିଦ୍ ଧରି ବସେ—ନା, ମୁଁ ଜର୍ମାନୀ ହେବି । କାରଣ ଜର୍ମାନୀ ସେତେବେଳେ ଯୁଦ୍ଧରେ ଖୁବ୍ ଜିତୁଥାଏ – ଭାରତୀୟ-ମାନେ ଘୋର ଇଂରେଜୀ ବିରୋଧୀ ଥାନ୍ତି ।

ବାପିର ସବୁ ଯୁଦ୍ଧ ସରଞ୍ଜାମ ଅଛି—ଲିଡ୍ ନିର୍ମିତ ତାର ଅଶ୍ୱାରୋହୀ ବାହିନୀ, କାଗଜ ପଟା ନିର୍ମିତ ତା'ର ପଦାତିକବାହିନୀ—କର୍ଣ୍ଣେଲ୍, କମାଣ୍ଡର, ଲେଫ୍‌ଟନାଣ୍ଟ, ସ୍ଥାଇ—ଲ୍ୟାଣ୍ଡ ମାଇନ୍, ଟର୍ପେଡୋ ବୋଟ୍‌ସ, ଜୁଲକସ୍ପ୍ରେ, ଟ୍ୟାଙ୍କ, ଆର୍‌ମଡ୍ କାର୍ ।

ସୈନ୍ୟଦଳକୁ ଦୁଇଭାଗରେ ବିଭକ୍ତ କରି ଯୁଦ୍ଧ ଆରମ୍ଭ କରାଯାଏ । ତୁଣ୍ଡରେ ବୋମାରୁର ଶବ୍ଦ କରି ବାପି ମୋ ରାଜ୍ୟର ନଗରମାନଙ୍କ ଉପରେ ବୋମା ବୃଷ୍ଟି କରିଯାଏ; ସହର ଜଳିଉଠେ । ଏ. ଆର୍. ପି କର୍ମୀ ଜଳୁଥିବା କୋଠାର ନିଆଁ ନିଭାଇ କେତେ ହାତଭଙ୍ଗା, ପଟାମୁଣ୍ଡିଆ, ଆଖିକଣା ଲୋକଙ୍କୁ ଉଦ୍ଧାର କରନ୍ତି ।

ତା'ପରେ ଜଳଯୁଦ୍ଧ ଚାଲେ । ଯୁଦ୍ଧଜାହାଜ ପରସ୍ପରର କମାଣ ମାଡ଼ରେ ବୁଡ଼ିଯାଏ । ଲକ୍ଷ ଲକ୍ଷ ଅବଳା ସ୍ତ୍ରୀ ଓ ଶିଶୁମାନଙ୍କର କ୍ରନ୍ଦନରୋଳରେ ଲହରୀ ଯେପରିକି ବ୍ୟାକୁଳ ହୋଇଉଠେ । ତା'ପରେ ଟ୍ୟାଙ୍କ ସହିତ ଟ୍ୟାଙ୍କର ଯୁଦ୍ଧ, ଉଡ଼ାଜାହାଜ ଯୁଦ୍ଧ, ପଦାତିକମାନଙ୍କର ଗୁଳି ମରାମରି ଓ ସଙ୍ଗିନ୍ କୋଳାକୋଳି ଯୁଦ୍ଧ—ଦୁର୍ବଳ ରାଜ୍ୟ ଅଧିକାର—ପ୍ରବଳର ବିଜୟଘୋଷଣା ।

ଅଧ୍ୟାପନ ମାନେ ଏକ ଅଭିନୟ ଏଠି; ବିଷ୍ଣୁଶର୍ମାଙ୍କର ଏ ଅନୁଭବ ନ ଥିବ । ବାପି ମୋ ଶିଶୁକବିତାର ନାୟକ । ତା ଲାଗି ମୋ କଳ୍ପନାର ଅଶ୍ୱ ଲଗାମ୍ ନ ମାନି ଝପଟି ଥିଲା । ମୋ ବ୍ୟର୍ଥ ଶିଶୁଜୀବନ ବାପିରେ ପୂର୍ଣ୍ଣ ଚରିତାର୍ଥତା ଲାଭ କରିଥିଲା ଯେପରି ବି ।

ରାଞ୍ଚୀ ସେତେବେଳେ ଏକ ଜନବହୁଳ ସହର ନ ଥିଲା । ସହରର ଉପକଣ୍ଠରେ ଆଦିବାସୀ ଗ୍ରାମ—ଚନ୍ଦ୍ରିକାରେ ଆଦିବାସୀମାନଙ୍କ ସ୍ୱରଲହରୀ ଭାସିଆସେ । ଯୁବତୀମାନେ ମୁଣ୍ଡରେ ଫୁଲ ଲଗାଇ ଦଳ ଦଳ ହୋଇ କାର୍ଯ୍ୟକ୍ଷେତ୍ରକୁ ଚାଲିଯାନ୍ତି । ଏହାର ପ୍ରାକୃତିକ ଦୃଶ୍ୟ ମନୋହର । ମୁରହାବାଦୀ ପାହାଡ଼ର ଶୀର୍ଷଦେଶରେ କବୀନ୍ଦ୍ର ରବୀନ୍ଦ୍ରଙ୍କ ବାସଭବନ; ଶୃଙ୍ଖଳାରେ ହଣ ଲାଗି ସୋପାନ ନିର୍ମାଣ କରାଯାଇଛି ।

ଉନ୍ମୁକ୍ତ ବାୟୁସେବନ ଲାଗି ବିଶ୍ୱକବି ମଧ୍ୟେ ମଧ୍ୟେ ଏଠାକୁ ଆସୁଥିଲେ । ସୌନ୍ଦର୍ଯ୍ୟଦ୍ରଷ୍ଟା ଓ ମହାନ୍‌ସ୍ରଷ୍ଟାଙ୍କ ପ୍ରାଣ ଏଠି ପ୍ରକୃତିର ଅପୂର୍ବ ଶ୍ରୀ ଦର୍ଶନରେ ଆନ୍ଦୋଳିତ ହେଉଥିଲା । ଅଦୂରରେ ଗୋଟିଏ କନ୍ଦର, କବି ସେହି କନ୍ଦରରେ ବସି ନିବିଷ୍ଟ ମନରେ ନାନା ତତ୍ତ୍ୱ ଚିନ୍ତା କରୁଥିଲେ ବୋଲି ଜନଶ୍ରୁତି ଅଛି ।

ଏଇ ପାହାଡ଼ର ଅଦୂରରେ ରାଞ୍ଚୀ ଲେକ୍—ଲେକ୍ ମଝିରେ ଦ୍ୱୀପ; କେତେକ ବନ୍ଧ ମଧ୍ୟ ହ୍ରଦ ମଧ୍ୟକୁ ଲମ୍ବିଛି । ଆକାଶରେ ମେଘର ସୁନାପାହାଡ଼, ପବନ ତାକୁ ବିଦୀର୍ଣ୍ଣ କରୁଥାଏ । ଛିନ୍ନବିଚ୍ଛିନ୍ନ ମେଘ ପୁଣି ଯୋଡ଼ିହୋଇ ଯାଉଥାଏ—ତା'ର ଛାୟା ଅଗଣିତ ରଙ୍ଗରେ ହ୍ରଦରେ ପ୍ରତିଫଳିତ ହେଉଥାଏ ।

ନିର୍ଜନ ପଥ; ୩୦-୧୧-୪୧ରେ ଦୁଇଜଣ ହିନ୍ଦୁସ୍ଥାନୀ ବନ୍ଧୁଙ୍କ ସହିତ ପଦବ୍ରଜରେ କାଙ୍କେ ବୁଲି ଯାଇଥିଲି । ଆର. ଏଲ୍. ଷ୍ଟିଭେନ୍‌ସନ୍‌ଙ୍କ ପରି ଗୃହଧନ-ଚିନ୍ତାଶୂନ୍ୟ ଓ ଲକ୍ଷ୍ୟହୀନ ଭାବେ ଭ୍ରମଣ କରିଯିବା ଆମର ଉଦ୍ଦେଶ୍ୟ ଥିଲା । ପକେଟ୍‌ରେ ଦୁଇ ତିନିଖଣ୍ଡି ପାଉଁରୁଟି ପାଥେୟ । ପବିତ୍ର, ନିର୍ମଳ, ନିଷ୍କଳ ପ୍ରଭାତ—ସୁରଭି ଓ ରଙ୍ଗୀନ୍ ରଶ୍ମିଭରା । ଝିଙ୍କାରୀର ଅସରନ୍ତି ସ୍ୱର ପ୍ରାଣରେ ଆବେଗ ଓ ଆନନ୍ଦ ଭରିଦେଲା । ଗୋଟିଏ ସ୍ୱଳ୍ପ ଗଭୀର ଗିରିନଦୀର ବାଲିରେ ବସି ପ୍ରାତଃଭୋଜନ ଶେଷ କଲୁ ।

କାଙ୍କେରେ ଦୁଇଟି ପାଗଳା ଗାରଦ—ଗୋଟିକରେ ଇଉରୋପୀୟ, ଅନ୍ୟଟିରେ ଭାରତୀୟମାନେ ରହନ୍ତି । କିଏ କେବଳ ମୁଣ୍ଡରେ ହାତ ଘଷୁଛି, କିଏ ଭୟଙ୍କର ଗହାଣୀ ଗହୁଁଛି; କିଏ ବା ବିକଟ ଚିତ୍କାର କରୁଛି । କିଏ ନୀରବ, ଗମ୍ଭୀର । କେତେକ ରୋଗୀଙ୍କୁ ପାଣିକୁଣ୍ଡରେ ବସାଇ ଦିଆଯାଇଛି । କିଏ ଭାତଥାଳୀ ଉଠାଇ ନେଇ ବୁଲି ବୁଲି ଖାଉଛି । ଏଠି ଗୋଟିଏ ସୁନ୍ଦର ଉଦ୍ୟାନ ଅଛି । ଟିକିଏ ସୁସ୍ଥ ହେଲେ ରୋଗୀମାନେ ଏଠି କାମ କରିଥାନ୍ତି । ସେମାନଙ୍କୁ ପ୍ରତି ରବିବାର ଦିନ ସିନେମା ଦେଖାଇବାର ବ୍ୟବସ୍ଥା ଅଛି ।

ରାଜପୁତ୍ର କାଙ୍କେ ସହରରେ କିଛିଦିନ ରହିଥିଲେ । ତାଙ୍କ ବ୍ୟକ୍ତିଗତ ଡାକ୍ତରଙ୍କ ବସାରେ ମୋର ରହିବାର ଓ ଖାଇବାର ବ୍ୟବସ୍ଥା ହୋଇଥିଲା । ମୁଁ ପାହାଡ଼ୀ ନଈ ମଧ୍ୟସ୍ଥ ଗଡ଼ା ପାହାଡ଼ ଉପରେ ବସି କବିତା ଲେଖୁଥିଲି । 'କଳକଲ୍ଲୋଳ'ର ଅନେକ କବିତା ସେଇଠି ଲେଖା—

ଲୀଳାଶଇଳ ବେଦୀତେ ଗରୁ ସବୁଜ ଲତା ଶେଯ
ବସିଲି ଧୀରେ ଅନାଇ ଦୂରେ ଅସ୍ତରବି ତେଜ
ଗଣ୍ଡେ ତୁମ ସଞ୍ଚରମ ଦେଖି ମୁଁ ହେଲି ଭୋଳା
ବୁଦବୁଦର ଗହାଣୀ ଗେଞ୍ଚ ତୋଳା
    ବିମ୍ବ ମୋର ମୁଖେ
ନିର୍ଝରିଣୀ, ବୁଡ଼ିଲି ମୁହିଁ ସରଗ ପ୍ରେମ ସୁଖେ ।    (ରାଞ୍ଚୀ, ୧୯୪୨)

ଉକ୍ତ ଝରଣାକୁ ଏହି କବିତାରେ ଲକ୍ଷ୍ୟ କରାଯାଇଛି । 'ବଳାକା', 'କନ୍ଧରମଣୀ, 'ଶାରଦୀ', 'ଶରତ ଗୋଧୂଳି', 'ବର୍ଷାଶେଷେ', 'ଗୋଧୂଳି ଆତ୍ମା', 'ଶ୍ୟାମଳାଜନନୀ' 'ନିବେଦନ', 'ପାରିଜାତ' ପ୍ରଭୃତି କବିତା ରାଞ୍ଚୀରେ ରଚିତ ହୋଇଥିଲା ।

ରାଞ୍ଚୀରୁ 'ଜୋହ୍ନା' ବା 'ଗୌତମଧାରା' ପ୍ରପାତ ଦେଖି ଯାଇଥିଲି, ଯେତେବେଳେ ରାଜପଥରେ ଟ୍ୟାଙ୍କ୍, ମଗରମୁହଁା ସଶସ୍ତ୍ର ଗାଡ଼ିସବୁ ଚାଲିଥିଲେ, ଆକାଶରେ ଉଡ଼ି ଯାଉଥିଲା ବୋମାରୁ ବୋଧେ ପୂର୍ବ ରଣାଙ୍ଗନକୁ । ଗୋରା ଫଉଜ ସଙ୍ଗେ ଲଢ଼େଇ କରୁଥିଲା ନେତାଜୀଙ୍କ ମୁକ୍ତିବାହିନୀ । ଯୁଦ୍ଧଆୟୋଜନର ଘନଘଟାରେ ରାଞ୍ଚୀ ବେଶ ଉଷ୍ଣ ହୋଇ ଉଠିଥିଲା । ନେତାଜୀ ସୁଭାଷଙ୍କ ନାଟକୀୟ ଅନ୍ତର୍ଧ୍ୟାନ, ମୁକ୍ତିଫଉଜ ସଂଗଠନ, ମହାତ୍ମାଜୀଙ୍କ ଅହିଂସ ମୁକ୍ତି ଆନ୍ଦୋଳନ ଆପାତ ବିରୋଧୀ ବୋଧ ହେଲେ ବି ଇଂରେଜବିତାଡ଼ନରେ ପରସ୍ପରର ପରିପୂରକ ହୋଇଥିଲା ।

ଶରତକାଳ; କାଶର ହିଲ୍ଲୋଳ ମଧ୍ୟରେ ବିକଟାଳ ସଂଗ୍ରାମୀ ତୂର୍ଯ୍ୟନାଦ ଆଦୌ ସୁଖପ୍ରଦ ବୋଧ ହେଉ ନ ଥିଲା । କୁମାରପୂର୍ଣ୍ଣିମାର ଚନ୍ଦ୍ରାସ୍ତ ଓ ସୂର୍ଯ୍ୟୋଦୟ ଏକାବେଳକେ ଜୋହ୍ନା ପ୍ରପାତର ନଦୀ ଭିତରେ ହିଁ ଦେଖିଥିଲି । ଏଇ ମୋର ପ୍ରଥମ ପ୍ରପାତ ଦେଖା, 'ଜୋହ୍ନା' ବା 'ଗୌତମ ଧାରା' ହିଁ ମୋର ଆଦ୍ୟ ପ୍ରପାତକବିତା । ତାପରେ ମୁଁ 'ହୁଡ୍ରୁମା', 'ବାଗ୍ରା', 'ପ୍ରଧାନ ପାଟ' ଦେଖି କବିତା ଲେଖିଲି । ଏଇ ପ୍ରଥମ ପ୍ରପାତ କବିତାଟି ସ୍ପେନ୍‌ସରୀୟ ଛନ୍ଦରେ ଲିଖିତ ।

'ପ୍ରଭାତୀ'ର ଚତୁର୍ଦ୍ଦଶପଦୀ କବିତାସବୁ ରାଞ୍ଚୀ ରହଣିକାଳରେ ୧୯୪୧-୪୨ରେ ରଚିତ ହୋଇଥିଲା । ମୋର ଜଣେ ସମାଲୋଚକ ଏସବୁ ରାଜପ୍ରାସାଦରେ ରଚିତ ବୋଲି ଉପରଠାଉରିଆ ମତ ପ୍ରକାଶ କରିଥିଲେ । କେତେଜଣ ସମାଲୋଚକ ଲେଖକର କଳ୍ପରାଜ୍ୟରେ ପ୍ରବେଶ କରନ୍ତି ବା ତା'ର ପ୍ରାଣଧର୍ମ ସମଜନ୍ତି ? ସମାଲୋଚନା ନାମରେ ନିଜ ଡିଣ୍ଡିମ ହିଁ ପିଟାଯାଏ । ପ୍ରକୃତପକ୍ଷେ ଏଥିରୁ ଅଧିକାଂଶ ମୁଁ ଲେଖିଥିଲି ରାଞ୍ଚୀ ଷ୍ଟେସନ ନିକଟବର୍ତ୍ତୀ ଏକ ବ୍ରହ୍ମଚର୍ଯ୍ୟାଶ୍ରମରେ । 'ମୋତେ କର ଶଙ୍ଖଟିଏ' କିମ୍ବା 'ତରୁ ମଧ୍ୟେ ସାରା ବିଶ୍ୱ ଦେଖିଲି ଚକିତେ' ପ୍ରଭୃତି କବିତା ଉପରେ ଏଇ ଆଶ୍ରମଦର୍ଶନ, ଧୂପଧୂନା ବା ପୂଜା ଆରାଧନାର ପ୍ରଭାବ ଥିଲା । କେତେକ ଲେଖିଥିଲି ଅଳସ ମଧ୍ୟାହ୍ନମାନଙ୍କରେ ଶ୍ମଶାନସ୍ଥ ଏକ ବଟବୃକ୍ଷ ଶାଖାରେ ବସି । ମୁଁ ହେଉଥିଲି ଧ୍ୟାନସ୍ଥ, ଗ୍ରୀଷ୍ମ ଝିଙ୍କାରୀର ସ୍ୱରମୂର୍ଚ୍ଛନା ମଧ୍ୟରେ । ସମସ୍ତ ମଧ୍ୟାହ୍ନଟି କବିତା ଲେଖି କାଟୁଥିଲି । ତିନିଟା ବାଜିଲାକ୍ଷଣି ରାଜକୁମାରଙ୍କୁ ପଢ଼ାଇବାକୁ ଯାଉଥିଲି । ଦିନେ ଦିନେ ଦୁଇଟି ବା ତିନୋଟି ସନେଟ୍ ଲେଖା ହେଉଥିଲା, କେଉଁ ଦିନ ବା କିଛି ପଙ୍‌କ୍ତି ନ ଥିଲା । କେତେବେଳେ ଜୁଆର ଉପରେ ଜୁଆର, କେତେବେଳେ ବା ଭଟ୍ଟା—ଚିନ୍ତା ସ୍ପନ୍ଦହୀନ ।

ରାଞ୍ଚୀରେ ପଢ଼ିବା ଲାଗି ମୋତେ ବହୁ ଅବସର ମିଳୁଥିଲା । ମୁଁ ଇଉନିଅନ କ୍ଲବ ଲାଇବ୍ରେରୀରୁ ଆଣି 'Pebbles on the Seashore ', 'Far from the Madding Crowd,' 'Outcaste'. 'Mother', 'ମେଘନାଦ ବଧ' ମହାକାବ୍ୟ, ନେହେରୁଙ୍କ ଆତ୍ମଚରିତ, ରବୀନ୍ଦ୍ରନାଥଙ୍କ 'ଗୋରା' ଉପନ୍ୟାସ ପାଠ କରିଥିଲି । 'ହିନୁ' ରେ ସେତେବେଳେ ଓଡ଼ିଶାର ଆକାଉଣ୍ଟାଣ୍ଟ୍ ଜେନେରାଲଙ୍କ ଅଫିସ ଥିବାରୁ ବହୁ ଶିକ୍ଷିତ ଓଡ଼ିଆ ଚାକିରୀ କରି ରହିଥିଲେ । ତାସ, ପଶା ଖେଳି ସେମାନଙ୍କ ଦିନ କଟୁଥିଲା । ସେମାନଙ୍କୁ ମିଳାଇ ରାଞ୍ଚୀ 'ଓଡ଼ିଆ ସାହିତ୍ୟ ପରିଷଦ' ଗଢ଼ିଲି; ପନ୍ଦର ଦିନକେ ଥରେ ଏଇ ପରିଷଦ ବୈଠକ ବସୁଥିଲା । କବିତା, ପ୍ରବନ୍ଧ, କ୍ଷୁଦ୍ର ଗଳ୍ପାଦି ପଠିତ ଓ ଆଲୋଚିତ ହେଉଥିଲା । ମୋର ପରମ ବନ୍ଧୁ ନୀଳକଣ୍ଠ ରଥଙ୍କ

ସହଯୋଗରେ ଏଇ ଅନୁଷ୍ଠାନ ଭଲଭାବେ ଚାଲିଥିଲା ଓ ମୁଁ ଓଡ଼ିଶାକୁ ଫେରିଆସିବା ପରେ ମଧ୍ୟ କେତେ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା, ରଥେ ନାମଜାଦା ଲେଖକ ହୋଇ ଉଠିଥିଲେ; କିନ୍ତୁ କି କାରଣରୁ ସେ ଲେଖନୀ ଛାଡ଼ିଲେ ? ଅର୍ଥାଭାବରୁ ନିଶ୍ଚୟ ନୁହେଁ, ଉତ୍ସାହର ଉତ୍ସ ତାଙ୍କର ଶୁଷ୍କ ହୋଇଗଲା, 'ସହିତ' ବା ଗୋଷ୍ଠୀରୁ ଛିନ୍ନ ହୋଇ ।

ଶ୍ରୀଯୁକ୍ତ ଉପେନ୍ଦ୍ର ଦାଶ ଓଡ଼ିଆ ସାହିତ୍ୟପରିଷଦର ଆଲୋଚନାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ; ରଚନାର ଦୋଷଗୁଣମାନ ବାଛି ମାନ ନିର୍ଦ୍ଧାରଣ କରିବାର ଦକ୍ଷତା ତାଙ୍କର ଥିଲା । ମୁଁ ତାଙ୍କ 'ହିନୁ' ବସାରେ କିଛିଦିନ ରହିଥିଲି; ପି. ଏସ୍. ସିର ସେକ୍ରେଟାରୀ, ତାଙ୍କର କର୍ମଦକ୍ଷତା ଯୋଗୁଁ ପରେ ସେ ଏଇ ଚାକିରୀ ବଜାବଛି ଅନୁଷ୍ଠାନର ସଭ୍ୟପଦକୁ ଉନ୍ନୀତ ହୋଇଥିଲେ । ତାଙ୍କ ସ୍ୱାସ୍ଥ୍ୟ ଦୁର୍ବଳ, ତେଣୁ ସେ ଖାଦ୍ୟ ଓ ସ୍ୱାସ୍ଥ୍ୟସାହିତ୍ୟ ଗବେଷଣାରେ ଲାଗିଥିଲେ । ଦୈନିକ ଚିତଉ ପିଠା, ଦୁଧ ସଙ୍ଗେ ଗୋଛା ଗୋଛା ଶାଗ ରସରେ ଶିଝା ପରିବା ତରକାରୀ ଖାଇବାକୁ ମିଳୁଥିଲା । ନିତି ଖାଦ୍ୟର ନୂଆ ନୂଆ ଏକ୍ସପେରିମେଣ୍ଟ୍ କରୁଥିଲେ ସେ ।

ରାଞ୍ଚୀରେ ଥିଲାବେଳେ 'କର୍ମଫଳ' ଉପନ୍ୟାସଟି ଲେଖି ଶେଷ କରିଥିଲି । ସାହିତ୍ୟ ଲେଖି ବିକି ସାମୟିକ ଅର୍ଥାଭାବ ଦୂର କରିବା ମୋର ଲକ୍ଷ୍ୟ ଥିଲା । ସେତେବେଳେ କଲିକତାର ବଡ଼ ଓଡ଼ିଆ ପୁସ୍ତକପ୍ରକାଶକ ମୋହନଚରଣ ଦାସ; ସେ ଖଣ୍ଡିଏ ଉପନ୍ୟାସ ଲେଖି ଦେବାଲାଗି ମୋତେ ବରାଦ୍ ଦେଲେ । ଏମିତି ଉପନ୍ୟାସ ଲେଖି ତାଙ୍କୁ ଦେଇ ତାଙ୍କଠାରୁ ନୂତନ ଲେଖକମାନେ ପୁସ୍ତକ ପିଛା ପଚାଶ, ଶହେ ଟଙ୍କା ନେଉଥିଲେ । ଏସବୁ କଲିକତୀ ଉପନ୍ୟାସ ନାମରେ ପରିଚିତ ଥିଲା । ଏହାର ଗ୍ରାହକ ବହୁ । ସେ ଧରଣର ଉପନ୍ୟାସ ଲେଖିବାର ଯୋଗ୍ୟତା ମୋର ନ ଥିଲା । ବିକଟ ଯୌନଚର୍ଯ୍ୟା, ଜନାକାରୀ, ଚୌର୍ଯ୍ୟ, ମଣିଷମାରୁ, ହରଣ-ଚାଲ୍ ମୋର ଦୂରବର୍ତ୍ତୀ ବିଷୟ, ରୁଚିଗର୍ହିତ । ମୁଁ ଏଠା ଲୋକଙ୍କ ମନଲାଖି ଉପନ୍ୟାସ କିପରି ଲେଖିପାରିବି ? ତା ଲେଖି ନ ପାରିଲେ ବ୍ୟବସାୟୀ ଗ୍ରହଣ କରିବେ କାହିଁକି ? ଉଚ୍ଚାଙ୍ଗ କଳା, ସାହିତ୍ୟର ବିବେଚନା ଉଚ୍ଚସ୍ତରରେ; ଏଠି ପେଟପାଟଣା କଥା ପହିଲେ ବିବେଚ୍ୟ; ବ୍ୟବସାୟୀର ନିକିତିରେ 'କର୍ମଫଳ'ର କୌଣସି ଓଜନ ଉଠିଲାନାହିଁ । ଦାସେ ଭାବି ଭାବି ଯାହା ଆଗରୁ ସ୍ଥିର କରିଥିଲେ, ମୋତେ ଜଣାଇଦେଲେ—'ମାଟିର ମଣିଷ'ର ପ୍ରଭାବ ପଡ଼ିଛି । ଛପାଇଲେ ମୋତେ ଲୋକେ କଣ କହିବେ ?

ଏବେ ୩୦ ବର୍ଷ ତଳେ ଲିଖିତ ମୋ ଉପନ୍ୟାସଟି ପଢ଼ି ଦେଖୁଛି—ତା ଭିତରେ 'ମାଟିର ମଣିଷ' କୋଉଠି ନାହିଁ; 'କର୍ମଫଳ'ର ବିଷୟବସ୍ତୁ ଭିନ୍ନ । ଏଥିରେ ଫକୀର ମୋହନ ଅଛନ୍ତି, ରମାଶଙ୍କର ରାୟ ଓ ଚିନ୍ତାମଣି ମହାନ୍ତି ଅଛନ୍ତି । ଗୋଲକ୍‌ଋଷି ଥ ଅଛନ୍ତି; କାଳିନ୍ଦୀବାବୁଙ୍କ 'ମୁକ୍ତାଗଡ଼ର କ୍ଷୁଧା' ହୁଏତ ଅଛି । କିନ୍ତୁ 'ମାଟିର ମଣିଷ' କୋଉଠି ନାହିଁ । ଏଥିରେ ଅଛନ୍ତି, ଆମ ଗାଆଁର ଜମିଦାର, ଆମ ଗାଆଁର ଦୁଃଖୀ ଗରୀବ ପ୍ରଜା, ଠାକୁର ଗୋପୀନାଥ, ପଞ୍ଚାୟତରେ ବସୁଥିବା 'ଭଲଲୋକ', ଆମ ଗାଆଁ ସ୍କୁଲ ଓ ମାଷ୍ଟ୍ରେ, ସାହୁକାର ଓ ଖାତକ, ୧୯୨୧ର ଦୁର୍ଭିକ୍ଷ, ଉତ୍କଳମଣିଙ୍କ ସେବା, ମୋର କଲିକତା ଜୀବନର ଚିତ୍ର, ଆମ ସମାଜରେ ପ୍ରଚଳିତ

ଭାବଧାରଣାକୁ ମୁଁ ଏଥିରେ ରୂପ ଦେଇଛି । ଧନିକର ଅଙ୍ଗୁଳି ଇଙ୍ଗିତରେ ଚାଳିତ ସମାଜକୁ ବଦଳାଇବାକୁ ଚାହିଁଛି । ଅତ୍ୟାଚାରୀର ଶାସ୍ତି ବିଧାନ ମୁଁ କରିଛି, ସତ୍ୟ ଓ ନ୍ୟାୟଧର୍ମର ପ୍ରତିଷ୍ଠା ଲାଗି ।

ଏବେ ଛିନ୍ନ ପାଣ୍ଡୁଲିପିଟି ପଢ଼ି କେହି କେହି ଏହା ପ୍ରକାଶ କରିବାଲାଗି ମୋତେ ପରାମର୍ଶ ଦେଉଛନ୍ତି, କିନ୍ତୁ ମୋର ମନ ମାନୁନାହିଁ । ଏଯୁଗରେ ଏ ଅଚଳ । ପରାମର୍ଶଦାତାମାନଙ୍କ ଯୁକ୍ତି—ପଢ଼ିବାକୁ ଭଲ ଲାଗୁଛି; ବିଷୟବସ୍ତୁରେ ନୂତନତା ନ ଥାଇପାରେ, କିନ୍ତୁ ଅନୁଭୂତି ଅଭିନବ, ପ୍ରକାଶଶୈଳୀ ମନୋରମ ।

ଉପନ୍ୟାସଟି ପ୍ରକାଶିତ ହୋଇଥିଲେ ହୁଏତ ମୁଁ ସେ ଦିଗରେ ଲେଖନୀ ଚାଳନା କରିଥାନ୍ତି, ଏ ମଧ୍ୟରେ ଜଣେ ଔପନ୍ୟାସିକ ଭାବେ ପ୍ରତିଷ୍ଠାଲାଭ କରିଥାନ୍ତି । କିନ୍ତୁ ତା ହେଲାନାହିଁ; ଏହି ଉପନ୍ୟାସର ଗୋଟିଏ ଅଧ୍ୟାୟ ପରିଶିଷ୍ଟରେ ଦ୍ରଷ୍ଟବ୍ୟ ।

## ଭଡ଼ାଘର

ଭବିଷ୍ୟତ ଚିନ୍ତାରେ ବ୍ୟତିବ୍ୟସ୍ତ ଥିଲାବେଳେ ବିବାହ ଆସି ଯୁଟିଲା, ବୋଧେ ବିବାହନାଡ଼ି ଫିଟିଥିଲା, ଆଉ ରୋକି ହେଲାନାହିଁ । ତା ଆଗରୁ କନ୍ୟା ଦେଖି ଯାଇଥିଲି । ପାବନବର୍ଣ୍ଣ । ଭୀରୁ ବାଳିକାଟିଏ, ଅପ୍ରାପ୍ତବୟସ୍କା; ନବମ ଶ୍ରେଣୀରେ ପଢ଼ୁଥିଲା । ମୋତେ ଭଲ ଲାଗିଲା କି ନାହିଁ ? ଚାହିଁନାହିଁ କି ଭାବି ବସିନାହିଁ । ଏଇ ମୋର ପ୍ରଥମ ଓ ଶେଷ କନ୍ୟାଦେଖା, ବି.ଏ. ପଢ଼ୁଥିବା ବେଳର ବିବାହ ବିଷୟକ ଏକ ଘଟଣା ମୋତେ ବ୍ୟାକୁଳିତ କରୁଥିଲା, ମୋର ନିବନ୍ଧ ହୋଇ ଯାଇଥିଲା, ବାଟ ଖର୍ଚ୍ଚ ବାବଦକୁ ମୋର ଭାବୀ ଶ୍ୱଶୁର ଷାଠିଏ ଟଙ୍କା ଦେଇଥିଲେ । ସେ ଟଙ୍କା ନେଇ ମୁଁ ପାସବୁକ୍‌ରେ ଜମା ରଖିଥିଲି । କିନ୍ତୁ ଏଇ ସମୟରେ ବେନାମୀ ଚିଠି ଆସିଲା— ଉଆଁସୀ କନ୍ୟା—ଉଆଁସୀ କନିଆଁକୁ ଅଳପେଇସ ବର—ବଞ୍ଚିବା ଲାଗି ମୋ' ଲୋଭ ଏଇ ବିବାହଭଙ୍ଗର ହେତୁ ହେଲା—ନଇଲେ ବେନାମୀ ଚିଠିରେ କନ୍ୟାର ଯେଉଁ ରୂପବର୍ଣ୍ଣନା ହୋଇଥିଲା, ତା ମୋ ମନରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରିଥିଲା । କନ୍ୟାଟି ନିଶୁଣୀ ପରି ଲମ୍ବ, ମୋ ଉଚ୍ଚତା ଛ' ଫୁଟ ଏକ ଇଞ୍ଚ, ତାର କପାଳ ଉଚ୍ଚ, କାହାକୁ ଏହା ହୁଏତ ଦୁର୍ଲକ୍ଷଣ, କିନ୍ତୁ ମୋ କପାଳ ନୀଚ; ଉଚ୍ଚ କପାଳୀ ସ୍ତ୍ରୀଟିଏ ଜୁଟିଥିଲେ ହୁଏତ ମୋ ଭାଗ୍ୟର ବହୁ ବିଡମ୍ବନା କଟିଯାଇଥାନ୍ତା । କିନ୍ତୁ ମନରେ ନାନା ପ୍ରତିକୂଳ ଭାବ ଜାଗ୍ରତ ହେଲା । ଶତ୍ରୁର ଉଦ୍ଦେଶ୍ୟ ସିଦ୍ଧ ହେଲା । ବିବାହ ଭାଙ୍ଗିଗଲା, ମୁଁ ଟଙ୍କାତକ ଫେରାଇ ଦେଲି । ସେ କନ୍ୟା ଯଥା ସମୟରେ ବିଭା ହୋଇ ସୁଖରେ ସଂସାର ପାତିଛି, ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଅବିଧବା ହୋଇ ରହିଛି । 'ଉଆଁସ କନିଆଁକୁ ଅଳପେଇସ ବର' ଅନ୍ଧବିଶ୍ୱାସ, ମିଥ୍ୟା ବୋଲି ପ୍ରମାଣିତ ହୋଇଅଛି ।

ବିବାହପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ ମୋତେ ଥରେ ପୁରୀ ଡକାଇଥିଲେ— ଗଭର୍ଣ୍ଣରଙ୍କ ପ୍ରାସାଦ; ଗୋଦାବରୀଶ ମନ୍ତ୍ରୀମଣ୍ଡଳ ଯୁଗ ସେ, ନୀଳକଣ୍ଠଙ୍କର ଅଖଣ୍ଡ ପ୍ରଭାବ; ମହାପ୍ରସାଦ ଭୋଜନ ପରେ ସେ ଗୋଟିଏ ବିବାହପ୍ରସ୍ତାବ ଉଠାଇଲେ; ମୁଁ ହଁ ନାହିଁ କିଛି ନ କହି ସମୟ ନେଲି; ତାଙ୍କ କଥା ଏଡ଼ିଦେବା କଷ୍ଟକର । ବିବାହପ୍ରସଙ୍ଗରେ ମୁଁ ବଡ଼ଲୋକଙ୍କ ଜାଲରେ ପଡ଼ିବିନାହିଁ, ପଣ ଗ୍ରହଣ କରିବି

ନାହିଁ, ସ୍ଥିର କରିଥିଲି, ତେଣୁ ଉକ୍ତ ସାବନୀ କନ୍ୟାକୁ ବିଭାହେବା ଲାଗି ରାଜି ହୋଇ ଗଲି । ବିଭା ହେବାକୁ ଯାଉଥିବା ବେଳେ ମୋ ରାଜପୁତ୍ର ଛାତ୍ର 'ବାପି' କହିଲା—

Needles and pins
Needles and pins
When a man marries
His trouble begins.

ଏ ହୃଦୟସ୍ପର୍ଶୀ କବିତା ପଦଟି ଘରେ ନ ପଶୁଣୁ ମୁଣ୍ଡରେ ଶୂଳ ବାଜିଲା ପରି ମନକୁ ଧକ୍‌କା ଦେଇଥିଲା, ଭାବିଲି —ଅବିବାହିତ ଜୀବନରେ ମଣିଷ ବହୁ ଦୁଃଖ-କଷ୍ଟ ଭୋଗେ କରେ, କିନ୍ତୁ ବିବାହ ପରେ ତାର ଜଞ୍ଜାଳ ବଢ଼େ, ଦୁଃଖ ନିବିଡ଼ତର ହୁଏ, ଏ ସତକଥା । ତଥାପି ସେ ଦାଲ୍ଲିକା ଲଡ଼୍‌ଡୁ । ଖାଇଲେ ପସ୍ତେଇବ, ନ ଖାଇଲେ ବି; ନ ଖାଇଲେ ବୋଧହୁଏ ବେଶୀ ।

ଆମ ଗାଆଁ ରେଲ୍ଓ୍ୱେଷ୍ଟେସନରୁ ଆଗରୁ ସ୍ୱତନ୍ତ୍ର ବସ୍‌ରେ ଯାଇ ମୁଁ ପୁରୀର ଗୋଟିଏ ଧର୍ମଶାଳାରେ ଥିଲି । ସେଠାରୁ ପୁଷ୍ପମାଳାମଣ୍ଡିତ ଗୋଟିଏ କାର୍‌ରେ ବସିଲି; ଶଗଡ଼ ଗଡ଼ିରେ ଗୁଳିଲା, ତେଲିଙ୍ଗି ବାଜା ବାଜିଲା, ପୁରୀ ବଡ଼ଦାଣ୍ଡରେ ପଟୁଆର ହେଲା । ପଥୁରିଆ ସାହି ଗଳିମୁଣ୍ଡକୁ ମୋ ଶ୍ୱଶୁର ବରବରଣି କରି ଆସିଲେ ।

ଗାଆଁରୁ ଘନ ଭାଇନା ଅଳିପଣା ଘେନି ଆସିଥିଲେ; ଗାଆଁର ବ୍ରାହ୍ମଣବର୍ଗ ବନ୍ଧୁବାନ୍ଧବ, ବିଶେଷତଃ ମୋ ଧ୍ରୁବ ମାମୁଁ ବରଯାତ୍ରି ହୋଇ ଆସିଥିଲେ, ମୋ ମୁଣ୍ଡରେ ମୁକୁଟ ବନ୍ଧା ହେଲାବେଳେ, ହାତଗଣ୍ଠି ପଡ଼ିଲାବେଳେ ତେଲିଙ୍ଗି ବାଜା, ଯୋଡ଼ିନାଗରା ଓ ମହୁରୀ ଶବ୍ଦ ମଧ୍ୟରେ ଶରୀରରେ ଅପୂର୍ବ ଶିହରଣ ଆସିଥିଲା । ଫୁଲସଜ୍ଜାରେ ନିମ୍ନ ଉଦ୍‌ଭଟ ଶ୍ଳୋକଟି ବୋଲିଥିଲି—

'ହେ ହେରମ୍ବ, କିମମ୍ବ ? ରୋଦଷି କଥଂ ?
କର୍ଣ୍ଣୌ ଲୁଠତ୍ୟଗ୍ନିଭୂଃ
କିଂ ତେ ସ୍କନ୍ଦ ବିଚେଷ୍ଟିତଂ ମମ ପୁରା
ସଂଖ୍ୟା କୃତା ଚକ୍ଷୁଷାମ୍
ନୈତତ୍ ତେପ୍ୟୁଚିତଂ ଗଜାସ୍ୟ ଚରିତଂ
ନାସାଂ ମିମୀତେସ୍ୱମେ
ତବେତଂ ସହସା ବିଲୋକ୍ୟ ହସିତ-ସ୍ମି
ବ୍ୟଗ୍ରା ଶିବା ପାତୁ ବଃ"

ଅର୍ଥାତ୍ ପାର୍ବତୀ ଗଣେଶଙ୍କୁ ଡାକିଲେ, ଗଣେଶ—କଣ ମା ?

'କାନ୍ଦୁଚୁ କାହିଁକି ?'

'କାର୍ତ୍ତିକ ମୋ କାନ ମୋଡ଼ି ଦେଲା ।'

କାର୍ତ୍ତିକକୁ ଧମକ ଦେଇ ପାର୍ବତୀ କହିଲେ—ତୋର ଏ କି ଆଚରଣ ?

କାର୍ତ୍ତିକ କହିଲେ—ମା, ଏ ମୋ ଆଖି ଗଣୁଛି ।

ପାର୍ବତୀ ଆକଟ କରି କହିଲେ—ଗଜାସ୍ୟ, ଏଟା ତୋ ପକ୍ଷେ ଉଚିତ ହୋଇ ନାହିଁ ।

ଗଣେଶ କହିଲେ—ମା, ଏ ମୋ ନାକ ମାପୁଛି ।

ପିଲାମାନଙ୍କର ଏ ଚିଡ଼ାଚିଡ଼ି ହସଖୁସିରେ ସ୍ମିତମୁଖୀ ପାର୍ବତୀ ଆପଣମାନଙ୍କର ମଙ୍ଗଳ କରନ୍ତୁ ।

ଫୁଲସଜ୍ଜରେ ଆମ ଗାଁ ଲୋକେ କେତୋଟି ଶ୍ଲୋକ ବୋଲିଥିଲେ, ବ୍ରାହ୍ମଣ-ଶାସନର ମାନରକ୍ଷା ହୋଇଥିଲା; କିନ୍ତୁ ପୁରୀ ବିଦ୍ୟାନଗରୀ; ଯେତେବେଳେ ପଣ୍ଡିତମାନଙ୍କ ମୁହଁ ଖୋଲିଲା, ଆମ ଗାଆଁର ସ୍ୱର କୁଆଡେ ହଜି ଯାଇଥିଲା । କେତେ ରାତି ପର୍ଯ୍ୟନ୍ତ ବେଶ ଶ୍ଲୋକ ଆବୃତ୍ତି ଚାଲିଥିଲା, ଜଣେ ସାଧାରଣଜ୍ଞାନସଂପନ୍ନ ଅପଣ୍ଡିତ ବ୍ରାହ୍ମଣ ହସ୍ତକ୍ଷେପ କରିବାରୁ ପଣ୍ଡିତମାନେ ନିବୃତ୍ତ ହେଲେ । ପୁରୋହିତେ ଆଶୀର୍ବାଦଶ୍ଲୋକ ପାଠ କରି ବରକନ୍ୟାଙ୍କ ମୁଣ୍ଡରେ ଆଶୀର୍ବାଦ ଚାଉଳ ପକାଇ ଫୁଲସଜ୍ଜ ଶେଷ କଲେ ।

ସାତମଙ୍ଗଳା ଶେଷ ପର୍ଯ୍ୟନ୍ତ ଶ୍ୱଶୁର ଘରେ ଥିଲି । ପ୍ରତିଦିନ ମୁକୁଟପିନ୍ଧା, ଦୂର୍ବାକ୍ଷତ, ବରକୋଳି ପତ୍ର ଓ ଘୃତ ଦୀପରେ ବନ୍ଦାପନା, ବହୁ ଆଦର ଅଭ୍ୟର୍ଥନା, ଦିବ୍ୟଭୋଜନ ମଧ୍ୟରେ ସାତଟିଦିନ ଘୋଡାରେ (ସୁଖର ଦିନ ଘୋଡ଼ାରେ ଛୁଟେ) ଛୁଟି ଚାଲିଯାଇଥିଲା । ସ୍ତ୍ରୀର ନାମ ନିଶାମଣି—ବେଦୀରେ ସ୍ୱାମୀ ସ୍ତ୍ରୀର ନୂତନ ନାମ ଦେବାର ବିଧି ଅଛି । ମୁଁ ନାମ ଦେଇଥିଲି ପ୍ରେମଲତା; ତାଙ୍କ ଘରେ ନିଶା ଓ ଆମ ଘରେ ଓ ସାଧାରଣରେ ଲତା ନାମରେ ସେ ପରିଚିତା ହେଲେ । ବିବାହରେ ଆମ ପକ୍ଷରୁ କିଛି ଦାବୀ କରିବାକୁ ଭାଇନାଙ୍କୁ ମନା କରି ଦେଇଥିଲି । ମୋତେ ମିଳିଥିଲା ଖଣ୍ଡିଏ ବି.ଏସ୍.ଏ. ସାଇକଲ ଓ ଗୋଟିଏ ସ୍ୱିସ୍ ସେଷ୍ଟେକ୍ସ ଓ୍ୱାଚ୍; ଭାଇନା ବରଯାତ୍ରୀ ନେବା ଆଣିବା ଲାଗି ବାଟଖର୍ଚ୍ଚ ବାବଦକୁ ନେଇଥିଲେ ଚାରିଶତ ଟଙ୍କା ।

## ମୋ ସ୍ତ୍ରୀ

ସ୍ତ୍ରୀ ସହିତ ମୋର ଚଉଠି ରାତିରେ ସାକ୍ଷାତ ହୋଇଥିଲା ଘୋର ଅନ୍ଧକାର ମଧ୍ୟରେ । ଦଶପଦ ପଚାରି ପଦେ ଉତ୍ତର ପାଇ ନ ଥିଲି; ସେ ବାଳିକା, ଭୟାତୁରା; ରାତି ଅନିଦ୍ରା ହୋଇ ଛନ ଛନ ମନରେ ଘରର କେଉଁ କଣରେ ସେ ଲୁଚିଥିଲା ଦେଖିବାର ଉପାୟ ନ ଥିଲା । ରାତି ନ ପାହୁଣୁ ବିନା ଶବ୍ଦରେ ସେ କବାଟ ଖୋଲି ଚାଲି ଯାଇଥିଲା । ଆମ ମଧ୍ୟରେ ବୟସଗତ ତାରତମ୍ୟ ଦଶବର୍ଷରୁ ଅଧିକ ଥିଲା । ବିବାହ ପରେ ମୁଁ ତାଙ୍କଠାରୁ ଆଶା କରୁଥିଲି ପ୍ରେମପତ୍ର, ସେ ସେଥିଲାଗି ଅସମର୍ଥ ଥିଲେ; ମୋ ମନ ବୁଝୁ ନ ଥିଲା; ଯାହା ପକ୍ଷରେ ଯାହା ସମ୍ଭବ ନୁହେଁ, ମୁଁ ଆଶାକରି ବସୁଥିଲି; ଫଳରେ ମୋ ମନ ମତେଇବାଲାଗି ବାନ୍ଧବୀଙ୍କ ହାତରେ ପ୍ରେମପତ୍ର ଲେଖି ନିଜ ହସ୍ତାକ୍ଷରରେ ମୋ ନିକଟକୁ ପଠାଉଥିଲେ । ଏଥିରେ ପ୍ରେମୋଗ୍ର ତରୁଣଚିତ୍ତ କିଞ୍ଚିତ ପରିମାଣରେ ଶାନ୍ତ ହୋଇଥିଲା । ବିଭା ହେବାର ଚାରିବର୍ଷ ପରେ ମୋର ଆଶୀର୍ବାଦ ଘର ହୋଇଥିଲା ।

ମୋ ସ୍ତ୍ରୀଙ୍କର ପାଠର ଦୌଡ଼ ବେଶୀ ଦୂର ନ ଥିଲେ ବି ସାହିତ୍ୟଜ୍ଞାନ ଭଲ ଥିଲା; ୧୭।୧୮ ବର୍ଷ ବୟସରେ ତାଙ୍କ କ୍ଷୁଦ୍ରଗଳ୍ପସବୁ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା-ମାନଙ୍କରେ ପ୍ରକାଶ ପାଉଥିଲା; କିନ୍ତୁ ସେ ପ୍ରତିଭା ବିକଶିତ ହେବା ଆଗରୁ ମଉଳି ଗଲା ।

ସମୟାଭାବ ବା ସଂସାରଜଞ୍ଜାଳ ଲେଖନୀ ଛାଡ଼ିବାର ହେତୁ ନୁହେଁ । ସ୍ୱଳ୍ପ ଲେଖି ସେ ସାହିତ୍ୟିକମାନଙ୍କ ଉଚ୍ଚ ପ୍ରଶଂସା ଲାଭ କରିଥିଲେ । ଆଳସ୍ୟ, ଦୀର୍ଘ-ସୂତ୍ରିତା, ସଂଶୟ ନ ଲେଖିବାର କାରଣ ହୋଇପାରେ । ତାଙ୍କ ଗଳ୍ପଗୁଡ଼ିକ ବହି ଆକାରରେ ଛାପାଯାଇ ପାରି ନ ଥିଲା, ଏବେ ଉପଯୋଗିତା ହୁଏତ ନାହିଁ । କାରଣ ସେସବୁ ପ୍ରାଥମିକ ସ୍ତରର ଥିଲା, ଯଦିବା ଶୈଳୀଗତ ମୂଲ୍ୟ ଯଥେଷ୍ଟ । 'ମୋ କଥାଟି ସରିଲା' ନାମରେ ତାଙ୍କର ବୌଦ୍ଧଜାତକରୁ ଅନୁବାଦିତ ଗଳ୍ପସବୁ ପ୍ରକାଶ ପାଇଥିଲା, ଭାଷାଗତ ସୌନ୍ଦର୍ଯ୍ୟ ଯୋଗୁଁ ଲୋକପ୍ରିୟ ହୋଇଥିଲା ।

ମୋ ସ୍ତ୍ରୀ ରନ୍ଧାବଢ଼ା ଓ ଗୃହକର୍ମରେ ସୁନିପୁଣା । ଅତିଥିଚର୍ଚ୍ଚାରେ ତାଙ୍କର ତିଳାର୍ଦ୍ଧ ବ୍ୟୟକୁଣ୍ଠା ନାହିଁ । ହାତରେ ଗୋଟିଏ ପଇସା ରହେନାହିଁ । ସବୁତକ ଖର୍ଚ୍ଚ କରି ସାରିଲେ ହିଁ ସେ ନିଶ୍ୱାସ ମାରନ୍ତି । ତେଣୁ ରୋଜଗାର ସଙ୍ଗେ ବ୍ୟୟ-ସମୀକ୍ଷା ଓ ସଞ୍ଚୟଭାର ମୋତେ ହିଁ ବହନ କରିବାକୁ ପଡ଼େ ।

ଭିକମୁଠିକ ଲାଗି ସେ ସଦା ମୁକ୍ତହସ୍ତା । ପରୋପକାର ଲାଗି ଚିରତତ୍ପର । ଯଦି ବା ଉପକୃତର କୃତଘ୍ନତା ଦେଖିଲେ ବେଳେ ବେଳେ ଭୟଙ୍କର ହୋଇ ଉଠନ୍ତି ।

ଆଖିପତାରେ ଲୁହ, ଟିକେକେ ଗଡ଼ିପଡ଼େ । ଅଧରରୁ ଅଗ୍ନି, ଆଖିରୁ ଜଳସ୍ରୋତ ଏକାବେଳକେ ଛୁଟେ । ଆହା, ସେ ସ୍ରୋତ ଏ ଅଗ୍ନିକୁ ଯଦି ଲିଭାଇ ପାରନ୍ତା !

ମୁଖ ସ୍ୱଭାବତଃ ତୀକ୍ଷ୍ଣ, ବଚନ ଶାଣିତ । ସମାଲୋଚିତବ୍ୟ ବଚନର କଷାଘାତରେ ରକ୍ତାକ୍ତ ହୁଏ । କିନ୍ତୁ ତାଙ୍କ ହୃଦୟ ନିର୍ମଳ । କାହାର ଅନିଷ୍ଟଚିନ୍ତା ସେ ମନରେ ସ୍ଥାନ ପାଏନାହିଁ । କୌଣସି ଗୋପନୀୟ କଥା ଦୀର୍ଘ କାଳ ରହେନାହିଁ । ଯାହା କହନ୍ତି ତୁଣ୍ଡରେ ଲୁଣ ମିଳାଏ ନାହିଁ । ଗୁପ୍ତ କଥାଟି ନ କହିବା ଯାଏ ତୁଣ୍ଡ ଖଲ ଖଲ ହେଉଥାଏ, ଯଦିବା ଆମର ସେଭଳି କିଛି ଗୋପନୀୟ କଥା ନ ଥାଏ । ବୋଧହୁଏ, ଅଧିକାଂଶ ନାରୀଙ୍କର ପ୍ରକୃତି ଏଇଆ ।

ମନ ଖୁବ୍ ପରିଚ୍ଛନ୍ନ ରଖନ୍ତି ସେ, ଯେପରି ନିଜର ଗୃହ । ଚାକର ନ ଥିଲେ ନିଜେ ଓଳାଇ ଓଦାକନାରେ ପୋଛନ୍ତି, ଛ' ତିଅଣ ନ' ଭଜା କରି ଖୁଆନ୍ତି, ଖୋଇବାରେ ପରମ ଆନନ୍ଦ । ପିଠାପଣା, ସହଜ ଆମୋଦ ଆନନ୍ଦର ଅଭାବ ଆମ ଘରେ ନ ଥାଏ, ଯଦି ବା ବାରମାସରେ ତେରବ୍ରତ ଗ୍ରାମ୍ୟରୀତିରେ ପାଳିତ ହୁଏନାହିଁ ।

ସେ ଋତିଗୋଟି ସନ୍ତାନର ଜନନୀ—ପ୍ରିୟଦର୍ଶୀ, ଦେବପ୍ରିୟ, ପୁଣ୍ୟଶ୍ଳୋକ । 'ତାନୀ' ନାମରେ ତାଙ୍କର ଗୋଟିଏ କନ୍ୟା ଥିଲା । ମାତ୍ର ଦୁଇବର୍ଷ ବୟସରେ ଦିନକର ରୋଗରେ ସେ ପ୍ରାଣତ୍ୟାଗ କଲା । ଆମ ଗ୍ରହଚକ୍ର କନ୍ୟାପକ୍ଷେ ମାରକ ।

ଗୃହିଣୀଙ୍କ ଘରକରଣାର ତାଳତାନ ଯେତିକି ରମ୍ୟ, ପିଲାମାନେ ସେତିକି ବେତାଳିଆ । ସେ ଯେତିକି ସଜାସଜି କରନ୍ତି, ପିଲାମାନେ ସେତିକି ଫିଙ୍ଗାଫୋପଡ଼ା କରନ୍ତି, ବୋଧେ ବୋଉକୁ ଚିଡ଼େଇବା ଲାଗି । ଲୁଗାପଟା ଖୁବ୍ ମଇଳା କରନ୍ତି—ବୋଉ ସଫା କରିବ ! ଗୃହିଣୀ ଧୋବଣୀ ସାଜେ । ଆମ ଲୁଗା ଉଜଳାଘର ଦେଖେ ନାହିଁ ।

ଗୃହିଣୀ ଯେତିକି ସଂସାରର ତଳକୁ ତଳକୁ ନିରେଖି ଦେଖନ୍ତି, ପିଲାଗୁଡ଼ାକ ହୋଇ ଉଠନ୍ତି ସେତିକି ଉପରମୁହାଁ । କୋଉ କଥାକୁ ଭାରିଗରୁ କରି ଦେଖନ୍ତି ନାହିଁ, କିଛି ଦିହକୁ ଲାଗେନାହିଁ । ତାଙ୍କର ଯେତିକି ସଂସାରଚିନ୍ତା, ପିଲାଗୁଡ଼ାକ ସେତିକି ନିଶ୍ଚିନ୍ତ ।

ପିଲାଙ୍କ ସାଥିରେ ମୁଁ ମଧ୍ୟ ହୋଇଉଠିଛି ଅନାଡ଼ି, ଅପଦାର୍ଥ, ସେଥେଇ ଭୂଲି ଯାଇଛି, ଭୁଲିଯାଇଛି ଯାବତୀୟ ନିଜନିର୍ଭର ଚଳଣି । ସଂସାରକୁ ଗୃହିଣୀ ମୁଣ୍ଡରେ ନଦିଦେଇ ହୋଇଯାଇଛି ପୋଲାଫାଙ୍ଗିଆ । କଳ୍ପନା ଦୌଡ଼ ମାରିବାକୁ ସୁଯୋଗ ପାଇଛି । କିତାପ ପରେ କିତାପ ଲେଖିବା ସମ୍ଭବ ହୋଇଛି ।

ସେ ହୋଇଛନ୍ତି ଗୋଟାଏ ଉହା, ମୁଁ ହୋଇଛି ନିଆଁ । ମୋ ଉତ୍ତାପ ଜଳାଇଛି ତାଙ୍କ ଛାତିକି । ସେ ହୋଇଛନ୍ତି ବେଳା, ମୁଁ ହୋଇଛି ଢେଉ । ମୋର ନାଚକୁଦ, ଧକ୍କା ଧସ୍ତାଧସ୍ତି ବରଦାସ୍ତ କରିଛନ୍ତି ସେ । ମୋର ଦାଉଘାତ, ବିଷ ଜୀର୍ଣ୍ଣ କରିଛନ୍ତି ସେ, ମନ ଓ ଦେହକୁ ଅକାଟ କରି ସଂସାରରେ ମଣିଷର ଫସଲ ଉତାରିବାର ଭାର ତ ମୁଖ୍ୟତଃ ମମତାମୟୀ ସଂସାରିଣୀ ଉପରେ । ବାହିକା ସେଇ, ତାରିକା ସେଇ । ମୋ ଗୃହିଣୀ ମୋତେ, ପିଲାମାନଙ୍କୁ ଘୁରୁଖୁରୁରେ ତାରିଛନ୍ତି, ଉତାରିଛନ୍ତି ଯାବତୀୟ ସାହିତ୍ୟଫସଲ ।

## ଶ୍ୱଶୁର ଓ ଶାଶୂ

ମୋ ସ୍ତ୍ରୀ ପଥୁରିଆ ସାହିର ଶ୍ରୀ କ୍ଷେତ୍ରମୋହନ ଶତପଥୀଙ୍କର ଜ୍ୟେଷ୍ଠା କନ୍ୟା । କ୍ଷେତ୍ରମୋହନବାବୁ କିରାନୀରୁ ଉଠି ଅଦାଲତର ନାଜର ଓ ସିରସ୍ତାଦାର ହୋଇଥିଲେ । ସେ ଏଣ୍ଟ୍ରେନେସ୍ ପାସ୍ କରିଥିଲେ । କିନ୍ତୁ ଏବ ଗ୍ରାଜୁଏଟ୍‌ଙ୍କ ଅପେକ୍ଷା ତାଙ୍କ ଇଂରଜୀ ଜ୍ଞାନ ଅଧିକ ଥିଲା, ଜଣେ କାର୍ଯ୍ୟଦକ୍ଷ କର୍ମଚାରୀ ଭାବରେ ତାଙ୍କର ସୁଖ୍ୟାତି ଥିଲା । କୌଣସି ତ୍ରୁଟି ଦେଖିଲେ ସେ ହାକିମଙ୍କୁ ମୁହେଁ ମୁହେଁ ବତାଇ ଦେଉଥିଲେ, କର୍ମଦକ୍ଷତା ଯୋଗୁଁ କ୍ଷମା ପାଉଥିଲେ । ଖୋସାମତିର ଧାର୍ ଧାରୁ ନ ଥିଲେ । ସେ ନିଜ ଗୋଡ଼ରେ ଛିଡ଼ା ହୋଇ ମଣିଷ ହୋଇଥିଲେ । ମିସ୍ତ୍ରୀ ସଙ୍ଗେ ନିଜେ କୋଠାଘର ତୋଳିଥିଲେ, ନିଜେ କୋଦାଳ ଧରି ବାଡ଼ିରେ ନାନା ଫସଲ ଉତ୍‌ପାଦନ କରୁଥିଲେ—ସନ୍ତାନମାନଙ୍କ ଲାଗି ବ୍ୟୟରେ ଯେପରି ମୁକ୍ତହସ୍ତ, ନିଜ ଲାଗି ସେହିପରି ବ୍ୟୟକୁଣ୍ଠ ଥିଲେ । ଖଣ୍ଡିଏ ମାତ୍ର କମିଜ ତାଙ୍କର ଥିଲା, କେବେ ଜୋତା ପିନ୍ଧି ନ ଥିଲେ । ଲାଞ୍ଚ ନେବା ତାଙ୍କର ସ୍ୱଭାବ ନ ହେଲେ ବି କଚେରୀର ସାଧାରଣ ପାଉଣା ନେଇ ଖର୍ଚ୍ଚରେ ସଂଯତ ରହି ବିପୁଳ ସମ୍ପତ୍ତିର ମାଲିକ ଓ ଛ' କନ୍ୟାଙ୍କୁ ସତ୍‌ପାତ୍ରରେ ଦେବାକୁ ସମର୍ଥ ହୋଇଥିଲେ । ମୃତ୍ୟୁ ପୂର୍ବରୁ ସେ ପୁରୀ 'ସଦାଶିବ ସଂସ୍କୃତ କଲେଜ' ଓ 'ଚିନ୍ତାମଣିବିଦ୍ୟାପୀଠ'ରେ

ମେଧାବୀ ଛାତ୍ରଙ୍କ ଲାଗି ଦୁଇଗୋଟି ଛାତ୍ରବୃତ୍ତି ଖଞ୍ଜିଦେଇଥିଲେ ଓ ଗୋଟିଏ ଦେବମନ୍ଦିରର ମରାମତି ବ୍ୟୟ ବହନ କରିଥିଲେ । ସଂସାରୀ ଦୃଷ୍ଟିରେ ତାଙ୍କ ଜୀବନ ଏକାନ୍ତ ସାର୍ଥକ ବିବେଚିତ ହେଉଥିଲା । ବାମନ ଜନ୍ମ ବଡ଼ ଏକାଦଶୀ ଦିନ ତାଙ୍କର ଦେହାନ୍ତ ହେବାରୁ ଏହା ଆଜୀବନ ଧର୍ମପ୍ରାଣତାର ସୂଚକ ବୋଲି ଲୋକେ କହିଲେ ।

ବର୍ଷକୁ ପ୍ରାୟ ଗୋଟିଏ ଗୋଟିଏ ସନ୍ତାନ ଜନ୍ମ କରି ରୁଗ୍ଣ ହୋଇ ଅତି ଅଳ୍ପ ବୟସରେ ମୋ ଶାଶୂ ହୀରାମଣି ଦେବୀ ଦେହତ୍ୟାଗ କରିଥିଲେ । ସେ ସ୍ନେହମୟୀ ଓ ଉଦାରହୃଦୟା ଥିଲେ ।

ବିବାହ ପରେ ମୁଁ ରାଞ୍ଚୀ ଫେରି ଯାଇଥିଲି । ନୟାଗଡ଼ ରଜାପୁଅ ମୋ ସିଲ୍‌କ ଜାମା, ସୁନାମୁଦି, ସୁନାଚେନ୍ ଦିଆ ବୋତାମ, ସୁନା ଫ୍ରେମ୍‌ର ଚଷମା, ଘଡ଼ି ନିରେଖି ନିରେଖି ଦେଖିଥିଲା ଓ ତା ମାମୀ ହେମଲତାଲକ୍ଷ୍ମୀଙ୍କ ଆଗେ ସବିଶେଷ ବର୍ଣ୍ଣନା କରିଥିଲା ।

ମୋ ଅନୁପସ୍ଥିତିରେ ଗ୍ରାଣ୍ଡ୍ ହୋଟେଲରେ ଗୋଟିଏ ଦୁର୍ଘଟଣା ଘଟିଥିଲା । ମୋର ସମସ୍ତ ପାଣ୍ଡୁଲିପି କିଏ ଜୋରରେ ଘେନିଯାଇଥିଲା । ମୋ ଚାବିହୀନ ଭଙ୍ଗା ଟ୍ରଙ୍କରେ ସେସବୁ ଥିଲା । ପରେ ଶୁଣିଲି ହୋଟେଲ ଚାକର ତାକୁ ଦୋକାନରେ ଦେଇ ଗୁଆ ମସଲା କିଣିଥିଲା ।

ମନଦୁଃଖରେ ସେତେବେଳେ ଅପହୃତ ପାଣ୍ଡୁଲିପିକି ଉପଲକ୍ଷ୍ୟ କରି ଗୋଟିଏ କବିତା ଲେଖିଥିଲି—ଅନ୍ତର୍ହିତା (ପ୍ରଭାତୀରେ ପ୍ରକାଶିତ)

ଏଇ ଅକଲ୍ୟାଣର ଗୋଟିଏ ଭଲ ଫଳ ହେଲା—ମନରେ ଦୃଢ଼ ସଂକଳ୍ପ ଜାତ ହେଲା –ଏଥର ଯାହା ଲେଖିବି ଛାପିବି ।

## ୧୯୪୨

ଦ୍ବିତୀୟ ମହାଯୁଦ୍ଧ ଘନେଇ ଆସୁଥିଲା; ଏତକିବେଳେ ଅଗଷ୍ଟ ନ' ତାରିଖରେ ଗାନ୍ଧିଜୀଙ୍କ 'ଭାରତଛାଡ଼' ଆହ୍ବାନ ହିମାଳୟରୁ କୁମାରିକା ପର୍ଯ୍ୟନ୍ତ ଦୋଶାମୂବୋଧର ଏକ ଜୁଆର ଖେଳାଇ ଦେଇଥିଲା; କିନ୍ତୁ ହିଂସାମାର୍ଗରେ ଲୋକେ ମାତି ଉଠିଥିଲେ । ବ୍ରିଟିଶ୍ ଶାସକଙ୍କ ଦମନନୀତି ଉଗ୍ରତର ରୂପ ଧାରଣ କରିଥିଲା । ଗାନ୍ଧିଜୀ, ନେହେରୁ, ପଟେଲ ପ୍ରଭୃତି ନେତୃବର୍ଗ ଜେଲ୍ ବରଣ କରିଥିଲେ । ମର୍ମେ ମର୍ମେ ଦାରୁଣ ଯାତନା ଅନୁଭବ କଲେ ବି ପ୍ରତ୍ୟକ୍ଷ ସଂଗ୍ରାମରେ ଯୋଗ ଦେବା ମୋ ପକ୍ଷେ ସମ୍ଭବ ହୋଇ ନ ଥିଲା । ତତ୍‌କାଳୀନ ଅପ୍ରକାଶିତ ବା ଉପେକ୍ଷିତ କବିତା ଉପରେ ମହାଯୁଦ୍ଧ ତଥା ସ୍ୱାଧୀନତାଆନ୍ଦୋଳନର ପ୍ରଭାବ ପ୍ରତିଫଳିତ ହୋଇଅଛି; ସେଥି ମଧ୍ୟରୁ କେତୋଟି ପଦ ତଳେ ଉଦ୍ଧାର କଲି—

"ଆଇନିର ତଳେ ପୋଡ଼ି ହୋଇ ମରେ
ଭାରତବର୍ଷ ସତୀ
ଲାଠି ମାଡ଼ ତୋଡ଼େ ନର ମଥା ଉଡ଼େ
ନ ରୁଲିଲେ ନଈ ନଈ

ଦେଶପ୍ରେମ ଏଥି ବିପ୍ଳବ ନାମେ
ସଢ଼େ ଯମ କାରାଗାରେ
ସେହି ଦେଶପ୍ରେମ ପୂଜିତ ହୁଅଇ
ନିଜ ଦେଶ ଦରବାରେ
ଏଇ ଦେଶ ଲୋକ ପୁଣି
ଏଇ ଦେଶ ଗଢ଼ା ଖଣ୍ଡାରେ କରେ
ଏଇ ଦେଶ ଲୋକ ଖୁଣି ।”

“ଲହରୀ ଅଧରେ ଶିଶୁର ରକ୍ତ ଛିଟା
ସାଗର ଶୁଣଇ ମରଣ କରୁଣ ଗୀତା
ଲୋତକ ଲବଣେ ଧରଣୀ ରସନା ପିତା
ଶବପର୍ବତ ପରେ
ଧୂମକେତୁ ପୁରେ ଧ୍ୱଂସର ଧୂମ ଚଳେ ।”

“ନର ଲହୁ ଲୁହେ ଭସଇ ଭୂତଳ
ସମର ଖେଳ ଯେ ଲଗିଛି ସମର
ରକତ କେତନ ଉଡ଼ଇ ପାପର
ବେଢ଼ି ସ୍ୱାଧୀନତା ଚରଣେ ।”

“ଭାରତର ନେତା ସଢ଼େ କାରାଗାରେ
ମରେ ଭାରତୀୟ ପାପ ଗୁଳିମାଡ଼େ ।”

“ନିର୍ମଳ ଯାହା କରେ ପଙ୍କିଳ
ସୁନ୍ଦର ଯାହା କରେ ଅରୁଚିର
ବିଶ୍ୱେ ନିଜକୁ ବୋଲେ ମହାବୀର
କରି ତମୋମୟ ଧରଣୀ
ଦେଶେ ଦେଶେ ଖୋଲେ ଶୋକପାରାବାର
ଏକ ହୁଙ୍କାରେ କୋଟି ହାହାକାର
ଏକ ହାସେ ଝରି ଲୋତକ ଅପାର
ପିଚ୍ଛିଳ କରେ ସରଣୀ ।”

ଯେଉଁ ସମୟରେ ମୋ ଭାବଧାରାର ଗତିମୁଖ ବଦଳୁଥିଲା, ଦେଶାତ୍ମବୋଧ ରୂପାନ୍ତରିତ ହେଉଥିଲା ସାମ୍ୟବାଦୀ ବିପ୍ଳବ ଦିଗକୁ । ପୁଞ୍ଜିପତି ହିଁ ଜନ-ସାଧାରଣଙ୍କର ଯାବତୀୟ ଦୁଃଖ ଲାଗି ଦାୟୀ, ତାକୁ ନିକାଶ ନ କରିବା ପର୍ଯ୍ୟନ୍ତ ରକ୍ଷା ନାହିଁ ବୋଲି ଧାରଣା ଜନ୍ମିଥିଲା । ଯାହା ଉପେକ୍ଷିତ, ଅଥଚ ଯାହାର କେତୋଟି ପଦ ହୃଦୟକୁ ସ୍ପର୍ଶ କରୁଛି, ତାହା ଉଦ୍ଧୃତ ହେଲା —

ପୁଞ୍ଜିପତିର ତରବାରୀ ଆରେ ପୁଞ୍ଜିପତିର ତରବାରୀ
କେତେଦିନ ଆଉ ଶୋଷୁଥିବୁ କହ ଗରିବ ବୁକୁର ଲହୁ କାଢ଼ି ?
ଶୂଳିଆ ପଦାରେ କେତେଦିନ ଆଉ ଲାଗିବରେ ତୋର ଫଗୁଖେଳ ?
କେତେଦିନ ଧରା ଲୁହେ ଗାଧୋଇବ ମରଣ ସାଥିରେ ଏକି ଖେଳ ?

ପଞ୍ଜରକାଠି ମୂଳଦୁଆ ପରେ କେତେକାଳ ହେବ କୋଠା ଗଢ଼ା ?
ଖଞ୍ଜଣା ପାଇଁକି କେତେଦିନ ହେବ ଦରମର ଗୃଷୀ ତାଟି ତଡ଼ା ?"

"ଜୀବନ ତାହାର ଦୁର୍ବହ ଭର କିଏ କରିଦିଏ ସହୀ ?
ବିଳାସ ଅନଳେ ଆହ୍ଵାରମୁଠିକ କିଏ ଦିଏ ତାର ଦହି ?
କିଏ ଦିଏ ତାରେ କଉପୁନୀ ସାଜ ପିନ୍ଧ ଯେ ରତ୍ନଭୂଷା
କିଏ ପିଏ ମଦ ବଞ୍ଚିତ କରି ଆନର ତୋରଣି ତୃଷା ?"

ସେ ସମୟରେ ପ୍ରେମଭାବରେ ମୋ ମନ ଭରପୂର ଥିଲା । ପ୍ରେମକବିତା ରଚନାରେ କ୍ୱଚିତ୍ ସଫଳ ହୋଇଛି, କିନ୍ତୁ ପ୍ରୟାସ କରିଛି, ସନ୍ତୁଷ୍ଟ ନ ହୋଇ ଉପେକ୍ଷା କରିଛି । ଉପେକ୍ଷିତ କବିତାର କେତୋଟି ପଦ ତଳେ ଉଦ୍ଧାର କଲି —

"ପ୍ରକୃତି ରାଣୀ, ପାଶେ ତୋର ଏଇ ମିନତି
ରହେ ବହୁ ଦୂରେ ପ୍ରାଣପ୍ରିୟା ପତିବ୍ରତୀ
ବୋଲିବୁ ବାଦଲେ ଗରଜିବ ନାହିଁ ପାଶେ ତା
ବିଜୁଳି ପ୍ରେୟସୀ ହାରିଗଲୁ ବୋଲି ରୁଷେ ତା
ଝଡ଼େ ଝଂଝ ବଢ଼େ ଭରୁ ସେ ସ୍ଵଭାବେ ଅବଳା
ବୋଲୁ ନ ବହୁ ସେ ଯହିଁ ମୋର ଶୋଭା କମଳା ।
ସାଗରେ ବୋଲ ସେ ନ ଦେଖାଉ ତାର ବଢ଼ିବା
କେଉଁ ଗୁଣେ ସେ ମୋ ପ୍ରିୟାଠାରୁ ବୋଲ ବଡ଼ ବା ।"

"ପରକାଶିଲ ମୋର ପରାଣ ଶତଦଳ
ପରକାଶିଲ ସବୁ ମୋହର
ତୁମ ଭିତରେ ମୁହିଁ ମୋର ଭିତରେ ସହୀ
ରାଜଇ ପ୍ରେମଆତ୍ମା ତୁମର
ନିଜକୁ ଦେଖେ ତୁମ ହୃଦୟଦରପଣେ
ଶଶୀ ଯେସନେ ସିନ୍ଧୁ ଲହରେ ସ୍ଵଳପନେ
ଜୀବନ ଲତା ଦେହେ ଅଫୁଟା ପ୍ରାଣ ମନେ
ଥିଲି ମୁଁ କାହିଁ ଯଥା ପଥର ।"

"ନିଜକୁ ନିଜ ମଧ୍ୟେ ବାନ୍ଧିବା କେତେ ଦୁଃଖ
ପରାଣେ ଅରପିବା ପରାଣ କେତେ ସୁଖ
ହୃଦୟ ସୁଧା ଦେବା ହୃଦୟ ପାତ୍ରେ ଢାଳି
ଯାଚିବା ଉତ୍ତରାଡି ଆନର କଥା ଭାଳି
କି ସୁଖ ସତେ ପ୍ରାଣ ସଜନୀ
ତୁଚ୍ଛା ରକତ ନୁହେଁ ପ୍ରେମ ତଡ଼ିତ ସୁଏ
ନାଚଇ ଯେବେ ହୃଦ ଧମନୀ ।"

"କନକ ପାଣ୍ଡୁଲି ଧରି ବେଳା ତଟେ ଯିବି ଚଳି
ବାଲି ଅଙ୍କୁଥିବ ପଦ କମଳ ଛବି
ନୂପୁରର ରୁଣୁଝୁଣୁ ମଧୁବାଣୀ ଶୁଣୁ ଶୁଣୁ
ହେଉଥିବି ଗୁଣୁ ଗୁଣୁ କି ଅନୁଭବି
ମନପୁରେ ସପନ ସମ
ପହିଲି ପ୍ରେମର ସ୍ମୃତି ଜାଗିବ ମମ ।

ରାଣୀ ଫୁଲ ପରି ଜହ୍ନ କରୁଥିବ ଖୁସି ମନ
ହୀରାଗୋରୀ ଦିଶୁଥିବ ଶ୍ୟାମ ଧରଣୀ
ମେଘ ଆସି ମେଘ ପରେ ଚନ୍ଦ ଆଖି ବୁଜି ଖରେ
ପଳାଇବ ଲଜ୍ଜିଥିବ ଛାୟା ଯବନୀ
କ୍ଷଣେ କ୍ଷଣେ ସ୍ୱର୍ଗ ମରତେ
ପ୍ରିୟା ସଙ୍ଗ ସୁଖ କେତେ ସେବେଳେ ସତେ ।"

"ରୂପ ଅନଳ ଅନ୍ଧ କୀଟ ମୁଁ ନୁହେଁ
ଭସେନା ମଧୁ ଚାଟୁ ମଳୟ ସୁଏ
ହୃଦୟ ଅଛି ଫେଇ
ନେଇ ଗୋ ଯାଅ ଦେଇ
ଆଉ ନ ବୋଲ ଆମେ ଦି'ଜଣ, ଦୁହେଁ ।
ଦେହର ମୋହ ସହି ଦି' ଦିନେ ଶେଷ
ଜରାର ଖରା ତଳେ ନ ରହେ ଲେଶ ।"

ସେହି ସମୟରେ ରଚିତ 'କବୀର' କବିତାଟି ମୋ ସଞ୍ଚୟନରୁ ବାଦ୍ ପଡ଼ିଛି, କାବ୍ୟଶରୀର ନିର୍ମାଣରେ ଅପଟୁ କଲମର, କୁଣ୍ଠିତ ଭାବପ୍ରକାଶର ମୁଦ୍ରା ପଦେ ପଦେ । ସାଫଲ୍ୟଲାଭ ପୂର୍ବରୁ କେତେ ଅସାଫଲ୍ୟ, କେତେ ଅକୃତକାର୍ଯ୍ୟତା, କେତେ ଦୌର୍ବଲ୍ୟ, ଅସାମର୍ଥ୍ୟ, ଭାବପ୍ରକାଶର ସଂଗ୍ରାମ । ଭାବର ଉତ୍ସମୁଖ ଫିଟିଯାଏ, ଭାଷାର ଆଧାର ଦୁର୍ବଳ; ସେ ଧରି ରଖିପାରେ ନାହିଁ; ଅନ୍ତର୍ଲୋକର ସେଇ ତୋଫାନ, ସେ ସଂଘର୍ଷ; ତାର ସନ୍ଧାନ କେଉଁ ପାଠକ ରଖେ ? ଭଲ ଲେଖା ପୂର୍ବରୁ ବହୁ ମନ୍ଦ, ଅପମୃଷ୍ଟ, ଅସ୍ପଷ୍ଟ—ଅଳିଆଗଦାରେ ଯେ ସବୁ ପଡ଼ନ୍ତି ବା କୀଟର ଆହାର ହୁଅନ୍ତି । 'କବି'ର କଳାବିବେଚନାରେ ଉପେକ୍ଷିତ ହୋଇଗଲା, କିନ୍ତୁ ମୋ ଉପରେ ତାର ରହିଗଲା ଏକ ଯୁଗାନ୍ତକାରୀ ପ୍ରଭାବ । ଜାଣେରେ ଯେଉଁ ରାତିରେ ଏ କବିତାଟି ଲେଖିଥିଲି, ସେହି ରାତିରେ ଜଗନ୍ନାଥଙ୍କୁ ସ୍ୱପ୍ନରେ ଦେଖିଲି ।

ମନେ ହେଲା, ମୁଁ ବଡ଼ଦେଉଳରେ ରନସିଂହାସନ ସାମ୍ନାରେ ବସିଛି । ହାତରେ ଖାତାଟିଏ । ଭାବୁଛି—ଏ ଦାରୁମୂର୍ତ୍ତି—ଅଚଳ, ଅକର୍ମଣ୍ୟ । ହଠାତ୍ ଜଗନ୍ନାଥ, ବଳଭଦ୍ରଙ୍କ ମସ୍ତକ ଉପରକୁ ଉଠି ଉଠି ଗଲା—କାହାକୁ ଦାରୁ କହୁଚ ? ବିଶ୍ୱମୂର୍ତ୍ତି ଆଗରେ ଅର୍ଜୁନ ପରି ବୋକା ହୋଇ ରହି ଥାଏ ମୁଁ; ଜଗନ୍ନାଥ ପଚାରିଲେ କଣ ସେ ?

ଗୋଟିଏ କବିତା ଲେଖିଚି ।

'ପଢ଼'

ପଶିଲି । ତାପରେ ଜଗନ୍ନାଥଙ୍କ ଅଭୟ ହସ୍ତ ଉତ୍ତୋଳିତ ହେଲା । ଅସୀମ ତୃପ୍ତି—ଜଗନ୍ନାଥ ହେଲେ ମୋ କବିତାର ଶ୍ରୋତା, ହେଉଥଲେ ବି ଜୀବନରେ ଥରେ ମାତ୍ର, ସ୍ୱପ୍ନରେ । ମୁଁ ଫେରିଲି । ଭୋଗମଣ୍ଡପରେ ଭେଟିଲି ରବୀନ୍ଦ୍ରନାଥଙ୍କୁ । ତାଙ୍କୁ ସବୁ କଥା କହିଲି । ଗମ୍ଭୀରଭାବେ ମୁଣ୍ଡ ଟୁଙ୍ଗାରି କବି ମନ୍ଦିର ଭିତରେ ପଶିଲେ । ଜଗନ୍ନାଥ, ବଳଭଦ୍ରଙ୍କର ସେ ମୂର୍ତ୍ତି କେବେ ଭୁଲିନାହିଁ । ସେଇ ଦିନୁ ବଢ଼ିଛି ମୋର ଈଶ୍ୱରବିଶ୍ୱାସ ଓ ଆତ୍ମବିଶ୍ୱାସ । ତଳେ 'କବୀର' କବିତାର ଗୋଟିଏ ଦୁଇଟି ପଦ ଉଦ୍ଧାର କଲି—

"ଭିକ୍ଷା ଦିଅ ହେ ଭିକ୍ଷା ଦିଅ ହେ ନଗରବାସୀ
ଥକିଲାଣି ପାଦ ବୃଦ୍ଧ ମୁଁ ବହୁ ଦୂରରୁ ଆସି
ଅରଜ ପୁଣ୍ୟ ଗଲେ ନ ଲାଗିବ କାଳର ଫାଶି
ବସିବ ସ୍ୱର୍ଗ ଭୁବନେ
କୀର୍ତ୍ତି ଯାହାର ଅମର ସେ ନର କର୍ଣ୍ଣ, ବଳି
ଦେବ ଦିଆଇବ ଦେଲେ ଯେ ପାଇବ ଦାନହୁଁ ବଳି
ଧନ ନାହିଁ ଯାଏ ମରଣେ
ଅଥିର ଜୀବନ ଲହରୀ ସମାନ ଘଡ଼ିକ ଝଳି"

ରେଭେନ୍‌ସା କଲେଜରେ ଅସ୍ଥାୟୀ ଓଡ଼ିଆ ଅଧ୍ୟାପକ ଚାକିରୀଟିଏ ଖାଲି ହେଲା । ମୁଁ ପ୍ରଥମ ଶ୍ରେଣୀରେ ବିଶ୍ୱବିଦ୍ୟାଳୟର ଭାରତୀୟ ଭାଷାବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଡି ପି ଆଇଙ୍କ ସ୍ମରଣରେ ଆସିଲିନାହିଁ । ମାନନୀୟ କବି ବୈକୁଣ୍ଠନାଥ ନିଯୁକ୍ତି ପାଇଲେ । ଆଜୀବନ ଶିକ୍ଷକ, ତାଙ୍କ ପଦୋନ୍ନତିରେ ଆନନ୍ଦିତ ହେଲେ ବି ମନ ମୋର ଅସ୍ଥିର, ଚଞ୍ଚଳ ହେବାକୁ ଲାଗିଲା । ରାଞ୍ଚୀରେ ଥିବାଯୋଗୁଁ ମୁଁ କର୍ତ୍ତାଙ୍କ ଦୃଷ୍ଟିରେ ପଡ଼ୁନାହିଁ, ଏଇ ଧାରଣା ଜନ୍ମିଲା । କିନ୍ତୁ ଏହା ଯେ ଭୁଲ୍, ପରେ ପ୍ରମାଣିତ ହୋଇଗଲା । ଓଡ଼ିଶାରେ ଓଡ଼ିଆରେ ଏମ୍.ଏ. ବା ଅନର୍ସ କ୍ଲାସ୍ ଖୋଲି ନ ଥିଲା । ଆଇ.ଏ., ବି.ଏ.ରେ ବାଧ୍ୟତାମୂଳକ ଓଡ଼ିଆ ପଢ଼ାଇବା ଲାଗି ଓଡ଼ିଆ ଏମ୍.ଏ. ଡିଗ୍ରୀର ପ୍ରୟୋଜନ ହେଉ ନ ଥିଲା । ସଂସ୍କୃତ ଏମ୍.ଏ. ବାଲା ସେ କାର୍ଯ୍ୟ ଚଳାଇ ନେଉଥିଲେ । ଫଳରେ ମୋତେ ପାଞ୍ଚବର୍ଷକାଳ କେତେବେଳେ ରିସର୍ଚ୍ଚ, କେତେବେଳେ ଶିକ୍ଷକତା, କେତେବେଳେ ବା ଘରୋଇ କଲେଜରେ ଅଧ୍ୟାପନା କାର୍ଯ୍ୟ କରିବାକୁ ହେଉଥିଲା । ସରକାରୀ ଚାକିରୀ କ୍ଷେତ୍ରରେ ଅଗ୍ରଗତି ହରାଉଥିଲି, ଆର୍ଥିକ କ୍ଷତି ହେଉଥିଲା ନିଶ୍ଚୟ । କିନ୍ତୁ ଅନୁଭୂତିରେ ମୁଁ ସମୃଦ୍ଧ ହେଉଥିଲି, ସାଂସ୍କୃତିକ ଦିଗରୁ ଏହା ମୂଲ୍ୟବାନ୍ ।

ରାଞ୍ଚୀର ରଙ୍ଗା ମାଟି, ରାଜପୁତ୍ରର ରଙ୍ଗୀନ୍ ମନ, ଛୋଟନାଗପୁର ଆଦିବାସୀଙ୍କ ସ୍ୱଚ୍ଛନ୍ଦ ଜୀବନ ପରିପ୍ରେକ୍ଷୀ ମୁଁ ଛାଡ଼ିଲି ମନରେ ରଣରଣି ଉଠୁଥିଲା ଏକ କରୁଣ ଝଙ୍କାର ।

# ଉଚ୍ଚ ବିଦ୍ୟାଳୟର ଶିକ୍ଷକ

ରାଞ୍ଚୀ ଛାଡ଼ି ଚାଲିଆସିଲି । କଟକରେ ସାତ ଆଠ ଦିନ ରହି ଏଣେତେଣେ ଚାକିରୀ ଅନୁସନ୍ଧାନରେ ବୁଲିଲି । ନାସ୍ତି—ନାସ୍ତି—ନାସ୍ତି ।। ମନରୁ ସମସ୍ତ ସରସତା ମରିଗଲା; ବୁଲି ବୁଲି ଭାବି ଭାବି କ୍ଳାନ୍ତ, ଅବସନ୍ନ ହୁଏ । କ'ଣ କରିବି ? କେମିତି ଚଳିବି ? ଯାହି ଦି' ପଇସା ହାତରେ ଥିଲା ସରି ସରି ଆସିଲା । ଜୋତା ଛିଡ଼ିଲା, ଜାମା ଚିରିଲା; କାହିଁକି ଅକାରଣ ଭାବପ୍ରବଣତାରେ ରାଞ୍ଚୀ ଛାଡ଼ି ଆସିଲି ? 'ଯୋ ଧ୍ରୁ ବାଣି ପରିତ୍ୟଜ୍ୟ.....; ସେ ଧ୍ରୁବତା ଅବଶ୍ୟ ଦି ଦିନର । ଟିଉସନମାଷ୍ଟରୀ କ'ଣ ଗୋଟାଏ ଚାକିରୀ ? ଛୋଟର ମୋହ ବଡ଼କୁ ଲାଭ କରିବାରେ ବାଧକ ହୁଏ । ଛୋଟକୁ ନ ଛାଡ଼ିଲେ ବଡ଼ ମିଳେନାହିଁ । ଆହା, ଏବେ ମୂଳ ଗଲା !

ଘୋର ଅନିଶ୍ଚିତତାର ଚୋରାବାଲି ମଧ୍ୟରେ ପାଦ ଠୁଳ କରିବାକୁ ଚେଷ୍ଟା କରୁ କରୁ ମିଳିଗଲା, ବାରିପଦା ସ୍କୁଲରେ ଶିକ୍ଷକତା, ମୋର କଲ୍ୟାଣକାମୀ ପଣ୍ଡିତ ହରିହର ମିଶ୍ରଙ୍କ ଚେଷ୍ଟାରେ । ବାରିପଦାରେ ମାତ୍ର ଚାରେଟି ମାସ ମୁଁ ଥିଲି, ଶ୍ରୀ ଅନନ୍ତ ଶତପଥୀଙ୍କ ଘରେ । ଅନନ୍ତବାବୁ କିରାନୀ; କିନ୍ତୁ ସତ ସାହିତ୍ୟ ସେବୀ; ମୋର ବିଶେଷ ଯତ୍ନ ସେ ନେଇଥିଲେ । ମାସିକ ମାତ୍ର କୋଡ଼ିଏଟି ଟଙ୍କା ଦେଇ ମୁଁ ପାରିବାରିକ ଯତ୍ନ ଓ ଉତ୍ତମ ଖାଦ୍ୟ ଲାଭ କରିଥିଲି ।

ସେତେବେଳେ ଶ୍ରୀ ବିଶ୍ୱମ୍ଭର ମିଶ୍ର ସ୍କୁଲର ପ୍ରଧାନଶିକ୍ଷକ ଥିଲେ । ମୁଁ ସ୍କୁଲରେ ସଂସ୍କୃତ ପଢ଼ାଉଥିଲି । ସ୍କୁଲ ଆରମ୍ଭରେ ରାଜାଙ୍କ ପ୍ରତି ଆନୁଗତ୍ୟସୂଚକ ନିମ୍ନ ଗୀତଟି (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ) ବୋଲା ହେଉଥିଲା—

"ଏଇ ମୋର ଭଂଜଭୂମି ଏଇ ମୋର ରାଜା
ଯୁଗେ ଯୁଗେ ମୁଁ କରୁଥିବିରେ ଏ ଭୂମିର ପୂଜା ।
ଦେଖରେ ଦେଖରେ ପୂର୍ବ ଗଗନେ ଉଇଁ ଆସୁଚି ସୂର୍ଯ୍ୟ
ଦମାମ୍ ଦମାମ୍ ମାଦଳ ବାଜେ ଗର୍ଜିଉଠେ ତୂର୍ଯ୍ୟ ।'

ଭଗବାନଙ୍କ ପ୍ରାର୍ଥନା ବୋଲା ନ ହୋଇ ଏ ରାଜସ୍ତୁତି ବୋଲା ହେଉଥିଲା କାହିଁକି ? ଏ ଗୀତର ଛନ୍ଦ ଓ ଶବ୍ଦଯୋଜନା ମନୋହର ହେଲେହେ ମୁଁ ଯେ ଗୋଟାଏ ଗଡ଼ଜାତରେ ଅଛି, ଏଇ ଭାବନା ମନରେ ଜାଗ୍ରତ କରୁଥିଲା; ପିଲାଙ୍କ ସଙ୍ଗେ ତୁଣ୍ଡ ମିଳାଇ ଗାଇବାକୁ ଅଡୁଆ ଅଡ଼ୁଆ ଲାଗୁଥିଲା । ଉତ୍କଳରୁ ସ୍ୱତନ୍ତ୍ରଭାବେ ମୟୂରଭଞ୍ଜକୁ ଦେଖିବା କଳ୍ପନା କିପରି ବିକୃତ ବୋଧ ହେଉଥିଲା । ମୟୂରଭଞ୍ଜର ରାଜପରମ୍ପରା ଏ ଚିନ୍ତାପରିସରରୁ ଦୂରରେ ଥିଲା । ଉତ୍କଳକୁ ଓ ଉତ୍କଳୀୟ ସଂସ୍କୃତିକୁ ରାଜାମାନେ ଏକାନ୍ତ ଭାବେ ନିଜର କରି ଦେଖୁଥିଲେ । ରାଖାଲଦାସ ବାନାର୍ଜୀଙ୍କ ଓଡ଼ିଶାର ଇତିହାସ, ପଣ୍ଡିତ ବିନାୟକ ମିଶ୍ରଙ୍କ ଓଡ଼ିଆ ଭାଷା ର ଇତିହାସ ଓଡ଼ିଆ ସାହିତ୍ୟର ଇତିହାସ ସେହିମାନେ ଛପାଇଥିଲେ, 'ଉତ୍କଳ ପ୍ରଭା' ସମ୍ବଲପୁର ହିତୈଷିଣୀ, 'ଭଞ୍ଜପ୍ରଦୀପ' ସେହିମାନଙ୍କର ଅମରକୀର୍ତ୍ତି । ରେଭେନ୍ସା କଲେଜର ଉନ୍ନତି, ଉତ୍କଳବିଶ୍ୱବିଦ୍ୟାଳୟର ବିକାଶ, ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରକାଶ, ଶ୍ରୀ ରାମଚନ୍ଦ୍ର ଭବନ ନିର୍ମାଣ ଲାଗି ସେମାନେ ବିପୁଳ ଅର୍ଥ ଦାନ କରିଥିଲେ । ମୟୂରଭଞ୍ଜର ମହାରାଜାମାନେ ଉତ୍କଳ ହୃଦୟରେ ଗୌରବମୟ ସ୍ଥାନ ଅଧିକାର କରିଥିଲେ; ସେମାନେ କାହିଁକି ସ୍କୁଲଛାତ୍ର ଓ ଶିକ୍ଷକଙ୍କ ଉପରେ ରାଜା ଓ କ୍ଷୁଦ୍ର

ଭୂଖଣ୍ଡର ସ୍ତୁତିସୂଚକ ଏଭଳି ଏକ ସଂଗୀତ ନହିଁ ଦେବେ ? ଏହି ଭୂଖଣ୍ଡର ପ୍ରକୃତ ଅଧିକାରୀ ଥିଲେ ବ୍ରିଟିଶ୍ ରାଜ । ତାଙ୍କ ଅଙ୍ଗୁଳି ଇଙ୍ଗିତରେ ଚାଳିତ ହେଉଥିଲେ ଏଇ ଗଡ଼ଜାତର ରାଜାମାନେ । ଏଇ ଗୀତର ଅବତାରଣା କରିଥିଲେ ଜଣେ ପ୍ରଧାନ ଶିକ୍ଷକ, ମହାରାଜାଙ୍କ ପ୍ରୀତ୍ୟର୍ଥେ । ସେ ଶଚୀନ୍ଦ୍ରନାଥ ଦାସ ।

କେତେ ବର୍ଷ କାଳ ଶଚୀନ୍ଦ୍ରନାଥ ମୟୂରଭଞ୍ଜ ଶିକ୍ଷାବିଭାଗର ସୁପରିଣ୍ଟେଣ୍ଡେଣ୍ଟ ହୋଇଥିଲେ, ଶ୍ରୀ ଗୋକୁଳଚନ୍ଦ୍ର ଶତପଥୀ ବିଲାତରୁ ଫେରିବା ପରେ ତାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ୍ ଭାବେ ନିଯୁକ୍ତ କରି ଶଚୀନ୍ଦ୍ରବାବୁଙ୍କୁ ହେଡ୍‌ମାଷ୍ଟର ପଦବୀକୁ ଖସାଇ ଦିଆହେଲା । ତାଙ୍କ ପରି ସୁଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଏହା ଘୋର ଅବିଚାର ଓ ଅପମାନ । ସେ ଏହାର କୌଣସି ପ୍ରତିକାର କରିପାରି ନ ଥିଲେ । ତାଙ୍କ ବିଷାଦ ଓ ବିକ୍ଷୋଭ ପ୍ରତି କେହି ଦୃକ୍‌ପାତ କରି ନ ଥିଲା । ଫଳରେ ସେହି ବିଷୟ ଭାବି ଭାବି ଶଚୀନ୍ଦ୍ରଙ୍କ ମସ୍ତିଷ୍କବିକୃତି ଘଟିଲା । ସେ ଜ୍ଞାନୀ, ପ୍ରତିଭାଶାଳୀ ବ୍ୟକ୍ତି ଥିଲେ । ପାଗଳ ହେବା ପରେ ତାଙ୍କ ତୁଣ୍ଡରୁ ସେକ୍‌ସପିଅରଙ୍କ ନାଟକ, କାଳିଦାସଙ୍କ ଶ୍ଳୋକ ଓ ଓଡ଼ିଆ କାବ୍ୟ ପଦମାନ ଅନବରତ ଛୁଟୁଥିଲା —

'ଏହି କି ସେ ଆର୍ଯ୍ୟ ଭୂମି ? ଏ ଭୂମିର ସୁତେ
ତୁମ୍ଭେ କି କି ଆର୍ଯ୍ୟନାମ ଦାୟାଦ ଜଗତେ ?

'ତୁହି କିରେ ସୂର୍ଯ୍ୟବଂଶ ଅଦ୍ୱିତୀୟ ରବି
ଧରାଧାମେ ରତ୍ନ ବୋଲି ଜଗତେ ବୋଲାଉ ?
କ୍ଷତ୍ରିୟ-କୁଳ-କଳଙ୍କ କରିବାକୁ ପୁଣି
ହୋଇଛୁ କୃତସଂକଳ୍ପ, ରେ ରେ ଅହଂକାରୀ...'

'ବୈଦେହି, ପଶ୍ୟାମଳୟାତ୍ ବିଭକ୍ତମ୍........ ।'

'କାହା ଭାବେ ମଞ୍ଜି ଆଜି ହସୁଚୁ ଗୋ ଏତେ
ହୃଦ କୁମୁଦ ବନ୍ଧୁଙ୍କୁ ଦେଖିଲୁ କି ପଥେ........ ?'

ପାହାନ୍ତାରୁ ବାଡ଼ି ଖଣ୍ଡିଏ ଧରି ସେ ଭ୍ରମଣରେ ବାହାରି ପଡ଼ୁଥିଲେ । ତାଙ୍କ ଅନର୍ଗଳ କବିତାଆବୃତ୍ତିରେ ହିଁ ବାରିପଦାବାସୀଙ୍କ ନିଦ୍ରାଭଙ୍ଗ ହେଉଥିଲା । ପରିଚିତ ବ୍ୟକ୍ତି ଭେଟିବାମାତ୍ରେ ତାଙ୍କ ଅସମ୍ବଦ୍ଧ ପ୍ରଳାପ ପ୍ରବଳ ଜଳୋଚ୍ଛ୍ୱାସ ପରି ଛୁଟୁଥିଲା । ସାହିତ୍ୟ ଓ ସାହିତ୍ୟିକଙ୍କ କବଳରୁ ସେହି ବ୍ୟକ୍ତି ମୁକ୍ତି ପାଇବା ସହଜ ନ ଥିଲା । ବହୁ ସମ୍ମାନିତ ଶଚୀବାବୁଙ୍କୁ କିଛି କହିବାକୁ କାହାର ତୁଣ୍ଡ ଲେଉଟୁ ନ ଥିଲା । ଏ ଦୁର୍ବିପାକରେ ଶଙ୍କିତ, ବିପଦଗ୍ରସ୍ତମାନେ ବ୍ୟସ୍ତ ବିକଳ ହିଁ ହେଉଥିଲେ । ସୁପରିଚିତ ଓ ଉଚ୍ଚଭାବନ ଶଚୀବାବୁଙ୍କ ବହୁ କବିତା 'ଉତ୍କଳସାହିତ୍ୟ'ରେ ପ୍ରକାଶ ପାଇଥିଲା, ସାହିତ୍ୟିକ ଭାବେ ସେ ପ୍ରତିଷ୍ଠିତ ହୋଇଥିଲେ ।

'ଏକଲବ୍ୟ' (ରାଧାଦେବୀ ପୁରସ୍କାର ପ୍ରାପ୍ତ), ଟେନିସନଙ୍କ Beggar Maid (ଭିକ୍ଷୁବାଳା), ଲଟାଲୀରେ ସୂର୍ଯ୍ୟାସ୍ତ (ଶେଲୀଙ୍କ Julian & Meddaloର ଅନୁବାଦ) ବିଦଗ୍ଧସମାଜର ଦୃଷ୍ଟି ଆକର୍ଷଣ କରିଥିଲା ।

"ଏକଲବ୍ୟ ! ଆଜି କିପାଇଁ ବିରସ ?
ଶୁଖାଇଛ କିମ୍ପା ମୁଖ ହସ ହସ ?
ବୀରଗତି ତବ କିପାଇଁ ମନ୍ଥର ?
ଅବନତ ମୁଖ କି ଚିନ୍ତା କାତର ?"

"ବକ୍ଷସ୍ଥଳେ ନିହି ଆହା ଛନ୍ଦା ବାହୁ ପାଶ
କିଏ ସେ ରୂପସୀ ବାଳା ସ୍ୱରଗମୋହିନୀ
ବସଙ୍ଗେ ଜଡ଼ିତ ଶତଛିଦ୍ର ହୀନ ବାସ
ସଉଦ୍ୱାରେ ଉପସ୍ଥିତା ବାଳା ଏକାକିନୀ

(ଭିକ୍ଷୁବାଳା)

'ବାରୁଣୀ ଗଗନୁଁ ଧୀରେ ଅବତରି
ଅସ୍ତଗାମୀ ଭାନୁ କିରଣମଞ୍ଜରୀ
ସନ୍ଧ୍ୟାଗମେ ଯେବେ ଧୀରେ ଯାଏ ଚୁମି
ତୋତେ ଲୋ ଇଟାଲୀ, ଦେବ ଲୀଳାଭୂମି

X X X X

ଇଟାଲୀ, ତୋହର ସୁନୀଳ ଭୂଧର
ନୀଳ ସିନ୍ଧୁ ତୁଙ୍ଗ ମନ୍ଦିର ଶିଖର
ଘନ ଦ୍ରାକ୍ଷାକୁଞ୍ଜଶୋଭନା ନଗରୀ
ସନ୍ଧ୍ୟାରଗେ ଧରେ ଅପରୂପ ଶିରୀ।" (ଇ. ସୂ)

କବିତାର ଲାଳିତ୍ୟ ଓ ସୌକୁମାର୍ଯ୍ୟ ହୃଦୟକୁ ମୋର ସ୍ପନ୍ଦିତ କରିଥିଲା । ତାଙ୍କ ସହିତ କିଶୋର ବୟସରୁ ମୋର ପରିଚୟ ଥିଲା । ଦିନେ ପୁରୀ ସମୁଦ୍ର ବେଳାରେ ବସି ଟିପା ଖାତାରେ କିଛି ଲେଖୁଥିଲି । ଶଚୀବାବୁ ପଛଅଡୁ ଖାତାଟି ଭିଡ଼ିନେଲେ—ରଗି ପଛ ଆଡ଼କୁ ଚାହିଁଦେଲାବେଳକୁ ଦୃଷ୍ଟି ମୋର ସେଇ ତେଜୀୟାନ୍ ବିଦଗ୍ଧ ମୁଖର ସମ୍ମୁଖୀନ ହୋଇ ନ ପାରି ଆପେ ଆପେ ଅବନତ ହୋଇ ଆସିଲା । ମୁଁ ସେତେବେଳେ ମାଟ୍ରିକ ତଳ ଶ୍ରେଣୀର ଛାତ୍ର । ମୋ ଟିପାଖାତା ପଢ଼ି କ'ଣ ଭାବିଲେ କେଜାଣି ସେ ଇଂରାଜୀରେ ଖଣ୍ଡିଏ ସୁପାରିସ୍ ପତ୍ର ଲେଖିଦେଲେ—ଦରକାର ବେଳେ କର୍ମରେ ଆସିବ—He is persevering, hardworking and very well-behaved-He is a poet of nature— ଆଉ କ'ଣ ମନେ ନାହିଁ—ସରୁ କଲମରେ ଅତି ସୁନ୍ଦର ଅକ୍ଷରରେ ଲେଖା ।

ସେହି ଶଚୀବାବୁଙ୍କୁ ଆଜି ଏ ଅବସ୍ଥାରେ ଦେଖି ମର୍ମେ ମର୍ମେ ଯାତନା ଅନୁଭବ କଲି । ସେତେବେଳେ ସେ ଘୋର ଅଭାବଅନାଟନ ମଧ୍ୟରେ ଥିଲେ । ପରିବାରର ଅବସ୍ଥା କ୍ରମେ ଶୋଚନୀୟତର ହେଉଥିଲା । ତାହା ବୁଝିବାର ଶକ୍ତି ଶଚୀବାବୁଙ୍କର ନ ଥିଲା । ସେ ମୁଠିଏ ଖାଇବାକୁ ଘରକୁ ଫେରୁଥିଲେ ମାତ୍ର । ତାଙ୍କ ଚିକିତ୍ସାର କୌଣସି ବ୍ୟବସ୍ଥା କରଯାଇ ନ ଥିଲା । ପ୍ରଳାପୋକ୍ତି ମଧ୍ୟରେ ଦିନେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଶଚୀବାବୁ ଗଲେ, ଯେପରି ଗଲେ ପଦ୍ମଚରଣ ପଟ୍ଟନାୟକ, ପ୍ରାଣକୃଷ୍ଣ ସାମଲ, ଶିଳ୍ପୀଗୁରୁ ବିଦ୍ୟାଧର ବର୍ମା । ଓଡ଼ିଆ ସାହିତ୍ୟିକ-

ମାନଙ୍କର ଏହି ଦୁରବସ୍ଥା ଦେଖି ଲୋକେ ଲକ୍ଷ୍ମୀ ସରସ୍ୱତୀଙ୍କ ବୈର ସଂପର୍କ ଦେଖାଇଥାନ୍ତି ପରା ।

ବାରିପଦାରେ ମୋର ଅନ୍ୟତମ ଆକର୍ଷଣ ଥିଲେ ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ; ସରଳ ସୁଜନ, ବିପୁଳ ତାଙ୍କର ପାଠାଗାର, ପତ୍ରିକା ଓ ପତ୍ରଗୁଚ୍ଛସଂଗ୍ରହ । ବିଦ୍ୟାର ନାନା ବିଭବ ଆଲୋଚନାରେ ସେ ଥିଲେ ବକ୍ତା, ମୁଁ ଶ୍ରୋତା । ତାଙ୍କ ସହିତ ଆଲୋଚନା କଲାଭଳି ବିଦ୍ୟା ମୋର ନ ଥିଲା, କିନ୍ତୁ ବିଦ୍ୟା ଓ ବିଦ୍ୱାନ୍ ପ୍ରୀତି ଥିଲା ପ୍ରବଳ ।

ସେତେବେଳକୁ ସେ ଖିଚିଂରେ କୀଚକେଶ୍ୱରୀ ମନ୍ଦିର ନିର୍ମାଣ କରିଥିଲେ, ବାରିପଦା ମ୍ୟୁଜିଅମ୍ ଓ ଜୁବିଲି ଲାଇବ୍ରେରୀ ସଂଗଠନ କରିଥିଲେ । ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କ ମହାଭାରତ ଗଦ୍ୟାନୁବାଦକୁ ଧ୍ୱଂସମୁଖରୁ ରକ୍ଷା କରିଥିଲେ; ବିଦ୍ୟା ସମ୍ବନ୍ଧରେ ମହାରାଜାଙ୍କର ପ୍ରଧାନ ଉପଦେଷ୍ଟା ସେ ଥିଲେ ।

ମୁଁ ବାରିପଦାର ତରୁଣ ବନ୍ଧୁମାନଙ୍କୁ ମିଳାଇ ମୃତପ୍ରାୟ ସାହିତ୍ୟପରିଷଦକୁ ଜୀବନ୍ୟାସ ଦେଇଥିଲି । ପରମାନନ୍ଦବାବୁ କଠୋରଭାବେ ସମୟାନୁବର୍ତ୍ତୀ ଥିଲେ, ଯଥା ସମୟରେ ସଭା ଆରମ୍ଭ ନ ହେଲେ ଫେରି ଯାଉଥିଲେ । ପରିଷଦର ସଭ୍ୟମାନେ ମୋ ରହଣି କାଳରେ ଥରେ ହେଲେ କେହି ଯଥା ସମୟରେ ଉପସ୍ଥିତ ହୋଇ ନ ଥିଲେ, ପରମାନନ୍ଦ ପ୍ରତ୍ୟେକ ଥର ହିଁ ଆସି ଫେରିଥିଲେ ।

ପ୍ରଧାନଶିକ୍ଷକ ଶ୍ରୀ ବିଶ୍ୱମ୍ଭର ମିଶ୍ର (ମୃତ୍ୟୁ ୭-୨-୬୯) ଯେପରି ନୀତିନିଷ୍ଠ, ସେହିପରି ନିରଳସ ଓ ସରଳ ଥିଲେ । ଏଡୁକେସନ କୋଡ୍ ତାଙ୍କର ବେଦ ଥିଲା, ସେ ତାକୁ ପଦେ ପଦେ ଅନୁସରଣ କରୁଥିଲେ । ଶତଶତ ଛାତ୍ରଙ୍କ ଜୀବନ ଗଢ଼ିବାର ଗୌରବ ଘେନି ସେ ମୟୂରଭଞ୍ଜ ଆସିଥିଲେ, ଶଚୀବାବୁଙ୍କ ଅମଳରେ ନଷ୍ଟଭ୍ରଷ୍ଟ ସ୍କୁଲକୁ ସଂଗଠନ କରିବାକୁ ଲାଗି; ଶିକ୍ଷାବିଭାଗର ଡିରେକ୍ଟର ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀ (ମୟୂରଭଞ୍ଜୀୟ) ମହାରାଜାଙ୍କ ଅନୁରୋଧରେ ତାଙ୍କୁ ଏହି ସ୍କୁଲକୁ ପଠାଇଥିଲେ । ଶିକ୍ଷକ, ଛାତ୍ର ଓ ସ୍ଥାନୀୟ ଅଧିବାସୀମାନଙ୍କର ତାଙ୍କ ପ୍ରତି ଗଭୀର ସମ୍ମାନ ଓ ଶ୍ରଦ୍ଧା ଥିଲା । ଅଧ୍ୟାପନା ଓ ଶୃଙ୍ଖଳା ପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ସେ ବାରମ୍ବାର ବୁଲି କ୍ଲାସ ଦେଖୁଥିଲେ; ଶିକ୍ଷକମାନଙ୍କ ପ୍ରତି ତାଙ୍କ ଗାମ୍ଭୀର୍ଯ୍ୟ ଭୀତିପ୍ରଦ ଥିଲା । ଛାତ୍ରମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବାଲାଗି ସେ ଚେଷ୍ଟା କରୁଥିଲେ । କିନ୍ତୁ ଦିନକର ଘଟଣା ତାଙ୍କ ଆନ୍ତରିକତା ପ୍ରତି ମୋର ସଂଶୟ ଜାତ କରିଥିଲା ।

ଥରେ ତ୍ରିପାଠୀ ସାହେବ ସ୍କୁଲ ପରିଦର୍ଶନ କରିବାକୁ ଆସିଲେ । ଶ୍ରୀ ମିଶ୍ର ଗୁଡ଼ିଏ ମାଟି ତିଆରି ରଙ୍ଗୀନ କଖାରୁ, କଲରା, କଦଳୀ ଫେଣା, ଅମୃତଭଣ୍ଡା, ସପୁରୀ, ଭେଣ୍ଡୀ ଅନ୍ୟ ଗୋଟିଏ ଅନୁଷ୍ଠାନରୁ ସଂଗ୍ରହ କରିଆଣି ଲାଇବ୍ରେରୀରେ ସଜେଇ ରଖିଥାନ୍ତି—ହା. ସ୍କୁଲର କୁଟୀରଶିଳ୍ପ । ହେ. ମାଙ୍କ ତତ୍ପରତାର ପ୍ରତୀକ ।

ଚାକିରୀର ଦାସତ୍ୱ ମୋତେ ସ୍ପର୍ଶ କରି ନ ଥାଏ, ଏ ବା କି ଚାକିରୀ, ଯାହା ପ୍ରତି ମୋର ଲୋଭ ରହିବ ।

କହିଲି—ସାର୍, ଆପଣ ଚାକିରୀରୁ ଅବସର ନେଇଛନ୍ତି, ଆଉ କି ପ୍ରମୋସନ ଆଶା କରନ୍ତି ? ଯାହା ନିଜର ନୁହେଁ, ତାକୁ ନିଜର ବୋଲି ଦେଖାଉଛନ୍ତି କିପରି ?

ଶ୍ରୀ ମିଶ୍ର ଟିକିଏ ଅପ୍ରତିଭ ଓ ବିସ୍ମିତ ହେଲେ, ଜଣେ ସହକାରୀ ଶିକ୍ଷକର ଏ ଆସ୍ପର୍ଦ୍ଧା, ଏ ପ୍ରଗଳ୍‌ଭତା ଦେଖି । ବହୁ ସରକାରୀ ସ୍କୁଲରେ କାର୍ଯ୍ୟ କରି ସେ ପ୍ରଶଂସାର ପାତ୍ର ହୋଇଛନ୍ତି, ଡିରେକ୍‌ଟରଙ୍କ ଡାହାଣ ହାତ ହୋଇ ମଧ୍ୟ କେତେ କାଳ କାର୍ଯ୍ୟ କରିଛନ୍ତି, ଶିକ୍ଷକମାନଙ୍କର ଆଦର୍ଶ, ପାଶ୍ଚାତ୍ୟ ଶିକ୍ଷାର ପରିପକ୍ୱ ଫଳ ।

ସେ ମୋ ପ୍ରତି ଗମ୍ଭୀରତର ହେଲେ; ମୁଁ ତାଙ୍କ ଗାମ୍ଭୀର୍ଯ୍ୟ ଭାଙ୍ଗିବାକୁ ଚେଷ୍ଟା କରି ବିଫଳ ହୋଇଥିଲି । ଦିନେ ରୂପ୍‌ସା ଷ୍ଟେସନରେ ମେଲ୍‌ରେ ଚଢ଼ି ପାରୁ ନ ଥାନ୍ତି । ଗାଡ଼ିର ରହଣି ଦୁଇ ମିନିଟ୍ ମାତ୍ର । କୁଲି, କୁଲି ଡାକି ସେ ଥକିଲେ; ବୃଦ୍ଧ, ବେଡ଼ିଂ ଓ ଟ୍ରଙ୍କ୍ ଉଠାଇବାର ଶକ୍ତି ତାଙ୍କର ନାହିଁ । ହଠାତ୍ ମୁଁ ଦୌଡ଼ି ଯାଇ ତାଙ୍କ ଜିନିଷପତ୍ର ଉଠାଇ ଦେଲି । ଏଇ ଛୋଟ କାମଟି କରି ତାଙ୍କ ଆଖିରେ ମୁଁ ବଡ଼ ଲୋକ ହୋଇଗଲି, ତାଙ୍କ ଜମାଟବନ୍ଧା ଗାମ୍ଭୀର୍ଯ୍ୟ ଭାଙ୍ଗିଗଲା । ସେ ହସି ହସି ମୋତେ ଆଶୀର୍ବାଦ କଲେ ।

ବାରିପଦାରେ ଥିବା ସମୟରେ ଖିଚିଂ, ମେଘାସନ ବା ଶିମିଳିପାଳ ଦେଖିବାର ସ୍ୱପ୍ନ ମୁଁ ତ୍ୟାଗ କରିଥିଲି । ମୁଁ କବି ବା ଲେଖକ ହିସାବରେ ଯେତେ ପ୍ରତିଷ୍ଠିତ ହୁଏ ନା କାହିଁକି, ଜଣେ ସାମାନ୍ୟ ଶିକ୍ଷକ । ଶିକ୍ଷକର ସାମାଜିକ ସ୍ଥିତି ଗୌଣ, ନଗଣ୍ୟ । ଏହା ମୋତେ ଶିକ୍ଷା ସୁପରିଣ୍ଟେଣ୍ଡେଣ୍ଟ୍, ବିଲାତଫେରନ୍ତା ଗୋକୁଳାନନ୍ଦ ଶତପଥୀ କଥାରେ କହିଲେ ନାହିଁ, ତାଙ୍କ ଔଦାସୀନ୍ୟରେ ଦେଖାଇ ଦେଲେ । ମୋ ସହିତ ତାଙ୍କର ଆଲୋଚନା କରିବା ଲାଗି କିଛି ନାହିଁ, ମୁଁ ତାଙ୍କର ସମୋକ୍ଷକ ନୁହେଁ, କିଛି କଥା ହେଲେ ତାଙ୍କର ସମୟ ନଷ୍ଟ ହିଁ ହେବ । ତାଙ୍କର 'ଓଲ୍ଡକ୍ରୋଫ୍ଟ' ସଂପର୍କୀୟ ଆଲୋଚନା ପ୍ରତି ଅକୃଷ୍ଟ ହୋଇ ଯାଇଥିଲି; ଲେଖକଭାବରେ ମୋର ଅଭିମାନ ମଧ୍ୟ ଅଳ୍ପ ନ ଥିଲା.....ସବୁ ଚୂରମାର୍ ହୋଇଗଲା । ଉନ୍ନତ ସାମାଜିକ ସ୍ଥିତି ନ ଥିଲେ ଖାଲି ଲେଖକଭାବରେ ଏଇ ଧନତାନ୍ତ୍ରିକ ସମାଜରେ କେହି ସମ୍ମାନ ଲାଭ କରିବା କଷ୍ଟକର । ମନ ମୋର ବିପ୍ଳବ କରି ଉଠିଲା—ନା, ଆଉ ନୁହେଁ; ବାରିପଦା, ତୋତେ ନମସ୍କାର ।

ପରବର୍ତ୍ତୀ ଜୀବନରେ ମୁଁ ଶ୍ରୀ ଶତପଥୀଙ୍କ ନିକଟରେ ବହୁ ଭାବରେ ଋଣୀ ହେଲେ ବି ସେ ଦିନ ସେହି ଘଟଣା ହିଁ ମୋର ବାରିପଦାତ୍ୟାଗର ମୁଖ୍ୟ କାରଣ ହୋଇଥିଲା ।

ସ୍କୁଲରୁ ବିଦାୟ ନେଲାବେଳେ ଆଖି ଆଗରେ ମୋର ନାଚୁଥିଲେ—ସ୍କୁଲ ହତାରେ ଥିବା ବୃଦ୍ଧ ଅନନ୍ତନାଗେଶ୍ୱର ବୃକ୍ଷ ଓ ମୂର୍ତ୍ତିତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ—ବସନ୍ତ ଅସିଲେ ମୂଳରୁ ଚୂଳ ପର୍ଯ୍ୟନ୍ତ ଯେ ଫୁଲ ଧରେ, ଆଜୀବନ ଯେ ସଂସ୍କୃତି ଚର୍ଚ୍ଚା କରୁଥିଲେ, ଧନ ବା ମାନ ପ୍ରତି ଦୃଷ୍ଟି ନ ଦେଇ । ଏ ଦୁହିଁଙ୍କ ଶିକ୍ଷାକୁ ମୁଁ ଜୀବନରେ ଦୀକ୍ଷା ସ୍ୱରୂପ ଗ୍ରହଣ କଲି ।

# ତାଳଚେରରେ ଦେଢ଼ ବର୍ଷ

ଗଡ଼ଜାତ ନାମରେ ଯେତିକି ଆତଙ୍କ, ସେତିକି ଆନନ୍ଦ ଥିଲା; ଆତଙ୍କର କାରଣ ରାଜ ଅତ୍ୟାଚାର; ଆନନ୍ଦ ଏହାର ଚିତ୍ତାକର୍ଷକ ଦୃଶ୍ୟ ଯୋଗୁଁ । ଢେଙ୍କାନାଳ ରାଜା ଅତ୍ୟାଚାରର ଏକ ଚୂଡ଼ାନ୍ତ ପ୍ରତୀକ ଥିଲେ; ପ୍ରଜାମଣ୍ଡଳ ବିପ୍ଳବୀ ଓ ବାଜି ରାଉତ ଏହି ବିପ୍ଳବର ପୂର୍ଣ୍ଣାହୁତି ଥିଲା । ତାଳଚେର ପ୍ରଜାବିପ୍ଳବ ସେତେବେଳେ ଦମିତ । କଟକ ଟ୍ରେନିଂ କଲେଜର ଅଧ୍ୟକ୍ଷ ମହେଶ ଚନ୍ଦ୍ର ପ୍ରଧାନ ତାଳଚେର ରାଜବାଟିରେ ମୋ ଲାଗି ଗୋଟିଏ ଟିଉସନ୍ ଠିକ୍ କରିଦେଲେ । ତାଳଚେର ପଟ୍ଟାୟତସାହେବ ଶ୍ରୀ ପ୍ରମୋଦଚନ୍ଦ୍ର ଦେବଙ୍କ ଗାଡ଼ି ମୋତେ ନେବା ଲାଗି ଷ୍ଟେସନକୁ ଆସିଥିଲା । ବାଁ ପଟେ ଉତ୍ତୁଙ୍ଗ ରାଜବାଟି, ଡାହାଣ ପଟେ ସୁଗଭୀର ବ୍ରାହ୍ମଣୀ ନଦୀ, ଗାଡ଼ି ଚାଲିଲା ବୁଦୁବୁଦିକିଆ ପାହାଡ଼ ଓ ପାତଳ ଜଙ୍ଗଲ ଲଙ୍ଘି ଛ' ମାଇଲ ଦୂରବର୍ତ୍ତୀ ପଟ୍ଟାୟତ ନଅରକୁ; ଅନୁଚ୍ଚ ପାହାଡ଼ ଉପରେ ନିର୍ମିତ ଗୋଟିଏ ଦୁର୍ଗ ସେ—ନାମ ସ୍କଟଲ୍ୟାଣ୍ଡ୍ ପୁର—ତାଳଚେରଗଡ଼କୁ ନିଶ୍ଚୟ ଇଂଲଣ୍ଡପୁର ମନେ କରାଯାଉଥିବ । ଏହି ନାମଟି ନିତାନ୍ତ ଖାପ୍‌ଛଡ଼ା ଲାଗୁଥିଲା; ଏହା ତଳେ ଥିଲା ଖୋସାମତି ବା ଅନୁସୃତି; ବିକଟ ଦାରିଦ୍ର୍ୟ ଓ ଅନଗ୍ରଗତି ମଧ୍ୟରେ ଏହା ହୋଇଥିଲା ନାମର ଏକ ଲାଳିକା । ଗ୍ରାମଟି ନବ ପ୍ରତିଷ୍ଠିତ; ପଟ୍ଟାୟତସାହେବଙ୍କ ସୌଧ ନକ୍ଷତ୍ର ଚୁମ୍ବନ କରିବା ମାତ୍ରେ ତାଙ୍କ ପ୍ରୟୋଜନାନୁଯାୟୀ ଗ୍ରାମଟି ବସିଲା, କିନ୍ତୁ ବଢ଼ି ପାରିଲାନାହିଁ ।

ସ୍କଟ୍‌ଲ୍ୟାଣ୍ଡ୍‌ର ପାହାଡ଼ ଏଠି ଅଛି, ଗୋଟିକ ପରେ ଗୋଟିଏ, ତାପରେ ଆହୁରି ଅନେକ, ବୁଦିବୁଦିକିଆ ଜଙ୍ଗଲଭରା । ତେବେ ସ୍କଟିସ୍ ଲେକ୍ ନାହିଁ । ପଟ୍ଟାୟତସାହେବ ତାହା ପୂରଣ କରିଛନ୍ତି କେତୋଟି ବଡ଼ ବଡ଼ ପୋଖରୀ ଖୋଳେଇ । ପୋଖରୀରୁ ପାଣି ଉଠାଯାଏ ବଗିଚା ମଝିର ସିମେଣ୍ଟ ଚଉତରାକୁ; ଚଉତରାରୁ ପାଣି ମଡ଼ାଯାଏ ସମସ୍ତ ବଗିଚାରେ । ପ୍ରାୟ ପାଞ୍ଚ ଏକର ଜମିର ବଗିଚା, ଫଳଭରା । ଏସବୁ କେବଳ ପ୍ରାସାଦର ବ୍ୟବହାର ଲାଗି ଉଦ୍ଦିଷ୍ଟ ନୁହେଁ । ବଳକା ପନିପରିବା ବଜାରରେ ବିକ୍ରୀ ହୁଏ, ସେଥିରୁ ଉତ୍ପାଦନର ଖର୍ଚ୍ଚ ଉଠେ ।

ତାଳଚେର ଗୋଟିଏ ମହଙ୍ଗା ଜାଗା । ଏଠି ତିନିଗୋଟି କୋଇଲାଖଣି; ବହୁ ଚାକିରୀଜୀବୀ ଓ ମଜୁରିଆ ବସବାସ କରିଥାନ୍ତି । ଅନୁର୍ବର ସ୍ଥାନ, ଉତ୍ପାଦନ ସ୍ୱଳ୍ପ । ତେଣୁ ପନିପରିବା କଟକରେ ଶସ୍ତା ହେଲେ ବି ଏଠି ମହଙ୍ଗା । ଆଳୁ ବାଇଗଣ ତ ଦୂରର କଥା, ପଟ୍ଟାୟତଙ୍କ ବାଡ଼ିର ମିଠା ଖଡ଼ାଗଛ ଗୋଟିକୁ ହାଟରେ ଦୁଇଅଣାରୁ ଆଠଅଣା ଦରରେ ବିକ୍ରୀ ହୁଏ ।

ବଗିଚାରେ ଜଣେ ମାଳୀ; ସେ ନିଜେ ଖଟେ ଓ ମୂଲିଆ ଲଗାଏ । ସକାଳୁ ଘରୁ ଗଣ୍ଡେ ଖାଇ ଆସି କାମ କରେ, ସନ୍ଧ୍ୟାବେଳେ ଫେରେ । ଗରିବ ତ ଏ ଗଡ଼ଜାତରେ ପ୍ରାୟ ସମସ୍ତେ; କିନ୍ତୁ ଗରିବ ମଧ୍ୟରେ ମହା ଗରିବ ସେ । ଦି'ଓଳା ତା' ପରିବାରକୁ ମୁଠାଏ ତୁଚ୍ଛା ଭାତ ମିଳେନାହିଁ, ତିଅଣ ଭଜା କଥା ପଚାରୁଛି କିଏ ? ସେଇ କାଳିଆ ବୁଢ଼ା ମାଳୀର ଗୋଟିଏ ଢଗ ମାତ୍ର ମୋର ମନେ ଅଛି—

ଦୁଧର ବାଛୁରୀ ପାଣିର ଧାନ
ଘରଖିଆ ପୁଅ ଦିଶଇ ଆନ ।

ଏଇ 'ଭୂତଖିଆ' ଉପରେ ଯେ ଜୋର୍ ଦେଇ କହେ, ସେଥିରୁ ତା ଅବସ୍ଥା ମୁଁ ଅନୁଭବେ ।

ବଗିଚ୍ଚକୁ ଲାଗିଥିବା ଗୋଟିଏ ଲମ୍ବା ହଲ୍ ମୋତେ ଦିଆ ହୋଇଥିଲା । ହଲରେ ବାଥ୍ରୁମ୍; ଥଣ୍ଡା, ଗରମପାଣି କଳ । ମୋ କୋଠରୀର ଟିକିଏ ଦୂରରେ ପଟ୍ଟାୟତ ପୁତ୍ରମାନଙ୍କ କୋଠରୀ, ପଟ୍ଟାୟତଙ୍କର ତିନିଗୋଟି ସନ୍ତାନ — ବଡ଼ପୁଅ ପ୍ରବୋଧ, ସାନପୁଅ ପ୍ରଦ୍ୟୋତ, ଜେମାମଣିଙ୍କର ନାଆଁ ମୋର ମନେ ନାହିଁ ।

ପ୍ରବୋଧ ମାଟ୍ରିକ୍ ପଢୁଥିଲା, ପ୍ରଦ୍ୟୋତ ମାଇନର, ଜେମା ଘରେ ଘରେ ଯାହା କିଛି ପଢୁଥିଲେ । ମୁଁ ତାଙ୍କୁ ଲେଖିବାକୁ ଦେଉଥିଲି, ସେ ଲେଖି ଖାତା ପଠାଇ ଦେଉଥିଲେ । ମୁଁ ସଂଶୋଧନ କରି ପୁଣି ନୂଆ କିଛି ଲେଖିବାକୁ ଦେଉଥିଲି । ଏହି ପ୍ରକାରରେ ସେ ସମସ୍ତ 'ପ୍ରଭାତୀ' ପୁସ୍ତକର ସାରାଂଶ ଲେଖିଥିଲେ । ମୁଁ ସ୍କଟ୍ଲାଣ୍ଡ୍ ପୁରରେ ଥିବା ସମୟରେ ତାଙ୍କର ବିଭାଘର ହୋଇଥିଲା ପାର୍ବତୀପୁର ଜମିଦାରଙ୍କ ସହିତ । ଆହା ହତଭାଗିନୀ,ସେ ଅଳ୍ପଦିନ ପରେ ବିଧବା ହୋଇଥିଲେ । ଜୀବନରେ ଜେମାଙ୍କୁ ଥରେ ଦେଖି ନ ଥିଲେ ବି ହୃଦୟ ମୋର ଦୁଃଖରେ ଦଗ୍ଧ ହୋଇଥିଲା ।

ପ୍ରବୋଧ ସେତେବେଳେ ବଳରାମପୁରର (ଜେନାପୁର ଷ୍ଟେସନ ନିକଟବର୍ତ୍ତୀ ଚଉଦକୋଶବ୍ୟାପୀ ବଳରାମପୁର ଜମିଦାରୀ) ରାଜା । ଏହି ରାଜ୍ୟ ଲାଗି ଢେଙ୍କାନାଳ ଓ ତାଳଚେର ରାଜାଙ୍କ ମଧ୍ୟରେ ବିବାଦ ଓ ମାଲିମକଦ୍ଦମା ହୋଇ ଥିଲା । ଉଭୟ ରାଜ୍ୟ ଲକ୍ଷେରୁ ଅଧିକ ଟଙ୍କା ଏଥିରେ ଜଳାଞ୍ଜଳି ଦେଇଥିଲେ । ଶେଷରେ ତାଳଚେର ରାଜାଙ୍କର ଜିତାପଟ ହୋଇଥିଲା । ପ୍ରବୋଧ ହେଲା ଦାୟାଦ-ହୀନା ରାଣୀଙ୍କର ପୋଷ୍ୟ ପୁତ୍ର । କିନ୍ତୁ ପାହାଡ଼ଘେରା ରାଜବାଟିର ଅବସ୍ଥା ଶୋଚନୀୟ ହୋଇଥିଲା, ପ୍ରବୋଧ ସେଠି ରହୁ ନ ଥିଲା କିମ୍ବା ନୂତନ ମାଆର ଖବର ବୁଝୁ ନ ଥିଲା ।

ପ୍ରବୋଧ ଉତ୍ତମ ଶିକାରୀ; ମୁଁ ଥିବା ଭିତରେ ସେ ଅନେକ ବାଘ ମାରିଥିଲା । ଦିନେ ସେ ଜଙ୍ଗଲରୁ ବୋଡ଼ା ସାପଟିଏ ମାରି ଆଣିଥିଲା । ସାପଟି ଗୋଟିଏ ହରିଣକୁ ଗିଳୁଥିଲା, କିନ୍ତୁ ଶାଖାମୟ ତାର ଶୃଙ୍ଗକୁ ଗିଳି ନପାରି ଅଟକି ଯାଇଥିଲା । ଏଇ ଅବସ୍ଥାରେ ପ୍ରବୋଧ ତାକୁ ମାଇଲା । ସାପର ଚମଡ଼ାରେ ଛ' ହଳ ଜୋତା ତିଆରି ହୋଇଥିଲା ।

ମୁଁ ତା ସହିତ ଥରେ ଶିକାରକୁ ଯାଇଥିଲି । ବଣ ଭିତରେ ଗୋଟିଏ ଖାଲ ପାଖରେ ଦିନରୁ ଭଡ଼ି ବନ୍ଧା ହୋଇଥିଲା । ଉପ୍ରରେ ଯାଇ ଶିକାରୀଦଳ ସହିତ ଭଡ଼ିରେ ବସିଲି । ପ୍ରଥମେ ମୟୂରଟିଏ ପାଣି ପିଇବାକୁ ଆସିଲା । ଶଙ୍କାଶୀଳ, ଟୋପାଟିଏ ପିଉଥାଏ, ଚାରିଆଡ଼କୁ ଚାହୁଁ ଥାଏ, ସତେ ବା ବିପଦ ପ୍ରତି ସଚେତନ । ତାପରେ ଆସିଲା ଗୋଟାଏ ଭାଲୁ, ତାପରେ ଗୋଟାଏ ବଡ଼ ସାପ, ଅଜଗର, ଅଥିବା ରାଜ ନା ଶଙ୍ଖଚୂଡ଼ ? ସନ୍ଧ୍ୟାର କ୍ଷୀଣାଲୋକରେ ମୁଁ ଏ ଅଭିନବ ଦୃଶ୍ୟ ଦେଖୁଥାଏ ।

ରାତି ନଇଲା; ବଣ ଝିଙ୍କାରୀର ରଡ଼ିରେ ଚୌଦିଗ କମ୍ପିଲା । ମଶା ବେଢ଼ିଲେ; ଧୀରେ ଉଡ଼ାଇ ଦେଲି । ଆସ୍ତେ ନିଃଶ୍ୱାସ ମାରୁଥାଏ, ଛେପ ଢୋକୁଥାଏ । କାଶ ମାଡ଼ିଲେ କଷ୍ଟେମଷ୍ଟେ ଖସେଇ ନେଉଥାଏ—କାଳେ ଶିକାର ହୁରୁଡ଼ି ପଳାଇଯିବ ।

ରାତି ପହରରେ ହେଲା । ବଡ଼ ବେବି (ପ୍ରବୋଧର ଡାକନାମ) ଟର୍ଚ୍ଚ ପକାଇଲା । ସମସ୍ତେ ତଳକୁ ଓହ୍ଲାଇ ଜିପ୍‌ରେ ବସିଲୁ । ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି......ମୋ ଆଗରେ ରକ୍ତପାତ ନ ହେଉ । ବିଚରା କୁଟରା ହାଁ-ଶୋଷରେ ଆସି ପ୍ରାଣ ନ ହରାଉ । ବେବି ବୋଧହୁଏ ବିଚାରିଥିବ—ତା ସାର୍ ଅମଙ୍ଗୁଳିଆ, ନଇଲେ ଖାଲି ହାତରେ କେବେ ତ ଫେରିବାକୁ ହୁଏନାହିଁ ।

## ୧୯୪୩

ବଡ଼ି, ମରୁଡ଼ି, ନଅଙ୍କ ଓଡ଼ିଆଜୀବନର ଯାହା କିଛି ସାରସତ୍ତା ଓ ସରସତା ଶୋଷଣ କରି ନେଇଛି । ଏସବୁ ଦୈବ ଦାନ । କିନ୍ତୁ ୧୯୪୩ର ଦୁର୍ଭିକ୍ଷଟି ପୂରାପୂରି ଯୁଦ୍ଧର ପ୍ରତିଫଳ ଓ ମନୁଷ୍ୟକୃତ । ବିଦେଶୀ ଶାସକ ବ୍ରିଟିସ୍ ବିପ୍ଳବୀ ବଙ୍ଗଳା ଓ ଓଡ଼ିଶାକୁ ହାତରେ ମାରିବାକୁ ସମର୍ଥ ନ ହୋଇ ଭାତରେ ମାରିବାକୁ ଚେଷ୍ଟା କରିଥିଲା । ଏହାହିଁ ବ୍ରିଟିସ୍‌ଶାସନର ଶେଷ କଳଙ୍କମୟ ଅଧ୍ୟାୟ । ସେଠ ସାହୁକାରଙ୍କ ଅମାର ସାମ୍ନାରେ କଲିକତାର ଫୁଟ୍‌ପାଥରେ ପୋକ ମାଛି ପରି ଲକ୍ଷ ଲକ୍ଷ ଲୋକ ମରି ପଡ଼ିଥିଲେ, ଓଡ଼ିଶାରେ ମଫସଲରୁ ସହରକୁ କଙ୍କାଳର ସୁଅ ଛୁଟିଥିଲା, ଦେହି ଦେହି ରବ ଚତୁର୍ଦ୍ଦିଗରେ ଶୁଣା ଯାଉଥିଲା । ଶ୍ମଶାନମାନ ନର ଅସ୍ଥିରେ ଧବଳବର୍ଣ୍ଣ ଧାରଣ କରିଥିଲା । ଟ୍ରକ୍‌ରେ ମଡ଼ାସବୁ ବୋହି ନେଇ ସରକାରୀ ଲୋକେ ବିଲୁଆ ଶାଗୁଣାଙ୍କ ମୁହଁରେ ମଶାଣିପଦାରେ ଫିଙ୍ଗି ଦେଇ ଆସୁଥିଲେ । ଠାଏ ଠାଏ ପଂକ୍ତିଭୋଜନ କେନ୍ଦ୍ର ଖୋଲା ହୋଇଥିଲା । ଅଖାଦ୍ୟ ଖାଇ ଓ ପଚା ପାଣି ପିଇ ବହୁ ଲୋକ ହଇଜାରେ ମରିଥିଲେ । ପଣ୍ଡିତ ଗୋଦାବରୀଶ ମିଶ୍ର ଏ କରୁଣ ଦୃଶ୍ୟରେ ହାସ୍ୟ ସୃଷ୍ଟି କରିଥିଲେ, ଗୋଟିଏ ଗଳ୍ପରେ । ଟ୍ରକରେ ବହୁ ମୁର୍ଦ୍ଦାର ନଦା । ତା ଭିତରେ ଜଣେ ଜୀବିତ । ସେ ମେହେନ୍ତରକୁ କହିଲା—ମୁଁ ବଞ୍ଚିଛି । ମେହେନ୍ତର ଉତ୍ତର ଦେଲା—ତୁ କଣ ବେଶୀ ପଢ଼ିଚୁ ? ଡାକ୍ତର ତ କହିଲା—ତୁ ମରିଚୁ ବୋଲି; ଏଇ ଦୃଶ୍ୟର ଆଢୁଆଳରେ ମୁଁ ରହି ଯାଇଥିଲି । ତାଳଚେରରେ କେଉଁଠିହେଲେ ଦୁର୍ଭିକ୍ଷର ପଦଧ୍ୱନି ଶୁଣାଯାଉ ନ ଥିଲା । ସମ୍ବାଦପତ୍ରରୁ ବିବରଣୀ ପଢ଼ି ମୁଁ ମନ ଭିତରେ ଛଟପଟ ହେଉଥିଲି ।

ତାଳଚେରର ପ୍ରଜାବିପ୍ଳବ ସେତେବେଳକୁ ଶାନ୍ତ । ରାଜଅତ୍ୟାଚାର ବା ପ୍ରଜାନିପୀଡ଼ନ ଜାଣିବାର ଉପାୟ ମୋର ନ ଥିଲା । ବିପ୍ଳବୀ ପବିତ୍ରମୋହନ ପ୍ରଧାନ କୌଣସି ମେଳୁଆ ଯାଗର ସୁଯୋଗ ନେଇ ଜେଲ୍ କାନ୍ଥ ଡେଇଁ ପଳାଇ ଯାଇଥିଲେ । ଚାରିଆଡ଼େ ଖୋଜାଖୋଜା ଲାଗିଥିଲା । ପ୍ରବୋଧ ବନ୍ଧୁକଟାଏ ଘେନି ବୁଲୁଥିଲା—ପ୍ରଧାନକୁ ପାଇଲେ ମାରିଦେବ । କିନ୍ତୁ ପ୍ରଧାନ କାହିଁକି ତା ବନ୍ଧୁକ ପରିସର ଭିତରକୁ ଆସିବେ ?

## ପ୍ରମୋଦଚନ୍ଦ୍ର ଦେବ

ପଟ୍ଟାୟତ ପ୍ରମୋଦଚନ୍ଦ୍ର ସେତେବେଳେ ତାଳଚେରର ମୁଖ୍ୟ କର୍ମଚାରୀ, ରାଜାଙ୍କ ଚିନ୍ତାଧାରାକୁ ସେ କାର୍ଯ୍ୟକାରୀ କରୁଥାନ୍ତି । ସଦା ସତର୍କ, ବିଳାସବ୍ୟସନ ତାଙ୍କ ମନକୁ ମଜାଇ ପାରି ନ ଥିଲା । ସେ ଜାଣନ୍ତି, ରାଜଗାଦିର ଉତ୍ତରାଧିକାରୀ ସେ

ନୁହନ୍ତି, ଅର୍ଥ ସଞ୍ଚୟ ନ କଲେ ଜୀବନର ମାନ ରକ୍ଷା କରି ପାରିବେନାହିଁ; ତାଙ୍କ ବଂଶଧର ସାଧାରଣ ସ୍ତରକୁ ଖସି ଆସିବେ; ସେଥିଲାଗି ସେ ବ୍ୟବସାୟ କରୁଥିଲେ ଓ ସ୍ୱଳ୍ପ କର୍ମଚାରୀ ରଖି ତାହା ତୁଲାଉଥିଲେ। ତାଙ୍କ ଦିଆସିଲିକାରଖାନା ଉତ୍କଳ-ପ୍ରସିଦ୍ଧି ଲାଭ କରିଥିଲା, ଦିଆସିଲିରେ ଷଠିଏଟି କାଠି ଥିଲା, ଦାମ୍ ପଇସାଟିଏ। ପଟ୍ଟାୟତ ଷ୍ଟଟ୍‌ଲଷ୍ଟ୍‌ପୁରରେ ଗୋଟିଏ ମନୋହରୀ ଦୋକାନ ମଧ୍ୟ ଖୋଲିଥିଲେ, କିନ୍ତୁ ସେ ଭଲ ଚାଲୁ ନ ଥିଲା। କାରଣ ଜନବସ୍ତିରୁ ଦୂରରେ ଏହା ଥିଲା। ପୁଣି ଖାଇବାକୁ ନ ମିଳିଲାବେଳେ ମନୋହରୀ ଜିନିଷ କିଣିବ କିଏ ?

ପଟ୍ଟାୟତଙ୍କ ପଇସାର ସୁଅ ବାହାରକୁ ବୋହିଯାଉ ନ ଥିଲା। ବରଂ ବାହାର ପଇସା ତାଙ୍କ ଘରେ ପଶୁଥିଲା। ସେ ପନିପରିବା, ମାଛମାଂସ କିଛି କିଣୁ ନ ଥିଲେ। ତାଙ୍କର ପନ୍ଦର ଗାଈ, ପନ୍ଦର ମଇଁଷି, ବହୁତ ମେଣ୍ଢା। ପଟ୍ଟାୟତ ନିଜେ ସେମାନଙ୍କ ଖବର ବୁଝୁଥିଲେ। ପ୍ରଚୁର ଘିଅ, ଦୁଧ ବାହାରେ ବିକ୍ରୀ ହେଉଥିଲା। ପାଳିତ ମେଣ୍ଢା ବୋଦାରୁ ଗୋଟିଏ ଗୋଟିଏ ମରା ହେଉଥିଲା। ରେଫ୍ରିଜିରେଟର୍‌ରେ ରଖି ଆବଶ୍ୟକମତେ ପ୍ରତିଦିନ ରନ୍ଧା ଯାଉଥିଲା, ଉଆସର ଉପର ମହଲାରେ ବିଧବାମାନେ ଖାଦା କରୁଥିଲେ। ସେଠି ମାଛମାଂସ ପଶୁ ନଥିଲା। ତଳେ ମାଛମାଂସ ରନ୍ଧା ହୋଇ ପଟ୍ଟାୟତଙ୍କ ମୁଣ୍ଡେଶାହି ଟେବୁଲ୍‌କୁ ପଠା ଯାଉଥିଲା।

ମୋ ଭାଗରେ ମାଛ କିମ୍ବା ମାଂସ କେବେ ପଡ଼୍ ନ ଥିଲା। କିନ୍ତୁ ସାଦା ତରକାରୀପତ୍ର, ସରୁଅନ୍ନ, ବାଉଁଶ କଅଁଡ଼ି ଖଟା, ଛତୁତଅଣରେ ମୋର ଆନନ୍ଦରେ ଚଳି ଯାଉଥିଲା। ବ୍ରାହ୍ମଣ ମାଛମାଂସ ଖାଉ ନଥିବେ, ହୁଏତ ଏହିପରି ଏକ ଧାରଣା ପଟ୍ଟାୟତଙ୍କର ଥିଲା, ତାହା ବଦଳାଇବାକୁ ମୋ ମନରେ ସଂକୋଚ ଆସିଥିଲା।

ପଟ୍ଟାୟତ ଉତ୍ତମ ସଞ୍ଚୟୀ, ଭଲ ସଂସାରୀ; କିନ୍ତୁ ସଂସାର ତାଙ୍କ ଦୃଷ୍ଟିକି ଆବଦ୍ଧ କରିପାରି ନ ଥିଲା। ସେ ସାହିତ୍ୟିକ ଓ ସାହିତ୍ୟପ୍ରେମୀ। 'କମଳକାମିନୀ' ଓ 'ମଧୁମଲ୍ଲୀ' ନାମରେ ତାଙ୍କର ଦୁଇଖଣ୍ଡି କାବ୍ୟ ପ୍ରକାଶିତ ହୋଇଥିଲା। ପଣ୍ଡିତମାନଙ୍କ ସାହାଯ୍ୟରେ ସେ ବିଶାଳ 'ପ୍ରମୋଦଅଭିଧାନ' ସଂକଳନ କରି ପ୍ରକାଶ କରିଥିଲେ, କିନ୍ତୁ ବିକ୍ରୟର ବ୍ୟବସ୍ଥା କରି ନ ପାରି ସେ ଗୋଟିଏ ଘରେ ସମସ୍ତ ଗଦାଇ ରଖିଥିଲେ। ମୋତେ ସେଥିରୁ ଖଣ୍ଡିଏ ଉପହାର ଦେଇଥିଲେ।

ପଟ୍ଟାୟତ ସୁପାଠକ, ବିଜ୍ଞ। ତାଙ୍କ ବ୍ୟକ୍ତିଗତ ପାଠାଗାର ସୁନିର୍ବାଚିତ ପୁସ୍ତକରେ ବିପୁଳ ଆକାର ଧାରଣ କରିଥିଲା, ଋକବେଦର ଇଂରାଜୀ ଅନୁବାଦ ମଗାଇ ସେ ପଢୁଥିଲେ, କହୁଥିଲେ—ବେଦରେ ଧର୍ମ କାହିଁ ? ଯେଉଁମାନେ ଇନ୍ଦ୍ରଙ୍କୁ, ବାୟୁ ଓ ବରୁଣଙ୍କୁ ଗୋ ଅଶ୍ୱ, ବୀରପୁତ୍ର ମାଗୁଛନ୍ତି, ସେମାନେ କି ଋଷି ?

## ହୃଦୟଚନ୍ଦ୍ର ଦେବ

ଯୁବରାଜଙ୍କ ଆକୃତି ଓ ଚେହେରା ରାଜକୀୟ; କିନ୍ତୁ ଶିକାର ଓ ବିଳାସିତା ତାଙ୍କ ମାନବତାକୁ ଦବାଇ ଦେଇଥିଲା। ତାଙ୍କ ରୁଟିନ୍ ସୃଷ୍ଟିଛଡ଼ା। ସେ ଦିନରେ କୁମ୍ଭକର୍ଣ୍ଣ, ରାତିରେ ନିଶାଚର। ରାତିରେ ବଣରେ ବୁଲି ବୁଲି ସେ ଶିକାର କରନ୍ତି, ନାନା ମଉଜମଜଲିସ୍‌ରେ ମାତି ରହନ୍ତି। ରାତି ଚାରିଟାରେ ଓ ଦିନ ଚାରିଟାରେ

ଖିଆପିଆ । ଦିନ ଦୁଇଟା ତିନିଟାରେ ତାଙ୍କର ସକାଳ ହୁଏ । ଜନସାଧାରଣଙ୍କ ହାନିଲାଭ ବୁଝିବାକୁ ତାଙ୍କର ଅବସର ବା ମନୋବୃତ୍ତି ନ ଥାଏ ।

ଶିକାରୀଭାବରେ ଓଡ଼ିଶାରେ ହୃଦୟଚନ୍ଦ୍ରଙ୍କର ସୁନାମ ଥିଲା । ସେ ଦୁଇଶ ମହାବଳ ବାଘ ଶିକାର କରିଥିଲେ । ତାଙ୍କ କୋଠରୀର କାନ୍ଥ ବ୍ୟାଘ୍ରଚର୍ମାବୃତ ହୋଇଥିଲା; ବ୍ୟାଘ୍ର ମୁଣ୍ଡ; ଗୟଳ ଶିଙ୍ଗ ଓ ବୃହତ୍ ହାତୀ ଦାନ୍ତମାନ ସୁସଜ୍ଜିତ ହୋଇଥିଲା । ବୋଧ ହେଉଥିଲା, ସତେ ବା ଇଏ ଗୋଟିଏ ଆଦିମ ଅଧିବାସୀର ଘର ।

ଦାନ ଧର୍ମ ଦିଗକୁ ତାଙ୍କର ଦୃଷ୍ଟି ନ ଥିଲା, ନୂଆ ଫେସନର ମଟରଗାଡ଼ି କିଣିବାରେ ତାଙ୍କ ସଉକ୍ ଥିଲା; ଅନ୍ୟ ଦିଗରେ ବ୍ୟୟକୁଣ୍ଠ ଥିଲେ ବି ବିଳାସବ୍ୟସନ ବେଳେ ସେ ଲଗାମ୍ ଛାଡ଼ି ଦେଉଥିଲେ ।

## କିଶୋରଚନ୍ଦ୍ର ହରିଚନ୍ଦନ ଜଗଦ୍ଦେବ

କିଶୋରଚନ୍ଦ୍ର ସେତେବେଳେ ତାଳଚେରର ରାଜା; ବୋଧହୁଏ, ଏହାଙ୍କ ବିଷୟରେ ରାଧାନାଥ 'ଦରବାର'ରେ ଲେଖିଥିଲେ—

> ଥାଉଁ କି କିଶୋର ଚନ୍ଦ୍ର ନରରଣ
> ବୟସେ କିଶୋର ଜ୍ଞାନେ ବର୍ଷୀୟାନ
> ତୁମ୍ଭପରି (ପଠାଣିସାମନ୍ତ) ଜ୍ଞାନତରୁ ମଉଳିଲା
> ଏହା କରିବାକୁ ବିଧି ଲେଖିଥିଲା ।

ରାଜାସାହେବ ତାଳଚେର ଗଡ଼ରୁ ପ୍ରତି ସନ୍ଧ୍ୟାରେ ପୁଅବୋହୂଙ୍କୁ ଦେଖିବାକୁ କଟଲଣ୍ଡପୁର ଆସନ୍ତି । ମୁଁ ପ୍ରବୋଧର ସ୍ୱନକ୍ଷତ୍ରଦିନ ଗୋଟିଏ ଆଶୀର୍ବାଦ କବିତା ଲେଖିଥିଲି । ତାହା ପଢ଼ାଯାଇ, ପଢ଼ାଯାଇ, ଶୁଣି ଓ ସର୍ବଶେଷରେ ମହାରାଜାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ମହାରାଜା ଦିନେ ମୋ କୋଠରୀକୁ ଅଚାନକ ପଶି ଆସିଲେ, ମୋ ସାମ୍ନାରେ ଗୋଟି ଗୋଟି କରି 'ପ୍ରଭାତୀ'ର ସମସ୍ତ କବିତା ଶୁଣିଲେ, ସେଥିମଧ୍ୟରୁ କେତେ ଟି ଲେଖାଇ ବଛାଇ ରାଜାଙ୍କ ନିକଟକୁ ପଠାଇଲେ । ରାଧାନାଥପ୍ରଶଂସିତ ସାହିତ୍ୟରସିକ ରାଜା କିଶୋରଚନ୍ଦ୍ର ନିଜେ ମୋ ସାମ୍ନାରେ ବସି ମୋ କବିତାର ପ୍ରଶଂସା କରୁଛନ୍ତି । ଛାତି ମୋର କୁଣ୍ଢେ ମୋଟ ହୋଇଗଲା । ଜୀବନରେ ଏପରି ଜଣେ ଶ୍ରୋତା ଆଉ କେବେ ପାଇନାହିଁ । ତାଙ୍କ ଉଦାର ଗ୍ରାହକତାରେ ନବନବ ସୃଷ୍ଟିର ଉନ୍ମାଦନାରେ ମାତିଥିଲି । ରାଜା 'ପ୍ରଭାତୀ'ର ପ୍ରକାଶ ଭାର ସ୍ୱତଃ ବହନ କଲେ, ସେ ମୋତେ ପ୍ରତିଶତ ଟଙ୍କା ଓ ରାଣୀସାହେବା ଏକଶତ ଟଙ୍କା ଦେଲେ । ମୁଁ 'ପ୍ରଭାତୀ'ର ୫୦୦ ଖଣ୍ଡ ମାତ୍ର ଛପାଇଥିଲି, ବିକ୍ରୀ ହେବ ନାହିଁ ଏଇ ଭୟରେ । ରାଧାନାଥଙ୍କ ଅନୁକରଣରେ ମୁଁ ଗୋଟିଏ ଉତ୍ସର୍ଗପତ୍ର ଲେଖିଥିଲି— ନୃପତିଶିରୋମଣି, ସାହିତ୍ୟସଙ୍ଗୀତକଳାରସିକ, ଦାନବୀର, ପ୍ରଜାବତ୍ସଳ ଶ୍ରୀ ଶ୍ରୀ ଶ୍ରୀ ରାଜାବାହାଦୁର କିଶୋରଚନ୍ଦ୍ର ବୀରବର ହରିଚନ୍ଦନ ମହୋଦୟ—

ଶ୍ରୀମନ୍ ମହାରାଜ,

ସ୍ୱାମୀ ବୋଲି ଭ୍ରାନ୍ତି ଧୁଅଇ
ତବ ପଦକମଳ
ଘୋଷି କଳକଳେ କୀରତି
ମେଲି କଲ୍ଲୋଳ କର ।
ସଞ୍ଚାଳି ଶ୍ୟାମଳ ରସନା
ଚଉପାଶେ କାନନ
ଗୁଣଗଣି ପୁଣ ପୁଣ ଯେ
ତବ କରେ ଗାୟନ ।
ଧଇଯ ମନ୍ତର ଅନ୍ତରୁ ଘେନି
'ବାରୁଆଁ' ଠିଆ
ପ୍ରତାପ ଅନଳେ ମଳିନ
ବନେ ଜଳେ ଯେ ନିଆଁ ।

x x x

ଦୀନ ଜନ କ୍ଷୀଣ ନୟନୁଁ
ତିଳେ ନ ଝରୁ ଜଳ
ଗଭୀର ବିଷାଦେ ଗମ୍ଭୀର
ତବ ମୁଖ କମଳ ।
ନ ଜାଣେ ଦାନ ଯେ ଦକ୍ଷିଣା
ଦାନ ଦକ୍ଷିଣ କରେ
ଅଜାଡ଼ି ଦିଅ ହେ ଉଜାଡ଼ି ଧନ
କି ଅକାତରେ ।

x x x

ଚଳ ହେ ଖଳଙ୍କ ଗରଳ
ଘୁଟ୍ ମିଠା ବଚନେ
ଭଳ ହେ ଖେଳରେ ପଣ୍ଡିତ
କବି କାବ୍ୟ ଶ୍ରବଣେ ।

x x x

'ପ୍ରଭାତୀ' ଆଳତି ବତୀଟି
ଅଛି ସମୀପେ ଆଣି ।
ଲଭିଲେ ଭରସା ଦ୍ରବିଲେ
ପ୍ରାଣ କ୍ଷୁଦ୍ର ପ୍ରଭାତୀ
ଜଗାଇବ ଜ୍ୟୋତି ଇଙ୍ଗିତେ
ବୀର ଓଡ଼ିଆ ଜାତି ।

ବିନୀତ
ଲେଖକ

ରାଜାସାହେବ ବିଶେଷ ପୌରୁଷସମ୍ପନ୍ନ ଥିଲେ, ଦୁଇଟି ମହାବଳ ବାଘ ଓ ଗୋଟିଏ କୁକୁରକୁ ମଟରରେ ଘେନି ସେ ବୁଲି ଯାଉଥିଲେ । ଯାହା କହନ୍ତି, ବାଘ ବକରିକି ଏକା ତୁଠରେ ସେ ପାଣି ପିଆଉଥିଲେ । ବ୍ୟାଘ୍ର ଦୁଇଟି ଅବଶ୍ୟ କିଶୋର ଥିଲେ, ଜଣେ ସାହେବ ଦିନେ ସେଥିରୁ ଗୋଟିଏ ନେବାକୁ ବସିଲା; ପଲିଟିକାଲ ଏଜେଣ୍ଟଙ୍କ ଲୋକ, ରାଜା ନାହିଁ କରି ପାରିଲେନାହିଁ । ବାଘ ସାହେବଙ୍କୁ ଦେଖି ଦୁଇ ଗୋଡ଼ରେ ଛିଡ଼ା ହୋଇ କପାଳରେ ପଂଝା ପକାଇଲା, ଏକ ଭୟଙ୍କର ଆଲିଙ୍ଗନ; ନଖ ବାଜି ସାହେବଙ୍କ କପାଳରୁ ରକ୍ତଧାର ବୋହିଲା; ବାଘ ତାକୁ ଚାଟିଦେଲା, ଅବଶ୍ୟ ସୁଆଦ ଲାଗିଥିବ, 'ଆଉ ମିଳନ୍ତା' ଏଇ ଭାବ ଯେପରି କି ବାଘର ଆଖିରେ ଫୁଟି ଉଠିଲା । କାଳେ ମଣିଷ ରକ୍ତକୁ ଲୋଭାଇବ, ଏଇ ଶଙ୍କାରେ ରାଜା ସେହିଦିନ-ଠାରୁ ଉଭୟଙ୍କୁ ପଞ୍ଜୁରୀରେ ଆବଦ୍ଧ କଲେ, ସାହେବଙ୍କ ବାଘ ପୋଷିବା ସଉକ୍ ଉଭାଇଗଲା । ଦୁଇ ବାଘ ରାଜାଙ୍କ ବ୍ୟକ୍ତିଗତ ଚିଡ଼ିଆଖାନାରେ କଳାହାଣ୍ଡିର ଗୋଟିଏ କୃଷ୍ଣବର୍ଣ୍ଣର ଭୟଙ୍କର ହିଂସ୍ର ବ୍ୟାଘ୍ର ସହିତ ରହିଲେ ।

ରାଜାଙ୍କର କେତେ ମାଇଲ ବ୍ୟାପୀ ଗୋଟିଏ ପାର୍କ ଥିଲା—ନାଆଁ 'ରାଣୀ ପାର୍କ' । ଘୋର ଅରଣ୍ୟକୁ ଉଚ୍ଚ ପାଚେରୀରେ ଘେରେଇ ଦିଆ ହୋଇଥିଲା, ଜାତୀୟ ଉଦ୍ୟାନ ଅନୁକରଣରେ ସଂଗଠିତ ସେହି ଅରଣ୍ୟରେ ପ୍ରାୟ ଦଶ ହଜାର ମୃଗ ଥିଲେ । ବେଳେ ବେଳେ ମୃଗଲୋଭୀ ବ୍ୟାଘ୍ର ପ୍ରାଚୀର ଉପରେ ଲମ୍ଫ ପ୍ରଦାନ କରି ପାର୍କରେ ପ୍ରବେଶ କରୁଥିଲା । ସେଥିଲାଗି ମହାରାଜା ପାଚେରୀ ଉପରେ ବିଦ୍ୟୁତ୍‌ତାର ଘେରାଇ ଦେଇଥିଲେ ।

ରାଜାଙ୍କ ପାଟହାତୀରେ ବସି ମୁଁ ଏଇ ବିସ୍ତୃତ ପାର୍କରେ ଭ୍ରମଣ କରିଥିଲି । ଖଜୁରୀ ବୁଦା ଦେଖିଲେ ହାତୀ ଅଟକୁଥିଲା; କିନ୍ତୁ ଯେତେ ଭୋକିଲା ହେଲେବି ଚଟ୍‌କିନେ ଖାଇ ଦେଉ ନ ଥିଲା । କଥା ଅଛି—ବାଘର ଫାଗକୁ ଭୟ । ହାତୀର ଭୟ କ୍ଷୁଦ୍ରାତିକ୍ଷୁଦ୍ର ଏଣ୍ଡୁଅକୁ । କାଳେ ତାର ଦୀର୍ଘ ନାସା ମଧ୍ୟରେ ପଶିଯିବ । ଖଜୁରୀ ବରଡ଼ାକୁ ଝିଙ୍କି ଝାଡ଼ି ହାତୀ ସନ୍ତର୍ପଣରେ ଖାଇବା ଗୋଟିଏ ଦୃଶ୍ୟ ।

ପାର୍କରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ମୂର୍ତ୍ତି ବିସ୍ତର ଖର୍ଚ୍ଚରେ ନିର୍ମିତ ହୋଇଥିଲା, ପ୍ରସିଦ୍ଧ ଶିଳ୍ପୀ ଶ୍ରୀ ବିନ୍ଧାଧର ବର୍ମା ଏସବୁ ଗଢ଼ିଥିଲେ । ରସଗ୍ରାହକତା ଓ କଳା ପୋଷକତାର ସଂକେତ ଏ ସବୁ । ଓଡ଼ିଶାର ଯାଦୁଘରେ କିମ୍ବା ନନ୍ଦନକାନନରେ ସେସବୁ ସଜାଇ ରଖିଲେ ବହୁ ଦର୍ଶକଙ୍କର ଦୃଷ୍ଟି ଆକର୍ଷଣ କରନ୍ତା ।

ପାର୍କରେ ଗୋଟିଏ ପୁଷ୍କରିଣୀ, ଜୀବଜନ୍ତୁମାନେ ଏଠି ଜଳପାନ କରୁଥିଲେ । ପୁଷ୍କରିଣୀ ତୀରବର୍ତ୍ତୀ କଦମ୍ବବୃକ୍ଷରେ କୃଷ୍ଣ, ପୁଷ୍କରିଣୀରେ ଉଲଗ୍ନା ସଲଜ୍ଜା ଗୋପୀ । ପୁରାଣର ଏଇ ଦୃଶ୍ୟକୁ ମୂର୍ତ୍ତ କରିବାରେ ରାଜାଙ୍କ ଜୀବନ କେଉଁ ଧାତୁରେ ଗଢ଼ା ହୋଇଥିଲା, କେଉଁ ମାର୍ଗରେ ଗତି କରୁଥିଲା ତାର ପରିଚୟ ମିଳେ । ଦେଶର ଅଧିକାଂଶ ଲୋକ ଦାରିଦ୍ର୍ୟ ଓ ଅଶିକ୍ଷାରେ ସଡ଼ୁଥିଲାବେଳେ କେତେକ ସୁଖୀ ସାମନ୍ତ ଯୁଗଯୁଗ ଧରି ଯୌନଚର୍ଯ୍ୟାରେ ହିଁ ମାତିଥିଲେ ।

ପାର୍କରେ ବହୁବିଧ ପ୍ରାଣୀ ଥିଲେ, ଘୋଡ଼ଙ୍ଗ, ଗୟଳ, କୁଟରା, ସମ୍ବର କୃଷ୍ଣସାର ଓ ବିଭିନ୍ନ ଜାତୀୟ ହରିଣ ସେମାନଙ୍କ ମଧ୍ୟରେ ପ୍ରଧାନ ।

କିଶୋରଚନ୍ଦ୍ର ନୀଳଗିରି ରାଜ ଅନୁକରଣରେ ତାଳଚେରରେ ଗୋଟିଏ ରାଜ ନାଟଦଳ ଗଢ଼ିଥିଲେ; କିନ୍ତୁ ଏହା ବେଶୀଦିନ ତିଷ୍ଠି ପାରିଲାନାହିଁ ।

ଅଚଳ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଗଡକୁ ଆଣି ନିଜ ବ୍ୟୟରେ ବିଭା କରିବା ତାଙ୍କର ଗୋଟିଏ ବିନୋଦନ ଥିଲା । ଏକୁଟିଆ ଜୀବନ ଦୁଃଖମୟ; ବୃଦ୍ଧ ପକ୍ଷରେ ଏହା ଏକାନ୍ତ ଦୁଃସହ । ରାଜ୍ୟରୁ ଖୋଜିଲୋଡ଼ି ଆଣି ସଂସାରରେ ସେମାନଙ୍କୁ ଥାଇତ କରିବା ତାଙ୍କର ଏକ ମହତ୍ ଖିଆଲ ଥିଲା ।

ବଡ଼ ଅପେକ୍ଷା ଛୋଟ ବଳଦକୁ ସେ ବେଶୀ ପସନ୍ଦ କରୁଥିଲେ – ଖାଇବେ କମ୍, କାମ କରିବେ ବେଶୀ । ରାଜା ଘୋଡ଼ାରେ ବସି ବୁଲି ବୁଲି ନିଜର କୃଷି ବ୍ୟବସ୍ଥା ଦେଖୁଥିଲେ ।

ସେ ଗୋଟେ କୁକୁର ପାଳିଥିଲେ, ଏଥିରେ ତାଙ୍କର ବହୁ ଅର୍ଥ ବ୍ୟୟିତ ହେଉଥିଲା । ପ୍ରାଚୀନପନ୍ଥୀ ରାଜାଙ୍କର ଏ ଗୋଟିଏ ଆଧୁନିକ ସକ୍ ।

ଦଶ କୋଡ଼ିଏ ଟଙ୍କାର ରେଜା ପକେଟରେ ଘେନି ସେ ପ୍ରତି ସକାଳେ ଘୋଡ଼ାରେ ବସି ଭ୍ରମଣରେ ଯାଉଥିଲେ ଓ ପଥରେ ଦୁଃଖୀଗରିବଙ୍କୁ ତାହା ବିତରଣ କରୁଥିଲେ । ବହୁ ରୋଗୀ, ରଙ୍କୀ ରାଜପଥରେ ଠୁଳ ହେଉଥିଲେ ।

ରାଜା ମୋତେ 'ବୁଲାଝର' ଦେଖିଯିବା ଲାଗି ହାତୀ ଦେଇଥିଲେ । ପଥରେ ବହୁ ପାହାଡ଼ ଓ ନିବିଡ଼ ଜଙ୍ଗଲ ଅତିକ୍ରମ କରି ଯାତ୍ରା କରିଥିଲି । ଚଣ ବୁଢ଼ିଆଣୀର ମୋଟାମୋଟା ଜାଲ ଗଳାରେ ଛନ୍ଦି ହୋଇ ଯାଉଥିଲା । ଘାଗୁଡ଼ିର ଝମ୍ ଝମ୍ ପରି ପାହାଡ଼ୀ ଝିଙ୍କାରୀଦଳ ଶବ୍ଦ କରୁଥିଲେ । ବାଟରେ ଗୋଟିଏ ଟୁମା ଦେଖିଲି । ସେଥିରେ ଦୁଇଟି ବାଘଛୁଆ । କାଳେ ବାଘୁଣୀ କୋଉଠି ଲୁଚିଥିବ । ଛୁଆଙ୍କ ଦିହରେ ଟିପ ଛୁଇଁଲେ ଚମକି ଆସିବ । ଭୟରେ ହାତୀରୁ ଓହ୍ଲାଇଲି ନାହିଁ ।

'ବୁଲାଝର' ପାହାଡ଼ବେଷ୍ଟିତ; ଏଠି ଗୋଟିଏ ମହାଦେବ ମନ୍ଦିର— ପୂଜାହାରୀ ଅଥର୍ବ, ଅଚଳ । ଦେହର ରକ୍ତ ଶୁଖିଯାଇଛି । ପ୍ରଭୁ ଦେବଦେବ, ଏ ତୁମର ପୂଜା କରିବ କେମିତି ? ଟିକିଏ କରୁଣାଆଖିରେ ଚାହିଁଦେଲେ ତ ଏ କଙ୍କାଳଟା ମଣିଷ ହୋଇଯାନ୍ତା । 'ବୃତ୍ତି ଏ ମୋ ପୋଷେ କୁଟୁମ୍ବ' ନ୍ୟାୟରେ ସେ ବାଟରେ ପାଞ୍ଚ ସାତ ଥର ବସିଉଠି ଆସୁଚି । ସତେ କି ପ୍ରାଣ ଛାଡ଼ିଯିବ ଏଇକ୍ଷଣି । ଶୁଖିଲା ଓଠରେ ଡାକ ମାରୁଚି ବଂ ବଂ ଭୋଳାନାଥ ଶମ୍ଭୋ । ତୁମକୁ ଶୁଭୁଛି ପ୍ରଭୋ ?

ସେଇ ଘୋର ଜଙ୍ଗଲ ମଧ୍ୟରେ ରାଜାଙ୍କର ଗୋଟିଏ ଦୋତାଲା କୋଠା ଥିଲା । କୋଠାରେ ବସି ଝରକାବାଟେ ବାଘ ଭାଲୁଙ୍କର ଗତିବିଧି ଲକ୍ଷ୍ୟ କରିହୁଏ । ସଂସ ରଜଞ୍ଜାଳ ଛାଡ଼ି ମଧ୍ୟେ ମଧ୍ୟେ ଏଠି ଆସ ରହିବା ବିଶେଷ ସୁଖପ୍ରଦ ।

ତାଳଚେରରେ ମୁଁ ପ୍ରାୟ ଦେଢ଼ବର୍ଷ ରହିଥିଲି, ରସିକରାଜା କିଶୋରଚନ୍ଦ୍ରଙ୍କ ଅଭିଜାତ ଆଦରଅଭିନନ୍ଦନ ମଧ୍ୟରେ ଦିନଗୁଡ଼ିକ ଘୋଡାରେ ଛୁଟି ଚାଲିଗଲା ।

ସ୍କଟ୍‌ଲାଣ୍ଡ ପୁଟରେ 'ପ୍ରେରଣିକା' ଓ 'ପାଷାଣ ଚରଣେ ରକ୍ତ'କୁ ପୂର୍ଣ୍ଣାଙ୍ଗ ରୂପ ଦାନ କରିଥିଲି । ଦିନେ ରଞ୍ଜା ପରି ଏଠି ଗୋଟିଏ ଦୁର୍ଘଟଣା ଘଟିଲା । କୌଣସି ପାର୍ବଣ ଉପଲକ୍ଷ୍ୟେ ରାଣୀସାହେବା ମୋତେ ଗୋଟିଏ ପିସ୍ତଲ ଉପହାର

ଦେଇଥିଲେ । ଗୋଟିଏ ମହିଷ ମୋ କୋଠରୀରେ ପଶି ଟିଣ୍ଟକ ସହିତ ମୋ ପୁସ୍ତକ ଓ ପାଣ୍ଡୁଲିପି ଚୋବାଇ ଯାଇଥିଲା । ଭାବିଲି—ବୋଧେ ଭଗବାନ୍‌ଙ୍କ ଇଚ୍ଛା—ସବୁ ଯାଉ, ଧ୍ୱଂସ ପାଉ । ତାପରେ ଯୁଗୋପଯୋଗୀ ନୂତନ ସୃଷ୍ଟି ସମ୍ଭବ ହେବ ।

ତାଳଚେରରେ ଥିବାବେଳେ କୋଇଲାଖଣି ଦେଖିବାର ସୁଯୋଗ ମିଳିଥିଲା । ଅନ୍ଧକାରମୟ ପାତାଳପୁର ସେ, ଭୟଙ୍କର; ପେଟଦାୟରେ କି ଦୁଃଖରେ ମଜୁରିଆମାନେ ଆମ ଚୂଲୀମୁଣ୍ଡକୁ ଜାଳ ଯୋଗାଉଛନ୍ତି ତାହା ହୃଦୟଙ୍ଗମ କଲି । ଯେଉଁଠୁ କୋଇଲା ଖାଲି କରା ହେଉଥିଲା, ସେଠି ବ୍ରାହ୍ମଣୀ ନଈବାଲି ଆଣି ପୂରାଇ ଦିଆହେଉଥିଲା । ନଇଲେ ଉପର ମାଟି ଭୁଷୁଡ଼ ପଡ଼ିଲା ପରେ ଅତି ଗଭୀର ପୁଷ୍କରିଣୀମାନ ସୃଷ୍ଟି ହେଉଥାନ୍ତା, ଖଣିଅଞ୍ଚଳ ବଡେ଼ଂନକ ଖାଲଖମାରେ ପୂର୍ଣ୍ଣ ହେଉଥାନ୍ତା । ଖଣି ଦେଖିଲାପରେ ମୁଁ 'କୋଇଲାଖଣିର କୁଲି' କବିତାଟି ଲେଖିଥିଲି । ଆକ୍‌ସିଡେଣ୍ଟ କି ଭୟାବହ ହେଉଥିବ, ତାହା କଳ୍ପନାରେ ଚିତ୍ରଣ କରିଥିଲି ।

ମୋ ପୁତୁରା ଯଦୁ କଲିକତାରୁ ଆସି ସେଠି କାମ କରୁଥିଲା । ଗରମରେ ତା ଦେହ ସିଝି ଫୋଟକା ହୋଇ ଗୋଟାଗୋଟା ଘାଆ ବାହାରି ପଡ଼ିଥିଲା । କହିଲି—ଯଦୁ, ତୋ ଜନ୍ମ ଭିନ୍ନ ପରିବେଶରେ, ଅପେକ୍ଷାକୃତ ସୌଖୀନ କାର୍ଯ୍ୟ କରି ଜୀବନ ବିତିଛି । ଏ କାର୍ଯ୍ୟ ଛାଡ଼ି ପଳାଇ ଯା, ଏତେ ବଡ଼ ପୃଥିବୀରେ ଯେତେ କୋଉଠି ହେଲେ ଖାଇବାକୁ ମିଳିବ । ସମସ୍ତେ ସବୁ କାମ କରିପାରିବେ ନାହିଁ ।

ବଡ଼ ଦେବି ଅନୁଗୁଳକୁ ମାଟ୍ରିକ୍ ପରୀକ୍ଷା ଦେବାକୁ ଗଲୁ । ତାଙ୍କ ସଙ୍ଗେ ଯାଇ ମୁଁ ମହେଶ ପ୍ରଧାନଙ୍କ ଚେଟିଘରେ ରହିଲି । ମୋ ଆସିଥିବା ସମ୍ବାଦ ପାଇ ଆସିଥିଲେ ଜଣେ ଆଗନ୍ତୁକ—ବାଙ୍ଗରା, ମୁରୁକୁଟିଆ ନିହିସଟିଏ, ମୁହଁରେ ଗୋଛାଏ ଗାଲ, ଚକ୍ଷୁଦୁଇଟି ଅତି ଉଜ୍ଜ୍ୱଳ— ଏ ରାଧାମୋହନ ପଟ୍ଟନାୟକ । ରୁକ୍ଷ, କର୍କଶ ଶିଳାମୟ ପାହାଡ଼ । ଏହା ଭିତରେ ଉତ୍ସ କେଉଁଠି, କେଉଁଠି ସେହି ଦୁର୍ଦ୍ଦମ, ଦୁର୍ଦ୍ଧର୍ଷ ଉତ୍ସ ?


ଅନୁଗୁଳ ଆସି ମୋର ବଡ଼ ଲାଭ ହୋଇଥିଲା ତାଙ୍କ ସହିତ ପରିଚୟ, ଏ ପରିଚୟ ପରମ ବନ୍ଧୁତାରେ ପରିଣତ ହୋଇଥିଲା ।

ମୋ କବିତାର ଛନ୍ଦ ଉପରେ ଦିନେ ସେ ଲେଖନୀ ଚଳାଇଥିଲେ, ତାହା ଅସ୍ୱୀକାର କରିବାର ଅହଙ୍କାର ମୋର ନାହିଁ ।

ପରସ୍ପର ନିକଟକୁ ଆମେ କବିତାରେ ପତ୍ର ଲେଖିଛୁ । ତାଙ୍କ ଚାକିରୀ ବିଚ୍ୟୁତିବେଳେ ମୁଁ 'ବନ୍ଦନା ଲାଗି ଜଳୁଚି ଦୀପାଳି' କବିତା 'ଝଙ୍କାର'ରେ ଲେଖିଥିଲି । ସେ ଉତ୍ତରରେ 'ବେଦନା ଲାଗି ଜଳୁଚି ଦୀପ କି ଜଳୁଚି କାହିଁ' ଲେଖି ସେଇ 'ଝଙ୍କାର'ରେ ପ୍ରକାଶ କରିଥିଲେ ।

ତାପରେ ସେ କେତେ ଲେଖା ମୋତେ ଶୁଣାଇଛନ୍ତି, ମୁଁ ତାଙ୍କୁ ଶୁଣାଉଛି; ଏହିପରି ପରସ୍ପର ସମ୍ପର୍କରେ ଉଭୟଙ୍କର ସାହିତ୍ୟ ଗଢ଼ି ଉଠିଛି ।

ତାଳଚେରରେ ଥିବାବେଳେ ଏକାବେଳକେ ମୋତେ ଦୁଇଟି ଘରୋଇ କଲେଜରେ ଅଧ୍ୟାପକ ଚାକିରୀ ମିଳିଲା—ଗୋଟିଏ ପାରଳାଖେମିଡ଼ି କୃଷ୍ଣଚନ୍ଦ୍ର ଗଜପତି କଲେଜରେ, ଅନ୍ୟଟି ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ । ପାଖ ପଡ଼ିବ ବୋଲି ମୁଁ ବ୍ରହ୍ମପୁର ଗଲି । ସେତେବେଳେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର, ଓଡ଼ିଆ ଆନ୍ଦୋଳନର କେନ୍ଦ୍ରସ୍ଥଳ ରୂପେ ଏହାର ଆକର୍ଷଣ ମଧ୍ୟ ଅଳ୍ପ ନ ଥିଲା ।



ଉତ୍ତର ତିନିଶ



ଉନିଶବର୍ଷ ପରେ

# ଜୀବିକା ଓ ଜୀବନ

# ଅଧ୍ୟାପନାର ଆସ୍ୱାଦ

ଗୁରୁ ହେବାରେ ସେତେବେଳେ ଗୌରବ ଥିଲା ; ଛାତ୍ରମାନେ ଥିଲେ ବିନୟଶ୍ରଦ୍ଧାପନ୍ନ, ଗୁରୁ ଭକ୍ତିଭାଜନ । ଗୋଟିଏ ପକେଟରେ କପି, ଅନ୍ୟ ପକେଟରେ ଛୁରି ଧରି ଛାତ୍ର ପରୀକ୍ଷା ହଲକୁ ଯାଉ ନ ଥିଲା ; ଶିକ୍ଷାଲଭର ଋଜିଜୀଉଦ୍ଦେଶ୍ୟଟି ପ୍ରାୟ ଚରିତାର୍ଥ ହେଉଥିଲା । ଅଧ୍ୟାପକଜୀବନର ଆଦ୍ୟରୁ ପ୍ରାନ୍ତ ମୁଁ ଅଧ୍ୟାପନାର ଆସ୍ୱାଦ ଉପଭୋଗ କରିଛି । ଛାତ୍ରମାନେ ପୁତ୍ରବତ୍ ପ୍ରିୟ, ସେମାନଙ୍କ ମେଳରେ ବସିଲେ ସଂସାରର ସବୁ ଦୁଃଖ ଭୁଲି ହୋଇ ଯାଉଥିଲା ।

୧୯୪୪ ଜୁଲାଇ ମାସରେ ଓଡ଼ିଆ ଅଧ୍ୟାପକ ଭାବେ ମୁଁ ଖଲ୍ଲିକୋଟ କଲେଜରେ ଯୋଗ ଦେଲି । ଖଲ୍ଲିକୋଟ ରାଜାଙ୍କ ଏକ ଲକ୍ଷ ଟଙ୍କା ଦାନରେ ଏହାର ଶୁଭାରମ୍ଭ ହୋଇଥିଲା , ତେଣୁ ବ୍ରହ୍ମପୁରରେ ଥିଲେ ବି ଏହାର ନାମ ଦିଆଯାଇଥିଲା 'ଖଲ୍ଲିକୋଟ କଲେଜ' । ମୁଁ ପହଞ୍ଚିଲାବେଳକୁ ଏହି କଲେଜରେ ସଦ୍ୟ ବି.ଏ. ଶ୍ରେଣୀ ଖୋଲିଥିଲା । ତା ପୂର୍ବରୁ ପଚିଶବର୍ଷରୁ ଅଧିକ କାଳ ଏଥିରେ ଆଇ.ଏ , ଆଇ. ଏସ୍. ସି. ଶ୍ରେଣୀ ମାତ୍ର ଥିଲା । ଓଡ଼ିଆ ବିଭାଗରେ ଏ ପର୍ଯ୍ୟନ୍ତ କୌଣସି ଏମ୍. ଏ. ପାସ୍ ଅଧ୍ୟାପକ ନିଯୁକ୍ତ ହୋଇ ନ ଥିଲେ । ପଢ଼ା ହା. ସ୍କୁଲର ଓଡ଼ିଆ ପଢ଼ାରୁ ଭିନ୍ନତର ନ ଥିଲା ; ପଢ଼ାଉଥିଲେ ସଂସ୍କୃତ ପଣ୍ଡିତ—'ବଡ଼ ଆଜ୍ଞା' ; ତାଙ୍କ ତଳେ ଆଉ ଜଣେ 'ଛୋଟ ଆଜ୍ଞା' ଥିଲେ । ଓଡ଼ିଆ ଅଧ୍ୟାପନା ନିତାନ୍ତ ନୀରସ ଥିଲା, ମାତୃଭାଷା ପ୍ରତି ଚରମ ଅବହେଳା ଦେଖାଯାଉଥିଲା । ସେତେବେଳେ ମୁଁ ସଦ୍ୟ ଏମ୍. ଏ. ପାସ୍‌କରା ତରୁଣ, ଅନ୍ତରରେ ମୋର ଗଭୀର ଉଚ୍ଛ୍ୱାସ ଓ ଆବେଗ ଥିଲା, କଲିକତାରେ ବକ୍ତୃତା ଦେଇ ରସନା ମୋର ଶାଣିତ ହୋଇ ଉଠିଥିଲା, ଅଧରରୁ ଜୁଆର ପରି ବଚନର ସ୍ରୋତ ଛୁଟୁଥିଲା । ମୋ ବକ୍ତୃତା ଶୁଣିବା ପାଇଁ ଅନ୍ୟ ଶ୍ରେଣୀର ପିଲାମାନେ କ୍ଲାସରେ ଆସି ବସୁଥିଲେ, ଜାଗା ନ ହେବାରୁ ବାହାରେ ଛିଡ଼ା ହୋଇ ଶୁଣୁଥିଲେ । ଅଳ୍ପଦିନ ମଧ୍ୟରେ ଛାତ୍ର ଓ ଜନସାଧାରଣଙ୍କ ଭିତରେ ମୁଁ ଲୋକପ୍ରିୟ ହୋଇ ଉଠିଲି, ସାହିତ୍ୟସଂଗଠନ ଓ ହାଇସ୍କୁଲମାନଙ୍କରେ ବକ୍ତୃତା ଦେବା ଲାଗି ନିମନ୍ତ୍ରଣ ଆସିଲା ।

ମୁଁ କଲେଜରେ ରହିଲା ପରେ ଓଡ଼ିଆ ଅଧ୍ୟାପନା ଏକ ପ୍ରଣାଳୀବଦ୍ଧ ରୂପ ପାଇଲା । ଦୀର୍ଘ ତେଲୁଗୁ ପ୍ରଭାବ ଫଳରେ ଗଞ୍ଜାମର ଛାତ୍ରମାନେ ଓଡ଼ିଆ ଭାଷାରେ ଦୁର୍ବଳ ହୋଇ ଯାଇଥିଲେ, ବାଧ୍ୟତାମୂଳକ ଓଡ଼ିଆରେ ବହୁ ସଂଖ୍ୟାରେ ଫେଲ୍ ହେଉଥିଲେ, ଯଦିବା ଓଡ଼ିଆ ଆନ୍ଦୋଳନରେ ନେତୃତ୍ୱ ନେଇଥିଲା ଗଞ୍ଜାମ , ଭଞ୍ଜ, କବିସୂର୍ଯ୍ୟ, ଗୋପାଳକୃଷ୍ଣଙ୍କର ଦାୟାଦମାନେ ଓଡ଼ିଆରେ ପାସ୍ କରି ନ ପାରିବା ନିତାନ୍ତ ଅଗୌରବର ବିଷୟ ଥିଲା । ଶଶିଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ ପ୍ରଭୃତି ଦକ୍ଷିଣ ଓଡ଼ିଶାର ଧମନୀରେ ଉଷ୍ଣ ଜାତୀୟତାଭାବର ପ୍ରସ୍ରବଣ ବୁହାଇ ଦେଇ ପାରିଥିଲେ, କିନ୍ତୁ ଓଡ଼ିଆ ଶିକ୍ଷା ସଂଗଠିତ ହୋଇପାରି ନ ଥିଲା ।

ମୁଁ ଲକ୍ଷ୍ୟ କଲି ଯେ ଓଡ଼ିଆ ପାଠାଗାରଟି ନାମକୁମାତ୍ର ଅଛି । ସେଥିରେ ଓଡ଼ିଆ ବହି ନାହିଁ । ଓଡ଼ିଆ ଛାତ୍ର ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ଓଡ଼ିଆ ବହି ପଢ଼େ ନାହିଁ । ମୁଁ ଏ ବିଷୟ ଖଲ୍ଲିକୋଟ କଲେଜର ଉପସଭାପତି ଓଡ଼ିଆ ଆନ୍ଦୋଳନର ନେତା ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କୁ ଜଣାଇଲି । ହାଇସ୍କୁଲ ସ୍ତରରୁ ଏହା ସଂଗଠିତ ନ କଲେ କଲେଜରେ ଶିକ୍ଷାସଂସ୍କାର ବିଶେଷ ଫଳପ୍ରଦ ହେବନାହିଁ । ଶ୍ରୀ ପାଣିଗ୍ରାହୀ ମୋତେ ହା. ସ୍କୁଲର ପରିଦର୍ଶକ ଭାବେ ନିଯୁକ୍ତ କଲେ ; ମୁଁ ହା. ସ୍କୁଲ ଓ କଲେଜକୁ ଉପାଦେୟ ପୁସ୍ତକମାନ ମଗାଇଲି, ସେମାନେ ଯେପରି ସେସବୁ ପାଠ କରିବେ, ବ୍ୟବସ୍ଥା କଲି । ପିଲାମାନଙ୍କ ଖାତା ସଂଶୋଧନ କରି ସେମାନଙ୍କ ଲିଖନପ୍ରଣାଳୀ ଯେପରି ଉନ୍ନତତର ହୋଇ ପାରିବ, ଚେଷ୍ଟା କଲି । ପଦେ ଓଡ଼ିଆ କହିଲେ ପିଲାମାନେ ତିନି ଚାରିଟା ଇଂରାଜୀ ଶବ୍ଦ ମିଶାଉଥିଲେ । ଅମିଶ୍ରିତ, ଶୁଦ୍ଧ ଓଡ଼ିଆ କହିବା ଲାଗି ଆଲୋଚନାଚକ୍ର ଓ ବକ୍ତୃତା-ପ୍ରତିଯୋଗିତା କରାଇଲି । ମୁଁ ଯିବା ପୂର୍ବରୁ କୌଣସି ଓଡ଼ିଆ ଛାତ୍ର କଲେଜ ଇଉନିଅନର ପ୍ରେସିଡେଣ୍ଟ୍ ହୋଇପାରି ନ ଥିଲେ ; ଓଡ଼ିଆ ଛାତ୍ରମାନଙ୍କୁ ସଂଗଠିତ କରିବାରୁ ଏହା ସେ ବର୍ଷ ସମ୍ଭବ ହେଲା । ପ୍ରଥମ ଓଡ଼ିଆ ଛାତ୍ର ପ୍ରେସିଡେଣ୍ଟ ହେଲେ ଶଶିଭୂଷଣ ପଟ୍ଟନାୟକ ।

## ପ୍ରଥମ ଓଡ଼ିଆ ନାଟକ ଅଭିନୟ

ଖଲ୍ଲିକୋଟ କଲେଜରେ ଓଡ଼ିଆ ନାଟକ ଅଭିନୟ ଏବେ ଗୋଟିଏ ସାଧାରଣ ଘଟଣା ହୋଇପାରେ, କିନ୍ତୁ ସେ କାଳରେ ଏହା ଗୋଟିଏ କୃତିତ୍ୱ, ତେଲୁଗୁ ସଂସ୍କୃତି ଉପରେ ଏକ ବିଜୟଲାଭ ସ୍ୱରୂପ ଥିଲା । ନାଟ୍ୟକାର ବ୍ରହ୍ମାନନ୍ଦ ପଣ୍ଡା (ସୁଗାୟକ, ଏବେ ପାର୍ଲାମେଣ୍ଟ ସଭ୍ୟ) ପଦେ ପଦେ ଆମ୍ଭମାନଙ୍କ ସଙ୍ଗେ ସହଯୋଗ କରିଥିଲେ । ତାଙ୍କର ନାଟକ ହିଁ ଅଭିନୀତ ହୋଇଥିଲା । ଝିଅ ପାର୍ଟ କରିବା ପାଇଁ କଲେଜରୁ କେହି ବାହାରିଲେ ନାହିଁ । ବ୍ରହ୍ମାନନ୍ଦବାବୁ ଆମକୁ ନ ଜଣାଇ ଅସ୍ଥାନରୁ ଗୋଟିଏ କନ୍ୟା ଘେନି ଆସିଲେ ; ଅଭିନୟ ସଫଳ ହେଲା, କିନ୍ତୁ କାଗଜପତ୍ରରେ ଆମ୍ଭମାନଙ୍କ ଚରିତ୍ରସଂହାର ଲାଗି ପ୍ରୟାସ ହୋଇଥିଲା । ଶ୍ରୀ ପାଣିଗ୍ରାହୀ ସେତେବେଳେ ଦୁର୍ଦ୍ଧର୍ଷ ; ସେ ଏଭଳି କାଗଜ ଲେଖାକୁ ଫୁତ୍କାରରେ ଉଡ଼ାଇଦେଲେ—'ମୁଁ ଅଛି, ତୁମର କେହି କିଛି କରି ପାରିବ ନାହିଁ' ।

## ସଂସ୍କୃତରେ ଏମ୍.ଏ.

ସେଇ ବର୍ଷ ଗାଆଁରେ ମୋର ଆଶୀର୍ବାଦଘର ହୋଇଥିଲା । ସ୍ତ୍ରୀ ବହୁ ଜିନିଷପତ୍ର ଓ ଭରସଙ୍ଗ୍ରାର ଘେନି ପଦ୍ମିଲିପାଲି ଆସିଥିଲେ । ବେଦୀରେ ହୋମ ହୋଇଥିଲା ଓ ଗ୍ରାମବାସୀଙ୍କୁ ଗୋଟିଏ ନିମିତ୍ୟ ଦେବାକୁ ପଡ଼ିଥିଲା । ବନ୍ଧୁବାନ୍ଧବମାନେ ନିମନ୍ତ୍ରିତ ହୋଇ ଆସିଥିଲେ । କିନ୍ତୁ ସୌଖୀନଭାବରେ ଜୀବନ ଅତିବାହିତ କରିବାର ସୁଯୋଗ ମୋତେ ମିଳି ନ ଥିଲା । ଓଡ଼ିଶାରେ ନୂଆ କଲେଜହବୁ ଖୋଲି ନ ଥିଲା, ଓଡ଼ିଆ ଅଧ୍ୟାପକ ଚାକିରୀଟିଏ ପାଇବା ଦୁଷ୍କର ଥିଲା । ଓଡ଼ିଆରେ ନ ପାଇ ସଂସ୍କୃତରେ ଏମ୍.ଏ. ପାସ୍ ଲାଗି ଯତ୍ନ କଲି । ଫଳରେ ସେତେବେଳେ କାମଶାସ୍ତ୍ର, ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ନ ପଢ଼ି ଋକ୍‌ବେଦର ସୂକ୍ତ, ଯାସ୍କଙ୍କ ନିରୁକ୍ତ, ପତଞ୍ଜଳିଙ୍କ 'ମହାଭାଷ୍ୟ', ସିଦ୍ଧାନ୍ତକୌମୁଦୀ, ସାହିତ୍ୟଦର୍ପଣ, ରସଗଙ୍ଗାଧର, ଧ୍ୱନ୍ୟାଲୋକ, ଔଚିତ୍ୟବିଚାର ପ୍ରଭୃତି ମୋତେ ପଢ଼ିବାକୁ ହେଉଥିଲା । ଭାଗ୍ୟର ବିଡ଼ମ୍ବନା ଏ । ପ୍ରୀତିରେ ନୁହେଁ, ବୃତ୍ତିଦାୟରେ ଏହି ପଢ଼ା ବଡ଼ ଅସ୍ୱାଦ୍ୟ ବୋଧ ହେଉଥିଲା । ଏବେ କେତେ ସହଜରେ ଲୋକେ ଓଡ଼ିଆ ଅଧ୍ୟାପକ ହୋଇ ଯାଉଛନ୍ତି । କିନ୍ତୁ ମୋତେ ସେଥିଲାଗି ପାଞ୍ଚବର୍ଷ ଅପେକ୍ଷା କରିବାକୁ ହୋଇଥିଲା, ରୀତିମତ ସଂଗ୍ରାମ କରିବାକୁ ପଡ଼ିଥିଲା । ତଥାପି ସିଧାସଳଖ ଓଡ଼ିଆ ଅଧ୍ୟାପକ ହୋଇପାରିଲି ନାହିଁ, ସଂସ୍କୃତବାଟେ ମୋତେ ଓଡ଼ିଆବିଭାଗରେ ପଶିବାକୁ ହେଲା ।

## ଅଳଙ୍କାର ଚୋରୀ

ଆଶୀର୍ବାଦଘର ପରେ ମୋର ସଂସାରଅନଭିଜ୍ଞା ସ୍ତ୍ରୀକୁ ଘେନି ବିଜିପୁର ପୋଖରୀ ବନ୍ଧ ଉପରେ ଥିବା ଗୋଟିଏ ଭଡ଼ାଘରେ ଆସି ରହିଲି । ଘଟଣାଦିନ ସ୍ତ୍ରୀ ତଳଘରେ ରୋଷେଇ କରୁଥିଲା, ବଡ଼ ପୁତୁରା ଜଗବନ୍ଧୁର ସ୍ତ୍ରୀ ମରି ଯାଇଥିବାରୁ ସେ ଗଞ୍ଜାମରୁ ଗୋଟିଏ ଯୁବତୀ କିଣିଆଣି ଆମ ଘରେ ରଖିଥିଲା । ସେ ସକାଳୁ ତାକୁ ଘେନି ଘରକୁ ଯିବାର କଥା । ସେମାନେ ଆସିବା ଫଳରେ ରୋଷେଇଜଞ୍ଜାଳ ବଢ଼ିଥିଲା । ସ୍ତ୍ରୀ ଉପରଘର ଦୁଆର ପ୍ରତି ମନଯୋଗିନୀ ହୋଇପାରି ନଥିଲେ । ଆମର ହାଡ଼ି ବୋଲି ଗୋଟିଏ ଚାକରାଣୀ ଥିଲା । ଆମେ ତଳଘରେ ଖିଆପିଆ କରୁଥିବାବେଳେ ସେ ସ୍ତ୍ରୀର ଅଳଙ୍କାର ବାକ୍‌ସଟି ଘେନି ଚାଲିଗଲା, ଘରେ ତାକୁ ରଖିଦେଇ ଆମ ଘରେ ପୁଣି ଆସି ପହଞ୍ଚିଲା । ତାକୁ ସନ୍ଦେହ କରିବା ତ ଦୂରର କଥା, ଆମେ ସକାଳ ହେବା ପର୍ଯ୍ୟନ୍ତ ଜାଣି ନ ଥିଲୁ ।

ସକାଳୁ ଯେତେବେଳେ ବାକ୍‌ସ ଖୋଜାହେଲା, ବେଶୀ ଖୋଜିଲା ହାଡ଼ି । 'ମୋ ମାଆର ଅଳଙ୍କାର କିଏ ନେଲା ଲୋ' ବୋଲି କାନ୍ଦବୋବାଳି ପକାଇ ସେ ପୋଖରୀରେ (ଚୋର ନେଇ ହୁଏତ ପକାଇ ଦେଇଥିବ), ବଣବୁଦାରେ, ପଡ଼ିଆରେ ଖୋଜିବାକୁ ଲାଗିଲା । ତା ଆନ୍ତରିକତା ଦେଖି ତାକୁ ଆମେ ସନ୍ଦେହ କଲୁନାହିଁ ।

ଘଣ୍ଟାଏ ଦୁଇ ଘଣ୍ଟା ଖୋଜିଲା ପରେ ହାଡ଼ି ଭଙ୍ଗା ସୁଟ୍‌କେସ୍‌ଟି ପଡ଼ିଆରୁ ଆଣି 'ମୋ ମାଆଲୋ, ସବୁ ତ ନେଇ ଯାଇଛିଲୋ, ମାଆକୁ ଯେ ଦୁଃଖ ଦେଇଛି ତାକୁ

ବାଡ଼ିଠାକୁରାଣୀ ଖାଉଗଲେ' ବୋଲି ସକେଇ କାନ୍ଦିବାକୁ ଲାଗିଲା; ଭଙ୍ଗା ବାକ୍ସଟି ଖୋଲିଲାବେଳକୁ ସେଥିରେ ଗୋଟିଏମାତ୍ର କାନଫୁଲ ଅଛି—ତରବରରେ ନେଇଁ ନେଇଁ ଖେଳ ଦେଖିପାରି ନାହିଁ ।'

ଯାହା ସ୍ତ୍ରୀ ଦେହରେ ପିନ୍ଧିଥିଲେ ତାକୁ ଛାଡ଼ି ସବୁତକ ଗଲା ; ଦୁଇ ହଜାର ଟଙ୍କାର ଅଳଙ୍କାର ; ସୁନା ଭରି ସେତେବେଳେ ପ୍ରାୟ ପଚିଶ ଟଙ୍କା ହୋଇଥିଲା । ମୋ ସ୍ତ୍ରୀ ଚମ୍ପାଫୁଲ ପରି ଦିଶୁଥିବା ଶୁଦ୍ଧ ସୁନାର ଅଳଙ୍କାରମାନ ବନ୍ଧୁବାନ୍ଧବଙ୍କୁ ଦେଖାଉଥିଲା, ବରଂପୁରିଆଣୀ ହାଡ଼ି ପାଟିରୁ ପାଣି ବୋହୁଥିଲା, ସୁଯୋଗ ଉଣ୍ଡୁଥିଲା, ତାହା ପାଇବା ଆଦୌ କଷ୍ଟକର ନ ଥିଲା ।

ପୁଲିସକୁ ଇତଲା ଦେଲୁ , ହାଡ଼ିର ଭାଇ ବନ୍ଧୁବାସକୁ ଯାଇ ସଢ଼ିରେ ସୁନାତକ ଡରଳାଇ ଦେଲା, ସେଥିରୁ କିଛି ପୁଲିସ୍ହାକିମଙ୍କ ଦୁଆରେ ଆଣି ଥୋଇଲା କି ନାହିଁ ଜାଣେ ନା । କିନ୍ତୁ ଆମ ଆଗରେ ବହୁତ ତନ୍ ତୋଫାନ ଦେଖାଇଲେ ବି ସେ କିଛି କଲେନାହିଁ । କିଛିଦିନ ପରେ ଗତାନୁଗତିକ ପୁଲିସ ରିପୋର୍ଟ ପାଇଲୁ—ଜିନିଷପତ୍ରର କୌଣସି ସନ୍ଧାନ ମିଳିଲା ନାହିଁ ।

ଜୀବନରେ ପ୍ରଥମେ ପ୍ରାପ୍ତ ଏହି ସୁନାତକ ମୋତେ ଖେଦ ହେଲାନାହିଁ । 'ଗହଣା ନାଇଲେ ଘୋରେଇ ଗଲ' ଏଇ ତତ୍ତ୍ୱ ବୁଝିବା ଭଳି ବୟସ ବା ବୁଦ୍ଧି ମୋ ସ୍ତ୍ରୀର ହୋଇ ନ ଥିଲା । ମୁଁ ପରେ ଏମ୍. ଏ. ମେଡ଼ାଲରୁ ଦୁଇଟି ଭାଙ୍ଗି ଯତ୍ ସାମାନ୍ୟ ଅଳଙ୍କାର କଲି ; ଗୌରବର ସ୍ଥୂଳ ରୂପକୁ ବିଚୂର୍ଣ୍ଣ କରିବା ଘଟଣା କରୁଣ ହେଲେ ବି ସତ୍ୟ ।

## ଉତ୍କଳସମ୍ମିଳନୀ

୧୯୪୪ରେ ବ୍ରହ୍ମପୁରରେ ଉତ୍କଳସମ୍ମିଳନୀ ହୋଇଥିଲା । ମେଦିନୀପୁରର ଓଡ଼ିଆ ନେତା ଭାଗବତପ୍ରସାଦ ଦାସ ଏଥିରେ ସଭାପତି ହୋଇଥିଲେ । ତାଙ୍କୁ ହାତୀରେ ବସାଇ ବ୍ରହ୍ମପୁର ସହରରେ ପଟୁଆର କରା ହୋଇଥିଲା । ମୁଁ ତାଙ୍କ ପୃଷ୍ଠପଟରେ ହାତୀରେ ବସି ଛତା ଧରିଥିଲି । ସେତେବେଳେ ତୁତୁମା ନୂତନ ଆବିଷ୍କୃତ ହୋଇଥାଏ ; ଆନ୍ଧ୍ରକୁ ଯିବ କି ଓଡ଼ିଶାରେ ରହିବ, ଏହି ପ୍ରଶ୍ନ ସେତେବେଳେ ଗୁରୁତର ; ଓଡ଼ିଶାର ଦାବୀ ପଛରେ ଓଡ଼ିଆ ଜାତିର ଦୃଢ଼ ସମର୍ଥନ ରହିଛି, ଏହା କର୍ତ୍ତାଙ୍କୁ ଜଣାଇବା ଲାଗି ସମ୍ମିଳନୀ ଆହ୍ୱାନ କରା ହୋଇଥାଏ ।

ତୁତୁମାକୁ ନେଇଁ ଆତ୍ମୋତ୍ସର୍ଗ କରିବା ପ୍ରଶ୍ନ କେହି କେହି ନିଆଁଗିଳା ନେତା ଉଠାଉଥାନ୍ତି । ମୁଁ ଚିନ୍ତୁଥାଏ—ଆତ୍ମବଳି ଦେବାର ସାହସ ଥିଲେ ଏ ପ୍ରଦେଶ ବହୁ ଉନ୍ନତ ସ୍ତରକୁ ଉଠି ଯାଆନ୍ତାଣି । ପୋକ ମାଛି ପରି ବନ୍ୟାରେ, ବାତ୍ୟାରେ, ହଇଜାରେ, ଦୁର୍ଭିକ୍ଷରେ ଲୋକେ ମରିବେ; କିନ୍ତୁ ସତ୍କାର୍ଯ୍ୟରେ ଶହୀଦ୍ ହେବେନାହିଁ । ଅବଶ୍ୟ ତୁତୁମାପ୍ରପାତରେ ଏପରି ଲମ୍ଫ ଦେବାରେ କୌଣସି ପୌରୁଷ ନାହିଁ । ଏହା ବୀରତ୍ୱ ନୁହେଁ, ଏକ ଆତ୍ମହତ୍ୟା ବା ଅପମୃତ୍ୟୁ ରୂପେ ପରିଗଣିତ ହେବ ।

ସ୍ୱାର୍ଥତ୍ୟାଗର ଡକରା ଆସିଲାକ୍ଷଣି ସଭାମଞ୍ଚରୁ କିଛି କିଛି ଅର୍ଥଦାନର ପ୍ରତିଶ୍ରୁତି ମିଳିଲା । କିନ୍ତୁ ଆତ୍ମଦାନର କୌଣସି ଘୋଷଣା ଶୁଣାଗଲା ନାହିଁ ।

ନେତାମାନେ ସୁରୁଖୁରୁରେ ନେତାଗିରି ଚଳାଇଲେ—ନେତାଗିରି ଅର୍ଥ ବକ୍ତୃତାରେ ବହୁତ ବଡ଼ ବଡ଼ କଥା କହିବା, ସେଥିରୁ ବିନ୍ଦୁଏ କାର୍ଯ୍ୟରେ ପରିଣତ ନ କରିବା; ସେ ଆତ୍ମତ୍ୟାଗ କଲେ ଦେଶକୁ ନେତୃତ୍ୱ ଦେବ କିଏ ? ସେହିପରି ପ୍ରଶ୍ନ ପ୍ରତ୍ୟେକଙ୍କ ମନରେ ଉଠୁଥିଲା —ମୁଁ ମଲେ କୁଟୁମ୍ବ ପୋଷିବ କିଏ ? ବୃଦ୍ଧ ପିତାମାତାଙ୍କର ସେବାଶୁଶ୍ରୂଷା କରିବ କିଏ ? ନବପରିଣୀତା ସ୍ତ୍ରୀର ସ୍ୱାମୀ ହେବ କିଏ ? ଟୁଙ୍ଗୁଡ଼ିବାଚ୍ଛୁରୀଦଳଙ୍କର ପିତା ହେବ କିଏ ? ଏହିପରି ବହୁ ପ୍ରଶ୍ନ । ପୂଜ୍ୟ ଲକ୍ଷ୍ମୀନାରାୟଣ ସାହୁ ମୋ ପାଖରେ ବସି ମୋତେ ଉସ୍କାଉଥାନ୍ତି—'କହ, ତ୍ରୁଙ୍ଗୁମା ଓଡ଼ିଶାକୁ ନ ଆସିବା ପର୍ଯ୍ୟନ୍ତ ମୁଁ ଚଷମା ପିନ୍ଧିବି ନାହିଁ । ଚଷମାଟି (ସୁନା ଫ୍ରେମ୍ ଦିଆ) ମୁଁ ଦେଶମିଶ୍ରଣପାଣ୍ଠିକି ଦାନ କଲି" ।

କିନ୍ତୁ ଏ ଯୁକ୍ତିକୁ ମୋ ମନ ମାନୁ ନ ଥିଲା, ଅଧ୍ୟାପକ ଜୀବନ ମୋର । ବହୁତ ନ ପଢ଼ିଲେ ପଢ଼େଇବି କେମିତି ? ତ୍ରୁଙ୍ଗୁମା ଓଡ଼ିଶାକୁ ଆସିବ କି ନାହିଁ, ସ୍ଥିର ନାହିଁ । ମୋ ଆଖିଯୋଡ଼ିକ ଖରାପ ହେଲେ ଦେଶମାତୃକାର କି ଉପକାର ହୋଇ ପାରିବ ?

ମାସକୁ ମାତ୍ର ଶହେ ଟଙ୍କା ଦରମା ପାଇ ସେଥିରୁ ୨୫ ଟଙ୍କା ଘରଭଡ଼ା ଦେଇ ବଡ଼ କଷ୍ଟରେ ସଂସାର ଚଳାଉଥିଲି । ଅନ୍ତରରେ ଦାନର ଲିପ୍‌ସା ମୋର ଆଦୌ ନ ଥିଲା । ନୂଆ ହୋଇ ଜୀବନରେ ସୁନା ଟିକିଏ ପାଇଥିଲି । ସେଥିରୁ ଅଧିକାଂଶ ଚୋରୀ ଯାଇଥିଲା । ମୋ ନିକଟରେ ସୁନା ବୋତାମ, ସୁନା ମୁଦି ଓ ଚଷମା ଫ୍ରେମ୍‌ଟିଏ ଥିଲା । ସେତକ ଦେଇ ଦରିଦ୍ରତର ହେବାର ଇଚ୍ଛା ନ ଥିଲା । ସେସବୁ ଯଥାସ୍ଥାନରେ ପହଞ୍ଚି କାର୍ଯ୍ୟରେ ଲାଗିବ—ଏ ବିଶ୍ୱାସ ମଧ୍ୟ ନ ଥିଲା ।

ନେତାମାନଙ୍କ ନୈତିକ ଅଧୋଗତି ନିମ୍ନ ସ୍ତରରେ ପହଞ୍ଚିଥିଲା, ରାଜନୀତି ହୋଇଥିଲା ଏକ ଲାଭଜନକ ବ୍ୟବସାୟ । ସ୍ୱାଧୀନତା ଯେଉଁମାନଙ୍କୁ ଉଚ୍ଚ ଆସନରେ ବସାଇଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆସନର ମର୍ଯ୍ୟାଦା ରକ୍ଷା କରିପାରିଲେ ନାହିଁ । ସ୍ୱାଧୀନତା ପୂର୍ବରୁ ଏହି ଅଧୋଗତି ସ୍ପଷ୍ଟ ନ ହେଲେହେଁ ସଂଶୟର ସୂଚନାମାନ ମିଳିଥିଲା ।

ବ୍ରହ୍ମପୁରରେ ଥିଲାବେଳେ ମୁଁ ଜୟପୁର ଉତ୍କଳସମ୍ମିଳନୀରେ ଯୋଗ ଦେଇଥିଲି । ସେତେବେଳେ 'ସମାଜ' ସମ୍ପାଦକ ରାଧାନାଥ ରଥଙ୍କ ସଙ୍ଗେ ଯାଇ ମାଛକୁଣ୍ଡ ନଦୀ ତ୍ରୁଙ୍ଗୁମା ଦେଖିବାର ସୌଭାଗ୍ୟ ମୋତେ ମିଳିଥିଲା । ଓଡ଼ିଶାର ଗଭର୍ଣ୍ଣର ଦେଖିବେ ବୋଲି ଡୁଡୁମାପ୍ରପାତ ନିକଟରେ ଗୋଟିଏ ଉଚ୍ଚ କାଷ୍ଠ ମଞ୍ଚ ନିର୍ମାଣ କରାଯାଇଥିଲା । ତା ଉପରେ ବସି ଆମେ ତ୍ରୁଙ୍ଗୁମାର ଦୃଶ୍ୟ ଉପଭୋଗ କରିଥିଲୁ; ମୁଁ 'ଡୁଡୁମା' କାବ୍ୟ ଏହି ପ୍ରକାରେ ଆରମ୍ଭ କରିଥିଲି—

ମଞ୍ଚା ପରେ ବସିଅଛି<br>
ଚଉଦିଗ ନୀରବ ନିଶ୍ଚଳ

ଉତ୍କଳସମ୍ମିଳନୀ ପକ୍ଷରୁ ମୋର ତ୍ରୁଙ୍ଗୁମାକାବ୍ୟ ୧୯୪୬ରେ ପ୍ରକାଶ ପାଇଥିଲା । ଶ୍ରୀ ରଥ ଏହି କାବ୍ୟର ମୁଖବନ୍ଧ ଲେଖିଥିଲେ । କିନ୍ତୁ ଦୀର୍ଘ ମୁଖବନ୍ଧରେ ସେ ତ୍ରୁଙ୍ଗୁମାର ଇତିହାସ, କିମ୍ବଦନ୍ତୀ, ପ୍ରକୃତିବର୍ଣ୍ଣନା କରିଥିଲେ ଓ

ଆଦିବାସୀ ରମଣୀମାନଙ୍କ ବିଷୟରେ ଗୋଟିଏ କବିତା ଲେଖିଥିଲେ । ମୋ ସଂପର୍କରେ ସେଥିରେ ଏତିକି ମାତ୍ର ଥିଲା—"ଯେ ଭୀମକାନ୍ତ ଦୃଶ୍ୟ ଯେ ନ ଦେଖିଛି, ସେ କଳ୍ପନା ମଧ୍ୟ କରିପାରିବ ନାହିଁ । ମାତ୍ର କବି କୁଞ୍ଜବିହାରୀ ବୋଧହୁଏ କିଞ୍ଚିତ୍ ପରିମାଣରେ କୁଞ୍ଜବିହାରୀଙ୍କ ଶକ୍ତିସମ୍ପନ୍ନ ହୋଇଥିବାରୁ ସେ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ତାଙ୍କ କବିତୂଳିକା ଚଳାଇବାକୁ ସାହସ କରିଛନ୍ତି" ।

ଡ଼ୁଡ଼ୁମା ଆନ୍ଦୋଳନ ସଂପର୍କରେ ଗୋଟିଏ ଉଦ୍‌ବୋଧକ କବିତା ଛପାରୁ ବାଦ୍ ପଡ଼ିଯାଇଥିଲା । ପାଣ୍ଡୁଲିପିରେ ସେଇଟି ଖୋଜି ପାଇନାହିଁ । ତାର ପଦଟିଏ ମାତ୍ର ମୋର ମନେ ଥିଲା ।

ସିଂହଜାତିକି ପଙ୍ଗୁ କରିବ କିଏ ?
ଖଦ୍ୟୋତ କାହିଁ ସୂର୍ଯ୍ୟ ନିଭାଇ ଦିଏ ?
ନାହିଁ, ନାହିଁ ଆଉ ଡେରି
ପିନ୍ଧି ଇନ୍ଦ୍ରଧନୁର ମୁକୁଟ ଡୁଡୁମା ଆସିବ ଫେରି ।

## ସାହିତ୍ୟିକ ପ୍ରଚେଷ୍ଟା

ବ୍ରହ୍ମପୁର ରହଣି କାଳରେ ମୋର ଦ୍ୱିତୀୟ ପୁସ୍ତକ 'ପାଷାଣ ଚରଣେ ରକ୍ତ' (୧୯୪୫) ବଡ଼ଖେମିଡ଼ିର ରାଜା ଶ୍ରୀ ରାମଚନ୍ଦ୍ର ଅନଙ୍ଗଭୀମଦେବ କେଶରୀ ଗଜପତି ପ୍ରକାଶ କରିଥିଲେ । 'କୃତଜ୍ଞତା'ରେ ମୁଁ ଲେଖିଥିଲି—

"ରାଜାସାହେବଙ୍କ ସାହିତ୍ୟାନୁରାଗ ଅସାଧାରଣ । ସେ ଗୁଣଜ୍ଞ, ଗ୍ରାହକ ଏବଂ ରସିକ; ବର୍ତ୍ତମାନ କାଗଜ ଦୁର୍ଭିକ୍ଷ, ଛପା ଖର୍ଚ୍ଚ ଅତ୍ୟଧିକ; କିନ୍ତୁ ପ୍ରକୃତ ଗ୍ରାହକତା କୌଣସି ଅସୁବିଧା ମାନେନାହିଁ" ।

ପଦଟିଏ କବିତା ମଧ୍ୟ ଉତ୍ସର୍ଗ ପୃଷ୍ଠାରେ ଲେଖିଥିଲି—

'ରିକ୍ତ କବିର ସିକ୍ତ ହୃଦୟ—
ସର ଯା କରୁଣା ବଳେ
'ପାଷାଣ ଚରଣେ ରକ୍ତ' କମଳ
ଅର୍ପେ କୋମଳ କରେ' ।

ମୋର ପ୍ରେରଣାଦାତା ସାହିତ୍ୟିକ ଅନନ୍ତପ୍ରସାଦ ପଣ୍ଡାଙ୍କ ଆଶୀର୍ବାଦ କବିତାଟି ମଧ୍ୟ ଏହି କାବ୍ୟର ଭୂମିକା ରୂପେ ସଂଯୋଜିତ ହୋଇଥିଲା—

"ଉତ୍କଳର କାବ୍ୟକୁଞ୍ଜବିହାରୀ ରସିକ
ପାଷାଣ ଚରଣେ ଦେଖି ରକତ କଣିକା
ଯୁଗଶିଳ୍ପୀ କରେ ଦେଲ ଅମର ତୂଳିକା
ଆଙ୍କିଲ ଅମର ଛବି ଭୂତ ଭବିଷ୍ୟତ
ଜନ୍ମଭୂମି ଜନନୀର ଶୌର୍ଯ୍ୟ ଗରିମା;
ହୃଦୟର ଭାବ ତବ ହୋଇ ଘନୀଭୂତ

ଧରିଛି ଯେ କାବ୍ୟ ରୂପ ସେ ରୂପ ନିହାରି
ଅନ୍ତରେ ଉଠଇ ମୋର ଯେଉଁ ଭାବରାଜି
ସେଇ ଭାବ ଘେନି ଆଜି କରେ ଶୁଭାଶିଷ
ଯୁଗେ ଯୁଗେ ହେଉ ତବ ଲେଖନୀ ଅମର'' ।

ବ୍ରହ୍ମପୁର
୭ । ୧୧ । ୪୪

ଶୁଭାକାଂକ୍ଷୀ,
ଅନନ୍ତପ୍ରସାଦ ପଣ୍ଡା

ତାର ଦୁଇବର୍ଷ ପରେ 'କଳକଲ୍ଲୋଳ' (୧୯୪୬) ପୁସ୍ତକଖଣ୍ଡି ପ୍ରକାଶିତ ହୋଇଥିଲା । ଏହା ବ୍ରହ୍ମପୁର ରହଣି କାଳର ପ୍ରଚେଷ୍ଟାର ଫଳ । ଖଣ୍ଡ କବିତାର ଏହି ସଞ୍ଚୟନ ପ୍ରକାଶ କରିଥିଲେ ଧଳକୋଟର ରାଜାସାହେବ ଶ୍ରୀ ପଦ୍ମନାଭ ସିଂହଦେଓ । ମୁଖବନ୍ଧରେ ମୁଁ ଲେଖିଥିଲି ''ରାଜ ସାହେବଙ୍କ ଅକୁଣ୍ଠିତ ସାହାଯ୍ୟ ଓ ପ୍ରେରଣା ନ ପାଇଥିଲେ କଲ୍ଲୋଳ ଅନ୍ଧକାରରେ ନାଚି ନାଚି କେଉଁ ଅଦୃଶ୍ୟ ବେଳାଭୂମିରେ ଭାଜି ଯାଇଥାନ୍ତା, କିଏ ଜାଣେ'' ? ୧୯୩୯ରୁ ୧୯୪୬ ମଧ୍ୟରେ କଳକଲ୍ଲୋଳ ବିଭିନ୍ନ ସ୍ଥାନରେ ମନର ବିଭିନ୍ନ ଅବସ୍ଥାରେ ରଚିତ ହୋଇଥିଲା ଓ 'ନବୀନ', 'ସହକାର', 'ନବଭାରତ', 'ଶଙ୍ଖ' ପ୍ରଭୃତି ପତ୍ରିକାରେ ଏହାର କେତେକ କବିତା ପ୍ରକାଶ ପାଇଥିଲା ।

ପ୍ରକୃତି ସଂପର୍କରେ ସେତେବେଳେ ମୁଁ ଯେଉଁ ଭାବଧାରଣା 'କଳକଲ୍ଲୋଳ'ରେ ବ୍ୟକ୍ତ କରିଥିଲି, ତଳେ ଉଦ୍ଧାର କଲି ।

''ମୋ ଗ୍ରାମ ନିକଟରେ ପର୍ବତ ନାହିଁ; କିନ୍ତୁ ପର୍ବତ ଦେଖିବାର ମୋହ କାହିଁକି ଯେ ଏତେ ବେଶୀ ମୁଁ ବୁଝିପାରେ ନାହିଁ । ପର୍ବତଆରୋହଣ ଅତି ସୁଖପ୍ରଦ ବୋଧହୁଏ । ସେଥିଲାଗି ମହେନ୍ଦ୍ରର ଗଗନସ୍ପର୍ଶୀ ଶୃଙ୍ଗମାନଙ୍କରେ, ଜୀବନକୁ ବିପନ୍ନ କରି ସାତକୋଶିଆର ନିବିଡ଼ ଅରଣ୍ୟାନୀ ମଧ୍ୟରେ, ତୁଡୁମା ଓ ବାଗ୍ରାର ବ୍ୟାଘ୍ରସଂକୁଳ ଘାଟିମାନଙ୍କରେ, ଭାଲେରି ପର୍ବତର ଶିଖରଦେଶରେ, ତାଳଚେରର ବାରଚଳ, ଗୁମ୍‌ସରର ବୁଢାଖୋଲ, ଓ ବ୍ୟାଘ୍ରୀ ପର୍ବତର ନିବିଡ଼ ବନରେ; ସାନଖେମିଡ଼ିସ୍ଥ ପର୍ବତମାଳାବେଷ୍ଟିତ ତପ୍ତପାଣିରେ, ଜଉଗଡ଼ ନିକଟସ୍ଥ କ୍ଷୁଦ୍ର କ୍ଷୁଦ୍ର ପର୍ବତମାନଙ୍କରେ ଭ୍ରମଣ କରିଛି । ଝାଡ଼େଶ୍ୱର, ନିର୍ମଳନିର୍ଝର, ନାରୟଣୀ ଓ ଚିଲିକାର ଦୃଶ୍ୟ ଚିନ୍ତା କଲାକ୍ଷଣି ସତେ କି ଆଖି ଆଗରେ ନାଚିଯାଏ ! ମୟୂରନୃତ୍ୟର ଛନ୍ଦେ ଛନ୍ଦେ ହୃଦୟ ମୋର ତାଳ ଦେଇଛି । ଶ୍ରାବଣର ବର୍ଷା ଧାରରେ ଅଶ୍ରୁ ଢାଳିଛି, କୁମାର ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ଜୁଆର ସଙ୍ଗେ ସମତାଳରେ ହସି ଉଠିଛି । ପ୍ରକୃତି ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ମୁଁ ।'

''ପ୍ରକୃତିକି ମୁଁ ଭଲ ପାଇଛି ହୃଦୟର ଲହୁ ଦେଇ । ଜୀବନର ସକଳ ଜଞ୍ଜାଳ ମଧ୍ୟରେ ତାହାର କୁହୁକ କାଉଁରୀ ସ୍ପର୍ଶ ମୋତେ ବାଉଳ କରିଛି । କେତେବେଳେ ସ୍ନେହମୟୀ ଜନନୀ ରୂପେ, କେତେବେଳେ କୌତୁକମୟୀ କିଶୋରୀ ସଖୀ ରୂପେ, କେତେବେଳେ ପ୍ରାଣବିମୋହିନୀ ପ୍ରିୟା ରୂପେ, କେତେବେଳେ ଦୁଃଖନାଶିନୀ ଭଗିନୀ ରୂପେ ପ୍ରକୃତି ମୋର ଚିତ୍ତ ବିନୋଦନ କରିଛି । ଅଜାଡ଼ି ଦେଇଛି ଦୁଃଖ, ଅବସାଦ, ନୈରାଶ୍ୟ ସବୁଜସୁନ୍ଦରୀର ଚରଣ ତଳେ, ପାଇଛି ତା'ଠାରୁ ପ୍ରେରଣା, ଆଶା, ଆନନ୍ଦ'' ।

"ଝଞ୍ଜା ରୂପରେ ଶୁଣିଛି ତାର ଗର୍ଜ୍ଜନା, ବଜ୍ର ରୂପରେ ତାର ରୁଦ୍ର ସୁନ୍ଦର ମୂର୍ତ୍ତି, ଭୂକମ୍ପ ରୂପେ ତା'ର ଭୀଷଣ ତାଣ୍ଡବ, ଅଗ୍ନି ଉତ୍ପାତ ରୂପେ ତାର ଗରଳ ଉଦ୍‌ଗୀରଣ ଦେଖିଛି; ପ୍ରକୃତିର ପ୍ରଳୟକାରିଣୀ ଶକ୍ତି ଦେଖି ଡରି ଯାଇନାହିଁ । ଭଲ ପାଇବାରେ ବାଧା ଦେଇନାହିଁ ତାର ଭୀଷଣ କ୍ରୋଧମୂର୍ତ୍ତି ।"

"ମୃଦାରର ସୌନ୍ଦର୍ଯ୍ୟରେ ମୁଗ୍‌ଧ ନୁହେଁ ମୁଁ । ପ୍ରକୃତିର ସଚେତନ, ସଜୀବ ଶକ୍ତି ଚିତ୍ତ ମୋର ଆକର୍ଷଣ କରେ, ସତ୍ୟରୂପିଣୀ, ଶିବରୂପିଣୀ, ସୌନ୍ଦର୍ଯ୍ୟରୂପିଣୀ ପ୍ରକୃତି ସେ; କ୍ଷଣକୁ କ୍ଷଣ ବିଶ୍ୱରଙ୍ଗାଳୟରେ ଦେଖେ ତାର ଯବନିକାର ପରିବର୍ତ୍ତନ ତା ମଧ୍ୟରେ ଯୁଗଯୁଗବ୍ୟାପୀ ମଣିଷର ଅଭିନୟ ।"

## ମହେନ୍ଦ୍ରର ମାୟା

ରାଧାନାଥଙ୍କ 'ଜଗଜ୍ଜନ ମନମୋହିନୀ ମଞ୍ଜୁଷା' ଏବେ ଆନ୍ଧ୍ର ପ୍ରଦେଶରେ — ନାମ ମଣ୍ଡାସା; ଓଡ଼ିଆ ରାଜା ରାଜମଣିଙ୍କ ନଅରରେ ରାତିଟିଏ କଟାଇ ଉତ୍କଳ ସମ୍ମିଳନୀର ସଭ୍ୟବୃନ୍ଦ ଆମେ ଚାଲିଲୁ ମହେନ୍ଦ୍ର ଅଭିମୁଖେ; ପ୍ରାୟ ବିଶ୍ରାମବିହୀନ ସାରଦିନର ଯାତ୍ରା; ମହେନ୍ଦ୍ର ପର୍ବତର ଶିଖରଭାଗରେ ପହଞ୍ଚିଲାବେଳକୁ ଗୋଧୂଳିର ରକ୍ତଚନ୍ଦନ ଲାଗିଛି ଶୃଙ୍ଗେ ଶୃଙ୍ଗେ, ପୂର୍ବଘାଟ ପର୍ବତର ଉଚ୍ଚ ଅନୁଚ୍ଚ ଅଗଣିତ ଶୃଙ୍ଗ —ଅଦୂରରେ ସମୁଦ୍ର, ମହେନ୍ଦ୍ରତନୟା ନଦୀ, ଅରଣ୍ୟାନୀ ଉପରେ ସ୍ୱର୍ଣ୍ଣାଭ ଗୋଧୂଳିପ୍ରବାହ, ବନ୍ୟ କାକଳୀରେ ଦିଗଦିଗନ୍ତ ମୁଖରିତ । ସେଇ ଅଖଣ୍ଡ ସୁବର୍ଣ୍ଣ ବ୍ରହ୍ମାଣ୍ଡ ମଳିନତର ହେଲା ପରେ ମାଡ଼ି ଆସିଲା ଅନ୍ଧକାର ସଙ୍ଗେ ଶୈତ୍ୟର ଏକ ପ୍ରବାହ, ବୃକ୍ଷଲତାକୁ ମର୍ମରିତ କରି । ରାଧାନାଥଙ୍କ ପକ୍ଷରେ ଏହା ଥିଲା 'Yarrow unvisited' ତଥାପି ଏହା ବିଷୟରେ ରାଧାନାଥ ଲେଖିଥିଲେ କାବ୍ୟ । କିନ୍ତୁ ମୁଁ ଦେଖି କିଛି ଲେଖିପାରିଲି ନାହିଁ । ଦେଶ ବିଶ୍ୱର ବହୁ ଦୃଶ୍ୟ ଦର୍ଶନ ପରେ ବି ମହେନ୍ଦ୍ର ମନ ଉପରେ ମାୟା ବିସ୍ତାର କରି ରହିଛି—ସେହି ସୁଦୂର ପ୍ରସାରିତ, କାବ୍ୟକଳାନ୍ୱିତ ଗୋଧୂଳି, ଯାହାର ସୁବର୍ଣ୍ଣ ଦୀପସବୁ ହଠାତ୍ ଯେତେବେଳେ ଜଳିଉଠେ ମନର ଗାଢ଼ତମ ତମସାରେ ।

ପାହାଡ଼ର ଗଡ଼ାଣିରେ ସମ୍ମିଳନୀର ସ୍ମରଣୀୟ ବୈଠକଟିଏ ବସିଥିଲା । ମଧ୍ୟାହ୍ନରେ ଆମେ ତଳକୁ ଓହ୍ଲାଇଥିଲୁ ।

ବ୍ରହ୍ମପୁରରେ ଥିଲାବେଳେ ମୁଁ ମଞ୍ଜୁଷା, ଇଚ୍ଛାପୁର ଓ ଉଦ୍ୟାନଖଣ୍ଡ ଯାଇ ଓଡ଼ିଆ ସଂସ୍କୃତି ପ୍ରଚାର କରିଥିଲି, ମାନ୍ଦ୍ରାଜ ଓଡ଼ିଆ ସମ୍ମିଳନୀର ସଭାପତି ହୋଇଥିଲି । 'ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନଙ୍କୁ ଓଡ଼ିଶାରେ ଚାକିରୀ ମିଳୁ' ଏହି ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ନୀତିଗତ ଭାବେ ଓଡ଼ିଶା ସରକାର ଏହା ଗ୍ରହଣ କରିଥିଲେ ।

## କୃପାସିନ୍ଧୁ ନରେନ୍ଦ୍ର ଦେବ

ଐତିହାସିକ ମଞ୍ଜୁରୀ ରାଜ୍ୟର ନାମକୁ ମାତ୍ର ଉତ୍ତରାଧିକାରୀ ରାଜା, କିନ୍ତୁ ରାଜ୍ୟହୀନ । ତଥାପି ବ୍ରହ୍ମପୁରବାସୀଙ୍କଠାରୁ ରାଜସମ୍ମାନ ସେ ପାଉଥିଲେ; ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ରାଜାଙ୍କ ଇଙ୍ଗିତରେ ପରିଚାଳିତ ହେଉଥିଲା ।

**ରାଜବାଟି ବୋଲି ଯାହା ଥିଲା କେତୋଟି** କୋଠରୀ ମାତ୍ର । **ଗଡଜାତ** ରାଜାମାନଙ୍କ ସ୍ନେହସହାନୁଭୂତିରେ ରାଜବାଟିରେ ଦୀପ ଜଳୁଥିଲା । 'ନବୀନ' ପତ୍ରିକା ସେମାନଙ୍କ ସ୍ତୁତି ଗୀତରେ ଭରା ଥିଲା । ଲେଖା ପ୍ରକାଶରେ ବିଶେଷ ବାଛବିଚାର ନ ଥିଲା; ରାଜସ୍ତୁତି ଓ ବିଜ୍ଞାପନର ସାହିତ୍ୟଲେଖା ଥିଲା ଆନୁସଙ୍ଗିକ । ନବ ସାହିତ୍ୟିକମାନଙ୍କ ପ୍ରତିଷ୍ଠାର ପହିଲି ପାହାଚ ରୂପେ ଏହାର ଭୂମିକାର ସ୍ୱାତନ୍ତ୍ର୍ୟ ଥିଲେ ବି ଜଣେ ସମାଲୋଚକ କହିଥିଲେ—ମାଗଣା ମିଳୁଥିବା 'ନବୀନ'କୁ ମୁଁ ନ ଖୋଲି ଚା ଗରମ କରିବା କାର୍ଯ୍ୟରେ ଲଗାଏ ।

କୃପାସିନ୍ଧୁ ନରେନ୍ଦ୍ର ନିଜେ ସାହିତ୍ୟିକ ନ ଥିଲେ ବି ଥିଲେ ଏକାନ୍ତ ସାହିତ୍ୟ ପ୍ରେମୀ । ବ୍ରହ୍ମପୁରର ସାହିତ୍ୟିକମାନଙ୍କୁ ଏକାଠି କରି ସେ ରୀତିମତେ 'ନବୀନ ସାହିତ୍ୟ ପରିଷଦ'ଟି ଚଳାଉଥିଲେ । ଗଳ୍ପ, କବିତା ଓ ପ୍ରବନ୍ଧାଦି ଏହି ପରିଷଦରେ ପଠିତ ଓ ଆଲୋଚିତ ହେଉଥିଲା । ଆଲୋଚନା ଶେଷରେ ରାଜବାଟିରେ ସାହିତ୍ୟିକ-ମାନଙ୍କୁ ଭୂରି ଭୋଜନ ଦିଆ ହେଉଥିଲା ।

## ଶରତ୍‌ଚନ୍ଦ୍ର ମହାପାତ୍ର

ସେତେବେଳେ ସେ ନିଜ ଘରେ ଗୋଟିଏ ପ୍ରେସ୍ କରି ସାପ୍ତାହିକ 'ଆଶା' ପ୍ରକାଶ କରୁଥିଲେ । ସେ ଦେଶମିଶ୍ରଣଆନ୍ଦୋଳନର ଜଣେ ମୁଖ୍ୟ ନେତା, ସୁଲେଖକ, ସୁବକ୍ତା । କିନ୍ତୁ ଦୁରଭ୍ୟାସରେ ଅପବ୍ୟୟୀ । 'ଆଶା' ଅଳ୍ପକାଳ ପରେ ବନ୍ଦ ହୋଇଗଲା, ପ୍ରେସ୍‌ଟି ଭାଙ୍ଗିଗଲା, ଘୋର ଦାରିଦ୍ର୍ୟ ଓ ଅନାଟନରେ ତାଙ୍କର ଶେଷ ଜୀବନ ଶୋଚନୀୟ ହୋଇଥିଲା ।

## ପଣ୍ଡିତ ଅନନ୍ତ ତ୍ରିପାଠୀଶର୍ମା

ପାରଳାଖେମିଣ୍ଡିର ମହାରାଜାଙ୍କ ସଙ୍ଗେ ଅପଡ଼ ହେବାରୁ ସେ କୋଡ଼ିଏ ଟଙ୍କାର ଟୋଲ୍ ପଣ୍ଡିତ ଚାକିରୀ ଛାଡ଼ି ଚାଲି ଆସିଲେ, ଘରେଇ ଭାବରେ ପରୀକ୍ଷା ଦେଇ ନାଗପୁର ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ସଂସ୍କୃତରେ ଏମ୍. ଏ. ପାସ୍ କଲେ । ସ୍ୱାଧୀନ ଭାବରେ କବିରାଜୀ ବ୍ୟବସାୟ କରି ବିସ୍ତର ସମ୍ପତ୍ତିର ମାଲିକ ହୋଇଥିଲେ । ସେ ସଂସ୍କୃତରେ ଅନର୍ଗଳ ବକ୍ତା, ଓ ସୁଲେଖକ । ବ୍ରହ୍ମପୁର 'ଶିରୋମଣି' ପ୍ରେସ୍‌ରୁ ସେ 'ମନୋରମା' ନାମକ ସଂସ୍କୃତ ପତ୍ରିକା ପ୍ରକାଶ କରିଥିଲେ । ଓଡ଼ିଆ କାବ୍ୟ 'ଲାବଣ୍ୟବତୀ' ଓ ସେକ୍‌ସପିଅରଙ୍କ ନାଟକସବୁ ସଂସ୍କୃତରେ ଅନୁବାଦ କରି ସୁଖ୍ୟାତି ଅର୍ଜନ କରିଥିଲେ । ଆତ୍ମନିର୍ଭରଶୀଳତା ଓ କଠୋର ଅଧ୍ୟବସାୟର ଏକ ପ୍ରତୀକ ଥିଲେ ସେ ।

ସରକାରୀ ଚାକିରୀ ପ୍ରତି ଅନେକଙ୍କ ପରି ମୋର ମୋହ ଥିଲା, ମୁଁ ଅଧ୍ୟାପନା ଅବସରରେ ସଂସ୍କୃତରେ ଏମ୍. ଏ. ପରୀକ୍ଷା ଦେବା ଲାଗି ପ୍ରସ୍ତୁତ ହେଉଥିଲି । ୧୯୪୫ରେ ଖଲ୍ଲିକୋଟ କଲେଜରୁ ଛ'ମାସ ଛୁଟି ନେଇ ମୁଁ କଲିକତା ଯାତ୍ରା କଲି । ଯାଇ ଶ୍ରୀ ଗୋପାଳ ମଲ୍ଲିକ୍ ଲେନ୍‌ର ପୋଷ୍ଟ ଗ୍ରାଜୁଏଟ୍ ମେସ୍‌ରେ ରହିଲି । ସୁପରିଣ୍ଟେଣ୍ଡେଣ୍ଟ ପ୍ରୋଫେସର ମହେଶ୍ୱର ଦାଶ ମୋର ସମସ୍ତ ସୁବ୍ୟବସ୍ଥା କରିଥିଲେ ।

ମୋ ଆଗମନସମ୍ବାଦ ପାଇ କଲିକତା ନେତାମାନେ ଜୁଟିଲେ, ବିଭିନ୍ନ ସଭାସମିତିକୁ ମୋତେ ଟଣାଓଟରା କଲେ । ସେ ପର୍ବ ଶେଷ ହେବା ପରେ ମୁଁ ଧ୍ୟାନସ୍ଥ ହେଲି । ସଂସ୍କୃତ କାବ୍ୟ, ନାଟକ ଓ ସାହିତ୍ୟର ଇତିହାସ ଭଲଭାବେ ପଢ଼ିଥିଲି । କିନ୍ତୁ ବିନା ଗୁରୁରେ 'କାବ୍ୟପ୍ରକାଶ', 'ସାହିତ୍ୟଦର୍ପଣ', 'ରସ ଗଙ୍ଗାଧର', 'ଧ୍ୱନ୍ୟାଲୋକ' ପ୍ରଭୃତି ଅଳଙ୍କାରଗ୍ରନ୍ଥ, ଋକ୍‌ବେଦର ବିଭିନ୍ନ ସୂକ୍ତ, ଯାସ୍କଙ୍କ ନିରୁକ୍ତ, ପାଣିନୀଙ୍କ ସିଦ୍ଧାନ୍ତକୌମୁଦୀ ଆୟତ୍ତ କରିବା ମୋ ପକ୍ଷେ ସମ୍ଭବ ହେଲାନାହିଁ' ।

"ଯାହା ହୋଇନାହିଁ ବାଳ କାଳେ
ତାହା ହେବ ନାହିଁ ପାଚିଲା ବାଳେ" ।

ବାଲ୍ୟକାଳରୁ ବ୍ୟାକରଣ ପ୍ରତି ମୋର ଶ୍ରଦ୍ଧା ନ ଥିଲା । ସଂସ୍କୃତ ଭାଷାରେ ମୁଁ ନିର୍ଭୁଲ ଭାବରେ ଲେଖିପାରୁ ନ ଥିଲି । ଦେବନାଗରୀ ଅକ୍ଷରରେ ଲେଖିବାର ଅଭ୍ୟାସ ବି ମୋର ନ ଥିଲା । ମୁଁ ଓଡ଼ିଆ ଅକ୍ଷରରେ ସଂସ୍କୃତ ଲେଖିଥିଲି ଓ ତାକୁ ପଢ଼ି ନମ୍ବର ଦେବା ଲାଗି ପରୀକ୍ଷକ ଜଣେ ଓଡ଼ିଆ ଅଧ୍ୟାପକଙ୍କ ସାହାଯ୍ୟ ଲୋଡ଼ିଥିଲେ । ଏଥିଲାଗି କଲିକତା ବିଶ୍ୱବିଦ୍ୟାଳୟକୁ କିଛି ଅଧିକ ବ୍ୟୟ କରିବାକୁ ପଡ଼ିଥିଲା ।

ପରୀକ୍ଷାର କିଛିଦିନ ଆଗରୁ ଘନଭାଇନାଙ୍କର ହଠାତ୍ ମୃତ୍ୟୁ ହେଲା । ଅତ୍ୟନ୍ତ ବିଚଳିତ ହେଲେ ବି ମୁଁ ମୁହଁମାଡ଼ି ପଡ଼ିରହିଲି । ଆତ୍ମୋନ୍ନତି ଚିନ୍ତା ଓ ପାରିବାରିକ ଦୁଃଖ ମଧ୍ୟରେ ମନରେ ସଂଘର୍ଷ ଲାଗି ରହିଥିଲା । ଆଖିର ଲୁହ ଶେକି ଖାତାରେ କାଳି ଝରାଇ ଚାଲିଲି । ପାଇଲି ଦ୍ୱିତୀୟ ଶ୍ରେଣୀଟିଏ । ବ୍ୟାକରଣ ଓ ଅଳଙ୍କାରରେ ମୋର ପାସ୍ ମାର୍କ ମାତ୍ର ରହିଥିଲା ।

ଏଇ ସମୟରେ ଗୋଟିଏ ଯୁଗାନ୍ତକାରୀ ଘଟଣା ଘଟିଥିଲା—ଜାପାନର ହୀରୋସିମା ଉପରେ ଆଟମ୍ ବୋମା ମାଡ଼ । ଏଇ ନରହତ୍ୟା ଓ ବିଭୀଷିକା ଅତୀତର ସମସ୍ତ ନୃଶଂସତାକୁ ବଳି ଯାଇଥିଲା । କେତେ ନିରୀହ, ନିଷ୍ପାପ ହଠାତ୍ ମୃତ୍ୟୁମୁଖରେ ପଡ଼ିଥିଲେ । ଯେଉଁମାନେ ବଞ୍ଚିଥିଲେ ସେମାନେ ବଞ୍ଚିଥିଲେ କେବଳ ସହିବାକୁ ଅସହ୍ୟ ମୃତ୍ୟୁଯନ୍ତ୍ରଣା । ଖଣ୍ଡ ଖଣ୍ଡ ହୋଇ ଦେହ ଛିଡ଼ି ପଡ଼ିଥିଲା, ବର୍ଷ ବର୍ଷ ଧରି ତିଳ ତିଳ ହୋଇ ମରିଥିଲେ ସେମାନେ । ସେ କ୍ଷତ ଲାଗି ଔଷଧ ନ ଥିଲା କିମ୍ବା ଚିକିତ୍ସକ ନ ଥିଲେ । ମୃତ ଜୀବନ୍ମୃତ ଅପେକ୍ଷା ଅଧିକ ଭାଗ୍ୟବାନ୍ ବିବେଚିତ ହେଲେ । ନିଶ୍ଚିହ୍ନ ନଗରର ବିକଟ ଦୃଶ୍ୟ ବର୍ଣ୍ଣନା ପଢ଼ି ବିଚଳିତ ହୋଇଥିଲି, ଯେପରି ବିକ୍ଷୋଭିତ ହୋଇଥିଲି ହିଟଲରଙ୍କ ଜିଉସଂହାର ଲୀଳାରେ । ଏହା ହିଁ ଶେଷ ବିକଟତମ ଦୃଶ୍ୟ, ଯୁଦ୍ଧର ମହା ସଂହାରର ଉପସଂହାର ।

## କ୍ଷୁଦ୍ର ଦ୍ୱୀପ ଜାପାନ

କଠୋର ଅଧ୍ୟବସାୟ ବଳରେ ଜାପାନୀମାନେ ନିଜ ଦେଶକୁ ସଭ୍ୟ ଓ ସମୃଦ୍ଧ ଦେଶମାନଙ୍କ ସମାଙ୍କକ୍ଷ କରିଥିଲେ, ଦେଇଥିଲେ ସୁପ୍ତ ଏସିଆ ଓ ଅନ୍ଧକାର

ଆଫ୍ରିକାକୁ ନବଜାଗରଣର ସଂକେତ । କିନ୍ତୁ ବହୁ ଜଳରେ ନଦୀରେ ଯେପରି ବନ୍ୟା ହୁଏ, ସେହିପରି ଧନସମ୍ପଦ ଓ ଔଦ୍ଧତ୍ୟରେ ଜାପାନ ଉଛୁଳି ଉଠି ମାଡ଼ିଯାଇଥିଲା ଚୀନ୍ ଓ ଅନ୍ୟାନ୍ୟ ଦେଶକୁ । ହେବାକୁ ଚାହିଁଥିଲା ବ୍ରିଟାନିଆ ପରି ଏକ ବିରାଟ ଭୂଖଣ୍ଡର ଜମିଦାର, ବହୁ ଦେଶର ହର୍ତ୍ତା, କର୍ତ୍ତା, ଭାଗ୍ୟବିଧାତା । ସେହି ଦୁରକାଂଖା ହିଁ ତାର କାଳ ହେଲା । ଜାପାନ କଚ୍ଛପ ପରି ନିଜର ପ୍ରସାରିତ ପଦ ସଂକୁଚିତ କରି ଆଣିଲା, ବହୁ ବିକଟ ଧ୍ୱଂସଲୀଳା ପରେ ।

ଯେଉଁ ମାର୍କିନ୍ ଜାପାନ ଉପରେ ଆଟମ୍ ବୋମା ପକାଇ ଥିଲା ସେ ପାଗଳ ହୋଇଗଲା । ମୁଁ ଯୁଦ୍ଧର ଶେଷ ଦୃଶ୍ୟର ଅଭିନୟ କାଳରେ ଲେଖିଥିଲି ଗୋଟିଏ ଗଦ୍ୟ କବିତା, ସେଇଟି ରୁଚିକର ବୋଧ ନ ହେବାରୁ ପରବର୍ତ୍ତୀ କାଳରେ ଲେଖିଲି—'ଗୋଟାଏ ପ୍ରଶ୍ନ, ନିର୍ବାକ୍ ନିର୍ଜ୍ଜନ ଅମାବାସ୍ୟାର'; ଏତେ ବଡ଼ ଭୟଙ୍କର ସ୍ମୃତିକୁ ଜୀବନ୍ତ କରି ନ ରଖିବା କବି ପକ୍ଷରେ ଏକ ମାରତ୍ମକ ଅପରାଧ ବୋଲି ବିଚାରି ।

## ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

ଏଇ ସମୟର ଗୋଟିଏ ବଡ଼ ମର୍ମଦାହୀ ଘଟଣା—ଗୋପାଳଚନ୍ଦ୍ର ପ୍ରହରାଜଙ୍କ ମୃତ୍ୟୁ (୧୬।୫।୧୯୪୫) । ସେ ପ୍ରାକୃତିକ ଭାବେ ମରି ନ ଥିଲେ, ତାଙ୍କୁ ବିଷ ପ୍ରୟୋଗ କରି ମାରିଦିଆ ହୋଇଥିଲା ।

ସତେଇଶ ବର୍ଷ କାଳ ଶ୍ରମ କରି ଓଡ଼ିଆ ଭାଷାର କୋଣାର୍କ ଯେ ଗଢ଼ିଥିଲେ, ତାଙ୍କ ସ୍ମୃତିରକ୍ଷା ଲାଗି ଏ ଜାତି କିଛି କରି ନ ଥିଲା । ଅଭିଯୁକ୍ତ ନାମରେ ନାମକୁ ମାତ୍ର ମକଦ୍ଦମାଟିଏ କରାହୋଇଥିଲା, ବରଂ ଆସାମୀକୁ ଖଲାସ୍ କରିବାର ବ୍ୟବସ୍ଥା ହୋଇଥିଲା । କିନ୍ତୁ ଘୋର ଦାରିଦ୍ର୍ୟ ଓ ଅବହେଳାରେ ତାଙ୍କୁ ଦୈବଦଣ୍ଡ ଭୋଗ କରିବାକୁ ହୋଇଥିଲା । ମୃତ୍ୟୁ ପରେ ପ୍ରହରାଜଙ୍କ ଭାଷାକୋଷ ଠଙ୍ଗା ମୂଲ୍ୟରେ ବିକ୍ରୀ ହୋଇଗଲା । ଆଧୁନିକ ଯୁଗରେ ଉତ୍କଳୀୟ ଅଧ୍ୟବସାୟର ଶ୍ରେଷ୍ଠ ନମୁନା, ସାତ ଖଣ୍ଡରେ ଦୁଇଲକ୍ଷ ଟଙ୍କା ବ୍ୟୟରେ ଛପା 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଏକ ଅତୁଳନୀୟ ଭାଷାକୀର୍ତ୍ତି । ଅସାଧ୍ୟ ସାଧକ ଗୋପାଳଚନ୍ଦ୍ରଙ୍କୁ ଓଡ଼ିଶା ବର୍ଷକେ ମୁହୂର୍ତ୍ତେ ହେଲେ କୃତଜ୍ଞତା ସହିତ ସ୍ମରଣ କରେନାହିଁ । ତାଙ୍କ ବାସଗୃହ ଭାଷାର ଏକ ଗବେଷଣା ମନ୍ଦିରରେ ଏ ପର୍ଯ୍ୟନ୍ତ ପରିଣତ ହୋଇପାରି ନାହିଁ ।

ମୁଁ ରାଞ୍ଚୀରେ ଥିଲାବେଳେ ଆତ୍ମଜୀବନ ଚରିତ ରଚନା ଲାଗି ଶ୍ରୀ ପ୍ରହରାଜଙ୍କୁ ଅନୁରୋଧ କରିଥିଲି । ମୋ ଅନୁରୋଧର ସେପରି କିଛି ଓଜନ ନ ଥିଲା । ଯାହାହେଉ, ଶ୍ରୀ ପ୍ରହରାଜ ଅପୂର୍ଣ୍ଣ ଆତ୍ମଜୀବନଚରିତଟିଏ ଛାଡ଼ି ଯାଇଛନ୍ତି, 'ପୂଜ୍ୟପୂଜା ସଂସଦ୍' ୧୯୭୦ରେ ଏହାକୁ ପ୍ରକାଶ କରିଅଛି ।

## ଶ୍ରୀ ଶଶିଭୂଷଣ ରାୟ

ଖଲ୍ଲିକୋଟ କଲେଜର ସାଂସ୍କୃତିକ ଉତ୍ସବକୁ ତାଙ୍କୁ ନିମନ୍ତ୍ରଣ କରିଥିଲି; ଷ୍ଟେସନରୁ ପାଛୋଟି ଆଣିବାରେ ବିଳମ୍ବ ହୋଇଗଲା । ପ୍ଲାଟ୍‌ଫର୍ମରେ ପଦ ଚାରଣା

କରୁ କରୁ ମୋତେ ଦେଖି କ୍ରୋଧରେ ଥରୁ ଥରୁ ଏତିକି ମାତ୍ର କହିଲେ—'ଏମିତି ବରଡ଼ା ପତ୍ର ନିଆଁ ଢେର ଦେଖିଛି' । ଅର୍ଥାତ୍ ମୋ ଉତ୍ସାହଟା ଏକାନ୍ତ କ୍ଷଣିକ, ଫାଉଁକିନେ ଜଳିଉଠେ, ଫୁତ୍ କରି ଲିଭିଯାଏ ।

'ମାରନା ମୁଁ ମଲିଣି' ଅବସ୍ଥା ମୋର ହୋଇଥିଲା, ମହାନ୍ ସାହିତ୍ୟିକଙ୍କ ଗାଳିକୁ ଠାକୁରଙ୍କ ପାଦୁକ ପରି ମୁଁ ଗ୍ରହଣ କଲି । ସୁଧୀର ଭର୍ତ୍ସନା ମୂର୍ଖର ସ୍ତୁତିଠାରୁ ମହତ୍ତର ।

ଶଶୀବାବୁ ମୋର ଚିରନମସ୍ୟ ଥିଲେ । ତାଙ୍କ ଲେଖା ଅପେକ୍ଷା ଖିଆଲକୁ ମୁଁ ଅଧିକ ମୂଲ୍ୟ ଦେଉଥିଲି । ମହାନଦୀର କଲ୍ଲୋଳଘେରା, ଧବଳେଶ୍ୱରପାହାଡ଼ର ପ୍ରଶାନ୍ତିନିଳୟରେ ତାଙ୍କର ବାସ, ଉଲଗ୍ନ ଓ ପରିପୂର୍ଣ୍ଣ ପ୍ରକୃତିର ଆରାଧନା, 'ନରାଜ' ପାହାଡ଼ରୁ ତପ୍ତ ବାଲୁକାରେ ନଗ୍ନ ପାଦରେ ଢାଳେଣି ଘେନି ଆସୁଥିବା ଶ୍ରମିକମାନଙ୍କୁ ପାଦୁକା ବିତରଣ ପ୍ରଭୃତି ବହୁ ଖିଆଲ ତାଙ୍କର ଥିଲା, ପ୍ରକୃତିର ଅଳ୍ୟଳ ଦୁଲାଳ ଥିଲେ ସେ । ଉଷା, ସନ୍ଧ୍ୟା ଓ ଚନ୍ଦ୍ରିକାରେ ଉତ୍କଳପ୍ରକୃତିର ରୂପଶ୍ରୀ ଧ୍ୟାନସ୍ତିମିତ ଲୋଚନରେ ଅନ୍ତରାତ୍ମାରେ ସେ ଉପଭୋଗ କରିଥିଲେ । ତାଙ୍କ ପିତା କବିବର ରାଧାନାଥ 'ଜଟିଆ' ପାହାଡ଼ର ପାଦଦେଶରେ କୁଟୀର ନିର୍ମାଣର ସ୍ୱପ୍ନ ମାତ୍ର ଦେଖିଥିଲେ । ଭାଗ୍ୟ ରୁଚିର ଅନୁକୂଳ ହୋଇ ପାରିଲା ନାହିଁ । କିନ୍ତୁ କବିବରଙ୍କ ପ୍ରାଣର ଆଦର୍ଶକୁ କାର୍ଯ୍ୟରେ ପରିଣତ କଲେ ଯୋଗ୍ୟ ପୁତ୍ର ଶଶିଭୂଷଣ, ଧବଳେଶ୍ୱରରେ 'ପ୍ରଶାନ୍ତିନିଳୟ' ରଚନା କରି; ତାଙ୍କ ମୃତ୍ୟୁପରେ ଏ ଗ୍ରାହକହୀନ ଦେଶରେ ଏବେ ଏହା ସର୍ପବିଳରେ ପରିଣତ ହୋଇଅଛି ।

ଜଣେ ଦରିଦ୍ର ଓଡ଼ିଆର ଏ ରାଜକୀୟ ଓ କାବ୍ୟିକ ଖିଆଲ ଗର୍ବର ବସ୍ତୁ । ଊନବିଂଶ ଶତାବ୍ଦୀରେ ରଚିତ ତାଙ୍କ 'ଦାକ୍ଷିଣାତ୍ୟଭ୍ରମଣ' ମୋତେ ବିଶ୍ୱପ୍ରକୃତିର ବିସ୍ତୃତ କୋଳରେ ଯାଯାବର ହେବା ଲାଗି ଉତ୍ସ ଯୋଗାଇଥିଲା ।

ଏହାର କିଛିଦିନ ପରେ ଶଶୀବାବୁ ବାର୍ଦ୍ଧକ୍ୟ ଓ ବ୍ୟାଧି ଯୋଗୁଁ ଅଚଳ ହୋଇ ପଡ଼ିଥିଲେ । ତାଙ୍କ ଲେଖନୀ କିନ୍ତୁ ଅବିଶ୍ରାନ୍ତ, ଅକ୍ଲାନ୍ତ, ତାଙ୍କର ସେଇ ଅବସ୍ଥାରେ ମୁଁ ଲେଖିଥିଲି—

'ଗୋଟିଏ ଆଖି ଗଲାଣି ଲିଭି
ଆଉ ଗୋଟିଏ ଅସ୍ତ ପ୍ରାୟ
ତଥାପି ତୁମ କଲମ ଚାଲେ
ସ୍ୱାଗତ ଶଶିଭୂଷଣ ରାୟ ।'

ଏ କବିତାଟି 'ଝଙ୍କାର'ରୁ ପଢ଼ି ଥରା ହାତରେ ଶଶୀବାବୁ ମୋ ନିକଟକୁ ଖଣ୍ଡିଏ ପତ୍ର ଲେଖିଥିଲେ । ଜୀବନର ବହୁ ଉପାଦେୟ ଉପାଦାନ ପରି ସେ ପତ୍ରଖଣ୍ଡି ହଜିଯାଇଛି ।

ତାଙ୍କର ରାଶି ରାଶି ପାଣ୍ଡୁଲିପି ଆଜି ପାଣ୍ଡୁର । ମନେହୁଏ—ପୂଜ୍ୟ-ପୂଜାରେ ବହୁ ବ୍ୟତିକ୍ରମ ହୋଇ ଯାଇଛି । ସାମୟିକ ଭାବେ ପୂଜ୍ୟପୂଜାରେ ଉତ୍ସାହୀ ତରୁଣତରୁଣୀଙ୍କୁ ଆଙ୍ଗୁଠି ଦେଖାଇ ତାଙ୍କ ଅତୃପ୍ତ ଆତ୍ମା ସ୍ୱର୍ଗରୁ କହୁଥିବ—ଏ ସବୁ ବରଡ଼ାପତ୍ର ନିଆଁ ।।

## ସଂସ୍କୃତବିଭାଗର ସୁପରିଣ୍ଟେଣ୍ଡେଣ୍ଟ

ସଂସ୍କୃତରେ ଏମ୍. ଏ ପାସ୍ କଲାପରେ ୧୯୪୬ ଯାନୁୟାରୀ ମାସରେ ମୁଁ ସରକାରୀ ଚାକିରୀ ପାଇଲି; ପଛିଲେ ସଂସ୍କୃତବିଭାଗର ଇନ୍ସପେକ୍ଟର ଓ ତିନି ମାସ ପରେ ସୁପରିଣ୍ଟେଣ୍ଡେଣ୍ଟ ହେଲି । ପଣ୍ଡିତ ନୀଳକଣ୍ଠ ଏ ସମ୍ବାଦ ଶୁଣି କହିଲେ—ତୁମ ପରି ସର୍ଜନଶୀଳ ବ୍ୟକ୍ତିକୁ ଏ ନ ଯୋଗାଏ । ଖୁବ୍ ହେଲେ ଗୋଟିଏ 'କିଶୋରୀମୋହନ ଦ୍ୱିବେଦୀ' ହୋଇ ପାରିବ ।

କିଶୋରୀବାବୁ ସଂସ୍କୃତରେ ସୁବକ୍ତା, ସୁପଣ୍ଡିତ, ସଚ୍ଚରିତ୍ର ଓ ଜଣେ ଆଦର୍ଶ ବ୍ୟକ୍ତି । ପଣ୍ଡିତମହଲରେ ଲୋକପ୍ରିୟ ଓ ସଜ୍ଜନ ଭାବେ ସର୍ବତ୍ର ସମ୍ମାନିତ । ଦୀର୍ଘ କାଳ ସଂସ୍କୃତବିଭାଗରେ ରହି ସେ ସଂସ୍କୃତଶିକ୍ଷା ଓ ଶିକ୍ଷକର ପ୍ରତୀକ ହୋଇଥିଲେ । କିନ୍ତୁ ତାଙ୍କର କିଛି ସାହିତ୍ୟିକ କୃତି ନ ଥିଲା । ତେଣୁ ପଣ୍ଡିତଜୀଙ୍କର ଏ ଶ୍ଳେଷ । ସଂସ୍କୃତର ଜଡ ଭୂମିରେ ଯେପରି ଆତ୍ମସତ୍ତା ନ ହରାଏ, ବିଦ୍ୟା ଯେପରି ପୁଷ୍ପଫଳପ୍ରସୂ ହୁଏ, ମୋ ପ୍ରତି ତାଙ୍କର ସତର୍କ ନିର୍ଦ୍ଦେଶ ଥିଲା ।

ଉତ୍ତରପ୍ରଦେଶର ବାରଣାସୀ ପରି ପୁରୀ ଓଡ଼ିଶାରେ ସଂସ୍କୃତଚର୍ଚ୍ଚାର କେନ୍ଦ୍ର ଥିଲା । ସଂସ୍କୃତବିଭାଗର ଇନ୍ସପେକ୍ଟରଙ୍କ ଅଫିସ ପୁରୀ ଜିଲ୍ଲା ସ୍କୁଲ ଛାତ୍ରାବାସର ତିନିଗୋଟି କୋଠରୀରେ ଅବସ୍ଥାପିତ ହୋଇଥିଲା । ଅଫିସରେ ତିନି ଜଣ କିରାନୀ ଥିଲେ, ସେମାନଙ୍କ ମଧ୍ୟରୁ ଦି ଜଣ ପଣ୍ଡିତ; ସେମାନେ ସାହିତ୍ୟାଚାର୍ଯ୍ୟ ଉପାଧି ଲାଭ କରିଥିଲେ; ଅଫିସ୍ କାର୍ଯ୍ୟ ଚଳାଇବା ଭଳି ଇଂରାଜୀଜ୍ଞାନ ମଧ୍ୟ ସେମାନଙ୍କର ଥିଲା । ଅଫିସରେ ଦୁଇଜଣ ପିଅନ ଥିଲେ; ସେମାନଙ୍କ ମଧ୍ୟରେ ବୟସ୍କତର ବ୍ୟକ୍ତିର ନାମ କୃଷ୍ଣ; ସେ ଯୌବନବୟସରେ ନନ୍ଦକିଶୋର ବଳଙ୍କ ପିଅନ ଥିଲା ।

ହାକିମଙ୍କ ଲାଗି ସ୍ୱତନ୍ତ୍ର କୋଠରୀରେ ଗୋଟିଏ ଗଦିପକା ଚୌକୀ ଥିଲା । ସେଠି ବସି ମୁଁ ଦୈନିକ ଦୁଇତିନି ଘଣ୍ଟା ଅଫିସ୍ କାମ କରୁଥିଲି, କିନ୍ତୁ ସଂସ୍କୃତ ଟୋଲ୍ ପରିଦର୍ଶନ ମୋର ମୁଖ୍ୟ କାର୍ଯ୍ୟ ଥିଲା ।

ସଂସ୍କୃତ ଅନୁଷ୍ଠାନ ତିନି ଭାଗରେ ବିଭକ୍ତ ଥିଲା—କଲେଜ, ମଧ୍ୟମା ପର୍ଯ୍ୟନ୍ତ ଥିବା ଟୋଲ୍ ଓ ସଂସ୍କୃତ ପାଠଶାଳା । ଟୋଲ୍ ଓ ପାଠଶାଳାର ଗୃହ ଗ୍ରାମ୍ୟ ପ୍ରାଥମିକ ସ୍କୁଲ ଗୃହଠାରୁ ଉନ୍ନତତର ନ ଥିଲା । ଛାତ୍ରସଂଖ୍ୟା ସ୍ୱଳ୍ପ; ପ୍ରୀତି ବା ଶ୍ରଦ୍ଧାରେ କେହି ସଂସ୍କୃତ ପଢ଼ିବାକୁ ଆସୁ ନ ଥିଲେ; ଯେଉଁମାନଙ୍କର ଇଂରାଜୀ ସ୍କୁଲରେ ପଢ଼ିବା ଭଳି ଆର୍ଥିକ ଅବସ୍ଥା ନ ଥିଲା ସେମାନେ ସଂସ୍କୃତ ପଢ଼ୁଥିଲେ । ଚାକିରୀ ସେଇ ଶିକ୍ଷାର ଉଦ୍ଦେଶ୍ୟ ଥିଲା । ମନ୍ଦିର, ମଠ, ଟ୍ରଷ୍ଟ ଫଣ୍ଡ ବା ସାଧାରଣ ଚାନ୍ଦାରୁ ଛାତ୍ରମାନଙ୍କର ଖାଦ୍ୟପେୟ ଖର୍ଚ୍ଚ ଉଠୁଥିଲା, ଘରଭଡ଼ା ବା ଦରମା ଦେବାକୁ ପଡୁ ନ ଥିଲା—ଅର୍ଥାତ୍ ସଂସ୍କୃତଶିକ୍ଷା ମାଗଣାକୁ ମହରଗ ଥିଲା । ଅଧିକାଂଶ ଛାତ୍ର ଦରିଦ୍ର ବ୍ରାହ୍ମଣ ପରିବାରରୁ ଆସୁଥିଲେ । ସଂସ୍କୃତ ଶିକ୍ଷା ଲାଭ ସେମାନଙ୍କର ଏକ ପ୍ରତିଷ୍ଠିତ ପରମ୍ପରା ହୋଇ ଯାଇଥିଲା । ଶ୍ରାଦ୍ଧ, ତର୍ପଣ, ସନ୍ଧ୍ୟା, ଗାୟତ୍ରୀ, ପୂଜାମନ୍ତ୍ର, ଉପନୟନ ବିବାହ, ଯଜ୍ଞ, ହୋମ, ଗୃହପ୍ରତିଷ୍ଠା, ଗ୍ରହଶାନ୍ତି, ବିଭିନ୍ନ ସଂସ୍କାର ଓ ମୃତାହ କ୍ରିୟା ଲାଗି ସଂସ୍କୃତଶିକ୍ଷା କେତେକଙ୍କ ପକ୍ଷେ ଅପରିହାର୍ଯ୍ୟ ଥିଲା ।

ପୁରୀ ସଂସ୍କୃତ କଲେଜର ଅଧ୍ୟକ୍ଷ ପଦ ଜଣେ ବ୍ରାହ୍ମଣର ଅନନ୍ୟ ପ୍ରାପ୍ୟ ଥିଲା । କାବ୍ୟ, ନ୍ୟାୟ, ଜ୍ୟୋତିଷ, ଦର୍ଶନ ପ୍ରଭୃତି ଯାବତୀୟ ବିଷୟର ଅଧ୍ୟାପକମାନେ ବ୍ରାହ୍ମଣ ଥିଲେ । ବ୍ରାହ୍ମଣ ପଣ୍ଡିତ ଅବ୍ରାହ୍ମଣ ଅଧ୍ୟକ୍ଷଙ୍କୁ ନମସ୍କାର କରିବା (ଅନ୍ୟସବୁ ବିଷୟରେ ଚଳୁଥିଲେ ମଧ୍ୟ) ଅବିଧେୟ ବିବେଚିତ ହେଉଥିଲା । ସରକାର ଏହି ପ୍ରଥା ମାନି ନେଇ ଯେପରି କି ଜଣକ ପରେ ଜଣେ ବ୍ରାହ୍ମଣ ଅଧ୍ୟକ୍ଷ ନିଯୁକ୍ତ କରି ଆସୁଥିଲେ । ଶ୍ରୀମତୀ କେତକୀ ନାୟକ ଅଧ୍ୟକ୍ଷା ହେବାପରେ ସେ ପ୍ରଥା ଭାଙ୍ଗିଛି । ଅବଶ୍ୟ ସେ କାହାର ନମସ୍କାରକୁ ଅପେକ୍ଷା ନ କରି ଆଗେ ନମସ୍କାର କରି ଦିଅନ୍ତି । ତେଣୁ ବ୍ରାହ୍ମଣ ପଣ୍ଡିତଙ୍କ ଉତ୍ତୁଙ୍ଗ ଅଭିମାନ ଉପରେ ଆଞ୍ଚ ଆସେ ନାହିଁ ।

ପୁରୀ କଲେଜ ଛଡ଼ା ସେତେବେଳେ ବାରିପଦା ସଂସ୍କୃତକଲେଜଟି ଉଚ୍ଚ ସ୍ତରର ଥିଲା । ବଲାଙ୍ଗିର ସଂସ୍କୃତକଲେଜ ମୋ ସମୟରେ ମଞ୍ଜୁର ହୋଇଥିଲା । ପ୍ରଖ୍ୟାତ ପଣ୍ଡିତ ମଧୁସୂଦନ ମହାପାତ୍ର ଅଧ୍ୟକ୍ଷ ପଦରୁ ଯିବା ପରେ ପାରଳା-ଖେମିଡ଼ି ସଂସ୍କୃତ କଲେଜର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା । ଉତ୍ସାହୀ ପଣ୍ଡିତ ବେଣୀମାଧବ ପାଢ଼ୀ ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଲା ପରେ ଅନୁଷ୍ଠାନଟି ମୃତ୍ୟୁମୁଖରୁ ରକ୍ଷା ପାଇଲା ।

ସଂସ୍କୃତ ଛାତ୍ର ପ୍ରାଚୀନ ଗୁରୁକୁଳ ଶିକ୍ଷାକୁ ଅନୁକରଣ କରୁଥିଲେ । ସେମାନେ ଶାନ୍ତଶିଷ୍ଟ, ଭଦ୍ର ଓ ବିନୟୀ ଥିଲେ; ସେମାନଙ୍କ ସେବା ଯୋଗୁଁ ଦରିଦ୍ର ପଣ୍ଡିତଙ୍କ ସାମାଜିକ ସ୍ଥିତି ସମ୍ଭ୍ରମପର ହୋଇଥିଲା । କିନ୍ତୁ ସେମାନଙ୍କ ସାଧାରଣଜ୍ଞାନ ନିତାନ୍ତ ଦୟନୀୟ ଥିଲା; ସେମାନେ ଭୂଗୋଳ, ଇତିହାସ, ବିଜ୍ଞାନ ପଢ଼ି ନ ଥିଲେ, ସମ୍ବାଦପତ୍ର ବି ପାଠ କରୁ ନ ଥିଲେ । 'ଡଡ଼ମା' କଣ ପଚାରିବାରୁ ଜଣେ ଛାତ୍ର କହିଲା—ଗୋଟିଏ ଜଳଜନ୍ତୁ । ଛାତ୍ରମାନଙ୍କ ମଧ୍ୟରେ ଘୋଷବନ୍ତ ହିଁ ବଳବନ୍ତ ଥିଲେ । 'ଅମରକୋଷରୁ 'ସିଦ୍ଧାନ୍ତକୌମୁଦୀ' ଓ କାବ୍ୟ ନାଟକର ଶ୍ଲୋକସବୁ ଘୋଷି ଘୋଷି ସେମାନେ ପାଣି କରି ଦେଉଥିଲେ । କାବ୍ୟର ରସ, ଧ୍ୱନି, ଅଳଙ୍କାରପ୍ରୟୋଗ, ଗୁଣ, ଦୋଷ ସେମାନେ ଜାଣିଥିଲେ; କିନ୍ତୁ ସମାଲୋଚନାର ଐତିହାସିକ ଓ ତୁଳନାତ୍ମକ ରୀତି ସେମାନଙ୍କୁ ଜଣା ନ ଥିଲା; କାଳିଦାସ କାହିଁକି ଶ୍ରୀହର୍ଷ ବା ମାଘଙ୍କଠାରୁ କବିତ୍ୱରେ ଶ୍ରେଷ୍ଠତର ସେମାନେ କହି ପାରୁ ନ ଥିଲେ କିମ୍ବା ପଣ୍ଡିତମାନେ ସେହି ରୀତିରେ ପଢ଼ାଇ ଶିଖି ନ ଥିଲେ । ଭବଭୂତି କିଏ ପଚାରିଲେ ତାଙ୍କର କେତେକ ଶ୍ଲୋକମାତ୍ର ଆବୃତ୍ତି କରିପାରୁ ଥିଲେ, ବିଶ୍ୱକବିମଣ୍ଡଳୀରେ କାହିଁକି ସେ ଉଚ୍ଚ ସ୍ଥାନର ଅଧିକାରୀ ହୋଇପାରିଛନ୍ତି, ତାହା କହିବା ଛାତ୍ରଙ୍କ ଶକ୍ତିର ବହିର୍ଭୂତ ଥିଲା । ଟୋଲରୁ ଜଣେ ଜଣେ ସର୍ବଜ୍ଞ ବା ଏକବିଦ୍ୟାନିପୁଣ ସାଧାରଣଜ୍ଞାନଶୂନ୍ୟ ପଣ୍ଡିତ ବାହାରୁଥିଲେ । 'ବିଦ୍ୟା ଦଦାତି ବିନୟମ୍' ଛାତ୍ରଙ୍କୁ ପଢ଼ାଇଲେ ମଧ୍ୟ ସେ ନିଜେ ହୋଇଥିଲେ ଅହଙ୍କାରର ଏକ ଅବତାର ।

ଟୋଲରେ ଚୌକୀ, ବେଞ୍ଚର ବ୍ୟବହାର ନ ଥିଲା । ଗୁରୁଜୀ ତକିଆରେ ଭରଦେଇ ଗଦି ଉପରେ ଓ ଛାତ୍ର ତାଳପତ୍ର ପଟିରେ ବସୁଥିଲେ । କେହି ବିଡ଼ି ବା ସିଗାରେଟ୍ ଖାଉ ନ ଥିଲେ, କିନ୍ତୁ ନସ୍ୟ ଓ ଭାଙ୍ଗର ବ୍ୟବହାର ଯଥେଷ୍ଟ ଥିଲା ।

ଗଞ୍ଜାମ ଜିଲ୍ଲା ଛଡ଼ା ଅନ୍ୟତ୍ର ଉତ୍ତମ ରାସ୍ତାଘାଟ ନ ଥିଲା, ବସ୍ ଯାତାୟାତ କରୁ ନଥିଲା । ତେଣୁ ଚାଲି ଚାଲି ଟୋଲ୍ ସବୁ ଦେଖିବାକୁ ଯାଉଥିଲି । ଗଣ୍ଡିଲି ବା ବିଚ୍ଛଣା ମୁଣ୍ଡେଇ ପଛରେ ପିଅନଟି ଚାଲିଥିଲା । ଘୋର ଦୁରବସ୍ଥାରେ ଥାଇ ମଧ୍ୟ ଗ୍ରାମବାସୀଙ୍କ ସହଯୋଗରେ ପଣ୍ଡିତମାନେ ଉତ୍ତମ ଅତିଥିଚର୍ଚ୍ଚା କରୁଥିଲେ ।

ପଦବ୍ରଜରେ ଯାଇ ମୁଁ ବିରୂପା ନଦୀ ତୀରବର୍ତ୍ତୀ କବି ନନ୍ଦକିଶୋରଙ୍କ ଗ୍ରାମ କୃଷ୍ଣପୁରର ଦୃଶ୍ୟ ପ୍ରାଣ ଭରି ପାନ କରିଥିଲି, କବିତା ମାଧ୍ୟମରେ ତାହା ଆଗରୁ ମୋର ମର୍ମଗତ ହୋଇଥିଲା; ଏବେ ତାକୁ ସ୍ଥୂଳ ରୂପରେ ଦେଖିଲି ମାତ୍ର ।

ଗୋବରୀ ନଈ ବଢ଼ିଥିଲା, ରତ୍ନଗିରି ଦେଖିବା ଲାଗି ମୋତେ ପ୍ରାୟ ଛାତିଏ ପାଣିରେ ପଶି ଯିବାକୁ ହୋଇଥିଲା, ଅଳତିଗିରିରେ ଗୋଟିଏ ଗଛ। ଚନ୍ଦନ ବୃକ୍ଷ ଦେଖିଥିଲି । ନଳତି ଗିରିରେ ଗୁଡ଼ିଏ ମାଟି ଘଡ଼ି ଦେଖି ପଚାରିବାରୁ ଜଣେ ସ୍ଥାନୀୟ ବ୍ୟକ୍ତି କହିଲେ —ଏସବୁ ଚୁକପ୍ !! ଓଳାସୁଣୀ ପର୍ବତରେ ଅକ୍ଷିତ ଦାସଙ୍କ ଗାଦି ଓ ବାବାଜୀ ଲକ୍ଷ୍ମଣଜିଙ୍କୁ ଦେଖିଥିଲି—ବେଶ୍ ଖୁସି ମିଜାଜର ଲୋକ । ଯାହା ଭୋଗରାଗ ଆସୁଥିଲା ସେସବୁ ଅତିଥିଅଭ୍ୟାଗତଙ୍କୁ ବିତରଣ କରି ଦେଉଥିଲେ—ଜମେଇ ରଖିଲେ ଲୋଭ ଓ ତା ସହିତ ପାପ ଜମେ; ଦେଲେ ଭଗବାନ୍ ଦିଅନ୍ତି, ତାଙ୍କର ବିଶ୍ୱାସ ଥିଲା ।

ଅଶ୍ୱତ୍ଥାମା ପାହାଡ଼ରେ କିଛି ଦର୍ଶନୀୟ ନାହିଁ; କ୍ଳାନ୍ତ ଅବସ୍ଥାରେ ଉଦୟଗିରି ଉପରକୁ ଉଠି ପାରିଲିନାହିଁ । ରତ୍ନଗିରି ଉପରେ ବସି ଗୋଟିଏ କବିତା ଲେଖିଥିଲି (କଳକଲ୍ଲୋଳରେ ପ୍ରକାଶିତ)—

> 'କେଉଁ ପୁଣ୍ୟବଳେ ତିନ୍ତି ମୁକ୍ତିତ ଶିଶିରେ
> ଭ୍ରମଇ ଚରଣ ବେନି ରତ୍ନଗିରି ଶିରେ ?
>
> x x x
>
> ମୂକ ମୂର୍ତ୍ତି କଳା ତାର ନିରତ ବାତୁଳ
> ପୋଥି ପୋଥି କଥା କହେ ଗତ ସଭ୍ୟତାର ।'

ରତ୍ନଗିରି ଦିନେ ବୌଦ୍ଧବିହାର ଓ ଶିକ୍ଷାନୁଷ୍ଠାନ ଭାବେ ବିଶ୍ୱପ୍ରସିଦ୍ଧ ହୋଇଥିଲା—ଆଜି ଗୁଳ୍ମଅରଣ୍ୟମୟ ।

ଗଡ଼ଜାତ ମୋଗଲବନ୍ଦୀଠାରୁ ଅଲଗା ଥିଲେ ମଧ୍ୟ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ଜାତ ସଂସ୍କୃତ ଟୋଲ ଦେଖିବାର ଅଧିକାର ସାବ୍ୟସ୍ତ ହୋଇଥିଲା, ରାଜା ତାଙ୍କର ରାସ୍ତା ଖର୍ଚ୍ଚ ବହନ କରୁଥିଲେ । ଥରେ ସୋନପୁର ଗଡ଼ଜାତ ଟୋଲ ଦେଖିଯାଇ ମୁଁ ବିଶେଷ ଅଭ୍ୟର୍ଥିତ ହୋଇଥିଲି । 'ତେଲ' ମହାନଦୀ ସଙ୍ଗମ ସ୍ଥଳରେ ସୋନପୁର ଅବସ୍ଥିତ । ଏହି ସଙ୍ଗମ ସ୍ଥଳ ଗଭୀର । ନୌକାରେ ଗୋଟିଏ ଗଦିପକା ଚୌକୀରେ ମୁଁ ବସିଥିଲି । ଜଳସ୍ରୋତରେ ନୌକା ଟଳମଳ ହେବା ମାତ୍ରେ ଚୌକୀଟି ଅଜାଡ଼ି ପଡ଼ିବା ଅବସ୍ଥାରେ ପହଞ୍ଚିଥିଲା; ବାବୁ ହେବାର ମଜା ନିକିଳି ଯାଇଥାନ୍ତା । ଅଳ୍ପକେ ରକ୍ଷା ପାଇଗଲି । ଆଉ ଚୌକୀରେ ନ ବସି ଅନ୍ୟମାନଙ୍କ ସହିତ ତଳେ ବସିଲି । ତାପରେ 'ତେଲ' ମହାନଦୀ ସଙ୍ଗମ ପର୍ବତରେ ବସି ଗୋଟିଏ କବିତା ରଚନା କରିଥିଲି—

"ମଉକେ ପାହାନ୍ତୀ ରାତି
ତାର ଦୀପ ନିଭି ନିଭି ଆସେ
ପୋହଳା ଲତା କି ସତେ
ଲଟାଇଛି ସିନ୍ଦୂର ଆକାଶେ ?
ସଙ୍ଗମ ଶଇଳ ଶିରେ ବସିଅଛି
ଶାନ୍ତ ଶିଶୁ ସମ
ପ୍ରଭାତ ମାଧୁରୀ ପାନେ
ଉଡ଼ାଇ ମୋ କୌତୂହଳୀ ମନ" ।

ଟୋଲପରିଦର୍ଶନର ସୁଯୋଗରେ ମୁଁ ଗଞ୍ଜାମର ପ୍ରାକୃତିକ ଦୃଶ୍ୟ ଓ ଇତିହାସପ୍ରସିଦ୍ଧ ସ୍ଥାନମାନ ବୁଲି ଦେଖିଥିଲି । ଜଉଗଡ଼ଠାରେ ଅଶୋକଙ୍କ ଶିଳାଲେଖ, ଋଷିକୁଲ୍ୟା ତୀରବର୍ତ୍ତୀ ପର୍ବତଶିଖରରେ ତାରିଣୀ ଦେବୀଙ୍କି ଦର୍ଶନ କରିଥିଲି, ବୁଗୁଡ଼ା ନିକଟବର୍ତ୍ତୀ ବୁଦ୍ଧଖୋଲ ପର୍ବତରେ ଗୋଟିଏ ରାତ୍ରି ଯାପନ କରିଥିଲି । ଛତ୍ରିଯବରପୁର ଓ ଆଖପାଖ ଗ୍ରାମବାସୀ ସେ ରାତ୍ରିରେ ଗୋଟିଏ ବଣଭୋଜି କରିଥିଲେ । ରାତିସାରା ନିର୍ଜନ ଅରଣ୍ୟରେ ସଂଗୀତ ଚାଲିଥିଲା, ସଙ୍ଗୀତ ବନ୍ଦ ହେବା ମାତ୍ରେ ତରୁମାନଙ୍କର ଘନ ମର୍ମର ଓ 'କବିତାଝର' ପ୍ରପାତର ଶବ୍ଦ ଚିତ୍ତକୁ ବିଭୋଳ କରିଥିଲା । 'କବିତା ଝର' (କଳକଲ୍ଲୋଳ) ନାମରେ ମୁଁ ସେଠି ଗୋଟିଏ କବିତା ରଚନା କରିଥିଲି ।

"ଝର ଝର ଝରେ କବିତାଝର ପବିତ୍ର ଧାର
ଚାହିଁଚି ପତର ଫାଙ୍କରେ ମୋତେ ଗୋଟିଏ ତାରା
ସେ ନେହ ବୋଲା କି ଜନନୀ ତୋଳା ଆକାଶେ ଭାସେ
ଆସିଛି ବୋଲି ମୁଁ ପ୍ରବାସେ ତାର ଶ୍ୟାମଳ ବାସେ ।

x x x x

ଶୋଇନାହିଁ ସେଇ ମୋହିନୀ ନେତ୍ରେ ନିଦ ମୋ ନାହିଁ
ହସେ ସେ ଆକାଶେ ହସେ ମୁଁ ଶ୍ୟାମ ଶଇଳେ ଥାଇ ।

x x x x

ଶୋଇଛନ୍ତି ବନ୍ଧୁ ଅନ୍ଧାର କଳା ବିତାନ ତଳେ
ଚାହିଁଚି ନିଖିଳ ସୀମନ୍ତେ ଯେଉଁ ତାରକା ଜଳେ" ।

ସୁପରିଣ୍ଟେଣ୍ଡେଣ୍ଟ ଥିବା ମଧ୍ୟରେ ଏହି ଜିଲ୍ଲାର ଜଣେ ପଣ୍ଡିତଙ୍କ ଚାକିରୀଟି ଯାଇଥିଲା । ନାମକୁ ମାତ୍ର ଟୋ'ଲ୍‌ଟିଏ ଥିଲା । ପଣ୍ଡିତମହାଶୟ ପୁରୋହିତୀ ବ୍ୟବସାୟରେ ମାତିଥିଲେ । ଦିନେ ଟୋଲ୍‌ଟି ପରିଦର୍ଶନ କରି ଅନ୍ୟତ୍ର ଚାଲିଗଲି, ପଣ୍ଡିତମହାଶୟଙ୍କୁ କହିଗଲି—କାଲି ସକାଳ ଆଠଟା ମଧ୍ୟରେ ଆସିବି; ଟୋଲ୍ ଖୋଲା ରଖିଥିବେ । ସକାଳେ ଆସି ଦେଖିଲି—ଟୋଲ୍ ଘରଟି ବନ୍ଦ; ପ୍ରାୟ ଦଶଟା ବେଳେ ପଣ୍ଡିତେ ପହଞ୍ଚି ନ ଆସିବାର ବାଜେ କାରଣସବୁ ଦର୍ଶାଇଲେ । କିଛି ନ ଶୁଣି ମୁଁ ତାଙ୍କୁ ବରଖାସ୍ତ କରିଥିଲି । ଟୋଲ୍‌ରେ ଛାତ୍ର ନ ଥିଲେ । ପରିଦର୍ଶନ ଦିନ ପଣ୍ଡିତେ ଛାତ୍ର ଯୋଗାଡ଼ କରି ଆଣୁଥିଲେ ।

ଆଉ ଜଣେ ମାମଲତକାର ପଣ୍ଡିତ ସରକାରୀ ଗ୍ରାଣ୍ଟକୁ ଆତ୍ମସାତ୍ କରୁଥିଲେ; ସେ ଟୋଲ୍‌ରେ ପଢ଼ାଉ ନ ଥିଲେ; ପରିଦର୍ଶନ ଦିନ ଅନ୍ୟ ଏକ ଟୋଲ୍‌ର ଭଡ଼ାଟିଆ ଛାତ୍ରଙ୍କୁ ଘେନି ଆସି ପହଞ୍ଚୁଥିଲେ; ସ୍ଥାନୀୟ ଲୋକେ ତାଙ୍କର ଏ କାରସାଦି ଧରି ପକାଇ ଦେଇଥିଲେ, ମୁଁ ଗ୍ରାଣ୍ଟଟି କାଟିଦେଲି । ପଣ୍ଡିତମାନେ ଅନ୍ୟମାନଙ୍କ ପରି ଶଠ ଓ ମିଥ୍ୟାଭାଷୀ ହୋଇ ପାରନ୍ତି, ଏ ଧାରଣା ମୋର ଜନ୍ମିଲା ।

ଜୟପୁର ସଂସ୍କୃତ ଟୋଲ୍ ଦେଖିବାକୁ ଯାଇ ସାହିତ୍ୟସମ୍ରାଟ, କଳାପ୍ରପୂର୍ଣ୍ଣ, ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ସହିତ ପରିଚିତ ହୋଇଥିଲି । କବି, ନାଟ୍ୟକାର, ବିଦ୍ୟୋତ୍ସାହୀ; ରାଜଆଡ଼ମ୍ବର କିଛି ମାତ୍ର ନ ଥିଲା । ୧୮୬୯ରେ ତାଙ୍କର ଜନ୍ମ, ବାଲ୍ୟ ଓ ଯୌବନ ମାଡ଼ଗୁଲ୍ ଓ ବିଶାଖାପାଟଣା ସହରରେ ତେଲୁଗୁ ସଂସ୍କୃତି ମଧ୍ୟରେ କଟିଥିଲା । ୧୯୩୧ରେ ରାଜଗାଦି ଲାଭ ପରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଆୟତ୍ତ କରିଥିଲେ, ଓଡ଼ିଆରେ ବହୁ ଗଦ୍ୟ ପଦ୍ୟ (ବିକ୍ରମ ରଚନାଳି ୨ଟି ଭାଗରେ ପ୍ରକାଶିତ) ରଚନା କରି ସାହିତ୍ୟିକ ଭାବେ ଖ୍ୟାତି ଅର୍ଜିଥିଲେ । ଆନ୍ଧ୍ରବିଶ୍ୱବିଦ୍ୟାଳୟକୁ ବର୍ଷକୁ ଲକ୍ଷେ, ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ଦଶହଜାର, କଟକ ମେଡ଼ିକାଲ୍ କଲେଜକୁ ଲକ୍ଷେ ତିରିଶ ହଜାର ଟଙ୍କା ଦାନ କରି ସେ ଦାନବୀର ପ୍ରତିଷ୍ଠା ଅର୍ଜନ କରିଥିଲେ । ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ନବଭାରତ' ମାସିକ ପତ୍ରିକା ପ୍ରକାଶ, ଚିନ୍ତାମଣି ଗ୍ରନ୍ଥାବଳୀ, ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'କାବ୍ୟ ସଞ୍ଚୟନ' ପ୍ରକାଶ ମୂଳରେ ତାଙ୍କର ଆର୍ଥିକ ସାହାଯ୍ୟ ଥିଲା । ତାଙ୍କର ମହାନୁଭବତା ମୋତେ ଆକୃଷ୍ଟ କରିଥିଲା । ସେ ବାଗ୍ରା ପ୍ରପାତ ଦେଖିଯିବା ଲାଗି ମୋତେ ଗୋଟିଏ ହାତୀ ଦେଇଥିଲେ, ଯାତ୍ରାର ସମସ୍ତ ସୁବ୍ୟବସ୍ଥା କରି ଦେଇଥିଲେ । ସେତେବେଳେ ରଚିତ 'ବାଗ୍ରା' କାବ୍ୟର ମୁଖବନ୍ଧରେ ମୁଁ ସେଇ ଯାତ୍ରାର ବିବରଣୀ ଦେଇଥିଲି—

'ବାଗ୍ରା ଜୟପୁରଠାରୁ ତିନି ମାଇଲ୍ ଦୂରରେ; ପ୍ରକୃତି ଲମ୍ବାଇ ଦେଇଛି ପର୍ବତର କୁଞ୍ଚିତ କବରୀ । ଶୃଙ୍ଗେ ଶୃଙ୍ଗେ ବଉଦର ବପ୍ରକ୍ରୀଡ଼ା, ପାହାଡ଼ୀ ନଦୀର କଳନାଦରେ ଅରଣ୍ୟାନୀ ମୁଖରିତା । 'ପରଜା' ଆଉ 'ଗଦବା' ଯୁବକଯୁବତୀ ମୂଷଳ ବର୍ଷାଧାରରେ ବି ଲାଗିଛନ୍ତି କଠୋର କର୍ମରେ (ପିଠିରେ ପିଲାବାନ୍ଧି ମୁଣ୍ଡରେ ତଲାଗି ଦେଇ ବିଲ ବାଛୁଛନ୍ତି ମୂଳିଆଣି) କେହି କେହି ପାହାଡ଼ରେ କନ୍ଦାକରବା ଖୋଜି ବୁଲୁଛନ୍ତି ; ନିବିଡ଼ ଅରଣ୍ୟ ଓ ଉତ୍ତୁଙ୍ଗ ପର୍ବତମାଳା ମଧ୍ୟରେ ପରଜା ଜାତିର ଜୀବନ ବହି ଚାଲିଛି ଏକ ସ୍ୱାଧୀନ ପାହାଡ଼ୀ ଝର ପରି । ପାହାଡ଼ ଉପରେ ହୋଇଛି 'ପୋଡ଼ୁ' ଚାଷ, ପାହାଡ଼ କଟା ହୋଇ ହୋଇଛି ବିଲ' ।

'ଏ ପରଜାର ଗାଆଁ—ଖୁବ ଛୋଟ ଛୋଟ କୁଡ଼ିଆ, ନ ନଇଁଲେ ଘରେ ପଶିପାରିବ ନାହିଁ । ଘର ମାନେ ଗୋଟାଏ କାଛଘେରା ଗାତ । ପିଣ୍ଡା ନାହିଁ । ଘର ଭିତରେ କିଛି ମାଣ୍ଡିଆ, ହାଁଡ଼ିଆ, କନାକତରା ଛଡ଼ା ଆଉ କିଛି ଦିଶୁନାହିଁ । ବାଡ଼ିରେ ମକକା ଚଅଁର ଉଡ଼ଉଛି—ଜହ୍ନୀ, କାକୁଡ଼ିଫୁଲ ଫୁଟିଛି । ବାଗ୍ରା ଝରଣାରୁ ବର୍ଷାରେ ତିନ୍ତି ପାଣି ମୁଣ୍ଡେଇ ଆସୁଛନ୍ତି କେତେକ ପରଜା ରୂପସୀ । ପରଜାଯାକ ବରଗଛ ତଳେ ଆଜି ଏକ ହେଜି କରୁଛନ୍ତି । ଗୁରିଦିନ ତଳେ ବାଗ୍ରା ଡିଙ୍ଗର ଉପରେ କନ୍ଦା ଖୋଳୁ ଖୋଳୁ ଜଣକୁ ଟାଣି ନେଇଗଲା ବାଘ । ବାଘର

ଡୁମା (ଭୂତ)କୁ ଲୋକଙ୍କର ଭାରି ଭୟ । ଯେଉଁ ମଣିଷକୁ ବାଘ ଖାଇଛି ତାର ଭୂତ ପରଜାଙ୍କୁ ଡରାଏ । ଅଳ୍ପ ଦୂରରେ ଦେଖିଲି ଦିଶାରୀ ମନ୍ତ୍ର ବୋଲି କିଳା ପୋତିଛି । ତାକୁ ଡେଇଁ ବାଘ ଡୁମା ଆସିପାରିବ ନାହିଁ । ଯାହାକୁ ବାଘ ଖାଇଛି ତାର ସ୍ତ୍ରୀକୁ ଦେବାକୁ ହୋଇଛି ଭେଜି" ।

'ପରଜାମାନେ ଅତି ଦରିଦ୍ର, ଅଶିକ୍ଷିତ । କୁମୁଟି ମହାଜନମାନେ ଏଇ ସରଳ ଆଦିବାସୀମାନଙ୍କୁ ନିର୍ମମଭାବେ ଶୋଷଣ କରୁଛନ୍ତି; ଗୁଡି ଖଟି ଖଟି ସର୍ବନାଶ ହେଉଛି ପଛେ କରଜ ଛିଡ଼ୁ ନାହିଁ ।'

'ପରଜା ପଲ୍ଲୀଠାରୁ ବାଗ୍ରା ତାକେ ବାଟ; ଗାଆଁର ନାୟକ, ଦିଶାରୀ ଓ ଆଉ କେତେକ ପରଜା ବାଗ୍ରା ଦେଖାଇବା ଲାଗି ଆମ ସାଙ୍ଗରେ ଆସିଥିଲେ, ଏଇ ସମୟରେ ଭାସି ଆସିଲା ଗୋଟିଏ ଗୀତ—

"ବାଗରା କିରୁଟି ଡୀରୁ ଡୀର ପାଣି
ଟୁବ୍‌କା ମାରି ଖେଳୁଲି ମାଛୁଡ଼ି ମୁସଣି
କାକଡ଼ା ଡିମୁରଣି ।"

ଏ ପରଜ'ରୂପସୀର ସଙ୍ଗୀତ । ସ୍ୱର ଲହରୀରେ ବାଗ୍ରା ଉପତ୍ୟକା ଉଚ୍ଛୁଳି ପଡ଼ିଲା ।

"ଝୁପୁ ଝୁପୁ ବରଷୁଥାଏ ମେଘ; ପହଞ୍ଚିଲୁ ବାଗ୍ରାରେ, ବର୍ଷାଧୌତ ତରୁଲତାର ଶ୍ୟାମଳ ଶ୍ରୀରେ ମନ ଲାଖିଗଲା । ଚାରିପଟେ ଅରଣ୍ୟସଂକୁଳ ପର୍ବତ, କେଉଁଠି ଉନ୍ନତ, କେଉଁଠି ଆନତ—ଡେଉ ଡେଉଆ ଶୃଙ୍ଗ ନୀଳ ମେଘ ସହିତ ମିଶି ଯାଇଛି । ନୃତ୍ୟରତ ଦ୍ରୁମରାଜିର ହିଲ୍ଲୋଳମୟ ମର୍ମରଭରା ଉପତ୍ୟକାରେ କୋଲାବ ନଦୀ ସୃଷ୍ଟି କରିଛି ବାଗ୍ରା ପ୍ରପାତ । ତିନୋଟି ପ୍ରବଳ ସ୍ରୋତ ସବଳତର ହୋଇଛି ଶ୍ରାବଣର ପ୍ରେମାଶ୍ରୁରେ; ଏକତ୍ର ହୋଇ ପାହାଡ଼ୀ ସମତଳରେ କୋଟଡ଼େ ଧାର କାଟି ବହିଯାଉଛି ଶ୍ୟାମଳ ଦିଗବଳୟକୁ । କେତେ ତୋଫାନ କ୍ରୀଡ଼ା କରୁଛି ସେ ପ୍ଲାବନରେ । କେତେ ବିପ୍ଳବର ଭୈରବ ଭେରୀ ବାଜି ଉଠୁଛି ତାର ହୁଙ୍କାର ନାଦରେ । ପ୍ରକୃତିର ସେ ଅପରୂପ ଲୀଳା ଦେଖି ସ୍ତବ୍ଧ ବିସ୍ମୟରେ କ୍ଷଣେକାଳ ଅଭିଭୂତ ହୋଇଗଲି । ହୃଦୟ ହଜିଗଲା ଅନନ୍ତ ଶ୍ୟାମଳତାରେ । କିଛି ସମୟ ପରେ ନିଜକୁ ଖୋଜି ପାଇଲି ଖଣ୍ଡେ ମସୃଣ ଶିଳା ଉପରେ । ବାଗ୍ରା ଦୃଶ୍ୟର ମାଦକତା ନିଭିଯାଇ ଆଖି ଆଗରେ ଭାସିଗଲା ଅସଂଖ୍ୟ ଚିତ୍ର—ବନ୍ୟା ଜଳରେ ଭାସମାନ ପଲ୍ଲୀ, ପରଜାଜାତିର ରକ୍ତଶୋଷକ ସାହୁକାରଦଳ, ଉଜ୍ଜଳର ଉଜ୍ଜ୍ୱଳ ଅତୀତ, ହାହାମୟ ବର୍ତ୍ତମାନ, ଗଡ଼ଜାତର ଅନ୍ଧାରୀ ଶାସନ, ନୂଆଖାଲି, ମାଟିଆ ବୁରୁଜ ପ୍ରଭୃତିର ରକ୍ତନଦୀ ସନ୍ତରଣ, ଆଟମ୍ ଆଗ୍ନେୟ ଗିରି ଉପରେ ପ୍ରତିଷ୍ଠିତ ଶାନ୍ତି ରାଜ୍ୟ ।"

"ଯାଇଥିଲି ବାଗ୍ରାର ମନୋମୁଗ୍ଧକର ଦୃଶ୍ୟ ଦେଖି ଆନନ୍ଦ ଲାଭ କରିବାକୁ, ଘେନି ଆସିଲି ହୃଦୟରେ ଦୁଃସହ ବେଦନା, ନୟନରେ ଶତ ଅଶ୍ରୁର ବାଗ୍ରା ।"

(୧୫. ୧. ୪୮)

ବାଗ୍ରା କାବ୍ୟର ସମସ୍ତ ମୁଦ୍ରଣବ୍ୟୟ ବହନ କରିଥିଲେ ସାହିତ୍ୟସମ୍ରାଟ । ଏ କାବ୍ୟଟି ଅପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ମୁଁ ତାଙ୍କର ସଂସ୍କୃତ କଲେଜ

ଦେଖିବାକୁ ଯାଇ କେଉଁଠି ଛାଡ଼ି ଦେଇ ଆସିଥିଲି । କବିତା ହଜାଇବା ସନ୍ତାନ ବିଚ୍ଛେଦ ପରି ଦୁଃଖପ୍ରଦ । କେତେ ଦିନ ରାତିରେ ନିଦ ହେଲନାହିଁ । ଯାହା ଲେଖା ହୋଇଥିଲା ଆଉ ଥରେ ଖୋଜିଲେ କେହି ତାକୁ ଲେଖି ପାରେନାହିଁ । କାବ୍ୟର ସେଇ ପ୍ରେରଣା ପୁଣି ଆସେନାହିଁ । ସେ ଦିଗରେ ପ୍ରଚେଷ୍ଟା ହାସ୍ୟକର ବୈଫଲ୍ୟରେ ପରିଣତ ହୁଏ । କାବ୍ୟର ପୁନର୍ଲାଭ ଆଶା ହରାଇବାବେଳେ ହଠାତ୍ ସମ୍ବାଦ ମିଳିଲା—ମିଳିଛି । ପୁସ୍ତକଟି ପରିଦର୍ଶକ ମନ୍ତବ୍ୟଖାତାରେ ରହି ଯାଇଥିଲା ।

'ବାପ୍ପା' କାବ୍ୟଟି ବାଲେଶ୍ୱରରେ ଶେଷ କଲି ଓ ତାର ଉତ୍ସର୍ଗ ପତ୍ରରେ ଏଇ କବିତା ପଦକ ରହିଥିଲା—

ଭେଦର ପାହାଡ଼ ଚୂର୍ଣ୍ଣ କରେ ଯେ ଧୂଳି
ଦେଶ ଲାଗି ଆଗେ ବରଇ ବଇରି ଗୁଳି
ମଣିଷଜାତିକି ହୃଦ ଭରି ଭଲ ପାଏ
ଲୁହଭରା ଆଖି 'ବାପ୍ପା' ଆଗେ ମୋ ତାର ବନ୍ଦନା ଗାଏ ।

ବାପ୍ପା ରଚନାକାଳରେ ହିନ୍ଦୁମୁସଲମାନବିବାଦ ରକ୍ତାକ୍ତ ରୂପ ଧାରଣ କରିଥିଲା; ଦେଶ ଭାରତ ଓ ପାକିସ୍ଥାନରେ ବିଭକ୍ତ ହୋଇଥିଲା । ମୁଁ ଲେଖିଥିଲି—

ହାୟ ଦୂର ଦିଗ ତଳେ ଦପ ଦପ ଜଳେ ମାଟିଆନୁରୁକ୍ତ ନିଆଁ
କାହିଁ ଭୋଗିବି ଶାନ୍ତି ଦେଖି ଏ କାନ୍ତି ଇସ୍ପାତ ଲୁହା ଖାଲି
କରି ହୃଦୟ, ସୃଜିଛି ନରକ ନିରୀହ ଲୁହେ ଖେଳି ନୂଆଖାଲି ।

ତେଣେ ଲହୁରେ ପହଁରେ କାଶ୍ମୀର, ଉଠେ ରକତ ସ୍ରୋତକେ ଭାସି
ଆଜି ଦୁଃଖିନୀ ଦେଶଜନନୀ, ଜାଗଇ ବିଦେଶୀ ହାସ୍ୟରାଶି ।

ହାୟ ହିନ୍ଦୁ ମୁସଲମାନ ବେନି ଭାଇ ଜନନୀର ବେନି ହାତ
ହାୟ ବେନି ହାତ କାଟେ କେସନ ସ୍ୱାଧୀନ ଭାରତଜନନୀ ମାଥ ?

ହାୟ ମଥା କଟିଗଲେ ବେନି ହାତ କାହିଁ ମୃତାର ହୋଇବ ଦେହ
ସେଇ ମୃତାର ଉପରେ ଚିତାନଳ ହୋଇ ଜଳିବ ବିଦେଶୀ ସ୍ନେହ

X X X X

ଆମେ ହିନ୍ଦୁସ୍ଥାନ ଓ ପାକିସ୍ଥାନକୁ ମିଶାଇ ଦେବୁରେ ଶେଷେ ।

ଏହିପରି କେତେକ ପଦ ସାମୟିକ ଘଟଣା ସହିତ ସଂପୃକ୍ତ ହୋଇ ପଡ଼ିବାରୁ ପରବର୍ତ୍ତୀ ସଂସ୍କରଣର ବାଦ୍ ପଡ଼ିଥିଲା ।

## ପଣ୍ଡିତସମ୍ମିଳନୀ

ଏ ଯୁଗ ସଂଗଠନର ଯୁଗ; ଏକାଠି ହୋଇ ଦାବୀ ଉପସ୍ଥାପିତ ନ କଲେ ପଣ୍ଡିତମାନେ ଯେ ତିମିରେ ସେ ତିମିରେ ପଡ଼ିଥିବେ । ସହଜେ ତ ମୃତ ଭାଷା ବୋଲି ସଂସ୍କୃତ ନିନ୍ଦିତ, ତାକୁ ଯେ ପଢ଼େ ବା ପଢ଼ାଏ ମୁମୂର୍ଷୁର ସ୍ୱର ପରି ତାର

ସ୍ୱର କ୍ଷୀଣ । ଦୃଷ୍ଟି ତାର ପଶ୍ଚାତ୍‌ବର୍ତ୍ତୀ; ସୃଷ୍ଟି ଶୂନ୍ୟ, ପଣ୍ଡିତ ଅବାସ୍ତବ, କରୁଣାର ଜୀବ । ସେମାନଙ୍କୁ ସଂଘବଦ୍ଧ କରିବା ଲାଗି ନିଖିଳଉତ୍କଳପଣ୍ଡିତସମ୍ମିଳନୀ ସଂସ୍ଥା ଗଠନ କରାଗଲା; ଏହାର ଦୁଇଟି ଆଭିମୁଖ୍ୟ ରହିଲା— ସାଂସ୍କୃତିକ ଅଭ୍ୟୁତ୍‌ଥାନ, ଅର୍ଥନୈତିକ ଉନ୍ନତି । ସମ୍ମିଳନୀ ବସିଲା—ସଂସ୍କୃତ ସ୍ଫୋଟବାଦ, ଦ୍ୱୈତ ଓ ଅଦ୍ୱୈତବାଦ ରସ, ଧ୍ୱନି ପ୍ରଭୃତି ବିଷୟରେ ସଂସ୍କୃତରେ ଆଲୋଚନା ଚାଲିଲା । ସଂସ୍କୃତର ଅଧୋଗତି, ପଣ୍ଡିତମାନଙ୍କ ଦୁରବସ୍ଥା ଓ ପ୍ରତିକାର ପ୍ରଭୃତି ବିଷୟରେ ଓଡ଼ିଆରେ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଥିଲା । ସମ୍ମିଳନୀର ଆଞ୍ଚଳିକ ଶାଖାମାନ ବିଭିନ୍ନ ଜିଲ୍ଲାରେ ସଂଗଠିତ ହେଲା । ଉତ୍କଳରେ ସଂସ୍କୃତର ପୁନରଭ୍ୟୁଦୟ ଲାଗି ପ୍ରୟାସ ଚାଲିଲା । ସଂସ୍କୃତ ଗ୍ରନ୍ଥସବୁ ପଣ୍ଡିତମାନଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ କରାଇବା ମୋର ଇଚ୍ଛା ଥିଲା । କିନ୍ତୁ ତାକୁ କାର୍ଯ୍ୟରେ ପରିଣତ କରିବା ପୂର୍ବରୁ ମୋର ବଦଳି ହୋଇଗଲା ।

## ଜଗନ୍ନାଥଗବେଷଣାମନ୍ଦିର

ପଣ୍ଡିତସମ୍ମିଳନୀ ତରଫରୁ 'ଜଗନ୍ନାଥଗବେଷଣାମନ୍ଦିର' ପ୍ରତିଷ୍ଠିତ ହେଲା, ଏମାର ମଠର ପୂଜ୍ୟ ମହନ୍ତ ଶ୍ରୀ ଗଦାଧର ରମାନୁଜ ଦାସ ଏହାର ସଭାପତି ହେଲେ, ସଂସ୍କୃତର ପୁନରଭ୍ୟୁଦୟ ଲାଗି ସମସ୍ତ ଆନ୍ଦୋଳନରେ ଅକୁଣ୍ଠ ଚିତ୍ତରେ ସେ ସାହାଯ୍ୟ କରୁଥାନ୍ତି ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଂସ୍କୃତ ଓ ଓଡ଼ିଆ ପୋଥିସଂଗ୍ରହ ଚାଲିଲା । ବିନା ଭଡ଼ାରେ ମହନ୍ତମହାରାଜ ଗବେଷଣାମନ୍ଦିର ଲାଗି ଗୋଟିଏ ଦୋତାଲା କୋଠା ଛାଡ଼ି ଦେଲେ । ପୋଥି ଉତାରିବା ଲାଗି ଜଣେ ପଣ୍ଡିତ ଓ ପୋଥି ସଂଗ୍ରହ ଲାଗି ଶ୍ରୀ ସଦାଶିବ ରଥ ଶର୍ମା ମାସିକ ପଚିଶ ଟଙ୍କାରେ ନିଯୁକ୍ତ ହେଲେ ।

ରଥେ ବୋଧହୁଏ ମାଟ୍ରିକ୍ ପାଶ୍ କରି ନ ଥିଲେ; ସାଧାରଣ ପଣ୍ଡା ପଢ଼ିଆରୀଙ୍କ ଜୀବନ ପରି ତାଙ୍କ ଜୀବନ କଟିଥିଲା, କଟିଯାଇଥାନ୍ତା । କିନ୍ତୁ ଗବେଷଣାମନ୍ଦିର ହିଁ ତାଙ୍କ ଗତି ପରିବର୍ତ୍ତିତ କରିଦେଲା; ସେ ଜଣେ ମହାନ୍ ସଂଗ୍ରାହକ ଓ ଗବେଷକଭାବେ ସୁନାମ ଅର୍ଜନ କରି 'ପଦ୍ମଶ୍ରୀ' ଉପାଧିରେ ଭୂଷିତ ହୋଇଛନ୍ତି ।

ଶ୍ରୀ ରଥ ପହିଲେ 'ଶିଳ୍ପଚନ୍ଦ୍ରିକା' ପୋଥି ଉତାରି ପ୍ରକାଶ ଲାଗି ଉପସ୍ଥାପନ କଲେ । ଏହା ଜଗନ୍ନାଥମନ୍ଦିରର ନିର୍ମାଣଇତିହାସ । ଅନଙ୍ଗଭୀମ ଜଗନ୍ନାଥ ମନ୍ଦିରର ନିର୍ମାତା ବୋଲି ଏଥିରୁ ପ୍ରମାଣ ମିଳେ । କିନ୍ତୁ ସେହି ପୋଥି ମୁଁ ସ୍ୱଚକ୍ଷୁରେ ଦେଖି ନାହିଁ । ଗବେଷଣାରେ ନିତାନ୍ତ ଅନଭିଜ୍ଞ, ତଥାପି 'ଶିଳ୍ପଚନ୍ଦ୍ରିକା' ଅଧ୍ୟୟନ କରି ତାର ଦୀର୍ଘ ମୁଖବନ୍ଧ ଲେଖିବା ଲାଗି ମୁଁ ସାହସ କରିଥିଲି । ପରେ ଜାଣୁଛି, ଏଇ ପୁସ୍ତକର ଭାଷା ଦ୍ୱାଦଶ ଶତାବ୍ଦୀର ନୁହେଁ; ଏହା ଏକ ଅର୍ବାଚୀନ ରଚନା । ଐତିହାସିକ ଘଟଣା ସହିତ ଏହାର ସାମଞ୍ଜସ୍ୟ ଅଳ୍ପ ।

# ଋକ୍‌ବେଦର ଅନୁବାଦ

ଏହି ସମୟରେ ଆଉ ଗୋଟିଏ ମହାନ୍ କାର୍ଯ୍ୟ କରିବାକୁ ଚେଷ୍ଟା କରିଥିଲି— ଋକ୍‌ବେଦର ପଦ୍ୟାନୁବାଦ । ଜଣେ ବିଶିଷ୍ଟ ପଣ୍ଡିତଙ୍କ ଉପରେ ଅନୁବାଦର ଭାର ନ୍ୟସ୍ତ ହେଲା । କିନ୍ତୁ ପଣ୍ଡିତମହାଶୟ କବି ନ ଥିଲେ, ସଂସ୍କୃତ ପରି ଓଡ଼ିଆରେ ତାଙ୍କର ଅଭିନିବେଶ ନ ଥିଲା । ତାଙ୍କ ଅନୁବାଦ ଆଦୌ ପ୍ରାଞ୍ଜଳ ହେଲା ନାହିଁ । ଏଇ ଅଭିଜ୍ଞତାରୁ ବୁଝିଲି—ବୈଦିକ ସଂସ୍କୃତ, ଓଡ଼ିଆରେ ଜ୍ଞାନ ଓ କବିତ୍ୱ, ଜଣେ ବ୍ୟକ୍ତିଠାରେ ଏହି ତିନିଗୋଟି ବିଭବ ଥିଲେ ଅନୁବାଦ ସମ୍ଭବ ହେବ । ନିଜେ ସେ ଦାୟିତ୍ୱ ନେଲି । କିନ୍ତୁ ବେଦରେ ମୋର ପ୍ରବେଶ ସ୍ୱଳ୍ପ । ବିଶ୍ୱଭାରତୀକୁ ଗଲା ପରେ ଋକ୍‌ବେଦର ୧୯ ଗୋଟି ସୂକ୍ତ ଅନୁବାଦ କରିଥିଲି । ବୈଦିକ ସାହିତ୍ୟ ସମ୍ବନ୍ଧରେ ଏକ ଦୀର୍ଘ ମୁଖବନ୍ଧ ମଧ୍ୟ ଲେଖିଥିଲି ତାହା ସୁପରିଣ୍ଟେଣ୍ଡେଣ୍ଟ ପଦରୁ ବିଦାୟ ନେବାର ଚାରିବର୍ଷ ପରେ 'ବୈଦିକଗୀତିମାଳା' ନାମରେ ପ୍ରକାଶ ପାଇଲା ।

ମୁଁ ଅନୁବାଦରେ ପ୍ରାଚୀନ ଭାଗବତବୃତ୍ତରୁ ମାତ୍ରାବୃତ୍ତ ପର୍ଯ୍ୟନ୍ତ ବିଭିନ୍ନ ବୃତ୍ତ ବ୍ୟବହାର କରିଥିଲି । ସ୍ଥାନେ ସ୍ଥାନେ ମୋ ଅନୁବାଦ ବିଶ୍ଳେଷଣ ପରି ହୋଇ ଯାଇଅଛି, ଅଧିକ କଥନ ଏକ ଦୋଷ, ଭାବାନୁବାଦ ଯଦି ବା ଅକାମ୍ୟ ନୁହେଁ । ମୋ ଅନୁବାଦ ଯେ ଯଥାର୍ଥ ହୋଇନାହିଁ, ତାହା ପ୍ରଥମ ପଂକ୍ତିରୁହିଁ ବୁଝାଯାଏ ।

ଓଁ ଅଗ୍ନିମ୍ ଇଳେ ପୁରଃ ହିତମ୍ ଯଜ୍ଞସ୍ୟ ଦେବମ୍<br>
ଋତ୍ୱିଜମ୍ ହୋତାରମ୍ ରତ୍ନଧାତମ୍ ।

'ହେ ଅଗ୍ନି, ତେଜସ୍ୱୀ ଅପାର<br>
ଘେନ ପ୍ରଥମ ନମସ୍କାର ।<br>
ଯଜ୍ଞର ବିଧାନ ନିମିତ୍ତ<br>
ପ୍ରାର୍ଥନା ତୋତେ କରୁ ନିତ୍ୟ ।<br>
ହେ ଦେବ ଯଜ୍ଞ ପୁରୋହିତ<br>
ଋତ୍ୱିକ ହୋତା ଯେ ସମସ୍ତ<br>
ଧନ ରତନ କର ଦାନ<br>
ଦେବଙ୍କ ଲାଗି ଅର୍ଘ୍ୟ ଘେନ ।'

'ବୈଦିକଗୀତିମାଳା' ମୁଖବନ୍ଧରେ ମୁଁ ଲେଖିଥିଲି—"ଏ ଅନୁବାଦ ଲାଗି ମୁଁ ରମାନାଥ ସରସ୍ୱତୀଙ୍କ ଋକ୍‌ବେଦ ସଂହିତା, କେ ଶନ୍ଦଶିବଙ୍କ ଋକ୍ ସଂହିତା, ସାୟନ ଭାଷ୍ୟ, ସ୍କନ୍ଦସ୍ୱାମୀୟ ଭାଷ୍ୟ ଓ ଭେଙ୍କଟମାଧବୀୟ ଭାଷ୍ୟର ସାହାଯ୍ୟ ନେଇଅଛି; ମୁଖବନ୍ଧ ଲେଖିବା ଲାଗି ତ୍ରିଦଣ୍ଡୀ ସ୍ୱାମୀ ଶ୍ରୀମତ୍ ଭଗବତ୍ ବନଙ୍କ ବେଦର ପରିଚୟ, ରମାନାଥ ସରସ୍ୱତୀଙ୍କ ଋକ୍‌ବେଦସଂହିତାର ମୁଖବନ୍ଧ, ମାକ୍‌ଡୋନେଲଙ୍କ "A History of Sanskrit Literature" ପାଠ କରିଅଛି ।"

ସେହି ସମୟରେ 'ପଲ୍ଲୀଭାଗବତ' ନାମରେ ଖଣ୍ଡିଏ ପୁସ୍ତକ ଆରମ୍ଭ କରିଥିଲି । ଗଣସାହିତ୍ୟ ରଚନା ଲାଗି ଏ ଏକ ଚେଷ୍ଟା । ବାସ୍ତବତା ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା, ଉତ୍କଳୀୟ ପ୍ରାଚୀନ ଗୌରବର ଚିତ୍ର ଦେଇ ଲୋକଙ୍କୁ

ଜାତୀୟ ଭାବରେ ଉଦ୍‌ବୁଦ୍ଧ କରିବା ଏହାର ଲକ୍ଷ୍ୟ ଥିଲା । ଜଗବନ୍ଧୁ ସିଂହ ସେତେବେଳେ 'ଭାରତଦର୍ପଣ' ଲେଖି ମୋତେ ମଧ୍ୟେ ମଧ୍ୟେ ଶୁଣାଉଥିଲେ । ତାଙ୍କ ପ୍ରଭାବରେ ହୁଏତ ମୁଁ ଏହା ଲେଖିଥିବି ।

## ଜଗବନ୍ଧୁ ସିଂହ

ଗୋପବନ୍ଧୁବାବୁଙ୍କ ସହକର୍ମୀ ଜଗବନ୍ଧୁ ସିଂହ ଓକୀଲ, ରାଜନୀତିଜ୍ଞ ଓ ସାହିତ୍ୟିକ; ସେତେବେଳେ ପୁରୀର ସେ ସର୍ବଶ୍ରେଷ୍ଠ ସାଂସ୍କୃତିକ ବ୍ୟକ୍ତିତ୍ୱ ଥିଲେ । ଜଗନ୍ନାଥବଲ୍ଲଭ ମଠର ଟ୍ରଷ୍ଟି ଭାବରେ ସେ ସୁଚାରୁରୂପେ କାର୍ଯ୍ୟ ପରିଚାଳନା କରୁଥିଲେ । କଥା ଧୀର, ଏ କାନରୁ ସେ କାନକୁ ଶୁଭିବ ନାହିଁ । ଓକୀଲ ଭାବରେ ସେ ବହୁତ କଥା କହୁନ୍ତିନାହିଁ, କେତେକ ନିତାନ୍ତ ପ୍ରୟୋଜନୀୟ ସୂଚନା ମାତ୍ର ଦେଇଥାନ୍ତି । ସଭାସମିତିରେ ଛିଡ଼ା ହୋଇ ଉଷ୍ମ ଭାଷଣ ଦେବା ତାଙ୍କ ପ୍ରକୃତିବିରୁଦ୍ଧ ଓ ଶକ୍ତିବହିର୍ଭୂତ ବ୍ୟାପାର ଥିଲା ।

ମୁଁ ପହଞ୍ଚିଲେ ତାଙ୍କ ଓକୀଲତି ବନ୍ଦ ହୋଇ ଯାଉଥିଲା । ସେ ମହକିଲଙ୍କୁ ଅନ୍ୟ ସମୟ ଦେଇ ସାହିତ୍ୟଚର୍ଚ୍ଚା ଆରମ୍ଭ କରି ଦିଅନ୍ତି, କେତେବେଳେ ପାଲା, ଯାତ୍ରା, କେତେବେଳେ ଭଞ୍ଜ, କବିସୂର୍ଯ୍ୟ ଓ ଗୋପାଳକୃଷ୍ଣଙ୍କ ବିଷୟରେ ଆଲୋଚନା ହୋଇଥାଏ ।

ପଣ୍ଡିତ କୁଳମଣି ଦାଶ କବିସୂର୍ଯ୍ୟ ଗ୍ରନ୍ଥାବଳୀରେ 'ମର୍ଜ୍ଜି ଯିବି କି ଉଭା ରହିରେ' ଲେଖିଛନ୍ତି । ସେ ସଂଶୋଧନ କରି କହିଥିଲେ—'ମର୍ଜ୍ଜି ଯିବି କି ଉଃ ଭାରତୀରେ', ସେହିପରି ଭଞ୍ଜଙ୍କ ବୈଦେହୀଶବିଳାସରେ 'ବିଲେପି ଅଲ୍ପ ତଇଲେ ସାମଳି' ପଢ଼ି କହିଥିଲେ ଅନୁକୂଳ ବେଳେ ତୈଳମର୍ଦ୍ଦନ ଅଶୁଭ, ତେଣୁ ଏହା ହେବ—ବିଲେପି ଅଲ୍ପ ତ ଇଲେ (ଘୃତ) ସାମଳି' ।

ସେତେବେଳକୁ ସେ ନବାକ୍ଷରୀ ବୃତ୍ତରେ ଭଗବଦ୍‌ଗୀତା ଅନୁବାଦ କରି ଛପାଇ ବିତରଣ କରୁଥିଲେ, ତାଙ୍କ ଯାତ୍ରାପାର୍ଟି ବନ୍ଦ ହୋଇ ଯାଇଥିଲା । ଦିନେ ସେ ପ୍ରସ୍ତାବ କଲେ—"ଚାଲ, ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ନିକଟକୁ ଯାଇ 'ଭାରତ ଦର୍ପଣ' ପ୍ରକାଶ ଲାଗି ସାହାଯ୍ୟ ପ୍ରାର୍ଥନା କରିବା ।" ମୁଁ କହିଲି—ଆପଣଙ୍କର ତ ବହୁତ ଜମିବାଡ଼ି ଅଛି । ସେଥିରୁ ଦୁଇ ଚାରିମାଣ ବିକ୍ରୀ କରିଦେଲେ ଏ ବିଶାଳ ଗ୍ରନ୍ଥ ପ୍ରକାଶ କରଯାଇ ପାରିବ । ଏ ମଧ୍ୟରୁ କୌଣସି ପ୍ରସ୍ତାବ କାର୍ଯ୍ୟକାରୀ ହେବା ପୂର୍ବରୁ ଶ୍ରୀ ସିଂହ ସଂସାର ତ୍ୟାଗ କଲେ, ଷଢ଼େଇକଳା, ଖରସୁଆଁ ଓଡ଼ିଶାରୁ ବିହାରକୁ ଚାଲିଯିବାର ଅବ୍ୟବହିତ ମୁହୂର୍ତ୍ତ ପରେ । ସେତେବେଳେ ପଣ୍ଡିତ ନୀଳକଣ୍ଠ କହିଥିଲେ—ଆମେ ଆମ ଲୋକଙ୍କୁ ବଡ଼ କରିବାର କୌଶଳ ଜାଣୁନାହିଁ । ଷଢ଼େଇକଳା ଖରସୁଆଁ ଚାଲିଯିବା ଦୁଃସମ୍ବାଦରେ 'ପ୍ରାଚୀନଉତ୍କଳ'ର ଲେଖକ, ଉତ୍କଳପ୍ରେମୀ ଜଗବନ୍ଧୁଙ୍କ ଅନ୍ତରାତ୍ମା ଜାଣ ବିଦୀର୍ଣ୍ଣ ହୋଇଥିଲା—ସେ ଇହଧାମ ତ୍ୟାଗ କଲେ । ଏ ଘଟଣାଟି କାକତାଳୀୟ, ଯଦି ବା ଜଗବନ୍ଧୁଙ୍କ ଅନ୍ତରାତ୍ମା ଏ ଦୁର୍ଘଟଣାରେ ଘୋର ଯନ୍ତ୍ରଣା ଅନୁଭବ କରିଥିବ, ସନ୍ଦେହ ନାହିଁ ।

## ପଦ୍ମଚରଣ ପଟ୍ଟନାୟକ

ଅନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ କବି ପଦ୍ମଚରଣଙ୍କ ସହିତ ମୋର ସଂପର୍କ ନିବିଡ଼ ଥିଲା । ସେ, ଆଇ. ଏ ଓଡ଼ିଆ ଖାତାର ମୁଖ୍ୟ ପରୀକ୍ଷକ ଓ ମୁଁ ତାଙ୍କର ସହକାରୀ ହୋଇଥିଲି । ମୁଁ ପୁରୀ ତ୍ୟାଗ କଲାପରେ ତାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁ ହେଲା, ସେତେବେଳେ ତାଙ୍କ ଆର୍ଥିକ ଅବସ୍ଥା ଶୋଚନୀୟତମ ସ୍ତରରେ ପହଞ୍ଚିଥିଲା, ଘୋର ପୁତ୍ରଶୋକ ମଧ୍ୟରେ ରୋଗଶଯ୍ୟାରେ ଅତି ଅସହାୟ ଭାବରେ ପଡ଼ି ପଡ଼ି ସେ ପ୍ରାଣତ୍ୟାଗ କଲେ । ନିଶାର୍ଦ୍ଧରେ ତାଙ୍କ ଶବକୁ ଗୋଟିଏ ବୁଲା କୁକୁର ମାତ୍ର ଅନୁସରଣ କରୁଥିଲା ।

## ତରୁଣସାହିତ୍ୟମନ୍ଦିର

ମୋର ଯତ୍‌ସାମାନ୍ୟ ସାହିତ୍ୟିକ ଦାନକୁ ପୁରୀର ତରୁଣସମାଜ ସେତେବେଳେ ଅଭିନନ୍ଦନ ଜଣାଇଥିଲା, ମୋତେ ଶ୍ରଦ୍ଧା ଓ ସମ୍ମାନଚକ୍ଷୁରେ ଦେଖୁଥିଲା । କେତେକ ତରୁଣ ସେତେବେଳେ ମୋ ଅଫିସ୍‌କୁ ରୀତିମତେ ଆସୁଥିଲେ । ସେମାନଙ୍କ ମଧ୍ୟରେ ପଠାଣି ପଟ୍ଟନାୟକ (ଏବେ ଅଧ୍ୟାପକ ଓ ସାହିତ୍ୟିକ), ବଳରାମ ପଟ୍ଟନାୟକ (ଏବେ ଔପନ୍ୟାସିକ) ପ୍ରଧାନ । ଆମ୍ଭମାନଙ୍କ ମଧ୍ୟରେ ଆଲୋଚନାର ଫଳ—'ତରୁଣସାହିତ୍ୟମନ୍ଦିର' । ଏହି ମନ୍ଦିରରେ ପ୍ରତି ସପ୍ତାହରେ ତରୁଣମାନଙ୍କ ଲେଖା ପାଠ ଓ ଆଲୋଚନା ହେଉଥିଲା, 'ପ୍ରଭାତୀ' ନାମକ ଗୋଟିଏ ହାତଲେଖା ପତ୍ରିକା ବାହାର କରା ହେଉଥିଲା, ଆଡ଼ମ୍ବରରେ ବାର୍ଷିକୋତ୍ସବ ପାଳିତ ହେଉଥିଲା । ପ୍ରଥମ ବାର୍ଷିକ ଉତ୍ସବରେ ସଭାପତି ଥିଲେ ପୁରୀ କଲେଜର ଅଧ୍ୟକ୍ଷ ଗିରିଜାଶଙ୍କର ରାୟ, ବକ୍ତା ଶ୍ରୀ ରମଚନ୍ଦ୍ର ଦାଶ (ପରେ ଡକ୍‌ଟର), ଉଦ୍‌ଘାଟକ ମୁଁ ନିଜେ । ୧୯୪୮ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିରର ଆନୁକୂଲ୍ୟରେ ଗଳ୍ପସଂକଳନ 'ତରଙ୍ଗ' ପ୍ରକାଶ ପାଇଥିଲା । ଏହି ଗଳ୍ପସଂକଳନରେ ଯେଉଁମାନେ ଲେଖିଥିଲେ ସେମାନେ ଅଚିରେ ସାହିତ୍ୟଜଗତରୁ ବିଦାୟ ନେଲେ । ସାହିତ୍ୟକୁ ଆଜୀବନ ସାଧନାର ବିଷୟ ରୂପେ ବାଛିନେଲେ ଅଖିଳମୋହନ ପଟ୍ଟନାୟକ, ପଠାଣି ପଟ୍ଟନାୟକ ଓ ବଳରାମ ପଟ୍ଟନାୟକ । ଆଦ୍ୟ କଥନୀରେ 'ତରଙ୍ଗ'ରେ ମୋର ଏଇ ଉତ୍ସାହବ୍ୟଞ୍ଜକ କବିତାଟି ପ୍ରକାଶ ପାଇଥିଲା—

ମଣିଷ ହୃଦୟେ ଜାଗେ ଯେତେ ଯେତେ ଢେଉ
ଅନ୍ଧାରଭରା ଜୋଛନାମୟ ବା କେହୁ ।
ବଜାଇ ହୃଦୟ ବଂଶୀ କରୁଣ ରାଗେ
ଲୁହ ଧାରେ ଧାରେ କିଏ ଯେ ବିଦାୟ ମାଗେ
ଫୁଟାଇ କମଳ ମୁଖ ଯାଏ କିଏ ଚାଲି
ଭାରତୀର ତାଜମହଲ ପଡ଼ଇ ଖାଲି ।

---

ଖ୍ରୀଷ୍ଟ କଲେଜର ଅଧ୍ୟାପକ ପଠାଣି ପଟ୍ଟନାୟକ ମୋତେ ଉପାଦାନ ଯୋଗାଇ ଦେଇଛନ୍ତି ।

ଜଞ୍ଜାଳ କୂଳେ ଲାଗି ହୁଅଇ ଚୂନା
ଲେଖନୀର ମୁନ କରେ ନାହିଁ
ନିଜ ପ୍ରକାଶେ ଜମାଟ ସୁନା ।

ଆଜି ଏ କି ଭେଉ ତରୁଣ ହୃଦୟେ ଖେଳେ
ଦେଶମାତା ପାଦ ଶିକୁଳି ଫିଟିବା ବେଳେ
ସୁନାର ପଦୁଅଁ ଫୁଟି ଫୁଟି ଆସେ ତହିଁ
ବାସେ ତାର ଦିନେ ମହକାଇ ଦେବ ମହୀ ।
ରସେ ରସେ ତାର ନାଚିବ ନିଖିଳ ରାଣୀ
ହାସେ ଦେବ ବୀଣା ଝଙ୍କାରି ବୀଣାପାଣି
ଉତ୍କଳ ମନେ କେତେ ଆଶା ଆଜି ଜାଗେ
ଫୁଟିବ ନିଖିଳ ଏ ଜାତି ତରୁଣ
ଅରୁଣ କିରଣ ରାଗେ ।

ସୁପରିଣ୍ଟେଣ୍ଡେଣ୍ଟ ଥିଲାବେଳେ ମୁଁ ଲୋକଗୀତସଂଗ୍ରହ ଲାଗି ଗୋଟିଏ ବିସ୍ତୃତ ଯୋଜନା କରିଥିଲି । ସଂସ୍କୃତ ଟୋଲ ପରିଦର୍ଶନ ସହିତ ମୋର ଦୁଇଟି କାର୍ଯ୍ୟ ଆନୁସଙ୍ଗିକ ଥିଲା (କ) ପ୍ରାକୃତିକ ଦୃଶ୍ୟଦର୍ଶନ (ଖ) ଲୋକଗୀତସଂଗ୍ରହ । ପଣ୍ଡିତମାନଙ୍କୁ ମୂଖ୍ୟ ସାହିତ୍ୟସଂଗ୍ରହରେ ଲଗାଇବା ଏକ ଅବ୍ୟାପାର; ଏହି ସାହିତ୍ୟର ଗୁରୁତ୍ୱ ସେମାନଙ୍କୁ ହୃଦୟଙ୍ଗମ କରାଇବା ବିଶେଷ କଷ୍ଟସାଧ୍ୟ, କିନ୍ତୁ ମୋର ଉପାୟାନ୍ତର ନ ଥିଲା । ପଣ୍ଡିତମାନଙ୍କ ସାହାଯ୍ୟରେ ମୁଁ ପ୍ରାୟ ଦଶହଜାର ଗୀତ ସଂଗ୍ରହ କରିଥିଲି—ଏହାହିଁ ଗବେଷଣାର ମୂଳପୁଞ୍ଜି, ଯାହା ବଢ଼ାଇବା ଲାଗି ମୁଁ ବାଲେଶ୍ୱରରେ ଓ ବିଶ୍ୱଭାରତୀରେ ଥିବାବେଳେ ଚେଷ୍ଟା କରିଥିଲି । ସଂଗୃହୀତ ଗୀତଗୁଡ଼ିକ ମୁଁ ନିମ୍ନ ଭାବରେ ବିଭକ୍ତ କରିଥିଲି—ପ୍ରେମଗୀତିକା, କରୁଣଗୀତିକା, ଚଉତିଶା, ଚଉପଦୀ, ଦୁହା, ହଳିଆ ଗୀତ, ସ୍ତୁତିଗୀତିକା, ସ୍ନେହର ରାଗିଣୀ ଓ ବିବିଧ ।

୧୯୪୮ରେ 'ପଲ୍ଲୀପୁଷ୍ପ' ନାମରେ ସେସବୁ ପ୍ରକାଶିତ ହୋଇଥିଲା; ପ୍ରକାଶ କରିଥିଲେ ଦାନବୀର ମହନ୍ତମହାରାଜ ଶ୍ରୀ ଗଦାଧର ରାମାନୁଜ ଦାସ । ଏହା ଧର୍ମପୁସ୍ତକ ନୁହେଁ, ମହନ୍ତମହାରାଜ ଲୋକସାହିତ୍ୟର ମହତ୍ତ୍ୱ ବୁଝି ଏହା ପ୍ରକାଶ କରିଥିଲେ, ତା ମଧ୍ୟ ନୁହେଁ । ବରଂ ଏହି ପୁସ୍ତକ ସହିତ ତାଙ୍କର ନାମ ସଂଯୋଗ ବିସ୍ମୟକର । କେବଳ ମୋ ପ୍ରତି ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସ ଥିବାରୁ ମୋ କଥା ସେ ଏଡ଼ିପାରି ନ ଥିଲେ । କୃତଜ୍ଞତାର ସହିତ ମୁଁ ତାଙ୍କ ନାମ ସ୍ମରଣ କରୁଛି, ବହୁ ବ୍ୟକ୍ତି ଓ ଅନୁଷ୍ଠାନ କରୁଥିବେ ।

'ପଲ୍ଲୀପୁଷ୍ପ'ର ମୁଖବନ୍ଧ ପଢ଼ି କାନ୍ତକବି ଲକ୍ଷ୍ମୀକାନ୍ତ ଆନନ୍ଦଉଚ୍ଛ୍ୱାସ ମଧ୍ୟରେ ମୋତେ ଆଶୀର୍ବାଦ କରିଥିଲେ—ସେଇ ମୁଖବନ୍ଧର କିଛି ଅଂଶ ଉଦ୍ଧାର କଲି—

"ଗାଆଁ ଗହଳର ସରଳ ସୁନ୍ଦର ଜୀବନ ଗଢ଼ି ଚାଲିଛି ଯୁଗ ଯୁଗ ଧରି, ଠିକ୍ ଯେପରି ଗୋଟିଏ ସ୍ୱଚ୍ଛ ପଲ୍ଲୀଝରଣା । କେତେ ସୁଖଦୁଃଖ, ଅଭାବଅସୁବିଧା, ଅତ୍ୟାଚାର ଓ ଅତ୍ୟାଚାରର ଅନୁଭୂତି ଜମାଟ ବାନ୍ଧେ ବୁକୁ ଭିତରେ । ସାହୁକାର

ଶୋଷୁଚି, ମହାଜନ ପେଷୁଚି, ଜମିଦାର ଘର କୋରଖ କରୁଚି ଏବଂ ଟିକିଏ ଅବାଟରେ ଗଲେ ସମାଜ ଅଟକଉଛି । ଘର ଭିତରେ ବି ଶାନ୍ତି କାହିଁ ? ଶାଶୂ ନଣନ୍ଦ ବୋହୂକୁ ଗଞ୍ଜଣା ଦେଉଛନ୍ତି, ଭାଇ ଭିନ୍ନ ହେଉଛନ୍ତି । ଘରର ଇତିହାସ ଅନେକ ସମୟରେ କଳିତକରାଳ, ଦୁଃଖହାହାକାରର ଇତିହାସ ହୋଇଛି । କୁଆଁର ପୁନେଇଁ ଦିନ ଝିଅଙ୍କ ପୁଚିଖେଳ, ଦାଣ୍ଡଓଲିଆ, ଧାନକଟା, ପାଣିବୁହା, ଶଗଡ଼ଚଲା ପ୍ରଭୃତି କର୍ମ ଭିତରେ କ୍ଳାନ୍ତିଅପନୋଦନ ଲାଗି ସଙ୍ଗୀତର ଜୁଆର ଛୁଟିଛି । ସ୍ନେହ, ପ୍ରେମ, ସୁଖ ଦୁଃଖର ତିକ୍ତ ମଧୁର ଭାବ ଅନୁଭବ କରେ ପଲ୍ଲୀର ହୃଦୟ । ସେତିକିବେଳେ ମନକୁ ମନ କବିତା ଝରେ, ଯେପରି କାକର ପଡ଼େ, ବର୍ଷା ଝରେ, ଫୁଲ ଫୁଟେ, ବାସନା ଛୁଟେ, ପର୍ବତ ବୁକୁ ବିଦାରି ଝରଣା ଫିଟେ ।”

ସେତେବେଳେ ଶ୍ରୀ ଗଦାଧର ରାମାନୁଜ ଦାସ ‘ଉତ୍କଳସଂସ୍କୃତପରିଷଦ୍’ର ସଭାପତି, ମୁଁ ସମ୍ପାଦକ । ତାଙ୍କ ପ୍ରରୋଚନାରେ ମୁଁ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ସଂସ୍କୃତ ସମାବର୍ତ୍ତନ ଉତ୍ସବରେ ଭାଷଣ ଦେବାଲାଗି ନିମନ୍ତ୍ରଣ କରିଥିଲି । ପଣ୍ଡିତଜୀ ଭାଷଣଟି ଲେଖିଆଣିବା ଓ ମହନ୍ତମହାରାଜ ତାହା ପ୍ରକାଶ କରିବାର କଥା ହୋଇଥିଲା, କିନ୍ତୁ କୃଷ୍ଣଙ୍କୁ ଅସୁର ବୋଲି ପଣ୍ଡିତଜୀ ଲେଖିଥିବାରୁ ମହନ୍ତମହାରାଜ ମର୍ମେ ମର୍ମେ ଆହତ ହେଲେ ଓ ସେହି ଗ୍ରନ୍ଥ ପ୍ରକାଶ କରିବାକୁ ଅନିଚ୍ଛୁକ ହେଲେ । ପଣ୍ଡିତ ନୀଳକଣ୍ଠ ପରେ ଏହି ଗ୍ରନ୍ଥକୁ ‘ସଂସ୍କୃତ ଓ ସଂସ୍କୃତି’ ନାମରେ ପ୍ରକାଶ କରିଥିଲେ । ପରିଷଦ୍ ନାମ ଦିଆ ହୋଇଥିଲେ ବି ଏହା ଗୋଟିଏ ବିଶ୍ୱବିଦ୍ୟାଳୟ, ସେହି ଦୃଷ୍ଟିରୁ ବିଚାର କରି ପଣ୍ଡିତମହାଶୟ ମୋତେ ‘କୁଳପତି’ ବୋଲି ସମ୍ବୋଧନ କରିଥିଲେ ।

ସୁପରିଣ୍ଟେଣ୍ଡେଣ୍ଟ ଥିଲାବେଳେ ମୁଁ ପଣ୍ଡିତମାନଙ୍କ ବେତନ ବଢ଼ାଇବା ଲାଗି ନିଷ୍ଠାପର ଭାବେ ଚେଷ୍ଟା କରିଥିଲି । କିଏ ସାହିତ୍ୟାଚାର୍ଯ୍ୟ, କିଏ ନ୍ୟାୟାଚାର୍ଯ୍ୟ ବା ବ୍ୟାକରଣାଚାର୍ଯ୍ୟ—ଦରମା କିନ୍ତୁ ଆଠ ଦଶ ଟଙ୍କା ମାତ୍ର । ବିଦ୍ୟା ଓ ବିଦ୍ୟାବନ୍ତର ଚରମ ଅବମାନନା ଏ । ବାରବର୍ଷର ତପସ୍ୟା ଚଷୁକୁଟା ପରି ହେଉଥିଲା ଏକ ବ୍ୟର୍ଥ ଚେଷ୍ଟା । ପ୍ରାଥମିକ ଶିକ୍ଷକ ବା ପିଅନଙ୍କଠାରୁ ଦରମାରେ ବରଂ ନିମ୍ନତର ସ୍ତରରେ ଥିଲେ ପଣ୍ଡିତ; ଯାହାକୁ ପଢ଼ିଲେ ଲୋକ ମୁମୂର୍ଷୁ ଅବସ୍ଥାରେ ସାରାଜୀବନ ବିତାଏ, ତାହା ମୃତ ଭାଷା ଭାବେ ବିବେଚିତ ନୋହିବ ତ ଆଉ କ’ଣ ହେବ ? ପ୍ରାୟ ଦୁଇଶହ ଟୋଲ ଓ ପାଠଶାଳା ଲାଗି ମାତ୍ର ଆସୁଥିଲା ଦଶହଜାର ଟଙ୍କା ଦରମା—ଗ୍ଳାନିକର ।

ସରକାରୀ ଲୋକ ସରକାରଙ୍କୁ ଅଳ୍ପ ଖର୍ଚ୍ଚ କରାଇବାର କଥା । ମୋ ପ୍ରୟାସ ଗତି କଲା ବିପରୀତ ଦିଗରେ । ମୋ ପ୍ରସ୍ତାବ ପରେ ଅବଶ୍ୟ ଗୃହୀତ ହେଲା, କିନ୍ତୁ ମୁଁ ଗୃହୀତ ହୋଇ ପାରିଲିନାହିଁ । ମୋର ବଦଳି ହେଲା ନବ ପ୍ରତିଷ୍ଠିତ ‘ଫକୀରମୋହନ’ କଲେଜକୁ, ଓଡ଼ିଆ ଅଧ୍ୟାପକ ଭାବେ ।

ପୁରୀରେ ଦେଢ଼ବର୍ଷ ରହଣି ବଡ଼ ସମ୍ମାନାସ୍ପଦ ଓ ସୁଖକର ହୋଇଥିଲା । ବିଦଗ୍ଧ ସହବାସ, ସଜ୍ଜନମେଳ ପ୍ରାୟ ଦୈନନ୍ଦିନ ସୁଯୋଗ ଥିଲା । ସଂସ୍କୃତରେ ଅନର୍ଗଳ ବକ୍ତା ଅଧ୍ୟାପକ ପଣ୍ଡିତ ବାସୁଦେବ ମିଶ୍ର, ଜ୍ଞାନର ଭଣ୍ଡାର ଓ ମହୋଦାର ପଣ୍ଡିତ ଆନନ୍ଦ ମିଶ୍ର, ବେଦବିଦ୍ୟା ବିଶାରଦ ପଣ୍ଡିତ ରାମଚନ୍ଦ୍ର ରଥ, ନୈୟାୟିକ ରାମକୃଷ୍ଣ ମିଶ୍ର, ବୈୟାକରଣ ଚିନ୍ତାମଣି ମିଶ୍ର ଓ ପଦ୍ମନାଭ ମିଶ୍ର, ମହାମହୋପାଧ୍ୟାୟ

ଦାମୋଦର ଶାସ୍ତ୍ରୀ ପୁରୀର ପାରମ୍ପରିକ ଜ୍ଞାନମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିଥିଲେ ଶ୍ରୀଡ଼ ଦେଉଳରୁ ବେଳାଭୂମି ପ୍ରାୟ ନିତ୍ୟ ଗତିକ୍ରମ ଥିଲା – ଝାଉଁ ମର୍ମରରୁ ତରଙ୍ଗ ଝଙ୍କାର ଥିଲା ନିତ୍ୟ ଶ୍ରୁତ ସଙ୍ଗୀତ । ସଂକୀର୍ତ୍ତନଦଳର ବଡ଼ଦେଉଳ ପରିକ୍ରମା କାଙ୍ଗାଳୀ ଭୋଜନ, ଚିତ୍ରିତା ମାତା, ସ୍ଥୁଳୋଦର ମହନ୍ତ, ବଡ଼ଦାଣ୍ଡରେ ସାମ୍ନାରେ କନା ପକାଇ ବସିଥିବା ଦଳ ଦଳ ମାଗନ୍ତା, ଝୁଲଣ, ଚନ୍ଦନ, ରଥଯାତ୍ରା, ପଣ୍ଡା ମାନଙ୍କର ବାକ୍‌ଭଙ୍ଗୀ, ଆଖଡ଼ାର ଓଡ଼ିଶୀ ସଙ୍ଗୀତ ଝଙ୍କାର ପ୍ରଭୃତି ପୁରୀର କେତେକ ବୈଶିଷ୍ଟ୍ୟ ସହ ନିବିଡ଼ ପରିଚୟ ହୋଇ ଯାଇଥିଲା । ପୁରୀ ଆତ୍ମସନ୍ତୁଷ୍ଟ; ସମୁଦ୍ର ହାଓ୍ୱାରେ ନିଦ୍ରା ହେଉଥିଲା ଘନତର । ଅଭାବ ଦେଖା ଯାଉଥିଲା କଠୋର କଠ ତପସ୍ୟାର, ନିତ୍ୟନବ ଆତ୍ମୋନ୍ନତି ପ୍ରୟାସର । ମଠ, ମେଳା, ମଉଛା, ଭଙ୍ଗ ବ ସାଇଯାତ—ଜୀବନ ଗତି କରୁଥିଲା ସହଜ ମାର୍ଗରେ; ତଥାପି ନବ ଭାବରେ ଉଦ୍‌ବେଳ କରୁଥିଲା ପ୍ରାଣକୁ ବଡ଼ଦେଉଳ, ଜଗନ୍ନାଥ ବା ମହୋଦଧି ।

ଇଂରେଜମାନେ ଭାରତ ଛାଡ଼ି ଯାଉଥିବାବେଳେ ମୁଁ ପୁରୀ ଛାଡ଼ିଲି ସେତିକିବେଳେ ମୋର ବିପ୍ଳବାତ୍ମକ କବିତା 'ଝଙ୍କାର' ଜଗବନ୍ଧୁ ବିଦ୍ୟାଧର 'ସତ୍ୟବାଦୀ'ରେ ପ୍ରକାଶିତ ହୋଇଥିଲା । ପୁରୀରୁ ବିଦାୟ ନେଲାବେଳେ ମୁଁ 'ସାଗରେ ବିଦାୟ' କବିତାଟି ଲେଖିଥିଲି —

"ହାୟ ଦାସ ଜୀବନର ଫାଶପ୍ରାସ କିଏ ବୁଝେ ?
ଆଜି ମନ ସାଥେ ମୋର ଜୀବନ ବେଉସା ଯୁଝେ
ଆଜି ରୁଚିକି ପ୍ରହାର ସୂଚୀମୁନା ଶର ଶତ
ଆହା କି ଗଭୀର ବ୍ୟଥା ହୃଦୟେ ଖୋଳଇ କ୍ଷତ
ଶୋକ ଦଂଶଇ ମନ ଭସ୍ମ ମରମ ଆଜି
ଏଇ ଢେଉ ସମ କେତେ ଆଶା ମୋ ପଡ଼ିଲା ଭାଜି
ଆଜି ବିଦାୟ ସଜଳ ବିଦାୟ ବିଜନ ବେଳା
ମଥା ବିକିବା ଜନର ବୃଥାରେ ଜୀବନ ଖେଳା ।"

# ଫକୀରମୋହନ କଲେଜରେ ଅଢ଼େଇବର୍ଷ

ଏକ ଐତିହାସିକ ଓ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବର୍ତ୍ତକମାନଙ୍କର ଜନ୍ମସ୍ଥାନ ଭାବରେ ବାଲେଶ୍ୱର ପ୍ରତି ମୋର ସ୍ୱତନ୍ତ୍ର ଆକର୍ଷଣ ଥିଲା—ଫକୀରମୋହନ, ରାଧାନାଥ, ଚିନ୍ତାମଣି, ଲକ୍ଷ୍ମୀକାନ୍ତ ସାହିତ୍ୟର ଚତୁର୍ଧାମୂର୍ତ୍ତି—ବାଲେଶ୍ୱରକୁ ସେମାନେ ପ୍ରତିଷ୍ଠିତ କରିଥିଲେ ସାହିତ୍ୟରେ; 'କାଂଶବାଂଶ ସୋର ମୁକୁତାହାର', 'ଉତ୍କଳ କାଳିନ୍ଦୀରୂପିଣୀ ସାଳନ୍ଦୀ', 'ଉତ୍ତରେ ବଳାଙ୍ଗୀ ...... — ଜଳ ବେଣୀ ବର୍ଣ୍ଣେ କୁରଙ୍ଗୀ ନୟନ ନୀଳିମା ଜିଣେ' ପ୍ରାଣରେ ମୂର୍ଚ୍ଛନା ସୃଷ୍ଟି କରିଥିଲା । 'ଯେ ଦେଶେ ଯାଇ ସେ ଫଳ ଖାଇ'—ଅଳ୍ପକାଳ ମଧ୍ୟରେ ବାଲେଶ୍ୱର ଆରେଇ ଚଲା । 'ଏହା ଏକ ମେଲେରିଆ ପ୍ରପୀଡ଼ିତ ଓ ଅସ୍ୱାସ୍ଥ୍ୟକର ସ୍ଥାନ'—କେତେ କୋକୁଆ ଭୟ ଦେଖାଇ ଥିଲେ । ମୋ ପକ୍ଷେ ଏହା ମିଥ୍ୟା ପ୍ରମାଣିତ ହେଲା; ତେବେ ଶ୍ମଶାନରେ ନର କଙ୍କାଳ ସ୍ତୂପ ଦେଖି ଚମକି ପଡ଼ିଥିଲି—୧୯୪୩ ଦୁର୍ଭିକ୍ଷର କୀର୍ତ୍ତି ।

## ଆଶୁତୋଷ ରାୟ

କଲେଜ ହଷ୍ଟେଲରେ ଦିନେ ଦୁଇଦିନ ରହିଲା ପରେ 'ମାମୁଁ' ଉପନ୍ୟାସର ପ୍ରଥମ ସମାଲୋଚକ ସାହିତ୍ୟିକ ଅସରଫ ଆଲୀଙ୍କ ବସାରେ ଲୋକାଲ୍ ବୋର୍ଡ଼ ଚେୟାରମ୍ୟାନ୍ ଆଶୁତୋଷ ରାୟଙ୍କ ସହିତ ରହିଲି । ରାୟଙ୍କ ଘର କେନ୍ଦାରପୁର, ସେ କବିବର ରାଧାନାଥଙ୍କ ନିକଟ ସଂପର୍କୀୟ । ସେ ଜଣେ ସ୍ଥାନୀୟ କଂଗ୍ରେସ ନେତା, ଦିନେ ଦେଶୋଦ୍ଧାର ଲାଗି ଭବିଷ୍ୟତ ଉଚ୍ଚାକାଂକ୍ଷାରେ ଜଳାଞ୍ଜଳି ଦେଇଥିଲେ—ସରଳବିଶ୍ୱାସୀ ସଜ୍ଜନ, ଅକପଟ ବ୍ୟବହାର ଯୋଗୁଁ ସେ ପ୍ରାଥମିକ ଶିକ୍ଷକ ମହଲରେ ଲୋକପ୍ରିୟ ହୋଇଥିଲେ । ଶିକ୍ଷକମାନଙ୍କ ସାହାଯ୍ୟରେ ବହୁ ଗାଉଁଲୀ ଗୀତ ସଂଗ୍ରହ କରି ମୋତେ ଦେଇଥିଲେ ।

ସେ ଥରେ ବାଲେଶ୍ୱରର ସମୁଦ୍ରତୀରବର୍ତ୍ତୀ ଅଞ୍ଚଳକୁ ମୋତେ ବୁଲାଇ ନେଇଥିଲେ—ଡେଙ୍ଗା ଡେଙ୍ଗା କିଆ ବୁଦା, ବାଲିବନ୍ତ, ମଧ୍ୟେ ମଧ୍ୟେ ଝାଉଁବଣ,

ଶୁଖିଲା ସମୁଦ୍ର ଜୁଆରରେ ଭରି ଉଠୁଥିଲା । କୂଳରେ ଦଳ ଦଳ ଲାଲ୍ କଙ୍କଡ଼ା ବିଦ୍ୟୁତ୍ ଗତିରେ ଇତସ୍ତତଃ ଦୌଡ଼ି ମନକୁ କୌତୁକଚପଳ କରୁଥିଲେ । ଜୁଆର ଆଗରୁ ଶୁଖିଲାରେ ଜାଲ ଘେରାଇ ଭଟ୍ଟା ପଡ଼ିଲେ ଏ ସମୁଦ୍ରରୁ ମାଛ ଧରାଯାଏ ।

ଏତେ ଶୁଷ୍କ ଦିଶିଲେ ମଧ୍ୟ ଝଡ଼ରେ ତରଙ୍ଗବିକ୍ଷୋଭରେ ଏ ବେଳା ଭୟଙ୍କର ହୁଏ । ସମୁଦ୍ରସ୍ରୋତରେ ଗାଆଁ ଗଣ୍ଡା ନିଶ୍ଚିହ୍ନ ହୁଏ । ଉର୍ବର ଗହ୍ୱାରବିଲରେ ବାଲି ଚରିଯାଏ । ଅକାଳ ମୃତ୍ୟୁରୂପୀ ସେଇ ବନ୍ୟା, ଝଡ଼ ଆଖି ଆଗରେ ମୋର ମୁହୂର୍ତ୍ତକ ଲାଗି ନାଚି ଉଠିଲା, ଚିତ୍ତ ବେଦନଭରା ହୋଇ ଉଠିଲା । ଆଖି ଖୋଲି ଦେଖେ ତ ବାଲି ଉପରେ ତରଙ୍ଗ ନୁହେଁ, ମରୀଚିକା ହିଁ ନୃତ୍ୟ କରୁଛି ।

କୂଳେ କୂଳେ କେତେବାଟ ଗଲା ପରେ ଆମେ ବୁଢ଼ାବଳଙ୍ଗ ନଦୀ ମୁହାଁଣ ପାରିହେଲୁ । ଦିନେ ଏଇ ପଥରେ ସାଧବ ପରିବୃତ୍ତା ଲକ୍ଷ୍ମୀ ଉତ୍କଳରେ ପ୍ରବେଶ କରୁଥିଲେ । ଏବେ ନଦୀ ପୋତି ହୋଇଯାଇଛି, ଜାହାଜ ନଦୀ ଭିତରକୁ ଯାଉ ନାହିଁ । ଖୋଳାହେଲା ପରେ ହୁଏତ ସେଇ ଗୌରବମୟ ଇତିହାସର ପୁନରାବୃତ୍ତି ଘଟିବ ।

ମୁହାଁଣ ପାରିହେଲା ପରେ ଦେଖିଲି ଲମ୍ବ ଲମ୍ବ ଅଗଣିତ ତାଳବୃକ୍ଷ, ବେଳାଧାରରେ ବୁଦୁବୁଦିକିଆ ଜଙ୍ଗଲ । ଲୁଣି ଜୁଆରରୁ ଉର୍ବର କ୍ଷେତ୍ରକୁ ରକ୍ଷା କରିବା ଲାଗି ଗୋଟିଏ ବନ୍ଧ ବନ୍ଧାଯାଇଛି । ମେଦିନୀପୁରର ଦୁଃସାହସୀ କୃଷକମାନେ ଏଇ ଅପନ୍ତରା ଭୂଇଁକୁ ଜମିଦାରମାନଙ୍କଠାରୁ ପଟା ନେଇ ଏଥିରେ ସୁନା ଫଳାଉଛନ୍ତି । ଗଞ୍ଜାମ କୂଳଆଡ଼ୁ ପୁରୀ ବାଟେ ମାଡ଼ି ଆସୁଛନ୍ତି ତେଲେଙ୍ଗା ନୋଳିଆ, ଏଣୁ ମାଡ଼ି ଯାଉଛନ୍ତି ମେଦିନୀପୁରୀ ବଙ୍ଗାଳୀ; ଉଭୟଙ୍କର ଭେଟ ହେବ କେଉଁଠି ?

ମେଦିନୀପୁରିଆମାନେ ଦୋଘଟୀ; ଧାନ ଅମଳ କରି ନୌକାରେ ରୂପନାରାୟଣ ନଦୀ ବାଟେ ମେଦିନୀପୁର ବୋହି ନିଅନ୍ତି, କିଏ ବା ଏଠି ବିକ୍ରୀ କରି ଦିଅନ୍ତି ।

ଆଶୁତୋଷଙ୍କ ସହିତ ବାଲେଶ୍ୱର ପଲ୍ଲୀଭ୍ରମଣ ବଡ଼ ସୁଖପ୍ରଦ ହୋଇଥିଲା । ସେ ଭଲ ମଣିଷ; କିନ୍ତୁ ଉଚ୍ଚାକାଂକ୍ଷାର ଅପରିପୂର୍ତ୍ତି ତାଙ୍କ ମନକୁ ବିଭ୍ରାନ୍ତ କରିଥିଲା; ତାଙ୍କ ପରି ବହୁ କର୍ମୀ ନୈରାଶ୍ୟ ଦୁଃଖରେ କାଳ ହରଣ କରୁଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ କେହି ବ୍ୟବସ୍ଥାସଭାର ସଭ୍ୟ, କେହି ମନ୍ତ୍ରୀ, ଉପମନ୍ତ୍ରୀ, କେହି ରାଜ୍ୟପାଳ, ରାଷ୍ଟ୍ରପତି ହୋଇଥିଲେ; ଶ୍ରୀ ରାୟଙ୍କୁ ଲୋକାଲ୍‌ବୋର୍ଡ ଚେୟାରମାନ୍ ଆସନଟି ମିଳିଥିଲା, ସେ ତହିଁରୁ ଉଚ୍ଚତର ଆସନକୁ ଉଠିବାକୁ ଚାହୁଁଥିଲେ । କିନ୍ତୁ ଗଣ୍ଠିରେ ଧନ ନ ଥିଲା; ଯତ୍ ସାମାନ୍ୟ ଗସ୍ତ ଖର୍ଚ୍ଚାରେ ସେ ସଂଯତବ୍ୟୟୀ ବୋଲି କୌଣସି ପ୍ରକାରେ ଚଳିଯାଉଥିଲେ; ଏମ୍. ଏଲ୍. ଏ., ମନ୍ତ୍ରୀ ବା ଉପମନ୍ତ୍ରୀ ଆସନରେ ତାଙ୍କଠାରୁ ଅଯୋଗ୍ୟତର ବ୍ୟକ୍ତି ବସିଛନ୍ତି, ସେ ଅନୁଭବ କରୁଥିଲେ । ନିଜ ଉଚ୍ଚାକାଂକ୍ଷାର ପରିପୂର୍ତ୍ତି ଲାଗି ସେ ସମ୍ବାଦପତ୍ରଟିଏ କାଢ଼ିଲେ; ବିନା ମୂଳଧନରେ ବେଉସା କରିବା କଥା ଏ । କିନ୍ତୁ ବୋର୍ଡ଼ରେ ତ ବହୁତ ଟଙ୍କା; ଆଜି ନେଲେ କାଲି ପୂରଣ କରିଦେଇ ହେବ । ଟଙ୍କା ନିଆହେଲା, କ୍ରମେ ବୁହା ହେଲା, ଅନେକ ମୁହଁରେ, ଅନେକ ପ୍ରକାରେ ଏହାର ସୁଯୋଗ ନେଲେ କିରାନୀ; ପୋଖରୀ ଗୋଳି ହେଲେ ମାଛ ମାରିବାର ବାଟ ଜାଣନ୍ତି ସେମାନେ । ଖାଇ ବଗ ପରି ମୁହଁ ପୋଛି

ସଫାସୁତର ହୋଇ ବସିଲେ; ଅଶ୍ବିନୀ ପଡ଼ିଲେ ହଲପଟାରେ, ଅଠାକାଠିରେ । କିଛିଦିନ ପରେ ଜଣାଗଲା ପଞ୍ଚତ୍ରିଂଶ ହଜାର ଟଙ୍କା ତହବିଲ୍‌ରୁ ଉଣା ପଡ଼ିଛି । ଅର୍ଥ ଆତ୍ମସାତ୍ କରିଥିବା ଅପରାଧରେ ଅଶ୍ବିନୀବାବୁଙ୍କୁ ଜେଲ୍ ଯିବାକୁ ହେଲା; ଉଚ୍ଚାକାଂକ୍ଷାରେ ଚିରଦିନ ଲାଗି ପୂର୍ଣ୍ଣଚ୍ଛେଦ ପଡ଼ିଗଲା ।

## ଅସରଫ୍ ଆଲୀ

ଅସରଫ୍ ଆଲୀ ମଧ୍ୟେ ମଧ୍ୟେ ଆସି ମୋ ସହିତ ସାହିତ୍ୟଚର୍ଚ୍ଚା କରୁଥିଲେ; ପରିଚିତ ବିଦଗ୍ଧଗୋଷ୍ଠୀରୁ ସେ ରଚନାର ପ୍ରେରଣା ପାଇଥିଲେ; ଶେଷ ଜୀବନରେ ସେ ଲେଖାଲେଖି ଛାଡ଼ିଥିଲେ । ଫକୀରମୋହନ ଇଂରାଜୀରେ ନିଜ ନାମ Fa ବଦଳରେ Pha ଲେଖୁଥିଲେ; ସେଇ ବନାନଟି ଫକୀରମୋହନ କଲେଜ ନାମରେ ସ୍ମୃତି ଭାବେ ରଖିବା ଲାଗି ସେ ମୋତେ ଅନୁରୋଧ କରିଥିଲେ, ମୁଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ମନେ କରୁ ନ ଥିବାରୁ ଏ ଦିଗରେ ଚେଷ୍ଟିତ ହେଲି ନାହିଁ ।

ଆଲୀ ଫକୀରମୋହନଙ୍କର କେତେକ ଚିଠିପତ୍ର ଓ ସେ କାଳର ବହୁ ସାଂସ୍କୃତିକ ଉପାଦାନ ସାଇତି ରଖିଥିଲେ; ତାଙ୍କ ମୃତ୍ୟୁ ପରେ ସେ ସମସ୍ତ କି ଅବସ୍ଥାରେ ଅଛି କିଏ ଜାଣେ ?

## ଜଗତ୍‌ବଲ୍ଲଭ ଦତ୍ତ

ମୁଁ କସ୍‌ବାଷ୍ଟ୍ରିଟ୍‌ରେ ଜଗତ୍‌ବଲ୍ଲଭ ଦତ୍ତଙ୍କ ଘର ଭଡ଼ା ନେଲି । ଜଗତ୍‌ବାବୁ ଦିନେ ପୁଲିସ୍ ଇନ୍‌ସପେକ୍‌ଟର ଥିଲେ । କଥା ଅଛି—

ମାଛ ଖାଇବ ଇଲିସି
ଚାକିରୀ କରିବ ପୁଲିସି ।

କିନ୍ତୁ ଦତ୍ତଙ୍କ ଚରିତ୍ର ଓ ଚଳଣି ଏହି ବୃତ୍ତିର ପ୍ରତିକୂଳ ଥିଲା । ଶାନ୍ତ, ଶିଷ୍ଟ ସୁଜନ, ପରୋପକାର ହିଁ ତାଙ୍କର ବ୍ରତ ଥିଲା । ଅସମ୍ଭବ ଭାବେ ସଚ୍ଚୋଟ, ଉପୁରି ଦି ପଇସା ହାତପୈଠ କରିବାର ଯୋଗ୍ୟତା ତାଙ୍କର ନ ଥିଲା, ଶେଷ ଜୀବନ ତାଙ୍କୁ ଦାରିଦ୍ର୍ୟରେ କଟାଇବାକୁ ହୋଇଥିଲା । କିନ୍ତୁ ମନରେ ଅସନ୍ତୋଷ ନ ଥିଲା ।

ନିଜ ବାସଗୃହର କିଛି ଅଂଶ ଆମକୁ ମାତ୍ର ପନ୍ଦର ଟଙ୍କା ଭଡ଼ାରେ ସେ ଦେଇଥିଲେ । ରାନ୍ଧଘର, ପ୍ରଶସ୍ତ ପକକା ଅଗଣା, କୂଅ । ଦାଣ୍ଡରେ ସିମେଣ୍ଟ ପାହାଚର ପୋଖରୀ, ବାଡ଼ଦିଆ ପ୍ରଶସ୍ତ ହତା । ଜଗତ୍‌ବାବୁ ଆମକୁ ନିଜ ପରିବାରର ଲୋକ ପରି ମନେ କରୁଥିଲେ । ତାଙ୍କ ଘରର ଚଡ଼ଚଡ଼ି, ଝୋଲ୍, ଝୋଲ୍ ଆମ ପତରରେ ପଡ଼େ, ଆମ ଘରର ରାଇ, ମହୁର ବେଶରରେ ତାଙ୍କ ପାଟି ସୁଆଦ ହୁଏ । ଜଗତ୍‌ବାବୁ ପ୍ରତିଦିନ ବଜାରକୁ ଦୁଇଟି ବ୍ୟାଗ୍ ନେଇଯାନ୍ତି, ଗୋଟିକରେ ତାଙ୍କର, ଅନ୍ୟଟିରେ ଆମର ପରିବା ଆଣନ୍ତି । ଦର କଷାକଷି କରି ସାଧାରଣ

ବଜାର ଦରରୁ ଦି ପଇସା ଶସ୍ତାରେ ସେ ଜିନିଷପତ୍ର ଆଣିଥାନ୍ତି । ସେ ମୋ ଯୁବତୀ ସ୍ତ୍ରୀକୁ 'ଶାଶୂ' ବୋଲି ଡାକୁଥିଲେ, କିନ୍ତୁ ବୋହୂପରି ଆକଟ କରୁଥିଲେ । ସେ ସମୟରେ ମୋ ସ୍ତ୍ରୀକୁ ଏକୁଟିଆ ରଖିଯିବା କଷ୍ଟକର ହୋଇଥାନ୍ତା । ଏଇ ଘରୋଇ ବାତାବରଣରେ ମୋ ଦିନଗୁଡ଼ିକ ସୁଖରେ କଟି ଯାଇଥିଲା । ସଂସାର ଅଛି, ଅଥଚ ଜଞ୍ଜାଳ ନାହିଁ । ଜଗତ୍‌ବଲ୍ଲଭ ଆମର ଅଭିଭାବକ ଥିଲେ ।

ଜଗତ୍‌ବାବୁ ଗୋଟିଏ ହତଭାଗିନୀ ସ୍ତ୍ରୀକୁ ନିଜ ଘରେ ଆଶ୍ରୟ ଦେଇଥିଲେ । ନାଆଁ ଅବଦି—'ଅବଧି' କ୍ଳିଷ୍ଟ, ଅବିଧି ମଧ୍ୟ ଶାଳୀନ ନୁହେଁ । କେଉଁ ଶବ୍ଦରୁ ଏହି ନାମଟିର ଉତ୍ପତ୍ତି ହେଲା ?

ଅବଦିର ଯୁବତୀ ବୟସରେ ବିଦେଶରେ ତା ସ୍ୱାମୀକି କିଏ ହତ୍ୟା କଲା, ରୋଜଗାରୀ ସ୍ୱାମୀର ମୃତ୍ୟୁ ପରେ ତାର ସୁଖର ସଂସାର ସରିଗଲା । ପିଲାଝିଲା ଜନ୍ମ ହୋଇ ନ ଥିଲେ, କିଛି ଜମିବାଡ଼ି ବି ନ ଥିଲା । ସେ ପର ଘରେ ଗୋହିରୀ ଗୋଟେଇ ଗୋଟାଏ ପେଟ କୌଣସି ପ୍ରକାରେ ପାଳି ଅସୁଥିଲା । ଜଗତ୍‌ବାବୁଙ୍କ ଘରେ ଓ ଆମ ଘରେ ସେ ବାସନ ମଜାମଚ୍ଛି କରୁଥିଲା ।

ରାତି ପାହାନ୍ତରୁ ଉଠି ସେ ପାମଡ ବେଲେ ଓ ଶୁଖାଏ, ତାକୁ ବିକି ସେ ସେଥିରୁ ଦି ପଇସା ପାଏ । ସେ କେବେ ବଡ଼ ପାଟି କରି କଥା କହିବାର ଶୁଣି ନାହିଁ । ଦାରିଦ୍ର୍ୟ ଓ ନାନା ଦୁଃଖଦୁର୍ଦ୍ଦଶା ତାର ମୁଖ ବନ୍ଦ କରି ଦେଇଥିଲା । ଦେଖେଇବାକୁ ବା ବଡେଇ କରି କହିବାକୁ ତାର କିଛି ନ ଥିଲା । ଜଗତର ବହୁ ବାତ୍ୟା, ବହୁ ବିକ୍ଷୋଭ ସହିବା ପାଇଁ ଯେତେ ଯେପରି ତାର ଜନ୍ମ ହୋଇଥିଲା ।

କସବାଷ୍ଟ୍ରିଟରୁ ବୁଢ଼ାବଳଙ୍ଗ ନଈକୂଳ ପାଖ, ପ୍ରାୟ ପ୍ରତି ସନ୍ଧ୍ୟାରେ ମୁଁ ବୁଲି ଯାଉଥିଲି । ସଂକୁଚିତ ଧାର ଅଗଭୀର, କୂଳରେ ତାର ପରିତ୍ୟକ୍ତ ଭଗ୍ନ ବାଣିଜ୍ୟକୋଠି, ଧ୍ୱସ୍ତ ସୌଧ, ଗୁଳ୍ମଭରା; ଭିନ୍ନଜାତୀୟ ଇଷ୍ଟକ, ଭଗ୍ନ ଖର୍ପର ଓ ଚିନା ମାଟିର ବାସନ, ତ୍ୟକ୍ତ ନଙ୍ଗରସବୁ ଉଜ୍ଜ୍ୱଳ ଅତୀତର ସ୍ମୃତି ଜାଗ୍ରତ କରେ, ଦିନେ ଏ ଅଞ୍ଚଳ ସମୃଦ୍ଧ ଥିଲା, ଏବେ ପଙ୍କିଳ, ବନ୍ୟ, ଦରିଦ୍ର, ଅପରିଚ୍ଛନ୍ନ ।

ଦିନେ ଦିନେ ବୁଲୁ ବୁଲୁ ନଈ କୂଳେ କୂଳେ ଫରାସୀ ଡିଙ୍ଗା ପର୍ଯ୍ୟନ୍ତ ଚାଲିଯାଏ—ବ୍ରିଟିଶ୍ ସାମ୍ରାଜ୍ୟରେ ଫରାସୀ ସାମ୍ରାଜ୍ୟର ଏ ଏକ ବିନ୍ଦୁ ଥିଲା, ଡାକୁ, ମଦୁଆ, ମଣିଷମାରୁଙ୍କ ନିରାପଦ ଆଶ୍ରୟସ୍ଥଳୀ ।

## ପରିଷଦ୍ ଓ ସମ୍ମିଳନୀ

ମୁଁ ଫକୀରମୋହନ କଲେଜରେ ଯୋଗ ଦେଲା ପରେ 'ଫକୀରମୋହନ ସାହିତ୍ୟପରିଷଦ୍' ପ୍ରତିଷ୍ଠିତ ହେଲା । କଲେଜ ହଲ୍ ହେଲା ତାର ଆସ୍ଥାନଭୂମି । ନିରାଶ, ଭଗ୍ନୋଦ୍ୟମ, ଆରମ୍ଭକାରୀ ପୁଞ୍ଜି ପୋଷିତ, ବିଡ଼ମ୍ବିତ ସାହିତ୍ୟିକଙ୍କର ଏହା ହେଲା ପ୍ରେରଣାର ଉତ୍ସ । କବିବନ୍ଧୁ ରାଧାମୋହନ ଗଡ଼ନାୟକ ହୋଇଥିଲେ

ଏହାର ଉଦ୍‌ଘାଟକ । ମୁଁ ହେଲି ସ୍ଥାୟୀ ସଭାପତି, ଅଚ୍ୟୁତାନନ୍ଦ ଦାସ ସମ୍ପାଦକ, ୧୯୫୮ରେ ପରିଷଦ୍ ତରଫରୁ ଫକୀରମୋହନଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା । 'ଶାନ୍ତିକାନନ'ରେ ଫକୀରମୋହନଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ସିମେଣ୍ଟ ମୂର୍ତ୍ତିଟି ସ୍ୱଜୀବନ କାଳରେ ଫକୀରମୋହନ ନିର୍ମାଣ କରାଇଥିଲେ, ସେ ଜାଣି ନ ଥିଲେ—ଦିନେ ଅପାତ୍ରରେ ପଡ଼ି ଏହା ଅବହେଳିତ ହେବ ବୋଲି । ଶାନ୍ତି-କାନନନାମଧାରୀ ଉଦ୍ୟାନଟି ତାଙ୍କ ପରେ ସତରେ ଗୋଟିଏ ସର୍ପସଙ୍କୁଳ ଗୁଳ୍ମାରଣ୍ୟରେ ପରିଣତ ହୋଇଗଲା; ହୁଏତ ସେଠି ଶାନ୍ତି ଥିଲା, କିନ୍ତୁ ସେ ଶାନ୍ତି ମୃତ ଅତୀତର, ନିର୍ଜନତାର । ତା' ଭିତରକୁ ଗାଈଆଳ ଘାସ କାଟି ଆସୁଥିଲେ, ପିଲାମାନେ ଛତୁ ତୋଳିବାକୁ ଯାଉଥିଲେ, କେହି କେହି କାନନର ପୋଖରୀମାନଙ୍କରୁ କଇଁଫୁଲ ତୋଳୁଥିଲେ କିମ୍ବା ବନିଶିରେ ମାଛ ମାରୁଥିଲେ; ହୁଏତ ଏହା ହୋଇଥିଲା ଅଭିସାରର ଏକ ଲୀଳାକ୍ଷେତ୍ର, ଡାକୁମାନଙ୍କର ଲୁଚି ରହିବାର ସ୍ଥାନ । ଫକୀରମୋହନଙ୍କ ସ୍ମରଣସ୍ତମ୍ଭର ମହତୀ ବାଣୀ—'ଜୀବେ ଦୟା, ନାମେ ଭକ୍ତି', 'ଅହିଂସା ପରମୋ ଧର୍ମଃ', 'ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ', ହୁଏତ ଜଡ଼ ଚକ୍ଷୁରେ ପଡ଼ୁଥିଲା; ଅର୍ଥ ଓ କ୍ଷମତାରେ ବାଇ ଶିକ୍ଷିତସମାଜ ଏ ବାଣୀ ଏଡ଼ି ଚାଲିଥିଲା ବର୍ଷ ବର୍ଷ ଧରି ।

ଫକୀରମୋହନ, ଏ ଅପଦୃଶ୍ୟ ଦେଖି ତୁମ ଆତ୍ମା କାନ୍ଦିଥିବ ସ୍ୱର୍ଗରେ; ଯାହା ପାଇଁ ତୁମେ 'ସାଲ୍ଟ ରିଙ୍ଗ୍ ଲିଡ଼ର୍' ବୋଲି ଗାଳି ଖାଇଥିଲ, ପୁସ୍ତକ ଛପାଇବାର ଉନ୍ମାଦନାରେ ମାତି ନିଜର ସର୍ବସ୍ୱ ସାରିଥିଲ, ଜୀବନସାରା ଲୁହ ନ କାନ୍ଦି ରକ୍ତ କାନ୍ଦିଥିଲ, ସେ ତୁମକୁ ଭୁଲିଯାଇଛି, ସେ ନିଜକୁ, ନିଜର ସଂସ୍କୃତିକି ପାସୋରି ପକାଇଛି; ଅଣା ଏ ପଇସା ଦରମା ଦେଇ ନ ପାରି ତୁମ ନାଆଁ କଟି ଯାଇଥିଲା, ମାତ୍ର ଦେଢ଼କୋଡ଼ି ଟଙ୍କାରେ ତୁମେ ଚାକିରୀ ଆରମ୍ଭ କରିଥିଲ, ପେଟପାଟଣା ଲାଗି ଦେବାନଗିରିରୁ କାଠବ୍ୟବସାୟ ପର୍ଯ୍ୟନ୍ତ କରିଥିଲ, ଜାତିକୁ ବଞ୍ଚେଇବା ଲାଗି ନିଜକୁ ତୁମେ ତିଳେ ତିଳେ ମାରି ଚାଲିଥିଲ, ସେ ଜାତି ତୁମକୁ ଭୁଲିଯାଇଛି କବି । ଯେଉଁଠି ଲେଖିଥିଲ 'ମାମୁଁ', 'ଉପହାର' ସେ ହୋଇଛି ଖଣ୍ଡିଏ ପତିତ ଜମି, ଯେଉଁଠି ରୋଗଶଯ୍ୟାରେ ଶୋଇ ତୁମେ ବୃହଦାରଣ୍ୟକ ଉପନିଷଦର ଓଡ଼ିଆ ଅନୁବାଦ ଡାକିଥିଲ, ନାନା ଯନ୍ତ୍ରଣାରେ ଛଟପଟ ହୋଇ ନିରିକ୍ଷ ମନରେ ସରସ୍ୱତୀଙ୍କର ଆରାଧନା କରିଥିଲ, ସେ ଗୃହ ଭଗ୍ନ, ତୁମ ଯୋଗ୍ୟ ସ୍ମୃତିମନ୍ଦିର ଆମେ ତୋଳି ପାରିନାହୁଁ, ନିଅ ଏ ପୁଞ୍ଜାଏ ଅନାବନା ଫୁଲ ଆଜି ଏଇ ଜନ୍ମବାସରରେ—କ୍ଷୀଣ ଏଇ ବଳିତା ଟେକି ଆମେ ଡାକୁଚୁ, ଅବତରି ଆସ ଆମ ଭିତରକୁ, ଏକ ମହାବିପ୍ଳବୀ ପରି ।

ବାଲେଶ୍ୱରରେ ୧୯୪୮ରେ ଅନୁଷ୍ଠିତ ଆମ ସାହିତ୍ୟସମ୍ମିଳନୀ ସେ କୌଣସି ପ୍ରବାସୀ ବଙ୍ଗସାହିତ୍ୟସମ୍ମିଳନୀ ସଙ୍ଗେ ତାଳ ଦେବାକୁ ସମର୍ଥ ହୋଇଥିଲା । ଓଡ଼ିଶାର ବିଶିଷ୍ଟ ସାହିତ୍ୟିକମାନେ ଏଥିରେ ଯୋଗ ଦେଇଥିଲେ । ସାହିତ୍ୟ ସହିତ ନିଖିଳ ଭାରତୀୟ ସଙ୍ଗୀତସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସଂସ୍କୃତି ଲାଗି ଏ ଉନ୍ମାଦନା ଅପୂର୍ବ ।

ବାଲେଶ୍ୱରରେ ମୋ ଉପସ୍ଥିତିକାଳରେ ସେହିପରି ବିପୁଳ ଆକାରରେ ୧୯୪୯ରେ ଅନ୍ୟ ଏକ ସାହିତ୍ୟ ଓ ସଙ୍ଗୀତସମ୍ମିଳନୀ ହୋଇଥିଲା । ମଞ୍ଚେ

ହେଉଥିଲା—ଏ ଉନ୍ମାଦନା ଉତ୍କଳରେ ସାଂସ୍କୃତିକ ପୁନର୍ଜାଗରଣ ଘଟାଇବ, ଗ୍ରାମେ ଗ୍ରାମେ ପାଠାଗାର ଗଢ଼ିଉଠିବ, ସାହିତ୍ୟିକ ଓ ସାହିତ୍ୟପ୍ରେମୀଙ୍କ ସଂଖ୍ୟା ବଢ଼ିଯିବ । ଆମ ଆଶା ଆଂଶିକଭାବେ ସଫଳ ହୋଇଥିବ । କିନ୍ତୁ ଅର୍ଥନୈତିକ ଜାଗରଣ ସହିତ ସାଂସ୍କୃତିକ ଜାଗରଣ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଆର୍ଥିକ ଉନ୍ନତି ନ ହେବା ପର୍ଯ୍ୟନ୍ତ ସାଂସ୍କୃତିକ ମାନବୃଦ୍ଧି ହୋଇପାରିବ ନାହିଁ, ଏହା ସୁନିଶ୍ଚିତ ।

ଶ୍ୟାମସୁନ୍ଦର ମହାପାତ୍ର, ଦୈତ୍ୟାରି ଦାସ ଛାତ୍ର ସମ୍ପାଦକଦ୍ୱୟ ଅପୂର୍ବ ସଂଗଠନଶକ୍ତିର ପରିଚୟ ଦେଇଥିଲେ; କିନ୍ତୁ ସେମାନେ କଲେଜ ଛାଡ଼ି ଗଲେ, ମୁଁ ମଧ୍ୟ ବିଶ୍ୱଭାରତୀ ଚାଲିଗଲି । ସମ୍ମିଳନୀଆନ୍ଦୋଳନ ଝିମେଇଗଲା ।

ତେବେ ପରିଷଦର ତତ୍ପରବର୍ତ୍ତୀ ବଡ଼ କୃତିତ୍ୱ 'ଫକୀରମୋହନପରିକ୍ରମା' ପ୍ରକାଶ । ଅଧ୍ୟାପକ ଜାନକୀ ମହାନ୍ତି, ଯଦୁନାଥ ଦାସମହାପାତ୍ର ଦୁଇ ତିନିବର୍ଷ ଫକୀରମୋହନ ସାଂସ୍କୃତିକ ଆନ୍ଦୋଳନର ଉଜ୍ଜ୍ୱଳ ମଶାଲ ଧରି ଚାଲିଥିଲେ । ଏବେ ସମ୍ମିଳନୀ ହେଉନାହିଁ, ପରିଷଦର ଆନୁକୂଲ୍ୟରେ ପ୍ରତିବର୍ଷ ଫକୀରମୋହନ-ଜୟନ୍ତୀ ପାଳିତ ହେଉଅଛି, 'ଶାନ୍ତିକାନନ'ର ଭାଗ୍ୟ ବଦଳିଛି ।

## ଅଧ୍ୟାପକ ଘନଶ୍ୟାମ ଦାଶ

ଐତିହାସିକ ଘନଶ୍ୟାମବାବୁ ସେତେବେଳେ ଫକୀରମୋହନ କଲେଜର ଅଧ୍ୟକ୍ଷ; ତାଙ୍କ ମନ ଦେଶାତ୍ମବୋଧ ଓ ଓଡ଼ିଆ ଅଭିମାନରେ ଉଷ୍ମ ଥିଲା । ଭଗ୍ନସ୍ୱାସ୍ଥ୍ୟ, ଭଗ୍ନମନ, ତଥାପି ସେ ଆମ ସହିତ ଶ୍ରଦ୍ଧା ଆଦାୟ କରି ଯାଉଥିଲେ । ଅଧ୍ୟାପକ ଭାବରେ ଦିନେ ସେ କର୍ତ୍ତବ୍ୟରେ ଅବହେଳା କରି ନ ଥିଲେ । ଏକାନ୍ତ ସ୍ୱାଧୀନ ଭାବାପନ୍ନ, ଚାକିରୀରେ ଉନ୍ନତି ଲାଗି ଯେଉଁ କଳା ଆବଶ୍ୟକ, ତାହା ତାଙ୍କୁ ଜଣା ନ ଥିଲା । ତାଙ୍କର ଆଶାନୁରୂପ ଉନ୍ନତି ହେଲାନାହିଁ; ସେଇ କଥା ଭାବି ଭାବି ତାଙ୍କ ମନ ଭାଙ୍ଗିଲା, ଦେହ ମଧ୍ୟ ଭାଙ୍ଗିଲା ।

ନିଶା ଖାଇ ସେ ଦୁରବସ୍ଥା ଭୁଲିଯିବାକୁ ଚେଷ୍ଟା କଲେ; ଉନ୍ମତ୍ତ ହୋଇ ସେ ସ୍ଥାନାସ୍ଥାନ, କାଳାକାଳ ଓ ପାତ୍ରାପାତ୍ର ବିଚାର ବିବେଚନାବୁଦ୍ଧି ହରାଇ ବସିଥିଲେ । ନିଜେ ପିଇ ଅନ୍ୟକୁ ପ୍ରବର୍ତ୍ତାଉ ଥିଲେ ସେ । ଖୋଲା ସଭାମଞ୍ଚରେ ମଦ୍ୟପାନର ପ୍ରଚାର କରିବାକୁ ତିଳାର୍ଦ୍ଧ ସଂକୋଚ ନ ଥିଲା ତାଙ୍କର । ଚକ୍ଷୁ ରକ୍ତାକ୍ତ, କୋଟରେ ନେହେରୁଙ୍କ ଧରଣର ଦରଫୁଟା ଲାଲ୍‌ଗୋଲାପ ଖୋସା, ଓମରଖାୟାମୀ କବିତା ଆବୃତ୍ତି ତାଙ୍କୁ ଭଲ ସାଜୁଥିଲା, କିନ୍ତୁ ଅଧ୍ୟକ୍ଷର ପଦମର୍ଯ୍ୟାଦାକୁ ତଳେ କଚାଡ଼ି ଚୂନ୍ ଚୂନ୍ କରିଦେଉଥିଲା । ଉନ୍ମତ୍ତତା ସହିତ ରସିକତା, ମହାତ୍ମାର ଉଦାରତା ସହିତ ନୀଚ ସଂକୀର୍ଣ୍ଣତା ଫୁଟି ଉଠୁଥିଲା ତାଙ୍କ ଚରିତ୍ରରେ । କେତେବେଳେ କଳାବିତ୍ ପରି ଖିଆଲୀ, କେତେବେଳେ ନିର୍ବୋଧ ପରି ମୂକ, କେତେବେଳେ ବାଗ୍ମୀ ପରି ବାଚାଳ । ଇତିହାସ କ୍ଲାସରେ ବାଚାଳତାର ପ୍ରଦର୍ଶନୀ ଶୋଚନୀୟତମ ସ୍ତରରେ ପହଞ୍ଚିଥିଲା । ଓଡ଼ିଆ ଯାଦୁଘରର ଜଣେ ଆଦ୍ୟ ଉଦ୍ୟୋକ୍ତା, ସାହିତ୍ୟସମ୍ମିଳନୀର କର୍ମୀମାନଙ୍କ ମଧ୍ୟରେ ଅଗ୍ରଯାୟୀ, ଛାତ୍ରମାନଙ୍କୁ ସିଂହଳ ପଠାଇବାରେ ପ୍ରେରଣା-ଦାତା ମୋର ଗୁରୁଦେବ ଅଧ୍ୟାପକ ଘନଶ୍ୟାମ ଦାଶଙ୍କର ଏ ଦୁର୍ଦ୍ଦଶା ମୋତେ ବିଶେଷ ମ୍ରିୟମାଣ କରିଥିଲା ।

ଫକୀରମୋହନ କଲେଜରେ ଗୋଟିଏ ଯାଦୁଘର ଖୋଲିବା ଶ୍ରୀ ଦାଶଙ୍କର ଉଦ୍ଦେଶ୍ୟ ଥିଲା; ତାଙ୍କ ନେତୃତ୍ୱରେ ଆମେ ନୀଳଗିରିର ଅଯୋଧ୍ୟା ଗ୍ରାମରେ ବହୁ ଭଗ୍ନମନ୍ଦିର, ପ୍ରାଚୀନ ମୂର୍ତ୍ତି—ଅରକ୍ଷିତ ଅବସ୍ଥାରେ ଥିବା ଦେଖି ବିଶେଷ କ୍ଷୁଣ୍ଣ ହୋଇଥିଲୁ । ଶ୍ରୀ ଦାଶ ବିଭିନ୍ନ ସ୍ଥାନରୁ ପ୍ରାଚୀନ ମୂର୍ତ୍ତି ଆଣି ଯାଦୁଘରଟିଏ ଗଢ଼ିଥିଲେ । ବୁଢ଼ାବଳଙ୍ଗ ନଦୀ କୂଳରୁ ଛାତ୍ରମାନଙ୍କ ସାହାଯ୍ୟରେ ମୁଁ ଗୋଟିଏ ବୃହତ୍ ଲୁହା ଲଙ୍ଗର ଖୋଳିଆଣି ତାଙ୍କୁ ଉପହାର ଦେଇଥିଲି ।

## ଲଙ୍କା ଯାତ୍ରା

ମୋର ଲଙ୍କାଯାତ୍ରା ବାଲେଶ୍ୱର ରହଣି କାଳର ଏକ ମୁଖ୍ୟ ଘଟଣା । ଓଡ଼ିଶାର କୌଣସି ଅଭିଯାତ୍ରୀ ଛାତ୍ରଦଳ ଭାରତ ବାହାରକୁ ଯିବାକୁ ତା ଆଗରୁ ଚେଷ୍ଟା କରି ନ ଥିଲେ । ଏ ପ୍ରୟାସ ଐତିହାସିକ, ଏ ସଂଗ୍ରାମ ବୀରଯୋଗ୍ୟ, ଏ ଅନୁଭୂତି ରୋମାଞ୍ଚକର ଓ କାବ୍ୟିକ । ବାଲେଶ୍ୱରରୁ ବାହାରି ଦକ୍ଷିଣଭାରତର ଗୋଦାବରୀ, କୃଷ୍ଣା ନଦୀ ଅତିକ୍ରମ କରି ବାଟରେ ବିଶାଖାପାଟଣା, ସିଂହାଚଳ, ମାନ୍ଦ୍ରାଜ, ମଦୁରା, ରାମେଶ୍ୱର, ମାଣ୍ଡାପମ୍, ପ୍ରଭୃତି ଦେଖିଥିଲି । ତାହାଜରେ ଧନୁଷ୍କୋଟୀର ସମୁଦ୍ର ଅତିକ୍ରମ କରି ସିଂହଳର ତଲାଇମାନାର ବେଳାରେ ରାତିରେ ପହଞ୍ଚିଲି; ତା'ପରେ 'କଲମ୍ବୋ' ।

କଲମ୍ବୋରେ ଦିନେ ଦୁଇଦିନ ରହି Adam's peak ବା ଆଦିମ ଶୃଙ୍ଗ ଦେଖି ଯାଇଥିଲି । ସେଦିନ ଜାଗର ଅମାବାସ୍ୟା; ଘୋର ଅନ୍ଧକାର ମଧ୍ୟରେ ରାତିସାରା ପାହାଡ଼ଉଠା କିପରି ଭୀତିପ୍ରଦ ଓ ପ୍ରାତଃକାଳରେ ଶୃଙ୍ଗରୁ ଶୃଙ୍ଗ କ୍ରମ ବିସ୍ତୃତ ଅତ୍ୟନ୍ତରପୂର୍ଣ୍ଣ ସୂର୍ଯ୍ୟୋଦୟ କିପରି ପ୍ରୀତିପଦ ହୋଇଥିବ, ତାହା ଅନୁମାନ୍ୟ । କାଣ୍ଡି, ଅନୁରାଧାପୁର, ତ୍ରିଙ୍କୋମାଲୀ, ଜାଁପାନା, ନୁଆରା ଏଲିଆ, ମିହିନ୍ତାଲ ମୁଁ ଦେଖିନାହିଁ; ସିଗିରିଆ ପର୍ବତର ଭିତ୍ତି ଚିତ୍ର ଦେଖିବାର ସୁଯୋଗ ମଧ୍ୟ ମୋତେ ମିଳିନାହିଁ । ମୋ ଦେଶର ଇତିହାସ ସହିତ ସିଂହଳର ସଂପର୍କ, ବିଜୟସିଂହଙ୍କ ଜୟଯାତ୍ରା ଓ ସିଂହଳରେ ରାଜତ୍ୱ ମୋତେ ଅଭିଭୂତ କରିଥିଲା । ବଡ଼ ପ୍ରୀତିପୂର୍ଣ୍ଣ ଦୃଷ୍ଟିରେ ମୋ ପିତୃପିତାମହଙ୍କର ଭୂମି ସିଂହଳକୁ ଦେଖିଥିଲି ଓ ସିଂହଳବିଦାୟ କବିତାରେ ଲେଖିଥିଲି—

"ଶତ୍ରୁ ଏ ତୋର ବକ୍ଷ ଉଜାଡ଼ି ଲୋଡ଼ିଲେ ମୁକୁତା ହେମ
ଆଣିଛି ମୁଁ ତୋତେ ଦେବାଲାଗି ମୋର ଅନନ୍ତଭବ ପ୍ରେମ
ଦୃଶ୍ୟେ ତୋହର ବାଇ
ଆସିଛି ମୁଁ ତୋର ହୃଦୟେ ମୋ ହୃଦ ଜୁଆର ଢାଳିବା ପାଇଁ ।

x x x x

ସ୍ମୃତିର ଗହନେ ପଶିଲା ସତ୍ୟ ବୁକୁରେ ବିରହ ଦାଗ
ଦେହ ଚଳିଯାଏ ଗିରି ନଦୀ ବନେ ବୁଲେ ମନ ଅନୁରାଗ
ଦୃଶ୍ୟେ ଦୃଶ୍ୟେ ମିଶି ରହିଲା ସେ ମିଶି ରହିଥିବ ଚିର" ।

ମୋର ଭ୍ରମଣକାହାଣୀ 'ଲଙ୍କାଯାତ୍ରୀ' ୧୯୫୦ରେ ପ୍ରକାଶିତ ହୋଇଥିଲା । ଏହି ପୁସ୍ତକଟି ମୁଁ ଅଧ୍ୟକ୍ଷ ଘନଶ୍ୟାମ ଦାଶଙ୍କ ନାମରେ ଉତ୍ସର୍ଗ କରିଥିଲି ।

## ରାଇବଣିଆଁ ଦୁର୍ଗ

ଲଛମା ପଢି ଇତିହାସପ୍ରସିଦ୍ଧ ରାଇବଣିଆଁ ଦୁର୍ଗ ଦେଖିବା ଲିପ୍‌ସା ମନରେ ଜାଗ୍ରତ ହୋଇଥିଲା । ଜଳେଶ୍ୱରରୁ ସାଇକେଲରେ ଦଶମାଇଲ ଦୂରବର୍ତ୍ତୀ ହାତୀ-ଗଡ଼ରେ ପହଞ୍ଚି ମାଇନରସ୍କୁଲର କେତେକ ଶିକ୍ଷକଙ୍କୁ ସଙ୍ଗରେ ଘେନି ମୁଁ ରାଇବଣିଆଁ ଦୁର୍ଗ ଦେଖି ଯାଇଥିଲି । ଇତିହାସର ସେଇ ଗୌରବମୟ ଦୁର୍ଗ ଏବେ ଭଗ୍ନସ୍ତୂପ, ଘନାରଣ୍ୟରେ ଆଚ୍ଛନ୍ନ, ବ୍ୟାଘ୍ର ଭଲ୍ଲୁକର ଆଶ୍ରୟସ୍ଥଳୀ । ସୁଗଭୀର ଗଡ଼ଖାଇ କର୍ଦ୍ଦମାକ୍ତ, ବଂଶବନାବୃତ, ସର୍ପସଙ୍କୁଳ; ଏଇ ଦୁର୍ଗ ଦେଖିଲା ପରେ ଅତୀତ ଗୌରବ ଉଦ୍‌ବୋଧକ କବିତାଟିଏ ଲେଖିଥିଲି—

"ଆସିନାହିଁ ବର୍ଗୀ ଜୟଦୃପ୍ତ ବୀର ସେନାପତି ରୂପେ
କୃପାଣ ରକ୍ତାକ୍ତ କରି ଜନ୍ମଭୂମି ପ୍ରେମ ଅନୁରାଗେ,
ସ୍ପର୍ଦ୍ଧା ତୁଙ୍ଗ ଶିର ତୋଳି ସିଂହନାଦେ ବଇରି ବିଦ୍ରୂପେ,
ଦଣ୍ଡଧାରୀ ପଣ୍ଡିତ ମୁଁ ଦିଗ୍‌ବିଜୟୀ ଯୁଦ୍ଧ ନାହିଁ ମାଗେ
ଆସିନାହିଁ ସଭାକବି ରୂପେ ଘେନି କାବ୍ୟ ମନୋହର
ଆସିଛି ମୁଁ କୀର୍ତ୍ତିପୂତ
ଅତୀତର ସ୍ମୃତିହୀନ ଦୀନ ବଂଶଧର ।

x x x x

ରେ ଦୁର୍ଗ, କୃତାନ୍ତ ଦନ୍ତ ବିକ୍ଷତ, ରେ ମୁମୂର୍ଷୁ କୀରତି
ଆଣିଛି ମୁଁ ଜନ୍ମଭୂମି ମୁକ୍ତିବାର୍ତ୍ତା, ଜାଗ ଜାଗ ଜାଗରେ ସଂପ୍ରତି" ।

## ସୁବର୍ଣ୍ଣରେଖା ମୁହାଁଣ

ନଈମୁଣ୍ଡ, ନଈମୁହାଁଣ ଦେଖିବାଲାଗି ମୋର ଚିର ଆଗ୍ରହ—କେଉଁଥିରୁ କେଉଁ ସ୍ତରରେ ନଦୀ ଆସି ପହଞ୍ଚିଛି—ମହାପୁରୁଷଙ୍କ ଜୀବନର ଏକ ରିଲିଫ୍ ମାନଚିତ୍ର ପରି ଲାଗେ, ନଦୀଶଯ୍ୟାର ଏଇ ସାମଗ୍ରିକ ଦୃଶ୍ୟ । ବାଲେଶ୍ୱର ରହଣି କାଳରେ ସୁବର୍ଣ୍ଣରେଖା ମୁହାଁଣ ଦେଖି ଯାଇଥିଲି । ବାଲିଆପାଳ ହା. ସ୍କୁଲରେ ରାତିଟିଏ କଟାଇ ସକାଳୁ ଯାତ୍ରା କଲି, ସଙ୍ଗରେ ଦଳେ ଛାତ୍ର । ନଈ ମଝିରେ ନାଆ ଚାଲିଥିଲା—ଏଠି ସେଠି ବହୁ ନୌକା, କେଉଟମାନେ ମାଛ ଧରୁଥାନ୍ତି । ପିଲାମାନେ କହିଲେ—ସାର୍, ମାଛ ଖାଇବା; 'କେମିତି ?' 'ସାର୍, ଆପଣ ଟୋପିଟି ଚଢାଇ ଧୀର ହୋଇ ବସିବେ, ଦେଖିବେ କେମିତି ମାଛଆସି ପହଞ୍ଚିବ ।'

ପିଲାମାନେ ଦୂରରୁ ଜଣେ ମାଛଧରାଳୀକି ଡାକିଲେ । ହାକିମ ବିଚାରି ସେ ନୌକା ଘେନି ଆମ ପାଖକୁ ଆସିଲା । ସେମାନଙ୍କ ମଧ୍ୟରୁ ଜଣେ ତା କାନରେ ଚୁପ୍ ଚୁପ୍ କହିଲା—ମାଜିଷ୍ଟ୍ରେଟ୍‌ସାହେବ ଆସିଛନ୍ତି । ମାଛ ଦିଅ । ଏମିତି କେତେ

କେତେଟାଙ୍କୁ ତଳା ଯାଇ ମାଛ ଆଦାୟ ହେଲା—ପ୍ରାୟ ଦେଢ଼ ମହଣ ମାଛ ! 'କଣ କରିବା ?' 'ଭୋଜିଖିଆ ହେବ', ପିଲାମାନେ କହିଲେ । ଘଣ୍ଟାଏ ନୌକା ବାହି ବାହି ଗୋଟିଏ ଗାଆଁରେ ପହଞ୍ଚିଲୁ—ଜଣେ ଧନୀ ଲୋକ ଘରୁ ଚାଉଳ, ଡାଲି ମଗାଗଲା—ମାଛରୁ ତିନିଭାଗ ଗାଆଁରେ ବାଣ୍ଟି ଦିଆଗଲା । ଖିଆପିଆ ସରୁସରୁ ରାତି ବାଜିଲା; ମେଘ ଉଠେଇ ଆସୁଥାଏ, ମୁହାଁଣକୁ ନୌକା ବାହିବା ବିପଦ; ମୁହାଁଣ ଆଡ଼କୁ ଗୋଟାଏ ଦୂରଦୃଷ୍ଟି ପକାଇ ଆମେ ଫେରିଲୁ—ନଈରେ ଭଟ୍ଟା ପଡ଼ିଗଲା; ନୌକା ଆଉ ଚାଲିଲାନାହିଁ । ତାକୁ କାଦୁଅପଙ୍କରେ ଟାଣି ଟାଣି କୂଳେ କୂଳେ ଚାଲିଲୁ । ରାତି ବାରଟା, ଟାଣିବାକୁ ଦେହରେ ଆଉ ବଳ ନାହିଁ । ଜହ୍ନ ବୁଡ଼ି ବୁଡ଼ି ଆସୁଥାଏ—ତାରା ଚକି କାଟି ପଳେ ଯେମିତି କିଏ ଆକାଶରେ ମାରିଛି । ରାତିଟି ସୁବର୍ଣ୍ଣରେଖାତୀରବର୍ତ୍ତୀ ଗୋଟିଏ ଧାନଖଳାର କୁଡ଼ିଆରେ କଟାଇଲୁ—ମୋ ପାଖରେ ଗୋଟିଏମାତ୍ର ନଡ଼ିଆ ଥିଲା ତାକୁ ଭାଙ୍ଗି ବାଣ୍ଟି ସମସ୍ତେ ଖାଇଲୁ, ମାଠିଆରେ ଟୋପିଏ ପାଣି ଥିଲା—ତୋଟି ଏପରି ଶୁଖି ଯାଉଥିଲା ଯେ ପୋଖ ମୋରୁ କିଛି ନ ବିଚାରି ପିଇ ଶୋଇ ପଡ଼ିଲୁ ।

ସକାଳୁ ଚାଲି ଚାଲି ଯାଇ ଉତ୍ତର ବାଲେଶ୍ୱରିଆ ଜଣେ ଛାତ୍ର ଘରେ ଅତିଥି ହେଲୁ—ଜାଲର ଏକା ଖେପାକେ ଯେତେ ମାଛ ପଡ଼ିଲେ ଆମକୁ ଯଥେଷ୍ଟ ହୋଇଥିଲା—ଉତ୍ତର ବାଲେଶ୍ୱରରେ ଖାଲଖମା, ପୋଖରୀରେ ମାଛ ଭର୍ତ୍ତି ।

## ଗୋରୁମହିଷାଣୀ ଓ ଧାମରା

କେତେକ ଛାତ୍ରଙ୍କୁ ସଙ୍ଗରେ ଘେନି ହୀରାକୁଦ, ମୟୂରଭଞ୍ଜର ଗୋରୁମହିଷାଣୀ ଓ ଟାଟା ଦେଖି ଯାଇଥିଲି । ଗୋରୁମହିଷାଣୀରୁ ପୂଜ୍ୟ ଅଧ୍ୟକ୍ଷ ଘନଶ୍ୟାମବାବୁଙ୍କ ନିକଟକୁ ଖଣ୍ଡିଏ ପତ୍ର କବିତାରେ ଲେଖିଥିଲି—

'ଗୋରୁମହିଷାଣୀ ଦରଶନ ହେଲା ପୂର୍ଣ୍ଣ
ଗୁରୁଦେବ ଆଜି ପତ୍ର ଲେଖୁଛି ତୂର୍ଣ୍ଣ ।

X X X

ସମ୍ବଲପୁରେ ଶୀତ କାଳ ବଡ଼ ଶସ୍ତା
କମ୍ବଳ ତଳେ ହୋଇଅଛୁ ଆମେ
ଦୁର୍ଗାପ୍ରସାଦ (ବାଲେଶ୍ୱରର ବ୍ୟବସାୟୀ)ର ବସ୍ତା' ।

କବିତାର ଅନ୍ୟ ପଦସବୁ ଭୁଲିଯାଇଛି, ପାଣ୍ଡୁଲିପି ମଧ୍ୟ ରଖିନାହିଁ । ରସିକ ଅଧ୍ୟକ୍ଷ କଲେଜରେ ଅଧ୍ୟାପକ ଓ ଛାତ୍ରମାନଙ୍କୁ ଡକାଇ କବିତାଟି ଆବୃତ୍ତି କରି ଶୁଣାଇଥିଲେ । ଫେରିଲା ପରେ ସେମାନଙ୍କ ପ୍ରଶଂସାପୂର୍ଣ୍ଣ ଉତ୍‌ଫୁଲ୍ଲ ଚାହାଣୀରୁ ମୁଁ ମୋର ପତ୍ରଲେଖା ଶ୍ରମ ପ୍ରାପ୍ୟ ଚତୁର୍ଗୁଣ ପାଇଗଲି । ଏଇ ଆନନ୍ଦରୁ ମଧୁରତର ମୁଁ ଜୀବନରେ ଆଉ କିଛି ପାଇନାହିଁ ।

ସେ କାଳର ଧାମ୍‌ରାଦର୍ଶନସ୍ମୃତି ମଧ୍ୟ ଏପର୍ଯ୍ୟନ୍ତ ମନରୁ ମୋର ଲିଭି ନାହିଁ । କନିକାର ଉଦାରପ୍ରାଣ ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ନୌକା ଓ ଖାଦ୍ୟପେୟର ସୁବ୍ୟବସ୍ଥା କରି ଦେଇଥିଲେ; ନୌକାଟି ଆମର ପ୍ରଜନ୍ମଜଳରେ'

ବଟପୁଟ ପରି ଭସି ଚାଲିଲୁ—ବ୍ରାହ୍ମଣୀ; ବୈତରଣୀ, ସାଳନ୍ଦୀ, ଗେଙ୍ଗେଇ ମନ୍ତେଇ; ଧାମରା ପ୍ରଭୃତି ସପ୍ତ ନଦୀର ମହା ସଙ୍ଗମ ଏ—ମହାସାଗର—କିମ୍ବାର ଏଠି ଖଣ୍ଡି ପଡ଼ିଛନ୍ତି, ସବୁବେଳେ ବନ୍ୟା, ଘୋର ବନ୍ୟା—ମଝିରେ କାଳିଭଞ୍ଜଡ଼ିହା ଦ୍ୱୀପ, ଶଙ୍ଖଚୂଡ଼, ଅହିରାଜ ପ୍ରଭୃତିଙ୍କ ବାସସ୍ଥଳୀ, ତା ମଧ୍ୟରେ ଆମ କର୍ଣ୍ଣଧାର ହାତରୁ କାତ ଖସିଗଲା—ଆମ ଆଖି ବୁଜି ହୋଇଗଲା; ତା ପରେ ଆକୁଳବିକଳ ହୋଇ ଡାକ ପକାଇଥିଲାବେଳେ ଆମ କର୍ଣ୍ଣଧାର ହେଲେ ସ୍ୱୟଂ ଭଗବାନ୍—ସେତେବେଳକୁ ଜୋର୍‌ରେ ପବନ ବହୁଥାଏ—କିପରି କୂଳରେ ଲାଗିଲୁ ଜାଣୁ-ନାହିଁ—ତାପରେ ଆଉ ଡଙ୍ଗାରେ ନ ବସି କୂଳେ କୂଳେ ଚାଲିଲୁ ଧାମ୍‌ରା ସମୁଦ୍ର ଆଡ଼େ; ତଳେ ହାତୀ ପଡ଼ିଲେ କାଢ଼ି ଦିଶିବନାହିଁ—ଏତେ ପଙ୍କ—ଖଣ୍ଡିଏ ମାତ୍ର ଖଜୁରି ଗଛ ଉପରେ ପାଦ ଟଳ କରି କିପରି ନାଳସବୁ ପାରି ହୋଇଗଲୁ, ଜାଣୁ ନାହିଁ । ଘୋର ବିପଦ ମଧ୍ୟରେ ମଠନ ପଡ଼ୁଥିଲା ଫକୀରମୋହନଙ୍କ ଆତ୍ମଚରିତର ବର୍ଣ୍ଣନା; ମୃତ୍ୟୁ ନିଶ୍ଚିତ ଜାଣି ରାଧାନାଥ କିପରି ଧାମରାରେ ଅପୁକରାଟ ଖୋଜିଥିଲେ ତାହା ଫକୀରମୋହନ କୌତୁକପ୍ରଦ ଭାବେ ବର୍ଣ୍ଣନା କରିଛନ୍ତି; ରାଧାନାଥ ମଧ୍ୟ 'ଉଷା'ରେ ଧାମ୍‌ରାର ଭୟାବହତା ବର୍ଣ୍ଣନା କରିଛନ୍ତି—

ଧାମରା ମୁହାଁଣେ ପାନ୍ଥ ଜଳାରଣ୍ୟେ ବାହୁଁ ନୌଚର
ପୂର୍ବ ମୁଖେ ତରୀ ଦେଖଇ ସମ୍ମୁଖେ ମହାସାଗର ।
ନୀଳସେତୁ କାନ୍ତି ଧରିତ୍ରୀର ଶ୍ୟାମ ସୀମାବଳୟ
ଅଲଙ୍ଘ୍ୟ, ଅଜେୟ ଚରାଚରତ୍ରାସ ବରୁଣାଳୟ ।
ଉପରେ ଉପରେ ଆସିଣ ଭୀଷଣୁଁ ଭୀଷଣତର
ଫେନିଳ ଲହରୀ ଦୋହଲାଉଥାଏ ପୋତପଞ୍ଜର ।

x x x

ତୋତୋଧାମା ସେଇ ଧାମରାଦେବୀଙ୍କ କଞ୍ଜ ପୟରେ ।

ଧାମରାଦେବୀଙ୍କ ଦର୍ଶନ କରି ତାଙ୍କ ଦୟାରୁ ଆମେ ନିରାପଦରେ ଫେରି ଆସିଲୁ ।

ବାଲେଶ୍ୱରର ଜୀବନ ନବ ନବ ସର୍ଜନରେ ପ୍ରୀତିପ୍ରଦ ହୋଇଥିଲା । ଏହି ସମୟରେ ପ୍ରକାଶ ପାଇଥିଲା ଗାଥାକବିତାଗୁଚ୍ଛ 'ବୀରଶ୍ରୀ'—ଏହାର ମୁଖବନ୍ଧରେ ଲେଖିଥିଲି—"ଯେଉଁମାନେ ସ୍ୱାର୍ଥ ଅପେକ୍ଷା ପରାର୍ଥକୁ ବଡ଼ କରି ଦେଖନ୍ତି, ଜାତି ଓ ଦେଶର କଲ୍ୟାଣ ଲାଗି ଆତ୍ମୋତ୍ସର୍ଗ କରନ୍ତି, ସେମାନେ ଯଥାର୍ଥରେ ଜାତୀୟ ବୀର । ଯେଉଁ ଦେଶରେ ଏ ଭଳି ଜାତୀୟ ବୀର ଯେତେ ବେଶୀ ଅଛନ୍ତି, ସେ ଦେଶ ସେତିକି ବଡ଼ । କେବଳ ଏହିମାନଙ୍କ ଚରିତ୍ରଚିତ୍ରଣରେ କବିଲେଖନୀ ମୁଖର ହୋଇ ଉଠେ ।

ଜାତୀୟ ବୀରମାନଙ୍କ କର୍ମମୟ ଚରିତ ପାଠ କଣ୍ଟକମୟ ଆତ୍ମୋନ୍ନତି ପଥର ଉଜ୍ଜ୍ୱଳ ଦୀପଶିଖା । ଏହାଦ୍ୱାରା ଆତ୍ମବିସ୍ମୃତ ଜାତି ଉଦ୍‌ବୁଦ୍ଧ ହୋଇଉଠେ, ହୃତ ଗୌରବ ନବ କଳେବର ଧରି ଫେରିଆସେ ।

ଅସଂଖ୍ୟ ଜାତୀୟ ବୀର ଆମର ଏଇ ଉତ୍କଳରେ ଜନ୍ମ ହୋଇ ସତ୍ କର୍ମ ଦ୍ୱାରା ଦେଶ ଓ ଜାତିର ମୁଖ ଉଜ୍ଜ୍ୱଳ କରି ଯାଇଛନ୍ତି । କେହି କୃପାଣ ବଳରେ, କେହି ସ୍ଥାପତ୍ୟରେ, କେହି ଚିତ୍ରକଳାରେ, କେହି ଧର୍ମରେ, କେହି ସାହିତ୍ୟରେ ନିଜର ପ୍ରତିଭାକିରଣ ବିକୀରଣ କରି ଯାଇଛନ୍ତି । ଏଇ ବୀରମାନଙ୍କ ଯୋଗୁଁ ଓଡ଼ିଆଜାତି ସକଳ କ୍ଷେତ୍ରରେ ସବୁ ଜାତିର ନମସ୍ୟ ହୋଇ ରହିଥିଲା ।

ଓଡ଼ିଆଜାତିର ଗୌରବମୟ ପୁନରୁତ୍‌ଥାନ ପ୍ରତି ଲକ୍ଷ୍ୟ ରଖି ପ୍ରଚଳିତ କିମ୍ବଦନ୍ତୀ ଓ ଇତିହାସରୁ କେତୋଟି ଉପାଦେୟ ବିଷୟବସ୍ତୁ ସଂଗ୍ରହ କରି 'ବୀରଶ୍ରୀ'ରେ ଦେଇଅଛି ।"

ଏ ପ୍ରୟାସ ସତ୍ୟବାଦୀଯୁଗୀୟ ପରମ୍ପରାର ଏକ ପ୍ରସାର—ଇତିହାସ ପୃଷ୍ଠାରେ ଅବହେଳିତ ବୀରମାନଙ୍କୁ ଲୋକଲୋଚନଙ୍କୁ ଆଣି ସେମାନଙ୍କ ମହାନ୍ ଭାବରେ ଦେଶକୁ ଉଦ୍‌ବୁଦ୍ଧ କରିବା ସେ କାଳର ଏକ ସାହିତ୍ୟିକ କର୍ତ୍ତବ୍ୟ ହୋଇଥିଲା ।

ଛାତ୍ରଜୀବନରେ ଲିଖିତ, ପରିବର୍ତ୍ତିତ ଓ ପରିବର୍ଦ୍ଧିତ କୋଣାର୍କ ସମ୍ପର୍କୀୟ କାବ୍ୟନାଟିକା 'ସ୍ୱରଶିଳ୍ପୀ' ମଧ୍ୟ ଏହି ସମୟରେ ପ୍ରକାଶିତ ହୋଇଥିଲା । ଏହାର ମୁଖବନ୍ଧ ଲେଖିଥିଲେ ରାଧାମୋହନ ଗଡ଼ନାୟକ ।

'କଙ୍କାଳର ଲୁହ' ସେ ସମୟର ଅନ୍ୟତମ ରଚନା । ଅନୁଭୂତିରୁ ବନ୍ୟା ପ୍ରପୀଡ଼ିତ ଉତ୍କଳର ଚିତ୍ରଣ ଦେବାଲାଗି ପହିଲେ ରାଧାମୋହନ ଗଡ଼ନାୟକ ସୂଚନା ଦେଇଥିଲେ । ସେଥିଲାଗି ତାଙ୍କ ନାମରେ ମୁଁ ପୁସ୍ତିକାଖଣ୍ଡି ଉତ୍ସର୍ଗ କରିଥିଲି—

"କଙ୍କାଳ ସମାଧି ପରେ
ଜଳିବରେ ଜଳିବ ଆଲୁଅ
ତେଲ ନୁହେ ହବି ନୁହେ
ଜାଳିବ ତା କଙ୍କାଳର ଲୁହ

ହେ ଗଡ଼ନାୟକ କବି,
ଜାଳି ତୁମେ ଦେଇଛ ଚଳିତା
ତୁମ ହାତେ ଢେଲି ଦେଣୁ
ଲୁହଲେଖା କରୁଣ କବିତା ।"

ମୁଖବନ୍ଧରେ ଲେଖିଥିଲି—

"ନାହିଁ ଏଥିରେ ଆଭିଜାତ୍ୟ, କୁହୁକକଳ୍ପନା, ଅମରାବତୀର ଅତିରଞ୍ଜିତ ସ୍ୱପ୍ନବିଳାସ; ଭାଙ୍ଗିଲା ପାଟିରୁ, ଫାଟିଲା ଛାତିରୁ, ଫୁଟିଲା ଆଖିରୁ ନୈରାଶ୍ୟ ହାହାକାରରେ ଯେଉଁ ଶେଷ ଲହୁଟୋପାକ ପାଣି ଫାଟି ଲୁହ ହୋଇ ବୋହି ଯାଇଥିଲା, ସେଇ ପାଇଛି ଏଥିରେ ରୂପ ।"

କୃଷ୍ଣଭଦ୍ରା ବନ୍ୟାରେ ପ୍ରପୀଡ଼ିତ ଗ୍ରାମମାନଙ୍କର ପ୍ରତ୍ୟକ୍ଷ ଦୃଶ୍ୟ 'କଙ୍କାଳର ଲୁହ'ରେ ରୂପାୟିତ । ମୋ ଗ୍ରାମବାସୀମାନଙ୍କର କେତେକ ନାମ ଏଥିରେ ବ୍ୟବହୃତ ହୋଇଅଛି—ବୀର ମହାନ୍ତି, ସାଧୁ ସୋଇଁ, ଅଗାଧୁ ପଧାନ, ସନିଆ, କେଳା

(କାଳସୀ), ମଣି ଦାସ, ବନା (ବେହେରା), ଭରି ମକଦ୍ଦମ, ଖଲୁଆ ମାଆ, ଛୋଟୀ ଗୁଡ଼ିଆଣୀ ଇତ୍ୟାଦି; ସେମାନଙ୍କୁ ଭଲଭାବେ ଜାଣିଥିବାରୁ ସେମାନଙ୍କ ଚରିତ୍ରର ଆଭାସ ବନ୍ୟାପରିବେଶ ମଧ୍ୟରେ ଫୁଟାଇଅଛି—ଅବଶ୍ୟ ମୋ ଗାଆଁ ଓ ନିକଟବର୍ତ୍ତୀ ଉକ୍ତ ଗାଆଁମାନଙ୍କ ମଧ୍ୟରେ ସାମାଜିକ ଚଳଣି ଦୃଷ୍ଟିରୁ କୌଣସି ତାରତମ୍ୟ ନାହିଁ ।

ଏହି ସମୟରେ ସଂକଳିତ ହୋଇ 'ପଲ୍ଲୀଝରଣା' ମଧ୍ୟ ପ୍ରେସ୍‌କୁ ଯାଇଥିଲା; ମୁଁ ବାଲେଶ୍ୱର ଛାଡ଼ିବାର ଛ' ସାତ ମାସ ପରେ ଏହା ପ୍ରକାଶିତ ହେଲା । ପଣ୍ଡିତ ନୀଳକଣ୍ଠ ଏହି ଲୋକଗୀତସଂକଳନର ମୁଖବନ୍ଧରେ ଲେଖିଥିଲେ, "ପଲ୍ଲୀଝରଣା ଗୋଟିଏ ନୂଆ ପୁସ୍ତକ । ଏ ପୁସ୍ତକଟି ଓଡ଼ିଆରେ ଏକାବେଳକେ ନୂଆ" ।

"ଗୋଟିଏ ପୂରାପୂରି ଓଡ଼ିଆ ପୁରାଣର ଅନୁକରଣର କଥା ହେଉଛି, ତ୍ରିନାଥ ମେଳା । ଆଜି ଦକ୍ଷିଣ ଗଞ୍ଜାମର ପଲ୍ଲୀଠାରୁ ଆସାମର କୁଲିବାସ୍ତବ୍ୟ ବାରକ୍ ପର୍ଯ୍ୟନ୍ତ ସର୍ବତ୍ର ଚିଲମର କ୍ଷୀଣ ଧୂମ ସଙ୍ଗେ ଏଥିରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର "ଦାର୍ଢ୍ୟତା ଭକ୍ତି" ଓ ପାଲା କଥା ଅନୁକରଣ କରାଯାଉଛି । ଏହାର ମୂଳ ଅବଶ୍ୟ ଅଜଣା ନୁହେଁ । ୧୯୦୨ —୩ ଖ୍ରୀଷ୍ଟାବ୍ଦରେ କଟକର ପୁସ୍ତକଦୋକାନୀ ବାଡ଼ହରୁଆ ଚିଲମା ପଦନ ସାହୁ, ଚିଲମଖିଆଙ୍କୁ ଧର୍ମମୂଳକ କରି ପ୍ରଚାର କରିବାକୁ ଏ କଥାଟି ରଚନା କରି ପଇସିକିଆ ପୁସ୍ତକରେ ପ୍ରଥମେ ପ୍ରଚାର କରିଥିଲେ, ପ୍ରାୟ ବାରବର୍ଷ ପରେ ଏହାକୁ ଗଞ୍ଜାମର ବଡ଼ଖେମିଡ଼ି ଜମିଦାର କୃପାମୟ ଦେବ ନିଜ ସଭାପଣ୍ଡିତ ପୁରୀ ପାଖ ବଳଭଦ୍ରପୁରର ସୁଦର୍ଶନ ମିଶ୍ରଙ୍କ ହାତେ ସଂସ୍କୃତ କରାଇ ସେଇ ସଂସ୍କୃତପୁରାଣକୁ ଚାରି ପଇସାର ପୁସ୍ତକ ରୂପେ ଛପାଇ ପ୍ରଚାର କରିବାର ଅନେକଙ୍କର ମନେ ଥିବ । ଏହା ଏବେ ଜାତୀୟ ସାହିତ୍ୟରେ ପଶି ପିଲାଙ୍କୁ 'ତ୍ରିନାଥ' ନାଁ ଦେବାଠାରୁ 'ତ୍ରିନାଥ' ବୋଲି ସ୍ଥାନେ ସ୍ଥାନେ ଦେବତା ବସାଇ ଦେଉଳ ଓ ପୁରୋହିତ ଖଞ୍ଜିବାଯାଏ ଗଲାଣି ।

ଏ ସବୁ ଅନେକାଂଶରେ ସାହିତ୍ୟ ନାମରେ ପ୍ରଗତିର ବିଘାତ । ଏଇସବୁ ବିଘାତରେ ମନୁଷ୍ୟ ସହଜରେ ମାତିଯାଏ । ଏହାକୁଇ ପଲ୍ଲୀପ୍ରାଣର ପ୍ରକାଶ ବୋଲି ଅଯଥା ଆଦର କରିବାରେ ବେଳେ ବେଳେ ଲୋକେ ନାଁ କରି ବସନ୍ତି । କିନ୍ତୁ ଏସବୁ ଭିତରେ ଅର୍ଥାତ୍ ଏସବୁ ବିଚ୍ଛିତ୍ତି ଓ ବିଘଟନ ଭିତରେ ସମାଜର ନିର୍ମଳ ଦର୍ପଣପ୍ରଭା ଦେଖି ଦେଖାଇବା ବଡ଼ କଷ୍ଟ କାମ । କୁଞ୍ଜବିହାରୀଙ୍କର ଏଇ 'ପଲ୍ଲୀଝରଣା'ଟି ସଂକଳନ କରି ପ୍ରକାଶ କରିବାରେ ଯେ ସାହିତ୍ୟଚେତନା ପ୍ରକାଶ ପାଉଛି ତା କଳ୍ପନା କଲେ ଅଭିଭୂତ ହେବାକୁ ହୁଏ । ଏଥିରେ ପୁରାଣ ଓ କିମ୍ବଦନ୍ତୀ ଖୁବ୍ ଅଛି । ବଙ୍ଗଳାର ତଥାକଥିତ ସିଦ୍ଧ ହାଡ଼ିପାଙ୍କ ଶିଷ୍ୟ ରାଜା ଗୋବିନ୍ଦଚନ୍ଦ୍ରଙ୍କ କଥାକୁ ପର୍ଯ୍ୟନ୍ତ ଲକ୍ଷ୍ୟ ଅଛି । କିନ୍ତୁ ଭ୍ରଷ୍ଟତା ଓ ଭ୍ରଷ୍ଟାଚାରର ସୂଚନା, ଭକ୍ତ ଓ ଉପାସ୍ୟଙ୍କ ଦାନ ଓ ପ୍ରତିଦାନ ତଥା ନୀଚ କାମନାର ତୀବ୍ର କଷାଘାତ ଏଥିରେ କଳ୍ପନାର ପରିସର ଭିତରେ ମଧ୍ୟ ନାହିଁ । ଜାତୀୟ ସାହିତ୍ୟର ବୁନିୟାଦ୍ ତଥା ମୂଳଦୁଆ ଅନୁସନ୍ଧାନ କରିବାରେ ଏଭଳି ସଂକଳନର ମୂଲ୍ୟ ଅତୁଳନୀୟ ।"

"କୁଞ୍ଜବିହାରୀ 'ପଲ୍ଲୀନିଝରିଣୀ'ରେ ଯେ ଦୃଷ୍ଟି ଫିଟାଇଛନ୍ତି ତାହା ସବୁଠାରୁ ଭିନ୍ନ ଓ ଉନ୍ନତ । 'ପଲ୍ଲୀଝରଣା'ର ସଂକଳନଗୁଡ଼ିକ ମୌଳିକ ଓ ନିଖୁଣ । ସେଥିରେ 'ହିନୀମାନୀ ଅଗଣୀ' ଓ 'ଆତ୍ମହତ୍ୟା' ପରି ସାର୍ବଜନୀନ ମାନବର ଅନ୍ତରଙ୍ଗ

ଅନୁଭୂତି ପର୍ଯ୍ୟନ୍ତ ପ୍ରକାଶ ପାଇଛି । 'ଆତ୍ମହତ୍ୟା' କବିତାଟି ଅତି ଗାଉଁଲୀ ହେଲେ ମଧ୍ୟ ସ୍ୱାଭାବିକ ନାଟକୀୟତାରେ କି କମନୀୟ, କି ସ୍ୱାଦ୍ୟ ।

'ଚିତାକୁଟା' ଗୀତଟି ପଢ଼ିଲେ ଛବିଟି ଆଖିଆଗରେ ନାଚିଯାଏ, ବଳଦ ଖୁଆଇବାଠାରୁ ହଳ, ବୁଲେଇବା, ବିଲରୁ ଆସିବା, ଖାଇବା ଓ ଶୋଇବା ସବୁ ପଲ୍ଲୀଭାବ ଓ ଭାଷାରେ ଜୀବନ୍ତ । କାମକଳା ଓ ଅନ୍ୟାନ୍ୟ ଯୌନରସଚାତୁରୀଠାରୁ ଗ୍ରାମଦେବତୀ ତଥା ସର୍ବମଙ୍ଗଳାଙ୍କ ଭକ୍ତି ପର୍ଯ୍ୟନ୍ତ, ନାରୀଙ୍କ ଥଟ୍ଟାଠାରୁ ଭଗବତମାଳୀ ପର୍ଯ୍ୟନ୍ତ, ସବୁ ସୁନ୍ଦର, ରସବନ୍ତ ଓ ସେଇପରି ଜୀବନ୍ତ, ଜୀବନ ସଙ୍ଗେ ସାହିତ୍ୟ ଗତି କରେ, ସାହିତ୍ୟର ଏ ଗତି ସଂକଳନର ଛତ୍ରେ ଛତ୍ରେ ଉଦ୍‌ଭିନ୍ନ, ଏହିପରି ସଂକଳନ ଅତୀବ ସ୍ପୃହଣୀୟ । ଏଥିରେ ଜୀବନର ଭିତ୍ତି ଓ ସାହିତ୍ୟର ପୀଠ ପ୍ରାଣପ୍ରତିଷ୍ଠାରେ ସ୍ପଷ୍ଟ ହେବ, କବି ଓ ସମାଲୋଚକ ଦୁହେଁ ଏଥିରୁ ସ୍ପଷ୍ଟ ସାମଗ୍ରୀ ପାଇବେ । କୁଞ୍ଜବିହାରୀ ଏହିପରି ସଂକଳନମାନ ବେଶୀ ପ୍ରକାଶ କରନ୍ତୁ ।''

## ରାଜା ବୈକୁଣ୍ଠନାଥ ଦେଙ୍କ ଜୀବନୀ

ମୁଁ ବାଲେଶ୍ୱରରେ ଥିଲାବେଳେ ରାଜା ମନ୍ମଥନାଥ ଦେ ବୈକୁଣ୍ଠନାଥ ଦେଙ୍କ ଜୀବନଚରିତର ଗୋଟିଏ ମୁଖବନ୍ଧ ଲେଖିଦେବା ଲାଗି ଅନୁରୋଧ କରିଥିଲେ । ମୁଁ ଲେଖିଥିଲି—

''ବାଲେଶ୍ୱର ରାଜୋଦ୍ୟାନରେ ପ୍ରାଚୀନମୂର୍ତ୍ତି, ଶିଳାଲେଖ, ବାଉଁଶପତ୍ରରେ ଲିଖିତ ରାମାୟଣ ଦେଖିବା ଉଦ୍ଦେଶ୍ୟରେ ରାଜବାଟିକୁ ଯାଇଥିଲି । କଥାପ୍ରସଙ୍ଗରେ ରାଜାସାହେବଙ୍କଠାରୁ ବୈକୁଣ୍ଠନାଥ ଦେଙ୍କ ଜୀବନଚରିତ ରଚିତ ହେବାର ଶୁଣିଲି । ବୈକୁଣ୍ଠନାଥଙ୍କ ଜୀବନୀ ଯେ ରଚନା କରିବେ ରାଜାସାହେବ ତାଙ୍କୁ ଉପଯୁକ୍ତ ପୁରସ୍କାର ଦେବେ ବୋଲି ପ୍ରାୟ ଦଶବର୍ଷ ତଳେ ଘୋଷଣା କରିଥିଲେ । ଯାଜପୁରର ସୁଲେଖକ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଏହି ଜୀବନୀ ରଚନା କରି ପୁରସ୍କୃତ ହୋଇଥିଲେ । କିନ୍ତୁ ଉତ୍ସାହଅଭାବରୁ ପାଣ୍ଡୁଲିପିଟି ଛ' ବର୍ଷ ହେଲା ରାଜବାଟିରେ ପଡ଼ି ରହିଥିଲା । ଜୀବନୀଟି ଆମୂଳଚୂଳ ପାଠକରି ଦେଖିଲି ଯେ ଏହା ଉପାଦେୟ । ତେଣୁ ଏହାକୁ ଶୀଘ୍ର ପ୍ରକାଶ କରିବାଲାଗି ରାଜାସାହେବଙ୍କୁ ଅନୁରୋଧ କଲି ।

ଜାତୀୟ ଚରିତ୍ର ଗଠନଲାଗି ମହାପୁରୁଷମାନଙ୍କ ଜୀବନଚରିତ ଆଲୋଚନା ଆବଶ୍ୟକ—

'Lives of great men all remind us,
We can make our lives sublime.'

ଯେଉଁ ଜାତିରେ ଯେତେ ସ୍ୱାର୍ଥତ୍ୟାଗୀ ବ୍ୟକ୍ତି ଅଛନ୍ତି, ସେ ଜାତି ସେତିକି ମହୀୟାନ୍ । ଯେତେବେଳେ ବ୍ୟକ୍ତିର ପ୍ରାଣ ଶତ ସହସ୍ର କ୍ଷୁଦ୍ର ସ୍ୱାର୍ଥଦ୍ୱାରା ସଙ୍କୁଚିତ ହୁଏ, ସ୍ୱାର୍ଥ ସ୍ୱାର୍ଥ ମଧ୍ୟରେ ସଂଘର୍ଷ ଲାଗେ, ସେତେବେଳେ ଜାତିର ଏକ ସମୂହ ସାମ୍ମୁଖ୍ୟ ଆଉ ରହେନାହିଁ, ଦେଶ ପରାଧୀନ ହୁଏ । ଓଡ଼ିଶା ଏହିପରି ଦୁର୍ବଳ ମୁହୂର୍ତ୍ତରେ ତାର ସ୍ୱାଧୀନତା ହରାଇଥିଲା, ଆଫଗାନ୍, ମୋଗଲ ଓ ବର୍ଗୀ ଅତ୍ୟାଚାର ସହି ସହି ତାର ମେରୁଦଣ୍ଡ ଭାଙ୍ଗିଗଲା । ୧୮୦୩ରୁ ୧୮୬୦ ପର୍ଯ୍ୟନ୍ତ ଜାତୀୟ ଅଧୋଗତି ଚୂଡ଼ାନ୍ତ ସୀମା ସ୍ପର୍ଶ କରିଥିଲା । ଓଡ଼ିଶାର ଅଧିକାଂଶ ଜମିଦାରୀ

ପଡ଼ୋଶୀମାନଙ୍କ ହସ୍ତଗତ, ଓଡ଼ିଆ ଭାଷା ଲାଞ୍ଛିତ ଓ ନଅଙ୍କ ଦୁର୍ଭିକ୍ଷ ଫଳରେ ଦେଶ ଧ୍ୱସ୍ତ ହୋଇଥିଲା । ବିଚିତ୍ରାନନ୍ଦ, ନନ୍ଦକିଶୋର, ବିଚ୍ଛନ୍ଦ, ଗୌରୀଶଙ୍କର, ପ୍ୟାରୀମୋହନ, ଫକୀରମୋହନ, ରାଧାନାଥ, ରାମଶଙ୍କର, ଗୋବିନ୍ଦ, ଚତୁର୍ଭୁଜ, ମୃତ୍ୟୁଞ୍ଜୟ, ମଧୁସୂଦନ, ଜଗନ୍ମୋହନ, ନୀଳମଣି ବିଦ୍ୟାରତ୍ନ, କପିଳେଶ୍ୱର ବିଦ୍ୟାଭୂଷଣ, ବୈକୁଣ୍ଠନାଥ ଦେ, ରେଭେନ୍‌ସାସାହେବ, ବାମ୍‌ସ୍‌ସାହେବ, ମାର୍ଟିନ୍ ସାହେବ ପ୍ରଭୃତି ମହାତ୍ମାଗଣ ଓଡ଼ିଆଭାଷା ଓ ସାହିତ୍ୟକୁ ମୃତ୍ୟୁମୁଖରୁ ରକ୍ଷାକରି ଜାତିର ନମସ୍ୟ ହୋଇଥିଲେ । ଓଡ଼ିଶାର ଘୋର ଦୁର୍ଦ୍ଦିନରେ ସମସ୍ତ ବିଳାସବ୍ୟସନ ପରିତ୍ୟାଗ କରି ବୈକୁଣ୍ଠନାଥ ଜାତୀୟ ଦୁର୍ଦ୍ଦଶାମୋଚନରେ ତତ୍ପର ହୋଇ ଉଠିଥିଲେ । ସେଥିଲାଗି ବନ୍ଧୁ, ଶତ୍ରୁ ସମସ୍ତଙ୍କଠାରୁ ସେ ପ୍ରଶଂସାଲାଭ କରିଅଛନ୍ତି । ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର, ବାମଣ୍ଡାରାଜା ସୁବଳ ଦେବ, ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ପରି ବୈକୁଣ୍ଠନାଥ ସ୍ୱ ଜମିଦାରୀର ଅଧିକାଂଶ ଆୟ ସତ୍‌କାର୍ଯ୍ୟରେ ବ୍ୟୟ କରୁଥିଲେ । ସେହି ସମୟରେ ଓଡ଼ିଶାରେ ଏପରି ଅନୁଷ୍ଠାନ ନ ଥିଲା ଯେଉଁଥିରେ କି ବୈକୁଣ୍ଠନାଥଙ୍କ ହାତ ନ ଥିଲା, ଏପରି ସତ୍‌କାର୍ଯ୍ୟ ନ ଥିଲା, ଯେଉଁଥିରେ ବୈକୁଣ୍ଠନାଥଙ୍କ ପ୍ରେରଣା ନ ଥିଲା । ଏହା ଅତିକଥନ ନୁହେଁ । ବୈକୁଣ୍ଠନାଥ ଯେପରି ଉଦାର, ଦାନଶୀଳ, ସେହିପରି ବିନୟୀ, ସେବକ ଓ କର୍ମୀ ଥିଲେ । ତାଙ୍କର ଆଦର୍ଶ, କର୍ମମୟ ଜୀବନ ବହୁ ନବୀନଙ୍କୁ ପ୍ରେରଣାଦେବ ।

ଉକ୍ତ ଜୀବନୀ କେବଳ ଗୋଟିଏ ଜୀବନର କେତେକ ଘଟଣାସମାବେଶ ନୁହେଁ, ଏହା ଊନବିଂଶ ଶତାବ୍ଦୀର ଏକ ଇତିହାସ । ଏଥିରେ ନଅଙ୍କ ଦୁର୍ଭିକ୍ଷ, ପାଠ୍ୟପୁସ୍ତକଆନ୍ଦୋଳନ, ଭାଷାଆନ୍ଦୋଳନ, ଓଡ଼ିଶାର ବାଣିଜ୍ୟବ୍ୟବସାୟ ବିଷୟରେ ଉପାଦେୟ ସୂଚନାମାନ ରହିଅଛି । ସମ୍ବାଦବାହିକା, ସଂସ୍କାରକ, ଉତ୍କଳଦର୍ପଣ, ଉତ୍କଳଦୀପିକା, ଓଡ଼ିଆ ନବସମ୍ବାଦ, ଉତ୍କଳସାହିତ୍ୟ ପ୍ରଭୃତି ପତ୍ରିକାମାନଙ୍କରେ ବୈକୁଣ୍ଠନାଥଙ୍କ ସତ୍‌କାର୍ଯ୍ୟ ସମ୍ପର୍କରେ ପ୍ରକାଶିତ ଅଂଶମାନ ଦିଆଯାଇଅଛି ।"

କିନ୍ତୁ ରାଜା ମନ୍ମଥ ପୁସ୍ତକଟି ପ୍ରକାଶ କଲେନାହିଁ; ଏ ମଧ୍ୟରେ ସେ ସଂସାରରୁ ବିଦାୟ ନେଇଛନ୍ତି । ମୋ ମୁଖବନ୍ଧ ସହିତ ଜୀବନୀଟି ପ୍ରକାଶିତ ନ ହେବାରୁ ସଂକଳ୍ପ କଲି—ଆଉ କୌଣସି ପାଣ୍ଡୁଲିପିର ମୁଖବନ୍ଧ ଲେଖିବି ନାହିଁ । ସେହି ସଂକଳ୍ପ ଯଥାସମ୍ଭବ ରକ୍ଷାକରି ଆସିଛି ।

## ଲିଙ୍ଗଳେଶ୍ୱର ଓ ଶିବାୟନ କାବ୍ୟ

ଏହି ସମୟରେ 'ଲିଙ୍ଗଳେଶ୍ୱର' କାବ୍ୟର ମୁଖବନ୍ଧ ମୁଁ ଲେଖିଥିଲି—"କବି ରାଧାମାଧବ ଗିରି ଲିଙ୍ଗଳେଶ୍ୱର କାବ୍ୟରେ ଏକ ପ୍ରଚଳିତ କିମ୍ବଦନ୍ତୀକୁ ରୂପ ଦେଇଅଛନ୍ତି । ଶିବଙ୍କର ହଳଧର ମୂର୍ତ୍ତିକଳ୍ପନା ବଙ୍ଗବାସୀଙ୍କର ଏକାନ୍ତ ନିଜସ୍ୱ (ଶିବାୟନକାବ୍ୟ) ବୋଲି କେହି କେହି ବଙ୍ଗୀୟ ପଣ୍ଡିତ ଦର୍ପର ସହିତ ଉଲ୍ଲେଖ କରିବା'ର ଶୁଣିଛି । କିନ୍ତୁ ଉତ୍କଳରେ ଏହା କିମ୍ବଦନ୍ତୀ ନୁହେଁ, ଜୀବନ୍ତ ଇତିହାସ ରୂପେ ବିଦ୍ୟମାନ । ବାଲିଅପାଳ ସମୀପବର୍ତ୍ତୀ ଲିଙ୍ଗଳେଶ୍ୱର ଶିବଙ୍କ ହସ୍ତରେ ତ୍ରିଶୂଳ, ଡମ୍ବରୁ ନାହିଁ ଅଛି ଲଙ୍ଗଳ, ପାଞ୍ଚଣ, ବାସୁଆ ଓ ପଚନା ନାମକ ଦୁଇ ବୃଷଭ ତାଙ୍କ ଲଙ୍ଗଳକୁ ଭିଡ଼ୁଥିଲେ ।

ଏହି କାବ୍ୟଟି 'ମୁକୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ରାଧାନାଥ ଓ ଚିନ୍ତାମଣିଙ୍କ ଆଦର୍ଶରେ କବି 'ଲୁଙ୍ଗଳେଶ୍ୱର' ଲେଖିଥିଲେହେଁ ଭାବପ୍ରକାଶରେ ନୂତନ ଦୃଷ୍ଟିକୋଣ ଅବଲମ୍ବନ କରିଛନ୍ତି ।

ଶିବ କେବଳ ସଂହାରଦେବତା ନୁହନ୍ତି, ସେ ସର୍ଜନର ମଧ୍ୟ ଦେବତା, ସେ ସନ୍ନ୍ୟାସୀ ନୁହନ୍ତି, ସଂସାରୀ, ଦେବତା ନୁହନ୍ତି, ଆଦର୍ଶ ମନୁଷ୍ୟ, ସେ ବୈରାଗୀ ଯୋଗୀ ନୁହନ୍ତି, କର୍ମୀ, କୃଷକ । ଶସ୍ୟ ପ୍ରାଣୀର ପ୍ରାଣ, କୃଷକ ଦେଶର ଧମନୀ, ଏହି ଆଦର୍ଶ ଶିବ ହଳଧର ରୂପରେ ଦେଖାଇଅଛନ୍ତି ।

'ଉତ୍କଳପ୍ରଦୀପ'ର ସମ୍ପାଦକ ରାଧାମାଧବଙ୍କର ଏହି କାବ୍ୟଟି 'ମୁକୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା ।

୧୯୦୯ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ 'ବାଲେଶ୍ୱର' ପୁସ୍ତକରେ ଲୁଙ୍ଗଳେଶ୍ୱରଙ୍କ ବିଷୟ ଉଲ୍ଲିଖିତ ହୋଇଅଛି–

'ଲୋକେ ଧାନରୁଷ ଶିକ୍ଷା ଦେବାର କାରଣ
ଶିବ କରିଥିଲେ ଏଥି ପ୍ରାନ୍ତର କର୍ଷଣ

କୁବେର ବିହନ ଦେଲେ ହଳଧର ହଳ
ଧର୍ମରାଜ ଲଙ୍ଗଳର ମହିଷଯୁଗଳ

ତ୍ରିଶୂଳ ହେଲାକ ଫାଳ କାର୍ତ୍ତିକେୟ ରକ୍ଷୀ
କାଟିଲେ ସେ ଧାନ ଭୀମ ହିଡ଼ିମ୍ବବିଳାସୀ ।'

ବଙ୍ଗୀୟ ଶିବାୟନ କାବ୍ୟର ମୂଳଉତ୍ସ ଏହିଠାରେ—ମୋର ଦୃଢ଼ ବିଶ୍ୱାସ ।

## କାଳାର ଉପେକ୍ଷିତ

ବାଲେଶ୍ୱରରେ ଲିଖିତ କେତେକ କବିତା ଉପେକ୍ଷିତ, ପାଣ୍ଡୁଲିପିର ଜୀର୍ଣ୍ଣ ପୃଷ୍ଠାରେ ବିଲୁପ୍ତ ହେବାକୁ ଯାଉଛି । କୌଣସି କବିତାସଂକଳନରେ ସେ ସମସ୍ତ ପ୍ରକାଶ କରିବାଲାଗି ମୋ ଶିଳ୍ପଦୃଷ୍ଟି ମୋତେ ବାରଣ କରିଛି; ସତେ ଯେପରି ସେସବୁ ଅପସୃଷ୍ଟି—ସୃଷ୍ଟି ଅପୂର୍ଣ୍ଣ, ଅସୁନ୍ଦର ହେଲେ ବି ସ୍ରଷ୍ଟା ବା ଜନକର ଅବହେଳିତ ବା ଅପ୍ରିୟ ହେବାର ନୁହେଁ । ଅଯୋଗ୍ୟ, ଅପଦାର୍ଥ ସନ୍ତାନ କଥା ଜନକଜନନୀ ଭାବିଲା ପରି ବେଳେ ବେଳେ ସେମାନଙ୍କ କଥା ଭାବି ମୁଁ ମର୍ମେ ମର୍ମେ ନିପୀଡ଼ିତ ହୁଏ । ଧ୍ୱଂସମୁଖରେ ଧାବମାନ ଏଇ କେତୋଟିକୁ ପାଠକମାନଙ୍କ ସାମ୍ନାରେ ବସାଇଛି, ସ୍ରଷ୍ଟାର ଅଯୋଗ୍ୟତା ହୃଦୟଙ୍ଗମ କରାଇବାଲାଗି । ନିଜକୁ ଫିଟ୍‌ଫାଟ୍ କରି ବହୁସ୍ଥାନରେ ଛିଡ଼ା କରାଇଛି; ଏ ମୋର ଅନାଡ଼ି ରୂପ; ସର୍ଜନ ଚେଷ୍ଟାରେ ମୁଁ କିପରି ବାରମ୍ବାର ବ୍ୟର୍ଥ ହୋଇଛି, ଏହା ପାଠକ ହୃଦୟଙ୍ଗମ କରିବେ ।

## ଛାଉବୁଲା

ନାମ ନାହିଁ ଗୋତ୍ର ନାହିଁ ନାହିଁ ଘରଦ୍ୱାର
ଜନ୍ମ ତୋର ଦେଖିଅଛି ଅଳନ୍ଧୁ ଅନ୍ଧାର
ଦେଖିନାହିଁ ପିତା ତୋତେ ଗ୍ରହିନାହିଁ ମାତା
ତେଜିଛି ଘୃଣାରେ ତୋତେ ଦଇବ ବିଧାତା ।
ରମ୍ଭା ଉଠି ଅନାବନା ବଢିଅଛୁ କାହିଁ
ଧୂଳି ଜର ଜର ବେଶ ଗ୍ରହିଁ ସହେ ନାହିଁ
କାହିଁ ତୁ ପକେଟମାରୁ କାହିଁ ମାଗୁ ଭିକ
ସ୍ୱ ଜୀବନ ରକ୍ଷାଲାଗି ହୋଇଛୁ ସୈନିକ ।

ତାକୁ କାଟି ପରପୃଷ୍ଠାରେ ପୁଣି ଆରମ୍ଭ କରିଛି—

ନାମ ନାହିଁ ଗୋତ୍ର ନାହିଁ ନାହିଁ ତାର ଜାତି
ନାହିଁ ତୋର ଘରଦ୍ୱାର ନାହିଁ ପିତାମାତା
ଧୂସର କରିଛି ତାର ଜୀବନ ଅଖ୍ୟାତି ।
ଉଆଁସ ଅନ୍ଧାରେ ଦିନେ ଝଞ୍ଜାର ଲଗନେ
ନର୍ଦ୍ଦମାର ପାଶେ ତୋତେ ଫିଙ୍ଗିଥିଲା କେହି
ନଥିଲା କି ଅଶ୍ରୁକଣା ସେ ନୟନ କଣେ ?

ବୋଧେ ଏ ଛନ୍ଦରେ ପ୍ରବାହ ବ୍ୟାହତ ହୋଇଛି । ବିଶ୍ୱାସ ଟଳମଳ ହୋଇଛି; ଆଉ ଆଗେଇ ନାହିଁ । ତାପରେ 'ସର୍ବହରାର ସରସ୍ୱତୀ' ବୋଲି ଶୀର୍ଷକଟିଏ ଦେଇଛି; ଗୋଟିଏ ଧାଡ଼ି ଲେଖିନାହିଁ । ଜୀବନ ପରି କବିତାର ମଧ୍ୟ ଗୋଟାଏ ଲଗ୍ନ ଅଛି; ଲଗ୍ନ ଭଲ ନ ଥିଲେ କବିତା ଭଲ ଉତୁରେ ନାହିଁ ।

ତାପରେ 'ବାଳଶ୍ରୀ ବିଧବା' ବୋଲି ନାମଟିଏ ଦେଇ କାଟିଛି । ତାପରେ 'ଧୋବା ମାଆ' ଶୀର୍ଷକ—ତା ତଳେ 'ବିଲ ବାଛି ବାଛି' ଏତିକି ମାତ୍ର ଅଛି । ଧୋବାମାଆ ଆମ ଗାଆଁର ଗୋଟିଏ ବୁଢ଼ୀ; ମକଦ୍ଦମେ ସେଦିନ ବିଲବନ୍ଧାରେ ଏକଓଲିକିଆ କରେଇଥିଲେ, ଓପାସଖୋଳରେ ଓଦାସରସର ହୋଇ ପ୍ରାୟ ସନ୍ଧ୍ୟାବେଳେ ଧୋବାମାଆ ଘରକୁ ଫେରୁଥିଲା, ବାଟରେ ପଡ଼ି ମରିଗଲା । ତା ସଂଗ୍ରାମପିଷ୍ଟ ମୁଖ ଓ ଦାରିଦ୍ର୍ୟନିପୀଡ଼ିତ ଚେହେରା ଆଖିଆଗରେ ନାଚି ଯାଉଛି । କବିତାଟିରେ ତାର ସ୍ମୃତି ରଖିପାରିଥିଲେ ସୁଖୀ ହୋଇଥାନ୍ତି । କିନ୍ତୁ ହୋଇପାରିଲା ନାହିଁ ।

ତା ପରେ ଅନ୍ୟ ଏକ ଶୀର୍ଷକରେ ଆରମ୍ଭ କରିଛି—

## ମୁଁ କୋଣାର୍କ ଦେଶର ଲୋକ ନୁହେଁ

ମୁଁ ସେହି ଦେଶର ଲୋକ
ଯେଉଁଠି ଜୀବନର ମୂଲ୍ୟ ମୁଠାଏ ପାଉଁଶରୁ ବି ଊଣା

କେତୁଟା କିଣାକାଠି ଡଉଳୁଛି ମଣିଷର ମାଉଁସକୁ
ମୁଁ କୋଣାର୍କ ଦେଶର ଲୋକ ନୁହେଁ
ପଥର ଜୀଇଁଛି, ମଣିଷ ମରିଛି
ଏ ଆଉ ଗୋଟାଏ ଜାତି
ଅନ୍ନ ପାଇଁ ତାର ସଂଗ୍ରାମ
ମୃତ୍ୟୁ ତାର ବିଶ୍ରାମ ।

ଶାନ୍ତିନିକେତନରେ କେନାଲ୍‌ଖୋଳାବେଳେ ଅସଂଖ୍ୟ ଓଡ଼ିଆ ମୂଲିଆଙ୍କୁ ଦେଖି ଏଇ ଭାବ ଜାତ ହୋଇଥିଲା । କେତେକ ଅସଫଳ ପ୍ରୟାସରେ କବିତାଟି 'ଏମାନେ କୋଣାର୍କ ଦେଶର ଲୋକ ନୁହଁନ୍ତି' କବିତାରେ ରୂପ ନେଲା ।

କଲିକତାର କେଶୋରାମ୍ କଟନ୍ ମିଲ୍‌ସ୍‌ରେ ଗୋଟିଏ ଅର୍ଦ୍ଧ ଉଲଗ୍ନ ଲୋକକୁ ଲୁଗାର ପାହାଡ଼ ଉପରେ ଶୋଇଥିବାର ଦେଖି 'ଶୋଇଛୁ ଲଙ୍ଗଳା ହୋଇ ଲୁଗାର ପାହାଡ଼େ' ଲେଖିଥିଲି । ମନ ନ ମାନିବାରୁ ତାକୁ କୌଣସି ସଂକଳନରେ ସ୍ଥାନ ଦେଇନାହିଁ ତାର କିଛି ଅଂଶ ଉଦ୍ଧାର କଲି, ଅସାର୍ଥକ ହେଲେବି ପାଠକ ମନରେ ଭାବୋଚ୍ଛ୍ୱାସ ଜାଗ୍ରତ କରିବାର ଶକ୍ତି ତାର ରହିଛି—ଦୀର୍ଘକାଳ ପରେ ସେଇ ଅବାଞ୍ଛିତ ଉପରେ ଆଖି ପକାଉ ପକାଉ ଉଦ୍‌ବୁଦ୍ଧ ହେବାରୁ ଉଦ୍ଧୃତି ଦେଉଛି ।

'ଫସଲେ ଫସଲେ ଫଳେ ପ୍ରାଣ ତୋର
ଫୁଟେ ଫୁଲେ ଫୁଲେ
ପତ୍ରେ ପତ୍ରେ ପ୍ରାଣ ତୋର
ମୁକ୍ତା ହୋଇ ଝୁଲେ ।

ଝରିପାଉ ଗିରି ଝରେ
ଗାଉ ତୁହି କଳକଣ୍ଠ ଗାନେ
ତୋ ଅନ୍ତର ଅନନ୍ତ ସବୁଜ
ସବୁଜ କରଇ ପ୍ରାଣେ ପ୍ରାଣେ ।

ଭଗବାନ୍ ସମ ତୁହି ବ୍ୟାପ୍ତ ଚରାଚରେ
କାହିଁ ଗଲୁ ପୁରଣ ଲଙ୍ଗଳ
କାହିଁ ଗଲୁ କାରଖାନା
ଯୋଗାଉ ବିଦ୍ୟୁତ୍ ଆଉ ଜଳ
କାହିଁ ଖଣି ଅନ୍ଧକାରେ
ଗଣ୍ଡୁ ପୃଥ୍ୱୀ ଛାତିର ସ୍ପନ୍ଦନ

ମେଘର ମହଲେ ତୋଳି ରୁନ୍ଦିନୀ ମହଲ
ପଲ୍ଲୀ ତଳେ ମୃତ୍ୟୁ ସମ ହେଉ ଅଚେତନ ।

ଏ ପବନ ତୋହର ନିଶ୍ୱାସ
ଏ ପୃଥିବୀ ତୋହର ବିଶ୍ୱାସ
ଏ ଜୀବନ ତୋହର ସାଧନା

ସକଳ ମନରେ ଭରି ଖବର ସମ୍ଭାର
ତୁ କିମ୍ବା ହୋଇଚୁ ଶୂନ୍ୟମନା ?
ତେଲର ସମୁଦ୍ର ପେଡ଼ି
କିମ୍ବା ତୁହି ଧୂଳିରେ ଧୂସର ?

ନିଚ୍ଛେ କାନ୍ଦି ଅନ୍ଧକାରେ
ଦ୍ୱାରେ ଦ୍ୱାରେ ଜାଳୁଛୁ ଜାଗର ?

କାହିଁକି ତୁ ଉର୍ଦ୍ଧ୍ୱଶ୍ୱାସେ
ପଥ ପାଶେ ଡାକୁଚୁ ମରଣେ ?
ଲଜ୍ଜା ନାହିଁ ପଶିଚୁ ଶରଣ ଧୂଳିର ଚରଣେ ।

ଶୋଇଚୁ ସବୁରି ତଳେ ରେ ଆଗ୍ନେୟଗିରି
ହୋଇ ମୂକ ମୌନ
ସୁନାର ଫସଲେ ତୋର ନାଚେ ରାହୁ ଛାୟା
ଝଡ଼ ଗଲା ଡାକି ଦ୍ୱାରେ ଦ୍ୱାରେ
ଶୋଇଛୁ ନିର୍ଲଜ୍ଜ ପୁଣି ଉଲଗ୍ନ ହୋଇ ତୁ
ଜୁଗାର ପାହାଡେ !

## ସ୍ୱାଧୀନତା ଲାଭ

୧୯୪୭, ଅଗଷ୍ଟ ପନ୍ଦର ତାରିଖରେ ରାତିଅଧରେ ବଡ଼ଲାଟଭବନ ମଧ୍ୟ-ଗୃହରେ ବଡ଼ଲାଟ୍ ମାଉଣ୍ଟ୍‌ବ୍ୟାଟେନ୍ ପଣ୍ଡିତ ଜବାହରଲାଲ୍ ନେହରୁଙ୍କ ହାତକୁ କ୍ଷମତା ହସ୍ତାନ୍ତରିତ କଲେ । ଇଉନିଅନ୍ ଜାକ୍ ଅବନତ ହେଲା, ଅସ୍ତ ହେଲା । ଭାରତର ତ୍ରିରଙ୍ଗ ସ୍ୱାଧୀନ ପତାକା ଫର୍‌ଫର୍ ହୋଇ ଉଡ଼ିବାକୁ ଲାଗିଲା । 'କାଲି ଦାସ ଥିଲୁ, ଆଜି ମୁକ୍ତ, ସ୍ୱାଧୀନ', ସେ ଆନନ୍ଦଉନ୍ମାଦନା ଜୀବନରେ ଭୁଲି ହେବନାହିଁ । ଯେଉଁମାନେ ସ୍ୱାଧୀନ ଭାରତରେ ଜନ୍ମ ହୋଇଛନ୍ତି, ସେମାନେ ଦାସତ୍ୱ ଓ ମୁକ୍ତିର ସେଇ ଗଭୀର ତାରତମ୍ୟ ବୁଝି ପାରିବେନାହିଁ । ଇଂଲଣ୍ଡ ପରି ଗୋଟିଏ ଛୋଟ ଦେଶ ବିରାଟ ସଂସ୍କୃତିସମ୍ପନ୍ନ ଭାରତବର୍ଷକୁ ଲୌହପାଦ ତଳେ ରୁପି ରଖିବା କି ଲଜ୍ଜାର ବିଷୟ ଥିଲା । ଅହରହ ଶୋଷଣ ଓ ପୀଡ଼ନ କରି ଦର୍ପିଷ୍ଠ ଶ୍ୱେତାଙ୍ଗମାନେ ସୁନାର ଭାରତକୁ ଚୂନା କରି ଦେଇଥିଲେ । ବିଶ୍ୱ ଦରବାରରେ ଆଜି ଆମେ ଗର୍ବେ ମୁଣ୍ଡ ଟେକିଲୁ, କିନ୍ତୁ ଆମ ଆନନ୍ଦଉଲ୍ଲାସ ଦୀର୍ଘସ୍ଥାୟୀ ହେଲାନାହିଁ । ପରିବର୍ତ୍ତନ ଥିଲା ମୁଖ୍ୟତଃ ଭାବଗତ କିମ୍ବା ଏକାନ୍ତ ମନ୍ତର ।

ବର୍ଷ ପରେ ବର୍ଷ ଅତୀତ ହେଲା । ସ୍ୱାଧୀନ ପ୍ରଭାତର ରୋମାଞ୍ଚକର ଗୋଲାପୀ କିରଣ ଅପସରି ଗଲା; ବାସ୍ତବ ଦୃଷ୍ଟିରେ ଦିଶିଲା ଯେ ଗୋରା ତାରାରେ କଳା ସାହେବମାନେ ବସିଛନ୍ତି, ନିଶା ନିବାରଣ ଲାଗି ଯେଉଁମାନେ ପିକେଟିଂ କରୁଥିଲେ ସେଇମାନେ ନୂଆ ହୋଇ ମଦ ଧରିଛନ୍ତି, ଅକୁଣ୍ଠଭାବେ ବିଦେଶୀ ଜିନିଷ ବ୍ୟବହାର କରୁଛନ୍ତି । ଆଉ ଗୋଟାଏ ନିଶା ବି ଲାଗିଗଲା; ଏହା କ୍ଷମତାର । ଦେଶ ବିଦେଶରୁ ଉଧାର କରି ବଡ଼ ଲୋକ ପରି କେତେକ ଘିଅ ପିଇ ରୁଲିଲେ । ଜନସାଧାରଣ ସ୍ୱାଧୀନତାର କୌଣସି ଆସ୍ୱାଦ ଅନୁଭବ କରିପାରିଲେ ନାହିଁ ।

ଅବଶ୍ୟ ନଦୀରେ ବନ୍ଧ ଉଠିଲା, ଗ୍ରାମଗୋଷ୍ଠୀ ଯୋଜନାମାନ ହେଲା । ନୂଆ ନୂଆ କଳକାରଖାନାମାନ ବସିଲା । ନୂତନ ନୂତନ ନଗର ଓ ବନ୍ଦର ଜନ୍ମ ନେଲା; ଘୋର ଅନ୍ଧକାରରେ ବିଦ୍ୟୁତ ଚମକିଲା । ଗଢ଼ା ହେଲା ନୂତନ ପଥ, ସେତୁ, ଅତିଥିଶାଳା ଓ ସୌନ୍ଦର୍ଯ୍ୟପୁରୀ । କିନ୍ତୁ ଜନଜୀବନର ଆଖିଦୃଶିଆ ଉନ୍ନତି ହେଲାନାହିଁ, ଜୀବନର ମାନ ବଢ଼ିଲା ନାହିଁ । ଉଚ୍ଚତମରୁ ନିମ୍ନତମ ସ୍ତର ପର୍ଯ୍ୟନ୍ତ ଦୁର୍ନୀତି ବ୍ୟାପିଗଲା । ସ୍ୱାଧୀନତାର ମଜ୍ଜା ମାରିନେଲେ କେତେଜଣ ଅପରିଣାମଦର୍ଶୀ ନେତା, ଅସାଧୁ ବ୍ୟବସାୟୀ, ସୁବିଧାବାଦୀ ଅଫିସର ଓ ଲାଭଖୋର୍ କାନ୍‌ଟ୍ରାକ୍ଟର, ସାଧାରଣ ଜୀବନ ଦିନୁଁଦିନ ଦରବୃଦ୍ଧି ଫଳରେ ହେଲା ଏକ ସ୍ୱେଦାକ୍ତ ସଂଗ୍ରାମ, ଏକ ବିକଟଜ୍ୱାଳା ।

ସ୍ୱାଧୀନତା ଲାଭ ଲାଗି ବହୁ ବ୍ୟକ୍ତି ଜୀବନକୁ ପାଣି ଛଡ଼ାଇ ଦେଇଥିଲେ, ନାନା ଅଭାବଅନାଟନ ରୋଗବ୍ୟାଧିରେ ସଢ଼ିଲେ ବି ପିଲା କୁଟୁମ୍ବଙ୍କ ମୁହଁକୁ ଚାହିଁ ନଥିଲେ; କାହାର ଘର ପୋଡ଼ି ଦିଆ ହୋଇଥିଲା, କାହା ଘରୁ ଜିନିଷପତ୍ର ବୋହି ନିଆ ହୋଇଥିଲା । ବେତ ବାଡ଼ିରେ କାହା କାହାର ପିଠି ଫଟାଇ ଦିଆ ହୋଇଥିଲା । କିଏ ସ୍କୁଲ କଲେଜ ଛାଡ଼ି ଦରପାଠୁଆ ହୋଇ ରହିଗଲା । ସ୍ୱାଧୀନତା ପରେ ଯେଉଁମାନଙ୍କ ହାତରେ ପଇସା ଥିଲା, ଯେଉଁମାନଙ୍କୁ ମାମଲତ ବୁଦ୍ଧି ଜଣାଥିଲା, ସେମାନେ କଳେବଳେ କୌଶଳେ ଆସନ, ବା ସିଂହାସନର ଅଧିକାରୀ ହୋଇ ମହାଭାଗ୍ୟବନ୍ତ ରୂପେ ପ୍ରାସାଦରେ ଓ ଇତିହାସରେ ସ୍ଥାନ ପାଇଥିଲେ । ତ୍ୟାଗ ପରେ ଭୋଗର ରାଜତ୍ୱ ଆସିଥିଲା । ସ୍ୱାଧୀନତାସଂଗ୍ରାମୀମାନଙ୍କ କାହାଣୀ କାଲ କାନରେ ହିଁ ପଡ଼ିଥିଲା । ତମ୍ବାପଟା, ପେନ୍‌ସନ୍ ମିଳିବାର ବହୁ ଆଗରୁ ଅନେକ ସଂସାର ତ୍ୟାଗ କଲେ ।

ସ୍ୱାଧୀନତାସଂଗ୍ରାମରେ ମୋର ଯତ୍‌ସାମାନ୍ୟ ଭାଗ ଥିଲା, ତାହା ଭାବଗତ । ସ୍ୱାଧୀନତାର ସୁରକ୍ଷା ଲାଗି ଯୁଗୋପଯୋଗୀ ନୌ, ଆକାଶ, ଯାନ୍ତ୍ରିକ ବାହିନୀ ସଂଗଠନ ଏକାନ୍ତ ଅବଶ୍ୟକ, ମୁଁ ଦୃଢ଼ଭାବେ ବିଶ୍ୱାସ କରୁଥିଲି ଓ କବିତା ଲେଖୁ-ଥିଲି—'ହାତେ ଝଲମଲ ବନ୍ଧୁକ ପିସ୍ତଲ', 'ସତ୍ୟବାଦୀ'ରେପ୍ରକାଶିତ 'ନୂଆଭାରତର ସ୍ୱାଧୀନ ପିଲା' କବିତାଟି ପଢ଼ି ଜଣେ ନେତା କହିଲେ ଭାରତ ଅହିଂସା ବଳରେ ସ୍ୱାଧୀନତା ହାସଲ କରିଛି, ସେଇ ମହାନ୍ ନୈତିକ ବଳରେ ହିଁ ସେ ତାହା ରକ୍ଷା କରିବ । ଏ ଉକ୍ତି କେତେ ଅସାର ଚୀନ ସହିତ ଭାରତର ଯୁଦ୍ଧରେ ପ୍ରମାଣିତ ହୋଇଗଲା । ଭାରତ ବହୁ ଭୂମି ଓ ମର୍ଯ୍ୟାଦା ହରାଇଲା ।

ସ୍ୱାଧୀନତା ଲାଭ ଯେତିକି ସୁଖର, ଭାରତ ଭାଗ ଭାଗ ହେବା ସେତିକି ଦୁଃଖର ବିଷୟ ଥିଲା । ଜାତିର ପିତା ମହାତ୍ମା ଗାନ୍ଧୀ ଖଣ୍ଡିତ ଭାରତ ଚାହୁଁ ନ ଥିଲେ । ଅଖଣ୍ଡ ଭାରତର ମୁକ୍ତି ତାଙ୍କର ସ୍ୱପ୍ନ ଥିଲା । ତାଙ୍କ ଇଚ୍ଛା ବିରୁଦ୍ଧରେ ପାକିସ୍ଥାନ ସୃଷ୍ଟି ହୋଇଥିଲା, ଭାରତୀୟ ନେତାମାନେ ସୁଫଳ ମଧ୍ୟରେ ଏକ କୁଫଳ ପରି ତାହା ଗ୍ରହଣ କରି ଯାଇଥିଲେ । ବହୁ ରକ୍ତପାତ ଓ ଗ୍ଲାନି ମହାତ୍ମାଜୀଙ୍କ ମର୍ମ ଦଗ୍ଧ କରିଥିଲା । କିନ୍ତୁ ସେ ଦିଗରେ ସେ ଏକାନ୍ତ ଏକାକୀ ଥିଲେ । ସେଥିଲାଗି ତାଙ୍କର ଶୋଚନା ନ ଥିଲା । ଗୁରୁଦେବଙ୍କ ଗାନ ଥିଲା ତାଙ୍କର ପ୍ରେରଣା—'ଯଦି ତୋର ଡାକ୍ ଶୁନେ କେଉ ନା ଆସେ ତବେ ଏକ୍‌ଲା ଚଲୋରେ ।'

୧୯୪୮, ଯାନୁଆରୀ ୩୦ ତାରିଖରେ ନାଥୁରାମ ଗଡ୍‌ସେ ମହାତ୍ମାଜୀଙ୍କୁ ପ୍ରାର୍ଥନା ସଭାରେ ହତ୍ୟା କରିଥିଲା । ସମଗ୍ର ଭାରତ ଓ ଜଗତ୍ କାନ୍ଦିବା ଭଳି ଏପରି ଏକ ଭୟଙ୍କର ଓ ଶୋଚନୀୟ ଘଟଣା ମୋ ଜୀବନକାଳ ମଧ୍ୟରେ ଆଉ କେବେ ଘଟିନାହିଁ ।

ମହାତ୍ମାଜୀ ଭଗବାନଙ୍କ ଲୋକ, ଅହୋରାତ୍ର ଈଶ୍ୱରଚିନ୍ତା; ସତ୍‌କର୍ମରେ ସାରାଜୀବନ ସେ ଆତ୍ମନିୟୋଗ କରିଥିଲେ, ସାମାନ୍ୟ ଏକ ଗୁଳିରେ ଏ ମହାପୁରୁଷଙ୍କ ଜୀବନାବସାନ ଘଟିବ, ଏ ବିଶ୍ୱାସ ନ ଥିଲା; ଏ ଘଟଣା ଅଦ୍‌ଭୁତଭାବେ ଆକସ୍ମିକ ଓ ନାଟକୀୟ ବୋଧ ହୋଇଥିଲା । ଏକାନ୍ତ ଆତ୍ମୀୟ ବିଚ୍ଛେଦରେ ଲୁହ ଢାଳିବାର ଅନୁଭୂତି ଥିଲା; କିନ୍ତୁ ବିଶ୍ୱପରିବାରର ଏଇ ମହାନ୍ ଅଭିଭାବକ, ଜଗତର ବିବେକ, ନିପୀଡ଼ିତ, ଶୋଷିତର ଆତ୍ମୀୟଙ୍କ ବିଚ୍ଛେଦ ନିଖିଳ ପ୍ରାଣରେ ଅଦ୍‌ଭୁତ ଆଲୋଡ଼ନ ସୃଷ୍ଟି କରିଥିଲା ।

ଗାନ୍ଧିଜୀ ଭାରତକୁ ସ୍ୱାଧୀନତା ଦେଇଥିଲେ; ମୋ ବିଚାରରେ ଏ ଦିଗରେ ନେତାଜୀଙ୍କ ଭୂମିକା ଗୌଣ ନ ଥିଲା—ବସ୍ତୁତଃ ହିଂସା ଓ ଅହିଂସା ଉଭୟ ଉପାୟରେ ଭାରତ ସ୍ୱାଧୀନତା ଲାଭ କଲା । ସାମ୍ରାଜ୍ୟବାଦୀ ବ୍ରିଟିସ୍ ପ୍ରତି ପରିସ୍ଥିତି ମଧ୍ୟ ପ୍ରତିକୂଳ ଥିଲା । ସ୍ୱାଧୀନତା ଲାଭ ଦିଗରେ ଜନସାଧାରଣଙ୍କ ତ୍ୟାଗ ଥିଲେ ମଧ୍ୟ ତାହା ବିପୁଳ ନୁହେଁ । ତେଣୁ ସ୍ୱାଧୀନତାର ଗୁରୁତ୍ୱ ବା ଗୌରବ ସମସ୍ତ ଭାରତବାସୀ ଦୃଢ଼ଭାବେ ଅନୁଭବ କରିପାରି ନ ଥିଲେ ।

ଦେଶୀୟ ରାଜ୍ୟ ବା ଗଡ଼ଜାତମିଶ୍ରଣ ଏଇ ସମୟରେ ଅନ୍ୟ ଏକ ଯୁଗାନ୍ତକାରୀ ଘଟଣା ଥିଲା । ଏଥିମଧ୍ୟରୁ ଅଧିକାଂଶ ରାଜ୍ୟ ଥିଲା ଭାରତ ଦେହର କର୍କଟବ୍ୟାଧି ପରି । ରାଜତନ୍ତ୍ର ଥିଲା ଏକ ଖିଆଲୀ ତନ୍ତ୍ର । ଜନସାଧାରଣ ଜଣକ ଜ୍ୱଳନ୍ତ ଖିଆଲିକଟାହରେ ଦଗ୍‌ଧୀଭୂତ ହେଉଥିଲେ; କେଉଁ ମୁହୂର୍ତ୍ତରେ କାହା ଉପରେ ଚଡ଼କ ପଡ଼ିବ, କିଛି ଠିକ୍ ଠିକଣା ନ ଥିଲା । ପ୍ରଜାର ଧନ ବା ମାନମହତ ରାଜାଙ୍କ ହାତ ମୁଠାରେ ଥିଲା । ଅଧିକାଂଶ ରାଜବାଟି ଉଚ୍ଛୃଙ୍ଖଳ ଯୌନଚର୍ଯ୍ୟାର ଏକ ଏକ ପୀଠସ୍ଥଳୀ ଥିଲା । କାମସାହିତ୍ୟ ବା ଦରବାରୀ ସାହିତ୍ୟର ଉତ୍ପତ୍ତିସ୍ଥଳୀ ଥିଲା ଗଡ଼ଜାତ । ରାଜପୁତ୍ର ଓ ରାଜକନ୍ୟାଙ୍କ ଜୀବନ ସଂବଳିତ ସାହିତ୍ୟ ଲୋକସାଧାରଣଙ୍କ ମନରେ ରେଖାପାତ କରିପାରୁ ନ ଥିଲା—ତଥାପି ଧନ, ଭଲ୍ଲକା, ରାଜସମ୍ବର୍ଦ୍ଧନା ଲୋଭରେ କବିମାନେ ରାଜ ମନଲାଖି ସାହିତ୍ୟ ରଚନା କରୁଥିଲେ । ଓଡ଼ିଶାର ଗଡ଼ଜାତ ମଧ୍ୟରେ ମୟୂରଭଞ୍ଜ, ବାମଣ୍ଡା, ତାଳଚେର, ଢେଙ୍କାନାଳ ଆଧୁନିକ ସାହିତ୍ୟର ପୋଷକ ଥିଲେ । ରାଧାନାଥ, ଚିନ୍ତାମଣି ପ୍ରଭୃତି କବି ରାଜାମାନଙ୍କ ନାମରେ ପୁସ୍ତକ ଉତ୍ସର୍ଗ କରୁଥିଲେ । ଗୋପାଳଚନ୍ଦ୍ର ପ୍ରହରାଜ ରାଜାମାନଙ୍କ ସାହାଯ୍ୟରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଛପାଇବାକୁ ସମର୍ଥ ହୋଇଥିଲେ ।

ରାଜପୋଷକତା ଲାଭ ଅଳ୍ପ କେତେକ ସାହିତ୍ୟିକଙ୍କ ପକ୍ଷରେ ସମ୍ଭବ ହୋଇଥିଲା, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ, ବାସୁଦେବ ସୁଲ୍‌ଦେବ, ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ବିକ୍ରମଦେବ ବର୍ମା ପ୍ରଭୃତି ଅଳ୍ପ କେତେକ ରାଜା ମୁକ୍ତହସ୍ତରେ କବି ସାହିତ୍ୟିକମାନଙ୍କୁ ଦାନ କରୁଥିଲେ । ତେଣୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ରାଜାମାନଙ୍କୁ ରାଜ୍ୟହୀନ କରିବାର ପ୍ରୟାସକୁ ସମଗ୍ର ଓଡ଼ିଶା ସ୍ୱାଗତ କରିଥିଲା । ଏହାଫଳରେ ବୃହତ୍ତର ଓଡ଼ିଶା ସଂଗଠିତ ହୋଇଥିଲା; ଗଡ଼ଜାତର ବିପୁଳ ଖଣିଜ

ସଂପଦ ଓଡ଼ିଶାର ଭାଗ୍ୟ ବଦଳାଇବାକୁ ସମର୍ଥ ହୋଇଥିଲା, ଗଣତାନ୍ତ୍ରିକ ଶାସନ ଶୃଙ୍ଖଳା ଓ ସ୍ୱାଧୀନତାର ସ୍ୱାଦ ଗଡ଼ଜାତବାସୀମାନେ ଉପଭୋଗ କରିଥିଲେ । ଗଡ଼ଜାତୀ ଲୋକସମାଜର ଦ୍ରୁତ ଓ ବୈପ୍ଳବିକ ପରିବର୍ତ୍ତନ ଘଟିଥିଲା ।

ଏହାର କିଛି କାଳ ପରେ ସରକାର ଜମିଦାରୀ ଉଚ୍ଛେଦ କରି ସମାଜର ଆଉ ଏକ କଳଙ୍କ ଲିଭାଇବାକୁ ସମର୍ଥ ହେଲେ । ଶୋଷଣ ଓ ନିପୀଡ଼ନର 'ଦୁର୍ଗ ଗୋଟିକ ପରେ ଗୋଟିଏ ଏହିପରି ଭାଙ୍ଗି ପଡ଼ିଥିଲା । ଗଡଜାତ ଓ ଜମିଦାରୀର ପ୍ରଜା ଶୃଙ୍ଖଳମୁକ୍ତ ହୋଇ ମୁକ୍ତିର୍ ସ୍ୱାଦ ଉପଭୋଗ କରିଥିଲେ ।

ବିଶ୍ୱଭାରତୀରେ 'Professor of Indology and Post Graduate Research' ଚାକିରୀଟି ଖାଲି ହୋଇଥିଲା । ମୁଁ ଦରଖାସ୍ତ ଦେଇଥିଲି, ପାଇଗଲି । ବାରିପଦାରେ ଥିଲାବେଳେ ଥରେ ଶ୍ରୀ ପ୍ରହ୍ଲାଦ ପ୍ରଧାନଙ୍କ ସଙ୍ଗେ ଶାନ୍ତିନିକେତନ ଯାଇଥିଲି, ସେଠା ଚଳଣି, ପ୍ରାକୃତିକ ଦୃଶ୍ୟ ଓ ପୁସ୍ତକଭଣ୍ଡାର ମୋତେ ଆକର୍ଷଣ କରିଥିଲା । ଏବେ ସେଠି ଦୀର୍ଘକାଳ ରହିବାର ସୁଯୋଗ ମିଳିବାରୁ ମନର ଆନନ୍ଦ ସୀମା ମାନିଲାନାହିଁ । ମୁଁ ୧୯୫୦, ଜାନୁୟାରୀ ୪ରି ତାରିଖରେ ଶାନ୍ତିନିକେତନରେ ଯୋଗ ଦେଲି । ମନେ ହେଲା—କାବ୍ୟ, ନାଟକ, ସ୍ୱପ୍ନ ଓ ସୌନ୍ଦର୍ଯ୍ୟପୁରୀରେ ହିଁ ପ୍ରବେଶ କରିଛି ଚତୁର୍ଦ୍ଦିଗ ଉଜ୍ଜ୍ୱଳ, ସୁବାସିତ, ଗୀତି ଓ ପ୍ରୀତିମୟ ।

# ଶାନ୍ତିନିକେତନରେ ଏଗାର ବର୍ଷ

'ସହର ଯେପରି ପାଖେଇ ନ ଆସେ'—ଭବିଷ୍ୟତ କର୍ମକର୍ତ୍ତାମାନଙ୍କ ପ୍ରତି ରବୀନ୍ଦ୍ରନାଥଙ୍କର ଚେତାବନୀ ଥିଲା । ଏବେ ସୁଶ୍ରୀ ପଲ୍ଲୀମୟ ଶାନ୍ତିନିକେତନକୁ ଶୁଷ୍କ ସହର ମାଡ଼ି ବସିଛି । ବୋଲପୁର ଶାନ୍ତିନିକେତନ ମଧ୍ୟରେ ଥିବା ତିନି ମାଇଲ ବ୍ୟବଧାନ ଆଉ ନାହିଁ । ସରଳ ପଲ୍ଲୀକୁଟୀରସବୁ ଲୋପପାଇ ଯାଇଛି । ପ୍ରାୟ ସମସ୍ତ ଅଧିବାସୀ ସହରୀ । ଶାନ୍ତିନିକେତନଠାରୁ ପଲ୍ଲୀ ସଂକୋଚରେ ବରଂ ଦୂରେଇ ଯାଇଛି । ଉପାଚାର୍ଯ୍ୟଭବନ ଗୋଟିଏ ରାଜବାଟି; ଅନ୍ୟାନ୍ୟ ଅଧ୍ୟାପକମାନେ ପ୍ରଶସ୍ତ ସୌଧବାସୀ, ଏବେ ସୌଧମୟ ଶାନ୍ତିନିକେତନ । ପଲ୍ଲୀର ସେଇ ସରଳ କୁଟୀର ଓ ପାରିବାରିକତା ଆଉ ନାହିଁ; ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ସେଇ ନିବିଡ଼ ସୌହାର୍ଦ୍ଦ୍ୟ ମଧ୍ୟ ନାହିଁ । ଏ ଘର ଦୁଃଖ ସେ ଘର ବୁଝେନାହିଁ । ଏ ଘରେ ବ୍ୟାଧିର କାରୁଣ୍ୟ ମଧ୍ୟରେ ସେ ଘରେ ରେଡ଼ିଓ ବାଜେ । ବ୍ୟକ୍ତି ବ୍ୟକ୍ତିଠାରୁ ଏବେ ବିଚ୍ଛିନ୍ନ । କାଶ ହାସ୍ୟମୟୀ ଶରତ୍ ସୁନ୍ଦରୀ ଆଉ ଶାନ୍ତିନିକେତନରେ ଶାନ୍ତ ସରଳ ମାଧୁର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ନେଇ ଅବତୀର୍ଣ୍ଣ ହେଉ ନାହାନ୍ତି । ଲୋପିତ ହୋଇଛି ଅଭୟାରଣ୍ୟ, ପକ୍ଷୀତୀର୍ଥ; ଶାଳବନ, କିଂଶୁକ, କୃଷ୍ଣଚୂଡ଼ାର ସେଇ ଆଦିମ ବନ୍ୟ ମାଧୁର୍ଯ୍ୟ ହୁଏତ କିଞ୍ଚିତ୍ ରହିଛି । କିନ୍ତୁ ସେସବୁ ଉପଭୋଗ କରିବାଲାଗି ପ୍ରାଣ ନାହିଁ ।

ଶଙ୍ଖମଲମଲ ରବୀନ୍ଦ୍ରମ୍ୟୁଜିଅମ୍‌ରେ ରବୀନ୍ଦ୍ର ହାତର ଚିତ୍ରକଳା, ରବୀନ୍ଦ୍ର ଲିଖିତ ପାଣ୍ଡୁଲିପି, ରବୀନ୍ଦ୍ର କରସ୍ପର୍ଶରେ ଲାଞ୍ଛିତ ପୁସ୍ତକାବଳୀ, ରବୀନ୍ଦ୍ର ବ୍ୟବହୃତ ଯାବତୀୟ ଦ୍ରବ୍ୟ ସଂଗୃହୀତ ହୋଇ ରହିଛି । ଶାନ୍ତିନିକେତନ ହୋଇଛି ବିଶ୍ୱଭାରତୀ—ଏକ ବିଜ୍ଞାନମୁଖ୍ୟ ବିଶ୍ୱବିଦ୍ୟାଳୟ, ବିପୁଳ ତାର ପୁସ୍ତକାଳୟ, ଅଫସ୍ । କିନ୍ତୁ ସବୁ ବିପୁଳତା ମଧ୍ୟରେ ହୃଦୟ କ୍ଷୁଦ୍ରତର ହୋଇଯାଇଛି । ଆମ୍ରକୁଞ୍ଜ, ଶାଳବିଥୀର ସ୍ମୃତି ଆଧୁନିକ ଯୁଗର ବିପୁଳ ଆୟୋଜନର ସମ୍ଭାର ମଧ୍ୟରେ ନିତାନ୍ତ ଖାପ୍‌ଛଡ଼ା ଓ ନିରର୍ଥକ ବୋଧହୁଏ ।

କିଛିଦିନ ତଳେ ଏଠି ପ୍ରବେଶ କରିଥିଲା ଧର୍ମଘଟ, ନକ୍‌ସଲାଇଟ୍ । ଅଧ୍ୟାପକର ଛାତିରେ ବାଜିଥିଲା ଛୁରି । ଜ୍ୱରିଆଡ଼େ ପୁଲିସ୍ ଜଗୁଆଳୀ । ବାଟ ପଡ଼ିଯାଇଥିଲା । ବନ୍ଦ ହୋଇ ଯାଇଥିଲା ଘାଟ । ସେଇ ସ୍ୱଚ୍ଛନ୍ଦ ଶାନ୍ତ ସରଳ ମାଧୁରୀ, ଯାହା ରବୀନ୍ଦ୍ର ପ୍ରାଣରେ ମୂର୍ଚ୍ଛନା ସୃଷ୍ଟି କରିଥିଲା, ନବ ନବ ପ୍ରବାହରେ କାବ୍ୟୋଦ୍ରେକ କରିଥିଲା, ତାହା ଏବେ ହଜିଯାଇଛି ଭିଡ଼ନିବିଡ଼ ଆଧୁନିକ ଜଞ୍ଜାଳଯନ୍ତ୍ରଣା ଓ ଆୟୋଜନର କୋଳାହଳ ମଧ୍ୟରେ ।

ଶାନ୍ତିନିକେତନରେ ପହିଲି ଦିନ କଥା ମନେ ପଡ଼େ; ଗବେଷକ ଓ ସାହିତ୍ୟିକ ଚିତ୍ତରଞ୍ଜନ ଦାସ ମୋତେ ପାଛୋଟି ନେବାଲାଗି ବୋଲପୁର ଷ୍ଟେସନକୁ ଆସିଥିଲେ—ଲାଲ୍ ମାଟି, ଖାଲଖମା, ଗୋଡ଼ିଟେଦା ଓ କାଶଫୁଲରେ ଶାନ୍ତିନିକେତନର ପ୍ରଥମ ସ୍ପର୍ଶ ପାଇଲି । ପାଇଜାମା ଓ ପଞ୍ଜାବୀପିନ୍ଧା ଶାନ୍ତିନିକେତନର ଅଧ୍ୟାପକ, ଦୀର୍ଘକେଶ ଛାତ୍ର, ପ୍ରାୟ ଅଳଙ୍କାରହୀନା, ଲମ୍ବିତକେଶା ଛାତ୍ରୀ, ପିଙ୍ଗଳବସ୍ତ୍ର ବୌଦ୍ଧ ଭିକ୍ଷୁ, କୃଷ୍ଣଚୂଡ଼ା ଓ ଆମଳକୀ ପତ୍ରରେ ଝଲମଲ ଆଲୋକଶିଖା ଲକ୍ଷ୍ୟ କରୁ କରୁ ଯଥାସ୍ଥାନରେ ପହଞ୍ଚିଲି, ମହର୍ଷି ଦେବେନ୍ଦ୍ରନାଥ ଯେଉଁ ଘରେ ରହିଥିଲେ ତାହା ହୋଇଛି ଅତିଥିଶାଳା । ମୁଁ ସେଇ ଘରେ ପ୍ରଥମେ ରହିଲି । ଅଧ୍ୟାପକ, ଛାତ୍ରଛାତ୍ରୀଙ୍କ ସାଧାରଣ ଭୋଜନଶାଳାକୁ ଖାଇବାକୁ ଗଲି । ଛାତ୍ରଛାତ୍ରୀମାନେ ପରିବେଷଣ କଲେ । ହାସ୍ୟ ଓ ଆନନ୍ଦ କୋଳାହଳ ମଧ୍ୟରେ ଖାଦ୍ୟ ବଡ଼ ସ୍ୱାଦ୍ୟ, ତୃପ୍ତିକର ବୋଧ ହେଲା । ସାହେବ ପିଲାମାନେ ଆମ ମେଳରେ ପାଇଜାମା ପଞ୍ଜାବୀ ପିନ୍ଧି ବସି ଭାତ ଡାଲିରେ ହାତ ବାଲୁ ବାଲୁ କରି ଖାଉଥାନ୍ତି । ଖିଆପିଆ ପରେ ଚିତ୍ତରଞ୍ଜନ ମୋତେ ଘେରାଏ ବୁଲାଇ ଆଣିଲେ । ଧାଡ଼ି ଧାଡ଼ି ହୋଇ ଶାଳ, ଶାଗୁଆନ୍, ଅଁଳା, ଦେବଦାରୁ, ଇଉକାଲିପିଟସ, ମହାଲିମ୍ବ, ସପ୍ତପର୍ଣ୍ଣୀ, ବକୁଳ, ପଳାଶ, କେଉଁଠି ଛାୟାନିବିଡ଼ ଆମ୍ରକୁଞ୍ଜ ମଝିରେ ମଝିରେ ମଧୁମାଳତୀ ଓ ମାଳତୀଲତାର ଦୋଳି; କେଉଁଠି ବୁଢ଼ା ବାବାଜୀର ଜଟା ପରି ଲମ୍ବି ଆସିଛି ବର ଓହଳ । ପିଲାଏ ଏଥିରେ ଖେଳୁଛନ୍ତି ଦୋଳି ବା ଡାଳିମାକୁଡ଼ି, ଡୋଟାର ଛାଇ ଆଲୁଅରେ ଡେଉଁଛନ୍ତି – ଢେଉ ପରି ଉଚ୍ଛୁଳା ହସ; କଳକଳ ଗୀତ । ସବୁଜ ପ୍ରକୃତି ମଧ୍ୟରେ ମନ ଶୀତଳ ସତେଜ ହୋଇ ଉଠିଉଠେ । ଶାନ୍ତିନିକେତନର ପ୍ରତ୍ୟେକ ପିଲା ଗୋଟିଏ ଗୋଟିଏ ଦିଲଖୁସ୍ । କାକରପଖାଳା; କିରଣବୋଳା କଅଁଳ ଫୁଲପରି କେଡ଼େ ସୁନ୍ଦର । ସୂର୍ଯ୍ୟୋଦୟ ଦେଶରୁ ସତେ ବା ସିଧା ସିଧା ଖସି ଆସିଛନ୍ତି । ଦପ୍‌ଦପ୍ ଜଳି ଉଠୁଛନ୍ତି ସେମାନେ ସାହସରେ, ତେଜରେ, ଜୀବନକୁ ଫୁଲପରି ଫୁଟଉଛନ୍ତି, ଆଲୁଅ ପରି ଜଳଉଛନ୍ତି, ଝରଣା ପରି ଝରଉଛନ୍ତି, ପକ୍ଷୀପରି ଉଡ଼ଉଛନ୍ତି ସତେ ଯେପରି ସେମାନେ ।

ଓଡ଼ିଆ, ବଙ୍ଗାଳୀ, ଅସମିୟା, ଗୁଜୁରାଟୀ, ତେଲେଙ୍ଗା, ତାମିଲ୍, କନ୍ନଡ଼, କାଶ୍ମୀରୀ, ପଞ୍ଜାବୀ, ମହାରାଷ୍ଟ୍ରୀ; ରାଜପୁତ, ବିହାରୀ, ନେପାଳୀ, ଭୁଟାନୀ, ତିବ୍ବତୀ ପିଲା, ଲଙ୍କାର ପିଲା, ଇଂରେଜ, ଯାପାନୀ ଓ ଚୀନ୍ ପିଲା । ସବୁ ହୋଇଛନ୍ତି ଶାନ୍ତିନିକେତନ ଗଳାର ନାନାଜାତି ଫୁଲର ଏକ ମାଳା ପରି ।

ଶୃଙ୍ଖଳା ରକ୍ଷାଲାଗି ଶିକ୍ଷକଙ୍କୁ ଚେଷ୍ଟା କରିବାକୁ ହେଉନାହିଁ । ସବୁ ଅଭ୍ୟାସରେ ପଡ଼ିଯାଇଛି । ଖାଇବାକୁ ଗଲାବେଳେ ମେଞ୍ଚା ମେଞ୍ଚା ପିଲା ହଲା ଉଠାଇ ଯାଉ

ନାହାନ୍ତି । ନିଜେ ନିଜେ ଧାଡ଼ି ତିଆରି କରି ଯାଉଛନ୍ତି, ଶାନ୍ତ, ସୁଶୀଳ । ବଡ଼ ମନମୁଗ୍‌ଧକର ଏ ଦୃଶ୍ୟ ।

ସକାଳ ସାତଟାରୁ ଏଗାରଟା ପର୍ଯ୍ୟନ୍ତ ପାଠପଢ଼ା, ଖୋଲା ଆକାଶ ତଳେ । ହାତରେ ତାଳପତ୍ର ଚଟେଇ, ବହି । ଶିକ୍ଷକ ସିମେଣ୍ଟ୍ ଚୌକୀରେ ବସିଥାନ୍ତି । ମାଷ୍ଟରଙ୍କୁ ଏଠି କେହି ଯମର କିଙ୍କର ସଦୃଶ ମନେ କରନ୍ତିନାହିଁ । 'ସାର୍' ପରିବର୍ତ୍ତରେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କୁ 'ଦାଦା' ବୋଲି ଡାକନ୍ତି । ପରସ୍ପର ମଧ୍ୟରେ ଆତ୍ମୀୟତା ଓ ସ୍ନେହର ସମ୍ବନ୍ଧ ଥାଏ । ଶିକ୍ଷା ଯେପରିକି ଏକ ବ୍ୟବସାୟଗତ ବିଷୟ ନୁହେଁ । ଦାଦାଙ୍କ ହାତରେ ବେତ ନାହିଁ, ତୁଣ୍ଡରେ ଗାଳି ନାହିଁ, ଅଥଚ ଶ୍ରେଣୀରେ କି ଶୃଙ୍ଖଳା ।

ଖାଲି ଏ ପିଲାମାନେ ପଢ଼ନ୍ତିନାହିଁ । ସଙ୍ଗୀତ, ନୃତ୍ୟ, ଗୀତ ଓ ସଭାସମିତିରେ ଯୋଗ ଦିଅନ୍ତି । ପିଲାଦିନରୁ ବଡ଼ ଲୋକଙ୍କ ସଙ୍ଗେ ମିଶିବାର ସୁଯୋଗ ପାଉଥିବାରୁ ପିଲାମାନଙ୍କ ମନରେ ବଡ଼ ହେବାର ଉଚ୍ଚାକାଂକ୍ଷା ଜାଗିଉଠେ । ମାଘୋତ୍ସବ, ବସନ୍ତୋତ୍ସବ ଓ ବଡ଼ ବଡ଼ ଲୋକଙ୍କ ଜନ୍ମଦିବସପାଳନରେ ଏଇ ଟିକିମାନେ ଆଗୁଆ ହୋଇ ବାହାରନ୍ତି, ଚିତ୍ତରଞ୍ଜନ କହିଲେ ।

"ଏମାନଙ୍କ ଭିତରେ ବାଳୁଙ୍ଗା ନାହାନ୍ତି ?"

ନିଶ୍ଚୟ ଅଛନ୍ତି, ବାଇଡଙ୍ଗ ଅଛନ୍ତି । ଏଠା ଶିକ୍ଷକ ଓ ଛାତ୍ରମାନେ ସବୁ କୌତୁକବଳରେ ସେମାନଙ୍କୁ ତୁଳସୀ କରିଦିଅନ୍ତି । କିଏ ଦୁଷ୍ଟାମି କଲା ତ 'ଦାଦା'ଙ୍କ ଆଗରେ ସାଙ୍ଗେ ସାଙ୍ଗେ ନାଲିସ୍ ହୁଏନାହିଁ । ପିଲାଏ ନିଜ ନିଜ ଭିତରେ ବିଚାର କରି ଗୋଟିଏ କଚେରୀ ବସାନ୍ତି । ଜଣେ ଶିକ୍ଷକ ହୁଅନ୍ତି ପ୍ରଧାନ ବିଚାରପତି, ଦୁଇ ଜଣ ପିଲା ସାଧାରଣ ବିଚାରପତି । ଯେଉଁ ପିଲା ଇଚ୍ଛାକରେ, ତାକୁ ଓକିଲାତୀ କରିବାର ସୁଯୋଗ ଦିଆଯାଏ । ପ୍ରଥମ ଅପରାଧରେ ଦୋଷୀକୁ ସାବଧାନ କରି ଦିଆଯାଏ । ଦ୍ୱିତୀୟ ଅପରାଧରେ ନିନ୍ଦାବାଦ, ତୃତୀୟ ଥରକୁ ଅସହଯୋଗ, ମାନେ—

ଏକୁଟିଆ ବାହାର
ମୁଣ୍ଡି ମୁଣ୍ଡି ସାହାଡ଼ା ।

ଏଇଲି ଥରକ ବିଚାରରେ ଦୁଷ୍ଟ ସାବାଡ୍ ହୁଏ ।

'ଛୁଟିଦିନଟି ଏମାନେ କେମିତି କଟାନ୍ତି ?'

'ସପ୍ତାହକ ମଧ୍ୟରେ ବୁଧବାର ଦିନ ବିଶ୍ୱଭାରତୀର ଛୁଟି । ସେଦିନ ମନ୍ଦିର ହୁଏ । ମନ୍ଦିରରେ ଦିଅଁ ଦେବତା ନାହାନ୍ତି, କାଚ ଓ ଲୁହାର ଏକ ଶୂନ୍ୟମନ୍ଦିର; ତାର ଚଟାଣଟି ବିଭିନ୍ନ ରଙ୍ଗର ଶଙ୍ଖମଲମଲ ପଥରରେ ନିର୍ମିତ; ତା ଉପରେ ଚିତା ଲେଖା ହୁଏ, ଧୂପ ଜଳା ଯାଏ । ଆଚାର୍ଯ୍ୟ ଆସନରେ ବସନ୍ତି । ବାକୀ ସମସ୍ତେ ତଳେ ବସନ୍ତି । ବାଦ୍ୟଯନ୍ତ୍ର ସାହାଯ୍ୟରେ ଗୀତ ବୋଲାଯାଏ । ଗୀତର ମଧ୍ୟେ ମଧ୍ୟେ ନୀତି ଉପଦେଶ ଦିଆଯାଏ । ବିଶିଷ୍ଟ ବ୍ୟକ୍ତିଙ୍କ ମୃତ୍ୟୁରେ ଅନ୍ୟ ଯେ କୌଣସି ଦିନ ସ୍ୱତନ୍ତ୍ର 'ମନ୍ଦିର' ହୋଇପାରେ । ସ୍ୱୟଂ ରବୀନ୍ଦ୍ରନାଥ ମନ୍ଦିର ଓ ଅନ୍ତ୍ରମଣ ଆଚାର୍ଯ୍ୟଭାବେ ଏଠି ବହୁ ସାରବାନ ଭାଷଣ ଦେଇଛନ୍ତି । ସେସବୁ ଲିପିବଦ୍ଧ ହୋଇଅଛି ।

ଛୁଟିଦିନ ପିଲାମାନେ କୌଣସି ଦୂରବର୍ତ୍ତୀ ସ୍ଥାନକୁ ଭ୍ରମଣ କରିଯାନ୍ତି, ପଥପ୍ରାନ୍ତର ସଙ୍ଗୀତର କଳଧ୍ୱନିରେ ମୁଖରିତ ହୁଏ । ବର୍ଷା ହେଲେ ମୁକ୍ତାକାଶ ତଳେ ପାଠ ପଢ଼ିବା ସମ୍ଭବ ହୁଏନାହିଁ । ସେଦିନ ପିଲାମାନେ ଚାଲି ଚାଲି ଯାଇ ପ୍ରକୃତି ଦର୍ଶନ କରନ୍ତି ।'

'ଏଠୁ ଫେରିଗଲାବେଳକୁ ପିଲାଏ କିଛି କିଛି କବି ହୋଇ ଯାଉଥିବେ ।'

'ପ୍ରକୃତି ସହିତ ମୁହାଁମୁହିଁ ହେବାରେ କିଛି କବିତ୍ୱବାପନ୍ନ ହୁଅନ୍ତି ନିଶ୍ଚୟ, କିନ୍ତୁ ଏଇ ବୟସରୁ ସେମାନଙ୍କୁ ସଂସ୍କୃତିସଂପନ୍ନ କରି ଗଢ଼ିବାର ଚେଷ୍ଟା ହୁଏ । ପ୍ରତି ମଙ୍ଗଳବାର ଦିନ କିଶୋରକିଶୋରୀମାନଙ୍କର ସାହିତ୍ୟସଭା ହୁଏ । ଜଣେ ସାହିତ୍ୟିକ ବା ସାହିତ୍ୟପ୍ରେମୀ ଶିକ୍ଷକ ସଭାପତି ହୋଇଥାନ୍ତି । ଏଠି କିଏ ସ୍ୱରଚିତ କବିତା, ପ୍ରବନ୍ଧ, କିଏ ବା କ୍ଷୁଦ୍ରଗଳ୍ପ, ଭ୍ରମଣକାହାଣୀ ପଢ଼େ । କିଏ ନାଚେ, କିଏ ବା ଗାଏ । ନାଚଗୀତଯୋଗୁ 'ସାହିତ୍ୟିକା' ସରସ, ସୁନ୍ଦର ହୋଇଥାଏ । ପିଲାମାନଙ୍କର ଅନୁଷ୍ଠାନ ବୋଲି କେହି ତାକୁ ଅବହେଳାଦୃଷ୍ଟିରେ ଦେଖନ୍ତିନାହିଁ । ଅଧ୍ୟାପକଅଧ୍ୟାପିକା, ବେଳେ ବେଳେ ସ୍ୱୟଂ ଉପାଚାର୍ଯ୍ୟ ଏଠି ଉପସ୍ଥିତ ହୋଇ ଉତ୍ସାହ ଦେଇଥାନ୍ତି । ଅତି କୋମଳ ବୟସରୁ ଲେଖକ, ଗାୟକ ବା ନର୍ତ୍ତକ ହେବାର ଆକାଂକ୍ଷା ମନରେ ଜାଗ୍ରତ ହୁଏ । ଶିକ୍ଷାଭବନ (କଲେଜ), ବିନୟଭବନ (ଟ୍ରେନିଂ କଲେଜ), ବିଦ୍ୟାଭବନ (ସ୍ନାତକୋତ୍ତର ବିଭାଗ) ରେ ମଧ୍ୟ 'ସାହିତ୍ୟିକା' ଅଛି । କିନ୍ତୁ ଶିଶୁଭବନ ବା ପାଠଭବନ (ସ୍କୁଲ)ର 'ସାହିତ୍ୟିକା' ପରି ସେସବୁ ଏତେ ନିୟମିତ ଭାବେ ଚାଲୁ ହୁଏ ନାହିଁ ବା ଏତେ ସରସ ହୁଏନାହିଁ ।

ପିଲାମାନଙ୍କର ସ୍ୱତନ୍ତ୍ର 'ଶିଶୁଲେଖା' ପତ୍ରିକାରେ ବହୁ ଫଟୋ, ପିଲାଙ୍କ ଅଙ୍କିତ ଛବି ଓ ଲେଖା ପ୍ରକାଶ ପାଏ । ବର୍ଷକେ ଥରେ ପିଲାମାନଙ୍କର ବସେ 'ଆନନ୍ଦମେଳା' । ଆନନ୍ଦବଜାରରେ ପିଲାମାନେ ନାନା ଖାଦ୍ୟଦ୍ରବ୍ୟ ସ୍ୱହସ୍ତେ ପ୍ରସ୍ତୁତ କରି ବିକ୍ରୀ କରନ୍ତି । ଦରଟା ଟିକିଏ ଚଢ଼ା । ଲାଭାଂଶ ଦୁଃସ୍ଥସହାୟକ ପାଣ୍ଠିକୁ ଯାଏ ।

ଶାଲବିଥୀ, ଆମ୍ରକୁଞ୍ଜ, ଛାତିମ୍‌ତଳା ବୁଲାଇ ଚିତ୍ତରଞ୍ଜନ ମୋତେ ନେଲେ 'ନନ୍ଦନ'କୁ ।

'ନନ୍ଦନ' କଣ ?

'କଳାଭବନ' ।

ତାର କାନ୍ଥରେ ଅଜନ୍ତାର ସଜୀବ ଚିତ୍ର ମୋତେ ବିସ୍ମୟରେ ଅଭିଭୂତ କରିଥିଲା । ଶିଳ୍ପୀଗୁରୁ ଅବନୀନ୍ଦ୍ରନାଥ ଠାକୁରଙ୍କ 'ଅଉରଙ୍ଗଜେବ୍' ଛବିକୁ ଏକ ଦୃଷ୍ଟିରେ ଚାହିଁ ରହିଲି । ସମ୍ରାଟ ଆଲମ୍‌ଗିର୍, ହାତରେ ତାଙ୍କର କୋରାନ୍, ତା ଭିତରେ ତରବାରୀ, ନିରାନନ୍ଦ ମୁଖରେ ତାଙ୍କର କୁଟିଳ ହାସ୍ୟ, ଯାହା ଦିନେ ଆକବରଙ୍କ ସଂଗଠିତ ଧର୍ମନିରପେକ୍ଷତା ଓ ଭାରତୀୟ ଐକ୍ୟକୁ ନଷ୍ଟଭ୍ରଷ୍ଟ କରି ଦେଇଥିଲା—ଇସ୍‌ଲାମ୍ ଧର୍ମ ଗ୍ରହଣ କର କିମ୍ବା ମର । ପରଧର୍ମୋ ଭୟାବହଃ' ମନେକରି ଅଗଣିତ ବ୍ୟକ୍ତି ତରବାରୀର ଶିକାର ହୋଇଥିଲେ । କିଏ ବା ଆତ୍ମ ମର୍ଯ୍ୟାଦା ବିନିମୟରେ ନିର୍ଲଜ୍ଜ ପ୍ରାଣକୁ ବଞ୍ଚାଇ ରଖିଥିଲେ ।

ଏଇ ଛବିଟି ଆଙ୍କିବା ଲାଗି ଅବନୀନ୍ଦ୍ରନାଥଙ୍କୁ ପ୍ରାୟ ତପସ୍ୟା କରିବାକୁ ହୋଇଥିଲା । ସେ ବହୁ ଗ୍ରନ୍ଥ ଅଧ୍ୟୟନ କରିଥିଲେ, ନିଜର ନିର୍ଜନ ଗୃହରେ ଜଗତର ଅଗୋଚରରେ ଅଉରଙ୍ଗଜେବ୍ ଭୂମିକାରେ ରୀତିମତ ଅଭିନୟ କରିଥିଲେ । ଛ' ମାସ କାଳ ସେ ପ୍ରାୟ ଉନ୍ମତ୍ତ ଅବସ୍ଥାରେ ଥିଲେ । ମୁଖରେ ଈର୍ଷା, କପଟତାର ଭଙ୍ଗୀ ଅଙ୍କନ କରିବାଲାଗି ତାଙ୍କୁ ପ୍ରାଣପାତ ଅଭ୍ୟାସ କରିବାକୁ ହୋଇଥିଲା— ଅଧ୍ୟବସାୟ । ଏହାହିଁ ପ୍ରତିଭାର କନିଷ୍ଠା ଭଗିନୀ; ଉଭୟର ସମନ୍ବୟରେ ହିଁ ଯେ କୌଣସି ସାର୍ଥକ ସୃଷ୍ଟି ସମ୍ଭବ ହୁଏ ।

କୃତୀଶିଳ୍ପୀ ନନ୍ଦଲାଲ୍ ବୋଷ୍‌ଙ୍କ 'ଉମାର ତପସ୍ୟା' ସେହିପରି ଚିରଦିନ ମନେ, ରଖିଲା ଭଳି ଏକ ଛବି; ଚତୁର୍ଦ୍ଦିଗରେ ଜ୍ବଳନ୍ତ ଅଗ୍ନିଶିଖା, ପୁଣି 'ଲଲାଟାନ୍ତପସପ୍ତସର୍ପି'; ଦୁର୍ଦ୍ଧର୍ଷ, ଦୁର୍ଗମ ଲଘନ ଲାଗି ଅଧରରେ ଦୃଢ଼ ସଂକଳ୍ପ । ଅଳ୍ପାଳଙ୍କାରେ ବର୍ଦ୍ଧିତା ପାର୍ବତୀ ଆଜି ଅପର୍ଣ୍ଣା, ନାରୀ ସାଧନାର, ମହାନ୍ ତ୍ୟାଗର ପୂର୍ଣ୍ଣ ପ୍ରତୀକ ।

କଳାଭବନର ପ୍ରାଚୀନ କୁଟୀରଗୁଡ଼ିକ ଧଳା ମାଟିରେ ଲିପା, କୁଟାରେ ଛପର; କାନ୍ଥରେ ନାନା ଜୀବଜନ୍ତୁ ଓ ମନୁଷ୍ୟାକୃତି ଅଙ୍କିତ । ଆଶ୍ରମ କୁଟୀ ଅନୁକରଣରେ ନିର୍ମିତ, ବିନୟବର୍ଜ୍ଜିତ ଏଇସବୁ ମାଟିକୁଟୀରରେ ଅଧ୍ୟାପକମାନେ ଆଗେ ରହୁଥିଲେ । କେବଳ ସରଳ ଜୀବନ ସହିତ ଉଚ୍ଚ ଚିନ୍ତାର ନୁହେଁ, ସୁନ୍ଦର ଜୀବନ ସହିତ ସରସ ଚିନ୍ତାର ସମନ୍ବୟ ସାଧିତ ହୋଇଥିଲା । ଶିକ୍ଷକ ଶିକ୍ଷକର ଥିଲେ ଏକାନ୍ତ ଆତ୍ମୀୟ, ଛାତ୍ର ପୁତ୍ରବତ୍ ସ୍ନେହର ଅଧିକାରୀ । ଜଣକ ଜଞ୍ଜାଳର ଦାୟିତ୍ବ ଆଉ ଜଣେ ମୁଣ୍ଡକୁ ନେଉଥିଲା । ଜଣକ ରୋଗଶଯ୍ୟା ପାଖରେ ଜଗି ବସୁଥିଲା ପ୍ରାୟ ସମସ୍ତ ଆଶ୍ରମ । ଜଣକ ହାଟ ସଉଦା ଆଉ ଜଣେ ଘେନି ଆସୁଥିଲା । ପାରିବାରିକ, କୌଟମ୍ବିକ ଖବର ଆଦାନପ୍ରଦାନ ସର୍ବତ୍ର । ପାରସ୍ପରିକ ସ୍ନେହଶ୍ରଦ୍ଧାରେ ଶାନ୍ତିନିକେତନ ବୈକୁଣ୍ଠପୁର ପାଲଟିଥିଲା । ବାଧୁ ନ ଥିଲା ତ୍ୟୋଷର ପ୍ରଚଣ୍ଡ ଖରା ଅବା ଦାରିଦ୍ର୍ୟ, ଅନାଟନ । ଛାତ୍ରମାନେ ଥିଲେ ଆତ୍ମନିର୍ଭରଶୀଳ, ବିନୟୀ । ଶାନ୍ତିନିକେତନ ହୋଇଥିଲା କବିର ଆଦର୍ଶ ଆଶ୍ରମ, ଶାନ୍ତି ଆଉ ଆନନ୍ଦର ଧାମ, ପ୍ରକୃତିର ପ୍ରସନ୍ନତାରେ, ମନୁଷ୍ୟର ପ୍ରେମ, ତ୍ୟାଗନିଷ୍ଠା ଓ ସରସତାରେ ।

'ସଙ୍ଗୀତଭବନ'ରେ ରବୀନ୍ଦ୍ରସଙ୍ଗୀତ ଶୁଣିଲି; ମଣିପୁରୀ, ଭରତନାଟ୍ୟମ୍ ପ୍ରଭୃତି ନୃତ୍ୟ ଦେଖିଲି । ଘୂରିଆଡ୍ ବୁଲି ବୁଲି ଆସି ଚୈତ୍ୟ ପାଖରେ ଟିକିଏ ଛିଡ଼ା ହେଲି । 'ଚୈତ୍ୟ' ପ୍ରାଚୀନ ଶୈଳୀରେ ନିର୍ମିତ ଏକ ମନ୍ଦିର, ପ୍ରତି ସପ୍ତାହରେ ଏଠି ନୂତନ ସଖୀକୁଞ୍ଜେଇ, ମୂର୍ତ୍ତି ବା ଚିତ୍ର ପ୍ରଦର୍ଶିତ ହୋଇଥାଏ ।

ଲକ୍ଷାଧିକ ପୁସ୍ତକର ବିଶ୍ବଭାରତୀ କେନ୍ଦ୍ରପାଠାଗାର—ଛାତ୍ରଛାତ୍ରୀମାନେ ମନ ଖୁସିରେ ଯତ୍ର ତତ୍ର ବସି ପଢୁଥାନ୍ତି, ସ୍ବାଧୀନଭାବରେ ବହି ବାଛି ଆଣୁଥାନ୍ତି; କେହି ବହି ହରଣଚାଳ କରିବା କିମ୍ବା ପୁସ୍ତକର ଛବି ବା ପୃଷ୍ଠା ଚିରିଦେବା କଥା ଶୁଣା ନାହିଁ । ଗବେଷକମାନେ ପଢ଼ି ନୋଟ୍ କରୁଥାନ୍ତି, ଟିକିଏ ଟୁପ୍ ଟାପ୍ ଶବ୍ଦ ନାହିଁ । ସବୁ ଯେପରିକି କଳ ପରି ଚାଲିଛି ।

ପାଠାଗାରର ଉପର ମହଲାରେ ପଠନାଳୟ—ପୃଥିବୀର ବହୁ ସମ୍ବାଦପତ୍ର ଓ ପତ୍ର ପତ୍ରିକା ଏଠାକୁ ଆସେ— ସାହିତ୍ୟ, ଇତିହାସ, ଦର୍ଶନର ପତ୍ରିକା, ବିଭିନ୍ନ ବୟସୋପଯୋଗୀ ପତ୍ରିକା—ଫରାସୀ, ଜର୍ମାନ୍, ଇଂରାଜୀ, ଓଡ଼ିଆ, ବଙ୍ଗଳା, ହିନ୍ଦୀ

ଗୁଜୁରାଟୀ, ମରହଟ୍ଟୀ ପତ୍ରିକା—କେବଳ ଛବିପତ୍ରିକା—ଏ ସବୁ ଗଡ଼ାଉ ଗଡ଼ାଉ ସମୟ ଗ୍ଭଲିଯାଏ । ଏହା ଛଡ଼ା ଚମତ୍କାର ଖୋଳରେ ଚୀନ୍ ଭାଷାର ପୁସ୍ତକମାନ ଚୀନା ଭବନରେ ସଜ୍ଜିତ ହୋଇ ରହିଥିଲା; କଳା ଓ ସଙ୍ଗୀତ ଭବନର ସ୍ୱତନ୍ତ୍ର ପାଠାଗାର ଥିଲା । ହିନ୍ଦୀଭବନ ସ୍ୱତନ୍ତ୍ର ଭାବରେ ଚଳୁଥିଲା । ହିନ୍ଦୀ, ବଙ୍ଗଳା ପାଠାଗାର ପରି ଓଡ଼ିଆପାଠାଗାର ବୃଦ୍ଧିଲାଭ କରି ପାରୁ ନ ଥିଲା । ପ୍ରତିବର୍ଷ ଓଡ଼ିଆପାଠାଗାର ଲାଗି ଯେତେ ଟଙ୍କା ମିଳୁଥିଲା ତାକୁ ଖର୍ଚ୍ଚ କରିବା ଆମ ପକ୍ଷରେ କାଠିକର ପାଠ ହେଉଥିଲା । ପ୍ରତିବର୍ଷ ତିନି ଗ୍ଭରି ହଜାର ଟଙ୍କା ନେଲେ ବି ବଙ୍ଗଳା ବିଭାଗୀୟ ମୁଖ୍ୟ କହନ୍ତି—ଅଳ୍ପ ଦିଅ । ଆମେ ନୀରବ ରହୁ । ଜାତୀୟ ସାହିତ୍ୟର ଦାରିଦ୍ର୍ୟ ବାହାରେ ଦେଖାଇବାକୁ ଲଜ୍ଜା ଲାଗେ ।

ପୁରାତନ କେନ୍ଦ୍ରପାଠାଗାରର ଉପର ମହଲାରେ ସେତେବେଳେ 'ବିଦ୍ୟାଭବନ' ଥାଏ । ସଂସ୍କୃତ ଓ ହିନ୍ଦୀବିଭାଗ ଥାଏ ହିନ୍ଦୀଭବନରେ । 'ହଲ୍ ଓ୍ୱାସିଆ ଟ୍ରଷ୍ଟ'ର ସହାୟତାରେ ୧୯୩୬ରେ ଏଇ ଭବନ ନିର୍ମିତ ହୋଇଥିଲା । ପ୍ରଖ୍ୟାତ ହିନ୍ଦୀ ଲେଖକ ଡକ୍ଟର ହାଜାରୀପ୍ରସାଦ ଦ୍ୱିବେଦୀ ଏହି ବିଭାଗରେ ପ୍ରାୟ କୋଡ଼ିଏ ବର୍ଷ କାର୍ଯ୍ୟ କରିଥିଲେ । ମୋ ପାଖ କୋଠରୀରେ ବସୁଥିଲେ ଆଚାର୍ଯ୍ୟ କ୍ଷିତିମୋହନ ସେନ; ଭାରତୀୟ ସନ୍ଥସାହିତ୍ୟ ସଂପର୍କରେ ଦୁଇ ସୁଧୀଙ୍କର ସଂଳାପ ବଡ଼ ପ୍ରୀତିପ୍ରଦ ବୋଧ ହେଉଥିଲା । ବିଦ୍ୟାଭବନର ଅଧ୍ୟକ୍ଷ ଡକ୍ଟର ପ୍ରବୋଧଚନ୍ଦ୍ର ବାଗଚି ଚୀନାଭବନରେ ବସୁଥିଲେ, ମଧେ ମଧ୍ୟେ ଆସି ବିଦ୍ୟା ଭବନର କାର୍ଯ୍ୟ ତନଖି କରୁଥିଲେ । ବଙ୍ଗଳାବିଭାଗ ବିପୁଳ ଆକାର ଧାରଣ କରୁଥିଲା । ବିଦ୍ୟାଭବନର ଗୋଟିଏ କୋଠରୀରେ ବସିଥିଲେ ପଞ୍ଚାନନ ମଣ୍ଡଳ, ଭୂର୍ଜ୍ଜପତ୍ରରେ ଲେଖା ପ୍ରାଚୀନ ବଙ୍ଗଳା ପାଣ୍ଡୁଲିପି ମେଲାଇ । ଅନ୍ୟ ଏକ କୋଠରୀରେ ଗବେଷଣା କରୁଥିଲେ ଏଫ୍. ଏମ୍. ଆସିରି, ଘଲିବ୍‌ଙ୍କ କବିତା ଉପରେ । ଗବେଷଣା ହିଁ ବିଦ୍ୟାଭବନରେ ମୁଖ୍ୟ କାର୍ଯ୍ୟ ଥିଲା । ସ୍ନାତକୋତ୍ତର ବିଭାଗ ଖୋଲି ନ ଥିଲା । ସେତେବେଳେ ଓଡ଼ିଆବିଭାଗ ବୋଇଲେ ଚିତ୍ତରଞ୍ଜନ ଆଉ ମୁଁ, ଜଣେ ଗବେଷକ, ଆଉ ଜଣେ ଅଧ୍ୟାପକ; ସଂସ୍କୃତରେ ବି. ଏ ଶ୍ରେଣୀରେ ସପ୍ତାହକେ ଦୁଇଟି କ୍ଲାସ୍ ନେଉଥିଲି । ସମସ୍ତ ଛାତ୍ରଛାତ୍ରୀ ବଙ୍ଗାଳୀ । ବୁଝାଉ ବୁଝାଉ ବଙ୍ଗଳାରେ ପ୍ରାଞ୍ଜଳ ଭାବେ ମୁଁ କହି ପାରିଥିଲି । ପ୍ରହ୍ଲାଦ ପ୍ରଧାନ ଚିତ୍ତରଞ୍ଜନଙ୍କ ସହିତ ମିଶି ଓଡ଼ିଆ ପାଠାଗାରଟି ସଂଗଠିତ କଲା ପରେ ଚୀନ ଗ୍ଭଲିଗଲେ । ଚିତ୍ତ 'ଅଚ୍ୟୁତାନନ୍ଦ ଓ ପଞ୍ଚସଖା' ଲେଖୁଥିଲେ । ମୁଁ ଲେଖିବସିଲି—'ଲଙ୍କାଯାତ୍ରୀ' ।

ଶାନ୍ତିନିକେତନର ସେଇ ପ୍ରଥମ ରାତ୍ରି ଆସିଲା—ବୋଧହୁଏ ପୂର୍ଣ୍ଣିମା । ସେ ଦିନର ଜ୍ୟୋତ୍ସ୍ନା ଫୁଟାଇ ଥିଲା ଧୂଳିରେ ଫୁଲ, ଶୂନ୍ୟରେ ଫୁଟି ଝଡ଼ି ଯାଉଥିଲା ରୂପାର ତାରକଣି ଫୁଲସବୁ । ଏତିକିବେଳେ ଏଇ ଜ୍ୟୋତ୍ସ୍ନାକୁ ମୁଖରିତ କରି ଛାତ୍ର-ଛାତ୍ରୀମାନେ ଶାନ୍ତିନିକେତନ ପରିକ୍ରମା କରି ବାହାରିଲେ । ପୂର୍ଣ୍ଣିମାର ପ୍ଲାବନ ସହିତ ପୂର୍ଣ୍ଣ ଯୌବନର ଆନନ୍ଦଜୁଆର ମିଶିଗଲା । ତରୁଣତରୁଣୀମାନେ କ୍ଲାନ୍ତ ହେବା ପର୍ଯ୍ୟନ୍ତ ରବୀନ୍ଦ୍ରସଙ୍ଗୀତ ଗାଉଥିଲେ—ଏ ଜୀବନ ପୂର୍ଣ୍ଣ କର—ଏ ଜୀବନ ପୂର୍ଣ୍ଣ କର— ସକାଳୁ 'ବୈତାଳିକ'ରେ ଯୋଗ ଦେଲି । ଏହା ଏକ ସମୂହପ୍ରାର୍ଥନା ।

ସକାଳେ ଘଣ୍ଟା ବାଜିବା ମାତ୍ରେ ଶାଳବିଥୀ ଓ ପୂର୍ବତନ କେନ୍ଦ୍ରପାଠାଗାର ସାମ୍ନାରେ ଅଧ୍ୟାପକଅଧ୍ୟାପିକା, ଶିକ୍ଷକଶିକ୍ଷକା, ଛାତ୍ରଛାତ୍ରୀମାନେ ସମବେ

ନୀରବରେ ଛିଡ଼ା ହୋଇଗଲେ; କେତେକ ଛାତ୍ରଛାତ୍ରୀ ମଞ୍ଚ ଉପରକୁ ଯାଇ ନିମ୍ନ ବୈଦିକ ସୂକ୍ତ ଆବୃତ୍ତି କଲେ—

ଓଁ ପିତା ନୋହସି
ପିତା ନୋ ବୋଧି
ନମସ୍ତେଽସ୍ତୁ
ମା ମା ହିଂସୀଃ
ବିଶ୍ୱାନି ଦେବ ସବିତର
ଦୁରିତାନି ପରାସୁବ ।
ଯଦ୍ ଭଦ୍ରଂ ତନ୍ନ ଆସୁବ
ନମଃ ଶଂଭବାୟ ଚ ମୟୋଭବାୟ ଚ
ନମଃ ଶଂକରାୟ ଚ ମୟସ୍କରାୟ ଚ
ନମଃ ଶିବାୟ ଚ ଶିବତରାୟ ଚ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ହରିଃ ଓଁ

ଅର୍ଥ—ତୁମେ ଆମମାନଙ୍କର ପିତା; ପିତାଙ୍କ ପରି ଆମମାନଙ୍କୁ ଜ୍ଞାନ ଶିକ୍ଷା ଦିଅ, ତୁମକୁ ନମସ୍କାର ।

ମୋତେ ମୋହ, ପାପରୁ ରକ୍ଷା କର; ମୋତେ ପରିତ୍ୟାଗ କରନାହିଁ, ମୋତେ ବିନାଶ କରନାହିଁ । ହେ ଦେବ, ହେ ପିତା, ମୋ ପାପସବୁ ମାର୍ଜନା କର । ଯାହା କଲ୍ୟାଣମୟ, ତାହା ଆମମାନଙ୍କ ନିକଟକୁ ପ୍ରେରଣ କର । ତୁମେ ସୁଖକର, କଲ୍ୟାଣକର, ସୁଖ କଲ୍ୟାଣର ଆକର, କଲ୍ୟାଣ ଓ କଲ୍ୟାଣତର; ତୁମକୁ ନମସ୍କାର ।

ଓଁ ଯୋ ଦେବୋ ଅଗ୍ନୌ ଯୋ ଅପସୁ
ଯୋ ବିଶ୍ୱଂ ଭୁବନମାବିବେଶ
ଯୋ ଓଷଧୀଷୁ ଯୋ ବନସ୍ପତିଷୁ
ତସ୍ମୈ ଦେବାୟ ନମଃ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ହରିଃ ଓଁ

ଯେଉଁ ଦେବତା ଅଗ୍ନିରେ, ଯେ ଜଳରେ, ଯେ ବିଶ୍ୱସଂସାରରେ ପ୍ରବିଷ୍ଟ ହୋଇ ଅଛନ୍ତି, ଯେ ଓଷଧିରେ, ଯେ ବନସ୍ପତିରେ, ସେହି ଦେବତାଙ୍କୁ ବାରମ୍ବାର ନମସ୍କାର କରୁଅଛି ।

ତା ପରେ ତରୁଣତରୁଣୀ, କିଶୋରକିଶୋରୀମାନେ ସୁଲଳିତ କଣ୍ଠରେ ରବୀନ୍ଦ୍ର ସଙ୍ଗୀତଟିଏ ଗାଇଲେ । 'ସଙ୍ଗୀତଭବନ' ଆଗରୁ ଏକ ସ୍ୱରରେ ଓ ତାଳ ଲୟରେ ଗାଇବା ଲାଗି ସେମାନଙ୍କୁ ଶିକ୍ଷା ଦେଇଥାଏ । ଗୀତଟି ଶୁଣିଲା ପରେ ମନରୁ ସତେ କି ସକଳ କଳୁଷ ପୋଛି ହୋଇଗଲା । ଏଥିରୁ ଝରିପଡ଼ିଥିଲା ବିନୟ, ଆନନ୍ଦ ସଂଯମ ଓ ଶାନ୍ତିର ଭାବ; ମିଳୁଥିଲା କର୍ମର ପ୍ରେରଣା, ଆନନ୍ଦଲୋକର ଆଶୀର୍ବାଦ, ଏ ଭଳି କବିତ୍ୱପୂର୍ଣ୍ଣ ସ୍ତୁତିଗୀତ ପ୍ରାଦେଶିକ ଭାଷାମାନଙ୍କରେ ଅଳ୍ପ ସଂଖ୍ୟାରେ ଅଛି । ଏ ସ୍ତୁତି ଭଗବାନଙ୍କ ନିକଟରେ ନିଶ୍ଚୟ ପହଞ୍ଚିଥିବ । ଭଗବାନ ସଜଫୁଲ ପରି

ଏହାକୁ ନିଶ୍ଚୟ ଗ୍ରହଣ କରିଥିବେ । ସଭାଶେଷରେ ନିମ୍ନ ଲୋକପ୍ରିୟ ରବୀନ୍ଦ୍ର-ଗୀତଟି ବୋଲା ହେଲା—

ଆମାଦେର ଶାନ୍ତିନିକେତନ
ଆମାଦେର ସବ ହ'ତେ ଆପନ ।
ତା'ର ଆକାଶଭରା କୋଳେ,
ମୋଦେର ଦୋଳେ ହୃଦୟ ଦୋଳେ,
ମୋରେ ବାରେ ବାରେ ଦେଖି ତାରେ ନିତ୍ୟଇ ନୂତନ ।

ମୋଦେର ତରୁ ମୂଲେର ମେଲା,
ମୋଦେର ଖୋଲା ମାଠେର ଖେଲା,
ମୋଦେର ନୀଲ ଗଗନେର ସୋହାଗମାଖା ସକାଲ ସନ୍ଧ୍ୟାବେଲା
ମୋଦେର ଶାଲେର ଛାୟାବୀଥି
ବାଜାୟ ବନେର କଲଗୀତି,
ସଦାଇ ପାତାୟ ନାଚେ ମେତେ ଆଛେ ଆମଲକୀ କାନନ,

ଆମାର ଯେଥାୟ ମରି ଘୁରେ
ସେ ଯେ ଯାୟନା କଭୁ ଦୂରେ
ମୋଦେର ମନେର ମାଝେ ପ୍ରେମେର ସେତାର ବାଁଧା ଯେ ତାର ସୁରେ
ମୋଦେର ପ୍ରାଣେର ସଙ୍ଗେ ପ୍ରାଣେ,
ସେ ଯେ ମିଲିୟାଛେ ଏକ ତାନେ,
ମୋଦେର ଭାଇର ସଙ୍ଗେ ଭାଇକେ ସେ ଯେ କରେଛେ ଏକମନ ।

ସେତେବେଳେ ଶାନ୍ତିନିକେତନ ଯେପରି ନିଷ୍କଳ, ସେହିପରି ସୁରଭିତ ଓ ଗୀତିମୁଖରିତ । ପୁଷ୍ପିତ ଅଶୋକନିକୁଞ୍ଜରୁ ଦୁଇଟି ତରୁଣୀ ଆସୁଥିଲେ ଏଇ ସଙ୍ଗୀତଟି ଗାଉ ଗାଉ ।

ଏଇ କରେଛ ଭାଲୋ, ନିଠୁର
ଏଇ କରେଛ ଭାଲୋ
ଆମାର ଏ ଧୂପ ନା ପୋଡ଼ାଲେ
ଗନ୍ଧ କିଛୁଇ ନାହିଁ ଢାଲେ
ଆମାର ଏ ଦୀପ ନା ଜ୍ୱାଲାଲେ
ଦେୟ କି କିଛୁଇ ଆଲୋ ?

'ମରିତେ ଚାହିନା ଆମି ସୁନ୍ଦର ଭୁବନେ, ମାନୁଷେର ମାଝେ ଆମି ବାଁଚିବାରେ ଚାହି ।' ହୃଦୟ ମୋର ଉତୁରି ଉତୁରି ଉଠିଥିଲା କି ଆନନ୍ଦରେ, ଖୋଜି ବୁଲିଥିଲି ବହୁଭାବେ ଝଙ୍କୃତ ହୃଦୟର ସ୍ୱରଲିପି । କବି ରବୀନ୍ଦ୍ରଙ୍କ ବାସଭବନ 'ଉତ୍ତରାୟଣ'ରେ ମୁଁ କବି ମନକୁ ହିଁ ଖୋଜିଥିଲି; ଲତାୟିତ ରସାଳ, ଅଗ୍ନିଶିଖା ବନଫୁଲକ, ନୀଳମଣିଲତା, ଗୋଲାପ, ଡାଲିଆ, ଚମ୍ପା, ସେବତୀ—ଥୋପା ଥୋପା, କେଣ୍ଡା କେଣ୍ଡା କେତେ ଫୁଲ, କବିଙ୍କ ଗୀତିକବିତା ସତେ ବା ଅପୂର୍ବ ପ୍ରଫୁଲ୍ଲତା ଘେନି ଫୁଲ ହୋଇ ଫୁଟୁ-ଥିଲା । ଛୋଟ ଚିଡ଼ିଆଖାନାଟି ଭିତରେ ବୁଲୁଥିଲା ବଢ଼ିଆ କାଙ୍ଗ, ପୁଚ୍ଛରେ ଇନ୍ଦ୍ରଧନୁର ମେହେରବୀ ଟେକି ଛିଡ଼ା ହୋଇଥିଲା ମୟୂର—କୃତ୍ରିମ ହ୍ରଦର ଦ୍ୱୀପରେ ଛିଡ଼ା ହୋଇ ଲକ୍ଷ୍ୟ କରିଥିଲି ଏ ପାଖେ ପଦ୍ମ, ସେ ପାଖେ କଇଁଫୁଲକୁ ।

ଗୋଟିଏ ବୁଜି ହେଲା ବେଳେ ଆରଟି ଫୁଟୁଥିବ । ସୌନ୍ଦର୍ଯ୍ୟଜଗତ ରବୀନ୍ଦ୍ରଙ୍କୁ ଘେରି ହିଁ ରହିଥିଲା—କୃତ୍ରିମ ପାହାଡ଼ମାନଙ୍କରେ ଫୁଟୁଥିଲା ସପ୍ତପେଣୀ—ଅସୀମକୁ ଅଗଣିତ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା ପତ୍ରଶୂନ୍ୟ କାଠଚମ୍ପା ।

ଉତ୍ତରାୟଣ ଉଦ୍ୟାନ ରଚନାରେ ରବୀନ୍ଦ୍ର ଶିଳ୍ପୀ, କିନ୍ତୁ ଏଠି ସେ ଆଙ୍କି ନାହାନ୍ତି, ରୋପିଛନ୍ତି । ଅଙ୍କନ ହେଉ ବା ରୋପଣ ହେଉ, ସବୁଠି ତାଙ୍କର କବିତ୍ୱ ଭାବ । ଆଶ୍ରମର ସର୍ବାଞ୍ଚଳ ପୁଷ୍ପ ଜରିଆରେ ଶରତ୍ ବସନ୍ତାଦି ଋତୁର କମ୍ର କୋମଳ ସ୍ପର୍ଶ ପାଏ । ବସନ୍ତ ଶାଳ୍ମଳୀ କିଂଶୁକରେ, ଗ୍ରୀଷ୍ମ କୃଷ୍ଣଚୂଡ଼ାରେ ରକ୍ତାକ୍ତ, ଶରତ କାଶ ଶେଫାଳୀରେ ଶ୍ରୀମନ୍ତ । ଉଦ୍ୟାନର କେଉଁ କଣରୁ କେଉଁ ଅଜ୍ଞାତନାମା ପୁଷ୍ପର ଅଦ୍ଭୁତ ସୁରଭି ଭାସି ଆସେ । ଶାନ୍ତିନିକେତନ ପ୍ରାଚ୍ୟ ପାଶ୍ଚାତ୍ୟ ପୁଷ୍ପର ମିଳନ ଭୂମି; ପୁଷ୍ପରେ କି କବିତାର ଭାବ ଲାଗିଚି, ପତ୍ରଟିଏ ଛୁଇଁ ଦେଲେ ଯେପରିକି ଅଦ୍ଭୁତ ସ୍ୱରଝଙ୍କାର ବାଜି ଉଠୁଚି, ଛିଣ୍ଡାଇବାକୁ ମନ ହୁଏନାହିଁ, କାଳେ ରବୀନ୍ଦ୍ରଙ୍କ ତାନପୂରର ତାନ ଭ୍ରଷ୍ଟ ହେବ ।

ରବୀନ୍ଦ୍ର ସଙ୍ଗୀତରେ ଝଙ୍କୃତ ଆଶ୍ରମ ଓ ଉଦ୍ୟାନରୁ ମୁଁ ପ୍ରବେଶ କଲି ଉତ୍ତରାୟଣ ଗୃହରେ । କାଷ୍ଠର ନାନା ବିଚିତ୍ର କାରିଗରୀ ରବୀନ୍ଦ୍ର ହସ୍ତଲିଖିତ ପାଣ୍ଡୁଲିପି । କବି ରୂପପ୍ରାଣ । କୁତ୍ସିତ ତାଙ୍କ ମନକୁ ଉତ୍ପୀଡ଼ିତ କରେ । କବିତା ଲେଖିଲା ବେଳେ ସେ ସାଧାରଣ କବିଙ୍କ ପରି ବହୁତ କଟାକଟି କରନ୍ତି । ଏ କଟାକଟିର କୁତ୍ସିତତା ତାଙ୍କୁ ବହୁତ ବାଧେ । କଲମ ବୁଲେଇ ବୁଲେଇ ଏ କଟାକଟିକୁ ସେ ଗୋଟିଏ ଅଦ୍ଭୁତ ରୂପ ଦିଅନ୍ତି । ଭଗବାନଙ୍କ ସୃଷ୍ଟ ରାଜ୍ୟରେ ଏ ରୂପର ସାମଞ୍ଜସ୍ୟ ନାହିଁ । ଏହା ଏକ ସୃଷ୍ଟିଛଡ଼ା ସୃଷ୍ଟି—ଈଶ୍ୱରଙ୍କ ସର୍ଜନାରେ କିଛି ନୂତନ ଆକୃତିଯୋଗ । ସ୍ରଷ୍ଟାଙ୍କ ପାଖରେ ସ୍ରଷ୍ଟା ହୋଇ ବସିବାର ଯୋଗ୍ୟତା ସାଧନା ବଳରେ ଅର୍ଜନ କରିଥିଲେ ସେ ।

ଉତ୍ତରାୟଣ ଗୃହରେ ପ୍ରଦର୍ଶିତ ରବୀନ୍ଦ୍ର ଅଙ୍କିତ ଛବିସବୁ ଖିଆଲୀ ଭାବର ବହୁ ବିଚିତ୍ର ରୂପ । ବଜ୍ରକୀଟ ପୋକ ପଥର କାଟି ଶାଳଗ୍ରାମ କଲା ପରି ସେ ଆଙ୍କି ଯାଇଛନ୍ତି କେବଳ ସୌନ୍ଦର୍ଯ୍ୟାନନ୍ଦର ବଶବର୍ତ୍ତୀ ହୋଇ । କଳାର ଗତାନୁଗତିକ ଗତି ପଦ୍ଧତି ସେ ମାନି ନାହାନ୍ତି । 'ଯୁଗଳ', 'ସେ', 'ଅଙ୍ଗୁରଲୁବ୍ଧ ହରିଣ', 'ଦୂର ରହସ୍ୟ ଦେଖା', 'କଳ୍ପିତ ଜାନୁଆର'; 'ମୁଖା', 'ଅଦ୍ଭୁତ' ପ୍ରଭୃତି ଛବିଗୁଡ଼ିକ ହୁଏତ ଗତାନୁଗତିକ ରୀତିରେ ସୁନ୍ଦର ନୁହେଁ । ତଥାପି ମୋ ପରି ଛବିର ମର୍ମ ବୁଝି ପାରୁ ନ ଥିବା ଲୋକ ମନରେ କିଛି ନା କିଛି ଭାବୋଦ୍ରେକ କରେ—କରୁଣସୁନ୍ଦର ତିକ୍ତମଧୁର, ବିକୃତବିଚିତ୍ର ଏବଂ ମଣିଷଙ୍କ ଅନୁଭୂତି ମଧ୍ୟରେ ତାର ସ୍ଥିତି ନାହିଁ, ତେଣୁ ଭାବ ସ୍ପଷ୍ଟ ହେଉନାହିଁ । ଆନ୍ଦ୍ରେ ଜିଦ୍‌ଙ୍କ ଭାଷାରେ 'ରବୀନ୍ଦ୍ରଙ୍କ ଛବି ଭବିଷ୍ୟତ ମଣିଷଙ୍କ ଲାଗି ଉଦ୍ଦିଷ୍ଟ' ।

ରବୀନ୍ଦ୍ରଙ୍କ କାବ୍ୟାଦର୍ଶର ପୀଠିକାରେ କାଳିଦାସ ବା ସେଲୀ; ଉପନିଷଦକାର ତାଙ୍କ ଦାର୍ଶନିକ ଗୁରୁ । କିନ୍ତୁ ଛବିଅଙ୍କା ସେ ବିନା ଗୁରୁରେ ଶିଖିଥିଲେ—'ମନ ମୋହର ନିଜ ଗୁରୁ ।'

ସତୁରି ବର୍ଷ ବୟସ, ଯେତେବେଳେ ହାତ ଥରେ, କଳ୍ପନାରାଜ୍ୟରେ ନୂଆ ଡେଣା ମେଲାଇ ଉଡ଼ିବାକୁ ମନ ତରେ ରବୀନ୍ଦ୍ର ସେତେବେଳେ ଆଙ୍କି ବସିଲେ,

ଅଙ୍କାରେ ରୁଚି ଲେଖା ଭୁଲିଗଲେ । ସବୁ ଶିଳ୍ପୀ ଆଙ୍କନ୍ତି ତୂଳୀରେ, ସେ ଆଙ୍କିଲେ କଲମରେ ଯେ କୌଣସି କାଗଜ ଉପରେ । ଫୁଲରୁ ରସ କାଢ଼ି ସେ ରଙ୍ଗ ଦେଲେ । ସେ ଆଗରୁ କିଛି ଭାବି ଛବି ଆଙ୍କି ବସୁ ନଥିଲେ । ଆଙ୍କୁ ଆଙ୍କୁ ବାନର, ବ୍ୟାଘ୍ର, ମଣିଷ, ପକ୍ଷୀ ଯାହା ହୋଇଗଲା ସେଇଆ । ସେଥିରେ ଲକ୍ଷ୍ୟ କରିବାର କଥା, ତାଙ୍କର ଅନ୍ତର୍ଦୃଷ୍ଟି, ତନ୍ମୟତା, ନବ ନବ ନିର୍ମାଣକ୍ଷମତା, ଓ ଆତ୍ମ ବିସ୍ମୃତି । କିନ୍ତୁ ଏତେ ଆଙ୍କି ସେ ତୁଷ୍ଟ ନ ଥିଲେ । ନିଜକୁ ରିକ୍ତ କରି ସେ ଯେପରି କି କଳାକୁ ପୂର୍ଣ୍ଣ କରିପାରୁ ନ ଥିଲେ, କିଛି ଯେପରିକି ରହିଯାଉଥିଲା ବାକୀ ।

ରବୀନ୍ଦ୍ର ଉତ୍ତରାୟଣଗୃହର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଲେଖାଲେଖି କରୁ ନ ଥିଲେ । ମନର ବାତାବରଣ ବଦଳେଇବା ଲାଗି ସେ ବଦଳାଉଥିଲେ ସ୍ଥାନ । ତାଙ୍କ ରୁଚି ଅନୁଯାୟୀ କେଉଁଠି ଝାଟିମାଟିର ମହୁତମର କୁଡ଼ିଆ, ମାଟି ତଳେ ଗିରି ଗହ୍ୱର ପରି ଗମ୍ଭୀରି, ଦେଉଳଆକୃତିର ଗଛକୁ ଆବୋରିଥିବା ଘର ତୋଳା ହୋଇଥିଲା । କେତେବେଳେ 'ମାଳଞ୍ଚ'ରେ, କେତେବେଳେ 'କୋଣାର୍କ' ବା 'ଶ୍ୟାମଳୀ'ରେ, ଅଶୋକ ବା ନାଗେଶ୍ୱରକୁଞ୍ଜରେ ଦେଶୀ ବିଦେଶୀ ଫୁଲ ଗହଣରେ ବସି ଲେଖୁଥିଲେ; ପ୍ରକୃତି କମନୀୟ ଶ୍ରୀରେ ତାଙ୍କ କଳ୍ପଲୋକରେ ଧରା ଦେଇଥିଲା, ସତେ ଯେପରି କବି ଖିଆଲରେ ନୂତନ ରୂପ ଲାଭ ଲିପ୍‌ସାରେ ।

କେତେବେଳେ ତାଙ୍କ ସହିତ ବସୁଥିଲେ ମହାତ୍ମାଗାନ୍ଧୀ, ପଣ୍ଡିତ ନେହରୁ, ସି. ଏଫ୍. ଆଣ୍ଡ୍ରୁଜ୍, ଫରାସୀ ପଣ୍ଡିତ ସିଲ୍‌ଭାନ୍ ଲେଭି, ଦେଶୀ ବିଦେଶୀ ବହୁ ପର୍ଯ୍ୟଟକ । ଶାନ୍ତିନିକେତନ ହୋଇ ଉଠିଥିଲା ଏକାନ୍ତଭାବେ ସ୍ୱପ୍ନର, କବିତାର । ମହାତ୍ମାଜୀ ଦିନେ ଗୁରୁଦେବଙ୍କୁ କହିଲେ, ସ୍ୱପ୍ନ ଖାଇ ଜୀବନ ବଞ୍ଚିପାରେ ନାହିଁ । କୋଇଲିର ସ୍ୱର କବି କର୍ଣ୍ଣକୁ ମଧୁର ଲାଗେ, କିନ୍ତୁ ତା ମଧ୍ୟରେ ମୁଁ ଶୁଣେ କ୍ଷୁଧାର ଆର୍ତ୍ତନାଦ ।

ଗାନ୍ଧିଜୀଙ୍କ ବାସ୍ତବ ଦୃଷ୍ଟିକୋଣ କବି ଗ୍ରହଣ କରିଥିଲେ ଓ ଶିଳ୍ପତୀର୍ଥ 'ଶ୍ରୀ ନିକେତନ'ର ସୃଷ୍ଟି ହୋଇଥିଲା । ପ୍ରତି ବର୍ଷ ସେଠି ହଳ କର୍ଷଣ ଉତ୍ସବ, କୃଷି, ଶିଳ୍ପ ପ୍ରଦର୍ଶନୀ ଓ ମେଳା ଅନୁଷ୍ଠିତ ହୁଏ ।

ବାଣୀସେବାରେ କଠୋର ଅଧ୍ୟବସାୟ ଦେଖି ଗାନ୍ଧିଜୀ କବିଙ୍କୁ ଦିନରେ ଅଧ ଘଣ୍ଟାଏ ଅବସର ନେବା ଲାଗି ଅନୁରୋଧ କରିଥିଲେ । ଏହି ବିଷୟକୁ ଅବଲମ୍ବନ କରି ମୁଁ ଗୋଟିଏ କବିତା ଲେଖିଥିଲି । ପ୍ରତିଭା ଯେତେ ଉଜ୍ଜ୍ୱଳ ହେଲେ ବି ଉତ୍ତମ ସାହିତ୍ୟ ସୃଷ୍ଟି ଲାଗି ଅଧ୍ୟବସାୟ ଏକାନ୍ତ ଆବଶ୍ୟକ । ଏହା ମୁଁ ହୃଦୟଙ୍ଗମ କଲି ।

ଉତ୍ତରାୟଣର ଦ୍ୱାରଦେହଳୀରେ 'ବାଲ୍ମୀକି ପ୍ରତିଭା', 'ଫାଲ୍‌ଗୁନୀ' 'ତାସେର ଦେଶ' ଓ ବିଭିନ୍ନ ଋତୁ ଉତ୍ସବର ନାଟକସବୁ ଅଭିନୀତ ହେଉଥିଲା ।' ଯବନିକା ନ ଥିଲା । ଖୋଲା ରଙ୍ଗମଞ୍ଚ । ମଞ୍ଚ ସଜାଉଥିଲା କଳାଭବନ, ପାତ୍ରପାତ୍ରୀମାନଙ୍କୁ ସଜାଇବାର ଦାୟିତ୍ୱ ମଧ୍ୟ କଳାକାରମାନଙ୍କର ଥିଲା; 'ସଙ୍ଗୀତଭବନ'ର ସହଯୋଗ ଯୋଗୁଁ ନୃତ୍ୟ, ସଙ୍ଗୀତଗାନ ଓ ବାଦ୍ୟବାଦନ କାହିଁରେ କିଛି ବାଛିବାକୁ ନ ଥିଲା ।

କିନ୍ତୁ ଅଧିକାଂଶ ନାଟକ ପ୍ରତୀକାତ୍ମକ । ପୌରାଣିକ ଓ ସାମାଜିକ ନାଟକ ଦେଖାରେ ଅଭ୍ୟସ୍ତ ମୋର ରୁଚି ବହୁ ଦିନ ଯାଏ ଏ ଅଭିନୟ ପସନ୍ଦ କରି ନ ଥିଲା । ମନେ ହେଉଥିଲା ପୃଥିବୀରୁ ଖାପ୍‌ଛଡ଼ା, ବାସ୍ତବତାରୁ ଦୂରବର୍ତ୍ତୀ ।

ବସନ୍ତ ଅଭିନନ୍ଦନ ବଡ଼ ପ୍ରୀତିପ୍ରଦ ବୋଧ ହେଉଥିଲା, ଯେତେବେଳେ ତରୁଣ ତରୁଣୀମାନେ ଏକ ସ୍ୱରରେ ଗାଉଥିଲେ—"ଦକ୍ଷିଣ ଦୁଆର ଖୋଲ.........." ବୋଧ ହେଉଥିଲା ଏ ମଧୁର ଗୀତ ଶୁଣିବା ଲାଗି ବସନ୍ତ ମଳୟକୁ ସଙ୍ଗରେ ଘେନି ଆସିବ । କିନ୍ତୁ ବହୁ ପୁଷ୍ପିତ, ତାମ୍ରଲ ବସନ୍ତ ସୁଖସ୍ୱପ୍ନ ପରି ମୁହୂର୍ତ୍ତକେ ଅନ୍ତର୍ହିତ ହେଉଥିଲା; ମଳୟର ଉଲ୍ଲୁକ୍ତ ପଦ ଛନ୍ଦ ହୋଇ ଯାଉଥିଲା ଉଦଣ୍ଡ ତାଣ୍ଡବିତ ମରୀଚିକାରେ । ଦେଖା ଦେଉଥିଲା ଝରାପତ୍ର ଜର୍ଜରିତ ଘୂର୍ଣ୍ଣୀ; ଧୂସର ଧୂମାୟିତ କାଳବୈଶାଖୀ । ଶରତହିଁ ଥିଲା ଶାନ୍ତିନିକେତନର ଶ୍ରେଷ୍ଠ ଋତୁ । ମନକୁ କୁଣ୍ଠିତ, କୃପଣ କର ନାହିଁ । ଋତୁଚକ୍ରର ଛନ୍ଦସ୍ପନ୍ଦ ପୂର୍ଣ୍ଣପ୍ରାଣରେ ଉପଭୋଗ କର—ଏ ଥିଲା ରବୀନ୍ଦ୍ରଙ୍କ ବାଣୀ ।

ମଧ୍ୟେ ମଧ୍ୟେ ହେଉଥିଲା ବିଶ୍ୱନୃତ୍ୟ—ଭରତନାଟ୍ୟମ୍, ବିହୁ, ମଣିପୁରୀ ନୃତ୍ୟରୁ ଆଦିବାସୀ ନୃତ୍ୟ ଓ ଇଉରୋପୀୟ ବଲ୍ ନୃତ୍ୟ ।

ବର୍ଷେ ବର୍ଷେ ହେଉଥିଲା ବହୁ ଭାଷାରେ ରଚିତ ବସନ୍ତ କବିତାର ଆବୃତ୍ତି । ମୋର 'ସୁରଭିତ କରି ପଥ ଆସ ହେ ବସନ୍ତ' କବିତାଟି ଅଭିନନ୍ଦିତ ହୋଇଥିଲା ଓ ମୁଁ କବି ଭାବେ ଶାନ୍ତିନିକେତନରେ ଖ୍ୟାତ ହୋଇଥିଲି ।

ହ୍ରଦର ଗୋଟିଏ ଦ୍ୱୀପରେ ସୁନ୍ଦରୀ ତରୁଣୀ ମୁଖରେ ସନ୍ଧ୍ୟାର ଅବିର ଦେଖି ମୁଁ ଲେଖିଥିଲି—

'ହ୍ରଦ ତୀରେ ତୀରେ କିଏ ବୁଲ ଆଗୋ ଅନୁରାଗିଣୀ
ତୁମ କଣ୍ଠେ ଶୁଣେ ମୁଁ ଅସ୍ତରାଗର ରାଗିଣୀ
କାଶେ କାଶେ କିଂଶୁକ କରି ନଏଁ ଯହିଁ ଗୋଧୂଳି
ଆଗୋ ହ୍ରଦସୁନ୍ଦରୀ, ଭରିଅଛ ତହିଁ ମାଧୁରୀ ।

X X X

ସତେ ସନ୍ଧ୍ୟା ଓ ତୁମେ କିସ କଥା ହୁଅ ଦି ଜଣେ
ତୁମେ ନିଜେ ତ କବିତା କି କବିତା ଖୋଜ ବିଜନେ ?'

ଶାନ୍ତିନିକେତନରେ ସେତେବେଳେ ପ୍ରମିଳାରାଜ୍ୟ ପରି ନାରୀପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଥିଲା । ଫଳରେ ପୁରୁଷମାନେ ମାଇଚିଆ ହୋଇ ଯାଉଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ଏହାକୁ କେନ୍ଦ୍ର କରି ଏକ ବ୍ୟଙ୍ଗ ରଚିତ ହୋଇଥିଲା ।

ଗୋଟିଏ ଷଣ୍ଢ ବାଟରେ ଶୋଇଥିଲା । ତାକୁ ଅଡ଼େଇବା ବା ଏଡ଼େଇବାକୁ ପୌରୁଷ ବା ସାହସ ନ କୁଳେଇବାରୁ ଛାତ୍ରଟି କହିଲା— ହେ ଷାଣ୍ଢ, ସରେ, ତା ନା ହଲେ ଫୁଲ୍ ଛୁଡ଼େ ମାର୍‌ବୋ କିନ୍ତୁ !!

ବଙ୍ଗାଳୀଚରିତ୍ର କିନ୍ତୁ କେତୋଟି ଦିଗରୁ ଅନୁକରଣୀୟ । ଅଧିକାଂଶ ଅଧ୍ୟାପକ ବହୁଯାଠୀ, ବିଦ୍ୟୋତ୍‌ସାହୀ । ଗବେଷଣା, ରଚନା ଓ ସତ୍ କର୍ମରେ

ଉତ୍ସାହ ଦେବା ସେମାନଙ୍କ ପ୍ରକୃତିଗତ; ନୃତ୍ୟ, ଗୀତ, ବକ୍ତୃତା ଯାହାହେଉ, କାହାକୁ ହସି ଉଡ଼ାଇ ଦେବା ଶାନ୍ତିନିକେତନର ରୀତି ନୁହେଁ —'ସାଧୁ' 'ସାଧୁ' 'ସାଧୁ' । 'କେମନ୍ ଲାଗଲ୍' ପଚାରିଲେ କହନ୍ତି—'ଖୁବ୍ ଭାଲୋ' । ବଙ୍ଗଳାରୁ ବହୁ ସଂଖ୍ୟାରେ ବଡ଼ ଲୋକ ବାହାରିବାର ଏହାହିଁ ଗୋଟିଏ ମୁଖ୍ୟ କାରଣ । ସେମାନେ ପାଦ ଝିଙ୍କନ୍ତି ନାହିଁ, ଟେକି ଧରନ୍ତି । ମୀନାକ୍ଷି ନନ୍ଦଙ୍କ ଓଡ଼ିଶୀନୃତ୍ୟ ଦେଖି ସେମାନେ ତାକୁ ଟେକି ଧରି ବୁଲାଇ ଥିଲେ—ଅଦ୍ଭୁତ ପ୍ରତିଭା ।

## କି ଥିଲା ଏ ରାଜ୍ୟ
## କି ହୋଇଛୁ ଆଜ !

କିଛି ଦିନ ମଧ୍ୟରେ ଶାନ୍ତିନିକେତନ ମୋ ମନ ଉପରେ ଯାଦୁକରୀ ମାୟା ବିସ୍ତାର କରି ବସିଲା । ଅନ୍ତେବାସୀ ଓ ଅଧ୍ୟାପକଙ୍କ ସହିତ ମିଶିଗଲି; ଅଧ୍ୟକ୍ଷଙ୍କର ବିଶ୍ୱାସର ପାତ୍ର ହେଲି । ଶାନ୍ତିନିକେତନବାସକୁ ଏକ ତୀର୍ଥବାସ ମନେ କଲି, ଅବଶ୍ୟ ସେ ତୀର୍ଥ ସାଂସ୍କୃତିକର, ସାହିତ୍ୟିକର, କବିର । ଏହାକୁ ଆତ୍ମବିକାଶର ଏକ ଅନୁକୂଳ କ୍ଷେତ୍ର ବୋଲି ବିଚାରିଲି । ବୁଦ୍ଧି ସଙ୍ଗେ ପ୍ରୀତିର ବିରୋଧ ଆତ୍ମୋନ୍ନତିର ଚିର ଅନ୍ତରାୟ । ମୋ କ୍ଷେତ୍ରରେ ଉଭୟର ସମନ୍ୱୟ ଏକ ସୌଭାଗ୍ୟର ବିଷୟ ହୋଇଥିଲା ।

ବ୍ୟକ୍ତିର ଭାଗ୍ୟ ପରି ସ୍ଥାନର ଭାଗ୍ୟ । ଫଳରେ କେଉଁ ସ୍ଥାନ ଉଦ୍ୟାନ, କେଉଁ ସ୍ଥାନ ଶ୍ମଶାନ ହୁଏ । ପୁଣି ଚକ ଘୂରେ, ସବୁ ଓଲଟପାଲଟ ହୋଇଯାଏ ।

ପ୍ରାୟ ଏକ ଶତାବ୍ଦୀ ପୂର୍ବେ ଏଇ ଅଞ୍ଚଳ ଗୋଟିଏ ନାମଖ୍ୟାତିହୀନ ଅପନ୍ତର ଥିଲା । ଗୋଟିଏ ଛତିମ୍ ବୃକ୍ଷ ମାତ୍ର ଡକେଇତମାନଙ୍କର କ୍ରୂର କର୍ମର ମୂକସାକ୍ଷୀ ରୂପେ ଛିଡ଼ା ହୋଇଥିଲା । ଡକେଇତମାନେ ପଥିକମାନଙ୍କୁ ବିନାଶ କରି ମୁଣ୍ଡସବୁ ବୃକ୍ଷ ମୂଳରେ ପୋତି ଦେଉଥିଲେ । ଅଦୂରବର୍ତ୍ତୀ 'କଙ୍କାଳିତଲା', 'କାଳିକାପୁର' ଓ 'ବକ୍ରେଶ୍ୱର' ପରି ଏଠି ହୁଏତ ଗୋଟିଏ ତାନ୍ତ୍ରିକ ପୀଠ ଥିଲା । ବୋଲପୁର 'ବଳିପୁର'ରୁ ହୋଇଛି ବୋଲି କେହି କେହି ପଣ୍ଡିତ କହିଥାନ୍ତି ।

ଦିନେ ମହର୍ଷି ଦେବେନ୍ଦ୍ରନାଥ ପାଲିଙ୍କିରେ ଯାଉଁ ଯାଉଁ ଶ୍ରାନ୍ତକ୍ଳାନ୍ତ ଅବସ୍ଥାରେ ଏହି 'ଛତିମ୍' ବୃକ୍ଷ ତଳେ ବିଶ୍ରାମ କରି ଶାନ୍ତି ଲାଭ କରିଥିଲେ, ସେ ଛତିମ୍ ଗଛକୁ ଲଗାଇ ରାୟପୁର ଜମିଦାରଙ୍କଠାରୁ କୋଡ଼ିଏ ବିଘା ଜମି ପଟା ନେଇ ଶାନ୍ତିନିକେତନ ଗଢ଼ିଲେ; ୧୮୬୧ରେ ଏହି ଆଶ୍ରମର ଶୁଭାରମ୍ଭ ହେଲା, ମହର୍ଷି ଆଜୀବନ 'ଛତିମ୍' ବୃକ୍ଷକୁ ଭଲ ପାଉଥିଲେ ଓ ମୃତ୍ୟୁ ପୂର୍ବରୁ ଛତିମ୍ ବୃକ୍ଷର ଗୋଟିଏ ଡାଳ ମଗାଇ ପାଖରେ ରଖିଥିଲେ । ଏବେ ସେହି ପ୍ରାଚୀନ ଛତିମ୍ ମୃତ; ତା ସ୍ଥାନରେ ଅନ୍ୟ ଏକ ଛତିମ୍ ରୋପିତ, ମୂଳ ବେଦୀ ଫଳକରେ ଲିଖିତ ହୋଇଛି—'ଶାନ୍ତଂ ଶିବଂ ଅଦ୍ୱୈତମ୍ ।'

୧୯୦୧ ଖ୍ରୀଷ୍ଟାବ୍ଦରେ ପିତାଙ୍କ ଅନୁମତିକ୍ରମେ ରବୀନ୍ଦ୍ରନାଥ ଶାନ୍ତିନିକେତନ ଆଶ୍ରମରେ ଗୋଟିଏ ସ୍କୁଲ ପ୍ରତିଷ୍ଠା କଲେ । ତାର ୨୦ ବର୍ଷ ପରେ ବିଶ୍ୱଭାରତୀର

ପ୍ରତିଷ୍ଠା ହେଲା; ୧୯୫୧ରୁ ଏହା ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ପ୍ରତିଷ୍ଠିତ ହୋଇଅଛି ।

ରବୀନ୍ଦ୍ର ସେକାଳ ପ୍ରଚଳିତ ଶିକ୍ଷାଦାନ ରୀତିର ଘୋର ବିରୋଧୀ ଥିଲେ । ତାଙ୍କ କଳନାରେ ସ୍କୁଲ ଗୋଟାଏ ପଞ୍ଜୁରୀ ନୁହେଁ, ଛାତ୍ରଛାତ୍ରୀ ଶୁଆସାରୀ ନୁହନ୍ତି; କିମ୍ବା ଶିକ୍ଷକ ପ୍ରଭୁ, ଛାତ୍ର ତାଙ୍କର ଦାସାନୁଦାସ ନୁହନ୍ତି । ଶିକ୍ଷକ ପ୍ରକୃତରେ ଗୁରୁ; ସେ କାହାର ବେତନଭୋଗୀ ଭୃତ୍ୟ ନୁହନ୍ତି । ସେ ଗୋଟାଏ ବୃହତ୍ ଯନ୍ତ୍ରର ଅଂଶବିଶେଷ ନୁହନ୍ତି ମନୁଷ୍ୟତ୍ୱସାଧନାରେ ତପସ୍ୟାଧାରାରେ ସେ ଶିଷ୍ୟମାନଙ୍କୁ ଗତିଚଞ୍ଚଳ କରନ୍ତି । ସେ ଉତ୍ସାହର ଉତ୍ସ, ସଂଯମ ଓ ଶୃଙ୍ଖଳାନନ୍ଦର ପ୍ରତୀକ । ତାଙ୍କ ଶିକ୍ଷାଦାନ ଓ ଜୀବନଯାପନରୀତି ମଧ୍ୟରେ କୌଣସି ତାରତମ୍ୟ ନାହିଁ । ଶିକ୍ଷାରେ ଶିଷ୍ୟମାନେ ପାନ୍ତି ଗୁରୁଙ୍କ ପ୍ରାଣଗତ ସ୍ପର୍ଶ । ଗୁରୁ ସ୍ୱଭାବତଃ ସ୍ନେହୀ ଓ ଧୈର୍ଯ୍ୟବନ୍ତ; ସଞ୍ଚିବା ନୁହେଁ, ବିତରିବା ତାଙ୍କର ପ୍ରଧାନ ଧର୍ମ; ସେ ବିତରଣ ଶ୍ରାବଣ ବାରିବର୍ଷଣ ପରି ଅକୁଣ୍ଠ ।

ରବୀନ୍ଦ୍ରନାଥ ତ୍ୟାଗନିଷ୍ଠ, ମୁକ୍ତପ୍ରାଣ ଶିକ୍ଷକମାନଙ୍କୁ ଶାନ୍ତିନିକେତନରେ ନିଯୁକ୍ତ କରିଥିଲେ, ଦୀନବନ୍ଧୁ ଆଣ୍ଡ୍ରୁଜ ଇଂରାଜୀ, ମହାସ୍ଥବିର ଧର୍ମାଧାର ରାଜଗୁରୁ ବୌଦ୍ଧଦର୍ଶନ, ବିଧୁଶେଖର ଶାସ୍ତ୍ରୀ ପାଲୀ, ସଂସ୍କୃତ, କ୍ଷିତିମୋହନ ସେନ୍ ମଧ୍ୟଯୁଗୀୟ ସାହିତ୍ୟ, ରଥୀନ୍ଦ୍ରନାଥ ଜୀବତତ୍ତ୍ୱ, ଅବନୀନ୍ଦ୍ରନାଥ ଓ ତାଙ୍କ ପରେ ନନ୍ଦଲାଲ୍ ବୋଷ କଳା ଶିକ୍ଷା ଦେଇଥିଲେ; ତ୍ରିପୁରାରୁ ନୃତ୍ୟଶିକ୍ଷକମାନେ ଆସି ଛାତ୍ରଛାତ୍ରୀମାନଙ୍କୁ ମଣିପୁରୀ ନୃତ୍ୟ ଶିକ୍ଷା ଦେଇଥିଲେ । ରବୀନ୍ଦ୍ର ସ୍ୱ ଅନୁଷ୍ଠାନର ଆଦର୍ଶ ଶିକ୍ଷକ ଥିଲେ; ଯାପାନୀ ଯୁଯୁତ୍ସୁ ବୀର 'ତାକାଗାକି' ଶାନ୍ତିନିକେତନରେ ଆଖେଡ଼ା ଘର ଖୋଲିଥିଲେ; ଫରାସୀ ପଣ୍ଡିତ ସିଲଭାନ ଲେଭି, ଜର୍ମାନ୍ ଅଧ୍ୟାପକ ଉଇଣ୍ଟରନିଜ୍ ପ୍ରଭୃତି ପ୍ରସିଦ୍ଧ ଅଧ୍ୟାପକମାନେ ଶାନ୍ତିନିକେତନରେ ଅଧ୍ୟାପନାକୁ ଗୌରବଜନକ ମନେ କରୁଥିଲେ ।

ରବୀନ୍ଦ୍ରନାଥ ଶାନ୍ତିନିକେତନକୁ ଗୋଟିଏ ସର୍ବଜାତିକ ମନୁଷ୍ୟତ୍ୱଚର୍ଚ୍ଚାର କେନ୍ଦ୍ର ରୂପେ ଗଢ଼ିଥିଲେ; ପଣ୍ଡିତ ବିଧୁଶେଖର ଶାସ୍ତ୍ରୀ ଆଦର୍ଶର ସେହି ଆହ୍ୱାନକୁ ଗୋଟିଏ ସଂସ୍କୃତ ଶ୍ଳୋକରେ ଲିପିବଦ୍ଧ କରିଥିଲେ—

ସେୟମୁପାସନୀୟା ନୋ ବିଶ୍ୱଭାରତୀ
ବିବିଧ ଦେଶ ଗ୍ରଥିତାଭି ବିଚିତ୍ର ବିଦ୍ୟା କୁସୁମ ମାଳିକାଭିଃ
ପ୍ରାଚ୍ୟାଶ୍ଚ ପ୍ରତୀଚ୍ୟାଶ୍ଚେତି ସାଦର ମାହୂୟନ୍ତେ ।

'ସମଗ୍ର ବିଶ୍ୱ ଆସନ ପାତିବ'—ଏଇ ବିଶ୍ୱାସରେ ଧ୍ୟାନ କରୁ କରୁ ବିଶ୍ୱଭାରତୀର ଉଜ୍ଜ୍ୱଳ ରୂପ ରବୀନ୍ଦ୍ରଙ୍କ ଜ୍ଞାନଚକ୍ଷୁରେ ଉଦ୍ଭାସିତ ହୋଇ ଉଠିଲା, ସେ କହିଥିଲେ—ଶିବ ଯେପରି ଦରିଦ୍ର ବେଶ ଧରି ଆସନ୍ତି, କିନ୍ତୁ ଦିନେ ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ ପ୍ରକାଶିତ ହୋଇପଡ଼େ, ସେହିପରି ବିଶ୍ୱଭାରତୀ ଛଦ୍ମବେଶରେ ଏହି ଆଶ୍ରମକୁ ଆସିଛନ୍ତି, ଗୋଟିଏ ଛୋଟ ବିଦ୍ୟାଳୟ ରୂପରେ । 'ଯତ୍ର ବିଶ୍ୱ ଭବତ୍ୟେକନୀଡ଼ମ୍' ସଂକ୍ଷିପ୍ତ ସୂତ୍ରରେ ଏଇ ହେଲା ବିଶ୍ୱଭାରତୀର ଆଦର୍ଶ ସଂଜ୍ଞା ।

ଶାନ୍ତିନିକେତନ କବିଙ୍କ ଜୀବନଆଦର୍ଶର ପ୍ରେକ୍ଷାଗାର, ବିଶ୍ୱପ୍ରକୃତି ସହିତ ମାନବର ଯୋଗ ଏଠି ଆତ୍ମିକ । ଜ୍ଞାନ ଦ୍ୱାରା ଶାନ୍ତକୁ, କର୍ମଦ୍ୱାରା ମଙ୍ଗଳକୁ, ପ୍ରେମ ଦ୍ୱାରା ଅଦ୍ୱୈତକୁ ଉପଲବ୍‌ଧି କରିବା ଏହି ଆଦର୍ଶର ବିଭବ । କବିଦୃଷ୍ଟିରେ ପୃଥିବୀ ଗୋଟିଏ ମାତ୍ର ଦେଶ, ତାର ନାମ ବସୁନ୍ଧରା; ତାର ଗୋଟିଏ ମାତ୍ର ଜାତି, ତା ନାମ ମନୁଷ୍ୟ । ଶାନ୍ତିନିକେତନ ବିଶ୍ୱଜନନୀ ପରି ସମସ୍ତଙ୍କୁ କୋଳରେ ସ୍ଥାନ ଦେଉ ।

"ଯେ କୌଣସି ଲୋକ ଜାତିଧର୍ମ ନିର୍ବିଶେଷରେ ଏଠି ଇଶ୍ୱରୋପାସନା ଓ ଜ୍ଞାନ ଚର୍ଚ୍ଚା କରିପାରିବେ । ଧର୍ମଭାବ ଉଦ୍ଦୀପନ ଲାଗି ଟ୍ରଷ୍ଟିବୋର୍ଡ଼ ବର୍ଷକୁବର୍ଷ ଗୋଟାଏ ମେଳା ବସାଇବେ । ଏହି ମେଳାକୁ ସବୁ ଧର୍ମସଂପ୍ରଦାୟର ସାଧୁ ପୁରୁଷମାନେ ଆସି ଧର୍ମବିଚାର ଓ ଧର୍ମପାଳନ କରି ପାରିବେ । ଏହି ମେଳା ଉତ୍ସବରେ କୌଣସି ପ୍ରକାର ପୌତ୍ତଳିକ ଆରାଧନ ହେବନାହିଁ । କୁତ୍ସିତ ଆମୋଦଉଲ୍ଲାସ ହେବନାହିଁ । ମଦ୍ୟମାଂସ ବ୍ୟତୀତ ଏହି ମେଳାରେ ସବୁ ଜିନିଷ ବିକ୍ରୀ-ଖର୍ଚ୍ଚ ହୋଇ ପାରିବ ।"

୧୮୪୩ ଡ଼ିସେମ୍ବର ୨୧ ତାରିଖରେ ଦେବେନ୍ଦ୍ରନାଥ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ଏହାର ସ୍ମାରକ ରୂପେ ପ୍ରତିବର୍ଷ ଶାନ୍ତିନିକେତନମେଳା ହେଉଅଛି । ରବୀନ୍ଦ୍ରନାଥ ଲେଖିଛନ୍ତି—ଏହି ଦୀକ୍ଷାଗ୍ରହଣବୀଜରୁହିଁ ଆଶ୍ରମବନସ୍ପତିର ଜନ୍ମଲାଭ ।

ଏବେ ମେଳାକୁ ଧର୍ମଚର୍ଚ୍ଚା କରିବାକୁ ସାଧୁପୁରୁଷମାନେ ଆସୁନାହାନ୍ତି । ସର୍ବତ୍ର ଯେପରି ଏଠି ସେହିପରି ବ୍ୟବସାୟ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଛି । 'କବିର ଗାନ' ପ୍ରତିଯୋଗିତା ଓଡ଼ିଆ ବାଦୀପାଲା ପରି ଚିତ୍ତାକର୍ଷକ ହୁଏ । ଅବନୀନ୍ଦ୍ରନାଥ ଠାକୁରଙ୍କ ଯାତ୍ରା ଏହି ମେଳାରେ ଦିନେ ଏକ ବିଶେଷ ଆକର୍ଷଣ ଥିଲା । ଏଥିରେ ଶାନ୍ତିନିକେତନର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରୁଥିଲେ । ବାଉଲ୍ ନୃତ୍ୟ ଓ ଗୀତ ମେଳାର ଅନ୍ୟ ଏକ ବିନୋଦନ ଥିଲା । ବାଉଲ୍ ସୁଗାୟକ, ସୁବାୟକ, ତାର ଗୀତ ଦାର୍ଶନିକ ଭାବସମ୍ବଳିତ । ଏହା ଦିନେ ରବୀନ୍ଦ୍ର କବିତା ଓ ସଙ୍ଗୀତକୁ ପ୍ରଭାବିତ କରିଥିଲା ।

ମେଳା ପୂର୍ବ ପାହାନ୍ତିଆରେ ଆଶ୍ରମର ତରୁଣତରୁଣୀମାନେ ବୈତାଳିକ ଗାଇ ଆଶ୍ରମ ପରିକ୍ରମା କରନ୍ତି, ଆନନ୍ଦ ଓ ପବିତ୍ରତାର ଏକ ବାତାବରଣ ସୃଷ୍ଟି କରନ୍ତି । ସାନାଇ ବାଜେ । କୁଳବୃକ୍ଷ 'ସପ୍ତପର୍ଣ୍ଣୀ' (ଛତିମ) ମୂଳରେ ପ୍ରାର୍ଥନା ହୁଏ । ବେଦ ଓ ଉପନିଷଦ୍ ଆବୃତ୍ତିର ମଧ୍ୟେ ମଧ୍ୟେ ମହର୍ଷିଙ୍କ ଆଦର୍ଶ ଜୀବନଚରିତ ଆଚାର୍ଯ୍ୟ ମହାଶୟ ଶୁଣାନ୍ତି । ମେଳା ମଧ୍ୟରେ ବିଶ୍ୱଭାରତୀର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେଉଥିଲା । ସ୍ନାତକମାନଙ୍କୁ ଡିଗ୍ରୀ ସହିତ ସପ୍ତପର୍ଣ୍ଣୀ ପତ୍ର ଦିଆଯାଉଥିଲା ।

୧୯୨୧ ଖ୍ରୀଷ୍ଟାବ୍ଦରେ ମହାତ୍ମାଜୀ ଶାନ୍ତିନିକେତନ ଆସିଥିଲେ, ଆଶ୍ରମିକମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଉପଦେଶ ଦେଇଥିଲେ ।

ତାହା ସମ୍ଭବ ହୋଇ ପାରିଲାନାହିଁ । ବରଂ ସତ୍ୟବାଦୀ ବନବିଦ୍ୟାଳୟ ଅଧିକ ସ୍ୱାବଲମ୍ବୀ ଓ ସେବାପରାୟଣ ହୋଇ ପାରିଥିଲା । ଶାନ୍ତିନିକେତନ ହେଲା ଅଧିକ ସ୍ୱପ୍ନବାଦୀ ଓ ସଙ୍ଗୀତପ୍ରବଣ । ତେବେ ମହାତ୍ମାଜୀଙ୍କ

ସ୍ମାରକ ସ୍ୱରୂପ 'ଗାନ୍ଧୀ ପୁଣ୍ୟାହ'ରେ ସମସ୍ତ ଶାନ୍ତିନିକେତନ ମଖମଲୀ ମୈନାରରୁ ଭୂତଳକୁ ଖସିଆସେ । ପୂଜାହାରୀଠାକୁରମାନେ ଛୁଟି ନେଇ ଚାଲିଯାନ୍ତି । ରନ୍ଧାବଢ଼ା, ବାସନମଜା, ପରିବାକଟା, ମଶଲାବଟା, ରନ୍ଧା ଘର ଓ ଆଶ୍ରମ ସଫେଇଭଳି କାମ ଆଶ୍ରମିକମାନେ କରିଥାନ୍ତି । ଆଶ୍ରମ ଆନନ୍ଦରେ ଚଞ୍ଚଳ ହୋଇଉଠେ । ବୁଢ଼ା ଅଧ୍ୟାପକମାନେ ଖଡ଼ିକାମୁଠା ଧରି ଆଶ୍ରମ ଓଳାଉଥିବା ଓ ପାଇଖାନା ସଫା କରୁଥିବା ଗୋଟିଏ ଦୃଶ୍ୟ । କର୍ମର ଯେ ଗୋଟାଏ ଜୁଆରିଆ ପ୍ରବାହ ଓ ରୋମାଞ୍ଚକର ସ୍ପନ୍ଦନ ଅଛି, ସେଦିନ ବୁଝାଯାଏ ।

ମୋ ରହଣିର ଏଗାର ବର୍ଷ ମଧ୍ୟରେ ମୋତେ ସୂପକାର ଦାୟିତ୍ୱଟି ଦିଆ ହେଉଥିଲା ; ମୋ ପୂର୍ବବର୍ତ୍ତୀମାନଙ୍କର ସ୍ଥାନ ମୁଁ ପୂରଣ କରିଥିଲି ମାତ୍ର । ପ୍ରକୃତପକ୍ଷେ ରାନ୍ଧୁଥିଲେ ଶ୍ରୀସଦନ (ଝିଅ ହଷ୍ଟେଲ)ର ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟାନ୍ୟ ଶିକ୍ଷକା ଓ ଅଧ୍ୟାପିକାମାନେ । ହଣ୍ଡାଉଠାଉଠି କାର୍ଯ୍ୟରେ ମୁଁ ଆଣ୍ଠି ଦେଉଥିଲି କିମ୍ବା ଚାଖୁଣିଆ ହୋଇ ସ୍ୱାଦୁତା ବାରୁଥିଲି । ସେଦିନ ସାତ୍ତ୍ୱିକ ଆହାର ପ୍ରସ୍ତୁତ ହେଉଥିଲା ।

ରବୀନ୍ଦ୍ରନାଥଙ୍କର ଆଉ ଗୋଟିଏ କୀର୍ତ୍ତି—ଚା ଚକ୍ର । ଚକ୍ରର କଲ୍ୟାଣରୁ ଅଧିକାଂଶ ଅଧ୍ୟାପକ ଦିନାନ୍ତରେ 'ଦିନାନ୍ତିକା'ରେ (ଭିତ୍ତିଚିତ୍ରମଣ୍ଡିତ ଗୋଟିଏ ଗୋଲ୍ କୋଠାଘର) ଏକାଠି ହେଉଥିଲେ । ଚକ୍ରର ପରିଚାଳନାବ୍ୟବସ୍ଥା ତାଙ୍କ ଉପରେ ନ୍ୟସ୍ତ ରହୁଥିଲା । ରବୀନ୍ଦ୍ରଯୁଗରେ ଛାତ୍ରୀମାନେ ଚୀନା, ଜାପାନୀ ବା ବର୍ମୀ ବେଶ ପିନ୍ଧି ଗୁରୁଜନମାନଙ୍କୁ ଚା ପରିବେଷଣ କରୁଥିଲେ ।

ମୁଁ ଚକ୍ରରେ ଯୋଗଦେଲାବେଳକୁ ସେ ରୀତି ଆଉ ଚାଲୁ ନ ଥିଲା । ଯେତେ ଦୂର ମନେ ପଡ଼େ, ଏଇ ଚକ୍ରରୁ ହସଖୁସି ଗପ ଶୁଣୁ ଶୁଣୁ ମୁଁ ଚା ଖିଆ ଶିଖିଲି ।

ଧୂପ ଦୀପ ଗନ୍ଧାମୋଦିତ, ଗୀତନୃତ୍ୟମୁଖର ବାତାବରଣରେ ବହୁ ମାଳାଭୂଷିତ ଶିଶୁତରୁର ରୋପଣଉତ୍ସବ ଅନୁଷ୍ଠିତ ହୁଏ ।

ବନ୍ୟ ସମ୍ପଦବିନଷ୍ଟି ବନ୍ୟା, ବାତ୍ୟା ଓ ଅନାବୃଷ୍ଟି ଆଦି ଦେଶର ବହୁ ଦୁଃଖର କାରଣ—ରବୀନ୍ଦ୍ର ଜାଣିଥିଲେ । ଅରଣ୍ୟ, ତରୁଲତା, ଗୁଳ୍ମ ନିକଟରେ ମନୁଷ୍ୟ ଚିର ଋଣୀ । ବାଲ୍ୟବୟସରୁ ଛାତ୍ରଛାତ୍ରୀମାନଙ୍କ ମନରେ ତରୁଲତା ପ୍ରତି ଶ୍ରଦ୍ଧା, ପ୍ରୀତି ଓ ସମ୍ଭ୍ରମ ଜାଗ୍ରତ କରିବା ପ୍ରକୃତିପ୍ରେମୀ କବିଙ୍କର ଉଦ୍ଦେଶ୍ୟ ଥିଲା । ଗୋଟାଏ ଟାଙ୍ଗରା ପଡ଼ିଆକୁ ତରୁସମ୍ପଦରେ ଭୂଷିତ କରିବାର ଗୌରବ ସେ ଅର୍ଜନ କରିଥିଲେ । ଶାନ୍ତିନିକେତନର ବୃକ୍ଷରୋପଣ ଉତ୍ସବଟି ସମଗ୍ର ଭାରତବର୍ଷରେ ଏକ ଅଭିନବ ଆଦର୍ଶ ଥିଲା ଓ ମୋ ପ୍ରାଣକୁ ଆନନ୍ଦଉଲ୍ଲାସରେ ଉଚ୍ଛୁଳାଇ ଦେଇଥିଲା ।

ସାଧାରଣ ଦୃଷ୍ଟିରେ କି ଋତୁଉତ୍ସବ ହୁଏତ ରସସୃଷ୍ଟି ଲାଗି । କିନ୍ତୁ ରବୀନ୍ଦ୍ର ମନକୁ ଏହା ଭରୁଥିଲା ନାନା ଭାବସମ୍ପଦରେ । ସେ ଋତୁଉତ୍ସବ ଉପଯୋଗୀ ବହୁ କବିତା, ସଙ୍ଗୀତ ଓ ନାଟକ ରଚନା କରିଥିଲେ । ବିଶ୍ୱର ଆନନ୍ଦ ପ୍ରତି ମନୁଷ୍ୟର ମନକୁ ଉନ୍ମୁକ୍ତ ରଖିବା ତାଙ୍କର ଲକ୍ଷ୍ୟ ଥିଲା ।

ମଳୟରେ ଯେଉଁ ଦୈବବାଣୀ ଊର୍ଦ୍ଧ୍ୱଲୋକରୁ ଧରଣୀଧୂଳିକି ଓହ୍ଲାଇ ଆସେ, ତାକୁ ଅନନ୍ତ ମଧ୍ୟରେ ପ୍ରତିଧ୍ୱନିତ କରିଦେବା ଲାଗି 'ବସନ୍ତଉତ୍ସବ'ର ଆୟୋଜନ ହୁଏ । 'ନିଜକୁ ରିକ୍ତ କରି ଦୁନିଆକୁ ଆନନ୍ଦରେ ପରିପୂର୍ଣ୍ଣ କରିଦିଅ' ଏହା ରବୀନ୍ଦ୍ରଙ୍କ ଦର୍ଶନ ଥିଲା ।

ଆମ୍ର କୁଞ୍ଜ ଅଶୋକମଞ୍ଜରୀ, କିଂଶୁକ ଓ ଶାଲ୍ମଳୀ ଆଦି ପୁଷ୍ପରେ ସଜ୍ଜିତ ହୁଏ । ବସନ୍ତର ପୁଷ୍ପ କିଶଳୟ, କୋକିଳର କୁହୁ ଓ ମଳୟର ମର୍ମର ମାଧୁରୀ ମଧ୍ୟରେ ବସନ୍ତବସନା କିଶୋରୀ ତରୁଣୀମାନେ ନୃତ୍ୟ କରନ୍ତି । ବସନ୍ତବିଷୟକ ସଙ୍ଗୀତ ଗୀତ ହୁଏ । ମଳୟ ଓ ବସନ୍ତକୁ ଯେଉଁମାନେ ନିମନ୍ତ୍ରଣ କରନ୍ତି, ସେମାନେ ସ୍ୱୟଂ ବସନ୍ତର ଜ୍ୱଳନ୍ତ ପ୍ରତୀକ । ତେଣୁ ସେମାନଙ୍କ ନିମନ୍ତ୍ରଣ କବିତା ଓ ଗୀତି ସହିତ କୋକିଳ ସ୍ୱର ମିଳାଏ । ବସନ୍ତର ରସପ୍ରାଣ ଥିଲେ ଏ ନିମନ୍ତ୍ରଣକୁ ସେ କଦାପି ପ୍ରତ୍ୟାଖ୍ୟାନ କରି ନ ଥିବ । ମୋର ମନେ ହୁଏ, ବସନ୍ତ ରାଜପୋଷାକରେ ଯୌବନର ସେଇ ହିଲ୍ଲୋଳ ମଧ୍ୟରେ ଆସି ଛିଡ଼ା ହୋଇଯାଏ । ମଳୟ ଝଙ୍କାରରେ ଚିତ୍ତ ଚହଲି ଉଠେ । ତରୁଣତରୁଣୀମାନେ ପହିଲେ ଗୁରୁଜନଙ୍କ ପାଦରେ ଫଗୁ ଦେଇ ପ୍ରଣାମ କରନ୍ତି, ତାପରେ ଫଗୁର ଲାଲ୍ କୁହୁଡ଼ି ଘୋଟିଯାଏ; ତା ମଧ୍ୟରେ ଝାସ ଦିଅନ୍ତି ଯୁବକଯୁବତୀମାନେ, ହସକୌତୁକ, ଆନନ୍ଦ କୋଳାହଳ ମଧ୍ୟରେ । ରାତିରେ ବସନ୍ତ ବିଷୟକ ନୃତ୍ୟନାଟିକା ବିଶେଷତଃ 'ଚିତ୍ରାଙ୍ଗଦା' ଅଭିନୀତ ହୁଏ ।

ବିଶ୍ୱବିଧାତା ମଣିଷକୁ ସହଜ ଜୀବନ ଦେଇ ନାହାନ୍ତି । ତରୁଲତା କେବଳ ତରୁଲତା, ପଶୁପକ୍ଷୀ କେବଳ ପଶୁପକ୍ଷୀ, କିନ୍ତୁ ପ୍ରାଣପଣେ ଚେଷ୍ଟା କରି ଦ୍ୱିପଦ ଜନ୍ତୁକୁ ମଣିଷ ହେବାକୁ ହୁଏ । ଶାନ୍ତିନିକେତନ ଏକ ମଣିଷଗଢ଼ା ଅନୁଷ୍ଠାନ । ଛାତ୍ରମାନଙ୍କ ଆଭ୍ୟନ୍ତରୀଣ ଜୀବନ ଗଠନ ଲାଗି ରବୀନ୍ଦ୍ରଙ୍କ ମନରେ କି ଆଦର୍ଶ ଥିଲା ସେ ତାଙ୍କର ଏକ ବକ୍ତୃତାରେ ସୂଚାଇଛନ୍ତି, "ମାଣବକଗଣ, ଜୋତା ପିନ୍ଧି କେହି କେବେ ବଡ଼ ହୁଏ ନାହିଁ । ବଶିଷ୍ଠାଦି ବ୍ରାହ୍ମଣମାନଙ୍କୁ ବିନା ଜୋତାରେ ଛିଡ଼ା କରି ଦେଲେ ବି ପୃଥିବୀର ରାଜଚକ୍ରବର୍ତ୍ତୀ ସେମାନଙ୍କ ପାଦ ତଳେ ମୁଣ୍ଡ ନୁଆଁଇବ ।"

ଶାନ୍ତିନିକେତନ ପ୍ରାଚୀନ ଭାରତୀୟ ଆଦର୍ଶର ମୂର୍ତ୍ତିମନ୍ତ ବିଗ୍ରହ । ରବୀନ୍ଦ୍ର ଶାନ୍ତିନିକେତନ ଜରିଆରେ ଭାରତୀୟ ଗୌରବର ପୁନରୁଦ୍ଧାର ଚାହୁଁଥିଲେ, ଅନୁକରଣରେ କେହି କେବେ ବଡ଼ ହୁଏ ନାହିଁ । କଳା, ସଙ୍ଗୀତ, ସାହିତ୍ୟ ଓ ଜୀବନର ପ୍ରତ୍ୟେକ ବିଭାବରେ ନିଜସ୍ୱ ମୌଳିକତା ଦେଖାଇବାକୁ ହେବ । ବିଶ୍ୱଭାରତୀ କଣ୍ଠରେ ମୁଁ ଏଇଆ କହିବାକୁ ଚାହେଁ ଯେ ଭାରତର ସତ୍ୟସମ୍ପଦ ନଷ୍ଟ ହୋଇନାହିଁ । ଏ କଥା ଯଦି ଠିକ୍, ତେବେ ସତ୍ୟର ଦାୟିତ୍ୱ ମାନି ନେବାକୁ ହେବ । ଧନବନ୍ତର ଧନ ଧନୀର ଏକମାତ୍ର ନିଜସ୍ୱ ହୋଇପାରେ, କିନ୍ତୁ ସତ୍ୟବନ୍ତର ସତ୍ୟ ସମଗ୍ର ବିଶ୍ୱର । ସତ୍ୟଲାଭ ମଧ୍ୟରେ ହିଁ ତାର ନିମନ୍ତ୍ରଣପତ୍ର ନିହିତ । ଯେଉଁତେବେଳେ ଋଷିମାନେ ବୁଝିଲେ, 'ବେଦାହମେତଂ' 'ମୁଁ ତାଙ୍କୁ ଜାଣେ', ସେତେବେଳେ ସେମାନେ ଆହ୍ୱାନ କଲେ—ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ— ତୁମେ ସମସ୍ତେ ଅମୃତର ସନ୍ତାନ, ତୁମେମାନେ ଶୁଣ । ବିଶ୍ୱଲାଗି ଭାରତର ଯେଉଁ ବାଣୀ ମୁଁ ତାକୁ କହେ ବିଶ୍ୱଭାରତୀ, ସେଇ ବାଣୀର ମର୍ମ କର୍ମରେ ହୃଦୟଙ୍ଗମ କରିବା ଲାଗି ବିଶ୍ୱ ଜଗତକୁ ବିଶ୍ୱଭାରତୀର ନିମନ୍ତ୍ରଣ । ମନୁଷ୍ୟର ଇତିହାସରେ

ଯାହା କିଛି ଭଲ ତାହା ସଙ୍ଗେ ଆନନ୍ଦମୟ ପରିଚୟ ସାଧନ କରାଇବା ଶାନ୍ତିନିକେତନୀୟ ଶିକ୍ଷାର ମହତ୍ତ୍ୱ ।'

'ବୈରାଗ୍ୟ ସାଧନେ ମୁକ୍ତି ସେ ଆମାର ନହେ' ଜଗତକୁ କେବଳ ଏହି ବାଣୀ ଶୁଣାଇ ରବୀନ୍ଦ୍ର ସନ୍ତୁଷ୍ଟ ହୋଇ ନ ଥିଲେ; ସେ ତାକୁ କରଣିରେ ଫୁଟାଇ ଥିଲେ । ଆଶ୍ରମଜୀବନକୁ ସରସ ସୁନ୍ଦର କରିବା ଲାଗି ସେ ନବ ନବ ଉତ୍ସବ ପ୍ରବର୍ତ୍ତନ କରିଥିଲେ; ସୌନ୍ଦର୍ଯ୍ୟ ପ୍ରତି ରୁଚି ଓ ଭକ୍ତିରେ ଶୁଚିତା ଏହି ପର୍ବମାନଙ୍କରେ ଲକ୍ଷ୍ୟଣୀୟ । ବୃକ୍ଷରୋପଣକୁ ଉଦାହରଣ ସ୍ୱରୂପ ନିଆଯାଇ ପାରେ ।

କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ ଲାଗି ପୃଥିବୀରେ ବୃକ୍ଷର ଅସ୍ତିତ୍ୱ । ରୋପଣଉତ୍ସବରେ ଏହି ପଞ୍ଚଭୂତଙ୍କୁ ଆହ୍ୱାନ କରି ସେମାନଙ୍କ ସ୍ନେହଧାରାରେ ବୃକ୍ଷକୁ ପ୍ରାଣବନ୍ତ କରାଯାଏ । ତାଳପତ୍ର ଛତା ପୁଷ୍ପମାଲ୍ୟରେ ବିଭୂଷିତ—ବୃକ୍ଷରାଜ ପଟୁଆରରେ ସଭାମଣ୍ଡପକୁ ବିଜେ କରନ୍ତି । ବାଜା ବାଜେ; ପୁଷ୍ପମୟୀ କିଶୋରୀ ତରୁଣୀମାନେ ନୃତ୍ୟ କରନ୍ତି । ବିଚିତ୍ର ବେଶବିନ୍ୟାସରେ ପଞ୍ଚଭୂତ ମଞ୍ଚ ଉପରେ ଉପବେଶନ କରନ୍ତି—

କ୍ଷିତି ପ୍ରତି—ବକ୍ଷେର ଧନ, ହେ ଧରଣୀ, ଧରୋ
ଫିରେ ନିୟେ ତବ ବକ୍ଷେ
ଶୁଭ ଦିନେ ଏରେ ଦୀକ୍ଷିତ କରୋ
ଆମାଦେର ଚିର ସଖ୍ୟେ ।

ଅପ୍ ପ୍ରତି— ହେ ମେଘ, ଇନ୍ଦ୍ରେର ଭେରୀ
ବାଜାଓ ଗମ୍ଭୀର ମନ୍ଦ୍ର ସ୍ୱନେ
ମେଦୁର ଅମ୍ବର ତଳେ
ଆନନ୍ଦିତ ପ୍ରାଣେର ସ୍ପନ୍ଦନେ
ଜାଗୁକ୍ ଏ ଶିଶୁ ବୃକ୍ଷ ।

ତେଜ ପ୍ରତି—ସୃଷ୍ଟିର ପ୍ରଥମବାଣୀ
ତୁମି ହେ ଆଲୋକ
ଏ ନବ ତରୁତେ ତବ
ଶୁଭ ଦୃଷ୍ଟି ହୋକ୍ ।

ମରୁତ ପ୍ରତି—ହେ ପବନ, କରନାଇ ଗୌଣ
ଆଷାଢ଼େ ବେଜେଛେ ତବ ବଂଶୀ
ତାପିତ ନିକୁଞ୍ଜେର ମୌନ
ନିଃଶ୍ୱାସେ ଦିଲେ ତୁମି ଧ୍ୱଂସି
ଏ ତରୁ ଖେଲିବେ ତବ ସଙ୍ଗେ
ସଙ୍ଗୀତ ଦିଓ ଏରେ ଭିକ୍ଷା
ଦିଓ ତବ ଛନ୍ଦେର ରଙ୍ଗେ
ପଲ୍ଲବ ହିଲ୍ଲୋଲ ଶିକ୍ଷା ।

ଆକାଶ ପ୍ରତି—ଆକାଶ, ତୋମାର ସହାସ ଉଦାର ଦୃଷ୍ଟି
ମାଟିର ଗଭୀରେ ଜାଗାୟେ ରୂପେର ସୃଷ୍ଟି
ତରୁ ତରୁଣେର କରୁଣାୟ କର ଧନ୍ୟ
ଦେବତାର ସ୍ନେହ ପାୟ ଯେନ ଏଇ ବନ୍ୟ ।

ବସନ୍ତଉତ୍ସବ ପରି 'ବର୍ଷାମଙ୍ଗଳ' ମଧ୍ୟ ଚିତ୍ତଉଦ୍ଦୀପକ । ପ୍ରଚଣ୍ଡ ଘୂର୍ଣ୍ଣୀ ବା ଗ୍ରୀଷ୍ମ ଆଉ ନାହିଁ । ତୋରଣେ ତୋରଣେ ମାଳତୀ, ଇତସ୍ତତଃ କଦମ୍ବ ପ୍ରସ୍ଫୁଟିତ ; ଚତୁର୍ଦ୍ଦିଗରେ ଶ୍ୟାମଳ ଶାନ୍ତି । ମେଘର ଡମ୍ବରୁ ନାଦ ଓ ତଡ଼ିତ୍‌ଛଟା ମଧ୍ୟରେ 'ଗୌରପ୍ରାଙ୍ଗଣ'ରେ 'ବର୍ଷାମଙ୍ଗଳ' ଉତ୍ସବର ଅୟମାରମ୍ଭ ହେଲା—

ଏଇ ଆସେ ଏଇ ଅତି ଭୈରବ ହରଷେ
ଜଳ ସିଞ୍ଚିତ କ୍ଷିତି ସୌରଭ ରଭସେ
ଘନ ଗୌରବେ ନବ ଯୌବନା ବରଷା.........

'ବର୍ଷା' ଭାରତର ଜୀବନରତୁ—ଏହା ପ୍ରାଣକୁ ଚଞ୍ଚଳ କରେ, କବିତାରେ ଝଙ୍କୃତ କରେ । ଭାରତୀୟ କବି ବର୍ଷା ବର୍ଣ୍ଣନାରେ ଚିରକାଳ ତାର ଲଗାମ୍ ଛାଡ଼ି ଦେଇଛି । ରବୀନ୍ଦ୍ର ସେଇ ପରମ୍ପରାର ସୁଦୃଢ଼ ପୋଷକ । ବର୍ଷାକୁ ପ୍ରାଣେ ପ୍ରାଣେ ଅନୁଭବ କରେଇବା ଲାଗି ତାଙ୍କର ବର୍ଷାମଙ୍ଗଳ ଉତ୍ସବର ଆୟୋଜନ । ବସନ୍ତ ପରି ବର୍ଷା ମଧ୍ୟ ତରୁଣତରୁଣୀଙ୍କ ଆଦରଣୀୟ ଅତିଥି । ବର୍ଷା ପରି କିଏ ଆଉ ଅକୁଣ୍ଠ ଭାବରେ ନିଜକୁ ଅଜାଡ଼ି ଦେଇ ପାରିବ ? ଝରଣା ପରି କିଏ ଆଉ ଆବେଗ ଉଚ୍ଛ୍ୱାସରେ ପ୍ରାଣ ଝରାଇ ଦେଇ ପାରିବ ? ବନ୍ୟାପରି ସମସ୍ତ ଗତାନୁଗତିକତାର ବନ୍ଧନ ଛିଣ୍ଡାଇ କିଏ ଆଉ ମାଡ଼ିଯିବ ? ତରୁଣତରୁଣୀଙ୍କ ଆନନ୍ଦୋଚ୍ଛ୍ୱାସ ହିଁ ଏହି ଉତ୍ସବକୁ ପ୍ରାଣରେ ସଜୀବ ଓ ଲୀଳାମୟ କରେ । ସୃଷ୍ଟିର ନୂତନ ଦୃଷ୍ଟି ଫିଟାଇବାରେ ବର୍ଷାମଙ୍ଗଳ ଅଳ୍ପ ମଙ୍ଗଳ କରେନାହିଁ ।

'ହଳକର୍ଷଣ' ଶ୍ରୀନିକେତନର ଗୋଟିଏ ଉତ୍ସବ—ମୁଁ ଏଥିରେ ଯୋଗ ଦିଏ । ଏହାର ପୂର୍ବବର୍ତ୍ତୀ ନାମ ଥିଲା 'ସୀତା ଯଜ୍ଞ' । ଶିଳ୍ପ ସହିତ କୃଷି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ନ ହେଲେ କୌଣସି ଦେଶର କଲ୍ୟାଣ ନ ହୋଇପାରେ । ଶିଳ୍ପର କ୍ଷେତ୍ର ଶ୍ରୀନିକେତନ । କିନ୍ତୁ ଗୋପାଳନ ତାର ଅନ୍ୟ ଏକ ଆଭିମୁଖ୍ୟ । କୃଷକ, କୃଷି ଓ ଶିଳ୍ପ ଏଇ ତ୍ରିଧାରାରେ କବି ସ୍ୱାଧୀନ ଭାରତର ଭବିଷ୍ୟତ ଚିନ୍ତା କରୁଥିଲେ ।

ସୁସଜ୍ଜିତ, ମାଲ୍ୟଭୂଷିତ ସୁସ୍ଥ ବଳିବର୍ଦ୍ଦ ଦୁଇଟିକୁ କଦଳୀ ପତ୍ରରେ ପ୍ରଚୁର ପରିମାଣରେ ବତୁରା ବୁଟ ଓ ଗୁଡ଼ ଖାଇବାକୁ ଦିଆ ହେଉଥିଲା । ତା ପରେ ରବୀନ୍ଦ୍ରଙ୍କ ବାଣୀପାଠ, ପ୍ରାର୍ଥନା ଓ କୃଷିବିଷୟକ ସଙ୍ଗୀତ ମଧ୍ୟରେ କୌଣସି ବିଶିଷ୍ଟ ବ୍ୟକ୍ତି ହଳକର୍ଷଣ କରନ୍ତି ।

ମେଳା ଶାନ୍ତିନିକେତନରେ ସବୁଠାରୁ ବଡ଼ ପର୍ବ । ସବୁ ମେଳଣ ପରି ଏଥିରେ ଭିଡ଼, ଧୂଳି, ଯାତ୍ରା, ବାଣ । ତେବେ ଏହା ଅଧିକ ଶୃଙ୍ଖଳିତ । ମହର୍ଷି ଦେବେନ୍ଦ୍ରନାଥ ଟ୍ରଷ୍ଟି ବୋର୍ଡ଼ ଗଠନ କରି ମେଳା ସଂପର୍କରେ ନିର୍ଦ୍ଦେଶ ଦେଇ ଯାଇଛନ୍ତି—

ଶାନ୍ତିନିକେତନ ସ୍ୱପ୍ନ ଓ ବାସ୍ତବର ମିଳନଭୂମି ; ତପସ୍ୟା ତାର ଆଦର୍ଶ, ବିଜ୍ଞାନଧାରା ଓ ଆଧୁନିକତା ତାର ଦୀକ୍ଷା । ଉଭୟର ମଣିକାଞ୍ଚନ ସଂଯୋଗରେ

ଗଢ଼ା ଶାନ୍ତିନିକେତନର ଜୀବନ । ଶାନ୍ତି ତାର ମନ୍ତ୍ର, ବିଶ୍ୱମୈତ୍ରୀ ତାର ଧ୍ୟାନ । ରବୀନ୍ଦ୍ରନାଥ ମହାକାବ୍ୟ ଲେଖି ନାହାନ୍ତି । ଶାନ୍ତିନିକେତନ ହିଁ ମହାକବିର ମହାକର୍ମ—ମହାକାବ୍ୟ । ସେଇ କାବ୍ୟଭବରେ ସ୍ୱପ୍ନାଚ୍ଛନ୍ନ ହୋଇଗଲା ମୋର ଜୀବନ ।

## ଜୀବନର ଜଣେ ବନ୍ଧାଣି

ମୋତେ ଶାନ୍ତିନିକେତନରେ ଏକୁଟିଆ ରଖି ଚିତ୍ତରଞ୍ଜନ ଡେନ୍‌ମାର୍କ ଯାତ୍ରା କଲେ । ତା ପୂର୍ବରୁ ଷୋଡ଼ଶ ଶତାବ୍ଦୀରେ ପଦ୍ୟରେ ରଚିତ ବଳରାମ ଦାସଙ୍କ 'ଭଗବତ୍‌ଗୀତା' ସଂକଳନ କରିଥିଲେ । 'ଓଡ଼ିଶାର ମହିମାଧର୍ମ', 'ଅଚ୍ୟୁତାନନ୍ଦ ଓ ପଞ୍ଚସଖା' ଏଇ ଦୁଇଖଣ୍ଡି ଗବେଷଣାମୂଳକ ପୁସ୍ତକ ଲେଖି ପାଣ୍ଡୁଲିପି ବିଦ୍ୟାଭବନର ଅଧ୍ୟକ୍ଷ ଡକ୍‌ଟର ପ୍ରବୋଧଚନ୍ଦ୍ର ବାଗ୍‌ଚିଙ୍କୁ ଦେଇ ଯାଇଥିଲେ । ଡ଼: ବାଗଚି ଜଣେ ସଂସ୍କୃତିପ୍ରେମୀ ବ୍ୟକ୍ତି, ବିଶ୍ୱଭାରତୀରେ ଓଡ଼ିଆ ସାହିତ୍ୟ ଗବେଷଣାର ପୁନାଦି ପକାଇଲେ ସେ । ସାଂସ୍କୃତିକ କ୍ଷେତ୍ରରେ ଜଣେ ବିଶ୍ୱବିଖ୍ୟାତ ବ୍ୟକ୍ତି, କିନ୍ତୁ ତାଙ୍କର ବିଦ୍ୟାର ବଡ଼ିମା ନ ଥିଲା । ମର୍ମେ ମର୍ମେ ମୋର ଓ ଓଡ଼ିଆ ସାହିତ୍ୟର ଉନ୍ନତି କାମନା କରୁଥିଲେ ସେ ।

ପହିଲେ ସେ ଇଂରାଜୀରେ ଗୋଟିଏ ପ୍ରବନ୍ଧ ଲେଖି ଆଣିବା ଲାଗି ମୋତେ ବରାଦ୍ ଦେଲେ । ମୁଁ ଯାହା ଲେଖି ଆଣିଲି ତାକୁ ପଢ଼ି ବିସ୍ମୟରେ ମୋ ମୁହଁକୁ ଗ୍ଭହିଁଲେ—ଏ କଣ କବିତା ? ଗୋଟିଏ ଗଦ୍ୟପ୍ରବନ୍ଧରେ ଏତେ ଅଳଙ୍କରଣ କାହିଁକି ? ଆବେଗ, ଉଚ୍ଛ୍ୱାସ ଗବେଷଣାରେ ଏକ ଦୁର୍ବଳତା । ଗବେଷକ କବି ହେଲେ ଚଳେନାହିଁ ; ବହୁପାଠୀ ଓ ଜ୍ଞାନୀ ହେବା ଆବଶ୍ୟକ । ସତ୍ୟାନୁସନ୍ଧାନ ଗବେଷକର ଧର୍ମ, ତାର ଉକ୍ତି ଯୁକ୍ତି ଓ ପ୍ରମାଣ ଦ୍ୱାରା ସମର୍ଥିତ ହେବା ଆବଶ୍ୟକ । ତୁମେ ଗଦ୍ୟରେ କବିତା ହିଁ ଲେଖିଛ । ଯାଅ ଓଡ଼ିଆ ଲୋକସାହିତ୍ୟ ସମ୍ବନ୍ଧରେ ଗୋଟିଏ ବହି ଲେଖି ଆଣ ।

ଦୁଇ ଗ୍ଭରିଦିନ ଭାବି ବସିଲି—କାହିଁକି ଶାନ୍ତିନିକେତନ ଆସିଲି ? ଯାହି ଦିପଦ କବିତା ମନଆନନ୍ଦରେ ଲେଖିଲେ ତ ଚଳି ଯାଉଥିଲା । ଏବେ ଅଜ୍ଞାନ ତିମିରରେ ଅନ୍ଧ ଅଣ୍ଡାଳି ହେଲା ପରି ଲାଗୁଛି । କି ଗବେଷଣା କରିବି ? ଇଂରାଜୀରେ ପ୍ରବନ୍ଧଟିଏ ତ ଲେଖି ଆସୁ ନାହିଁ, ବହି ଲେଖିବି କିପରି ? ଯାହାକୁ ଖେଳଣାଟିଏ ତିଆରି କରି ଆସୁ ନାହିଁ, ତାକୁ କୋଣାର୍କ ଗଢ଼ିବାର ଦାୟିତ୍ୱ ଦେଲା ପରି ହେଲା ଏ ।

ସେ ଯାହାହେଉ, ଏକମନରେ ଈଶ୍ୱରଙ୍କୁ ଡ଼ାକିଲି, ପିଲାଦିନୁଁ ଆମ ଗାଉଁଲୀ ଜୀବନ, ଗୀତି, କଥା, କିଂବଦନ୍ତୀ ବିଷୟରେ ଯାହା ଜାଣିଥିଲି ଲେଖିଗଲି । ସେଇ ହେଲା—A Study of Orissan Folklore (ପ୍ରକାଶକାଳ—୧୯୫୬)। ଏ ପୁସ୍ତକ ସମ୍ପର୍କରେ ଯେଉଁ ଉଚ୍ଚାଙ୍ଗ ଅଭିମତ ଆମେରିକା ଓ ଇଉରୋପର ଗବେଷଣାମୂଳକ ପତ୍ରିକାମାନଙ୍କରେ ପ୍ରକାଶ ପାଇଥିଲା, ତାହା ପରିଶିଷ୍ଟରେ ଉଦ୍ଧୃତ ହୋଇଅଛି ।

ଡକ୍‌ଟର ବାଗ୍‌ଚି କହିଥିଲେ—ଓଡ଼ିଆରେ ତ ବହୁତ ବହି ଲେଖିଛ, କିନ୍ତୁ ଇଂରାଜୀ ବହି କେବଳ ତୁମକୁ ଭାରତରେ ଓ ଭାରତ ବାହାରେ ପରିଚିତ କରାଇବ ।

ତାଙ୍କ ଉକ୍ତିର ସତ୍ୟତା ଅନୁଭବ କଲି ଆମେରିକାର ହ୍ୱାନିବାଲ୍ ସହରରେ, ଯେତେବେଳେ ଗ୍ରନ୍ଥାଗାରିକ ଗ୍ରନ୍ଥାଗାର ବୁଲାଉ, ବୁଲାଉ ମୋ ପୁସ୍ତକଟି ମୋତେ ଦେଖାଇ ଦେଲେ । ପୁଣି ଏହି ପୁସ୍ତକ ଯୋଗୁଁ ନିଖିଳ ଭାରତୀୟ ଲୋକସଂସ୍କୃତି ସମ୍ମେଳନରେ ଦୁଇଥର ସଭାପତି ହେବାର ସୁଯୋଗ ପାଇଥିଲି । ଡକ୍‌ଟର ବାଗ୍‌ଚି ଓଡ଼ିଆ ଲୋକସାହିତ୍ୟସଂଗ୍ରହର ଜଣେ ଉତ୍ସାହଦାତା ; ଗବେଷଣା ଦିଗକୁ ମୋ ଜୀବନର ମୋଡ଼ ବୁଲାଇବାରେ ଜଣେ ବିଧାତା ।

## ଜଣେ ଯାଯାବର ଭିକ୍ଷୁ

ଗାନ୍ଧିଜୀଙ୍କ ଦାଣ୍ଡିଯାତ୍ରା ନୁହେଁ, ବିନୋବାଜୀଙ୍କ ଭୂଦାନ ସଂଗ୍ରହ ଯାତ୍ରା ନୁହେଁ, ରାଜାର ଦିଗ୍‌ବିଜୟଯାତ୍ରା ନୁହେଁ, ତଥାପି ଏହା ଏକ ଅଭିନବ ଯାତ୍ରା, ଜଣେ ସାହିତ୍ୟପ୍ରେମୀର । କାନ୍ଧରେ ତାର ଝୁଲାମୁଣି, ମର୍ମରେ ତାର ଚିରନ୍ତନ ସଂସ୍କୃତିର ସଙ୍ଗୀତ, ନବ ଧର୍ମପ୍ରବର୍ତ୍ତକର ଉନ୍ମାଦନା, ଚେତନାର ଏକ ତଡ଼ିତ୍ ପ୍ରବାହ, ପ୍ରେମିକର ସଂସାରଭୁଲା ଭାବ ଓ ତୋଫାନୀ ସ୍ପନ୍ଦନ ଘେନି ମୁଁ ବାହାରି ପଡ଼ିଲି ଜଡ଼ୀଭୂତା ଅହଲ୍ୟା ଉଦ୍ଧାରରେ । ଗ୍ରାମରୁ ଗ୍ରାମାନ୍ତର ମୋର ପଦଯାତ୍ରା, ମୋ ଜାତିର ସଂସ୍କୃତିର ଗଙ୍ଗୋତ୍ରୀ ଆବିଷ୍କାର ଲାଗି; ମୋ ଜାତିର ଜୀବନ କେତେ ବିସ୍ତୃତ, ତାର ରସର ଧାର କେତେ ଗଭୀର, ତାର ପ୍ରାଣପ୍ରାଚୁର୍ଯ୍ୟ କେତେ ଦିଗ ଦିଗନ୍ତବ୍ୟାପୀ, ତାର ଅନୁଭବ କେତେ ସୂକ୍ଷ୍ମ, ତାର ମାନବିକତା କେତେ ସ୍ୱଚ୍ଛନ୍ଦ, ତାର ଅନ୍ତର୍ଲୋକ କେତେ ଉଜ୍ଜ୍ୱଳ, ହୃଦୟଙ୍ଗମ କଲି । ମୁଁ ବୁଲିଥିଲି ମୟୂରଭଞ୍ଜର ଖିଚିଂ, ମେଘାସନ କପ୍ତିପଦା, ସମ୍ବଲପୁରର ବରଗଡ଼, ବରପାଲୀ, ଭଟଲୀ, ଲଇଡ଼ା, କେଉଁଝରର ଭୂୟାଁପୀଢ଼, ଖଣ୍ଡାଧାର, ଯୋଡ଼ା, ତାରିଣୀ, ରାବଣଛାୟା ଭିତ୍ତିଚିତ୍ରିତ ପର୍ବତ ଓ ଅରଣ୍ୟଗ୍ରାମ, ଗୋନାସିକା, ବୈତରଣୀର ଆଦ୍ୟଧାର ଯହିଁରୁ ପ୍ରବାହିତ, ଗନ୍ଧମାର୍ଦନ ପର୍ବତପଲ୍ଲୀ, ବଲାଙ୍ଗୀରର ହରିଶଙ୍କର ପ୍ରପାତ, ପୁରୁଣା-ପାଟଣା, କଳାହାଣ୍ଡିର 'ରାବଣ ଦର' ପ୍ରପାତ ଓ ଭବାନୀ ପାଟଣା ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ, ସୁନ୍ଦରଗଡ଼, 'ଶଙ୍ଖ' 'କୋଇଲି' ନଦୀର ତୀରେ ତୀରେ, ଢେଙ୍କାନାଳର 'ଦେ ଗାଁ', କପିଳାସ ଓ ଜୋରନ୍ଦା, ନୟାଗଡ଼, ଖଣ୍ଡପଡ଼ା, ବାମଣ୍ଡାର କଇଦନ୍ତା ପାହାଡ଼, ପ୍ରଧାନପାଟ ପ୍ରପାତ ଓ କୁଚିଣ୍ଡାର ଅରଣ୍ୟେ ଅରଣ୍ୟେ, ବଡ଼ମ୍ବାର ସିଂହନାଥ, ଚାଙ୍ଗୀର ଅଂଶୁପା କୂଳେକୂଳେ, କୋରାପୁଟର ଡୁଡୁମା, ବାଗ୍ରା, ନାଗାବଳୀ, ମାଛକୁଣ୍ଡ ନଦୀର ଧାରେ ଧାରେ, ମଞ୍ଜୁଷାର ମହେନ୍ଦ୍ରଗିରି, ସିଂହଭୂମ୍‌ର ପୋଡ଼ାହାଟ, ଖରସୁଆଁଗଡ଼, ଷଢ଼େଇକଳାର ଖଡ଼କେଇ ନଦୀ କୂଳେ କୂଳେ, ବାଲେଶ୍ୱରର ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଭଦ୍ରିପୁର ସମୁଦ୍ର, ସପ୍ତନଦୀ ସମନ୍ୱିତ ଧାମରା, ସାତଭାୟା ଓ କାଳିଭଞ୍ଜ ଡ଼ିହା, କନିକା ଓ ଆଳିର ଗ୍ରାମେ ଗ୍ରାମେ ।

ଗଞ୍ଜାମର ଭଉଗଡ଼, ବୁଦ୍ଧଖୋଲ, ଭଞ୍ଜନଗର ଓ ସୋରଡ଼ାର କୃତ୍ରିମ ହ୍ରଦ, ବଡ଼ନଦୀ ଓ ଋଷିକୁଲ୍ୟାର ଧାରେ ଧାରେ, ମେଦିନୀପୁରର ଦୀଘା, ଦୀପାଲ୍, ଝାଡ଼ଗ୍ରାମ, ପୁରୀର ସାକ୍ଷୀଗୋପାଳ, ଖୋର୍ଦ୍ଧା, ବାଣପୁର, ପାରିକୁଦ, ଚିଲିକାର ତୀରବର୍ତ୍ତୀ ପଲ୍ଲୀ, କୋଣାର୍କ ଓ କାକଟପୁର ଅଞ୍ଚଳରେ ଘୂରିଥିଲି ଏକ ଘୂର୍ଣ୍ଣୀ ପରି । ହଜି ଯାଉଥିବା ଜାତିର ଅମୂଲ୍ୟନିଧିକୁ ସାଉଁଟିଆଣି ସାଇତିବାକୁ ହେବ—ଏହା କର୍ତ୍ତବ୍ୟବୋଧ ଓ ମନରେ ଏକ ଐଶ୍ୱରିକ ପ୍ରେରଣା ।

ଜାତୀୟ ସଂସ୍କୃତିର ମୂଳଦୁଆ, ଓଡ଼ିଆ କବିର ଆଦ୍ୟ ଓଙ୍କାର, ନିରକ୍ଷରର ରସପ୍ରେରଣା, ଜୀବନଝଡ଼ର ବହୁ ଝଙ୍କାର, ତିମିରର ହାହାକାର ଓ ଚନ୍ଦ୍ରିକାର ସ୍ପନ୍ଦନ, ଯୁଗଯୁଗବ୍ୟାପୀ ଲୋକସଂଗ୍ରାମର ଇତିହାସ, ଉତ୍‌ଥାନ ପତନ,—ଓଡ଼ିଆର ଶ୍ରୁତିସାହିତ୍ୟ—ଯାଯାବର ସାହିତ୍ୟ—ଜୀବନସାହିତ୍ୟ ସେ । ନିରଟ ବାସ୍ତବତାରେ ପହଞ୍ଚିବାକୁ ବିଦଗ୍‌ଧସାହିତ୍ୟକୁ କେତେ ଶତାବ୍ଦୀ ଲାଗି ଯାଇଥିଲା; କିନ୍ତୁ ଲୋକସାହିତ୍ୟର ଜନ୍ମ ସଙ୍ଗେ ସଙ୍ଗେ ପ୍ରକୃତ ବାସ୍ତବତାହିଁ ଜନ୍ମଲାଭ କରିଥିଲା; ତା ଦେହର ଆତ୍ମା ପରି । ପ୍ରଥମ ସୃଷ୍ଟିରେ ହିଁ ଜୀବନ ଓ ସାହିତ୍ୟ ଏକ ବିନ୍ଦୁରେ ମିଳି ଯାଇଥିଲା ।

ଏଇ ଯାଯାବର ଯାତ୍ରାରେ ମୋର ଝୁଲାମୁଣି ପୂର୍ଣ୍ଣ ହୋଇଥିଲା । ଲୋକ ନାଟ୍ୟରେ— ନାଟ୍ୟ ଯହିଁରେ ପୂର୍ଣ୍ଣାଙ୍ଗ ନାଟକ ନାହିଁ, ସଂଳାପ ବିରଳ, ଗୀତ ପ୍ରଚୁର, ନୃତ୍ୟ ବହୁଳ, ଅଙ୍କ ବା ଦୃଶ୍ୟର ବିଭାଜନ ନାହିଁ, ନାଟକୀୟ ଉତ୍‌କଣ୍ଠା ନାହିଁ, ଉତ୍‌କର୍ଷ ନାହିଁ; ତଥାପି ଏସବୁ ନାଟ୍ୟର ବିବିଧ ଚେଷ୍ଟା—ପାଲା, ପାଟୁଆ, ଦାସକାଠିଆ, ଚଇତୀଘୋଡ଼ା, ମୋଗଲ ତାମ୍‌ସ, ଛଉନାଟ, କରମା ନାଟ, ଦଣ୍ଡ ନାଟ, ସଖୀ ନାଟ, ଘୁମୁରା ନାଟ, ଗୁଙ୍ଗୁ ନାଟ, ଧୋବା ନାଟ, ଲୀଳା, ଯାତ୍ରା ।

ସୁବର୍ଣ୍ଣରେଖାର ସୁବର୍ଣ୍ଣରେଣୁ ପରି ଗୋଟାଇ ଆଣିଥିଲି ଢଗଢମାଳି, ନାଁ ଦିଆ, ଛଟା, ଲୋକଗଳ୍ପ, କିଂବଦନ୍ତୀ । ସଂସ୍କୃତିସମୃଦ୍ଧ ଏ ଜାତି; ସରସ୍ୱତୀଙ୍କର ପଣତ ଲମ୍ବି ପଡ଼ିଥିଲା ପଡ଼ାଗ୍ରାମରୁ ପାହାଡ଼ କିନାରେ, ନଦୀ ଧାରେ ଧାରେ, ଅରଣ୍ୟ କାନ୍ତାରେ ଲୋକସାହିତ୍ୟର ଆସର ଜମିଥିଲା ସର୍ବତ୍ର ।

ଲୋକସାହିତ୍ୟସଂଗ୍ରହ ସୁଯୋଗରେ ଓଡ଼ିଆ ଗାଆଁର ପ୍ରକୃତ ଜୀବନ ସଙ୍ଗେ ମୋର କିଞ୍ଚିତ ପରିଚୟ ହୋଇଥିଲା—ମୋର ଧାରଣା, ଲେଖକ କଲମ ଧରିବା ଆଗରୁ ଓଡ଼ିଶାର ପଲ୍ଲୀ ଗାଆଁ ସହିତ ନିବିଡ଼ଭାବେ ପରିଚିତ ହେବା ଆବଶ୍ୟକ; ଜୀବନକୁ ଭଲଭାବେ ନ ଜାଣି ସାହିତ୍ୟସୃଷ୍ଟି ଏକ ଅପଚେଷ୍ଟା, ଅସାର କଳ୍ପନା ବିଳାସରେ ଅଧିକାଂଶ ଲେଖକ ଜୀବନ ଓ ସମୟ ନଷ୍ଟ କରିଥାନ୍ତି; ଜନସାଧାରଣଙ୍କୁ ସେମାନେ ଭାବନାର ପରିସର ଭିତରକୁ ଆଣନ୍ତିନାହିଁ, ଜନସାଧାରଣ ମଧ୍ୟ ସେମାନଙ୍କୁ ଅନାୟାସରେ ଏଡ଼ି ଦେଇଯାନ୍ତି । ଲୋକସାହିତ୍ୟ ହିଁ ବିଦଗ୍‌ଧ ସାହିତ୍ୟିକର ପହିଲି ପାଠ୍ୟ—ଜନଜୀବନ ଓ ଜନତାର ଭାଷାକୁ ଆୟତ୍ତକୁ ନ ଆଣିଲେ ଲେଖକର ଲେଖା ଲୋକପ୍ରିୟତା ଅର୍ଜନ କରି ପାରେନାହିଁ ।

ଲୋକସାହିତ୍ୟର ମୂଲ୍ୟ ବୁଝନ୍ତୁ ବା ନ ବୁଝନ୍ତୁ ଓଡ଼ିଶାସରକାର ସଂଗ୍ରହ କାର୍ଯ୍ୟରେ ମୋତେ ଆର୍ଥିକ ସାହାଯ୍ୟ ଦେଇଥିଲେ; ବିଶ୍ୱଭାରତୀ ଆବଶ୍ୟକ ଛୁଟି ପ୍ରଦାନ କରିଥିଲେ; କିନ୍ତୁ ଏହାର ଉପାଦେୟତା ସେତେବେଳର ବିଦଗଧସ୍ତରରେ ପ୍ରାୟ ସ୍ୱୀକୃତି ଲାଭ କରି ନ ଥିଲା । ଶତାବ୍ଦୀର ଏକ ଚତୁର୍ଥାଂଶରୁ ଅଧିକ ଏଥିରେ ମୁଁ ବ୍ୟୟ କରିଛି; କେହି କେହି କହନ୍ତି – ଏହା ସମୟ ବିନଷ୍ଟି । କିନ୍ତୁ ସେଇ ସମୟରେ ସୃଷ୍ଟି କରିଥିଲେ ମୁଁ ଅଧିକ ଉପାଦେୟ ରଚନା ସୃଷ୍ଟି କରିପାରି ନ ଥାନ୍ତି । ଲୋକସାହିତ୍ୟ ଓଡ଼ିଆଜାତିକି ବିଶ୍ୱଦରବାରରେ ପରିଚିତ କରାଇଦେଇ ପାରିବ, ଜଗତର କୌଣସି ଲୋକସାହିତ୍ୟ ଓଡ଼ିଆ ଲୋକସାହିତ୍ୟଠାରୁ ସମୃଦ୍ଧତର ନୁହେଁ, ମୋର ଦୃଢ଼ ବିଶ୍ୱାସ; ଓଡ଼ିଆ ଯେତେବେଳେ କାନ୍ଦୁଥିଲା, ତା ଆଖିରୁ ହୁଏତ ଅଶ୍ରୁ ଝରୁଥିଲା, କିନ୍ତୁ କଣ୍ଠରୁ ଝଡ଼ୁଥିଲା ଛନ୍ଦ—ସେସବୁ ଲୋକଗୀତ ।

# ସମାବର୍ତ୍ତନ ଉତ୍ସବ ଓ ମୋର ପିଏଚ୍. ଡ଼ି. ଡ଼ିଗ୍ରୀ ଲାଭ

ଓଡ଼ିଆ ଲୋକସାହିତ୍ୟ ଆଜି ବିଶ୍ୱଭାରତୀ, ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀର ସ୍ୱତନ୍ତ୍ର ବିଷୟ ଭାବେ ଅଧୀତ, ଓଡ଼ିଆ ସାହିତ୍ୟ ଇତିହାସର ଅନ୍ତର୍ଭୁକ୍ତ, ଗୀତିକବିତା, ଗାଥାଗୀତିକା ଓ କାହାଣୀସାହିତ୍ୟର ଆଦ୍ୟ ଅଧ୍ୟାୟ ଭାବେ ଗୃହୀତ । କିନ୍ତୁ ସାରସ୍ୱତ ଦରବାରରେ ଦିନେ ଲୋକସାହିତ୍ୟର ସିଂହାସନ ତ ଦୂରର କଥା, କୌଣସି ଆସନ ହିଁ ନ ଥିଲା । ଏହା ବନଫୁଲ ପରି ବନରେ ଫୁଟି ଝଡ଼ି ଯାଉଥିଲା । ଲୋକସାହିତ୍ୟକୁ ଘେନି ପିଏଚ୍. ଡି. ଡିଗ୍ରୀ ଲାଭ ଏକ କଳ୍ପନାତୀତ ବିଷୟ ଥିଲା । ଓଡ଼ିଶାର ଅଳ୍ପ କିଛି ସଂଗ୍ରହ ମୋ ଆଗରେ ଥିଲା—ମୁଖ୍ୟତଃ ସେସବୁ ଢଗଢମାଳି । ଲୋକସାହିତ୍ୟ ସମ୍ପର୍କରେ ସେଭଳି ଉଲ୍ଲେଖଯୋଗ୍ୟ ଆଲୋଚନାଗ୍ରନ୍ଥ ନ ଥିଲା । ଏଇ ଅବସ୍ଥାରେ ଏକ ବିପୁଳ ସନ୍ଦର୍ଭ ଲେଖିବା ଅବଶ୍ୟ ଏକ ଦୁଃସାହସ । ମହାନ୍ ବିଦଗ୍ଧ ସ୍ତରକୁ ସନ୍ଦର୍ଭ ଉନ୍ନୀତ ହୋଇ ପାରିବ କି ନାହିଁ, ଲେଖିବାବେଳେ ମଧ୍ୟେ ମଧ୍ୟେ ସଂଶୟି ଉପସ୍ଥିତ ହୋଇଛି – ମଝିଗଙ୍ଗରେ ପହଞ୍ଚିଲାପରେ ଗୋଡ଼ ହାତ ଘୋଳି ହେଉଥିବା ନୂଆ ପହଁରାଳୀକୁ ଯେମିତି ଲାଗେ—ଆଗକୁ ଯିବ ନା ପଛକୁ ? ସଂଶୟକୁ ଦବାଇ ନୈରାଶ୍ୟକୁ ଚପାଇ କୌଣସିମତେ ଆଗେଇଛି ।

ସାହାଯ୍ୟକାରୀ ବିଶେଷ ଗ୍ରନ୍ଥ ନ ଥିବା ସ୍ଥଳେ 'ଓଡ଼ିଆ ଲୋକଗୀତ ଓ କାହାଣୀ' ମୋ ପକ୍ଷରେ ଲେଖିବା ସମ୍ଭବ ହେଲା କିପରି ? ଅନୁଭୂତି ହିଁ ମୋତେ ବାଟ ଦେଖାଇଥିଲା । ଗାଉଁଲୀ ବାତାବରଣ ମଧ୍ୟରେ ମୁଁ ଜୀବନ ବିତାଇଥିଲି । ପିଲାଦିନର ମେଳାମଉଛା, ଯାନିଯାତ୍ରା, ପୁଣ୍ୟପର୍ବ ମୁଁ କିଛି ଭୁଲି ନ ଥିଲି । ଥେସିସଲେଖାରେ ଶୈଶବୀୟ ଅନୁଭୂତି ହୋଇଥିଲା ମୋର ମୁଖ୍ୟ ପୁଞ୍ଜି । ସନ୍ଦର୍ଭଟି ଲେଖିବା ଲାଗି ମୋତେ ପୂରା ଦେଢ଼ବର୍ଷ ସମୟ ଲାଗିଥିଲା । ମୋର ପରୀକ୍ଷକ ହୋଇଥିଲେ ପଣ୍ଡିତ ନୀଳକଣ୍ଠ ଦାଶ, ଅଧ୍ୟାପକ ପ୍ରିୟରଞ୍ଜନ ସେନ୍, ପି. ଆର୍. ଏସ୍, ଡକ୍ଟର କରୁଣାକର କର । ସେମାନେ ଥେସିସ୍‌ଟି ଅତି ଉଚ୍ଚସ୍ତରର ବୋଲି ମତ ବ୍ୟକ୍ତ କରିଥିଲେ । ଫଳରେ ବିଶ୍ୱଭାରତୀ'ର କର୍ମସମିତି, (Syndicate) ମୋତେ ମୌଖିକ ପରୀକ୍ଷାରୁ ଅବ୍ୟାହତି ଦେଇଥିଲେ ଓ ଏହାର ଆଶୁ ପ୍ରକାଶ ଲାଗି ବିଶ୍ୱବିଦ୍ୟାଳୟମଞ୍ଜୁରୀକମିସନ୍ ଆର୍ଥିକ ସାହାଯ୍ୟ ଦେଇଥିଲେ । ୧୯୫୪ରେ ଏହା ହୋଇଥିଲା ଓଡ଼ିଶାର ଓ ଓଡ଼ିଆଭାଷାର ପ୍ରଥମ ପ୍ରକାଶିତ ଥେସିସ୍ ।

ପିଏଚ୍. ଡି. ଡିଗ୍ରୀଲାଭ ଆନନ୍ଦରେ ଚିତ୍ତକୁ ମୋର ତୁଳା ପରି ଲଘୁ କରି ଦେଇଥିଲା । ଲୀଳାବିହ୍ୱଳ ବାଳକଟି ପରି ହୃଦୟ ମୋର ନୃତ୍ୟ କରୁଥିଲା । ହଠାତ୍ ଲିଫ୍‌ଟରେ ଅନେକଗୁଡ଼ାଏ ପାହାଚ ଉଠିଗଲି ଯେପରି । ପାଇଗଲି ଯାହା ଅନେକଙ୍କ ପକ୍ଷରେ ଦୁଷ୍ପ୍ରାପ୍ୟ, ଦୁର୍ଲଭ । ସେତେବେଳେ ଏତେ ଲୋକ ଡକ୍‌ଟରେଟ୍ ପାଇ ନ ଥିଲେ ।

ବିଶ୍ୱଭାରତୀର ଆଚାର୍ଯ୍ୟ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କଠାରୁ ମୁଁ ସପ୍ତପର୍ଣ୍ଣୀ ପତ୍ର ଓ ଡିଗ୍ରୀ ଗ୍ରହଣ କରିଥିଲି । ମୋ ଆନନ୍ଦବିହ୍ୱଳତା ମଧ୍ୟରେ ଯେପରି ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା ତାର ବିବରଣୀ ସଂକ୍ଷେପରେ ଦେଲି ।

ସୁପ୍ରସିଦ୍ଧ ଆମ୍ରକୁଞ୍ଜରେ ଉତ୍ସବମଣ୍ଡପ ନିର୍ମିତ ହୋଇଥିଲା । ପାଇଜାମା, ପଞ୍ଜାବୀ ଓ ଉତ୍ସବର ପ୍ରତୀକ ହଳଦିଆ ଚଦର ଖଣ୍ଡିଏ ଲେଖାଁଏ ସମସ୍ତଙ୍କ କାନ୍ଧରେ । ଉପାଚାର୍ଯ୍ୟ, ଅର୍ଥସଚିବ, ସଂସଦ (ସିନେଟ୍) କର୍ମସମିତି (ସିଣ୍ଡିକେଟ) ଓ ଶିକ୍ଷାସମିତି (ଏକାଡେମିକ୍ କାଉନ୍‌ସିଲ)ର ସଭ୍ୟମାନେ ଧାଡ଼ି ବାନ୍ଧି ସଭାମୁଖ୍ୟ, ଆଚାର୍ଯ୍ୟ ଓ ପ୍ରଧାନଙ୍କୁ ଆମ୍ରକୁଞ୍ଜ ଉତ୍ସବକୁ ପାଛୋଟି ନେଇ ଆସିଥିଲେ । ଯେ ଯାହାର ଆସନ ଗ୍ରହଣ କରିଥିଲେ । ତାପରେ ଗୋଟିଏ ବୈଦିକ ସୂକ୍ତ ବୋଲାଯାଇଥିଲା ।

'ତମୀଶ୍ୱରାଣାଂ ପରମଂ ମହେଶ୍ୱରମ୍
ତମ ଦେବତାନାଂ ପରମଞ୍ଚ ଦୈବତମ୍
ପତିଂ ପତୀନାଂ ପରମଂ ପରସ୍ତାଦ୍
ବିଦାମ ଦେବଂ ଭୁବନେଶମିଡ୍ୟମ୍

X X X X

ଏଷ ଦେବ ବିଶ୍ୱକର୍ମା ମହାତ୍ମା
ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ
ହୃଦା ମନୀଷା ମନସାଽଭିକ୍ଲୃପ୍ତୋ
ଯ ଏତଦ୍ ବିଦୁରମୃତାସ୍ତେ ଭବନ୍ତି ।'

ଅର୍ଥାତ୍—ଯେ ଦେବତାଙ୍କର ଦେବତା, ସର୍ବଶ୍ରେଷ୍ଠ ଦେବତା,
ଯେ ଶାସକଙ୍କର ଶାସକ, ସର୍ବଶ୍ରେଷ୍ଠ ଶାସକ,
ଯେ ଜଗତର ନାଥ, ପୃଥିବୀର ପୂଜ୍ୟତମ ଦେବ,
ଯାହାଙ୍କର ସମାନ୍ତର କେହି ନାହିଁ,
ଯାହାଙ୍କଠାରୁ ବଡ଼ କେହି ନାହିଁ,
ଯେ ଅନାଦି, ଯେ ବିଶ୍ୱକର୍ମା ମହାତ୍ମା,
ଯେ ସକଳ ଅନ୍ତରରେ ଆସନ ପାତି ବସିଛନ୍ତି,
ଯାହାଙ୍କୁ ଚିନ୍ତାରେ ମନ ବା ହୃଦୟରେ ନିର୍ମାଣ କରାଯାଏ,
ସେହି ସର୍ବେଶ୍ୱର ଭଗବାନ୍‌ଙ୍କୁ ଯେ ଜାଣେ
ସେ ଅମରତ୍ୱ ଲାଭ କରେ ।

ସୂକ୍ତ ଗାନ ପରେ ସଂସ୍କୃତରେ ଏକ ସଂଳାପିକା ଅଭିନୀତ ହୋଇଥିଲା, ଏଥିରୁ ବିଶ୍ୱଭାରତୀର ଆଦର୍ଶ, ଛାତ୍ରଜୀବନର ମହତ୍ତ୍ୱ ଓ ବିଶ୍ୱ ପ୍ରତି କଲ୍ୟାଣକାମନା ସୂଚିତ ହେଉଥିଲା ।

ଅଧ୍ୟେତା—ତୁମର ବାକ୍ ଶାନ୍ତି ଓ କଲ୍ୟାଣ ବ୍ୟକ୍ତ କରୁ ।

ପ୍ରତିବଚନ—ତଥାସ୍ତୁ । ବିଶ୍ୱ ଜଗତର କଲ୍ୟାଣ ହେଉ ।

ଅଧ୍ୟେତା – ତୁମର ବାକ୍ ବିଶ୍ୱର ଶ୍ରୀ, ସମୃଦ୍ଧି ଓ ସମଗ୍ରତା ବ୍ୟକ୍ତ କରୁ ।

ପ୍ରତିବଚନ— ତଥାସ୍ତୁ । ସମସ୍ତେ ସମୃଦ୍ଧ ହୁଅନ୍ତୁ ।

ଅଧ୍ୟେତା—ବିଶ୍ୱଭାରତୀ—ଏଠି ବିଶ୍ୱ ଗୋଟିଏ ନୀଡ଼ରେ ପ୍ରତିଷ୍ଠିତ । ତାର ଆଦର୍ଶ ଓ ଲକ୍ଷ୍ୟ ଆମେ ବ୍ୟକ୍ତ କରୁଅଛୁ ।

ସତ୍ୟ ଯାହା ବିଶ୍ୱବ୍ୟାପୀ, ବିଶ୍ୱକୁ ଧାରଣ କରେ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଏଇ ଦୁଇ ଧାରାର ସଙ୍ଗମରେ ପ୍ରତିଷ୍ଠିତ, ତାହା ଏକ ଓ ଅଭିନ୍ନ, ଯଦି ବା ବହୁ ବିଭିନ୍ନ ପଥ ସେଇ ଦିଗକୁ ଧାବିତ । ପୃଥିବୀର ଯାତ୍ରୀ ଏଇସବୁ ପଥରେ ସେହି ସତ୍ୟମନ୍ଦିରରେ ଉପନୀତ ହୁଅନ୍ତି ।

ଏଇ ସତ୍ୟ ଗୋଟିଏ ବୋଲି ଗ୍ରହଣ କରିବାରେ ବିଶ୍ୱର ଚିର ଶାନ୍ତି ଓ କଲ୍ୟାଣ ନିର୍ଭରଶୀଳ । ଏହି ବିଶ୍ୱଭାରତୀ ସମକ୍ଷରେ ନମ୍ରନତ, ଏହାର ଗଳାରେ ବହୁ ଦେଶର ବିଦ୍ୟାକୁସୁମରେ ଗ୍ରଥିତ ମାଳା ଆମେ ପିନ୍ଧାଇ ଦେଉଅଛୁ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କର ସତ୍ୟର ଏକନିଷ୍ଠ ପୂଜାହାରୀମାନଙ୍କ ଅଭିନନ୍ଦନ ଲାଗି ଆମର ହସ୍ତ ଚିର ପ୍ରସାରିତ ।

ଚିରକାଳ ବିଶ୍ୱଭାରତୀ ଏହି ଆଦର୍ଶ ଅବଲମ୍ବନ କରୁ ।

ତାପରେ ଧୂପଧୂନା, ପୁଷ୍ପସୁରଭି ମଧ୍ୟରେ ସମାବର୍ତ୍ତନଉତ୍ସବ ଉଦ୍ଦେଶ୍ୟରେ ରଚିତ ରବୀନ୍ଦ୍ରନାଥଙ୍କ ନିମ୍ନଗୀତଟି ବୋଲା ହେଲାବେଳେ ପ୍ରାଣ ରୋମାଞ୍ଚିତ ହୋଇଥିଲା—

‘ବିଶ୍ୱବିଦ୍ୟାତୀର୍ଥ ପ୍ରାଙ୍ଗଣ କର ମହୋଜ୍ଜ୍ୱଳ ଆଜ ହେ
ବରପୁତ୍ର ସଂଘ ବିରାଜ ହେ
ଶୁଭ ଶଙ୍ଖ ବାଜହ ବାଜ ହେ
ଘନ ତିମିର ରାତ୍ରିର ଚିର ପ୍ରତୀକ୍ଷା
ପୂର୍ଣ୍ଣ କର, ଲହ ଜ୍ୟୋତି ଦୀକ୍ଷା
ଯାତ୍ରୀଦଳ ସବ ସାଜ ହେ
ଦିବ୍ୟ ବୀଣା ବାଜ ହେ ।
ଜୟ ଜୟ ନରୋତ୍ତମ, ପୁରୁଷ ସତ୍ତମ
ଜୟ ତପସ୍ୱୀ ରାଜ ହେ ।
ଜୟ ହେ ଜୟ ହେ ଜୟ ହେ ।

ଏସ କର୍ମୀ ଏସ ଜ୍ଞାନୀ
ଏସ ଜନ କଲ୍ୟାଣକାମୀ
ଏସ ହେ ଧୀଶକ୍ତି ସମ୍ପଦ ମୁକ୍ତବନ୍ଧ ସମାଜ ହେ
ବୀର ଧର୍ମେ ପୁଣ୍ୟ କର୍ମେ ବିଶ୍ୱହୃଦୟେ ରାଜ ହେ ।
ଶୁଭ ଶଙ୍ଖ ବାଜହ ବାଜ ହେ ।
ଜୟ ଜୟ ନରୋତ୍ତମ, ପୁରୁଷସତ୍ତମ
ଜୟ ତପସ୍ୱୀରାଜ ହେ ।

ତାପରେ ବିଦ୍ୟାଭବନ (ସ୍ନାତକୋତ୍ତର ବିଭାଗ), ଶିକ୍ଷାଭବନ (କଲେଜ) ବିନୟ-ଭବନ (ଟ୍ରେନିଂ କଲେଜ) କଳାଭବନ, ସଙ୍ଗୀତଭବନ ଓ ପଲ୍ଲୀସଂଗଠନ ବିଭାଗର ଅଧ୍ୟକ୍ଷମାନେ ଏହିଭାବେ ସ୍ନାତକମାନଙ୍କୁ ମଞ୍ଚରେ ଉପସ୍ଥାପନ କଲେ—

ମାନନୀୟ ଆଚାର୍ଯ୍ୟଦେବ,

ବିଶ୍ୱଭାରତୀ....ଭବନର ନିମ୍ନୋକ୍ତ ଛାତ୍ରଛାତ୍ରୀମାନେ ଯଥାନିଦ୍ଦିଷ୍ଟ ଅଧ୍ୟୟନ ସମାପ୍ତ କରି ବିଶ୍ୱଭାରତୀର...ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉପାଧି/ଅଭିଜ୍ଞାନ ପତ୍ର/ ନିଦର୍ଶନପତ୍ରଲାଭର ଅଧିକାରୀ ହୋଇଅଛନ୍ତି । ଏହି ସ୍ନାତକମାନଙ୍କୁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରୁଅଛି । ଆପଣ ବିଶ୍ୱଭାରତୀର ବିଧାନ ଅନୁସାରେ ଉପାଧି/ଅଭିଜ୍ଞାନ ପତ୍ର/ନିଦର୍ଶନ ପତ୍ରଦାନ ଓ ଆଶୀର୍ବାଦ କରି ଏମାନଙ୍କୁ ସମାବୃତ୍ତ ହେବାର ଆଦେଶ ଦିଅନ୍ତୁ ।

ତାପରେ ସ୍ନାତକମାନେ ଆଚାର୍ଯ୍ୟଙ୍କଠାରୁ ସପ୍ତପର୍ଣ୍ଣୀପତ୍ର ଓ ଡ଼ିଗ୍ରୀ ଗ୍ରହଣ କରି ଯେ ଯାହାର ସ୍ଥାନ ଗ୍ରହଣକଲେ, ଉପାଚାର୍ଯ୍ୟ ଆନୁଷ୍ଠାନିକଭାବେ ସେମାନଙ୍କୁ ଉପଦେଶ ଦେଲେ—

"ସତ୍ୟ କହ; ଧର୍ମାଚରଣ କର, ସ୍ୱାଧ୍ୟାୟରୁ ବିରତ ହୁଅନାହିଁ ।"

"ସତ୍ୟରୁ ବିଚ୍ୟୁତ ହୁଅନାହିଁ, ଧର୍ମରୁ ବିରତ ହୁଅନାହିଁ, ଶୁଭକର୍ମରୁ ନିବୃତ୍ତ ହୁଅନାହିଁ ।"

"ମାତୃଭକ୍ତ ହୁଅ, ପିତୃଭକ୍ତ ହୁଅ, ଆଚାର୍ଯ୍ୟଭକ୍ତ ହୁଅ ।"

"ଅନବଦ୍ୟ କର୍ମାନୁଷ୍ଠାନ କର, ଅନ୍ୟ କର୍ମ ନୁହେ ।"

ଆମର ସଦାଚାର ଅନୁବର୍ତ୍ତନ କର, ଅନ୍ୟ ଆଚାର ନୁହେ ।'

'ପାଷାଣ ପରି ଦୃଢ଼ ହୁଅ । ପରଶୁ ପରି ତୀକ୍ଷ୍ଣ ହୁଅ । ସୁବର୍ଣ୍ଣଖଣ୍ଡ ପରି ମୂଲ୍ୟବାନ୍ ହୁଅ ।'

'କଲ୍ୟାଣମୟ ହୁଅ, ସର୍ବ ମାନବର ବନ୍ଧୁ ଓ ବୀର୍ଯ୍ୟବାନ୍ ରକ୍ଷକ ହୁଅ ।'

'ହେ ସୌମ୍ୟ, ଶତବର୍ଷ ପରମାୟୁ ଲାଭ କର ।'

ଶେଷରେ ଆଶ୍ରମର ଆଚାର୍ଯ୍ୟ ଶାନ୍ତିବଚନ ପ୍ରକାଶ କଲେ—'ଆକାଶ ଓ ପୃଥିବୀରେ ଶାନ୍ତି ରାଜତ୍ୱ କରୁ । ସମୁଦ୍ର ଓ ଅରଣ୍ୟରେ ଏହା ବିରାଜମାନ ହେଉ । ପରମେଶ୍ୱର ଆମ୍ଭମାନଙ୍କୁ ଚିର ଶାନ୍ତି ପ୍ରଦାନ କରନ୍ତୁ ।

ଯାହା ରୁଦ୍ର, ଭୟଙ୍କର, ନିଷ୍ଠୁର, ପାପମୟ ତାକୁ ବିଶ୍ୱଶାନ୍ତି ଦ୍ୱାରା ଆମେ ଶୁଭ୍ର, ସୁନ୍ଦର ଓ କଲ୍ୟାଣରେ ପରିଣତ କରୁଁ । ସର୍ବ ମାଧ୍ୟମରେ ଶାନ୍ତି ଆମ ନିକଟରେ ଆସି ପହଞ୍ଚୁ ।'

ପ୍ରତି ବଚନ—ଓଁ ଶାନ୍ତି-ଶାନ୍ତି-ଶାନ୍ତି ।

ଅନ୍ୟ ଶାନ୍ତିନିକେତନୀ ଉତ୍ସବରେ ଯେପରି, ଏଠି ସେହିପରି ସର୍ବଶେଷରେ ସମ୍ମିଳିତ କଣ୍ଠସ୍ୱରରେ 'ଏଇ ଆମାଦେର ଶାନ୍ତିନିକେତନ' ଗୀତ ବୋଲା ହେଲା ।

# ମୋ ସ୍ୱପ୍ନର କାଶ୍ମୀର

୧୯୫୫ ଏପ୍ରେଲ ମାସରେ ମୁଁ କାଶ୍ମୀର ଯାତ୍ରା କରିଥିଲି । ପହଲଗାଁଓର ଦଶହଜାର ଫୁଟ ପର୍ବତ ଉପରେ ଟଟୁ ଘୋଡ଼ାରୁ ପଡ଼ି ମୋର ହାତ ଭାଙ୍ଗିଗଲା, ସେଇଠି ଭ୍ରମଣରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ମୋ ଭଙ୍ଗାହାତ ଦେଖି ବୋଉ ବିକଳ ହୋଇ କାନ୍ଦଥିଲା; ଭଙ୍ଗାହାତର ଯନ୍ତ୍ରଣା ଅପେକ୍ଷା ତାହା ଅଧିକ ବେଦନାଦାୟକ ହୋଇଥିଲା । ମୁଁ ଭଲ ହେବା ଆଗରୁ ସେ ସଂସାର ଛାଡ଼ି ଚାଲିଗଲା । ହାତରୁ ଯେଉଁଦିନ ପଟି ଖୋଲା ହେଲା ସେହିଦିନ ମାତୃବିୟୋଗର କରୁଣ ଉଚ୍ଛ୍ୱାସ ମଧ୍ୟରେ ଭଲଭାବେ ସଚଳ ହୋଇ ନଥିବା ହାତରେ ମୁଁ ଭ୍ରମଣକାହାଣୀ ଆରମ୍ଭ କଲି । ଉତ୍ସର୍ଗପତ୍ରରେ ଲେଖିଥିଲି—

"ବୋଉ,

କାଶ୍ମୀରର ଗୋଲାପ ନୁହେଁ, ଅଙ୍ଗୁର ବା ଜାଫ୍ରାନ ନୁହେଁ, ତୋତେ ଗୋଟିଏ ଭଙ୍ଗାହାତ ଉପହାର ଦେଇଥିଲି । ଏଥିରେ ମୋ ଅପେକ୍ଷା ତୋର ବେଦନା ବେଶୀ—ଯାହା ମରଣାନ୍ତ ଥିଲା, ସ୍ୱର୍ଗପୁରେ ଥିବ, ଭଙ୍ଗା ମନର ସେଇ ସ୍ୱପ୍ନଟିକ ଭଲ ହାତରେ ବଢ଼ବଢ଼ିଆ ଟେକି ଦେଇ ମୁଁ ଖୁସି—ଏ ଖୁସିର ସମସ୍ତ ଖୁସ୍‌ବି ତୋର ।"

ଏଇ କାହାଣୀର ଭୂମିକାଟି ପଦେ କବିତାରେ ଲେଖିଥିଲି—

ଯେହୁ ମୋର ଅନ୍ତରାତ୍ମା ପ୍ରିୟ-ପ୍ରିୟତର
ତା କଥା ଲେଖିବାଲାଗି ଲେଖନୀ କାତର

କାଳେ ସତ୍ୟ ରୂପ ତାର ନପାରେ ଫୁଟାଇ
ପୂର୍ଣ୍ଣାଙ୍ଗ ସେ ବାଣୀ ମୂର୍ତ୍ତି କ୍ଷୁଣ୍ଣ କରେ ନାହିଁ ।

ଅନ୍ତରେ ଜଳଇ ଚିର ଅନିର୍ବାଣ ଶିଖା
ସ୍ୱପ୍ନର କାଶ୍ମୀର ମୋର ଅସମାପ୍ତ ତାହାର ଭୂମିକା ।

ଶାନ୍ତିନିକେତନରୁ କଲିକତା, କଲିକତାରୁ କାଲ୍‌କାମେଲ୍‌ରେ ଦିଲ୍ଲୀ, ଦିଲ୍ଲୀରୁ ମେଲ୍‌ରେ ଆମ୍ବାଲା, ଲୁଧିଆନା, ଜଲନ୍ଧର, ମୁକେରିଆ ସହର ପାରିହୋଇ ପଠାଣକୋଟରେ ପହଞ୍ଚିଲି । ତାପରେ ବସ୍‌ରେ 'ଜାମ୍ମୁ' ବାଟେ ଯାଇ ବନିହାଲ୍‌ରେ ରାତ୍ରିଯାପନ କରିଥିଲି । ସକାଳୁ ଶୃଙ୍ଗ ପରେ ଶୃଙ୍ଗ ଲଙ୍ଘନ କରି ଶ୍ରୀନଗରରେ ଡାକ୍ତର ଶମ୍ଭୁନାଥ ଭଟ୍ଟଙ୍କର ଅତିଥି ହୋଇଥିଲି । ଡାଲ୍‌ଲେକ୍‌ରେ ଜମିରେଖୀ, ପାହାଡ଼ୀ ଲୋକଙ୍କ ଘାସଜୋତାପରିଧାନ, କାଉଁରିଆ କାଠି ପରି ଜମାଟ ବର୍ଷାଧାରର ବରଫଲାଠି, ଦରିଦ୍ର ଗୃହର ଚକ୍ଷୁମାଟିମିଶା ଛାତ—ଏ ସବୁଟି ଆଶ୍ଚର୍ଯ୍ୟ ମୋତେ ଅଭିଭୂତ କରିଥିଲା ।

ଖରଦିନ; ଶ୍ରୀନଗରରେ ବୁଲୁ ବୁଲୁ ସନ୍ଧ୍ୟାରେ ବର୍ଷାରୁ ବରଫପାତ ହେଲା; ସେତେବେଳେ ଏହା ଏକ ବିପଦ୍‌ଜନକ, କିନ୍ତୁ ରୋମାଞ୍ଚକର ମୁହୂର୍ତ୍ତ ପରି ବୋଧହେଲା । ରକ୍ତ ଜମାଟ ବାନ୍ଧି ଦେହ ଫାଟିଗଲା ପରି ଲାଗୁଥିଲା । ଭୟ, ବିସ୍ମୟ ଓ ଆନନ୍ଦରେ ଆତ୍ମହରା ହୋଇ ଅନ୍ଧକାରରେ ବିପନ୍ନ ଅବସ୍ଥାରେ ଭଟ୍ଟଙ୍କର ଗୃହରେ

ଆସି ପହଞ୍ଚିଥିଲି । କମ୍ବଳ ତଳେ ପଶି କୋଳରେ କାଙ୍ଗଡ଼ି ଜାକି କୌଣସିମତେ ସାବ୍ୟସ୍ତ ହୋଇଥିଲି ।

ଘୋର ବର୍ଷା, ଶୈତ୍ୟ; ଗୋଟିଏ ପାଖରେ ଢଳ ଢଳ ଡାଲ୍ ଲେକ୍, ଅନ୍ୟ ପାଖରେ ଆମୂଳଚୂଳ ତୁଷାରମଣ୍ଡିତ ସ୍ୱଚ୍ଛ ହିମାଦ୍ରି; ଆମେ ପ୍ରସିଦ୍ଧ ମୋଗଲ ଉଦ୍ୟାନ ନିଶାତ୍ ଓ ସାଲିମାର୍ ଦେଖିଗଲୁ । ମେଘର ସାମାନ୍ୟ ହୁଙ୍କାରରେ ହିମାଦ୍ରିର କନ୍ଦର ଗର୍ଜି ଉଠୁଥିଲା, ମେଘଫାଙ୍କର ସୂର୍ଯ୍ୟରଶ୍ମି ବରଫ ଉପରେ ପଡ଼ି ଆଖି ଝଲସାଇ ଦେଉଥିଲା ।

ଝେଲମ୍‌ନଦୀରେ 'ଶିକାରା'ରେ ଗୋଟିଏ ସନ୍ଧ୍ୟା, ଡାଲ୍‌ଲେକ୍‌ରେ ହାଉସ୍-ବୋଟ୍‌ରେ ଗୋଟିଏ ରୋମାଞ୍ଚକର ରାତ୍ରି କଟାଇଥିଲି । 'ଶଙ୍କର' ପର୍ବତ ଉପରେ ଉଠି ପର୍ବତଘେରା, ଜଳମଗ୍ନ ଶ୍ରୀନଗରଉପତ୍ୟକା ଓ ବହୁ ନୌକାଗୃହବାସୀଙ୍କ ବିସ୍ମୟକର ଜୀବନଯାତ୍ରା ଲକ୍ଷ୍ୟ କରିଥିଲି, ସେତେବେଳେ ଗୋଟିଏ ଶୃଙ୍ଗ ଧୂମ ବମନ କରୁଥିଲା, ଅନ୍ୟଟି ମେଘଫାଙ୍କରୁ ବିଗଳିତ ଅସ୍ତାତପରେ ଅଭିଷିକ୍ତ ହୋଇଥିଲା ।

ତାପରେ ଶ୍ରୀନଗରରୁ ୩୪ ମାଇଲ ଦୂରବର୍ତ୍ତୀ ବାରମୂଲା ଯାତ୍ରା କରିଥିଲି । ଦିନେ ଏଇ ସହର ହୋଇଥିଲା ଭାରତ ଓ ପାକିସ୍ତାନର ରଣକ୍ଷେତ୍ର; ମିର୍ ମାକ୍‌ବୁଲ୍‌ଙ୍କ ଚତୁରତାରେ ପାକିସ୍ତାନୀ ଓ ପାହାଡ଼ୀ ସୈନ୍ୟମାନେ ଲୁଣ୍ଠନରେ ମାତି ବିଶୃଙ୍ଖଳିତ ହୋଇପଡ଼ିଲେ; ଭାରତ ଅନାୟାସରେ ବିଜୟଶ୍ରୀମଣ୍ଡିତ ହେଲା । ପାକିସ୍ତାନୀମାନେ ମୀର୍‌ଙ୍କୁ ଧରି କ୍ରୁଶବିଦ୍ଧ କରିଥିଲେ ଓ ତାଙ୍କ ଉପରକୁ ଲକ୍ଷ୍ୟ କରି ଚଉଦଟି ଗୁଳି ମାରିଥିଲେ । 'କାଶ୍ମୀର ଜୟ', 'ଭାରତର ଜୟ', 'ସତ୍ୟର ଜୟ' କହି ସେରଓ୍ୱାନୀ ପ୍ରାଣ ଦେଲେ । ସେଠି ବସି ସେରଓ୍ୱାନୀଙ୍କ ଉପରେ ଗୋଟିଏ କବିତା ଲେଖିଥିଲି—

"ପଠାଣ ସଇନ ସାଗର ଘେରଇ ସୁନା କାଶ୍ମୀର ରାଜଧାନୀ
ଏ କଥା ଶୁଣିଲା କମ୍ପିତ ବୁକେ ମିର୍ ମାକ୍‌ବୁଲ୍ ସେରଓ୍ୱାନୀ ।"
ଇତ୍ୟାଦି, ଇତ୍ୟାଦି ।

ତାପରେ ସୋପୁର ସହରକୁ ଟଙ୍ଗାରେ ଯାଇ ମଧ୍ୟାହ୍ନରେ ଉଲାର ହ୍ରଦରେ ଜଳଯାତ୍ରା କରିଥିଲି—ସାମ୍ନାରେ ଉଜ୍ଜ୍ୱଳତମ ସୂର୍ଯ୍ୟ, ଜଳରେ, ଦୁଇ କୂଳରେ ଦୃଷ୍ଟିରୋଧୀ ବରଫପାହାଡ଼, ପାହାଡ଼ ଉପରେ ଧାଡ଼ି ଧାଡ଼ି ମେଘ, ପେଙ୍ଗୁଇନ୍ ପକ୍ଷୀ ପରି ଉପରକୁ ମୁଖ ଟେକି ଛିଡ଼ା ହୋଇଛନ୍ତି । ହ୍ରଦକୂଳରେ ଉଇଲୋ ବଣ, ହ୍ରଦଜଳରେ ନାଚୁଛି ତାର ଛାଇ ।

ଝେଲମ୍ ନଦୀ ଏଇ ମଧୁରଜଳ ହ୍ରଦରେ ପଶି ବାହାରି ଯାଇଛି । ଉତ୍ପଳବଂଶର ରାଜା ଅବନ୍ତୀ ବର୍ମନ୍ ଏହି ନଦୀର ଗତିପଥ ବଦଳାଇ ତାକୁ ଉଲାର୍‌ହ୍ରଦରେ ପ୍ରବାହିତ କରିଥିଲେ ।

କାଶ୍ମୀରର ପ୍ରାକୃତିକ ଦୃଶ୍ୟ ଏତେ ରମଣୀୟ, କିନ୍ତୁ ଏହାର ଅଧିବାସୀ ଅତ୍ୟନ୍ତ ଦରିଦ୍ର । ଗୋଟିଏ ସୁନ୍ଦରୀ ଭିକାରୁଣୀକି ଦେଖି ମୁଁ ଗୋଟିଏ କବିତା ଲେଖିଥିଲି—

କାଶ୍ମୀର ସ୍ୱପ୍ନର ନୁହେଁ, ମାଟିର —

‘କେଶରେ ତାର ପାଇନ୍‌ବନର ଢେଉ
ମୁଖରେ ସଜଫୁଟା ଉଲାରହ୍ରଦର ପଦ୍ମ

x x x

ଏଇ କିଶୋରୀ ଦେହରେ କାଶ୍ମୀରର ଆଶ୍ଚର୍ଯ୍ୟଶ୍ରୀ
ରୂପ ପାଇଛି ଯେମିତି ।’

ପହଲଗାଁଓରେ ହାତ ଭାଙ୍ଗିବାପରେ ମୁଁ ଶ୍ରୀନଗରରେ ମହାରାଜା ହରି ସିଂ ହସ୍‌ପିଟାଲ୍‌ରେ ରହିଥିଲି । ସେଠି ଭଲ ହେବାର ଆଶା ନ ଦେଖି କାଶ୍ମୀର ଭ୍ରମଣକୁ ଅପୂର୍ଣ୍ଣ ରଖି ଡାକୋଟାରେ ଶ୍ରୀନଗରରୁ ପଠାଣକୋଟ ଯାତ୍ରା କଲି । ଏଇ ମୋର ପ୍ରଥମ ଉଡ଼ାଜାହାଜ ଯାତ୍ରା । ଉଡ଼ାଜାହାଜରେ ବସି ହିମାଦ୍ରିର ଅଗଣିତ ତୁଷାରଶୃଙ୍ଗ ଛୁଇଁ ଛୁଇଁ ଆସିବାର ଆନନ୍ଦ ଅପୂର୍ବ, ମୁଁ ସେ ଭଗ୍ନହସ୍ତ ଗୋଟିଏ ଘଣ୍ଟା ଭୁଲି ଯାଇଥିଲି—ସେ ସମୟର ସ୍ୱପ୍ନକୁ ଗୋଟିଏ କବିତାରେ ରୂପ ଦେଇଥିଲି ।

ମେଘର ମହଲରେ ଉଠୁଚି ମୋର ଡାକୋଟା
ରୂପାର ତରବାରୀ ପରି ଝଟକୁଚି ଝେଲମ୍
ଏହା ସହିତ ମୋର ପ୍ରାଣର ସ୍ରୋତ ମିଶିଥିଲା

x x x

କାଶ୍ମୀର ?
କଳ୍ପଲୋକର ସ୍ୱପ୍ନ
ଲିଭିଗଲା, ଆହା ଲିଭିଗଲା ।

## ପଥ ଓ ପଥିକ

ବିଭିନ୍ନ ସମୟରେ ରଚିତ ଆଠଗୋଟି କ୍ଷୁଦ୍ର ଭ୍ରମଣକାହାଣୀର ଏହା ଏକ ସଂକଳନ, ୧୯୫୮ରେ ପ୍ରକାଶିତ । ଅଜନ୍ତା-ଏଲୋରା-ଧୂଆଁଧାର, ରାଜଗିରି ଓ ନାଳନ୍ଦା, କୁଲଟିରେ ଦୁଇ ଦିନ—ଏଇ ତିନିଗୋଟି ବାଦ୍ ଦେଲେ ଆଉସବୁ ଓଡ଼ିଶାର ବିଭିନ୍ନ ସ୍ଥାନବିଷୟକ ।

‘ମୋର କାଶ୍ମୀର ଯାତ୍ରା’ ପ୍ରକୃତପକ୍ଷେ ସିଂହନାଥ, ଭଟାରିକା ଯାତ୍ରା ; କାଶ୍ମୀର ଯାତ୍ରାର ପ୍ରୟାସ ଓ ବୈଫଲ୍ୟରେ ଏହି ସ୍ଥାନମାନଙ୍କର ସାର୍ଥକ ରୂପ ଫୁଟି ଉଠିଚି । “କାଶ୍ମୀର ଗଲିନାହିଁ ସତ୍ୟ, କିନ୍ତୁ କାଶ୍ମୀର ମୋ ନିକଟକୁ ଆସିଲା । ଆମ ଗାଁର ଫୁଲପତ୍ର, ଝରଣାପୁଷ୍କରିଣୀ, ଉଷାସନ୍ଧ୍ୟା, ଜ୍ୟୋତ୍ସ୍ନାଅନ୍ଧକାର, ସମସ୍ତେ ଯେପରି କି କହିଲେ—ସୁନାର କାଶ୍ମୀର ତୁମ ମନରେ । ମାଆକୁ ଆଉ କବିତାର କାଶ୍ମୀରକୁ ପାଇଲି ଏଇ ଆମ ଗାଁରେ ।”

ଶାନ୍ତିନିକେତନର ଛାତ୍ରଛାତ୍ରୀମାନଙ୍କ ତତ୍ତ୍ୱାବଧାରକ ଭାବେ ଅଜନ୍ତା, ଏଲୋରା ଓ ନର୍ମଦାର ଧୂଆଁଧାର ପ୍ରପାତ ଦେଖି ଯାଇଥିଲି । ଅଜନ୍ତାର ଚିତ୍ରକଳା ଜଗତ୍-ପ୍ରସିଦ୍ଧ ଏଠିରେ ତିରିଶଗୋଟି ଶୈଳଗୃହ ଅଛି । ପ୍ରତ୍ୟେକ ଗୃହର ସ୍ତମ୍ଭ, କାନ୍ଥ

ଓ ଛାତ ଚିତ୍ରିତ । ସେ କାଳର ଧର୍ମଚର୍ଚ୍ଚା, ବେଶବିନ୍ୟାସ, ବାଦ୍ୟଯନ୍ତ୍ର, ଶିକାର, ଯୁଦ୍ଧ, ଦୈନନ୍ଦିନ ସୁଖଦୁଃଖର ଜୀବନ ଜୀବନ୍ତଭାବେ ଚିତ୍ରିତ ହୋଇଅଛି ।

ବୌଦ୍ଧଧର୍ମର ପତନ ପରେ ଏହି ସ୍ଥାନ ଚୋରଡକେଇତଙ୍କ ନିବାସସ୍ଥଳୀରେ ପରିଣତ ହୋଇଥିଲା । ଯେଉଁଠି 'ବୁଦ୍ଧଂ ଶରଣଂ ଗଚ୍ଛାମି' ଧ୍ୱନି ଝଙ୍କୃତ ହେଉଥିଲା, ସେଠି ଅତ୍ୟାଚରିତା ଯୁବତୀର ଆର୍ତ୍ତନାଦ ଶୁଣାଗଲା । ସପ୍ତମରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ ବାରଶହ ବର୍ଷ ଏହା ଲୋକଲୋଚନ ଅଗୋଚରରେ ରହିଥିଲା । ଇଷ୍ଟଇଣ୍ଡିଆ କମ୍ପାନୀର ସୈନିକମାନେ ପାର୍ବତ୍ୟ ପଥରେ ଯାତ୍ରା କରୁ କରୁ ଦୈବାତ୍ ଏହା ଆବିଷ୍କାର କଲେ । ତତ୍ପରେ ଭିତ୍ତିଚିତ୍ରର ପ୍ରତିଲିପି ଅଙ୍କନ କରା ଯାଇଥିଲା ।

ଅଜନ୍ତାରେ ନାରୀର ହିଁ ପୂଜା । କଟାକ୍ଷର ଇଙ୍ଗିତ, ଚରଣନ୍ୟାସ, ହସ୍ତମୁଦ୍ରା, ଅଧରର ମାଧୁରୀ ଓ ମୁଣ୍ଡବନ୍ଧାର ବିଚିତ୍ର ରୀତି ମନ ମୁଗ୍ଧ କରେ ।

ଏଲୋରା ପାହାଡ଼ର ନାମ ସହ୍ୟାଦ୍ରି ; ଖ୍ରୀଷ୍ଟପର ୫୫୦ରୁ ୭୫୦ ମଧ୍ୟରେ ଚାଲୁକ୍ୟ ଓ ରାଷ୍ଟ୍ରକୂଟ ରାଜବଂଶର ପୋଷକତାରେ ଏଲୋରାର ଜୈନ ମନ୍ଦିରଗୁଡ଼ିକ ନିର୍ମିତ ହୋଇଥିଲା । ସହ୍ୟାଦ୍ରିର ଦୀର୍ଘ ଏକ ମାଇଲ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଗୁମ୍ଫାସବୁ ଖୋଦିତ । ବୌଦ୍ଧରୁ ଆରମ୍ଭ, ଜୈନରେ ଶେଷ, ମଧ୍ୟରେ ହିନ୍ଦୁ । ମାଳାର ମଧ୍ୟ ଫୁଲଟି ହିନ୍ଦୁର କୈଳାସମନ୍ଦିର, ପୃଥିବୀର ଶୈଳଖୋଦିତ ମନ୍ଦିର ମଧ୍ୟରେ ସର୍ବଶ୍ରେଷ୍ଠ । ମନ୍ଦିରର ସ୍ଥାବର ଓ ମର୍ତ୍ତ୍ୟର ଜଙ୍ଗମ ମନୁଷ୍ୟ ଏହି ତୀର୍ଥରେ ଏକାତ୍ମ ହୋଇଛନ୍ତି ।

'ଧୂଆଁଧାର' କବିତାର କଳ୍ପନା 'ଉମାମହେଶ୍ୱର' ମୂର୍ତ୍ତି ଓ ନର୍ମଦାର ଏହି ବିପୁଳ ପ୍ରପାତର ଦର୍ଶନ ପରେ ; ନିର୍ବାକ୍ ବିସ୍ମୟରେ ଚାହିଁରହିଲି—ଭଙ୍ଗୁର, ଦନ୍ତୁର, ସ୍ତର ପରେ ସ୍ତର ବିସ୍ତୃତ ଶ୍ୱେତ ମର୍ମର ଶିଳାଶ୍ରେଣୀକୁ, ସଂଗ୍ରାମରେ କ୍ଷତବିକ୍ଷତ । ନର୍ମଦା ନୀଳୋର୍ମିର ନର୍ମତା କେବେ ଉପଭୋଗ କରିନାହିଁ ; ସୃଷ୍ଟିକାଳରୁ ସେ କେବଳ ସଂଘର୍ଷର ସମ୍ମୁଖୀନ ହୋଇଛି ।

'ଧୂଆଁଧାର' ପ୍ରପାତ ନର୍ମଦାର ଐତିହାସିକ କୀର୍ତ୍ତି । ଅନୁଭବ କଲି ଶ୍ୱେତମର୍ମର ପ୍ରାସାଦର ରାଜକନ୍ୟା, ତାର ନୀଳ ବାହୁର ଶୀତଳ ସ୍ପର୍ଶ ; ସତେ ଅଜଣା ଫୁଲର ମାଳା ଗଳାରେ ଲମ୍ବାଇ ଦେଇ ଚୁମ୍ବନ କରୁଛି । ସେ ଦାଗ ଏବେ ଲିଭିନାହିଁ, କେବେ ଲିଭିବନାହିଁ । ସତେ ଅବା ତା ବୁକୁର ସ୍ପନ୍ଦନ ମୋ ବୁକୁରେ ରହି ଦେଉଛି ବଞ୍ଚିବାର ନିତ୍ୟନୂତନ ଆସ୍ୱାଦ ।

ଶାନ୍ତିନିକେତନରେ ଥିଲାବେଳେ ସ୍ତ୍ରୀ ଓ ଶିଶୁପୁତ୍ରକୁ ସଙ୍ଗେ ଘେନି ରାଜଗିରି ଯାଇ ବୈଭର, ଗୃଧ୍ରକୂଟ ଓ 'ବିପୁଳାଚଳ ଦେଖିଥିଲି ଓ ଉଷ୍ଣପ୍ରସ୍ରବଣରେ ସ୍ନାନ କରିଥିଲି ।

ଖ୍ରୀଷ୍ଟପର ପଞ୍ଚମ ଶତାବ୍ଦୀରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଶୁଭାରମ୍ଭ ହୋଇଥିଲା । ଗୁପ୍ତରାଜାମାନେ ଏହାର ଶ୍ରୀବୃଦ୍ଧି ସାଧନ କରିଥିଲେ ; ଏହି ବିହାରର ବ୍ୟୟ ନିର୍ବାହ ଲାଗି ହର୍ଷବର୍ଦ୍ଧନ ଶତାଧିକ ଗ୍ରାମ ଦାନ କରିଥିଲେ । ଦ୍ୱାଦଶ ଶତାବ୍ଦୀରେ ବକ୍ତିଆର ଖିଲିଜି ନାଳନ୍ଦାକୁ ଏକ ଦୁର୍ଗ ମନେ କରି ଧ୍ୱଂସ କରିଥିଲେ,

ବହୁ ଶତାବ୍ଦୀର ସାଧନାରେ ନିର୍ମିତ ପାଠାଗାର ପ୍ରଜ୍ଜ୍ୱଳିତ ହୋଇଥିଲା, ସମସ୍ତ ଅଧ୍ୟାପକ ଓ ଛାତ୍ରଙ୍କୁ ସେ ସଂହାର କରିଥିଲେ । ଅର୍ଦ୍ଧଦଗ୍ଧ ଗ୍ରନ୍ଥରେ କଣ ଅଛି ଯେତେବେଳେ ଜାଣିବାକୁ ଇଚ୍ଛା ହେଲା, ସେତେବେଳେ ଦୁଃଖର କଥା, ତାହା ପଢ଼ିବା ଲାଗି କେହି ବଞ୍ଚି ରହି ନ ଥିଲେ ।

ଶାନ୍ତିନିକେତନରେ ଥିଲାବେଳେ ମୁଁ ମୟୂରଭଞ୍ଜର ମେଘାସନ, ବାଦାମ ପାହାଡ଼ ଓ କେଉଁଝରର 'ଖଣ୍ଡାଧାର' ପ୍ରପାତ ଦେଖି ଯାଇଥିଲି ।

ଟାଟା କମ୍ପାନୀ ଗାଡ଼ିରେ ବାଦାମ୍ ପାହାଡ଼କୁ ଉଠିବାର କଥା, ଜଣକ ହାତ କଟିଗଲା, ଜଣକୁ ସାପ କାମୁଡ଼ିଲା । ଗାଡ଼ି ସେମାନଙ୍କୁ ଡାକ୍ତରଖାନାକୁ ଆଣିବାଲାଗି ଗଲା ; ଆମେ ନିରାଶ ହୋଇ ପାହାଡ଼ ମୂଳରୁ ଫେରିଲୁ ।

"ବାଦାମ୍ ପାହାଡ଼ ଅଦେଖା ରହିଲା, କିନ୍ତୁ ବୋଧହେଲା,
ଜୀବନର ବହୁ ଗଳିକନ୍ଦି ଭିତରେ ଆମେ ପଶିଯାଇଛୁ ।"

'ଖଣ୍ଡାଧାର' ପଥରେ ଗତି କରୁ କରୁ ମୁଁ କେଉଁଝରର ଚିତ୍ରାଙ୍କିତ 'ରାବଣଛାୟା' (ଲୋକଙ୍କ ଅନୁରୋଧରେ ସୀତା ରାବଣ ଓ ତାର ସୈନ୍ୟସାମନ୍ତଙ୍କ ପଟୁଆରଚିତ୍ର ଅଙ୍କନ କରିଥିଲେ ବୋଲି କିଂବଦନ୍ତୀ) ଲବକୁଶ ପାହାଡ଼, ବୈତରଣୀର ଜଳପ୍ରପାତ, 'ଭୀମକୁଣ୍ଡ', ଗନ୍ଧମାର୍ଦ୍ଦନ ପର୍ବତ, ଜୁଆଙ୍ଗଗ୍ରାମ, ବୈତରଣୀର ଉତ୍ପତ୍ତିସ୍ଥଳ ଓ ଗୋନାସା ପର୍ବତ ଦେଖିଥିଲି । କ୍ଷୁଧାର ତାଡ଼ନାରେ ବରଫଳ ଖାଉଁ ଖାଉଁ ଆହତ ବ୍ୟକ୍ତି ମୋତେ ଓଡ଼ିଶାର ଦୁରବସ୍ଥା ପ୍ରତି ସଚେତନ କରିଦେଇଥିଲା, ମୁଁ ଲେଖିଥିଲି—

"ଏ ଭାରତବର୍ଷ ; ଏଠି କାହିଁ ଶହ ଶହ ଭରଣ ଧ ନ ଜମା ଖାଇ ଯାଉଛନ୍ତି; କୋଉଠି ଦାନା ଅଭାବରେ ଲୋକେ ବରଫଳ, ତିନ୍ତୁଳି ପତର, କଇଁମୂଳ ଖାଉଛନ୍ତି ।"

ଭୁୟାଁପୀଢ଼ ଓ ମୁକ୍ତାପୁର ଆଶ୍ରମ ବିଦ୍ୟାଳୟରୁ ମୁଁ ଲୋକଗୀତ ସଂଗ୍ରହ କରିଥିଲି ।

ଏଣ୍ଡମଣ୍ଡ ହିଲାରି, ତେନଜିଂ ନରକେ ୧୯୫୩ରେ ହିମାଦ୍ରିର ଉଚ୍ଚତମ ଶୃଙ୍ଗ ଜୟ କରିଥିବାବେଳେ ମୁଁ ମେଘାସନକୁ ଉଠିଥିଲି ।

ମୁଁ ଲେଖିଥିଲି "ମେଘାସନର ବିଜୟ । କ୍ଷୁଧା, ତୃଷା, ଗ୍ରୀଷ୍ମ, ବାଧାବିଘ୍ନ ବିପଦ ଆମକୁ ପରାସ୍ତ କରି ପାରିନାହିଁ—ବାସ୍ତବରେ ଏ ଦୁର୍ଗମ ପର୍ବତ, ଅରଣ୍ୟ ଆମେ ଜୟ କରିଛୁ ।"

"ମେଘାସନ ପୃଥିବୀର ଉଚ୍ଚତମ ପର୍ବତର ଏକ ଷଷ୍ଠାଂଶ; ହିମାଦ୍ରିର ବିଜୟ ତୁଳନାରେ ଆମର ଜୟ ଅକିଞ୍ଚିତ୍କର ବୋଧ ହୋଇପାରେ, କିନ୍ତୁ ଆମର ଶକ୍ତି, ସାହସ ଓ ଅଭ୍ୟାସକୁ ଚାହିଁଲେ ଏଥିରେ ଗର୍ବ କରିବାର ଯଥେଷ୍ଟ ହେତୁ ଅଛି । ଯେଉଁମାନେ ଗୌରୀଶଙ୍କର ଶୃଙ୍ଗ ଆରୋହଣ କରନ୍ତି, ସେମାନେ ପୃଥିବୀର ବଛା ବଛା ସୈନିକ, ବହୁ ଆରୋହଣସାଧନାରେ ସିଦ୍ଧିଲାଭ କରିଅଛନ୍ତି । ହୃଷ୍ଟପୁଷ୍ଟ ବଳିଷ୍ଠ ବପୁ, ଦୃଢ଼ମନ, ଜୀବନକୁ ସାଧନାପୀଠରେ ବଳି ଦେବାଲାଗି ସଦା

ତତ୍ପର । ଆମେ ଦଳେ କଞ୍ଚା ସୈନ୍ୟ, ଅସ୍ଥିରପାଦ; ଅସ୍ଥିର ମନ; ଅପ୍ରସ୍ତୁତି, ଏକା ଦିନକେ ବିରାଟ ପ୍ରଚେଷ୍ଟା ।''

ବାରିପଦାରୁ ଉଦଳା, ଉଦଳାରୁ ପୋଡ଼ାଡ଼ିହା, କପ୍ତିପଦାର ଶମୀବୃକ୍ଷ ଦେଖି ଆମେ ୪୫୦୦ ଫୁଟ୍ ମେଘାସନ ଶୃଙ୍ଗ ଜୟ କରିଥିଲୁ ।

ରାଜା ଯିବା ପରେ ରାଜପ୍ରାସାଦ ଓ ଉଦ୍ୟାନର ଦୁରବସ୍ଥା ଦେଖି ଲେଖିଥିଲି— ''ରାଜବାଟି ଶୂନ୍ୟ, ଜଣେ ଗାର୍ଡ ବନ୍ଧୁକକାନ୍ଧରେ ଘନୀଭୂତ ଶୂନ୍ୟତାକୁ ଜଗି ରହିଛି । ରାଜୋଦ୍ୟାନ ଶ୍ରୀହୀନ, ହେନା ଉପୁଡ଼ି ପଡ଼ିଛି, କାମିନୀ ଶ୍ରୀହୀନ.....''

## ଅଖିଳ ଭାରତଲୋକସଂସ୍କୃତିସମ୍ମେଳନ

ସମଗ୍ର ଭାରତର ଲୋକସଂସ୍କୃତି ସଂକଳନ ଓ ଗବେଷକମାନଙ୍କୁ ଏକାଠି କରିବାର ଏଇ ପ୍ରଥମ ଚେଷ୍ଟା । ତା ପୂର୍ବରୁ ଯେ ଯାହାର ପ୍ରଦେଶରେ ଲୋକଗୀତ, କଥା ଓ କିମ୍ବଦନ୍ତୀ ସଂଗ୍ରହ କରୁଥିଲେ, ସେଇ ବିଷୟରେ ସନ୍ଦର୍ଭ ଲେଖି ପିଏଚ୍. ଡି ଡିଗ୍ରୀ ଲାଭ କରିଥିଲେ । ଲୋକସଂସ୍କୃତିକୁ କୌଣସି କୌଣସି ବିଶ୍ୱବିଦ୍ୟାଳୟର ଏମ. ଏ ପାଠ୍ୟ ନିର୍ଘଣ୍ଟର ଅନ୍ତର୍ଭୁକ୍ତ କରା ହୋଇଥିଲା । ଲୋକ-ସଂସ୍କୃତି ବିଦଗ୍ଧସଂସ୍କୃତିର ମୂଳଦୁଆ; ଲୋକଜୀବନ, ଚରିତ୍ର, ଚଳଣି ଓ ପରମ୍ପରା ଏଥିରେ ପ୍ରତିଫଳିତ । ନିଜ ଦେଶର ବାସ୍ତବ ରୂପ ନ ଜାଣି ବିଦଗ୍ଧ ସାହିତ୍ୟ ଅଗ୍ରଗତି କରି ନ ପାରେ । ଭାରତୀୟ ଲୋକସଂସ୍କୃତିର ସ୍ୱରୂପ ଓ ବ୍ୟାପକତା ଜାଣିବାରେ, ଏହାର ସୁରକ୍ଷା ଓ ଗବେଷଣା ଲାଗି ଦେଶର ଦୃଷ୍ଟି ଆକର୍ଷଣ କରିବାରେ ୧୯୫୮ରେ ଏଲାହାବାଦରେ ଅନୁଷ୍ଠିତ ଲୋକସଂସ୍କୃତି ସମ୍ମେଳନ ବିଶେଷ ସହାୟକ ହୋଇଥିଲା । ଜ୍ଞାନପୁର କଲେଜର ହିନ୍ଦୀବିଭାଗର ମୁଖ୍ୟ ଅଧ୍ୟାପକ ଡକ୍‌ଟର କୃଷ୍ଣଦେବ ଉପାଧ୍ୟାୟ ଏହାର ମୁଖ୍ୟ ଉଦ୍ୟୋକ୍ତା ଥିଲେ । ତାଙ୍କ ପୁତ୍ର ହରିଶଙ୍କର ଉପାଧ୍ୟାୟଙ୍କ ଯୁବକୀୟ କର୍ମଠତା ସମ୍ମିଳନୀର ସଫଳତା ମୂଳରେ ନିହିତ ଥିଲା । ଏହି ସମ୍ମିଳନୀର ସାହିତ୍ୟଶାଖାନେ ମୁଁ ସଭାପତି ହୋଇଥିଲି ଓ ଭାରତୀୟ ଲୋକସଂସ୍କୃତିର ଏକ ସ୍ଥୂଳ ରୂପ ଅଙ୍କନ କରିବାକୁ ଚେଷ୍ଟା କରିଥିଲି । ଇଂରାଜୀରେ କହିବାକୁ ଡର ମାଡୁଥିଲା । କିନ୍ତୁ ପ୍ରାୟ ମୋରି ସ୍ତରର ଅଧିକାଂଶ ଭାଷାଅଧ୍ୟାପକ ଥିଲେ । ଭୟ କଲେ ଇଜ୍ଜତମହତ ସରିଯିବ, ଓଡ଼ିଶାର ମାନ ତଳେ ପଡ଼ିବ । ଛାତି ଦମ୍ଭ କରି ଯାହା କହିଲି, ଜିଭ ଅଟକିନାହିଁ । ସଭାପତିଙ୍କ ଗୌରବଆସନ ଉନ୍ନତ, ସୁଖକର, ଯଦି ବାକ୍‌ରେ ମାଧୁରୀ ବା ମହିମା ଫୁଟେ । ନ ହେଲେ ସଭାମୁଖ୍ୟ ଜ୍ୟୋତ୍ସ୍ନାହୀନ ଚନ୍ଦ୍ରପରି ଦିଶନ୍ତି କଳାହୀନ, କଳଙ୍କିତ ।

ସର୍ବଭାରତୀୟ ସ୍ତରରେ ଡକ୍‌ଟର ଉପାଧ୍ୟାୟ ମୋତେ ଯେଉଁ ମର୍ଯ୍ୟାଦା ଓ ସମ୍ମାନ ଦେଇଥିଲେ, ତାହା ମୋର ଲୋକସାହିତ୍ୟ ବିଷୟରେ ଇଂରାଜୀ ପୁସ୍ତକର ରଚନାର ପ୍ରତ୍ୟକ୍ଷ ଫଳ । ଗହ୍ୱର ମଧ୍ୟରୁ ଗୋଟିଏ ଆଲୋକିତ ପ୍ରଶସ୍ତ ପ୍ରାଙ୍ଗଣକୁ ଆସିଲାପରି ଲାଗିଥିଲା, ଖୋଲିଥିଲା ଗୋଟିଏ ନୂତନ ଦିଗ୍‌ବଳୟ — ମନେ ହେଲା ବହୁ ବର୍ଷର ଚେଷ୍ଟା ଫଳବତୀ ହୋଇଛି, ମିଳିଛି ନୂତନ ଏକ ସ୍ୱୀକୃତି ।

ପ୍ରୟାଗରେ 'ହୃଦୟସଙ୍ଗମ' ଶୀର୍ଷକ ଗୋଟିଏ କବିତା ରଚନା କରିଥିଲି— ପ୍ରୟାଗ କେବଳ ଗଙ୍ଗା ଯମୁନାର ସଙ୍ଗମ ନୁହେଁ, 'ଅଗଣିତ ଅତୀତ ଓ ବର୍ତ୍ତମାନ ହୃଦୟର ସଙ୍ଗମ - ବହୁ ସଂସ୍କୃତି ଓ ପ୍ରେମପ୍ରୀତିର ସଙ୍ଗମ—ଏହାହିଁ ମୋ କବିତାର ମର୍ମ ଥିଲା ।

୧୯୫୯ରେ ଡକ୍‌ଟର ଉପାଧ୍ୟାୟ ବମ୍ବେରେ ଦ୍ୱିତୀୟ ଲୋକସଂସ୍କୃତି ସମ୍ମେଳନ ଆୟୋଜନ କରିଥିଲେ । କିନ୍ତୁ ବମ୍ବେ ଷ୍ଟେସନରେ ଓହ୍ଲାଉଁ ଓହ୍ଲାଉଁ ମୋତେ ଶ୍ୱାସରୋଗ ତୀବ୍ରଭାବରେ ଆକ୍ରମଣ କଲା । ପାଦେ ଆଗେଇବାର ଉପାୟ ନାହିଁ । କୌଣସିମତେ ଟାକ୍‌ସିରେ ବସି ଶେଠଜୀଙ୍କ ଅତିଥିଭବନରେ ପହଞ୍ଚିଲି । ମୋ ଦୁରବସ୍ଥା ଦେଖି ଶେଠଜୀ କବିରାଜ ଡକାଇଲେ; କିନ୍ତୁ ରୋଗ ଆଦୌ ଉପଶମ ହେଲା ନାହିଁ । ତା ପରେ ଡାକ୍ତରୀ ଚିକିତ୍ସା ହେଲା, ତତ୍‌କ୍ଷଣାତ୍ କାମ ଦେଲା ଓ ମୁଁ ସମ୍ମେଳନରେ ଯୋଗ ଦେଇ 'ଲୋକ ଗଳ୍ପରେ ପ୍ରବୃତ୍ତି' ( **Motifs in Oriya Folklore**) ପ୍ରବନ୍ଧଟି ପାଠ କରିଥିଲି ।

ତାପରେ ଗୋଟିଏ ଜାହାଜରେ ଏଲିଫାଣ୍ଟ ଦ୍ୱୀପ ଦେଖି ଯାଇ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ଓ ପ୍ରାକୃତିକ ଦୃଶ୍ୟ ଦେଖି ଗୋଟିଏ କବିତା ଲେଖିଥିଲି । ସମୁଦ୍ରରେ ଝିଲିମିଲି ସୂର୍ଯ୍ୟାଲୋକ; ଦୃଷ୍ଟି ଉଜାଣି ବୋହି ଯାଉଥିଲା ଇତିହାସକୁ— ବ୍ୟୂହରେ ସଜ୍ଜିତ ରଣାଙ୍ଗନର ସୈନ୍ୟ ପରି ମାଡ଼ି ଆସୁଥିଲା ତରଙ୍ଗମାଳା ।

ବିହାରଲେକ୍, ମାଲବାର୍ ହିଲ୍‌ସ୍ ଓ ସିନେମା ଷ୍ଟୁଡ଼ିଓ ବୁଲି ଦେଖିଥିଲି, ବିପୁଳ ଭାରତୀୟ ବିଦ୍ୟାଭବନରେ ଶ୍ରୀମତୀ ଲୀଳାବତୀ ଓ ଶ୍ରୀଯୁକ୍ତ କେ. ଏମ୍ ମୁନ୍‌ସିଙ୍କ ସହିତ ସାକ୍ଷାତ କରିଥିଲି । ଅଧ୍ୟୟନ, ସଂଗଠନ ଓ ସର୍ଜନ ମଧ୍ୟରେ ଉଭୟ ଲେଖାଲେଖି କରୁଥିଲେ ଓ ସରଳ, ଉନ୍ନତ ଓ ମହତ୍ ଜୀବନ ଯାପନ କରୁଥିଲେ । ସଂସ୍କୃତି ଲାଗି ଆତ୍ମୋତ୍ସର୍ଗ କରୁଥିଲେ କହିଲେ ଚଳେ ।

୧୯୬୧ରେ ଉଜ୍ଜୟିନୀର ମାଧବକଲେଜରେ ତୃତୀୟ ଲୋକସଂସ୍କୃତି ସମ୍ମେଳନ ଅନୁଷ୍ଠିତ ହୋଇଥିଲା । ମୁଁ ଲୋକକଳା ଓ ସଙ୍ଗୀତ ବିଭାଗର ସଭାପତି ହୋଇଥିଲି । ଗୁଜୁରାଟର ଗଡ଼୍‌ବା ନୃତ୍ୟ, ଡୁଙ୍ଗୁର ନୃତ୍ୟ (ବ୍ୟାଘ୍ର ଭୟ ନିବାରଣ ଲାଗି ଡୁଙ୍ଗର ଦେବତାଙ୍କ ନିକଟରେ ନରବଳି ଦୃଶ୍ୟର ରୂପାୟନ), ରାଜସ୍ଥାନର ଚାରଣଗୀତ, ସମ୍ମିଳିତ ବର୍ଷା ଓ କୃଷି ନୃତ୍ୟ, ଭୋଜପୁରୀ ଝୁମର୍, ମାଳୟାଳୀ ନୌକା ଚାଳନ ଗୀତ, ମାଳବୀ ଢାକ୍ ଗୀତ, ନିମାଡ଼ୀ ଲୋକନୃତ୍ୟ 'ଦୁଲୁରି' (ମୃତ ସ୍ୱାମୀ ସଙ୍ଗେ ସ୍ତ୍ରୀ ସତୀ ଯିବା ନୃତ୍ୟ), ଭିଲ ନୃତ୍ୟ, ପଲ୍ଲୀଗୀତ ଓ ନୃତ୍ୟକୁ ଏକ ଭାରତୀୟ ରୂପ ଓ ରଙ୍ଗ ଦେଇଥିଲା ।

ଏଇ ସୁଯୋଗରେ ମୁଁ କାଳିଦାସ କାବ୍ୟପ୍ରସିଦ୍ଧ ସିପ୍ରାନଦୀ, ମହାକାଳ ମହାଦେବ, ବେତ୍ରବତୀ, ବିଦିଶା, ଉଜ୍ଜୟିନୀର ଭଗ୍ନାବଶେଷ ଦେଖି 'ଉଜ୍ଜୟିନୀ' କବିତା ରଚନା କରିଥିଲି ।

## ବିଶ୍ୱଭାରତୀ ଓଡ଼ିଆ ବିଭାଗ

୧୯୪୭ରେ ଶାନ୍ତିନିକେତନରେ ଓଡ଼ିଆ ବିଭାଗର ଶୁଭାରମ୍ଭ ହୋଇଥିଲା । ସେତେବେଳେ ବିଦ୍ୟାଭବନ ପାଠାଗାରର ଗୋଟିଏ କୋଠରୀରେ ଅଧ୍ୟାପକ

ପ୍ରହ୍ଲାଦ ପ୍ରଧାନ ଓ ଗବେଷକ ଚିତ୍ତରଞ୍ଜନ ଦାସ ଗବେଷଣା କରୁଥିଲେ । ୧୯୫୧ରେ ବିଶ୍ୱଭାରତୀ କେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପରିଣତ ହେବାପରେ ଓଡ଼ିଆରେ ଏମ୍.ଏ. ଶ୍ରେଣୀ ଖୋଲିଲା, ଗବେଷଣା ସଙ୍ଗେ ଅଧ୍ୟାପନା ମୋ କର୍ମ ପରିସରର ଅନ୍ତର୍ଭୁକ୍ତ ହେଲା । ଓଡ଼ିଆ ଏମ୍.ଏ. ରେ ପ୍ରଥମେ ତିନିଜଣ ଛାତ୍ର ପ୍ରବେଶ ଲାଭ କଲେ— ନରେନ୍ଦ୍ରନାଥ ମିଶ୍ର, ନରେନ୍ଦ୍ରମୋହନ ବେହେରା, ଦୁର୍ଗାଚରଣ ପରିଡ଼ା । ଏଥିମଧ୍ୟରୁ ପ୍ରଥମ ଜଣକ ମାସିକ ୭୫ ଟଙ୍କାରେ ନିଯୁକ୍ତ ଗବେଷକ, ଅନ୍ୟ ଦୁଇଜଣ ଛାତ୍ରଙ୍କୁ ମଧ୍ୟ ମାସିକ ୫୦ ଟଙ୍କା ଲେଖାଏ ବୃତ୍ତି ଦିଆ ଯାଇଥିଲା । ନୂଆ ଓଡ଼ିଆ ବିଭାଗକୁ ଓଡ଼ିଶାରୁ ଛାତ୍ର ଆକର୍ଷଣ କରିଆଣିବା ଏହି ବୃତ୍ତିଦାନର ଉଦ୍ଦେଶ୍ୟ ଥିଲା । ପ୍ରଥମେ ମୁଁ ଓଡ଼ିଆ ଏମ୍.ଏ. ଶ୍ରେଣୀର ସମସ୍ତ କ୍ଲାସ୍ ନେଉଥିଲି, ପରେ ଏହି ବିଭାଗରେ ଚିନ୍ତାମଣି ବେହେରା, ଦେବୀପ୍ରସନ୍ନ ପଟ୍ଟନାୟକ, ବୃନ୍ଦାବନ ଆଚାର୍ଯ୍ୟ ମୋ ସହିତ ସାମୟିକଭାବେ କାର୍ଯ୍ୟ କରିଥିଲେ ।

ଓଡ଼ିଶାସରକାର ବିଶ୍ୱଭାରତୀରେ ଓଡ଼ିଆବିଭାଗର ଆରମ୍ଭକାଳରୁ ଅଧ୍ୟାପକ, ଗବେଷକଙ୍କ ଦରମା ଓ ଓଡ଼ିଆ ପାଠାଗାର ଲାଗି ମୋଟରେ ବାର୍ଷିକ ୮୬୦୦ ଟଙ୍କା ଦେଇ ଆସୁଥିଲେ । ୧୯୪୯ ପରେ ଏହି ବିଭାଗ ନାନା ଭାବେ ବର୍ଦ୍ଧିତ ହେଲେହେଁ ସରକାରଙ୍କ ସାହାଯ୍ୟ ପରିମାଣ ବଢ଼ିନାହିଁ, ବିଶ୍ୱଭାରତୀ ଏବେ ଏହାର ଅଧିକାଂଶ ବ୍ୟୟଭାର ବହନ କରୁଛନ୍ତି । ଅଧ୍ୟାପକମାନେ ଏମ୍.ଏ ଶ୍ରେଣୀରେ ଅଧ୍ୟାପନା ଓ ଅବସରରେ ଗବେଷଣା କରିଥାନ୍ତି, ମୁଁ ଥିବା ଭିତରେ ପ୍ରାୟ ଦଶଖଣ୍ଡ ଗବେଷଣାମୂଳକ ପୁସ୍ତକ ପ୍ରକାଶିତ ହୋଇଥିଲା । ସେସବୁ ସଞ୍ଚୟନ, ସଂକଳନ ଓ ଗବେଷଣା ଦିଗରୁ ସେ କାଳେ ଓଡ଼ିଶାରେ ଆଦର୍ଶସ୍ଥାନୀୟ ଥିଲା କହିଲେ ଚଳେ, 'ପଲ୍ଲୀଗୀତିସଞ୍ଚୟନ' ୧ମ ଭାଗ, 'ଓଡ଼ିଆ ଲୋକଗୀତ ଓ କାହାଣୀ', 'କବିଲିପି', 'ଆଧୁନିକ କାବ୍ୟଧାରା', 'ସମାଲୋଚନା', 'ଅଚ୍ୟୁତାନନ୍ଦ ଓ ପଞ୍ଚସଖା' ପ୍ରଭୃତି ବିଶେଷଭାବେ ଲୋକଦୃଷ୍ଟି ଆକର୍ଷଣ କରିଥିଲା । ବିଦ୍ୟାଭବନର ସ୍ୱତନ୍ତ୍ର ଗୃହ ନିର୍ମିତ ହେବାପରେ ଓଡ଼ିଆବିଭାଗର ଗୃହରେ କ୍ଲାସ୍ ହେଉଥିଲା । ଏକୁଟିଆ ସମସ୍ତ କ୍ଲାସ୍ ନେଉଥିବାରୁ ଗବେଷଣାଲାଗି ମୋତେ ମୋଟେ ସମୟ ମିଳୁ ନ ଥିଲା । ସକାଳ ବେଳାଟି କ୍ଲାସ୍ ଲାଗି ପ୍ରସ୍ତୁତିରେ କଟୁଥିଲା । ଉପରବେଳା କ୍ଲାସ ନେଉଥିଲି । ସନ୍ଧ୍ୟାରେ ଗୁରୁଛାତ୍ର ସମସ୍ତେ ମିଶି ବୁଲି ଯାଉଥିଲୁ—ନଦୀ କୂଳ, ନାଳ କୂଳ, ଖୁଆଇ, ଅପନ୍ତର ଗହୀର; ନାନା ଆଲୋଚନାରେ ସନ୍ଧ୍ୟାଟି ଆନନ୍ଦମୁଖର ହୋଇ ଉଠୁଥିଲା ।

ଚିତ୍ତରଞ୍ଜନ ଦାସ ଗୋଧୂଳିଭ୍ରମଣର ଜଣେ ନିତ୍ୟସଖା ଥିଲେ । ଶାନ୍ତିନିକେତନର ଭାବରେ ମଜ୍ଜି ଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଜଣେ । କିନ୍ତୁ ତା ଫଳରେ ଓଡ଼ିଆତ୍ୱ ବା ନିଜତ୍ୱ ସେ କେବେ ହରାଇ ନ ଥିଲେ । ଚିର ଅଧ୍ୟୟନଶୀଳ, ଅଧ୍ୟବସାୟୀ, ଦାର୍ଶନିକଭାବାପନ୍ନ । 'ନେପାଳ ପଥେ' ଭ୍ରମଣ କାହାଣୀ ପ୍ରକାଶ ପାଇଥିଲା ତାଙ୍କର । ଜଣେ ବଡ଼ ଲେଖକ ହେବାର ଉଚ୍ଚାକାଂକ୍ଷା ବେଳେ ବେଳେ କଥାବାର୍ତ୍ତାରୁ ଫୁଟି ପଡୁଥିଲା । ସେ ବିଶ୍ୱଭାରତୀ ବି.ଏ ଥିଲେ । ସେତେବେଳେ ବିଶ୍ୱଭାରତୀ ଓ ତାର ଡିଗ୍ରୀ ସ୍ୱୀକୃତିଲାଭ କରି ନ ଥିଲା । ତାଙ୍କୁ ଦେଖାଇ କେହି ଚାକିରୀ ପାଉ ନ ଥିଲେ । କିନ୍ତୁ ଏଇ ଯୋଗ୍ୟତାରେ କେତେକ ମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀ ହୋଇ ପାରିଥିଲେ—ଯେପରିକି ନବକୃଷ୍ଣ ଚୌଧୁରୀ । ସେ ବୋଧହୁଏ ବିଶ୍ୱଭାରତୀର ପ୍ରଥମ ଓଡ଼ିଆ ଛାତ୍ର । ମାଳତୀ ଚୌଧୁରୀ ଶାନ୍ତି-

ନିକେତନରେ ସୁଗାୟିକା ହିସାବରେ ପ୍ରସିଦ୍ଧି ଲାଭ କରିଥିଲେ । ଶ୍ରୀ ଚୌଧୁରୀ ଛାତ୍ର ଜୀବନ ଶେଷ ହେବା ପରେ ଶ୍ରୀମତୀ ମାଳତୀ ଦେବୀଙ୍କୁ ବିବାହ କରିଥିଲେ ।

ଶିଳ୍ପୀ ଜଗନ୍ନାଥ ଦାସ ମୋର ଅନ୍ୟତମ ଭ୍ରମଣସଙ୍ଗୀ ଥିଲେ । ଯେପରି ମିଶାଣିଆ ପ୍ରକୃତିର, ସେହିପରି ସଂଳାପଶୀଳ । ଦେଶାତ୍ମବୋଧ, ସାମାଜିକତା ଓ ବିନୟ ଯୋଗୁଁ ସେ ମାଷ୍ଟରମହାଶୟ(ନନ୍ଦଲାଲ ବୋଷ)ଙ୍କ ସମଧିକ ଶ୍ରଦ୍ଧା ଆକର୍ଷଣ କରି ପାରିଥିଲେ ।

ଶିଳ୍ପୀ ବିନୋଦ ରାଉତରାୟ ଶାନ୍ତିନିକେତନ ରହଣିକାଳରେ ଗୋଟିଏ ଗୋଧୂଳି ଶ୍ରୀକୁ ଅଦେଖା ଭାବେ ନଷ୍ଟ ହୋଇଯିବାକୁ ଦେଇନାହାନ୍ତି । ସେ ଯେପରି କି ଅନ୍ତରେ ଅନ୍ତରେ ତାର ଆହ୍ୱାନ ଶୁଣୁଥିଲେ । ଗୋଧୂଳିସମାରୋହର ପ୍ରକୃତ ପକ୍ଷେ ସେ ଜଣେ ଶିଳ୍ପୀ ଥିଲେ । ଏକାନ୍ତ ନିୟମିତ, ଭ୍ରମଣରେ ଚିରଅତୃପ୍ତ, ଅକ୍ଳାନ୍ତ, ପ୍ରକୃତିର ବାଉବୁଲାଦଳର ଜଣେ ରସରଙ୍ଗୀ, ଚିର ହାସ୍ୟପ୍ରବଣ । ସୌନ୍ଦର୍ଯ୍ୟର ଡାକରେ ଆତ୍ମହରା ହୋଇପଡ଼ନ୍ତି ସେ; ଓଡ଼ିଆ ଲୋକକଳା, ଲୋକସାହିତ୍ୟର ଜଣେ ଗ୍ରାହକ, ପ୍ରାବନ୍ଧିକ ।

ଦେବୀପ୍ରସନ୍ନ ପଟ୍ଟନାୟକ ଭ୍ରମଣର ଜଣେ ସାମୟିକ ସଙ୍ଗୀ । 'କବିଲିପି'ର ସଂକଳକ, ଜଣେ ଉତ୍ତମ ସଂଗଠକ ସେ ଥିଲେ । ତାଙ୍କ ସ୍ତ୍ରୀ ସୁଲକ୍ଷଣା ସୁଗାୟିକା; ଓଡ଼ିଆ ବଣଭୋଜି, ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ସେ ଗାଉଥିଲେ ।

ମୋର ସାମୟିକ ଭ୍ରମଣସଙ୍ଗୀ ଥିଲେ କବି ଓ ସମାଲୋଚକ, ସୁଶିକ୍ଷକ ଚିନ୍ତାମଣି ବେହେରା, ସହକର୍ମୀ ବୃନ୍ଦାବନ ଆଚାର୍ଯ୍ୟ, ଐତିହାସିକ ହରିଦାସଦା—ସଜ୍ଜନ, ତାଙ୍କ ଶ୍ଳୀଳତା ଓ ଶାଳୀନତା ବ୍ୟଙ୍ଗସ୍ତରକୁ ଆସି ଯାଉଥିଲା, ଯେତେବେଳେ 'ଶାଳୀର ପୁଅ' ନ କହି ସେ କହୁଥିଲେ—ଖୋକାର ମାଚୀର ଛେଲେ ! କବାଟ ଭାଙ୍ଗି ଚୋର ପଶି ତାଙ୍କୁ ପ୍ରହାର କଲାବେଳେ ସେ ପଚାରୁଥିଲେ—'ଆପନାରା କି ଭଦ୍ରଲୋକ ନନ୍ ?'

ଆଉ ଜଣେ ଭ୍ରମଣସଙ୍ଗୀ ଥିଲେ ସାଧୁଜୀ, ପାଲୀ ବିଦ୍ୱାନ୍, ବୌଦ୍ଧ, ଗେରୁଆ ବସ୍ତ୍ରଧାରୀ । ଦୀର୍ଘ ସନ୍ନ୍ୟାସ ପରେ ସେ ସଂସାର କଲେ, ବିଭା ହେଲେ ଜଣେ ବୌଦ୍ଧ ଭିକ୍ଷୁଣୀକୁ—ଏଇ ପୁରୁଷବେଶିନୀକୁ ନର କି ନାରୀ ବିଭା ହେବା ପର୍ଯ୍ୟନ୍ତ ଆମେ ଜାଣି ପାରି ନ ଥିଲୁ ।

ଅନ୍ୟ ଗୋଧୂଳିଯାତ୍ରୀମାନଙ୍କ ମଧ୍ୟରେ ଥିଲେ ଶିଳ୍ପୀ ଅନନ୍ତ, ଟିକିଏ ଖାମଖିଆଲୀ, ଅବଶ୍ୟ ତାଙ୍କ ଖିଆଲ ଶିଳ୍ପରେ ଏକ ସ୍ୱତନ୍ତ୍ର ଭୂମିକା ଘେନି ଫୁଟୁଥିଲା, ଗତାନୁଗତିକତାର ଅନୁସରଣ ନ କରି । ଶିଳ୍ପୀ ଦାଶରଥି, ଶିଳ୍ପବ୍ୟତୀତ କ୍ଷୁଦ୍ରଗଳ୍ପ ରଚନାରେ ସେ କୃତିତ୍ୱ ଦର୍ଶାଇ ଥିଲେ । ସେ ଦିନର ଛାତ୍ର, ପରେ ଗବେଷକ, ଅଧ୍ୟାପକ ଓ ମୋର ସହକର୍ମୀ ନରେନ୍ଦ୍ର ମିଶ୍ର, ଚିର ଚିନ୍ତାପ୍ରବଣ । ତାଙ୍କ ଲାଜକୁଳା ଭାବ ଏକ ପ୍ରବାଦରେ ପରିଣତ ହୋଇଥିଲା । ଜଣେ ଗବେଷିକା ଓ ସେ ଗୋଟିଏ କୋଠରୀରେ ଏକାଠି ବସି ଛ' ମାସ କାର୍ଯ୍ୟ କରିଥିଲେ । ଦିନେ ପଦେ ହେଲେ କଥା ସେ ସେଇ ବଙ୍ଗାଳୀ ଝିଅ ସଂଯୁକ୍ତାକୁ କହି ନ ଥିଲେ । ସେ ଦିନେ ମୋ ଆଗରେ ନାଲିସ୍ କରିଥିଲା । ଭ୍ରମଣସଙ୍ଗୀ ମହଲରେ ଏ କଥା ହାସ୍ୟର ହିଲ୍ଲୋଳ ଉଠାଇଥିଲା ।

ନରେନ୍ଦ୍ରମୋହନ ବେହେରଙ୍କର ସନ୍ନ୍ୟାସୀ ଢଙ୍ଗ; ସେ ଭଜନାନନ୍ଦୀ । ଭଜନ ସାହିତ୍ୟ ତାଙ୍କ ଗବେଷଣାର ବିଷୟ ଥିଲା । ତାଙ୍କ ବିଭାଘରକୁ ଶିଳ୍ପୀ ବିନୋଦ ଗୋଟିଏ ମାଳୀ ଓ କୋଥଳି ବିବାହଉପହାର ପଠାଇ ଦେଇଥିଲେ ।

ଦୁର୍ଗାଚରଣ ପରିଡା ପ୍ରେମଭାବାପନ୍ନ, ଦରଦୀ କବି । କାବ୍ୟଲୋକରୁ ସେ ତଳକୁ ଓହ୍ଲାଉଥିଲେ କ୍ୱଚିତ୍ । ଏକାନ୍ତ ରୋମାଣ୍ଟିକ୍, ଆଦ୍ୟ ତାରୁଣ୍ୟର ପ୍ରେମ, କାବ୍ୟ ଓ ସୁଦୂରପ୍ରସାରୀ କଳ୍ପନା ତାଙ୍କ ଜୀବନକୁ ସ୍ୱପ୍ନାଚ୍ଛନ୍ନ କରିଥିଲା ।

ଜୀବନର ଦୁଃସ୍ଥିତି ସହିତ ସଂଗ୍ରାମ କଲା ଭଳି ବାସ୍ତବ ଚେତନା ବା ସଂକଳ୍ପ ତାଙ୍କର ନ ଥିଲା । ଗୀତିକବିତା ଥିଲା ଏମ୍.ଏ.ରେ ତାଙ୍କର ସନ୍ଦର୍ଭର ବିଷୟ ।

କୃଷ୍ଣଚରଣ ବେହେରା ଟିକିଏ ଗମ୍ଭୀରପ୍ରକୃତିର, ହସନ୍ତି କ୍ୱଚିତ୍; ହସାନ୍ତି ବେଶୀ; ଲେଖାରେ କିଛି କିଛି ହାସ୍ୟରସ ପ୍ରକାଶ ପାଏ । ଦୁର୍ଗା ଓ କୃଷ୍ଣ ଦୁହେଁ ମିଶି ଓଡ଼ିଶାର ପ୍ରଥମ କବିତାପତ୍ରିକା 'କବିତା' ପ୍ରକାଶ କରିଥିଲେ । ଦୃଷ୍ଟି-କୋଣରେ ବେଶ୍ ନୂତନତା ଥିଲା । ସେମାନେ ମୋତେ ଲେଖା ମାଗୁ ନ ଥିଲେ, ନୂତନ କବି ସନ୍ଧାନରେ ହିଁ ଥିଲେ । ବୋଧ ହେଉଥିଲା, ଏହାକୁ କେନ୍ଦ୍ର କରି ଓଡ଼ିଆ ସାହିତ୍ୟରେ ଗୋଟିଏ ନୂଆ ଯୁଗ ଆରମ୍ଭ ହୋଇଯିବ । ହେଲାନାହିଁ । ତିନୋଟି ସଂଖ୍ୟାର ପ୍ରକାଶ ପରେ 'କବିତା' ବନ୍ଦ ହୋଇଗଲା, ଯେପରି ବନ୍ଦ ହୋଇଥିଲା କବି ରାଧାମୋହନ ଗଡ଼ନାୟକଙ୍କ 'ଏକଚକ୍ର' । ବନ୍ଦ ହେବାର ମୁଖ୍ୟ କାରଣ ଅର୍ଥାଭାବ, ଅଧ୍ୟୟନ ଓ ପତ୍ରିକାପ୍ରକାଶନ ଏଇ ଦୁଇଟି ଦାୟିତ୍ୱ ତୁଲାଇବାରେ ଅସାମର୍ଥ୍ୟ ।

ଅନ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିଲେ କବି ପ୍ରସନ୍ନ ମିଶ୍ର, ବିଜ୍ଞାନକୁ ଛାଡ଼ି ଯେ କଳାକୁ ଆଶ୍ରିଥିଲେ, କୃତିତ୍ୱ ଅର୍ଜନ କରିଥିଲେ, ହସର କିଛି କାରଣ ନ ଥିଲେ ବି ହସୁଥିଲେ, ବେଳେବେଳେ ଦୁଃଖରେ ବି ହସି ପକାଉଥିଲେ, ପିଲାର କାନ୍ଦିବା ରୀତି ଅନୁକରଣରେ ପାଟବ ଦେଖାଇ ସେ ହାସ୍ୟୋଦ୍ରେକ କରୁଥିଲେ ।

ସାଗରବେଳା ପରି ହାସ୍ୟୋଚ୍ଛ୍ୱସମୟୀ ବେଳାରାଣୀ ରଥ; ଦକ୍ଷିଣରେ ପଣ୍ଡିତେ କିପରି ପଢ଼ାନ୍ତି, ଯାତ୍ରାରେ ବିଭିନ୍ନ ସୁଆଙ୍ଗ କିପରି ଅଭିନୟ କରନ୍ତି; ସେ ଲୀଳିକା କରି ହସାଇ ହସାଇ ବେଦମ୍ କରୁଥିଲେ; ତାଙ୍କର ବିପରୀତ କୋଟୀରେ ଥିଲେ ରାଧାରାଣୀ, ସ୍ଥିର ଗମ୍ଭୀର ଏକ ହ୍ରଦ ପରି । ଜଗବନ୍ଧୁ ସାହୁ ବୃତ୍ତିଆଶାରେ ପଢ଼ୁଥିଲେ; ସାହିତ୍ୟର ଧାର୍ ଧାରୁ ନ ଥିଲେ ସେ ।

ଆମ ସଙ୍ଗେ ବେଳେବେଳେ ଆସୁଥିଲେ ଗମ୍ଭୀର କବି କମଳାକାନ୍ତ, ପ୍ରାବନ୍ଧିକ ରାଘବାନନ୍ଦ, ସୌଜନ୍ୟମୟୀ, ସ୍ନେହସ୍ନିଗ୍ଧା କମଳା, ଯେ ରୀତିମତ ଡାୟରି ଲେଖିବା ଲାଗି ମୋତେ କେତୋଟି ଖାତା ଉପହାର ଦେଇଥିଲେ; ଗଳ୍ପଲେଖକ ଭକ୍ତିଭାବାପନ୍ନ ଅଭିନ୍ନ, ଯାହାଙ୍କ ଶେଷ କ୍ଲାସ୍‌ଟି ନେଇ ମୁଁ ଶାନ୍ତିନିକେତନରୁ ବିଦାୟ ନେଇଥିଲି ।

ସାନ୍ଧ୍ୟ ଭ୍ରମଣରେ ସାହିତ୍ୟ, ରାଜନୀତି, କଳା, ଭାସ୍କର୍ଯ୍ୟ କେଉଁ ବିଷୟରେ ବା ଆମର ଚର୍ଚ୍ଚା ହେଉ ନ ଥିଲା ? ଓଡ଼ିଆସାହିତ୍ୟକୁ କିପରି ଭାରତୀୟ ଯେ କୌଣସି ସାହିତ୍ୟର ସମକକ୍ଷ କରି ଗଢ଼ିବାକୁ ହେବ, ବିଶ୍ୱଦରବାରରେ କିପରି ଓଡ଼ିଆ

ସାହିତ୍ୟକୁ ପରିଚିତ, ପ୍ରତିଷ୍ଠିତ କରିବାକୁ ହେବ, କିପରି ବୈଜ୍ଞାନିକ ପ୍ରଣାଳୀରେ ପ୍ରାଚୀନ ଗ୍ରନ୍ଥ ସଂକଳନ କରିବାକୁ ହେବ, ଓଡ଼ିଆ ସାହିତ୍ୟର ସର୍ବାଙ୍ଗୀନ ଗବେଷଣା ଲାଗି ଗବେଷଣାମନ୍ଦିର ପ୍ରତିଷ୍ଠା କରିବାକୁ ହେବ, ସମାଲୋଚନା ଲାଗି ସ୍ୱତନ୍ତ୍ର ପତ୍ରିକା ପ୍ରକାଶ କରିବାକୁ ହେବ, ଓଡ଼ିଆ ସାହିତ୍ୟର କ୍ଷିପ୍ର ଉନ୍ନତି ଲାଗି ସ୍ୱତନ୍ତ୍ର ଡିରେକ୍ଟରେଟ ପ୍ରତିଷ୍ଠା କରିବାକୁ ହେବ, ବିଶ୍ୱସାହିତ୍ୟର ଅନୁବାଦ, ପଲ୍ଲୀସଂସ୍କୃତି ସଂଗ୍ରହଲାଗି ସ୍ୱତନ୍ତ୍ର ଅନୁଷ୍ଠାନ ସ୍ଥାପନ କରିବାକୁ ହେବ ଇତ୍ୟାଦି ନାନା ବିଷୟରେ ଆଲୋଚନା ହେଉଥିଲା । ତାଳମାଳ; ଦିଗଦିଗନ୍ତ ପ୍ରସାରିତ ରଙ୍ଗୀନ୍ ମାଟି ପ୍ରାନ୍ତରର ଶୁଷ୍କକାଶହାସ୍ୟ, ବର୍ଷାକାଳର ଅସ୍ଥାୟୀ ନଦୀଧାର ଓ ଉପଳ, କିଆକୁଞ୍ଜ—ଯୁଆଡ଼େ ମନ ସିଆଡ଼େ ହିଁ ପଥ ପ୍ରସାରିତ ହେଉଥିଲା । ଭ୍ରମଣର ଉଦ୍ଦେଶ୍ୟ ଭ୍ରମଣ ହିଁ ଥିଲା, ଅବଶ୍ୟ ଶାରୀରିକ, ମାନସିକ ଉଭୟ । ଶାନ୍ତିନିକେତନର ନିଃସଙ୍ଗ ଜୀବନକୁ ଏହିପରି ଭାବେ ଆମେ ସୁନ୍ଦର, ସରସ କରୁଥିଲୁ ।

ମଧ୍ୟେ ମଧ୍ୟେ ହେଉଥିଲା ଆମର ବଣଭୋଜି, ପିଅରସନ୍ ପଲ୍ଲୀ ବା ପରିତ୍ୟକ୍ତ ନୀଳକୋଠି, ବିନୟଭବନ ନିକଟବର୍ତ୍ତୀ ଆମ୍ରକୁଞ୍ଜରେ । ଅଥବା କୋପାଇ ନଦୀଧାରରେ । ସମସ୍ତ ଓଡ଼ିଆ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମୀ ଏଥିରେ ଯୋଗ ଦେଉଥିଲେ, ଏକାଠି ବସି ଗୀତ ଗାଉଥିଲେ ବା ଖେଳୁଥିଲେ, ନିଜେ ନିଜେ ରନ୍ଧାବଢ଼ା କରୁଥିଲେ । ଭୋଜନବେଳେ ଧୂମ ପବନ ଆସୁଥିଲା, ହେଉଥିଲା ପ୍ରବଳ ବର୍ଷା । ହଣ୍ଡାହାଣ୍ଡି ବୋହି ବସାକୁ ଫେରିବା ଏକ ସମସ୍ୟା ହେଉଥିଲା । ସେ କୌତୂହଳ ତା ଏବେ କଳ୍ପନା କରି ହେଉନାହିଁ ।

## ପିଲା ଓ ପାଲା

ସେ ଗୋଟିଏ ଚୌରପଞ୍ଚାଶିକା, ପ୍ରକାର ଟିକିଏ ଭିନ୍ନ, ସ୍ୱାଦ ଉତ୍କଟ । ପୁରଞ୍ଜୟ ବଡ଼ ଲୋକ ପିଲା, ବିନା ପଇସାରେ ଟିଉସନ୍ କରୁଥିଲା ଗୋଟିଏ ଯୁବତୀ ଝିଅକୁ । ଆକଟ କରିବାକୁ ମାଆ ନ ଥିଲା । ବାପ ଆଖି ବୁଜିଥିଲା—ଚିହ୍ନାଲୋକର ପିଲା, ସବୁବେଳେ ତ ଘରକୁ ଯା ଆସ କରେ—ସାହାଯ୍ୟ କରିବ ତ କରୁ ।

ପୁର ପଢ଼ାଏ, ଯେତେ ପଢ଼ାଇଲେ ବି ସରେନାହିଁ; ଝିଅଟା ନାନା ବିଷୟରେ ଦୁର୍ବଳ ଅଛି, ମୂଳଦୁଆ ସଫଳ କରିବା କଣ ସହଜ କଥା ?

କିମ୍ଭୀର ନେଇ ମଝି ନଈରେ କଲାବେଳକୁ ଗୋଲତସରୀ ଝିଅ ସକେଇଲା; ଆଉ କଣ ଅଛି ? ନେଡ଼ି ଗୁଡ଼ ତ କହୁଣୀକି ବୋହି ଯାଇଚି । ବାପର ଚେଙ୍ଗା ପଶିଲା; କିନ୍ତୁ ଚୌରେ ଗତେ ବା କିମ୍ଭୁ ସାବଧାନମ୍ ? ସେତେବେଳକୁ ଖୋପା ମାରି ପୁର ଯାଇ ଶାନ୍ତିନିକେତନରେ—ଏମ୍. ଏ ପଢ଼ୁଚି ।

ବିକଳ ଡାକରେ ଦେଖା ଦେଲା—କହିଲା—ଚାଲ, ଏ କଥା ଫୁଟିଆସୁ ନ ହେଉ—ଶାନ୍ତିନିକେତନରେ ଚୁପ୍‌ଚାପ୍ ବିଭାଘର ହେଇଯିବ—ମାଳା ବଦଳ ।

ଅତିଥିଭବନରୁ ସୂତ୍ରରେ ଝିଅର ପ୍ରେମପତ୍ର ତାକ୍‌ସଟି କେତେବେଳେ ହରଣଚାଲ କରି ଖସିଗଲା । କୁଆଡ଼େ ଯେ ଗଲା ଆଉ ପତ୍ତା ମିଳିଲା ନାହିଁ—ବାପ କର୍ତ୍ତୃପକ୍ଷଙ୍କ ନିକଟରେ ନାଲିସ୍‌ଟିଏ କରି କାନ୍ଦି କାନ୍ଦି ଘରକୁ ବାହୁଡ଼ିଲା ।

କର୍ତ୍ତା ଘଟଣାର ଅନୁସନ୍ଧାନର ଦାୟିତ୍ୱ ମୋ ଉପରେ ଦେଲେ । ମୁଁ ଝିଅଙ୍କୁ କହିଲି—ଖଣ୍ଡେ ଯଦି ପ୍ରେମପତ୍ର ଦିଅ, ତା ମଜ୍ଜା ନିକାଳି ଦେବି । 'ପଥ ସୁମରି ପିତାଘର ଯିବ, ଆଉ ଅଯୋଧ୍ୟାକୁ ମନ ନ କରିବ ।' ଝିଅ କିଛି ହେଲେ ପ୍ରମାଣ ଦେଖାଇ ପାରିଲାନାହିଁ ।

ପୁଅ ଶାନ୍ତିନିକେତନ ଛାଡ଼ି ଯାଇ ଅନ୍ୟତ୍ର ପଢ଼ିଲା, ସୁଯୋଗ୍ୟ ହୋଇ ଚାକିରୀ କଲା, ଚାକିରୀ କରିଥିବା ପାତ୍ରୀଟିଏ ବିଭା ହେଲା ।

ଏ ଝିଅଟି ସମାଜ ଦୃଷ୍ଟିରେ ହେଲା ପତିତା, ମୁଣ୍ଡ ଟେକି ସେ ଚାଲି ପାରିଲା ନାହିଁ । ତାର ଝିଅଟିଏ ଜନ୍ମ ହେଲା । ସେ ସମୟରେ ମୋ ସହିତ ତାର ବହୁ ଚିଠିପତ୍ର କାରବାର ହୋଇଥିଲା, ମୁଁ ତାକୁ ପରାମର୍ଶ ଦେଲି—ତୁ ପଢ଼ାପଢ଼ି କର, ଏ ଝିଅଟିକୁ ମଣିଷ କର । ସେ ପଢ଼ାପଢ଼ି କରି ଗୋଟିଏ ଶିକ୍ଷୟିତ୍ରୀ ହେଲା; ଏଇ ସମୟରେ ପୁଅ ପାଗଳ ହେଲା, ସୁସ୍ଥ ହେଲା ପରେ ବୁଝିଲା—ଏ ଦୈବ ଦଣ୍ଡ । କିନ୍ତୁ ଶଙ୍କାଶୀଳ, ନିଷ୍କ୍ରିୟ । ଏଇ ପାଲା ଏବେ ବି ସାୟ ହୋଇନାହିଁ । କେବେ ହୋଇ ପାରିଛି କି ?

ମୁଁ ପହିଲେ ଶାନ୍ତିନିକେତନରେ ବିଶ୍ୱଭାବର ସ୍ପର୍ଶ ପାଇଲି, ଅନୁଭବ କଲି ହୃଦୟର ସଂପ୍ରସାରଣ । ବାଲେଶ୍ୱର ଫକୀରମୋହନସାହିତ୍ୟପରିଷଦ୍‌ରୁ ବିଛିନ୍ନ ହୋଇ ଭଲ ଲାଗୁ ନ ଥାଏ, ଇଚ୍ଛାହେଲା ବିଶ୍ୱଭାରତୀରେ ଗୋଟିଏ ସାହିତ୍ୟ ପରିଷଦ୍ ଗଢ଼ିବାକୁ—ବିଶ୍ୱସାହିତ୍ୟପରିଷଦ । ଅବଶ୍ୟ ଏକ ଅତି କଳ୍ପନା—ତଥାପି ଆଂଶିକ ଭାବେ କାର୍ଯ୍ୟରେ ପରିଣତ ହୋଇଥିଲା । ବଙ୍ଗଳା, ହିନ୍ଦୀ, ତେଲୁଗୁ, ତାମିଲ୍, ଗୁଜୁରାଟୀ କି ଘେନି 'ଭାରତୀୟ ସାହିତ୍ୟ ପରିଷଦ' ଗଢ଼ିଥିଲେ ଚଳିଆନ୍ତା—କିନ୍ତୁ କଳ୍ପନା ଉଚ୍ଚ ସ୍ତରରେ ଗତି କରୁଥିଲା । ଇଉରୋପୀୟ, ଏସୀୟଙ୍କ ଯୋଗଦାନ ଲାଗି ପରିଷଦର ଦ୍ୱାର ଉନ୍ମୁକ୍ତ ରହିଲା । ପ୍ରଥମ ବୈଠକରେ ମୋତେ କରାଗଲା ସଭାପତି, ଅମିୟ ସେନ୍‌ଙ୍କୁ ସମ୍ପାଦକ ।

## ବିଶ୍ୱସାହିତ୍ୟପରିଷଦ୍

ଏହି ପରିଷଦ୍‌ର ମାତ୍ର ଦୁଇଟି ବୈଠକ ହୋଇଥିଲା । ପ୍ରଥମ ବୈଠକରେ କହିଥିଲେ ଡକ୍‌ଟର ହାଜାରୀ ପ୍ରସାଦ ଦ୍ୱିବେଦୀ, 'ହିନ୍ଦୀ ସାହିତ୍ୟର ବିକାଶଧାରା' ସଂପର୍କରେ, ଦ୍ୱିତୀୟ ବୈଠକରେ ମୁଁ ଆଧୁନିକ ଓଡ଼ିଆସାହିତ୍ୟ ସଂପର୍କରେ ଭାଷଣ ଦେଇଥିଲି । ଏଥିରେ ସାହିତ୍ୟିକ ଓ ସାହିତ୍ୟପ୍ରେମୀମାନଙ୍କର ଖୁବ୍ ଗୋଟାଏ ଆଗ୍ରହ ପ୍ରକାଶ ପାଇଲାନାହିଁ । ମୋର ବି ମନେ ହେଲା ଏଇଟା ଖୁବ୍ ବଡ଼ ହୋଇଯାଇଛି—ନାମ୍ ବଡ଼ା, ଦରଶନ୍ ଥୋଡ଼ା । 'ବିଶ୍ୱ' ନାମ ଦେଇ ଦଶ କୋଡ଼ିଏ ଜଣ ବସି ଚର୍ଚ୍ଚା କଲେ ଗୋଟାଏ ହାସ୍ୟକର ବିଷୟ ହୋଇପଡ଼େ, ସେ କୋଡ଼ିଏ ଜଣଙ୍କ ମଧ୍ୟରୁ ଯଦି ବାର ଜଣ ବଙ୍ଗାଳୀ ହୋଇଥାନ୍ତି । ଶାନ୍ତିନିକେତନରେ ସେତେବେଳେ ତେତିଶଟି ଭାଷାର ଅଧ୍ୟାପକ, ଛାତ୍ର ବା ଗବେଷକ ଥିଲେ, ଚାରି ପାଞ୍ଚୋଟି ଭାଷାଭାଷୀ ଲୋକ ମାତ୍ର ସଭାରେ ଉପସ୍ଥିତ ହେଉଥିଲେ ଅଧିକାଂଶଙ୍କୁ ପ୍ରବର୍ତ୍ତେଇ ସାହିତ୍ୟସଭାକୁ ଆଣିବା ଲାଗି ମୋର କିମ୍ବା ସମ୍ପାଦକଙ୍କର ବୋଧହୁଏ ଚୁମ୍ବକୀୟ ବ୍ୟକ୍ତିତ୍ୱ ନ ଥିଲା ।

'ବିଶ୍ୱସାହିତ୍ୟପରିଷଦ' ଭାଙ୍ଗିଲା, କିଛି ପରିମାଣରେ ହଙ୍ଗ ହଙ୍ଗ ହୋଇ ଆଗେଇ ଚାଲିବାର ଆଗ୍ରହ ମଧ୍ୟ । ଛ' ମାସ ପରେ ୧୯୫୨ ବେଳକୁ ଆଉ ଗୋଟିଏ

ପରିଷଦ୍ ମୁଣ୍ଡ ଟେକିଲା, ପୁଣି ମୋ'ରି ଚେଷ୍ଟାରେ—ନାମ 'ସପ୍ତର୍ଷି', କ୍ଷୁଦ୍ରତମ; ମାତ୍ର ସାତ ଜଣ ସଭ୍ୟଙ୍କୁ ଘେନି ଏହା ଗଠିତ ହେଲା —ସମସ୍ତେ ଋଷି ବା ନକ୍ଷତ୍ର ପଦବାଚ୍ୟ ନୋହିଲେ ବି । ଘରୋଇ ଭାବ ହିଁ ଏହାର ମୁଖ୍ୟ ବୈଶିଷ୍ଟ୍ୟ । ଏଥିରେ ନ ଥିଲା କିଛି ମାସିକ ଚାନ୍ଦା, କିମ୍ବା କିଛି ସମ୍ବିଧାନ ବା ନିୟମ । ଏହାର କେହି ସଭାପତି ବା ସମ୍ପାଦକ ନ ଥିଲେ – ସମସ୍ତେ ସଭ୍ୟ, ପରିଷଦର ସମାନ ପଦଅଧିକାରୀ । ପରିଷଦର ବୈଠକ ଲାଗି ନିର୍ଦ୍ଦିଷ୍ଟ ସ୍ଥାନ ନ ଥିଲା । ସଭ୍ୟ ନିଜ ଘରେ ଏହି ବୈଠକ ଡକାଉଥିଲେ, ସଭ୍ୟମାନଙ୍କୁ ଚା ପାନ କରାଉଥିଲେ, ତା ମଧ୍ୟରେ କୌଣସି ସଭ୍ୟ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା କରୁଥିଲେ । ଏହି ପରିଷଦ୍‌ଟି ବର୍ଷାଧିକ କାଳ ସଫଳ ଭାବେ ଚାଲୁ ରହିଲା, ଜଣେ ସଭ୍ୟ ଏହା ମୋଟେ ନ ଡକାଇବାରୁ ଓ ଶାଳୀନତା ଦୃଷ୍ଟିରୁ କେହି ତାଙ୍କୁ କିଛି ନ କହିବାରୁ 'ସପ୍ତର୍ଷି' ଭାଙ୍ଗିଗଲା ।

ବିଦ୍ୟାଭବନର ଅଧ୍ୟକ୍ଷ ଡକଟର ପ୍ରବୋଧଚନ୍ଦ୍ର ବାଗ୍‌ଚି ମଧ୍ୟ ନିଜ ବାସଭବନରେ ଏହିପରି ଏକ ବୈଠକ ଡକାଉଥିଲେ; ସେଠି ୩୦।୪୦ ଜଣ ସଭ୍ୟ ଉପସ୍ଥିତ ହେଉଥିଲେ । କିନ୍ତୁ ତାହା ମଧ୍ୟ ବେଶୀ ଦିନ ଚାଲୁ ରହି ପାରିଲାନାହିଁ ।

ସରକାରଙ୍କ ସଙ୍ଗେ ମତ ଅମେଳ ହେବାରୁ ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ ଚାକିରୀମୋହ ତ୍ୟାଗ କରି ଆସି ଶାନ୍ତିନିକେତନରେ ବାସ କରୁଥିଲେ । ରବୀନ୍ଦ୍ରନାଥଙ୍କ ପରେ ଶାନ୍ତିନିକେତନରେ ଏତେ ବଡ଼ ସାହିତ୍ୟିକ ବ୍ୟକ୍ତିତ୍ୱ ଆଉ ନ ଥିଲା । ତାଙ୍କ ଗୃହ ପ୍ରକୃତରେ ଏକ ସାରସ୍ୱତ ତୀର୍ଥ ହୋଇଯାଇଥିଲା । ସେ ମଧ୍ୟେ ମଧ୍ୟେ କେତେକ ବିଶିଷ୍ଟ ସାହିତ୍ୟିକଙ୍କୁ ଡାକି ନିଜ ଗୃହରେ ସାହିତ୍ୟସଭା କରାଉଥିଲେ । କବିତାଆବୃତ୍ତି ମଧ୍ୟରେ ସାହିତ୍ୟଆଲୋଚନା ହେଉଥିଲା । ଅନ୍ନଦାଶଙ୍କର ସାହିତ୍ୟିକମାନଙ୍କୁ ଜଳଯୋଗରେ ଆପ୍ୟାୟିତ କରୁଥିଲେ ।

ମୁଖ୍ୟତଃ ତାଙ୍କରି ନେତୃତ୍ୱରେ ଶାନ୍ତିନିକେତନରେ ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗ ସାହିତ୍ୟସମ୍ମେଳନ ଅନୁଷ୍ଠିତ ହୋଇଥିଲା, ବୋଧହୁଏ ୧୯୫୧ରେ; ମୁଁ ଏହି ସମ୍ମିଳନୀରେ 'ବଙ୍ଗଳା ଓ ଓଡ଼ିଆ ଲୋକସାହିତ୍ୟ' ସଂପର୍କରେ ଏକ ତୁଳନାତ୍ମକ ଆଲୋଚନା ପାଠ କରିଥିଲି । ଭାରତଭଙ୍ଗ ପରେ ସାଂସ୍କୃତିକ ସମ୍ମେଳନ ଲାଗି ଏହା ପ୍ରଥମ ଚେଷ୍ଟା ।

## ଓଡ଼ିଆସାହିତ୍ୟପରିଷଦ୍

୧୯୫୩ରେ ବିଶ୍ୱଭାରତୀ ଓଡ଼ିଆସାହିତ୍ୟପରିଷଦ୍ ସଂଗଠିତ ହେଲା । ମୁଁ ହେଲି ସ୍ଥାୟୀ ସଭାପତି; ସମ୍ପାଦକ କୌଣସି ଛାତ୍ର । ଛାତ୍ରଛାତ୍ରୀ, ଅଧ୍ୟାପକମାନେ କବିତା, ଗଳ୍ପ, ଭ୍ରମଣକାହାଣୀ, ପ୍ରବନ୍ଧସବୁ ଲେଖି ଆଣୁଥିଲେ, ସେସବୁ ପରିଷଦ୍‌ରେ ପଠିତ ବା ଆଲୋଚିତ ହେଉଥିଲା । ସଂଖ୍ୟା ଊଣା ଥିବାରୁ ପ୍ରାୟ ପ୍ରତ୍ୟେକ ସଭ୍ୟଙ୍କୁ କିଛି କିଛି ଲେଖିବାକୁ ହେଉଥିଲା । ପରିଷଦ୍‌ର ପ୍ରେରଣାରେ ନିତାନ୍ତ ଅନାଡ଼ି ମଧ୍ୟ ଅଳ୍ପକାଳ ମଧ୍ୟରେ ଜଣେ ଲେଖକ ହୋଇ ବାହାରୁଥିଲା । ଲେଖାପାଠର ମଧ୍ୟେ ମଧ୍ୟେ ଗୋଟିଏ ଗୋଟିଏ ସଂଗୀତ ବୋଲା ଯାଉଥିଲା ।

ବେଳେ ବେଳେ ସଙ୍ଗୀତର ପୁର୍ଣ୍ଣ ଆସର ମଧ୍ୟ ବସୁଥିଲା । ପରିଷଦ୍‌ର ସଭ୍ୟମାନେ ଗ୍ରୀଷ୍ମ ବା ପୂଜାଛୁଟି ଆଗରୁ ବଣଭୋଜି କରି ଯାଉଥିଲେ । ବିଶ୍ୱଭାରତୀରେ ଶିଶୁ ଭବନର 'ସାହିତ୍ୟିକା'କୁ ଛାଡ଼ିଦେଲେ ଓଡ଼ିଆସାହିତ୍ୟପରିଷଦ ଏକମାତ୍ର ସୁପରିଚାଳିତ ଓ ନିୟମିତ ପରିଷଦ୍ ଥିଲା । ବଙ୍ଗଳା ବା ହିନ୍ଦୀସାହିତ୍ୟପରିଷଦ୍ ବର୍ଷକେ ଥରେ ଦୁଇଥର ବସେ । କିନ୍ତୁ ଓଡ଼ିଆସାହିତ୍ୟପରିଷଦ୍‌ର ବୈଠକ ବର୍ଷକେ ପ୍ରାୟ ୫୦ଟି ହେଉଥିଲା । ଓଡ଼ିଶାରୁ ବିଶିଷ୍ଟ ସାହିତ୍ୟିକ ଗଲେ ସେ ଏହି ପରିଷଦ ଦ୍ୱାରା ଶାନ୍ତିନିକେତନୀ ରୀତିରେ ସଂବର୍ଦ୍ଧିତ ହେଉଥିଲେ । ମଧ୍ୟେ ମଧ୍ୟେ ଏହି ପରିଷଦ୍‌ରେ ନିମନ୍ତ୍ରିତ ହୋଇ ହିନ୍ଦୀ, ବଙ୍ଗଳା, ମରହଟ୍ଟୀ ବିଶିଷ୍ଟ ସାହିତ୍ୟିକମାନେ ଭାଷଣ ଦେଉଥିଲେ । ପରିଷଦ୍‌ର ଆନୁକୂଲ୍ୟରେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ କଳାପ୍ରଦର୍ଶନୀ ହେଉଥିଲା; ଓଡ଼ିଆ ନାଟକର ଅଭିନୟ ହେଉଥିଲା । ପରିଷଦ୍ ତରଫରୁ ସମ୍ମେଳନ ଡକାଯାଇ ଓଡ଼ିଆସାହିତ୍ୟ, ଓଡ଼ିଶୀ ସଂଗୀତ ଓ ନୃତ୍ୟର ସୁପରିଚୟ ପ୍ରଦାନ କରାଯାଉଥିଲା ।

ସେଥିଲାଗି ଓଡ଼ିଶାରୁ କେତେକ ନର୍ତ୍ତକନର୍ତ୍ତକୀ, ବାଦକ ଓ ଗାୟକଙ୍କୁ ନିମନ୍ତ୍ରଣ କରା ଯାଉଥିଲା । ବିଶ୍ୱଭାରତୀର ବିଶେଷତଃ ବିଦ୍ୟାଭବନର ଏମ୍. ଏ ଓ ଅନର୍ସର ଛାତ୍ରଛାତ୍ରୀମାନେ ବିଶ୍ୱଭାରତୀରୁ ଜଣେ ଜଣେ ସୁପରିଚିତ ସାହିତ୍ୟିକ ବା ସାହିତ୍ୟିକା ହୋଇ ଫେରୁଥିଲେ ।

କିନ୍ତୁ ଆମ ସଂଖ୍ୟା ଶୋଚନୀୟ ଭାବେ କମିଗଲା । ଓଡ଼ିଶା ସରକାର ଖଲ୍ଲିକୋଟରେ କଳାବିଦ୍ୟାଳୟ ଖୋଲିବା ଫଳରେ କଳା ପଢ଼ିବା ଲାଗି ଆଉ ବେଶୀ ଛାତ୍ର ଶାନ୍ତିନିକେତନ ଆସିଲେନାହିଁ । ବିଦ୍ୟାଭବନରେ ଦୁଇ ଚାରିଜଣ ଛାତ୍ର ମାତ୍ର ।

ଶାନ୍ତିନିକେତନରେ ଯେଉଁମାନେ ଅଛନ୍ତି, ଯେଉଁମାନେ ଅଧ୍ୟୟନ ବା ଅଧ୍ୟାପନା ପରେ ଚାଲି ଯାଇଛନ୍ତି, ସେମାନଙ୍କ ଏକତ୍ରାବସ୍ଥାନର ଉପାୟ କଣ ? ସମ୍ମେଳନ ବହୁ ବ୍ୟୟସାପେକ୍ଷ ; ଗୋଷ୍ଠୀ ଫଟୋଟିଏ ନେବା ମଧ୍ୟ ସମ୍ଭବ ନୁହେଁ । ଆମେ ଥିଲୁ ଗୋଟିଏ ପରିବାର, ସମଦୁଃଖୀ । ସମ୍ବନ୍ଧ ଏତେ ନିବିଡ଼ ଯେ ଜଣକ ସଙ୍ଗେ ଜଣକର ସାକ୍ଷାତ ନ ହେଲେ ଅଚଳ । ଏଭଳି ଭ୍ରାତୃବନ୍ଧନ ଅନ୍ୟତ୍ର ସୃଷ୍ଟି ହେବା ସହଜ ନୁହେଁ । ଏଇ ଏକାତ୍ମତାରୁ ପ୍ରାଣବନ୍ତ ସାହିତ୍ୟର ସୃଷ୍ଟି ହୁଏ । ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କର ସହଯୋଗ ଓ ସମପ୍ରାଣତାର ପ୍ରତୀକରୂପେ 'ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା'ର ପରିକଳ୍ପନା ଓ ବହୁ ପରିଶ୍ରମ ପରେ ଏହା ସାର୍ଥକ ରୂପ ଗ୍ରହଣ କଲା । 'ଓଡ଼ିଶାସାହିତ୍ୟଏକାଡେମୀ' ୧୯୬୨ରେ ଏହା ପ୍ରକାଶ କରିଥିଲେ । ଏହି ପୁସ୍ତକର ବିକ୍ରୟଲବ୍ଧ ଅର୍ଥ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ମୂଳପୁଞ୍ଜି ହୋଇଥିଲା । ଏଥିରେ କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଏକାଙ୍କିକା, ନାଟକ, ଭ୍ରମଣକାହାଣୀ ସମ୍ପର୍କରେ ସମାଲୋଚନାମାନ ପ୍ରକାଶିତ ହୋଇଥିଲା ।

ଅନ୍ୟାନ୍ୟ ଗୁରୁଙ୍କର କାର୍ଯ୍ୟ ମଧ୍ୟରେ ଅନ୍ନଦାଶଙ୍କର ରାୟଙ୍କର ଓଡ଼ିଆ ଲେଖାସବୁ ପରିଷଦ୍‌ର ସଭ୍ୟମାନେ ସଂକଳନ କରିଥିଲେ । ତାହା 'ସବୁଜ ଅକ୍ଷର' ନାମରେ ପ୍ରକାଶିତ ହୋଇଥିଲା ।

ଶାନ୍ତିନିକେତନର ରହଣିକାଳ ମଧ୍ୟରେ ଅଧ୍ୟାପକ ନରେନ୍ଦ୍ରନାଥ ମିଶ୍ରଙ୍କ ପ୍ରଚେଷ୍ଟାରେ 'କୃଷ୍ଣବିହାରୀ ଅଧ୍ୟୟନ'ର ଦୁଇଟି ଭାଗ ପ୍ରକାଶିତ ହୋଇଥିଲା । ପ୍ରଥମଭାଗ ୧୯୫୭, ଦ୍ୱିତୀୟ ଭାଗ ୧୯୬୦ରେ ଓ ତୃତୀୟ ଭାଗ ଶାନ୍ତିନିକେତନ ଛାଡ଼ିବା ପରେ ୧୯୬୩ରେ ପ୍ରକାଶ ପାଇଥିଲା ।

ଶାନ୍ତିନିକେତନରେ ମୁଁ ପ୍ରାୟ ୧୧ ବର୍ଷ (୧୯୫୦ରୁ ୧୯୬୧) ରହିଥିଲି । ଏ ଏଗାରବର୍ଷ ମୋ ଜୀବନର ସୁବର୍ଣ୍ଣ ଯୁଗ । ବହୁ ଅଧ୍ୟୟନ, ଭ୍ରମଣ ଓ ବିପୁଳ ବ୍ୟକ୍ତିତ୍ୱ ସଂସ୍ପର୍ଶରେ ଚିତ୍ତ ପ୍ରଶସ୍ତତର ହୋଇଥିଲା, ସୃଷ୍ଟିଶକ୍ତି ବିଚିତ୍ର ଧାରାରେ ପ୍ରବାହିତ ହୋଇଥିଲା—କାବ୍ୟକବିତାରେ, ଲୋକ କଥା ବା ଭ୍ରମଣକାହାଣୀରେ, ସମାଲୋଚନା ବା ଗବେଷଣାମୂଳକ ପ୍ରବନ୍ଧରେ । ମୋ ତତ୍ତ୍ୱାବଧାନରେ 'ଆଧୁନିକ କାବ୍ୟଧାରା' ସମ୍ବନ୍ଧରେ ପ୍ରବନ୍ଧ ଲେଖି ନରେନ୍ଦ୍ର ପିଏଚ୍ ଡି. ଡିଗ୍ରୀ ଲାଭ କରିଥିଲେ । ଚିନ୍ତାଶୀଳ ପ୍ରବନ୍ଧରଚନାରେ ନରେନ୍ଦ୍ର ସୁନିପୁଣ ଥିଲେ—ଶାନ୍ତଶିଷ୍ଟ ବିନୟୀ, ଚିର ସାଧନାନିବିଷ୍ଟ । ଅଷ୍ଟମ ଶ୍ରେଣୀରୁ ଅଦ୍ୟାବଧି ମୋ ସହିତ ତାଙ୍କର ସଂପର୍କ ସ୍ନେହଶୀଳ ଓ ନିବିଡ଼ । ଡକ୍ଟର ଶ୍ରୀନିବାସ ମିଶ୍ର (ମୋ ତତ୍ତ୍ୱାବଧାନରେ ଡକ୍ଟରେଟ ଡିଗ୍ରୀ ଲାଭ କରିଥିଲେ)ଙ୍କ ପରେ ସେ ଓଡ଼ିଆ ସ୍ନାତକୋତ୍ତର ବିଭାଗର ମୁଖ୍ୟ ଅଧ୍ୟାପକ ହୋଇଥିଲେ ।

ଶାନ୍ତିନିକେତନ ରହଣିକାଳରେ ଯେଉଁମାନଙ୍କ ବ୍ୟକ୍ତିତ୍ୱ ବା ସଂସ୍ପର୍ଶ ମନ ଉପରେ ପ୍ରଭାବ ପକାଇଥିଲା ତରୁ ସେମାନଙ୍କ ସ୍ମୃତି ସ୍ମରଣ କରୁଅଛି ।

## କ୍ଷିତିମୋହନ ସେନ

ଶାନ୍ତିନିକେତନର ଆଚାର୍ଯ୍ୟ ମାନନୀୟ ସେନ ବିଦ୍ୟାଭବନରେ ମୋର ନିକଟ ପଡ଼ୋଶୀ ଥିଲେ । ଜୋତା ମାଡ଼ିବାର ବା ଖରାରେ ଛତା ଧରି ଚାଲିବାର ତାଙ୍କୁ କେବେ ଦେଖିନାହିଁ । ଶାନ୍ତିନିକେତନ ବାହାରକୁ ଗଲେ ସେ ବିଛଣାପତ୍ର କାଖରେ ଯାକି ଡାହାଣ ହାତରେ ବ୍ୟାଗଟିଏ ଧରି ବୋଲପୁର ଷ୍ଟେସନକୁ ତିନି ମାଇଲ୍ ବାଟ ଚାଲି ଚାଲି ଯାଉଥିଲେ, ୭୫ ବର୍ଷ ବୟସରେ । ମୋତେ ସାଇକଲ୍‌ରେ ଯିବାର ଦେଖିଲେ ସେ ମୃଦୁ ସମାଲୋଚନା କରୁଥିଲେ, କିନ୍ତୁ ତାଙ୍କୁ ଅନୁକରଣ କରିବାକୁ ମୁଁ କେବେ ସାହସ କରି ନ ଥିଲି ।

ପଞ୍ଜାବୀ ଉପରେ ଚାଦର, ପକେଟରେ ଗୋଟିଏ ଘଡ଼ି, କ୍ଷିତିମୋହନ ସଫଳତାର ମୂର୍ତ୍ତ ପ୍ରତୀକ ଥିଲେ । ସେ କାଶୀରେ ପ୍ରାଚୀନ ରୀତିରେ ସଂସ୍କୃତ ଅଧ୍ୟୟନ କରିଥିଲେ, ବେଦବିଦ୍ୟାରେ ବିଶେଷ ପାରଙ୍ଗମ ଥିଲେ । ପଦବ୍ରଜରେ ସେ ପ୍ରାୟ ସମଗ୍ର ଭାରତ ଭ୍ରମଣ କରିଥିଲେ, ବିପୁଳ ଶକ୍ତି ଓ ବିସ୍ତୃତ ଅନୁଭୂତି ଏହି ଭ୍ରମଣରୁ ସେ ଲାଭ କରିଥିଲେ । ତାଙ୍କ ସଂସ୍କୃତ ଉଚ୍ଚାରଣ ଚମତ୍କାର, କଣ୍ଠସ୍ୱର ମଧୁର ଓ ସ୍ପଷ୍ଟ ଥିଲା । ଉପନିଷଦ୍‌ର ବହୁଳାଂଶ ତାଙ୍କ ରସନାଗ୍ରରେ ଥିଲା । ଭାରତର ମଧ୍ୟଯୁଗୀୟ ସନ୍ଥସାହିତ୍ୟରେ ଓ ବାଉଲ୍‌ସଙ୍ଗୀତ ଚର୍ଚ୍ଚାରେ ସେ ବିଶେଷଜ୍ଞ ଓ ପ୍ରାଚ୍ୟ ବିଦ୍ୟାର 'ବିଶ୍ୱକୋଷ' ଥିଲେ; ପୁସ୍ତକର ପାହାଡ଼ ମଧ୍ୟରେ ଏହି ଜ୍ଞାନତପସ୍ୱୀଙ୍କୁ ଦେଖି ମୁଁ ବାରମ୍ବାର ନମସ୍କାର କରିଛି ।

ପରକୁ ଆପଣାର କରିବାର ବ୍ୟକ୍ତିତ୍ୱ ତାଙ୍କର ଥିଲା, ଅଜଣା ଅଚିହ୍ନାକୁ ସେ ଅନ୍ତରଙ୍ଗ କରିପାରୁ ଥିଲେ । ବାଳକବାଳିକା, ଯୁବକଯୁବତୀ, ବୃଦ୍ଧବୃଦ୍ଧା ସମସ୍ତଙ୍କ ନିକଟରେ ସେ ସହଜ ଓ ସରସ ଥିଲେ ।

ପ୍ରତି ବୁଧବାର ଦିନ ମନ୍ଦିରରେ ପ୍ରାର୍ଥନାରେ ପୌରୋହିତ୍ୟ କରୁଥିଲେ ସେ । ପ୍ରତ୍ୟେକ ଉତ୍ସବ ପରିଚାଳନାଭାର ତାଙ୍କ ଉପରେ ନ୍ୟସ୍ତ ଥିଲା । ନିତାନ୍ତ କଠିନ, ଶୁଷ୍କ ବିଷୟକୁ ସରଳ ଓ ସରସ କରିବାର ଦକ୍ଷତା ସେ ଅର୍ଜନ କରିଥିଲେ । ସେ ବାଗ୍ମୀ, ବକ୍ତୃତାବେଳେ ତାଙ୍କ ମୁଖ ମଧୁବର୍ଷଣ କରୁଥିଲା । ତାଙ୍କ ହାସ୍ୟରସ ନିର୍ଦ୍ଦୋଷ ଥିଲା, ବ୍ୟଙ୍ଗ ଉପହାସ ସ୍ତରକୁ ଆସି କାହାକୁ କେବେ ଆଘାତ କରିବାର ଦେଖିନାହିଁ ।

ତାଙ୍କ ମୁଖ କେବେ ଦୁଃଖରେ ଭାରୀ ବା ମଳିନ ହେବାର ଦେଖିନାହିଁ, ଯଦିବା ମନକୁ ମୋଡ଼ି ଭାଙ୍ଗିଦେଲାଭଳି ବିପଦ ତାଙ୍କର ଘଟିଛି । ସେ ସବାନ୍ଧବିକ ଆନନ୍ଦ ଓ ଆଲୋକର ମୁଖ୍ୟ ପ୍ରସାରକ ଥିଲେ । ଶାନ୍ତିନିକେତନର ଅନ୍ତର୍ଲୋକ ନିତ୍ୟ ନବ ନବ ଆନନ୍ଦରେ ସରସ ଓ ସଜୀବ ରଖିଥିଲେ । ବିଦ୍ୟାର ଏପରି ନିରଳସ ସାଧନା ଅନ୍ୟତ୍ର କ୍ୱଚିତ୍ ଦେଖିଛି ।

କ୍ଷମତା, କାମିନୀ ଓ କାଞ୍ଚନ—ଏ ତିନୋଟି ମଣିଷକୁ ଅଧୋଗତ କରେ, ମନର ମାନଦଣ୍ଡକୁ ଦୃଢ଼ ରଖି ନ ପାରିଲେ ଉର୍ବଶୀ ଋଷିର ଧ୍ୟାନ ଭାଙ୍ଗେ, ବାରବର୍ଷର ତପସ୍ୟା ଶୁଖିଆପୋଡ଼ାରେ ଯାଏ । ଦୁର୍ବାସା କ୍ରୋଧକୁ ବଶୀଭୂତ କରି ପାରି ନ ଥିଲେ ; ସେହିପରି କ୍ଷିତିମୋହନବାବୁ ଲୋଭକୁ । କି ଦୁର୍ଯୋଗରେ ସେ ବିଶ୍ୱଭାରତୀର ଉପାଚାର୍ଯ୍ୟ ହୋଇଥିଲେ, କେଜାଣି, ଏହା ତାଙ୍କ ମହତ୍ତ୍ୱପଣକୁ ସାରି ଦେଇଥିଲା, ପଦାକୁ ଦିଶୁଥିଲା ପଦୋନ୍ନତି ପରି, କିନ୍ତୁ ପରୋକ୍ଷରେ ଏହା ଘଟାଉଥିଲା ଅଧୋଗତି । ଅଫିସ୍‌କାମ ବୋଇଲେ କେବଳ ଦସ୍ତଖତଟିଏ ସେ ମାରୁଥିଲେ, ବିଷୟ ଭିତରେ ପଶିବା ଭଳି ଶକ୍ତି ସାମର୍ଥ୍ୟ ବା ଅଫିସ ଅଭିଜ୍ଞତା ତାଙ୍କର ନ ଥିଲା । ଅଥଚ ଏଣେ ଅପୂର୍ଣ୍ଣ ଲାଳସା, ଅଚରିତାର୍ଥ ଆକାଂକ୍ଷା ମୁଖ ବ୍ୟାଦାନ କରୁଥିଲା । ସେ ଆଶ୍ରମର ଆଚାର୍ଯ୍ୟଭାବେ ମାନ୍ ସ୍ୱରୂପ ୫୦୦ ଟଙ୍କା ମାତ୍ର ଦରମା ପାଉଥିଲେ, ଏବେ ହାତକୁ ଆସିଲା ଦୁଇ ହଜାର ଟଙ୍କା, ଅଖଣ୍ଡ କ୍ଷମତା ; ସେ ଶିଥିଳ ହସ୍ତରେ ସାବୁଡ଼ି ଧରିବା ଲାଗି ଚେଷ୍ଟା କଲେ, କିନ୍ତୁ ସେ ସବୁ ଖସିଗଲା, କିମ୍ବା ଜୋର୍ କରି ତାଙ୍କଠାରୁ ଖସେଇ ନିଆଗଲା । ସେହି ଦିନରୁ ତାଙ୍କର ମନ ଭାଙ୍ଗିଲା, ଧ୍ୟାନ ଭାଙ୍ଗିଲା, ସ୍ୱାସ୍ଥ୍ୟ ଭାଙ୍ଗିଲା । ମହତ୍ ବ୍ୟକ୍ତିର ଏଭଳି ଗ୍ଲାନିକର ପତନ ଭାରତର ସର୍ବାଞ୍ଚଳରେ ଘୃଣିଛି । ନିଜ ଚରିତ୍ରର ସଂହାରକ ବ୍ୟକ୍ତି ନିଜେ, ପରକୁ ଦାୟୀ ବା ଦୋଷୀ କରିବାର କାରଣ ବେଳେ ବେଳେ ଦେଖାଦେଲେ ବି । କ୍ଷିତିନ'ବୁ ମନୋବ୍ୟଥାରେ ବହୁକାଳ ଶଯ୍ୟାଗତ ହେବାପରେ ମୃତ୍ୟୁର କବଳରେ ପଡ଼ିଲେ । ଜୀବନର ସମସ୍ତ ସାଧନା ମୁହୂର୍ତ୍ତକେ ପାଣି ଫାଟିଗଲା । ଏ ଶିକ୍ଷା କାହାରି ଭୁଲିବାର ନୁହେଁ ।

## ନନ୍ଦଲାଲ ବୋଷ (ଜନ୍ମ ୧୮୮୩, ମୃତ୍ୟୁ ୧୬.୪.୬୬)

'ମାଷ୍ଟରମଶାୟ' ଲୋକପ୍ରିୟ ନାମରେ ସେ ଛାତ୍ର ଓ ସାଧାରଣ ମହଲରେ ପରିଚିତ ଥିଲେ । ମୁଁ ଥିବା ଭିତରେ ଦେଖିଲି—ସଚଳ ଓ କ୍ରିୟାଶୀଳ ଅବସ୍ଥାରୁ

ସେ କିପରି ଅଚଳ ହୋଇଗଲେ, ଗୋଟିଏ ସ୍ଥାନରେ ବସି ରହିଲେ; କୃଷ୍ଣକାୟ, କିନ୍ତୁ ମୁଖରେ ତାଙ୍କର ବିଦଗ୍ଧ ଲାବଣ୍ୟ ପୂରି ରହିଥିଲା । ତାଙ୍କ ମୃଦୁହାସ୍ୟଟିକ ବହୁ ସୃଷ୍ଟିର, ବହୁ ଚରିତ୍ରନିର୍ମାଣର ଉତ୍ସ ଥିଲା ।

ଶାନ୍ତିନିକେତନର ଅତି ବଡ଼ ଭିତରେ ସେ ଜଣେ; ବିପୁଳ ପ୍ରତିଷ୍ଠାର ପରିମଣ୍ଡଳ ତାଙ୍କୁ ଘେରି ରହିଥିଲା;—ଶାନ୍ତିନିକେତନର ସିଦ୍ଧି ଓ ସାଫଲ୍ୟ ଘେନି ଯେ ସ୍ୱମହିମାରେ ଫୁଟି ଉଠୁଥିଲେ । ଶାନ୍ତିନିକେତନର ଶ୍ରୀ ଓ ସୌନ୍ଦର୍ଯ୍ୟ ଚର୍ଚ୍ଚା ତାଙ୍କ ଯୋଗୁଁ ଏକ ସ୍ୱତନ୍ତ୍ର ଅର୍ଥ ଘେନି ରୂପାୟିତ ହେଉଥିଲା ।

ତାଙ୍କ ଦକ୍ଷିଣମୁଖା ଷ୍ଟୁଡ଼ିଓରେ ବସି ତାଙ୍କୁ ସ୍ୱରଚିତ କବିତାସବୁ ଶୁଣାଇଛି; ଏପରି ଜଣେ ବିରଳ ବଙ୍ଗାଳୀ ଶ୍ରୋତା ମୋ ଜୀବନରେ ଆଉ କେବେ ପାଇ ନାହିଁ ।

ମୋ 'କଥାଟିଏ କହୁ' କାହାଣୀ ପୁସ୍ତକର ପ୍ରଚ୍ଛଦପଟ ସେ ଆଙ୍କିଥିଲେ । କୋଣାର୍କ ଦର୍ଶନରେ ଯାପାନୀ ଶିଳ୍ପୀ ଓକାକୁରଙ୍କ ଉଚ୍ଛ୍ୱାସ କଥା ତାଙ୍କରି ତୁଣ୍ଡରୁ ଶୁଣି ମୁଁ କବିତା ଲେଖିଥିଲି ।

ନନ୍ଦଲାଲ୍ ଓଡ଼ିଶାର ପଟଚିତ୍ର, କଳା, ଭାସ୍କର୍ଯ୍ୟର ଜଣେ ପରମ ଭକ୍ତ ଥିଲେ । କୋଣାର୍କଦେଶର ଶିଳ୍ପୀ ଛାତ୍ରମାନଙ୍କୁ ସେ ସ୍ନେହାଦରରେ 'ନନ୍ଦନ'ରେ ଗ୍ରହଣ କରୁଥିଲେ ଓଡ଼ିଆମାନେ ସ୍ୱାଭାବିକ ଭାବରେ କଳାରେ ଯୋଗ୍ୟ, ସେ ବିଷୟରେ ପ୍ରଶ୍ନ ଅବାନ୍ତର, ସଂଶୟ ଅନ୍ୟାୟ ବୋଲି ସେ ମନେ କରୁଥିଲେ । ଓଡ଼ିଶାର ମୂର୍ତ୍ତିଶିଳ୍ପୀ ଗିରିଧାରୀ ମହାପାତ୍ର ଓ ଭୁବନେଶ୍ୱର ମହାପାତ୍ରଙ୍କୁ ଓଡ଼ିଶାରୁ ଡକାଇ ନେଇ ସେ ବହୁ ମୂର୍ତ୍ତି ନିର୍ମାଣ କରାଇଥିଲେ । ସମୃଦ୍ଧ ଓଡ଼ିଶୀ ଚିତାକୁ ଭିତ୍ତିକରି ସେ ଶାନ୍ତିନିକେତନରେ ବଙ୍ଗଳା 'ଆଲ୍ପନା'ର ବିକାଶ ଘଟାଇଥିଲେ ।

କୋଣାର୍କ ନନ୍ଦଲାଲଙ୍କ କଳାବିତ୍ ଜୀବନର ଶ୍ରେଷ୍ଠ ପ୍ରେରଣା ଥିଲା । କୋଣାର୍କର ଅଶ୍ଳୀଳ ମୂର୍ତ୍ତି ସେ କାଳେ ବହୁ ଜାତୀୟବାଦୀଙ୍କର ଚକ୍ଷୁପୀଡ଼କ ଥିଲା । ଜାତୀୟ କଳଙ୍କ ବୋଲି ମନେ କରି ଏହାକୁ ପ୍ଲାଷ୍ଟର ମଧ୍ୟରେ ଲୁଚାଇ ଦେବାର ଚେଷ୍ଟା ହୋଇଥିଲା । ମହାତ୍ମାଜୀ ଏହାର ଜଣେ ପୋଷକ ଥିଲେ । ଟଙ୍କା ମୁଣି ଖୋଲିଥିଲେ ସେଠ ଯମୁନାଲାଲ ବେଜାଜ୍ । ନନ୍ଦଲାଲ୍ ଏ ଅପଚେଷ୍ଟାର ତୀବ୍ର ପ୍ରତିରୋଧ କରିଥିଲେ—ଅତୀତକୁ କଦର୍ଯ୍ୟ କରିବାର ମନୋବୃତ୍ତି ଅଶ୍ଳୀଳତା ଅପେକ୍ଷା ଢେର ଭୟଙ୍କର । କଳା ନୀତିର ଏଇ ନିର୍ମମତାକୁ ଅସ୍ୱୀକାର କରେ ।

ଜୀବନର ସକଳ ବିଭବ କଳାର ବିଭବ । ସମଗ୍ରତାର ଐଶ୍ୱର୍ଯ୍ୟରେ ଏହା ପରିପୂର୍ଣ୍ଣ । ନୀତିବାଗୀଶଙ୍କ ସଂକୀର୍ଣ୍ଣତାକୁ ଏହା ଦୂରରୁ ଜୁହାର କରେ ।

ବିହାରର ମୁଙ୍ଗେର ଜିଲ୍ଲାରେ ନନ୍ଦଲାଲଙ୍କ ଜନ୍ମ, କଳାପ୍ରୀତିରେ ସେ ଉଚ୍ଚଶିକ୍ଷାର ଉଚ୍ଚାକାଂକ୍ଷାକୁ ତ୍ୟାଗ କରିଥିଲେ । ୱାର୍ଡ଼ସ୍‌ୱାର୍ଥଙ୍କ କବିତା ପଢ଼ା ହେଲାବେଳେ ସେ 'ଚୂଡ଼ାକର୍ଣ୍ଣ ଓ ମୂଷିକ' ଛବି ଅଙ୍କନ କରୁଥିଲେ । ସାଧାରଣ ଶିକ୍ଷା ପ୍ରତି ଅମନୋଯୋଗିତା ଯୋଗୁଁ ସେ ଆଇ.ଏରେ ଦୁଇଥର ଫେଲ ହୋଇଥିଲେ, କିନ୍ତୁ ସେହି ସମୟରେ କଳାପ୍ରଦର୍ଶନୀରେ ଛବି ଲାଗି ପାଞ୍ଚଶତ

ଟଙ୍କା ପୁରସ୍କାର ପାଇଥିଲେ ଓ ଏହି ଟଙ୍କାକୁ ସେ ଉତ୍ତର ଭାରତର କଳାକେନ୍ଦ୍ର ଓ ଯାଦୁଘର ପରିଦର୍ଶନରେ ଖର୍ଚ୍ଚ କରିଥିଲେ ।

'ଅହଲ୍ୟାଙ୍କ ଶାପମୁକ୍ତି', 'ସାବିତ୍ରୀ ଓ ଯମ', 'ଅନ୍ନପୂର୍ଣ୍ଣା ଓ ଶିବ', 'ବର୍ଷା ମୂର୍ଚ୍ଛିତ କୋଣାର୍କ', 'ବୁଦ୍ଧ ଓ ସୁଜାତା', 'ଉମାଙ୍କ ବ୍ୟଥା', 'ଶିବତାଣ୍ଡବ', 'ଦମୟନ୍ତୀଙ୍କ ସ୍ୱୟମ୍ବର', 'ଶୀତକାଳରେ ପଦ୍ମାର ବଳାକିକା', 'ସତୀଙ୍କ ଦେହତ୍ୟାଗ', 'ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରା' ପ୍ରଭୃତି ଛବି ଲାଗି ନନ୍ଦଲାଲ ପ୍ରତିଷ୍ଠା ଅର୍ଜନ କରିଥିଲେ । ଯାପାନର ଶିଳ୍ପୀ ଟାଇକୋଆନ୍ ତାଙ୍କୁ କହୁଥିଲେ—ଭାରତବର୍ଷର ପକ୍ୱତମ ଫଳ ।

ପଶୁପକ୍ଷୀଙ୍କ ପ୍ରତି ଚିରଦୟାର୍ଦ୍ର, ଟୁଲୁମାନଙ୍କ ପ୍ରତି ଚିରଦରଦୀ, ମାନବବାଦୀ ନନ୍ଦଲାଲ । ତାଙ୍କ ଲାଗି ଶାନ୍ତିନିକେତନବାସ ମୋର ଗୌରବମୟ ହୋଇଥିଲା ।

## ନିତାଇବିନୋଦ ଗୋସ୍ୱାମୀ

ଅନ୍ୟାନ୍ୟ ଆକର୍ଷଣୀୟ ବ୍ୟକ୍ତିତ୍ୱ ମଧ୍ୟରେ ମନେ ପଡ଼ନ୍ତି ଗୋସାଇଁ ଜୀ—ନିତାଇବିନୋଦ ଗୋସ୍ୱାମୀ; ସଂସ୍କୃତ, ପାଲି ଓ ବଙ୍ଗଳାରେ ସୁପଣ୍ଡିତ । ବେଦ, ଉପନିଷଦ୍, ତନ୍ତ୍ର, ଲୋକସାହିତ୍ୟ, ପୁରାଣ ପ୍ରଭୃତି ଯେ କୌଣସି ବିଷୟରେ ପ୍ରଶ୍ନ କଲେ ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ମିଳୁଥିଲା । ପଢ଼ିବା ଓ ପଢ଼େଇବା ତାଙ୍କର ଏକମାତ୍ର ବିନୋଦନ ଥିଲା । ବିସ୍ମୟର କଥା, ସେ ଶିଶୁଶ୍ରେଣୀରେ ଅଧ୍ୟାପନା କରିବାକୁ ସୁଖପ୍ରଦ ମନେ କରୁଥିଲେ । ତାଙ୍କ ଗେରୁଆ ବେଶ ଓ ଦାଢ଼ି, ସରଳ ଓ ଉଦାର ବ୍ୟବହାର ତପୋବନ ଓ ଋଷି ଶିକ୍ଷକଙ୍କ ଆଦର୍ଶ ମନେପକାଇ ଦେଉଥିଲା । ଶାନ୍ତିନିକେତନୀ ଆଦର୍ଶର ମୁଖ୍ୟ ପ୍ରତିବିମ୍ବ ଓ ପ୍ରଚାରକ ଥିଲେ ସେ । ସେ ଅଜାତଶତ୍ରୁ; ଅକୁଣ୍ଠଭାବେ ବିତରଣେ କରୁଥିଲେ ନିର୍ମଳ ଶ୍ରଦ୍ଧା, ପାଉଥିଲେ ସମସ୍ତ ଆଶ୍ରମର ଭକ୍ତି । ଭାବୁଥିଲି—ଦୁଃଖ ସେଠି ହାର ମାନିଛି—ସଦା ପ୍ରସନ୍ନ ବଦନ । କିନ୍ତୁ କଥାପ୍ରସଙ୍ଗରେ ଦିନେ ତାଙ୍କ ପ୍ରାଣ ଫୁଟିପଡ଼ିଲା । ଗୋସାଇଁଜୀ ଋଷି ନୁହନ୍ତି, ଆମପରି ରକ୍ତମାଂସର ଦୁର୍ବଳ ମଣିଷ; "ଏକୁଟିଆ ଜୀବନ ବଡ଼ କଷ୍ଟଦାୟକ; ଅଳ୍ପ ବୟସରେ ସ୍ତ୍ରୀ ମରିଗଲା, ପିଲାମାନଙ୍କର ମାଆ ହେବାକୁ ପଡ଼ିଲା ମତେ । ପିଲାଙ୍କ ଲାଗି ବିଭା ହେଲିନାହିଁ । ଏବେ ଫଳ ଭୋଗୁଛି, ବୁଢ଼ାଦିନେ ମୋ ଭଲ ମନ୍ଦ ବୁଝିବାକୁ କେହିନାହିଁ ।"

ନାନା ଚିନ୍ତା ତାଙ୍କ ହୃଦୟକୁ କୋରିପକାଉଥିଲା । ଅନ୍ତରରେ ଗୋଟାଏ ବମମାନ ଆଗ୍ନେୟଗିରିକୁ ସମ୍ଭାଳି ରଖି ସେ ବାହାରେ ନିଶ୍ଚିନ୍ତ ଋଷିର ଚେହେରାଟିଏ ବହିଥିଲେ, ଭକ୍ତିପ୍ରୀତିର ଦ୍ୟୋତକ । ସେଇ ବୁଲେଟ୍ ହିଁ ଦିନେ ତାଙ୍କୁ ଭେଦ କଲା, ନିଜେ ନିଜର ଶିକାର ହେଲେ । କ୍ଲାସରେ ପଢ଼ାଉଁ ପଢ଼ାଉଁ ଶିଶୁବତ୍ସଳ, ବିଦ୍ୟାବିନୋଦ ନିତାଇବିନୋଦ ଗୋସ୍ୱାମୀ ଟଳି ପଡ଼ିଲେ । ପକ୍ଷାଘାତ । ତାପରେ ସେ ଆଉ ଉଠି ଚାଲି ପାରିଲେନାହିଁ । ଶାନ୍ତିନିକେତନ ହିଁ ତାଙ୍କ ସେବାଶୁଶ୍ରୂଷା ଓ ଖାଦ୍ୟପେୟର ଦାୟିତ୍ୱ ନେଲା, ଗୁଣଗ୍ରାହକ ରବୀନ୍ଦ୍ରନାଥଙ୍କ ବ୍ୟକ୍ତିତ୍ୱହିଁ ତ୍ୟାଗବ୍ରତ ଗୋସାଇଁଜୀଙ୍କୁ ଶାନ୍ତିନିକେତନ ଘେନି ଆସିଥିଲା—ବାଳଗୋପାଳଙ୍କ ସେବାରେ ସେ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ।

ଦଶବର୍ଷ କାଳ ସେ ବାତରଖାନାରେ ଶୋଇଛନ୍ତି—ମୋତେ ଦେଖି ଚିହ୍ନି କାନ୍ଦି ପକାଇ ଦିନେ ସେ କହିଲେ—ଖାଦ୍ୟ ଜୀର୍ଣ୍ଣ ହେଉନାହିଁ, ରାତିରେ ନିଦ ହେଉନାହିଁ, ଭୟଙ୍କର ଶ୍ୱାସକଷ୍ଟ । ଆଉ କେଉଁ ଦୁଃଖ ପାଇବାକୁ ବାକୀ ଅଛି ? କାହାର କି ଉଦ୍ଦେଶ୍ୟ ସାଧନ କରିବା ଲାଗି ମୋର ଆଉ ବଞ୍ଚିବା ଦରକାର ? ଟିକିଏ ପ୍ରାର୍ଥନା କର, ଭଗବାନ୍ ଯେପରି ମୋତେ ଶୀଘ୍ର ଘେନିଯାନ୍ତି ।

ତାଙ୍କ ପାଦ ପାଖେ ଛିଡ଼ା ହୋଇ ମୁଁ ପ୍ରାର୍ଥନା କଲି—ହେ ପ୍ରଭୁ, ବହୁ ସ୍ୱାର୍ଥସଂଶ୍ଳିଷ୍ଟ ଆବେଦନନିବେଦନ ଭିତରେ ଏଇ ଶୁଦ୍ଧ ମୃତ୍ୟୁକାମନାକୁ ଗ୍ରହଣ କର, ଏଇ ନିପୀଡ଼ିତ ପ୍ରାଣଟିକୁ ଗୋଟିଏ ଅଲୋଡ଼ା ଫୁଲପରି ତୁମ ପାଦରେ ସ୍ଥାନ ଦିଅ ।

ନମସ୍କାର କରି ଫେରିଗଲାବେଳେ ଭାବିଲି—ଏ ଜନ୍ମର ବା ପୂର୍ବ ଜନ୍ମର କେଉଁ ପାପର ଫଳ ଗୋସାଇଁଜୀ ଭୋଗ କରୁଛନ୍ତି ? ଯୌବନମଦରେ ଉନ୍ମତ୍ତ, ପାପ ଧନସଞ୍ଚୟନରେ ପ୍ରବୃତ୍ତ ଶତ ଶତ ବ୍ୟକ୍ତି ତ ନିତିନିତି ଦେଖୁଛି, ଦିନେ କେହି ଏ ସବୁର ପରିଣାମ କଥା ଚିନ୍ତା କରୁ ନାହାନ୍ତି; ଭାବୁଛନ୍ତି ଭଗବାନ୍‌ଙ୍କ ଦୃଷ୍ଟି ଏଡ଼ାଇ ଯାଇଛନ୍ତି; ଯେମିତି ବହୁତଙ୍କୁ ଠକିଛନ୍ତି ସେମିତି ଭଗବାନ୍‌ଙ୍କୁ ଠକି ଦେବେ—ବାଲ୍ୟବୟସ ଥିବା ବେଳର ଭାବନା ଏ ।

ମୋର ଆଉ ଜଣେ ଶିକ୍ଷକଙ୍କ କଥା ମନେ ପଡ଼େ—ଦେବେନ୍ଦ୍ରଚନ୍ଦ୍ର ସେନ, ସବୁବେଳେ ତାଙ୍କ ହାତରେ ଖଣ୍ଡିଏ ପୁସ୍ତକ ବା ପତ୍ରିକା, 'ସ୍ଥଳ ଘରେ' ସେ ରହୁଥିଲେ—ମାନେ ତାଙ୍କ ଘର ଛାତ ଫୁଟାଇ ଗୋଟିଏ ତାଳଗଛ ଉଠିଥିଲା । ତାଙ୍କ କୁଟୀରଟି ନିର୍ମାଣଶୈଳୀର ଅଭିନବତ୍ୱ ହେତୁ ଲୋକଦୃଷ୍ଟି ଆକର୍ଷଣ କରୁଥିଲା—ତାଙ୍କ ଗୃହଟି ଶାନ୍ତିନିକେତନୀ ବିଦଗ୍ଧ ରୁଚି ଓ ସୌନ୍ଦର୍ଯ୍ୟବୋଧର ନମୁନା ଥିଲା । ଅବିବାହିତ । ନିଜର ନିକଟ ସଂପର୍କୀୟ କେହି ତାଙ୍କର ନ ଥିଲେ । ଛାତ୍ରମାନଙ୍କୁ ପୁତ୍ରବତ୍ ସ୍ନେହ କରୁଥିଲେ । ତାଙ୍କ ଭଲମନ୍ଦ ଦେଖିବାକୁ କେହି ନ ଥିବାରୁ ସେ ଖୁବ୍ ସତର୍କ ହୋଇ ଚଳୁଥିଲେ । କିନ୍ତୁ କେଉଁ ଅସତର୍କ ମୁହୂର୍ତ୍ତରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ।

ମନେପଡ଼େ, ଜଣେ ଅନ୍ଧ ମୁସଲମାନ ଗାୟକର କଥା । ଗୀତରେ ମୁଗ୍ଧ ହୋଇ ରବୀନ୍ଦ୍ରନାଥ ତାଙ୍କୁ ଆଣି ଆଶ୍ରମରେ ରଖିଥିଲେ । ତାଙ୍କ ମନରେ କିଏ ଧାରଣା ଜନ୍ମାଇଥିଲା, ମୁଁ ଭଲ ହାତ ଦେଖିପାରେ ବୋଲି । ଯେତେ ମନାକଲେ ବି ସେ ମୋତେ ହାତ ଦେଖାଇଲେ, ପ୍ରଶ୍ନ କଲେ—ମୋର ବିଭାଘର ହେବ କି ନାହିଁ ?

ମୁଁ ଉତ୍ତରଦେଲି—ବିବାହ ବିହିବିଧାତାଙ୍କର କାର୍ଯ୍ୟ, ସେ ଯେତେବେଳେ ଜନ୍ମ ଦେଇଛନ୍ତି, କନ୍ୟାପାତ୍ରୀଟିଏ ନ ଖଞ୍ଜିଥିବେ କିପରି ?

ପୁଣି ପ୍ରଶ୍ନ—କେବେ ହେବ ?

'ଦୁଇବର୍ଷ ଭିତରେ', କନ୍ୟା ଦକ୍ଷିଣଦିଗରେ; ଗୀତରେ ମୁଗ୍ଧ ହୋଇ ସେ ଆପେ ଆପେ ଆପଣଙ୍କୁ ବରଣ କରିବ, ଖୋଜିଯିବାକୁ ହେବନାହିଁ । ସେ ଆଜୀବନ ଚରଣଦାସୀ ହୋଇ ରହିବ । ପଚାରିଲେ ହସୁଥାନ୍ତି, ମୋ ଭବିଷ୍ୟବାଣୀ ତାଙ୍କର

ମନର ଅନୁକୂଳ ହେଉଥାଏ ବୋଲି । କିନ୍ତୁ ଏତେ ଦୁଃଖୀଙ୍କି ନିଷ୍ପେଷଣ କରିବାର ମନୋବୃତ୍ତି ମୋର ନ ଥିଲା; ଦୁଇବର୍ଷ । 'ତକେ ଗଲେ ବାରହାତ'; ଯେତେଦିନ ବଞ୍ଚିବେ, ସେ ଭାବ ଭିତରେ ବଞ୍ଚିରହନ୍ତୁ । କିନ୍ତୁ ଭବଗ୍ରାହୀ ଅତିଶୀଘ୍ର ତାଙ୍କୁ ଘେନିଗଲେ, ସ୍ୱର୍ଗରେ ଭାତ ଜମେଇବା ଲାଗି । କାରଣ ମର୍ତ୍ତ୍ୟରେ ତାହା ସମ୍ଭବ ହୋଇ ନଥାନ୍ତା । ମର୍ତ୍ତ୍ୟର ନାରୀ ଏବେବି ରୂପରଙ୍କୁଣୀ, ଧନଲୋଭିନୀ ।

ଡାକ୍ତର ସଚ୍ଚିନବାବୁ ମୋର ପ୍ରିୟ କହିଲେ ଚଳିବନାହିଁ, ସମସ୍ତଙ୍କର ପ୍ରିୟ ସେ ଥିଲେ, ଦୀର୍ଘକାୟ, ସୁଗଠିତଶରୀର; ତାଙ୍କୁ କେବେ ପୀଡ଼ିତ ହେବାର ଦେଖିନାହିଁ । ଯେତେ କର୍ମବ୍ୟସ୍ତତା ଓ ଦୁଃଖଜଞ୍ଜାଳ ମଧ୍ୟରେ ଥାନ୍ତୁ ପଛକେ, ତାଙ୍କ ମୁଖରେ ଥାଏ ଟିକିଏ ସରଳ ହସ—ସେ ଲୋଭର ଫାନ୍ଦ ନୁହେଁ, ସଫଳ ମାନବତାର ଫୁଟନ୍ତା ଫୁଲ—ଚିର ବିଶ୍ୱାସୋଦ୍ଦୀପକ ।

ସେ ଭଗବତ୍‌ବିଶ୍ୱାସୀ, ନିଷ୍ଠାପର ବୈଷ୍ଣବ; ଗଳାରେ ତୁଳସୀମାଳା, ତା ସଙ୍ଗେ ଷ୍ଟେଥୋଷ୍କୋପ୍‌ଟି ଲମ୍ବିଲେ ମନରେ ବିଚିତ୍ରଭାବ ଆସେ । ସେ ଘଣ୍ଟା ଘଣ୍ଟା ଧରି ନାମସଂକୀର୍ତ୍ତନ ଶୁଣନ୍ତି, ଏଣେ ରାତି ଗୋଟାଏ ପର୍ଯ୍ୟନ୍ତ ଡାକ୍ତରୀ ବହି ଓ ମାଗାଜିନ୍ ପଢୁଥାନ୍ତି । ସେ ଯେପରି ଗୁରୁଗମ୍ଭୀର, ସେହିପରି ହାସ୍ୟରସିକ; ଯେମିତି ଭଲ ମଣିଷ ସେମିତି ଭଲ ଡାକ୍ତର । ସଚ୍ଚିନବାବୁ ଛୁଇଁଲେ ରୋଗ ଭଲ ହୋଇଯିବ, ଏ ବିଶ୍ୱାସ ଲୋକଙ୍କର ଦୃଢ଼ ହୋଇଥିଲା । ବେଳଅବେଳ ନାହିଁ, ଖରା ବର୍ଷା ନାହିଁ, ସାଇକେଲରେ ବସି ସଚ୍ଚିନ୍‌ବାବୁ ଘରେ ଘରେ ବୁଲୁଥାନ୍ତି ।

ତାଙ୍କ ସ୍ୱାସ୍ଥ୍ୟ ଭାଙ୍ଗିବାର ଦେଖିଲି, ଯେତେବେଳେ ତାଙ୍କ ସ୍ତ୍ରୀ ପକ୍ଷାଘାତରେ ନିପୀଡ଼ିତା ହେଲେ । ବିପଦ କେବଳ ମନ୍ଦ ଲୋକଙ୍କ ଲାଗି ନୁହେଁ, ଭଲ ଲୋକଙ୍କୁ ମଧ୍ୟ ବଳିତକାନ୍ତ କରିଦିଏ । ତଥାପି ଏ ବ୍ୟାଧିକୁ ଭଗବାନର ଦାନ ବୋଲି ସହଜ ଭାବରେ ସେ ଗ୍ରହଣ କରିଗଲେ; ଅହୋରାତ୍ର ନାନା ପ୍ରତିକାରରେ ଲାଗିଥାନ୍ତି ସେ; ଅସୀମ ତାଙ୍କର ଧୈର୍ଯ୍ୟ, ନିଜେ ସ୍ତ୍ରୀଙ୍କୁ ଖୁଆନ୍ତି, ପାଇଖାନା ନିଅନ୍ତି, ପ୍ରତିଦିନ ହାତଧରି ଘଣ୍ଟାଏ ହତାରେ ବୁଲାନ୍ତି । ଆଧୁନିକ ଯୁଗରୁ ବଡ଼ ଖାପଛଡ଼ା ଦିଶେ ଏ ଦୃଶ୍ୟ, କିନ୍ତୁ ଭାରତୀୟ ସଂସ୍କୃତିର ଏହାହିଁ ଚିରାଚରିତ ରୀତି – ସ୍ୱାମୀସ୍ତ୍ରୀର ଜୀବନବନ୍ଧନ ଚିରନ୍ତନ - ରାମସୀତା, ସାବିତ୍ରୀସତ୍ୟବାନ ।

ସୁଧାକାନ୍ତ ଚୌଧୁରୀ ସେତେବେଳେ ବିଶ୍ୱଭାରତୀ ପରିଦର୍ଶକମାନଙ୍କର ପ୍ରଦର୍ଶକ ଥିଲେ; ଶାନ୍ତିନିକେତନର ଇତିହାସ ତାଙ୍କ ଜିଭଅଗରେ ଥିଲା । ରବୀନ୍ଦ୍ରନାଥଙ୍କର କେତେକ ଚିଠିପତ୍ର, ଆଶୀର୍ବାଦ ବା ଶୁଭେଚ୍ଛାରୂପେ ଲିଖିତ କବିତା ସେ ଗଚ୍ଛିଧନ ପରି ସାଇତି ରଖିଥିଲେ । ସେ ବକ୍ତା, କିନ୍ତୁ ତାଙ୍କ ବକ୍ତୃତା କୌଣସି ସୀମା ମଧ୍ୟରେ ରହେନାହିଁ—ଡିଙ୍ଗିଶାଳ କଥା କହୁଁ କହୁଁ ସେ ଢେଙ୍କାନାଳରେ ପହଞ୍ଚନ୍ତି, କଥାରେ ନାନା ଅନୁଭୂତି ଓ ହାସ୍ୟରସ ପ୍ରକାଶ ପାଉଥିବାରୁ ବିରକ୍ତିକର ବୋଧ ହୁଏନାହିଁ । ସେ ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ'କୁ ବଙ୍ଗଳାରେ ଅନୁବାଦ କରିଥିଲେ । ମୁଁ ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିଥିଲି ।

କଳାକାର ମୁକୁଲ ଦେ ମୋର ଜଣେ ହିତାକାଂକ୍ଷୀ ବନ୍ଧୁ ଥିଲେ । କଲିକତା ଆର୍ଟ କଲେଜର ଅଧ୍ୟକ୍ଷପଦରୁ ଅବ୍ୟାହତି ନେଇ ସେ କଳାସାଧନାରେ ଲାଗିଥିଲେ । ନିଜ ରୁଚି ଅନୁଯାୟୀ ରଙ୍ଗ ଦେଇ ଛବି ଆଙ୍କିଲା ପରି ବାସଗୃହର

ଚତୁର୍ଦ୍ଦିଗରେ ସେ ବରିଷ୍ଟିଏ କ୍ଷେପଣ କରିଥିଲେ । ଗୃହର ଅଭ୍ୟନ୍ତରରେ ମଧ୍ୟ ଉଦ୍ୟାନଭ୍ରମଣର ଆନନ୍ଦ ମିଳୁଥିଲା—ତାଙ୍କର ଅଗଣିତ ଛବିରୁ । ଶିବପାର୍ବତୀ, ଊଷାସନ୍ଧ୍ୟା, ପାହାଡ଼ପର୍ବତ ଏମିତି କେତେ ଛବି । ଛୋଟା ବସି ବସି ଜଗନ୍ନାଥ ଦର୍ଶନକୁ ଯାଉଥିବା ଦୃଶ୍ୟର ଛବିଟିଏ ମୋତେ ସେ ଉପହାର ଦେଇଥିଲେ; ବେଳେ ବେଳେ ତାଙ୍କ ଗୃହରେ ସାହିତ୍ୟିକ ବନ୍ଧୁମିଳନ ହେଉଥିଲା । ତାଙ୍କ ସ୍ତ୍ରୀ ଜଣେ ଓଡ଼ିଆଣୀ, ତାଙ୍କଠାରୁ ପୁରୀଜିଲ୍ଲାର କେତେକ ଭୂତ ଛଡ଼େଇବା ଓ ଦେହ କିଳେଇବା ଲୋକଗୀତ ସଂଗ୍ରହ କରିଥିଲି । ସେ ବଙ୍ଗଳାର ଲୋକଗୀତ 'ଭାଦୁ' ସଂଗ୍ରହ କରିଥିଲେ ।

## ପ୍ରଭାତକୁମାର ମୁଖୋପାଧ୍ୟାୟ

ମୋର ଅନ୍ୟତମ ପ୍ରିୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲେ, ପ୍ରଭାତକୁମାର ମୁଖୋପାଧ୍ୟାୟ—ଶୁଭ୍ରଶୁକ୍ଳ, ଗୁରୁଚମ୍ଭୀର, ଗୋଟିଏ ଭିନ୍ନ ମୁଖ, ସେ ମୁଖ ଠକେ ନାହିଁ, ଏହା ଏକ ଉଜ୍ଜ୍ୱଳ ସୂଚୀପତ୍ର, ତାଙ୍କ ଜୀବନବ୍ୟାପୀ ସାଧନାର ।

ବିଶ୍ୱଭାରତୀର ଗ୍ରନ୍ଥାଗାରିକ ସେ । କିନ୍ତୁ କେବେ 'ଖରଷ୍ଟନ୍ଦନଭାରବାହୀ' ହୋଇନାହାନ୍ତି । ନିଜ ଜୀବନରେ ଗ୍ରନ୍ଥାଗାରର ସେ ଉପଯୁକ୍ତ ଉପଯୋଗ କରି ଯାଇଛନ୍ତି । ଅନୁକୂଳ ପରିବେଶରେ କିପରି ବ୍ୟକ୍ତିତ୍ୱର ବିକାଶ ହୁଏ, ତାର ଦୃଷ୍ଟାନ୍ତ ସେ ନିଜେ ।

ଯୋଗ୍ୟତା ପ୍ରବେଶିକା ପରୀକ୍ଷାରେ ପାସ୍ ମାତ୍ର । ବହୁ ଅଧ୍ୟୟନ ଓ ଅନୁଶୀଳନ ଫଳରେ ନିଜର ଉଚ୍ଚାସନ ସେ ନିଜେ ହିଁ ନିର୍ମାଣ କରିଥିଲେ । ଶାନ୍ତିନିକେତନ ବ୍ରହ୍ମଚର୍ଯାଶ୍ରମର ପନ୍ଦରଟଙ୍କା ବେତନଭୋଗୀ ସେ ଦିନର ଜଣେ ସାଧାରଣ ଶିକ୍ଷକ—ଦୃଢ଼ସଂକଳ୍ପ ଓ କର୍ମନିଷ୍ଠାବଳରେ ଜଣେ ଭିନ୍ନ ଭାବରେ ସମଗ୍ର ଭାରତରେ ପ୍ରତିଷ୍ଠାଲାଭ କରିଥିଲେ । 'ରବୀନ୍ଦ୍ରଜୀବନୀ ଓ ରବୀନ୍ଦ୍ରସାହିତ୍ୟ ପ୍ରବେଶିକା' ତାଙ୍କର ପ୍ରଧାନ ରଚନା । ରବୀନ୍ଦ୍ରନାଥଙ୍କ ପାଖେ ରହି ସେ ଏହି ବୃହତ୍ ଜୀବନୀ ସଂକଳନ କରିବାକୁ ସମର୍ଥ ହୋଇଥିଲେ । ଆଚାର୍ଯ୍ୟଙ୍କ ଆଶୀର୍ବାଣୀରେ ସେ ଲେଖିଛନ୍ତି "ଗ୍ରନ୍ଥାଗାର ମୋ ସହିତ ଓ ମୁଁ ଗ୍ରନ୍ଥାଗାର ସହିତ ବଢ଼ି ଉଠିଥିଲି । ନିଜ ଘରେ ଗୋଟିଏ ବିପୁଳ ଗ୍ରନ୍ଥାଗାର ଗଢ଼ିଲି । ଏହାହିଁ ମୋର କର୍ମଭୂମି ।"

## ଅନ୍ନଦାଶଙ୍କର ରାୟ

ଦୁଇଜଣ ଲେଖକଙ୍କ ମଧ୍ୟରେ ସାକ୍ଷାତ ଓ ସଂଳାପ ଏକ ନାଟକୀୟ ଘଟଣା । ଉଭୟଙ୍କ ଆଲୋଚନା ବେଳେବେଳେ ବିଦଗ୍‌ଧସ୍ତରକୁ ଉନ୍ନୀତ ହୁଏ, ବିଶେଷ ରମ୍ୟତା ଓ ରସିକତା ଏଥିରେ ପ୍ରକାଶ ପାଇଥାଏ । ଖୋଲାମନର ସେଇ ଭାବଧାରାକୁ ରେକର୍ଡ଼ କଲେ ହୁଅନ୍ତା ଏକ ଅପୂର୍ବ ମୌଖିକ ସାହିତ୍ୟ । କିଏ ରେକର୍ଡ଼ କରୁଥିବା କଥା ଜାଣିଲେ ଲେଖକମାନେ ହୁଏତ ସଚେତନ ହୋଇଯାନ୍ତି, ଖୋଲା ମନର ସେଇ ପ୍ରସନ୍ନ ମାଧୁରୀ ଅନର୍ଗଳ ଭାବରେ ଆଉ ପ୍ରକାଶ ପାଏନାହିଁ । 'ସବୁଜ'

ସୁନ୍ଦର କବି ଶ୍ରୀ ଅନ୍ନଦାଶଙ୍କର ରାୟଙ୍କ ସହିତ ଦଶବର୍ଷରୁ ଊର୍ଦ୍ଧ୍ୱକାଳ ଶାନ୍ତିନିକେତନରେ ବାସ କରିବାର ସୁଯୋଗ ମୋତେ ମିଳିଥିଲା । ସାନ୍ଧ୍ୟ ଭ୍ରମଣମାନଙ୍କରେ ତାଙ୍କ ସହିତ ନାନା ବିଷୟ ଆଲୋଚନା କରୁଥିଲି । ସେସବୁ ଡାଇରିରେ ଲେଖିଥିଲେ ଆଜି ବିଶେଷ ଚମକପ୍ରଦ ହୋଇଥାନ୍ତା । ସେତେ ସଞ୍ଚୟ ବୁଦ୍ଧି ମୋର ନଥିଲା । ତେବେ ଗୋଟିଏ ଦିନର ଆଲୋଚନାର ଲୋଭ ସମ୍ବରଣ କରିପାରି ନଥିଲି । ଏବେ ପାଣ୍ଡୁଲେଖ୍ୟର ଅଳିଆ ସଫାଡ଼୍ ସଫାଡ଼୍ ସେଇଟି ପାଇ ଲେଖିଦେଲି ।

ସେଦିନର ଭ୍ରମଣକାଳ ପ୍ରାୟ ଅତିକ୍ରାନ୍ତ । ପଥରେ ଖୋଜି ନପାଇ ତାଙ୍କ ବସାକୁ ମାଡ଼ିଗଲି । ଅଭିନିବିଷ୍ଟ । ଡାକିଦେଲେ ମନରେ ଖୁବ ଅଡ଼୍ଆତଡ଼୍ଆ ହୋଇଯିବ ପରା । କାହିଁ ଲେଖୁନାହାନ୍ତି ତ, କଣ କରୁଛନ୍ତି ? ବସି ଭାବୁଛନ୍ତି, ନା ପଢୁଛନ୍ତି; ସେ ତ ସଦାବ୍ୟସ୍ତ ଭାବଲୋକର ପ୍ରେୟସୀ ରଚିବାରେ । ଏଇ 'ଲୋକ' ହୁଏତ କ୍ଷଣକେ ଭାଜିପଡ଼ିବ । କିନ୍ତୁ ପୁଣି ଯୋଡ଼ିଯାଡ଼ି ହୋଇ ଗଢ଼ି ହୋଇଯିବ । ଏଇ ତାର ବିଶେଷତ୍ୱ । ତଥାପି ଥାଉ, ଆଜି ବୁଲିଯିବାର ମନୋବୃତ୍ତି ତାଙ୍କର ନାହିଁ । ଫେରିଯିବି । ଧୀରପଦରେ ପଛେଇ ଆସୁ ଆସୁ ସେ କିଛି ସୁରାକ୍ ପାଇଗଲେ, ଡାକିଲେ ।

ନମସ୍କାର କଲାପରେ ପଚାରିଲି—କଣ ଚିନ୍ତୁଛନ୍ତି ?

ଅନ୍ନଦାବାବୁ କହିଲେ—କଲିକତାରେ ଟଲଷ୍ଟୟଙ୍କ ପଞ୍ଚାଶତ୍ ମୃତ୍ୟୁବାର୍ଷିକୀ, କିଛି କହିବାଲାଗି ନିର୍ଦ୍ଦେଶ ଆସିଛି, ଦିଲ୍ଲୀରୁ ମଧ୍ୟ ସେହିପରି ଏକ ନିମନ୍ତ୍ରଣ ଆସିଛି । ଏ ଏକ ଗଣ୍ଡଗୋଳ । କିଛି ଲେଖୁଥିଲେ ସ୍ୱାଭାବିକ ଧାରା ଭାଙ୍ଗିଯାଏ । ଲେଖକ ସାଧନା କରିବ ନା ବୁଲି ବୁଲି ସଭା କରିବ ?

'ମାନସିକ ଜଳବାୟୁର ପରିବର୍ତ୍ତନ ଦରକାର । ନୋହିଲେ ମନ ସ୍ଥିତିଶୀଳ ଓ ଖୁବ ଗତାନୁଗତିକ ହୋଇଯାଏ । ଭ୍ରମଣ ଫଳରେ କିଛି ନୂଆ ଆଲୋକ, ନୂଆ ପବନ ଲେଖା ଭିତରକୁ ପଶି ଆସେ ।'

ରବୀନ୍ଦ୍ରନାଥ କୁଆଡ଼େ ଯିବାର ନ ଥିଲେ ମାସକେ ଥରେ କଲିକତା ଯାନ୍ତି । ମନର ଆବହାଓ୍ୱା ବଦଳେଇବା ତାଙ୍କର ଉଦ୍ଦେଶ୍ୟ । ଏଥିଲାଗି ଏ ଘରୁ ସେ ଘରେ କୋଠା ଛାତରୁ ମାଟି ଚଟାଣରେ, ବରିଷ୍ଠରୁ ଖୋଲା ପଡ଼ିଆରେ ବସି ସେ ଲେଖିଥାନ୍ତି । ସ୍ଥାନ ପରିବର୍ତ୍ତନରେ କିନ୍ତୁ ମୋର ବିଶ୍ୱାସ ନାହିଁ, ମୁଁ ଏକନିଷ୍ଠ ।'

'ରାମାୟଣର ଏକନିଷ୍ଠ ଆଦର୍ଶ ପୂଜା ପାଏ, କିନ୍ତୁ ଶ୍ରୀକୃଷ୍ଣ ଜୀବନକୁ କରନ୍ତି ଗତିଚଞ୍ଚଳ, କାବ୍ୟମୁଖର ।'

'ହଁ, ବନ୍ଧୁ ବାନ୍ଧବଙ୍କ ସଙ୍ଗେ ଦେଖାସାକ୍ଷାତ ହେବ, ଦିଲ୍ଲୀ ଗଲେ କିଛି ମନ୍ଦ ହେବନାହିଁ ।

'ଆପଣ କେବଳ ଜୀବନର ସାକ୍ଷୀଗୋପାଳ ନୁହନ୍ତି, ନିଜେ ଜଣେ ପାତ୍ର, ସାହିତ୍ୟକୁ କଣ କେହି ନିଜ ଜୀବନରୁ ଅଲଗା ରଖିପାରେ ? ମାନେ ଆପଣ ଯାହା ଭାବୁଛନ୍ତି, ତା ଲେଖୁଛନ୍ତି, ତା କାର୍ଯ୍ୟରେ ବି ପରିଣତ କରୁଛନ୍ତି । ଚିନ୍ତା, ଲେଖା ଓ କର୍ମ ମଧ୍ୟରେ ଏକରୂପତା ଉଜ୍ଜ୍ୱଳ ରୂପରେ ଫୁଟି ଦିଶୁଛି । ଲୋକେ ଲେଖକଙ୍କ

ଠାରୁ ସେଇଆ ଆଶା କରନ୍ତି । ଲେଖା ପଢ଼ି ଲେଖକଙ୍କ ଚରିତ୍ରର ଗଳିଅର୍ଗଳି ଖୋଜି ବୁଲନ୍ତି ବ୍ୟକ୍ତିଗତ ଓ ଲେଖଗତ ଚରିତ୍ର ଗୋଟିଏ ସୂତ୍ରରେ ଗ୍ରଥିତ ହୋଇଛି କି ନାହିଁ ? ଲେଖକଙ୍କୁ ଅନ୍ୟ ରୂପରେ ଦେଖି ନୈରାଶ୍ୟ, ବିରକ୍ତି ଆସେ—'କହନ୍ତି ଯେତେ କରନ୍ତି କେତେ ।' ଲେଖକ କପଟାଚାରୀ ପାଷଣ୍ଡ ହୋଇପାରେ । ବ୍ୟକ୍ତିଗତ ଜୀବନରେ ଏଇ ପାଷାଣ୍ଡତ୍ୱ ଦେଖି ତାର ଲେଖାକୁ ଉପେକ୍ଷା କରିବା ବୋକାମି । ଦୁଷ୍ଟ ଗାଈର କ୍ଷୀରରେ ଦୁଷ୍ଟତା ନ ଥାଏ ।

ଲେଖକ ଜଣେ ରକ୍ତମାଂସର ମନୁଷ୍ୟ । ଘଟଣାପ୍ରବାହରେ ସେ ନିରପେକ୍ଷ ରହିପାରିବ କିପରି ? ରାଜ୍ୟରେ ଦୁର୍ଭିକ୍ଷ, ସାମ୍ପ୍ରଦାୟିକ ଦଙ୍ଗା, ଯୁଦ୍ଧ, ଅରାଜକତା; ଆପଣ ଏ ସବୁ ପ୍ରତି ଆଖି ବୁଜି କବାଟ କିଳି ଲେଖି ପାରିବେ ? ଲେଖକର ମାନବିକତା ନାହିଁ ? ସେ ଏତେ ହୃଦୟହୀନ ?'

'ଲେଖିବାର ଗୋଟିଏ ବଡ଼ ଯୋଜନା କରିଥିବାବେଳେ ଏହିପରି ନାନା ବାଧା ଆସେ । ଘଟଣାତ ଦୂରର କଥା ସମ୍ବାଦପତ୍ରର ଗୋଟିଏ ଦୁଃସମ୍ବାଦ ମନକୁ ଅବାନ୍ତର ପଥରେ ନେଇଯିବାଲାଗି ଯଥେଷ୍ଟ । ନ ଭାବିଲେ ଚଳନ୍ତା, କାରଣ ଭାବନାର ମୂଲ୍ୟ ନାହିଁ । ପ୍ରତିକାର ସମ୍ଭବ ନୁହେଁ, କିଛି ନ କରି ପାରିଲେ ମନରେ ଦୁଃଖ । ଅନ୍ତରେ ଝଡ଼ ତାଣ୍ଡବର । କୌଣସି କାରଣରୁ ସେ ସାଇକ୍ଲୋନ୍ ହେଲେ ଆଉ ରକ୍ଷା ନାହିଁ । କଲମ ଅଟକା ହୋଇ ରହିଯିବ କିମ୍ବା ସମସ୍ତ ସଂଯମ ଲଙ୍ଘନ କରି ଦୌଡ଼ିବ । ବାଚାଳ ହେବା ଅପେକ୍ଷା ମୂକ ରହିଯିବା ଭଲ । ତଦ୍ୱାରା ହୁଏତ ଅନ୍ୟର କାର୍ଯ୍ୟରେ ବାଧା ଆସେନାହିଁ ।'

'କବିବର ରାଧାନାଥଙ୍କ ମନରେ ଦିନେ ଏହିପରି ଏକ ଝଡ଼ ଉଠିଥିଲା; ଜୀବନ ଅପେକ୍ଷା ମରଣକୁ ସେ ଅଧିକ ଶ୍ରେୟସ୍କର ମନେ କରିଥିଲେ । ଲେଖାଟି ମନକୁ ମନ ବନ୍ଦ ହୋଇ ଯାଇଥିଲା । ଏ ଝଡ଼ର କାରଣ ଅବଶ୍ୟ ସେ ନିଜେ । କାରଣ ମନୁଷ୍ୟ ନିଜ ପ୍ରତି ହିଁ ଅଧିକ ଶତ୍ରୁତା ଆଚରଣ କରିଥାଏ ।

ଯେତେବେଳେ ସେ ଦୁଃଖରେ କହିଥିଲେ—ପ୍ରକୃତ ସାହିତ୍ୟ କଣ ବୁଝିଲା ବେଳକୁ ମୁଁ ଲେଖନୀ ଛାଡ଼ିଲି । ସୁସ୍ଥ ମାନସିକ ଅବସ୍ଥା ମୋର ନ ଥିଲା ।

ଓଡ଼ିଶାରେ ଅଧିକାଂଶ ଲେଖକଙ୍କ ଅବସ୍ଥା ଏଇଆ । ଗ୍ରନ୍ଥାବଳୀ ତୋଳି ବିପୁଳାକାରରେ ଯାହା ପ୍ରକାଶିତ ହେଉଛି, ତହିଁରୁ ଅଧିକାଂଶ ଅପରିଣତ ବୟସର ରଚନା । ବହିଃ ବା ଅନ୍ତର୍ଗତ ଯେଉଁ କାରଣରୁ ହେଉ, ପରିଣତ ବୟସକୁ ଲେଖାର ସଂଖ୍ୟା ନିତାନ୍ତ ଉଣା ହୋଇଯାଏ କିମ୍ବା ଏକଦମ୍ ବନ୍ଦ ହୋଇଯାଏ । ପାଠକ ଉତ୍କୃଷ୍ଟ ଲେଖା ପଢ଼ିବାକୁ ପାଇବ କାହୁଁ ?

'ଚାକିରୀ ଆହୁରି ସାତବର୍ଷ ବାକୀ ଥିଲା । ମାସିକ ବେତନ ତିନି ହଜାର ଟଙ୍କା । ଭାବିଲି—ଯାହା ପେନସନ୍ ମିଳିବ ଚଳିଯିବ । ଚାକିରୀ ଛାଡ଼ିଲି, ଲେଖିବାକୁ ଅଖଣ୍ଡ ଅବସର ମିଳିବ ବୋଲି । ପଇସା ଲାଗି ଜୀବନର ଶକ୍ତି ଅପଚୟ କରିବା ଇଚ୍ଛା ମୋର ନ ଥିଲା । ମନେ ମନେ ରଚିଥିଲି ବିରାଟ ଯୋଜନା । କିନ୍ତୁ କାର୍ଯ୍ୟରେ ପରିଣତ କରିପାରିଲି କାହିଁ ? ଲେଖିବା ଲାଗି ଅବସର ବଡ଼ କଥା ହୋଇପାରେ; କିନ୍ତୁ କେବଳ ଇଚ୍ଛା କଲେ ଲେଖା ହୋଇଯାଏ ନାହିଁ; ପ୍ରେରଣା ନ ଆସିଲେ ଲେଖକ କଲମ ଧରି ବସିଥାଏ । ମୁଁ ନିଜକୁ କେବେ ବାଧ୍ୟ କରେନାହିଁ ।'

'କଟାକଟି ହିଁ ସାର ହୁଏ । ପ୍ରେରଣା ଆସିଲେ ଲେଖନୀ ଦୌଡ଼େ, ନଇଲେ କିଏ ଯେପରିକି ତାକୁ ଟାଣି ଧରେ । ମନ ଉପରେ ଜବରଦସ୍ତି କରି ଯାହା ଲେଖାଯାଏ, ତାହା ହୁଏ ଅପାଠ୍ୟ । ନ ଲେଖିବା ବରଂ ଭଲ; ଦୋହନ ମନ୍ଥନ ନୁହେଁ । ମନ୍ଥନ କଲେ ଶିର ଦୁଷ୍ଟି ହୋଇ ଆସେ । ରକ୍ତ ବାହାରେ, ରସ ବାହାରେ ନାହିଁ ।

ସରସ୍ୱତୀ ମଧ୍ୟ ଖିଆଲୀ । ସ୍ତୁତି, ସ୍ତବ ଯାହା କଲେ ବି ସେ ପ୍ରସନ୍ନ ହୁଅନ୍ତି ନାହିଁ । ସେ କାହାରି ନିମନ୍ତ୍ରଣ ରକ୍ଷା କରନ୍ତିନାହିଁ । ପୁଣି ବିନା ନିମନ୍ତ୍ରଣରେ ଆସନ୍ତି, ଲେଖକକୁ ଅପ୍ରସ୍ତୁତ କରି ଦିଅନ୍ତି । ତୁରନ୍ତ ସତ୍କାର ନ ପାଇଲେ ସେ ଫେରି ଯାଆନ୍ତି, ଆଉ ଚଲଉଟି ଆସନ୍ତିନାହିଁ । ତାଙ୍କ ବେଳା ହିଁ ଅମୃତବେଳା । ଲେଖକ ତାକୁ ଜଗିବା ଦରକାର । ତାଙ୍କର ଇଚ୍ଛା ହିଁ ଇଚ୍ଛା । ତାଙ୍କରି ମହତୀ ଇଚ୍ଛାରେ ଇଚ୍ଛିତ ହୁଏ ଲେଖକ । ପ୍ରେରଣାରେ ଥରେ ଚଳା ହୋଇଗଲେ ଲେଖାକୁ ପରେ ଘଷାମଜା କରାଯାଇପାରେ । କବିତା ବିଶେଷତଃ କ୍ଷୁଦ୍ର କବିତା ପକ୍ଷରେ ଏହା ସତ୍ୟ । କିନ୍ତୁ ଉପନ୍ୟାସ ରଚନା ତ ଦୀର୍ଘକାଳର ବ୍ୟାପାର ।'

'ଏଥିଲାଗି ମଧ୍ୟ ପ୍ରେରଣା ଦରକାର । ତା ସବୁ ଦିନ ସମାନ ନ ଥାଏ । ମନ ବି ସବୁଦିନ ସରସ, ସୃଷ୍ଟିଶୀଳ ନ ଥାଏ । ତେବେ ଚରିତ୍ରମାନେ ଥରେ ଜୀବନ୍ୟାସ ପାଇଲେ ଲେଖକକୁ ଥୟ କରି ଦିଅନ୍ତିନାହିଁ । ସେମାନଙ୍କ ଭାଗ୍ୟ ସତେ ଯେପରି ପରିଣତି ଦିଗକୁ ସେମାନଙ୍କୁ ଟାଣି ନିଏ ।

ଅସଲ କଥା, ଲେଖିବା ବୋଲି ଯେଉଁ ତା ଲେଖିଲେ ତ ଚଳିବ ନାହିଁ, ଲେଖା ଖବରକାଗଜ ରିପୋର୍ଟ ନୁହେଁ ; ଜୀବନସତ୍ୟ, ଭାବଲୋକର ସତ୍ୟ ସମାନ ଜିନିଷ ନୁହେଁ । ଭାବଲୋକ ସତ୍ୟର ସୌନ୍ଦର୍ଯ୍ୟ-ଆଧାର ! ଯାହା ଲେଖିବ, ସୁନ୍ଦର କରି ଲେଖି ନ ପାରିଲେ ବୃଥା ।

ଲେଖାଲାଗି ପାରିବାରିକ ବାତାବରଣ ଅନୁକୂଳ ହେବା ଆବଶ୍ୟକ । ଟଲଷ୍ଟୟଙ୍କ ଦାମ୍ପତ୍ୟଜୀବନ ଅଶାନ୍ତିମୟ ଥିଲା । ତାଙ୍କ ପୁତ୍ରମାନେ ଅଖ୍ୟାତ । 'ଅମୁକ ଏତେ ବଡ଼, ତା ପୁଅଟା କିଛି ହେଲା ନାହିଁ', ଏଇ ନିନ୍ଦା ତାଙ୍କର ଗୋଟିଏ ପୁଅ 'ଲିଓ'କୁ ବଡ଼ ବାଧିଥିଲା । ସେ ହୋଇଥିଲା ବିଦ୍ରୋହୀ । ମୃତ୍ୟୁଶଯ୍ୟାରେ ପିତା ମୁଖରେ କିଛି କହିବାକୁ ଅସମର୍ଥ ହୋଇ ତାକୁ ଲେଖିଦେଲେ । ସେ ସେହି ପତ୍ରକୁ ଚିରି ଚିରି ତାଙ୍କ ସାମ୍ନାରେ ଫିଙ୍ଗି ଦେଇଥିଲା । ଜଣେ ଲେଖକ ହେବାକୁ ଚେଷ୍ଟା କରି ସେ ବ୍ୟର୍ଥ ହୋଇଥିଲା । ବଡ଼ ଲୋକଙ୍କର ପୁଅ ହେବା ଅଭିଶାପ । ବାପଙ୍କର ଯେତିକି ପ୍ରଶଂସା, ପୁଅ ସମାନ ପ୍ରତିଭାଶାଳୀ ନ ହୋଇଥିଲେ ସେତିକି ନିନ୍ଦା । ବାପଙ୍କର ପ୍ରତିଷ୍ଠାଭାର ସମ୍ଭାଳିବା ପୁଅଙ୍କ ପକ୍ଷେ କାଠିକର ପାଠ । ତେଣୁ ସେ ବିପଥଗାମୀ ଓ ବଦ୍ ହୋଇଯାଏ ।'

'ଆପଣ ତ ଏ ଦିଗରେ ଭାଗ୍ୟବାନ୍ । ଆପଣଙ୍କ ପୁତ୍ରକନ୍ୟାମାନଙ୍କ ମଧ୍ୟରୁ କେହି କବି ନ ହେଲେ ବି ପ୍ରତିଭାର ସଂକେତ ସେମାନଙ୍କଠାରେ ସ୍ପଷ୍ଟ । ଆପଣ ଯେପରି ସରସ୍ୱତୀ ସେବାର ଭାର ଗ୍ରହଣ କରିଛନ୍ତି, ସ୍ତ୍ରୀ ସେହିପରି ଆପଣଙ୍କ ଭାର ସମ୍ଭାଳିଛନ୍ତି । ଯେ କୌଣସି ଲେଖା ଲେଖିସାରି ଆପଣ ପହିଲେ ତାଙ୍କୁ ପଢ଼ାନ୍ତି । ସେ ଅନୁମୋଦନ କଲେ ଛପାଇବାକୁ ପଠାନ୍ତି । ତା ଛଡ଼ା ସେ ଆପଣଙ୍କ ଲେଖା

ଅନୁବାଦ କରନ୍ତି । ଟାଇପ୍ ବି କରନ୍ତି । ଆପଣଙ୍କ ପ୍ରତିଷ୍ଠାରେ ତାଙ୍କର ଅଂଶ ତ୍ରୌଣ ନୁହେଁ ।'

'ସବୁ ତ ଠିକ୍ ଅଛି । ଲୋଡ଼ା ଆୟୁ—ଦୀର୍ଘାୟୁ । ତା ନ ହେଲେ ମୋର ବିପୁଳ ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ । ସବୁ ଶେଷରେ ମୁଁ ଲେଖିବି କବିତା, ଯାହାକୁ ଏତେ ଦିନ ଧରି ଛାଡ଼ିଛି । ବର୍ତ୍ତମାନ କବିତା ମୋର ପସନ୍ଦ ହେଉନାହିଁ । ଆଧୁନିକ କବି କେତେକ ନୂତନ ଚିତ୍ରକଳ୍ପ ସୃଷ୍ଟି କରିଛନ୍ତି । ସେତକ ଛାଡ଼ିଦେଲେ ମୋର ତ ଧାରଣା—ସେ ଲେଖୁଚି ଗଦ୍ୟ, ପଦ୍ୟ ନାମରେ । କବିତାରୁ ଗୀତିକବିତାର ସଙ୍ଗୀତମୂର୍ଚ୍ଛନା ଲୋପ ପାଇଲାଣି । ମୁଁ ଲେଖିଲେ ଲେଖିବି ଉତ୍କୃଷ୍ଟ ଗୀତିକବିତା, ଯାହା ବାହାରେ ସଙ୍ଗୀତ, ନ ହେଲେ ସ୍ୱର ତାର ଆତ୍ମଗତ ହୋଇ ରହେ । ଏହା କବିତାର ଶାଶ୍ୱତ ଜୀବନର ସ୍ୱର । କବିତା ଲେଖି ମୁଁ ନିର୍ବାଣ ପାଇବି ।'

'କିନ୍ତୁ କବିତା ଲେଖିବି ବୋଇଲେ ତ ଲେଖା ହୁଏନାହିଁ । ଯାହାର ଉତ୍କୃଷ୍ଟ ରୁଚି ଅଛି, ରଚନାର ଉଚ୍ଚ ମାନ ଅଛି, ସେ ସବୁ ରକ୍ଷା କରିବାକୁ ଚାହେଁ । ସେ ଚାହେଁ—ତା ଲେଖା ସୁନ୍ଦର, ସାର୍ବଜନୀନ ହେଉ । ଚେଷ୍ଟା କାମ୍ୟ । ଭଲ ହେବ ନ ହେବ ସେ ଭବ୍ୟ ନିର୍ଣ୍ଣୟ କରିବେ ପାଇଁ । କବିତାକୁ ଆପଣ ଦୁଆର କିଳିଛନ୍ତି । ସେ ଆଉ ଆପଣଙ୍କ ପାଖ ମାଡ଼ିବ ନାହିଁ । ଯେଉଁ ସାଥୀମାନେ ଏବେ ରୀତିମତ କବିତା ଲେଖୁଛନ୍ତି, ସେମାନଙ୍କୁ ଆପଣ ଟପିଯିବା କଳ୍ପନା କରୁଛନ୍ତି କିପରି ?

ଦୀର୍ଘାୟୁ ଆପଣ ଚାହୁଁଛନ୍ତି କାହିଁକି ? ତାହା ହୁଏତ କାମ୍ୟ ନୋହିପାରେ । ଭଗବାନ କରନ୍ତୁ, କୌଣସି ଦୁରାରୋଗ୍ୟ ରୋଗ ଆକ୍ରମଣ ନ କରୁ, କୌଣସି କାରଣରୁ ଘୋର ମାନସିକ ଅଶାନ୍ତି ନ ଆସୁ । ମନୁଷ୍ୟ ଏ ସବୁଥିରୁ ଅବ୍ୟାହତି ଚାହେଁ, ମୃତ୍ୟୁ ହୁଏ ଶ୍ରେୟସ୍କର । ଏ ସମ୍ପର୍କରେ ଗୋଟିଏ ଗ୍ରୀକ ଗଳ୍ପ ମନେ ପଡ଼େ— କେତେକ ସୁଖୀ ବ୍ୟକ୍ତି ଅମରତ୍ୱ ଚାହିଁଥିଲେ । ବିଧାତା ସେ ବର ସେମାନଙ୍କୁ ଦେଲେ । ଯୌବନ ଗଲା । କେବଳ ହାଡ଼ ଚରିଖଣ୍ଡି ମଧ୍ୟରେ ଦୁକୁ ଦୁକୁ ହୋଇ ଜୀବନ ଚାଲିଲା, କି ଘୋର ଯନ୍ତ୍ରଣା । ସେମାନେ ବିକଳ କଣ୍ଠରେ ବରଦାତାଙ୍କୁ ପୁଣି ପ୍ରାର୍ଥନା କଲେ—ମୃତ୍ୟୁ ଦିଅ । ସେହିପରି ସ୍ୱାସ୍ଥ୍ୟ ନ ମାଗି ଆପଣ ମାଗୁଛନ୍ତି ଦୀର୍ଘାୟୁ । କେବଳ ଦୀର୍ଘକାଳ ବଞ୍ଚିଲେ କଣ ଲେଖକ ଲେଖାର ଧାରକୁ ଅବ୍ୟାହତ ରଖିପାରେ ?'

'ନା ଅନ୍ତରର ସରସତାକୁ ଜୋର ରଖିବା ଦରକାର । ସେ ଧାର ବାର୍ଦ୍ଧକ୍ୟରେ ଶୁଷ୍କ ହୁଏ । ପ୍ରବୀଣ ଓ ପ୍ରଚୁର ଅନୁଭୂତି ଯଥେଷ୍ଟ ନୁହେଁ । ତାରୁଣ୍ୟ ଅନୁଭୂତିକୁ ଯେଉଁ ସଂଜୀବନୀ ମନ୍ତ୍ର ଦିଏ, ବାର୍ଦ୍ଧକ୍ୟ ତା ପାରେନାହିଁ । ସମସ୍ତ ଇନ୍ଦ୍ରିୟ ଶିଥିଳ ହେଉଥିଲାବେଳେ ଲେଖା ବୁଢ଼ା ନୋହିବ କାହିଁକି ? ଈଶ୍ୱରେଚ୍ଛା ବଳୀୟସୀ । ଯେତେବେଳେ ଯେତିକି ହେଉଛି ହେଉ, ଭଲ ହେଉ ।'

# ପ୍ରଥମ ଉପାଚାର୍ଯ୍ୟ

ବିଶ୍ୱଭାରତୀ କେନ୍ଦ୍ର ବିଶ୍ୱବିଦ୍ୟାଳୟ ହେଲା ପରେ ରଥୀନ୍ଦ୍ରନାଥ ଠାକୁର ଉପାଚାର୍ଯ୍ୟ ହେଲେ; ପିତୃସମ୍ପତ୍ତିର ସ୍ୱାଭାବିକ ଉତ୍ତରାଧିକାରୀ ପରି; ଦୀର୍ଘକାୟ, ସୁଗମ୍ଭୀର, ବୟସ ଓ ଅଭିଜ୍ଞତାରେ ପରିପକ୍ୱ; ସାକ୍ଷାତ ପୁଣ୍ୟଶ୍ଳୋକ ମହାରାଜା ଯୁଧିଷ୍ଠିର । ଆଶ୍ରମର ସାଂସ୍କୃତିକ ଗୌରବ ଜଙ୍ଗମିତ ଯେପରିକି । ପୃଷ୍ଠପଟରେ ମହର୍ଷି ଦେବେନ୍ଦ୍ରନାଥ, ବିଶ୍ୱକବି ରବୀନ୍ଦ୍ରନାଥ, ତପସ୍ୟା ଓ କାବ୍ୟନାଟକ, ବିଶ୍ୱମୈତ୍ରୀ ଓ ପ୍ରୀତି; ଆଗକୁ ଚଳିଥାନ୍ତେ ସେ ତାଙ୍କର ସମୁଜ୍ଜ୍ୱଳ କୀର୍ତ୍ତି । କିଛି ନ କରିଥିଲେବି ଆପଣା ଭାଗ୍ୟସରେ ଚାଲିଥାନ୍ତା ଶାନ୍ତିନିକେତନ । କିନ୍ତୁ ସୂର୍ଯ୍ୟବଂଶ ବା ଚନ୍ଦ୍ରବଂଶ, କେଉଁ ବଂଶ ପୃଥିବୀରେ ଚିର ଉଜ୍ଜ୍ୱଳ ହୋଇ ରହିଛି ? ଘୋଡ଼ାମୁହାଁ ପୁଅ କେଉଁ ବଂଶର ମୁହଁରେ ବା କଳଙ୍କ କାଳି ଲେପି ନାହାନ୍ତି ? ପିତୃପୁରୁଷ ଯେତେ ଗରୀୟାନ୍ ଋଷି ବଂଶର ହେଲେବି ପୁତ୍ର ଉପରେ ପ୍ରଭାବ ବିସ୍ତାର କରିଛନ୍ତି କେତୋଟି କ୍ଷେତ୍ରରେ ?

ବେଦଉପନିଷଦ ସବୁ ପାଣି ପାଚିଗଲା; ମାଳତ ହାତରେ ପଡ଼ିଗଲା ଶାନ୍ତିଶ୍ରୀ । ଜୀବନର ଶେଷ ଯାମରେ ରଥୀନ୍ଦ୍ରଙ୍କୁ ଏପରି ଦୁର୍ବୁଦ୍ଧି ଘୋଟିଲା କାହିଁକି ? ବାର୍ଦ୍ଧକ୍ୟ ନିବୃତ୍ତ ହେଲା ନାହିଁ ? ଦୀର୍ଘ ସାଧୁସଙ୍ଗ, ଆଶ୍ରମବାସ ତିଳାର୍ଦ୍ଧ ସଂକୋଚ ଆଣିଲାନାହିଁ ? ଜୀବନ, ସତେ କି ନିର୍ଲଜ୍ଜ ସେ ।

ଏତେ ଉଚ୍ଚାସନରେ ଥାଇ ଏପରି ଏକ ଅପକର୍ମ କଲେ ସେ, ଯାହା ଶୁଣି ଲୋକେ କାନରେ ହାତ ଦେଲେ, ଲଜ୍ଜାରେ ମୁଣ୍ଡ ନୁଆଁଇ ଦେଲେ, କେଉଁଠି ହେଲେ ଆଲୋଚନା କଲେନାହିଁ, ଶାନ୍ତିନିକେତନର ଅବମାନନା ହେବ ବୋଲି । ସେ ବିଷୟ ଉଲ୍ଲେଖ କରିବାକୁ ଆଜି ବି ଲେଖନୀ କୁଣ୍ଠିତ ।

ଅପକୀର୍ତ୍ତି ପରେ ରଥୀନ୍ଦ୍ର ଆଉ ଶାନ୍ତିନିକେତନରେ ମୁହଁ ଦେଖାଉ ନାହାନ୍ତି । କେବେକେବେ ରାତିରେ ଲୁଚି ଆସି ଚାଲିଯାନ୍ତି । ଅଳ୍ପକାଳ ପରେ ଶାନ୍ତିନିକେତନ ବାହାରେ, ବୋଧହୁଏ ଡେରାଡୁନ୍‌ରେ ତାଙ୍କର ଜୀବନାବସାନ ଘଟିଲା ।

ତାପରେ ଉପାଚାର୍ଯ୍ୟ ହେଲେ ବିଦ୍ୟାଭବନର ଅଧ୍ୟକ୍ଷ ଡକ୍‌ଟର ପ୍ରବୋଧଚନ୍ଦ୍ର ବାଗଚି । ଫରାସୀ ପଣ୍ଡିତ ସିଲ୍‌ଭେନ୍ ଲେଭିଙ୍କର ଛାତ୍ର, ଫରାସୀ ଭାଷାରେ ଥେସିସ୍ ଲେଖି ପ୍ୟାରିସ୍ ବିଶ୍ୱବିଦ୍ୟାଳୟରୁ ଉଚ୍ଚତମ ଡିଗ୍ରୀରେ ଭୂଷିତ ହୋଇଥିଲେ ସେ । ଶାନ୍ତ, ସରଳ, ଅମାୟିକ, ଗୁଣଜ୍ଞ, ନାନା ବିଦ୍ୟା ସୁନିପୁଣ । ବିଶ୍ୱବିଦ୍ୟାଳୟକୁ ପ୍ରାଣ ଦେଇ ଗଢ଼ୁଥିଲାବେଳେ ତାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁ ଘଟିଲା, ଅଳ୍ପଦିନ ପରେ ତାଙ୍କର ମଧ୍ୟ ଅକାଳ ବିୟୋଗ ହେଲା, ଓଡ଼ିଆ ବିଭାଗର ଉନ୍ନତି ଲାଗି ସେ ବହୁତ କିଛି କରିଥିଲେ, କରିଥାନ୍ତେ, କିନ୍ତୁ ହଠାତ୍ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ।

ଡକ୍‌ଟର ବାଗଚିଙ୍କ ପରେ ବିଖ୍ୟାତ ବୈଜ୍ଞାନିକ ସତ୍ୟେନ୍ ବୋଷ (ପରେ ଜାତୀୟ ଅଧ୍ୟାପକ) ମୋ ରହଣି କାଳ ମଧ୍ୟରେ ଦୁଇ ତିନି ବର୍ଷ ଉପାଚାର୍ଯ୍ୟ ହୋଇଥିଲେ । ଡକ୍‌ଟର ପ୍ରବୋଧ ବାଗଚି ମୃତ୍ୟୁ ପୂର୍ବରୁ ଉତ୍ତରାଧିକାରୀ ରୂପେ ତାଙ୍କରି ନାମହିଁ ଉଚ୍ଚାରଣ କରିଥିଲେ । ସିଲ୍‌କ କେଶ, ବର୍ଣ୍ଣ କୃଷ୍ଣ, ସୁଗମ୍ଭୀର, କିନ୍ତୁ ସରଳ, ଅମାୟିକ । ତାଙ୍କ ବିଦ୍ୱତ୍ତା ଓ ବ୍ୟକ୍ତିତ୍ୱର ଏକ ଦିଗ୍‌ବିଜୟୀ ପ୍ରଭାବ

ଥିଲା—ପ୍ରତିଷେଧକୁ ଏହା ଭସାଇ ନେଇ ପାରୁଥିଲା; ତାଙ୍କ କର୍ତ୍ତୃତ୍ୱରେ କାର୍ଯ୍ୟ କରିବାରେ ଏକ ସ୍ୱତନ୍ତ୍ର ଆନନ୍ଦ ମିଳୁଥିଲା । ବଙ୍ଗଳା ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଅକଳନ୍ତୀ ଶ୍ରଦ୍ଧା ଥିଲା, ବଙ୍ଗଳାରେ ଭାଷଣ ଦେଲାବେଳେ ସେ ଗୋଟିଏ ହେଲେ ଇଂରାଜୀ ଶବ୍ଦ ପ୍ରୟୋଗ ନ ଥିଲେ । ଗୋଟିଏ କଥା ତାଙ୍କର ସ୍ମରଣୀୟ । ସେ କହୁଥିଲେ—ବଙ୍ଗାଳୀଙ୍କ ସ୍ୱକ୍ଷେତ୍ର ଏ । ସେମାନେ ନିଜ ନିଜର ଯତ୍ନ ନେଇ ପାରିବେ । ବିଦେଶୀ ଓ ପଡ଼ୋଶୀ ପ୍ରଦେଶବାସୀଙ୍କ ସ୍ୱାର୍ଥ ଜଗିବା ମୋର କାର୍ଯ୍ୟ ।

ଶିଳ୍ପୀ ରାମକିଙ୍କର, ଚେହେରାଟି ଠିକ୍ ଖଣ୍ଡିଆଭୂତ ପରି । ମୁଣ୍ଡ ବାଳରେ ସତେ ବା ପାନିଆ ବାଜେନାହିଁ—ଅନ୍ୟମନା—ସତେ ବା ଏ ଜଗତ୍ ପ୍ରତି ଅମନୋଯୋଗୀ-କିନ୍ତୁ ସେ ସବୁ ଦେଖନ୍ତି ଗଭୀରଭାବରେ-କିଛି ତାଙ୍କର ଦୃଷ୍ଟି ଏଡ଼େଇ ଯାଏନାହିଁ ।

ଘର ବାଙ୍କୁଡ଼ା —ଧାରାବାହିକ ସାଧାରଣ ଶିକ୍ଷା ତାଙ୍କର ନ ଥିଲା । କୌତୁକରେ ଜାତୀୟ କଂଗ୍ରେସର ପୋଷ୍ଟର ସେ ଆଙ୍କୁଥିଲେ—'ମଡର୍ଣ୍ଣ ରିଭ୍ୟୁ'ର ସମ୍ପାଦକ ରାମାନନ୍ଦ ଚଟ୍ଟୋପାଧ୍ୟାୟ ଦେଖି ମୁଗ୍ଧ ହୋଇଗଲେ । କଳାଭବନରେ ତାଙ୍କର ପଢ଼ା ବ୍ୟବସ୍ଥା କରିବା ଲାଗି ଅଧ୍ୟକ୍ଷ ନନ୍ଦଲାଲ ବୋଷ୍‌ଙ୍କ ନିକଟକୁ ଲେଖିଲେ । ରାମକିଙ୍କର ତକରା ପାଇ ଆସିଲେ—ଆଶ୍ରମ ଦେଖି କହିଲେ—ମୁଁ କଣ କୌପୁନୀ ମାରି ଶିଖିନି ? ଏଠି ରହିବି କାହିଁକି ?

ନନ୍ଦଲାଲ୍ ତାଙ୍କ ଛବି ଦେଖି କହିଲେ—ଆରେ, ତୁ ତ ସବୁ ଶିଖିଯାଇଛୁ, ତେବେ ରହ କିଛିଦିନ । କିଛି ଦିନ ରହୁ ରହୁ ରାମକିଂକର ସବୁଦିନ ଲାଗି ରହିଗଲେ; ତାଙ୍କୁ ଶାନ୍ତିନିକେତନ ଛାଡ଼ିବା ଆଦେଶ ଦେବା ଆଗରୁ ଗୁରୁ ନନ୍ଦଲାଲ ସଂସାର ଛାଡ଼ିଗଲେ । ଖୋଲା ବାତାବରଣରେ ବିପୁଳ ଓ ଜୀବନ୍ତ ମୂର୍ତ୍ତି ନିର୍ମାଣରେ ସେ ଧୁରନ୍ଧର । ତାଙ୍କ 'ସାନ୍ତାଳପରିବାର' ମୂର୍ତ୍ତି ମୋର ମନେପଡ଼େ—ସ୍ତ୍ରୀ ଗୋଟିଏ ବୋଝ ମୁଣ୍ଡେଇଛି, ପଲାକୁ ବୋକ୍ ଗ୍ରୁ କରି ଧରିଛି—ପୁରୁଷ ଭାର କାନ୍ଧେଇଛି—ଅଗାକେ ଗୋଟିଏ ପିଲା—ଆର ଅଗାରେ ସଂସାରଚଳଣି ଜିନିଷପତ୍ର ।

ଶିଳ୍ପୀ ଧୀରେନ୍ଦ୍ର କୃଷ୍ଣଦେବ ବର୍ମନ୍ ମୋର ଜଣେ ସାମୟିକ ସାନ୍ଧ୍ୟଭ୍ରମଣ ସଙ୍ଗୀ ଥିଲେ । ତ୍ରିପୁରା ରାଜପରିବାରର ଲୋକ ସେ, ଶାନ୍ତିନିକେତନରେ ଶିକ୍ଷିତ ଓ ତାର ଆଦର୍ଶରେ ଦୀକ୍ଷିତ ହୋଇଥିଲେ । ଭିତ୍ତିଚିତ୍ର ଅଙ୍କନରେ ସେ ପ୍ରବୀଣ ଥିଲେ । ଲଣ୍ଡନର ଏଣ୍ଡିଆ ହାଉସ୍ ଚିତ୍ରିତ କରିବା ଲାଗି ଯେଉଁ ଚାରିଜଣ ଶିଳ୍ପୀ ଭାରତରୁ ପ୍ରେରିତ ହୋଇଥିଲେ, ଧୀରେନ୍ଦ୍ର ସେମାନଙ୍କ ମଧ୍ୟରେ ଅନ୍ୟତମ; କଳାଭବନର ଅଧ୍ୟାପକ ଓ ପରେ ଅଧ୍ୟକ୍ଷ ସେ ହୋଇଥିଲେ । ନିଜ ଭିତରେ ପ୍ରାୟ ନିମଗ୍ନ ରହୁଥିଲେ ସେ । ଉପସ୍ଥିତ ବିଷୟ ପ୍ରତି ସଚେତନ ହେବାକୁ ତାଙ୍କୁ ସମୟ ଲାଗୁଥିଲା । ଦିନକର ଘଟଣା ମନେ ପଡ଼େ । 'ରାଙ୍ଗ୍ ରାମେଲୀ' ବୋଲି ସାଇକେଲରେ ଚଢ଼ିଯାଉଥିବା ଗୋଟିଏ କିଶୋରୀ ଭ୍ରମଣ କାଳରେ ନମସ୍କାର କଲା । ଧୀରେନ୍ଦ୍ର ଅବଚେତନ ସ୍ତରରୁ ନିଜକୁ ଟାଣିଆଣି ପ୍ରତିନମସ୍କାର କଲାବେଳକୁ ରାମେଲୀ ମାଇଲିଏ ଦୂରରେ ।

ବିଶ୍ୱରୂପ ବୋଷ ନନ୍ଦଲାଲ୍‌ଙ୍କ ପୁତ୍ର, କାଠଖୋଦେଇରେ ସେ ଧୁରନ୍ଧର । ଭିତ୍ତିଚିତ୍ରଅଙ୍କନ ଓ ପେଣ୍ଟିଙ୍ଗ ସଜୀବୀକରଣରେ ସେ ବିଶେଷଜ୍ଞ । ଅବନୀନ୍ଦ୍ରନାଥଙ୍କ

ପଦ୍ମପତ୍ରେ ନୀର'; 'କଚଦେବଯାନୀ' ଛବିକୁ ସେ କାଠରେ ଖୋଦେଇ କରିଥିଲେ ।

କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଇ ବି. ହାଭେଲ ଭାରତୀୟ କଳାର ପୁନରୁଦ୍ଧାରଚେଷ୍ଟାରେ ଅବନୀନ୍ଦ୍ରନାଥଙ୍କୁ ପ୍ରବର୍ତ୍ତିତ କରିଥିଲେ । କଲିକତାରେ 'ଓରିଏଣ୍ଟାଲ ସୋସାଇଟି ଅଫ୍ ଏଣ୍ଡିଆନ୍ ଆର୍ଟ' ସଂଗଠିତ ହୋଇଥିଲା । ପରେ ୧୯୨୧ରେ ଅବନୀନ୍ଦ୍ରଙ୍କ ପଟ୍ଟଶିଷ୍ୟ ନନ୍ଦଲାଲ୍ ଶାନ୍ତିନିକେତନ ଆସି କଳାଭବନ 'ନନ୍ଦନ' ସଂଗଠନ କରିଥିଲେ । ପ୍ରଦର୍ଶନୀ ହଲ୍‌ଟିର ନାମ 'ହାଭେଲ୍ ହଲ୍' ଦିଆଯାଇଥିଲା ।

ସଂସ୍କୃତବିଭାଗର ମୁଖ୍ୟ ଅଧ୍ୟାପକ ଡକ୍‌ଟର ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ ମୋର ସହକର୍ମୀ ଓ ହିତାକାଂକ୍ଷୀ ଥିଲେ । ଅଧ୍ୟାପନା ଓ ଅଧ୍ୟୟନରେ ପ୍ରାୟ ସାରାଦିନ ସେ ବ୍ୟସ୍ତ ରହୁଥିଲେ । 'ଭାଗବତ ଦର୍ଶନ' ବିଷୟରେ ଇଂରାଜୀରେ ତାଙ୍କର ଖଣ୍ଡିଏ ପୁସ୍ତକ ପ୍ରକାଶିତ ହୋଇଥିଲା । ଡକ୍‌ଟର ରାଧାକ୍ରିଷନ୍ ତାର ଭୂମିକା ଲେଖିଥିଲେ । ଆଧୁନିକ ପଣ୍ଡିତ । ପିଏଚ ଡି, ଡି-ଲିଟ୍, ସେଥିରେ ପୁଣି ବିଲାତୀ ବାରିଷ୍ଟରୀ ପାସ୍ । ମନେ ହେଉଥିଲା ବଡ଼ ଚତୁର ସେ । ଅଧ୍ୟାପକରୁ ଯେତେବେଳେ ଅଧ୍ୟକ୍ଷ ହେଲେ ଆରମ୍ଭ ହେଲା ତାଙ୍କର ଅଧୋଗତି । ଶାସନରେ ଏକାନ୍ତ ଅପାରଗ । ନିଜ ଶକ୍ତିର ସୀମା ବିଷୟରେ ସଚେତନ ନ ଥିବାରୁ ତାଙ୍କ ପରି ସମ୍ମାନିତ ବ୍ୟକ୍ତିଙ୍କୁ ଲାଞ୍ଛନା ଭୋଗ କରିବାକୁ ହୋଇଥିଲା । ସେ ବିଶ୍ୱଭାରତୀ ଛାଡ଼ି ବାରାଣସୀ ବିଶ୍ୱବିଦ୍ୟାଳୟକୁ ଚାଲିଯାଇଥିଲେ ।

ସେତେବେଳେ ବିଦ୍ୟାର ଗୋଟିଏ ଚମତ୍କାର ବାତାବରଣ ଥିଲା—ଅଧ୍ୟୟନ, ଅଧ୍ୟାପନ, ସର୍ଜନ । ଆଦର୍ଶ ମଣିଷ ଗଢ଼ିବା ଅଧ୍ୟାପକର ଲକ୍ଷ୍ୟ ଥିଲା । ଇଂରାଜୀ ଓ ବଙ୍ଗଳା 'ବିଶ୍ୱଭାରତୀ' ପତ୍ରିକା ଶାନ୍ତିନିକେତନୀ ବିଦ୍ୟାସାଧନାର ପ୍ରତୀକ ଥିଲା । କଳାଭବନର ଶ୍ରୀ, ସଙ୍ଗୀତଭବନର ସ୍ୱର ଓ ବିଦ୍ୟାଭବନର ଜ୍ଞାନ—ଏଇ ତ୍ରିବେଣୀ ତୀର୍ଥରେ ସ୍ନାତ ସ୍ନାତକମାନେ ବାହାରୁଥିଲେ ।

ହିନ୍ଦୀଭବନର ଶିବନାଥଜୀ ଶବ୍ଦାର୍ଥତତ୍ତ୍ୱ, ତୋମାର୍‌ଜୀ ଅପଭ୍ରଂଶ ସାହିତ୍ୟ, ଡକ୍‌ଟର ସୁଧାକର ଚାଟର୍ଜି ପ୍ରାଚୀନ ଭାରତୀୟ ଇତିହାସ ଓ ସଂସ୍କୃତି, ଅଶୋକ ବିଜୟ ରାହା କାବ୍ୟ, ଡକ୍‌ଟର ଶିଶିର ଘୋଷ ଅରବିନ୍ଦସାହିତ୍ୟ, ଡକ୍‌ଟର ହାଜାରୀ ପ୍ରସାଦ ଦ୍ୱିବେଦୀ ମଧ୍ୟଯୁଗୀୟ ସନ୍ତସାହିତ୍ୟ, ପ୍ରବୋଧଚନ୍ଦ୍ର ସେନ ରବୀନ୍ଦ୍ର ଛନ୍ଦ, ପ୍ରଭାତ ମୁଖାର୍ଜି ରବୀନ୍ଦ୍ରଜୀବନୀ—ଏହିପରି ନାନା ବିଷୟରେ ଗବେଷଣା ଚାଲିଥିଲା; ହରିଚରଣ ବନ୍ଦ୍ୟୋପାଧ୍ୟାୟ ଅଭିଧାନ ସଂକଳନ କରୁଥିଲେ । ପ୍ରଫେସର୍ ଟାନ୍ ଚୀନାଭବନର ଅଧ୍ୟକ୍ଷ ଥିଲେ । ଚୀନାଭବନ ଚୀନ୍ ଓ ଭାରତୀୟ ସଂସ୍କୃତିର ଏକ ବିନିମୟକେନ୍ଦ୍ର ଥିଲା । ରବୀନ୍ଦ୍ରଙ୍କ ଚୀନ୍ ଭ୍ରମଣ କାଳରେ ଏହାର କଳ୍ପନା । ଚୀନ୍ ଭାରତର ଚିରନ୍ତନ ବନ୍ଧୁ - ଧର୍ମ ଓ ସଂସ୍କୃତି ଉଭୟଙ୍କୁ ଭ୍ରାତୃତ୍ୱବନ୍ଧନରେ ବାନ୍ଧି ରଖିଛି । କୂଟନୀତି ଏଇ ବନ୍ଧନକୁ ଶିଥିଳ କରିପାରିବ ନାହିଁ; ଏଇ ବନ୍ଧନକୁ ଦୃଢ଼ତର କରିବାଲାଗି ଚ-ଏନ୍-ଲାଇ ବୋଧହୁଏ ୧୯୫୦ରେ ଭାରତ ପରିଦର୍ଶନରେ ଆସିଥିଲେ । ଶାନ୍ତିନିକେତନର ପଟିଟିଡ଼ି ପର୍ବରେ ତାଙ୍କ ସହିତ ରୂକ୍ଷ କରମର୍ଦ୍ଦନ ଏବେ ବି ଭୁଲିନାହିଁ—ହିନ୍ଦୀ ଚିନୀ ଭାଇ

ଖାଇ ହେଉଁ ହେଉଁ ହଠାତ୍ କିପରି ହାତ ଉଠାଉଠି ହୋଇଗଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । କିନ୍ତୁ କୂଟନୀତିର ଯୁଗ ଏ । ଆଜିର ଭାଇ କାଲି ଭଗାରି ।

ଇନ୍ଦିରାଦେବୀ ଚୌଧୁରାଣୀ ବଙ୍ଗଳାରେ 'କଲ୍ଲୋଳ' ଯୁଗର ପ୍ରବର୍ତ୍ତକ ପ୍ରମଥ ଚୌଧୁରୀଙ୍କ ସ୍ତ୍ରୀ । ଶ୍ରୀ ଚୌଧୁରୀ ଶାନ୍ତିନିକେତନରୁ 'ସବୁଜ ପତ୍ର' ନାମରେ ପତ୍ରିକା ପ୍ରକାଶ କରୁଥିଲେ, କବିତାରଚନାରେ ରବୀନ୍ଦ୍ର ପ୍ରଭାବରୁ ମୁକ୍ତ ହେବା ପ୍ରୟାସରେ ସେ ଅଗ୍ରଣୀ ଥିଲେ; ଶ୍ରୀମତୀ ଚୌଧୁରାଣୀ ଦୀର୍ଘଜୀବିନୀ ହୋଇଥିଲେ ଓ ନିଜର କବିତ୍ୱଶକ୍ତିକୁ ଆଜୀବନ ବଞ୍ଚାଇ ରଖିଥିଲେ । ତାଙ୍କ ଗଦ୍ୟ ପ୍ରାୟ କବିତା ହୋଇ ଯାଉଥିଲା । ସେ ସଙ୍ଗୀତରେ ପାରଦର୍ଶିନୀ ଓ ଶାନ୍ତିନିକେତନର ଅଭିଭାବିକା ସଦୃଶ ଥିଲେ । ସାହିତ୍ୟସଭାମାନଙ୍କରେ ତାଙ୍କ ଲିଖିତ ଭାଷଣ ବଡ଼ ଆଦରଣୀୟ ହେଉଥିଲା ।

ନନ୍ଦଲାଲଙ୍କ ଫ୍ରେସ୍କୋ, ଗୌରୀଦେବୀଙ୍କ ଆଲ୍‌ପନା (ଚିତ୍ର) ଶାନ୍ତିଦେବ ଘୋଷଙ୍କ ରବୀନ୍ଦ୍ରସଂଗୀତ, ବହୁ ବିଦଗ୍ଧ ପରିଦର୍ଶକ ଅଧ୍ୟାପକଙ୍କ ଭାଷଣ ଶାନ୍ତିନିକେତନକୁ ଏକ ମନମୋହକର ଭାବ ଓ ସୌନ୍ଦର୍ଯ୍ୟ ରାଜ୍ୟରେ ପରିଣତ କରିଥିଲା । ବିଦ୍ୟାଭବନ ଥିଲା ଏହାର ମସ୍ତିଷ୍କ, ଉପାଚାର୍ଯ୍ୟ ଡକ୍ଟର ପ୍ରବୋଧଚନ୍ଦ୍ର ବାଗ୍‌ଚି ହୋଇଥିଲେ ଏହାର କେନ୍ଦ୍ରବିନ୍ଦୁ ।

ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ମନେ ପଡ଼ନ୍ତି ବିଦ୍ୟାଭବନର ପଞ୍ଚାନନ ମଣ୍ଡଳ, ସେ ବିଦ୍ୟାରେ ପ୍ରାୟ ମୋର ସମ ସ୍ତରର ଓ ଏକାନ୍ତ ନିଜର ଥିଲେ । ତାଙ୍କ ସହିତ ମୋର ଦୀର୍ଘ ଗବେଷଣାଆଲୋଚନା ଚାଲୁଥିଲା ଓ ଜମୁଥିଲା । ବିଦ୍ୟା ଭବନରେ ସେ ମୋର ନିକଟ ପଡ଼ୋଶୀ ଥିଲେ । ଭୂର୍ଜପତ୍ରରେ ଲେଖା ବଙ୍ଗଳା ପାଣ୍ଡୁଲିପି ସମ୍ପାଦନାର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ପ୍ରାଚୀନ ଯୁଗର ବହୁ ବଙ୍ଗଳା ଚିଠିପତ୍ର ସଂଗ୍ରହ କରି 'ଚିଠିପତ୍ରେ ସମାଜ ଚିତ୍ର' ପୁସ୍ତକ ସଂକଳନ କରିଥିଲେ । ତତ୍‌କାଳୀନ ସମାଜ ଚରିତ୍ର ଓ ଚଳଣି ଦେଖାଇ ସେହି ପୁସ୍ତକରେ ସେ ଦୀର୍ଘ ମୁଖବନ୍ଧ ଲେଖିଥିଲେ । ନନ୍ଦଲାଲ ବୋଷଙ୍କ ଜୀବନକାଳରେ ପଞ୍ଚାନନବାବୁ ତାଙ୍କର ତିନିହଜାର ପୃଷ୍ଠାବ୍ୟାପୀ ଜୀବନଚରିତ 'ଭାରତ ଶିଳ୍ପୀ ନନ୍ଦଲାଲ୍' ନାମରେ ରଚନା କରିଥିଲେ । ବଙ୍ଗଳା ଜୀବନଚରିତସାହିତ୍ୟରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

ପଞ୍ଚାନନ ଯେପରି ସାରସ୍ୱତ ସାଧକ, ସେହିପରି ଲକ୍ଷ୍ମୀଙ୍କର ଭକ୍ତ । ବିପୁଳ ଦ୍ୱିତଳ ପ୍ରାସାଦ, ଚମତ୍କାର ପୁଷ୍ପଫଳୋଦ୍ୟାନ, ବିଦଗ୍ଧ ଓ ଅଭିଜାତ ଚଳଣୀ ଓ ଅତିଥିଚର୍ଯ୍ୟାରୁ ତାଙ୍କଠାରେ ବିଦ୍ୟାସାଧନା ଓ ଭୌତିକତାର କିପରି ମଧୁର ସମନ୍ୱୟ ହୋଇଅଛି, ତାର ପ୍ରମାଣ ମିଳିଥାଏ ।

ବଙ୍ଗଳା ଲେଖକ ତପନମୋହନ ଚାଟର୍ଜିଙ୍କ ସଙ୍ଗେ ମୋର ଘନିଷ୍ଠତା ଥିଲା । ସେ କଲିକତାର ଜଣେ ବାରିଷ୍ଟର । କିନ୍ତୁ ପ୍ରାକ୍‌ଟିସ୍ ଦିଗକୁ ବିଶେଷ ମନ ନ ଦେଇ ବିଦ୍ୟାସାଧନାରେ ଲାଗିଥିଲେ । ଖୁବ୍ ଧନୀ, କେତେ ଲକ୍ଷ ଟଙ୍କା ଆୟକର ଦେଉଥିଲେ । କିନ୍ତୁ ବିଳାସବ୍ୟସନ ତାଙ୍କ ମନକୁ ଆକର୍ଷଣ କରିପାରି ନ ଥିଲା ।

ତାଙ୍କ ପଲାସୀ ଯୁଦ୍ଧ ଓ ଇଂଲଣ୍ଡ ଭ୍ରମଣକାହାଣୀର ରଚନାଶୈଳୀ ବଡ଼ ରୋଚକ ଥିଲା । ସେ ବଙ୍ଗଳାର ବିଭିନ୍ନ ଅଞ୍ଚଳରୁ ପାଣ୍ଡୁଲିପି ସଂଗ୍ରହ କରୁଥିଲେ ଓ

ପଞ୍ଚାନନ ମଣ୍ଡଳଙ୍କ ସହିତ ସଂକଳନର ବୈଜ୍ଞାନିକ ରୀତି ସଂପର୍କରେ ଆଲୋଚନା କରୁଥିଲେ ।

ଥରେ କୋଣାର୍କଭ୍ରମଣରେ ଯାଇ ବାଲିରେ ବିକ୍ଷିପ୍ତ ପ୍ରସ୍ତରସ୍ତୂପରୁ ମୂର୍ତ୍ତିର ମୁଣ୍ଡଟିଏ ଉଠାଉଁ ଉଠାଉଁ କିପରି ଗୋଖୁର ସାପଟିଏ ବାହାରିଲା ଓ ସେ ପ୍ରାଣ ଘେନି ପଳାଇ ଆସିଲେ ଓ ଦ୍ୱିତୀୟ ବାର ଯାଇ ସେ କିପରି ଟ୍ରଙ୍କ୍‌ରେ ପୂରାଇ ମୂର୍ତ୍ତିଟିଏ ଆଣିବାକୁ ସମର୍ଥ ହୋଇଥିଲେ, ମୋ ଆଗରେ ବର୍ଣ୍ଣନା କରିଥିଲେ । ଏ ଘଟଣାର ଉଲ୍ଲେଖ ପରେ ଓଡ଼ିଶାର ପ୍ରତ୍ନସମ୍ପଦ କିପରି ଲୁଣ୍ଠିତ ହୋଇଛି ଓ ତାର ଅପହାରକ କିଏ ଚିନ୍ତା କରି ତାଙ୍କ ପ୍ରତି ମୋର ଶ୍ରଦ୍ଧା ଊଣା ହୋଇ ଯାଉଥିଲା ।

ଝଡ଼ ପରି ତାଙ୍କର ହସ, ମଉଗଜ ପରି ଚାଲି, ମୋଗଲଦରବାରୀ ରୁଚି, ବିଦ୍ୟାବିନୋଦ; ସାରାଦିନ ସେ ବିଦ୍ୟାଭବନରେ କଟାନ୍ତି । ଚିତ୍ତ ଶୁଦ୍ଧ, ନିର୍ମଳ, କଥା ଉଗ୍ର, ଆକ୍ରମଣାତ୍ମକ, ଆଘାତ କରେ ଅନ୍ତରରେ, କିନ୍ତୁ ଚମାବାଣ ପରି, ଅଗ୍ନି ଝଲ ଖାଳେ, ପୋଡ଼େନାହିଁ । ତାଙ୍କ ତୋଫାନୀ ହସରେ ମନର ଗ୍ଳାନି ଦୂର କରିବାର ଶକ୍ତି ଥିଲା । ତାଙ୍କ ସଙ୍ଗେ ଏଗାର ବର୍ଷ କଟିଛି, ସେ ସବୁ ଦାଦା ମଧ୍ୟରେ ବଡ଼ ଦାଦା, ଅନ୍ତରଙ୍ଗ । ରସିକ, ବହୁ ଉଦ୍ଭଟ ପ୍ରେମକବିତାର ପଦ ଉଦ୍ଧାର କରିଥାନ୍ତି ।

ଟିକିଏ ଅର୍ଥଗୃଧ୍ନୁ; ଛିଣ୍ଡା କାମିଜି, ମଇଳା ଲୁଗା ପିନ୍ଧି ବେଳେବେଳେ ଆସନ୍ତି—ଅଲବେର ଘ୍ରନ ଏ । କିନ୍ତୁ ସେ ପୂର୍ବ ବଙ୍ଗବାସୀ ଥିଲେ । ପାକିସ୍ଥାନ ହେଲା ପରେ ସମ୍ପତ୍ତି ବିକି ଲକ୍ଷାଧିକ ଟଙ୍କା ବ୍ୟାଙ୍କରେ ଜମା କରିଥିଲେ, କଲିକତାରେ ୬୦ ହଜାର ଟଙ୍କାରେ ଗୋଟିଏ ଘର ମଧ୍ୟ ନିର୍ମାଣ କରିଥିଲେ । କନ୍ୟାହୀନ, ବଡ଼ ପୁଅ ଇଞ୍ଜିନିଅର; ସାନ ପୁଅ ବ୍ୟବସାୟୀ; ତାଙ୍କର ବାସ୍ତବ ସ୍ଥିତି ଓ ଗତି ଦେଖିଲେ ତାଙ୍କ ପ୍ରତି କରୁଣା ଆସେ । ଗବେଷକ ଓ ବିଦ୍ୱାନ୍ ଥିଲେ ବି ଲୋଭ ଓ କାର୍ପଣ୍ୟ ତାଙ୍କୁ ସଂକୀର୍ଣ୍ଣ ପଥରେ ଚାଳନ କରୁଥିଲା ।

ଶାନ୍ତିନିକେତନର ଶାନ୍ତିପ୍ରିୟ ଅଧ୍ୟାପକମାନଙ୍କ ମଧ୍ୟରେ ଏକମାତ୍ର ସେହି ବନ୍ଧୁକ ଲାଇସେନ୍‌ସ କରିଥିଲେ; ବନ୍ଧୁକଟି ତକିଆ ତଳେ ରଖି ସେ ଶୋଉଥିଲେ । ପାଖ ପଡ଼ୋଶୀଙ୍କର ତାଙ୍କ ପ୍ରତି କିଞ୍ଚିତ୍ ଭୟ ଥିଲା ।

୨୦ ବର୍ଷ ସଂସାର କଲା ପରେ କର୍କଟ ରୋଗରେ ସ୍ତ୍ରୀଙ୍କର ମୃତ୍ୟୁ ହେଲା । ବୈରାଗ୍ୟସଂପନ୍ନ ଓ ଭକ୍ତିପ୍ରବଣ ହୋଇଉଠିଲେ ଦାଦା । ସେ ରାମକୃଷ୍ଣ ପରମହଂସଙ୍କ ଫଟୋ ସହିତ ନିଜ ସ୍ତ୍ରୀର ଫଟୋ ପୂଜା କରୁଥିଲେ ।

୫୫ ବର୍ଷ ବୟସରେ ସେ ପୁନର୍ବିବାହ କଲେ, କେତେ ଶିକ୍ଷୟିତ୍ରୀ, ନର୍ସ, ବିବାହବିଳମ୍ବିତା, ପରିତ୍ୟକ୍ତା, ବୋଧହୁଏ ପତିତାଙ୍କ ସଙ୍ଗେ ପତ୍ର ଓ ଫଟୋ ବିନିମୟ ପରେ ଗୋଟିଏ ଦରିଦ୍ର ପଲ୍ଲୀ ଗୃହସ୍ଥର ବୟସ୍କା କନ୍ୟାକୁ ବିଭା ହେଲେ, ତାଙ୍କ ଦାରିଦ୍ର୍ୟନରକରୁ ତାଙ୍କୁ ଉଦ୍ଧାର କଲେ ।

ଦାଦାଙ୍କର ବିଶ୍ୱାସ ଥିଲା—ସେ ଆଉ କୋଡ଼ିଏପଚିଶ ବର୍ଷ ବଞ୍ଚିବେ । ବଳିଷ୍ଠ ସ୍ୱାସ୍ଥ୍ୟ ଦେଖିଲେ ଏ ଆଶା ଅମୂଳକ ବୋଲି କେହି କିଛିବି ନ ଥିଲା, କିନ୍ତୁ ମନୁଷ୍ୟ ଭବିଷ୍ୟ ବିଷୟରେ ଅଜ୍ଞାନ, ପରର ଅମଙ୍ଗଳ ବା ମୃତ୍ୟୁ ଆଶଙ୍କା ସେ

କରେ, କିନ୍ତୁ ନିଜ ବିଷୟରେ ଅଚେତନ । ତାଙ୍କ ଉପାଖ୍ୟାନ ଡକ୍ଟର ବାଗ୍‌ଚି ହଠାତ୍ ମରିଯିବାରେ କହୁଥିଲେ—ପାପ ନ ଥିଲେ ଏପରି ହୁଏନାହିଁ, ଗୁରୁଦେବଙ୍କ ଅଭିଶାପର ଫଳ ଏ । କିନ୍ତୁ ନିଜେ କି ପାପ କରିଥିଲେ ତାଙ୍କ ମନ ଜାଣେ । ହଠାତ୍ ତାଙ୍କର ବି ମୃତ୍ୟୁ ହେଲା । ଜୀବନ ଆଉ ମୃତ୍ୟୁର ମଝି ପରଦାଟି କେତେ ସୂକ୍ଷ୍ମ । ପରସ୍ପରର କେତେ ନିକଟରେ; କିନ୍ତୁ ମନେହୁଏ ଦୂରବର୍ତ୍ତୀ ।

## ତାନ୍ ୟୁନ୍-ସାନ୍

ପ୍ରଫେସର୍ ତାନ୍ ୟୁନ୍-ସାନ୍‌ଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ଗଢ଼ି ଉଠିଥିଲା; ସେ ବେଳେ ବେଳେ ମୋ ନିକଟକୁ ତାଙ୍କ ଦେଶର କଳନ୍ଧ ଶାଗ ପଠାଉଥିଲେ । ଅଠରଗୋଟି ସନ୍ତାନର ପିତା । ତାଙ୍କର ଗୋଟିଏ କନ୍ୟାର ନାମ—ଖୁଙ୍ଗ୍ ଖୁମେଲା—ଭାରତୀୟ ଓ ଚିନୀୟ ନାମର ମିଶ୍ରଣ । ସେ ବଙ୍ଗଳା ସାହିତ୍ୟରେ କୃତିତ୍ୱ ଦର୍ଶାଇଥିଲା ।

ପ୍ରଫେସର୍ ତାନ୍ ଏବେ ଆଶ୍ରମର ଆଚାର୍ଯ୍ୟଭାବେ ସମ୍ମାନିତ । ଏ ସମ୍ମାନ ଯଥାର୍ଥଭାବେ ତାଙ୍କର ପ୍ରାପ୍ୟ । ଆଧୁନିକ ଯୁଗରେ ଚୀନ୍ ଓ ଭାରତର ସାଂସ୍କୃତିକ-ଯୋଗର ମୂଳସୂତ୍ର ସେ । ମୁଖ୍ୟତଃ ତାଙ୍କରି ପ୍ରଚେଷ୍ଟାରେ ଶାନ୍ତିନିକେତନର 'ସିନୋ ଏଣ୍ଡିଆନ୍ ସୋସାଇଟି' ସ୍ଥାପିତ ଓ ଚୀନାଭବନ ନିର୍ମିତ ହୋଇଥିଲା, ଯଦି ବା ପ୍ରେରଣାର ଉତ୍ସ ଥିଲେ ସ୍ୱୟଂ ରବୀନ୍ଦ୍ରନାଥ । ତାଙ୍କ ଚୀନ୍ ଯାତ୍ରାପରେ ଏପରି ଏକ ସମାଜ ନିର୍ମାଣଲାଗି ବାତାବରଣ ଅନୁକୂଳ ହୋଇଥିଲା; ଉଭୟ ବିରାଟ ଦେଶର ବିଦଗ୍ଧମାନେ ଏଇ ସମାଜ ଜରିଆରେ ପରସ୍ପରର ନିକଟବର୍ତ୍ତୀ ହୋଇଥିଲେ । ପରାଧୀନ ଭାରତରେ ଏ କୃତିତ୍ୱ ଅବଶ୍ୟ ସ୍ମରଣୀୟ ।

୧୯୨୭ ଖ୍ରୀଷ୍ଟାବ୍ଦରେ 'କାନାଡ଼ା' ଯାତ୍ରାପରେ ରବୀନ୍ଦ୍ର ସିଙ୍ଗାପୁରରେ ଅବତରଣ କରିଥିଲେ; ଜଣେ ଚୀନାବ୍ୟବସାୟୀ କବିଙ୍କୁ ଆଡ଼ମ୍ବରରେ ସମ୍ବର୍ଦ୍ଧନା କରିଥିଲେ ଓ ଚୀନାଭବନ ନିର୍ମାଣଲାଗି ୩୦ହଜାର ସିଙ୍ଗାପୁର ଡଲାର ଦାନ କରିଥିଲେ ।

ତାନ୍ ସାହେବ ରବୀନ୍ଦ୍ରଙ୍କ ପ୍ରଭାବରେ ଚୀନରେ 'ସିନୋ ଏଣ୍ଡିଆନ୍ କଲ୍‌ଚରଲ୍ ସୋସାଇଟି' ପ୍ରତିଷ୍ଠା କଲେ । ଏଇ ସୋସାଇଟି ଏକଲକ୍ଷ ଉପାଦେୟ ଚୀନାପୁସ୍ତକ କ୍ରୟ କରି ଶାନ୍ତିନିକେତନର ଚୀନାଭବନକୁ ଦାନ କଲେ; ବନ୍ଧୁମାନଙ୍କ ଜରିଆରେ ଶ୍ରୀ ତାନ୍ ପ୍ରାୟ ୫୦ହଜାର ଚୀନାପୁସ୍ତକ ସଂଗ୍ରହ କରିଥିଲେ । ଏଇସବୁ ପୁସ୍ତକକୁ ଘେନି ଚୀନାଭବନ ପାଠାଗାର ନିର୍ମିତ ହେଲା, ବୌଦ୍ଧଧର୍ମ, ଦର୍ଶନ ଓ ନୀତି ସମ୍ପର୍କରେ ଗବେଷଣାଲାଗି ପଥ ପରିଷ୍କୃତ ହେଲା; ଭାରତରେ ଦୁର୍ଲଭ ବୌଦ୍ଧଧର୍ମସମ୍ପର୍କୀୟ ବହୁ ପୁସ୍ତକ ଓ ପାଣ୍ଡୁଲିପି ଭାରତୀୟ ଗବେଷକମାନଙ୍କୁ ଚୀନାଭବନରେ କାର୍ଯ୍ୟ କରିବାଲାଗି ପ୍ରରୋଚିତ କଲା । ଚୀନା ଇତିହାସ, ଚୀନା ଶିଳ୍ପକଳା, ଚୀନାସାହିତ୍ୟ ମଧ୍ୟ ସେମାନେ ଅଧ୍ୟୟନ କଲେ ।

'Eastern Magazine'ରେ ପ୍ରବନ୍ଧ ଲେଖି ତାନ୍‌ସାହେବ ବିଶ୍ୱଭାରତୀକୁ ଭାରତର ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟଭାବେ ପରିଚିତ କରାଇଥିଲେ । ଫଳରେ

ଚୀନ୍, ଇଣ୍ଡୋଚୀନ୍, ଯାପାନ ଓ ଇଉରୋପରୁ ବହୁ ଛାତ୍ରଛାତ୍ରୀ ଶାନ୍ତିନିକେତନରେ ପଢ଼ିବାଲାଗି ଆସିଥିଲେ ।

୧୯୨୮ରେ ତାନ୍ ଶାନ୍ତିନିକେତନ ଆସିଲେ । ସେ କ୍ଷିତିମୋହନ ସେନ୍ ପରେ ପଣ୍ଡିତ ବିଧୁଶେଖର ଶାସ୍ତ୍ରୀଙ୍କଠାରୁ ସଂସ୍କୃତ ଶିଖିଲେ ଓ ଚୀନାଭାଷା ପଢ଼ାଇଲେ । ସେ ଫା-ଇୟାନ୍, ହୁଏନ୍ ସା ଓ ଇ-ସିଂଙ୍କ ସଦୃଶ ନିଜକୁ ଜଣେ ସାଂସ୍କୃତିକ ଦୂତ ବୋଲି ମନେ କରିଥିଲେ ଓ ସେମାନଙ୍କ ପନ୍ଥା ଅନୁସରଣ କରି ପୁରାତନ ଓ ନୂତନ ବୌଦ୍ଧଧର୍ମ ଓ ଆର୍ଯ୍ୟଧର୍ମ ମଧ୍ୟରେ ଆତ୍ମୀୟତା ସୃଷ୍ଟି, ଚୀନ ଓ ଭାରତ ମଧ୍ୟରେ ସାଂସ୍କୃତିକ ଯୋଗସୂତ୍ର ସ୍ଥାପନଲାଗି ଚେଷ୍ଟିତ ହୋଇଥିଲେ ।

୧୯୩୪ ଖ୍ରୀଷ୍ଟାବ୍ଦରେ ଚୀନାଭବନ ଉଦ୍‌ଘାଟିତ ହେଲା । ରବୀନ୍ଦ୍ରନାଥ କହିଥିଲେ—'ଅଠରଶ ବର୍ଷ ତଳେ ଆମ ପୂର୍ବ ପୁରୁଷ ଅସୀମ ଧୈର୍ଯ୍ୟ ଓ ତ୍ୟାଗ ସ୍ୱୀକାର କରି ଭାରତ ଓ ଚୀନର ମୈତ୍ରୀ ସ୍ଥାପନ କରିଥିଲେ । ତାକୁ ଏବେ ଆମେ ସଂଜୀବିତ କରୁଆଛୁଁ ।'

ତାନ୍ ଚିନ୍ ଓୟେନ୍ ଚିୟାଂ-ହିୟାଂ (ସଂସ୍କୃତିପୂର୍ଣ୍ଣ ନଦୀର ଦେଶ) ଗ୍ରାମରେ ୧୯୦୧ରେ ଜନ୍ମ ହୋଇଥିଲେ । ତାଙ୍କ ପିତା କନ୍‌ଫୁସିଅସ୍‌ପନ୍ଥୀ ଜଣେ ଶିକ୍ଷକ ଓ ତାଓ ମତାବଲମ୍ବୀ ବୌଦ୍ଧ ଥିଲେ । ମାତା ତାଓ ଓ କନ୍‌ଫୁସିଅସ୍ ଉଭୟ ମତରେ ବିଶ୍ୱାସ କରୁଥିଲେ । ବିଶ୍ୱଭାରତୀର ଜନ୍ମବର୍ଷରେ ହିଁ ତାନ୍‌ଙ୍କର ଜନ୍ମ । ବିଶ୍ୱଭାରତୀରେ ସେ ପ୍ରାୟ ଅର୍ଦ୍ଧଶତାବ୍ଦୀ କଟାଇଛନ୍ତି ।

## ମୁଁ କାହିଁକି ଶାନ୍ତିନିକେତନ ଛାଡ଼ିଲି ?

ଶାନ୍ତିନିକେତନ ଛାଡ଼ି ଓଡ଼ିଶା ଫେରିଯିବା ଲାଗି ପ୍ରତିବର୍ଷ ସରକାରୀ ତାଗିଦ୍ ଆସୁଥାଏ । କିନ୍ତୁ ଶାନ୍ତିନିକେତନ ପରି ସ୍ଥାନ ଛାଡ଼ିଯିବା ଲାଗି ମୋର ମନ ବଳୁ ନ ଥାଏ । ବର୍ଷେ ପୂରିଲେ ଆଉ ବର୍ଷେ ଦେବା ଲାଗି ମୁଁ ସରକାରଙ୍କୁ ନିବେଦନ କରୁଥାଏ । ସରକାରୀ ଚାକିରୀ ଓ ଭବିଷ୍ୟତ ପେନ୍‌ସନ୍‌ର ମୋହ ମୁଁ ଛାଡ଼ି ପାରିଲିନାହିଁ । ସେଇ ହେଲା ମୋର କାଳ । ସରକାରୀ ଚାକିରୀ ଛାଡ଼ିଥିଲେ ମୁଁ ସ୍ୱାଭାବିକଭାବେ ବିଶ୍ୱଭାରତୀର ଓଡ଼ିଆ ପ୍ରଫେସର ହୋଇପାରିଥାନ୍ତି, ଶାନ୍ତିନିକେତନରୁ ଫେରି 'ରିଡର' ପଦରୁ ଖସି ଲେକ୍‌ଚରର ହୋଇ ନ ଥାନ୍ତି । ପ୍ରଫେସର ପଦ ଲାଗି ମୋତେ ଏତେ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ହୋଇ ନ ଥାନ୍ତା । କିନ୍ତୁ ବିଷୟବୁଦ୍ଧି ମୋର କ୍ଷୀଣ । ଅବଶ୍ୟ ସେଥିଲାଗି କେବେ କ୍ଷୁଣ୍ଣ ହୋଇନାହିଁ, ଯାହା ଯେତେବେଳେ ଜୀବନରେ ମିଳିଛି ଆନନ୍ଦରେ ଗ୍ରହଣ କରିଛି । କଣ ନ ମିଳିଛି ବୋଲି ବ୍ୟସ୍ତବିକଳ ହୋଇନାହିଁ ।

ଶାନ୍ତିନିକେତନରେ ମୋର ଯାହା କରିବାର କଥା ବୋଧେ ଶେଷ ହୋଇଥିଲା । —ଓଡ଼ିଆବିଭାଗ ସୁପ୍ରତିଷ୍ଠିତ; ତେଣୁ ଓଡ଼ିଶାକୁ ଫେରିଯିବା ସ୍ୱାଭାବିକ—ଈଶ୍ୱର ନିର୍ଦ୍ଦେଶ ଏ । କେତେବେଳେ ଅନୁକୂଳ, କେତେବେଳେ ବା ପ୍ରତିକୂଳ ରୂପରେ ଏହା ଆସେ । ମଣିଷ ବୁଝିପାରେନାହିଁ, ବ୍ୟଥିତବିଷଣ୍ଣ ହୁଏ, ମୁଁ ହୋଇଥିଲି, ମୋ ଦୁଃଖ ଲାଗି ଅନ୍ୟକୁ ବୃଥା ଦାୟୀ କରିଥିଲି ।

୧୯୬୧ ମସିହାରେ ମୋ ରହଣିକାଳ ଆଉ ବର୍ଷେ ବଢ଼ାଇବା ଲାଗି ଦରଖାସ୍ତ ଦେବାକୁ ମୋ କଲମ ଚାଲିଲାନାହିଁ । ସୁଧୀରଞ୍ଜନ ଦାସ ସେତେବେଳେ ଉପାଚାର୍ଯ୍ୟ ।

ସେ ଶାନ୍ତିନିକେତନରେ ଯୋଗଦେବା ପରେ ଉଦର ଭରି ସମସ୍ତ କର୍ମୀଙ୍କୁ ଖାଇବାକୁ ଦେଇଥିଲେ, ସମସ୍ତଙ୍କୁ ବିଶ୍ୱାସକୁ ନେଇ ମର୍ମକଥା ବୁଝିବାର ଚେଷ୍ଟା । ଏ । ସେ ଦୁର୍ନୀତିଗ୍ରସ୍ତ କେତେକ କର୍ମୀଙ୍କୁ ନାଟକୀୟ ରୀତିରେ ବିତାଡ଼ନ କରିଥିଲେ । ପୁନର୍ବିଚାର ନିବେଦନ ଲାଗି ସେମାନେ ଅବସର ପାଇ ନ ଥିଲେ—ଅସତର୍କ ମୁହୂର୍ତ୍ତରେ ହଠାତ୍ ଚିତ୍ କରି ଛାତିରେ ବସିଯିବା ତାଙ୍କର ରୀତି । ଯେ ସୁପ୍ରିମ କୋର୍ଟର ବିଚାରକ ଭାବେ ଜୀବନରେ କେତେ ଫାଶିର ହୁକୁମ ଦେଇଛି, ତା ପକ୍ଷରେ ଚବିଶଘଣ୍ଟିଆ 'ଶାନ୍ତିନିକେତନ ଛାଡ଼' ବା ଚାକିରୀ ଛାଡ଼ ଆଦେଶ ଅକିଞ୍ଚିତକର । ମୁଁ ତାଙ୍କର ମୁହାଁମୁହିଁ ହେଲି, ସେ ଗୋଟିଏ ବଙ୍ଗଳା ପତ୍ରିକା ପ୍ରକାଶ ସମ୍ପର୍କରେ ।

ବିଶ୍ୱଭାରତୀ କେନ୍ଦ୍ରବିଶ୍ୱବିଦ୍ୟାଳୟ । ତାର ମୁଖପତ୍ର ବା ପତ୍ରିକା ଏକା ବଙ୍ଗଳାରେ କାହିଁକି ବାହାରିବ ? ସେତେବେଳେ ବିଶ୍ୱଭାରତୀରେ ତିନୋଟି ଭାଷା ମୁଖ୍ୟ ଭାରତୀୟ ଭାଷା ଥିଲା—ଓଡ଼ିଆ, ବଙ୍ଗଳା, ହିନ୍ଦୀ । ଏଇ ତିନୋଟି ଭାଷାର ଲେଖା ପତ୍ରିକାରେ ସ୍ଥାନ ଲାଭ କରିବା ଉଚିତ । ସୁଧୀରଞ୍ଜନ ଏ ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ । ପ୍ରତିବାଦ କରି ସେତେବେଳର ସ୍ନାତକୋତ୍ତର ଓଡ଼ିଆ ଛାତ୍ର ଭାବଗ୍ରାହୀ ମିଶ୍ର ଛାତ୍ରାବାସରେ ଅନଶନ କଲେ । ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ଲାଗି ଏ ଅନଶନ ମୋ ଅନ୍ତରର ସ୍ୱୀକୃତି ଲାଭ କଲେ ବି ସର୍ବ ସମକ୍ଷରେ ମୁଁ ତାଙ୍କୁ ନିବର୍ତ୍ତାଉଥିଲି । ଉପାଚାର୍ଯ୍ୟ ବିଶ୍ୱାସ କଲେ ଯେ ମୋ ପ୍ରରୋଚନାରେ ଭାବଗ୍ରାହୀ ପଥଚ୍ୟୁତ ହୋଇଛନ୍ତି, ବିଶ୍ୱଭାରତୀର ଶୃଙ୍ଖଳା ଉପରେ ଆଞ୍ଚ ଆସିଛି । ଯେଉଁଠି ବିଚାରର ମାନଦଣ୍ଡ ଠିକ୍ ନାହିଁ, ସେଠି ଶୃଙ୍ଖଳାର ଅର୍ଥ ସ୍ୱେଚ୍ଛାଚାର ଓ ଏକଚ୍ଛତ୍ରତାନ୍ତ୍ରିକତା ।

ଦିନେ ଉପାଚାର୍ଯ୍ୟଙ୍କୁ ମୁଁ କହିଲି—ଓଡ଼ିଶାର ଯେ କୌଣସି କଲେଜରେ ବଙ୍ଗାଳୀ ଛାତ୍ର ଥିଲେ ଓଡ଼ିଆ ପତ୍ରିକାରେ ବଙ୍ଗଳା ଲେଖା ବାହାରେ । ବିଶ୍ୱଭାରତୀରୁ ପ୍ରକାଶିତ ଛାତ୍ରମାନଙ୍କ ପତ୍ରିକାରେ ଓଡ଼ିଆ ଲେଖା ନ ବାହାରିବ କାହିଁକି ?

ସୁପ୍ରିମ୍‌କୋର୍ଟର ଚିଫ୍ ଜଷ୍ଟିସ୍ । ବିଶ୍ୱଭାରତୀର ଉପାଚାର୍ଯ୍ୟ । ଏତେ ଉଚ୍ଚ ସ୍ତରରେ ବିଚରଣ କରି ଯଦି ଆପଣଙ୍କ ମନରେ ଆଞ୍ଚଳିକତା, ପ୍ରାଦେଶିକତା କିମ୍ବା କୌଣସି ଭାଷା ପ୍ରତି ସ୍ୱତନ୍ତ୍ର ପ୍ରୀତି ରହେ, ତେବେ ଭୂଭାରତରେ ଆମେ ଆଉ କାହା ଉପରେ ଭରସା ରଖିବୁ ? ଆପଣଙ୍କୁ ତ ଆମେ ଆମର ଅଭିଭାବକ ବୋଲି ମନେ କରୁ । ସୁଧୀରଞ୍ଜନ ସବୁ ଶୁଣିଲେ, ନୀରବ ରହିଲେ । କୌଣସି ପ୍ରତିକାର କଲେନାହିଁ । ସେହିଦିନ ହିଁ ଶାନ୍ତିନିକେତନରେ ମୋର ଅଧିକକାଳ ରହିବା ଚିନ୍ତା ଅବାନ୍ତର ହୋଇ ପଡ଼ିଲା ; ସେହିଦିନ ମୁଁ ବିଶ୍ୱକବିଙ୍କ କଥା ନିବିଡ଼ଭାବେ ଚିନ୍ତା କରିଥିଲି । ବ୍ୟକ୍ତି ଆଦର୍ଶକୁ କାର୍ଯ୍ୟକାରୀ କରିବା କଥା । ସେ ଯଦି କ୍ଷୁଦ୍ର ହୁଏ, ସବୁ କ୍ଷୁଦ୍ର, ମଳିନ ହୋଇପଡ଼େ । ରେଭେନ୍‌ସା କଲେଜରେ ମୋତେ ଅବସ୍ଥାପିତ କରିବାପାଇଁ ମୁଁ ସେହିଦିନ ଡି. ପି. ଆଇ.ଙ୍କୁ ପତ୍ର ଲେଖିଲି ।

ସୁଧୀରଞ୍ଜନ ଅତିଥିବତ୍ସଳ, ଅମାୟିକ, କିନ୍ତୁ କର୍ତ୍ତବ୍ୟକଠୋର ଥିଲେ ସେ । ଏକାନ୍ତ ନିରଳସ । ସତୁରି ବର୍ଷ ବୟସରେ ସଡ଼ି ଚାରିଟାରୁ ଉଠି ପ୍ରାତଃସ୍ନାନ ସାରି

ସେ ସକାଳ ଛ'ଟାରେ 'ଗୌର ପ୍ରାଙ୍ଗଣ'ରେ 'ବୈତାଳିକ'ରେ ଯୋଗ ଦେଉଥିଲେ ; ତାପରେ ରେଷେଇଶାଳକୁ ଯାଇ ଛାତ୍ରଛାତ୍ରୀଙ୍କ ଖିଆପିଆ ତନଖୁଥିଲେ, ସେମାନଙ୍କ ହାନିଲାଭ ବୁଝୁଥିଲେ, କର୍ମୀମାନଙ୍କ ସହିତ ଆଳାପଆଲୋଚନା କରୁଥିଲେ ।

ସେ ଶାନ୍ତିନିକେତନର ଖାଲଖମାସବୁ ପୋତିଲେ, ଚତୁର୍ଦ୍ଦିଗକୁ ଅଧିକ ପୁଷ୍ପିତ, ସୁରଭିତ କଲେ; କୁଟୀର ସ୍ଥାନରେ ଉଠାଇଲେ ସୌଧ, ନିର୍ମାଣ କରାଇଲେ ବିପୁଳ ନାଟ୍ୟଶାଳା, ପାଠାଗାର, ରବୀନ୍ଦ୍ରଯାଦୁଘର, ଅତିଥିଶାଳା ଓ ଅଫିସ୍ । ଶାନ୍ତିନିକେତନର ବହୁ ଉନ୍ନତି ସେ କରିଗଲେ, କିନ୍ତୁ ଏହା ବାହ୍ୟିକ । ଅନ୍ତରକୁ ନିର୍ମଳ, ଉଜ୍ଜ୍ୱଳ ଓ ଶ୍ରୀମନ୍ତ କରିବାର ଶକ୍ତି ହୁଏତ ତାଙ୍କର ନ ଥିଲା ।

ବୁଲୁଥିଲା ତାଙ୍କର ସଂଶୟଚକ୍ଷୁ ଚତୁର୍ଦ୍ଦିଗରେ, ଯଦିବା ବାହାରେ ଶିଶୁ ପରି ସରଳ ଦିଶୁଥିଲେ, ଖସିପଡ଼ିଲା ତରୁଣତରୁଣୀଙ୍କ ଜବାଧରରୁ ସଙ୍ଗୀତ । ଅବାରିତ ଗତିପଥ ରୁଦ୍ଧ ହେଲା, ସ୍ୱାଚ୍ଛନ୍ଦ୍ୟ ବ୍ୟାହତ ହେଲା; ଆରମ୍ଭ ହେଲା ଆଇନର ଶାସନ— ବେଳେବେଳେ 'ତାସେର ଦେଶ' ।

ପ୍ରଥମ ଚଡକ ପ୍ରହାର ହେଲା ବିଶ୍ୱଭାରତୀର କର୍ମସଚିବ ଶୈଳେଶ ଚକ୍ରବର୍ତ୍ତୀଙ୍କ ଉପରେ । ବିଚାରଲାଗି ବେଳ ନାହିଁ, ଧୈର୍ଯ୍ୟ ବି ନାହିଁ । ଶ୍ରୀ ଚକ୍ରବର୍ତ୍ତୀ ବିଶେଷ ଅସାମାଜିକ ଥିଲେ । କିନ୍ତୁ ଦୁର୍ନୀତି ଅପରାଧରେ ସେ ବିତାଡ଼ିତ ହେଲେ ।

ତାପରେ ବିତାଡ଼ିତ ହେଲେ କେତେ କର୍ମୀ— ଯେଉଁମାନେ ଶାନ୍ତିନିକେତନୀ ଓ ରବୀନ୍ଦ୍ରିକ ଧର୍ମ ନାମରେ ଆଖିମିଟିକା ମାରୁଥିଲେ, ଅଗସ୍ତିଙ୍କ ପରି ସାତ ସମୁଦ୍ର ଚଳୁ କରି ଦେଉଥିଲେ । କେତୁଟା କର୍ମୀଙ୍କୁ ନିକାଶ କରିବାକୁ ସୁଧୀରଞ୍ଜନଙ୍କୁ ଗୋଟାଏ ମୁହୂର୍ତ୍ତ ବି ଲାଗୁ ନ ଥିଲା । କାନକୁହାଙ୍କ କଥାରେ କେତେକ ନିରୀହ ବି ବଳି ପଡ଼ିଲେ । କୌଣସି ପକ୍ଷର ନ ହେଲେ ବି ଯୁଦ୍ଧ ଦଳାଦଳି ଚକଟାଚକଟିରେ ଚିରକାଳ ଏମିତି କେତେ ନିକାଶ ପାଇଥାନ୍ତି । ସେ ହିସାବ ଇତିହାସ ରଖେ ନି ।

ସୁଧୀରଞ୍ଜନ ଶାନ୍ତିନିକେତନକୁ ନୂତନ ସୁରଭି ଆଣିଲେ, କିନ୍ତୁ ଆଲୋକ ଆଣିପାରିଲେ ନାହିଁ । ଡକ୍ଟର ବାଗ୍‌ଚିଙ୍କ ଅମଳର ବିଦ୍ୟାର ବାତାବରଣ ଆଉ ଫେରିଲାନାହିଁ । କିନ୍ତୁ ସେ ଦିନର ବିଦ୍ୟାବନ୍ତ ହୋଇଉଠିଲେ ରାଜନୀତିକ, ସୁବିଧାବାଦୀ, ଆପଣାସୁଖୀ ।

ଶେଷବେଳକୁ ତାଙ୍କ ସହିତ ମୋର ଅପଡ଼ ହେଲେ ବି, ମୁଁ ମୁହେଁ ମୁହେଁ ତାଙ୍କୁ କଠୋର କଥାମାନ କହିଥିଲେ ବି, ସେ ଧୈର୍ଯ୍ୟବଳରେ ମସ୍ତିଷ୍କ ଶୀତଳ ରଖିଥିଲେ, ମୋ ପ୍ରତି କୌଣସି ଅଶ୍ରଦ୍ଧା ଦେଖାଇ ନ ଥିଲେ । 'ମୁଁ ଜଣେ ପୁରୁଖା କର୍ମୀ, ପ୍ରତିଷ୍ଠାବନ୍ତ, ଓଡ଼ିଆବିଭାଗର ପ୍ରତିଷ୍ଠାତା, ବିକାଶକର୍ତ୍ତା' । ତେଣୁ ମୋତେ ବିଦାୟ ଦେବା ଲାଗି ସମଗ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ସେ ଗୋଟିଏ ବିଦାୟସଭାର ବ୍ୟବସ୍ଥା କରିଥିଲେ । ଏହା ବିଶ୍ୱଭାରତୀରେ ଅବଶ୍ୟ ଅଭିନବ । ଅତୀତର ବିଦାୟୀ ସ୍ୱ ସ୍ୱ ବିଭାଗରୁ ବିଦାୟ ଲାଭ କରୁଥିବାବେଳେ ସମସ୍ତ ବିଶ୍ୱବିଦ୍ୟାଳୟର ବିଦାୟ ସମ୍ବର୍ଦ୍ଧନା ମୋ ପକ୍ଷରେ ଏକ ଗୌରବଲାଭ । ସ୍ୱୟଂ ଉପାଚାର୍ଯ୍ୟ ଏଥିରେ ପୁରୋଧା ହୋଇଥିଲେ, ବିଦ୍ୟାଭବନର ଅଧ୍ୟକ୍ଷ (ପରେ ଉପାଚାର୍ଯ୍ୟ) ଡକ୍ଟର କାଳିଦାସ ଭଟ୍ଟାଚାର୍ଯ୍ୟ ବିଶ୍ୱଭାରତୀକୁ ମୋର ସାଂସ୍କୃତିକ ଅବଦାନ, ଓଡ଼ିଆ ବିଭାଗ ସଂଗଠନ ଓ ଗବେଷଣାର ଅଗ୍ରଗତି ଦିଗରେ ପ୍ରୟାସ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଥିଲେ ।

ଶିଶୁଭବନ ଓ ପାଠଭବନ ତରଫରୁ ମଧ୍ୟ ବିଦାୟଉତ୍ସବ ଅନୁଷ୍ଠିତ ହୋଇଥିଲା । ଶିଶୁ ଓ କିଶୋର ମହଲରେ ମୁଁ ସୁପରିଚିତ ଥିଲି, ଶିଶୁକବିତା ରଚନାର ପ୍ରେରଣା ମୁଁ ଏଇ ମହଲରୁ ପାଉଥିଲି । କିଶୋରସାହିତ୍ୟଚକ୍ରରେ ପ୍ରାୟ ପ୍ରତି ସପ୍ତାହରେ ଯୋଗ ଦେଉଥିଲି ।

ଚୀନାଭବନରେ ସବୁଜ ସାହିତ୍ୟିକ ଶ୍ରୀ ଅନ୍ନଦାଶଙ୍କର ରାୟଙ୍କ ସଭାପତିତ୍ୱରେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ତରଫରୁ ବିଦାୟସଭା ଅନୁଷ୍ଠିତ ହୋଇଥିଲା । ଚୀନାଭବନ ହଲ ଫ୍ରେସ୍‌କୋ ସହିତ ମୋର ଓ ଅନ୍ନଦାବାବୁଙ୍କର ଫଟୋ ନିଆ ଯାଇଥିଲା (କଟକ ବସାରେ ରେର ପଶି ସେ ଫଟୋଟି ନଷ୍ଟ କରିଦେଲା) । ଛାତ୍ରମାନଂକ ତରଫରୁ ବିଦାୟଅଭିନନ୍ଦନପତ୍ର ପାଠ କରାଯାଇଥିଲା । ତାର ଜବାବରେ ମୁଁ କହିଥିଲି—"ମୁଁ କାହାଠାରୁ ବିଦାୟ ନେଇ ପାରେନାହିଁ, ପାରିବି ନାହିଁ । ସ୍ନେହଶ୍ରଦ୍ଧାର ହିସାବ ନିକାଶ ହୋଇପାରେନାହିଁ, ଆଜି ହୋଇପାରିବ ନାହିଁ । ଏଠାର ଦୃଶ୍ୟ ଓ ଜୀବନ ସହିତ ମୋ ପ୍ରାଣ ମିଶି ରହିଥିଲା, ସେଥିରୁ ବିଚ୍ଛିନ୍ନ ହୋଇପାରିବନାହିଁ । ଯୋଉଠି ଥିଲେ ବି ପ୍ରାଣ ଏଠି ଘୂରିବୁଲୁଥିବ । କାହାକୁ ବା କିଛିକୁ ଭଲପାଇବାରେ ସେଇ ଅସୁବିଧା—ବିଚ୍ଛେଦ ଅସହ୍ୟ ହୁଏ ।

ମନୁଷ୍ୟଜୀବନ ନାନାଦି ଲତାକୁଞ୍ଜପୁଷ୍ପର ଏକ ନୀଡ଼ ପରି । କିଶୋର ସ୍ମୃତି, ଯୌବନର ମାଦକତା ସବୁ ସେଇ ନୀଡ଼ରେ ଅନୁଭବ କରି ହୁଏ । ମନ ଯାର ଚିର ଯାଯାବର ଭିକ୍ଷୁ, ଅନ୍ତରେ ଅନ୍ତରେ ମଧୁ ଖୋଜିବା ଯାର ପ୍ରଧାନ କାର୍ଯ୍ୟ, ସେ କେବଳ ସ୍ତ୍ରୀ, ପୁତ୍ର ଓ ପାର୍ଥିବ ଜଗତ ମଧ୍ୟରେ ଆତ୍ମଗୋପନ କରି ରହିପାରିବ ନାହିଁ । ବିଶ୍ୱଭାରତୀର ଏଇ ନୀଡ଼ଟି ଭିତରେ ମୁଁ ବିଶ୍ୱଜଗତର ସ୍ପର୍ଶ ପାଇଥିଲି । ତାର ଅଭାବ ହିଁ ବଡ଼ ବାଧିବ । କିନ୍ତୁ ବ୍ୟକ୍ତିତ୍ୱ ଜଞ୍ଜାଳ ଭିତରେ ଜୀର୍ଣ୍ଣ ହେବାର ନୁହେଁ, ଜଞ୍ଜାଳକୁ ଜୀର୍ଣ୍ଣ କରିବାର ଶକ୍ତି ତାର ଅଛି ।

ମାନନୀୟ ଡକ୍‌ଟର କୁଞ୍ଜବିହାରୀ ଦାଶ, ଏମ୍.ଏ, ପିଏଚ୍.ଡି.
ମୁଖ୍ୟ ଅଧ୍ୟାପକ ଓଡ଼ିଆ ବିଭାଗ
ସଭାପତି, ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦ୍

ପୂଜନୀୟ ମହାଭାଗ,

ଆପଣଙ୍କ ଜୀବନମନ୍ଦାକିନୀ ବହୁଧାରାରେ ପ୍ରବାହିତ । ଆପଣ କବି, କର୍ମୀ, ଜୀବନର କୁରୁକ୍ଷେତ୍ରରେ ଗାଣ୍ଡୀବଧାରୀ ଅର୍ଜୁନ । ଛାତ୍ରଜୀବନରେ କଲିକତା ମହାନଗରୀର ଶ୍ରମିକ ନୈଶ ବିଦ୍ୟାଳୟରେ ଶିକ୍ଷକ ଭାବରେ, କର୍ମୀ ଜୀବନରେ ଓଡ଼ିଶା ସଂସ୍କୃତବିଭାଗର ଅଧ୍ୟକ୍ଷ ଭାବରେ, ବାଲେଶ୍ୱର ଫକୀରମୋହନସାହିତ୍ୟ ପରିଷଦର ପ୍ରତିଷ୍ଠାତା ଓ ସଭାପତି ରୂପେ ସାଂସ୍କୃତିକ ସଙ୍ଗଠନ ଗଢ଼ିବାରେ ଅପୂର୍ବ ଶକ୍ତିର ପରିଚୟ ଦେଇଛନ୍ତି । ଜାତୀୟତାର ଆପଣ ଉପାସକ । "ଆପଣା ଧର୍ମେ ଦୃଢ଼ ଥିବ, କେବେ ସ୍ୱଧର୍ମ ନ ଛାଡ଼ିବ"—ଭାଗବତର ଏହି ବାଣୀ ଆପଣଙ୍କ ଜୀବନରେ ପ୍ରତିଫଳିତ ।

ବିଶ୍ୱଭାରତୀ ଗବେଷଣାବିଭାଗରେ ଓଡ଼ିଆ ଲୋକସାହିତ୍ୟର ଅଧ୍ୟୟନ ଓ ଗବେଷଣା ଆପଣଙ୍କ ଜୀବନର ଶ୍ରେଷ୍ଠ କୃତି । ଆପଣ ସାଧନାନିଷ୍ଠ ଗବେଷକ; ଆଦର୍ଶ ଗୁରୁ ଓ ଉଦାର ମାନବ-ପ୍ରେମୀ କବି । ଆପଣଙ୍କ ଶିଷ୍ୟମଣ୍ଡଳୀ ପ୍ରାଚୀନ ଭାରତର ଗୁରୁକୁଳ ଭଳି ଏକକୁଟୁମ୍ବିତା ସୂତ୍ରରେ ଗ୍ରଥିତ । ଆପଣଙ୍କ କାବ୍ୟଧର୍ମୀ ଗବେଷଣା ଆପଣଙ୍କୁ ନିଖିଳ ଭାରତୀୟ ପ୍ରତିଷ୍ଠା ଆଣି ଦେଇଅଛି । ନିଖିଳ ଭାରତୀୟ ଲୋକସଂସ୍କୃତିସମ୍ମେଳନରେ ଆପଣଙ୍କ ସମ୍ମାନ ଉତ୍କଳର ଗୌରବ ବୃଦ୍ଧି କରିଅଛି । ଉତ୍କଳସାହିତ୍ୟର ସୀମିତ ଧାରକୁ ବିଶ୍ୱସଂସ୍କୃତିର ବିପୁଳ ପ୍ରବାହ ସହିତ ଯୁକ୍ତ-କରି ଆପଣ ନବ ବିକାଶପଥ ନିର୍ମାଣ କରି ଅଛନ୍ତି ।

ଆପଣଙ୍କ ଅନୁପମ କାବ୍ୟଲୋକ କେବଳ ଉତ୍କଳ ଭିତରେ ନୁହେଁ, ଇଂରେଜୀ ଓ ହିନ୍ଦୀ ଭାଷାରେ ଅନୂଦିତ ହୋଇ ସର୍ବତ୍ର ସଞ୍ଚାରିତ ହୋଇଅଛି ।

ବିଶ୍ୱଭାରତୀ ଓଡ଼ିଆସାହିତ୍ୟପରିଷଦର ସଭାପତି ଭାବରେ ଆପଣ ଏହି ଅନୁଷ୍ଠାନକୁ ଗୌରବାନ୍ୱିତ କରିଅଛନ୍ତି ।

ଗୁରୁଦେବ ରବୀନ୍ଦ୍ରନାଥଙ୍କ ଅମର ଆତ୍ମାର ବାଣୀ ବହନ କରି ଆପଣଙ୍କ ସାଧନାର ଆଲୋକ ମଧ୍ୟାହ୍ନ ରବି ରଶ୍ମିପରି ଉତ୍କଳର ଆକାଶକୁ ଆଲୋକିତ କରୁ ।

ଆପଣଙ୍କ ସ୍ନେହାନୁଗତ

ବିଶ୍ୱଭାରତୀ ଓଡ଼ିଆସାହିତ୍ୟପରିଷଦର ସଦସ୍ୟବୃନ୍ଦ

## ବିଦାୟ ହେ ତପୋବନ

ଶାନ୍ତିନିକେତନର ବୟସ୍କତମ ବୃକ୍ଷ ସେ ଥିଲା—ଥିଲା ଦିନେ ସେଠି ଏକାନ୍ତଭାବେ ଏକାକୀ; ଗୌରକାନ୍ତ ମହର୍ଷି ଦେବେନ୍ଦ୍ରନାଥ ଦିନେ ଏହାରି ଛାୟାରେ ପରମ ଶାନ୍ତି ଲାଭ କରିଥିଲେ—ତାପରେ ଏ ସ୍ଥାନର ଭୂଗୋଳ ବଦଳିଗଲା—ବଦଳିଗଲା ଇତିହାସ । ବଦଳାଇଦେଲେ ଋଷିପିତା, କବିପୁତ୍ର । ଏ ହେଲା ସାଧନା ଓ ସୌନ୍ଦର୍ଯ୍ୟର, କବିତା ଓ ନାଟକର, ଶିକ୍ଷା ଓ ସୌଭ୍ରାତ୍ରର ଲୀଳାଭୂମି, ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରୟାଗ ।

ଏଇ ଗଛମୂଳେ ଶାନ୍ତିନିକେତନର କେତେ ଗୋଧୂଳି ମୋର କଟିଛି । ଏହା ମୂଳରେ ବସି ଭାବନାରେ ନିମଗ୍ନ ହେବାକୁ ଭଲ ଲାଗେ । କିନ୍ତୁ ଏହାର ନିର୍ଜନତା ନଷ୍ଟ କରି ଦେଉଥିଲେ ଲୀଳାଚଞ୍ଚଳା ତୁଳାଳୀମାନେ, ସଂଲଗ୍ନ ଏକ ମାଳତୀଲତାରେ ଦୋଳି ଖେଳି । ମହାମହିମ ବନସ୍ପତିର ମର୍ଯ୍ୟାଦା ଓ ପବିତ୍ରତା ନଷ୍ଟ ହେଉଥିବାର ଦେଖି କର୍ତ୍ତୃପକ୍ଷ ଲତାଟିକୁ କାଟି ଦେଇଥିଲେ; ସତେ ଅବା ସେହିଦିନୁଁ ବିଚ୍ଛେଦଦଶାରେ ସପ୍ତପର୍ଣ୍ଣୀର ଶରୀର କ୍ଷୀଣ ହୋଇଗଲା । ମୋ ବିଦାୟବେଳେ ସେଇ ମୁମୂର୍ଷୁ ତରୁର ଶେଷପତ୍ରରେ ମୁଁ ଶେଷଦିନର ଗୋଧୂଳିଶ୍ରୀ ଦେଖି କବିତାଟିଏ ଲେଖିଥିଲି—

ଦଗ୍ଧ ଲାଲ୍ ମାଟିର ଅଣିମା
ମହର୍ଷିର ବୋଧି
ସ୍ମୃତି ବିସ୍ମୃତିର ଚୈତ୍ୟ
ପ୍ରାଚ୍ୟ ପାଶ୍ଚାତ୍ୟର ଏଇ
ଶାନ୍ତିର କୁଟୀର
ସପ୍ତପର୍ଣ୍ଣୀ
ଶେଷପତ୍ର ଶିଶିର ବିନ୍ଦୁରେ
ସନ୍ଧ୍ୟାର ଅବିର

X X X

ବିଦାୟ ହେ ତପୋବନ
ଆଜି ମୋ ନିର୍ବାଣ ।

ମୋ ବିଦାୟ ଓ ସପ୍ତପର୍ଣ୍ଣୀର ମୃତ୍ୟୁ ଏକକାଳୀନ । କିନ୍ତୁ ମୋ ଦୁଃଖରେ ମ୍ରିୟମାଣ ଓ ମୃତ ହେଲା କହିଲେ ସତ୍ୟର ଅପଳାପ ହିଁ ହେବ । ଏହା କାକତାଳୀୟ—କାଳର ଡକରା କେତେବେଳେ କାହାକୁ ଏକାବେଳକେ ଅନେକଙ୍କୁ ଆସିବା ବିଚିତ୍ର ନୁହେଁ ।

# କଟକର ଫାଟକ ଡେଇଁଲା ପରେ

ମନରେ କିପରି ଏକ ଶଙ୍କା, କଟକୀ ଚକ୍ରାନ୍ତର । ଏଠି ସେଠି ହରିକାଠ ଝୁଲୁଛି ଯେପରି କି ! ରୂକ୍ଷ ଗଦ୍ୟ, ଧୂଳି ଓ ଧୂସର ରୁକ୍ଷ ସଂସାର ।

ବୋଧ ହେଉଥିଲା ଯେପରିକି ବହୁମୂଲ୍ୟ କିଛି ହଜାଇ ଆସିଛି, ଯାହା ପୂରଣ ହେବାର ନୁହେଁ । କ୍ଷତିର ରୂପରେଖ ନାହିଁ, ସଂଖ୍ୟା ବା ପରିମାଣ ନାହିଁ । ଏ ଦୁଃଖ ନିବିଡ଼ଭାବେ ଅନୁଭୂତ, କିନ୍ତୁ ଆଶ୍ୱାସନାର ବାହାରେ ।

କେଉଁଠି ବିକ୍ଷତ ହୋଇଛି ବିଶାରଦ ଡାକ୍ତର ଆବିଷ୍କାର କରି ନ ପାରେ, କିନ୍ତୁ ବୋଧ ହେଉଥିଲା, ମୁଁ ସର୍ବାଙ୍ଗ ଆହତ ।

ଅନୁକୂଳ ଜଳବାୟୁର ଫୁଲଗଛଟି ପରି ମୁଁ ଫୁଟୁଥିଲି, ପତ୍ରେ ପତ୍ରେ ଶୋଷି ନେଉଥିଲି ଚନ୍ଦ୍ର ସୂର୍ଯ୍ୟର ମାଧୁରୀ, ସୁରଭିତ, ସଙ୍ଗୀତ ପୃଥିବୀର ରସ ।

ଜୀବନଟା ପୁଣି ଗତାନୁଗତିକ ହୋଇଯିବ; କଲେଜରୁ କଲେଜ ହେବ ବଦଳି । ଥିଲି ଏକ ବହୁମାନ୍ୟ ମୁଖ୍ୟ । ଏବେ ଅନ୍ୟ ଆଦେଶରେ ଚାଳିତ ହେବାକୁ ହେବ । ସେଇ ସ୍ୱାଧୀନ ମନ, ସ୍ୱାଭାବିକ ଫୂର୍ତ୍ତି, ପ୍ରାଣକୁ ନାନା ଭାବେ ଫୁଟାଇବାର ବିଚିତ୍ର ପରିବେଶ ଆଉ ମିଳିବ କାହୁଁ ?

ଏ ମହଙ୍ଗା ଯୁଗରେ କୌଣସି ବନ୍ଧୁଘରେ ଅତିଥି ହେବାକୁ ସଂକୋଚ ଲାଗୁଛି । ହୋଟେଲରେ ରହିବାକୁ ହେବ ପରା ।

ପ୍ରାଣର ଭାବନାକୁ ଈଶ୍ୱର ହିଁ ପଢ଼ି ପାରନ୍ତି । ଶଙ୍କାବିକ୍ଷୋଭିତ ଚିତ୍ତ ହଠାତ୍ ଗୋଟିଏ ବିନ୍ଦୁରେ ସ୍ଥିର ହୋଇଗଲା, ଯେତେବେଳେ ମାନ୍ୟ ଅଧ୍ୟାପକ ନାରାୟଣ ମିଶ୍ରଙ୍କୁ କଟକ ବସ୍‌ରେ ଭେଟିଲି । ସେ କହିଲେ—ମୋର ବହୁ ବର୍ଷର ସଂକଳ୍ପ—ଚଯ ରେଭେନ୍‌ସା କଲେଜରେ ଯୋଗ ଦେବାକୁ ଯାଉଥିବ, ତାର ଯଦି ଅସୁବିଧା

ଥାଏ, ପୁଣି ଦେଖିବାକୁ ମୋ ହାବୁଡ଼େ ପଡ଼େ, ମୁଁ ତାକୁ ମୋ ଘରେ ଆଣି ରଖାଇବି । ତୁମେ ଘର ପାଇବା ପର୍ଯ୍ୟନ୍ତ ମୋ ଘରେ ରହ ।

ମୋର ଚିର ଉପକାରୀ ନାରଣବାବୁ ଖଣ୍ଡାଧାରରେ ଚାଲିବା ମଣିଷ; ତାଙ୍କ ସହିତ ଯୁକ୍ତିତର୍କ ଚଳେନାହିଁ; ସେ କିଛି ଅସଙ୍ଗତ କହନ୍ତିନାହିଁ, ମିଛାସ୍ କଥା, କଥା ସେକ୍‌ଠୋକ୍ ମାନିବାକୁ ହିଁ ହେବ ।

ଗରିବ ଘରେ ସେ ଜନ୍ମ ହୋଇଥିଲେ, ନିଜ ଶିଘରେ ମାଟି ତାଡ଼ି ମଣିଷ ହୋଇଥିଲେ, ସମ୍ପତ୍ତି ମଧ୍ୟରେ ସେ ଦିନେହେଲେ ବାଲ୍ୟ ଓ କୈଶୋରର ଦାରିଦ୍ର୍ୟକୁ ଭୁଲି ନ ଥିଲେ, ଆଦ୍ୟ ଜୀବନର ସାରଲ୍ୟ ଆଜୀବନ ବଜାୟ ରଖିଥିଲେ । ସଦୁପାୟରେ ସେ ଗ୍ରାମରେ ଓ କଟକରେ କିଛି ଭୂସମ୍ପତ୍ତି କରିଥିଲେ, ମୃତ୍ୟୁ ପୂର୍ବରୁ ଜମି, ତୋଟାବାଡ଼ିରୁ ସେ କିଛି ଦୁଃଖୀଗରିବଙ୍କୁ ଦାନ କରିଥିଲେ । ଗ୍ରାମର ଶୋଷକମାନଙ୍କୁ ଲକ୍ଷ୍ୟ କରି ସେ କହୁଥିଲେ—ମତେ ଯେ ଯେତେ ଶୋଷିବ, ଶୋଷ; ମୋ ଦେହରେ ବହୁତ ରକ୍ତ ଅଛି । ଦୁଃଖୀ ଗରିବଗୁଡ଼ାଙ୍କୁ ଶୋଷୁଚ କାହିଁକି ?

ଦାରିଦ୍ର୍ୟ ଓ ସମ୍ପତ୍ତି ଏକାବେଳକେ ତାଙ୍କ ପାଖେ ଆସନ ଜମେଇ ଥିଲା । ଆଜି ହାତରେ ହଜାରେ ଟଙ୍କା, କାଲି ଶୂନ୍ୟହସ୍ତ । ସବୁ କଥାରେ ଚୁଳିଂମାଛି ପରଖ, ହାତୀ ଗଳିଯାଏ, ପୁଣି ପିମ୍ପୁଡ଼ି ଗଳେନାହିଁ । ହଜାରେ ଟଙ୍କା ଫିଙ୍ଗି ଦିଅନ୍ତି, ପୁଣି ଗୋଟାଏ ପଇସା ଏପଟ ସେପଟ ହେଲେ ପ୍ରଳୟ ଘଟାଇ ପାରନ୍ତି ।

ନାରଣବାବୁ ମୋତେ ପାଖରେ ରଖିବାର ଗୋଟିଏ ଭିତରି ଉଦ୍ଦେଶ୍ୟ ଥିଲା—ନାତିମାନେ ଆଦର୍ଶ ଶିଖିବେ, ନିୟମିତ, ଶୃଙ୍ଖଳିତ ଜୀବନ ଯାପନ କରିବେ । ମୋ ଜୀବନର ଦୃଷ୍ଟାନ୍ତ ଦେଇ ସେ ନାତିମାନଙ୍କୁ ଉପଦେଶ ଦେଉଥାନ୍ତି । କେବଳ ମୋ ଲୁଙ୍ଗିପିନ୍ଧା ତାଙ୍କ ଆଖିରେ ଯାଉ ନ ଥିଲା । ମୁଁ ଏଇ ବେଶରେ କେବେ ତାଙ୍କ ସାମ୍ନାକୁ ଯାଉ ନ ଥିଲି—କାଳେ ଆଦର୍ଶ ଆଖିରେ ଧୂଳି ପଡ଼ିବ ।

ଆଦର୍ଶକୁ ଅକ୍ଷତ, ଜ୍ୱଳନ୍ତ ରଖି ଚଳିବା କେଡ଼େ କଷ୍ଟ ମାସକ ମଧ୍ୟରେ ମୁଁ ବୁଝି ପାରିଲି । ଆଶଙ୍କା—କାଳେ କୌଣସି ତ୍ରୁଟିବିଚ୍ୟୁତି ପଦାରେ ପଡ଼ିଯିବ ।

ନାରଣବାବୁ ଦିନେ ମୋତେ ପ୍ରଶ୍ନ କଲେ—କିରେ କଟକରେ ଘର କରିବୁ ନାହିଁ ? ମୁଁ ଦିଗୁଣ୍ଠ ଜାଗା ଦେଉଛି, ନେ ।

ମୋର ମୌନତାକୁ ସମ୍ମତିଲକ୍ଷଣ ମନେ କରି ସେ ଦି ଗୁଣ୍ଠ ଜମି ମୋ ସ୍ତ୍ରୀଙ୍କ ନାମରେ କବଲା କରି ଆସି କହିଲେ—ଦେ ଚାରି ହଜାର ଟଙ୍କା । ପୁଣି କିଛି ଦିନ ପରେ ମୋ ଜମିକି ଲଗାଇ ପୁଣି ଗୁଣ୍ଠେ ଚାରିବିଶ୍ୱା ଜମି କବଲା କରିଦେଇ କହିଲେ— ତୁ ତ ଛାତ୍ର, ପୁତ୍ରବତ୍ । ମୁଁ ଏ ସବୁ ଜାଗାରୁ କିଛି ଗୁଣ୍ଠ ୧୧ ଟଙ୍କା, କିଛି ୧୯ ଟଙ୍କାରେ କିଣିଥିଲି; ତୋଠୁଁ ଏତେଗୁଡ଼ାଏ ଟଙ୍କା ନେବାକୁ ମନ ହେଉନାହିଁ । ମୋ ପାଖରେ ଜାଣ ତୋର ୫୦୦ ଟଙ୍କା ଜମା ରହିଲା, ଯୋଉଦିନ ଘର ଆରମ୍ଭ କରିବୁ, ସେଇଦିନ ଫେରାଇଦେବି ।

ଘରର ନିଅଁ ପକାଇଲାବେଳେ ନାରଣବାବୁଙ୍କ ପ୍ରତିଶ୍ରୁତି କଥା ସ୍ମରଣ କରାଇ ଦେଲି ।

ସାର୍ କହିଲେ —ତୋର ପରି ଜାଗା ନିଅଣ୍ଟ ପଡ଼ିବ, କହୁଥିଲୁ । ଟଙ୍କା ନେବୁ କଣ ?

ସାର୍ ଘରକୁ ଲଗାଇ ମୋତେ କିଛି ଜାଗା ଦେଲେ, କିନ୍ତୁ ସେତକ ଦଖଲ କରିଦେବା ପୂର୍ବରୁ ବେମାର ପଡ଼ିଲେ । ପୀଡ଼ିତାବସ୍ଥାରେ ଏ ଜାଗା ଦଖଲ କଥା ସ୍ମରଣ କରାଇ ଦେବାକୁ ଚରମ ଅମନୁଷ୍ୟତା ମନେ କଲି । ନାରଣବାବୁ ସେହି ରୋଗ ଶଯ୍ୟାରେ ହିଁ ଦେହତ୍ୟାଗ କଲେ ।

କାନକୁହା ମୋ ଦୁର୍ବଳ ସ୍ଥାନଟି ବିଷୟରେ ଜଣେ ଉଚ୍ଚାଧିକାରୀଙ୍କ କାନରେ ଫୁଙ୍କିଲେ । ପଦ୍ମତୋଳାରେ ଯେପରିକି ନାଗ ଫଣା ଟେକିଲା । ପିତୃ ପ୍ରତିଶ୍ରୁତି ବିଷୟକ ମୋର ବିବୃତି ତାଙ୍କର ହାସ୍ୟୋଦ୍ରେକ କରିଥିବ । ଅଭିଯୋଗ ହେଲା— ମୁଁ ଜାଗା ମାଡ଼ି ବସିଛି ।

'ବେଶ୍ ସେତିକି ଜା ଦିଗୁଣ ଜାଗା ନିଅ ବା ଟଙ୍କା ନିଅ' ।

'ନା, ମାଂସପାଉଣ୍ଡେ ଦରକାର' ।

ଶୀତଳ ବେଳେ ବେଳେ ଉଷ୍ମ ଯୁଦ୍ଧରେ ବର୍ଷ ବର୍ଷ ବିତିଗଲା; ଉଚ୍ଚ କ୍ଷମତାରେ ଆସୀନ ସେ, ଧମକ ଉପରେ ଧମକ ଦେଲେ, କ୍ଷତି ଘଟାଇବା ଲାଗି ନାନା ଉପାୟ ଖଞ୍ଜିଲେ; ସବୁ ପାଣି ଫାଟିଲା । କିଛି କରି ନ ପାରି ମ୍ୟୁନିସିପାଲିଟିକି ଲଗାଇଲେ । ସତ୍ୟପାଳଙ୍କ ଶାସନ, ଅଫିସର୍‌ଙ୍କ ଅଖଣ୍ଡ କ୍ଷମତା; ଠାରେ ଠର୍, ଅପୂର୍ବ ମଉକା ମିଳିଗଲା ।

ମୁଁ ରୁଗ୍ଣ, ଶଯ୍ୟାଗତ; ଶ୍ୱାସରେ କଣ୍ଠ ରୁଦ୍ଧ, ପଦେ କଥା କହିବାର ତ୍ନ ନାହିଁ । ଏତିକିବେଳେ ଡାଲବେତାଳ ପରି ଦଳେ ମାଡ଼ି ଆସିଲେ, ସାମ୍ନା କାନ୍ଥଟା ହାତୁଡ଼ିରେ ପିଟି ଗୁଣ୍ଡା କରିଦେଲେ । 'ଲାଜନାହିଁ' ବୋଲି କହିବାକୁ ମୋ ଜିଭ ଲେଉଟିଲା ନାହିଁ । ମୋ ଦୁର୍ଗ୍ୟରେ ଈର୍ଷା ପଡ଼ୋଶୀ ମୁରୁକିହସା ଦେଉଥାନ୍ତି । ମୋ ପୌରୁଷ ତୀବ୍ର ଭାବେ ଆହତ ହେଲା । ମର୍ମେ ମର୍ମେ ଜଳିଲେ ବି ଅଟଳ । 'ଅତି ନିର୍ବୁଦ୍ଧିଅ'—ଘରେ ବାହାରେ ସର୍ବତ୍ର ପ୍ରମାଣିତ ହୋଇଗଲି । ଭଗ୍ନ ସ୍ୱାସ୍ଥ୍ୟ ଉପରେ ନିନ୍ଦାର ପ୍ରତିକ୍ରିୟା ହୋଇପାରେ, କେହି ବିଚାର କଲେନାହିଁ । 'ମୋ ଅର୍ଜିତ ସମ୍ପତ୍ତି, ସେଥିରୁ ଯଦି ମୋ ବୋକାମୀ ଫଳରେ କିଛି ବାଲିଯିବ ତ ଯାଉ' । ମୋତେ ସମସ୍ତେ ଏକ ସ୍ୱରରେ ନିନ୍ଦିବେ କାହିଁକି ? ଏ ସମ୍ପତ୍ତି ଅର୍ଜନବେଳେ କିଏ ବା ବାହାବା ଦେଇଥିଲା ? ବୁଝିଲି— କାହିଁକି ସଂସାରରୁ ମନ ଛାଡ଼େ, ଲୋକ ସନ୍ନ୍ୟାସୀ ହୋଇଯାଏ ।

ସ୍ୱାର୍ଥ ଉପରେ ଆଞ୍ଚ୍ ଆସିଲେ କେତେ ଜଣ ଆପଣାର ଲୋକ ବା ସହନ୍ତି ? 'ଈଶ୍ୱର, ଈଶ୍ୱର'; କିଛି ଆଶ୍ୱାସନା ମିଳିଲା ମତେ । ଭଲ ହେଲି । ମ୍ୟୁନିସିପାଲିଟି ବିରୁଦ୍ଧରେ ସରକାରରେ ଗୋଟିଏ ମକଦ୍ଦମା କଲି । ମୋ ଭାଗ୍ୟଚକ୍ରରେ ସେତେବେଳେ ଅନୁକୂଳ ଗ୍ରହମାନେ ଥିଲେ— ନଗରଉନ୍ନୟନଡ଼ିରେକ୍‌ଟରଙ୍କଠାରୁ ସେକ୍ରେଟାରୀ ଓ ମନ୍ତ୍ରୀ ଯାଏ । ମୋର ବିଜୟଲାଭ ହେଲା, ମ୍ୟୁନିସିପାଲିଟିର ଅନ୍ୟାୟ ସାବ୍ୟସ୍ତ ହେଲା, କାନ୍ଥଟି ଯଥା ସ୍ଥାନରେ ପୁନର୍ନିର୍ମିତ ହେଲା । ଶତ୍ରୁର ମୁହଁ ମଳିନ ହୋଇଗଲା ।

ପାଞ୍ଚ ଛ ବର୍ଷ ଝଗଡ଼ାର ଏକମାତ୍ର ପରିଣତି ହୋଇଥିଲା ଅଶାନ୍ତି । ଶେଷକୁ ବିପକ୍ଷ ସାଲିସ୍‌କୁ ଆସିଲେ । ଜମିବାବଦକୁ ମୋତେ ଏକ ହଜାର ସାତଶ ପଚାଶ ଟଙ୍କା ଦେବାକୁ ହେଲା । ଅଶାନ୍ତି ତୁଳନାରେ ଏ ଦେୟ ନଗଣ୍ୟ । ବିଷୟ-ବୁଦ୍ଧିହୀନତା ଯୋଗୁଁ ଜୀବନରେ ସବୁ ମନସ୍ତାପ ଭୋଗ କରିଛି । ସରଳ ବିଶ୍ୱାସରେ ଟଙ୍କା ଦେଇ କ୍ୱଚିତ୍ ଫେରି ପାଇଛି । ଲୋକେ ଠକିଲେ ଶିଖନ୍ତି । କିନ୍ତୁ ମୋର କେବେ ଶିକ୍ଷା ହୋଇନାହିଁ ବା ହେବନାହିଁ । କାରଣ 'ଏ ଜୀବନ ଗଢ଼ା ଅନ୍ୟ ଉପାଦାନେ'; ଯାହା କହନ୍ତି 'ମେଦଘଡ଼ା, କାମ ସଇଲେ ଗଡ଼ ଗଡ଼ା' । ଉଧାର ନେବାବେଳର ବିନୟ ଖୁବ ଶୁଝିଲାବେଳେ ନ ଥାଏ । ବୋଧହୁଏ, ମହାଜନ ବନ୍ଧା ବା କାଗଜ ରଖୁଥିଲେ, ଶୁଝିବା ଦାୟିତ୍ୱରେ ଖାତକର ମୁଣ୍ଡ ଘୂରାଇବା ଲାଗି । କିନ୍ତୁ ଶେଷକୁ ରକ୍ତଶୋଷକ ସ୍ତରକୁ ସେମାନେ ଆସିଗଲେ; ପାଞ୍ଚ ଟଙ୍କା ଦେଲେ ପଚିଶ ଟଙ୍କା ଲେଖିନେଲେ, ଖାତକକୁ ଖଟାଇଲେ ବେଠି । ଓଡ଼ିଶାରେ ଓ ଭାରତରେ ପ୍ରାୟ ସର୍ବତ୍ର ଏଇ ଦାସବ୍ୟବସାୟ ଚାଲିଲା । ଏବେ ଅଭିଶପ୍ତ ଦାସମାନେ ମୁକ୍ତ, ନୂତନ ଅବ୍ରାହାମ୍ ଲିଙ୍କନଙ୍କ ଦୟାର୍ଦ୍ର ଚେଷ୍ଟାରେ ।

ବୋଲପୁର ମୋତେ ବେଶ୍ ଆରେଇ ଯାଇଥିଲା । ସପ୍ତାହରେ ଦୁଇଥର ସାଇକେଲରେ ହାଟକୁ ଯାଇ ପରିବା ଆଣୁଥିଲି । ଚିହ୍ନା ହୋଇଥିଲେ ମାଛବାଲା, ମାଂସଦୋକାନୀ, ଅଣ୍ଡାବିକାଳୀ, ପରିବାବାଲୀ । ଶ୍ରୀନିକେତନ ଗୋଶାଳାରୁ ଆସୁଥିଲା ଦୁଧ । ଜୀବନ ବେଶ୍ ଗୋଟାଏ ଶଗଡ଼ଗୋଳାରେ ପଡ଼ି ଯାଇଥିଲା । ସାମାନ୍ୟ ପ୍ରୟାସରେ ସଂସାର ଗୁରୁଖୁରୁରେ ଚାଲିଥିଲା ।

କଟକରେ ପ୍ରଶସ୍ତ ସରକାରୀ କ୍ୱାଟର୍; ଅଗଣାରେ ଗୋଟିଏ କଲମୀ ଆମ୍ବ, ବେଲ ଓ ଗଙ୍ଗାକୁଳିଆ ଲେମ୍ବୁ ଗଛ । ବହୁତ ସୁବିଧାଥିଲେ ବି ପରିସ୍ଥିତି ସହିତ ଜୀବନକୁ ଖାପ ଖୁଆଇବାକୁ ଦିନାକେତେ ସମୟ ଲାଗିଥିଲା । ଆଣ୍ଠୁଏ କାଦୁଅରେ ଛିଡ଼ାହୋଇ 'ହାଣ୍ଡିମିଠା କଖାରୁ', 'ହାତୀଦାନ୍ତ ମୂଳା', ଭେଣ୍ଡି ବନଉଥିବା ଭେଣ୍ଡୀ, ନଅରଜହ୍ନୀ, ଗଡ଼ା କୋଶଳା, ଗଜବନ୍ତକ ଆଦିରେ ବଜାରୀ କବିତ୍ୱ ଲକ୍ଷ୍ୟ କରୁ କରୁ ମୋ ପରିବାବ୍ୟାଗଟି ଭିଡ଼ି ନେଇଥିଲା ବୃଷଭ । ହାଟଦାଣ୍ଡିଆ ବେତାରେ ହାତ ପୂରାଇ ତୋଳା ନେଲାପରି ସେ ମୁହଁପୂରାଇ ପୂଳାଏ ପୂଳାଏ ନିଏ, ବାଡ଼ିମାଡ଼ ତାକୁ କାଟେନାହିଁ, ତେଣୁ ପରିବାବାଲା ପାଣି ରଖିଥାନ୍ତି, ପକାନ୍ତି ।

ଦୁଧଅଭାବରୁ ଗାଈଟିଏ ପୋଷିଥିଲି । କିଏ ଗେଟ୍ ମେଲାଇଲେ ବଜାରକୁ ଖସିଯାଏ । ପାଞ୍ଚଣଟେ ଧରି ତା ପିଛା ଧରି 'ହ-ହ, ଡ଼ି-ଡ଼ି' କରିବି କିପରି ? କାଞ୍ଜିଅାଘରେ ପଡ଼ିଲେ ତାକୁ ମୁକୁଳେଇ ଆଣିବା ମୁସ୍କିଲ । ଅତି ଆକ୍ରାନ୍ତ କରିବାରୁ ତାକୁ ଗାଆଁରେ ଛାଡ଼ିଲି । ଦାନାଖିଆ ଗୋରୁ ଭୂଇଁ ଚରେଛି କୋଉଠି ? କିଛିଦିନ ପରେ ତା ଦେହରେ କଙ୍କାଳ ଝୁଲିଲା ।

ଗାଆଁରୁ ଗୋଟିଏ ଚାକରାଣୀ ଆଣିଥିଲି—ତଇ—ତଅପୋଇର ସଂକ୍ଷିପ୍ତ ରୂପ । ବାରିକଟୋକା ସହିତ ଦୋସ୍ତି କରି ସେ ଯାଇ ଉଠିଲା ବାଲିକୁଦାରେ । ନିଦାବିଷ୍ଟୁ ନୋକା ବାରିକ, ତା ଛୋଟ ଝିଅଟା ଏଡ଼ିକି ଚାଇଁ, ଫୁଲେଇ, ତବତବୀ । ଘୋର ବର୍ଷା ଓ କାଦୁଅରେ ଯାଇ ପୁଲିସ୍ ସାହାଯ୍ୟରେ ତାକୁ ଉଦ୍ଧାର କରି ଆଣିଲି । ପୁଣି ଚଣାଚୁରବାଲା ସହିତ ତାର ଜମିଲା ଦୋସ୍ତି; ହରଣଚାଲ୍ । ବହୁକଷ୍ଟରେ ଉଦ୍ଧାର କରି ଏଇ ଅଭିଆଡ଼ୀ ଝିଅଟିକି ଗାଆଁରେ ଛାଡ଼ିଦେଇ ଆସିଲି ।

ଏମିତି ଖାଇଡିପ ସନ୍ଧ୍ୟାରେ ସଂସାର ଗୁଳିଲା—କେତେବେଳେ ଅନିକିଳି ଖସିଲା ତ, କେତେବେଳେ ହୁଟୁକିଲା ଝାମ । କୋଉ ସଂସାରଟା ବା ଢେଟରେ ଉଡି ଉଡ଼ି ଯାଉଛି ? ସବୁଠି କିଛି ଭେଲକିମା, ଖାଲଖମା; କୋଉଠି କାଲି ଅଗ୍ନବଚୁ ତା ଆଖ ଙ୍କେ ଙ୍କେ ଡାକୁଛି ।

ଭ୍ରମଣୋପଯୋଗୀ ସ୍ଥାନଟିଏ କାହିଁ ? କଲେଜପଡ଼ିଆରେ ଖରାଦିନେ ମରୀଚିକା ନାଚେ, ଝାଞ୍ଜିରେ ଏକାନ୍ତ ଧୂଳିଧୂସର ହୁଏ । ବର୍ଷସାରା ପ୍ରାୟ ସବୁଜ । କିନ୍ତୁ ଅଳ୍ପେ ଅଳ୍ପେ ଏହା ସଙ୍କୁଚିତ ହେଉଥିଲା ଲୁହାବାଡ଼ ଓ କାନ୍ଥରେ ।

ଅନ୍ଧାରିଆରୁ କୋଡ଼ପୋଛା ପୁଅ ବୁନିକୁ କାନ୍ଧରେ ବସାଇ ବୁଲି ଯାଉଥିଲି । ଟିକେ ଥୋଇଦେଲା ମାତ୍ରେ ସେ କ ଳ ଉଠିଲା—ସତେ ଯେପରି ଭୂଇଁଟା କାଟିଲା, ପାଦ ଫୋଟକା ହୋଇଯାଉଛି । ମଝିଆଁ 'ଟିକି'ର ବୟସ ଚାରିବର୍ଷ, ଟିକିଏ ଅଭିମାନୀ । ବଡ଼ପୁଅ କୁନା ଗମ୍ଭୀର । ତା ଅଡ଼କୁ ମନଦେଲେ 'ଟିକି' ରୁଷିବସେ ।

ମୁଁ 'ବୁଢ଼ିଆଣୀ' ହୁଏ ସେମାନଙ୍କ ଦୌଡ଼ ପ୍ରତିଯୋଗିତାରେ । କାକରଭରା ଘାସ ପଡ଼ିଆଟି ଝଲମଲ କରେ ତରୁଣ ସୂର୍ଯ୍ୟର କିରଣରେ । ପିଲାମାନେ 'ଅଗ୍ନିଶିଖା', 'ଅଶୋକ', 'କନିଅର' ଫୁଲ ତୋଳି ଆଣନ୍ତି, କେତେବେଳେ ଅଞ୍ଜୁଳା ଅଞ୍ଜୁଳା କାକରଭିଜା ଗଙ୍ଗଶିଉଳି ଫୁଲ ଗୋଟାଇ ଆଣନ୍ତି ।

ପ୍ରାତଃଭ୍ରମଣ ପରେ ମୁଁ ବ୍ୟାଗ୍‌ଟି ଧରି ବଜାରକୁ ଯାଏ । ଟେବୁଲ୍‌ପାଖେ ବସିଲାବେଳକୁ ପ୍ରାୟ ବେଳା ନ'ଟା—ତାପରେ କ୍ଲାସ୍‌ପଢ଼ା ପ୍ରସ୍ତୁତି, ପରୀକ୍ଷାଖାତା ଦେଖା, ପ୍ରଶ୍ନତିଆରି, ପତ୍ରଲେଖା କିମ୍ବା ଟିଉଟୋରିଆଲ୍ ଖାତା ସଂଶୋଧନ । ମଧ୍ୟେ ମଧ୍ୟେ ବଗିଚାକାମ କରେ—କିଛି ଫୁଲଗଛ, ଶାଗପଟାଳି, ଟମାଟୋ, ବାଇଗଣ, ଲାଉ । ଅଗଣାରେ ଗୋଟିଏ ବେଲ, ଲେମ୍ବୁ ଓ କଲମି ଆମ୍ବ ଗଛ । କିଏ ଲଗାଇଥିଲା, ଆମେ ଫଳ ଭୋଗ କରୁ । ଯେପରି ଅତୀତର ବହୁ ଉଦ୍ଭାବନ ଓ ଆୟୋଜନରେ ବର୍ତ୍ତମାନ ତାର ଗରଜ ମେଣ୍ଟାଏ, ବଡ଼ବଡ଼ିଆଙ୍କୁ କୃତଜ୍ଞତା ସହିତ ସ୍ମରଣ କରେ ।

ଦିନସାରା ବହୁ ଜଞ୍ଜାଳ ମଧ୍ୟରେ ପ୍ରାୟ ଲେଖାଲେଖି ହୋଇପାରେନାହିଁ । ରାତି ଚାରିଟାରେ ଉଠିବା ମୋର ମାଟ୍ରିକ୍ କାଳର ଅଭ୍ୟାସ । ସେତେବେଳେ ଉଠି ପଢ଼ୁଥିଲି । ଏବେ ପଢ଼େ ବା ଲେଖେ । ମୋର ବିଶ୍ୱାସ—ପଢ଼ା, ଲେଖା ଏକାବେଳକେ ହୁଏ । ପଢ଼ୁ ପଢ଼ୁ ଭାବ ଝଲସିଉଠେ, କବିତା ଲେଖାହୁଏ । ଅଧ୍ୟୟନର ଭିତ୍ତି ନ ଥିଲେ ଲେଖାର ଧାରା ଶୁଷ୍କ ହୋଇଯାଏ ।

ମୋତେ କେତେକ ପଚାରନ୍ତି—ଏତେ କେମିତି ଲେଖ ? ପ୍ରକୃତରେ ଏକାବେଳକେ ମୁଁ ବହୁତ ଲେଖେନାହିଁ । ମୁଁ କିଛି ପରିମାଣରେ ଧାରାବାହିକ, ନିୟମିତ । ଟିକିଏ ଟିକିଏ ଲେଖୁ ଲେଖୁ କିଛି ହୋଇଯାଏ ।

କିଛିଦିନ ପରେ ସବୁ ଘରରେ ପଡ଼ିଯାଏ । ଶାନ୍ତିନିକେତନକୁ ଝୁରି ହେଉଥିବା ମନ ଶାନ୍ତ ହୁଏ । କଲେଜ ପ୍ରାସାଦର ପାରାପିଟରେ ବସି ପାରାମାନେ ବକମ୍ ବକମ୍ କରନ୍ତି ; ମହାନଦୀର ବଗପନ୍ତି କଲେଜ ଆକାଶ ପାରି ହୋଇ ମାଳଗୋଦାମର ବଟବୃକ୍ଷରେ ଆଶ୍ରୟ ଗ୍ରହଣ କରନ୍ତି । ଦେବଦାରୁ ଧାଡ଼ିରେ ଅନ୍ଧାର ଜମିବା ଆଗରୁ ବିଭିନ୍ନ ଦିଗରୁ ବାଦୁଡ଼ିମାନେ ଆସି ଭିଡ଼ ଜମାନ୍ତି । ଘୁକାଳିକା ଓ ବନିଙ୍କ

କୋଳାହଳରେ କଲେଜର ସମ୍ମୁଖ ପ୍ରାଙ୍ଗଣ ପରିପୂର୍ଣ୍ଣ ହୁଏ, ତାର ଉପରେ ଧାଡ଼ି ଧାଡ଼ି ହୋଇ ବସନ୍ତି ଭଦଭଦଳିଆ, କଜଳପାତିଆ । ବର୍ଷାଗମରେ ଖୋଲ ପଡ଼ିଆରେ ଚାଲନ୍ତି ଦଳ ଦଳ ସାଧବବୋହୂ, ଫୁଟିଉଠେ କେନ୍ଦୁଫୁଲ, ଧଳା ଘାସଫୁଲ । ଏଇ କ୍ଷୀଣ ପ୍ରକୃତିଶ୍ରୀ ମଧ୍ୟରେ ଶାନ୍ତିନିକେତନର କଦମ୍ବ ପଳାଶ ଓ ଶାଳ୍ମଳୀ ଶୋଭାକୁ ଭୁଲିବାକୁ ଚେଷ୍ଟା କରେ ।

ତରୁଣ ଛାତ୍ରମହଲ; ତାରୁଣ୍ୟର ଉନ୍ମାଦନାରେ ମାତିବାକୁ ଚିତ୍ତ ବ୍ୟଗ୍ର ହୋଇ ଉଠେ । ରେଭେନ୍‌ସା କଲେଜ ଏ, ଶ୍ରେଷ୍ଠ ଶିକ୍ଷାପୀଠ; ଆଧୁନିକ ଯୁଗର କବି ଓ ନେତାମାନଙ୍କୁ ଏ ନବ ମନ୍ତ୍ରରେ ଦୀକ୍ଷିତ କରିଥିଲା । ଏଠାରୁ ପ୍ରେରଣା ପାଇଥିଲେ ସତ୍ୟବାଦୀ ଯୁଗର ସ୍ରଷ୍ଟା ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, କବି ରାଧାନାଥ, ମଧୁସୂଦନ, ନନ୍ଦକିଶୋର, ନାଟ୍ୟକାର ରାମଶଙ୍କର, ସବୁଜ ଯୁଗ ଓ ଆଧୁନିକ ଯୁଗର କବିମାନେ । ଚିତ୍ତ ମୋର ରୋମାଞ୍ଚିତ ହୋଇଉଠେ । ଏଇ ଶିକ୍ଷାମନ୍ଦିରକୁ ପ୍ରଣାମ କରେ । ଏ ଉତ୍କଳୀୟ ଜୀବନକୁ ଦେଇଛି ଏକ ଅପୂର୍ବ ଗତିଧାରା । ଏ କଲେଜରେ ଅଧ୍ୟାପକ ହେବା ଏକ ସୌଭାଗ୍ୟର ଫଳ ।

କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଛାତ୍ରମାନେ ଆସନ୍ତି । ମୁଁ ସେମାନଙ୍କ ଲେଖା ଦେଖିଦିଏ; ପୁସ୍ତକର ମୁଖବନ୍ଧ ଲେଖିଦିଏ । କାହାକୁ ନିରୁତ୍ସାହିତ କରେନାହିଁ । ବିକାଶଶୀଳ, ସର୍ଜନାକାଂକ୍ଷୀ ତରୁଣ ପ୍ରାଣ କାଳେ ଭଗ୍ନୋଦ୍ୟମ ହେବ । ମୁଁ ତ 'ଶୂନ'ରୁ ଆରମ୍ଭ କରି ଯାହି କିଛି ହେଲି । ଆଉ କିଏ କଣ ନୋହିପାରିବ କାହିଁକି ? ନିଜକୁ କଳନା କରିବା ଶକ୍ତି କାହାର ହୋଇଛି ? ଆତ୍ମାଭିତରେ ସର୍ଜନାତ୍ମାକୁ ଆବିଷ୍କାର କରିବା କଣ ଏଡ଼େ ସହଜ କଥା ?

ସେତେବେଳେ ତ ଛାତ୍ର ଅଧ୍ୟକ୍ଷଙ୍କୁ ଛୁରି ମାରୁ ନ ଥିଲେ, ଅଧ୍ୟାପକର ଆଖି ଫୁଟାଇ ଦେଉ ନ ଥିଲେ, କିମ୍ବା ତାଙ୍କ ଦୁଆରେ ବମ୍ବାଜି ବାନ୍ଧି ଦେଉ ନ ଥିଲେ । କପିଆ ଥିଲେ; କିନ୍ତୁ ଗାର୍ଡଙ୍କ ଆଖିରେ ଆଙ୍ଗୁଠି ଟେଙ୍କି ବହି ନକଲ କରି ବସୁ ନ ଥିଲେ । ସପ୍ରଶଂସ ଛାତ୍ରମହଲରେ ଅଧ୍ୟାପକଜୀବନ ବଡ଼ ଆନନ୍ଦପ୍ରଦ ଥିଲା । ଶାନ୍ତିନିକେତନରେ ଅଳ୍ପ ଛାତ୍ରଛାତ୍ରୀ ଥିଲେ । ଏଠି ତ ପୋଖରୀକୂଳରୁ ଆସି ହ୍ରଦକୁ ଭେଟିଲା ପରି ଲାଗିଲା, କିନ୍ତୁ ଚିତ୍ତରେ ଭୀତି ନ ଥିଲା, ଥିଲା ଅସୀମ ପ୍ରୀତି । ତରଙ୍ଗିତ ହେଇ ହ୍ରଦକୁ ଶାନ୍ତ, ସ୍ଥିର ରଖିବା ଲାଗି ଲୋଡ଼ା ବାଗ୍ମିତା, ଜୀବନକୁ ନବୀନ ଗତି ଓ ଦୀକ୍ଷା ଦେବା ଲାଗି ଦୃଢ଼ ସାହସ । ଏଇ ଛାତ୍ରଙ୍କ ଜରିଆରେ ମୁଁ ଜାତିକୁ ଗଢ଼ୁଛି ବୋଲି ମନରେ କିପରି ଏକ ପ୍ରେରଣା ଆସୁଥିଲା । ଯେତେ ଛୋଟ କ୍ଲାସ ହେଉ ପଛକେ ରୀତିମତେ ପଢ଼ା ପ୍ରସ୍ତୁତ କରି ଯିବା ଫଳରେ ମନରେ ଆସୁଥିଲା ଗଭୀର ଆତ୍ମପ୍ରତ୍ୟୟ । ଅଧ୍ୟାପନା ଯେପରି ଶୁଷ୍କ, ନୀରସ ନ ହୁଏ, ସେଥିଲାଗି ଏହାକୁ ଏକ ରମ୍ୟ ରଚନାରେ ପରିଣତ କରୁଥିଲି । ତରୁଣତରୁଣୀ ମହଲରେ ଚିତ୍ତ ଆନନ୍ଦରେ ଉଦ୍‌ବେଳିତ ହୋଇ ଉଠୁଥିଲା । ନୂଆ ନୂଆ ବିଷୟ ପଢ଼ି କହିବାକୁ ସୁଖପ୍ରଦ ବୋଧ ହେଉଥିଲା । ବେଳେ ବେଳେ କହୁଥିଲି ଉତ୍କଳର ଗୌରବଗାଥା, ବର୍ତ୍ତମାନ ସାହିତ୍ୟିକ ଅଧୋଗତିର କଥା ।

ସେ ସମୟରେ ଅଧ୍ୟାପକମହଲରେ ଉଚ୍ଚ ଆଦର୍ଶର ଅଭାବ ମନକୁ ବଡ଼ ବାଧୁଥିଲା । ଉଚ୍ଚସ୍ତରର ଗବେଷଣା ବିରଳ, ବହୁ ପଠନ ବା ଭ୍ରମଣର ଲିପ୍ସା ସ୍ୱଳ୍ପ । କାହାକୁ କାହାକୁ ଅଧ୍ୟାପକ ପଦ ଏକ ବୋଝ ପରି ହୋଇଥିଲା, କେବଳ ଜୀବନ ଦାୟରେ ସତେ ଅବା ସେ ତାହା ଗ୍ରହଣ କରିଛନ୍ତି । ଆଇ. ଏ. ଏସ୍.ରେ ଫେଲ ମାରିଛନ୍ତି, ସବ୍‌ଡେପୁଟି ଚାକିରୀଟିଏ ମଧ୍ୟ ପାଇ ପାରିନାହାନ୍ତି । ସବୁ ବୈଫଲ୍ୟର ଅସନ୍ତୋଷ ଅଧ୍ୟାପକଙ୍କର ଦୀର୍ଘଶ୍ୱାସରେ ହିଁ ଫୁଟୁଛି । ରହିବାଲାଗି କ୍ୱାଟର ନାହିଁ, ସ୍ୱତନ୍ତ୍ର ଭାବେ ବସି ଗବେଷଣା କରିବା ଲାଗି କୋଠରୀ ନାହିଁ, ସମାଜରେ ପଦମର୍ଯ୍ୟାଦା ଦେବା ଲାଗି ଗାଡ଼ିଟିଏ ନାହିଁ, ଏମିତି ବି ଫୋନ୍‌ଟିଏ, ପିଅନ୍‌ଟିଏ ବି ନାହିଁ ।

ଅଧ୍ୟାପକମାନଙ୍କ କମନ୍ ରୁମ୍ ତ ଗୋଟିଏ କୋଳାହଳମୟ ସ୍ଥାନ । କିଏ କେତେ ଟଙ୍କା ସାଇତିଲା, କିଏ କୋଠାବାଡ଼ି ତୋଳିଲା, କାହାର ବା ଉଚ୍ଚ କର୍ତ୍ତାଙ୍କ ସାତିଶୟ ଅନୁଗ୍ରହରେ ପଦୋନ୍ନତି ହେଲା, କାହାର ବା ଏକାନ୍ତ ନିଷ୍ଠା ଓ ଆନ୍ତରିକତା ସତ୍ତ୍ୱେ କିଛି ହେଲାନାହିଁ, ଏ ସଂପର୍କରେ କଥାଭାଷା ହୁଏ, ବେଳେ ବେଳେ ବଡ଼ ବିରକ୍ତିକର ବୋଧହୁଏ ।

ଦିନେ ପଚାରିଲି—ଅର୍ଥଲାଳସା ଯଦି ଏତେ, ଓକିଲ ବା ଡାକ୍ତର ନ ହୋଇ ଅଧ୍ୟାପକ ହେଲ କାହିଁକି ? କାନଟ୍ରାକ୍‌ଟର ହୋଇଥିଲେ ତ ଆହୁରି ଭଲ ହୋଇଥା'ନ୍ତା । ପାରାଦ୍ୱୀପରେ କାନ୍‌ଟ୍ରାକ୍‌ଟ ହୋଇ କେତେ ତ ରାତିକେ ହାତୀଏ ଅଣୁଛନ୍ତି । ଏ ଚାକିରୀରେ ତ ଉପୁରି ନାହିଁ, ଜଣାଶୁଣା କଥା । ଆସିଲ କାହିଁକି ? ଅଧ୍ୟାପକ ହେବ—ଲେଖିବ ନାହିଁ, ପଢ଼ିବ ନାହିଁ, ଏ କେମିତି କଥା ? ରେଭେନ୍‌ସା କଲେଜ ଭଳି ଗୋଟିଏ ବିରାଟ କଲେଜରୁ କାହାରି କେତେଜଣ ଆନ୍ତର୍ଜାତିକ ପ୍ରତିଷ୍ଠା ଅର୍ଜନ କରିଛନ୍ତି, ଗତ ଶହେ ବର୍ଷ ମଧ୍ୟରେ ?

ମୁଁ ଶାନ୍ତିନିକେତନରୁ ସଦ୍ୟ ଆସିଥିଲି । ଗବେଷଣାର ବଡ଼ ବଡ଼ ଯୋଜନା ମୋ ମୁଣ୍ଡରେ ଖେଳୁଥିଲା । ସେତେବେଳେ ଅଧ୍ୟାପକମଣ୍ଡଳର ଜୀବନଯନ୍ତ୍ରଣା ମୋ ହୃଦୟ ଭେଦ କରି ନ ଥିଲା । ମୋର ଏ ଉକ୍ତି ଅଧ୍ୟାପକମହଲର ହାସ୍ୟୋଦ୍ରେକ କରିଥିଲା ମାତ୍ର । ମୁଁ ଏତିକି ବୁଝି ପାରି ନ ଥିଲି ଯେ ପ୍ରବୃତ୍ତିକୁ ବଳିଦେଇ କେହି ଅଧ୍ୟାପକ ହେବାକୁ ଆସେନାହିଁ । କଲେଜ ଏକ ତପୋବନ ବା ଅଧ୍ୟାପକ ଜଣେ ତପସ୍ୱୀ ନୁହନ୍ତି । ଅନ୍ୟ ସମସ୍ତ ବିଭାଗର ଚାକିରିଆଙ୍କ ପରି ଅଧ୍ୟାପକର ମଧ୍ୟ ଉଚ୍ଚ ଭୌତିକ ଆଶାଆକାଂକ୍ଷା ରହିଅଛି । ସେ ଅନ୍ୟମାନଙ୍କ ପରି ସୌଧ ନିର୍ମାଣ କରିବ, ସନ୍ତାନମାନଙ୍କୁ ଉଚ୍ଚଶିକ୍ଷା ଦେବ, କନ୍ୟାମାନଙ୍କୁ ଉପଯୁକ୍ତ ପାତ୍ରରେ ଦିଲ୍ଲା ଦେବ । ଖଣ୍ଡିଏ ଗାଡ଼ି କିଣିବାକୁ ଜିଇବ ନ ଥିବ, ଖଡ଼ା ବଡ଼ି ଥୋଡ଼, ଥୋଡ଼ ବଡ଼ି ଖଡ଼ା ହୋଇ ଜୀବନ ବିତୁଥିବ, ସମଶିକ୍ଷାସମ୍ପନ୍ନ ବ୍ୟକ୍ତିମାନେ କରୁଣା ଦୃଷ୍ଟିରେ ଦେଖୁଥିବେ । ଏ ତ ଅତି ଅସହ୍ୟ ଅବସ୍ଥା । ପ୍ରକୃତରେ କିଛି କହିବା ଆଗରୁ ମୋର ଭାବିବାର ଥିଲା । ଘରଭଡ଼ା ଦେଇ ଦେଇ ଅଧ୍ୟାପକଙ୍କ ଦରମାର ଏକ ତୃତୀୟାଂଶ ବା ତହିଁରୁ ଅଧିକ ଚାଲିଯାଏ । ଘର ଯେଉଁଠି, ସେଠି ଶିକ୍ଷା ବା ସଂସ୍କୃତିର କି ପରିମଣ୍ଡଳ ଥାଏ ? ଯେଉଁମାନେ ଜାତିକୁ ଗଢ଼ିବେ ସେମାନଙ୍କ ଅବସ୍ଥା ଯଦି ଏପରି, ଜାତିର ଉନ୍ନତି ବା ହେବ କିପରି ?

ଚୀନ୍ ତିବ୍ବତ ଅଧିକାର କରିବାପରେ ପଣ୍ଡିତ ନେହରୁ ଦାଲାଇଲାମା ଓ ତିବ୍ବତର ଶରଣାର୍ଥୀମାନଙ୍କୁ ଆଶ୍ରୟ ପ୍ରଦାନ କରିଥିଲେ । ୧୯୬୨ରେ ଚୀନ୍ ଭାରତ ଆକ୍ରମଣ କରିଥିଲା । ପଣ୍ଡିତଜୀଙ୍କ ବୈଦେଶିକ ନୀତି, ପଞ୍ଚଶୀଳ ଅନୁଶାସନ ଓ 'ହିନ୍ଦ୍ ଚୀନ୍ ଭାଇ ଭାଇ' ଦୋହାକୁ ଏହା ବ୍ୟର୍ଥ ପ୍ରମାଣିତ କରିଥିଲା । ସାଂସ୍କୃତିକ ସମ୍ପର୍କ ଉପରେ ଯୁଗଯୁଗବ୍ୟାପୀ ପ୍ରତିଷ୍ଠିତ ନେତୃତ୍ୱ ଓ ଭବିଷ୍ୟତର ଗୋଲାପୀ ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଗଲା, ଅତି ଅପ୍ରତ୍ୟାଶିତ ଚୀନ୍ ଆକ୍ରମଣ କାଳରୁ ଯେଁ ମଣିଷର ଭଲପଣ ଉପରେ ଏକାନ୍ତ ଆଶାୟୀ ନେହରୁଙ୍କ ମନ ଭାଙ୍ଗିଲା ଓ ସ୍ୱାସ୍ଥ୍ୟର ଅବନତି କ୍ରମେ ତାଙ୍କୁ ମୃତ୍ୟୁ ଆଡ଼କୁ ଘେନିଗଲା ।

ରେଭେନ୍ସା କଲେଜର ଅଧ୍ୟାପକମାନେ ଗୋଟିଏ ଗୋଟିଏ ଦିନର ଦରମା, ଅଧ୍ୟାପିକା ଓ ଛାତ୍ରୀମାନେ ସୁନାଚୁଡ଼ି, ହାର, ମୁଦି ଓ ଛାତ୍ରମାନେ ଯୁଦ୍ଧ ଚାନ୍ଦା ଦେଇଥିଲେ ।

କିନ୍ତୁ ଏସବୁ ଯଥା ସ୍ଥାନରେ ପହଞ୍ଚିବ, ବିଶ୍ୱାସ ନ ଥିଲା । ଜଣେ ଶିକ୍ଷକ ଉତ୍କୃଷ୍ଟ ସୁନାର ସାତଗୋଟି ମୁଦି ଚାନ୍ଦା ଦେଇଥିଲେ । କେତେକ ଉଚ୍ଚ କର୍ତ୍ତା ସେସବୁ ଦେଖିବା ବାହାନାରେ ନେଇ ଆଉ ଫେରାଇଲେନାହିଁ । ଶିକ୍ଷକ ରସିଦ୍ ନ ପାଇ ପ୍ରତିବାଦ କରିବାରୁ ତାଙ୍କୁ ସୁଦୂର ସ୍ଥାନକୁ ବଦଳି କରାଗଲା । ଦେଶପ୍ରେମ ମଜା ଭାଙ୍ଗିଗଲା ।

କେତେକ ନେତା ରାଜନୀତିକୁ ଏକ ଲାଭଜନକ ବ୍ୟବସାୟ ସଂସ୍ଥା ସ୍ୱରୂପ ମନେ କରୁଥିଲେ ; ଦେଶକୁ ବଡ଼ କରିବା ନୁହେଁ, ନିଜେ କେମିତି ଚଉଦ ପୁରୁଷ ଲାଗି ଅର୍ଥ ସାଇତିବା, ବଂଶାନୁକ୍ରମେ ବଡ଼ଲୋକ ହୋଇ ରହିବାର ଦୁରାକାଂକ୍ଷା ସେମାନଙ୍କୁ ଘାରୁଥିଲା । ଫଳରେ ଅକାଳ ପତନ ଘଟିଥିଲା ସେମାନଙ୍କର ।

ସେହି ବର୍ଷ ଦଳେ ଛାତ୍ରଙ୍କୁ ଘେନି ମୁଁ ଦକ୍ଷିଣଭାରତ ଭ୍ରମଣରେ ଯାଇଥିଲି । ପଲ୍ଲବ ରାଜାମାନଙ୍କର ରାଜଧାନୀ ସମୁଦ୍ରତୀରବର୍ତ୍ତୀ ମହାବଳିପୁରମ୍, ବାଙ୍ଗାଲୋର, ମହିସୁର, ଶ୍ରୀରଙ୍ଗପଟ୍ଟନମ୍, କାବେରୀ ନଦୀବନ୍ଧ ସମୀପବର୍ତ୍ତୀ ବୃନ୍ଦାବନଉଦ୍ୟାନ, ଓଟ୍କାମଣ୍ଡ, ନୀଳଗିରି ଓ ପଣ୍ଡିଚେରୀ ପ୍ରଭୃତି ଦେଖିବାର ସୌଭାଗ୍ୟ ଲାଭ କରିଥିଲି ।

ବସ୍‌ର ଗୋଟିଏ କଣରେ ବସି କେତେକ ଛୋଟ ଛୋଟ କବିତା ଲେଖିଥିଲି । ଫେରିଲାବେଳକୁ ଏହାର ସଂଖ୍ୟା ଶହେରୁ ଅଧିକ ହୋଇଥିଲା । 'ରେଣୁ' ନାମରେ ସଞ୍ଚୟନରେ ଏହା ପ୍ରକାଶିତ ହୋଇଛି । ପଣ୍ଡିଚେରୀରୁ ଫେରିଲା ପରେ 'ଅରବିନ୍ଦ ଓ ରବୀନ୍ଦ୍ର' କବିତାରେ ଦୁଇ ଆଶ୍ରମର ତୁଳନାତ୍ମକ ଚିନ୍ତା ପ୍ରକାଶ କରିଥିଲି ।

## ରବୀନ୍ଦ୍ର ଶତବାର୍ଷିକୀ

୧୯୬୧ରେ ରବୀନ୍ଦ୍ର ଶତବାର୍ଷିକୀ ଓ ନିଖିଳ ଭାରତ ସାହିତ୍ୟସମ୍ମେଳନରେ ବିଶ୍ୱଭାରତୀ ପକ୍ଷରୁ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲି । 'ଲୋକସାହିତ୍ୟ ଓ ରବୀନ୍ଦ୍ରନାଥ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲି ।

ଏଇ ଶତବାର୍ଷିକୀ ଉତ୍ସବ ବେଳେ ଅନ୍ନଦାଶଙ୍କର ରାୟଙ୍କ ସଙ୍ଗେ ସାକ୍ଷାତ୍ ଓ ଦେଶବିଦେଶ ଭ୍ରମଣ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ମୁଁ କହିଲି—ନୂଆ ନୂଆ ଜାଗାରେ ନୂଆ ନୂଆ ପ୍ରେରଣା ଆସେ । ଏକା ସ୍ଥାନରେ ଏକା ମାନସିକ ଉତ୍ସରେ ସୃଷ୍ଟ ସାହିତ୍ୟରେ ବୈଚିତ୍ର୍ୟ ନ ଥାଏ । ଭ୍ରମଣ ସାହିତ୍ୟିକକୁ ବିଶ୍ୱଦୃଷ୍ଟି ଦାନ କରେ ।

ଅନ୍ନଦାବାବୁ ମୋ ଯୁକ୍ତି ଖଣ୍ଡନ କରି କହିଲେ—ଭ୍ରମଣ କର୍ମନିଷ୍ଠାର ଏକ ପ୍ରତିବନ୍ଧକ । ବିଶ୍ୱକବି ସେକ୍ସପିଅର ଇଂଲଣ୍ଡ ବାହାରକୁ ଯାଇଛନ୍ତି କି ନାହିଁ ସନ୍ଦେହ । ଗେଟେ ମଧ୍ୟ ଇଟାଲୀ, ଫ୍ରାନ୍ସ ଛଡ଼ା ଅନ୍ୟ ଇଉରୋପୀୟ ଦେଶମାନଙ୍କରେ ଭ୍ରମଣ କରିନାହାନ୍ତି । ଟଲ୍‌ଷ୍ଟୟ ଜଣେ ଭ୍ରମଣକାରୀ ନ ଥିଲେ। ତଥାପି ସେମାନେ ବିଶ୍ୱବିଖ୍ୟାତ ସାହିତ୍ୟିକ ।

'ରବୀନ୍ଦ୍ର' ?

'ରବୀନ୍ଦ୍ରଙ୍କ ପରି ପ୍ରତିଭାଠାରୁ ଯାହା ଆଶା କରାଯାଏ, ତାର ଚାରିଭାଗରୁ ଏକ ଭାଗ ସେ କରିପାରିନାହାନ୍ତି ; ବୃହତ୍ ବା ମହତ୍ ସୃଷ୍ଟି ଲାଗି ଯେଉଁ ନିଷ୍ଠାପର ସାଧନା ଆବଶ୍ୟକ, ତାହା ତାଙ୍କର ଊଣା ପଡ଼ିଯାଇଥିଲା । ରବୀନ୍ଦ୍ର ଜଗତ୍ କଲ୍ୟାଣକାମୀ, କିନ୍ତୁ ସେ ନିଜର କ୍ଷତି କରିଛନ୍ତି ବେଶୀ, ନିଜ କବିତାର ଅନୁବାଦ ନିଜେ କରିଥିଲେ। ଭଲ ଇଂରାଜୀ ଜାଣିଥିବାର ଅହଂକାର ତାଙ୍କର ଥିଲା । 'ଗୀତାଞ୍ଜଳି' ଲୋକପ୍ରିୟ ହେବାର ଦେଖି ସେ ସେହି ଧରଣର କବିତା ହିଁ ଅଧିକ ଲେଖିଲେ—ଭାବର ପୁନରୁକ୍ତି, ପୁଣି ଆସ୍ୱାଦ ଏକା ପରି ।

ରବୀନ୍ଦ୍ରଙ୍କ ରଚନା ଚିରସ୍ଥାୟୀ କି ନୁହେଁ କାଳ ତାହା ବିଚାର କରିବ। ଏବେ ସେ ପରୀକ୍ଷା ବେଳ ଆସିନାହିଁ ।

## ନିଖିଳଉତ୍କଳଲେଖକସମ୍ମିଳନୀ

ଓଡ଼ିଶାସାହିତ୍ୟଏକାଡେମୀ ତରଫରୁ ଅନୁଷ୍ଠିତ ଏଇ ସମ୍ମିଳନୀରେ ୧୯୬୧ରେ ଯୋଗଦେବାର ସୌଭାଗ୍ୟ ମୋର ଘଟିଥିଲା । ଓଡ଼ିଶାରେ ଏତେ ଲେଖକ ଅଛନ୍ତି, ମୋର ଧାରଣା ନ ଥିଲା । ଅଳ୍ପ କେତେଜଣଙ୍କୁ ମାତ୍ର ପତ୍ରପତ୍ରିକାରେ ଭେଟୁଥିଲି। ଏବେ ଯାହା ହିସାବ କରି ଦେଖିଲି, ଯେତେ ଆସିଛନ୍ତି, ଯେତେ ନ ଆସିଛନ୍ତି, ସେମାନଙ୍କ ସଂଖ୍ୟା ହଜାରକରୁ ଊଣା ହେବନାହିଁ । ଅବଶ୍ୟ ରୀତିମତ ଲେଖୁଥିବା ଓ ଆଧୁନିକ ଯୁଗ ସହିତ ସଂପର୍କ ରଖୁଥିବା ଲେଖକ ଅଳ୍ପ ।

ଓଡ଼ିଆସାହିତ୍ୟରେ ସବୁ ଯୁଗ ପ୍ରାୟ ଏକାବେଳକେ ଚାଲିଛି । ମଠରେ, ଆଶ୍ରମରେ ପଞ୍ଚସଖାଯୁଗ, ପାଟୁଆ, ପାଲା, ଦାସକାଠିଆ, ଚଇତୀଘୋଡ଼ାରେ ପୁରାଣ ଓ ଭଞ୍ଜଯୁଗ । କବି କୋଇଲି, ଚଉତିଶା ଓ ଚଉପଦୀ ବି ଏବେ ଲେଖୁଛନ୍ତି । ପ୍ରାଚୀନ ଓ ଅତ୍ୟାଧୁନିକ ଯୁଗ ଲେଖକ ଏ ସଭାରେ ସମ୍ମିଳିତ । ସମସ୍ତଙ୍କ ବେଶଭୂଷା ଆଧୁନିକ, ଚିନ୍ତାରେ ଯାହା ତାରତମ୍ୟ । ତାରତମ୍ୟର ହେତୁ—ଶିକ୍ଷା ସମସ୍ତ ପ୍ରଦେଶରେ ସମଭାବରେ ବ୍ୟାପ୍ତ ହୋଇନାହିଁ । ପ୍ରାଚୀନ ଧରଣରେ ଲେଖି କେହି ନିନ୍ଦନୀୟ ନୁହେଁ, ଅତ୍ୟାଧୁନିକ ଲେଖକ କୃତିତ୍ କେହି ବନ୍ଦନୀୟ ବା ହେଉନାହିଁ ।

କବିତାପାଠୋତ୍ସବ ଏକ ବିଚିତ୍ର ଖେଳତି । ଲେଖକମାନଙ୍କ ମଧ୍ୟରୁ କିଏ ଲେଖିଥିଲେ ଛାନ୍ଦ, କିଏ ଓଡ଼ିଶୀ, କିଏ ସାଆଁରାଡ଼ିକା, କିଏ ଗୀତିକବିତା, କିଏ ବା ମୁକ୍ତଛନ୍ଦୀ ବା ଗଦ୍ୟକବିତା । ବହୁ କବିତାରେ ପୁଞ୍ଜିପତି ଓ ଦୁର୍ନୀତି ବିରୋଧ ଅଂଶ ପାଇଥିଲା—ଏକା ଶୈଳୀର ଗତାନୁଗତିକତା - ସାମ୍ବାଦିକ ସମ୍ବାଦକୁ ଗଦ୍ୟରେ ନ ଲେଖି ପଦ୍ୟରେ ଲେଖିଲେ ଯେଉଁ ପ୍ରତିକ୍ରିୟା, ତାହା ହିଁ ହୋଇଥିଲା ।

କେତେକ ବୟୋବୃଦ୍ଧ ଲେଖକଙ୍କୁ ଶହେ ଟଙ୍କା ମୂଲ୍ୟର ଖଣ୍ଡେ ଲେଖାଁଏ ଶାଲ ଓ ଅଭିନନ୍ଦନପତ୍ର ମିଳିଥିଲା । ଓଡ଼ିଶାସାହିତ୍ୟଏକାଡେମୀ ସଭାପତି ଙ୍କଟର ମହତଭାବ୍ କହିଲେ—ପ୍ରବୀଣ ସାଧକ କବି ଓ ସାହିତ୍ୟିକମାନଙ୍କୁ ସମ୍ମାନ ତରଣ କରିବାର ଅହଙ୍କାର ଆମର ନାହିଁ । ମହତ୍ ଓ ମହାନ୍‌ଙ୍କୁ ସମ୍ମାନ ବାରେ ଅନୁଷ୍ଠାନ ହିଁ ସମ୍ମାନିତ ହୁଏ—ଏଇ ଭରସାରେ ଏ ଦୁଃସାହସ ରିଅଛୁ । ଉଚ୍ଚାସନର ଏଇ ବିନୟ ବଡ଼ ସ୍ୱାଦ୍ୟ ବୋଧ ହୋଇଥିଲା ।

ବରେଣ୍ୟ ଲେଖକ ସ୍ୱସ୍ଥାନରୁ ଉଠିଯାଇ ଅଭିନନ୍ଦନପତ୍ର ବା ପୁରସ୍କାର ଣୁ ନ ଥିଲେ । ସଭାପତି ସିଂହାସନରୁ ଓହ୍ଲାଇ ଆସି କବି ବା ଲେଖକଙ୍କୁ ସ୍ଥାନରେ ଏହା ଦେଇ ଯାଉଥିଲେ ।

## ଧାରରୁ ସ୍ରୋତସ୍ୱିନୀ—ସମୁଦ୍ର

କେତେବେଳେ ଘଟଣାର କ୍ଷୁଦ୍ର କ୍ଷୁଦ୍ର ଢେଉରେ, କେତେବେଳେ ସ୍ରୋତରେ, ରରେ, ସମୁଦ୍ରରେ ମନୁଷ୍ୟ ଭାସେ । ଅଳ୍ପ କେତୋଟି ମାହେନ୍ଦ୍ର ମୁହୂର୍ତ୍ତ ଘେନି ବନ ସାର୍ଥକ ହୁଏ । ଜୀବନର ଅଧିକାଂଶ ଦିନ ହିଁ ଗତାନୁଗତିକ ରୀତିରେ ଲେ । ମୋ ଜୀବନରେ କେତେକ ସୁବର୍ଣ୍ଣ ସୁଯୋଗ ଆସିଛି—ଦିଗ୍‌ବଳୟରୁ ଗ୍‌ବଳୟ ମୁଁ ଅତିକ୍ରମ କରିଛି । ଆମେରିକାରୁ ଇଉରୋପ, ଆଫ୍ରିକା ଯାତ୍ରାର କେତୋଟି ମାସ ଜୀବନର ଘଟଣାବିହୀନ ବନ୍ଧ୍ୟ ବହୁ ବର୍ଷ ଅପେକ୍ଷା ଅବଶ୍ୟ ାର୍ଥକତର ।

ଯେଉଁ ଗାଆଁରେ ଜନ୍ମିଥିଲି, ସେହି ଗାଆଁର ଜଣେ ସାଧାରଣ କୃଷୀ ଭାବରେ ଏତ ବୁଢ଼ା ହୋଇ ଯାଇଥାନ୍ତି । ମୋ ଗାଆଁର ଓ ପାଖ ପଡ଼ୋଶୀ ଗାଆଁର ନେକଙ୍କ ଭାଗ୍ୟରେ ହୁଏତ ପୁରୀ, କଟକ ଦେଖିବା ସମ୍ଭବ ହୋଇନାହିଁ । ମୋ ଜୀବନର ଡୋରି ସେମାନଙ୍କ ସହିତ ଗଣ୍ଠି ହୋଇଥିଲା । ତାକୁ କିଏ ଛାଇଲା କାହିଁକି ? ବିଶ୍ୱଆକାଶକୁ ଉଡ଼ିଗଲାବେଳେ ଆଜି ଛପରଘରର କଉଡ଼ି ତାକ ଆଖି ଆଗରେ ନାଚୁଛି । ସେଇ ମୋର ଜୀବନର ଆଦ୍ୟ ବିନ୍ଦୁ । ତା ପରେ ଛିଡ଼ା ହୋଇ ସପ୍ତ ସମୁଦ୍ରକୁ ସତେ ବା ଲମ୍ଫ ଦେଇଛି ।

ଓଡ଼ିଆରେ ଏମ୍. ଏ. ପାସ୍ କରିଥିଲି । ମୋ ପାଠକୁ ବୁଝି ଜଣେ ଓଡ଼ିଆ ଧ୍ୟାପକ ହୋଇ ଓଡ଼ିଶାରେ ବେଙ୍ଗଳା ବୁଲିଥିଲେ ଆଶ୍ଚର୍ଯ୍ୟ ହେବାର କିଛି ନ ଲା । ସାଂସ୍କୃତିକ ଉଦ୍ଦେଶ୍ୟରେ ମୋତେ ଦିନେ ଓଡ଼ିଶା ବାହାରକୁ, ପୁଣି ରତ ବାହାରକୁ ଯିବାକୁ ହେବ, ଏହା ମୋର କଳ୍ପନାର ଅତୀତ ଥିଲା । ବିଦେଶ-ତ୍ରା ଏବେ ଏକ ସାଧାରଣ ଘଟଣା ହୋଇଗଲାଣି । ଗୌରବଅର୍ଜନର ଏକ ପନ୍ଥା ହାଇଥିଲେ ବି ଏହା ଉପରେ ଆଉ ଗୁରୁତ୍ୱ ନାହିଁ । କିନ୍ତୁ ବିଦେଶଯାତ୍ରା ମୋ

ଜୀବନରେ ଏକ ଅସମ୍ଭବ ମଧ୍ୟରେ ମହା ଅସମ୍ଭବ । ତେଣୁ ତାର ସମ୍ଭାବନା ଆନନ୍ଦରେ ମୋତେ ଯେତିକି ଅଧୀର କରୁଥିଲା, ବାଧାବିଘ୍ନ ଓ ଭୟବିଷାଦରେ ସେତିକି ମ୍ରିୟମାଣ କରୁଥିଲା ।

ଆମେରିକାଯାତ୍ରାର ଅର୍ଦ୍ଧେକ ବ୍ୟୟ ବହନ କରିବା ଲାଗି ମୁଁ ଓଡ଼ିଶାର ସାଂସ୍କୃତିକ ବିଭାଗକୁ ନିବେଦନ କରିଥିଲି । ସାଂସ୍କୃତିକ ବିଭାଗର ଉପମନ୍ତ୍ରୀ ଏ ଦିଗରେ ମୋତେ ଯେତିକି ସାହାଯ୍ୟ କରୁଥିଲେ, ଶିକ୍ଷା ଓ ସଂସ୍କୃତି ବିଭାଗର ସେକ୍ରେଟରୀ ସେତିକି ନିରୁତ୍ସାହିତ କରୁଥିଲେ । ସେକ୍ରେଟରୀଙ୍କ ପ୍ରଶ୍ନ—

ଓଡ଼ିଆ ବିଭାଗର ଜଣେ ଅଧ୍ୟାପକ ଆମେରିକାରେ କି ସାଂସ୍କୃତିକ କାର୍ଯ୍ୟ କରିପାରିବ ?

ଭାରତର ସୁନାମ ରକ୍ଷିବ କି ଦୁର୍ନାମ କରିବ ?

ଯେ ବିଜ୍ଞାନ ପଢ଼ିଛି, ଇତିହାସ ବା ଅର୍ଥନୀତି ପଢ଼ିଛି ସେ ବିଦେଶ ଯାଉ ।

ଓଡ଼ିଆସାହିତ୍ୟ, ଲୋକସାହିତ୍ୟ ବା ଲୋକସଂସ୍କୃତି ଚର୍ଚ୍ଚା ଲାଗି ବିଦେଶ ଯିବା କି ପ୍ରୟୋଜନ ? ଏ ଦିଗରେ ସାଂସ୍କୃତିକ ବିଭାଗର ବ୍ୟୟ ଏକ ଅପବ୍ୟୟ ଛଡ଼ା ଆଉ କଣ ?

ତାଙ୍କର ସମୟ ଅଭାବ, ବୁଝିବାର ଧୈର୍ଯ୍ୟ ନାହିଁ । ଶିକ୍ଷା ଓ ସଂସ୍କୃତି ବିଷୟରେ କୌଣସି ଧାରଣା ନ ଥାଇ ଗତାନୁଗତିକ ରୀତିରେ ଏହି ବିଭାଗରେ ଲୋକ ନିଯୁକ୍ତି ପାଇଥାନ୍ତି । ସଂସ୍କୃତି ନରକକୁ ଗଲେ ବି ଗୋଟାଏ ଆଖିଦୃଶିଆ ସ୍ଥୂଳ କ୍ଷତି ହୁଏନାହିଁ ।

ମୁଁ ଜଣେ ଅଧସ୍ତନ, ସେ ଉପରିସ୍ଥ, ସେ ବିଷୟରେ ଏକାନ୍ତ ସଚେତନ । ମୋର କୌଣସି ପୁସ୍ତକ ସେ ପଢ଼ିନାହାନ୍ତି । ଓଡ଼ିଆ ଅଧ୍ୟାପକଙ୍କ ସ୍ୱଳ୍ପଜ୍ଞାନ, ସଂକୀର୍ଣ୍ଣ ଦୃଷ୍ଟି ଓ ସୀମାବଦ୍ଧ ଦିଗ୍‌ବଳୟ ବିଷୟରେ ତାଙ୍କ ଧାରଣା ବଦ୍ଧମୂଳ । ଚିରକାଳ ଉର୍ଦ୍ଧ୍ୱରୁ ନିମ୍ନକୁ ଜଳଧାରାର ଗତି । କିଛି ଉତ୍ତର ନ ଦେଇ ମୁଁ ଚାଲିଆସିଲି । ମୋ ଦରଖାସ୍ତଟି ଚାପାପଡ଼ି ରହିଲା । ମଉମାସ ଖଣ୍ଡରେ ମୁଁ ପ୍ରାୟ ପ୍ରତିଦିନ ସେକ୍ରେଟରିଏଟ୍ ଦୌଡ଼ିଥାଏ । ଦରଖାସ୍ତ ଦେଇ ତା ପଛେ ପଛେ ଏ ଦପ୍ତରରୁ ସେ ଦପ୍ତର ନ ଦୌଡ଼ିଲେ କିଛି କାର୍ଯ୍ୟ ହୁଏ ନାହିଁ, ଅଭିଜ୍ଞମାନେ ଜାଣନ୍ତି । କିନ୍ତୁ ମୋ ଦୌଡ଼ର କିଛି ଫଳ ହେଉ ନ ଥିଲା । ଏହା ମୋର ବ୍ୟକ୍ତିତ୍ୱର ତ୍ରୁଟି କିମ୍ବା ଲାଲଫିତାର କାରସାଦି, କହିବା ଦୁଷ୍କର । ଶେଷ ମୁହୂର୍ତ୍ତରେ କିଛି ଉପାୟ ନ ଦେଖି ମୁଖ୍ୟମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀଙ୍କୁ ସାକ୍ଷାତ କଲି, ମୋ ଦୁଃଖ ଜଣାଇଲି । ତାଙ୍କ କଣ୍ଠରେ ସତେକି ସରସ୍ୱତୀ ବିଜେ କଲେ । ମୋ ଯାତ୍ରା ଯୌକ୍ତିକ କି ଅଯୌକ୍ତିକ ନ ବିଚାରି ସେ ଫୋନ୍ ଉଠାଇ ସେକ୍ରେଟରୀଙ୍କୁ ପଚାରିଲେ— ଯାଙ୍କର ତ ବିଦେଶଯାତ୍ରା ଚାରିପାଞ୍ଚଦିନ ବାକୀ ; ସାଂସ୍କୃତିକ ବିଭାଗ ଯାଙ୍କ ପାଥେୟ ଦେଇନାହାନ୍ତି କାହିଁକି ?

ସେକ୍ରେଟରୀ ଏପରି ଏକ ପ୍ରଶ୍ନର ସମ୍ମୁଖୀନ ହୋଇ ତଟସ୍ଥ ହୋଇଗଲେ । ପ୍ରାଣେ ଭୟ ; କହିବାକୁ ସାହସ ହେଲାନାହିଁ, ମୋ ଦରଖାସ୍ତଟି ଏପର୍ଯ୍ୟନ୍ତ ତାଙ୍କ ପାଖରେ ହିଁ ପଡ଼ିଛି, ଇଞ୍ଚେ ଆଗେଇ ନାହିଁ । ତା ଉପରେ ଗଦା ହୋଇଛି ପର୍ବତ

ପ୍ରମାଣେ ପାଇଲୁ । ମୁଖ୍ୟମନ୍ତ୍ରୀ ମୋ ପ୍ରତି ଅନୁକୂଳ ହେବାର ଦେଖି ସେ ମୋ ପ୍ରତି ଅନୁକୂଳତର ହୋଇ ଉଠିଲେ । ଉତ୍ତମ ରାକିରିଆଙ୍କର ଏ ଗୋଟିଏ ସ୍ୱଭାବ—ଉପରିସ୍ଥଙ୍କ ମତ ସହିତ ନିଜ ମତକୁ ଖାପ ଖୁଆଇ ନିଅନ୍ତି, ମନରେ ଯେତେ ବିରୋଧ ବୈଷମ୍ୟ ଭଙ୍ଗ ମାରୁଥିଲେ ବି । ନିଜ ଦାନାପାଣି ଉପରେ ବା ଉର୍ଦ୍ଧ୍ୱଗତି ଉପରେ ଟିକିଏ କଳାଦାଗ ପଡ଼ିବାର ଶଙ୍କା ଉପୁଜିଲେ ସ୍ୱାର୍ଥପର କାତର ହୋଇପଡ଼େ ।

ମୋ ପ୍ରତି ତାଙ୍କର ମନୋଭାବ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଳାପ ପରେ ପୂରା ବଦଳି ଗଲା । ଆଗରୁ ତାଙ୍କର ସ୍ୱର କ୍ଷମତାର ସ୍ୱର ହିଁ ଥିଲା—ରୁକ୍ଷ, କର୍କଶ । ସେ ମଣିଷ ଚିହ୍ନୁ ନ ଥିଲେ, ବିଦ୍ୟା ବା ସାଂସ୍କୃତିକ ଗୁରୁତ୍ୱ ବୁଝୁ ନ ଥିଲେ । ଏବେ ପୃଥ୍ୱୀ ଓଲଟି ଗଲା, ସରଳ, ଅମାୟିକ ବନ୍ଧୁର ବିନୟୀ ସ୍ୱରରେ ସେ କହିଲେ—ଅତି ଶୀଘ୍ର ଅର୍ଥ ମଞ୍ଜୁର ହୋଇଯିବ, ଯାତ୍ରା ଅନୁମତି ମିଳିଯିବ ।

କଥା ପଛେ ପଛେ କାର୍ଯ୍ୟ । ଗୋଟିଏ ଦିନରେ ସବୁ କାମ ହୋଇଗଲା । ମୁଁ ସପରିବାର କଲିକତା ଯାତ୍ରା କଲି । ପାସ୍‌ପୋର୍ଟ, ଭିସା ମିଳିଗଲା । କିନ୍ତୁ ଶେଷ ମୁହୂର୍ତ୍ତରେ ବିଭ୍ରାଟ ଲାଗିଲା । ରିଜର୍ଭ ବ୍ୟାଙ୍କର ଅନୁମତି ମିଳିଲାନାହିଁ । ଅଗତ୍ୟା ଯାତ୍ରାବ୍ୟବସାୟୀ 'ଟ୍ରେଡ୍‌ଓ୍ୱିଙ୍ଗ୍‌ସ୍' କମ୍ପାନୀ ଦ୍ୱାରା ନିର୍ଦ୍ଧାରିତ ଏୟାର ଫ୍ରାନ୍‌ସରେ ମୋ ଯାତ୍ରା ସ୍ଥଗିତ ହେଲା । ତା'ପରେ ମୋ ସହଯାତ୍ରୀ ଡଃ ଆଶୁତୋଷ ଭଟ୍ଟାଚାର୍ଯ୍ୟଙ୍କ ସଙ୍ଗେ ଦିଲ୍ଲୀ ଗଲି । ତାଙ୍କ ଲାଗି ତାଙ୍କ ବନ୍ଧୁମାନେ ପୂର୍ଣ୍ଣ ପ୍ରାଣରେ ଚେଷ୍ଟା କଲେ, ଫଳ ଭୋଗ କଲି ମୁଁ । ସେ ନିରାଶ ହୋଇ କଲିକତା ଫେରିଗଲେ । ଭାଗ୍ୟର ରୀତି କେବେ କେବେ ଅଦ୍ଭୁତ ଭାବେ ନାଟକୀୟ ହୁଏ ।

ରାତି ପାହାନ୍ତାରେ 'ପାନାମ୍'ର ଏକ ଜେଟ୍‌ରେ ଦିଲ୍ଲୀ ଆକାଶକୁ ଉଠିଲି । ଆରବସାଗରରେ ପ୍ରଭାତଶ୍ରୀ ଉପଭୋଗ କରି ଶୁଷ୍କ, ରୁକ୍ଷ ମରୁ ସହର ଟେହେରାନ୍‌ରେ ପହଞ୍ଚିଲି । ଭୂମଧ୍ୟସାଗରର କୂଳେ କୂଳେ ଟର୍କିର ଇସ୍ତାନ୍‌ବୁଲ୍, ଅଷ୍ଟ୍ରିଆର ଭିଏନା, ପଶ୍ଚିମଜର୍ମାନୀର ଫ୍ରାଙ୍କ୍‌ଫୋର୍ଟ ତାପରେ ଲଣ୍ଡନ ଓ ଲଣ୍ଡନରୁ ଏକାଦି କ୍ରମେ ସାତଘଣ୍ଟା କାଳ ଆଟଲାଣ୍ଟିକ ସମୁଦ୍ରର ଆକାଶରେ ଯାତ୍ରା କରି ରାତି ଆଠଟା ବେଳେ ନିଉୟର୍କରେ ପହଞ୍ଚିଲି । ରାତିକ ଲାଗି ଟ୧୨୦ଙ୍କା ଭଡ଼ା ଦେଇ ହୋଟେଲ୍ ଇଣ୍ଟରନ୍ୟାସନାଲରେ ରହିଲି । ସକାଳୁ 'TWA'ରେ ନିଉୟର୍କରୁ ଏଣ୍ଡିଆନା ପଲିସ୍ ଓ ତା'ପରେ ଗୋଟିଏ ଛୋଟ ବିମାନରେ ଏଣ୍ଡିଆନା ରାଜ୍ୟର ବ୍ଲୁମିଂଟନ୍ ସହରରେ ପହଞ୍ଚିଲି । ଏସୀୟ ଲୋକସଂସ୍କୃତିସମାଜର ଡିରେକ୍‌ଟର ଡଃ ଡର୍ସନ ଓ ଆଉ କେତେକ ପ୍ରତିଷ୍ଠିତ ସୁଧୀ ମୋତେ ପାଛୋଟି ନେବା ଲାଗି ଷ୍ଟେସନକୁ ଆସିଥିଲେ । ଏସୀୟ ଲୋକସଂସ୍କୃତିସମ୍ମେଳନରେ ଓଡ଼ିଆ ତଗଡମାଳିରେ ସାମାଜିକ ଚରିତ୍ର' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲି । କାର୍ଯ୍ୟକାରୀ ସମିତିରେ ଆଉ କେତେକଙ୍କ ସହିତ ଭାରତ ପକ୍ଷରୁ ମୁଁ ଜଣେ ସଭ୍ୟ ହୋଇ ରହିଲି ।

ସମ୍ମିଳନୀ ପରେ ମୁଁ 'ଏଣ୍ଡିଆନା'ରୁ 'ମିସୌରୀ' ଯାତ୍ରା କଲି, ସେଣ୍ଟଲୁଇସ୍‌ରୁ ମୋ ସାନଭାଇ ଉଦୟନାଥ, ଭାଇବୋହୂ ଇରା, ଝିଆରୀ ଓ ପୁତୁରା ମୋତେ ଘେନିଯିବା ଲାଗି ବସ୍ ଷ୍ଟେସନକୁ ଆସିଥିଲେ । ଆମେରିକାର ଅଷ୍ଟମ

ବୃହତ୍ତମ ସହର ସେଣ୍ଟଲୁଇସ୍ ମିସିସିପି ଓ ମିସୌରୀ ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ ।

ସେଣ୍ଟଲୁଇସରୁ 'ସ୍ପ୍ରିଙ୍ଗ୍ ଫିଲଡ୍' ଯାଇ ଆବ୍ରାହାମ୍ ଲିଙ୍କନଙ୍କ ଗୃହ ଓ ତାଙ୍କ ସମାଧି ମନ୍ଦିର ପରିଦର୍ଶନ କରିଥିଲି । ଆମେରିକାର ଗୃହଯୁଦ୍ଧ କି ବିରାଟ ଆକାର ଧାରଣ କରିଥିଲା, ଶେଷରେ ସ୍ୱୟଂ ଲିଙ୍କନ୍ କିପରି ସେହି ହିଂସାର ଶୋଚନୀୟ ଶିକାର ହୋଇଥିଲେ, ସେ କାଳର ସମ୍ବାଦପତ୍ରରୁ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ପଢି ପ୍ରାଣ ଉଦ୍‌ବେଳିତ ହୋଇଥିଲା ।

କିଛିଦିନ ପରେ ଉଡ଼ାଜାହାଜରେ ସେଣ୍ଟ ଲୁଇସ୍‌ରୁ ପୁଣି ନିଉୟର୍କ ଯାତ୍ରା କଲି । ଆଦିତ୍ୟନାରାୟଣ ବର୍ମନଙ୍କ ଘରେ ତାଙ୍କ ସାହେବାଣୀ ସ୍ତ୍ରୀ ଓ ତିନୋଟି ପିଲାଙ୍କ ସହିତ ଏକ ସପ୍ତାହ କଟାଇଲି । ତାଙ୍କ ସାନଝିଅ ମେଲୋନୀର ଆନ୍ତର୍ଜାତିକ ହସ ଓ ମିଳାମିଶା ଭାବ ସେ ପରିବାରରେ ମୋ ସ୍ଥିତିକୁ ସହଜ ଓ ସ୍ୱାଭାବିକ କରିଥିଲା । 'ହଡ୍‌ସନ୍' ନଦୀରେ ଜଳଯାତ୍ରା କରି ଏହି ନଦୀର ଗୋଟିଏ ଦ୍ୱୀପରେ ମୁକ୍ତିର ଅଗ୍ରଦୂତିକାକୁ ଦେଖି ପ୍ରାଣ ଉନ୍ମୁକ୍ତ ଆନନ୍ଦରେ ଉଚ୍ଛୁଳି ଉଠିଥିଲା । ତା'ପରେ ଏମ୍ପାୟାର୍ ଷ୍ଟେଟ୍‌ବିଲ୍‌ଡ଼ିଂ, ମେଟ୍ରୋପଲିଟାନ୍ ମ୍ୟୁଜିଅମ୍, ଇଷ୍ଟନଦୀ ତୀରବର୍ତ୍ତୀ ମିଳିତଜାତି ପରିଷଦ, ରକ୍‌ଫେଲର ସେଣ୍ଟର, କଲମ୍ବିଆ ବିଶ୍ୱବିଦ୍ୟାଳୟ ଦେଖିଲି । ସମୃଦ୍ଧତମ ଲକ୍ଷ୍ମୀନଗର ନିଉୟର୍କରେ ଦରିଦ୍ର ଭିକାରୀ ଦେଖି ପ୍ରାଣ ଚମକି ଉଠିଥିଲା—ସମୃଦ୍ଧି ସଙ୍ଗେ ଦାରିଦ୍ର୍ୟ ଚିରକାଳ ପଦ ମିଳାଇ ଚାଲିଛି ପରା । ସମୃଦ୍ଧି ଯେତେ ବିପୁଳ, ଦାରିଦ୍ର୍ୟ ସେତିକି ବିକଟ ହୋଇଅଛି ।

ନିଉୟର୍କରୁ ଉଡ଼ାଜାହାଜରେ ବଫ୍‌ଲୋ ଓ ସେଠାରୁ ଲିମୋଜିନରେ ନାଏଗ୍ରା ଯାତ୍ରା କଲି । ଆମେରିକା ଓ କାନେଡ଼ା ଉଭୟ ପଟୁ ଐତିହାସିକ, ବିପୁଳ ନାଏଗ୍ରା ପ୍ରପାତ ଦେଖି ପ୍ରାଣ ଅଭିନବ ରାଗରେ ଝଂକୃତ ହୋଇଥିଲା — ଜୀବନ ଅର୍ଥ ସ୍ୱପ୍ନ, ଗୋଧୂଳି ଆଲୋକର ଝଲକରେ ସ୍ୱପ୍ନର ମରୀଚିକା ହିଁ ଦେଖିଥିଲି; କିନ୍ତୁ ଜୀବନ ଅର୍ଥ ଏଠି ସଂଗ୍ରାମ, କର୍ମର ଦୀପ୍ତିରେ ହିଁ ତାର ମହନୀୟତା; ନାଏଗ୍ରା ସହିତ ଲଢ଼େଇ ମଣିଷ ଦେଖାଇ ଦେଇଛି—ଅସାଧ୍ୟର ସାଧକ ସେ, ଦୁର୍ଗମର ନିଃଶଙ୍କ ଯାତ୍ରୀ ।

ପରଦିନ ବଫ୍‌ଲୋରୁ ବସ୍‌ରେ ବଲ୍‌ଟିମୁର୍ ଆସି ଡାକ୍ତର ଆଲେକ୍‌ଜାଣ୍ଡାର ଓ ତିମୁଙ୍କର ଅତିଥି ହେଲି; କବିସ୍ୱଭାବପନ୍ନ ଆଲେକ୍‌ଜାଣ୍ଡାର୍ ମୋତେ ପରଦିନ ୱାସିଂଟନ ଘେନିଯାଇ ଅର୍ଲିଂଟନ ସ୍ମୃତିମନ୍ଦିରରେ ଦ୍ୱିତୀୟ ମହାଯୁଦ୍ଧରେ ମୃତ ଅପରିଚିତ ସୈନିକର ସ୍ମୃତି କିପରି ରକ୍ଷା କରାଯାଇଛି, ଜାତୀୟଶ୍ମଶାନ କିପରି ଗୌରବମୟ ସ୍ଥାନ ଅଧିକାର କରିଅଛି, ତାହା ଦେଖାଇଥିଲେ । ହ୍ୱାଇଟ୍ ହାଉସ, ଜାତୀୟ କଳାସଂଗ୍ରହାଳୟ, ସ୍ମିଥ ସୋନିଆନ୍ ମ୍ୟୁଜିଅମ୍, ପୋଟୋମାକ୍ ନଦୀ, ସିନେଟ୍ ହାଉସ୍ ପ୍ରଭୃତି ବହୁ ଦୃଶ୍ୟ ସ୍ୱଳ୍ପକାଳ ମଧ୍ୟରେ ଦେଖିବାକୁ ପଡ଼ିଥିଲା ।

ଆଉ ଗୋଟିଏ ଦିନ ମଧ୍ୟରେ ବଲ୍‌ଟିମୁରର ସମୁଦ୍ରତୀର, ସହର, ଯାଦୁଘର ପ୍ରଭୃତି ଦେଖି ଯାତ୍ରା କଲି ରାଲେ; ନର୍ଥକାରୋଲିନାର ରାଜଧାନୀ ରାଲେରେ ମୋର ଶ୍ୟାଳକ କୃଷ୍ଣମୋହନ ଶତପଥୀ (ଡାକ ନାମ ରାଜୁ) ସପରିବାର ରହୁଥିଲା । ରାଜୁ ମୋତେ ସ୍ମୋକି ପର୍ବତମାଳାର ପ୍ରାକୃତିକ ଦୃଶ୍ୟ, ଲୋହିତ ଭାରତୀୟ ଗ୍ରାମ,

ଡାୟାରି ଫାର୍ମ, କୃଷିକ୍ଷେତ୍ର ଓ କେତେକ କଳକାରଖାନା ବୁଲାଇ ଦେଖାଇଥିଲା । ଆମେରିକାରେ ଯାହା କିଛି ପ୍ରାକୃତିକ ଓ କୃତ୍ରିମ ସୃଷ୍ଟି ସବୁ ବ୍ୟବସାୟିକ ଭାବେ ସଙ୍ଗଠିତ ହୋଇପାରିଛି; ଭ୍ରମଣକାରୀ ଯାତ୍ରୀ ଅଗଣିତ, ସେମାନେ ସବୁ ଦେଖନ୍ତି ଓ ସେଥିଲାଗି ପଇସା ଦିଅନ୍ତି; ବହୁ ବେକାରଙ୍କ ଅନ୍ନସଂସ୍ଥାନ ଏହି ଉପାୟରେ ହେଉଅଛି ।

ତା'ପରେ ସତରଦିନବ୍ୟାପୀ ମୋର ଏକ ଦୀର୍ଘ ଯାତ୍ରା । ଉଦୟନାଥ ଗାଡ଼ି ଚଳାଇଲା, ଇରା ମାନଚିତ୍ର ଦେଖି ପଥ ନିର୍ଦ୍ଦେଶ କରୁଥିଲା; ଗୀତା, ମୀରା ଓ ନିକି ଗାଡ଼ିର ଖୋଟିଏ କାବିନ୍‌ରେ ବସି ପଢୁଥିଲେ ବା ଖେଳୁଥିଲେ; ମୁଁ ଡାଇରିରେ ଛୋଟବଡ଼ ଘଟଣା ଯାହା ଆଖିରେ ପଡ଼ୁଥିଲା, ଟିପିଯାଉଥିଲି ।

ସେଣ୍ଟଲୁଇସ୍ ସହରରେ ମିସିସିପି ନଦୀ ଅତିକ୍ରମ କରି ଆମେ ଇଲିନଏସ୍ ରାଜ୍ୟରେ 'ହଲିଡେ ଇନ୍'ରେ ରାତ୍ରି ଯାପନ କରିଥିଲୁ । ଏହି ଇନ୍‌ର ମୋଟ ମୋଟେଲ୍ ସଂଖ୍ୟା ୭୩୦; ସାଧୁତା ହିଁ ଏ ଦେଶରେ ଏହିଭଳି ବହୁ ବ୍ୟବସାୟର ମୂଳଭିତ୍ତି ହୋଇଅଛି । ବହୁ ଅଂଶୀଦାରଙ୍କ ମୂଳଧନରେ ଏହା ଚାଲିଛି । ଗୋଟିଏ ପଇସା ବର୍‌ବାଦ୍ ହେବାର ଶଙ୍କା ନାହିଁ ।

ବାଟରେ ବାରବୁ ନଦୀ କୂଳରେ ରିଙ୍ଗ୍‌ଲିଙ୍ଗ୍ ସରକସ୍ ଦେଖି ତା'ପରେ ଉଇସ୍‌କନ୍‌ସିନ୍ ନଦୀତୀରବର୍ତ୍ତୀ 'ଥଣ୍ଡରବାର୍ଡ଼' ହୋଟେଲରେ ରହିଲୁ, ଏହି ନଦୀରେ ଜଳଯାତ୍ରା କରି ଦୁଇ ପାହାଡ଼ ମଧ୍ୟବର୍ତ୍ତୀ ରଙ୍ଗମଞ୍ଚରେ ଲୋହିତ ଭାରତୀୟଙ୍କ ଦର୍ପନୃତ୍ୟ, ଇଗଲ୍ ନୃତ୍ୟ, ହଂସ ନୃତ୍ୟ ପ୍ରଭୃତି ଦେଖିଥିଲୁ । ମଟର ବୋଟ୍ ପ୍ରତିଯୋଗିତାରେ ସ୍କି-ପଟା ଉପରେ ଛିଡ଼ା ହୋଇ ଯୁବକଯୁବତୀମାନେ ଅପୂର୍ବ ଜଳକ୍ରୀଡ଼ା ଓ କୌଶଳ ପ୍ରଦର୍ଶନ କରିଥିଲେ; ରଙ୍ଗୀନ୍ ଆଲୋକର ଝଲକରେ ଏହି କ୍ରୀଡ଼ା ବିଶେଷ ପ୍ରୀତିପ୍ରଦ ହୋଇଥିଲା ।

ତା'ପରେ ମିନେସୋଟା ରାଜ୍ୟକୁ ଯାଇ ମିଚେଲ୍ ସହରରେ ମକ୍‌କା, ଗହମ ନଡ଼ା ଓ ଶସ୍ୟରେ ନିର୍ମିତ ଲକ୍ଷ୍ମୀମନ୍ଦିର ବା ଶସ୍ୟସୌଧ ଦେଖିଲୁ; ପରବର୍ତ୍ତୀ ଦୃଶ୍ୟ ରୁକ୍ଷତର ହେବାକୁ ଲାଗଲା—ବିଗ୍ ବ୍ୟାଡ୍ ଲ୍ୟାଣ୍ଡସ୍ । ଶୁଷ୍କ କଙ୍କର ପାହାଡ଼, ତୃଣତରୁହୀନ; ସତେ ବା ଅଭିଶପ୍ତ; ଶତ ଶତ ମାଇଲ୍ ବ୍ୟାପୀ ଅପନ୍ତରା ଅତିକ୍ରମ କରି ଆମେ ରାପିଡ୍ ସିଟିରେ ରାତ୍ରି ଯାପନ କଲୁ । ଏହି ନଗରନିକଟବର୍ତ୍ତୀ ରସ୍‌ମୋର ଶୃଙ୍ଗରେ ଖୋଦିତ ଆମେରିକାର ଚାରିଜଣ ଯୋଗଜନ୍ମା ରାଷ୍ଟ୍ରପତି (ଜର୍ଜ ଓ୍ୱାସିଂଟନ୍, ଥୋମାସ୍ ଜେଫରସନ୍, ଆବ୍ରାହାମ୍ ଲିଙ୍କନ, ଥିଓଡ଼ର୍ ରୁଜ୍‌ଭେଲ୍‌ଟ)ଙ୍କ ବିପୁଳ ମୂର୍ତ୍ତିସବୁ ଦର୍ଶନ କଲୁ । ଇଜିପ୍‌ଟର ସ୍ଫିଙ୍କ୍‌ସଠାରୁ ସେସବୁ ଆକୃତିରେ ବୃହତ୍ତର ।

ବିଗ୍‌ହର୍ଣ୍ଣ ପାର୍ବତୀୟ ଉପତ୍ୟକାର ସୋସୋନ୍ ନଦୀ କୂଳେ କୂଳେ ଯାଇ 'କୋଡ଼ି' ସହରରେ 'ରେଡ଼ିଓ' ବା ଅଶ୍ୱାରୋହଣକୌଶଳ ପରିଦର୍ଶନ କଲୁ । ଏଲୋଷ୍ଟୋନ୍ ଜାତୀୟ ପାର୍କ ଆମେରିକାର ବୃହତ୍ତମ ପାର୍କ । ଏହାର ରୋପିତ ଅରଣ୍ୟ ଓ ଉନ୍ମୁକ୍ତ ଜୀବଜନ୍ତୁଙ୍କ ଚଳାଚଳ ଦୃଶ୍ୟ ଯେପରି ପ୍ରୀତିପ୍ରଦ, ଏହାର ଅଗଣିତ ଗାଇଜର୍ ବା ଆଗ୍ନେୟଗିରି ସେହିପରି ଭୟଙ୍କର । ଏଇ ପାର୍କରେ ଚିଲିକା ପରି ସୁନ୍ଦର ପାହାଡ଼ଘେରା ଗୋଟିଏ ହ୍ରଦ । ଶତ ଶତ ଆଗ୍ନେୟଗିରିର

ମୁଖ ଉନ୍ମୁକ୍ତ; କେତେକରେ ପାଣି ବା ପଙ୍କ ଫୁଟୁଛି କିମ୍ବା ଜଳସ୍ରୋତ ଉଠୁଛି । ତରଳ ଧାତୁସ୍ରୋତରେ ମୃତ ବା ମୁମୂର୍ଷୁ ବୃକ୍ଷଲତାର ଝାଟିମା ହୋଇଅଛି । 'ଓଲ୍ଡ ଫେଥ୍‌ଫୁଲ୍' ନାମକ ଆଗ୍ନେୟଗିରି ମୁଖର ଜଳସ୍ତ ଘଣ୍ଟାରେ ୧୫୦ ଫୁଟ୍ ଉପରକୁ ଉଠେ, ଠିକ୍ ତିନିମିନିଟ୍ ପରେ ପଡ଼ିଯାଏ ।

ଗ୍ରାଣ୍ଡ୍ କାନିୟନ୍ ପ୍ରପାତ, ସ୍ୱପ୍ନ ରଙ୍ଗରେ ରଙ୍ଗୀନ୍ ପାହାଡ଼ୀ ଜ ମାମଥ୍ ସ୍ପ୍ରିଙ୍ଗ୍, ଗ୍ରାଣ୍ଡ୍ ଟେଟନ୍ ନ୍ୟାସନାଲ୍ ପାର୍କ ଦେଖି ଇଉଟା ରାଜ୍ୟ ( କରି ଆମେ ଆଇଡ଼ାହୋ ରାଜ୍ୟରେ ପ୍ରବେଶ କଲୁ । ଦୁଇ ପର୍ବତମାଳା ମ ଇଉଟା ସହର ଅବସ୍ଥିତ । ନିଷ୍ପତ୍ର ତରୁ ପରି ପ୍ରସାରିତ ଲଣ୍ଡିତ ପର୍ବତମାଳାର ମୂଳେ ମୂଳେ ଯାଇ ଆମେ ସଲ୍ଟ ଲେକ୍ ନଗରରେ ପହ ବ୍ରିଘାମ୍ ଏଇ ନଗରର ପ୍ରତିଷ୍ଠାତା । ଏହାର ଅଧିକାଂଶ ବାସିନ୍ଦା ମ ଧର୍ମାବଲମ୍ବୀ । ଜୋସେପ ସ୍ମିଥ୍ ମରମାନ୍ ଧର୍ମ ପ୍ରବର୍ତ୍ତନ କରି ଖ୍ରୀଷ୍ଟିଆନ୍‌ମାନଙ୍କ ଦ୍ୱାରା ବିତାଡ଼ିତ ହୋଇ ସେ ସଶିଷ୍ୟ ନିଉୟର୍କରୁ ଓ ତାପରେ ମିଷୌରୀ, ଇଲିନଏସ୍ ଓ ସେଠାରୁ ରକି ପର୍ବତମାଳାକୁ ଆସି ମରୁଭୂମିରେ 'ସଲ୍ଟ ଲେକ୍ ସିଟି' ସ୍ଥାପନ କରିଥିଲେ ।

କେନ୍ନେକଟ୍ ବ୍ରିଘାମ୍ ତାମ୍ରଖଣି ଦେଖି ନେଭେଡା ମରୁଭୂମି ଅତିକ୍ରମ ଆମେ 'ଲାସ୍ ଭେଗାସ୍' ସହରରେ କାସିନୋରେ ଜୁଆଖେଳ ଦେଖିଥିଲୁ; ଏହି ଦ୍ୟୂତକ୍ରୀଡ଼ା ଓ ସହଜ ବିବାହବିଚ୍ଛେଦ ଲାଗି ପ୍ରସିଦ୍ଧ । ମରୁଭୂମି ଅତିକ୍ର ଆମେ କଲୋରାଡୋ ନଦୀର କୃତ୍ରିମ ହ୍ରଦ ଲେକ୍‌ମିଡ୍ କୂଳରେ ରହିଲୁ ନଦୀରେ ବନ୍ଧ ବନ୍ଧା ଯାଇ ଏହିପରି ବହୁ କୃତ୍ରିମ ହ୍ରଦ ସୃଷ୍ଟିକରାଯା କଲୋରାଡୋ ରକି ପର୍ବତମାଳାରୁ ବାହାରି ତାର ଦୀର୍ଘ ମରୁପଥକୁ ଶସ୍ୟ କରି କାଲିଫର୍ଣ୍ଣିଆ ଉପସାଗରରେ ପଡ଼ିଅଛି । ଏହାର ଦୀର୍ଘତା ଏକ ହଜାର ମାଇଲ୍ ।

ତାପରେ ଆମେ ପହଞ୍ଚିଲୁ ପର୍ବତସଂକୁଳ ମରୁରାଜ୍ୟ ଆରିଜୋନ କଲୋରାଡୋ ନଦୀ ଯୋଗୁଁ ଏହି ଧୂଳିଧୂସର ଅଞ୍ଚଳ କ୍ରମେ ସବୁଜ, ହେଉଛି । ତାଳ୍‌ଟନ୍ତ୍ର, ବହୁ ଶାଖାୟିତ, ପୁଷ୍ପିତ ସପ୍ତପର୍ଣ୍ଣି ; ଜଇବାବ୍ ଜ ଉଦ୍ୟାନ ମରୁ ଉଦ୍‌ଭିଦରେ ଭରା; ପାଇନ୍, ସ୍ପ୍ରୁସ୍, ଜୁନିପର, ଆସ୍‌ପେନ୍, ଓକ୍ ଲଗାଯାଇଛି । ଏକ ମାଇଲ୍ ଗଭୀର କଲୋରାଡୋ ନଦୀର ଜଳସ୍ତରକୁ 'ହୋପି' ଲୋହିତ ଭାରତୀୟ ଗ୍ରାମ ; ଭ୍ରମଣକାରୀମାନଙ୍କୁ ନୃତ୍ୟ ଦେଖାଇବା ପ୍ରତିଦିନ ହେଲିକୋପ୍‌ଟରରେ ଲୋହିତଭାରତୀୟମାନଙ୍କୁ ଏକ ମାଇଲ ( କଲରାଡୋ ନଦୀ ଶଯ୍ୟାରୁ ତୀରକୁ ଅଣାଯାଏ । ପାହାଡ଼ ମଥାନସବୁ ନାନା ( ଧାତୁରେ ରଙ୍ଗୀନ୍, କେଉଁଟି ଦେଉଳ; କେଉଁଟି ଦୁର୍ଗ; କେଉଁଟି ବିମାନ, କେ ଟାଓ୍ୱାର ପରି ଦିଶୁଛି । କୃଷ୍ଣମନ୍ଦିର, ରାମମନ୍ଦିର, ଶିବମନ୍ଦିର, ଆଇସିସ୍‌ମ ଆପୋଲୋମନ୍ଦିର, ବୁଦ୍ଧମନ୍ଦିର, ଜେନସ୍‌ମନ୍ଦିର, ହୋରସ୍‌ମନ୍ଦିର ନା ଶୃଙ୍ଗସବୁ ନାମିତ । ମରୁଭୂମିରେ ଆମେ ନଭେଜୋ ଲୋହିତଭାରତୀୟମା ହୋଗାନ୍ (ଗୃହ) ଦେଖିଲୁ । ଅରିଜୋନାର ଅପରାହ୍ନରୁ ଆମେ ନିଉ ମେକ୍ସି ରାଜ୍ୟରେ ପହଞ୍ଚିଲୁ ।

୧୯୧୬ ଖ୍ରୀଷ୍ଟାବ୍ଦରେ ଯୁକ୍ତରାଷ୍ଟ୍ରର ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ଏହି ରାଜ୍ୟ ସ୍ୱୀକୃତିଲାଭ କରିଥିଲା । ତେଲ, ଗ୍ୟାସ, ୟୁରାନିଅମ୍ ଏହାର ପ୍ରଧାନ ସମ୍ପଦ । ଅଗଣିତ ଚୂର୍ଣ୍ଣ, ଭଗ୍ନ, ବିଦୀର୍ଣ୍ଣ ପର୍ବତ ଅତିକ୍ରମ କଲାପରେ ଆମେ 'ମେସାଭରଡ଼େ' ଜାତୀୟଉଦ୍ୟାନରେ ପହଞ୍ଚିଲୁ । ପର୍ବତ ଉପରକୁ ଉଠି ଉଠି ଆମେ ଗୋଟିଏ କନ୍ଦରଗ୍ରାମରେ ପହଞ୍ଚିଲୁ—ରନ୍ଧାଘର, କୋଠି, ଭଣ୍ଡାର ଘର, ଶୋଇବା ଘର— ମୋଟ କୋଠରୀ ସଂଖ୍ୟା ୧୧୪, ଶତାଧିକ ଲୋହିତଭାରତୀୟ ଦିନେ ଏହି କନ୍ଦର ଗ୍ରାମର ବାସିନ୍ଦା ଥିଲେ । ଘୋର ଅନାବୃଷ୍ଟି ଓ ଦୁର୍ଭିକ୍ଷ ଯୋଗୁଁ ସେମାନେ ଏହି ଗ୍ରାମ ଛାଡ଼ି ନିରାପଦ ସ୍ଥାନକୁ ଚାଲିଯାଇଥିଲେ , ନିର୍ଜନ ଗ୍ରାମଟି ଏବେ ପଡ଼ିରହିଛି ।

'କଲୋରାଡୋ ସ୍ପ୍ରିଙ୍ଗ୍ସ୍'ରେ ସପ୍ତପ୍ରପାତ ଦେଖି ଆମେ ଗୋଟିଏ ସମାଧି ପ୍ରାନ୍ତର ପଥରେ ଫେରିଲୁ । କଲୋରାଡୋ ସ୍ପ୍ରିଙ୍ଗ୍ସର ଅତୀତ ସେଠି ଶୋଇଛି ପୁଷ୍ପାସ୍ତୃତ ହୋଇ । ସେମାନେ ଦିନେ ଏଇ ସହରରେ ଥିଲେ ରକ୍ତମାଂସର ଶରୀର ଧାରଣ କରି । ଫସଲରେ ବିଲ, ଘାସରେ ପ୍ରାନ୍ତର ଓ ଫୁଲରେ ଘର ସଜାଇ ରଖିଥିଲେ କେତେ ମାୟାମମତାରେ । କଳ୍ପିତ କେତେଗୁଡ଼ିଏ ମୁଖ ନାଚିଗଲା ମୋର ଆଖି ସାମ୍ନାରେ ।

ଏଇ ସହରର ମହମ ଯାଦୁଘରଟି ବିଶେଷ ଚିତ୍ତାକର୍ଷକ । କାଓବୟଠାରୁ କବି, କଳାକାର, ଡାକୁଙ୍କଠାରୁ ସେନାପତିଙ୍କ ପର୍ଯ୍ୟନ୍ତ ପ୍ରତିଭାଶାଳୀ ବ୍ୟକ୍ତିମାନେ ଏଥିରେ ସ୍ଥାନ ପାଇଛନ୍ତି ।

ତାପରେ ଆମେ କଂସାସ୍ ରାଜ୍ୟରେ ପହଞ୍ଚିଲୁ । ଏହା ଦିନେ ବିରାଟ ଲୁଇସିଆନା ରାଜ୍ୟର ଅନ୍ତର୍ଗତ ଥିଲା । ଲୁଇସିଆନାର କ୍ରୟ ବେଳେ କଥା ଉଠିଥିଲା— ବନ୍ୟ ମନୁଷ୍ୟ ପ୍ୟାରିକୁକୁର, ହିଂସ୍ରଜନ୍ତୁ, ବାଲୁକା, ଘୂର୍ଣ୍ଣି, କାକ୍ଟସ୍‌ଭରା ଏଇ ଅନୁର୍ବର ଅପନ୍ତରା କିଣି ଲାଭ କଣ ? ଆଶ୍ଚର୍ଯ୍ୟର ବିଷୟ, ଅଳ୍ପ କେତୋଟି ବର୍ଷ ମଧ୍ୟରେ ଏହି ରାଜ୍ୟ ବିଶ୍ୱଲକ୍ଷ୍ମୀଙ୍କ ଅମାର ଘର ହୋଇଅଛି ।

କଂସାସ୍ ପରେ ମିସୌରୀ—ମାତ୍ର ୧୮୦୩ରେ ଏହା ଯୁକ୍ତରାଷ୍ଟ୍ରର ଅନ୍ତର୍ଭୁକ୍ତ ହୋଇଥିଲା । ଉଦୟନାଥର ରହଣି ଯୋଗୁଁ ଏ ରାଜ୍ୟଟି ମୋର ଅଧିକ ପ୍ରିୟ । ଓଜାର୍କ ପର୍ବତମାଳା, ଧାତୁମୟ ରଙ୍ଗୀନ୍ ପ୍ରାକୃତିକ ଗିରିକନ୍ଦର ଏ ରାଜ୍ୟର ମୁଖ୍ୟ ଆକର୍ଷଣ । ସେଣ୍ଟ ଲୁଇସ୍‌ରେ ଆମ ଦୀର୍ଘ ଭ୍ରମଣ ଶେଷ ହେଲା । ଏହି ସମୟରେ ମୁଁ ଡକ୍ଟର ବରାଟଙ୍କ କନ୍ୟା ଜାକିର ବିବାହଉତ୍ସବରେ ଯୋଗ ଦେଇଥିଲି, ରାଷ୍ଟ୍ରପତି ଜନସନଙ୍କ କନ୍ୟା ଲୁସିର ବିବାହଉତ୍ସବ ଟେଲିଭିଜନରେ ଦେଖିଥିଲି । ଇରାକୁ ଆମେରିକାର ସ୍ଥାୟୀ ବାସିନ୍ଦା କରିବା ଲାଗି ଜିଲା ଜଜ୍‌ଙ୍କ ଅଫିସରେ ଏକ ଶପଥଗ୍ରହଣଉତ୍ସବ ଅନୁଷ୍ଠିତ ହୋଇଥିଲା ; ମୁଁ ସେଥିରେ ଯୋଗ ଦେଇଥିଲି ।

୨୪. ୯. ୬୬ରେ ମୁଁ ଇରା, ଉଦୟନାଥ ଓ ପିଲାମାନଙ୍କ ସହ ହାନିବାଲ୍ ଯାତ୍ରା କରିଥିଲି; ହାନିବାଲ ପ୍ରସିଦ୍ଧ ଆମେରିକାନ୍ ଔପନ୍ୟାସିକ ମାର୍କଟ୍ୱେନ୍‌ଙ୍କ ଜନ୍ମସ୍ଥାନ । ମିସିସିପି ନଦୀ କୂଳରେ ଏହି ସହର ଅବସ୍ଥିତ । ମାର୍କଟ୍ୱେନ୍ ଯାଦୁଘରେ ତାଙ୍କ ବ୍ୟବହୃତ ଯାବତୀୟ ଦ୍ରବ୍ୟ, ତାଙ୍କ ହାତଲେଖା ଚିଠିପତ୍ର ପାଣ୍ଡୁଲିପି, ବିଭିନ୍ନ ଫଟୋ ଓ ଗ୍ରନ୍ଥସମ୍ଭାର ସଂରକ୍ଷିତ ହୋଇଅଛି । ନଦୀ କୂଳରେ

ଲେଖକଙ୍କ ସମାଧିମନ୍ଦିର, ସମଗ୍ର ନଗର ମାର୍କଟ୍ୱେନସ୍ମୃତିରେ ସରସ, ସୁନ୍ଦର । ଆମେ ହାନିବାଲ୍‌ର ଡାକ୍ତର ଟିମ୍ବ୍ରୁକଙ୍କର ଅତିଥି ହୋଇଥିଲୁ ।

୨୮. ୯. ୬୬ ଗୋଟିଏ ସ୍ମରଣୀୟ ଦିନ । ସେଦିନ ଉଦୟ, ଇରା ଓ ପିଲାମାନଙ୍କଠାରୁ ବିଦାୟ ଗ୍ରହଣ କରି ଇଂଲଣ୍ଡ ଆସିଥିଲି । ବିଦାୟ ମୁହୂର୍ତ୍ତରେ ଇରା ଗୋଟିଏ ରେକର୍ଡ଼ ବଜାଉ ଥିଲା—ଆମେରିକାର ଜଗତ୍ ପ୍ରସିଦ୍ଧ ସଙ୍ଗୀତଟି—There were birds on the hill ; ମୁଁ ନିଉୟର୍କର ଉଡ଼ାଜାହାଜ ଷ୍ଟେସନରେ ବସି ସେ ଗୀତଟି ଓଡ଼ିଆରେ ଅନୁବାଦ କରିଥିଲି—

ପାହାଡ଼ରେ ପକ୍ଷୀ ଥିଲେ
ଶୁଣି ତ ନ ଥିଲି ତାଙ୍କ ଗୀତି
ତୁମେ ଆସିବାର ଆଗେ
ଶୁଣି ତ ନ ଥିଲି ତାଙ୍କ ଗୀତ ଅନୁରାଗେ ।

ଅତଲାଣ୍ଟିକ ସମୁଦ୍ର ପାରି ହୋଇ ଇଉରୋପ ପଥରେ ଲଣ୍ଡନରେ ଓହ୍ଲାଇଲି । ସୁରେନ ଗୋଭିଲ୍ ମୋତେ ନିଜ ଗାଡ଼ିରେ ଘେନି ବ୍ରମଲେର ପଥେ ପଥେ 'କେଣ୍ଟ' ସହର ଅଭିମୁଖେ ଚାଲିଲେ । ଗୋଭିଲ୍ ଇରାର ଭଉଣୀ ଜ୍ୟୋତ୍ସ୍ନାର ସ୍ୱାମୀ ; ନୌବାହିନୀ ଅଫିସର । ମୁଁ ତାଙ୍କ ବସାରେ ଆଠୋଟି ଦିନ ଥିଲି, ପ୍ରତିଦିନ ସକାଳୁ ତାଙ୍କ ସଙ୍ଗେ ରେଲଗାଡ଼ିରେ ବ୍ରମ୍‌ଲେରୁ ଲଣ୍ଡନ ଯାଏ ; ସେଠାରୁ ଅକ୍ସଫୋର୍ଡ, କେମ୍ବ୍ରିଜ ସହର, ସେକ୍ସପିଅରଙ୍କ ଜନ୍ମଭୂମି ଷ୍ଟ୍ରାଟଫୋର୍ଡ ଅପନ୍ ଆଭନ୍, ଚର୍ଚ୍ଚିଲଙ୍କ ଜନ୍ମସ୍ଥାନ ବ୍ଲର୍ଟଓ୍ୱେଲ୍ ଗ୍ରାମ ପ୍ରଭୃତି ସ୍ଥାନକୁ ଟୁରିଷ୍ଟ ବସରେ ଯାଇ ସନ୍ଧ୍ୟାରେ ଫେରିଆସେ । ସୁରେନ୍ ବସ୍‌ରୁ ମୋତେ ପ୍ରତିଦିନ ସଙ୍ଗରେ ନେଇ କେଣ୍ଟ ଫେରନ୍ତି ।

ମୁଁ ତାଙ୍କ ସହିତ ଟେମ୍‌ସ ନଦୀରେ ଜଳଯାତ୍ରା କରିଥିଲି, ଓ୍ୱିଣ୍ଡସର୍ ଦୁର୍ଗ ବକିଂହାମ୍ ପାଲେସ୍, ପାର୍ଲାମେଣ୍ଟ ଗୃହ, ଓ୍ୱେଷ୍ଟମିନିଷ୍ଟର ଆବ୍‌ବେ, ଲଣ୍ଡନ ପୋଏଟ୍ରି ସୋସାଇଟି, ଗ୍ରିନ୍‌ଉ୍ୱିଚ୍ ପର୍ଯ୍ୟବେକ୍ଷଣ କେନ୍ଦ୍ର, ନୌ-କଲେଜ, ପ୍ରାଚୀନ ଜାହାଜ କଟିସାର୍କ, ନାସନାଲ୍ ମେରିଟାଇମ୍ ମ୍ୟୁଜିଅମ୍, ଟ୍ରାଫାଲଗାର୍ ଷ୍କୋୟାର, ଓଲ୍‌ଡକ୍ୟୁରିସିଟି ସପ୍, ମାଡାମ୍ ଟାସା ଉଡ୍‌ସ୍ ମହମ ମ୍ୟୁଜିଅମ୍ (ଯେଉଁଠି ଇଂଲଣ୍ଡର ଇତିହାସ ଓ ବିଶ୍ୱଇତିହାସର ଜୀବନ୍ତ ଅଂଶମାନ ମୂର୍ତ୍ତ), ଏଣ୍ଡିଆ ଅଫିସ୍ ଲାଇବ୍ରେରୀ ଓ ବ୍ରିଟିସ୍ ମ୍ୟୁଜିଅମ୍ ବୁଲି ଦେଖିଥିଲି । ଲଣ୍ଡନରେ ଉକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ମି: ବୋଲ୍‌ଟନଙ୍କ ସଙ୍ଗେ ମୋର ସାକ୍ଷାତ୍ ହୋଇଥିଲା । ସେ ମୋତେ ବୁଲାଇ ବୁଲାଇ ଲଣ୍ଡନ ଦେଖାଇଥିଲେ, ସେ ମୋ ଛାତ୍ର ବିଜୟ ମହାପାତ୍ରଙ୍କ ଛାତ୍ର ; ଫକୀରମୋହନଙ୍କ ଉପରେ ଥେସିସ୍ ଲେଖି ଲଣ୍ଡନବିଶ୍ୱବିଦ୍ୟାଳୟରୁ ପିଏଚ. ଡ଼ି ଡ଼ିଗ୍ରୀ ଲାଭ କରିଛନ୍ତି । ଜୀବନରେ ସେଇ ଏକମାତ୍ର ଇଂରେଜ ସାହେବଙ୍କୁ ଭେଟିଛି, ଯେ ଭଲଭାବେ ଓଡ଼ିଆ କହିପାରେ ଓ ଲେଖିପାରେ, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଯାହାର ଶ୍ରଦ୍ଧା ଏକାନ୍ତ ଅକୃତ୍ରିମ । ସେ ପରେ ଓଡ଼ିଶାକୁ ଆସି ଶ୍ରୀରାମଚନ୍ଦ୍ର ଭବନରେ ଜନ୍ ବିମ୍ସଙ୍କ ପ୍ରତିକୃତି ଉନ୍ମୋଚନ କରିଥିଲେ ଓ ଓଡ଼ିଶାସାହିତ୍ୟଏକାଡ଼େମୀ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ ।

୭. ୧୦. ୬୬ରେ ସୁରେନ ଓ ଜ୍ୟୋତ୍ସ୍ନାଠାରୁ ବିଦାୟ ନେଇ ଟ୍ରେନରେ କଲଚେଷ୍ଟର ଯାତ୍ରା କଲି; ସେଠି ରାତ୍ରିଭୋଜନ କରି ୧୯ ମାଇଲ୍ ଦୂରବର୍ତ୍ତୀ ହାରଓ୍ୱିଚ୍ ବନ୍ଦରରେ 'ଆରନ୍ ହେମ୍' ଜାହାଜରେ ବସିଲି ; ବ୍ରିଟିଶ ଚ୍ୟାନେଲରୁ ଉତ୍ତରସାଗରକୁ ଯାଇ ପରଦିନ ସକାଳୁ ହଲାଣ୍ଡର 'ହୁକ' ବନ୍ଦରରେ ଓହ୍ଲାଇଲି । ଆମେରିକାନ ଏକସପ୍ରେସ ବସ୍‌ରେ ବସିବା ଆଗରୁ ଫିକା ଲାଲ୍ କାରନେସନ୍ ଫୁଲଟିଏ ଉପହାର ଦେଇ ଡଚ ଯୁବତୀଟିଏ କହିଲା – Welcome to Holland ; ହଲାଣ୍ଡର ପ୍ରକୃତି ସହିତ ମନୁଷ୍ୟର ଅନବରତ ସଂଗ୍ରାମ ଲାଗି ରହିଛି । ସମୁଦ୍ରଠାରୁ ଭୂମି ଛଡାଇ ଆଣି ଡଚ୍‌ମାନେ ନିଜର ଦେଶର ସୀମା ବୃଦ୍ଧି କରି ଚାଲିଛନ୍ତି । ଦିନେ ଯେଉଁଠି ସମୁଦ୍ରର ନୀଳ ତରଙ୍ଗ କ୍ରୀଡ଼ା କରୁଥିଲା, ଏବେ ସେଠି ବ୍ୟାଙ୍କ୍, ରେସ୍ତରାଂ, କଲେଜ, ଉଦ୍ୟାନ ଶୋଭା ପାଉଛି ।

ହଲାଣ୍ଡରୁ ଆମେ ବେଲଜିଅମରେ ପହଞ୍ଚିଲୁ ; ଚବିଶ ହଜାର ବର୍ଗମାଇଲର ଛୋଟ ଦେଶଟିଏ ; ରାଜଧାନୀ ବ୍ରୁସେଲ୍‌ସରୁ କୌଣସି ସ୍ଥାନ ବସ୍‌ରେ ତିନି ଘଣ୍ଟାରୁ ଅଧିକ ଲାଗେନାହିଁ । ଏ ଦେଶରେ ମହୁଡ଼ମାରା ଚାଳଘର ବିଶେଷ ଦୃଷ୍ଟି ଆକର୍ଷଣ କରେ । ଏହା ଦାରିଦ୍ର୍ୟର ପ୍ରତୀକ ନୁହେଁ, ଆଭିଜାତ୍ୟର ଅତୀତ ପ୍ରୀତି—ଗ୍ରୀଷ୍ମରେ ଶୀତଳ, ଶୀତରେ ଉଷ୍ମ—ଏହା ଏକ ଉପଭୋଗ ।

ବେଷ୍ଟୋନ୍ ସହରରେ ଦ୍ୱିତୀୟ ମହାଯୁଦ୍ଧରେ ନିହତ ୭୬୮୯୦ ସୈନିକଙ୍କ ସ୍ମୃତି ରକ୍ଷା କରାଯାଇଛି । ୧୯୪୪ରେ ଏଠି ଆମେରିକାନ୍ ଓ ଜର୍ମାନ୍‌ମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ଚାଲିଥିଲା । 'ବାଟଲ୍ ଅଫ୍ ବଲ୍‌ଜ' ନାମରେ ଏହା ପ୍ରସିଦ୍ଧ ।

ବେଲ୍‌ଜିଅମ୍‌ରୁ 'ଲକ୍‌ସେମ୍ ବର୍ଗରେ' ଆମେ ପହଞ୍ଚିଲୁ । ଓଡ଼ିଶାର ଯେ କୌଣସି ଜିଲ୍ଲା ଅପେକ୍ଷା ଏହାର ଭୂମି ପରିମାଣ ଅଳ୍ପ । ଏହାର କ୍ଷେତ୍ରଫଳ ଏକ ହଜାର ବର୍ଗମାଇଲ ମାତ୍ର । ସମସ୍ତ ରାଜ୍ୟ ଦ୍ୱିତୀୟ ମହାଯୁଦ୍ଧ କାଳରେ ଏକ ରଣକ୍ଷେତ୍ରରେ ପରିଣତ ହୋଇଥିଲା । ଏହାକୁ କାରଖାନାରାଜ୍ୟ ଆଖ୍ୟା ଦେବା ଯଥାର୍ଥ; ଉତ୍କୃଷ୍ଟ ଲୌହ ଉତ୍ପାଦନ ଲାଗି ଏହା ପ୍ରସିଦ୍ଧି ଲାଭ କରିଅଛି ।

ତା'ପରେ ପ୍ରଶସ୍ତ ମୋଜେଲ ନଦୀ ଅତିକ୍ରମ କରି ଆମେ ପଶ୍ଚିମ ଜର୍ମାନୀରେ ପହଞ୍ଚିଲୁ; ଏହି ସମୃଦ୍ଧ ରାଜ୍ୟରେ ମାତ୍ର ଦୁଇଟି ଦିନ କଟାଇଥିଲି । ବେନ୍‌ସିମ୍ ସହରରେ ଡଲାର୍ ବଦଳାଇ ମାର୍କମୁଦ୍ରା ଆଣିଥିଲି, ହୋଟେଲ୍‌ରେ ପାଣି ମାଗିବାରୁ ବୟ କହିଲା—ଏଠି କେହି ପାଣି ପିଅନ୍ତିନାହିଁ, ଦୁଧ ବା କଫି ପିଅ । କିନ୍ତୁ କଫି କପ୍‌କୁ କିଣିବାଲାଗି ମୋତେ ୬୦ ସେଣ୍ଟ ବା ପାଞ୍ଚଟଙ୍କା ଦେବାକୁ ପଡ଼ିଥିଲା ।

ଜର୍ମାନୀର ପ୍ରାଚୀନତମ ହାଇଡେଲ୍‌ବର୍ଗ ବିଶ୍ୱବିଦ୍ୟାଳୟ ବିଜ୍ଞାନଶିକ୍ଷା ଲାଗି ଜଗତ୍‌ପ୍ରସିଦ୍ଧ । ସର୍ବଭେଦୀ ଗାମା ରଶ୍ମି ଏହି ବିଶ୍ୱବିଦ୍ୟାଳୟରେ ଉଦ୍ଭାବିତ ହୋଇଥିଲା ।

ତା'ପରେ ସ୍ୱିଜରଲାଣ୍ଡ—ଏହା ଆକାରରେ ଓଡ଼ିଶାର ଏକ ଚତୁର୍ଥାଂଶ ମାତ୍ର । ଲୋକସଂଖ୍ୟା ତ୍ରିଶ ଲକ୍ଷ । ଜର୍ମାନ୍, ଫ୍ରେଞ୍ଚ୍, ରୋମାନକ୍, ଇଟାଲୀୟ—ଏଇ ଚାରିଗୋଟି ଭାଷା ଏଠି ପ୍ରଚଳିତ । ସମସ୍ତ ଦେଶକୁ ୨୨ଟି କାଣ୍ଟନ୍‌ରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ କାଣ୍ଟନ୍ ବହୁଳାଂଶେ ସ୍ୱାୟତ୍ତ ଶାସନ ଉପଭୋଗ କରେ ।

ଏଠା ହ୍ରଦମାନଙ୍କରେ ଜଳଯାତ୍ରା ଓ ଟ୍ରଲିରେ କୁହୁଡ଼ିଭରା ପର୍ବତଆରୋହଣ ବିଶେଷ ପ୍ରୀତିପ୍ରଦ ହୋଇଥିଲା ।

ତା’ପରେ ସ୍ୱିଜରଲାଣ୍ଡ ଓ ଅଷ୍ଟ୍ରିଆର ମଧ୍ୟବର୍ତ୍ତୀ ଦେଶ ଲାଇଚେନ୍‌ଷ୍ଟାଇନ୍ ରାଜ୍ୟ; କ୍ଷୁଦ୍ରତମ—ମାତ୍ର ୬୧ ବର୍ଗମାଇଲ୍ ମାତ୍ର । ଏହାର ଦେଶରକ୍ଷା ବାହିନୀ ନାହିଁ; ଯାନବାହନ ଚଳାଚଳ ଓ ଶାନ୍ତିରକ୍ଷା ଲାଗି ମାତ୍ର ୨୨ ଜଣ ପୁଲିସ୍ ଅଛନ୍ତି ।

ଅଷ୍ଟ୍ରିଆର ଅଧିକାଂଶ ପାହାଡ଼ୀ ଭୂଇଁ—ପାହାଡ଼ ଉପରେ ଓ ତଳେ କାଷ୍ଠ ଗୃହର ଗ୍ରାମସବୁ; ଅଷ୍ଟ୍ରିଆରେ ସିଲିଂ ମୁଦ୍ରା ଚଳେ—୧ ଡଲାର୍ =୨୫ ସିଂଲିଂ । ଏହି ରାଜ୍ୟରେ ବସରେ ଆଲପସ୍ ପର୍ବତ ପାରିହେଲା ବେଳେ ମୁଁ ‘ଆଲପସେ ବର୍ଷା ଝରେ’ କବିତାଟି ଲେଖିଥିଲି ।

ପିଆପି ନଦୀ ପାରହେବା ପରେ ଦୂରରୁ ଜଳାର୍ଣ୍ଣବ ମଧ୍ୟରେ ଇଟାଲି’ର ଭେନିସ୍ ସହରର ଆଲୋକମାଳା ଦେଖାଗଲା । ଭେନିସ୍ ନଗରର ପଥ ଜଳପଥ, ଏଥିରେ ବସ୍ ଟ୍ରାମ୍ ନୁହେ, ‘ଗଣ୍ଡୋଲା’ ଚାଲେ । ଭେନିସ୍‌କୁ ଆଡ୍ରିୟାଟିକ୍ ସମୁଦ୍ରର ରାଣୀ ଆଖ୍ୟା ଦିଆଯାଇଥିଲା । ନୀଳ ଜଳାବଧିରୁ ବିପୁଳ ଶଙ୍ଖମଲମଲ ସୌଧସବୁ ଉଠି ଗଗନ ଚୁମ୍ବନ କରୁଛନ୍ତି ।

ତା’ପରେ ‘ପୋ’ ନଦୀ ପାର ହୋଇ ଆମେ ‘ଫେରାରା’, ‘ପାଡୁଆ’, ‘ବଲୋନା’ ସହର ଦେଖି ଶେଷରେ ଫ୍ଲରେନ୍‌ସ ନଗରୀରେ ଉପନୀତ ହେଲୁ । ନଗରୀର ମଧ୍ୟ ଭାଗରେ ଆର୍‌ନୋ ନଦୀ ପ୍ରବାହିତ । ମହାକବି ଦାନ୍ତେଙ୍କ ଜନ୍ମସ୍ଥାନ ଭାବରେ ଫ୍ଲରେନସ ଜଗତ୍‌ବିଖ୍ୟାତ । କିନ୍ତୁ ଏହି ନଗରୀ ସେ ଦିନ ତାଙ୍କ ପ୍ରତିଭାକୁ ଚିହ୍ନିପାରି ନ ଥିଲା । ୧୩୦୧ରେ କବିଙ୍କୁ ନିର୍ବାସନ ଓ ମୃତ୍ୟୁଦଣ୍ଡ ଦିଆ ହୋଇଥିଲା ।

ଫ୍ଲରେନ୍‌ସ ଉନ୍ନତ କଳା, ଭାସ୍କର୍ଯ୍ୟ ଓ ସାହିତ୍ୟ ଯୋଗୁଁ ପଶ୍ଚିମ ଇଉରୋପର ଏଥେନ୍‌ସ ନାମରେ ପ୍ରସିଦ୍ଧି ଲାଭ କରିଥିଲା । ମାଇକେଲ୍ ଆଞ୍ଜେଲୋ, ଲିଓନାର୍ଡ ଭିଞ୍ଚି ଓ ରାଫେଲ୍‌ଙ୍କ କଳା ଯୋଗୁଁ ଏହା ଜଗତ୍ ବିଖ୍ୟାତ ।

ଆର୍‌ନୋ ନଦୀର ତୀରେ ତୀରେ ଯାତ୍ରା କରି ଶେଷରେ ଆମେ ଟାଇବର ନଦୀ କୂଳରେ ରୋମ୍ ନଗରୀରେ ପ୍ରବେଶ କଲୁ । ଜୀର୍ଣ୍ଣ ରୋମାନ ବାଥ୍, ଥିଏଟର୍ ହଲ୍; ମୂର୍ତ୍ତିସବୁ ଅଦ୍ୟାପି ଦୃଷ୍ଟି ଆକର୍ଷଣ କରେ । ପୋପ୍‌ଙ୍କ ଅସ୍ଥାନ ଯୋଗୁଁ ଏହା ଜଗତ୍‌ପ୍ରସିଦ୍ଧ । ଇଟାଲୀରେ ପ୍ରଚଳିତ ମୁଦ୍ରାର ନାମ ଲିରା—୧ ଡଲାର୍ =୬୦୦ ଲିରା ।

ପୋପ୍‌ଙ୍କ ଭାଟିକାନ୍ ସିଟି, ମାଇକେଲ୍ ଆଞ୍ଜେଲୋଙ୍କ ନିର୍ମିତ ମାର୍ବଲ୍ ମୂର୍ତ୍ତି ଓ ଅଙ୍କିତ ଫ୍ରେସ୍‌କୋ, ପିସା ନଗରର ଲକ୍ଷତ୍ ଅବନମ୍ର ଟାୱାର୍, କଲମ୍ବସ୍‌ଙ୍କ ଜନ୍ମସ୍ଥାନ ଜେନୋଆ ଦେଖି ଆମେ ଭୂମଧ୍ୟସାଗର ତୀରେ ତୀରେ ଫ୍ରାନ୍‌ସ ଯାତ୍ରା କରିଥିଲୁ, ‘ନାଇସ୍’ ନଗରୀର ସମୁଦ୍ର ତୀର ବାଲୁକାହୀନ, ଉପଳମୟ । ତିନୋଟି ନଗରୀବିଶିଷ୍ଟ ସ୍ୱାଧୀନ ମନାକୋ ରାଜ୍ୟ ଏହାର ମୁହାମୁହିଁ ହୋଇ

ରହିଛି । ଯାତ୍ରୀସମାଗମ ଓ ଦ୍ୟୂତକ୍ରୀଡ଼ା ଆୟ ଉପରେ ନିର୍ଭର କରି ଏହି ରାଜ୍ୟ ଚଳେ ।

ମନାକୋରୁ ଆମେ ପାରିସ୍ ଯାତ୍ରା କରିଥିଲୁ । ପ୍ୟାରିସ୍‌ର ଆଇଫେଲ୍ ଟାଓ୍ବାର, ବିଭିନ୍ନ ମ୍ୟୁଜିଅମ୍, ମୋନାଲିସାର ହସ ଓ ଲିଡୋ ନୃତ୍ୟ ଦେଖି ଗୋଟିଏ ମିଶରୀୟ ଉଡ଼ାଜାହାଜରେ ପ୍ରାୟ ରାତି ବାରଟା ବେଳେ କାଏରୋରେ ପହଞ୍ଚିଲି । କାଏରୋରେ ଦୁଇଦିନ ରହି ମ୍ୟୁଜିଅମ୍ ଦେଖିଥିଲି; ନୀଳ ନଦୀରେ ଜଳଯାତ୍ରା କରିଥିଲି । ସାହାରା ମରୁଭୂମି, ପିରାମିଡ୍, ସ୍ଫିଙ୍କ୍ସ ଓ ସାରକୋଫାଗସ୍ ସବୁ ଦେଖି କାଏରୋରୁ କଲିକତା ଓ ତା'ପରେ କଟକ ଫେରି ଆସିଥିଲି । ଆମେରିକାରୁ ଇଉରୋପ ଆଫ୍ରିକାର ପରିକ୍ରମା ଲାଗି ମୋତେ ସାଢେ ଚାରିମାସ ସମୟ ଲାଗିଥିଲା । ପ୍ରାୟ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ସବୁ ଇଚ୍ଛା, ଉଦୟ ଦେଇଥିଲେ ।

କେତେ ନୂଆ ନୂଆ କବିତା ଲେଖିବି ବୋଲି ଯୋଜନା କରି ଆସିଥିଲି । ସବୁ 'ପାଣି ଫାଟିଗଲା' । ଲେଖିଲି କେବଳ 'ଆମେରିକାରୁ ଇଉରୋପ ଆଫ୍ରିକା' ଭ୍ରମଣ କାହାଣୀ—ବିପୁଳ ଅନୁଭବର ଆନନ୍ଦ ନିଃସରଣ ।

# ମୋ ଗ୍ରାମ—ବ୍ୟକ୍ତିକ ଓ ସାମାଜିକ

## ଉଭୟଚର

କେହି ଗ୍ରାମବାସୀ, କେହି ସହରବାସୀ—ମୁଁ କିନ୍ତୁ ଉଭୟଚର; କେତେବେଳେ ଏପାଖ ପିଚ୍ ରାସ୍ତାରେ, କେତେବେଳେ ବା ଗହୀର ବିଲ ସବୁଜିମାର କୋଇଲଖା କଣ୍ଟା ଭିତରେ । କେତେବେଳେ ପ୍ୟାଣ୍ଟ କୋଟ୍‌ର ଛାପ ଚିକ୍‌କଣିଆ ମହଲରେ, କେତେବେଳେ ଚିରା କରିଆପିନ୍ଧା ଫୁଟା ମେଳରେ ମୋ ଜୀବନ କଟେ । ସାହିତ୍ୟର ସ୍ତରେ ସ୍ତରେ ମୋର ଉଭୟଚରତ୍ୱର ପ୍ରମାଣ । କିନ୍ତୁ ଗ୍ରାମ ପ୍ରତି ଟିକିଏ ଦରଦ ଅଧିକ । ସହରଟା ବାହାରେ, ଗ୍ରାମ ଏକାନ୍ତ ନିଜସ୍ୱ ପରି ଥିଲା ମନରେ । ତାର ଅବହେଳିତ ତରୁତୃଣ ମୋର ପ୍ରିୟ, ତାର ଶ୍ରୀ ସୌହାର୍ଦ୍ଦ୍ୟ, ହ୍ରୀ ଓ ଅହ୍ଲାଦ, କୋମଳତା ଓ କାରୁଣ୍ୟ ଏକାନ୍ତ ମର୍ମସ୍ପର୍ଶୀ ଥିଲା, ତା'ର ଜୀବନ ମୋ ଜୀବନକୁ ଅର୍ଦ୍ଧାଧିକ ଆବୋରି ବସିଥିଲା । ତାର ଲାଜକୁଳୀ ଲତା ଓ ନାରୀ, ତାର ଲୁହ ଓ ଗୀତ, ତାର ଅସଜଡ଼ା ବେଶ ଓ ଶାନ୍ତ ସରଳ ବିଶ୍ୱାସ, ଘୋର ଦାରିଦ୍ର୍ୟ ମଧ୍ୟରେ ତାର ଧୃତି, ବୃତି, କର୍ମମତି ଓ ସହନଶୀଳ ଶକ୍ତି, ତାର ଅନାବନା ସର୍ଜନ ଓ ଅଟଳ

ଈଶ୍ୱରୈକ ଆସ୍ଥା, ତାର ନମ୍ରନତ ସ୍ୱଭାବ ଓ କମ୍ରକାନ୍ତ ଭାବବିଳାସ, ତାର ପୁଣ୍ୟ ପର୍ବ, ଯାତ୍ରାଲୀଳାରସିକତା ଓ ହାସ୍ୟବ୍ୟଙ୍ଗପଟୁତା ମୋତେ ମନ୍ତ୍ରମୁଗ୍ଧ କରି ରଖିଥିଲା; ତାର ଜୀବନସଂଗ୍ରାମ ପଛେ ପଛେ ପରୋକ୍ଷ ଭାବେ ମୁଁ ଥିଲି । କେତେବେଳେ ଆର୍ଥିକ ସାହାଯ୍ୟ, କେତେବେଳେ ନୈତିକ ସମର୍ଥନ ବା ଦେଉଥିଲି । ତେଣୁ ମୋ ପଛେ ପଛେ ଅସହିଷ୍ଣୁ ପଶୁଶକ୍ତିର ସଂଶୟ ଦୃଷ୍ଟି ବୁଲୁଥିଲା, ମୋ ଚାକିରୀଟି ନେବା ଲାଗି କମ୍ୟୁନିଷ୍ଟ ବୋଲି ଗୁପ୍ତ ରିପୋର୍ଟଟିଏ ପଠାଇଥିଲା ।

ଭଇନା ମଲ୍ଲପରେ ଗାଆଁ ସହିତ ନିବିଡ଼ ଯୋଗାଯୋଗ ରଖିଥିଲି । ବେଳେ ବେଳେ ଘରକୁ ଯାଇ ସବୁ ଖବର ବୁଝୁଥିଲି । ଆମ ଘରେ ଲାଗିଥିବା ପୁରୁଣା ଲୋକ ଏକାନ୍ତ ବିଶ୍ୱସ୍ତ ଥିଲେ । ସେମାନଙ୍କ ବଳରେ ଆମେ ପୂର୍ବପରି ହାଡରଷ ଚଳାଉଥିଲୁ । ଗ୍ରାମର ଭାଗ୍ୟ ସହିତ ଆମର ଭାଗ୍ୟ ଜଡ଼ିତ ଥିଲା । ସ୍ୱଚ୍ଛନ୍ଦ ଓ ପ୍ରତିଷ୍ଠିତ ହେବାପରେ ଏହାର ଯତସାମାନ୍ୟ ଉନ୍ନତି କରିବାଲାଗି ଚେଷ୍ଟା କରିଥିଲି । ହାଇସ୍କୁଲ, ପଶୁଡାକ୍ତରଖାନା, ପୋଷ୍ଟଅଫିସ ସେହି ଚେଷ୍ଟାର ଫଳ । ଉଗ୍ର ସଂସ୍କାରକ ମୁଁ ନ ଥିଲି । ବିବାହ ବ୍ରତ, ଭୋଜଭାତ ଓ ମୃତାହ କ୍ରିୟାରେ ନିଜ ଅବସ୍ଥା ପ୍ରତି ଆଖି ବୁଜି ଦେଇ ଯଥେଚ୍ଛା ଖର୍ଚ୍ଚ କରି ଲୋକେ ନିଃସ୍ୱତର ହେଉଥିଲେ । ତାହାକୁ ରୋକିବାର ବାଟ ପାଇ ନ ଥିଲି କିମ୍ବା ସରକାରୀ ଚାକିରୀ କରି ସମାଜ ବିରୁଦ୍ଧରେ ଛିଡ଼ା ହେବାକୁ ଅବସର ନ ଥିଲା ବା ସାହସ କୁଳେଇ ନ ଥିଲା । କେବଳ ବ୍ରାହ୍ମଣମାନଙ୍କ ହାତ ଲାଙ୍ଗଳକଣ୍ଟିରେ ପକାଇବାକୁ ଚେଷ୍ଟା କରିଥିଲି । କାରଣ କର୍ମକୋଡ଼ିପଣରୁ ଏହି ସମାଜ ଦିନେ ନିଶ୍ଚିହ୍ନ ହୋଇଯିବ, ମୋର ବିଶ୍ୱାସ ଜନ୍ମିଥିଲା । ଗ୍ରାମରେ ଯାହା କିଛି ସତ୍‌କର୍ମ କଲେ ପଶୁଶକ୍ତି ବାଧା ସୃଷ୍ଟି କରୁଥିଲା । ସେହି ଶକ୍ତି ଏବେ କାବୁ ହେବା ପରେ ଓ ଆମର ଆର୍ଥିକ ସଂଗତି ଫେରିଲା ପରେ ଅବାଧ ଭାବରେ ସତ୍‌କର୍ମ କରିବା ସମ୍ଭବ ହେଲା ।

## ଇତିହାସ ନା ଉପନ୍ୟାସ ?

ଏବେ ଉପନ୍ୟାସ ପରି ଲାଗେ, କିନ୍ତୁ ଦିନେ ଇତିହାସ ଥିଲା । ଐତିହାସିକଙ୍କ ଦୃଷ୍ଟି ଏଡ଼ି ଯାଇଥିଲା, କିନ୍ତୁ ଲେଖକ ମନରେ ଗଭୀର ଗାର ଟାଣିଥିଲା—କାଦୁଅ ବଳବଳ, ଲୁହ ଛଳ ଛଳ ପଡ଼ାଗ୍ରାମ, ଏହାର ନିପାରିଲା, ପଛବୁଦ୍ଧିଆ, ନିର୍ବୁଦ୍ଧିଆ ମଣିଷ ପରିସ୍ଥିତିର ଚାପରେ, ଅବସ୍ଥାର ଚକ୍ରାନ୍ତରେ ଯେଉଁମାନଙ୍କ ହାତ ଟୁଣ୍ଡା ହୋଇଯାଇଥିଲା; ପଛକୁ ଅଲୁଅ ପକାଇଲେ ଦିଶେ—ସେ ଦିନର ଏକାନ୍ତ ସ୍ୱଚ୍ଛଳ ମୋ ଆଖି ଆଗରେ ଖପରରେ ଖାଇଲେ, କଉପୁନୀ ମାରିଲେ, ସହୁଅ ମକଦ୍ଦମଙ୍କ ନାତି ମୂଳ ଲାଗିଲେ; ଭଣ୍ଡା ଭଣ୍ଡା ପାଞ୍ଚଣେଣିଆ ଚାଳସବୁ ଭୂଇଁରେ ଶୋଇଗଲା, ଛିଡ଼ାହେଲା ଗଣ୍ଡା ଗଣ୍ଡା ଗଣ୍ଡିଆ କାନ୍ଥ ।

ଭଗବାନ୍ ଦାଶଙ୍କୁ ଆଙ୍ଗୁଠି ଦେଖାନ୍ତି ସେମାନେ—ସେଇ ଆମକୁ ମାଗି ଖୁଆଇଲା, ପଣ୍ଡମାନଙ୍କୁ ବଡ଼ଦାଣ୍ଡରେ ବସାଇଲା; ଜମିବାଡ଼ି, ଗଛବୃଛ, ଗଡ଼ିଆ ପୋଖରୀ ସବୁ ନେଲା, କିନ୍ତୁ ନିଜ ଦୁର୍ବଳତା, ଦୋଷତ୍ରୁଟି ଆଖିରେ ପଡ଼େନାହିଁ । ଯେ ନେଲା ତାର ପାରିଲାପଣ । ସେ [illegible] କିଛି ନେଇ ନ ଥିଲା । ମାଡ଼ ତ

ଦୂରର କଥା, କାହାକୁ ଦିନେ ତୁଣ୍ଡ ବି ଛୁଡ଼ି ନ ଥିଲେ । ଖୁବ୍ ସହଣ୍ଟିକପଣ ଥିଲା ତାଙ୍କର । ପାଞ୍ଚ ପଦ ଗାଳିଦେଲେ ବି ସେ ମୁଣ୍ଡ ନୁଆଇଁ ଚାଲିଆସୁଥିଲେ । ଧୀରେସୁସ୍ଥେ ଗୋଟିକ ପରେ ଗୋଟିଏ ଗଡ଼ ସେ ଜୟ କରି ଚାଲିଗଲେ । ଗୋଟିଏ ହେଲେ ମକଦ୍ଦମାରେ ତାଙ୍କର ହାରକ ନ ଥିଲା । ଚାରି ଦିଗକୁ ବନିଶ ପକାଇ ମଝିରେ ବସିଥିଲେ ସେ, ଝିଙ୍କୁଥିଲେ ଟପ୍ ଟାପ୍ ; ବେଳେ ବେଳେ ରୁଘବକୁ ବି ଘୋଷାରି ଆଣୁଥିଲେ ।

ଜମି ବାସୁଥିଲା ତାଙ୍କୁ । ଖଣ୍ଡିକ ପରେ ଖଣ୍ଡିଏ ମିଶାଇ କରିଥିଲେ ଗୋଟା ଗୋଟା ଗହୀର । ତାଙ୍କର ବିଶ୍ୱାସ ଜନ୍ମିଥିଲା—କାମନା ପୂରଣ କରିବାଲାଗି ସ୍ୱୟଂ ଦେବତାମାନେ ମଞ୍ଚମଣ୍ଡଳକୁ ଆସୁଛନ୍ତି । ସେ ଲକ୍ଷ୍ମୀଠାକୁରାଣୀଙ୍କ ଅଲ୍ୟଳ ପୁଅ । ପୁଣ୍ଡରିକବାସୁଦେବ ପରି ଚତୁର୍ଧାମୂର୍ତ୍ତି ସାଜି ନ ଥିଲେ ସତ୍ୟ, କିନ୍ତୁ କହୁଥିଲେ— ମତେ ଡାକ, ମୁଁ ପାଞ୍ଚଗୌଣୀ, ତିନିଗୌଣୀ ଦେବି, ଭଗବାନ୍ ଦେବେ କଣ ?

ମୋର ବିଶ୍ୱାସ, ଅଧିକାଂଶ ଧନୀ ବ୍ୟକ୍ତିଙ୍କର ମତିଗତି ପ୍ରାୟ ଏକାପରି । ଦୁର୍ଭିକ୍ଷକୁ ଡାକନ୍ତି ସେମାନେ; ଅକାଳ ନ ପଡ଼ିଲେ ଲୋକେ ଅମାନିଆଁ ହୋଇଯିବେ । ଲୋକଙ୍କ ବିପଦ ଭିତରୁ ହିଁ ବଡ଼ଲୋକର ସମ୍ପଦ ଛଣାହୁଏ । ସେତେବେଳେ ଧୁସ, କଣ୍ଟା, ଅଗାଡ଼ିର ବି ମୂଲମାନ ହୁଏ, ଫାନ୍ଦରେ ପଡ଼ି ଶିକାର ଛଟପଟ ହେଉଥିଲା-ବେଳେ ସେମାନଙ୍କୁ ଦେଖିବାକୁ ସୁଖ ଲାଗେ; ମଣିଷର ଘଣ୍ଟିକା ଚିପିଲାବେଳେ ଯୋଉ କେଁ ଉଠେ, ଶୁଣିବାକୁ ସଙ୍ଗୀତପରି ଲାଗେ । ଭଗବାନ୍ ଦାଶ ସେଇ ଏକା ଲାଉର ମଞ୍ଜି, ଗୋଟାଏ ଯନ୍ତ୍ରର କାରସାଦି । ଦେଶସାରା ୯ଇ କଟାଶ ମହାବଳମାନଙ୍କ ଉପଦ୍ରବରେ ପଲ୍ଲୀସବୁ ନାରଖାର ହୋଇଯାଇଥିଲା । ରଜା, ଜମିଦାର, ମହାଜନ ସମସ୍ତେ ତ ଗଲେ, ସେମାନଙ୍କ ସଙ୍ଗେ ଗଲେ ଭଗବାନ୍ ଦାଶ ।

ତାଙ୍କ ପୁଅ ରାମ ଦାଶ ଠିକ୍ ବାପଓଲିରେ ପୁଅ, ଛଞ୍ଚିବାକୁ ଏକା ସେଇ ମଣିଷ । ଦେଖୁ ଦେଖୁ ସମସ୍ତେ ହେଲେ ତାଙ୍କ ଖାତକ; ତାଙ୍କ ଦଉଲତ ସଙ୍ଗେ ମାମଲତ ଓ ମାମଲା ବଢ଼ିଚାଲିଲା । ବାପ୍‌ସେ ବେଟା ଜ୍ୟାଦା ।

କିନ୍ତୁ ବିରଡ଼ି ଛିଙ୍କିଦେଲା । 'ରାମରାଜ୍ୟ'ରେ ଭରି ଗୋଟାଏ ଚହଳ । କମ୍ୟୁନିଷ୍ଟ । ସତେକି ଗଣ୍ଡାଗୟଳ ମାଡ଼ି ଉଠିଲେ ।

ହଠାତ୍ ଆଖି ଫିଟିଗଲା, କୋର୍ଟକଚେରୀ ଦେଖିଆସି ଲୋକେ ନିଧଡ଼କ, ଚାଲାକୀଚତୁର ହୋଇଗଲେ । ଭଟୁଆଳୀ ଭାଗ ଦେଲେନାହିଁ; ଭାଗ କାଳେ ସାବ୍ୟସ୍ତ ହୋଇଯିବ—ମକଦ୍ଦମ ଏଇ ଶଙ୍କାରେ ରସିଦ୍ ଦେଉ ନ ଥିଲେ । ରାମ ଦାଶେ ମକଦ୍ଦମା କରି କେତେକ ଜମିରୁ ପ୍ରଜାଙ୍କୁ ବେଦଖଲ କଲେ । କିନ୍ତୁ ଚାଷୀମାନେ ତାଙ୍କର ଅନ୍ୟ ଜମିସବୁ ଦଖଲ କରିଗଲେ । କଣ ନା ଭାଗଜମି । କେତେ ମକଦ୍ଦମା କରିବେ ? ଫଳ କଣ ? କୋଠି, ଖଳା, ଖଣି ଖାଲି ହେଲା । ପୋତାମାଲ ବି ସରି ସରି ଆସିଲା । ତାଙ୍କରି ଧାନ ବିକି ତାଙ୍କ ବିରୁଦ୍ଧରେ ଲୋକେ ମକଦ୍ଦମା ଚଳାଇଲେ, ତାଙ୍କ ବିଲରେ ଗୋରୁ ଚରାଇଲେ; ତାଙ୍କ ଧନ ଯୋଉଠି ପାରିଲେ ସେଠି ଅନ୍ଧାରିଆ କଲେ । ଦାଶେ ସବୁ ଦେଖି ବି ଢଳକାପରି ରହିଲେ । ପାଟି ଫିଟାଇବାର ଯୁ ଙ୍କ ଥିଲା ।

ତାଙ୍କର ଏକମାତ୍ର ପୁତ୍ର ପ୍ରଫୁଲ୍ଲ ଦିନେ କହିଲା—ନନା, ମତେ କଣ ଆଉ ସଂସାରରେ ରଖିବନାହିଁ ? ମୁଁ କାହା ସଙ୍ଗେ ଚଳିବି ? ସମସ୍ତେ ତ ଶତ୍ରୁ !

ଦଶପଚିଶଖଣ୍ଡ ଗ୍ରାମର ଭଲଲୋକ ତକା ହୋଇ ନ୍ୟାୟନିଷ୍ପାପ ହେଲା । କେତେବେଳେ ନ୍ୟାୟଦଣ୍ଡ ରଜାଙ୍କ ଆଡ଼କୁ, କେତେବେଳେ ବା ପ୍ରଜାଙ୍କ ଆଡ଼କୁ ଢଳିଲା । କିଛି ଛିଡ଼ିପାରିଲା ନାହିଁ । ନିଆଁ ହୁ ହୁ ଜଳିବାକୁ ଲାଗିଲା; ଅରାଜକତା ଅନ୍ୟ ଗ୍ରାମମାନଙ୍କୁ ବ୍ୟାପିବାର ଶଙ୍କା ବି ହେଲା । ରଜା ଓ ପ୍ରଜା ଉଭୟଙ୍କର ମୋ ଉପରେ କିଛି ବିଶ୍ୱାସ ଥିଲା । ମୋହନ ଦାଶ ତ କମ୍ୟୁନିଷ୍ଟ ନେତା । ଆମ ଉଭୟଙ୍କ ଭଲଲୋକୀରେ ଭୁଖୁଆଳୀ ପ୍ରଜାଙ୍କୁ ମାଣକେ ପାଏ ଜମି ଛାଡ଼ିଦିବାର କଥା ହେଲା । ଗଡ଼ିଆ, ପୋଖରୀ, ଡୋଳବେଦୀ, ଶ୍ମଶାନ, ବାଟଘାଟ ସର୍ବସାଧାରଣଙ୍କ ଚଳାଚଳ ଲାଗି ଛାଡ଼ିଦେବା, ନାମମାତ୍ର ଦାମ୍‌ରେ ଭିହବାଡ଼ି, ଗଛବୃଛ ପ୍ରଜାଙ୍କୁ, ମାଣେ ଜମି ଇଷ୍ଟଦେବ ଗୋପୀନାଥଙ୍କୁ, ତିନି ଏକର ଜମି 'ଚିନ୍ତାମଣିବିଦ୍ୟାପୀଠ'କୁ କବଲା କରିଦେବାର କଥା ହେଲା ।

ନେଇ ନେଇ ଯାହାର ଜୀବନ ଯାଇଛି, ସେ କେମିତି ଏତେ ଜମି ମୁର୍ଛି ପାରିବ ? ପ୍ରାୟ ୫୦ ଏକର ଜମି ତାଙ୍କ ହାତରୁ ଖସି ଯାଉଥିଲା । ଛାତି ଫାଟିଗଲା ପରି ଲାଗୁଥିଲା । ଦାଶେ କିଛି ନା କିଛି ଅଳ ଦେଖାଇ ଟାଳଟୁଳ କଲେ । ପିପିଲି ରେଜେଷ୍ଟ୍ରି ଅଫିସ୍‌କୁ ପ୍ରଜାମାନେ ସକାଳେ ଯାଇ ସନ୍ଧ୍ୟାରେ ଫେରିଲେ ପେଟରେ ଭୋକ, ଆଖିରେ ନିଆଁ ।

ମାର୍ଗଶୀର ମାସ ଗୁରୁବାର—ଲକ୍ଷ୍ମୀପୂଜା । ଗ୍ରାମବାସୀମାନେ ତାଙ୍କ ଆଖି ଆଗରେ ତାଙ୍କ ଖଳାରୁ ସେଦିନ ଗୋଟାଏ ଧାନଗଦା ବୋହିନେଲେ । 'ନିଅନାହିଁ' ବୋଲି କହିବାକୁ ଜିଭ ଲେଉଟିଲାନାହିଁ ବା ସାହସ କୁଳେଇଲାନାହିଁ । ଏଇ ଚରମ ଅପମାନ ଓ ଅଲକ୍ଷଣା କଥା ଘଟିଲାପରେ ଯାଇ ଦାଶଙ୍କର ଚେତା ପଶିଲା । ପ୍ରତିଶ୍ରୁତ ଜମିରୁ ଅଧିକାଂଶ କବଲା କରିଦେଲେ ।

ଜମିମାଲିକଙ୍କ ପତନପରେ ବହୁବର୍ଷବ୍ୟାପୀ ସଂଗ୍ରାମର ଅବସାନ ହେଲା । ନାମସଂକୀର୍ତ୍ତନ, ପାଟୁଆଯାତ୍ରା ଓ ଗ୍ରାମ୍ୟ ଯାନିଯାତ୍ରାର ପ୍ରାୟ ବିଲୋପ ଘଟିଥିଲା । ଉଷାବ୍ରତ, ଦୋଳଦଶହରାର ଉନ୍ମାଦନା ଭଙ୍ଗା ପଡ଼ିଯାଇଥିଲା । 'ଦେବତା ଏତେକାଳ ଦେଇନାହାନ୍ତି, କେବେ ଦେବେନାହିଁ । ଦାରିଦ୍ର୍ୟ ଦୂର କରିପାରିବେ ନାହିଁ ରୋଗବ୍ୟାଧି ନିକାଶ କରିପାରିବେ ନାହିଁ । ନିଜ ଗୋଡ଼ରେ ହିଁ ଛିଡ଼ାହେବାକୁ ହେବ ।' ଏଇ ବିଶ୍ୱାସ ଲୋକଙ୍କ ମନରେ ଜମାଟ ବାନ୍ଧିଲା । ବନ୍ଦ ହୋଇଗଲା ପୁରଣ ପଢ଼ା, ଭାଗବତ ସପ୍ତା । ନିର୍ମିତ ହେଲା ଯୁବକସଙ୍ଘ, ପାଠାଗାର । ଜାଗ୍ରତ ହେଲା ନୂଆ ଭାବରେ ଜୀବନ ଗଢ଼ିବାର ପ୍ରେରଣା । ଆମ ଗ୍ରାମର ଗତିରୁ ହିଁ ଓଡ଼ିଶାର ଗ୍ରାମୀୟ ପ୍ରଗତିର ସ୍ଥୂଳଧାରଣା କରଯାଇପାରେ, ଯେପରି ଭାତହାଣ୍ଡିରୁ ଗୋଟିଏ ଚିପିଲେ ଜଣାଯାଏ ।

କିନ୍ତୁ ପୁଣି ବିରାଡ଼ି ଛିଙ୍କିଲା; ଗାଆଁରୁ ବହୁ ନେତା ବାହାରିଲେ, ଗାଆଁକୁ ନିଜ ବାଟରେ ଚଳାଇବାକୁ ଚେଷ୍ଟା କଲେ—ଅଳ୍ପପାଠୁଆ, ଅପାଠୁଆ । 'ଅଳ୍ପବିଦ୍ୟା ଭୟଙ୍କରୀ', ମୂର୍ଖତା ବି ଅଳ୍ପ ଭୟଙ୍କରୀ ନୁହେଁ । ନେତା ନେତା ମଧ୍ୟରେ ସଂଘର୍ଷ

ଲାଗିଗଲା, ଲୋକେ ତା ମଧ୍ୟରେ ଯନ୍ତି ହୋଇ ଯାଇଥିଲେ, ସାର ହେଉଥିଲା ଯନ୍ତ୍ରଣା ।

ରାମ ଦାଶଙ୍କ ପତନ ପରେ ପ୍ରଫୁଲ୍ଲ ଦାଶେ ମାମଲତକାର ହେଲେ, ସେ ହେଲେ ସରପଞ୍ଚ । ଟ୍ରାକ୍‌ଟରଟିଏ କିଣି ସେ ଆଧୁନିକ ଧରଣର ଋଷ କଲେ । ସମସ୍ତ ତିନିଭାଗରେ ବଣ୍ଟା ଅବ୍‌ ହେଲେବି ତାଙ୍କ ଧାନ ପରିମାଣ କମିଲା ନାହିଁ । ଏହା ଅଭିଜ୍ଞ ରାମ ଦାଶ ଓ ତାଙ୍କର ନିରଳସ ଆୟୋଜନର ଫଳ ।

ଆନ୍ଦୋଳନବେଳେ ସେ ଇଷ୍ଟଦେବ ଗୋପୀନାଥଙ୍କୁ ମାଣେ ଜମି ଦେବେ ବୋଲି ଜବାବ୍‌ ଦେଇଥିଲେ । ଟାଳଟୁଳ ନୀତି ଫଳରେ ଏହା ଏକ କୂଟଚକ୍ରାନ୍ତ ଭିତରେ ପଡ଼ିଗଲା ! ଏହାକୁ ଆଳ କରି ଅଧଃପତିତ ନେତାମାନେ ଆତ୍ମୋତ୍‌ଥାନର ଏକ ବାଟ ଖୋଜିଲେ, ଏକ ଆନ୍ଦୋଳନ ସୃଷ୍ଟି ହେଲା; ଲୋକେ ସେମାନଙ୍କ କଥାରେ ଭାସିଗଲେ । ପାଚିଲାଧାନ କାଟିନେବା ହେଲା ଏକ ପ୍ରଲୋଭନ । ପ୍ରାୟ ଦଶମାଣ ଜମିର ଫସଲ ଏହିଭଳି ନଷ୍ଟ ହେଲା । ବାରିକ ଖିଅର ବନ୍ଦ କଲା । ପଡ଼ୋଶୀ ଅଠରଖଣ୍ଡ ମୌଜାର ମୁଖିଆମାନେ ଏ ସମସ୍ୟାର ସମାଧାନ ଚେଷ୍ଟା କଲେ ।

କିନ୍ତୁ ସେମାନଙ୍କ ସବୁ ଚେଷ୍ଟା ବ୍ୟର୍ଥ ହେଲା, ଅରାଜକତା ବ୍ୟାପିବା ଶଙ୍କାରେ ସେମାନେ ଦୁର୍ବଳତର ପକ୍ଷକୁ ସାହାଯ୍ୟ କଲେ; ଧାନ କାଟିବାଲାଗି ମୂଲିଆ, ଖିଅର କରିବାଲାଗି ବାରିକ ପଠାଇଲେ । କଥା ଅଛି—

ମୂଲିଆ ପୁଅ ମାନ କଲା
ଆପଣା ପେଟକ ହାନି କଲା ।

ଦିନେ କାମକୁ ନଗଲେ ଅଠାଠିକ୍‌ । ବସାଇ ପୋଷିବ କିଏ ? କାମ କାହିଁ ? ଦଳ ଛାଡ଼ି ଗୋଟି ଗୋଟି ହୋଇ ପୁଣି କାମକୁ ଆସିଲେ । ନେତାମାନଙ୍କ ମନର ରାଗ ମନରେ ମଲା । ଗ୍ରାମୀଣ କଳହ ଓ ଅନୈକ୍ୟର ସୁଯୋଗ ନେଇ ମକଦ୍ଦମ ପ୍ରତିଶ୍ରୁତ ଏକ ଏକର ଜମି ଗୋପୀନାଥଙ୍କ ନାମରେ ରେଜେଷ୍ଟ୍ରି କରିଦେଲେ ନାହିଁ । ଗୋପୀନାଥଙ୍କ ଏଇ ଜମିର ମାଟଫତଦାର୍‌ ଅନ୍ଧ କେତେଜଣ ହେବେ ନା ଗ୍ରାମବାସୀ ସମସ୍ତେ ହେବେ ? କଳହକୋଳାହଳରେ ଅସଲ ବିଷୟଟି ହଜିଗଲା । ସେଥିଲାଗି କଥା ଅଛି—

ବନସ୍ତରେ ମୃଗ
ମାଂସ ଭାଗ ଭାଗ ।

ମୋହନ ଦାଶ ଓ ମୁଁ ଏଇ ଗ୍ରାମବିବାଦ ତୁଟାଇଲୁ । କାରଣ 'ଚିନ୍ତାମଣି ବିଦ୍ୟାପୀଠ' ଉପରେ ଆଞ୍ଚ୍‌ ଆସିବାର ସମ୍ଭାବନା ଥିଲା, ତୁଣି ଗ୍ରାମର ଭଲମନ୍ଦ ଗ୍ରାମରେ ଆଉ ସୀମାବଦ୍ଧ ହୋଇ ରହୁ ନଥିଲା । ଏହାର ହାନିଲାଭ ଫଳ ଭୋଗ କରୁଥିଲେ ଗ୍ରାମପୁଞ୍ଜ । ଦାରିଦ୍ର୍ୟ ଯେତେ ନୁହେଁ, ବିଭେଦ ହିଁ ଗ୍ରାମକୁ କରୁଥିଲା ଦୁର୍ବଳତର । ଯାବତୀୟ ଦୁଃଖ, ଅଶାନ୍ତିର କାରଣ ଥିଲା ଏହାହିଁ । ଜୁଆନେତା ବା ଟାଉଟରମାନେ ଏହାରି ଭିତରୁ ହିଁ ଚଳାଚଳର ଉପାୟ ଆହରଣ କରୁଥିଲେ; ପୁଞ୍ଜିପତିଙ୍କର ସେମାନେ ହିଁ ଥିଲେ ମୁଖ୍ୟ ଆୟୁଧ ।

ତାପରେ ଅନ୍ୟ ଏକ ମହାପ୍ରବାହ ଆସି ଖାଲଖମା, ଟିକିରଡ଼ିଆ, ହ୍ରଦସବୁ ଏକାକାର କରିଦେଲା । ବଡ଼ ଋଷୀ ଲୋପ ପାଇଗଲେ; ଅନ୍ୟ ଶ୍ରମ ଉପରେ ନିର୍ଭରଶୀଳ ମଧ୍ୟବିତ୍ତଙ୍କ ଅବସ୍ଥା ମଧ୍ୟ ଶୋଚନୀୟ । ପୃଥିବୀ ଓଲଟିଲା । ଉପର ତଳକୁ, ତଳ ଉପରକୁ ଉଠିଲା । ଲୋତକସିକ୍ତାନନର ମୁହଁରେ ଫୁଟି ଉଠିଲା ହସ, କଙ୍କାଳର ହାଡ଼ି ଭିତରେ ବୋହି ଯାଉଥିଲା କାବ୍ୟର ରସ । ଗୋଟାଏ ବିପ୍ଳବ । ବିଳମ୍ବରେ ହେଉପଛେ ଜନତାର ଓ କାବ୍ୟାଦର୍ଶର ଜୟ ହେଲା ।

## ଚିନ୍ତାମଣି ବିଦ୍ୟାପୀଠ

ଏହି ଅନୁଷ୍ଠାନ ଆମ ପିତା ଚିନ୍ତାମଣି ଦାଶଙ୍କ ନାମରେ ନାମିତ । ଉଦୟନାଥ ୧୯୭୬ ମାର୍ଚ୍ଚ ସୁଦ୍ଧା ଏହାର ନିର୍ମାଣ ଲାଗି ଦୁଇଲକ୍ଷ ତେଇଶିହଜାର ଟଙ୍କା ଦାନ କରିଅଛି; ଏହି ବିଦ୍ୟାଳୟ ଏବେ କ୍ରମଅଭିବୃଦ୍ଧି ପଥରେ । ଏହାକୁ ଏକ ଶ୍ରେଷ୍ଠ ଅନୁଷ୍ଠାନ ରୂପେ ଗଢ଼ିବା ତାର ଇଚ୍ଛା ଓ ଏଥିଲାଗି ତାର ଦାନ ଅକୁଣ୍ଠ ଓ ଅକାତର ।

୧୯୬୬ ଖ୍ରୀଷ୍ଟାବ୍ଦରେ ମୁଁ ଆମେରିକା ଗଲି; ଉଦୟ ଓ ଇସ ଡାକ୍ତର ଡାକ୍ତରାଣୀ—ସେତେବେଳେ ଦୁହେଁ ମିଶି ମାସକୁ ପ୍ରାୟ ଚତୁରିହଜାର ଟଙ୍କା ରୋଜଗାର କରୁଥିଲେ; ସେଥିରୁ ଅଧେ ଆୟକରରେ ଯାଉଥିଲା । ବାକୀ ଟଙ୍କା ସୁଅମୁହଁରେ କୁଆଡ଼େ ବୋହି ଯାଉଥିଲା ।

ଦିନେ ଉଦୟକୁ କହିଲି—ଅଜସ୍ର ଟଙ୍କା ତ କମେଇଲଣି, ସବୁ ଉଡ଼ିଯାଉଛି—କିଛି ସ୍ଥାୟୀ କାର୍ଯ୍ୟ କର । ତାହେଲେ ଗାଁ ମାଟି କଥା ମନେ ପଡ଼ିବ, ଯେଉଁ ଶିକ୍ଷା ଗାଆଁର ପ୍ରାଥମିକ ସ୍କୁଲରୁ ପାଇଥିଲ ତାକୁ ଚତୁର୍ଗୁଣରେ ସୁଝିପାରିବ, ରୋଜଗାର ସାର୍ଥକ ହେବ, ଜୀବନର ଏକ କଲ୍ୟାଣକର ଅର୍ଥ ସୁସ୍ପଷ୍ଟ ହୋଇପାରିବ ।

'କଣ କରିବ ?'

'ଗୋଟିଏ ହାଃ ସ୍କୁଲ କର ।'

ଭାଇନାଙ୍କ ଉପରେ ଅଖଣ୍ଡ ବିଶ୍ୱାସ; ଭାଇନା ଯେତେବେଳେ କହୁଛନ୍ତି ତାର ଭାବିବାର କଣ ଅଛି ? ସେ ସଙ୍ଗେ ସଙ୍ଗେ ରାଜି ହୋଇଗଲା; ଭାଇଙ୍କ ବଳେ ଭାଇବୋହୂ; ଇସ ଉଦୟର ସମ୍ମତିକି ଦୃଢ଼ଭାବେ ସମର୍ଥନ କଲା ।

୧୯୬୮ ଯାନୁୟାରୀ ମାସରୁ ଉଦୟ ମାସକୁ ୧୦୦ ଡଲାର ବା ଟ ୭୫୦ଙ୍କା ଲେଖାଏଁ ଦେବାକୁ ଲାଗିଲା । ଅଭିଜ୍ଞ ପ୍ରଧାନଶିକ୍ଷକ, ସରଳ ସଚ୍ଚୋଟ ଶ୍ରୀ ଦାମୋଦର ଦାଶଙ୍କ ନିଯୁକ୍ତିପରେ ଏହି ସାହାଯ୍ୟ ମାସିକ ହଜାରେ ଟଙ୍କାକୁ ବୃଦ୍ଧିଲାଭ କରିଥିଲା । ଶିକ୍ଷକମାନଙ୍କ ବେତନ ବ୍ୟତୀତ ସ୍କୁଲଗୃହ ନିର୍ମାଣଲାଗି ସେ ସ୍ୱତନ୍ତ୍ର ସାହାଯ୍ୟ ଦେବାକୁ ଲାଗିଲା ।

ମୋତେ ଲାଗିଲା—ସ୍ୱାର୍ଥପର ସ୍ନେହ ଅପେକ୍ଷା ଏହା ମହତ୍ତର । ଉଦୟନାଥ ଗ୍ରାମକୁ ଫେରିନାହିଁ ସତ, କିନ୍ତୁ ତା ମନ ଫେରି ଆସିଛି । ଗ୍ରାମବାସୀ ଓ ଆଖପାଖ ଅଞ୍ଚଳବାସୀ ବୃହତ୍ତର ବ୍ୟକ୍ତିତ୍ୱର ଏକ କଲ୍ୟାଣକର ରୂପରେ ତାକୁ ଫେରି ପାଇଛନ୍ତି ।

ଆଜିକାଲି ଗାଆଁରେ ପ୍ରାୟ ସମସ୍ତେ ସ୍ୱାର୍ଥରେ ବ୍ୟସ୍ତ; କୁଟୁମ୍ବପୋଷଣ ଯେପରିକି ଏକମାତ୍ର ଲକ୍ଷ୍ୟ । ସାଧାରଣ ମଙ୍ଗଳ କାର୍ଯ୍ୟପାଇଁ କେହି ନାହିଁ । ଘରୁ ଖାଇ ଘୋଡ଼ା ଆଗରେ ଡେଇଁବ କିଏ ? ଆଖି ଖଣ୍ଡମଣ୍ଡଳରେ ବୁଲିଯାଇ ସ୍ଥିର ହେଲା ଦ୍ୱିଜବର ଜେନାଙ୍କ ଉପରେ—ତାଙ୍କ ବ୍ୟକ୍ତିତ୍ୱର ଦ୍ୱିମୁଖୀସ୍ରୋତ—ଗୋଟିଏ ସ୍ୱାର୍ଥରେ, ଅନ୍ୟଟି ପରମାର୍ଥରେ ପ୍ରବାହିତ । ଗୋଟିଏ 'ଆପେ ବଞ୍ଚିଲେ ବାପର ନାମ', ଅନ୍ୟଟି 'ପର ପରମେଶ୍ୱର ।'

ପ୍ରଜାଆନ୍ଦୋଳନରେ ଆମ ଗାଁ ଜମିଦାରଙ୍କୁ କାବୁ କରି ଦେଇଥିଲେ ସେ । ତାଙ୍କୁ ସ୍କୁଲର ସେକ୍ରେଟରୀ ହେବାଲାଗି କହିବାରୁ ସେ ପହିଲେ ଅମଙ୍ଗ ହେଲେ । ହସି ହସି କହିଲି —ଏ ତ ତୁମ ପକ୍ଷରେ ଏକ ପ୍ରାୟଶ୍ଚିତ୍ତ !

'କିପରି ?'

'ତୁମ ବଡ଼ବାପାଙ୍କ ମୃତାହଶ୍ରାଦ୍ଧକୁ ରୁଗ୍‌ଣ ଶରୀରରେ ଯିବାଫଳରେ ନନା ନିଃଶେଷ ହୋଇଥିଲେ; ଅବଶ୍ୟ ତାଙ୍କ ଦୋଷ କିଛି ଗୁଣା ନଥିଲା । ତେବେ ତୁମ ବାପାଙ୍କ ମାୟାମମତାରେ ପଡ଼ି ସେ ବାଧ୍ୟ ହୋଇ ଯାଇଥିଲେ । କିଶୋର ବୟସରୁ ମୋର କ୍ରୋଧ ହୋଇଥିଲା—ଏ ଅବସ୍ଥାରେ ଲୋକ ନିମନ୍ତ୍ରଣ କରେ କିପରି ? ତୁମ ସ୍ୱାର୍ଥତ୍ୟାଗ ଓ ସେବା ଫଳରେ ମୋର ସେଇ କୋହ ଶାନ୍ତ ହେବ, ତୁମର ସର୍ବାଙ୍ଗୀନ କଲ୍ୟାଣ ହେବ ।'

ସେ ସ୍କୁଲ ସେକ୍ରେଟରୀ ହୋଇ ପବିତ୍ରଭାବରେ ଏହି ଅନୁଷ୍ଠାନର ସେବା କରି ଆସୁଛନ୍ତି ।

ଉଦୟ ବନ୍ଧୁମାନଙ୍କ ସାହାଯ୍ୟରେ ସ୍କୁଲର ଅଭାବ ଦୂର କରିବାକୁ ଚେଷ୍ଟା କରୁଥିଲା । ତା ଅନୁରୋଧରେ ପ୍ରସିଦ୍ଧ ଭାରତୀୟ ନର୍ତ୍ତକ କୃଷ୍ଣ ରାଓ ଓ ନର୍ତ୍ତକୀ ଚନ୍ଦ୍ରାବତୀ ସେଣ୍ଟ ଲୁଇସ୍ ସହରରେ ନୃତ୍ୟ ପ୍ରଦର୍ଶନ କରିଥିଲେ, ଟିକଟ ବିକ୍ରୟରୁ ୬୦୦ ଡଲାର୍ ସଂଗୃହୀତ ହୋଇଥିଲା । ଇରା ଓ ଉଦୟର ଧନୀ ଭାରତୀୟ ରୋଗୀମାନଙ୍କଠାରୁ କିଛି କିଛି ଅର୍ଥ ସାହାଯ୍ୟ ମଧ୍ୟ ମିଳିଥିଲା । ସିମେଣ୍ଟ ଅଭାବ ହେବାରୁ ଜଣେ ଭାରତୀୟ ରୋଗୀଙ୍କ ସାହାଯ୍ୟରେ ସେ ଏକ ଓ୍ୱାଗନ୍ ସିମେଣ୍ଟ ସ୍କୁଲରେ ପହଞ୍ଚାଇ ଦେଇଥିଲା । ଏହି ପ୍ରକାର ଶ୍ରଦ୍ଧା ଓ ସହଯୋଗରେ ଭାରତ ଓ ଆମେରିକାର ଅନ୍ତର୍ବର୍ତ୍ତୀ ଦୂରତା ଦୂର ହୋଇଗଲା ।

ସରକାରୀ ଗ୍ରାଣ୍ଟ୍ ମିଳିବା ପର୍ଯ୍ୟନ୍ତ ଉଦୟ ଶିକ୍ଷକମାନଙ୍କର ସମସ୍ତ ବେତନ ଦେଉଥିଲା । ପଇସେ ପଇସେ ଗ୍ରାମମାନଙ୍କରୁ ଆଦାୟ ହୋଇ ଲାଗିଥିଲେ ସ୍କୁଲ ଉପରେ ସମସ୍ତଙ୍କର ଦୃଷ୍ଟି ରହିବ । କିନ୍ତୁ କିଛି ହେଲେ ଆଦାୟ ହୋଇପାରିଲା ନାହିଁ । କେବଳ କୁଳମଣି ଜେନା ପୋଖରୀହୁଡ଼ା ଖେଳାଖେଳି ଓ କ୍ରୀଡ଼ାପ୍ରାଙ୍ଗଣ ନିର୍ମାଣରେ ସାହାଯ୍ୟ କରିଥିଲେ । ମୋ ସଙ୍ଗାତ ସରପଞ୍ଚ ଜଗନ୍ନାଥ ପାଣ୍ଡେ ଓ ବଳରାମ ବିଶ୍ୱାଳଙ୍କ ସହଯୋଗ ଉଲ୍ଲେଖଯୋଗ୍ୟ ।

ଗ୍ରାଣ୍ଟ୍ ମିଳିବାପରେ ଉଦୟର ସାହାଯ୍ୟ ସ୍କୁଲର ବିକାଶ କାର୍ଯ୍ୟରେ ଲାଗିଲା । ସ୍କୁଲଗୃହ, ଉଦ୍ୟାନ ନିର୍ମିତ ହେଲା, ପୁଷ୍କରିଣୀର ପଙ୍କୋଦ୍ଧାର କାର୍ଯ୍ୟ ମଧ୍ୟ ଚାଲିଲା । ଉତ୍ତମ ଫଳ, ଶ୍ଳୋକାନ୍ତ, ଗୀତାନ୍ତ, କବିତା ଆବୃତ୍ତି, ବକ୍ତୃତା ପ୍ରତିଯୋଗିତା, କୃଷି

ପ୍ରତିଯୋଗିତା ଓ ସନ୍ତରଣପ୍ରତିଯୋଗିତା ଯୋଗୁଁ ଏହି ଅନୁଷ୍ଠାନ ସୁଖ୍ୟାତ ହେବାକୁ ଲାଗିଲା ।

ଆମ ନନା ଥିଲେ କୃଷି ଓ କୃଷ୍ଟିର ଏକ ସମନ୍ୱୟ, କର୍ମ ଓ କବିତ୍ୱର ଏକ ପ୍ରତୀକ । ସେହିଭାବରେ ହିଁ ଛାତ୍ରଙ୍କ ବିକାଶ କଳ୍ପିତ ହେଲା । ପ୍ରତ୍ୟେକ ଛାତ୍ରକୁ ଉଦ୍ୟାନ ଓ କୃଷିକର୍ମ କରିବାକୁ ହେଲା । ବିଦ୍ୟାଳୟର ଆଦର୍ଶକୁ କେନ୍ଦ୍ର କରି ମୁଁ ଗୋଟିଏ କବିତା ଲେଖିଥିଲି—ଏହା ସ୍କୁଲର ଛାତ୍ରମାନେ ଆବୃତ୍ତି କରିଥାନ୍ତି—ତଳେ କେତୋଟି ପଦ ଉଦ୍ଧୃତ ହେଲା—

ଚିନ୍ତାମଣି ବିଦ୍ୟାପୀଠ ଛାତ୍ର ଅଟେ ମୁହିଁ
ଚଉଦିଗେ ମୋ ଉଠୁଛି ହସି ସବୁଜ ବିଲ ଭୂଇଁ
    ନଡ଼ିଆମାଳ ଆକାଶେ ଉଠେ
    ଚଅଁର ସୁନାବରଣ ଲୁଟେ
ହ୍ରଦରେ ଶ୍ୱେତକୁମୁଦ ଫୁଟେ ଭଅଁର ଯାଏ ଚୁମି ।

ଚିନ୍ତାମଣି ବିଦ୍ୟାପୀଠ ଛାତ୍ର ମୁହିଁ ଭାଇ
ଜ୍ଞାନରେ ମୋର ବିନୟଭାବ ବଢ଼ିମା ଚିକେ ନାହିଁ
    କର୍ମ ଚିର ଧର୍ମ ମଣେ
    ଅଳସପଣ ଘୃଣଇ ମନେ
ବନ୍ଧୁତା ଓ ସେବାର ଭାବେ କବିତା ଉଠେ ଗାଇ ।

ଚିନ୍ତାମଣି ବିଦ୍ୟାପୀଠ ଛାତ୍ରଚୂଡ଼ାମଣି
କିଷାନ୍ ଜୟ ଜବାନ୍ ଜୟ ମରମେ ଉଠେ ଧ୍ୱନି
    ଗର୍ବୀ ମୁଁ ବୀର ଗୌରବରେ
    ମହାନ୍ ମନ ସୌରଭରେ
ଗରିବ ଯେତେ ହୁଏଁ ମୁଁ ପଛେ ଚରିତ୍ରରେ ଧନୀ ।

ଚିନ୍ତାମଣି ବିଦ୍ୟାପୀଠ ଛାତ୍ର ବୀରବର
ପୁରହ୍ମମ କୋଣାରକ ବା ଭୁବନେଶ୍ୱର
    ଦେଉଳ ତିନି କେନ୍ଦ୍ରେ ରହି
    ଧଉଳି ଲେଖ ଦୀକ୍ଷା ବହି
ଭାରତଦେଶ କରିବି ମହୀମଧ୍ୟେ ମହାବଳ ।

ଏ ଅନୁଷ୍ଠାନର ଶିକ୍ଷକ କେବଳ ଜଣେ ଶିକ୍ଷାବ୍ୟବସାୟୀ ହେବେନାହିଁ, ସେ ହେବେ ମହାନ୍ ଗୁରୁ, ମହାନ୍ କର୍ମୀ । ଆଧୁନିକ ଜଗତର ବାସ୍ତବ ଦୃଷ୍ଟିସମ୍ପନ୍ନ ଉତ୍କୃଷ୍ଟ ମଣିଷ ହେବାଲାଗି ସେ ଛାତ୍ରଙ୍କୁ ନେତୃତ୍ୱ ଦେବେ । ଏହି ଭାବରେ ଉଦ୍‌ବୁଦ୍ଧ କରିବା ଚେଷ୍ଟା ହେଉଛି । ମୁଁ ଏହାର ଆଜୀବନ ସଭାପତି ରହିଅଛି ।

୧୮. ୫. ୭୧ରେ ବିଦ୍ୟାପୀଠର ନୂତନ ତୋରଣଗୃହ ଉଦ୍‌ଘାଟିତ ହୋଇଥିଲା । ସ୍କୁଲର ହାତଲେଖା ପତ୍ରିକା 'ଉଦୟଶ୍ରୀ' ମଧ୍ୟ ସେହିବର୍ଷ ଉଦ୍‌ଘାଟିତ ହୋଇଥିଲା । ପୁଷ୍କରିଣୀର ଖନନ ଆରମ୍ଭରେ ନେତା ମୋହନ ଦାଶ ଓ

ମୁଁ ମୁଣ୍ଡରେ ମାଟିବୋଝ ବୋହିଁ ବନ୍ଧରେ ପକାଇଥିଲୁ; ମ୍ୟାନେଜିଂ କମିଟି ସଭ୍ୟ ଶିକ୍ଷକ ଓ ଛାତ୍ରମାନେ ଆମ ସହିତ ମାଟି ବୋହିଥିଲେ ।

ଉତ୍ସବଆନନ୍ଦରେ ମୋର ପ୍ରାଣ ଯେପରିକି ପରିପୂର୍ଣ୍ଣ ହୋଇଗଲା ଚିରକାଂକ୍ଷିତ କବିତାର ଆଦର୍ଶଟି ଯେପରିକି କର୍ମରେ ରୂପାୟିତ ହୋଇଗଲା ଛାତ୍ରଛାତ୍ରୀମାନଙ୍କ ଉଦବେଳ ଆନନ୍ଦରେ ପ୍ରାଣ ଉଛୁଳି ଉଠୁଥିଲା । ଯୁଗ ଯୁଗ ହଜିଲା ଜିନିଷସବୁ ଯେପରି ଏକାବେଳକେ ମିଳିଗଲା ।

ବହୁବର୍ଷ ଶ୍ୱାସରୋଗରେ ପୀଡ଼ିତ ଥିଲି । ମନେ ହେଉଥିଲା — କେ ମୁହୂର୍ତ୍ତରେ ପ୍ରାଣ ବାହାରିଯିବ । ନିଜ ଉପରେ ଆସ୍ଥା ହରାଇଥିବାବେ ସତ୍‌କାର୍ଯ୍ୟରେ ଲାଗିରହିବା ଫଳରେ ଜୀବନର ଏକ ସ୍ୱତନ୍ତ୍ର ମୂଲ୍ୟବୋଧ ଜାଗ୍ର ହେଲା, ବହୁକାଳର ଜମାଟବନ୍ଧା ଦୈନ୍ୟ ଦୂର ହେଲା । ବୋଧହେଲା — ମୁଁ ବ୍ ଜଞ୍ଜାଳରୁ, ସାଂସାରିକ ଉତ୍‌ପୀଡ଼ନରୁ, ବ୍ୟାଧିରୁ ମୁକ୍ତ ହୋଇଅଛି ।

କାବ୍ୟରଚନା ଓ ଶିକ୍ଷାନୁଷ୍ଠାନ ଗଠନ — ଦ୍ୱିତୀୟଟି ସ୍ଥୂଳତର ବୋଧହେ ବି ଏହାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ଓ ପ୍ରାଣର ସ୍ଫୂର୍ତ୍ତି ଅଛି — କବିତାର କଳ୍ପନ ବିଳାସରେ ଏହା ମିଳେନାହିଁ । କବିତାରେ ବେଳେ ବେଳେ ଜୀବନକୁ ଫାଙ୍କ ଦେଇହୁଏ, କିନ୍ତୁ ଶିକ୍ଷାନୁଷ୍ଠାନରେ ସହସ୍ର ଜ୍ୱଳନ୍ତଚକ୍ଷୁର ସମକ୍ଷରେ ନିଜକୁ ବୃହତ ମହତ୍ ପ୍ରତିପନ୍ନ କରିବାକୁ ହୁଏ; ଖସିବାର ବାଟ ନାହିଁ । ନିଜେ ଭଲ ନହେ ଲକ୍ଷେ କହିଲେ କେହି କର୍ଣ୍ଣପାତ କରିବେନାହିଁ । କବିତାରେ ଯେପରି ଛନ୍ଦଦୋ ବର୍ଜନୀୟ, କର୍ମର ଗତିପଥରେ ପଦେ ପଦେ ସେହିପରି ମହତ୍ତ୍ୱର ଦୀକ୍ଷା ନେବା ହୁଏ । ଯେ ହୁଅ, ଯେତେ ହୁଅ, ତ୍ରୁଟିବିଚ୍ୟୁତି ବା ଦୁର୍ବଳତାକୁ କେହି କ୍ଷମା କର ନାହିଁ । ସ୍ୱୟଂ ଭଗିରଥ ବାଟବଣା ହେଲେ ଗଙ୍ଗା ବି ପଥ ହରାଇବ । ଏଇ ଭ ମନେ ରଖି ଆଗେଇଛି । ସମାଜସେବାର ଆନନ୍ଦ ସାହିତ୍ୟସେବାରେ ମିଳେନାହିଁ ଜନସାଧାରଣଙ୍କ ମଧ୍ୟରେ ପ୍ରବେଶର ଏ ଏକ ସହଜତର ସିଦ୍ଧି । ସବୁବେ ଜଳୁଥିବା ମଶାଲଟିଏ ପରି ଛିଡ଼ାହୋଇ ରହିଲା ଏ ସ୍କୁଲ — ଅନ୍ଧାରରୁ ଆଲୋକ ନେବା, କ୍ଷୁଦ୍ରତ୍ୱରୁ ମହତ୍ତ୍ୱର ସ୍ତରକୁ ଘେନିଯିବା ତାର କାର୍ଯ୍ୟ ।

ଚିନ୍ତାମଣିବିଦ୍ୟାପୀଠର ପଣ୍ଡିତ ନୃସିଂହ ପଟ୍ଟନାୟକ ଗ୍ରାମ ରେଞ୍ଜଶାସନ ନନା, ଭାଇନା, ମୋତେ ଓ ଉଦୟକୁ ଉପଲକ୍ଷ୍ୟ କରି ଏହି ସଂସ୍କୃତ ଶ୍ଲୋକସ ରଚନା କରିଥିଲେ —

ପୁଣ୍ୟୋତ୍କଳସ୍ୟେ ହରିଦଣ୍ଡମଣ୍ଡଳେ
ସୁଶୋଭତେ ରେଞ୍ଜ ସୁରମ୍ୟ ଶାସନଃ
ଶ୍ରୀ ଶ୍ରୀ ପଟ୍ଟନାୟକ ସ୍ୱ କଳତମାଳ ତାନ୍ତୁଳେ,
ବିରାଜିତୋଽସୌ ଦ୍ୱିଜସତ୍ତମୈସ୍ତଥା ।
ଆସୀତ ଚିନ୍ତାମଣି ଶର୍ମ ପଣ୍ଡିତଃ,
କାବ୍ୟୋଭୟସ୍ମିନ୍ ଚ ମନୋଜ୍ଞ ଲେଖକଃ
ନ ସ୍ପୃଶ୍ୟତେ ଲଙ୍ଗଳମାର୍ଯ୍ୟ ସଂସ୍କୃତିଂ
ତଥାପି ନୋଲ୍ଲଘ୍ୟ ଚ କର୍ଷଣେ ଗୁରୁଃ ।

ଇତ୍ଥଂ ତୁ ନାନା ଗୁଣକର୍ମଭୂଷିତୋ
ମନୋମତାଂଛ୍ରିଂ ତ୍ତନୟାଂଷ୍ଟ ଲବ୍‌ଧବାନ୍ ।
ସର୍ବେ ଚ ବିଦ୍ୟାବିଭବେ ଧୁରଂଧରଃ
କନିଷ୍ଟ ଏବୈ ଚି ନବୀନମେଦିନୀଂ
ତସ୍ୟାଃସ୍ତି ତତ୍ରୈବ ଗୁଣେଷୁ ଗୁଦୟେ,
ନିୟୋଜିତ ଷ୍ଟେରୁପଯୁକ୍ତ କର୍ମଣି,
ତଥାପି ମାତୃବସୁଧାଂ ସ୍ମରତ୍ୟସୌ
ବିଦ୍ୟାଳୟଂ ସ୍ଥାପୟତି ବ୍ୟୟୈର୍ଭୃଶଂ
ପିଶାଚଫେରୈର୍ଭୁଜଗସ୍ୟ ସଂସ୍କୃତି —
ରସୀଢ ନିତ୍ୟଂ ପିଙ୍ଗଡ଼ା ତଟେ ଭୁବି
ନଶ୍ଚେବିତୂର୍ଣ୍ଣି ସ୍ତ୍ରୁଟହର୍ମ୍ୟମାଳୟା,
ବିବ୍ରଜତେ ଶ୍ରୀ ରୁଦୟେନ ସଂପ୍ରତି
ତସ୍ୟାଗ୍ରଜଃ କୁଞ୍ଜବିହାରି ନାମ ଧୃକ୍,
ସୁପର୍ଣ୍ଣିତୋଃଧ୍ୟାପକ ଉନ୍ନତଃକବିଃ ।
ସହୋଦରୋଃନ୍ୟୋ ଘନଦାଶସଂଜ୍ଞକୋ,
ଦିବଂ ଗତୋ ଯୌବନେ ଇତ୍ୟହୋବିଧିଃ
ଜ୍ୟେଷ୍ଠୋ ଦଦାତୁ ଶ୍ରିୟମେବ ଋଷିଷା
ଶ୍ରେଷ୍ଠୌ ଭବେତାଂ ଚ କନିଷ୍ଟମଧ୍ୟମୌ
ପ୍ରେଷ୍ଠୌ ଚ ତୌ ଦୌ ତୁ ପବିତ୍ରକର୍ମଣାଂ
ତୁଷ୍ଟୌ ଲଭେତାଂ ପିତରୌ ସୁପୂଜନଂ ।

୧୪. ୧୨. ୭୧ରେ ଉଦୟନାଥ, ଇଭ, ଗୀତା, ମୀରା ଓ ନିକି, ମିଃ ଓ ମିସେସ୍ ମେୟର ପ୍ରାୟ ପନ୍ଦର ଦିନ କଟକରେ ଓ ରେଞ୍ଚଶାସନରେ ରହିଥିଲେ, ଗ୍ରାମରେ ଗ୍ରରି ଦିନ ରହଣି ମଧ୍ୟରେ ସେମାନେ ସ୍ୱକୀର୍ତ୍ତି 'ଚିନ୍ତାମଣିବିଦ୍ୟାପୀଠ' ପରିଦର୍ଶନ, ବିଜ୍ଞାନମେଳା, 'ଇଭ ଲେଣ୍ଡିଂ ଲାଇବ୍ରେରୀ' ଉଦ୍‌ଘାଟନ, ପଲ୍ଲୀକଲ୍ୟାଣସମିତି ଉନ୍ମୋଚନ କରିଥିଲେ । ସମ୍ବର୍ଦ୍ଧନାଉତ୍ସବରେ ଇଭ ଦେବୀ କହିଥିଲେ—

"ଭଉନା ଅଧ୍ୟୟନ କାଳରେ ତାଙ୍କ ସାନ ଭାଇକୁ ସାହାଯ୍ୟ କରିଥିବାରୁ ଏ ଅନୁଷ୍ଠାନର ଅଭ୍ୟୁଦୟ ସମ୍ଭବ ହୋଇଛି । ଭଉନା ଟିଉସନରୁ ପ୍ରାପ୍ତ ମାସିକ ଦଶ ଟଙ୍କାରୁ ନିଜେ ଛ' ଟଙ୍କାରେ ଚଳି ଉଦୟଙ୍କୁ ଗ୍ରରିଟଙ୍କା ଦେଇଥିଲେ । ସେ କଥା ସେ ଭୁଲି ନାହାନ୍ତି । ସେଥିଲାଗି ଭଉନାଙ୍କୁ ଓ ଗାଆଁକୁ ମନେ ପକେଇ ସେ ଏ ଅନୁଷ୍ଠାନ ଗଢ଼ିଛନ୍ତି ।"

ଇଭ ଲେଣ୍ଡିଂ ଲାଇବ୍ରେରୀ ଲାଗି ହଜାରେ ଟଙ୍କା ଓ ଉଦୟ ପୁଷ୍କରିଣୀର ପଙ୍କୋଦ୍ଧାର ଲାଗି ଏକ ହଜାର ଡଲାର ଦାନ କରିଥିଲା ।

ନନା ଉପଯୁକ୍ତ ଚିକିତ୍ସା ନ ପାଇ ଅକାଳେ ପ୍ରାଣ ହରାଇଥିଲେ । ବିନା ଚିକିତ୍ସାରେ ବୋଉର ଜୀବନ ମଧ୍ୟ ଯାଇଥିଲା । ସେଥିଲାଗି ରେଞ୍ଚଶାସନ ପଞ୍ଚାୟତରେ ଗୋଟିଏ ଡାକ୍ତରଖାନା ଖୋଲିବା ଉଦୟର ଇଚ୍ଛା ଥିଲା, କିନ୍ତୁ ତାହା ଠିକ୍ ହୋଇ ପାରି ନ ଥିଲା । ସେ ଆମେରିକା ଯିବା ପରେ ପରେ ଧନୁଆଁ ନଦୀର ତୀରବର୍ତ୍ତୀ ପ୍ରାୟ ଆଠ ଏକର ଜାଗାରେ ଆଞ୍ଚଳିକ ଡାକ୍ତରଖାନାର ଶିଳାନ୍ୟାସ

କରିବା ଲାଗି ପଞ୍ଚଣ ଖଣ୍ଡ ଗ୍ରାମବାସୀ ମୋତେ ନିମନ୍ତ୍ରଣ କରିଥିଲେ । ପଟୁଆରରେ ଯାଇ ନଗ୍ନ ପାଦରେ ମୁଁ ଧନୁଆଁରୁ କୁମ୍ଭ ପୂର୍ଣ୍ଣ କରି ଜଳ ଆଣିଥିଲି । ବହୁ ମଣ୍ଡଳ ସଂକୀର୍ତ୍ତନ, ଢେଲିଙ୍ଗ ବାଜା, ହରିବୋଲ ଓ ହୁଳହୁଳି ମଧ୍ୟରେ ହୋମାଗ୍ନି ଜଳି ଉଠିଲା, ମୁଁ ହେଲି ଜନସାଧାରଣଙ୍କ ପ୍ରତୀକ ଯଜମାନ; ବସୁଧାର, ନବବସ୍ତ୍ର ଓ ତିଳ ସୁବର୍ଣ୍ଣ ଦାନ ପରେ ପ୍ରଭୁଙ୍କ କୃପା ଭିକ୍ଷା କରି ମୁଁ ଶିଳାନ୍ୟାସ କଲି ।

ଜନସାଧାରଣ ଦୁଇବଖରା କୋଠାଘର ତୋଳି ଜଣେ ଡାକ୍ତର ଓ କମ୍ପାଉଣ୍ଡର ରଖି କାର୍ଯ୍ୟାରମ୍ଭ କରିଦେବେ, ତା ପରେ ଉଦୟ ସାହାଯ୍ୟ କରିବ ବୋଲି କହିଥିଲା । ଏ ମଧ୍ୟରେ ସରକାରୀ କବିରାଜୀ ଔଷଧାଳୟଟିଏ ସେଠି ଖୋଲିଲା । ଡାକ୍ତରଖାନା ଆଡ଼କୁ ଲୋକେ ଆଉ ମନ ଦେଲେନାହିଁ । ସ୍କୁଲ ନିର୍ମାଣ ଜଞ୍ଜାଳରେ ବୁଡ଼ିରହି ସେ ଦିଗରେ ମୁଁ ମଧ୍ୟ କିଛି କରି ପାରିଲିନାହିଁ ।

## ବୋଉର ସ୍ମୃତି ରକ୍ଷା

ମାଆର ଋଣ ଜୀବନରେ କିଏ ଶୁଝିପାରେ ? ତାର ସ୍ମୃତିରକ୍ଷା ଲାଗି ଯତ୍କିଞ୍ଚିତ୍ କରି ଆମେ ଦୁଇ ଭାଇ ଆତ୍ମପ୍ରସାଦ ଲାଭ କରିଥିଲୁ । 'ତାରାମଣି ସ୍ମୃତି କବିତା ପ୍ରତିଯୋଗିତା ପୁରସ୍କାର ଲାଗି 'ଉତ୍କଳସାହିତ୍ୟସମାଜ' ହାତରେ ତିନି ହଜାର ଟଙ୍କା ଦିଆ ଯାଇଥିଲା । ଏହାର ବାର୍ଷିକ ସୁଧରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

## ଆଇ. ଏ. ଏସ୍. ପ୍ରାପ୍ତି

୨୫. ୪. ୬୩ରେ କୁନା (ପ୍ରିୟଦର୍ଶୀ, ଯାହାର ବାଲ୍ୟଲୀଳାକୁ ଅବଲମ୍ବନ କରି 'କୁନା ଦାଶଙ୍କ ଡାଇରି' ରମ୍ୟ ରଚନା ଲେଖିଥିଲି) ଆଇ. ଏ. ଏସ୍ ପାଇଲା । ମୁଁ ଡାଇରିରେ ଲେଖିଲି—

ଆମ ବଂଶ ଶିକ୍ଷକର ବଂଶ, ବୈଦ୍ୟବଂଶ, ଏବେ ଉଚ୍ଚ ସ୍ତରର ଶାସନ ଲାଗି ଜଣେ ଯୋଗ୍ୟ ବିବେଚିତ ହେଲା, ଜଣେ ଉନ୍ନତ ମଣିଷ, ସାଧକ ଓ ବିଦଗ୍ଧ ରୂପେ ପରିଚିତ ହେବା ଲାଗି ଏଇ ପଦରେ ସୁଯୋଗ ଅଧିକ । କିନ୍ତୁ ଉତ୍ଥାନ ପଛେ ପଛେ ପତନ, ସାବଧାନ ନ ହେଲେ । ସ୍ୱର୍ଗ, ନରକକୁ ଗୋଟିଏ ପଥ; ନରକ ପଥ ଅଧିକ ଆକର୍ଷଣୀୟ ନିଶ୍ଚୟ; ଆସନକୁ ମର୍ଯ୍ୟାଦାବନ୍ତ ଓ ମହନୀୟ କରି ନ ପାରିଲେ ଏହା ବୃଥା ।

୩. ୨. ୬୬ରେ ହାଇକୋର୍ଟ ଜଜ୍ କୁଞ୍ଜବିହାରୀ ପଣ୍ଡାଙ୍କ କନ୍ୟା ଆୟୁଷ୍ମତୀ ସ୍ୱର୍ଣ୍ଣାଭ ସହିତ କୁନାର ବିଭାଘର ହେଲା । ସଙ୍ଗରେ କୌଣସି ଉପହାର ନ ଆଣିବା ଲାଗି ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣପତ୍ରରେ ଅନୁରୋଧ କରା ଯାଇଥିଲା ।

୫୭୨

## ପ୍ରୀତିର ଏ ଗତି

'ମେଘାଳୟ' ରାଜ୍ୟର ଏସ୍. ଏମ୍. ହିତକାରୀ—ଭାରତର ବିଶିଷ୍ଟ କବିମାନଙ୍କ ସ୍ୱହସ୍ତଲିଖିତ ମୌଳିକ କବିତାସଂଗ୍ରହ ତାଙ୍କର ଏକ ଖିଆଲ୍; ମୁଁ ଓଡ଼ିଆରେ କବିତାଟିଏ ପଠାଇଥିଲି—

ହେ ବନ୍ଧୁ, ସୁହୃଦ ମୋର
 ସବୁ ଦେଶେ ଅଛି ତୁମ ଘର
ଅଚିହ୍ନା ଅଜଣା ହେଲେ ପରସ୍ପର
 ନାହିଁ କିଛି କ୍ଷତି
ମିଳାଏ ସକଳ ମନ ପ୍ରୀତିର ଏ ଗତି ।

## ନୀଳ ସରସ୍ୱତୀ

ଥରେ ଗ୍ରାମକୁ ଯାଇଛି, ଜଣେ ବୟସ୍କ ମଫସଲୀ ଆସି ପହଞ୍ଚିଲେ; ପଢ଼ ପ୍ରାଥମିକ, ଗଳ୍ପ ଓ କବିତା କରନ୍ତି । କିନ୍ତୁ ଲଗଳଗ୍ନ ଭଲ ହେଲେବି କଲମ ଗୁଣ ତାଙ୍କ ହାତରେ ଭଲ ଉତୁରୁନାହିଁ । କେତେ ଦେବଦେବୀଙ୍କୁ ଧ୍ୟାନ କଲେଣି କେହି ପ୍ରସନ୍ନ ହୋଇ ନାହାନ୍ତି । ଆସିଛନ୍ତି ମୋଠାରୁ ନୀଳ ସରସ୍ୱତୀ ମନ୍ତ୍ର ଘେନିବ ଲାଗି । ମନେ ମନେ ହସିଲି, କହିଲି—

'ନ ମନ୍ତ୍ରଂ ନୋ ଯନ୍ତ୍ରଂ ତଦପିଚ ନ ଜାନେ ସ୍ତୁତିମହୋ'—ଗୁରୁ ବୋଇଲେ ମୁଁ ଜଣେ ଶିକ୍ଷକ, କଲେଜରେ ପଢ଼ାଏ; ମୁଁ କେବେ ଦୀକ୍ଷା ନେଇନାହିଁ; କାହାର ଶିଷ୍ୟ ହୋଇନାହିଁ, ଗୁରୁ ହେବି କିପରି ?'

ଆଗନ୍ତୁକ ହାତଯୋଡ଼ି କହିଲେ—"ମୋ ପ୍ରତି କପଟ କରନାହିଁ, ବଡ଼ ଦରିଦ୍ର, ହତଭାଗା ମୁଁ ।"

"ପ୍ରତିଭା ଥିଲେ ଅଭ୍ୟାସ କଲେ କବିତା ହୁଏ, ନୀଳ ବା ଶ୍ୱେତ ସରସ୍ୱତୀଙ୍କୁ ଧ୍ୟାନ କର ବା ନ କର ।"

"ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ ଦେବୀ ନମସ୍ତେ ।

—ଏ କାହାର ସ୍ତୁତି ଆଜ୍ଞା ? ମୂର୍ଖ କାଳିଦାସ ସରସ୍ୱତୀଙ୍କ ଦୟାରୁ ମହାକବି ହୋଇଛନ୍ତି, ଆପଣ ବି ତାଙ୍କ ଦୟାରୁ କବିତା କରୁଛନ୍ତି; ଏ ଗରିବକୁ ସେ ଶକ୍ତିଟୁ ଜାଣିଶୁଣି ଦେଲେ କଣ ସରି ଯାଉଛି ?"

ବିଶ୍ୱାସ କର ବା ନ କର, ମୁଁ ମନ୍ତ୍ରହୀନ, ଗୁରୁ ହେବାକୁ ଅଯୋଗ୍ୟ । କିମ୍ବଦନ୍ତୀ ଅଛି, କାଳିଦାସ କବିତ୍ୱ ହାସଲ କରି ନ ଥିଲେ, ପାଇଥିଲେ, ଶାରଳା ଦାସ ଶାରଳାଙ୍କଠାରୁ ଶାରଦାଙ୍କ କୃପା ଲାଭ କରିଥିଲେ । ଭକ୍ତେ ବି ସେହିପରି । ସରସ୍ୱତୀ ଯାହା ଦିଅନ୍ତି ଦୁର୍ଗା ବି ସେଇଆ ଦିଅନ୍ତି, ସମନ୍ୱୟବାଦୀ ଓଡ଼ିଆ ଦୁଇ ଦେବୀଙ୍କୁ ପୃଥକ୍ କରି ଦେଖିନାହିଁ । ଯେ ଶକ୍ତିର ଦେବୀ, ସେ ସବୁ ଶକ୍ତି ହିଁ ଦାନ କରି ପାରନ୍ତି । ଭକ୍ତ ଦୁର୍ଗାଙ୍କୁ ନୀଳ ସରସ୍ୱତୀ ଆଖ୍ୟା ଦେଇଛି ।

‘ମାତ ନୀଳ ସରସ୍ୱତୀ ପ୍ରଣମତାଂ ସୌଭଗ୍ୟ ସମ୍ପତ୍ ପ୍ରଦେ’
‘ବାଗୀଶ୍ୱରୀ ଭକ୍ତ କଳ୍ପଲତିକେ ସର୍ବାର୍ଥ ସିଦ୍ଧି ପ୍ରଦେ’

ନୀଳ ସରସ୍ୱତୀ, ତାରା ବା ଦୁର୍ଗାଙ୍କ ଧ୍ୟାନର ଫଳ ହେଉଛି—

‘ଲଭତେ କବିତାଂ ଦିବ୍ୟାଂ ସର୍ବ ଶାସ୍ତ୍ରାର୍ଥବିତ୍ ଭବେତ୍’
‘କୀର୍ତ୍ତିଂ କାନ୍ତିଞ୍ଚ ନୈରୁଜ୍ୟଂ ସର୍ବେଷାଂ ପ୍ରିୟତାଂ ବ୍ରଜେତ୍ ।’

ପଙ୍କଜବାସିନୀ ଶ୍ୱେତ ସରସ୍ୱତୀଙ୍କୁ ଧ୍ୟାନ କଲେ ସେଇ ଏକା ଫଳ ମିଳେ—

‘ତସ୍ୟ ଗେହେ ପ୍ରସରତି କବିତା ବିଘ୍ନମସ୍ତଂ ପ୍ରୟାତି ।’

ମୁଁ ଦୁର୍ବଳ, ମୋ ମନ ଚଞ୍ଚଳ, ଦେବତାଙ୍କ ଧ୍ୟାନ ମୋର ସଂକ୍ଷିପ୍ତତମ । ଦେବଦେବୀଙ୍କ ଚରଣକମଳରେ ଚିତ୍ତ ଅର୍ପଣ କଲାମାତ୍ରେ ନାନା ଚିନ୍ତା, ଦୁଶ୍ଚିନ୍ତା ଆସି ଉପସ୍ଥିତ ହୁଏ । କେଉଁ ଗୁଣରୁ ଦେବୀ ମତେ ବର ଦେବେ ? ଯେତିକି ଶକ୍ତି ଘେନି ଜନ୍ମ ହୋଇଛି ସେତିକିରେ ଯାହା କରିବାର କରେ । ଶ୍ରମ କରିବା ମୋ ହାତର କଥା, ସେଥିରେ ହେଳା କରେନାହିଁ ।

ଲୋକଟିର ମୁହଁ ସେତେବେଳକୁ କେଶର ପଡ଼ି ଯାଇଥିଲା । ସହଜରେ କବିତା ଲେଖି ଖ୍ୟାତି କମେଇବ ବୋଲି ସେ ଆସିଥିଲା, ଗୁରୁକୃପା ମିଳିଲାନାହିଁ, ସୌଭାଗ୍ୟ ନ ହେଲେ ମିଳେନାହିଁ । ନିରାଶ ହୋଇ ସେ ଫେରିଲା, ତାକୁ ବୁଝାଇ ନ ପାରି ମୁଁ ଦୁଃଖିତ ହେଲି ।

## ଘଣ୍ଟା ଓ ଘାଣ୍ଟି

ସେକାଳେ ସମୟଚେତନା ଅତି ଅଳ୍ପ ଥିଲା । ଏକବେଳିକିଆ କଲେ ସୂର୍ଯ୍ୟ ପ୍ରାୟ ଅପରାହ୍ନର ଶେଷ ମୁଣ୍ଡକୁ ଗଡ଼ୁଥିଲେ, ସ୍ୱାସ୍ଥ୍ୟ ନଷ୍ଟ । କେତେକ ମୂଲିଆଙ୍କୁ ଅକାଳ ମୃତ୍ୟୁ ବରଣ କରିବାକୁ ହେଉଥିଲା । ଏ ଭଳି କେତୋଟି ଦୁର୍ଘଟଣା ଘଟିଲା ପରେ ଗାଆଁର ମାଲିକ ଓ ମୂଲିଆମାନଙ୍କୁ ଗୋଟିଏ ସଭାକୁ ଡକାଇ ବୁଝାଇଲି— ମୋ କଥା କଲେ ଦିପକ୍ଷର ଲାଭ ହେବ । ମୂଲିଆମାନେ ଆଠଘଣ୍ଟାରୁ ଅଧିକ ଖଟିବେ ନାହିଁ । ସାଆନ୍ତମାନଙ୍କ ଚାଷ ବି ଭଲ ହେବ ।

ଏଥର ସକାଳ ସାଢ଼େ ଛ’ଟାରେ ଘଣ୍ଟା ବାଜିବ, ସମସ୍ତେ କାମକୁ ଯିବେ । ସାଢ଼େ ଏଗାରଟାରେ ପୁଣି ଘଣ୍ଟା ବାଜିବ । ସମସ୍ତେ କାମରୁ ଫେରିବେ । ସେହିପରି ଉପରବେଳା ମଧ୍ୟ ଘଣ୍ଟା ବାଜିବ ।

ମୋ ବ୍ୟବସ୍ଥା ତିନିଚାରି ମାସ ଭଲ କାମ ଦେଖାଇଥିଲା, ଜନସାଧାରଣଙ୍କ ସ୍ୱାସ୍ଥ୍ୟୋନ୍ନତି ବି ଘଟାଇଥିଲା । ବଡ଼ ମକଦ୍ଦମହିଁ ପ୍ରଥମେ ନିୟମ ଲଙ୍ଘନ କଲେ— ‘ଏଇ ଖଣ୍ଡକ ବାଛି ଦିଅ, ଏଇ ଅରଟା କାଟି ଦେଇ ଯାଅ’ ଏହି ପ୍ରକାରେ କହି ଲୋକଙ୍କୁ ଅଟକାଇଲେ; ଯଥା ସମୟରେ କାମରୁ ନ ଫେରିବାରୁ ଲୋକେ ଯଥା ସମୟରେ ପୁଣି କାମକୁ ଯାଇ ପାରିଲେନାହିଁ । କେତୁଟା ଢେପା ଅଳସୁଆଙ୍କୁ ଏ ରୀତି ଆଦୌ ଭଲ ଲାଗିଲାନାହିଁ । ସେମାନେ ମୋଟେ ଲାଇନ୍‌ରେ ପଡ଼ିଲେ ନାହିଁ । ଏହି ପ୍ରକାରେ କାଳ ନିହତ ହେଲା କାଳିମା ହିଁ ଘୋଟିଲା ।

# ସିନ୍ଧି, ଚୋରୀ, ଲୁହ୍‌କଣ୍ଟ

ଆମ ଘରର ପଶ୍ଚିମ ପଟ କାନ୍ଥ ମୂଳରେ ମଣିଷ ପଶିବା ଭଳି ଗୋଟାଏ ଗାତ । ଚୋର ଘରର ଚଟାଣ ଭାଙ୍ଗିବା ପାଇଁ ସିନ୍ଧି ମାରୁଥିଲେ । ଝାମା ଇଟା, ସିମିଟିର ଚଟାଣ ଭାଙ୍ଗିଲାନାହିଁ । ଚଟାଣ ଉପରର ଟ୍ରଙ୍କ, ସୁଟ୍‌କେସ୍ ପାଇଁ ସିନ୍ଧିରେ ଉପରକୁ ଡେଇଁବାକୁ ଲାଗିଲେ । ଝଣ୍ ଝାଣ ଶବ୍ଦରେ ଗୃହକର୍ତ୍ତା ଓ ଗୃହିଣୀଙ୍କ ନିଦ ଭାଙ୍ଗିଲା । ଚୋରମାନେ ପଳାଇଗଲେ ।

ଗୃହକର୍ତ୍ତା ମୋ ଭଣଜା ପ୍ରଭାକର ପଶାଖେଳରେ ଜଣେ ଓସ୍ତାଦ୍ । ପାଲିରେ ବସିଲେ ସେ ଘରଦ୍ୱାର, ସଂସାର ସବୁ ଭୁଲିଯାଉଥିଲା । ରାତ୍ର ଚାଲିଥିଲା ତା ବାଟରେ । ମେଳଣଯାତ୍ରାକୁ ଗଲେ ପିଲାଝିଲା, ଗୋରୁଗାଈଙ୍କ ହାନିଲାଭ କଥା ତା ମନେ ପଡ଼ୁ ନ ଥିଲା । ସଂସାର ହୁଟୁକାଭାବରେ ଚାଲିଲା । ଯେଉଁ ଘର କୋଳପ ପଡ଼ିଲା ତା'ର ଚାବି ସେଇ ଘରର ସାକରପଟାରେ ରହିଲା । ଯେପରି ରଖାଯାଉ-ଥିବା କଥା ଆମ ଘରେ 'ଲୋକ' ଲାଗିଥିବା ପୁନିଆ ଭୋଇ ଦେଖିଥିଲା । ଦିଂଚାରିଜଣ ଟୋକାଙ୍କୁ ଧରି ଚାବି ଖୋଲି ଅଇଁଠା କଂସାବାସନ, ଡେକ୍‌ଚି ହାଣ୍ଡିରେ ଘୋଡ଼ା ହୋଇଥିବା ଥାଳୀ, ଗରା, ବ୍ଲାଳ, ପିତଳ ଡସଲା, ବସ୍ତାଏ ଅରୁଆ ଚାଉଳ, ପନ୍ଦର ଗୌଣି 'ଡାଳିପୋହଳା' ଧାନ ଘେନି ଚାଲିଗଲା । ଜଣେ ବାସନବିକାଳୀ ହାତେ ଜିନିଷସବୁ ସଡାସଡ୍ ବାଳକାଟି ବ୍ଲାଣ ହୋଇଗଲା ଓ କଂସାରୀଙ୍କ ଭାଟିରେ ପଡ଼ିଗଲା ।

ପ୍ରଭାକର କେତେକ ଗ୍ରାମବାସୀଙ୍କ ଶିକ୍ଷାରେ ପଡ଼ି ଗଞ୍ଜାମରୁ ଇନ୍ଦ୍ରଜାଲ ଖଟ ମଗାଇଲା । ଗାଁ ଲୋକଙ୍କୁ ଧାଡ଼ିକରି ଛିଡ଼ା କରାଗଲା । ଚାରିଜଣ ମନ୍ତ୍ରର ଖଟର ଚାରିଗୋଡ଼ ଧରିଲେ । ଖଟ ସେମାନଙ୍କୁ ଟାଣି ନେଇ ଧାଡ଼ି ଭିତରୁ ଚାରିଜଣଙ୍କୁ ଧକ୍କା ଦେଲା । ସେମାନେ ଚୋର ବୋଲି ସାବ୍ୟସ୍ତ ହେଲେ । ଗ୍ରାମଲୋକଙ୍କ ନିର୍ଦ୍ଦେଶମତେ ସେମାନଙ୍କ ମଧ୍ୟରୁ ଜଣେ ଖଡ଼େଟଙ୍କା ଦାଖଲ କଲା, ବାକୀ ତିନିଜଣ ସମୟ ନେଲେ । ତାପରେ ଟାଉଟର ଆସିଗଲେ; ନାନା ଶିକ୍ଷାମନ୍ତ୍ରରେ ଚୋରମାନେ ଆଉ ଧରାଛୁଆଁ ଦେଲେନାହିଁ ।

ଓଲଟି ସେମାନେ ଥାନାରେ ଇତାଲା କଲେ—ନିରୀହ ହରିଜନଙ୍କ ଉପରେ ମିଛ ଚୋରୀ ଅଭିଯୋଗରେ ଘୋର ଜୁଲମ୍ ହେଉଛି, ଜରିମାନା ଆଦାୟ କରାହେଉଛି । ଗରିବମାନେ କଂସାବାସନ ବନ୍ଧା ପକାଇ ଦେଉଛନ୍ତି ।

ମୁଁ ସବୁ ଶୁଣିଲି । ମକଦ୍ଦମାରୁ ପ୍ରଭାକରକୁ ନିବୃତ୍ତ କଲି । ନିଜର ମାନ ହିଁ ଯିବ । ଯେଉଁମାନେ ଆମର ଶିଷ୍ୟ, ଯାହାଙ୍କୁ ପୁଅ ପରି ମନେ କରି ଆପଦବିପଦରେ ସାହାଯ୍ୟ କରି ଆସୁଥିଲୁ, ସେମାନଙ୍କ ବିରୁଦ୍ଧରେ କଚେରୀରେ ଛିଡ଼ା ହେବା, କେତୁଟା ଟୋକାଟାକଳିଆ କିଛି ଅସୁବିଧା ସୃଷ୍ଟି କଲେ ବୋଲି ? ଗୁରୁଘର ବୋଲି ପୂର୍ବରୁ ଯୋଉ ମାନ୍ୟ ଅଛି, ସେତକ ଯିବ । ଯାହା ଚୋରି ଯାଇଛି ସେ ଆଉ ଫେରିବନାହିଁ । ଯେଉଁମାନେ ସମସ୍ତଙ୍କ ତଳେ, ମକଦ୍ଦମାରେ ହଟିଲେ ସେମାନଙ୍କର କ'ଣ କ୍ଷତି ହେବ ? କଚେରୀକୁ ଦୌଡ଼ି କିଛି ହଇରାଣ ହେବେ ମାତ୍ର । ମଜୁରୀ ବନ୍ଦ ହେଲେ ପିଲାକବିଲା ଓପାସଭୋକରେ ପଡ଼ିବେ । ପାଟୁଆଯାତ୍ରାରେ ବୁଢ଼ା ବୁଢ଼ୀ

ଶିଷ୍ୟ, ଯେଉଁମାନେ ମୋତେ ଦିନେ କାଖେଇଥିଲେ, ସେମାନଙ୍କ ମୁହଁକୁ ଚାହିଁ ଆଖି ବୁଜିଦେଲି ।

ପୁନିଆଁ ଆଜିକାଲି ଯୁଗର ଟୋକା । ତାର ରଙ୍ଗୀନ୍ ଗାମୁଛା ଦରକାର, ଲୁଙ୍ଗି ଦରକାର । ଅନ୍ଧାରରେ କ'ଣ ଗୋଟାଏ ମରହଙ୍ଗିଆ ହୁଳା ଧରିକରି ଯିବ ? ଟର୍ଚ୍ଚ ଦରକାର । ଏ ଯୁଗରେ ଚାଲୁଛି କିଏ ? ତାର ସାଇକଲ୍ ଦରକାର ।

ପୁଅ (ଏକୋଇର ବଳା ବିଶିକେଶନ) ଘରୁ ପଳାଇଯିବ ବୋଲି ଧମକାଇବାରୁ ବାପ ବଳିଆ ବୁଢା ମୋ ଗୋଡ଼ତଳେ ଢୋଉ ଢୋଉ ମୁଣ୍ଡ ବାଡ଼େଇଲା । ତାର ମୋ ଉପରେ କୌଣସି ପ୍ରାପ୍ୟ ନ ଥିଲେ ବି ଦୁଇଶ ଟଙ୍କା ଦେଇ ସାଇକଲ୍ ଖଣ୍ଡେ କିଣାଇ ଦେଲି । ପୁନିଆଁ ମୂଲ ନ ଲାଗି ଲୁଙ୍ଗି ପିନ୍ଧି କାନ୍ଧରେ ତଉଲିଆ ପକାଇ ଅହୋରାତ୍ର ସାଇକେଲ୍‌ରେ ଡିଆଁ ମାଇଲା—ପୁନ୍ ବାବୁ । ଟିଉବ୍ ଫାଟିଲା, ଟାୟାର୍ ଛିଡ଼ିଲା । ଘରେ ଯାହାର ଖାଇବାକୁ ନାହିଁ ସେ ସାଇକଲ୍ ମରାମତ କରିବ କେମିତି ? ପଡ଼ି ପଡ଼ି କଳଙ୍କି ହେଲା । ସାଇକଲ୍‌କୁ ସଚଳ କରିବା ଲାଗି ପୁନିଆଁ ଆମ ଘରୁହିଁ ଚାନ୍ଦା ଉଠେଇଲା ।

ବିରି ଅଟକାଳି ଖୋଇଛି ଯେ
ହଗେଇ ମୁତେଇ ନବ ସେ ।

## ପଶୁ ଡାକ୍ତରଖାନା

ପଶୁ ମୂକ, ଆମ ଦାରିଦ୍ର୍ୟର ଚରମ ଦୁଃଖ ସେ ଭୋଗ କରେ । ସାହାଣ ବେମାରି ଧଇଲେ ସେ ମରେ, ବିରଡ଼ିଆ ବେମାରି ହେଲେ ତା ଲାଙ୍ଗୁଡ଼ ଛିଣ୍ଡେ, ଫାଟୁଆ ହେଲେ ସେ ଛୋଟା ହୁଏ, ଲଢ଼ି ଶିଙ୍ଘ ଭାଙ୍ଗିଲେ ତାର ଘାଆ ପଚେ, ବେଙ୍ଗା ଧଇଲେ ସେ ନ ଖାଇ ନ ପିଇ ଶୁଖି ଶୁଖି ମରେ । ମଣିଷ ପରି ଗୋରୁଙ୍କୁ ଜର ହୁଏ, ତାର ଝାଡ଼ା ବାନ୍ତି ହୁଏ, ପେଟ ଫୁଲେ । ମଣିଷର ଯେତିକି, ଗୋରୁଗାଈଙ୍କର ସେତିକି ରୋଗ । ରୋଗ ଧଇଲେ ମଣିଷ ଯେଉଁଠି ବିନା ଚିକିତ୍ସାରେ ମରନ୍ତି, ସେଠି ଗୋରୁଙ୍କୁ ପଚାରେ କିଏ ?

ଗାଈ ଜନମ କରି ନ ପାରି ମୋ ଆଗରେ ଛଟପଟ ହୋଇ ମରିଛନ୍ତି । ଏ ଦୃଶ୍ୟ ବଡ଼ ବିକଟ, କରୁଣ । ପଶୁଡାକ୍ତରଖାନାଟିଏ ଖୋଲିବା ଲାଗି ଆମ ତୋଟାକୁ ଲଗାଇ ଖଣ୍ଡିଏ ଜମି ଦେଲି; ଡାକ୍ତରଖାନାଟିଏ ଖୋଲିଲା । ଏବେ ପଚାଶ ଶହେ ଖଣ୍ଡ ଗ୍ରାମର ଲୋକ ଗୋରୁଗାଈ ଘେନି ଆମ ଗାଆଁକୁ ଆସନ୍ତି । ଗୋ ପ୍ରଦର୍ଶନୀ ହୁଏ । କିନ୍ତୁ ଚରିବା ଲାଗି ଗୋଚର, ଦଣ୍ଡା ଆଉ ନାହିଁ— ଗୋରୁ ବୋଇଲେ ହାଡ଼ ଆଉ ଚମ । ଗାଈକି ଗିନାଏ ଦୁଧ—କଅଁଳା ଅଧସେରେ, ପଡ଼ିଆ ପାଏ । ଏ ଗୋରୁଙ୍କ ଦିହରେ ଆତ୍ମା ଅଛି, ପରମାତ୍ମା ବି ରହନ୍ତି । ଗୋଡ଼ ବାଜିଲେ ମୁଁ 'ବିଷ୍ଣୁ' କରେ; କିନ୍ତୁ ନିର୍ଘାତିଆ ପାଞ୍ଚଣ ମାଡ଼ରେ ସେ ପଳାଉଥିବେ ପଛ । କାରଣ ମାଡ଼କୁ ମହାଦେବ ଡରନ୍ତି ।

## ଲଙ୍ଗଳୋତ୍ସବ

ଆଗେ ବ୍ରାହ୍ମଣମାନେ ଆଗେ ହାଲ୍ ବା ଅଣ୍ଟ ଧରିବାର ବିଧି ନ ଥିଲା । ଖଗଡ଼ ବୋହୁଥିଲେ, କିନ୍ତୁ ଲଙ୍ଗଳକଣ୍ଠି ଧରୁ ନ ଥିଲେ । କ୍ରମେ ସବୁ ଫସଲ (ଅଦାକୁ ଛାଡ଼ି; ଅଦା ବଂଶ ପଦା କରିଦିଏ, ବିଶ୍ୱାସ ଥିଲା) କଲେ, ବିଲ ବାଛିଲେ, ଧାନ କାଟିଲେ, ପାଣି ବୋହିଲେ, ଘର ଛପର କଲେ, କିନ୍ତୁ ହଳ କଲେନାହିଁ । ମୋର ଗୋଟାଏ ଖୁବ ସଂସ୍କାରକ ମନୋବୃତ୍ତି ଥିଲା, କହିବି ନାହିଁ । ତରୁଣମାନଙ୍କ ଉପରେ ପଡ଼ି ମୁଁ ଦକ୍ଷିଣସାହସ (ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଗ୍ରାମ) ଗଲି । ପଡ଼ୋଶୀ ଖଣପୁର ଗ୍ରାମର ବୃଦ୍ଧ ବ୍ରାହ୍ମଣ ହରି ଷାରୀଣ, କୃପା ମିଶ୍ରଙ୍କୁ ସଙ୍ଗେ ନେଲି । ନାମ ସଂକୀର୍ତ୍ତନ ମଧ୍ୟରେ ଆମ୍ଭମାନଙ୍କ ଗଳାରେ ଫୁଲମାଳା ଲମ୍ବିଲା । ବଳଦମାନଙ୍କ ଶିଙ୍ଗରେ ମଧ୍ୟ ଫୁଲହାର ବନ୍ଧା ହେଲା, ମୁଣ୍ଡରେ ଫଗୁ ଲଗା ହେଲା । ହରିବୋଲ ହୁଳହୁଳି ପଡ଼ିଲା ।

ଖର୍ଗବୀ ନଈ କୂଳ ପୋଲଙ୍କ ତୋଟାରେ ସୂର୍ଯ୍ୟ ଅସ୍ତ ଯାଉଥାନ୍ତି । ଗୋଧୂଳିର ଶ୍ରୀ ସମସ୍ତ ଦୃଶ୍ୟକୁ ରଙ୍ଗୀନ୍ କରିଥାଏ । ମୁଁ ଲଙ୍ଗଳ କଣ୍ଠିରେ ହାତ ପକାଇଲି । ଗୋଟିଏ ଭେଣ୍ଡା ବୁଲାଇଲା ପରେ ଜଣେ ଯୁବକ କଣ୍ଠି ଧରି ନେଲା । ଉତ୍ସବର ବ୍ରାହ୍ମଣ ଯୁବକମାନେ ରୀତିମତେ ହଳ ବୁଲାଇଲେ, ତାଙ୍କ ଦେଖାଦେଖି ଖଣପୁର ଓ ଅନ୍ୟାନ୍ୟ ଗ୍ରାମମାନଙ୍କରେ ଏହା ଚଳିଲା । ହଳ କରି ଏକଘରିକିଆ ହେବାର ଶଙ୍କା ଆଉ ରହିଲାନାହିଁ । କିନ୍ତୁ ଆମ ଗ୍ରାମରେ ମୁଁ ଏହା ଚଳାଇ ପାରିଲିନାହିଁ । କାରଣ ଅଧିକାଂଶ ଜମି ଜଣକ ହାତରେ ଥିଲା । ଦରିଦ୍ର ବ୍ରାହ୍ମଣ ଯୁବକମାନେ କଲିକତାକୁ 'ଠାକୁର' ବା ଅନ୍ୟତ୍ର 'ମାଷ୍ଟ୍ରେ' ହୋଇ ଚାଲି ଯାଇଥିଲେ ।

## ନୀଳ ମାଷ୍ଟ୍ରାଣୀ

ସେ ସମୟର ନାନା ସାମାଜିକ ବିଚ୍ୟୁତି ମଧ୍ୟରେ 'ନୀଳ ମାଷ୍ଟ୍ରାଣୀ ଘଟଣା ଅନ୍ୟତମ । ନୀଳ ବ୍ରାହ୍ମଣ ଘର ଝିଅ, ବାଳିକାବୟସରେ ବିଭା ହୋଇଥିଲା ସେ ମଣିଷ ହେଲା ବେଳକୁ ତା'ର ବୟସ୍କ ସ୍ୱାମୀର ମୃତ୍ୟୁ ଘଟିଥିଲା । ସେ ଉଚ୍ଚ ପ୍ରାଥମିକ ପାସ୍ କରିଥିଲା, ଟ୍ରେନିଂ ପାଇ ମାଷ୍ଟ୍ରାଣୀ ହେଲା । କିନ୍ତୁ ଯୌବନର ଉଷ୍ମ ସମ୍ଭାଳି ପାରିଲାନାହିଁ । ଯୁବକମାନେ କେବଳ ବ୍ୟଭିଚାରର ଇଙ୍ଗିତ ଦେଲେ, କେହି ସ୍ତ୍ରୀ ଭାବରେ ତାର ଦାୟିତ୍ୱ ନେଲେନାହିଁ । ଧ୍ରୁବ ସେଠୀ ବିବାହିତ ଯୁବକ, ସେ ଯାତ୍ରାରେ ରଜା ହୋଇ ବାହାରୁଥିଲା; ନୀଳମଣି ଚାକିରୀ ଛାଡ଼ି ହେଲା ତାର ସ୍ତ୍ରୀ । ଏ ଘଟଣା ସୃଷ୍ଟି କଲା ଏକ ପାରିବାରିକ ଓ ସାମାଜିକ ବିକ୍ଷୋଭ ।

ଏହାକୁ ଉପଜୀବ୍ୟ କରି ମୁଁ ଲେଖିଥିଲି—"ଅହିଅ ସିନ୍ଦୂର ଟୋପା ବିଷକ୍ତ ଥାଉ", ତାପରେ ଆଉ ତିନିଗୋଟି କବିତା । ରାଧାମୋହନ ଗଡ଼ନାୟକଙ୍କୁ ଘେନି ଥରେ ମୁଁ ତା ଘରକୁ ଯାଇଥିଲି । ସେତେବେଳକୁ ନୀଳର କେତେଗୁଡ଼ିଏ ପିଲାଝିଲା ହୋଇଥିଲେ । ସେ ହୋଇଥିଲା ବୃଦ୍ଧା । ଗଡ଼ନାୟକଙ୍କଠାରୁ ଶୁଣି ଗୋଦାବରୀଶ ମହାପାତ୍ର 'ନୀଳ ମାଷ୍ଟ୍ରାଣୀ' ଗଳ୍ପଟି ଲେଖିଥିଲେ, ସ୍ୱୟଂ ଗଡ଼ନାୟକ ମଧ୍ୟ ଗୋଟିଏ କବିତା ଲେଖିଥିଲେ । ରାମୀ ଚଣ୍ଡୀ ଦାସଙ୍କୁ, ହର ବୈଷ୍ଣବ ପାଣିଙ୍କୁ କବି କରିଥିଲା, ନୀଳ ସେହିପରି ଓଡ଼ିଆସାହିତ୍ୟରେ ଏକ ଅଧ୍ୟାୟ ସୃଷ୍ଟି କରିଥିଲା ।

# ଅପରାହ୍ଣରୁ ଗୋଧୂଳି

# ଜୀବନର ଲୀଳା-ତକ୍ତ ଓ ମଧୁର

୧୯୬୮ ମୋର ଗୋଟିଏ ଦୁଃଖ ଓ ସଂଗ୍ରାମର ବର୍ଷ ବୋଲି ଡାଇରୀରେ ଲିପିବଦ୍ଧ କରିଛି—"ଅଗଣିତ କ୍ଷତ ମୋର ମନରେ, ବହୁ ଦୁଶ୍ଚିନ୍ତା । କେତେକ ମୋତେ ଅକାରଣେ ଆହତ କରିଛନ୍ତି । ମୋର କେତେକ ଦୁଃଖର କାରଣ ହୋଇଛି ମୁଁ ନିଜେ" ।

"ଏ ବର୍ଷଟି ପାରି ହୋଇ ଆସି ଦୀର୍ଘଶ୍ୱାସ ପରେ ଦୀର୍ଘଶ୍ୱାସ ଛାଡ଼ିଛି । ସମସ୍ତ ଯୋଗ୍ୟତା ସତ୍ତ୍ୱେ ଓଡ଼ିଆବିଭାଗର ପ୍ରାଧ୍ୟାପକ ହୋଇପାରିଲି ନାହିଁ । ବର୍ଷସାରା ସଂଗ୍ରାମ, ଶତ୍ରୁ ପ୍ରବଳ, ଭଗବାନ୍ ଭରସା" ।

ଶତ୍ରୁର ବିଜୟ ମୁହୂର୍ତ୍ତରେ ହିଁ ଘଟଣାଚକ୍ର ଓଲଟା ବୁଲେ । ଏଥିରୁ ଏତିକି ବୁଝେ—ଶତ୍ରୁ ପଟେ ଶଂସପ୍ତକ ବାହିନୀ, ମୋ ପଟେ ଶ୍ରୀକୃଷ୍ଣ । ସେ ମୋତେ ଶଙ୍ଖରେ ପୂରାଇ ଚକ୍ର ଆବୁଆଳ କରିଛନ୍ତି । ସଂସାରର ଈର୍ଷା, ହିଂସା ଓ ଚକ୍ରାନ୍ତର ସମ୍ମୁଖୀନ ହେବାକୁ ଚିର ଅଯୋଗ୍ୟ ।

"ବଡ଼ ଦୁର୍ବଳ ମୁଁ, ବିଶ୍ୱାସ ମୋର ଟଳିଛି । ସେଥିଲାଗି ଛାତି ଜଳି ଉଠିଛି ଅନିଦ୍ର ରାତିରେ । କେତେ ଅଜଣା ଶଙ୍କା ମାଡ଼ି ବସିଛି । ଭୂତକୋଠିରୁ ଜୀବନ ମାତ୍ର ଘେନି ଖସି ଆସିଲା ପରି ଲାଗୁଛି ଏବେ ।"

"ମନରୁ କବିତା ହଜିଯାଇଛି । ତାକୁ ଛାଡ଼ି ଦେବତା ଚାଲିଯାଇଛନ୍ତି । ଧୂମଳ, ଧୂସର, ରୁକ୍ଷ, କର୍କଶ ମରୁପ୍ରାନ୍ତରର ପଥଚର ।"

୨।୧।୬୯ରେ ଓଡ଼ିଆ ମୁଖ୍ୟ ଅଧ୍ୟାପକ ଭାବେ ନିଯୁକ୍ତିପତ୍ର ପାଇଲି । ୧୯୬୩ରେ ଓଡ଼ିଶାରେ ଓଡ଼ିଆବିଭାଗର ପ୍ରଥମ ରିଡର୍ ହୋଇଥିଲି ମୁଁ । ଓଡ଼ିଆ ଏମ୍. ଏ. ଯୋଗ୍ୟତାପ୍ରାପ୍ତ ପ୍ରଥମ ଓଡ଼ିଆ ପ୍ରଫେସର ହେଲି ମଧ୍ୟ ମୁଁ ।

ଆଜୀବନ ଗବେଷକ, ଉତ୍କୃଷ୍ଟ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଓଡ଼ିଆ ସାହିତ୍ୟ ଲାଗି ଖଟି ଖଟି ଆୟୁ କ୍ଷୟ କଲେ । ତାଙ୍କୁ ଓଡ଼ିଆ ମୁଖ୍ୟ ଅଧ୍ୟାପକ ପଦ ମିଳିଲା ନାହିଁ । ସଂସ୍କୃତରେ ଏମ୍. ଏ ପାସ୍ କରି ଡକ୍‌ଟର କରୁଣାକର କର, ଡକ୍‌ଟର କୁଞ୍ଜବିହାରୀ ତ୍ରିପାଠୀ ଓଡ଼ିଆରେ ପ୍ରଫେସର୍ ହୋଇଥିଲେ । କରୁଣାକରବାବୁ ଓଡ଼ିଆରେ ଚର୍ଯ୍ୟାଗୀତି, ଡକ୍‌ଟର ତ୍ରିପାଠୀ ଓଡ଼ିଆ ଶିଳାଲେଖ ସମ୍ବନ୍ଧରେ ଇଂରାଜୀରେ ସନ୍ଦର୍ଭ ଲେଖିଥିଲେ । ତେଣୁ ସେମାନେ ଓଡ଼ିଆରେ ଏମ୍. ଏ. ପାସ୍ ନ କରିଥିବା ତ୍ରୁଟି ଧରାଗଲା ନାହିଁ ।

ଓଡ଼ିଆ, ସଂସ୍କୃତ ଦୁଇଟି ବିଭାଗର ମୁଖ୍ୟ ଥିଲେ ଡକଟର ତ୍ରିପାଠୀ । ମୋତେ ଓଡ଼ିଆରେ ଓ ଶ୍ରୀ ଧଳଙ୍କୁ ସଂସ୍କୃତରେ ରିଡ଼ର କରାଯାଇଥିଲା । ତ୍ରିପାଠୀଙ୍କ ବଦଳି ପରେ ଓଡ଼ିଆରେ ମୌଳିକ ଡ଼ିଗ୍ରୀ ନ ଥାଇ ବି ପରମ୍ପରା ଦୃଷ୍ଟିରୁ ପ୍ରାଧ୍ୟାପକ ପଦ ଲାଗି ଶ୍ରୀ ଧଳ ଦାବୀଦାର ହେଲେ, ଓ ଉଚ୍ଚଶିକ୍ଷାକର୍ତ୍ତାଙ୍କର ସହାନୁଭୂତି ଯୋଗୁଁ ବହୁଦୂର ଆଗେଇଗଲେ । ଆମ ଉଭୟଙ୍କ ମଧ୍ୟରେ କନ୍ଦଳ (ବ୍ୟକ୍ତିଗତ ନୁହେଁ, ନୀତିଗତ) ଉପୁଜିବା ଫଳରେ ଓଡ଼ିଆବିଭାଗ ରେଭେନ୍‌ସା କଲେଜ ଅଧ୍ୟକ୍ଷଙ୍କ ଦାୟିତ୍ୱରେ ରହିଲା ।

ଆମ ଉଭୟଙ୍କ କାଗଜପତ୍ର ଯଥା ସମୟରେ ଡ଼ି ପି. ଆଇଙ୍କ ଅଫିସ୍‌କୁ ଯାଇଥିଲା । କିନ୍ତୁ ଓଡ଼ିଆରେ ମୌଳିକ ଡ଼ିଗ୍ରୀ ନ ଥିବାରୁ ଧଳଙ୍କ କାଗଜପତ୍ର ପବ୍ଲିକ୍ ସର୍ଭିସ୍ କମିସନକୁ ପଠାଗଲା ନାହିଁ । କମିସନରୁ ମୋ ନାମଟି ମାତ୍ର ସୁପାରିସ୍ ହୋଇ ଆସିଲା; ଶିକ୍ଷାମନ୍ତ୍ରୀ ମୋ ଫାଇଲ୍‌ଟି ଚିଫ୍ ସେକ୍ରେଟେରୀଙ୍କ ନିକଟକୁ ପଠାଇ ଦେଲେ ଓ ଅଳ୍ପଦିନ ମଧ୍ୟରେ ମୋତେ ନିଯୁକ୍ତିପତ୍ର ମିଳିଗଲା । ଶ୍ରୀ ଧଳ ହାଇକୋର୍ଟରେ ରିଟ୍ କଲେ ଓ କିଛିଦିନ ପରେ ଏହା ବ୍ୟର୍ଥ ହେବ ଜାଣି ମକଦ୍ଦମାଟି ଉଠାଇ ଆଣିଲେ ।

ତା'ପରେ ଶ୍ରୀ ଧଳ ଚେଷ୍ଟା କଲେ ଓଡ଼ିଆରେ ରିଡ଼ର୍ ହେବା ପାଇଁ । ସଂସ୍କୃତରୁ ଓଡ଼ିଆ ଅଲଗା ହେବା ପରେ ବିଭାଗୀୟ କ୍ରମ ଅନୁଯାୟୀ ଡକ୍‌ଟର କାହ୍ନୁ ଚରଣ ମିଶ୍ର ମୋ ତଳେ ଥିଲେ; ସରକାରୀ ନୋଟିସ୍‌କୁ ଅଣ୍ଡିଆ ଟୋକେଇରେ ପକେଇ ଦେଇ ଓଡ଼ିଆ ଏମ୍. ଏ ଡ଼ିଗ୍ରୀହୀନ ଶ୍ରୀ ଧଳଙ୍କୁ କମିସନ୍ ଜ୍ୟେଷ୍ଠ ରିଡ଼ର୍ କଲେ; ଡକ୍‌ଟର ମିଶ୍ରଙ୍କୁ 'ଡକ ସି ଜଗବନ୍ଧୁବିଦ୍ୟାଧର'କଲେଜକୁ ବଦଳି କରାଗଲା; ତାଙ୍କ କନିଷ୍ଠ ଡକ୍‌ଟର ବଂଶୀଧର ମହାନ୍ତି, ଡକଟର ଗୋପାଳ ଚନ୍ଦ୍ର ମିଶ୍ର ଯଥାକ୍ରମେ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମୁଖ୍ୟ ହୋଇଥିଲେ । ଡକ୍‌ଟର ମିଶ୍ରଙ୍କ ପ୍ରତି କର୍ତ୍ତା ବିରୂପ ଥିଲେ, ସେ ଯେପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ନୋହି ପାରିବେ, ସେଥିଲାଗି ଯତ୍ନ କଲେ । ଯେତେବେଳେ ଚେଷ୍ଟା ପାଣି ଫାଟିବାର ଦେଖାଗଲା, କର୍ତ୍ତା ଶେଷ ଅସ୍ତ୍ର ପ୍ରୟୋଗ କଲେ— ପ୍ରାଧ୍ୟାପକରୁ ପ୍ରାଧ୍ୟାପକ ହେବା ଯଥାର୍ଥ; ଦରଖାସ୍ତକାରୀଙ୍କ ମଧ୍ୟରେ ଜଣେ ମୁଖ୍ୟ ଅଧ୍ୟାପକ ଅଛନ୍ତି । ତାଙ୍କୁ ହିଁ ନେଇଯିବା । କର୍ତ୍ତା ସେତେବେଳେ ଜାଣି ନ ଥିଲେ ଯେ ତାଙ୍କ ଅସ୍ତ୍ର ତାଙ୍କ ନିଜ ଦେହରେ ବାଜିବ । ବିସ୍ମରକ ବୋର୍ଡ଼ ଏ ଯୁକ୍ତି ନିସ୍ପନ୍ଦ ଭାବେ ଶୁଣୁଥିବା ବେଳେ ଉପକୁଳପତି ମୁହଁ ଖୋଲିଲେ—

ଉତ୍କଳବିଶ୍ୱବିଦ୍ୟାଳୟ ଇଂରାଜୀ ପ୍ରାଧ୍ୟାପକ ନିର୍ବାଚନରେ ଏହି ବିଦ୍ବରଧାର ଅବଲମ୍ବିତ ହୋଇଥିଲା କି ?

ଏହାର ଦରଖାସ୍ତକାରୀଙ୍କ ମଧ୍ୟରେ ଜଣେ ପ୍ରାଧ୍ୟାପକ ଥିଲେ, ସେ ଡକ୍‌ଟରେଟ୍ ଡ଼ିଗ୍ରୀଧାରୀ, କେତେବର୍ଷ ରିଡର୍ ଓ ପ୍ରଫେସର ହୋଇଥିଲେ । ଉତ୍କୃଷ୍ଟ ଶିକ୍ଷକ ଭାବେ ତାଙ୍କର ନାମ ଥିଲା । କିନ୍ତୁ ବିସ୍ମରକୁ ନିଆଗଲା ନାହିଁ । ନ୍ୟାୟ ଗୋଟାଏ ଘର ପାଇଁ, ଗୋଟାଏ ବାହାର ପାଇଁ ହୋଇ ନ ପାରେ । ଆଇନକୁ ଯଥେଚ୍ଛ ବ୍ୟବହାର କରୁଥିଲେ ଅନ୍ଧ ମୁଲକର ରାଜା, ତାଙ୍କର ଉତ୍ତରାଧିକାରୀ ହୋଇଥିଲେ କେତେକ ସ୍ୱେଚ୍ଛାଚାରୀ ସରକାରୀ ଅଫିସର୍ । ଅତ୍ୟୁଚ୍ଚ ଶିକ୍ଷାକର୍ତ୍ତା ଏଥିରେ ହସ୍ତକ୍ଷେପ ନ କରୁଥିବାରୁ ଅଫିସରମାନଙ୍କ ମୁହଁ ବଢ଼ିଯାଇଥିଲା, ଅକ୍ଲେଶରେ ସେମାନେ ଆଇନକୁ ଆଖିମିଟିକା ମାରି କଳାକୁ ଧଳା, ଧଳାକୁ କଳା କରିପାରୁଥିଲେ । ନିଜର ତୁଚ୍ଛ ସ୍ୱାର୍ଥକୁ ଲକ୍ଷ୍ୟ ରଖି ଏକ ଦୁଦର୍ଶ୍ୟ ଆଚରଣ ଦେଇ ପାରୁଥିଲେ । ବାହାରେ ଯେ ବିଦ୍ୱାନ୍, ଆଇନ୍‌ରକ୍ଷକ ପରି ଦିଶେ, ଭିତରେ ସେ କେଡ଼େ ଦୟନୀୟ, ଅକିଞ୍ଚିତ୍‌କର, ହାସ୍ୟାସ୍ପଦ ।

କର୍ତ୍ତା କ୍ରୋଧରେ ଜଳିଲେ; କିନ୍ତୁ ନିରୁପାୟ । ଡକ୍‌ଟର କାହ୍ନୁ ଚରଣ ପ୍ରାଧ୍ୟାପକ ଭାବେ ନିଯୁକ୍ତି ପାଇଲେ ।

ଓଡ଼ିଶାରେ ଓଡ଼ିଆ ଭାଷାର ପୂର୍ବସ୍ଥିତି ଓ ଗତି ସଂପର୍କରେ ଟିକିଏ ସୂଚାଇ ଦେବା ଆବଶ୍ୟକ । ୧୮୬୮-୭୦ର ଓଡ଼ିଆଭାଷାବିଲୋପ ଆନ୍ଦୋଳନ କଥା ମନେ ପଡ଼େ; ବଙ୍ଗଳାର ଛୋଟଲାଟଙ୍କ ଆଦେଶନାମା ବଳରେ ନିମ୍ନ ଭର୍ନାକୁଲର ସ୍କୁଲମାନଙ୍କରେ ଓଡ଼ିଆ ପଢ଼ାଗଲା । ଊନବିଂଶ ଶତାବ୍ଦୀ ଶେଷ ହେବା ପର୍ଯ୍ୟନ୍ତ କଲେଜରେ ଭର୍ନାକୁଲାର କମ୍ପୋଜିସନ୍ ମାତ୍ର ପଢ଼ା ହେଉଥିଲା । ଗଡ଼ଜାତ ରଜା ଓ ସାମନ୍ତମାନଙ୍କ ପୋଷକତାରେ ଓଡ଼ିଆସାହିତ୍ୟ ବଞ୍ଚି ରହିଥିଲା; ଉତ୍କଳୀୟ ସରସ୍ୱତୀଙ୍କୁ ଉଚ୍ଚାଙ୍ଗ ଛାତ୍ରମାନଙ୍କ ଦ୍ୱାରଦେହଳୀ ସ୍ପର୍ଶ ନିଷିଦ୍ଧ ଥିଲା ।

ଊନବିଂଶ ଶତାବ୍ଦୀର ଶେଷପାଦ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ମୟୂରଭଞ୍ଜ, ବାମଣ୍ଡା, ତାଳଚେର, ସୋନପୁର ପ୍ରଭୃତି ଗଡ଼ଜାତର ରଜାମାନେ ଓଡ଼ିଆ ପତ୍ରିକା ଓ ପୁସ୍ତକ ପ୍ରକାଶ ଦିଗରେ ଯତ୍ନବାନ୍ ହୋଇଥିଲେ । ଗଡ଼ଜାତ ରଜାମାନଙ୍କ ମଧ୍ୟରେ ସୋନପୁର ମହାରାଜାଙ୍କ ଦୃଷ୍ଟି ଅଧିକ ସୁଦୂରପ୍ରସାରୀ ଥିଲା । ପ୍ରଥମ ମହାଯୁଦ୍ଧର ପରବର୍ତ୍ତୀ କାଳରେ କଲିକତା ବିଶ୍ୱବିଦ୍ୟାଳୟରେ ସେ ଓଡ଼ିଆରେ ଏମ୍.ଏ. ଶ୍ରେଣୀ ଖୋଲାଇଥିଲେ । ଏହାକୁ ଲକ୍ଷ୍ୟ କରି ୧୯୧୯ରେ ବିଶ୍ୱନାଥ କର 'ଉତ୍କଳସାହିତ୍ୟ'ରେ ଲେଖିଥିଲେ— ''ଦେଶଭାଷାରେ ଏମ୍.ଏ. ପରୀକ୍ଷା କିଛିକାଳ ପୂର୍ବେ ନିତାନ୍ତ ହାସ୍ୟକର ପ୍ରସ୍ତାବ ବୋଲି ବିଜ୍ଞ ପଣ୍ଡିତମାନଙ୍କ ନିକଟରେ ପ୍ରତୀୟମାନ ହେଉଥିଲା । ତେରେଟି ଭାଷା ଏହି ପରୀକ୍ଷାର ଅନ୍ତର୍ଭୁକ୍ତ ହୋଇଅଛି । ଆନନ୍ଦର କଥା, ଓଡ଼ିଆଭାଷା ତନ୍ମଧ୍ୟରୁ ଗୋଟିଏ ।''

ସାର୍ ଆଶୁତୋଷଙ୍କ ଦେଶାତ୍ମବୋଧ, ସଂସ୍କୃତିପ୍ରୀତି ଓ ଉଦାର ନୀତି ଫଳରେ କଲିକତାବିଶ୍ୱବିଦ୍ୟାଳୟରେ ବଙ୍ଗଳା ସହିତ ଅନ୍ୟାନ୍ୟ ଭାରତୀୟ ଭାଷା ଓ ସାହିତ୍ୟର ଅଧ୍ୟାପନା ବ୍ୟବସ୍ଥା ହୋଇଥିଲା । ବହୁ ନିଯାତିତ ଓଡ଼ିଆଭାଷା ବଙ୍ଗଳା ଦରବାରରେ ଏକ ମର୍ଯ୍ୟାଦାବନ୍ତ ଆସନ ଲାଭ କଲା । ଯେଉଁଠି ନିନ୍ଦିତ, ସେଇଠି ସେ ବନ୍ଦିତ ହେବାକୁ ଲାଗିଲା । ବଙ୍ଗଳା, ହିନ୍ଦୀ ଓ ଅନ୍ୟାନ୍ୟ ଭଗିନୀମାନଙ୍କ ସହିତ ଗୌରବାସନରେ ଅଧିଷ୍ଠିତ ହୋଇ ଓଡ଼ିଆ ଯେପରିକି ଭବିଷ୍ୟତ ଉପରେ ଆଶାୟୀ ଦୃଷ୍ଟି ନିକ୍ଷେପ କରିବାକୁ ଲାଗିଲା ।

ସେକାଳେ ଓଡ଼ିଆ ଏମ୍.ଏ ର ଏକ ଐତିହାସିକ ଆବଶ୍ୟକତା ଥିଲା । ଏହା ହୋଇଥିଲା ଜାଗରଣଶୀଳ ଓଡ଼ିଆର ଉଚ୍ଚ ଆଶା ଓ ଦୃଢ଼ ବିଶ୍ୱାସର ପ୍ରତୀକ, ସାଂସ୍କୃତିକ ଅଭ୍ୟୁତ୍ଥାନ ଲାଗି ଏକ ଉଜ୍ଜ୍ୱଳ ଦୀପସ୍ତମ୍ଭ । ଅଗ୍ରଗତି ଲାଗି ଆଧୁନିକ ସାହିତ୍ୟକୁ ଏହା ହିଁ ଦେଇଥିଲା ସବୁଜ ସଙ୍କେତ ।

ମୁଁ କଲିକତାବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ୍.ଏ. ପାସ୍ କରି ଆସିବାର ଦଶବର୍ଷ ପରେ ୧୯୫୧ରେ ଶାନ୍ତିନିକେତନରେ ବିଶ୍ୱଭାରତୀ କେନ୍ଦ୍ରବିଶ୍ୱବିଦ୍ୟାଳୟ ରୂପେ ପ୍ରତିଷ୍ଠିତ ହେଲା, ବଙ୍ଗଳା ଓ ହିନ୍ଦୀ ସହିତ ଓଡ଼ିଆରେ ଏମ୍.ଏ ଶ୍ରେଣୀ ଖୋଲିଲା । ତାର କିଛିବର୍ଷ ପୂର୍ବରୁ ରେଭେନ୍ସା କଲେଜରେ ଓଡ଼ିଆରେ ଅନର୍ସ ଓ ୧୯୪୬ରେ ଏମ୍.ଏ. ଶ୍ରେଣୀ ଖୋଲିଲା । ସଂସ୍କୃତ ଅଧ୍ୟାପକମାନେ ଓଡ଼ିଆ ଅଧ୍ୟାପକ ହେବାକୁ ଲାଗିଲେ, ଓଡ଼ିଆର ସ୍ୱାତନ୍ତ୍ର୍ୟ ଓ ଓଡ଼ିଆ ଏମ୍.ଏ. ଡିଗ୍ରୀପ୍ରାପ୍ତ ବ୍ୟକ୍ତିମାନଙ୍କର ବୈଶିଷ୍ଟ୍ୟ ସ୍ୱୀକୃତ ହେଲାନାହିଁ, ଦୁର୍ଭାଗ୍ୟର ବିଷୟ ।

ଓଡ଼ିଆଭାଷା ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠିତ ହେଲା । କେତେ ମନ୍ତ୍ରୀ ଉପମନ୍ତ୍ରୀ ହେଲେ । କିନ୍ତୁ ବହୁବର୍ଷ ପର୍ଯ୍ୟନ୍ତ ପରୋକ୍ଷଭାବେ ଇଂରାଜୀ ପକ୍ଷପାତୀ ଡି.ପି.ଆଇ.ମାନେ ଓଡ଼ିଆଭାଷାର ଅଗ୍ରବିକାଶ ଲାଗି ଦୃଢ଼ ପଦକ୍ଷେପମାନ ନେଲେ ନାହିଁ; ଫଳରେ ଅନ୍ୟ ପ୍ରାଦେଶିକ ଭାଷାମାନଙ୍କ ସଙ୍ଗେ ସମାନ୍ତର ହେବାଲାଗି ବିଶେଷ ବିଳମ୍ବ ଘଟିଲା । ଜଣେ ଡି.ପି.ଆଇ କଲେଜରେ ଏମ୍.ଆଇ.ଏଲ୍ ପାଠର ଉନ୍ନତି ନକରି ଏହାର ସମୂଳ ଉଚ୍ଛେଦ ଲାଗି ଚେଷ୍ଟିତ ହୋଇଥିଲେ । ତାଙ୍କ ପ୍ରତିରୋଧ ପରେ ସେ ସେଥିରୁ ନିବୃତ୍ତ ହେଲେ ।

ସେ ମହାଶୟ ଉତ୍କଳବିଶ୍ୱବିଦ୍ୟାଳୟର ଉପକୁଳପତି ହେବାପରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଉତ୍କଳବିଶ୍ୱବିଦ୍ୟାଳୟର ହତା ମଧ୍ୟରେ ପୂରାଇଦେବେ ନାହିଁ ବୋଲି ଯେପରିକି ସଂକଳ୍ପବଦ୍ଧ ହୋଇଥିଲେ । ଯେଉଁ ଭାଷାର ସ୍ୱାତନ୍ତ୍ର୍ୟ ସ୍ୱୀକୃତ ହେବାରୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା ଓ ସେ ତାର ଉପକୁଳପତି ହୋଇ ଗୌରବଜନକ ଆସନର ଅଧିକାରୀ ହେଲେ, ତା ପ୍ରତି ସେ ଭ୍ରୂକ୍ଷେପ କଲେନାହିଁ । ଓଡ଼ିଆମାନେ, ଆଶ୍ଚର୍ଯ୍ୟ, ତା ଦେଖି ନୀରବ ରହିଥିଲେ । ଭାରତର ରାଷ୍ଟ୍ରପତି ଡକ୍ଟର ଜାକିରହୋସେନ୍ ଉତ୍କଳବିଶ୍ୱବିଦ୍ୟାଳୟର ସମାବର୍ତ୍ତନଉତ୍ସବରେ ଭାଷଣ ଦେବାକୁ ଆସି ରେଢ଼ଠୋକ୍ ଭାଷାରେ କେବଳ ଆକ୍ଷେପ କଲେନାହିଁ, କର୍ଣ୍ଣଙ୍କୁ ଚାବୁକ୍ ହିଁ ମାରିଲେ କହିଲେ ଚଳେ । ବକ୍ତୃତା ହେଲାପରେ ଉପକୁଳପତିଙ୍କ ଦୃଷ୍ଟି ଫିଟିଗଲା । ନିଜ ଚେୟାର ଉଡ଼ିଯିବାର ଶଙ୍କାରେ ଅକ୍ରାନ୍ତ ହେଲାପରେ ସେ ଓଡ଼ିଆରେ ଏମ୍.ଏ ଶ୍ରେଣୀ ଖୋଲିବାକୁ ବାଧ୍ୟ ହେଲେ ।

ଏବେ ତାଙ୍କ ଦେଶାତ୍ମବୋଧକ ଭାଷଣ ଶୁଣିଲେ ହସ ମାଡ଼େ । ବୁଦ୍ଧି କ୍ଷୀଣ; ଜଗନ୍ନାଥଧର୍ମୀ ଓଡ଼ିଆ ସହିଷ୍ଣୁ । କିନ୍ତୁ ଏଭଳି ସହିଷ୍ଣୁତା ମାରାତ୍ମକ । ଏହିପରି ବହୁ ନେତା ଦେଶପ୍ରେମୀ ଓ ତଥାକଥିତ ବହୁ ସଂସ୍କୃତିପ୍ରେମୀଙ୍କୁ ସମ୍ବର୍ଦ୍ଧନା କଲାବେଳେ ସେମାନଙ୍କ ଅକର୍ମଣ୍ୟତା ବା ଅପକର୍ମର ଇତିହାସ ଜାତି ଭୁଲିଯାଏ, ଦୁଃଖର ବିଷୟ ।

ବହୁ ସଂଗ୍ରାମ ଓ ସଂଘର୍ଷ ପରେ ସଂସ୍କୃତବିଭାଗ, ଓଡ଼ିଆବିଭାଗ ଅଲଗା ଅଲଗା ହେଲା । ଓଡ଼ିଆସାହିତ୍ୟ ଏକ ସ୍ୱତନ୍ତ୍ର ସ୍ୱୀକୃତି ଓ ସମ୍ମାନ ଲାଭ କଲା, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ପ୍ରାୟ ୩୦ ବର୍ଷ ପରେ ।

ଓଡ଼ିଆବିଭାଗର ପ୍ରଫେସର ହେବାରେ ମୋର ବହୁଦିନର ଆଶାଆକାଂକ୍ଷା ପୂର୍ଣ୍ଣ ହେଲା । କିନ୍ତୁ ଦୁର୍ଭାଗ୍ୟକୁ ଏଇ ପାହିଆରେ ମୋର ବର୍ଷଟିଏ ବି ପୂର୍ଣ୍ଣ ହେଲା ନାହିଁ । ଏହି ସମୟାନ୍ତର ଓଡ଼ିଶାର ସରକାରୀ ଚାକିରିଆଙ୍କ କାର୍ଯ୍ୟକାଳ ୫୮ ବର୍ଷରୁ ୫୫ ବର୍ଷକୁ ଖସେଇ ଦିଆହେଲା । ଏ ଯୋଜନା ଫଳରେ ଅନେକଙ୍କ ପରି ମୋର ବିଶେଷ କ୍ଷତି ହୋଇଥିଲା । ମାତ୍ର ତେଇଶି ବର୍ଷ ଏଗାରମାସ ଚାକିରୀ କରି ପଞ୍ଚାବନ ବର୍ଷରେ ମୋତେ ଅବସର ନେବାକୁ ହେଲା । ମୋର କର୍ମକ୍ଷମତା, ଅଧ୍ୟାପନ ଦକ୍ଷତା ଓ ଗବେଷଣା ପ୍ରତି କେହି ଦୃକ୍‌ପାତ କଲାନାହିଁ । ମୁଁ ବିଳମ୍ବରେ ପଢ଼ା ଆରମ୍ଭ କରିଥିଲି, ବିଳମ୍ବରେ ସରକାରୀ ଚାକିରୀରେ ଯୋଗ ଦେଇଥିଲି । ମୋର ଅଭିଭାବକ ସରକାରୀ ଚାକିରୀର ରହସ୍ୟ ଅବଗତ ହୋଇ ନ ଥିବାରୁ ମୋର ବୟସ ବିଶେଷ କମାଇ ଲେଖି ନଥିଲେ । ଫଳରେ ମୋ ଶ୍ରେଣୀପଢ଼ୁଆ ସାଥୀମାନଙ୍କର ତିନି ଚାରିବର୍ଷ ଚାକିରୀକାଳ ଥିଲେ ମଧ୍ୟ ମୋର ଆଗେ ସରିଗଲା ।

ସେତେବେଳେ ଓଡ଼ିଆବିଭାଗରେ ବିଶେଷ ଗୋଳମାଳିଆ ପରିସ୍ଥିତି ଉପୁଜିଥିଲା । ସଂସ୍କୃତରୁ ଓଡ଼ିଆବିଭାଗ ଅଲଗା ହେଲେବି ଜଣେ ସଂସ୍କୃତ ରିଡ଼ର୍‌ଙ୍କୁ ଓଡ଼ିଆବିଭାଗର ଦାୟିତ୍ୱ ଦିଆଗଲା ଓ ପରେ ସେଇ ବିଭାଗର ପ୍ରଫେସର୍ କରାଗଲା । ଚିନ୍ତାର ଅସ୍ୱଚ୍ଛତା, ଓଡ଼ିଆ ଏମ୍.ଏ.ଙ୍କ ପ୍ରତି ଅବହେଳା ବା କର୍ତ୍ତାଙ୍କ ଅବିବେକିତା ବା ଖିଆଲ୍ ଯେଉଁ କାରଣରୁ ହେଉ, ଓଡ଼ିଆର ଦୁର୍ଦ୍ଦିନ ଯେ ଶେଷ ହୋଇନାହିଁ, ଏହା ନିଶ୍ଚିତଭାବେ ଜଣାଗଲା । ଓଡ଼ିଆରେ ଡିଗ୍ରୀ ନ ଥାଇ ଜଣେ ପ୍ରଫେସର୍ ହୋଇପାରିଲେ । କ୍ଷମତା କଣ କରି ନପାରେ ?

କିନ୍ତୁ ଈଶ୍ୱରଙ୍କ ବୁଝାମଣା ଭିନ୍ନ । ଗୋଲୋକବିହାରୀ ଧଳ ଅଧ୍ୟବସାୟ ଓ ଚତୁରତା ବଳରେ ଉଚ୍ଚ ଶିଖରକୁ ଉଠିଥିଲେ । ନୂତନ ଗୃହ, ମଟରଗାଡ଼ି କିଣିଥିଲେ । ତାପରେ କ୍ଷୀର ଉପରେ ଖଣ୍ଡ ବୃଷ୍ଟି ହୋଇଥିଲା । ତାଙ୍କ ଅବସର ପୂର୍ବରୁ ସରକାର ସରକାରୀ ଚାକିରିଆଙ୍କ କାର୍ଯ୍ୟକାଳ ୫୫ରୁ ୫୮ ବର୍ଷ ବୟସକୁ ପୁଣି ବୃଦ୍ଧି କରିଥିଲେ । ଚରମ ଆନନ୍ଦ ମଧ୍ୟରେ କିନ୍ତୁ ନାଟକୀୟଭାବରେ ଯବନିକାପାତ ହେଲା । ସେରିବ୍ରାଲ ଥ୍ରୋମ୍ବୋସିସ୍ । କଟକ ଡାକ୍ତରଖାନରେ ଅଚେତନ ଅବସ୍ଥାରେ ଚାରି ପାଞ୍ଚଦିନ ରହିଲା ପରେ ୨୪ । ୬ । ୬୪ରେ ଶ୍ରୀ ଧଳଙ୍କର ମୃତ୍ୟୁ ହେଲା । ଚିରଉତ୍ସାହୀ, ବାଗ୍ମୀ । ଜଣେ ଉଚ୍ଚସ୍ତରର ଭାଷାତତ୍ତ୍ୱବିତ୍, ଅଧ୍ୟାପକ, ଶିକ୍ଷାବିତ୍, ଦେଶପ୍ରେମୀ ଓ ସାହିତ୍ୟିକଭାବରେ ତାଙ୍କ ନାମ ଅମରାକ୍ଷରରେ ଲିପିବଦ୍ଧ ରହିବ ।

## ନୂତନ ଗୃହ ପ୍ରବେଶ

୨୧ । ୭ । ୬୯; ସନ୍ଧ୍ୟା ପାଞ୍ଚଟାରୁ ପାଞ୍ଚଟା ପଞ୍ଚାଳିଶ ମିନିଟରେ ମାହେନ୍ଦ୍ର ବେଳା; ହାତରେ ତୁଳସୀ ଚଉରାଟିଏ, ମୁଁ ନୂତନ ଗୃହରେ ପ୍ରବେଶ କଲି, ମୋ ପଛରେ ପ୍ରବେଶ କଲେ ସ୍ତ୍ରୀ ଓ ପିଲାମାନେ । ଘରଟି କେତେବର୍ଷ ହେଲା ତିଆରି ହୋଇ ଖାଲି ପଡ଼ିଥିଲା, ମୁଁ ସରକାରୀ କ୍ୱାଟରରେ ରହୁଥିଲି । ଗୃହର ନାମ ଦେଇଥିଲି 'ଉଦୟଶ୍ରୀ', ସାନଭାଇ ଉଦୟନାଥର ସ୍ମୃତିରେ । ଉଦିତସୂର୍ଯ୍ୟର କିରଣ ମଧ୍ୟ ନିରର୍ଗଳଭାବରେ ଆସି ପଡ଼ୁଥିଲା ମୋ ବୈଠକଗୃହରେ ।

ମୋ ଗୃହପ୍ରବେଶର ଆନନ୍ଦ ଶତଗୁଣିତ ହେଲା, ଯେତେବେଳେ ଶୁଣିଲି— ମହାକାଶଚାରୀମାନଙ୍କର ବିପୁଳ ବିଜୟ । ସକାଳ ଆଠଟା ଛବିଶ ମିନିଟରେ ଆମେରିକାର ଆର୍ମଷ୍ଟ୍ରଙ୍ଗ ପହିଲେ ଚନ୍ଦ୍ର ଉପରେ ପାଦ ପକାଇଲେ ଓ ପାଦ ପକାଉ ପକାଉ ଆନନ୍ଦରେ କହିଲେ—

"ଏହା ମଣିଷ ପାଇଁ ଗୋଟିଏ ଛୋଟିଆ ପାହୁଣ୍ଡ । କିନ୍ତୁ ମଣିଷଜାତିର ଅଗ୍ରଗତିର ଇତିହାସରେ ଏକ ବିରାଟ ପଦକ୍ଷେପ ।"

ଆପୋଲୋ ୧୧ ମହାକାଶଯାନଟି ପୃଥିବୀରୁ ୨ ଲକ୍ଷ ୪୦ ହଜାର ମାଇଲ ଯାତ୍ରା କରିଥିଲା । ୨୦ ପାଉଣ୍ଡ ଚନ୍ଦ୍ରର ମାଟିଗୋଡ଼ି ଘେନି ଚନ୍ଦ୍ରପୃଷ୍ଠରେ ଦୁଇଘଣ୍ଟା କଟାଇ ଆର୍ମଷ୍ଟ୍ରଙ୍ଗ, ଅଲ୍‌ଡ୍ରିନ ଓ କଲିନସ୍, ମାନବଜାତିର ଶାନ୍ତି କାମନାକରି ଚନ୍ଦ୍ରରେ ଆମେରିକାର ଜାତୀୟ ପତାକା ପୋତିଥିଲେ ।

ମୋ ଗୃହକୁ ମୋ ଲାଗି ଦରଜା ଆଜି ଖୋଲିଲା । ଗ୍ରହନକ୍ଷତ୍ର ସତ୍ୟକୁ ଚିରକାଳ ଲାଗି ଆଜିଠାରୁ ବାଟ ଖୋଲିଗଲା । ପାର୍ଥିବ ସତ୍ୟରୁ ଗ୍ରହିକ, ତାପରେ ଗ୍ରହନାକ୍ଷତ୍ରିକ ଜୀବନ—ଏଇ ଗତିରେ ସଂଗ୍ରାମର ଅନ୍ତ ନାହିଁ—ମାନବ ହେବ ଅତି ମାନବିକ; ମାନବର ବିଶ୍ୱବିଜୟଇତିହାସ ହିଁ ଭବିଷ୍ୟତର ଶ୍ରେଷ୍ଠ ଅଧ୍ୟୟନୀୟ ବିଷୟ ହେବ ।

ଆଜି କେବଳ ପୁରୀର ରଥଯାତ୍ରା ନୁହେଁ, ବିଶ୍ୱର ବହ୍ମାଣ୍ଡରେ ଗ୍ରହନକ୍ଷତ୍ରରେ ମାନବିକ ରଥଯାତ୍ରାର ଅୟମାରମ୍ଭ । 'ଶୁଭମସ୍ତୁ ଭବତୁ ।'

ଏ ବର୍ଷ ଦୁଇଟି ଘଟଣାରେ ଭୟଙ୍କର—(କ) ଓଡ଼ିଶା ଉପକୂଳରେ ଘୂର୍ଣ୍ଣୀ—୧୯୭୧, ୨୯।୩୦ ତାରିଖ (ଅକ୍ଟୋବର)ରେ ପ୍ରଚଣ୍ଡ ବାତ୍ୟା ସହିତ ଲୁଣାଢ଼ୁଅ ମାଡ଼ି ଆସିଥିଲା । କୋଡ଼ିଏ ହଜାରରୁ ଅଧିକ ଲୋକ ଓ ଲକ୍ଷାଧିକ ଗୋରୁଗାଈ ମୃତ୍ୟୁମୁଖରେ ପଡ଼ିଥିଲେ; ମଣିଷ ଉଡ଼ି ଗଛଅଗରେ ଲାଗିଥିଲେ, ପନ୍ଦପେ଼ଟ ଉଚ୍ଚତାର ସମୁଦ୍ରରୁ ଲୁଣାଢ଼ୁଅ ମାଡ଼ିଆସି ବହୁ ଗାଆଁଙ୍କୁ ମାଟିରେ ମିଶାଇ ଦେଇଥିଲା । ବିଲରେ ବାଲି ମାଡ଼ି ଯାଇଥିଲା । ବନ୍ୟାପରେ ଏ ଚକ୍ରବାତ ଉପକୂଳ ଅଞ୍ଚଳର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଆଶ୍ଚର୍ଯ୍ୟ, ଏ ବିପଦରୁ ସମସ୍ତ ଛାଡ଼ିଥିଲେ ଦଳେ ଡାକ୍ତର, ରାଜନୀତିକ ଓ ସେବକର ଭେକ ଧରି ।

ଆମର ଓ ଆମ ଗାଆଁର ଅଧିକାଂଶ ବିଲରେ ଛିଡ଼ା ହୋଇଥିଲା ଅଗାଡ଼ି ଝାଟି । କିନ୍ତୁ ବିପଦ ମନୁଷ୍ୟର ସର୍ବଶ୍ରେଷ୍ଠ ଶିକ୍ଷକ; ସେ ଉଜାଗିଥିଲା ଓଡ଼ିଆଙ୍କୁ ସାରାବର୍ଷର ଅକ୍ଲାନ୍ତ ଚାଷୀରୂପେ । ବିଲ ହୋଇ ଉଠିଥିଲା ଖାଉ କାମଧେନୁ, ବର୍ଷାରେ ବନ୍ୟାରେ ଫସଲ ହରାଇଲେ ଶୀତଦିନର ଗହମ ଖରାଦିନର ଡାଲୁଅ, ଚାଉଳଙ୍କ, କଦଳୀ ବା ପଦ୍ମାକୁ ଆଶା । ନିରାଶ ହେବା ଅଧମତା, ପଛେଇବା କାପୁରୁଷତା; ଜୀବନ ଅର୍ଥ ଯୁଦ୍ଧ, ବନ୍ୟା ବା ବାତ୍ୟା ସଙ୍ଗେ ହେଉ କିମ୍ବା ଶତ୍ରୁ ବିରୁଦ୍ଧରେ ହେଉ, ପୁରୁଣା ଲାଙ୍ଗଳଚାଷୀ ଆଧୁନିକ ଟ୍ରାକ୍ଟର ଚାଷୀ ରୂପେ ଉତ୍ତୀର୍ଣ୍ଣ ହେବା ମୋ ଆଖି ଆଗର ଘଟଣା, ଗ୍ରୀଷ୍ମର ଘୋର ରୌଦ୍ରରେ ଶସ୍ୟର ଶ୍ୟାମଳ ତରଙ୍ଗ ନୂତନ ଯୁଗର ଏକ ସୁସ୍ପଷ୍ଟ ରୂପ ।

(ଖ) ପାକିସ୍ଥାନର ଭାରତ ଆକ୍ରମଣ,—ନବ ବାଂଲାଦେଶର ଜନ୍ମ ପୃଥିବୀର ଏକ ଶ୍ରେଷ୍ଠ ଶକ୍ତିରୂପେ ଭାରତର ଅଭ୍ୟୁଦୟ—୩ । ୧୨ । ୭୧ରୁ ୧୬ । ୧୨ । ୭୧ ମଧ୍ୟରେ ପୂର୍ବବଙ୍ଗରେ କୂଟନୀତିକ କାରସାଦିରେ ନିର୍ମିତ ପାକିସ୍ଥାନର ଭାଗ୍ୟରବି ଅସ୍ତମିତ ହେଲା; ଇତିହାସରେ ୟାହିୟା ଖାଁଙ୍କ ଅତ୍ୟାଚାରର ନଜିର ବିରଳ—ଚେଙ୍ଗିସ ବା ହିଟଲରଙ୍କ କଥା ମନରେ ଉଠେ । କ୍ଷମତାରେ ଉନ୍ମତ୍ତ ସେ—ଜ୍ଞାନୀ, ବୈଜ୍ଞାନିକ, ସାହିତ୍ୟିକ, କବି, ସ୍ୱାଧୀନ ଲେଖକ, ଡାକ୍ତର, ଇଞ୍ଜିନିଅର, ଓକିଲ, ଅଧ୍ୟାପକ ଆଦି ବୁଦ୍ଧିଜୀବୀଙ୍କୁ ଅତି ନିର୍ମମଭାବେ ହତ୍ୟା କରିଥିଲେ; ୩୦ ଲକ୍ଷ ଲୋକଙ୍କ ରକ୍ତରେ ପଦ୍ମାର ଜଳ ଲାଲ ହୋଇଥିଲା । ପ୍ରାୟ ଏକ କୋଟି ଲୋକ ଜୀବନବିକଳରେ ଭାରତକୁ ପଳାଇ ଆସିଥିଲେ । ଚୀନ୍ ଓ ଆମେରିକାର ବଳ ପାଇ ପାକିସ୍ଥାନ ଭାରତ ଆକ୍ରମଣ କଲା । ଭାରତ ପାକ ର ବ୍ୟୋମବାହିନୀକୁ ନିଃଶେଷ ଓ ନୌଶକ୍ତିକୁ ମଧ୍ୟ ବିପର୍ଯ୍ୟସ୍ତ କରିଦେଲା, ମାତ୍ର ତେରଦିନ ମଧ୍ୟରେ ପୂର୍ବ ପାକିସ୍ଥାନ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲା । ଭାରତର ପୂର୍ଣ୍ଣ ସହାୟତାରେ 'ବାଂଲାଦେଶ' ଏକ ନୂତନ ଦେଶ ରୂପେ ଉଦ୍ଭବ କଲା । ୟାହିୟାଙ୍କ ପତନ ହେଲା । ମୁକ୍ତିଯୁଦ୍ଧ

ରହମାନ୍ (ଯାହାଙ୍କୁ ସମାଧି ଦେବାଲାଗି ଗାତଖୋଳା ସରିଥିଲା) ପାକିସ୍ଥାନୀଜେଲ୍‌ରୁ ମୁକ୍ତ ହୋଇ ଏହି ନୂତନ ଦେଶର ପ୍ରଧାନମନ୍ତ୍ରୀ ହେଲେ, ଶରଣାର୍ଥୀମାନେ ସ୍ୱଦେଶକୁ ବାହୁଡ଼ିଲେ; ପାକିସ୍ଥାନୀ ବନ୍ଦୀମାନଙ୍କୁ ଭାରତ ଉଦାରଭାବେ ମୁକ୍ତ କଲା । ସମଗ୍ର ପୃଥିବୀରେ ଭାରତ ଏକ ମହାଶକ୍ତି ରୂପେ ପ୍ରତିଷ୍ଠାଲାଭ କଲା । ଇନ୍ଦିରା ହେଲେ ଭାରତର ଏକମାତ୍ର ନେତ୍ରୀ, ପୃଥିବୀର ନେତାନେତ୍ରୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା । ସ୍ୱାଧୀନତା ପରେ ଭାରତର ଛାତି ଆଉ କେବେ ଏପରି ଫୁଲି ଉଠି ନ ଥିଲା ।

# ଅବସର ଗ୍ରହଣ

୨୧।୧୧।୬୯ରେ ମୁଁ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କଲି । ହଠାତ୍ ଆୟର ଦ୍ୱାର ବନ୍ଦ ହୋଇଗଲା, ଅଥଚ ବ୍ୟୟ ପୂର୍ବ ରୀତିରେ ଚାଲିଥିଲା । ପେନ୍‌ସନ୍ ଲାଗି ଛ'ମାସ କାଳ ପି ଡବ୍ଲ୍ୟୁ ଡି, ପି. ଏଚ୍. ଡି, ଟ୍ରେଜେରୀ, ଏ. ଜି. ଅଫିସ୍ ଦୌଡ଼ିବାକୁ ପଡ଼ିଥିଲା । ଘୋର ଅନ୍ଧାର ମଧ୍ୟରେ ଏ ଦୌଡ଼ ବଡ଼ କ୍ଳାନ୍ତିକର; ଯାନବାହାନ, ଧନହାନ; କେବଳ କରୁଣା ଲାଗି ତୁମେ କାକୁତି କରିପାରିବ; ତେଜ ଦେଖାଇଲେ ଅଫିସ ଶୋଇପଡ଼ିବ, ଦୌଡ଼ ଅଧିକ ହେବ । ତେଣୁ ନୀରବରେ ଦୟା ଭିକ୍ଷା, ଦୟା ? ଦେଇଥିଲେ ପାଇ; ଅଫିସର୍ ଆଜି ଦୟା ଦେଖାଇଥିଲେ କାଲି ପାଇବେ, ମଣିଷଠାରୁ ହେଉ ବା ଈଶ୍ୱରଙ୍କଠାରୁ ହେଉ ।

ମୋ ବାର୍ଦ୍ଧକ୍ୟର ସ୍ୱୀକୃତି ସରକାର ଆଜି ଦେଲେ, ଅଥଚ ଦେହ ଅବା ମନରେ ବାର୍ଦ୍ଧକ୍ୟର କୌଣସି ଲକ୍ଷଣ ନ ଥିଲା । ମନରେ ନାନା ଦୁଶ୍ଚିନ୍ତା ପଶିଗଲା; ଦୁଶ୍ଚିନ୍ତାରୁ ରୋଗ ମୋତେ ଆକ୍ରମଣ କରିବାକୁ ଲାଗିଲା । ଯେଉଁଠି କୁରଙ୍ଗ ଲାବେ ଆହତ, ଲୋକେ ପଚାରିଲେ ସେଇ ଆଘାତର କଥା; କଣ୍ଟା ଘାଆ ଉଖାରିଲା ପରି ଏ ହେଲା । କେବେ ଅବସର ନେଲେ ? ପେନସନ୍ ପାଇଲେଣି ? କେତେ ? ଅବସରଜୀବନ କି ଭୟଙ୍କର । ଯେ ଅବସର ନେଲା ସେ ଯେପରିକି ତିନି ପାଞ୍ଚରୁ ଗଲା । ବିଧବାଟିଏ ସେ; ସବୁ ଦେଖୁଥିବ, ତାର କାହିଁରେ ଲାଗ ନାହିଁ । ତାର ବ୍ରତ ଏକାଦଶୀ ବ୍ରତ, ତାର ନୀତି ନିବୃତ୍ତି, ତାର ସଂସାରପ୍ରୀତି ବୃଦ୍ଧର ତରୁଣୀପ୍ରୀତି; ଏପରି ଅକାଳେ ଅକର୍ମଣ୍ୟ ବୋଲି ସ୍ୱୀକୃତ ହେବାକୁ ବଡ଼ ବାଧେ । ଅବସର ଗ୍ରହଣର ଅର୍ଥ ମୃତ୍ୟୁର ସୋପାନକୁ ଅବତରଣ । ଜୀବନ୍ମୃତ୍ୟୁର ଅନୁଭୂତି ବଡ଼ ଭୟଙ୍କର । ବୋଧହୁଏ—ଯେପରି ସମସ୍ତେ ଅଙ୍ଗୁଳି ଦେଖାଇ କହୁଛନ୍ତି—ଏ ଆଉ କାହାରି ପ୍ରୟୋଜନରେ ଲାଗିବେନାହିଁ, ଯାଙ୍କ ସଙ୍ଗେ କଥୋପକଥନ ସମୟ [illegible] ।

ଏକ ସପ୍ତାହର ମନସ୍ତାପ ପରେ କଲମଟି ଧରିଲି—ଏଇ ମୋ କଳ୍ପବଟ, ଅକ୍ଷୟବଟ; ମନକୁ ଏହାରି ମୂଳରେ ଥୋଇ ପାରିଲେ ଦୁଶ୍ଚିନ୍ତାରୁ ତ୍ରାହି ମିଳିବ ।

ହେ ମୋର ପ୍ରିୟ କଲମ, ମୋ ତାରୁଣ୍ୟ ମୋତେ ଫେରାଇ ଦେ, ଜୀବନାର୍ଣ୍ଣବର କାଣ୍ଡାରୀ ତୁ, ତୁ ହାତରେ ଥିଲେ କେଉଁ ସରକାର ମୋତେ ବୃଦ୍ଧ କରିପାରିବ ? ପୀତ ନୁହେ, ଧୂସର ନୁହେ, ସବୁକାଳେ ସବୁଜର ପୂଜାହାରୀ ମୁଁ ।

ଜୀବନ ତ ଏକ ପଥଚଲା—ଅସରନ୍ତି ସଙ୍ଗୀତ ତାର । ସେ ସଙ୍ଗୀତ ନୂଆ ସ୍ୱରରେ ଆରମ୍ଭ ହେଉ ଆଜି—ସତେ ଜୀବନ ଅର୍ଥ ସଙ୍ଗୀତ ।

ବହି ଦୋକାନକୁ ଗଲି—ଦୋକାନୀମାନେ ହାତ ବାନ୍ଧି ବସିଛନ୍ତି; ସରକାର ପାଠ୍ୟପୁସ୍ତକ ଜାତୀୟକରଣ କରିନେଲେ । ଓଡ଼ିଆଙ୍କ ହାତରେ ଏଇ ଏକମାତ୍ର ଏକଚାଟିଆ ବ୍ୟବସାୟ ଥିଲା । ଜାତୀୟତା ନାମରେ ସାହିତ୍ୟର ଏଇ ମୁଖ୍ୟ ପୋଷକମାନଙ୍କର ମୁଣ୍ଡକାଟ କରାଗଲା । ପାଠ୍ୟପୁସ୍ତକ ବିକ୍ରୀର ଲାଭାଂଶ ସେମାନେ ସାଧାରଣ ସାହିତ୍ୟପ୍ରକାଶରେ ଖଟାଉଥିଲେ । ଏବେ କେତେକ ଦେବାଳିଆ; ଦୋକାନ ଚଳାଚଳ ଖର୍ଚ୍ଚ ଉଠେଇ ପାରୁନାହାନ୍ତି, କେହି କଲମ ଘଷା ଅମଳକୁ ନ ଘଷି କୁକୁଡ଼ା ଚାଷରେ ମନ ଦେଇଛି, କେହି ବିଜ୍ଞାନ, କ୍ରୀଡ଼ାଉପକରଣ ବିକ୍ରୀ କରୁଛି ବା ମନୋହାରୀ ଦୋକାନ ଖୋଲିଛି । ଲେଖକ ହାତରେ କଲମ ଅଟକି ଯାଇଛି—ଲେଖି ଗଦେଇ କି ଲାଭ ? କାଗଜ ଦୁଷ୍ପ୍ରାପ୍ୟ, ଦୁର୍ମୂଲ୍ୟ, ଛପା ଓ ବନ୍ଧେଇ ଖର୍ଚ୍ଚ ଅତ୍ୟଧିକ; ପୁସ୍ତକର ମୂଲ୍ୟ ବେଶୀ, ଏ ମହଙ୍ଗା ଯୁଗରେ କିଣିବା ଲାଗି ଲୋକଙ୍କ ହାତରେ ଧନ କାହିଁ ? ପୁସ୍ତକ ବିକ୍ରୀ ନ ହେଲେ ପ୍ରକାଶକ ନୂଆ ପୁସ୍ତକ ଛପାଇବେ କାହିଁକି ?

ସରକାରଙ୍କ ଅର୍ଥାଭାବ ଘଟିଲେ ପହିଲେ ସଂସ୍କୃତିର ବେକ କଟା ହୁଏ, ସାହିତ୍ୟ ଉପରେ କୋଡ଼ମାଡ଼ ପଡ଼େ । ଗତ କେତେ ବର୍ଷ ହେଲା ଲାଇବ୍ରେରୀ ଗ୍ରାଣ୍ଟ୍ ଅତି ଅଳ୍ପ ଥିଲା, ସାହିତ୍ୟ ଉପରେ କୁଠାରଘାତ ହୋଇଥିଲା । ସରକାରଙ୍କ ପୁସ୍ତକ ଖରିଦ୍ ଶୋଚନୀୟତମ ସ୍ତରକୁ ଆସିଯାଇଥିଲା ।

ଏସବୁ ଦେଖି ଦୁଃଖମନରେ ଫେରିଲି, ମୋର ସେଇ କଳ୍ପବଟ ମୂଳକୁ; ଯେତେ ଘନଘଟା ଆସୁ ପଛକେ ଦୁଶ୍ଚିନ୍ତା ବା ନୈରାଶ୍ୟକୁ ମନରେ ସ୍ଥାନ ଦେବି ନାହିଁ । ଦୁଶ୍ଚିନ୍ତା ସର୍ଜନଶକ୍ତିକୁ ନାଶ କରେ, ସ୍ୱାସ୍ଥ୍ୟହାନି ଘଟାଏ । ଯେତେ ଦୂର କରିବାକୁ ଚେଷ୍ଟା କଲେ ବି ସେ ମୋ ମନରେ ପଶିଲା, ମୋତେ ଅସ୍ତବ୍ୟସ୍ତ କରି-ପକାଇଲା । ଦୀର୍ଘ ସଂଗ୍ରାମ ପରେ ହେଲି କିଞ୍ଚିତ୍ ସ୍ଥିତଧୀ । କର୍ମ ଏହି ବ୍ୟାଧିର ମୁଖ୍ୟ ମହୌଷଧ । କର୍ମନିଷ୍ଠା ଓ ପ୍ରବଣତାରେ ହିଁ ମୋର ଆତ୍ମପ୍ରତ୍ୟୟ ଫେରି ଆସିଲା ।

ଅବସରଗ୍ରହଣର କିଛିଦିନ ପରେ ଓଡ଼ିଆବିଭାଗର ବିଦାୟୋତ୍ସବ । ବିଦାୟ ନେବାର ଇଚ୍ଛା ମୋର ନ ଥିଲା, ଏହା ନୈରାଶ୍ୟକୁ ଘନୀଭୂତ କରିବ ବୋଲି । କିନ୍ତୁ ଛାତ୍ରଛାତ୍ରୀମାନେ ଛାଡ଼ୁଛନ୍ତି କୋଉଠି ? ମିଳିଲା କିଛି ଉପହାର—ଗୋଟିଏ ବୌଦ୍ଧ ମୂର୍ତ୍ତି । ରଜତରଶ୍ମୀ ଘର ଓଳଟ ଓଳଟ ସେଟି ଭାଙ୍ଗିଦେଲା । କଲମରୁ କାଳି

ଘୋଟି ପତ୍ରିକା, ଉପହାର ଆଉ ନାହିଁ । କିନ୍ତୁ ହାର କଣ୍ଠ ଉସ୍ତାଜଳି ଛାତ୍ରଛାତ୍ରୀ
ସହକର୍ମୀମାନଙ୍କର ଶ୍ରଦ୍ଧାସ୍ନିଗ୍ଧ ବଚନ ।

ଡିବାଧ୍ୟାୟୀ ସଙ୍ଘର ଦାୟିତ୍ୱରେ ଥିଲି । ସେମାନଙ୍କ ବିଦାୟୋତ୍ସବ
ସ୍ମରଣିକା—ଯାହା ସେମାନେ ଫଟୋରେ ବାନ୍ଧି ଦେଇଥିଲେ ତାହା ତଳେ ଉଦ୍ଧ
କଲି—

ପରମ ଭକ୍ତିଭାଜନ, ପରମ ପୂଜ୍ୟ, ଆଚାର୍ଯ୍ୟପ୍ରବର ଡକ୍ଟର କୁଞ୍ଜବିହାରୀ ଦାଶ

ମହୋଦୟ
ପୂଜନୀୟେଷୁ

ଗୁରୁଦେବ !

ଆପଣ ପୁଣ୍ୟ ସାରସ୍ୱତ ତପୋବନର ଏକନିଷ୍ଠ ନିରବଚ୍ଛିନ୍ନ ସାଧକ
ସ୍ରଷ୍ଟାଭାବରେ ଉଦାର, ଅମାୟିକ, ଋଷିକଳ୍ପ, ଆଦର୍ଶ ଗୁରୁ ଭାବରେ ଉତ୍କଳୀ
ଛାତ୍ର ତଥା ବିଦ୍ୱାନ୍‌ସମାଜର ହୃଦୟରେ ଯେ ରେଖାପାତ କରିଛନ୍ତି, ତାହା
ଅମଳିନ ଜ୍ୟୋତି ଚିର ଭାସ୍ୱର ହୋଇ ରହିବ । ଶିକ୍ଷାକ୍ଷେତ୍ରରୁ ଆପଣ ଅ
ବିଦାୟ ନେଇଛନ୍ତି ସତ ! କିନ୍ତୁ ଆପଣଙ୍କର ଗୁଣମୁଗ୍ଧ ସହସ୍ର ଛାତ୍ରଙ୍କ ହୃଦୟ
ଆପଣ ବିଦାୟ ନେଇ ପାରିବେନାହିଁ । ଆଜି ଆମେ ଆପଣଙ୍କର ସ୍ନେହଭାଜ
ଛାତ୍ରବୃନ୍ଦ ଦୁଃଖୋଦବେଳିତ ହୃଦୟରେ ଆପଣଙ୍କୁ ବିଦାୟ ଅଭିବାଦନ
ସଂବର୍ଦ୍ଧନା ଜଣାଇବାକୁ ଗଲାବେଳେ ଅନ୍ତରର ଭାବ ବ୍ୟକ୍ତ କରିବା ପାଇଁ ଭା
ପାଉନାହୁଁ ।

ମହାଭାଗ !

ଆପଣ ଥିଲେ ଆଦର୍ଶ ଗୁରୁ । ସମ୍ମାନୀୟ ଆଚାର୍ଯ୍ୟ ଆସନର ଯଥା
ଅଧିକାରୀ । ସରଳ, ନିରାଡ଼ମ୍ବର ବେଶରେ ସରଳ ଜୀବନ, ଉଚ୍ଚ ଚିନ୍ତନ—ଆଦର୍ଶ
ମୂର୍ତ୍ତିମନ୍ତ ବିଗ୍ରହ ରୂପେ ଜ୍ଞାନଦୀପ୍ତ ହାସ୍ୟୋଜ୍ଜ୍ୱଳ ମୁଖମଣ୍ଡଳ ନେଇ ଆପ
ଆଚାର୍ଯ୍ୟଆସନରେ ବସି ଅଧ୍ୟାପନା କରୁଥିବା ବେଳର ଦୃଶ୍ୟ ବିଦ୍ୟାର୍ଥୀ ମାନସ
ସୁଦୂର ଅତୀତର ପରମ ପବିତ୍ର ଗୁରୁକୁଳାଶ୍ରମକୁ ଟାଣିନିଏ । ଆପଣ ଶିକ୍ଷ
ବ୍ୟବସାୟୀ ନ ଥିଲେ । ଆପଣ ଥିଲେ ଛାତ୍ରବତ୍ସଳ, ଏକାନ୍ତ ଛାତ୍ରକଲ୍ୟାଣକାମ
ଗୁରୁ । ଛାତ୍ର ହୃଦୟରୁ ଅଜ୍ଞାନଅନ୍ଧକାର ଦୂର କରି ସେଠାରେ ଜ୍ଞାନର ବର୍ତ୍ତି
ଜାଳିବା ପାଇଁ ଆପଣ ସତତ ତତ୍ପର ଥିଲେ । ତେଣୁ ଆପଣ ଛାତ୍ରସମାଜ
ଚିର ନମସ୍ୟ ।

ହେ ସାରସ୍ୱତ ସାଧକ !

ଜୀବନବ୍ୟାପୀ ଏକନିଷ୍ଠ, ନିରବଚ୍ଛିନ୍ନ ସାହିତ୍ୟସାଧକଭାବରେ ଆପଣଙ୍କ
କୃତି ଅଭିନନ୍ଦନୀୟ । ଉତ୍କଳ ବାଣୀଭଣ୍ଡାରକୁ ଆପଣଙ୍କର ଦାନ ଅନନ୍ୟ
ଅନବଦ୍ୟ । ଉତ୍କଳସାହିତ୍ୟକୁ ସଂଖ୍ୟାଧିକ କାବ୍ୟ, କବିତା, ପ୍ରବନ୍ଧନିବନ୍ଧରେ
ଆପଣ ବିମଣ୍ଡିତ କରିଛନ୍ତି । ଲୋକସାହିତ୍ୟର ପୁନରୁଦ୍ଧାର ଓ ଗବେଷଣା ସାହିତ୍
କ୍ଷେତ୍ରରେ ଆପଣଙ୍କର ବୈଶିଷ୍ଟ୍ୟ; ଏଇ ଅବହେଳିତ ଲୋକସାହିତ୍ୟ ଭିତରେ ଜାତି
ପ୍ରାଣର ସ୍ପନ୍ଦନ ଅନୁଭବ କରି ଆପଣ ଜାତିର ଏ ଅମୂଲ୍ୟ ସମ୍ପଦର ପୁନରୁଦ୍ଧା

ପାଇଁ ଯେଉଁ ନିରଳସ୍ପୃହଁନ୍ନ ପ୍ରଗାଢ଼ ଅଧ୍ୟବସାୟ କରି ଯାଇଛନ୍ତି, ସେଥିପାଇଁ ଏ ଜାତିର ଉତ୍ତର ପୁରୁଷ ଆପଣଙ୍କ ନିକଟରେ କୃତଜ୍ଞ ରହିବ ।

କର୍ମବୀର ।

ଆପଣଙ୍କର କର୍ମମୟ ଜୀବନ ସାହିତ୍ୟ ଓ ଶିକ୍ଷାଦାନକ୍ଷେତ୍ର ମଧ୍ୟରେ ଆବଦ୍ଧ । ଏହି କ୍ଷେତ୍ରରେ ସ୍ୱଧର୍ମ ଓ ସ୍ୱକର୍ମ ନିରତ ରହି ଆପଣ ଜୀବନରେ ଯଥେଷ୍ଟ ଖ୍ୟାତି ଓ ଯଶ ଅର୍ଜନ କରି ପାରିଛନ୍ତି । କେନ୍ଦ୍ରୀୟ ସାହିତ୍ୟଏକାଡେମୀ, ଭାରତୀୟ ଜ୍ଞାନପୀଠ ପରି ଦେଶର ସର୍ବୋଚ୍ଚ ସାହିତ୍ୟିକ ଅନୁଷ୍ଠାନମାନଙ୍କରେ ଆପଣ ନିଜର ପ୍ରଜ୍ଞା ଓ କୃତବିଦ୍ୟତା ବଳରେ ଆସ୍ଥାନ ପ୍ରତିଷ୍ଠା କରି ପାରିଛନ୍ତି । ଏପରିକି ଦୂର ବିଦେଶରେ ମଧ୍ୟ ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ନିମନ୍ତ୍ରିତ ହୋଇ ଜ୍ଞାନଗର୍ଭ ଭାଷଣମାନ ଦେଇ ଆପଣ ପ୍ରଶଂସିତ ହୋଇଛନ୍ତି ।

ଆପଣଙ୍କ ପରି ପୁଣ୍ୟଶ୍ଳୋକ ଋଷିପ୍ରତିମ ଗୁରୁଙ୍କର ପାଦତଳେ ବସି ଆମ୍ଭେମାନେ ଶିକ୍ଷାଲାଭର ସୌଭାଗ୍ୟ ପାଇଥିଲୁ । ସେଥିପାଇଁ ଆମ୍ଭେମାନେ ନିଜକୁ ପରମ ଭାଗ୍ୟବାନ୍ ମନେ କରୁଛୁ । ଆଜି ଏ ବିଦାୟମୁହୂର୍ତ୍ତରେ ହୃଦୟର ଭକ୍ତି ପୁଷ୍ପାଞ୍ଜଳି ଆପଣଙ୍କ ଚରଣ ତଳେ ଅର୍ପଣ କରି ବିନମ୍ର ପ୍ରଣତି ନିବେଦନ କରୁଛୁ । ଆଶୀର୍ବାଦ କରନ୍ତୁ । ଆପଣଙ୍କର ପଦାଙ୍କ ଅନୁସରଣ କରିବାକୁ ଯତ୍‌କିଞ୍ଚିତ୍ ସମର୍ଥ ହେଉଁ ।

ସେପ୍‌ଟେମ୍ବର ୧୯୭୦, ଦିବାଧ୍ୟାୟୀ ଛାତ୍ରସଂଘ,
ରେଭେନ୍‌ସା ମହାବିଦ୍ୟାଳୟ, କଟକ

## ୧୯୭୦

୧୯୭୦ ମୋ ପକ୍ଷରେ ଏକ ଶୁଭ ବର୍ଷ ହେବ ବୋଲି ଜ୍ୟୋତିଷମାନେ କରକପାଳକୋଷ୍ଠି ଦେଖି ଲେଖି ଦେଇଥିଲେ ।

> 'କିନ୍ତୁ ପରିଣାମେ ଛାୟାବାଜି ବତ
> ଆଶାରେ ସେ ଆଶା ହେଲା ପରିଣତ ।'

ବଡ଼ ଦୁର୍ଦ୍ଦିନ ସେ, ଯୋଉ ଡାଳ ଧରୁଥିଲି ସେ ଡାଳ ଛିଡ଼ୁଥିଲା । ଆଶାର ମୁଖ ଯେତିକି ଉଜ୍ଜ୍ୱଳ ଦେଖୁଥିଲି, ନୈରାଶ୍ୟର ଘନଘଟା ସେତିକି ଘୋଟି ଆସୁଥିଲା । ବେକାରଜୀବନର ବିକଟତାକୁ ଏକ ବିଦ୍ରୂପାତ୍ମକ ସାକାର ରୂପ ଦେଇଥିଲା ଶ୍ୱାସରୋଗ । ପ୍ରାଣ ଛାଡ଼ୁ ଛାଡ଼ୁ ଅଟକିଯାଏ । କାଶି କାଶି ବେଦମ୍ ହୋଇ ପୁଣି ଦମ୍ ପାଏ । ଗୋଟା ବାୟୁମଣ୍ଡଳ ଶୋଷି ଭିତରକୁ ନେଲାବେଳକୁ ନିଅଣ୍ଟ ବୋଧହୁଏ, ଶୀତରେ ଝାଳ ବହେ, ଗରମରେ ହାଡ଼ ତରଳି ଗଲାପରି ଲାଗେ । ଏଇ ବ୍ୟାଧିରେ ଲୋକେ ଭାଗି ଆସେନାହିଁ ଯେ, କାଳଘଡ଼ି ଆସେ । କାଶୁଥାଏ । ବସିବାଠାରୁ କାଶିବା ଭଲ ବୋଲି ଯୋଉମାନେ କହନ୍ତି, ସେମାନେ କାଶକଷ୍ଟ ଜାଣନ୍ତିନାହିଁ । ଇଞ୍ଜେକସନ୍ ନେଇ ନେଇ ବାହା କାଠ, ଔଷଧ ଖାଇ ଖାଇ ପାଟି ବିକୃତ ହୋଇଯାଏ । ବିପଦର ବନ୍ଧୁ ଡାକ୍ତର ରବୀନ୍ଦ୍ର ଆଚାର୍ଯ୍ୟ ଘଣ୍ଟା ଘଣ୍ଟା ପାଖରେ ବସନ୍ତି, ଆଶ୍ୱାସନା ଦିଅନ୍ତି; ଲୋଡ଼ା ପଡ଼ିଲେ ରାତିଅଧରେ, ତିନି ପହରରେ ଆସନ୍ତି;

ଦୁଃଖର ସମୁଦ୍ରରେ ସେ ଭାସୁଥାନ୍ତି, ସେଣୁ ଦୁଃଖକଷ୍ଟ ବୁଝନ୍ତି । ଏସନ୍ତି ଡାକ୍ତର ବିମ୍ବାଧର ଦାଶ (ମୋର ଛାତ୍ର) । ଅକାଳେ ଅଚାନକେ ତାଙ୍କୁ ହରାଏଁ କରେ ମୁଁ । ବୁଢ଼ିଗଲା ଲୋକର କୁଟାଖିଅ ଅଶ୍ରୁ ସେମାନେ । ବାୟୁକୁ ଟିକିଏ ନିମ୍ନମୁଖୀ କରାଇ ଦେଇଯାନ୍ତି । ମୃତ୍ୟୁ ସହିତ ଯୁଝିବାକୁ କିଛି ସାହସ ଜନ୍ମେ ।

ବନ୍ଧୁମାନେ ଆଶ୍ୱାସନା ଦିଅନ୍ତି—ଶ୍ୱାସରୋଗୀ ଦୀର୍ଘଜୀବୀ, ମାଭୈଃ, ବିକଳ ହୋଇ କହେ—ଲୋଡ଼ାନାହିଁ ମୋର ଦୀର୍ଘ ଜୀବନ, ଜୀବନ୍ମୃତ୍ୟୁ । ଭର୍ଷା ପଢ଼ୋଶୀ କିନ୍ତୁ ମୋ ମନ କଥା ଠିକ୍ ବୁଝିଥାନ୍ତି—ଓଃ, ଜୀବଟା କି କଷ୍ଟ ପାଉଛି । ସେ ସମବେଦନା ଶୁଣିକିନେ ଦିହକୁ ମାରେ; ପଛ ବିଷୟ ବି କାନରେ ବାଜେ – ଏ ଆଉ ହବନାହିଁ, କେଉଁ ଜନ୍ମରେ କି ପାପ କରିଛି, ସବୁ ଥାଇ କିଛି ଭୋଗ କରିପାରୁନାହିଁ ।

ସେବା କରି କରି ଘରେ କ୍ଳାନ୍ତ; କେତେ ପଥି ରାନ୍ଧିବେ, ଔଷଧ ପାଇଁ ଦୌଡ଼ିବେ ? ବିପଦରେ—ଆପଦବିପଦ ପାଇଁ ତ ଘର । ଅସମୟ ପାଇଁ ତ ସ୍ତ୍ରୀ ପୁତ୍ର । ସେମାନେ ମୋତ କରିଥିଲେ ସେମାନଙ୍କର ତ କିଏ କରିବ । ଜୀବନ ପାଇଁ ଜୀବନ । ଏକାକିତ୍ୱ ଅସହ୍ୟ; ସଂସାର ଏକ ସହଯୋଗସମିତି । ନିତାନ୍ତ ଅଚଳ ଅବସ୍ଥାରେ ଡାକ୍ତର ବ୍ରହ୍ମାସ୍ତ୍ର ଚଳାଇଥାନ୍ତି—ଡେକାଡ୍ରନ୍ ଇଞ୍ଜେକ୍ସନ୍ । ସବୁ ଔଷଧ ଫେଲ୍ ମାଇଲେ ବାହା ଟେକି ଡାକ ପକାଏ—ନାରାୟଣ, ନାରାୟଣ ।

କେତେ ହୁକୁମ୍ ଔଷଧ ଖାଇଲି । କାନ ଫୋଡ଼ାଇଲି, ହ୍ୱିସ୍କିରେ କଞ୍ଚା ଅଣ୍ଡା ଗୋଳି ପିଇଲି, ଲେମ୍ବୁ ରସରେ ସଜ ଅଣ୍ଡା ଖୋଳ ସହିତ ଗୋଳି ହୋଇଗଲା ପରେ ସ୍ୱମୁଚେ ସ୍ୱମୁଚେ ଖାଇଲି; ବାଦୁଡ଼ି ମାରି ମାଂସ ଖାଇଲି, ଅଫିମ ଖାଇ ପେଟ ଫୁଲାଇଗଲା; ଡାକ୍ତର ପରିବାରୁ ସତ୍ୟ ସ୍ୱୀକାର କଲି । ଆସନ ଅଭ୍ୟାସ କଲି, ପ୍ରାଣାୟାମ କଲି । ଶିବାମ୍ବୁ ପାନ କଲି । ଲକ୍ଷ୍ମୀନାରାୟଣ ସାହୁଙ୍କଠାରୁ ଲକ୍ଷ୍ମଣ ମିଶ୍ରଙ୍କ ପର୍ଯ୍ୟନ୍ତ ବତାଇଥିବା ବହୁ ଔଷଧ ପରୀକ୍ଷା କଲି । ଆମେରିକାରେ ଆଲର୍ଜି ପରୀକ୍ଷା କରି ଘଷି ଘଷି ଇଞ୍ଜେକସନ ନେଲି । ଡାକ୍ତର ବାରମ୍ବାର ତାଗିଦ୍ କରିଥିଲେ—*ଗୋ ମାଂସ ବା ଘୁଷୁରି ମାଂସ ଖାଇବ ନାହିଁ* । କାହର ପ୍ରେରଣା ଆସୁଥିଲାବେଳେ ହସିଥିଲି; ଦିଲ୍ଲୀରୁ ଦୌଲତାବାଦ ସବୁ ପରୀକ୍ଷାନିରୀକ୍ଷା ସରିଲା ପରେ କଟକ ଡାକ୍ତରଖାନାରେ ଆଡ଼ମିସନ ନେଲି—ଡାକ୍ତର ବ୍ରଜକିଶୋର ଦାଶ ନୂଆକରେ ଅପରେସନ କରି ଶ୍ୱାସ ଭଲ କରୁଥାନ୍ତି । ସେ ଡାହାଣ ପାଖ ବେକଟିର ଗୋଟିଏ ଶିରା କାଟି ଦେଇ ମୋତେ ଭଲ କରିଦେଲେ, ଆଶ୍ଚର୍ଯ୍ୟ; ଡାକ୍ତରମହଲରେ ହିଟ୍ଲର୍ ନାମରେ ପରିଚିତ ସେ । କିନ୍ତୁ ହିଟ୍ଲର୍ ଙ୍କର କୌଣସି ଦୁର୍ଗୁଣ ତାଙ୍କଠାରେ ଦେଖିନାହିଁ, ଏକାନ୍ତ ମାନବିକ, ଦରିଦ୍ର ପ୍ରତି କୃପାଶୀଳ । ଦେଖିବାକୁ ଅପସନ୍ଦିଆ ମଣିଷ, ନିରାଡ଼ମ୍ବର । କିନ୍ତୁ ହାତ ପକ୍କା ।

ସେ ବର୍ଷ ଏଣ୍ଡିଅନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଡଭାନ୍ସଡ୍ ଷ୍ଟଡ଼ି ତରଫରୁ ସିମ୍ଲା ରାଷ୍ଟ୍ରପତିନିବାସରେ ଗୋଟିଏ ସେମିନାର ଅନୁଷ୍ଠିତ ହୋଇଥିଲା । ଭାରତର ବହୁ ସୁଧୀସଜ୍ଜନ ସାହିତ୍ୟିକ ସଙ୍ଗମେଳରେ ପ୍ରାୟ ପନ୍ଦରଦିନ କଟିଲା । ମୁଁ ସେହି ସେମିନାରରେ 'ଓଡ଼ିଆ ସାହିତ୍ୟ ଉପରେ ପାଶ୍ଚାତ୍ୟ ପ୍ରଭାବ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲି ବିଭିନ୍ନ ବିଦଗ୍ଧ ଆଲୋଚନାରେ ଅଂଶ ଗ୍ରହଣ କରିଥିଲି । ହିମାଳୟର ଭ୍ରମଣକାହାଣୀ 'ହିମାଦ୍ରିର ଶୃଙ୍ଗେ ଶୃଙ୍ଗେ' ରଚନା କଲି । ଦିନଗୁଡ଼ିକ ଉଜ୍ଜ୍ୱଳ,

ଅପୂର୍ବ ପ୍ରାକୃତିକ ଦୃଶ୍ୟ ଦର୍ଶନରେ ମହା ଆନନ୍ଦରେ କଟିଲା । ଭାରତୀୟ ବିଦଗ୍ଧ ହୃଦୟ ସଙ୍ଗେ ହୃଦୟର ବିନିମୟ ସୁଯୋଗ ଜୀବନରେ ଏପରି କ୍ୱଚିତ୍ ଘଟିଥିଲା । ମଇ ମାସରେ ମୁଁ ସିମ୍‌ଲାରୁ ଫେରି ଆସିଥିଲି ।

ତାପରେ ଉତ୍କଳବିଶ୍ୱବିଦ୍ୟାଳୟର ଓଡ଼ିଆବିଭାଗର ପ୍ରଫେସର ଚାକିରୀ ଲାଗି ବିଜ୍ଞାପନ ବାହାରିବାର ଦେଖିଲି । ଏହି ଚାକିରୀଟି ନିଶ୍ଚିତଭାବେ ମୋର ପ୍ରାପ୍ୟ ବୋଲି ଧରି ନେଇଥିଲି । କାରଣ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଓ ରେଭେନ୍‌ସା କଲେଜରେ ମୁଁ ୨୦ ବର୍ଷ ରିଡ଼ର ହୋଇଥିଲି । ଏମ୍. ଏ କ୍ଲାସରେ ପଢ଼ାଇବାର ଅଭିଜ୍ଞତା ସବୁଠାରୁ ମୋର ବେଶୀ ଥିଲା । ପବ୍ଲିକ୍ ସର୍ଭିସ କମିସନ୍ ଦ୍ୱାରା ବଛା ହୋଇ ମୁଁ ଏକ ବର୍ଷ ପ୍ରଫେସର ହୋଇଥିଲି । ମୁଁ ଓଡ଼ିଆ ଓ ସଂସ୍କୃତ ଉଭୟରେ ଏମ୍. ଏ, ବିଶ୍ୱଭାରତୀ ପିଏଚ୍. ଡ଼ି । ମୋ ତତ୍ତ୍ୱାବଧାନରେ ଦୁଇଜଣ ପିଏଚ୍. ଡ଼ି ଡିଗ୍ରୀ ଲାଭ କରିଥିଲେ, ୬ ଜଣ ପିଏଚ୍ ଡ଼ି ଡିଗ୍ରୀ ଲାଗି ଗବେଷଣା କରୁଥିଲେ । ଭାରତର ଡେଲିଗେଟ୍ ହୋଇ ଆମେରିକାରେ ଅନୁଷ୍ଠିତ ଏସୀୟ ଲୋକସଂସ୍କୃତି ସମ୍ମେଳନରେ ଯୋଗ ଦେଇଥିଲି, ଓ ମୋର ଇଂରାଜୀ ପୁସ୍ତକ **'A Study of Orissan Folklore'** ଆମେରିକା ଓ ଇଉରୋପରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହା ବ୍ୟତୀତ ସର୍ଜନ, ସମାଲୋଚନା ଓ ଗବେଷଣା ଦିଗରେ ମୋ ଲେଖନୀ ଅବାରିତଭାବରେ ଚାଲିଥିଲା । କିନ୍ତୁ କର୍ତ୍ତାମାନଙ୍କ ଚକ୍ରାନ୍ତରେ ମୋ ବିଭାଗରେ କାର୍ଯ୍ୟ କରିଥିବା (ଉତ୍କଳବିଦ୍ୟାଳୟରେ ମାତ୍ର ବର୍ଷେ ରିଡ଼ର ହୋଇଥିବା) ଜଣେ ବ୍ୟକ୍ତିଙ୍କୁ ପ୍ରଫେସର ଭାବେ ବଛାଗଲା । ମୋର ସମସ୍ତ କୃତିତ୍ୱ ଓ ସାଧନାକୁ ମୂଲ୍ୟହୀନ ଓ ବ୍ୟର୍ଥ ପ୍ରତିପନ୍ନ କରାଗଲା । ଏ ଚାକିରୀ ଲାଗି ମୁଁ କାହା ପାଖକୁ ଯାଇ ନ ଥିଲି, ମୋ ଯୋଗ୍ୟତାବଳରେ ସହଜରେ ଚାକିରୀଟି ମିଳିଯିବ ବୋଲି ମୋର ଦୃଢ଼ବିଶ୍ୱାସ ଥିଲା । ସାକ୍ଷାତ୍‌କାର ପୂର୍ବରୁ କେତେକ ବନ୍ଧୁ ମୋତେ ସତର୍କ କରି ଦେଇଥିଲେ "ଭୀଷଣ ଷଡ଼ଯନ୍ତ୍ର; ସେଥିରେ ତୁମେ ପାରି ଉଠିବନାହିଁ ।" କିନ୍ତୁ ମୋର ବିଶ୍ୱାସ ଟଳି ନ ଥିଲା ।

୨୩. ୯. ୭୦ରେ ସାକ୍ଷାତ୍‌କାର ବୋର୍ଡ ବସିଥିଲା । ଦୁର୍ଭାଗ୍ୟକୁ ଉଡ଼ାଜାହାଜ ବିଗିଡ଼ିବାରୁ ମୋର ସୁପରିଚିତ ବୋର୍ଡ ସଭ୍ୟ ଡକ୍‌ଟର ନୀହାରରଞ୍ଜନ ରାୟ ଆସି ପାରିଲେନାହିଁ; ସେତେବେଳେ ମୋ ମନରେ ଶଙ୍କା ପଶିଲା । କିନ୍ତୁ ସାକ୍ଷାତ୍‌କାରରେ ଭଲ ଉତ୍ତର ଦେଇଥିଲି ବୋଲି ମୋର ଆତ୍ମପ୍ରସାଦ ଆସିଥିଲା । ପ୍ରଶ୍ନ ଥିଲା—ବାକ୍ୟଂ ରସାତ୍ମକଂ କାବ୍ୟଂ—ଏହି ଉକ୍ତି କେତେଦୂର ଲୋକସାହିତ୍ୟ ପ୍ରତି ପ୍ରଯୁଜ୍ୟ ? ଯିତିବାଦ କାହାକୁ କହନ୍ତି ? ଭବଭୂତି ସମସାମୟିକ ସମାଲୋଚକମାନଙ୍କ ବିଷୟରେ କଣ କହିଛନ୍ତି ? ମୋ ଉତ୍ତର ସନ୍ତୋଷଜନକ ହେଲା ବୋଲି ଆତ୍ମତୁଷ୍ଟି ଆସିବାରେ ଅବଶ୍ୟ କୌଣସି ଅର୍ଥ ନାହିଁ । ସବୁଠାରୁ ବିସ୍ମୟକର ବୋଧ ହେଲା— ଯେତେବେଳେ ଜାଣିଲି—ମୋ ସଂସ୍କୃତ ଏମ୍. ଏ ପାସ୍‌କୁ, ବିଦେଶଯାତ୍ରାକୁ, ଗବେଷଣା ଅଭିଜ୍ଞତାକୁ, ୨୦ ବର୍ଷ ରିଡ଼ର ଓ ଏକ ବର୍ଷ ପ୍ରଫେସର ହେବା ଘଟଣାକୁ ବିଚାରକୁ ନିଆ ହୋଇନାହିଁ । ବ୍ୟକ୍ତିତ୍ୱରେ ମୋ ପ୍ରତିଯୋଗୀଙ୍କୁ ୨୦ରୁ ୧୫, ମୋତେ ଦଶ ଦିଆ ହୋଇଛି । ସେ ବର୍ଷେ ଫେଲ୍ ହୋଇଥିବ ଘଟଣା ପ୍ରତି ଆଖି ବୁଜିଦିଆ ହୋଇଛି, ସେତେବେଳେ ବୁଝିଲି—ଏ ସାକ୍ଷାତ୍‌କାର ଗୋଟାଏ ପ୍ରହସନ ।

ଯାହାକୁ ଦେବାର କଥା, ଆଗରୁ ସେତେ ତା ସ୍ୱୀକାର୍ଯ୍ୟ; ପଦାକୁ କେବଳ ଗୋଟାଏ ନ୍ୟାୟବିଚାରର ମାୟାମୃଗ ଦେଖାଇ ଦିଆହେଲା ।

ଜଣେ ପରମାର୍ଥୀ ସର୍ବଭାରତୀୟ ନେତା ମଧ୍ୟ ନିଜ ଆସନର ଅମର୍ଯ୍ୟାଦା କରି ବୁଦ୍ଧି ଓ ଚାତୁରୀର କାରସାଦି ଦେଖାଇ ଦେଲେ । "ମୋ ଲୋକକୁ ରଖିଲେ ତୁମ ଚାକିରୀକାଳ ବଢ଼ାଇବାର ବ୍ୟବସ୍ଥା କରିବି" । ପ୍ରତିଶ୍ରୁତି ମତେ ଉପକୁଳପତିଙ୍କ କାର୍ଯ୍ୟକାଳ ତିନି ବର୍ଷ ବଢ଼ାଇ ଦେଲେ ମଧ୍ୟ । ପରସ୍ପର ସାହାଯ୍ୟକୃତ ସନ୍ଧି ଅନୁଯାୟୀ ସେ ତାଙ୍କ ହାତସଫେଇ ଦେଖାଇଦେଲେ । ଗୋଟାଏ ଭେଳିକି ସୃଷ୍ଟି ହୋଇଗଲା । ଅଧର୍ମ ଅନ୍ୟାୟର ଜୟ ଜୟକାର ।

ବିଫଳ ହୋଇ ମୁଁ ଉଚ୍ଚତମ କର୍ତ୍ତାଙ୍କ ପାଖେ ମୋ ଗୁହାରି ପେସ୍ କଲି । ସେ ମହୋଦୟ ମୋ ଦରଖାସ୍ତକୁ ଅନ୍ୟାୟକାରୀଙ୍କ ନିକଟକୁ ପଠାଇଦେଲେ । ଏବେ ପରିସ୍ଥିତି ହେଲା—

ମୁଁ ତ ଯାହାକୁ କରୁଚି ଗୁହାରି
ମୋର ସେଇ ତ ହୋଇଚି ବଇରି ।

ସୁଧାନାଥଙ୍କର ଗୋଟିଏ ଉକ୍ତି ମନେ ପଡ଼ିଲା—

ପ୍ରବଳର ପାଇଁ ସବୁ କଥାରେ ସୁଯୋଗ
ଦୁର୍ବଳର ପାଇଁ ଲଲାଟ ଲିଖନ
ନୀରବ ଲାଞ୍ଛନା ଭୋଗ ।

କିନ୍ତୁ ଚକ୍ରାନ୍ତକାରୀଙ୍କ ଉପରେ ମହାଚକ୍ରୀ ଅଛନ୍ତି । ତାଙ୍କ ରାୟ ମିଳିଲା; କିନ୍ତୁ ଟିକିଏ ବିଳମ୍ବରେ । କର୍ତ୍ତାଙ୍କର ତିନି ବର୍ଷ ଅଧିକ ଚାକିରୀ ବ୍ୟବସ୍ଥା ହୋଇଥିଲା ତିନି ମାସ ବି ଭୋଗ ହେଲାନାହିଁ । ଚରମ ଲାଞ୍ଛନା ଓ ଅପମାନ ମଧ୍ୟରେ ତାଙ୍କୁ ବିଶ୍ୱବିଦ୍ୟାଳୟରୁ ବିଦାୟ ନେବାକୁ ହେଲା । ଚୌର୍ଯ୍ୟଅଭିଯୋଗରେ ଉକ୍ତ ନେତାଙ୍କର ମାନହାନି ବି ଘଟିଲା, ଶିକ୍ଷାର ଉଚ୍ଚକର୍ତ୍ତାଙ୍କ ଦର୍ପିତ ଆସନ ତଳକୁ ଖସିଲା, ଏଥିରୁ ପ୍ରମାଣ ମିଳିଲା—କ୍ଷମତାର ସ୍ୱେଚ୍ଛାକୃତ ଅନ୍ୟାୟର ପ୍ରତିକାର କରନ୍ତି ଭଗବାନ୍ । ସେ ସୁବିଚାରକ, ଯଦିବା ସବୁକ୍ଷେତ୍ରରେ ଚଟାପଟ୍ ରାୟ ମିଳେନାହିଁ, ନାଟକୀୟ ରୀତିରେ ସବୁ ହିଂସାର ତୁରନ୍ତ ପ୍ରତିହିଂସା ନିଆଯିବାର ଦିଶେନାହିଁ । ଅତ୍ୟାଚାରୀ ଯେ ନିଜେ ପକେଇଥିବା ଫାଶରେ ଦିନେ ନିଜେ ପଡ଼େ, ଅପକର୍ମର କୁପରିଣାମ ଯେ ଭୋଗ ହୁଏ, ଏହା ନିଶ୍ଚିତ, ନାସ୍ତିକ ସ୍ୱୀକାର କରୁ ବା ନ କରୁ ।

ଏଇ ଉଲଗ୍ନ ନିର୍ଲଜ୍ଜତା ଦେଖି ମୋର ଜଣେ ବନ୍ଧୁ କହିଥିଲେ—ଏ ଯୁଗରେ ନିରବଲମ୍ବ ବିଚାର ନାହିଁ; ରାମର ବିଚାର ଅଛି, ଶ୍ୟାମର ବିଚାର ଅଛି, ନିରପେକ୍ଷ ନ୍ୟାୟବିଚାର ନାହିଁ । ତୁମେ ତ ଧରାଧରି କରିବନାହିଁ, କାହା ପାଖକୁ ଯିବ ନାହିଁ; ଚାକିରୀଟା ତୁମର କେମିତି ହୁଅନ୍ତା ? କେତେ ଦେବତାଙ୍କୁ ପୂଜିବାକୁ ହୁଏ, କେତେ ଦେବତାଙ୍କୁ ତୁଷ୍ଟ କରିବାକୁ ହୁଏ । ନିର୍ଜନରେ ବସି ତପସ୍ୟା କଲେ ଭଗବାନ୍‌ଙ୍କ ବର ମିଳିପାରେ, ମଣିଷର ନୁହେ ।

ମୋର ଚାକିରୀ କାଳର ଜଣେ ସହକର୍ମୀ ଅଧ୍ୟାପକ କହିଲେ—ସାର୍, ନିଷ୍ଠାର, ଆନ୍ତରିକତାର, କଠୋର କର୍ତ୍ତବ୍ୟ କର୍ମର ଫଳ ତ ଏୟା ? ପାଞ୍ଚ ମିନିଟ

ଢେରି କରି କ୍ଲାସକୁ ଗଲେ ଆପଣ ରଗୁଥିଲେ କାହିଁକି ? ଯେ କିଛି ନ କରି ଯା ତା ଦୁଆରକୁ ଦୌଡ଼ିବ, ଅର୍ଘ୍ୟ ଦେଇ ପାରିବ, ବାଗବତରରେ ରସ୍ଟ କରି ପାରିବ, ତାର ଲାଭ ପ୍ରତ୍ୟକ୍ଷ । ହାଡ଼ଭଙ୍ଗା ଖଟଣିର କିଛି ହେଲେ ମୂଲ୍ୟ ନାହିଁ ।

ଖାଲରେ ତ ପଡ଼ିଛି । ଏହାର ସିଧା ସଳଖ ଜବାବ୍ ଦେବାଲାଗି ଅନ୍ତରରେ ବଳ ପାଇଲି ନାହିଁ । କର୍ତ୍ତବ୍ୟନିଷ୍ଠା ଭୁଲ୍ ? ସମୟାନୁବର୍ତ୍ତିତା ଭୁଲ ? ଜଣେ ଭଲ ଶିକ୍ଷକ ହେବା ଭୁଲ ? ଜଣେ ଆଜୀବନ ସ୍ରଷ୍ଟା ହେବା ଭୁଲ୍ ? ହଁ, ଭୁଲ୍ ଯେତେବେଳେ ପ୍ରମାଣିତ ହୋଇଗଲା ଠିକ୍ ବୋଲି କହିବି କିପରି ? ରଜା ନାହାନ୍ତି, କିନ୍ତୁ ତାଙ୍କ ସ୍ୱୈରତନ୍ତ୍ରର ରାଜତ୍ୱ ସର୍ବତ୍ର ।

ବ୍ୟତିବ୍ୟସ୍ତ ହୋଇ ଭାବୁଥିଲି—କାହା ଦାନାରେ ଧୂଳି ଦେଇଥିଲି ? ଭଗବାନ୍ ପର ଯାହା କରନ୍ତି ମଙ୍ଗଳ ନିମନ୍ତେ ? ମୋର ଭବିଷ୍ୟତର ଭୟଙ୍କର ଅମଙ୍ଗଳ ନିବାରଣାର୍ଥେ ବୋଧହୁଏ ଏଇ ଛୋଟ ଅମଙ୍ଗଳଟି କଲେ । ଅଧିକାଂଶ ଲୋକ ଅବସର ନେଲା ପରେ ବିନା ଚାକିରୀରେ ତ ରହୁଛନ୍ତି । ମୋ ଅବସ୍ଥା ଏମିତି କଣ ହୋଇଛି ଯେ ମୁଁ ଭାବି ହେଉଛି ? ପୂରମାତ୍ରାରେ ସାଂସ୍କୃତିକ କାର୍ଯ୍ୟରେ ନିୟୋଜିତ କରିବା ଲାଗି ଭଗବାନ୍ ବୋଧହୁଏ ମୋତେ ସୁଯୋଗ ଦେଲେ ।

ମୋ ଉପରେ ଯିଏ ଯେଉଁ ମୋହର ମାରୁ, ମୁଁ ନିଜକୁ ମୂଲ୍ୟହୀନ ପ୍ରତିପନ୍ନ କରିବିନାହିଁ, ଭଗବାନଙ୍କ ପ୍ରତି ଦୋଷେହୀ ହେବିନାହିଁ; ସେ ସୁଖ ବା ଦୁଃଖ ଯେତେବେଳେ ଯାହା ଦେଉଛନ୍ତି ତାକୁ ପରମ ତୃପ୍ତିରେ ଗ୍ରହଣ କରିବି ।

ଏ ଅବିଚାରରେ ମୋର ଲଜ୍ଜିତ ହେବାର କିଛି ନାହିଁ । ଯେଉଁମାନେ ସ୍ୱାର୍ଥ ଲାଗି ଆଖି ବୁଜି ନିଆଁ ଗିଳିଛନ୍ତି, ଉଦାର ବାଣୀପାଠରେ ରହି ସଂକୀର୍ଣ୍ଣ ମନୋବୃତ୍ତିର ପରିଚୟ ଦେଇଛନ୍ତି, ସେମାନେ ନିଜ ଅପକର୍ମ ଲାଗି ଦିନେ ନା ଦିନେ ଗ୍ଲାନି ଅନୁଭବ କରିବେ । ଆପାତ ଦୃଶ୍ୟମାନ ଏଇ ବଡ଼ଲୋକଙ୍କ ମଧ୍ୟରେ କି ବିକଟ ସ୍ୱାର୍ଥପରତା, ହୀନ କ୍ଷୁଦ୍ରତା ଲୁଚି ରହିଛି ? ମୁଲାଏମ୍ କଥା କହି ନିଜ ଅପକାର୍ଯ୍ୟ ଆବରଣ କରିବା ଲାଗି ସେମାନେ କି ହୀନ ଚେଷ୍ଟା ନ କରନ୍ତି ? ଅନ୍ୟର ସର୍ବନାଶ ଘଟାଇବାକୁ ତିଳାର୍ଦ୍ଧ ପଶ୍ଚାତ୍‌ପଦ ହୁଅନ୍ତିନାହିଁ ସେମାନେ । ତାହା ଏ ଘଟଣା ଓ ଏହିପରି ବହୁ ଘଟଣାରେ ପ୍ରମାଣିତ ହୋଇଅଛି ।

ମୋର ଏ ଚାକିରୀ ନ ହେବାରେ ମୋ ଅପେକ୍ଷା ଅନ୍ୟମାନେ ଅଧିକ ଦୁଃଖିତ, ଯୋଗ୍ୟତାକୁ ଉପଯୁକ୍ତ ଆସନ ମିଳିଲା ନାହିଁ ବୋଲି, ଦିବାଲୋକରେ ନ୍ୟାୟ ପଞ୍ଚମାନେ ଏତେ ବଡ଼ ଅନ୍ୟାୟ କରି ପାରିଲେ ବୋଲି ।

ମୋ ଘରର ଦୁଇ ଦିନ ଭଗବାନ୍ ନ ଥିଲେ; ମୋ ସ୍ତ୍ରୀ କହିଲେ—ମଣିଷ ସବୁ କରେ, କଳାକୁ ଧଳା, ଧଳାକୁ କଳା । ଭଗବାନ୍ ଫଗବାନ୍ ସବୁ ମିଛ । ଭଗବାନ୍ ଏ ଯୁଗରେ ନିଷ୍କ୍ରିୟ, ଅଥର୍ବ । (ମୋ ବିଶ୍ୱାସ, ମୋ ସ୍ତ୍ରୀର ଏ ସାମୟିକ ଚପଳତାକୁ ଉଦାର ଭଗବାନ୍ କ୍ଷମା କରିଥିବେ । କାରଣ ମୁଖର ସରସ୍ୱତୀ, ସ୍ୱଚ୍ଛନ୍ଦାନୁବର୍ତ୍ତିଣୀ ଲକ୍ଷ୍ମୀ ତାଙ୍କ ପ୍ରତି ବୈକୁଣ୍ଠରେ ଅଳ୍ପ ବାକ୍ୟବାଣ ପ୍ରୟୋଗ କରୁ ନ ଥିବେ ।)

ଦୋଷ କଲେ ଅନ୍ୟମାନେ, କେତେକ ଭଲ୍ ଦୋଷ ଲଦିଲେ ମୋତେ— ଅପଦାର୍ଥ ମୁଁ, ଅକର୍ମଣ୍ୟ; କାହା ପାଖକୁ ଯାଏନାହିଁ, ଅସାମାଜିକ, କାହା ସହିତ ବନ୍ଧୁତା ଜମାଏନାହିଁ, ସ୍ୱାର୍ଥପର । ଖାଲି ମୁହଁ ମାଡ଼ି ଲେଖୁଥାଏ ବା ପଢୁଥାଏ । ମୋତେ ଆଶ୍ୱାସନା ଦେବାକୁ କେହି ନ ଥିଲେ, ହେ ଭଗବାନ୍, କେହି ନ ଥିଲେ । କିନ୍ତୁ ମୋ ମନରେ ଗ୍ଲାନି ବା ଆତ୍ମଧିକ୍କାର ଆସୁ ନ ଥିଲା, ମୁଁ ନିରୀହ, ମୁଁ ନିରପରାଧ ମୁଁ କର୍ତ୍ତବ୍ୟନିଷ୍ଠ, ସୁଶୃଙ୍ଖଳ; ସଂକୁଚିତ, ଲଜ୍ଜିତ ବା ନିଜକୁ କ୍ଷୁଦ୍ର ମନେ କରିବାର କୌଣସି ହେତୁ ନାହିଁ ।

ସ୍ତ୍ରୀ, ପିଲା ଯେଉଁ ସାଂସାରିକ ସୁଖ ଆଶା କରନ୍ତି, ଅଭାବଅନାଟନ ମଧ୍ୟରେ ମୁଁ ତାହା ଦେଇ ପାରିବିନାହିଁ, ଦିନୁଁ ଦିନ ଦରଦାମ ବଢ଼ୁଥିବାବେଳେ ଜୀବନର ଭଦ୍ର ମାନ ରକ୍ଷା କରି ପାରିବିନାହିଁ, ସେଥିପାଇଁ ମନରେ କ୍ଷୋଭ ଆସୁଥିଲା । କିନ୍ତୁ ତାର ଉତ୍ତର ନିଜ ଭିତରୁ ମୁଁ ପାଉଥିଲି—

କାହିଁକି ଅନୁଶୋଚନା କରୁଛୁ ? ନିଜ ଦାୟିତ୍ୱ କାହିଁକି ନିଜ ମୁଣ୍ଡ ଉପରକୁ ନେଉଛୁ ? ମୋ ଉପରେ ଛାଡ଼ିଦେ, ତୋ ଭଲ ଅନିଷ୍ଟ ମୁଁ ବୁଝିବି ।

ଅନ୍ତରରେ ବଳ ଆସିଲା—ଧର୍ମୋ ରକ୍ଷତି ଧାର୍ମିକମ୍—ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍, ଧର୍ମହିଁ ମୋ ଭିତରୁ ଆଶ୍ୱାସନା ଦେଉଛି, ଯେଉଁ ଧର୍ମକୁ ମୁଁ ପାଳି ଆସିଥିଲି ବହୁ ଭ୍ରୁକୁଟି ଭ୍ରୂଭଙ୍ଗ ମଧ୍ୟରେ, ସେ ଧର୍ମ, ସେ ବିବେକ, ସେ ଭଗବାନ୍ । ସେ ଦୃଢ଼ସ୍ୱରରେ କହୁଛନ୍ତି—

'ତୁମ ମୁଖ୍ୟ ବ୍ରତ ତପ ଆଚରିବା ।'

ଧର୍ମ ଅର୍ଥ କର୍ତ୍ତବ୍ୟ—ଜୀବନସାରା କର୍ତ୍ତବ୍ୟ କରିଛ, ଏବେ କର୍ତ୍ତବ୍ୟ କରିଯା । ଅନ୍ତତଃ ନିଜ ପାଖେ ନିଜେ ଅପରାଧୀ ହେବନାହିଁ, ଶ୍ରମଝାଳରୁ ଉପୁଜା ଅନ୍ନ ଭୋଗ କରୁଛ ବୋଲି ଆତ୍ମପ୍ରସାଦ ଅନୁଭବ କରିବ । କର୍ମ ନ କରି ଯେଉଁ ଭୋଗ, ତାହା ପାପଧନ ଭୋଗ । ଏଇ ଧର୍ମ ବା କର୍ତ୍ତବ୍ୟନିଷ୍ଠା ଦିନେ ନା ଦିନେ ମନୁଷ୍ୟକୁ ରକ୍ଷା କରେ ।

ନାନା ଦ୍ୱନ୍ଦ୍ୱ ଓ ମାନସିକ ସଂଘର୍ଷ ମଧ୍ୟରେ ଗତି କରୁଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଚାକିରୀ ବିଜ୍ଞାପନଟି ବାହାରିଲା । ଦରଖାସ୍ତ ଦେଲି । କିନ୍ତୁ ବିଶେଷଜ୍ଞମଣ୍ଡଳୀରେ ରଖାଗଲା ମୋ ବିଭାଗର ସେ ଦିନର ଜଣେ ଅଧ୍ୟାପକ, ଯାହାଙ୍କୁ ସୁପାରିଶ୍ କରି ମୁଁ ବିଦେଶକୁ ପଢ଼ିବାକୁ ପଠାଇଥିଲି, ଯେ ଜୀବନରେ ରିଡ଼ର ବା ପ୍ରଫେସର ହୋଇ ନ ଥିଲେ । ସେ ଶିକ୍ଷାବିଭାଗର ଡିରେକ୍ଟର ହୋଇଛନ୍ତି ବୋଲି ମୁଁ ପ୍ରଫେସର ହେବାକୁ ଯୋଗ୍ୟ କି ଅଯୋଗ୍ୟ ସେ ଚାହିଁବେ । ଏ ଭଳି ଏକ ସାକ୍ଷାତକାରରେ ମୁଁ କିପରି ଯୋଗ ଦେବି ? ଲୋକଚକ୍ଷୁରେ କିପରି ତାଟିଆ କାମୁଡ଼ିବି ? ମନେ ମନେ ସ୍ଥିର କଲି—ଜାଣିଶୁଣି ଅପମାନକୁ ବରଣ କରିବିନାହିଁ । ଜୀବନରେ ମୋର ପାଠ ପଢ଼ିବାର ନ ଥିଲା, ଯେ ପାଠ ପଢ଼ାଇଲେ, ଚଲାଇ ଚଲାଇ ବାଟ କଢ଼ାଇ ଏତେ ଦୂର ଆଣିଲେ, ସେ ବାକୀତକ ଦିନ ଚଳାଇ ନେବେ । ନା, ନା, ଆତ୍ମାକୁ କଦାପି କଳୁଷିତ କରିବିନାହିଁ । ସମ୍ବଲପୁର ଉପାଚାର୍ଯ୍ୟଙ୍କ ନିକଟକୁ ଲେଖି ଦେଲି—ଏ ପରିସ୍ଥିତିରେ ସାକ୍ଷାତ୍,

କରିବାକୁ ଯିବା ମୋ ପକ୍ଷେ ଅପମାନଜନକ । ଅନୁପସ୍ଥିତିରେ ମୋ କାଗଜପତ୍ରରୁ ମୋ ବିଷୟ ବିଚାର କର ।

ଏ ସଂପର୍କରେ ଉପାଚାର୍ଯ୍ୟଙ୍କ ସହିତ ସାକ୍ଷାତ୍ କଲି; ଅନୁପସ୍ଥିତିରେ ଆଉ କେତେକଙ୍କ ବିଷୟରେ ଆଗରୁ ବିଚାର ହୋଇଛି । ତେଣୁ ମୋ ବିଷୟରେ ପ୍ରତିଷ୍ଠିତ ପରମ୍ପରା ଅନୁସରଣ କରାଯାଇ ପାରିବ ।

କିନ୍ତୁ ସେ କଥା ରକ୍ଷା କଲେନାହିଁ, ଅନୁପସ୍ଥିତିରେ କାହା ବିଷୟ ବିଚାରକୁ ନିଆଯିବନାହିଁ ପ୍ରସ୍ତାବ ପାସ କରାଇ ନେଲେ, ବୋର୍ଡ ବସିବା ଆଗରୁ ମୋ ଭାଗ୍ୟର ବିଚାର ହୋଇଗଲା । ଉପାଚାର୍ଯ୍ୟ ନିଜେ ଶିକ୍ଷାବିତ ନୁହନ୍ତି ଡି. ପି. ଆଇଙ୍କ ଉପରେ ନିର୍ଭରଶୀଳ । ଡି. ପି. ଆଇଙ୍କ ସହିତ ମୋର ପଡୁ ନ ଥିଲା, ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟରେ ଅନୁଷ୍ଠିତ ଜଣେ ରିଡର୍ ନିଯୁକ୍ତି ସାକ୍ଷାତ୍‌କାରରୁ । ସେଠି ସେ ନିଜ ସ୍ୱାର୍ଥଦୃଷ୍ଟିରୁ ଲୋକ ରଖିବାକୁ ଚାହିଁଲେ । ମୁଁ ସେଥିରେ ବାଧା ଦେଲି । ମୁଁ ସେତେବେଳେ ସ୍ୱାଧୀନ । ଡି. ପି. ଆଇଙ୍କୁ ଡରିବି କାହିଁକି ? ମୁଁ ଦୃଢ଼ଭାବରେ ମୋ ମତ ପ୍ରକାଶ କଲି । ଅନ୍ୟମାନେ ମୋ ପକ୍ଷରେ ଗଲେ; ମୋର ଜିତାପଟ ହେଲା । ଡି. ପି. ଆଇ କ୍ରୋଧରେ ଜଳିଗଲେ । ତାର ପ୍ରତିଶୋଧ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସାକ୍ଷାତ୍‌କାରରେ ନେଲେ; କିନ୍ତୁ ଯାହା ଲାଗି ସମ୍ବଲପୁରରେ ମୋତେ ବଞ୍ଚିତ କରିଥିଲେ ତାକୁ ଅନ୍ୟ ସଭ୍ୟମାନେ କାଟିଦେଲେ; କାରଣ ପୋଷ୍ଟ ଗ୍ରାଜୁଏଟ ଶିକ୍ଷା ଦାନରେ ତାଙ୍କର ୫ ବର୍ଷ ଅଭିଜ୍ଞତା ନ ଥିଲା । ଡି. ପି. ଆଇଙ୍କ ଅନାକାଂକ୍ଷିତ ବ୍ୟକ୍ତି ଜଣେ ପ୍ରଫେସର ଭାବେ ନିଯୁକ୍ତ ହେଲେ । ଏଥିରେ ସେ କ୍ଷୁଣ୍ଣ ହୋଇ ଅନ୍ୟ ଜଣକ ଆଗେ ପ୍ରକାଶ କରିଥିଲେ—ଡକ୍ଟର ଦାଶ ସାକ୍ଷାତ୍‌କାରକୁ ଆସିଥିଲେ ଚାକିରୀଟି ତାଙ୍କର ନିଶ୍ଚୟ ହୋଇଥାନ୍ତା ॥

ଦୁଶ୍ଚିନ୍ତାରୁ ଆତ୍ମରକ୍ଷା ଲାଗି ବହୁ ଚେଷ୍ଟା କଲି, ପାରିଲି ନାହିଁ । ଦୁଶ୍ଚିନ୍ତାରୁ ବ୍ୟାଧିର ଜନ୍ମ । ଦୁଶ୍ଚିନ୍ତା ସହିତ ବ୍ୟାଧି ଲାଗି ରହିଲା ।

ରୁଗ୍ଣ ଥିବା ଅବସ୍ଥାରେ ବାଇଆ ବାବା ଆସିଲେ, ତାଙ୍କ ଦର୍ଶନରେ ମୋ ଆତ୍ମା ଶାନ୍ତି ପାଇଲା । ଗୁରୁର ଅହଙ୍କାର, ଆଭିଜାତ୍ୟ ବା ଆଡମ୍ବର ତାଙ୍କଠାରେ ନ ଥିଲା; ତାଙ୍କ ମତରେ କଳିଯୁଗରେ ନାମ ଶ୍ରେଷ୍ଠ, ନାମ ବ୍ରହ୍ମ; ନାମରୁ ସବୁ ମିଳେ; ନାମରୁ ବାଇଆ ଆଧ୍ୟାତ୍ମିକ ଶକ୍ତି ଲାଭ କରିଥିଲେ ।

କିଏ କେଉଁ ଭାବ ମନରେ ନେଇ ଆସିଛି, ସେ ସହଜରେ ଜାଣିପାରୁଥିଲେ । ବହୁ ମନ ଯେପରିକି ଗୋଟିଏ ପୁସ୍ତକର ଅନେକ ପୃଷ୍ଠା—ମକଦ୍ଦମାରେ ଜୟଲାଭ, ରୋଗମୁକ୍ତି, ଧନ ବା ସନ୍ତାନପ୍ରାପ୍ତି, ବ୍ୟବସାୟରେ ସାଫଲ୍ୟ ପ୍ରଭୃତି ଅଭୀଷ୍ଟ ସେଥିରେ ଯେପରି କି ଉଲ୍ଲିଖିତ । କେବଳ ବାଇଆର ସଙ୍ଗ ଲାଭ ପ୍ରୀତିରେ ଆସୁଥିଲେ କ୍ୱଚିତ୍ କେହି ।

ଆଜି ବିଦାୟ ବେଳେ ସେ ମୋତେ କହିଲେ—ଯେତେ ଦେଉଛ ଦିଅ, ଯେତେ ନେଉଛ ନିଅ ।

କ'ଣ ?

(କ) ଅନ୍ନଦାନ (ଖ) ହରିନାମ । ଜୀବନରେ ଯେତେ ଲୋକଙ୍କୁ ଖୁଆଇପାର ଖୁଆଅ, କ୍ଷୁଧିତଙ୍କୁ ଅନ୍ନଦାନ ଦାନ ମଧ୍ୟରେ ସର୍ବଶ୍ରେଷ୍ଠ, ହରିନାମ ଯେତେ ନେଇହୁ ନିଅ - ସେଥିରୁ ହିଁ ପ୍ରତ୍ୟକ୍ଷ ଆନନ୍ଦଲାଭ ହୋଇଥାଏ ।

ବାଇଆଙ୍କ ସହିତ ସଂପର୍କ ପରେ ମନରେ ମୋର ଏଇ ଚାରୋଟି ସଂକଳ୍ପ ଦୃଢ଼ ହେଲା —

(କ) ଈଶ୍ୱରଙ୍କୁ ପୂର୍ଣ୍ଣଭାବରେ ବିଶ୍ୱାସ କରିବି ।

(ଖ) ନିଜର ଶକ୍ତି ଉପରେ ଦୃଢ଼ ଆସ୍ଥା ରଖିବି ।

(ଗ) ରକ୍ତମାଂସର ମଣିଷଙ୍କୁ ଡରିବି ନାହିଁ ।

(ଘ) ସଦା କର୍ମତତ୍ପର ରହିବି ।

ସେହି ଦିନରୁ ପ୍ରାର୍ଥନା ମୋର ଦୈନନ୍ଦିନ ରୁଟିନ୍‌ର ଅଙ୍ଗୀଭୂତ ହେଲା; ସେଥିରେ ଅପୂର୍ବ ଶାନ୍ତି ପାଇଲି ।

କିନ୍ତୁ ମୋ ଲାଗି ସବୁ ଦ୍ୱାର କିଳା ହେଲାପରି ଦିଶୁଥିଲା । ମଣିଷ ନୈରାଶ୍ୟର ଶେଷ କଥା ଶୁଣାଇ ଦେଲେ—ଭାଗ୍ୟ ପ୍ରତିକୂଳ, ଆମ ଚେଷ୍ଟା ଶେଷ ହୋଇ ଯାଇଅଛି ।

କେବଳ କବିବର ରାଧାମୋହନ ଗଡ଼ନାୟକ କହୁଥିଲେ—ତୁମେ ଗୁଣୀ; ଭଗବାନ୍ ତୁମକୁ କିଛି ଗୋଟାଏ ବଡ଼ ଜିନିଷ ଦେବେ ବୋଲି ଛୋଟ ଜିନିଷରୁ ବଞ୍ଚିତ କରିଛନ୍ତି; ତୁମେ ଯୋଉ ଦୁରବସ୍ଥାରେ ପଡ଼ିଛ, ସେଥିରେ ଭଗବାନ୍‌ଙ୍କ ସିଂହାସନ ଟଳିଯିବାର କଥା ।

ଆଶ୍ଚର୍ଯ୍ୟ, କବି ଭବିଷ୍ୟତବକ୍ତା; ତାଙ୍କ କଥା ସତ ଫଳିଲା । ମଣିଷ ଯେତେବେଳେ ମୋ'ଠାରୁ ଦୂରେଇ ଗଲେ ଠିକ୍‌ସେତିକିବେଳେ ମୋ ଉପରେ ପ୍ରଭୁଙ୍କ କୃପା ଦୃଷ୍ଟି ପଡ଼ିଲା । ଇଉ. ଜି. ସି. ଅଧ୍ୟାପକ ନିଯୁକ୍ତିପତ୍ର ଅପ୍ରତ୍ୟାଶିତ ଭାବରେ ମୋ ପାଖରେ ପହଞ୍ଚିଲା—ମାସକୁ ଟ ୫୦୦ ଙ୍କା ଦରମା ଓ ଗବେଷଣାର ଆନୁସଙ୍ଗିକ ଖର୍ଚ୍ଚ ଲାଗି ବର୍ଷକୁ ହଜାରେ ଟଙ୍କା ମିଳିବ । ମୁଁ ଉତ୍କଳବିଶ୍ୱବିଦ୍ୟାଳୟରେ ସପ୍ତାହକୁ ଦୁଇଟି କ୍ଲାସ ନେବି, ପିଏଚ୍ ଡି. ଛାତ୍ରମାନଙ୍କୁ ଗବେଷଣାରେ ସାହାଯ୍ୟ କରିବି, ନିଜେ ଲୋକୋକ୍ତି ସଂଗ୍ରହ, ସଂକଳନ ଓ ସେ ବିଷୟରେ ଗବେଷଣା କରିବି । ଅବସରପ୍ରାପ୍ତ ବିଦଗ୍ଧମାନଙ୍କୁ କର୍ମକ୍ଷମ, ଫଳପ୍ରସୂ କରି ରଖିବାଲାଗି ଭାରତସରକାରଙ୍କର ଏ ଗୋଟିଏ ଅଭିନବ ବ୍ୟବସ୍ଥା ।

୧୮. ୧୨. ୭୦ରେ ମୁଁ ଏହି କାର୍ଯ୍ୟରେ ଯୋଗ ଦେଲି, ପାଞ୍ଚବର୍ଷ କାର୍ଯ୍ୟ କରିଥିଲି । ପୁରାତନ ଜୀବନ, ସୁଖ ଓ ସମ୍ମାନ ଫେରିଆସିଲା ପରି ଲାଗୁଥିଲା ।

ସାନଭାଇ ପାଖରୁ ବହୁତ ଟଙ୍କା ଆସିଲା । 'ଅର୍ଥମନର୍ଥଂ ଭାବୟ ନିତ୍ୟମ୍' ମୁଁ ଭାବି ଭାବୁଥିଲି—

'ବରଂ ବନଂ ବ୍ୟାଘ୍ରଗଜାଦିସେବିତମ୍
ଜଳେନ ହୀନଂ ବହୁ କଣ୍ଟକାବୃତମ୍
ତୃଣାଦିଶଯ୍ୟଂ ପରିଧାନବଲ୍କଲମ୍
ନ ବନ୍ଧୁ ମଧ୍ୟେ ଧନହୀନଜୀବିତମ୍'

'ଜାତରେ କବିତା କୁତଃ ?' ମୁଣ୍ଡରୁ ବୋଝ ଖସି ପଡ଼ିଲା ପରି ଲାଗିଲା । ହୃଦୟ ଶୋକକାତୁର ଓ ଈଶ୍ୱରଙ୍କ ପ୍ରତି ସ୍ତୁତିପ୍ରବଣ ହୋଇ ଉଠିଲା; ଭକ୍ତକବିଙ୍କର ଗୋଟିଏ ପଦ ମନରେ ଝଙ୍କୃତ ହେଲା—

'ଈଶ୍ୱର ଦୟା ଆହା କିବା ଉଦାର
ଲଘୁ କରଇ ଦୁଃଖୀ ହୃଦୟ ଭାର ।'

ଏ ମହଙ୍ଗା ଯୁଗରେ ଧନାଭାବଦୁଃଖ ସବୁ ଦୁଃଖରୁ ବଳେ । ଧନ ଲୋଡ଼ୁଥିଲି, ଢେର ଆସିଲା । ତଥାପି ମନରେ କିପରି ଗୋଟାଏ ଦାରିଦ୍ର୍ୟବୋଧ ଚର ମାରି ଜାଣିଲିନାହିଁ କି ? ସ୍ଥୂଳ ମାନ ବଢ଼ାଇବାକୁ ଯାଇ ଜୀବନର ଅସଲ ମୂଲ୍ୟମାନ ଭୁଲିଗଲି କି ? ସେତିକିବେଳେ ହସି ହସି ଯେପରି କିଏ ମନ ଭିତରୁ ପଚାରୁଥିଲା— ତା ପରେ ?

## ସାହିତ୍ୟିକ ଓ ସାହିତ୍ୟାନୁଷ୍ଠାନ

ସାହିତ୍ୟ ବ୍ୟକ୍ତିଗତ ସାଧନାର ଫଳ; ଅନୁଷ୍ଠାନ ସାହିତ୍ୟସାଧକର ଏକ ଅପରିହାର୍ଯ୍ୟ ପରିପୂରକ ନୋହିପାରେ । କିନ୍ତୁ ଏହା ବନ୍ଧ୍ୟାକୁ ସୃଷ୍ଟିଶୀଳ କରେ, ସାହିତ୍ୟପତ୍ରିକା ପରି ନୂତନ ଲେଖକଗୋଷ୍ଠୀ ଗଢ଼େ, ମୋର ଦୃଢ଼ବିଶ୍ୱାସ । ତେଣୁ ଯେଉଁଠିକି ଯାଉଥିଲି, ଗୋଟିଏ ସାହିତ୍ୟାନୁଷ୍ଠାନ ସଙ୍ଗଠନ କରୁଥିଲି । ରାଞ୍ଚୀରେ ଓଡ଼ିଆସାହିତ୍ୟପରିଷଦ୍‌ଗଠନ, ବାରିପଦାସାହିତ୍ୟପରିଷଦର ଉଜ୍ଜୀବନ, ବାଲେଶ୍ୱରରେ ଫକୀରମୋହନସାହିତ୍ୟ ପରିଷଦ ନିର୍ମାଣ, ଶାନ୍ତିନିକେତନରେ ବିଶ୍ୱସାହିତ୍ୟପରିଷଦ୍, ସପ୍ତର୍ଷି, ଓଡ଼ିଆସାହିତ୍ୟପରିଷଦ ସଙ୍ଗଠନରେ ଜୀବନର ଆନନ୍ଦଲୀଳା ଓ ଆତ୍ମ ଅଭିବ୍ୟକ୍ତିର ମଞ୍ଚ ହିଁ ଉନ୍ମୋଚନ କରିଥିଲି; ରେଭେନ୍‌ସା କଲେଜକୁ ଆସିବାପରେ ଓଡ଼ିଆସାହିତ୍ୟପରିଷଦ୍‌ର ନବୀକରଣ ପ୍ରୟାସ କରିଥିଲି । ପୂଜ୍ୟପୂଜା ସଂସଦ୍ (୧୯୬୨ରେ ସ୍ଥାପିତ, ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ ସଂସ୍ଥାପକ)ର ସଭାପତି ଭାବେ ନିର୍ବାଚିତ ହୋଇଥିଲି । ମହାପୁରୁଷ ଓ ସାହିତ୍ୟିକ-ମାନଙ୍କ ଜନ୍ମସ୍ଥାନରେ ଜୟନ୍ତୀ ଉତ୍ସବ ପାଳନ ଏହାର ଏକ ମୁଖ୍ୟ ଆଭିମୁଖ୍ୟ ଥିଲା । ମୁଁ ବୟସ୍କ ଓ ତରୁଣ ସାହିତ୍ୟିକମାନଙ୍କ ସହିତ କେତେଥର ମଧୁବାବୁଙ୍କ ଗ୍ରାମ ସତ୍ୟଭାମାପୁର ଓ ଗୋପବନ୍ଧୁଙ୍କ ଗ୍ରାମ ସୁଆଣ୍ଡୋ ଯାତ୍ରା କରିଥିଲି ।

ଏବେ ଏହି ଅନୁଷ୍ଠାନର କର୍ମକ୍ଷେତ୍ର ସଙ୍କୁଚିତ । ବର୍ଷକୁ ଗୋଟିଏ ପରିକ୍ରମା ଏହା ପ୍ରକାଶ କରେ ମାତ୍ର । ମଧୁସୂଦନ, ଗୋପବନ୍ଧୁ, ନୀଳକଣ୍ଠ, ଗୋପାଳଚନ୍ଦ୍ର, ଆଚାର୍ଯ୍ୟ ହରିହର ଓ ଜଗନ୍ନାଥ ଦାସଙ୍କ ପରିକ୍ରମା ଓଡ଼ିଆସାହିତ୍ୟକୁ ଏକ ଏକ ଉଲ୍ଲେଖଯୋଗ୍ୟ ଦାନ । ମୁଁ ଗୋପବନ୍ଧୁ ପରିକ୍ରମାରେ ଲେଖିଥିଲି—

"ପୂଜ୍ୟପୂଜାରେ ବ୍ୟତିକ୍ରମ ହେଲେ ଦେଶ ବା ଜାତିର ଅକଲ୍ୟାଣ ହୁଏ । ଉତ୍କଳ ପ୍ରତିଭାଙ୍କ ଯଥାଯୋଗ୍ୟ ପୂଜା କରି ପାରିନାହିଁ । କେତେ ବନମଲ୍ଲୀ ବନରେ ଫୁଟି ଝଡ଼ି ଯାଉଛନ୍ତି; ଏ ପ୍ରଦେଶରେ ପ୍ରତିଭାର ଜନ୍ମ ହୋଇଛି, କିନ୍ତୁ ଅନୁକୂଳ ବାତାବରଣ ଅଭାବରୁ ଉଧେଇ ପାରିନାହିଁ । ପ୍ରତିଭାକୁ ଉପଯୁକ୍ତ ସମ୍ମାନ ଦେବାଲାଗି କେତେକ ତରୁଣଙ୍କ ଉଦ୍ୟମରେ 'ପୂଜ୍ୟପୂଜାସଂସଦ୍' ସଙ୍ଗଠିତ ହୋଇଛି ।"

୧୯୬୬ରୁ ୧୯୭୧ କେନ୍ଦ୍ର ସାହିତ୍ୟଏକାଡେମୀ ସାଧାରଣ ସମିତିର ସଭ୍ୟ ଭାବେ ଉତ୍କଳବିଶ୍ୱବିଦ୍ୟାଳୟ ତରଫରୁ ମନୋନୀତ ହୋଇଥିଲି; ଦ୍ୱିତୀୟଥର ଲାଗି ମଧ୍ୟ ମନୋନୀତ ହୋଇଅଛି । ଜ୍ଞାନପୀଠ ପ୍ରାଦେଶିକ ପୁସ୍ତକନିର୍ବାଚନ କମିଟିର ସଭ୍ୟ, ସାହିତ୍ୟଏକାଡେମୀ ଅନୁବାଦକରିବଡ଼ିର ସଭ୍ୟ, ଓଡ଼ିଶାସାହିତ୍ୟ ଏକାଡେମୀର ସଭ୍ୟ, ଓଡ଼ିଶା ସାଂସ୍କୃତିକବ୍ୟାପାରବିଭାଗ ପାଣ୍ଡୁଲିପିନିର୍ବାଚନ ସମିତିର ସଭ୍ୟଭାବେ ମନୋନୀତ ହୋଇ ସାହିତ୍ୟର ଯତ୍‌ସାମାନ୍ୟ ସେବା କରିଅଛି ।

## ଉତ୍କଳସାହିତ୍ୟସମାଜ

୨୩।୭।୬୨ରେ ଉତ୍କଳସାହିତ୍ୟସମାଜର ସଭାପତି ଭାବେ ନିର୍ବାଚିତ ହୋଇଥିଲି । ଚାରିବର୍ଷ କାର୍ଯ୍ୟ କରିବାପରେ ୨୧।୩।୭୬ରେ ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଅଛି । ସାହିତ୍ୟସମାଜର କାର୍ଯ୍ୟ ଏକ ସମୂହ କାର୍ଯ୍ୟ; ଏଥିରେ ବ୍ୟକ୍ତିଗତଭାବରେ କୌଣସି କର୍ମକର୍ତ୍ତା ବାହାଦୁରୀ ନେବାର ନୁହେ । ମୂଳ ଭାବରେ ଏତିକି କୁହା ଯାଇପାରେ ଯେ ଗତ କେତେ ବର୍ଷର କର୍ମତତ୍ପରତା ଫଳରେ ଏହି ପ୍ରାଚୀନତମ ଅନୁଷ୍ଠାନର ପୂର୍ବ ଗୌରବ ଆଂଶିକ ଭାବେ ଫେରି ଆସିଛି । ତା ଫଳରେ କର୍ମକର୍ତ୍ତାମାନଙ୍କର ପୁନଃ ନିର୍ବାଚନ ସମ୍ଭବ ହୋଇଛି । ଆବୃତ୍ତିପ୍ରତିଯୋଗିତା, କବିତା ବା ପ୍ରବନ୍ଧ ପ୍ରତିଯୋଗିତା, ପ୍ରବନ୍ଧ ପାଠ ଓ ଆଲୋଚନା, ପ୍ରାଚୀନ ପତ୍ରପତ୍ରିକା ସଂରକ୍ଷଣ ପ୍ରଭୃତି ଗତାନୁଗତିକ କାର୍ଯ୍ୟ ମଧ୍ୟରେ 'ସାହିତ୍ୟିକ ଅଭିଭାଷଣ' ଓ 'ବୈକୁଣ୍ଠ ଗ୍ରନ୍ଥାବଳୀ' ପ୍ରକାଶ ନିଶ୍ଚୟ ଅଭିନବ । ଓଡ଼ିଆ ଅଧ୍ୟାପକଦ୍ୱୟଙ୍କ ପାଇଁ ପ୍ରତିଯୋଗିତା ପରମ୍ପରାରେ ଏକ ନୂତନ ଆଭିମୁଖ୍ୟ ଯୋଗ ।

୨୩.୯.୭୩ରେ ଅନୁଷ୍ଠିତ ଆବୃତ୍ତି ପ୍ରତିଯୋଗିତାରେ ମୁଁ କହିଥିଲି—"ଆବୃତ୍ତି କଣ୍ଠର କଳା; ଜୀବନ୍ତ କଣ୍ଠରେ ଝଙ୍କୃତ ହେଲେ କବିତାର ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ପ୍ରକାଶିତ ହୁଏ । ଆବୃତ୍ତି କବିତାକୁ ଲୋକପ୍ରିୟ କରେ । ନିଜ ସଂସ୍କୃତିକୁ ନିଜ ମନରେ ଭେଦାଇବା ଲାଗି ଏହା ଗୋଟିଏ ବାଟ । କବିତାଆବୃତ୍ତିବେଳେ ମୁଁ ଝରଣା ହୋଇ ବୋହି ଯିବାର ଆବେଗ ଅନୁଭବ କରେ, ହସେ, କାନ୍ଦେ, ଅଗ୍ନିଶିଖା ପରି ଦୁଡ୍‌ ଦୁଡ୍‌ ହୋଇ ଜଳେ । ସଂସ୍କୃତିର ପ୍ରସାର ଲାଗି ଏହା ଏକ ଉତ୍ତମ ପନ୍ଥା ।"

୩୦।୧୨।୭୩ରେ 'ସଂକଟ : ସମାଜରେ ଓ ସାହିତ୍ୟରେ' ପ୍ରବନ୍ଧ ପାଠ ଉତ୍ସବରେ କହିଥିଲି—

ସଂକଟ ହିଁ ସାହିତ୍ୟର ଏକ ଚିରନ୍ତନ ବିଷୟବସ୍ତୁ; ଏହା ବ୍ୟକ୍ତିଗତ ହୋଇ-ପାରେ, ସମାଜକୁ ତା ସହିତ ଜଡ଼ିତ କରିପାରେ । ରାମାୟଣ ଓ ମହାଭାରତ ଯୁଦ୍ଧ, ଟ୍ରୟ ଯୁଦ୍ଧ ବ୍ୟକ୍ତିଗତ ସମସ୍ୟାରୁ ହିଁ ଉଦ୍‌ଭୂତ । ସମାଜର ଗ୍ଲାନିରୁ ମହାପୁରୁଷଙ୍କ ଆବିର୍ଭାବ ଘଟିପାରେ, ସାହିତ୍ୟରେ ତା ସମ୍ଭବ ହୋଇ ନ ପାରେ ।

ଓଡ଼ିଶାରେ ବହୁ ସଂକଟ, ଅତି ବିକଟ । କିନ୍ତୁ ଏହା ମହାକବିର ଜନ୍ମର ହେତୁ ହୋଇନାହିଁ । କବିମାନେ ସଂକଟକୁ କବିତାରେ ରୂପ ଦେଇଛନ୍ତି କ୍ୱଚିତ୍ । ଉପେନ୍ଦ୍ର ଭଞ୍ଜଙ୍କୁ ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇପାରେ । ଇଂଲଣ୍ଡର ସମୃଦ୍ଧି ମଧ୍ୟରେ ସେକ୍‌ସପିଅରଙ୍କ ଆବିର୍ଭାବ । ସାହିତ୍ୟସୃଷ୍ଟି ଲାଗି ଅନୁକୂଳ ପରିବେଶ ଓ ମାନସିକ ଶାନ୍ତି ଆବଶ୍ୟକ ।'

ଉତ୍କଳସାହିତ୍ୟସମାଜ ତତ୍ପରତା ଓ ଦୂରଦୃଷ୍ଟି ଅଭାବରୁ କଟକ ସାହିତ୍ୟ ସମାଜରେ ପରିଣତ ହୋଇଯାଇଥିଲା । ଇତିହାସରେ ପ୍ରଥମଥର ପାଇଁ କଟକ ବାହାରେ ଉତ୍କଳସାହିତ୍ୟସମାଜ ପକ୍ଷରୁ ଏକ ସାହିତ୍ୟସମ୍ମିଳନୀ କରାଯାଇଥିଲା ଓ ଉତ୍କଳର ସମସ୍ତ ସାହିତ୍ୟିକ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ସ୍ଥାପନ ଓ ସଂହତି ସାଧନ ଲାଗି ଯୋଜନା କରାଯାଇଥିଲା । କଳିଙ୍ଗସାହିତ୍ୟପରିଷଦ୍‌ର ସହଯୋଗରେ ବ୍ରହ୍ମପୁର 'କବିସୂର୍ଯ୍ୟ' ହଲରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଓଡ଼ିଶାକୁ ପ୍ରଶାସନିକ ଭାଷା, କୋର୍ଟ କଚେରୀର ଭାଷା ବିଶ୍ୱବିଦ୍ୟାଳୟ ଶିକ୍ଷାର ମାଧ୍ୟମ କରିବା ଲାଗି ଦୃଢ଼ ଦାବୀ କରାଯାଇଥିଲା, ବିଶ୍ୱଓଡ଼ିଆସାହିତ୍ୟସମ୍ମିଳନୀ ଲାଗି ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

## ରସର ଆତ୍ମୀୟ ଯେତେ

କିଶୋରରୁ ବୃଦ୍ଧ—ଯେଉଁମାନେ ଲେଖାଲେଖି କରନ୍ତି—କବିତା ବା ନାଟକ, ଉପନ୍ୟାସ ବା କ୍ଷୁଦ୍ରଗଳ୍ପ—ସେମାନେ ଗୋଟିଏ ପରିବାରର, ଯୋଉ ଦେଶର, ଯୋଉ ଭାଷାର ହୋଇଥାନ୍ତୁ ପଛକେ । ସେମାନେ ରକ୍ତର ଜ୍ଞାତି ନୋହି ପାରନ୍ତି, ରସର ହିଁ ଆତ୍ମୀୟ । ତେଣୁ ଜଣେ ସାହିତ୍ୟିକଙ୍କ ସଙ୍ଗେ ଭେଟ ହୋଇଗଲେ କୋଟିନିଧି ପରି ଲାଗେ । ସେଭଳି ସୌଭାଗ୍ୟ ଥିଲେ ସୁଧୀସଜ୍ଜନସଙ୍ଗସୁଖ ମିଳେ । ସମସାମୟିକ ବିଦଗ୍ଧ ଓ ସାହିତ୍ୟିକଙ୍କ ସହିତ ସୌଖ୍ୟ ମୋତେ ନବ ନବ ସୃଷ୍ଟିର ଉତ୍ସ ଯୋଗାଇଛି ।

ନବଭାରତ ପ୍ରେସ୍‌ର ଉପର ତାଲାରେ ପଣ୍ଡିତ ନୀଳକଣ୍ଠ—ତାଙ୍କ ଅସଜ୍ଜିତ ମଳିନ କୋଠରୀଟିରେ ବିଦ୍ୟାର ଆସର ଜମୁଥିଲା । ଉତ୍ତମ ଆଳାପୀ, ଅକ୍ଳାନ୍ତ, ଜିତନିଦ୍ର । ଜିଜ୍ଞାସୁ ତରୁଣଙ୍କ ସହିତ ତାଙ୍କ ଆଲୋଚନା ଶାଖାପ୍ରଶାଖା ମେଲି ଦୂର ଦିଗ୍‌ବଳୟକୁ ଗ୍ଭଲିଯାଉଥିଲା । ସଂଶୟମୋଚନ ଲାଗି ସେ ଥିଲେ ଏକ ବିଶ୍ୱକୋଷ । ସମୟ ପ୍ରତି ଅସଚେତନ, ସାଂସାରିକ ମୋହମୁକ୍ତ, ଆତ୍ମବିସ୍ମୃତ, ପୁସ୍ତକ ଗଦା ମଧ୍ୟରେ ଅଣେଇ ହୋଇ ବସି ତ୍ରିନାଥରୁ ଜଗନ୍ନାଥ, ଅହୁର୍‌ମଜ୍‌ଦା, କୋଇଲିରୁ ମହାକାବ୍ୟ, ସୁଖବୋଧବ୍ୟାକରଣରୁ ସିଦ୍ଧାନ୍ତକୌମୁଦୀ, ଲୌକିକ ଭାଷ୍ୟରୁ ମହାଭାଷ୍ୟ, ଲୋକଦର୍ଶନରୁ ବିଶ୍ୱଦର୍ଶନ ପର୍ଯ୍ୟନ୍ତ ଆଲୋଚନାରେ ନିମଗ୍ନ ରହୁଥିଲେ ଆଧୁନିକ ଯୁଗର ଏହି ସକ୍ରେଟିସ୍ ।

ନୀଳକଣ୍ଠ ବାକ୍‌ରେ ଯେତିକି ଉଚ୍ଛୃଙ୍ଖଳ, ଗୋଦାବରୀଶ ସେତିକି ମସୃଣ । ନୀଳକଣ୍ଠଙ୍କ ମନ ସହାସ୍ୟହାସ୍ୟ ମେଲା—କଥାରେ ମର୍ମ ଫୁଟିପଡ଼େ । ଗୋଦାବରୀଶଙ୍କ ପକ୍ଷରେ କଥା ଏକ ଶିଳ୍ପ ବା କଳା, ଯେତେ ପ୍ରତ୍ୟକ୍ଷ ହୁଏ, ପରୋକ୍ଷରେ ସେତିକି ରହେ । ହାସ୍ୟବ୍ୟଙ୍ଗରେ ଦୁହେଁ ଉସ୍ତାଦ୍ । ନୀଳକଣ୍ଠ ସେଥିରେ ଶ୍ରୋତାଙ୍କୁ ଉଧାଇ ନିଅନ୍ତି, ନିଜେ ଶେଷ ପର୍ଯ୍ୟନ୍ତ ଲାଗୁଥାନ୍ତି । କିନ୍ତୁ ଗୋଦାବରୀଶଙ୍କ ସହିତ ହସିବା ବିପଦ୍‌ଜନକ—ତୁମେ ହସୁଥିବ, ତାଙ୍କ ହସ କେତେବେଳେ ବନ୍ଦ ହୋଇ ଯାଇଥିବ, ସେ ଏକ ମାର୍ବଲ୍ ପର୍ବତ ପରି ଗମ୍ଭୀର ହୋଇ ଯାଇଥିବେ ।

ହରେକୃଷ୍ଣ ମହତାବ ସାହିତ୍ୟିକମାନଙ୍କ ସହିତ ବହୁତ ମିଶନ୍ତି, କିନ୍ତୁ ଅମିଶା ରହିଯାନ୍ତି । ତାଙ୍କ ବୈଠକ ଘର ଗୋଟାଏ ଦରବାର; ସେ ରଜା, ସାହିତ୍ୟିକ ସତେ କି ତାଙ୍କ ପ୍ରଜା ! ପ୍ରଜାଙ୍କୁ ପ୍ରତିନମସ୍କାର ଜଣାଇବା ରାଜାସନର ଗୌରବ ପକ୍ଷେ ହାନି । ପ୍ରତିବାଦ ପ୍ରମାଦମୟ । ବିଶ୍ୱମିଳନ ଏକ ସାହିତ୍ୟିକ ମେଳଣ । ନବ ଲେଖକଙ୍କ ଲାଗି ଏକାନ୍ତ ଲୀଳାମୟ । ଗାଁ ମଜଲିସ୍‌ର ଲେଖକ ଓ 'ଝଙ୍କାର'ର ସମ୍ପାଦକ ଭାବେ ମହତାବ୍ ନିଷ୍ଠାପର । ସେ ଅଧ୍ୟବସାୟୀ, ଜିଜ୍ଞାସୁ, ଜ୍ଞାନନିଷ୍ଠ ।

ତାଙ୍କ ସହିତ ଆଲୋଚନାରୁ ବହୁ ଦୁର୍ଲଭ ଅନୁଭୂତିର ପରିଚୟ, ନୂତନ ଦିଗ୍‌ଦର୍ଶନ ମିଳେ । ଆଶାବାଦୀ, ଦୃଢ଼ଭାବେ ଆତ୍ମବିଶ୍ୱାସୀ, ଏକାନ୍ତ ଧୈର୍ଯ୍ୟଶୀଳ ଓ କର୍ମତତ୍ପର । ବିଶ୍ୱାସ ନୁହେ, ବରଂ ସଂଶୟ ଜନ୍ମାନ୍ତି । ବୋଧହୁଏ ଗୋଟାଏ ଚକ୍ର ଯେପରିକି ବୁଲୁଚି; ଖାଲି ଶିଶୁପାଳ ବା ଭୂପାଳବର୍ଗଙ୍କ ଉପରେ ନୁହେ, ଦିକ୍‌ପାଳ ସାହିତ୍ୟିକର ନିରୀହ ଗ୍ରୀବାରେ ବି ପଡ଼ିଯାଇପାରେ ।

କଟକ ଅବସ୍ଥାନ କାଳରେ ଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ସହିତ ସଂପର୍କ ନିବିଡ଼ତର ହୋଇଥିଲା । ସେ ମୋତେ ପୁତ୍ରବତ୍ ସ୍ନେହ କରୁଥିଲେ ଓ ପ୍ରାୟ ପ୍ରତିଦିନ ମୋ ବସାକୁ ଆସୁଥିଲେ । ସାହିତ୍ୟ, କଳା, ସ୍ଥାପତ୍ୟ, ଇତିହାସ ଆଦି ନାନା ବିଷୟରେ ଆଲୋଚନା ହେଉଥିଲା । ଦିନେ ଫକୀରମୋହନଙ୍କ ସାହିତ୍ୟିକ ଜୀବନ ସଂପର୍କରେ କହୁ କହୁ ସେ କହିଲେ—

'ମାମୁଁ' ଉପନ୍ୟାସ ଛପା ହେଲାବେଳେ ଫକୀରମୋହନ ଘୋଷଣା କରିଥିଲେ—ଯେ ଦଶଖଣ୍ଡ ବହି କିଣିବ, ତାକୁ ଖଣ୍ଡିଏ ବହି ଉପହାର ଦିଆଯିବ । ଶ୍ରୀ ଆଚାର୍ଯ୍ୟ ୧୫ ଖଣ୍ଡ କିଣିବାରୁ ଫକୀରମୋହନ ତାଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇଥିଲେ । ତାଙ୍କ ବଞ୍ଚିଥିବା ଭିତରେ ଏକକାଳୀନ ଏତେ ବହି ଆଉ କେବେ ବିକ୍ରୀ ହୋଇ ନ ଥିଲା ।

ଆଉ ଦିନେ ଓଡ଼ିଆର ବ୍ୟବସାୟବୁଦ୍ଧିର ଅଭାବ ଓ ସ୍ୱାଭାବିକ ଧର୍ମପ୍ରାଣତା ସଂପର୍କରେ ଦୁଇଟି ଗଳ୍ପ କହିଥିଲେ ।

ଲର୍ଡ କ୍ଲାଇଭଙ୍କର ଜଣେ ଓଡ଼ିଆ ପିଅନ୍ ଥିଲା, ଅତି ବିଶ୍ୱସ୍ତ, ତା ନାଆଁ ବଂଶୀ । କ୍ଲାଇଭ୍ ଭାରତ ଛାଡ଼ିବା ପୂର୍ବରୁ ତାକୁ ପଚାରିଲେ—କଣ ଚାହୁଁ ? କହିବୁ ଯଦି, ଏ ଗଙ୍ଗା କୂଳଟା ତୋ ନାଆଁରେ ପଟା କରିଦେବି । ବଂଶୀ କହିଲା—ସାହେବ, ଏ ଗଙ୍ଗା କୂଳଟା ମୋର କ'ଣ ହେବ ? ଦେବ ଯଦି ଦିଅ—କୁଣ୍ଡଳ, ଖଡ୍ଡୁ, ଅନନ୍ତବ୍ରତ ପାଟଯଥା । କ୍ଲାଇଭ ତାକୁ ଏ ସବୁ ଜିନିଷ ସହିତ ଲକ୍ଷେ ଟଙ୍କା ପୁରସ୍କାର ଦେଇଥିଲେ—ଲାଞ୍ଚୁଆ କର୍ମଚାରୀଙ୍କ ବାଟେ ଆସି ତା ପାଖେ ପହଞ୍ଚିଲା ବେଳକୁ ଏହା ପାଞ୍ଚହଜାର ଟଙ୍କାକୁ ଖସି ଯାଇଥିଲା ।

ଭରତପୁର ଦୁର୍ଗ ଅଧିକାର କଲାବେଳେ ଲର୍ଡ୍ ଅକ୍‌ଲାଣ୍ଡଙ୍କର ଜଣେ ଓଡ଼ିଆ ପିଅନ୍ ଥିଲା । ଦୁର୍ଗ ଲୁଣ୍ଠନବେଳେ ସେ ତାକୁ କହିଲେ—ଯା, ଟଙ୍କା ସୁନା ଯାହା ପାଇବୁ ଘେନି ଆସିବୁ । ସେ ଟଙ୍କା ସୁନା ନ ଛୁଇଁ ରାଧାକୃଷ୍ଣ ସହ ଖଟୁଲୀଟିଏ ଧରି ନାଚି ନାଚି ଆସିଲା । ସାହେବ ପଚାରିଲେ—କିରେ ଇଏ କଣ ? ଓଡ଼ିଆଟି କହିଲା—ଇଏ ମତେ ସବୁ ଦେଇ ପାରିବେ ।

ତା'ପରେ ସେ କଲିକତା ଶଶିଭୂଷଣ ଦେ ଷ୍ଟ୍ରିଟ୍‌ରେ ଦେଉଳ ତୋଳାଇ ରାଧାକୃଷ୍ଣ ସ୍ଥାପନା କଲା । ଦେଉଳତୋଳା ଓ ପ୍ରତିଷ୍ଠାକୁ ବଡ଼ଲାଟ ଅନେକ ଟଙ୍କା ଦେଇଥିଲେ ।

ସୋମନାଥଗ୍ରନ୍ଥାବଳୀର ଲେଖକ ବଲାଙ୍ଗୀରର ସୋମନାଥ ହୋତୃଶର୍ମା, ବୈଷ୍ଣବଗ୍ରନ୍ଥାବଳୀର ଲେଖକ ଢେଙ୍କାନାଳର ବୈଷ୍ଣବଚରଣ, ଈଶ୍ୱରୈକନିଷ୍ଠ, ତ୍ୟାଗୀ, ପ୍ରାୟ ଏକାସନରେ ଆସୀନ, ଗୋଧୂଳିରାଗରଞ୍ଜିତ ବୈକୁଣ୍ଠନାଥ, ସାହିତ୍ୟିକ ଓ ସାହିତ୍ୟନେତା କାଳିନ୍ଦୀଚରଣ, ଅତ୍ୟଧିକ କବିତ୍ୱରେ ରଙ୍ଗୀନ୍ ଜ୍ଞାନପୀଠବିଜେତା ଗୋପୀନାଥ, ରୀତିମତ ଔପନ୍ୟାସିକ କାହ୍ନୁଚରଣ, ବହୁପାଠୀ ନୂତନ ଦିଗ୍‌ଦର୍ଶକ ସୁରେନ୍ଦ୍ର, ଶ୍ରେଷ୍ଠ ସାହିତ୍ୟ ସ୍ତରର ଅଗ୍ରବର୍ତ୍ତୀ ମନୋଜ ଦାସ, ସାହିତ୍ୟିକରୁ ମନ୍ତ୍ରୀ ଓ ପରେ ଯଥାପୂର୍ବଂ ତଥା ପରଂ ହୋଇ ସାହିତ୍ୟର ଖିଅ ଦବାଇ ଥିବା ନିତ୍ୟାନନ୍ଦ, ଓଡ଼ିଆ ଅଧ୍ୟାପକ ହୋଇ ପ୍ରାୟ ସଂସ୍କୃତରେ ଲେଖୁଥିବା ଓ ସଂସ୍କୃତ ଭାଷାରେ କହୁଥିବା ବାଗ୍ମୀ ବ୍ରଜକିଶୋର ରାୟ, ସାହିତ୍ୟିକ ଉନ୍ମାଦନାରେ ଗଳ୍ପଦୈନିକ 'ପାଠଚକ୍ର' ପ୍ରକାଶୁଥିବା ସଂଶୟୀ ବ୍ରଜକିଶୋର ପଟ୍ଟନାୟକ, ଦେହ ଅପେକ୍ଷା ବାର୍ଦ୍ଧକ୍ୟରେ କ୍ଷୀଣତର ଦୃଷ୍ଟି ଘେନି 'ଭାଗ୍ୟଚକ୍ର'ରେ ବୁଲୁଥିବା ଅନନ୍ତପ୍ରସାଦ, ଯାଦୁଘରର ପ୍ରାଚୀନତା ଓ କବିତାର ଆଧୁନିକତା—ଏଇ ଦୁଇ ନାବରେ ପାଦ ଦେଇ ସ୍ରୋତରେ ଭାସମାନ ସଚ୍ଚିଦାନନ୍ଦ ରାଉତରାୟ, ବନ୍ଧୁତାର ଅଧିକାରରେ ପାଖରେ ବସିଥିଲେ ବି କବିତାରେ ଦୂରବର୍ତ୍ତୀ ବିନୋଦ ନାୟକ, ଏକାନ୍ତ ସାଧୁତାରେ ଦାରିଦ୍ର୍ୟ ବରଣ କରିଥିବା ଓ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲେଖାର ଧାରାକୁ ଅବ୍ୟାହତ ରଖିଥିବା ବାମାଚରଣ ମିତ୍ର, ଶେଷ ଜୀବନରେ ଲେଖା ଓ ପ୍ରକାଶକୁ ସମାନ୍ତରାଳ ରଖିପାରି ନ ଥିବା ଔପନ୍ୟାସିକ ଓ ନାଟ୍ୟକାର ଲକ୍ଷ୍ମୀଧର ନାୟକ, 'ମଞ୍ଜୁଷା ମଣିମାଳିନୀ' ଓ 'ଅଂଶୁପା'ର କବି, ସଂସ୍କୃତରେ ଆଧୁନିକ ମହାକାବ୍ୟରଚନାକାରୀ ଅଧ୍ୟାପକ ଜୟକୃଷ୍ଣ, ଚତୁରାନନ୍ଦ (ଅଙ୍ଗବୈକଲ୍ୟର ପରିପୂରକ ଯାହାଙ୍କର ଅଫୁରନ୍ତ ହାସ୍ୟରସ), ଏକ ଦିଗରେ ଆଧ୍ୟାତ୍ମିକତା, ଅନ୍ୟ ଦିଗରେ ସଂସାରରସ, ଉଭୟ ମଧ୍ୟରେ ସେତୁ ପ୍ରତିଷ୍ଠା କରୁଥିବା ମହାପାତ୍ର ନୀଳମଣି, ଉପନ୍ୟାସରେ ନବଧାରାର ପ୍ରବର୍ତ୍ତକ ଶାନ୍ତନୁକୁମାର, ସାହିତ୍ୟରେ

ବିଜ୍ଞାନଧାରାର ପ୍ରବର୍ତ୍ତକ ଗୋକୁଳାନନ୍ଦ, ଏକାନ୍ତ ଆତ୍ମୀୟ ସମାଜ୍ଞାନତପସ୍ୱୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଏକନିଷ୍ଠ ଗବେଷକ ନଟବର, ଗେରୁଆବସ୍ତ୍ରଧାରୀ ସନ୍ନ୍ୟାସୀ ପ୍ରତିମ, ସଂସାରତ୍ରସ୍ତ, ବହୁଯନ୍ତ୍ରାନବାନ୍ ନୟାଗଡ଼ର ଦଣ୍ଡପାଣି ମିଶ୍ରଙ୍କ ସାହିତ୍ୟାଳାପରେ ପ୍ରାଣ ବେଳେ ବେଳେ ଜୁଆରିଆ ହୋଇଯାଉଥିଲା ।

ଅଶ୍ରୁଧାରରେ ଉଚ୍ଛଳ କରୁଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ, ହାସ୍ୟବେଦନର ଗଙ୍ଗା ଯମୁନା, ପୁରୀ ଡାକ୍ତରଖାନାରେ ଶେଷ ଶଯ୍ୟାରେ କବି ଓ ଶିଳ୍ପୀ ବିନ୍ଧ୍ୟାଧର ବର୍ମା, ଏକମାତ୍ର ପୁତ୍ରର ମୃତ୍ୟୁ ଚିନ୍ତାରେ ଶଯ୍ୟାଗତ କବି ପଦ୍ମଚରଣ ପଟ୍ଟନାୟକ ।

ଅରସିକ ଡିଶିଲେ ବି ନିବିଡ଼ଭାବେ ରସବେତ୍ତା, କବି ରାଧାମୋହନ ଗଡ଼ନାୟକ, ବୈଠକଖାନାରେ ଯାହାଙ୍କର ବିଦଗ୍ଧତା ଓ ବାଗ୍ମିତାର ସର୍ବଶ୍ରେଷ୍ଠ ପରିଚୟ ମିଳୁଥିଲା, ଡକ୍ଟର ମାୟାଧର ମାନସିଂହ, ଯେ ଦୁଃଖବେଦନା ମଧ୍ୟରେ ପେଟ ଭରି ହସି ପାରୁଥିଲେ, ମନର କ୍ଲେଦ, ଗ୍ଲାନି ହରଣ କରି ପାରୁଥିଲେ—ଏହି ଉଭୟଙ୍କ ସହିତ ମୋର ଅନ୍ତରର ନିବିଡ଼ତା ଥିଲା ଓ ମୁଁ କବିତାରେ ପତ୍ରାଳାପ କରିଥିଲି । ୬.୧୨.୫୭ରେ ମୁଁ ଗଡ଼ନାୟକଙ୍କୁ ଲେଖିଥିଲି—

ପଉଷ ପାଦପ ପତ୍ର ଝାଡ଼େ
ଶୂନ୍ୟେ ଶୂନ୍ୟେ ରହେଁ ତୁମ ଅଡ଼େ ।

୧୪.୧୨.୫୭, ଗଡ଼ନାୟକ—ପୌଷର ମୁଁ ପତ୍ରଝଡ଼ା ବାଆ
ବନ୍ଧୁ ବୁଝି ପାରୁନ ଆଜି ତାହା ?
ମଳୟ ମୁଁ ତ ନୁହେଁ
ପଲ୍ଲବ କି ପାରିବି ସୃଜି ମଳିନ ମହୀରୁହେ ?

୨୦.୧୨.୫୭ରେ ମୁଁ ଲେଖିଥିଲି—

ମଉସୁମୀ, ତୁମ ନିଃଶ୍ୱାସ
ବନ ପ୍ରାନ୍ତରେ ଜଗାଏ ଜୀବନ ଉଲ୍ଲାସ
ମନର ଗହନେ ତହୁଁ କଳି
ଋତୁରେ ଋତୁରେ ଫୁଟାଇ ଦିଏ ସେ ନୂଆ କଳି
ଗଛ ଯେ ନୂଆର ସମାହାରେ
ଜୀର୍ଣ୍ଣରେ କି ସେ ସହିପାରେ ?
ଉଦାସ ହୋଇ ପକ୍ୱତା ବେଣ୍ଟୁ ଝାଡ଼ି ଦିଏ
ଶୁଣାଏ ଫଗୁଣ ବଂଶୀ କରୁଣ ମହୀରୁହେ
ମଉସୁମୀ ହୋଇ ମଳୟ ସେ
ଥରେ ଥରେ ଚୁମି
ଫୁଲପଲ୍ଲବେ ତରୁଣିତ କରେ ବନଭୂମି ।

ପ୍ରୌଢ଼ଶିକ୍ଷାକେନ୍ଦ୍ରରୁ ଗଡ଼ନାୟକ ବିଦାୟ ନେଲାପରେ ଲେଖିଥିଲେ— 'କଳଙ୍କିତ ମୁହିଁ କଳାକାର' । ମୁଁ ମଧ୍ୟ 'କଳଙ୍କ' ଶୀର୍ଷକ ଗୋଟିଏ କବିତା ଲେଖିଥିଲି ୨୪ । ୧୧ । ୫୭ରେ—

ସ୍ୱଚ୍ଛ ଶୁଚିତାରେ
ଚନ୍ଦ୍ରର କଳଙ୍କ ଅଛି
ଚନ୍ଦ୍ର ତାହା ବହେ ନିର୍ବିକାରେ
ମୁଖେ ତିଳ ଚିହ୍ନ ଯଥା,
ନିଜ ଅପୂର୍ଣ୍ଣତା
ଭୁଲେନା ସେ ଜ୍ୟୋତ୍ସ୍ନାର ପ୍ରବାହେ
କଳଙ୍କେ ତା ଅଙ୍ଗୁଳି ଦେଖାଇ
ହସୁଚ ତାରକା କିମ୍ବା ଆହେ ?
ତୁମର ଅକୀର୍ତ୍ତି ନାହିଁ, କଳଙ୍କ କି ନାହିଁ ?
ଜଡ଼ବୁଦ୍ଧି ଜ୍ୟୋତ୍ସ୍ନାର କବିତା ବୁଝନାହିଁ ?
ଆମ୍ଭାରେ ପାରୁନ ଦେଖି କଳଙ୍କ ପ୍ରଚ୍ଛନ୍ନ
ପ୍ରକାଶିବା ଲାଗି ତୁମ ଖଦ୍ୟୋତର ଜ୍ୟୋତି
ଆକାଶ୍କୁ କରୁଚ ନିର୍ବାସନ ?

X X X

ତୁମେ ଛାର
ବୁଝନା କଳଙ୍କ ଅଛି ଜ୍ୟୋତ୍ସ୍ନା ଅଛି ତାର
କଳାକର ସେ ଯେ କଳାକାର
ଆକାଶ ପୃଥିବୀ କରେ ଏକାକାର
ରୋମାଞ୍ଚ କବିତା;
କଳଙ୍କେ ଶଙ୍କେନା ପୃଥ୍ୱୀ
କ୍ଷୁଦ୍ର ଈର୍ଷା ପ୍ରତିଭାରେ କକ୍ଷଚ୍ୟୁତ [illegible]ରେ
ଜାଗେ ଗୁରୁ ଚିନ୍ତା ।

ତାପରେ ତାଙ୍କ ପ୍ରତି ଅବିଚାରରେ କ୍ଷୁଣ୍ଣ ହୋଇ 'ବନ୍ଦନା ଲାଗି ଜଳୁଚି ଦୀପାଳି', କବିତା ଲେଖିଥିଲି ଓ ସେ 'ବନ୍ଦନା ଲାଗି ଜଳୁଚି ଦୀପାଳି ଜଳୁଚି କାହିଁ ?' ରେ ଉତ୍ତର ଦେଇଥିଲେ । ଗଡ଼ନାୟକ ଦୁର୍ଦ୍ଧର୍ଷ, ଚିର ସ୍ୱାଧୀନମନା; ଚାକିରୀ ତାଙ୍କୁ ସାଜେନାହିଁ । ତେଣୁ ମୁଁ ସେହି କବିତାରେ ଲେଖିଥିଲି—

ଭାଗ୍ୟ ନୁହଇ ନୁହେ ଭଗବାନ୍
କେହି ନୁହ ତୁମ ଦୁଃଖେ ଦାୟୀ
ମଉସୁମୀ ତୁମେ ପ୍ରଜାପତି ହୋଇ ଧରା ଦେଇଥିଲ
ସେ ଫଳ କି ଏବେ ପାଇଲ ନାହିଁ ?

ଡକ୍ଟର ମାୟାଧର ମାନସିଂହଙ୍କ ସହିତ ପ୍ରାଣର ରସଗତ ସଂପର୍କ ଚିର ଅକ୍ଷୁଣ୍ଣ ଥିଲା । 'ପାଇକଖେଦା' ଗ୍ରନ୍ଥ, ପଲ୍ଲୀଗୀତ ଓ ଓଡ଼ିଆ ଅଧ୍ୟାପନା ଘେନି ଯତ୍‌ସାମାନ୍ୟ ମତଦ୍ୱୈଧ ଘଟିଥିଲା । ତାଙ୍କ ଅଭିଯୋଗର ଉତ୍ତର ମୁଁ 'ନବରବି' ପତ୍ରିକାରେ ଦେଇଥିଲି । ତାକୁ ପଢ଼ି ସେ ଯେଉଁ ପତ୍ର ଲେଖିଥିଲେ, ତାହାହିଁ ମୋ ନିକଟକୁ ତାଙ୍କର ଶେଷ ପତ୍ର—'ତମେ ମତେ ପ୍ରତ୍ୟାଘାତ କରିପାରି ସମୁଚିତ ଆତ୍ମସନ୍ତୋଷ ଲାଭ କରିବା ସ୍ୱାଭାବିକ । ସେହି ହିଁ ମୋର ଆନନ୍ଦ । ବିଶ୍ୱାସ କର, ତମ ଲେଖା ପଢ଼ି

ମୋର ସାମାନ୍ୟତମ ନୈତିକ ବିକାର ଘଟିନାହିଁ । ମୁଁ ଏସବୁକୁ ଧରିନିଏ ଖେଳଓ୍ୱାର୍ଡ଼ ସ୍ପିରିଟରେ । ଖେଳଟା ରୀତିମତ ସଂଗ୍ରାମାତ୍ମକ ହେବା ଉଚିତ । ସଂଗ୍ରାମ ତ ସାମାଜିକ ଆଦବ୍ କାଇଦା ଦେଇ ହୋଇ ନ ପାରେ ?

ପିତାପୁତ୍ର ସୋରାବ୍ ଓ ରୁସ୍ତମ୍ କିପରି ଯୁଦ୍ଧ କରିଥିଲେ ସ୍ମରଣ କର ଏବଂ ସ୍ମରଣ କର ନିକଟତମ କୁଟୁମ୍ବୀମାନଙ୍କ ମଧ୍ୟରେ କୁରୁକ୍ଷେତ୍ରର ବିପୁଳ ହତ୍ୟାକାଣ୍ଡ । କିନ୍ତୁ ସୂର୍ଯ୍ୟାସ୍ତ ପରେ, ଲଢେଇର ଅବସାନ ପରେ, ସମସ୍ତେ ପୁଣି ଭାଇ, ଭାଇ ଓ ବନ୍ଧୁବାନ୍ଧବ । ସାହିତ୍ୟିକ ସଂଗ୍ରାମ ମଧ୍ୟ ସେହି ସ୍ପିରିଟରେ ହେବା ଉଚିତ । ତମେ ତ ଜାଣ ଯେ, କୌଣସି ଜଣେ ହେଲେ ଓଡ଼ିଆ ଅଧ୍ୟାପକଙ୍କ ପ୍ରତି ମୋର ସାମାନ୍ୟତମ ବ୍ୟକ୍ତିଗତ ବିଦ୍ୱେଷଭାବ ନାହିଁ, କିନ୍ତୁ ଯେପରିଭାବରେ ଏ କ୍ଲାସ୍ ଗଢି ଉଠିଚି, ମୁଁ ତାର ହିଁ ପ୍ରତିବାଦ କରି ଆସିଛି, ଆଜି ବି କରୁଛି । କାରଣ ମୁଁ ଉତ୍ତମ ଅବବୋଧ କରୁଛି ଯେ, ଏ ରୀତିରେ ଏମ୍.ଏ, ପିଏଚ୍.ଡି. ଗଢା କରିବାଦ୍ୱାରା ଆମେ କୌଣସି ବ୍ୟକ୍ତିର ସୌଭାଗ୍ୟ ଗଢିଲେ ସିନା, ସମୂହଭାବରେ ଆମେ ଆମ ଜାତିର ଓ ଭାଷାର ଅମଙ୍ଗଳ ଡାକି ଆଣୁଛୁ, ଆଶା କରେ, ତୁମେ ମୋର ଦୃଷ୍ଟିକୋଣ ସହାନୁଭୂତିର ସହିତ ଗ୍ରହଣ କରିବ ।''

ଏହି ପତ୍ର ଦେବାର ଅଳ୍ପଦିନ ପରେ ମାନସିଂହ କେବେ ବେମାର ପଡ଼ିଲେ, ଡାକ୍ତରଖାନାରେ ଭର୍ତ୍ତି ହେଲେ, ଜାଣେନାହିଁ । ମୃତ୍ୟୁପୂର୍ବରୁ ସେ ମୋତେ ସ୍ମରଣ କରିଥିବା ପରେ ଜାଣିଲି । ତାଙ୍କ ପତ୍ରର ଉତ୍ତର ତ ଜୀବନକାଳ ମଧ୍ୟରେ ଦିଆଯାଇ ପାରିଲାନାହିଁ; ମୋ ଅନ୍ତରର ଗଭୀର ବ୍ୟଥା ମୁଁ 'ସ୍ମୃତିର ତଥାପି' ବୋଲି ଗୋଟିଏ କବିତାରେ 'ଝଙ୍କାର'ରେ ପ୍ରକାଶ କରିଥିଲି—ମାନସିଂହ ରକ୍ତର ନୁହନ୍ତି, ମୋର ରସର ଆତ୍ମୀୟ । ତେଣୁ ତାଙ୍କ ବିଚ୍ଛେଦବେଦନା ଶେଷ ନିଃଶ୍ୱାସ ଯିବାଯାଏ ମୋ ପ୍ରାଣରେ ଅନୁଭୂତ ହେଉଥିବ ।

ମୃତ୍ୟୁପୂର୍ବରୁ ସେ ମୋ ନିକଟକୁ କବିତାରେ ପତ୍ର ଲେଖିଥିଲେ ଓ କବିତାରେ ମୁଁ ତାର ଉତ୍ତର ଦେଇଥିଲି । ତଳେ ଅବିକଳ ଉଦ୍ଧୃତ ହେଲା ।

ପ୍ରିୟଦର୍ଶୀର ଆଇ.ଏ.ଏସ୍ ଡିଗ୍ରୀପ୍ରାପ୍ତି ପରେ—

କଟକ-୧
୧୦ । ୪ । ୭୮

ପ୍ରିୟ ବନ୍ଧୁ,

ସମୁଚିତ ଅଭ୍ୟୁଦୟ କଲ୍ୟାଣୀୟ ପ୍ରିୟଦର୍ଶୀଙ୍କର
ଦେଖି ଆଜି କାଗଜରେ,
ପ୍ରେରେ ଆଶୀଃ, ମୁକ୍ତ ଅନ୍ତରେ
ତୁମର ସୁପୁତ୍ର ଯାହା,
ସୁରକ୍ଷିତ କଲେ ତୁମ ଦାୟ,
ତାହା ହିଁ ଆଦର୍ଶ ରଖୁ
ମୋ ଜାତିର ଯୁବ ସମୁଦାୟ

ପ୍ରିୟ କର୍ମ କରି କରି
ଜାତି, ଦେଶ ଓ ମାନବ ପାଇଁ
ପ୍ରିୟଦର୍ଶୀ ଲଭୁ ସୁଖ
ଖ୍ୟାତି, ଚିର କଲ୍ୟାଣଆଶାୟୀ
ଭାଗ୍ୟବାନ୍ ପିତରଙ୍କୁ
ଦୂରୁ କରି ସାନନ୍ଦେ ଜୁହାର
ହତଭାଗ୍ୟ ମାନସିଂହ
ବନ୍ଦ କରେ ତା କୁଟୀ ଦୁଆର ।

ଇତି
ଚିରଶୁଭେଚ୍ଛୁ
ମାୟାଧର ମାନସିଂହ

୧୪ । ୫ । ୭୩
କଟକ

ମାନନୀୟେଷୁ,

ପହିଲି କବିତାପତ୍ର ପାଇଅଛି ଆଜି ମୋ ଜୀବନେ
ଆଇ.ଏ.ଏସ୍ ପ୍ରାପ୍ତି କେତେ ଉଚ୍ଚୁଳାଏ ଏତେ ଭାବି
ଭାବୁଅଛି ମନେ ।
କେତେ ସ୍ନେହ ମନର ମଧୁର ଭାବ ଫାଟିଗଲା ପାଣି
କବିତା ମଣ୍ଡନ ଥିଲା ।
ଆଜି କିମ୍ବା ଜୁଆର ବହିଲା ପାରେନାହିଁ ଜାଣି
ଗୋଟିଏ ପିଚିଚି ବାଟ ଭଲ ଆଉ ମନ୍ଦ ମହଲକୁ
ପୁଅ ମୋ ମଣିଷ ହେଲେ ରଖିଗଲେ ଭଲ ଭଲ ଶଙ୍ଖୁ
ସେତେବେଳେ ସଂସାରେ ମୁଁ ଥିଲେ
ପାଉଁଶ ବା ହୋଇଥିଲେ
ଉଠିବି ଯେ ଫୁଲି
ସେଦିନ ଆଶିଷ ତବ ଫୁଟିବ ଫଳିବ
ଭଜନପେଡ଼ିରେ ଡେଣ୍ଟୁ ଆଜି ସାଇତିଲି ।

ସ୍ନେହାଧୀନ
କୁଞ୍ଜ

ବୁଦ୍ଧପୂର୍ଣ୍ଣିମା
୧୭ । ୫ । ୭୩

ପ୍ରିୟ କୁଞ୍ଜ,

ମାନସିଂହ ପ୍ରେମ ନାହିଁ ଜାଣେ
ଫେରିଯିବା ପଥେ, ଦେଖି ଭୟ, ଅବା, ଚିନ୍ତି ପରିଣାମେ;
ତମର କଲ୍ୟାଣ ବାଞ୍ଛା, ବୁକେ ମୋର ସନ୍ତତ ସବୁଜ,
ମୋ କାର୍ଯ୍ୟ—କାରଣ ତୁମେ ବୁଝ ବା ନ ବୁଝ;

ପ୍ରିୟଦର୍ଶୀ ଅଭ୍ୟୁଦୟ ମୋ ଆଖିରେ ଓଡ଼ିଆ ଗୌରବ,
ସର୍ବଭାରତୀୟ କ୍ଷେତ୍ରେ ପରଖିବା ଶୌର୍ଯ୍ୟ ଓ ସୌରଭ;

ମୋ —ପିଲାଙ୍କ ପାଇଁ ଯାହା ଦେଇଥିଲି ପ୍ରେରଣା ସକାଳେ,
ପ୍ରତ୍ୟେକ ଓଡ଼ିଆ ପାଇଁ ସେ ଆଦର୍ଶ ମୋର କାଳେ କାଳେ;

ସେ ଆଦର୍ଶ ପାଇଁ ଆଜି,
ତମ ସତ୍ୟେ କେତେ ମୁଁ ଏକାକୀ
ଏ ବାର୍ଦ୍ଧକ୍ୟେ ଆଜି, କୁଞ୍ଜ—
କେବେହେଲେ ଭାବିଛ ତାହା କି ?

ତଥାପି ତ ସମ୍ଭାଷଣ, ସ୍ନେହେଁ ଯେଉଁଆଡ଼େ,
ଜାତି ଦିଏ ଖାଲି ଲାଠିମାଡ଼
ଜୀବନର ଆଶ୍ଳେଷ ଅବା ଜରତର ଚୁମ୍ବନ ପ୍ରଘାତ ।

କେଉଁମତେ ଅପସ୍ଵତ୍ତ୍ୱ କଟିଗଲେ ଯାଏ ଜୁଟାରକେ,
ତାପରେ ଭକ୍ଷିବେ ମାଂସ ଗୃଧ୍ର ଶ୍ଵାନ
ଦୃପ୍ତ ଉଲ୍ଲାସରେ ।

ସେବେ କି ଥିବ ହେ ଆଉ ଦେଶ, ଜାତି ସଖ୍ୟ ଓ ଜଟିଳତା,
ଜୀବନେ ଯା ନ ପାଇଲି
ମରଣରେ କାହିଁ ପାଇବି ତା ?

'ବୁଦ୍ଧଂ ଶରଣଂ ଗଚ୍ଛାମି', ଖାଲି—
ଡାକୁଥିବ ନିରାଶ୍ରୟ ଆତ୍ମା
ଦେଶ ନାହିଁ, ବନ୍ଧୁ ନାହିଁ, ଜାତି ନାହିଁ, ସାହା ନାହିଁ ମୋର
ହତଭାଗ୍ୟ ଏହି ଏକାକୀର

ଧର୍ମଂ ଶରଣଂ ଖାଲି ଏକମାତ୍ର ସାହା
ସଂଘଂ ଶରଣଂ ଖାଲି ଏକମାତ୍ର ଆଶା ।

ଇତି
ଚିର ଶୁଭାନୁଧ୍ୟାୟୀ
ମାୟାଧର ମାନସିଂହ

୧୦ । ୬ । ୬୧
କଟକ-୧

ମାନନୀୟେଷୁ,

ପ୍ରେମରେ ଆରମ୍ଭ ଯା'ର କଇଶୋର, ସହକାର ତଳେ
ପ୍ରିୟାର କରକଙ୍କଣ କଣ କଣ ବାଜୁଥିବ ଏବେ ଯେ କର୍ଣ୍ଣରେ
ଚନ୍ଦ୍ରିକାରେ ।
ମାନସିଂହ ପ୍ରେମ ନାହିଁ ଜାଣେ ?
'ଧୂପ' ଜଳେ, 'ହେମ ପୁଷ୍ପ' ଫୁଟକୁଟି
ମଧୁର ସୁରଭି ତାର ଏବେ ମୁଁ ଆଘ୍ରାଣେ

ମାନବ ପ୍ରତି ଯେ ପ୍ରେମ ଅରପିତ ହେଲେ
ଏଇ ତ ପ୍ରେମର ଗତି, ମତି ତବ ଗାଥା ଆଜ
ଧମ୍ମପଦ ସେବେ ।

ଏକୁଟିଆବାଆର ବା କରିଛି ତୁମକୁ
କିଏ ସେ ? ନ ଜାଣେ
ତୁମରି ପ୍ରେମର ପ୍ରାଣ ଡାକୁଥାଏ ଯେବେ ବହୁ ପ୍ରାଣେ
ନିର୍ଜନ କୁଟୀରେ ତୁମେ କାହିଁପାଇଁ ରହିବ ଏକାକୀ ?
ଏ ଚିନ୍ତା ଅସହ୍ୟ ଲାଗେ,
ପ୍ରେମର ବାର୍ଦ୍ଧକ୍ୟ ନାହିଁ, ହେ ରସାଳ ସାକ୍ଷୀ

ବୃକ୍ଷ ଚୂତ ବଢଲେ ତ ମଉଳିଗଲେବି ତାର ଦେହ ଅଧାଅଧି
ତୁମର ସୃଷ୍ଟିରେ ତେଣୁ ରଖିଅଛି ଆଶା ନିରବଧି ।

ଏ ଜାତି ନ ଦେଉ ଅର୍ଘ୍ୟ,
ଯା ପାଇଛ ସୃଷ୍ଟିର ଆନନ୍ଦେ
ସେ ତୁମର ବଡ଼ ଲାଭ
ସାଗର ତ ଦୋଳାୟିତ ତାର ସୃଷ୍ଟି ଛନ୍ଦେ ।

ମୃତ୍ୟୁ ଆସୁ ଆସିବ ଯେ ଦିନ
କି ଅନୁଶୋଚନା ?
ମୃତ୍ୟୁ ପରେ ପସ୍ତୁରୁ ବା ନ ପସ୍ତୁରୁ କେହି
କି ତବ ଭାବନା ?

ଦେଖିଲ ତ ଜାତିର ଯେ ପିତା
ତିଳେ ତିଳେ ହତ୍ୟା କରେ ଜାତି ମୃତ୍ୟୁ ପରେ
ଦେଖୁବ ଖ୍ରୀଷ୍ଟଙ୍କ ଦଶା
ପ୍ରତିଦିନ ଚଢ଼ିବାକୁ ହୁଏ କ୍ରୁଶ ପରେ

ନ ପସ୍ତରେ କେହି ଯଦି
ମୃତ୍ୟୁ ପରେ କିବା ତହିଁ ଗ୍ଲାନି ?
ଗ୍ରାହକ ଥିଲେ ଏ ଦେଶେ
କବିର କବିତ୍ୱ ନୁହେ ମ୍ଳାନି !

ପାଇଅଛ ପୁତ୍ରରତ୍ନ ବଇଡ୍ଡୂର୍ଯ୍ୟ, ହୀରା, କୋହିନୂର
ତୁମର ଆଦର୍ଶ ଯଦି ଜଣେ କେହି ନ ବୁଝିଲା
ପାଶେ ଥାଇ ଦୂର ସେ ସୁଦୂର

ଯେତେ ଉଚ୍ଚେ ଲଭୁ ସେ ଆସନ, ତୁମର ସେ କ୍ଷୁଦ୍ର ପରିଚୟ
'ପଦ୍ମଶ୍ରୀ' ହେ, ତୁମେ ଏକ ମହାହ୍ରଦ ଚିର ପଦ୍ମମୟ

ସେ ହ୍ରଦେ ପ୍ରସ୍ଫୁଟ ବନ୍ଦେ ହୃଦେ ବହି ନିଖିଳ ଉଲ୍ଲାସ
ଚିର ଆଶାବାଦୀ ମୁହିଁ କବି କୃଷ୍ଣ ଦାଶ ।

# ପରିଶିଷ୍ଟ

(କ) ୧. ଡାଇରୀର କିୟଦଂଶ—୧୯୪୦—୪୧
୨. ଡାଇରୀର କିୟଦଂଶ—୧୯୬୧—୧୯୭୫

(ଖ) ସାହିତ୍ୟିକ କୃତି—୧୯୫୦—୧୯୭୫

(ଗ) ଜୀବନ ଓ ମୃତ୍ୟୁର ସେତୁ ଉପରେ

(ଘ) ସାହିତ୍ୟିକ ପତ୍ରାଳାପ

(ଙ) ଛିନ୍ନମସ୍ତା (ପ୍ରଥମ ପ୍ରକାଶିତ ପୁସ୍ତିକା, ୧୯୪୦)

(ଚ) ଉପେକ୍ଷିତ 'କର୍ମଫଳ' ଉପନ୍ୟାସ (୧୯୪୧), ଏକ ଅଧ୍ୟାୟ

# ଡାଇରୀର କିୟଦଂଶ

## (କଲିକତା)

"ବିଶ୍ୱବିଦ୍ୟାଳୟ କଲେଜରେ ଓଡ଼ିଆ ପୁସ୍ତକର ଅଭାବ ଦେଖି ପ୍ରାୟ ୦୦ ଟଙ୍କାର ବହି କଟକ ଟ୍ରେଡ଼ିଂ କମ୍ପାନୀରୁ ମଗାଇଛି ।" (୧୪।୮।୪୦)

"ପ୍ରବାସୀଉତ୍କଳଯୁବକସଙ୍ଘ ତରଫରୁ ବନ୍ୟା ପାଇଁ ଟ ୧୦୪୨/୯ ସଂଗ୍ରହ ରି ଲିଙ୍ଗରାଜ ମିଶ୍ର, ସମ୍ପାଦକ, ଓଡ଼ିଶା ବନ୍ୟାସାହାଯ୍ୟସମିତିକୁ ପଠାଇଲି ।"
(୧୮।୮।୪୦)

"ଅଲବର୍ଟ ହଲରେ ଓଡ଼ିଆସମାଜ ପକ୍ଷରୁ କୁନ୍ତଳାଙ୍କ ଶ୍ରାଦ୍ଧଦିବସ ଓ ର୍ଷିକୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା । (କ:ବି) ମାଟ୍ରିକ୍ ଯରେ ଓଡ଼ିଆକୁ Major Vernacular କରିବାପାଇଁ ମୁଁ ଗୋଟିଏ ପ୍ରସ୍ତାବ ଥିଲି, ତାହା ଗୃହୀତ ହୋଇଥିଲା ।" (୨୫।୮।୪୦)

" 'ଗୋପବନ୍ଧୁ ଦିବାରାତ୍ରି ବିଦ୍ୟାଳୟ'ର ସଭାପତି ରୂପେ ବରିତ ।ଇଥିଲି । ବର୍ତ୍ତମାନ ଶିକ୍ଷା ଆମ୍ଭମାନଙ୍କ ଦେଶ ପ୍ରତି ଉପଯୋଗୀ କି ନା ଲୋଚନା କରିଥିଲି ।" (୧୫।୯।୪୦)

"ଦେଶମିଶ୍ରଣ ପାଇଁ ବ୍ୟାପକଭାବରେ ଆନ୍ଦୋଳନ ଚଳାଇବା ନିମିତ୍ତ ଅସ୍ଥାୟୀ ବରେଁ ଗୋଟିଏ କମିଟି ଗଢ଼ା ଯାଇଥିଲା । ଆସନ୍ତା ରବିବାର ଦିନ ବଡ଼ ଭାବରେ ାଟିଏ ମିଟିଂ କରିବା ନିମିତ୍ତ ମୋତେ ଓ ରଙ୍ଗାଧରବାବୁଙ୍କୁ ମନୋନୀତ ଯାଇଛି ।" (୨୦।୧୦।୪୦)

"ବିଭିନ୍ନାଞ୍ଚଳମାନଙ୍କରେ ପ୍ରଚାର ନିମିତ୍ତ ଖଣ୍ଡିଏ ବହି ଲେଖୁଛି । ୫ ହଜାର ଛପାହେବାର ପ୍ରସ୍ତାବ ଅଛି । ଏହାଦ୍ୱାରା ପ୍ରଚାରକାର୍ଯ୍ୟ ଦ୍ରୁତଗତିରେ ଅଗ୍ରସର ହୋଇପାରିବ ବୋଲି ମୋର ବିଶ୍ୱାସ ।" ୨୩।୧୦।୪୦)

"ମେଦିନୀପୁର ମୃତ୍ୟୁଞ୍ଜୟପଲ୍ଲୀମଙ୍ଗଳପାଠାଗାରରୁ ଆଜି ଖଣ୍ଡିଏ ପତ୍ର ପାଇଛି । ମେଦିନୀପୁର ଓଡ଼ିଆ ଆନ୍ଦୋଳନକୁ ଉତ୍ସାହିତ କରି ଖଣ୍ଡିଏ ପତ୍ର ଲେଖିଥିଲି । ସେମାନଙ୍କ ପୁସ୍ତକାଳୟକୁ ଯଥାଶକ୍ତି ସାହାଯ୍ୟ କରିବାପାଇଁ ସ୍ଥିର କରିଛି ।" (୨୫।୧୦।୪୦)

"ଲକ୍ଷ୍ମୀଧର ନାୟକ (କବି, ଔପନ୍ୟାସିକ)ଙ୍କ ଠାରୁ ଖଣ୍ଡେ ଉତ୍ସାହପୂର୍ଣ୍ଣ ପତ୍ର ପାଇ ଆନନ୍ଦରେ ଆପ୍ଲୁତ ହେଲି । ତାଙ୍କୁ 'ଚିତ୍ର' (ପରେ ଏହାର ନାମ ହେଲା 'ପାଷାଣ ଚରଣେ ରକ୍ତ') ନାମକ ଖଣ୍ଡିଏ ବୀର ରସାତ୍ମକ କ୍ଷୁଦ୍ର କାବ୍ୟ ଶୁଣାଇଥିଲି । ସେ ମୁଗ୍ଧ ହୋଇ ଛପାର ଅଧା ଖର୍ଚ୍ଚ ବହନ କରିବେ ବୋଲି ସ୍ୱୀକୃତ ହୋଇଥିଲେ ।" (୨୯।୧୦।୪୦)

ମୋର ଭ୍ରାତୃପ୍ରତିମ ଶ୍ରୀରାମବାବୁ (ପରେ ଅଧ୍ୟାପକ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ)ଙ୍କ ସଙ୍ଗେ ଦେଖା ହୋଇଥିଲା । ଉତ୍କଳସାହିତ୍ୟର ଉନ୍ନତି, ଭାଷାକୋଷକାର ପ୍ରହରାଜଙ୍କ ସାଧନା, ପାଟଣାର ଓଡ଼ିଆ ଛାତ୍ରମାନଙ୍କ ମଧ୍ୟରେ ଏକତାର ଅଭାବ, ଓଡ଼ିଶାର ମଙ୍ଗଳ କରିବାକୁ ହେଲେ କି କି ଉପାୟ ଅବଲମ୍ବନ କରିବାକୁ ହେବ, ପ୍ରଭୃତି ବିଷୟ ଆଲୋଚନା କରିଥିଲୁ ।

ପ୍ରହରାଜ ମହାଶୟ ରାତି ୩ଟାରୁ ଉଠି ଦିନ ୧୨ଟା ପର୍ଯ୍ୟନ୍ତ ସାହିତ୍ୟ ସାଧନା କରନ୍ତି । ଅଧଘଣ୍ଟାଏ ମାତ୍ର ବିଶ୍ରାମ ନେଇ ପୁନରାୟ କାର୍ଯ୍ୟ କରନ୍ତି । ସେ ମହାଶୟ ମୋର ଆଦର୍ଶ । ବିନା ସାଧନାରେ କେହି କେବଳ ପର କାନ୍ଧରେ ହାତ ପକାଇ ବଡ ହୋଇ ପାରିବ ନାହିଁ ।" (୪।୧୧।୪୦)

"ଯୁଦ୍ଧ ଯୋଗୁଁ ଭଦ୍ରକ ଅଞ୍ଚଳରେ ଅନେକ ମିଲ୍ ବନ୍ଦ ହୋଇ ଯାଇଛି । ମାସକେ ୧୨।୧୩ ଦିନ କାମ ଚାଲୁଛି । ଏପରି ଅବସ୍ଥାରେ ଦେଶମିଶ୍ରଣ ପାଇଁ କି ଚାନ୍ଦା ଅସୁଲ କରିବାକୁ ଯିବୁ ? ସେମାନେ ଯିବାକୁ ଚିଠି ଦ୍ୱାରା ମନା କରି ପଠାଇଛନ୍ତି ।" (୭।୧୧।୪୦)

"ନବବାବୁ (କବି ନବକିଶୋର ଦାଶ) ଓ ଗୋଦାବରୀଶବାବୁଙ୍କ ସମ୍ବର୍ଦ୍ଧନା କରିବା ଲାଗି ହାବଡ଼ା ଯାଇଥିଲି । ସେଦିନ ଓଡ଼ିଶା ନୈଶବିଦ୍ୟାଳୟରେ ଦେଶମିଶ୍ରଣ କମିଟି ତରଫରୁ ସେମାନଙ୍କୁ ଗୋଟିଏ ଅଭିନନ୍ଦନ ଦିଆ ଯାଇଥିଲା । ପୂଜ୍ୟପାଦ ଗୋଦାବରୀଶବାବୁ ୩୦ ବର୍ଷ ତଳର ଅନୁଭୂତି କହି ସଭାସ୍ଥ ବ୍ୟକ୍ତି ମାନଙ୍କୁ ଚମତ୍କୃତ କରି ଦେଇଥିଲେ । ମିଟିଂ ଯୋଗାଡ଼ କରିବାକୁ ନାନା କଷ୍ଟ ସହିବାକୁ ପଡ଼ିଛି ।" (୧୯।୧୧।୪୦)

"ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବା ନିମିତ୍ତ ଗୋଦାବରୀଶପ୍ରମୁଖ ଚେଷ୍ଟା କରୁଛନ୍ତି ଏହା କଂଗ୍ରେସ ପ୍ରତି ଘୋର ବିଶ୍ୱାସଘାତକତା । ଏଇ ଛକ ଦେଖାଇ ବ୍ରିଟିଶ ସରକାର ଯୁଦ୍ଧ ବକ୍ଷରେ ଜଗତ୍ ସମକ୍ଷରେ ଦେଖାଇ ଦେଇ ପାରନ୍ତି, ଭାରତ

ମାନଙ୍କର ଏ ସୁଯୋଗରେ ସହଯୋଗ ଅଛି । ଓଡ଼ିଶା ପକ୍ଷେ ଏହା ନିତାନ୍ତ ନିଦାର କଥା ।" (୨୬।୧୨।୪୦)

"ଆଜି ଅନେକଗୁଡ଼ିଏ ଓଡ଼ିଆ ବସା ବୁଲି ଗୋଟିଏ ନୈଶବିଦ୍ୟାଳୟ ପାଇଁ ଛାତ୍ର ସଂଗ୍ରହ କରିଛି । ସ୍କୁଲ ଅଚଳ ହୋଇ ଯାଇଥିଲା । ସେଥିରେ ନବ ଜୀବନର ସ୍ପନ୍ଦନ ଆଣିବା ମୋର ଉଦ୍ଦେଶ୍ୟ ।" (୨୭।୧୨।୪୦)

"ଆଜି ବର୍ଷର ଶେଷ ଦିନ । କେତେ ସୁଖଦୁଃଖ ମଧ୍ୟରେ ବର୍ଷଟି କଟିଛି । କେତେକ କବିତା ଓ ପ୍ରବନ୍ଧ ଲେଖିଛି । ଦିଲ୍ଲୀଭ୍ରମଣ ଗୋଟିଏ ବଡ଼ ଘଟଣା । କଲିକତା ଓ ଆଖପାଖ ମିଲ୍ ଅଞ୍ଚଳରେ ବୁଲିବାକୁ ଭୁଲିନାହିଁ । ବହୁତ ସଭାସମିତି ହୋଇଛି । କଲିକତା ଓଡ଼ିଆ ଭାଇମାନଙ୍କ ରୀତିନୀତି ଆଚାରବ୍ୟବହାର ଅନେକ ପରିମାଣରେ ହୃଦୟଙ୍ଗମ କରି ପାରିଛି । ଅନେକ କବିତା ଉତ୍କଳର ପ୍ରାୟ ସବୁ ପତ୍ରିକାରେ ପ୍ରକାଶିତ ହୋଇଛି । ପରୀକ୍ଷା ନିକଟେଇଲାଣି । ବର୍ତ୍ତମାନ ପଢ଼ାପଢ଼ିରେ ସଂପୂର୍ଣ୍ଣ ମନୋଯୋଗ ଦେବା ଉଚିତ ବୋଲି ବୁଝୁଛି । କିନ୍ତୁ ଓଡ଼ିଆଭାଇମାନଙ୍କ ଠାରୁ ଅଲଗା ରହିପାରୁନାହିଁ ।" (୩୧।୧୨।୪୦)

" 'ପ୍ରବାସୀଉତ୍କଳସାହିତ୍ୟପରିଷଦ୍' ବୈଠକ ମୋ ସଭାପତିତ୍ୱରେ ଆଜି ବସିଥିଲା । ସୋମନାଥ ମହାନ୍ତି ସାଧାରଣ ସମ୍ପାଦକ ହେଲେ । ଅନେକ ପ୍ରବନ୍ଧ, ଗଳ୍ପ, ପ୍ରହସନ, କବିତା ପଠିତ ଓ ଆଲୋଚିତ ହୋଇଥିଲା । ମୁଁ ମଧ୍ୟ 'ଗୋଧୂଳି' ଶୀର୍ଷକ କବିତା ପଢ଼ିଥିଲି । ପ୍ରବାସୀ ବଙ୍ଗଳାସାହିତ୍ୟସମ୍ମିଳନୀର ସିଂହଭୂମ୍ ଦାବୀକୁ ପ୍ରତ୍ୟାଖ୍ୟାନ କରିବା ନିମିତ୍ତ ତୀବ୍ର ପ୍ରତିବାଦ ହୋଇଥିଲା ।" (୨।୧।୪୧)

" 'ଛିନ୍ନମସ୍ତା' ନାମକ ଖଣ୍ଡିଏ ବହି ଦେଶମିଶ୍ରଣକମିଟି ତରଫରୁ ଛପା ଯାଇଛି । ତାର ସମୁଦାୟ ଆୟ ଦେଶମିଶ୍ରଣ ଆନ୍ଦୋଳନରେ ବ୍ୟୟିତ ହେବ ବୋଲି ମୁଁ ଆଗରୁ ସ୍ୱୀକୃତି ଜଣାଇଛି ।"

"ପ୍ରବାସୀଉତ୍କଳସାହିତ୍ୟପରିଷଦ୍ ତରଫରୁ ନାଟ୍ୟଶିଳ୍ପୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଘୋଷଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା; ଗୋଟିଏ ଦୁଆତ ଓ ରୁପା କଲମ ଉପହାର ଦିଆ ଯାଇଥିଲା । ଅଶ୍ୱିନୀବାବୁଙ୍କ ଭାଷଣ ବଡ଼ ରୁଚିକର ଓ କରୁଣ ହୋଇଥିଲା । ପରିଷଦ୍ ତରଫରୁ ତାଙ୍କୁ 'ନାଟ୍ୟଭାରତୀ' ଉପାଧି ଦିଆଯାଇ ଥିଲା ।" (୨୦ । ୧ । ୪୧)

" 'ଧରମା' (ପରେ ଏହାର ନାମ ବଦଳାଇ 'ସ୍ୱରଣିକା' ଦିଆଗଲା) କାବ୍ୟ ୨୧ । ୧ । ୪୧ ରେ ଶେଷ ହେଲା ।"

'ଜଗଦଳ' (ଓଡ଼ିଆମାନଙ୍କ) ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲି । ନବ କିଶୋର ଦାସ, ଶ୍ୟାମସୁନ୍ଦର ମିଶ୍ର ପ୍ରଭୃତି ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ । ଷ୍ଟେସନଠାରୁ ଗୋଟିଏ ବାଜଣାପାର୍ଟି ଆମ୍ଭମାନଙ୍କୁ ଫୁଲମାଳା ଦେଇ ନାନା ବାଜା ବଜାଇ ଅଭ୍ୟର୍ଥନା କରି ନେଇଥିଲେ । ମୋତେ ଅନେକ ଗୋଲାପଫୁଲ (ସାହେବମାନଙ୍କ ବଗିଚାରୁ ଓଡ଼ିଆ ମାଳୀଙ୍କ ଜରିଆରେ ସଂଗୃହୀତ) ଉପହାର ଦିଆ ହୋଇଥିଲା ।

କୁଲିମାନଙ୍କ ଅବସ୍ଥା ଶୋଚନୀୟ । ବସ୍ତିଗୁଡ଼ିକ ଅତ୍ୟନ୍ତ ଅପରିଷ୍କୃତ । ଘରଗୁଡ଼ିକ କ୍ଷୁଦ୍ର, ବାସର ଅନୁପଯୋଗୀ । ସର୍ଦ୍ଦାରର ଅତ୍ୟାଚାର ଓ ରକ୍ତଶୋଷଣ ଏ ପର୍ଯ୍ୟନ୍ତ ଚାଲିଛି । ଯୁଦ୍ଧ ଯୋଗୁଁ ମିଲ୍‌ଗୁଡ଼ିକ ଦୁଇ ସପ୍ତାହରୁ ଅଧିକ ସମୟ ବନ୍ଦ ରହୁଛି । କୁଲିମାନେ ସାମାନ୍ୟ ଆୟରେ ବଡ଼ କଷ୍ଟରେ ଚଳୁଛନ୍ତି । ତଥାପି ଦେଶ ମିଶ୍ରଣ ଆନ୍ଦୋଳନରେ ସେମାନେ ଯଥେଷ୍ଟ ସାହାଯ୍ୟ କଲେ ।'' (୧ । ୨ । ୪୧)

'ପ୍ରବାସୀଉତ୍କଳସମ୍ମିଳନୀ'ର ସମ୍ପାଦକ ଭାବେ ଅନେକ କାର୍ଯ୍ୟ କରିବାକୁ ପଡୁଛି । (୧୩ । ୮ । ୪୧ କଲିକତା) ଶ୍ୟାମାପ୍ରସାଦ ମୁଖାର୍ଜୀ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ । ବଙ୍ଗଳାଠାରେ ଓଡ଼ିଶା କିପରି ଋଣୀ ତାହା ସେ ବକ୍ତୃତା ଦେଇଥିଲେ । ଚେୟାରମ୍ୟାନ୍ (ଅଧ୍ୟାପକ ମହେଶ୍ୱର ଦାଶ)ଙ୍କ ଭାଷଣ ସୁନ୍ଦର ହୋଇଥିଲା । ମାୟାଧରବାବୁ (ମାନସିଂହ)ଙ୍କ ଭାଷଣ ଛପା ହୋଇ ନ ପାରିବାରୁ ସେ ବିଶେଷ ଖପ୍‌ପା ହୋଇଥିଲେ ।

ପୂର୍ବ ଦିବସର ସାଫଲ୍ୟରେ ମୁଗ୍ଧ ହୋଇ ଆମେମାନେ ଆଜିରେ ମାତିଲେ । ମୁଁ ମାୟାଧରବାବୁଙ୍କୁ ସଙ୍ଗେ ଘେନି କଲିକତା ଓ ତତ୍‌ ପାର୍ଶ୍ୱବର୍ତ୍ତୀ ଅଞ୍ଚଳସ୍ଥ ବିଭିନ୍ନ ଅନୁଷ୍ଠାନକୁ ବୁଲିଗଲି । ଏଟା ବେଳ ସୁଦ୍ଧା କାହାରି ଭ୍ରୂକ୍ଷେପ ନାହିଁ । ତେଣେ ମଣ୍ଡପରେ ସାଢେ ତିନ୍‌ଟା ବେଳୁ ଲୋକ ଜମିଲେଣି । **Opening Song** ହୋଇ ପାରିଲାନାହିଁ । ଫୁଲମାଳ ଦିଆଗଲା ନାହିଁ । ନାଟ୍ୟଭାରତୀ ଅଶ୍ୱିନୀକୁମାରଙ୍କ **Speech** ପରେ ନବବାବୁଙ୍କ **Speech** ବଡ଼ ଚମତ୍କାର ହୋଇଥିଲା । ନୀଳକଣ୍ଠବାବୁ (ପଣ୍ଡିତ ନୀଳକଣ୍ଠ ଦାସ) ସମ୍ମିଳନୀର ବହୁତ ପ୍ରଶଂସା କଲେ । ତତ୍‌ପରେ ମୁଁ ବିନାୟକ ବାବୁ (ପଣ୍ଡିତ ବିନାୟକ ମିଶ୍ର)ଙ୍କ ପ୍ରବନ୍ଧ ପଢ଼ିଲି । ମଧ୍ୟେ ମଧ୍ୟେ ସଙ୍ଗୀତ (ଗାୟକ ଭଦ୍ରକର ସୁପ୍ରସିଦ୍ଧ ମନମୋହନ ସାବତ ଓ ତାଙ୍କ ଦଳ) ପ୍ରସ୍ତାବ ପାସ୍, ଧନ୍ୟବାଦ । ସମ୍ମିଳନୀ ପୂର୍ଣ୍ଣଭାବରେ ସାଫଲ୍ୟମଣ୍ଡିତ ହେଲା । ହିସାବ ପତ୍ର ବୁଝାଇ ମୁଁ ଘରକୁ ଆସିଲି ।'' (୧୪ । ୯ । ୪୧)

ନର୍ଥ ବ୍ରିଟିସ୍ ଇନସୁରେନ୍‌ସ କମ୍ପାନୀ ଛାତ ଟଙ୍ଗାଟି ବିଏଁ ଓସାର, ତିନି ବିଏଁ ଲମ୍ବ, ଜଣେ ଶୋଇ ପାରିବ, ଦୁଇଜଣ ବସି ପାରିବେ । ଏଥିରେ ଖଣ୍ଡିଏ ଭଙ୍ଗା କାନ୍‌ଭାସ୍ ଖଟ; ତା'ରି ଉପରେ ଓଡ଼ିଶାର କେତେ ବିଶିଷ୍ଟ ଲୋକ ଆସି ବସି ଯାଇଥିଲେ । ତା'ରି ଉପରେ ବସି ମୁଁ ବହୁ କବିତା, ପ୍ରବନ୍ଧ ରଚନା କରିଥିଲି । 'ଶବଫଳ' (୨୦ । ୮।୪୦), 'କବିକୁ କି ମତେ ଅମର ?' (୨୭।୮।୪୦), 'ଖଣ୍ଡାଇତ ପିଲା' (୩୦।୮।୪୦), 'ବାଉରି ଝିଅ' (୩୦।୮।୪୦), 'ବୀର ପିଲା' (୪।୯।୪୦), ଚୋପି କରଷା' (୬।୯।୪୦), 'ଅମରୀ' (୮।୯।୪୦), 'ରୂପକୁମାରୀ' (୧୧।୯।୪୦), 'କବିତାରେ ବ୍ୟକ୍ତିତ୍ୱର ଅଭିବ୍ୟକ୍ତି' ପ୍ରବନ୍ଧ (୧୨।୯।୪୦), 'ତୁଷି ତାହା' କବିତା, (୧୨।୯।୪୦), 'ସମରସଙ୍ଗୀତ' (୨୦।୯।୪୦), ନବଭାରତ, ୭ମ ବର୍ଷ, ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ, ମାୟାଧର ମାନସିଂହଙ୍କ 'ସମରବିମୁଖ' କବିତାର ଉତ୍ତର ସ୍ୱରୂପ, 'କବିତାର ମୃତ୍ୟୁ' (୨୬।୯।୪୦), 'କେତିକି ପାରିବି ଧରଣୀ ?' (୨୮।୯।୪୦) 'ବଢାଇ' (୨୯।୯।୪୦), 'ଯେମିତି କାମକୁ ସେମିତି ଫଳ' ଶିଶୁଟେଲ, (୩୦।୯।୪୦), 'ବୋକା ପୁଷି' (୩୦।୧୦।୪୦), 'ଭକ୍ତି' (୩୧।୧୦।୪୦); 'ଜୀବନ ମରଣ' (୩।୧୧।୪୦), 'ମୁକ୍ତିର ସ୍ୱପ୍ନ', 'ଡାୟାଣୀ' (୬।୧୧।୪୦), 'ଡାୟାର କି ଯାଏଁ' (୭।୧୧।୪୦), 'ଉଡ଼ା ଚଢ଼େଇ ଉଡ଼ି ଯା'ରେ', 'ଦୁଇ ଦିନର ଡାଟୋର' (୯।୧୧।୪୦),

'ଫଲ୍‌ଗୁ ନଦୀ ତୀରେ', (୧୪।୧୧।୪୦), 'ଅସୀମ ବାଣୀ' (୨୧।୧୧।୪୦), 'କବିତା ଓ ନୈତିକତା' (ପ୍ରବନ୍ଧ, ୧୫।୧୨।୪୦), ମାମୁଁଘରୁ ମେଲାଣି (ଶିଶୁକବିତା ୧୫।୧୨।୪୦), ଚିନ୍ ଚଟ୍ ଝିନ୍‌ଝଟ୍ (ଶିଶୁ ଗଳ୍ପ, ୧୫।୧୨।୪୦), 'ତିଓ ଜିନିସ୍' (୧୬।୧୨।୪୦), ମାନସୀ (୧୮।୧୨।୪୦), 'ସତି ଗଲ୍ପ ପାହି' (୨୪।୧୨।୪୦), 'ରୂପ କୁମାରୀ', 'ବୁଜ ବୁଜ ଆଖି' (୨୩।୨।୪୧), 'ପଥଚିନ୍ତା' (୭।୩।୪୧), 'ଚିର ଯୌବନ' (୧୨।୩।୪୧) 'ଚଉତିଶାସାହିତ୍ୟ' (ପ୍ରବନ୍ଧ, ୧୫।୫।୪୧), 'ସବୁଜସୁନ୍ଦରୀ', 'ପତିତା' (୧୫।୬।୪୧), 'ଦାନ' (୧୯।୮।୪୧), 'ପରବାସୀ ଓଡ଼ିଆ' (କଲିକତାରୁ ପ୍ରକାଶିତ 'ଓଡ଼ିଶା' ପତ୍ରିକା ଲାଗି ଉଦ୍ଦିଷ୍ଟ, ୨୦।୮।୪୧)। ଏ ସବୁ ରଚନାରୁ କେତେକ ପତ୍ରପତ୍ରିକାରେ ପ୍ରକାଶ ପାଇଛି; କିନ୍ତୁ ଅଧିକାଂଶ ହଜି ଯାଇଛି ।

ଏଥିରୁ ପ୍ରମାଣ ମିଳେ ଯେ ସାହିତ୍ୟଚର୍ଚ୍ଚା କଲିକତା ଛାତ୍ରଜୀବନକାଳ ମଧ୍ୟରେ ମୋର ଗୋଟିଏ ରୀତିମତ କାର୍ଯ୍ୟକ୍ରମ ଥିଲା; ପ୍ରତିଦିନ ସତି ଘରିଟାରୁ ଉଠି ଲେଖାଲେଖି କରୁଥିଲି । ଏ ପର୍ଯ୍ୟନ୍ତ ସେ ଅଭ୍ୟାସ ଅଛି ।

କଲିକତାରେ ମୁଁ 'ଛିନ୍ନମସ୍ତା', 'ଚିତ୍ର' (ପାଷାଣଚରଣେ ରକ୍ତ), 'ଧରମା' (ଘରଣିକା) ପ୍ରଭୃତି ପ୍ରାଚୀନ ସ୍ୱରସଙ୍ଗୀତ ଗୀତ ଓ କାବ୍ୟନାଟିକାମାନ (ପରବର୍ତ୍ତୀ ଦୁଇଖଣ୍ଡ କାବ୍ୟନାଟିକା) ରଚନା କରିଥିଲି । ପ୍ରେରଣା ଯେ ଯଥେଷ୍ଟ ଥିଲା ସନ୍ଦେହ ନାହିଁ । କିନ୍ତୁ ରୀତିମତ ଅଭ୍ୟାସ ପ୍ରେରଣାକୁ ଆଦରଅଭ୍ୟର୍ଥନା କରି ଘେନି ଆସୁଥିଲା; ସରସ୍ୱତୀ ପ୍ରସନ୍ନା ଥିଲେ ଯେପରି କି, ଏଇ ଲକ୍ଷ୍ମୀଛଡ଼ା ପ୍ରତି । ତଥାପି ବେଳେ ବେଳେ ପ୍ରୟାସ ବ୍ୟର୍ଥ ହେଉଥିଲା । ମୁଁ ଡାଇରୀରେ ଉଲ୍ଲେଖ କରିଛି ।

"ଗୋଟିଏ କବିତା ରଚନା କରିବାକୁ ବହୁ ଚେଷ୍ଟା କରି ବ୍ୟର୍ଥମନୋରଥ ହେଲି । ମନ ନିର୍ମଳ, ନିଶ୍ଚିନ୍ତ ନ ଥିଲେ, କବିତାର ଭାବ ଭଙ୍ଗ ହୁଏ । ନାନା ଭାବ ହୃଦୟକୁଞ୍ଜରେ ଛାୟାଲୋକ ପରି ଲୁଚକାଳି ଖେଳୁଥିବା, ଗୋଟିକୁ ଧରିଲାବେଳକୁ ସେ ଖସି ପଳାଉଥିବ, ଅନ୍ୟଟି ଧୃତପ୍ରାୟ ହୋଇ ମଧ୍ୟ ପ୍ରଥମର ଗତି ଅନୁସରଣ କରୁଥିବ । ମନ କାହାକୁ ଦୃଢ଼ଭାବରେ ଧରି ନ ପାରି ଶେଷରେ ଥରକୁ ଥର ପରାସ୍ତ ହୋଇ ସ୍ଥିର ହେଉଥିବ । ଏ ଖେଳର ଅଭିନୟ ମୋ ହୃଦୟରେ ପ୍ରତ୍ୟହ ହେଉଛି । ଦିନେ ବୁଦ୍ଧି ଆଣୀ ଚକ୍ଷୁରେ ଲୁଚି ବସି ପଳାୟମାନା ଚପଳା କବିତା ବାଳିକାକୁ ଦୃଢ଼ଭାବରେ ଧରି ପକାଇ ଭାଷାଫାନ୍ଦରେ ବାନ୍ଧି ପକାଏ । ଆହା, କି ଆନନ୍ଦ ଖେଳ ଏ ।" (୮।୯।୪୦)

"ଗତ ଦୁଇଦିନ ହେଲା କବିତାସରସ୍ୱତୀ ମନମନ୍ଦିର ଛାଡ଼ି କେଉଁଆଡ଼େ ଚାଲି ଯାଇଛନ୍ତି । ସତି ଘରିଟାବେଳେ ଡାକି ଡାକି ନ ଶୁଣିବାରୁ କଲମଖାତା ବିରକ୍ତ ହୋଇ ଫିଙ୍ଗି ଦେଇଛି ।" (୧୬।୧୧।୪୦)

ତଥାପି ମନରେ ଗଭୀର କ୍ଷୋଭ ଥିଲା—ମୁଁ ବହୁତ ପଢ଼ି ନାହିଁ, ସମସାମୟିକ ଆଧୁନିକ ଭାବଧାରା ଧରି ପାରୁନାହିଁ ।

'ଆବ ଲ୍ୟ କବିତା ଲେଖି ମଧ୍ୟ ମୁଁ ଆଧୁନିକ ବିଶ୍ୱଭାବଧାରାର ବହୁ ପଛରେ ।' (୧୯।୮।୪୧)

ଅନେକଗୁଡ଼ିଏ କୁରୁଚିପୂର୍ଣ୍ଣ ପୁସ୍ତକ ଓଡ଼ିଆଙ୍କ ଭିତରେ ପ୍ରଚାରିତ ହୋଇ ସେମାନଙ୍କ ମନ ପଙ୍କିଳ କରି ଦେଉଛି ।

ଲେଖକର ଏ ଧରଣର ପଇସା ରୋଜଗାର ବେଶ୍ୟାବୃତ୍ତିଠାରୁ ହୀନ । କାରଣ ବେଶ୍ୟା କେତୋଟି ଲୋକଙ୍କୁ ମାତ୍ର ନିଜ ପାଖରେ ପକାଇ ଦିଏ । କିନ୍ତୁ ଲେଖକ ସମାଜ ମୁଖରେ ଏପରି କଳଙ୍କ ବୋଳି ଦିଏ ଯେ ତାହା ଶତ ଯୁଗର ସଂଘାତରେ ସୁଦ୍ଧା ଲିଭେନାହିଁ ।' (୧।୧୧।୪୦)

'ଉପଯୁକ୍ତ ଶିକ୍ଷା ଅଭାବରୁ ଓଡ଼ିଆମାନେ ବିପଥଗାମୀ ହେଉଛନ୍ତି । ବିଡ଼ି ସିଗାରେଟ୍ ଖାଇବା ଏକ ସାଧାରଣ କଥା । ଅନେକ ଏକବାର ଗୁ ଖୋର ହୋଇ ଗଲେଣି । ତ୍ରିନାଥମେଳା ପୂଜା ନାମରେ ଗଞ୍ଜେଇ ଟାଣିବା ଅଭ୍ୟାସ କଲିକତାର ପ୍ରାୟ ପ୍ରତି ବସାରେ । ତାସ୍, ପଶା ଖେଳିବା, ବାରଟା ଗୋଟାକରେ ଶୋଇ ଦିନ ସାତଟା ସାଢ଼େ ସାତଟାରେ ଉଠିବା ମଧ୍ୟ ଅଛୁରି କଦର୍ଯ୍ୟ ଅଭ୍ୟାସ । ଅନେକ ବସାରେ ଜୁଆଖେଳ ଚାଲିଛି । ଅନେକ ମଦ୍ୟପ ଓଡ଼ିଆ ବେଶ୍ୟାସକ୍ତ ହୋଇ ବିଭ୍ରାଟ ଘଟାଇବା ଉଦାହରଣ କମ୍ ନାହିଁ । ଅଧିକାଂଶ ଓଡ଼ିଆ କୁଲି ମଜୁରିଆ ଶ୍ରେଣୀର; ସିନେମା ଦେଖିବାର ରସିକତା ବଦଭ୍ୟାସରେ ପରିଣତ ହେଲାଣି ।'' (୨।୧୧।୪୦)

'ନର୍ଥ ବ୍ରିଟିସ୍ ଇନ୍ସୁରେନ୍ସ କମ୍ପାନୀରେ ସାହେବସୁବା ଓ ବଙ୍ଗାଳୀ ବଡ଼ ବାବୁମାନେ ଚୋରୀ କରନ୍ତି, ନେଇ ୫ଁଣି ଥୋଇ ଜାଣନ୍ତି । କିନ୍ତୁ ଓଡ଼ିଆମାନେ ଚୋରୀ କରି ଧମକାଇଲେ ମାନିଯାନ୍ତି । ଏ ସତ୍ୟପ୍ରକାଶ ଦ୍ୱାରା ଦଣ୍ଡରୁ ତିଳେ ମାତ୍ର ଅବ୍ୟାହତି ମିଳେନାହିଁ; ବରଂ ଅଧିକ ଦଣ୍ଡ ଦିଆଯାଏ, ନିକଟରେ ଗୋଟିଏ ନିବ୍ ଭବା ଚୋରୀ କରିଥିବାରୁ ଗୋଟିଏ ଓଡ଼ିଆକୁ କାର୍ଯ୍ୟରୁ ଛୁଟି କରାଯାଇଥିଲା ।' (୬।୧୧।୪୦)

'ହାଡ଼କଟା ଗଳି ବାଟେ ଶ୍ରୀମାନ୍ ଦିଗମ୍ବର ମୋତେ ନେଇ ଓଡ଼ିଆ ଭଉଣୀ ମାନଙ୍କର ଦୁର୍ଦ୍ଦଶା ଦେଖାଇଥିଲା । ଏହି ଗଳିରେ ଅନେକ କୁଟଣୀ ବୁଢ଼ୀ ଅଛନ୍ତି । ସେମାନେ ଗରିବ ଘର ଭୁଆସୁଣୀଙ୍କୁ ଓଡ଼ିଶାରୁ ଭିଆଇ ଆଣି ଏଠାରେ ବିକ୍ରୀ କରନ୍ତି । ସେମାନେ ବେଶ୍ୟାରେ ପରିଣତ ହୁଅନ୍ତି । କୌଣସି କୌଣସି ଓଡ଼ିଆ ଭଲ ମଧ୍ୟ ବାଟଘାଟରୁ ଲୋକମାନଙ୍କୁ ଭୁଲାଇ ବେଶ୍ୟାଘରକୁ ନେବା ବ୍ୟବସାୟ ଧରିଛନ୍ତି । ଧିକ୍ ସେମାନଙ୍କର ଜୀବନ, ଶତ ଧିକ୍ ସେମାନଙ୍କର ପଇସା ରୋଜଗାରର ପନ୍ଥା ।' (୯।୧୧।୪୦)

ସେତେବେଳର କେତୋଟି ବ୍ୟକ୍ତି ଓ ସମାଜଜୀବନର କେତୋଟି ଘଟଣା ଡାଇରୀରେ ଲିପିବଦ୍ଧ କରିଛି—

''ଜଣେ ଓକିଲ କୁଟୁମ୍ବ ଘେନି ସିନେମା ଦେଖିବାକୁ ଆସିଥିଲେ । ସ୍ତ୍ରୀ ଲୋକ ଗହଳିରେ ବାହୁଲା ହୋଇଗଲା । ଜଣେ ଲୋକ ତାକୁ ସ୍ୱାମୀ ନିକଟରେ ପହଞ୍ଚାଇ ଦେବ କହି ଗାଡ଼ି ଚଢ଼ାଇ କଲିକତା ନେଇ ଆସୁଥିବା ସମୟରେ ଆର୍ଯ୍ୟସମାଜର ଜଣେ ଲୋକ ଏ କଥା ଜାଣି ପାରି ପୁଲିସରେ ଖବର ଦେବାରୁ ମତେଦକୁ ବନ୍ଦୀ କରାଗଲା । ମକଦ୍ଦମା ଫଳରେ ତାକୁ ତିନି ବରଷ ଜେଲ ଓ ତିନିଶ ଟଙ୍କା ଜରିମାନା ହେଲା । ସ୍ତ୍ରୀଟି ଅତ୍ୟନ୍ତ ଲଜ୍ଜାବତୀ । ସ୍ୱାମୀଗୃହ ତ୍ୟାଗ କରି ଆସିବା ଦିନୁଁ ସେ

ଯାନାହାର ତ୍ୟାଗ କରିଥାଏ । ଓକୀଲଙ୍କୁ ସ୍ତ୍ରୀକୁ ଘେନିଯିବା ଲାଗି ଖବର ଦେବାରୁ ସେ କହିଲେ—'ସେ ପତିତା ହୋଇଗଲାଣି, ଆଉ ଗ୍ରହଣ କରିବିନାହିଁ ।' ତତ୍ପରେ ସେ ଅନ୍ୟ ସ୍ତ୍ରୀର ପାଣିଗ୍ରହଣ କଲେ । ସ୍ତ୍ରୀ ବର୍ତ୍ତମାନ ଅରକ୍ଷିତା ।' (୨୧।୮।୪୧)

''ଯୋର ଅଞ୍ଚଳର ଗୋଟିଏ ସମ୍ଭ୍ରାନ୍ତବଂଶୀୟ ବୋହୂକୁ ଶିଖାଇ ଗୁକର କଲିକତା ଘେନି ଆସିଲା । ସ୍ତ୍ରୀଟିର ସ୍ୱାମୀ କଲିକତାରେ କାମ କରନ୍ତି । ସ୍ୱାମୀଙ୍କ ସହିତ ପତ୍ନୀର ଗୋଟିଏ ଲୋକର ଆଦୌ ମନ ମିଳୁ ନ ଥିଲା । ଗୁକର ସହିତ ସଲା କରି ସେ କଲିକତାର ଗୋଟିଏ ଅନ୍ଧାରିଆ କୋଠରୀରେ ସ୍ତ୍ରୀଟିକୁ ଓ ଗଙ୍ଗାସ୍ନାନ କରି ଆସିଥିବା ଗୋଟିଏ ବୁଢୀକୁ ବନ୍ଦ କରି ରଖିଲା, ସେ ସ୍ତ୍ରୀଟିକୁ ବିକିବାକୁ ଚେଷ୍ଟା କରି ବ୍ୟର୍ଥମନୋରଥ ହେଲା ଓ ଅଳଙ୍କାରତକ ଘେନି ଗ୍ଳଲିଗଲା । ପ୍ରବାସୀ ଉତ୍କଳ ନୈଶବିଦ୍ୟାଳୟର କର୍ମୀମାନେ ସ୍ତ୍ରୀଟିକୁ ଉଦ୍ଧାର କରି ପୁରସ୍କୃତ ହୋଇଛନ୍ତି ।'' (୪।୧୧।୪୦)

''ଷ୍ଟେସନ ନିକଟରେ ଗୋଟିଏ ବାରବୁଲା ବୃଦ୍ଧ ଭିକ୍ଷୁ ପଥଶ୍ରାନ୍ତ ହୋଇ ପଡ଼ି ମରି ଯାଇଥିଲା । ଦେଖି ପ୍ରାଣ କାନ୍ଦି ଉଠିଲା, ଏବଂ ମନ କେଉଁ ଦେଶରେ ପାଗଳ ପରି ବୁଲିଲା ।'' (୨୮।୧୧।୪୦)

''ଜୀବନଟା କଣ ? ଶିଶିରକଣା ପରି ସହସ୍ର ସହସ୍ର ଜୀବନବିନ୍ଦୁ ଝରିପଡ଼ି କାଳନିଃଶ୍ୱାସରେ କୁଆଡ଼େ ଶୁଖିଯାଉଛି ? ଗୋଟିଏ ଗରିବ ବ୍ରାହ୍ମଣ ପିଲାର ବଂଶ ମଲା ପରେ ସେ କଲିକତାରେ 'ଠାକୁର' କାମ କରୁଥିଲେ, ନିଆଁ ଝାସରେ ବସି ବସି ଆଖି ଖରାପ ହୋଇଗଲା, ସେ ବର୍ତ୍ତମାନ ଅନ୍ଧପ୍ରାୟ, ସହାୟସମ୍ବଳହୀନ ହୋଇ କଲିକତାରେ ବସିଛି । ତାର ଯୁବତୀ ସ୍ତ୍ରୀ କାଲି ପ୍ରସୂତିଶଯ୍ୟାରେ ଇହଲୀଳା ସମ୍ବରଣ କରିଛି । ମଣିଷ ଆଉ କେତେ ଦୁଃଖ ସହିପାରେ ? ତଥାପି କି ଆଶା ଘେନି ମଣିଷ ଜୀବନ ପ୍ରତି ମମତା ରଖେ ?''

ଡାଇରୀରେ ମୋ ଜୀବନର ସଂକଳ୍ପ, ସୌନ୍ଦର୍ଯ୍ୟବୋଧ ଓ କେତେକ ଉଚ୍ଚ ଚିନ୍ତା ସ୍ଥାନ ପାଇଛି । ବାଛି ବାଛି ଦୁଇ ଗ୍ଳରିଟି ଦେଲି—

'ଆତ୍ମପ୍ରକାଶ ଦ୍ୱାରା ମାନବଜାତିର ପ୍ରକାଶ କରିବାକୁ ହେବ । ବୁଦ୍ଧଶକ୍ତିକି ଉତ୍ତେଜିତ ନ କଲେ ତା କର୍ମକ୍ଷମ ହୁଏନାହିଁ । ନୈରାଶ୍ୟ ଉନ୍ନତିପଥର କଣ୍ଟକ । ଏତିକି ମୁଁ ଶିକ୍ଷା କରିଚି । କର୍ମନିଷ୍ଠା ଦ୍ୱାରା ଦେଶସେବାବ୍ରତ ଧାରଣ କରିବି ବୋଲି କୃତପ୍ରତିଜ୍ଞ ହୋଇଛି ।' (୧୫।୮।୪୦)

''ବଳବଦପି ଶିକ୍ଷିତାନାମାତ୍ମନ୍ୟପ୍ରତ୍ୟୟଂ ଚେତଃ''

ଆତ୍ମବିଶ୍ୱାସ ମନୁଷ୍ୟକୁ ଶକ୍ତିଶାଳୀ କରେ; ଗୁପ୍ତ ଚିତଶକ୍ତିକୁ ନବ ନବ ଭ'ବରେ ବିକାଶ କରେ; ମନୁଷ୍ୟର ଜୀବନଆକାଶକୁ ଆଶାତୂଳୀରେ ରଙ୍ଗାଇଦିଏ । ଆତ୍ମବିଶ୍ୱାସର ଅଭାବ ଜୀବନ ଅଧଃପାତର ମୂଳାଧାର । କିନ୍ତୁ ତାର ସ୍ଥିତି ସକଳ ଉନ୍ନତିସୌଧର କ୍ରମିକ ସୋପାନଶ୍ରେଣୀ । ଆତ୍ମଶକ୍ତିରେ ସନ୍ଦେହର ଅବକାଶ ହେତୁରୁ ହିଁ ମୁଁ ଜୀବନରଣରେ ବହୁବାର ପରାସ୍ତ ହୋଇଛି । କିନ୍ତୁ ଏ ପରାଜୟରେ ମୋର ଲାଭ ହୋଇଛି । ବହୁ ଅଗ୍ନିପରୀକ୍ଷା ପରେ କାଞ୍ଚନ ବିଶୁଦ୍ଧତା ଲାଭ କରିଛି । ମୁଁ ଉପଯୁକ୍ତ ଶିକ୍ଷା ପାଇପାରିଛି ।

ଜଗତର ବହୁ ପ୍ରତିଷ୍ଠାଶାଳୀ ନକ୍ଷତ୍ର ମଧ୍ୟ ଜ୍ୟୋତିହୀନ ହୋଇ ମଉଳି ପଡ଼ିଛନ୍ତି । ସ୍ୱ ଶକ୍ତିରେ ତେଜସ୍ୱୀ ହୋଇ ନିସ୍ୱଶ ବିଶ୍ୱମାନବର ପ୍ରାଣରେ ଶକ୍ତିର ସ୍ପନ୍ଦନ, ହୃଦୟରେ ଉତ୍ସାହଉଚ୍ଛ୍ୱାସ ଆଣିବା ମୋ ଜୀବନର ପ୍ରଧାନ ଲକ୍ଷ୍ୟ । ନିଜକୁ କ୍ଷୁଦ୍ର ଦୀପ ବୋଲି ଭାବିଲେ ନିଜର ଭାବନାକୁ କ୍ଷଣେମାତ୍ର ଆଲୋକିତ କରି ଲୋକଲୋଚନ ଅଗୋଚରରେ ନିଭିଯିବି, ମୋର ଅଗ୍ରଗତି ହୋଇପାରିବ ନାହିଁ । ତରୀ ଅନ୍ଧାରରେ ନିର୍ଝରିଣୀଟି ବିଲୟପ୍ରାପ୍ତ ହେବ ।

ଲକ୍ଷ୍ୟ ଯେତିକି ବିଶାଳ ହୁଏ, ଅଧ୍ୟବସାୟର ଗତି ସେତିକି ଚଞ୍ଚଳ ହୁଏ; ମନୁଷ୍ୟର ଶକ୍ତିସାମର୍ଥ୍ୟ ସେତିକି ପରିମାଣରେ ବୃଦ୍ଧିପ୍ରାପ୍ତ ହୁଏ । ମସ୍ତକ ଉପରେ ଦିଗଦିଗନ୍ତ ପ୍ରସାରିତ ଅନନ୍ତ ଆକାଶ, ପଦ ତଳେ ବିଶାଳ ଧରଣୀକୁ ପାଇ ମୁଁ ନିସ୍ୱଶ ହେବି ? (୨୨।୮।୪୦)

"ବ୍ୟକ୍ତିତ୍ୱର ବିକାଶ କରିବା ମାନବଜୀବନର ଶ୍ରେଷ୍ଠ କର୍ତ୍ତବ୍ୟ । କବିର କବିତା ଅପେକ୍ଷା ତାର ବ୍ୟକ୍ତିତ୍ୱର ମୂଲ୍ୟ ଅଧିକ । ବ୍ୟକ୍ତିତ୍ୱ କବି ପଛରେ ଥାଇ ତାକୁ ନବ ନବ ପ୍ରେରଣା ଦିଏ । ସେହି ପ୍ରେରଣାବଳରେ କବି ଉତ୍କୃଷ୍ଟ କବିତା ଲେଖିବାକୁ ସମର୍ଥ ହୁଏ । ଯେଉଁ ଲୋକର ବ୍ୟକ୍ତିତ୍ୱ ଯେତେ କ୍ଷୁଦ୍ର ଓ ସଙ୍କୁଚିତ, ସେ ସେତେ ନିର୍ଜୀବ, ଦୁର୍ବଳ । ଅନାବିଳ ଚରିତ୍ର, ଅକ୍ଳାନ୍ତ ଅଧ୍ୟବସାୟ, ଦୃଢ଼ ମନ, କଠୋର ନିଷ୍ଠା ବ୍ୟକ୍ତିତ୍ୱବିକାଶରେ ବିଶେଷ ସାହାଯ୍ୟ କରେ ।" (୨୩।୮।୪୦)

"ପ୍ରକୃତି ମନୁଷ୍ୟକୁ ଆନନ୍ଦସାଗରରେ ବୁଡ଼ାଇଦିଏ । ସକଳ ଦୁଃଖଦୈନ୍ୟ ଗ୍ଲାନି ଅପହରଣ କରି ମନପ୍ରାଣରେ ସ୍ୱର୍ଗୀୟ ଆନନ୍ଦ ଭରିଦିଏ । ଆଜିର ଉଷାଟି କେତେ ମନୋହର । ଖଣ୍ଡ ଖଣ୍ଡ କଳା ମେଘ ଆକାଶଦରିଆରେ କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପ ପରି ଦେଖା ଯାଉଛନ୍ତି । ସୂର୍ଯ୍ୟଙ୍କର ପ୍ରଥମ ରଶ୍ମିରେଖା କେତକୀପାଖୁଡ଼ା ପରି ଛୁଟି ଆସି କେତେକ ମେଘକୁ ଅପୂର୍ବ ରଙ୍ଗରେ ରଙ୍ଗାଇଦେଲା । ମେଘର ଅର୍ଦ୍ଧରକ୍ତ, ଅର୍ଦ୍ଧ କୃଷ୍ଣ ଛାୟା ତଳେ ସୂର୍ଯ୍ୟର ଅର୍ଦ୍ଧଲୁପ୍ତ ଛବି କି ସୁନ୍ଦର !" (୩୧।୧୦।୪୦)

"ବର୍ତ୍ତମାନ ଓଡ଼ିଶାର ଲୋକେ ନିଜ ନିଜ ସ୍ୱାର୍ଥ ଦୃଷ୍ଟିକୋଣରୁ ଓଡ଼ିଶାକୁ ବିବେଚନା କରିବାର ଦେଖାଯାଏ । କୌଣସି ଗ୍ରନ୍ଥକର୍ତ୍ତାଙ୍କର ପୁସ୍ତକ ବିକ୍ରୀ ନ ହେଲେ ସେଥିପାଇଁ ଦେଶ ଦାୟୀ, କାହାକୁ ଚାକିରୀ ନ ମିଳିଲେ ସେ ମଧ୍ୟ ଦେଶକୁ ଦାୟୀ କରୁଛି । କୌଣସି ଲେଖକଙ୍କୁ ସମ୍ବର୍ଦ୍ଧନା ନ ମିଳିଲେ ସେ ନୈରାଶ୍ୟବାଦର ଆଶ୍ରୟ ଗ୍ରହଣ କରି ଲେଖନୀ ଛାଡ଼ୁଛନ୍ତି । ନେତାମାନଙ୍କ ମଧ୍ୟରେ ନାନା ଦଳାଦଳି ହୋଇ ବିଭ୍ରାଟ ଘଟୁଛି । ନିଜ କର୍ମର ଆଶୁ ଫଳ ପାଇବା ପାଇଁ ସମସ୍ତେ ବ୍ୟାକୁଳ । ନିରବଚ୍ଛିନ୍ନ ସାହିତ୍ୟସାଧନାର ଦୃଷ୍ଟାନ୍ତ ବିରଳ । ଯେଉଁମାନଙ୍କର ସାହିତ୍ୟସାଧନାର ସୁବିଧା ଅଛି, ସେମାନେ ଆମୋଦବିଳାସରେ ବୁଡ଼ିଛନ୍ତି । ଯେଉଁମାନେ ଦାରିଦ୍ର୍ୟ ତାଡ଼ନାରେ ବ୍ୟତିବ୍ୟସ୍ତ, ସେମାନେ (ସେ ଦିଗରେ) ଅଧିକ ଦୂର ଅଗ୍ରସର ହୋଇପାରୁନାହାନ୍ତି । ଏ ସାହିତ୍ୟିକ ଜଡ଼ତା ପ୍ରଭାବରୁ ଦେଶକୁ ରକ୍ଷା କରିବାକୁ କେତେକ ତରୁଣ ସାଧକ ବଦ୍ଧପରିକର ହେବା ଉଚିତ ।" (୨୮।୧୧।୪୦)

# ଡାଇରୀର କିୟଦଂଶ

## ( ୧୯୫୧ରୁ ୧୯୬୪ )

''ମଣିଷ ନିଜେ ହିଁ ନିଜର କୀର୍ତ୍ତି, ନିଜେ ନିଜର ଶିଳ୍ପୀ ବା ଭାସ୍କର । ନିଜକୁ ଗଢ଼ିବା ଦାୟିତ୍ୱ ତା ନିଜ ଉପରେ । ଯେ ଦାୟିତ୍ୱ କଷ୍ଟକର । ଯେ ବହନ ନ କରନ୍ତି, ସେ ନିଜ ମନରେ ବହୁ ଅସୁନ୍ଦର ଭାବକୁ ଅରମା ବଢ଼ିବାକୁ ଛାଡ଼ି ଦିଅନ୍ତି । ଈର୍ଷା ହିଂସାର ସର୍ପ ପୋଷନ୍ତି । କଥା ଅଛି—ସସର୍ପ ଚ ଗୃହେ ବାସଃ ମୃତ୍ୟୁରେବ ନ ସଂଶୟଃ''

''ସଭାସମିତିରେ ଅଧିକ ବକ୍ତୃତା ଦେବା ବିରକ୍ତିକର । କିନ୍ତୁ ଅନୁରୋଧ ଏଡ଼ି ହେଉନାହିଁ, ଏଣେ ନ ଏଡ଼ିଲେ ବି ତ୍ରାହି ନାହିଁ । ଏତେ ଦୌଡ଼ାଦୌଡ଼ି କଲେ ମାନସିକ ସ୍ଥୈର୍ଯ୍ୟ ରହିବ କିପରି ? ଲେଖକ ଲେଖିବ କେତେବେଳେ ? ସାମାଜିକ ନହେବା ଅସୌଜନ୍ୟ; କିନ୍ତୁ କିଛି ପରିମାଣରେ ଅସାମାଜିକ ନ ହେଲେ ରଚନା ଅଭ୍ୟାସ ରକ୍ଷି ହେବନାହିଁ । ଅଭ୍ୟାସଯୋଗଭଙ୍ଗ ଲେଖକ ପକ୍ଷେ ସର୍ବନାଶ ।''

## ଆବୃତ୍ତି ପ୍ରତିଯୋଗିତା

ଆବୃତ୍ତିପ୍ରତିଯୋଗିତାରେ ବିଚାରକଆସନଟିଏ ମିଳିଥିଲା । ନିର୍ଦ୍ଧାରିତ ସମୟର ଘଣ୍ଟାକପରେ ଜଣ ଜଣ ହୋଇ ଦଶଜଣ ପହଞ୍ଚିଲେ—ପ୍ରତିଯୋଗୀ ୮ଜଣ, ଶ୍ରୋତା ୨ ଜଣ । ଆବୃତ୍ତିର ବିଷୟ ବେଣୀସଂହାରର କେତୋଟି ପଦ । ଜଣେ ତାକୁ ଛାନ୍ଦରେ ବୋଲିଲା, ପ୍ରତି ପାଞ୍ଚ ଧାଡ଼ିରେ ସ୍ୱର ପରିବର୍ତ୍ତନ କରି । ଜଣେ ଆବୃତ୍ତି ନ କରି ଗାଇଲା କରୁଣ ସ୍ୱରରେ । ଜଣେ ପୁରାଣ ପରି ପଢ଼ିଲା । ଶେଷରେ ମୁଁ ମତ ପ୍ରକାଶ କରିଥିଲି —

ଆବୃତ୍ତି ଗୋଟିଏ କଳା; ମୁଖସ୍ଥ ତ ଦୂରର କଥା, କେହି ଜଣେ ବିଷୟକୁ ଭଲ ଭାବେ ପଢ଼ି ଆସିନାହିଁ । ଏହା ଦେଖି ରାଧାନାଥଙ୍କର ଆତ୍ମା ଦୁଃଖରେ ଭାଙ୍ଗି ପଡ଼ିଥିବ—ଗ୍ରାହକହୀନ ଏ ଦେଶରେ ସେ କବିତା ସୃଷ୍ଟି କରିଗଲେ କାହିଁକି ?

୧୯୬୨ରେ 'ବାଣୀବିହାର' ଆନୁକୂଲ୍ୟରେ ଅନୁଷ୍ଠିତ ଶାରଳା ଦାସଙ୍କ ଶ୍ରାଦ୍ଧସଭାରେ ଯୋଗ ଦେଇଥିଲି । ଶାରଳା ଉତ୍କଳର ସରସ୍ୱତୀ—ଶାରଳା ଦାସଙ୍କ ଠାରୁ ରାଧାନାଥଙ୍କ ପର୍ଯ୍ୟନ୍ତ କବିତାର ପ୍ରେରୟିତ୍ରୀ ସରସ୍ୱତୀ ଭାବେ ସେ ସ ପୂଜିତା ।

ଶାରଳାଙ୍କ ଛନ୍ଦାମାଳ ସୋଲମାଳ ପିନ୍ଧି ତାଙ୍କୁ ନମସ୍କାର କଲାବେଳେ ଓଡ଼ିଶାର ଅତୀତ ସାଧକମାନଙ୍କ ଚିନ୍ତାରେ ପ୍ରାଣ ରୋମାଞ୍ଚିତ ହୋଇଥିଲା ।

## କବିତା ପାଠୋତ୍ସବ

ରେଭେନସା କଲେଜର ଓଡ଼ିଆବିଭାଗର ଆନୁକୂଲ୍ୟରେ ଗୋଟିଏ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ବଂଶୀଧର ସାମନ୍ତରାୟ ୧୯୫୫ରେ ଲିଖିତ ନିଜର ଗୋଟିଏ କବିତା ଆବୃତ୍ତି କଲେ; ବିଜ୍ଞାନୀ ହୋଇ କଳାକୁ ସେ ବିସର୍ଜନ ଦେଇଥିଲେ ।

କବିତା ସମ୍ପର୍କରେ ସେ କହିଲେ—ଯେଉଁମାନଙ୍କର ଅନ୍ୟ କିଛି କାମ ନାହିଁ, ସେମାନେ କବିତା ଲେଖନ୍ତି । ଯେଉଁମାନେ ଅନ୍ୟମାନଙ୍କ ସହିତ କଠୋର ପ୍ରତିଯୋଗିତାରେ ଛିଡ଼ାହେବାକୁ ଅସମର୍ଥ, ସେମାନେ କବିତା ଲେଖନ୍ତି । ଏ ଯୁଗରେ କବିତା ପଢ଼ିବାକୁ କାହାର ଅବସର ନାହିଁ, ପ୍ରୟୋଜନ ମଧ୍ୟ ନାହିଁ । କବିତା ଆଗାମୀ କେତେବର୍ଷ ମଧ୍ୟରେ ନିଶ୍ଚୟ ଲୋପ ପାଇଯିବ; ଏହାର କୌଣସି ଭବିଷ୍ୟତ ନାହିଁ ।

ଧନ୍ୟବାଦ ଅବସରରେ ଏହାର ଉତ୍ତରରେ ମୁଁ କହିଥିଲି—ମଣିଷର ଭାଗ୍ୟ ହାଇଡ୍ରୋଜେନ ବୋମାରେ ଝୁଲୁଛି, କେତେବେଳେ କଣ ଘଟିବ କେହି କହିପାରିବ ନାହିଁ । ମଣିଷଜାତି ଲୋପ ପାଇଲେ କବିତା ଲୋପ ପାଇବ, ନୋହିଲେ ନୁହେଁ । ମଣିଷକୁ ପ୍ରକୃତ ମଣିଷ କରି ଗଢେ ସାହିତ୍ୟ । ମଣିଷର ଅନୁଭବୀ ହୃଦୟ ଥିବା ପର୍ଯ୍ୟନ୍ତ କବିତା ବଞ୍ଚି ରହିବ ।

ବିବେକଗ୍ରାହକ କବି କୋଟି ଆସୁ ଘେନି
ବର୍ଣ୍ଣିଥିଲେ କବି କବିତ୍ୱ କି ହେବ ମୁନି ?

## ପ୍ରତିଭା ଓ ଜନତା

ହରେକୃଷ୍ଣ ମହତାବଙ୍କ 'ପ୍ରତିଭା' ଉପନ୍ୟାସର ଅବଲମ୍ବନରେ ରଚିତ ଗୋପାଳ ଛୋଟରାୟଙ୍କ 'ପ୍ରତିଭା' ନାଟକ 'ଜନତା' ରଙ୍ଗମଞ୍ଚରେ ଉଦ୍‌ଘାଟନ କରିଥିଲି । ଏ ମଞ୍ଚଟି ସ୍ୱୟଂ ଶିଳ୍ପୀମାନଙ୍କ ଦ୍ୱାରା ପରିଚାଳିତ । ରଙ୍ଗମଞ୍ଚର ଶିଳ୍ପୀ ଚିତ୍ରଶିଳ୍ପୀ ପରି ସମ୍ପନ୍ନ ନୁହେଁ; ଅନ୍ୟ କିଛି ଉପାୟ ନ ପାଇ ସେ ଅଭିନୟକୁ ଏକ ବୃତ୍ତିସ୍ୱରୂପ ଗ୍ରହଣ କରିଛି; କିନ୍ତୁ ଏ ବୃତ୍ତି ତାକୁ ପୋଷେଇ ନାହିଁ, ଜୀବନଯାତ୍ରା ତା ପକ୍ଷରେ ଏକ କଠୋର ସଂଗ୍ରାମ ହୋଇଅଛି ।

ଜାତୀୟ ସଂହତି ଓ ବିଶ୍ୱସଂହତି ଲାଗି ନାଟକ ଅଭିନୟର ଉପଯୋଗିତା ସର୍ବସ୍ୱୀକାର୍ଯ୍ୟ । ଜଗତର ସମସ୍ତ ବିରୋଧ, ବୈଷମ୍ୟ ଦୂର କରିବାରେ ନାଟକର ଏକ ବଳିଷ୍ଠ ଭୂମିକା ରହିଅଛି ।

ଶାନ୍ତିନିକେତନ ଆଶ୍ରମରେ ସଂଘର୍ଷ ବା ଅଶାନ୍ତି ଉପସ୍ଥିତ ହେଲେ ରବୀନ୍ଦ୍ରନାଥ ନାଟକ ଅଭିନୟ ଲାଗି ପରାମର୍ଶ ଦେଉଥିଲେ । ଯଜ୍ଞ ଯେପରି ବାତାବରଣ ଶୁଦ୍ଧ କରେ, ସେହିପରି ମନକୁ ପବିତ୍ର କରେ ନାଟକଅଭିନୟ ।

ଅଶିକ୍ଷିତ ଜନତାର ରୁଚି ଗ୍ରହଣ ନ କରି ନାଟ୍ୟକାର ସତ୍ୟ ଶିବ ସୁନ୍ଦର ଆଦର୍ଶ ଗ୍ରହଣ କରିବା କର୍ତ୍ତବ୍ୟ । କାରଣ ଜନସାଧାରଣଙ୍କୁ ଶିକ୍ଷିତ ଓ ଉନ୍ନତ କରିବାର ଗୁରୁଦାୟିତ୍ୱ ନାଟ୍ୟକାରର କଲମରେ ନ୍ୟସ୍ତ ଥାଏ ।

୯।୫।୭୨ରେ ଓଡ଼ିଆଜାତିର ବିଶ୍ୱକର୍ମା ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଯାଇଥିଲି; ଯେଉଁ ଭିଟାରେ ମଧୁବାବୁ ଜନ୍ମ ହୋଇଥିଲେ ତାହା ଅରମା ହୋଇ ପଡ଼ିଛି, ଖ୍ରୀଷ୍ଟିଆନ୍ ହେଲାପରେ ଯେଉଁ କୋଠାଘରଟିରେ ରହୁଥିଲେ ତାହାମଧ୍ୟ ଅବହେଳିତ ଅବସ୍ଥାରେ ଅଛି । ଜାତିର ପିତାଙ୍କର ତ ଏ ଦଶା, ଅନ୍ୟ ପ୍ରତିଭା ଏ ଦେଶରେ ଅବହେଳିତ ନ ହେଉଥିବ କାହିଁକି ? ପ୍ରତିଭାର ଉପଯୁକ୍ତ ଅର୍ଚ୍ଚନା ନ ହେଲେ ନବ ପ୍ରତିଭାର ଜନ୍ମ ହୁଏନାହିଁ । ଓଡ଼ିଆଜାତି ବଡ଼ ନୋହିବାର ହେତୁ ପୂଜ୍ୟପୂଜାବ୍ୟତିକ୍ରମରେ ହିଁ ରହିଛି ।

ଗୋପାଳବଲ୍ଲଭ (ଭୀମାଭୁୟାଁ ଉପନ୍ୟାସର ରଚୟିତା) ପାଠାଗାର, ମଧୁବାବୁଙ୍କ ଗୃହ ସମୀପବର୍ତ୍ତୀ ପୁଷ୍କରିଣୀ ତୀରର ସୁନାଚମ୍ପା, ଲାଲ୍ କାଠଚମ୍ପା, କୃଷ୍ଣଚୂଡ଼ା, କାଠରଙ୍ଗଣି, ବ୍ରାଉନିଆଁ ଓ କାଶିଆ, ସୁନାରି ଫୁଲ ଦେଖି ମନ ପ୍ରୀତିପୂର୍ଣ୍ଣ ହୋଇଥିଲା ।

୨୩ ତାରିଖରୁ ୨୮ ତାରିଖ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ଗୋଟିଏ ନାଟକଉତ୍ସବରେ ଯୋଗଦେଇଥିଲି, ଜଣେ ବିଚାରକଭାବରେ । ଓଡ଼ିଶାର ପ୍ରାୟ ସର୍ବାଞ୍ଚଳରୁ ପ୍ରାପ୍ତ ୪୫ଖଣ୍ଡି ନାଟକ ମଧ୍ୟରୁ ସାତଖଣ୍ଡି ବଛାହୋଇ ଅଭିନୀତ ହୋଇଥିଲା—'ଏକାକୀ', 'ବଜ୍ରକବାଟ', 'ରକ୍ତର ଡାକ', 'କାଚଘର', 'ଡୁମ୍ବା' ଇତ୍ୟାଦି ଆଦିବାସୀ ଜୀବନସଂପର୍କୀୟ । 'ଡୁମ୍ବା' ନାଟକଟି ରଚନା, ନିର୍ଦ୍ଦେଶନା, ଅଭିନୟକୁଶଳତା ଦୃଷ୍ଟିରୁ ତ୍ରୁଟିହୀନ ବିବେଚିତ ହେଲେ ବି ସମୟର ସୀମା ଭିତରେ ନ ରହି ପାରିବାରୁ ପୁରସ୍କୃତ ହେଲାନାହିଁ ।

ଅଧିକାଂଶ ନାଟକ କବିତ୍ୱହୀନ । ଅଭିନେତା ଓ ଅଭିନେତ୍ରୀ ଶ୍ରୋତା ବା ଦର୍ଶକଙ୍କ ପ୍ରତି ଦୃଷ୍ଟିପାତ କରୁନାହାନ୍ତି । ତେଣୁ ମାଇକ୍ ଥିବା ସତ୍ତ୍ୱେ ଶ୍ରୋତା ଶୁଣି ପାରୁନାହିଁ । ଅଭିନୀତ ସମସ୍ତ ନାଟକ ସାମାଜିକ । ଆଦିବାସୀରୁ ହିନ୍ଦୁ, ଖ୍ରୀଷ୍ଟୟାନ, ମୁସଲମାନ ସମାଜର ଚିତ୍ର ଏଥିରେ ଚିତ୍ରିତ । ଖଣ୍ଡିଏ ନାଟକର ବିଷୟବସ୍ତୁ ବୈଜ୍ଞାନିକ ଥିଲା—ଗ୍ରହରୁ ଗ୍ରହାନ୍ତର ଯାତ୍ରା ପ୍ରୟାସ ଓ ସାଫଲ୍ୟ—କିନ୍ତୁ ଏହା କେବଳ ଭାବବିଳାସ; ରଙ୍ଗମଞ୍ଚରେ ଅଭିନୟରେ ଫୁଟାଇବା ସମ୍ଭବ ହେଲାନାହିଁ ।

ନିଜର ଲେଖାଲେଖି ସଂପର୍କରେ ସେ ବର୍ଷ ଡାଇରୀରେ ଲେଖିଥିଲି—'ରୁଟିନ୍ ମତେ ଲେଖିବାକୁ ବେଳେବେଳେ ଘୃଣା ଲାଗେ । ଲେଖିବା ମୋର ପ୍ରିୟ ଅଭ୍ୟାସ,

ଜୀବନଠାରୁ ପ୍ରିୟତର ନୁହେଁ । ଜୀବନ ବଞ୍ଚିବା ଲାଗି ବେଳେବେଳେ ଲେଖା ଛାଡ଼ିଦେବା ଉଚିତ ।’

“ଅଭ୍ୟାସମତେ ଲେଖିଲେ ଲେଖା ହୁଏ ଗୋଟାଏ ବୋଝ, ଦୁର୍ବହ; ବୋଝ ଥୋଇ ବିଶ୍ରାମ ନେଲେ, ବନ୍ଧନରୁ ମୁକୁଳିଲେ, ସୁଖ ଲାଗେ । ମୁକ୍ତି ଲୋଡ଼ା, ଯେଉଁ ଅଭ୍ୟାସରୁ, ଯେଉଁ ବନ୍ଧନରୁ ହେଉ ପଛକେ, ଜୀବନ ଲାଗି ମୁକ୍ତି ଲୋଡ଼ା, ଏଇ ଜୀବନରେ, ଜୀବନର ପାରେ ମରଣର ପରେ ନୁହେଁ ।

ଲେଖକ ଲୋଡ଼େ ଜଞ୍ଜାଳରୁ ମୁକ୍ତି, ସଂସାରଜଞ୍ଜାଳରୁ ଖସି ପୁଣି ଯଦି ଜଞ୍ଜାଳରେ ବୁଡ଼େ, ପୁଣି ଯଦି ହୁଏ ବିଷୟୀ, ଲେଖାକୁ କରେ ଗୋଟାଏ ପୁଞ୍ଜି, ତହିଁରେ ବ୍ୟବସାୟୀ; ପୁଞ୍ଜିପତି ବା ଜମିଦାରର ଗର୍ବ ତା ମନରେ ଆସିପାରେ; ଲେଖାର ଆନନ୍ଦ ସେଥିରୁ ଆଉ ମିଳିବ କାହୁଁ ?”

ଇଚ୍ଛା ହେଲେ ଲେଖ, ମନକୁ ପୀଡ଼ନ କରନାହିଁ । ଅନ୍ୟ କାହାର ଉତ୍ପୀଡ଼ନ ସହିବାକୁ ମନ କୁଣ୍ଠିତ, ନିଜର ବି । ମନକୁ ପେଡ଼ିଲେ ବା ଯାଡ଼ିଲେ କେବଳ ସିଠା ବାହାରେ, ରସ ନୁହେଁ ।

କିନ୍ତୁ ମନକୁ ବିଶ୍ରାମ ଦେବାଲାଗି ବାହାର ଜଗତ୍ ଚାହେଁନାହିଁ । ଗୋଟାକ ପରେ ଗୋଟାଏ ଲେଖାର ବରାଦ ଆସେ । ମନର ଉତ୍ପାଦିକା ଶକ୍ତି ବା ସ୍ୱାଭାବିକ ଗତି ପ୍ରତି କେହି ଦୃଷ୍ଟି ଦିଏନାହିଁ । ମନର ଋତୁ ବା ବାତାବରଣ ସମ୍ବାଦ କେହି ନିଅନ୍ତିନାହିଁ । କେବଳ ଫସଲ ଲୋଡ଼ା, ଏ ଯୁଗକୁ ଅର୍ଥକରୀ; ଲେଖକ ବି ବ୍ୟବସାୟୀ ପାଲଟୁଛି, ଅର୍ଥକରୀ ଫସଲ ଲୋଡ଼ୁଛି ମନକୁ ଉତ୍ପୀଡ଼ନ କରି ।

‘ଲେଖା ଆଉ ଲେଖା ମଧ୍ୟରେ ଲୋଡ଼ା ଗୋଟାଏ ଫାଙ୍କ, ଗୋଟାଏ ଶୂନ୍ୟସ୍ଥାନ—ଗୋଟାଏ ବଫର ଷ୍ଟେଟ୍—ପୂର୍ବ ଚିନ୍ତା ପରବର୍ତ୍ତୀ ଚିନ୍ତାକୁ ଆକ୍ରାନ୍ତ କରିବନାହିଁ । ପୁନରୁକ୍ତି ବିରକ୍ତିକର । ଯେଉଁମାନେ ବେଶୀ ଲେଖନ୍ତି, ସେମାନେ ପୁନରୁକ୍ତି କରନ୍ତି । କହିଥିବା କଥାକୁ ଫେଣାନ୍ତି, ଫୁଲାନ୍ତି ।

ଏଇ ଫାଙ୍କରେ ମନକୁ ନୂତନ ଚିନ୍ତା ଆସେ ।’

ତିରିଶ ବର୍ଷ ଲେଖିଲା ପରେ ବନ୍ଧୁ ଜଣେ ଓଡ଼ିଆ ଭଦ୍ରଲୋକଙ୍କ ସହିତ ପରିଚିତ କରେଇ ଦେଲେ, ଭଦ୍ରଲୋକ କହିଲେ—ମୁଁ ନାଆଁ ଶୁଣିଛି । କଥାବାର୍ତ୍ତାରେ କିଛି ଦୂର ଅଗ୍ରସର ହେଲାପରେ ଜାଣିଲି—ସେ ତା ବି ଶୁଣି ନାହାନ୍ତି । ସାହିତ୍ୟ ଓ ସଂସ୍କୃତି ପ୍ରତି ଏ ପ୍ରଦେଶରେ ଶିକ୍ଷିତଙ୍କ ଉଦାସୀନତା ବେଳେବେଳେ ପୀଡ଼ାଦାୟକ ହୋଇଥାଏ ।

ଏ ମଧ୍ୟରେ ବାଙ୍କୀ କଲେଜରେ ବକ୍ତୃତା ଦେବାକୁ ଯାଇଥିଲି ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ସଙ୍ଗେ । ମହାନଦୀ କୂଳ ଡାକ ବଙ୍ଗଳାରେ ଗୋଟିଏ ଅପରାହ୍ଣ କଟିଲା । ଅର୍ଦ୍ଧେକ ବାଲି, ଅର୍ଦ୍ଧେକ ଜଳ, ମହାନଦୀର ନୀଳଧବଳରୂପ; ଚର୍ଚ୍ଚିକାଦେବୀଙ୍କ ପାହାଡ଼ରେ ବସି କୁମାରଙ୍ଗ (କୁଙ୍କୁମ ରଙ୍ଗ) ପର୍ବତ, ରେଣୁକା ନଦୀ, ପଞ୍ଚ ମହାଦେବ ଯଥା—କୁମ୍ଭନିଶ୍ୱର, ସ୍ୱପନେଶ୍ୱର, ସିଦ୍ଧେଶ୍ୱର, ନୀଳକଣ୍ଠେଶ୍ୱର ଓ ଗଙ୍ଗେଶ୍ୱର ଦର୍ଶନ କରିଥିଲି; ସର୍ପ, ଖଡ଼୍ଗ, ମାଳ, ଧନୁ, ଛିନ୍ନ

ମସ୍ତକ, ବାଣ, ତୀର, ତ୍ରିଶୂଳ ଅଙ୍କୁଶ ଧରିଥିବା ଅଷ୍ଟଭୁଜା ଦୁର୍ଗାଙ୍କ ବିଷୟ ଅବଗତ ହୋଇଥିଲି ।

'ସରସସାହିତ୍ୟସମିତି' ତରଫରୁ ନିମନ୍ତ୍ରିତ ହୋଇ (୨୪।୨।୬୩) ଲକ୍ଷ୍ମୀକାନ୍ତ ଶ୍ରାଦ୍ଧସଭାରେ ଯୋଗ ଦେଇ କହିଥିଲି —

"ଭଙ୍ଗା ଦଉଡ଼ ଭିତରେ ସେ ବଞ୍ଚିଛନ୍ତି, ଈଶ୍ୱରନିର୍ଭର ଭାବେ ନୁହେଁ, ଆତ୍ମନିର୍ଭରଶୀଳ ହୋଇ । ସଙ୍ଗୀତରେ ଯେଉଁଠି ଜୀବନର ବିଶେଷତଃ ଆତ୍ମଜୀବନର ସନ୍ଦେଶ ସେ ଦେଇଛନ୍ତି, ସେଠି ସେ କବି । ବଞ୍ଚିବାଲାଗି ସେ ରଙ୍ଗରସକୁ କରିଛନ୍ତି ଉତ୍ସ; ଏହାହିଁ ତାଙ୍କୁ ଶେଷ ପର୍ଯ୍ୟନ୍ତ ଉଦ୍‌ଜୀବିତ ରଖିଛି ।

ନିଜକୁ ରଙ୍କୁ ରଙ୍କୁ ଲକ୍ଷ୍ମୀକାନ୍ତ ଭାଙ୍ଗିଥିଲେ—ଭଙ୍ଗା ଭିତରୁ ସେ ପାଇଥିଲେ ଗଢ଼ିବାର ପ୍ରେରଣା, ମୃତ୍ୟୁ ଭିତରୁ ଅମୃତର ପ୍ରେରଣା ।"

ପରେ କବିବନ୍ଧୁ ସଚ୍ଚି ରାଉତରାୟଙ୍କ ଘରକୁ ଯାଇ ଖୋଜିଲି ଉତ୍କଳ ସରସ୍ୱତୀ କେଉଁଠି ଅଛନ୍ତି । ତାଙ୍କ ସ୍ତ୍ରୀ ଓଡ଼ିଆ ବୁଝନ୍ତି, କହିପାରନ୍ତି ନାହିଁ । କନ୍‌ଭେଣ୍ଟରେ ପଢ଼ୁଥିବା ଦୁଇ ପୁଅଙ୍କୁ ଓଡ଼ିଆରେ ପଚାରିବାରୁ ଇଂରାଜୀରେ ଜବାବ୍ ମିଳିଲା । ସଚ୍ଚି ବାବୁ ହିନ୍ଦୀରେ ନିର୍ଦ୍ଦେଶ ଦେଲେ—ଯାହା ପଚାରୁଛନ୍ତି, କହ । ତାଙ୍କ ଘରେ ତ୍ରିଭାଷୀ ପଢ଼ିଲାପରି ଲାଗିଲା ।

ପୁଣି ବିଚାରିଲି—ଓଡ଼ିଶାର ବିଶିଷ୍ଟ ସାହିତ୍ୟିକମାନଙ୍କର ପରିବାରର ଅବସ୍ଥା କଣ ? ଫକୀରମୋହନ, ରାଧାନାଥ, ବିଶ୍ୱନାଥ କର ? ମାୟାଧର ମାନସିଂହ ? ମୋ ନିଜ ପରିବାର ? ମୁଁ ଆମେରିକାରେ ଭାଇର ପରିବାର ମଧ୍ୟରେ ଥିଲାବେଳେ ଘରର ପ୍ରଚଳିତ ଭାଷା ହୋଇଥିଲା ଇଂରାଜୀ । କାହାକୁ ଦୋଷ ଦେଇ ଲାଭ ନାହିଁ । ଏ ଯୁଗର ରୀତି ଏଇଆ । ପରିବାର ବିଚ୍ଛିନ୍ନ, ସାରା ପୃଥିବୀରେ ବିକ୍ଷିପ୍ତ । ଏ ଅବସ୍ଥାରେ ପରିବାର ମଧ୍ୟରେ ଭାଷାର ଏକତ୍ୱରକ୍ଷା ଅସମ୍ଭବ ।

ରାଜସ୍ଥାନର ସ୍ମରିଜଣ କବିଙ୍କୁ ଉତ୍କଳସାହିତ୍ୟସମାଜ ପକ୍ଷରେ ଶ୍ରୀରାମଚନ୍ଦ୍ର ଭବନରେ ସମ୍ବର୍ଦ୍ଧନା କରା ଯାଇଥିଲା (୪।୪।୬୩) । ସେମାନେ ଭାରତର ବିଭିନ୍ନ ଅଞ୍ଚଳରୁ ଦେଶରକ୍ଷା ପାଣ୍ଠି ଲାଗି ୫୦ ହଜାର ଟଙ୍କା ସଂଗ୍ରହ କରିଥିଲେ । 'କବି ମୂକ ଦର୍ଶକ ନୁହେ, ଅଳସ ଭାବବିଳାସୀ ନୁହେ; ମୁଖ୍ୟ କର୍ମଭୂମିକାରେ ଅଭିନୟ କରିବାର ଛାଡ଼ି ତାର ଅଛି, ରାଜପୁତନାର କବିମାନେ ଏହା ପ୍ରମାଣ କରିଦେଇ ଥିଲେ । ଏଇ ସଭାରେ 'ଶୀତଳ କରିବୁ ଉଷ୍ଣତା ଚୀନା ରକ୍ତର' କବିତାଟି ଆବୃତ୍ତି କରିଥିଲି । 'ହିନ୍ଦୀ ଚୀନି ଭାଇ ଭାଇ' ସ୍ଲୋଗାନ୍ ଚୀନର ଏକ ଛଳନା ବୋଲି ପ୍ରମାଣିତ ହୋଇଥାଏ । ଚୀନ ଓ ଭାରତ ମଧ୍ୟରେ ସେତେବେଳେ ଯୁଦ୍ଧ ଲାଗିଥାଏ । ଓଡ଼ିଶାରେ କବିମାନଙ୍କର କ୍ରୋଧ ଦେଶାତ୍ମବୋଧକ କବିତାସଂକଳନ, କବିତା ପାଠୋତ୍ସବ ଓ ଅଗ୍ନିଗର୍ଭ ଭାଷଣରେ ପ୍ରକାଶ ପାଉଥିଲା ।

୫।୪।୬୩ରେ ଶ୍ରୀରାମଚନ୍ଦ୍ରଭବନରେ ଏକ ସଭାରେ କବି ଓ ଗଳ୍ପକାର ମନୋଜ ଦାସଙ୍କୁ ବିଦାୟ ଦେଇଥିଲୁ । ଆଶୀର୍ବଚନରେ କହିଥିଲି—ମନୋଜ ଯାଉଛନ୍ତି ପଲ୍ଲୀରୁ ସମୁଦ୍ରକୁ (ପଣ୍ଡିଚେରୀ) । ସେ ଓଡ଼ିଶା ଛାଡ଼ିଗଲେ ବି ଓଡ଼ିଶା ବାଣୀ ରୂପରେ ତାଙ୍କ ସଙ୍ଗେ ଯିବ । ଏଇଆ ବୋଧେ ଭଗବାନ୍‌ଙ୍କ ଇଚ୍ଛା ।

ଶ୍ରୀ ଅରବିନ୍ଦ କବି, ଯୋଗ ତାଙ୍କ ସାହିତ୍ୟସାଧନାର ବାଧକ ହୋଇନାହିଁ । ସେହିପରି ବୃହତ୍ତର କ୍ଷେତ୍ରରେ ମନୋଜବାବୁଙ୍କ ସାହିତ୍ୟ ଅଧିକ ଉଜ୍ଜୀବିତ ହେବ !

କେନ୍ଦ୍ର ସାହିତ୍ୟଏକାଡେମୀର ସହକାରୀ ସମ୍ପାଦକ, ମରହଟ୍ଟୀ ଓ ହିନ୍ଦୀ ସାହିତ୍ୟିକ ଡକ୍ଟର ପ୍ରଭାକର ମାଚୱେ ୧୪।୪।୬୩ରେ ଶ୍ରୀରାମଚନ୍ଦ୍ର ଭବନରେ ଭାଷଣ ଦେଇଥିଲେ; ଶ୍ରୋତା ମାତ୍ର ଦଶ ଜଣ । କଣ ଭାବିଥିବେ !

ମାଚୱେ କିନ୍ତୁ କହିଲେ—ଭାରତୀୟ ସାହିତ୍ୟିକ ଅନୁଷ୍ଠାନମାନଙ୍କରେ ଏହିପରି ଲୋକ ହୁଅନ୍ତି; ବୋଧେ ଆମ ମାନରକ୍ଷା ଲାଗି ଏପରି କହିଥିଲେ । ବଙ୍ଗୀୟ ସାହିତ୍ୟ ଅନୁଷ୍ଠାନମାନ ଦେଖିଛି—ତିଳ ପକେଇବାକୁ ଜାଗା ହୁଏନାହିଁ ।

୨୪।୫।୬୩ରେ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସହିତ ସାକ୍ଷାତ୍ ହୋଇଥିଲା । ସେତେବେଳେ ଗୋଟିଏ ଗୋଡ଼ ଛୋଟା, ଡାହାଣ ଆଖିକୁ ଭଲ ଦିଶୁ ନ ଥିଲା । ଦାରିଦ୍ର୍ୟ ଓ ଅଙ୍ଗବୈକଲ୍ୟ ଦୁଃଖ ବରଦାସ୍ତ କଲାଭଳି ଦୃଢ଼ ମନୋବଳ ତାଙ୍କର ଥିଲା । ଏ ଅବସ୍ଥାରେ ସେ ହାତରେ ରୋଷାଇ କରି ଖାଉଥିଲେ । ଭଗବତ୍ ପୂଜା ଆରାଧନା କରୁଥିଲେ । ଆଳାପ ବେଳେ ସେ କହିଲେ—'ମୁଁ ଜୀବନରେ ଅର୍ଥ ବା ସମ୍ମାନ କେବେ ପାଇନାହିଁ, କେଉଁଠାରୁ ଆଶା କରୁନାହିଁ । କବିଯଶଅସହିଷ୍ଣୁ କ୍ଷମତାଶାଳୀ ବ୍ୟକ୍ତିଙ୍କ ଉତ୍ପୀଡ଼ନ ଯଥେଷ୍ଟ ସହିଛି । ତୀକ୍ଷ୍ଣବାକ୍, ସେଥିଲାଗି ବୋଧେ ଅପ୍ରିୟ ହୋଇଛି ।'

ନିଜ ଗ୍ରନ୍ଥାବଳୀ ଛପାଇବା ସଂପର୍କରେ ସେ ଉଦାସୀନ ଥିଲେ ଓ କହୁଥିଲେ—୫୦ଟି କବିତା ଛପାଇଲେ ଯଥେଷ୍ଟ, ଗୁଡ଼ାଏ ଛପାଇ ଲାଭ କଣ ?

ଅନ୍ନଦାଶଙ୍କର ରାୟଙ୍କ ଓଡ଼ିଶା ଆଗମନ ଉପଲକ୍ଷ୍ୟେ ଗୋଟିଏ ସମ୍ବର୍ଦ୍ଧନା ସଭାରେ ମୁଁ ସଭାପତି (୪।୬।୬୩) ହୋଇଥିଲି; କାରଣ ସବୁଜଗୋଷ୍ଠୀର କୌଣସି ସଭ୍ୟଙ୍କ ଅପେକ୍ଷା ଅନ୍ନଦାବାବୁଙ୍କ ସହିତ ମୋର ସଂପର୍କ ନିବିଡ଼ତର ଥିଲା । ବୈକୁଣ୍ଠ ବାବୁ ତ ଛୋଟା, ଚୌକିରେ ବସିଥାନ୍ତି, ଅନ୍ୟ ସମସ୍ତେ ତଳେ । ଶରତ ମୁଖାର୍ଜୀ କହିଲେ—ବୈକୁଣ୍ଠ, ଘୁମାଅ ନାହିଁ, ତଳେ ପଡ଼ିଯିବ । ବୈକୁଣ୍ଠବାବୁ ଆଖି ଖୋଲି କହିଲେ—ଘୁମାଇଲେ ବି ତୃତୀୟ ଚକ୍ଷୁରେ ସବୁ ଦେଖିପାରୁଛି ।

ନୀଳକଣ୍ଠ ଜୟନ୍ତୀ (୧୫।୮।୬୩) ସଭାରେ ଆର୍ଯ୍ୟ ହରିହର ସଭାପତି ହୋଇ ଥିଲେ; ଆର୍ଯ୍ୟ ଦୃଷ୍ଟିଶକ୍ତିହୀନ । ଜଣେ ହାତ ଧରିଆଣି ଚୌକିରେ ବସାଇ ଦେଲା । ନୀଳକଣ୍ଠ ଅଥର୍ବ, କିନ୍ତୁ କଣ୍ଠସ୍ୱର ଅତି ସ୍ପଷ୍ଟ । ଆର୍ଯ୍ୟଙ୍କ କଣ୍ଠସ୍ୱର ଧୀର, ଅସ୍ପଷ୍ଟ । ମାଇକରେ ବକ୍ତୃତା ଦେବାର ଅଭ୍ୟାସ ତାଙ୍କର ନାହିଁ । ସେ ନୀଳକଣ୍ଠଙ୍କୁ ଋଷି କହୁଥାନ୍ତି । ନୀଳକଣ୍ଠଙ୍କ ମୁଖ ବୁଦ୍ଧିଦୀପ୍ତ, ଆର୍ଯ୍ୟଙ୍କ ମୁଖ ସରଳ, ପବିତ୍ର । ସବୁ ସେ ଦେଇଛନ୍ତି, ନିଜ ଲାଗି କିଛି ରଖି ନାହାନ୍ତି । କହିବା ଲାଗି ମଧ୍ୟ କିଛି ନାହିଁ ।

ଜୟନ୍ତୀରେ କେବଳ ଗୁଣକୀର୍ତ୍ତନ କରାଗଲା, ଅଭିନନ୍ଦନ ଗ୍ରନ୍ଥଟିଏ ଉପହାର ଦିଆଯାଇପାରିଲା ନାହିଁ ।

ଆମେରିକାର ଏଣ୍ଡିଆନା ବିଶ୍ୱବିଦ୍ୟାଳୟ ତରଫରୁ ସଂକଳିତ ହେଉଥିବା ଭାରତୀୟ ଲୋକଗଳ୍ପସଂକଳନ ଲାଗି ପାଞ୍ଚଗୋଟି ଓଡ଼ିଆ ଲୋକଗଳ୍ପ ଅନୁବାଦ କରି ପଠାଇଲି ।

# ଉଦୟନାଥ

ମୋ ସାନଭାଇ ଉଦୟନାଥର ଭାରତ ଆଗମନ ୧୯୬୩ର ଗୋଟିଏ ସ୍ମରଣୀୟ ଘଟଣା । ଆମେରିକାର ସେଣ୍ଟଲୁଇସ୍ ସହରରେ ସେ ଥାଏ—ହାର୍ଟ ସର୍ଜନ; ଘରେଇ ପ୍ରାକ୍‌ଟିସ୍ କରେ; ବାରବର୍ଷ ପରେ ସେ ଫେରିଛି । ତାକୁ ଆଣିବା ଲାଗି ଭୁବନେଶ୍ୱର ଉଡ଼ାଜାହାଜ ଷ୍ଟେସନକୁ ଯାଇଥିଲି—ସଙ୍ଗରେ କୁନା, ଟିକି, ବୁନି । କୁନା (ପ୍ରିୟଦର୍ଶୀ)କୁ ତିନିବର୍ଷ, ତା କକେଇ ଯେତେବେଳେ ଆମେରିକା ଗଲେ, ଟିକି, ବୁନି ସେତେବେଳେ ଜନ୍ମ ହୋଇ ନ ଥିଲେ ।

ଆମେ ଆକାଶର ଗୋଟାଏ ପଟକୁ ଚାହିଁଚୁ, ଉଡ଼ାଜାହାଜ କେତେବେଳେ ଉହ୍ଲାଇ ଆମ ସାମ୍ନାକୁ ଆସିଲାଣି, ଆଶ୍ଚର୍ଯ୍ୟ । ନିଶୁଣୀ ପଡ଼ିଲା, କକେଇ ଓହ୍ଲେଇଲେ । ବୁନି କକେଇର ଗୋଡ଼ତଳେ ପଡ଼ିବ, ଅଭ୍ୟାସ କରିଥିଲା; ତାଙ୍କୁ ଦେଖି ସବୁ ଭୁଲିଗଲା । 'ଟିକି' ନମସ୍କାର କଲା । କୁନା ପାଟିରୁ କଥା ବାହାରିଲାନାହିଁ । ଉଦିଆ ପାଟିରୁ ବି କଥା ବାହାରିଲାନାହିଁ । ହସୁ ହସୁ କାନ୍ଦିବାର ଉପକ୍ରମ ହେଲା— ବୋଉ ଆଉ ନାହିଁ । ମୁଁ ତ ଏଇଠି ଥାଇ ଦେଖିପାରିଲିନାହିଁ । ତା ଆସିବାରେ ଯେ ସବୁଠାରୁ ବେଶୀ ଖୁସି ହୋଇଥାନ୍ତା, ଗୋଡ ତଳେ ପଡ଼ୁ ନ ଥାନ୍ତା, ସେ ଚିରଦିନ ଲାଗି ଚାଲିଯାଇଛି । 'ସବୁ ମିଳିବ, ବୋଉକୁ ଆଉ ଦେଖିବିନାହିଁ'—ଯା କହି ଉଦୟନାଥ କାନ୍ଦି ପକାଇଲା ।

ଗାଆଁରୁ ପରିଆ (ଘନଭାଇନାଙ୍କ ପୋଷ୍ୟପୁତ୍ର) ମଧ୍ୟ ଷ୍ଟେସନକୁ ଆସିଥିଲା; ପାନ ଖାଇ ତା ଦାନ୍ତ କଳା ପଡ଼ିଯାଇଥିଲା । ତାକୁ ଦେଖି ଉଦୟ କହିଲା What ପରିଆ ତୋର ଦାନ୍ତ୍ କାହିଁକି ଏମ୍‌ତି ହେଇଚିରେ ?

ଗୀତା, ମୀର ବଢ଼ିଛନ୍ତି ପାଶ୍ଚାତ୍ୟ ଢଙ୍ଗରେ—ଇଂରେଜୀ ତ ମାତୃଭାଷା ବା ପିତୃଭାଷା । ଆମ ପିଲା ତ ଟିକିଏ ଧୂଳିଆ; ଭଲ ଇଂରେଜୀ କହିପାରୁ ନ ଥାନ୍ତି । ଭାଷା ବାଧକ ହେଲାନାହିଁ । ଦିନେ ଦୁଇଦିନ ମଧ୍ୟରେ ସେମାନେ ଟିକି, ବୁନିଙ୍କ ସଙ୍ଗରେ ମିଶିଗଲେ ।

ଉଦୟ ପାଶ୍ଚାତ୍ୟ ଖାଦ୍ୟରେ ଅଭ୍ୟସ୍ତ ହେଲେ ବି ତାର ଆଶା—ତେଲ ପିଆଜ ଦିଆ ମୁଢ଼ି, ନଡ଼ିଆ ମୁଢ଼ି; ସେ ଭୁଲିନାହିଁ ଭାଉଜ ହାତର ସରୁଚକୁଳି, ଚିତଉ, ଛୁଞ୍ଚିପତର, ଆରିସା, ପୁରକାକର ପିଠା, ଜହ୍ନିସଜ, ପାଣିକଖାରୁ ଆନ୍ଦୋଳ; ଏ ସବୁର ସ୍ନେହମିଶା ଆସ୍ୱାଦ ପାଶ୍ଚାତ୍ୟ କୌଣସି ଖାଦ୍ୟରେ ନାହିଁ ।

# କେତୋଟି ଭାଷଣ

୨୮।୩।୬୮ରେ ଉତ୍କଳସାହିତ୍ୟସମାଜ ପକ୍ଷରୁ ଅନୁଷ୍ଠିତ ମାକ୍‌ସିମ୍ ଗର୍କି ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇ କହିଥିଲି—ଗର୍କି ସଂଗ୍ରାମୀ ଜୀବନର

ଚିରଦିନର ପ୍ରତିନିଧି; ଜୀବନର କେବଳ ଦ୍ରଷ୍ଟା ନୁହନ୍ତି, ସ୍ରଷ୍ଟା ସେ । ଫେଡଡାର ତଥାକଥିତ ବିଗ୍ରହକୁ ଛାଡ଼ି ମଣିଷ ଅନ୍ତରରେ ସେ ମଣିଷକୁ ଅବତରଣ କରେଇଛନ୍ତି । ମଣିଷ ଆଗରେ ମଣିଷ ହିଁ ସର୍ବଶ୍ରେଷ୍ଠ ସତ୍ୟ, ଗର୍କି ଜୀବନ ସଂଗ୍ରାମରେ ହିଁ ଜୀବନକୁ ଜାଣିଥିଲେ; ତାଙ୍କର ଜୀବନ ସଂପର୍କୀୟ ଜ୍ଞାନ ପ୍ରତ୍ୟକ୍ଷ, ତେଣୁ ଆମ ନିକଟରେ ଏହା ଏତେ ସତ୍ୟ । ଯେତେବେଳେ ଜୀବନରେ ଯାହା ଅନୁଭବ କରିନାହୁଁ, ପ୍ରକାଶ କରିବାକୁ ଆମେ ଚେଷ୍ଟା କରୁ । ତେଣୁ ଆମ ଚେଷ୍ଟା ଏକ ସାହିତ୍ୟିକ ଶାଠ୍ୟରେ ପରିଣତ ହୁଏ ।

ଆମେ ପ୍ରତ୍ୟେକେ ଅନ୍ୟର ଶ୍ରମ ଶୋଷଣ କରି କିଛି କିଛି ଅତ୍ୟାଚାରୀ ହୋଇଛୁ । ଏହା ପରିଣତ ହୋଇଛି ଏକ ସାମାଜିକ ଅଭ୍ୟାସରେ, ତାକୁ ବଦଳେଇବାକୁ ହେବ । ଉଚ୍ଚାଙ୍ଗ ସାହିତ୍ୟ ଯେ କୌଣସି ଦେଶର ସମ୍ପଦ । ଭାଷା ଓ ଜାତୀୟତାର ସୀମା ଅତିକ୍ରମ କରି ଗର୍କି ଜଣେ ଭାରତୀୟ ବା ଯେ କୌଣସି ଦେଶର ଅଧିବାସୀ ହେବାକୁ ସର୍ବତୋଭାବେ ଯୋଗ୍ୟ ।

୨୭।୧।୬୯ରେ ବ୍ରଜନାଥସାହିତ୍ୟପରିଷଦ୍ ଆନୁକୂଲ୍ୟରେ ଅନୁଷ୍ଠିତ ସାହିତ୍ୟସଭାରେ 'ଆଧୁନିକ ପରିପ୍ରେକ୍ଷୀରେ ଲୋକସାହିତ୍ୟ' ସମ୍ବନ୍ଧରେ ଢେଙ୍କାନାଳ କଲେଜରେ ଗୋଟିଏ ବକ୍ତୃତା ଦେଇଥିଲି ।

ଏଇ ଅବସରରେ ଗୋଟିଏ ପାହାଡ଼ ଉପରେ ନିର୍ମିତ 'ଯତନନଗର' ସୌଧ ଦେଖି ଯାଇଥିଲି । ଏହା ପୂର୍ବରୁ 'ଯତନନଗର' ନ ଦେଖି କବିତାଟିଏ ଲେଖିଥିଲି । 'ମାଟି ଓ ଲାଠି' ମଧ୍ୟ ଢେଙ୍କାନାଳୀ ରାଜ ଅତ୍ୟାଚାରର ପ୍ରତୀକ ସ୍ୱରୂପ ପ୍ରକାଶ ପାଇଥିଲା । ଯତନନଗର ଦେଖି ଉକ୍ତ ତାରିଖରେ ଡାଇରୀରେ ଲେଖିଥିଲି—

"ମନରେ ଉଙ୍କି ମାରୁଥିଲା ନିଷ୍ଠୁର କାହାଣୀସବୁ, ବେଠି ବେଟି ମାଗଣର, କେତେ ପଞ୍ଜରାକାଠି ଭାଙ୍ଗିଥିଲା । ପୁରୀ ମନ୍ଦିରକୁ ପଥର ବୋହି ବୋହି କେତେ ମଣିଷ କୁର୍ମ ହୋଇଥିଲେ, ଯତନନଗରକୁ ପଥର ବୋହି ହାତୀ କାନ୍ଦିଥିଲେ" ।

"ଯତନନଗରକୁ ଭ୍ରମଣକାରୀ ନିରାଶ କରୁଗଲେ ସେ କାଳର ଅଶ୍ରୁ ମୋତି ହୋଇ ଫେରି ଆସନ୍ତା । ସେ କାଳର ବନ୍ଧ୍ୟ ଭୂପ ପୁଷ୍ପଫଳପ୍ରସୂ ହୋଇ ଉଠନ୍ତା" ।

୨୮।୧।୬୯ରେ ରେଭେନ୍ସା କଲେଜର ପୂର୍ବ ଛାତ୍ରାବାସର ଏକ ସାହିତ୍ୟ ସଭାରେ ସଭାପତି ହୋଇଥିଲି । ସର୍ବଶ୍ରୀ ଭଗବତ, ବ୍ରଜକିଶୋର ପଟ୍ଟନାୟକ ଓ ନିରଞ୍ଜନ ଦାସଙ୍କ ବକ୍ତୃତା ପରେ କହିଥିଲି—

"ଲୋକସାହିତ୍ୟ ସାରା ଜୀବନର ସାହିତ୍ୟ; ଶୈଶବର କ୍ରୀଡ଼ା, ଯୌବନର ଉଲ୍ଲାସ ବାର୍ଦ୍ଧକ୍ୟର ଖେଦ ଏଥିରେ ରୂପାୟିତ । ସାହିତ୍ୟ ଦ୍ୱିପଦ ଜନ୍ତୁକୁ ମଣିଷ କରି ଗଢ଼ିଛି; କିନ୍ତୁ ନିଜେ ସାହିତ୍ୟିକ ଆଦର୍ଶ ମନୁଷ୍ୟ ନୋହିପାରେ । ତଥାପି ମାନବତାର ଆଦର୍ଶକୁ ସେ ପ୍ରତିଷ୍ଠିତ କରେ ବହୁ ଜୀବନରେ ।

ବଶିଷ୍ଠ ଋଷି, ଦସ୍ୟୁ, ବାଲ୍ମୀକି କବି । ବାଲ୍ମୀକିଙ୍କ ଆଦ୍ୟ ଜୀବନ ଯେତେ ଅସହଣୀୟ ବୋଧ ହେଲେ ବି ଏହା ତାଙ୍କୁ ଜୀବନର ଅନୁଭୂତିରେ ସମୃଦ୍ଧିମନ୍ତ କରିଥିଲା । ତା ବଳରେ ସେ ହୋଇଥିଲେ କବି, ଏକାନ୍ତ ନିର୍ଜନ ଅରଣ୍ୟରେ

ରହିଲେ ବି ମାନବବାଦୀ । ନୀତି ଦୃଷ୍ଟିରୁ ବିଚେଚନା କଲେ କାଳିଦାସ ଓ ସେକ୍‌ସପିଅରଙ୍କ ଜୀବନ ଅବାଞ୍ଛନୀୟ ବୋଧ ହୋଇପାରେ । ଯେଉଁ ଜୀବନ ସେମାନେ ବର୍ଣ୍ଣିଛନ୍ତି ତାହା ଆମର ଧ୍ୟେୟ ହୋଇ ନ ପାରେ, ଯେଉଁ ଜୀବନର ଆଦର୍ଶ ସେମାନେ ପରିବେଷଣ କରିଛନ୍ତି, ତାହା ଆମର ଅବଧ୍ୟ" ।

୧୬।୧୨।୬୩ରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଶିଶିରୋତ୍ସବରେ ଯୋଗ ଦେଇଥିଲି । ଯେଉଁଠି କଲେଜ ହୋଇଛି ସେଠି ଅନେକ ପ୍ରାଚୀନ କୀର୍ତ୍ତି ଆବିଷ୍କୃତ ହୋଇଛି—ଗୋଟିଏ ଅଳଂକୃତ ହାତ, ଗୋଟିଏ ମୁକୁଟମଣ୍ଡିତ ଶିର, ଗୋଟିଏ ଅଳଙ୍କାର ବାକ୍‌ସ—ଏ ସବୁ କାହାର ? ଘଣ୍ଟାଶିଳା ନିରୁତ୍ତର ।

୧୭।୧୨।୬୩ରେ କଟକ ହିନ୍ଦୀ ଇନ୍‌ଷ୍ଟିଚ୍ୟୁଟର ଆନୁକୂଲ୍ୟରେ ଅନୁଷ୍ଠିତ ଗୋଟିଏ ସାଂସ୍କୃତିକ ସଭାରେ ସଭାପତି ହୋଇଥିଲି । ମୁଖ୍ୟବକ୍ତା ସୁରେନ୍ଦ୍ର ମହାନ୍ତି କହିଲେ—ଅଧା ବୟସରେ ଓଡ଼ିଆ ଲେଖକ ଲେଖନୀ ଛାଡ଼ନ୍ତି କାହିଁକି ? ଆନ୍ତର୍ଜାତିକ ସାଂସ୍କୃତିକ ଉତ୍ସ ସହିତ ସଂପର୍କ ହରାଇବାରୁ ।

ମୁଁ କହିଥିଲି—ଏହା ଏକମାତ୍ର କାରଣ ନୁହେ । ଓଡ଼ିଆ ଲେଖକଙ୍କ ମଧ୍ୟରୁ କିଏ ପାଠ୍ୟପୁସ୍ତକ ରଚନାରେ ବ୍ୟସ୍ତ; ତା ତୁଳନାରେ ଶୁଦ୍ଧ ସାହିତ୍ୟ ଲେଖାରୁ କି ଆର୍ଥିକ ଲାଭ ହୁଏ ?

ଓଡ଼ିଶାରେ ରହି ଖାଣ୍ଟି ଓଡ଼ିଆ ଉପାଦାନରେ ଆନ୍ତର୍ଜାତିକ ସାହିତ୍ୟ ରଚନା କରାଯାଇପାରେ । ଆନ୍ତରିକତା, ନିଷ୍ଠାପର ସାଧନା, ଗଭୀର ଆତ୍ମବିଶ୍ୱାସ ଆବଶ୍ୟକ । ଆମ ମଧ୍ୟରେ ରୀତିମତ ଲେଖକ ବିରଳ ।

ଜଣେ ଲେଖକର ରଚନା ଆଉ ଜଣେ ଶ୍ରଦ୍ଧାରେ ପାଠ କରୁନାହିଁ । ତା ପ୍ରତି ନ୍ୟୂନ ମନୋବୃତ୍ତି ପୋଷଣର ଏହା ଗୋଟିଏ କାରଣ । ଅନ୍ୟମାନଙ୍କୁ କ୍ଷୁଦ୍ର ପ୍ରତିପନ୍ନ କରିଦେଲେ ଆଉ ଜଣେ ଖୁସି । ତୃଣଭୂମିରେ ଏରଣ୍ଡ ହେବାର ଆଶା ଏ, ଅରଣ୍ୟରେ ବନସ୍ପତି ହେବାର ଉଚ୍ଚାକାଂକ୍ଷା ନୁହେ ।

୧୫।୧।୬୪ରେ ଯାଜପୁର ରୋଡ଼ର ସବୁଜସଙ୍ଘ ସାହିତ୍ୟସମ୍ମିଳନୀରେ କହିଥିଲି – ବ୍ରାହ୍ମଣୀ ବୈତରଣୀ ନଦୀ ମଧ୍ୟବର୍ତ୍ତୀ ଏ ସ୍ଥାନ ସୁନ୍ଦର, ସ୍ୱାସ୍ଥ୍ୟକର । କୁବେରରାଜ୍ୟର ତୋରଣ ଦ୍ୱାର ଏ । ଏଠି ଲୋଡ଼ା ଉଚ୍ଚ ମାନବିକତା, ଶୁଷ୍କ ରୁକ୍ଷ ବାତାବରଣ ମଧ୍ୟରେ ରସସ୍ରାବ । ଥିଲା ଲୋକ ଧନର ଅପବ୍ୟବହାର କରୁଚି, ପଞ୍ଚାକ୍ଷର ମନ୍ତ୍ର ଜପି ଜପି ନଥିଲାର ପ୍ରାଣ ଯାଉଛି । ଉଭୟ ମଧ୍ୟରେ ଲୋଡ଼ା ଏକ ସମନ୍ୱୟ । ସରସ୍ୱତୀ ତାହା କରିପାରିବେ—ବୀଣା ଝଙ୍କାରରେ ସେ ଧୂସର ପ୍ରାଣକୁ ଚିରସବୁଜ ରଖିପାରିବେ ।

୧୮।୧।୬୪ରେ ରେଭେନ୍‌ସା କଲେଜରେ କବିତା ପାଠୋତ୍ସବର ସଭାପତି ଭାଷଣରେ କହିଥିଲି—କବି ଅମୂର୍ତ୍ତକୁ ମୂର୍ତ୍ତ କରେ, ଏବଂ କବି ତାହା କରିବାକୁ ଅସମର୍ଥ ହେବାରୁ କବିତା ଦୁର୍ବୋଧ୍ୟ ହେଉଛି ।

ବାସ୍ତବତା ଶ୍ରେୟସ୍କର, କିନ୍ତୁ ନଗ୍ନ ବାସ୍ତବତା ଭୟଙ୍କର । ବାସ୍ତବକୁ କଳ୍ପନାରେ ସରସ କରି ପ୍ରକାଶ କରିବାକୁ ହେବ ।

ଗଦ୍ୟକବିତା ବା ଛନ୍ଦକବିତା ଯାହାହେଉ, ଆଗେ ଏହା କବିତା ହେବା ଦରକାର । ପାତ୍ର ଯାହାହେଉ, ତହିଁରେ ଥିବା ପାନୀୟ ଉତ୍କୃଷ୍ଟ ହେବା ଦରକାର । ମନର ସ୍ୱାସ୍ଥ୍ୟଶ୍ରୀ ଏହା ଉପରେ ନିର୍ଭର କରେ ।

୮।୨।୬୪ରୁ ୧୦।୨।୬୪ କଲିକତା ବାଲିଗଞ୍ଜ ନରେନ୍ଦ୍ର ସିଂ ସିଙ୍ଘି ପାର୍କରେ ଅନୁଷ୍ଠିତ ଭାରତୀୟ ଲୋକସଂସ୍କୃତି ସମ୍ମେଳନରେ **'Plant in orissan Folklore'** ପ୍ରବନ୍ଧଟି ପାଠ କରିଥିଲି । ଶ୍ରୀ ସିଂଘ ଜଣେ କୋଟିପତି, ସେ ଗୋଟିଏ ବ୍ୟକ୍ତିଗତ ଯାଦୁଘର କରିଛନ୍ତି । ସେଥିରେ ସାତଶହ ସ୍ୱର୍ଣ୍ଣମୁଦ୍ରା, ଅସଂଖ୍ୟ ରୌପ୍ୟ ଓ ତାମ୍ରମୁଦ୍ରା, ପ୍ରାଚୀନ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ମୋଗଲ ବାଦସାହମାନଙ୍କ ଛବି, ରାଜପୁତ ଓ ମୋଗଲ ପେଣ୍ଟିଂ ଶୃଙ୍ଖଳମଳ ସୌଧରେ ସଜ୍ଜିତ ହୋଇ ରଖାହୋଇଛି । ଜଣେ ପୁଞ୍ଜିପତି ଅର୍ଥର ଏପରି ସଦ୍ ବ୍ୟବହାର କରିବା ଦେଖି ଆନନ୍ଦ ଲାଗିଲା ।

୧୨।୨।୬୪ରେ ଶାନ୍ତିନିକେତନ ଯାତ୍ରା କରିଥିଲି । ଆଉ ତିନୋଟି ମାତ୍ର ପ୍ରାଚୀନ କୁଟୀର ଅବଶିଷ୍ଟ ଅଛି, ସବୁ ସୌଧମୟ । ସରଳତା, ବିନୟ ଓ ପୂର୍ବର ସେ ଗାତିମୁଖରତା ଆଉ ନାହିଁ । ସେତେବେଳେ ଦାରିଦ୍ର୍ୟରେ ଐଶ୍ୱର୍ଯ୍ୟ ଥିଲା, ଆଜି ଐଶ୍ୱର୍ଯ୍ୟରେ ହୃଦୟର ଦାରିଦ୍ର୍ୟ ବିକଟତମ ହୋଇଛି ।

୩୧।୨।୬୮ରେ 'ଜନତା' ରଙ୍ଗମଞ୍ଚରେ କାର୍ତ୍ତିକ ଘୋଷଙ୍କର 'ଆପଣ କୁହନ୍ତୁ' ନାଟକର ଉଦ୍‌ଘାଟନଉତ୍ସବରେ ସଭାପତିତ୍ୱ କରିଥିଲି । କହିଲି,

୧୯୫୩ରେ ସ୍ଥାପିତ 'ଜନତା' ଓଡ଼ିଆ ରଙ୍ଗମଞ୍ଚଇତିହାସରେ ନୂତନ ଯୁଗ ସୃଷ୍ଟି କରିଛି । ଗତ ପନ୍ଦର ବର୍ଷ ମଧ୍ୟରେ ଏ ମଞ୍ଚରେ ୭୫ଟି ନାଟକ ଅଭିନୀତ ହୋଇଛି ।

ଏବେ ମହାକାବ୍ୟ ଓ ମହାନାଟକର ଯୁଗ ଆଉ ନାହିଁ । ନାଟକରେ ସେଭଳି କବିତ୍ୱ ବା ଗଭୀରତା ରହୁନାହିଁ । ଶସ୍ତା ହାସ୍ୟରସ ପରିବେଷଣ କରି ଏହା ଏବେ ଲଘୁ ସାହିତ୍ୟରେ ପରିଣତ ହୋଇଅଛି । କଠୋର ଜୀବନସଂଗ୍ରାମ ମଧ୍ୟରେ ନାଟ୍ୟସାହିତ୍ୟକୁ ଜନତାର ଅବଦାନ ଦିନେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଦଶ ବର୍ଷର ବାଳକ ସୌର ପଟ୍ଟନାୟକ; 'ଲୋକଚଲ୍ଲସଞ୍ଚୟନ' ପଢ଼ି ତାର ଲେଖକକୁ ଦିନେ (୧୯।୧୨।୬୮) ଦେଖିବାକୁ ଆସିଥିଲା, ଦେଖି ଅଭିନନ୍ଦନ ଜଣାଇଲା ନୀରବ ହାସ୍ୟରେ । ତାର ଉତ୍‌ଫୁଲ୍ଲତା ମୋ ଦୁର୍ଗମ ଅନ୍ଧକାର ପଥରେ ଜଳିଉଠିଲା ଗୋଟିଏ ଗ୍ୟାସ ବତୀ ପରି । ଏଇ ସୁନ୍ଦର ଅତିଥିଟି ମୋର, କାଟ୍ୟ ବାଳକଟି ମୋର, ମନରେ ତା'ର ଈର୍ଷା ନାହିଁ, ତେଣୁ ହାସ୍ୟଟି ଏତେ ଉଜ୍ଜ୍ୱଳ, ତା ଉତ୍‌ଫୁଲ୍ଲତା ମୋ ଜୀବନର ପାଥେୟ ।

୧୦।୪।୬୮ରେ କେନ୍ଦ୍ରସାହିତ୍ୟଏକାଡେମୀ ପୁରସ୍କାରପ୍ରାପ୍ତ ଦଟ୍ଟି ରାଉତରାୟଙ୍କୁ ସମ୍ବର୍ଦ୍ଧନା ଜଣାଇବାଲାଗି ଗୋଟିଏ ସଭା ହୋଇଥିଲା । ସେଇ ସଭାରେ ମୁଁ କହିଥିଲି—"କବିତା, ୧୯୬୨" ଲାଗି ଶ୍ରୀ ରାଉତରାୟ ପୁରସ୍କାର ପାଇଲେ ମଧ୍ୟ ପ୍ରକୃତରେ 'ବାଜି ରାଉତ', 'ପଲ୍ଲୀଶ୍ରୀ', 'ପାଣ୍ଡୁଲିପି'ର କବି ସମ୍ବର୍ଦ୍ଧିତ । କବି ଦିନେ ପୁଞ୍ଜିପତିଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ । ସେ ପୁଣି ଧରାଦେଲେ ଫୋକି

ପୁଞ୍ଜିପତିର ଡାକରେ, ଶେଷକୁ ସେ ନିଜେ ହେଲେ ପୁଞ୍ଜିପତି । ଏତେ ଆତ୍ମ ବିରୋଧ, ଆତ୍ମଦ୍ୱନ୍ଦ୍ୱ ଆଉ କେଉଁ ଓଡ଼ିଆ ସାହିତ୍ୟିକଙ୍କ ଜୀବନରେ ଦେଖା ଦେଇଛି ?

ସଉତର ଦିନେ 'ଗଣ' କବି ଥିଲେ, ଆଜି ହୋଇଛନ୍ତି ଜଣ କବି, ଖିଆଲିରେ ଦୁର୍ବୋଧ୍ୟ, ଏବେ ଚିତ୍ରକଳ୍ପ ମଧ୍ୟରେ ସେ ଆତ୍ମଗୋପନ କରିଛନ୍ତି, ଜୀବନର ପ୍ରାଚୁର୍ଯ୍ୟ ବା ଐଶ୍ୱର୍ଯ୍ୟ ତାଙ୍କ କବିତାରେ ଆଉ ଫୁଟୁ ନାହିଁ ।

୧୬।୨।୬୪ରେ ଅପରାହ୍ନ ବୁଲୁବୁଲୁ ଗହୀରବିଲରେ ବେଲେଶ୍ୱର ମହାଦେବଙ୍କୁ ଭେଟିଥିଲି । ବେଲଗଛ ମୂଳେ ଠାକୁର ଆବିର୍ଭୂତ ହେବାରୁ ତାଙ୍କ ନାମ ହେଲା ବେଲେଶ୍ୱର । ଅଦୂରରେ ସେଇ ନାମରେ ଗୋଟିଏ ଗ୍ରାମ ଅଛି, ଠାକୁରଙ୍କ ପଣ୍ଡା ବସତି ସ୍ଥାପନ କରୁ କରୁ ଏହା ଗୋଟିଏ ଗ୍ରାମରେ ପରିଣତ ହେଲା । ଗହୀର ମଝିରେ କାରୁକାର୍ଯ୍ୟହୀନ ଏଇ ଶିବମନ୍ଦିରର ଏକ ଗମ୍ଭୀର ମାଧୁରୀ ଅଛି । ଝିଙ୍କାରୀର ଝଙ୍କାର ନିର୍ଜନତାର କାରୁଣ୍ୟକୁ ସାକାର କରିଅଛି ।

୯।୭।୬୪ରେ ଘୋର ବର୍ଷା ମଧ୍ୟରେ ଛୁରିଆନାବକୁଳକୁଞ୍ଜ ମଧ୍ୟରେ ଗୋପବନ୍ଧୁଙ୍କ ସମାଧିମନ୍ଦିରରେ ମାଳାଟିଏ ଦେଲି । 'ଏଠି ଗୋପବନ୍ଧୁ ରହୁଥିଲେ, ଏଠି ଆଚାର୍ଯ୍ୟ ହରିହର, ଏଠି ନୀଳକଣ୍ଠ, ଏଠି ଗୋଦାବରୀଶ'; ସତ୍ୟବାଦୀ ବନ-ବିଦ୍ୟାଳୟର ଜଣେ ପୁରୁଣା ଶିକ୍ଷକ ମୋତେ ସମାଧି ଅଞ୍ଚଳ ବୁଲାଇ ଦେଖାଇଥିଲେ । ସବୁ ଗତାନୁଗତିକ ଭାବେ ଚାଲିଛି, ଗୋପବନ୍ଧୁଙ୍କ କର୍ମସ୍ଥାନ ଶ୍ମଶାନ ପରି ନିର୍ଜୀବ ।

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ସୃଜନୀ' ତରଫରୁ 'ସାଗରମନ୍ଥନ' ନାଟକଟି ଅଭିନୀତ ହୋଇଥିଲା । ନୃତ୍ୟ ନାହିଁ, ଗୀତ ନାହିଁ, ଯବନିକାର ଉତ୍‌ଥାନ ପତନ ନାହିଁ, କେବଳ ସଂଳାପ, ଦେଢ଼ ଘଣ୍ଟାବ୍ୟାପୀ ସଂଳାପ ବିଶେଷ ଚିତ୍ତାକର୍ଷକ ହୋଇଥିଲା । ମାତ୍ର ଏଇ ଚମତ୍କାର ଅନୁଷ୍ଠାନ ତରଫରୁ 'ଜନତା' ରଙ୍ଗମଞ୍ଚରେ ଅଭିନୀତ 'କଣ୍ଢେଇ ଘର' (Doll's House) ମଧ୍ୟ ଉଚ୍ଚସ୍ତରର ହୋଇଥିଲା । କଲେଜ ଛାତ୍ରୀ, ଭଦ୍ର ମହିଳା ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେବା ଉତ୍କଳରେ ଅବଶ୍ୟ ଏକ ବୈପ୍ଳବିକ ରୁଚିପରିବର୍ତ୍ତନ ।

୧୯୬୪ରେ ତିନିଜଣ ମହାନ୍ ନେତାଙ୍କର ମୃତ୍ୟୁ ବା ପତନ ହେଲା । ନେହରୁଙ୍କ ମୃତ୍ୟୁ ସ୍ୱାଭାବିକ; କେନେଡ଼ି ନିହତ ହେଲେ, କ୍ରୁଶ୍ଚେଭଙ୍କୁ ନେତୃତ୍ୱରୁ ଅପସାରଣ କରାଗଲା । ମାନବଜାତିର ଭାଗ୍ୟନିର୍ମାତା ଥିଲେ ଏମାନେ । ହଠାତ୍ ଏକାବେଳକେ ଏମାନଙ୍କୁ ବିଦାୟ ଦେବାକୁ ମନ ପ୍ରସ୍ତୁତ ନ ଥିଲା ।

ସେଇ ବର୍ଷ କେତେକ ବନ୍ଧୁ ମୋର ଆତ୍ମବିଶ୍ୱାସକୁ ଟଳେଇବାକୁ ଚେଷ୍ଟା କରିଥିଲେ—ମୁଁ ଯାହା ଲେଖିଛି ମୂଲ୍ୟହୀନ, ମୋର ସାଂସ୍କୃତିକ କାର୍ଯ୍ୟ ନିଷ୍ଫଳ । ସେମାନଙ୍କୁ ମୁଁ ମୌଖିକ ଉତ୍ତର ଦେଇଥିଲି—ମୋ ପ୍ରତି ଯେତେ ଅବହେଳା ପ୍ରଦର୍ଶନ କଲେ ବି ମୁଁ ନିଜକୁ ଅବହେଳା କରିବିନାହିଁ । ମୋ ମନରେ ଯେଉଁ ଦେବତାଙ୍କୁ ଥାପି ପୂଜା କରୁଛି, ତାଙ୍କୁ ପୂଜା କରିବି ଆମରଣ । ସେଇ ମୋର ନୀଳମାଧବ, ସେଇ ମୋର ଜଗନ୍ନାଥ । ଆପଣା ଧର୍ମରେ ମୁଁ ଦୃଢ଼ ରହିବି, କେବେ ଧର୍ମଚ୍ୟୁତି ଘଟିବନାହିଁ ମୋର ।

୮।୨।୬୫ରେ ବିରୂପା ନଦୀ କୂଳେ କୂଳେ ଉଦୟଗିରି ବାଟରେ ବ୍ରାହ୍ମଣୀ କୂଳରେ ପହଞ୍ଚିଲି । ବ୍ରାହ୍ମଣୀ କୂଳରେ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମସ୍ଥାନ ବାଲିଆ ଗ୍ରାମ । ଉଆସ ବୋଇଲେ ଚାଳ କୁଡ଼ିଆଟିଏ, ଗଡ଼ଖାଇ ବୋଇଲେ ଗୋଟିଏ ପଙ୍କ ନର୍ଦ୍ଦମା । ସୁଲକ୍ଷଣା, ରସବତୀ, ବିଦଗ୍ଧଚିନ୍ତାମଣିର କବି ଯେଉଁଠି ଜନ୍ମ ହୋଇଥିଲେ ସେଠି ମାଡ଼ିଛି ଲାଉ ଓ କଲରା ଲଟି ।

ହସ୍ତୀଦନ୍ତ ଉପରେ ଅଙ୍କିତ କବିଙ୍କ ପ୍ରତିକୃତି ଦେଖିଲି, ପୋଥି ଦଶଣ୍ଡ ଦଶଣ୍ଡ ଏବେ ମିଳିଛି । ଏହା ବିଳାସୀ ତରୁଣର ଏକ ଛବି, ତ୍ୟାଗୀ, ମୁମୁକ୍ଷୁ ଭକ୍ତର ନୁହେଁ । ଏଇ ପ୍ରତିକୃତି ଦେଖିଲେ କେହି ବିଚାରିବ ନାହିଁ ଯେ ଏ ଜଣେ ଦାର୍ଶନିକ କବି, ବିଦଗ୍ଧଚିନ୍ତାମଣି ପରି ଦୁର୍ଦ୍ଧର୍ଷ ପୁଣି ଅତି କୋମଳ କାବ୍ୟ ଲେଖିଥିବେ ।

କବିଙ୍କ ଇଷ୍ଟଦେବ ରାଧାମାଧବଙ୍କୁ ଦର୍ଶନ କଲି, କବିଙ୍କ ଦାୟାଦ ପରି ଦେବତା ଦୁରବସ୍ଥାରେ ପଡ଼ିଛନ୍ତି ।

କବିଙ୍କ ଗୃହରୁ ଫେରିଲାବେଳେ ମନରେ କେତେକ ପଦ ଉଙ୍କି ମାରିଥିଲା—

'ଗୁଣ ଗ୍ରାହକେ ପାଇବେ ଚିନ୍ତିଲା ସୁପ୍ରେମ
ଗୀତ ହେବ ବିଦଗ୍ଧ ଚିନ୍ତାମଣି ନାମ ।'
'ଶ୍ରୀ ରାଧା ବାତୁଳୀ ପ୍ରେମ ରସତୁଳି ଘେନ
ଚିନ୍ତାର ଗ୍ରାହକମାନେ ।'
'ଗଞ୍ଜେଇ ଗଛର ଛାଇ ଗୋ, ମୋର ହୁଁ ଗୋ
ବେଣ୍ଟ ବିନୋଦିଆ ଯେଣେ ଯାଉଥାଇ
ତେଣେ ଦୁରି ପଡୁଥାଇ ଗୋ ।'

୧୫।୨।୬୫ରେ ଘୋର ବର୍ଷା ଭିତରେ ନନ୍ଦକିଶୋରଙ୍କ ଶ୍ରାଦ୍ଧୋତ୍ସବରେ ଯୋଗ ଦେବା ଲାଗି ତାଙ୍କ ଜନ୍ମସ୍ଥାନ କୃଷ୍ଣପୁରକୁ ଯାଇଥିଲି । ବିରୂପା ନଈ କୂଳର ଠାକୁରାଣୀ ପୀଠରେ ବସି ନନ୍ଦକିଶୋର କବିତା ଲେଖୁଥିଲେ । ଗୋଧୂଳିର କେତୋଟି ମୁହୂର୍ତ୍ତ ସେଠି କଟାଇଲି—ଦାଆଣିଆ ଖରା ପଡ଼ିଚି ବେଳ ଯାଉଚି ବୁଡ଼ି । ସେଇ ଖରାରେ ଝଟକି ଉଠିଲା ଗାଆଁ ଗୋଟାକର ଶ୍ରୀ, ଯାହା ଦିନେ କବି ପଲ୍ଲୀ ଚିତ୍ରରେ ଫୁଟାଇଥିଲେ । ଏବେ ସେ ଗାଆଁ ନାହିଁ । ଖଡ଼ଘର ଜାଗାରେ ଉଠିଚି କୋଠା । ନାନାବାୟାର କୃଷ୍ଣ (ଜ୍ୟେଷ୍ଠପୁତ୍ର କୃଷ୍ଣ ବଳ—ବାପ ତୋର କୃଷ୍ଣ ଏକ ବାଡ଼ିଆରେ) ଆମ ପ୍ରତି ସ୍ନେହାଦର ଦେଖାଇଲେ ।

ଶିଳ୍ପୀ ବିନ୍ଧାଧରଙ୍କ ଗ୍ରାମ କୃଷ୍ଣପୁର । ସେ ଯେଉଁ ଘରେ ଛବି ଆଙ୍କୁଥିଲେ, ନାଟ୍ୟାଭିନୟ ଶିଖାଉଥିଲେ, ସେ ଘରେ ଗୋଟିଏ ମାତ୍ର ଛବି ରଖା ହୋଇଥିଲା—ଗୋଟିଏ ସନ୍ତସନ୍ତିଆ କଣତ ଛବି । ବର୍ମାଙ୍କ ଉଦାରତାର ବହୁ କାହାଣୀ ଶୁଣିଲି । ସେ ଯାହା ପାଉଥିଲେ ଦାନଧର୍ମରେ ଖଇରାତ କରି ଦେଉଥିଲେ । ତା ପରଦିନ ହୁଏତ ଦୁଃଖକଷ୍ଟ ଭୋଗ କରୁଥିଲେ । ଶୂନ୍ୟହସ୍ତରେ ଏକ ଘରଟିରେ ପଲ୍ଲୀବନ୍ଧୁର ବିଖ୍ୟାତ ଶିଳ୍ପୀ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

୧୭।୮।୬୫ରେ 'ସରସ ସାହିତ୍ୟ ସମିତି' ତରଫରୁ ରାଖୀବନ୍ଧନ ଦାୟିତ୍ୱ ମୋତେ ଦିଆ ଯାଇଥିଲା । ରାଖୀ ବାନ୍ଧିବା ପୂର୍ବରୁ କହିଥିଲି—ସାହିତ୍ୟରୁ ତରବାରୀ

ଆଉ କଣ ଅଛି ? ଜାତି ଜାତି, ଦେଶ ଦେଶ ଓ ସ୍ୱର୍ଗ ମର୍ତ୍ତ୍ୟକୁ ଗୋଟିଏ ସୂତ୍ରରେ ଏହା ହିଁ ବାନ୍ଧି ରଖିଛି । ସାହିତ୍ୟିକ ବା କବି ହିଁ ସେଇ ରାଖୀ ବାନ୍ଧୁଛି ଯୁଗ ଯୁଗ ଧରି ।

ବାଷେଟି ଦିନ ହାରନିଆଁ ଅପରେସନ ଯୋଗୁଁ ଡାକ୍ତରଖାନାରେ ରହିବାକୁ ହୋଇଥିଲା । କାମକଲା ଲୋକ ଶୋଇ ରହିଲେ କେତେ କଷ୍ଟ ଲାଗେ ! ଡାକ୍ତର, ନର୍ସ, ସିଷ୍ଟର, ବେହେଶ, ମେହେନ୍ତର, ଔଷଧ, ଫଳ, ଅନିଦ୍ରା, କ୍ଲାନ୍ତି, ଅଧୈର୍ଯ୍ୟ, ପୀଡ଼ା, ଚୌର୍ଯ୍ୟ, ମୃତ୍ୟୁ, ଚିତ୍କାର, ରେମାନ୍‌ସ । ଏ ଜୀବନ ବଡ଼ କ୍ଲାନ୍ତିକର, କଷ୍ଟଦାୟକ, ନର୍ସିଂହୋମ୍‌ରେ ଥିଲେ ବି । ୨୧।୧।୬୬ରେ ମୁକ୍ତି କି ତୃପ୍ତିଦାୟକ ! ବନ୍ଧୁ ଓ ଆତ୍ମୀୟମାନଙ୍କର ସହାନୁଭୂତି, ଛାତ୍ରମାନଙ୍କର ନିଃସ୍ୱାର୍ଥପର ସେବା ଦେଖି ଏ ଦ୍ୱିଧା, ସଂଶୟ ଓ ଅବିଶ୍ୱାସର ଯୁଗରେ ମଣିଷ ଉପରେ ଅଖଣ୍ଡ ବିଶ୍ୱାସ ଆସିଲା, ସଂସାରରେ ବହୁଦିନ ବଞ୍ଚି ରହିବାକୁ ଲୋଭ ହେଲା ।

୧୨।୩।୬୫ରେ ଯୁଗୋସ୍ଲାଭିଆର ପ୍ରଧାନମନ୍ତ୍ରୀ ଷ୍ଟାମ୍ବୋଲିକ୍‌ଙ୍କ ଦ୍ୱାରା ପାରାଦ୍ୱୀପ ବନ୍ଦର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା । ଏ ସମ୍ବାଦ ମୋ ମନରେ ଅତୀତ ଉତ୍କଳର ନାନା ଗୌରବ ସ୍ୱପ୍ନ ଖେଳାଇ ଦେଲା । ଏଇ ବନ୍ଦର ଯୋଗୁଁ ଓଡ଼ିଶା ପୃଥିବୀର ଅର୍ଥନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଲାଭ କରିବ, ଓଡ଼ିଶା ବିଶ୍ୱପ୍ରସିଦ୍ଧ ହେବ, ଏଠା ଜନଜୀବନ ଅଧିକ ଗତିଶୀଳ, କ୍ରିୟାଶୀଳ ହେବ, କଳା, ସାହିତ୍ୟ, ବିଜ୍ଞାନର ଦ୍ରୁତ ବିକାଶ ଘଟିବ, ଏ ବିଶ୍ୱାସ ମୋ ମନରେ ଜନ୍ମିଲା । ବିଜୁ ପଟ୍ଟନାୟକଙ୍କ ଦୁଃସାହସିକତା ଯୋଗୁଁ ଏ ବନ୍ଦର ଏତେ ଶୀଘ୍ର ହେବା ସମ୍ଭବ ହୋଇ ପାରିଲା ।

୪।୪।୬୬ରେ ଉତ୍କଳସାହିତ୍ୟସମାଜ ପକ୍ଷରୁ ଏକ ଦୁଇଦିନିଆଁ ସମ୍ମିଳନୀ ଆୟୋଜନ କରା ଯାଇଥିଲା - ଓଡ଼ିଆ ଭାଷା ଓ ସାହିତ୍ୟରେ ସଂକଟ । ନାଟ୍ୟକାର କାଳିଚରଣ ପଟ୍ଟନାୟକ, ଔପନ୍ୟାସିକ କାହ୍ନୁ ଚରଣ ମହାନ୍ତି (ଯେ ସଭାସମିତିରେ ଭାଷଣ ଦେବାକୁ ମୋଟେ ଭଲ ପା'ନ୍ତିନାହିଁ, ଲେଖିବା ଯାହାର ଦୈନନ୍ଦିନ ଅଭ୍ୟାସ) ରାଜକିଶୋର ପଟ୍ଟନାୟକ (ବ୍ୟଙ୍ଗକାର ଓ ସଂଶୟୀ), ହାସ୍ୟରସିକ ମହାପାତ୍ର ନୀଳମଣି ସାହୁ, ନୂତନ ଧରଣର ଔପନ୍ୟାସିକ ଶାନ୍ତନୁକୁମାର ଆଚାର୍ଯ୍ୟ, ସୁରେନ୍ଦ୍ର ମହାନ୍ତି (ରୀତିମତ ଲେଖକ, ଭାଷା ଓ ସାହିତ୍ୟ ଆନ୍ଦୋଳନର ଜଣେ ମୁଖ୍ୟ ନେତା, ଯାହାଙ୍କର ଗୋଟିଏ ପାଦ, ଅନ୍ୟ ପାଦ ରାଜନୀତିରେ), ହରେକୃଷ୍ଣ ମହତାବ (ଯେ ଧସେଇ ପଶି ସବୁଠି ମୁଖ୍ୟ ହେବାକୁ ଚାହାନ୍ତି, ଜଟିଳତମ ବ୍ୟକ୍ତି ହୋଇ ସରଳତାର ଭାନ କରନ୍ତି, ସାଧାରଣ ସଭାରେ କବିତାଟିଏ ପଢ଼ିବାକୁ ଆଣିଛନ୍ତି, ଜାଣନ୍ତି ଏଥିଲାଗି ତାଙ୍କୁ ଅନୁମତି ମିଳିବ, ଯଦି ବା କବିତା ପାଠୋତ୍ସବ ଛଡ଼ା ଅନ୍ୟବେଳେ କାହାକୁ ଏଭଳି ଅନୁମତି ମିଳି ନ ଥାନ୍ତା), ରାଧାମୋହନ ଗଡ଼ନାୟକ (ଉତ୍କଳସାହିତ୍ୟ ସମାଜର ସଭାପତି), ସଚ୍ଚିଦାନନ୍ଦ ରାଉତରାୟ ('ଦିଗନ୍ତ'ର ସମ୍ପାଦକ)—ଏମାନଙ୍କୁ ଏକାଠି ଦେଖିବାରେ ମୋର ପରମ ଆନନ୍ଦ । ଅଧ୍ୟାପକ ରତ୍ନାକର ପତି ସଭାପତି ଅଭିଭାଷଣ ଦେଇ ଅସୁସ୍ଥତା ଯୋଗୁଁ ଚାଲିଗଲେ । ଓଡ଼ିଆକୁ ପ୍ରଶାସନିକ ଭାଷା ଓ ବିଶ୍ୱବିଦ୍ୟାଳୟର ଶିକ୍ଷାର ମାଧ୍ୟମ କରିବା ଲାଗି ପ୍ରସ୍ତାବ ପାସ୍ କରାଗଲା ।

୧୯୬୬ରେ କଳାହାଣ୍ଡିରେ ଗୋଟିଏ ଭୟଙ୍କର ଦୁର୍ଭିକ୍ଷ ହୋଇଥିଲା । ଲୋକେ ଓଳ ପତ୍ର ସିଝାଇ ଖାଉଥିଲେ । ଏକ ଏକ ଟଙ୍କା ଦାମ୍‌ରେ କେତେ ମଣିଷ ପିଲା

ବିକ୍ରୀ ହୋଇ ଯାଇଥିଲେ । ଯୁବକ ଖାଲୁହେଲେ ସରକାରଙ୍କ ତରଫରୁ ୧୩ଟଙ୍କା ଲେଖାଏଁ ମିଳୁଥିଲା । ଜୀବନ ବଞ୍ଚେଇବା ଲାଗି କେତେ କୁମାର ଖାଲୁ ହୋଇ ଯାଇଥିଲେ ।

୧୮।୧୨।୬୭ରେ କୋଠପଦାରେ ଅନୁଷ୍ଠିତ ବୈଷ୍ଣବ ପାଣି ଜୟନ୍ତୀରେ ଯୋଗ ଦେଇଥିଲି । ପାଣିଙ୍କ 'ମହୀରାବଣ ବଧ' ଯାତ୍ରା ହୋଇଥିଲା । ଏଥିରେ ଭେଡ଼ା ଜମିଦାର ପରିବାରର କନ୍ୟାମାନେ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶାରେ ଯାତ୍ରା ଉଚ୍ଚ ସମ୍ମାନ ସ୍ତରକୁ ଉନ୍ନୀତ ହୋଇଛି, ମୋର ଧାରଣା ଜନ୍ମିଲା । ସମୟ ଥିଲା, ଥିଏଟରରେ ପାର୍ଟ ନେବା ଲାଗି ଝିଅ ମିଳୁ ନ ଥିଲେ । ଆଜି ସେ ସାମାଜିକ କଟକଣା ନାହିଁ ।

କୋଠପଦା ମାଇନର ସ୍କୁଲ ବୋର୍ଡିଂରେ ବୈଷ୍ଣବ ପାଣି ଦିନେ ସନ୍ତୁଣିଆ କାମ କରୁଥିଲେ, ଦିନାକେତେ ଗାଈ ଚରେଇ ଜୀବନ ବଞ୍ଚେଇବାକୁ ହୋଇଥିଲା । ଏଇ ସ୍ତରରୁ ଯାତ୍ରାକବି ସ୍ତରକୁ ଉନ୍ନୀତ ହେଲେ । ସମ୍ମୀଚଣ୍ଡୀଦାସ ଉପାଖ୍ୟାନ ସଙ୍ଗେ 'ହରବୈଷ୍ଣବ' ଉପାଖ୍ୟାନ ତୁଳନୀୟ । କିନ୍ତୁ ଏଇ ସାମାଜିକ ବିଚ୍ୟୁତିକୁ ରକ୍ଷଣଶୀଳ ସମାଜପତିମାନେ କ୍ଷମା କରି ନ ଥିଲେ । ତାଙ୍କୁ ଦିନେ ମାରି ମାରି ଦରମଲ କରି ସେମାନେ ବିରୂପା ନଈରେ ଭସାଇ ଦେଇଥିଲେ । ଆୟୁର୍ବଳ ଥିବାରୁ କବି ବଞ୍ଚିଲେ ଓ ଲୋକସଂସ୍କୃତିକୁ ବିଚିତ୍ରତର ରୂପ ଦେବାକୁ ସମର୍ଥ ହେଲେ ।

ପାଣିଙ୍କ ରଚନାରେ ଦୁଇଟି ଉତ୍ସ—ଗୋଟିଏ ଭଞ୍ଜସାହିତ୍ୟ, ଅନ୍ୟଟି ଲୋକ ସାହିତ୍ୟ । ଯମକ, ଅନୁପ୍ରାସ ପ୍ରଭୃତି ଶବ୍ଦାଳଙ୍କାର ସେ ଭଞ୍ଜରୀତିରେ ପ୍ରୟୋଗ କରିଛନ୍ତି, ଖାଣ୍ଟି ଲୋକଗୀତ ଓ ପ୍ରାଚୀନ ଛାନ୍ଦ ସ୍ୱରରେ ସେ ଯାତ୍ରାଗୀତ ରଚନା କରିଛନ୍ତି ।

୧୦।୪।୬୮ରେ ଅନୁଗୁଳ ବିଜ୍ଞାନ କଲେଜରେ ଓଡ଼ିଆରେ ଅନର୍ସ ଖୋଲିବା ବିହିତ କି ନୁହେ, ଉତ୍କଳବିଶ୍ୱବିଦ୍ୟାଳୟର ଇନ୍‌ସପେକ୍ଟର ଭାବେ ଏହି କଲେଜ ପରିଦର୍ଶନ କରିଥିଲି । ସେଇ ଅବସରରେ କବି ରାଧାମୋହନ ଗଡ଼ନାୟକ ଗ୍ରାମ କଲଣ୍ଡାପାଳ ଯାଇଥିଲି । ଏ ଘରେ ପୁସ୍ତକ, ସେ ଘରେ ପୁସ୍ତକ ଗଦାଗଦା କବି ଅଧ୍ୟୟନରତ, କେତେବେଳେ ବା ରଚନାନିବିଷ୍ଟ । ଲଙ୍ଗଳସ୍ପର୍ଶ କରୁଛନ୍ତି ତେଣେ କଲମସ୍ପର୍ଶ କରୁଛନ୍ତି । କବିଗୃହିଣୀଙ୍କ ନାମ ଚକୋରୀ, ସାରଲ୍ୟ ସହିଷ୍ଣୁତାର ଅବତାର । ତାଙ୍କ ସହଣିକପଣ କବିଙ୍କ ଲେଖନୀକି ଗତି ଦେବ ଅଳ୍ପ ସାହାଯ୍ୟ କରିନାହିଁ । ସେ କବିଙ୍କଠାରୁ କିଛି ଦାବୀ କରନ୍ତିନାହିଁ, କେବ ତାଙ୍କୁ ହିଁ ଚାହାନ୍ତି ।

୧।୪।୭୪—ମଧୁସୂଦନଜୟନ୍ତୀ ଓ ସ୍ୱତନ୍ତ୍ର ଉତ୍କଳଦିବସପାଳନ, ସଂଘ ପକ୍ଷରୁ ।

ପହିଲେ ରାଉରକେଲା ଯାଇଥିଲି, ଯେତେବେଳେ ବଡ଼ ବଡ଼ ଗଛ ଜଙ୍ଗଲ ସଫା କରାହେଉଥିଲା—କାରଖାନାର ଲାଲ୍ ଧୂମକୁଣ୍ଡଳୀ ଉପରକୁ ନ ଥିଲା । ସେତେବେଳେ ଲେଖିଥିଲି 'ରାଉରକେଲା' କବିତା । ଦ୍ୱିତୀୟ

ଯାତ୍ରାରେ ଏ ଅଞ୍ଚଳ ଏକ ବୃକ୍ଷଶୂନ୍ୟ ମରୁଭୂମି ପରି ଲାଗୁଥିଲା । ଏବେ ଉଦ୍ୟାନ ଶ୍ରୀମଣ୍ଡିତ, ସୁନ୍ଦର ପାଶ୍ଚାତ୍ୟ ସହର ପରି ଲାଗେ ।

ଭାଷଣରେ କହିଲି—ମଧୁବାବୁ ଓଡ଼ିଆ ଜାତିର ଅଭିଭାବକ ହେଲେ, ଯେତେବେଳେ ଓଡ଼ିଶାରେ ଏକ ଅନ୍ଧକାରଯୁଗ ଚାଲିଥିଲା । ଖାରବେଳ, ନରସିଂହ, କପିଳେନ୍ଦ୍ରଙ୍କ ପରେ ଓଡ଼ିଆ ଜାତି ଅଭିଭାବକଶୂନ୍ୟ ହିଁ ହୋଇଥିଲା । ଓଡ଼ିଆଙ୍କ ଦାରିଦ୍ର୍ୟ ଦୂର କରିବା ଚେଷ୍ଟାରେ ସେ ସର୍ବସ୍ୱ ବଳି ଦେଇଥିଲେ ।

"ଶିଳାଞ୍ଚଳରେ ସାହିତ୍ୟିକର ଜୀବନସଂଗ୍ରାମ ଅଳ୍ପ ତୀବ୍ର ନୁହେଁ, ପ୍ରକାଶ କାଗଜଦୁର୍ମୂଲ୍ୟ ଯୁଗରେ ଦୁଃସାଧ୍ୟ ହୋଇପଡ଼ିଛି ।"

ମାଳ୍ୟଗିରିଦର୍ଶନ ଏଥରର ବଡ ବିଶେଷତ୍ୱ । କିନ୍ତୁ ଉପରକୁ ଉଠିବାର ସୁଯୋଗ ପାଇନାହିଁ ।

ପଥ ପ୍ରାୟ ଜଙ୍ଗଲଶୂନ୍ୟ । ମାତ୍ର କେତୁଟା ବର୍ଷ ମଧ୍ୟରେ ଆଦିମ ଯୁଗର ଅରଣ୍ୟ ନିଃଶେଷ ହୋଇଗଲା । ଦିଶୁଛି ବିକଟାଳ ଟାଙ୍ଗରମୁଣ୍ଡିଆ ପାହାଡ଼ର ହନୁ, ଭୂମିର କଙ୍କରିଳ କଙ୍କାଳ ।

ରକ୍ଷା ପାଇଛି ମହୁଲ, ମନୁଷ୍ୟର ଖାଦ୍ୟ, ବିଶେଷତଃ ପାନୀୟ ବୋଲି, ମହୁଲ (ଶୁଖିଲେ କିସ୍‌ମିସ୍ ପରି ଦିଶେ) ଗାଡ଼ିକି ୨୫ ଟଙ୍କାରେ ବିକ୍ରୀ ହେଉଛି—କାରଖାନାରେ ଏବେ ମହୁଲରୁ ତିଆରି ହେଉଛି ରମ୍ ।

୧୦।୪।୭୫—ଶ୍ରୀ ଗୋପୀନାଥ ମହାନ୍ତିଙ୍କ ଭାରତୀୟ ଜ୍ଞାନପୀଠପୁରସ୍କାର ପ୍ରାପ୍ତି ଉପଲକ୍ଷ୍ୟ ଉତ୍କଳସାହିତ୍ୟସମାଜ ପକ୍ଷରୁ ସମ୍ବର୍ଦ୍ଧନାସଭା—ସଭାପତି ଭାଷଣରେ ମୁଁ କହିଥିଲି—

"କଳା ଟଙ୍କାର ଧଳା କାର୍ଯ୍ୟ—ଏଇ ପୁରସ୍କାରବ୍ୟବସ୍ଥା, ଅଧର୍ମ ଟଙ୍କାରେ ଧର୍ମଶାଳା ଯେପରି । ଏଭଳି ସମାଲୋଚନା ଅନୁଚିତ । ସତ୍‌କୀର୍ତ୍ତି ଚିରବନ୍ଦ୍ୟ ।"

"ଗୋପୀବାବୁଙ୍କୁ କିଏ ହରିଜନ ବୋଲି କହିଛି । ମୁଁ କହେ—ସେ ଆଦିବାସୀ । ଆଦିବାସୀଙ୍କ ସଙ୍ଗେ କିଏ ଏତେ ମିଶିପାରିଛି ? ଆଦିବାସୀବିଷୟକ ତାଙ୍କ ରଚନା ଭାରତବର୍ଷରେ ସର୍ବୋତ୍କୃଷ୍ଟ ।"

"ରାଧାନାଥ ବା ଫକୀରମୋହନ ଯୁଗ ପରେ ଗୋପୀନାଥ ହିଁ ଓଡିଶାର ସର୍ବଶ୍ରେଷ୍ଠ ସ୍ରଷ୍ଟା, କବିତା ନ ଲେଖି ବି ଶ୍ରେଷ୍ଠ କବି । ପ୍ରକୃତି ଓ ଜୀବନର ଏପରି ପୁଙ୍ଖାନୁପୁଙ୍ଖ ଓ ପୂର୍ଣ୍ଣାଙ୍ଗ ଚିତ୍ରଣ ଆଉ କିଏ ଦେଇପାରିଛି ?"

"ଓଡିଆସାହିତ୍ୟ ଗତ ଏକ ଶତାବ୍ଦୀ ମଧ୍ୟରେ ବହୁ ସଂକଟ ବା ଘାଟି ପାରହୋଇ ଆସିଛି । ଓଡ଼ିଆରେ ଏମ୍. ଏ., ଅନର୍ସ ଶ୍ରେଣୀ ଉନ୍ମୋଚନ, ପିଏଚ୍. ଡି ବା ଡି. ଲିଟ୍ ଡିଗ୍ରୀ ଲାଭ ଏକ ଏକ ପଦକ୍ଷେପ । ଜ୍ଞାନପୀଠପୁରସ୍କାରଲାଭ ଏକ ପ୍ରସାରିତ ପଦକ୍ଷେପ । ଏଣିକି ଆକାଂକ୍ଷା—ନୋବେଲ ପୁରସ୍କାରଲାଭ ।"

ଜ୍ଞାନପୀଠ ପୁରସ୍କାର ଲାଭ ଓଡ଼ିଆ ଜାତି ଓ ସଂସ୍କୃତିର ଏକ ବିଜୟ ।

## ସ୍ୱାତନ୍ତ୍ର୍ୟକ କୃତି (୧୯୫୦-୧୯୭୫)

ମୋ ଦେଶର ତରୁଣତରୁଣୀମାନଙ୍କ ଅନ୍ତରରେ ଉତ୍ସାହର ଅଗ୍ନି ଜାଳିଦେବା ଲାଗି 'ବୀରଶ୍ରୀ' (୧୯୪୮ରେ ପ୍ରକାଶିତ)ରେ ଚେଷ୍ଟା କରିଥିଲି । ଉଜ୍ଜ୍ୱଳତମ ଅତୀତର ସନ୍ତାନ ସେମାନେ । ସେମାନଙ୍କ ମଧ୍ୟରୁ ବାହାରନ୍ତୁ ଦେଶପ୍ରାଣ ନେତା, ଉତ୍କୃଷ୍ଟ କଳାକାର, ଶ୍ରେଷ୍ଠ ଭାସ୍କର, ସତ୍ୟାନୁସନ୍ଧିତ୍ସୁ ଗବେଷକ, ନିଃସ୍ୱାର୍ଥପର ସମାଜସେବୀ, ଧୁରନ୍ଧର ବୈଜ୍ଞାନିକ, ବିଶ୍ୱପ୍ରସିଦ୍ଧ କବି । ଚିରନ୍ତନ ଉତ୍ସାହ, ଆତ୍ମଶକ୍ତି ଓ ଦୃଢ଼ ବିଶ୍ୱାସରେ ପ୍ରତିଷ୍ଠିତ ହୋଇ ସେମାନେ ଉନ୍ନତିପଥରେ ଗତି କରନ୍ତୁ । ବିଶ୍ୱର ଗତିଶୀଳ ଇତିହାସରେ ରଖିଯାନ୍ତୁ ସେମାନଙ୍କ ଦେଶର ସୁବର୍ଣ୍ଣ ସ୍ୱାକ୍ଷର । ଅତୀତରୁ ଉଜ୍ଜ୍ୱଳତର ହେଉ ବର୍ତ୍ତମାନ, ଉଜ୍ଜ୍ୱଳତମ ହେଉ ଭବିଷ୍ୟତ । ଏଇ ଆଶା ଓ ବିଶ୍ୱାସ ମୋତେ ଦେଇଥିଲା ପ୍ରେରଣା ।

'ନବମାଳିକା' (୧୯୫୧ରେ ପ୍ରକାଶିତ) 'ବୀରଶ୍ରୀ'ର ଏକ କ୍ରମ । ନାମକରଣରେ ସ୍ୱର୍ଗତ ନବଭଉଣୀ ସ୍ମୃତି, ଉତ୍ସର୍ଗରେ ଲେଖିଛି—

'କାହିଁ ଥିବ ତୁମେ କେଉଁ ରୂପେ ଆହେ ଭଉଣୀ
ଉଡ଼ି କି ପାରିବ ତହିଁ ମୋ କବିତାମଉଣୀ ?
ସତେ କି ଯିବ ସେ ଏତେ ବାଟ କଳିକଳିକା ?
ବୁକୁ ବରିଷୁର ଲୁହଫୁଟା ନବମାଳିକା ?

ମୁଖବନ୍ଧରେ ଲେଖିଥିଲି "ମୋ ଜାତିର ଅନ୍ନବସ୍ତ୍ରହୀନ ଦୁର୍ବଳ କଙ୍କାଳକୁ ଯେତେବେଳେ ଦେଖେ, ଆତ୍ମବିସ୍ମୃତ ତରୁଣ, ବିଳାସୀ ଅଳସ ଧନିକ, ଶୋଷକ ସାହୁକାର, ଅର୍ଥଲୋଭୀ ବ୍ୟବସାୟୀ, ସୁବିଧାବାଦୀ ନେତା, ମାମଲାଖୋର ମାମଲତକାରକୁ ଯେତେବେଳେ ଦେଖେ, ସେତେବେଳେ ମୋ ମନରେ ଆସେ ବିପ୍ଲବ । ଏ ସମାଜରେ ବହୁତ କିଛି ଓଲଟପାଲଟ କରିଦେବାକୁ ଇଚ୍ଛା ହୁଏ । ବୀରତ୍ୱ, ମହତ୍ତ୍ୱ, ମନୀଷାରେ ବିରାଟ ଏ ଜାତିର ଦୁର୍ଦ୍ଦଶା ନୟନରେ ଅଶ୍ରୁ ଆଣେ ନାହିଁ, ଆଣେ ଅଗ୍ନି ।

'ଉତ୍କୃଷ୍ଟ ମନୁଷ୍ୟଚରିତ୍ରଗଠନ ଲାଗି ସାହିତ୍ୟ ପ୍ରେରଣା ଦେଉ'—ଏ ଥିଲା ମୋର ଅନ୍ତର୍ଗତ କାମନା । ଜାତୀୟ ଭାବର ଉନ୍ମାଦନା ସଙ୍ଗେ ସମାଜରେ କିପରି ଦ୍ରୁତ ପରିବର୍ତ୍ତନ ଘଟିବ, ସେଥିଲାଗି ସାମ୍ୟବାଦୀ ଭାବ ହିଁ ମୋ ଅନ୍ତରରେ ସକ୍ରିୟ ହୋଇ ଉଠିଥିଲା । ତେଣୁ 'ନବମାଳିକା' ପରେ ଜନ୍ମ ନେଇଥିଲା 'ସେ ଏକ କୋମଳ ନୀଳ ହାତ' (୧୯୫୪) । ଏହାର ଭୂମିକାରେ ମୁଁ ଲେଖିଥିଲି—

"ଯେଉଁ ଯେଉଁ ମୁହୂର୍ତ୍ତରେ ଅନ୍ତରରେ ଝଙ୍କାର ଦୁନ୍ଦୁଭି ବାଜି ଉଠେ, 'ସେ ଏକ କୋମଳ ନୀଳ ହାତ'ର କବିତା ସେହି ସେହି ମୁହୂର୍ତ୍ତରେ ସୃଷ୍ଟି । ସେ ସ୍ୱପ୍ନପୁରୀର ରଜକେମା ନୁହେ, ମାଟିପୃଥିବୀର ସାଧାରଣୀ, ନର୍ମସହଚରୀ ନୁହେ କର୍ମଧର୍ମିଣୀ, ବିପ୍ଳବିନୀ ।

ପ୍ରକୃତି, ପରମାତ୍ମା ବା ପରଲୋକଚିନ୍ତା ନୁହେଁ, ଇହଲୋକରେ ଜୀବନ ଧାରଣ ଲାଗି ଯେଉଁ ସ୍ୱାଚ୍ଛନ୍ଦ୍ୟର ଅଭାବ ଚିତ୍ତକୁ ବିବ୍ରତ କରେ, ଯେଉଁ ଅଯାଚିତ ଦୈନ୍ୟ, ଅନାକାଂକ୍ଷିତ, ତୁଚ୍ଛାତିତୁଚ୍ଛ ଘଟଣା ଜନସାଧାରଣଙ୍କର ସାରାଜୀବନକୁ

ଅଜନ୍ମ କରି ରଖେ, ତାହାହିଁ ଏହି କବିତାର ଉପଜୀବ୍ୟ । ଅବହେଳିତ ମୂଲିଆ ମଜଦୁର, ଏପରିକି ସମାଜର ଆଖିରେ ନିତାନ୍ତ ଅଦରକାରୀ ରୋଗୀ, ଅର୍ଦ୍ଧ ଉପବାସୀ ପତିତଶ୍ରେଣୀରୁ ଏହାର ନାୟକନାୟିକା ବଛା ହୋଇଛନ୍ତି ।

'କଳା ପାଇଁ କଳା ସୃଷ୍ଟି' ତାଡ଼ନାରେ ନୁହେ, ପ୍ରୟୋଜନର ତାଗିଦ୍‌ରେ ଏହା ଜନ୍ମ ନେଇଅଛି । ଶ୍ରମିକର ଲୁହରେ ଯେଉଁମାନେ ସୁନାର ଫସଲ ଉଠାନ୍ତି, ବହୁ ଜୀବନର ସାର ଶୋଷିନେଇ ଯେଉଁମାନେ ଆଡ଼ଦାର୍ଘରେ ବଢନ୍ତି, ଯେତେ ବଢନ୍ତି ନିମ୍ନ ଶ୍ରେଣୀକୁ ତେତେ ଆତଙ୍କଗ୍ରସ୍ତ କରନ୍ତି, ସେହିମାନଙ୍କ ପ୍ରତି ଏହାର ପ୍ରତ୍ୟେକ ମସୀର ଗାର ଅସିଧାର ପରି ସଦା ଉଦ୍ୟତ ରହିଅଛି । ଅନ୍ୟ ପକ୍ଷରେ ଧୂଳିଧୂମ ଧୂସର ଜୀବନର ଅଶ୍ରୁହିଁ ଏହାର ଅନ୍ତରଙ୍ଗୀ ରସ ।''

ଲୋମଶ ନୀଳ ହାତ ସଇତାନର ଇସ୍ପାତୀ ହାତ—ଆତତାୟୀ ସାମ୍ରାଜ୍ୟ-ବାଦୀର, ପୁଞ୍ଜିବାଦୀର ହାତ—ଆଦିମ ବନ୍ୟତା ଏହାକୁ କରିଛି ଲୋମଶ—ଯୁଗଯୁଗର ଅତ୍ୟାଚାରର ପ୍ରତୀକ—ବିଷରେ ନୀଳବର୍ଣ୍ଣ ବୃକାସୁରର ହାତ—ଯାହା ଧ୍ୱଂସ କରେ ଭସ୍ମ କରେ—ଶତ ଶତ ଦ୍ରୌପଦୀଙ୍କୁ ବିବସନ କରେ—ଅଗଣିତ ଜନତାକୁ ବୁଭୁକ୍ଷୁ ରଖେ, ସେଇ ଲୋମଶ ହାତର କାରସାଦି ଜଗତର ଆଖିକୁ କରିଛି ଅଶ୍ରୁଳ, ରକ୍ତାକ୍ତ ।

ଏଥିରେ ୧୯୪୮ରୁ ୧୯୫୩ ମଧ୍ୟରେ ରଚିତ ସମଶ୍ରେଣୀୟ କବିତା ସନ୍ନିବେଶିତ ହୋଇଅଛି ।''

ଏହି ପୁସ୍ତକଟି ନିକୃଷ୍ଟ ନିଉଜ୍‌ପ୍ରିଣ୍ଟରେ ଛପା ହୋଇଥିଲା—ଦାମ୍ ରଖା ଯାଇଥିଲା ଟ୦।୮ । ପ୍ରକାଶକ ବିକ୍ରୟରୁ ଛାପା ଖର୍ଚ୍ଚ ପାଇଥିବେ କି ନା ସନ୍ଦେହ । ଏହା ମୋର ପ୍ରଥମ ଅତ୍ୟାଧୁନିକ କବିତାଗୁଚ୍ଛ—ବିଦଗ୍‌ଧମହଲରେ ବିଶେଷ ଆଦୃତ ହୋଇଥିଲା ।

୧୯୫୩ରେ ଓଡ଼ିଆମାନଙ୍କ ଏକ ସାଂସ୍କୃତିକ ସଭାରେ ଯୋଗଦେବା ଲାଗି ମୁଁ ଆସାନ୍‌ସୋଲ୍ ନିକଟବର୍ତ୍ତୀ କୁଲ୍‌ଟି ଯାଇଥିଲି । ସେଠି ଯାହା ଦେଖିଲି 'କୁଲ୍‌ଟିରେ ଦୁଇଦିନ'ରେ ବର୍ଣ୍ଣନା କରିଅଛି । ସେହି କାରଖାନାସହର ହିଁ ମୋ ମାଟି ଓ ଲାଠି' କାବ୍ୟର ଉତ୍ସ ।

କାବ୍ୟ ଓ ଖଣ୍ଡ କବିତା ସମାନ୍ତରଭାବରେ ଦୀର୍ଘକାଳ ଧରି ସୃଷ୍ଟି କରି ଚାଲିଥିଲି । ପଲ୍ଲୀର କୃଷକ ଓ କାରଖାନାର ଶ୍ରମିକ ଉଭୟ ଜୀବନକୁ ଏକ କାବ୍ୟରେ ରୂପାୟିତ କରିବା ମୋର ଲକ୍ଷ୍ୟ ଥିଲା । 'ମାଟି ଓ ଲାଠି'ରେ ତାହାହିଁ ପାଇଲା ଶିଳ୍ପରୂପ । ଓଡ଼ିଆ ସମାଜର ସଂସ୍କାରକ, ନେତା ପ୍ରଭୃତିଙ୍କ ନାୟକ ଏହି କାବ୍ୟର ନାୟକ, ସତବାଦି, ଚରିତ୍ରରେ ଚିତ୍ରିତ ହୋଇଛନ୍ତି; ଭାଷା ଗାଉଁଲୀ, ଆଠଟି କ୍ଷୁଦ୍ର ସର୍ଗରେ ଏହା ରଚିତ । 'ବଚନିକା'ରେ ଲେଖିଥିଲି—

''ମାଟି ଓ ଲାଠି'' କାବ୍ୟ ଢେଙ୍କାନାଳର ପଲ୍ଲୀ ଓ ଆସାନ୍‌ସୋଲ୍ ନିକଟବର୍ତ୍ତୀ କୁଲ୍‌ଟିର କାରଖାନାବସ୍ତିରେ କଳ୍ପିତ ହୋଇଥିଲା । ରଚନା ପରେ ୧୯୫୩-୫୪ରେ ଏହାର କେତେକାଂଶ 'ଝଙ୍କାର'ରେ ପ୍ରକାଶିତ ହୋଇଥିଲା ।'

"ପଲ୍ଲୀ ଓ ନଗରର ଅର୍ଥନୈତିକ ବୈଷମ୍ୟ ଏ ଯୁଗର ସଂଗ୍ରାମୀ ଜନତା ଚିତ୍ତରେ ବିକ୍ଷୋଭ ସୃଷ୍ଟି କରି ତାକୁ ସୁଦୂର ପରିଣତିକୁ ଘେନି ଯାଉଅଛି । ଭୁଖା ମଜୁରିଆର ଯୁଗ ଯୁଗବ୍ୟାପୀ ଜଟିଳତମ ସମସ୍ୟାର ସମାଧାନ କରିବ କିଏ ? ଶାନ୍ତିର କପୋତ, ନା ଶାଣିତ ଖଡ୍ଗ ? ଏହାର ଉତ୍ତର ମିଳିବ ଜନତାର ଅନ୍ତରଙ୍ଗୀ ରସ ଓ ତା'ର କଥିତ ଭାଷାରେ ରଚିତ 'ମାଟି ଓ ଲାଠି'ରେ ।

୧୯୫୫ରେ 'ମୋ ସ୍ୱପ୍ନର କାଶ୍ମୀର' ଓ ୧୯୫୮ରେ 'ପଥ ଓ ପଥିକ' ଭ୍ରମଣ କାହାଣୀ ପ୍ରକାଶିତ ହେଲା ।

୧୯୫୫ରେ ବୋଉର ମୃତ୍ୟୁ ହେଲା । ତା ପରେ ପରେ ପୁସ୍ତକଟି କଲିକତାରେ ପ୍ରକାଶ ପାଇଲା; କାବ୍ୟଟି ତା'ରି ପବିତ୍ର ନାମରେ ଉତ୍ସର୍ଗ କରିଥିଲି—

'ମାଟିରେ ମିଶି ଏବେ ହୋଇଛୁ ଭାର
ମାଟିକି ଉର୍ବରତ ଯାହାର ଝାଳ
ଲାଠିର କାରସାଦି କରିବୁ ଚୂନା
କଣ୍ଠେଇ ଭଙ୍ଗେ ଯଥା ତୋ ନାତି 'କୁନା' ।'

ଏଇ ସମୟରେ ଶିଶୁ କବିତାଗୁଚ୍ଛ—ଡାକ୍ ଡମାଡମ୍ ଡମ୍ (୧୯୬୧) ପ୍ରକାଶ ପାଇଥିଲା । 'ଉପହାର'ରେ ଲେଖିଥିଲି—
"ସ୍ନେହର ପିତୁଲା ଭାଇ ଓ ଭଉଣୀମାନେ,

ତୁମରି ହାତରେ ଦିନେ ରହିବ ଏ ଦେଶର ଗତି, ତୁମେମାନେ ସ୍ୱାଧୀନ ଭାରତର ଆଶାଭରସା । ଏଇ ଦେଶର ଟେକ ରଖିବା ଲାଗି ଟିକି ଧମନୀରୁ ତୁମେମାନେ ଢାଳିଦେବ ଲହୁ । ତେଣୁ ସାନ ସାନ ଛାତିକି ବୀର ଭାବରେ ଉଷୁମ ରଖିବା ଲାଗି ତୁମମାନଙ୍କ ହାତରେ ଦେଲି 'ଡାକ୍ ଡମାଡମ୍ ଡମ୍' । କିଏ କେଉଁଠି ଅଛ; ଚିହ୍ନେନାହିଁ, ଜାଣେନାହିଁ । ଏଇ ଡାକ୍ ଡମ ଡମ୍‌ରେ ବସି ଉଡ଼ିଯିବ ମୋର ମନ ତୁମ ପାଖକୁ ତୁମ ଫୁଲ ନରମ ମରମରେ ବସି ଗାଇବା ପାଇଁ ଜାତି ଓ ଦେଶର ଜୟଗାନ ।"

ଏହାର ପ୍ରଥମ ପୃଷ୍ଠାରେ ଥିଲା ଗୋଟିଏ ବୀରବାଳକ ନାଗରା ବଜାଉଥିବା ଛବି ଓ ତା ତଳେ ଦୁଇ ଧାଡ଼ି କବିତା—

'ପତାକା ଧରି ଆଗେଇ ଚାଲ୍ କଦମ୍ କଦମ୍
ଡାକଇ ବୀର ବାଜଇ ଆରେ ଡାକ୍ ଡମା ଡମ୍ ଡମ୍ ।'

ଏହାର 'ସ୍ୱାଧୀନ ପିଲା' କବିତାଟି ପଢି ରାଧାନାଥ ରଥ (ସମ୍ପାଦକ, ସମାଜ) କହିଲେ —'ହାତେ ଝଲମଲ ବନ୍ଧୁକ ପିସ୍ତଲ', 'ଦୁମ୍ ଦୁମ୍ ଦୁମ୍, ପଡୁଥିବ ବମ୍' ଲେଖିଛ । ତୁମେ କ'ଣ ଅହିଂସାରେ ବିଶ୍ୱାସ କରନାହିଁ ? ତାଙ୍କୁ ମୁଁ ସେତେବେଳେ କହିଥିଲି —ଭାରତ ସ୍ୱାଧୀନ ହେଲା ସତ, କିନ୍ତୁ ତା'ର ସ୍ୱାଧୀନତା ରକ୍ଷା ଲାଗି ଆଧୁନିକ ରୀତିରେ ସଙ୍ଗଠିତ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ବିରାଟ ବାହିନୀ ଦରକାର ।'

ବର୍ତ୍ତମାନଙ୍କ ଅବ୍ୟବସ୍ଥା ଫଳରେ ଚୀନ୍ ହାତରେ ଭାରତକୁ ଲାଞ୍ଛନା ଭୋଗ କରିବାକୁ ପଡ଼ିଲା; ଠିକିଲା ପରେ ଭାରତ ଶିଖିଲା ଓ ପାକିସ୍ତାନକୁ ଉପଯୁକ୍ତ ଶିକ୍ଷା ଦେଇଥିଲା ।

# କୁଞ୍ଜବିହାରୀ ସଞ୍ଚୟନ

୧୯୫୬ରେ 'ଦାସବ୍ରଦର୍ସ୍' 'କୁଞ୍ଜବିହାରୀ ସଞ୍ଚୟନ'ର ପ୍ରଥମ ଭାଗ ପ୍ରକାଶ କରିଥିଲେ । ପ୍ରକାଶକ ନିବେଦନରେ ଲେଖିଥିଲେ ''କବି କୁଞ୍ଜବିହାରୀଙ୍କ କାବ୍ୟଜଗତ ବିପୁଳ ଓ ବିଚିତ୍ର । ପ୍ରକୃତି ଓ ପରମ୍ପରା, ପ୍ରେମ ଓ ଜୀବନ, ଦେଶାତ୍ମବୋଧ ଓ ସମାଜଚେତନା, ଶିଶୁମନୋରଞ୍ଜନ ଓ ପଲ୍ଲୀଚିତ୍ର ଆଦି ସାମ୍ପ୍ରତିକ ଓଡ଼ିଆ କାବ୍ୟଧାରାର ସମସ୍ତ ଦିଗକୁ ତାଙ୍କ ଲେଖନୀ ସ୍ପର୍ଶ କରିଛି । ଏହାର ବିସ୍ତୃତ ପରିଧିରେ ଆଧୁନିକ ଜୀବନର ସମସ୍ତ ବିଭବ ଯେପରି ଏକତ୍ର ପ୍ରକାଶ ଲଭିଚି, ସେହିପରି ଆଧୁନିକ କାବ୍ୟକଳାର ସଂପୂର୍ଣ୍ଣ ରୂପ ଧରାଦେଇଚି । ମାତ୍ରାବୃତ୍ତ, ବିଭିନ୍ନ ଧରଣର କଥାଛନ୍ଦ, ମୁକ୍ତଛନ୍ଦ ଓ ଗଦ୍ୟକବିତା ଆଦି ସମସ୍ତ ଦିଗରେ ସେ ସଫଳ ପରୀକ୍ଷା କରିଅଛନ୍ତି । ତାଙ୍କ କାବ୍ୟଶୈଳୀରେ ପ୍ରାଚୀନ କବିତାର ରୂପରୁଚି ଓ ଆଧୁନିକ କବିତାର ବିଚିତ୍ର ଜୀବନବୋଧର ଯେପରି ସ୍ୱାଦ୍ୟ ସମନ୍ୱୟ ଘଟିଚି—ତାର ଦୃଷ୍ଟାନ୍ତ ବିରଳ । ଏହି ସମସ୍ତ ଦିଗରୁ ବିଚାର କଲେ କବି କୁଞ୍ଜବିହାରୀଙ୍କ କାବ୍ୟ ସୃଷ୍ଟି ହିଁ ଏକ ସଂପୂର୍ଣ୍ଣ କାବ୍ୟଲୋକ ।''

୧୯୬୪ରେ ବର୍ଦ୍ଧିତ ଆକାରରେ ପ୍ରଥମ ଭାଗର ପୁନର୍ମୁଦ୍ରଣ ହୋଇଥିଲା । ଏହାର ଭୂମିକା ମୁଁ ନିଜେ ଲେଖିଥିଲି ।

ସଞ୍ଚୟନର ଦ୍ୱିତୀୟ ଭାଗ ୧୯୬୦ରେ ପ୍ରକାଶିତ ହେଲା । 'ପଦେ'ରେ ପ୍ରକାଶକ ମୋ କବିତା ସଂପର୍କରେ ଲେଖିଛନ୍ତି—

ଅତି ମାତ୍ରାରେ ଆଧୁନିକ ହେବାକୁ ଯାଇ ଅନେକ କବି ଅନୁକରଣସର୍ବସ୍ୱ ଅଥବା ଦୁର୍ବୋଧ୍ୟ ହୋଇ ପଡ଼ୁଛନ୍ତି । ଏହିମାନଙ୍କ ଲେଖନୀରେ ଆମ କବିତା ପରମ୍ପରାଚ୍ୟୁତ ହେଉଅଛି, ପୁଣି ଜନପ୍ରିୟତା ହରାଉଅଛି । ଏହା କାବ୍ୟଧାରାର ସୁସ୍ଥ ଓ ସ୍ୱାଭାବିକ ବିକାଶର ସୂଚନା ନୁହେ । ଏହି ଦୁର୍ଦ୍ଦିନରେ ଯେଉଁମାନେ ନୂତନ ପଥ ଖୋଜିବାରେ ଅଗ୍ରହୀ, କବି କୁଞ୍ଜବିହାରୀ ସେମାନଙ୍କ ମଧ୍ୟରେ ଜଣେ । ତାଙ୍କ ବିଦଗ୍ଧ ମନ ସଂସ୍କୃତ ରୁଚିରେ ମାର୍ଜିତ, ସରସ ହୃଦୟ ପଲ୍ଲୀର ଗୀତ ରସରେ ସମୃଦ୍ଧ । ଏହି ଦ୍ୱିଧାରା ତାଙ୍କ ବାଣୀମୂର୍ତ୍ତିକୁ ରୂପ ଦେଇଅଛି ।''

୧୯୬୩ରେ ସଞ୍ଚୟନର ତୃତୀୟ ଭାଗ ପ୍ରକାଶିତ ହୋଇଥିଲା । 'କବିତା ପାଠ ପୂର୍ବରୁ' ଶୀର୍ଷକରେ ନିଜର ମାନସିକ ସ୍ଥିତି, ଗତି ଓ ପ୍ରଗତି ବିଷୟରେ ସୂଚନା ଦେଇଅଛି । ଏହି ତିନି ଭାଗରେ ମୋର ଅଧିକାଂଶ କବିତା ପ୍ରକାଶ ପାଇଅଛି ।

ମୋ କବିତା ସଂପର୍କରେ ପ୍ରଥମ ଭାଗ ଦ୍ୱିତୀୟ ସଂସ୍କରଣର ଭୂମିକାରେ ଲେଖିଥିଲି—

''ସଚେତନଭାବରେ କୌଣସି ନିର୍ଦ୍ଦିଷ୍ଟ ଲେଖକ ବା ରଚନାଶୈଳୀ ଅନୁସରଣ କରିନାହିଁ । ଆଧୁନିକ ହେବା ଚେଷ୍ଟାରେ କୌଣସି ଦୁଷ୍କର ଆଦର୍ଶ ବା ଅନନୁଭୂତ ସୌନ୍ଦର୍ଯ୍ୟ ପ୍ରତି ଦୃଷ୍ଟିକ୍ଷେପ କରିନାହିଁ । ଯେତେବେଳେ ଯେଉଁ ବିଷୟ ମନରେ ବିଜୁଳି ଚମକ ପରି ଝଲସିଛି, ତା'ର ରୂପାଙ୍କନ କରିଛି । ପଲ୍ଲୀକବିତା, ଶିଶୁ କବିତା ବା ଗଦ୍ୟକବିତା, ଯାହାହେଉ, ନିଜସ୍ୱ ହିଁ ମୋର ଅବଲମ୍ବନ । ଯେତେ ଲୋଭନୀୟ ହେଲେ ବି ଅନ୍ୟର ସମ୍ପଦ ଆଡ଼କୁ ହାତ ବଢ଼ାଇନାହିଁ ।

ମୁଁ ଯେତିକିର, ସେତିକି ନିଜକୁ ପ୍ରତିପନ୍ନ କରିଛି । କେଉଁଠି ଅଧିକ କରି ଦେଖାଇ ନାହିଁ । ଦରିଦ୍ର ଦେଖାଗଲେ ବି ଯେ ବେଶ ମୋ ନିଜସ୍ୱ; ଏଥିରେ ଅଗୌରବର କିଛି ନାହିଁ ।

ପୁଣି ମୋତେ ସଦାସର୍ବଦା ପଛକୁ ଟାଣୁଛନ୍ତି ଅନ୍ତରଙ୍ଗ ମୋର ଦୁଇଟି ସୋଦର—ଲୋକସାହିତ୍ୟ, ସଂସ୍କୃତସାହିତ୍ୟ । ଏ ଦୁଇଟିକୁ ବାଦ୍‌ଦେଲେ ମୋ କବିତାର କେବଳ ଅଙ୍ଗହାନି ହେବନାହିଁ, ଭାବାତ୍ମକ ଗ୍ଲାନି ମଧ୍ୟ ଘଟିବ । ତେଣୁ ଛିନ୍ନପରିଦଡ଼ିକଟା ହୋଇ ଆଗେଇଯିବା ମୋ ପକ୍ଷେ ସମ୍ଭବ ନୁହେଁ, ଯଦିବା ବନ୍ଧନରୁ ମୁକ୍ତି ଚରମ ଉପଲବ୍ଧି ବୋଲି ମନେ କରେ । ଅଗ୍ରଗତି ମୋର ଉଚ୍ଚାକାଂକ୍ଷା ହେଲେ ବି ପଶ୍ଚାତ୍ ଦୃଷ୍ଟିକି ପାପ ବୋଲି ମନେ କରେନାହିଁ । ପ୍ରଗତି ବା ପରମ୍ପରା କେଉଁଟି ମୋର ଅବହେଳାର ବସ୍ତୁ ହୋଇନାହିଁ । ନୂତନକୁ ଭଲପାଏ, କିନ୍ତୁ ତା ନିକଟରେ କେବେ ଆତ୍ମସମର୍ପଣ କରିନାହିଁ । ସେହିପରି ପ୍ରାଚୀନ କେବେ ଆରାଧ୍ୟ ହୋଇନାହିଁ, ଯଦି ବା ନମସ୍ୟ, ତେଣୁ ନ ଭାବି ନ ଚିନ୍ତି ନୂତନତାର ମୋହରେ ଯେ କୌଣସି ଅପାଙ୍‌କ୍ତେୟ ଶବ୍ଦ ବା ଚିତ୍ରକଳ୍ପ ବ୍ୟବହାର କରିନାହିଁ ।

ବିଜ୍ଞତାର ଲୋଭରେ ଭାବାବେଗକୁ କେବେ କ୍ଷୁଣ୍ଣ କରିନାହିଁ କିମ୍ବା ନିକଟତମ ଅନୁଭୂତି ଯେତେ କ୍ଷୁଦ୍ର ହେଉ ପଛେ ତାକୁ ଛାଡ଼ି ବିଶ୍ୱଜନୀନ ସ୍ରୋତ ସମ୍ଭାରରେ ଭାସି ଯାଇନାହିଁ । ହୃଦୟକୁ ମନ ଅପେକ୍ଷା ବଡ଼ କରି ଦେଖି ଆସିଛି । ସମ୍ବେଦନା ମନନ ଅପେକ୍ଷା ମୋ ଲେଖାରେ ଉଚ୍ଚତର ସ୍ଥାନ ଅଧିକାର କରିଅଛି ଅନୁଭୂତିର ପ୍ରତିବିମ୍ବନରେ ଯେଉଁ ଦରଦୀ ଭାବାବେଗ ଆସେ, ତାହାହିଁ ମୋର କାବ୍ୟର ଉତ୍ସ ।

ମୋ କାବ୍ୟ କବିତାର କୌଣସି ସଂଜ୍ଞା ଦେଇନାହିଁ କି ପାଠକଙ୍କ ପାଖରେ କାବ୍ୟପାଠର କିଛି ନୂତନ ସର୍ତ୍ତ ରଖୁନାହିଁ । କାରଣ ଆନନ୍ଦର କିଛି ଗୋଟାଏ ଫରମୁଲା ନାହିଁ । କେଉଁ ପାଠକ କାହିଁରୁ କେତେ ଆନନ୍ଦ ପାଇବେ କହିହେବ ନାହିଁ । ଦେବା ହିଁ ମୋର କାର୍ଯ୍ୟ । ସେ ଦିଗରେ ମୁଁ କୁଣ୍ଠିତ, କୃପଣ ବା ଶ୍ରମକାତର କେବେ ହୋଇନାହିଁ । ଶ୍ରଦ୍ଧା ବା ଆନ୍ତରିକତାର ଅଭାବ କେହି ଅନୁଭବ କରିବେ ନାହିଁ । ଅନ୍ତଃସ୍ଥଳର ଆନନ୍ଦକୁ ଯେତେ ବିଚିତ୍ର ରୂପରେ ସଜାଡ଼ି ବାଢ଼ି ଦିଆଯାଇ ପାରେ, ଦେଇଛି । ତେଣୁ କେହି ନ ପଢ଼ିଲେ ଦୁଃଖ ନାହିଁ, କିନ୍ତୁ ଅଧାପନ୍ତରିଆଭାବରେ ପଢ଼ି ଅଳସ ଅବହେଳା ପ୍ରଦର୍ଶନ କଲେ ଦୁଃଖ ହେବ । ଜୀବନରେ କ'ଣ ଭଲପାଅ ବୋଲି ଯଦି ପଚରାଯାଏ, କହିବି—କବିତା, ଅନ୍ତରର ଅର୍ଘ୍ୟ ତା'ରି ଚରଣରେ ହିଁ ଢାଳି ଦେଇଛି । ଭ୍ରମଣର ସଙ୍ଗିନୀ ସେ, ସଂସାର ଉଦ୍ୟାନର ଶ୍ରେଷ୍ଠ ଚୟନ, ନିଦ୍ରାର ସ୍ୱପ୍ନ । କୌଣସି ପାର୍ଥିବ ବସ୍ତୁ ଏତେ ଆନନ୍ଦ ଦେଇପାରି ନାହିଁ । ଚିତ୍ତର ଯାହା ଶ୍ରେଷ୍ଠ ସଞ୍ଚୟ, ତାକୁ ଦୋହନ କରି କେହି ଏପରି ପୁଷ୍ଟ ହୋଇନାହିଁ । ତେଣୁ ଏହା ପ୍ରତି ଅନାଦର ବା ଅବହେଳା କଲେ ବ୍ୟଥିତ ହେବି ।" ସଞ୍ଚୟନର ତୃତୀୟ ଭାଗରେ ଲେଖିଥିଲି—

"ମୋର ପ୍ରତ୍ୟେକ କବିତା ଏକାଧିକବାର ଲିଖିତ, ଏହା ସ୍ୱୀକାର କରିବାରେ ମୋର ସଂକୋଚ ନାହିଁ । ତଥାପି ଅପୂର୍ଣ୍ଣତା ଅନୁଭବ କରେ—ପ୍ରତିଭାର ଅବା ସାଧନାର, ମୁଁ ବାରମ୍ବାର ସଂଶୋଧନର ପକ୍ଷପାତୀ । କଳାଗତ ବା

ଛନ୍ଦୋଗତ ତ୍ରୁଟି ସଂଶୋଧନରେ ଦୂର ହୋଇ ନ ପାରିଲେ ଯେ କୌଣସି କବିତାକୁ ସଂକଳନରୁ ବାଦ୍ ଦିଆଯାଇପାରେ ।”

“ଗୋଟିଏ ମୁହୂର୍ତ୍ତରେ କବି କବିତା ଲେଖେ, କିନ୍ତୁ ତାର ସାଧନା ସର୍ବ ମୁହୂର୍ତ୍ତବ୍ୟାପୀ—ଜାଗରଣରେ ଚିନ୍ତାର, ଶୟନରେ ସ୍ୱପ୍ନର ବସ୍ତୁ । ଏଥିଲାଗି ସଦା ଅଧ୍ୟୟନ, ଅନୁଶୀଳନ ଓ ସଦା ପ୍ରସ୍ତୁତି ଆବଶ୍ୟକ । କେବଳ ଆବେଗର ଅମୃତବେଳାକୁ ରହି ବସିଲେ ମନରୁ ରସ ଶୁଖେ, କବିତା ଲେଖା ହୁଏନାହିଁ । କବିତାପୁସ୍ତକ ପଢୁ ପଢୁ, ପ୍ରକୃତି ଦର୍ଶନ ବା ବିଦଗ୍ଧ ବନ୍ଧୁଙ୍କ ସହିତ ଆଳାପ କରୁ କରୁ ହଠାତ୍ ପ୍ରେରଣା ଆସେ, ଅଧ୍ୟୟନ, ମନନ ଓ ପ୍ରୟାସ ମଧ୍ୟରେ ଏହା ରୂପାୟିତ ହୁଏ । କେତେବେଳେ ବିନା ନିମନ୍ତ୍ରଣରେ ବିନା ପ୍ରୟାସରେ ଆସିଲେ ଅପ୍ରସ୍ତୁତି ଓ ଅନାଦରରେ ଏହା ସଙ୍ଗେ ସଙ୍ଗେ ବିଲୀନ ହୁଏ । ବୃତ୍ତି ଅନୁକୂଳ ନ ହେଲେ ଯେ କୌଣସି ମୁହୂର୍ତ୍ତରେ ଭାବର ରୂପାୟନ ସମ୍ଭବ ନୁହେଁ ।

କାହା କାହା ମତରେ କେତେକ କବି କେବଳ ଭଗବତ୍‌ଦତ୍ତ ପ୍ରତିଭା ଯୋଗୁଁ ପ୍ରତିଷ୍ଠିତ ହୁଅନ୍ତି, ଆଉ କେହି କେହି କେବଳ ପ୍ରଚେଷ୍ଟା ବା ନିତ୍ୟ ଅଭ୍ୟାସରେ ରଚନାପାଟବ ହାସଲ କରନ୍ତି । ମନେ ରଖିବାକୁ ହେବ ଯେ, କବିତା ଗୋଟିଏ ସୂକ୍ଷ୍ମ କଳା । ଯେତେ ପ୍ରତିଭାଶାଳୀ ହେଲେ ବି କଳାକୁ ସୂକ୍ଷ୍ମ, ସଂଯତ ଓ ସୁନ୍ଦର କରିବା ଲାଗି କବିଙ୍କୁ ପ୍ରାଣପାତ ପରିଶ୍ରମ କରିବାକୁ ହୁଏ । ଏହି ଅଧ୍ୟବସାୟଶକ୍ତି ହିଁ କବିତା ମଧ୍ୟରେ ସ୍ଫୁରିତ ପ୍ରତିଭାର ଅର୍ଦ୍ଧେକ । ଏକାଥରେ ଲେଖିଦେଇ ଯେ ବେଦବ୍ୟାସ ସାଜନ୍ତି, ସେ ପ୍ରକୃତରେ କବି ନୁହନ୍ତି । କବିତାକୁ ଚମତ୍କାର କରିବାଲାଗି ଯେତେ ଚେଷ୍ଟା କଲେ ବି ତାହା ବ୍ୟର୍ଥ ହୁଏ ନାହିଁ । ଅପୂର୍ଣ୍ଣତାର ଅନୁଭୂତି ବଡ଼ ଗ୍ଲାନିକର, ପୀଡ଼ାଦାୟକ ।”

ଏହି ସମୟରେ ଲଣ୍ଡନରୁ ପ୍ରକାଶିତ ଡେନିସ୍ ଥମ୍‌ସନଙ୍କ ‘The poet speaks’ (An anthology of verse from East and west) ନାମକ କବିତା ସଞ୍ଚୟନରେ ମୋର ଗୋଟିଏ କବିତା ସ୍ଥାନ ପାଇଥିଲା । ଏହା ‘ଶ୍ରମିକର ଭଗବାନ’ କବିତାର ଇଂରଜୀ ଅନୁବାଦ । ଶ୍ରୀଯୁକ୍ତ ଅନ୍ନଦା ଶଙ୍କର ରାୟଙ୍କ ପତ୍ନୀ ଶ୍ରୀମତୀ ଲୀଳା ରାୟ ଏହାର ଅନୁବାଦିକା । ଭାରତର P.E.N. ରେ ପ୍ରକାଶିତ ହେଲାପରେ ଏହା ଉକ୍ତ ସଞ୍ଚୟନର ଅନ୍ତର୍ଭୁକ୍ତ ହୋଇଥିଲା । ସେକ୍‌ସପିଅର, ରବୀନ୍ଦ୍ରନାଥଙ୍କ ସହିତ ବସିବାର ଡିଲାର୍ଙ୍କ ସ୍ଥାନ ଲାଭ କରିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରିଥିଲି ।

## ସମାଲୋଚନା

ମୋର ଦୁଇଖଣ୍ଡ ସମାଲୋଚନା ଗ୍ରନ୍ଥ ପ୍ରକାଶ ପାଇଅଛି—ସମାଲୋଚନା, ସାହିତ୍ୟିକ । କୌଣସି ନିର୍ଦ୍ଦିଷ୍ଟ ସମୟରେ କୌଣସି ନିର୍ଦ୍ଦିଷ୍ଟ ଭାବପ୍ରବାହରୁ ଏକାବେଳକେ ସେ ସମସ୍ତ ରଚିତ ହୋଇନାହିଁ । ତେଣୁ ସେମାନଙ୍କ ମଧ୍ୟରେ ଐକ୍ୟସୂତ୍ର ଖୋଜି ପାଇବା ଦୁଷ୍କର । ସେଗୁଡ଼ିକ ସହକାର, ଉତ୍କଳସାହିତ୍ୟ, ନବ ଭାରତ, ଝଙ୍କାର, ଶଙ୍ଖ, ଡଗର ପ୍ରଭୃତି ପତ୍ରିକାରେ ପ୍ରକାଶ ପାଇଥିଲା ।

ବିଶ୍ୱଭାରତୀ ଗ୍ରାଣ୍ଟରେ ପରେ ୧୯୬୨ରେ 'ସମାଲୋଚନା', ୧୯୬୬ରେ 'ସାହିତ୍ୟିକ' ପ୍ରକାଶିତ ହେଲା । ଏ ଦୁଇ ପୁସ୍ତକରେ ମୋଟରେ ୩୦ଟି ପ୍ରବନ୍ଧ ସ୍ଥାନ ପାଇଥିଲା ।

## ରମ୍ୟ ରଚନା

'ଶ୍ରମନ୍ତ' ଖଣ୍ଡିଏ ରମ୍ୟରଚନା ପୁସ୍ତକ, ୧୯୬୦ରେ ପ୍ରକାଶିତ । ଏଥିରେ ମୋଟରେ ବାର ଗୋଟି ରଚନା ପ୍ରକାଶ ପାଇଥିଲା । ଆତ୍ମଚରିତ 'ମୋ କାହାଣୀ' ଲିଖିତ ହେବା ଆଗରୁ ସଂକ୍ଷେପରେ ମୋ ଜୀବନର ଗୋଟିଏ ଅଧ୍ୟାୟ ଏଥିରେ ସ୍ଥାନ ପାଇଥିଲା । 'ପଲ୍ଲୀକବି ଓ ଗୋଦାବରୀଶ', "ଗାଉଁଲୀ କବି ନନ୍ଦକିଶୋର" ଦୁଇଟି ସମାଲୋଚନାର ଅନ୍ତର୍ଭୁକ୍ତ ହୋଇପାରେ ।

## A Study of Orissan Folklore

୧୯୫୩ରେ ଏହା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ । ବିଶ୍ୱଭାରତୀର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ ଚନ୍ଦ୍ର ବାଗ୍‌ଚି ଏହି ପୁସ୍ତକର ଅଗ୍ରଲେଖ ଲେଖିଥିଲେ; ବସ୍ତୁତଃ ତାଙ୍କରି ପ୍ରେରଣାରେ ଏହା ଲେଖିବା ମୋ ପକ୍ଷେ ସମ୍ଭବ ହୋଇଥିଲା । ଏହି ପୁସ୍ତକଟି ଯୋଗୁଁ ମୁଁ ଭାରତରେ ଓ ଭାରତ ବାହାରେ ପରିଚିତ ଓ ସମ୍ମାନିତ ହୋଇଥିଲି ।

## ପଲ୍ଲୀଗୀତିସଞ୍ଚୟନ

ବିଶ୍ୱଭାରତୀ ଓଡ଼ିଆ ଗବେଷଣା ବିଭାଗ ତରଫରୁ ୧୯୫୪ରେ ଓଡ଼ିଆ ଲୋକଗୀତ ସଂଗ୍ରହ 'ପଲ୍ଲୀଗୀତି ସଞ୍ଚୟନ' ପ୍ରକାଶିତ ହୋଇଥିଲା । 'ପଲ୍ଲୀଗୀତି ସଞ୍ଚୟନ'ର ଦ୍ୱିତୀୟଭାଗ ପ୍ରକାଶ ପାଇଥିଲା ୧୯୫୯ରେ, ଏହାର ମୁଖବନ୍ଧରେ ମୁଁ ଲେଖିଥିଲି— "ମୋ ବୋଉ ଯେ ଲୋକଗୀତର ମାଦକ ମନ୍ତ୍ରରେ ମୋତେ ଦୀକ୍ଷିତ କରିଥିଲା, ଯେ ଗୀତ ଗାଇଲେ କାନ୍ଦେ, କାନ୍ଦଲେ ଗୀତ ଗାଏ, ତାର ଶେଷ ଉତ୍ତର ଏହାର ତଳା ତରପରେ ଜଡ଼ିଯାଇଛି ।"

ସଂଗ୍ରହ ଲେଖେ ତାହାର ପ୍ରେରଣା ବା ଉତ୍ସାହକୁ ମୁଁ ଅପେକ୍ଷା କରିନାହିଁ । ସଂଗ୍ରହରୁ ହିଁ ମୁଁ ମୋର ମୂଲ୍ୟ ପାଇଯାଇଛି । ସେ ଶ୍ରମ ସ୍ୱେଦର ନୁହେଁ, ସ୍ନେହ ପ୍ରୀତିର । ଲୋକକବି ମୋର ଗୁରୁ, ମୋ ଗଦ୍ୟ ରଚନା ଶୈଳୀରେ ଲୋକକଥନ ବା ରଚନାର ଶୈଳୀ ଅନ୍ତଃସଲିଳା ଫଲ୍‌ଗୁ ପରି ଲୁଚି ରହିଛି । ମୋ ରଚିତ ପଲ୍ଲୀ କବିତାରେ ମୋ ନିଜତ୍ୱ ଅପେକ୍ଷା ଲୋକତ୍ୱ ଅଧିକ । କେବଳ ଚଳଣି ଓ ଢଙ୍ଗରେ ଠାଣିରେ ନୁହେଁ, କହଣି ଭଙ୍ଗୀରେ ।

ଲୋକସାହିତ୍ୟକୁ ସାହିତ୍ୟ କହିବାକୁ କେତେକ କୁଣ୍ଠିତ । କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ସାରଳାଠାରୁ ବନମାଳୀ, ଗୋପାଳକୃଷ୍ଣ, ଫକୀରମୋହନଙ୍କ ଠାରୁ ନନ୍ଦକିଶୋର ବଳ, ଗୋପାଳ ଚନ୍ଦ୍ର ପ୍ରହରାଜ, ଗୋପବନ୍ଧୁ, ଗୋଦାବରୀଶଙ୍କ

ପର୍ଯ୍ୟନ୍ତ ସାହିତ୍ୟିକମାନେ ଲୋକସାହିତ୍ୟ ଦ୍ୱାରା ସ୍ୱରଚିତ ସାହିତ୍ୟକୁ ପୁଷ୍ଟ କରି ଆସିଛନ୍ତି ।

ଡକ୍ଟର ମାୟାଧର ମାନସିଂହଙ୍କ ପରି କେହି କେହି ମୋ ସଂଗ୍ରହ ପ୍ରକୃତ ଲୋକସାହିତ୍ୟ ନୁହେଁ ବୋଲି କହିଛନ୍ତି । କିନ୍ତୁ ପ୍ରକୃତ ଲୋକ ସାହିତ୍ୟର କୌଣସି ନଜୀର ସେ ଦେଇ ନାହାନ୍ତି । 'ଶଙ୍ଖ' ପତ୍ରିକାରେ ଲୋକଗୀତ ବୋଲି ଦିନେ ସେ ଯାହା ପ୍ରକାଶ କରୁଥିଲେ, ତା ଅପେକ୍ଷା ବର୍ତ୍ତମାନ ସଂଗ୍ରହ ଅଧିକ ସରସ, ସୁନ୍ଦର ଓ ବିଶ୍ୱାସଯୋଗ୍ୟ । କେତେ କଷ୍ଟରେ ଲୋକ ମୁଖରୁ ଏ ସବୁ ସଂଗୃହୀତ ହୋଇଅଛି, ସେ ବିବେଚନାକୁ ନେଇ ନାହାନ୍ତି । ଦିନେ ଏହା ଥିଲା ମୋର କ୍ଷୁଧାର ଖାଦ୍ୟ, ତୃଷାର ପାନୀୟ, ବାଧାର ବିଶ୍ରାମ । ଥରେ ସଂଗୃହୀତ ଗୀତ କି କଥା ପାଠ କରି ପଢିଦେଲେ ମୋର ପ୍ରାଣର ପାତ୍ର ଅଭିନବ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଯାଉଥିଲା । ହସି ହସି ଗଡ଼ିଛି ମୁଁ, କଇଁ କଇଁ ହୋଇ କାନ୍ଦିଛି ମୁଁ । ଗଭୀର ଅନୁଭୂତି ସାହିତ୍ୟର କି ମୂର୍ଚ୍ଛନା ତାହା କେବଳ ଅନୁଭବୀ ହିଁ ବୁଝି ପାରିବ ।

କେହି କେହି ଏହା ଭିତରେ ନାମଲାଳସା, ଅର୍ଥଲାଳସାର ଗନ୍ଧ ପାଇଛନ୍ତି । ଗନ୍ଧ ହିଁ ସେମାନଙ୍କର ନାସାରେ ବାଜେ, ସୁବାସ ନୁହେଁ ।

## କଥାଟିଏ କହୁଁ

ନନ୍ଦଲାଲ ବୋଷ ଏହି ପୁସ୍ତକର ପ୍ରଚ୍ଛଦପଟ ଅଙ୍କନ କରିଥିଲେ, ତାଙ୍କ ପ୍ରତି କୃତଜ୍ଞତା ଜଣାଇ ମୁଁ ଲେଖିଥିଲି—

"ଶାନ୍ତିନିକେତନର ବିଶ୍ୱ ପ୍ରସିଦ୍ଧଶିଳ୍ପୀ ଡକ୍ଟର ନନ୍ଦଲାଲ ବୋଷ ଏହି ପୁସ୍ତକର ପ୍ରଚ୍ଛଦପଟ ଅଙ୍କନ କରିଛନ୍ତି । ଯେଉଁ ଉତ୍କଳୀୟ କିଶୋରକିଶୋରୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ହିତାକାଂକ୍ଷାର ପ୍ରତୀକ ରୂପେ ସେ ଏହା ଦେଇଛନ୍ତି, ମୋର ଭଦ୍ର ଧନ୍ୟବାଦ ଅପେକ୍ଷା ସେହିମାନଙ୍କର ଭକ୍ତିପ୍ରଣତି ତାଙ୍କ ଅନ୍ତରକୁ ଅଧିକ ପୁଲକିତ ରଖୁ ।

'କଥାଟିଏ କହୁଁ', ୨ୟ ଖଣ୍ଡ 'କଥାର ଲଥା'ରେ ଲେଖିଛି—'କଥାଟିଏ କହୁଁ' (୧୯୫୬)ର ପ୍ରଥମ ଖଣ୍ଡ ଆଦୃତ ହେବାର ଦେଖି ଦ୍ୱିତୀୟ ଖଣ୍ଡ ପ୍ରକାଶ କରିବାକୁ ସାହସୀ ହେଲି । ଲୋକଗୀତ ଅବିକଳ ଛପାଯାଏ, କିନ୍ତୁ କଥାକୁ ରୂପ ଦେବାକୁ ହୁଏ । ଲୋକଙ୍କ କହିବା ରୀତିରେ ଗ୍ରାମ୍ୟସମାଜର ଚିତ୍ର ଦେଇ ପ୍ରକୃତ ଗାଉଁଲୀ ବାତାବରଣ ଆଣିବାକୁ ପଡ଼େ । ଏହା ଏକ ପ୍ରକାର ସର୍ଜନ, ସଂଗଠନ, ଏଥିଲାଗି ସ୍ରଷ୍ଟାର ମନୋବୃତ୍ତି ଲୋଡ଼ା, ତାହା ସବୁବେଳେ ନ ଥାଏ, ଲୋଡ଼ିଲେ ବି ଆସେନାହିଁ । ତେଣୁ ଯେତେବେଳେ ଇଚ୍ଛା ସେତେବେଳେ ଗାଉଁଲୀ ଗଳ୍ପ ଲେଖି ହୁଏନାହିଁ । ମଶାଣିର କଙ୍କାଳଟିଏ ଆଣି ତାକୁ ରକ୍ତମାଂସ, ସ୍ୱାସ୍ଥ୍ୟଶ୍ରୀ ଓ ବଳିଷ୍ଠ ଜୀବନ ଦେବା ସହଜସାଧ୍ୟ ବ୍ୟାପାର ନୁହେଁ । କାହାଣୀରେ ମନ୍ତ୍ରରେ ଯାହା ହୁଏ, ଏଠି ଲେଖନୀରେ ସେଇଆ କରିବାକୁ ପଡ଼େ । ତେଣୁ ସ୍ୱଳ୍ପକାଳ ମଧ୍ୟରେ ଶତ ଶତ ଗଳ୍ପର ଗୋଟିଏ 'କଥା ସରିତ୍ ସାଗର' ବାହାର କରିବା ସମ୍ଭବ ହେଉନାହିଁ । ଲେଖି

ଜମାଇ ରଖିବାର ଧୈର୍ଯ୍ୟ ମୋର ନାହିଁ । ଜମାଇ ରଖିଲେ ନୂଆ ଲେଖିବାର ପ୍ରେରଣା ଆସୁନାହିଁ । ସେଥିଲାଗି ଯାହା ଲେଖା ହେଲା ଖଣ୍ଡ ଖଣ୍ଡ ଛପାଇ ବୈଜ୍ଞାନିକ ରୀତିରେ ପରେ ପରେ ଯୋଡ଼ିବାର ପରିକଳ୍ପନା କରିଅଛି । ଶନୈଃ ପର୍ବତ ଲଂଘନ ଏ କ୍ଷେତ୍ରରେ ମୋର ଆଦର୍ଶ ।

ବାଳକବାଳିକାଙ୍କର ମନ ହିଁ କଷଟି ପଥର । ହେଲା କି ନ ହେଲା ସେଥିରେ ପରଖି ତାର ରଙ୍ଗ ବା ଢଙ୍ଗ ବଦଳାଇ ଅଛି । ଏବେ ଉତ୍କଳର ବୃହତ୍ କଷଟିରେ ପରଖିବାର ଅବକାଶ ରହିଲା ।”

“ବିସ୍ମୃତି ଓ ବିଲୟ ମୁଖରୁ କଥାଗୁଡ଼ିକ ଉଦ୍ଧାର କରି ବ୍ୟକ୍ତିଗତ ବା ମୌଳିକ ସମ୍ପତ୍ତିକୁ ସର୍ବସାଧାରଣ କରିବାରେ ଯେଉଁମାନେ ମୋତେ ସାହାଯ୍ୟ କରିଛନ୍ତି ସେଇ ସ୍ରଷ୍ଟା, ବାହକ, ଧାରକ ଜନସାଧାରଣଙ୍କୁ ମୋର ଅନ୍ତରଭରା ଆନନ୍ଦ ଓ କୃତଜ୍ଞତା ଅର୍ପଣ କରୁଅଛି । କାରଣ ସେମାନେ ବା ସେମାନଙ୍କ ବଡ଼ବଡ଼ିଆ ହେଉଛନ୍ତି ମୂଳ ଉତ୍ସ । ତାକୁ ବିପୁଳ ଧାରରେ ବୃହତ୍ ଅଞ୍ଚଳରେ ବୁହାଇବାରେ ଯଦି କୃତିତ୍ୱ ଥାଏ, ତାହା ମୋର ପ୍ରାପ୍ୟ ।

## ଲୋକଗଳ୍ପ ସଞ୍ଚୟନ

୧୯୬୪ରେ ଓଡ଼ିଶାସାହିତ୍ୟଏକାଡେମୀ ଲୋକଗଳ୍ପସଞ୍ଚୟନ ପ୍ରକାଶ କରିଥିଲେ । ମୁଁ ଏହାର ମୁଖବନ୍ଧରେ ଲେଖିଥିଲି—ଆଜି ମୋର ଗୋଟିଏ ଆନନ୍ଦର ଦିନ, ମୋର ଗୋଟିଏ ନୂଆ ବହି ଛପା ହୋଇଗଲା ବୋଲି ନୁହେଁ, ଜାତିର ଯେଉଁ ଅମୂଲ୍ୟନିଧି ଲୁଚି ଯାଉଥିଲା, ରହିଗଲା ବୋଲି । ସାଂସ୍କୃତିକ ଗୌରବ ବା ଆନନ୍ଦ ବୋଧ ଆଜି ନ ଆସିଥିଲେ ବି, ଦିନ ଆସିବ, ଯେତେବେଳେ ଜାତି ଏ ଦିନଟିକି ଗର୍ବର ସହିତ ସ୍ମରଣ କରିବ । ଓଡ଼ିଆଜାତିର ଅସ୍ତିତ୍ୱ ଆଜି ବାହାରିଲା । ସତରେ ଆମ ଜାତୀୟ ଚରିତ୍ର ଆଉ କେଉଁ କାବ୍ୟ, ମହାକାବ୍ୟ ବା ଗଳ୍ପ, ଉପନ୍ୟାସରେ ଏତେ ନିଖୁଣ ଭାବରେ ଫୁଟିଛି ?”

“କଥକଠାରୁ କାହାଣୀର କଙ୍କାଳ ମାତ୍ର ଟିପି ଆଣିବାକୁ ହୁଏ । ରୂପଦାନ କାର୍ଯ୍ୟ ଲେଖକର, ଏହା ପରିଶ୍ରମସାପେକ୍ଷ । ରୂପ ଦେଇ ନ ଜାଣିଲେ ଏହା ଛିଡ଼ା ଫୁଲ ପରି ମଳିନ ଦିଶେ, ବେତାଳିଆ ସଙ୍ଗୀତ ପରି ଶୁଣାଯାଏ ଏହାର ସ୍ୱର ସନ୍ଧେ ଯେପରି ରସବନ୍ତ ଜୀବନର ଏହା ଏକ ସମାଧିମନ୍ଦିର, ମାଳଭୂପଥରରେ ଗଢ଼ା ।” “ବହୁ ଲୋକଙ୍କଠାରୁ ଶୁଣି ଶୁଣି କଥା କହିବାର କଳା ଶିକ୍ଷା କରିବାକୁ ହୋଇଛି । ଓଡ଼ିଶା ଓ ତାର ନିକଟାଞ୍ଚଳରେ ବୁଲା ଫକୀରର ଝୁଲିମୁଣି ଧରି ମୋତେ ବୁଲିବାକୁ ହୋଇଥିଲା ।”

“ମୋ ନନା ଜଣେ କଥକ ଥିଲେ । ଗୋଟିଏ ଗଳ୍ପ ଆମ ଗାଆଁରୁ ଆରମ୍ଭିଲେ ପୁରୀଷ୍ଟେସନରେ ଶେଷ ହେଉ ନ ଥିଲା । ପୁରୀ ଆମ ଗାଁଠୁଁ ତାଳଜଙ୍ଗ ଦଶକୋଶ ବାଟ । ସେକାଳେ ସେ ଚାଲି ଚାଲି ଯାଉଥିଲେ । ବାଟ କଟେଇବା ଲାଗି ସହଚରମାନଙ୍କୁ ଗଳ୍ପ କହୁଥିଲେ । ମୁଁ ପିଲାଦିନେ ତାଙ୍କଠାରୁ କେତେ ଗଳ୍ପ ଶୁଣିଛି । ଆଜି କିଛି ମନେ ନାହିଁ । ସାଇତି ରଖିବାର ବୟସ ବା ଚେତନା ସେତେବେଳେ ହୋଇ ନ ଥିଲା ।”

'ମୋ ବୋଉ ଗୀତର ଭଣ୍ଡାର । ଗୀତ ବୋଲିଲାବେଳେ ସେ କାନ୍ଦୁଥିଲା, କିନ୍ତୁ ଗଳ୍ପ କହିଲା ବେଳେ ହସି ହସି ଗଡ଼ୁଥିଲା । ଲୋକଗୀତ ଓ ଲୋକଗଳ୍ପର ଗଭୀର ତାରତମ୍ୟ ତାର ଅଶ୍ରୁ କରୁଣ ଓ ହାସ୍ୟପ୍ରସନ୍ନ ମୂର୍ତ୍ତିରେ ବେଶ୍ ଫୁଟି ଉଠୁଥିଲା ।"

## ଓଡ଼ିଆ ଲୋକଗୀତ ଓ କାହାଣୀ

ଓଡ଼ିଆ ଲୋକଗୀତ ଓ କାହାଣୀ' ସନ୍ଦର୍ଭ ଲେଖି ମୁଁ ୧୯୫୪ରେ ବିଶ୍ୱ-ଭାରତୀରୁ ପିଏଚ. ଡି. ଡିଗ୍ରୀ ଲାଭ କରିଥିଲି । ମୋ ଆଗରୁ ଓଡ଼ିଶାର କେତେକ ଅଧ୍ୟାପକ ପିଏଚ. ଡି. ବା ଡି. ଲିଟ୍ ଡିଗ୍ରୀ ପାଇଥିଲେ, କିନ୍ତୁ ଇଂରାଜୀ ବା ଓଡ଼ିଆରେ କାହାର ଥେସିସ ପ୍ରକାଶ ପାଇ ନ ଥିଲା । ସେ ଦୃଷ୍ଟିରୁ ଦେଖିଲେ ଏହା ଓଡ଼ିଶାର ପ୍ରଥମ ପ୍ରକାଶିତ ଥେସିସ୍, ପ୍ରଥମ ଓଡ଼ିଆ ଥେସିସ୍ । ସନ୍ଦର୍ଭଟି ଲେଖିବାକୁ ମୋତେ ଦୁଇବର୍ଷ ସମୟ ଲାଗିଥିଲା ।

## ପୃଥିବୀର ଶ୍ରେଷ୍ଠ ଗାଉଁଲୀ ଗଳ୍ପ

ଚୀନ୍, ଗ୍ରୀସ୍, ମିଶର, ହାଓ୍ୱାଇ, ନିଉଜିଲାଣ୍ଡ, ସିଂହଳ, ଭାରତବର୍ଷ ପ୍ରଭୃତି ବିଭିନ୍ନ ଦେଶର କେତେକ ଲୋକଗଳ୍ପ ଅନୁବାଦ କରି "ପୃଥିବୀର ଶ୍ରେଷ୍ଠ ଗାଉଁଲୀ ଗଳ୍ପ' ନାମରେ ୧୯୫୨ରେ ଛପାଇଥିଲି ।

## ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା

ବିଶ୍ୱଭାରତୀ ଓଡ଼ିଆସାହିତ୍ୟପରିଷଦ୍ ତରଫରୁ ଓଡ଼ିଆ ଅଧ୍ୟାପକ ଓ ଛାତ୍ରମାନଙ୍କର ବିଭିନ୍ନ ପ୍ରବନ୍ଧ 'ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା' ନାମରେ ସଂକଳନ କଟିଥିଲି । ୯୯୬୨ରେ ଓଡ଼ିଶାସାହିତ୍ୟଏକାଡେମୀ ଏହି ଗ୍ରନ୍ଥ ପ୍ରକାଶ କରିଥିଲେ ।

କୁନ୍ତଳାକୁମାରୀଙ୍କ ଗଦ୍ୟ ଓ ପଦ୍ୟ ରଚନା 'କୁନ୍ତଳାକୁମାରୀ ରଚନାମାଳା' (ପ୍ରକାଶ—୧ମ ଭାଗ, ୧୯୬୭, ୨ୟ ଭାଗ ୧୯୬୯) ସଂକଳନ କରିଥିଲି ।

୧୯୫୦ରୁ ୧୯୭୫—ଏଇ ପଚିଶ ବର୍ଷ ରଚନାର ଧାରା ପ୍ରାୟ ଅକ୍ଷୁର୍ଣ୍ଣ ଥିଲା; ଦୁଃଖ, ବ୍ୟାଧି ଓ ବିପଦ ମୋ ହାତରୁ ଲେଖନୀ ଖସାଇ ନେଇପାରି ନ ଥିଲା । ୯୯୭୦ରେ ସିମ୍‌ଲାରେ ରାଷ୍ଟ୍ରପତି ନିବାସର ଚଉଦ ଦିନ ରହଣି ମଧ୍ୟରେ ମୋତେ ହିମାଳୟର ନାନା ଦୃଶ୍ୟ ଦେଖିବାର ସୁଯୋଗ ମିଳିଥିଲା । ଫେରି ଆସିବା ପରେ 'ମୋର ଦୁଇ ଦିଗନ୍ତର ଆକାଶ' ଶୀର୍ଷକ ଭ୍ରମଣକାହାଣୀ ପୁସ୍ତକ (ଫେବ୍ରୁଆରୀ, ୧୯୭୨) ପ୍ରକାଶ ପାଇଥିଲା । ହିମାଳୟ ଭ୍ରମଣକାହାଣୀର ନାମ 'ହିମାଦ୍ରିର ଶୃଙ୍ଗେ ଶୃଙ୍ଗେ', ଦକ୍ଷିଣ ଭାରତୀୟ ଭ୍ରମଣକାହାଣୀ (୧୯୬୨)ର ନାମ 'ଯେଉଁ ଦିଗରୁ ମଳୟ ବହେ' ଉଭୟର ଏକ ନାମ 'ଦୁଇ ଦିଗନ୍ତର ଆକାଶ' ।

୧୯୭୩ରେ 'ଲୋକବାଣୀ ସଞ୍ଚୟନ' ଓ ୧୯୭୪ରେ 'ପଲ୍ଲୀଗୀତି ସଞ୍ଚୟନ', ତୃତୀୟ ଖଣ୍ଡ ପ୍ରକାଶିତ ହୋଇଅଛି । ୧୯୭୫ରେ 'ଲୋକବାଣୀ ସଞ୍ଚୟନ', ଦ୍ୱିତୀୟ ଖଣ୍ଡ, ଓ 'ଚଉତିଶା ସଞ୍ଚୟନ', ୧ମ ଖଣ୍ଡ ପ୍ରକାଶିତ ହୋଇଅଛି ।

## ପୁରସ୍କାର ପ୍ରାପ୍ତି

ସାଧନା କରୁ କରୁ ଯେବେ କେଉଁଠି ପୁରସ୍କାର ମିଳେ, ନିଶ୍ଚୟ ସୌଭାଗ୍ୟର କଥା । ପୁରସ୍କାର ଆଶା ଏକ ବିଡ଼ମ୍ବନା । ପୃଥିବୀର ଅଧିକାଂଶ ସାହିତ୍ୟିକ ପ୍ରାୟ ପୁରସ୍କାରଲାଭରୁ ବଞ୍ଚିତ । ପୁରସ୍କାର ସାଧନାର ଏକ ସିଦ୍ଧି ନୁହେଁ; ସାଧନାର ପ୍ରକୃତ ମୂଲ୍ୟ କେହି ଦେଇ ନ ପାରେ । ଯାହାହେଉ, ମୋ ଭାଗ୍ୟକୁ ଗୋଟିଏ ମିଳିଲା । ଅର୍ଥର ପରିମାଣ ସ୍ୱଳ୍ପ ବୋଲି ମୁଁ ଏହାକୁ କ୍ଷୁଦ୍ର ମନେ କରି ନ ପାରେ ।

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

୧୯୬୬ଠାରୁ ୧୯୬୮ ମସିହାରେ ପ୍ରକାଶିତ ପୁସ୍ତକମାନଙ୍କ ମଧ୍ୟରୁ 'ପ୍ରବନ୍ଧ, ସାହିତ୍ୟ ସମାଲୋଚନା, ଜୀବନୀ ଓ ଭ୍ରମଣ ବୃତ୍ତାନ୍ତ ବିଭାଗରେ 'ଆମେରିକାରୁ ଲଭସେପ ଅର୍ଫ୍ରିକା' ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ଡକ୍ଟର କୁଞ୍ଜବିହାରୀ ଦାଶଙ୍କୁ ଓଡ଼ିଶାସାହିତ୍ୟ ଏକାଡେମୀ ପକ୍ଷରୁ ଏ ପ୍ରମାଣପତ୍ର ସହ ଏକ ସହସ୍ର ମୁଦ୍ରା ପୁରସ୍କାର ସ୍ୱରୂପ ପ୍ରଦାନ କରଗଲା ।

' ବିନୋଦଚନ୍ଦ୍ର ନାୟକ — ଶରତ କୁମାର କର
ସମ୍ପାଦକ, ୨୦।୨।୭୨ — ସଭାପତି

ରବୀନ୍ଦ୍ରମଣ୍ଡପରେ ଓଡ଼ିଶାସାହିତ୍ୟଏକାଡେମୀ ପକ୍ଷରୁ ଆୟୋଜିତ ଏକ ସଭାରେ କହିଥିଲି—ମୁଁ ନିଜକୁ ସାହିତ୍ୟର ଜଣେ ଶ୍ରମିକ ବୋଲି ମନେ କରେ । ମୋ ଲେଖାରେ କେତେ ପ୍ରତିଭା ଫୁଟିଛି ନ ଫୁଟିଛି, ଜାଣେନାହିଁ । କିନ୍ତୁ ଶ୍ରମ କରିବା ମୋର ମୁଖ୍ୟ ବ୍ରତ । ଆଧୁନିକ ଓଡ଼ିଆ ସାହିତ୍ୟ କାଳିଦାସ, ରବୀନ୍ଦ୍ରନାଥଙ୍କ ପରି ଜଣେ କ୍ରାନ୍ତିକାରୀ ଅପେକ୍ଷାରେ ରହିଛି । ତା'ହେଲେ ଯୁଗ ଯୁଗବ୍ୟାପୀ ମାନସିକ ଦାରିଦ୍ର୍ୟ ଘୁଞ୍ଚିଯିବ । ଓଡ଼ିଶାରେ ସେହି ପ୍ରତିଭାର ଆବିର୍ଭାବ ଲାଗି ମୁଁ ଓ ମୋଭଳି କର୍ମୀମାନେ ପଥ ପରିଷ୍କାର କରିଚାଲିଛୁ ।

ମୋ ପ୍ରିୟ ଛାତ୍ର ଅଧ୍ୟାପକ ଅଭିନ୍ନ ଚନ୍ଦ୍ର ସାହୁ ଭୁବନେଶ୍ୱରର ଆଞ୍ଚଳିକ କଲେଜରୁ ବାର୍ଷିକୋତ୍ସବରେ ତଳୋକ୍ତ ନିମ୍ନ ମାନପତ୍ରଟି ଦେଇଥିଲେ ।

ସମ୍ମାନୀୟେଷୁ ପ୍ରଣାମ ।

ଆପଣଙ୍କ ସୃଷ୍ଟି ସ୍ୱପ୍ନପଥର ଜ୍ୟୋତିରେଖା ରଞ୍ଜିତ 'ସ୍ୱରଣିକା' ଉଚ୍ଛ୍ୱାସ ନୁହେଁ, ଉଦାତ୍ତ ଜୀବନର 'କଳକଲ୍ଲୋଳ' ଚରୈବେତି ଚରୈବେତି ବାଣୀର ଉଦ୍‌ଘୋଷକ । 'ଆମେରିକାରୁ ଲଭସେପ ଅଫ୍ରିକା' ପୁଣି 'ମୋ ସ୍ୱପ୍ନର କାଶ୍ମୀର' ଠାରୁ ସ୍ୱର୍ଣ୍ଣଲଙ୍କା ଯାତ୍ରା ମଧ୍ୟରେ ଆପଣ ସାଜିଛନ୍ତି ମାନବଜୀବନର 'ଶ୍ରମଦ' ରୂପକାର ।

'କଙ୍କାଳର ଲୁହ' ଓ ସନ୍ତାପ ମଣିଷର ଦୁର୍ଦ୍ଦଶାର ଅନ୍ତରାଳରେ ଦୁଇ 'କୋମଳ ନୀଳ ହାତ'ର ଚକ୍ରାନ୍ତ ଦେଖି ରଚିଛନ୍ତି ଆଗ୍ନେୟ 'ଝଡ଼ର ସହସ୍ର ପଦଧ୍ୱନି' ପୁଣି 'ପଲ୍ଲୀ ଝରଣା'ର ସରସ, ଚପଳ ଛନ୍ଦ; 'ପଲ୍ଲୀପୁଷ୍ପ'ର ଅମିୟ ସୁରଭିରେ ଅମ୍ଳାନ ହୋଇ ରହିଛନ୍ତି ଲୋକବେଦର ଉଦଗାତା ଓ ଲୋକକାହାଣୀର ପ୍ରବକ୍ତା ଭାରତୀୟ ସାହିତ୍ୟ ସାମଗ୍ରିକ ଭାବେ ଆପଣଙ୍କର ଲୋକସଂସ୍କୃତି ଓ ଲୋକସାହିତ୍ୟ ଗବେଷଣାରେ ସମୃଦ୍ଧ ।

ବିଶ୍ୱତୋମୁଖୀ ମାନବତା ପଥର ଅକ୍ଳାନ୍ତ ପଥଚାରୀ, ହେ ତରୁଣ ଶିଳ୍ପୀ, ଜାତୀୟତାର ସମବାହକ, ପ୍ରକୃତିର ରୂପ ରସ ଗନ୍ଧ ସ୍ପର୍ଶର ହେ ବିମୁଗ୍ଧ କଳାକାର, ଆପଣଙ୍କ ଜୀବନଦ୍ୱନ୍ଦ୍ୱର ଅପରାଜେୟ ସଫଳ ସଂଗ୍ରାମ ଚିରଦିନ ପାଇଁ ଅନାକ୍ରାନ୍ତ ରହୁ ।

ମାନବର ସହୃଦୟତା କବିତ୍ୱର ରସୋତ୍ତୀର୍ଣ୍ଣ ରୂପ ଗବେଷକର ସୂକ୍ଷ୍ମାତିସୂକ୍ଷ୍ମ ଅନୁସନ୍ଧିତ୍ସା ଆପଣଙ୍କଠାରେ ଏକା ଧାରରେ ପ୍ରମୂର୍ତ୍ତ । ଏହା ଆମକୁ ଉଦବୁଦ୍ଧ କରୁ ।

ଆପଣଙ୍କ ପୁଷ୍ପ ଲୁପିତ ଜୀବନ ଓ ସାଧନ ଅମୃତାୟିତ ହେଉ ।

ଭାଷା ସଂସଦ୍
ଆଞ୍ଚଳିକ ପ୍ରଶିକ୍ଷଣ ବିଦ୍ୟାଳୟ

ଭୁବନେଶ୍ୱର
୬।୨।୧୯୭୨

# ଡିଗ୍ରୀପ୍ରାପ୍ତି ପରେ

ମାନନୀୟ ଡକ୍ଟର କୁଞ୍ଜବିହାରୀ ଦାଶ ଏମ୍. ଏ, ପି. ଏଇଚ୍. ଡିଙ୍କୁ
—ଶ୍ରଦ୍ଧା ନିବେଦନ—

ପୂଜ୍ୟପାଦ !

ଓଡ଼ିଆ ଲୋକସାହିତ୍ୟର ସଂଗ୍ରହ, ସଂକଳନ ଓ ଗବେଷଣାରେ ବହୁଦିନର ନିରବଚ୍ଛିନ୍ନ ସାଧନା ଆଜି ଆପଣଙ୍କୁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଉପାଧି ପ୍ରଦାନ କରିଅଛି । ଏହା କେବଳ ଆପଣଙ୍କ ଜୀବନରେ ନୁହେଁ, ଆମ ସମସ୍ତଙ୍କର ଏକ ପରମ ଆନନ୍ଦର ଦିନ । ସମୃଦ୍ଧ ଓଡ଼ିଆ ଲୋକ-ସଂସ୍କୃତିକୁ ଆପଣ ଆଲୋକକୁ ଆଣି ଅଛନ୍ତି । ଏଥି ସହିତ ଭାରତୀୟ ସଂସ୍କୃତିର ଗବେଷଣା କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଅବହେଳିତ ଓ ଅଜ୍ଞାତର ଅନ୍ତରାଳରେ ଲୁକ୍କାୟିତ ବିରାଟ ଲୋକସଂସ୍କୃତି ପ୍ରତି ସୁଧୀବର୍ଗଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ୟମ କରିଅଛନ୍ତି । ଏ ଉଦ୍ୟମ ଅଧିକରୁ ଅଧିକ ସଫଳ ହେଉ । ଏହାହିଁ କାମନା ।

ସ୍ୱଦେଶର ପ୍ରକୃତି ଓ ମାନବ ପ୍ରତି ଗଭୀର ସଂପ୍ରୀତି ଅତି ତରୁଣ ବୟସରୁ ଆପଣଙ୍କୁ କାବ୍ୟସାଧନାରେ ଅଭିନିବେଶ ଆଣି ଦେଇଥିଲା । ସଂସ୍କୃତି ଓ ସାହିତ୍ୟ ପ୍ରତି ହୃଦୟଭରା ମମତା ଆଜି ଆପଣଙ୍କୁ ଏହାର ବୈଶିଷ୍ଟ୍ୟ, ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ଯଥାର୍ଥ କଳନା କରିବା ଲାଗି ଗବେଷଣାନିରତ କରିଅଛି । ଏଥିରେ ଆପଣ

ସଫଳତର ସିଦ୍ଧି ଲାଭ କରନ୍ତୁ । ଉପଯୁକ୍ତ ପରିକଳ୍ପନା, ସଙ୍ଗଠନ ଓ ସଂହତ ଉଦ୍ୟମ ଅଭାବରୁ ଓଡ଼ିଆସାହିତ୍ୟ ଗବେଷଣା କ୍ଷେତ୍ରରେ ଆଜି ଯେଉଁ ଦୈନ୍ୟ ଦେଖା ଦେଇଛି, ତାହା ଦୂର କରିବାକୁ ଆପଣଙ୍କ ଶକ୍ତି ଓ ସାମର୍ଥ୍ୟର ବିନିଯୋଗ ଲାଗି ସୁଯୋଗ ଲାଭ କରନ୍ତୁ ।

ଭବିଷ୍ୟତରେ ଆହୁରି ଆନନ୍ଦମୟ ତିଥିର ପ୍ରତୀକ ରୂପେ ଆଜିର ଏ ସ୍ମରଣୀୟ ଦିବସରେ ଆମେ ଆପଣା ହୃଦୟର ପରମ ଶ୍ରଦ୍ଧାଞ୍ଜଳି ଆପଣଙ୍କ ଚରଣ ତଳେ ଅର୍ପଣ କରୁଅଛୁଁ ।

। ଇତି ।

ଆପଣଙ୍କର
ପ୍ରିୟ ଛାତ୍ରଛାତ୍ରୀବୃନ୍ଦ
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ

ଶାନ୍ତିନିକେତନ
୧୩।୧୨।୧୯୫୪

## ମୋର ପ୍ରକାଶକ

କବିତାରେ ହିଁ ମୋର ଲେଖକଜୀବନ ଆରମ୍ଭ କରିଥିଲି, ଯେପରି ପୃଥିବୀର ଅଧିକାଂଶ ଲେଖକ କରିଥାନ୍ତି । ନୂଆ ଲେଖକର ବିଶେଷତଃ କବିର ପ୍ରକାଶକ ସଂଖ୍ୟାନ୍ୟୂନ । ଅନ୍ୟତ୍ର ଯେପରି, ଓଡ଼ିଶାରେ ସେହିପରି ଏହାର ବ୍ୟତିକ୍ରମ ହୋଇନାହିଁ । ଆଦ୍ୟ ଆଧୁନିକ ଯୁଗରେ କିଛି ଧନୀ ରସିକ, ଗ୍ରାହକ ଥିଲେ । ରାଧାନାଥ, ଗଙ୍ଗାଧର, ଚିନ୍ତାମଣି ପୁସ୍ତକପ୍ରକାଶ ଲାଗି ସୁଯୋଗ୍ୟ ରାଜ ଗ୍ରାହକମାନଙ୍କର ଅର୍ଥାନୁକୂଲ୍ୟ ଲାଭ କରିଥିଲେ ।

ପ୍ରାଥମିକ ଲେଖକଜୀବନରେ ମୁଁ ତାଳଚେରର ରାଜା, ଜୟପୁରର ମହାରାଜା, ବଡଖେମିଡ଼ି ଓ ଧରାକୋଟର ଜମିଦାରଦ୍ୱୟଙ୍କ ଅର୍ଥାନୁକୂଲ୍ୟରେ 'ପ୍ରଭାତୀ,' 'ବାଗ୍ମୀ', 'ପାଷାଣ ଚରଣେ ରକ୍ତ', 'କଳକଲ୍ଲୋଳ' କବିତା ପୁସ୍ତକ ପ୍ରକାଶ କରିଥିଲି ।

ତାପରେ ମୁଁ ନିଜେ ହୋଇଥିଲି ନିଜର କେତେକ ପୁସ୍ତକର ପ୍ରକାଶକ । 'ଲଙ୍କାଯାତ୍ରୀ' ଓ 'ବୀରଶ୍ରୀ' ପାଠ୍ୟପୁସ୍ତକ ଭାବରେ ଚଳିବାରୁ ମୁଁ ଲାଭବାନ୍ ହୋଇଥିଲି । ତାପରେ 'ନବମାଳିକା', 'ଡାକ୍ ଜମାଜମ୍ ଜମ୍', ପଲ୍ଲୀପୁଷ୍ପ', 'ପଲ୍ଲୀଝରଣା', 'ମୋ ସ୍ୱପ୍ନର କାଶ୍ମୀର', 'ସେ ଏକ ଲୋମଶ ନୀଳ ହାତ', 'ସ୍ମରଣିକା', 'ଜଙ୍ଗଲର ଲୁହ', 'ପୃଥିବୀର ଶ୍ରେଷ୍ଠ ଗାଉଁଲୀ ଗଳ୍ପ', 'କଥାଟିଏ କହୁଁ', ୧ମ ଓ ୨ୟ ଭାଗ, ପଲ୍ଲୀଗୀତି ସଞ୍ଚୟନ, ୨ୟ ଭାଗ ହାତରୁ ଖର୍ଚ୍ଚ କରି ଛପାଇ ଥିଲି । ମୋ ସ୍ତ୍ରୀ ପ୍ରେମଲତା 'ଲୋକବାଣୀ ସଞ୍ଚୟନ', 'ପଲ୍ଲୀଗୀତି ସଞ୍ଚୟନ', ୩ୟ ଭାଗ, 'ଆମେରିକାରୁ ଇଉରୋପ ଆଫ୍ରିକା' ଛପାଇ ଥିଲେ । ଏ ସବୁରେ ପ୍ରାୟ ୫୦ ହଜାର ଟଙ୍କା ହୋଇଥିଲା । ନିଜ ଗୋଡ଼ରେ ଛିଡ଼ା ହୋଇପାରିଛି ବୋଲି ଦିନେ ମୋର ଗର୍ବ ଥିଲା । କିନ୍ତୁ ଅନେକାଂଶରେ ମୂଳ ବୁଡ଼ିଥିଲା; କେତେ ବନ୍ଧୁବାନ୍ଧବ ଚର୍ଚ୍ଚାରେ ଗଲା, କେତେ ଭଲ ମୁହଁରେ ଗଲା, ବହି ଜମାଥିବା କେତେ ଦୋକାନ ଫାର୍କି ଗଲା । ବହି ଫେରି ପାଇ ନ ଥିଲି । ତଥାପି ମୁଁ ଭାଙ୍ଗି ପଡ଼ିନାହିଁ; କୌଣସି

କୌଣସି ପୁସ୍ତକ ମୋତେ ଦୁର୍ଦ୍ଦିନରେ ଚଳାଇଛି, ଆର୍ଥିକ ଅବସ୍ଥାରେ ଉନ୍ନତି ଘଟାଇଛି କହିବାକୁ ହେବ ।

ତାପରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ମୋର 'ପଲ୍ଲୀଗୀତି ସଞ୍ଚୟନ, ୧ମ ଖଣ୍ଡ, 'A study of Orissan Floklore', ପିଏଚ୍ ଡ଼ି. ଥେସିସ୍ 'ଓଡ଼ିଆ ଲୋକଗୀତ ଓ କାହାଣୀ', 'ସମାଲୋଚନା' ପୁସ୍ତକ ପ୍ରକାଶ କଲା ।

ମୁଁ ବିଶ୍ୱବିଦ୍ୟାଳୟରୁ ରୟାଲ୍‌ଟି ବାବଦକୁ ୧୦% ମାତ୍ର ପାଉଅଛି ।

ତା'ପରେ ମୋର ପ୍ରକାଶକ ହୋଇଥିଲେ Das Brothers—ବର୍ତ୍ତମାନ ଅବଲୁପ୍ତ Students Storeର ଜଣେ ଭୂତପୂର୍ବ ଅଂଶୀଦାର—ପୂର୍ଣ୍ଣଚନ୍ଦ୍ର ଦାସ । ପାଠ୍ୟପୁସ୍ତକ ଓ ମାନଚିତ୍ରରୁ ବିଶେଷ ଲାଭବାନ୍ ହୋଇ ସେ ବ୍ୟବସାୟର ଅଭିବୃଦ୍ଧି ସାଧନ କରିଥିଲେ । କିନ୍ତୁ ମଙ୍ଗ ସମ୍ଭାଳି ପାରିଲେନାହିଁ । ଶେଷ ଜୀବନରେ ଲେଖକମାନଙ୍କୁ ପ୍ରାପ୍ୟରୁ ବଞ୍ଚିତ କରିଥିଲେ, ନିଜେ ଦାରିଦ୍ର୍ୟର ଶୋଚନୀୟତମ ସ୍ତରକୁ ଖସି ଯାଇଥିଲେ ।

ସେ 'କୁଞ୍ଜବିହାରୀ ସଞ୍ଚୟନ', ୧ମ, ୨ୟ ଓ ୩ୟ ଭାଗ ପ୍ରକାଶ କରିଥିଲେ । ବଜାରରେ କବିତାର କାଟ୍‌ତିକୁ ଗ୍ରହିଲେ ତାଙ୍କର ଏଭଳି ପ୍ରକାଶକୁ ସାହସିକତା ବୋଲିବାକୁ ହେବ । ସେ ମୋର ଧନ୍ୟବାଦାର୍ହ ।

'ଗ୍ରନ୍ଥ ମନ୍ଦିର', 'Friends Publishers', 'ଜଗନ୍ନାଥ ରଥ', 'ଟ୍ରେଡ଼ିଂ କମ୍ପାନୀ' ମୋର ବିଭିନ୍ନ ପୁସ୍ତକର ପ୍ରକାଶକ । ଓଡ଼ିଶା ସାହିତ୍ୟ ଏକାଡେମୀ ମୋର 'ଓଡ଼ିଆ ଲୋକଗଳ୍ପ ସଞ୍ଚୟନ' ଛପାଇ ହଜାରେ ପୁସ୍ତକରୁ ରୟାଲ୍‌ଟି ବାବଦକୁ ମୋତେ ୫୫୦ ଖଣ୍ଡ ଦେଇଥିଲେ । ମୁଁ ସେ ସବୁ ପୁସ୍ତକକୁ ଦୋକାନ ଜରିଆରେ ବିକ୍ରୟ କରି ବିଶେଷ ଲାଭବାନ୍ ହୋଇଥିଲି ।

ଏବେ National Book Trust of India 'Folklore of Orissa' ବୋଲି ଖଣ୍ଡିଏ ପୁସ୍ତକ ପ୍ରକାଶ କରୁଛି । ମୁଁ ଓ ଡକ୍‌ଟର ଲକ୍ଷ୍ମଣ ମହାପାତ୍ର ଉଭୟ ଏହାର ଲେଖକ ।

ଦି' ହଜାର ଛପାଇ ପ୍ରକାଶକ ହଜାରକର ରୟାଲ୍‌ଟି ଲେଖକକୁ ଦିଏ, ପୁସ୍ତକ ବିକ୍ରୀ ହୁଏନାହିଁ ବୋଲି କହେ, ପଟା ମଲାଟ ଲାଗି ବର୍ଦ୍ଧିତ ଦାମ୍‌ର ରୟାଲ୍‌ଟି ଲେଖକକୁ ଦିଏନାହିଁ; କେହି କେହି ପ୍ରକାଶକ ରୟାଲଟି ବୁଡ଼ାନ୍ତି, ଲେଖକ ଦୌଡ଼ି ଦୌଡ଼ି ମରେ, ଲେଖକର ନାନା ଅଭିଯୋଗ । କିନ୍ତୁ ମୁଁ ପ୍ରାୟ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇନାହିଁ । ମୋର ବିଶ୍ୱାସ, ପ୍ରକାଶକର ଯତ୍‌ସାମାନ୍ୟ ସମୃଦ୍ଧ ହୋଇଥିଲା ପାଠ୍ୟପୁସ୍ତକ ଯୋଗୁଁ । ଜାତୀୟକରଣ ପରେ ପ୍ରକାଶନସଂସ୍ଥାସବୁ ଚୋକେ ପିଇ ଦଣ୍ଡେ ଜୀ ହୋଇ ବଞ୍ଚିଛି । ସାଧାରଣ ସାହିତ୍ୟ ଛପାଇ କେହି ବଡ଼ଲୋକ ହୋଇନାହିଁ ।

ମୋ ମନଲାଖୀ ଏ ପର୍ଯ୍ୟନ୍ତ ଜଣେ ପ୍ରକାଶକ ପାଇନାହିଁ—ମୋର ସମସ୍ତ ପୁସ୍ତକର ଦାୟିତ୍ୱ ନେବା ପାଇଁ କେହି ଆଗେଇ ଆସିନାହିଁ । ଫଳରେ ମୁଁ ଘାଣ୍ଟି ହେଉଛି, କିନ୍ତୁ ନିରୁପାୟ ।

ପ୍ରକାଶକ ପ୍ରକାଶ ପରେ ଲେଖକକୁ ଚାରିଖଣ୍ଡ ମାତ୍ର ପୁସ୍ତକ ଦିଅନ୍ତି । ନିଜେ ଛପାଇବାର ସୁବିଧା ଏଇ ଯେ ନିଜ ବହିର ଆକୃତି ସୁନ୍ଦର କରିପାରିବ, ମନ ଖୁସିରେ ଯେତେ ଇଚ୍ଛା ସେତେ ଉପହାର ଦେଇ ପାରିବ, ବିବାହ ଭୋଜରେ ଉପାୟନ ସ୍ୱରୂପ ନେଇପାରିବ ।

ନିଜେ ପ୍ରକାଶ କରି ଜମା ଦେଲେ ଦୋକାନୀ ବିକ୍ରୟ ବାବଦକୁ ୩୦ରୁ ୩୫% ନିଏ, କିନ୍ତୁ ନିଜେ ଛପେଇଲେ ଲେଖକକୁ ୧୫ ବା ୨୦%ରୁ ଅଧିକ ଦିଏନାହିଁ ।

ପୁସ୍ତକର ଆୟ ଉପରେ ନ ବଞ୍ଚିବା ପର୍ଯ୍ୟନ୍ତ ଓଡ଼ିଆ ଲେଖକ ପୂର୍ଣ୍ଣମାତ୍ରାରେ ଲେଖାର ମାନ ବଢ଼ାଇ ପାରିବ ନାହିଁ, ଜଗତର ଶ୍ରେଷ୍ଠ ଲେଖକଙ୍କ ସହିତ ପାଦ ମିଳାଇ ଚାଲିପାରିବ ନାହିଁ । ପ୍ରକାଶ ଲାଗି ବାରମ୍ବାର ପ୍ରକାଶକର ଦ୍ୱାରସ୍ଥ ହେବା, ଯତସାମାନ୍ୟ ପଇସା ନେଇ ସ୍ୱତ୍ୱ ଦେଇଦେବା ମର୍ଯ୍ୟାଦାହାନିକର । ସେ ନିଜ ମର୍ଯ୍ୟାଦା ରଖିପାରେ ନାହିଁ, ସେ ସାହିତ୍ୟର ମାନ ବା ଜାତିର ମର୍ଯ୍ୟାଦା ବଢ଼ାଇ ନ ପାରେ ।

## ଜୀବନ ଓ ମୃତ୍ୟୁର ସେତୁ ଉପରେ

ଦୀର୍ଘ କାଳ ବଞ୍ଚିଲେ ମଣିଷ ବହୁ ଦୁଃଖମୟ ପରିସ୍ଥିତିର ସମ୍ମୁଖୀନ ହୁଏ; ଯେଉଁମାନଙ୍କୁ ସେ ଶ୍ରଦ୍ଧା ଓ ସମ୍ମାନ କରୁଥିଲା, ସେମାନଙ୍କୁ ସଂସାର ଛାଡ଼ି ଚାଲି-ଯିବାର ଦେଖେ । ଯେଉଁମାନଙ୍କ ଭରସାରେ ସେ ବଞ୍ଚିଥାଏ, ଯେଉଁମାନଙ୍କ ନିଃସ୍ୱାର୍ଥପରତା ଯୋଗୁଁ ସଂସାର ତା ପକ୍ଷରେ ଏକ କମନୀୟ କ୍ରୀଡ଼ାପ୍ରାଙ୍ଗଣ ହୋଇଥାଏ, ଯେଉଁମାନଙ୍କ ସଙ୍ଗେ ବାଚିକ, ସାଂସ୍କୃତିକ, ଧାର୍ମିକ ଆଦାନପ୍ରଦାନ ହୋଇଥାଏ, ଯେଉଁମାନଙ୍କ ଯୋଗୁଁ ସେ ଦୁର୍ଦ୍ଦିନରୁ ରକ୍ଷା ପାଇଥାଏ, ଆନନ୍ଦ ଉଲ୍ଲାସରେ ମାତିଥାଏ, ସେମାନଙ୍କ ମଧ୍ୟରୁ ଜଣକ ପରେ ଜଣେ ସଂସାର ତ୍ୟାଗ କରି ଚାଲିଯାନ୍ତି । ସେ ବଞ୍ଚିଥାଏ ମରୁଭୂମି ମଧ୍ୟବର୍ତ୍ତୀ ଗୋଟିଏ ଗୁଳ୍ମଲତା ପରି । ସଂସାରରେ ଜୀବନଧାରଣ ସେତେବେଳେ ନିରର୍ଥକ ହୋଇପଡ଼େ; ନିଜର ପରିବାରର ଲୋକେ ସେତେବେଳେ କରୁଣା କରନ୍ତି — ବଞ୍ଚି ଅଯଥାରୁ କଷ୍ଟ ପାଉଛନ୍ତି ନା ଆଉ କଣ ?

କାହା ପାଖକୁ ସେ ଯିବ ? କିଏ ତାକୁ ଆଦରରେ ଘରକୁ ପାଛୋଟି ନେବ ? କିଏ ଦି'ପଦ ସ୍ନେହ ସମ୍ଭାଷଣ କରିବ ? କିଏ ଭଲମନ୍ଦ ପଚାରିବ ? କିଏ ଆପଦରେ ସାହାଯ୍ୟ କରିବାକୁ ଆଗେଇ ଆସିବ ? ଏକାକିତ୍ୱବୋଧ ତୀବ୍ର ଯାତନା ଦିଏ; ମୋ ଜୀବନ ଏକ ନିପାତନ ନୁହେ; ଅନ୍ୟାନ୍ୟ ବିଦଗ୍ଧ କବି, ଲେଖକଙ୍କ ଜୀବନରେ ଯାହା ଘଟେ, ମୋ ଜୀବନରେ ସେଇଆ ଘଟିଛି । ମୋର ସହାଧ୍ୟାୟୀ, ସହକର୍ମୀ ସହଧର୍ମୀ, ସଖା, ସୁହୃଦ, ସହଚର, ସମସାମୟିକ, ଅଭିଭାବକ, ଭକ୍ତିଭାଜନ ନେତା, କବି, ସାହିତ୍ୟିକ, ମୋର ସମସାମୟିକ, ମୋଠାରୁ ବୟସ୍କ, ମୋର କନିଷ୍ଠମାନେ ଇହଧାମ ତ୍ୟାଗ କରି ଯାଇଛନ୍ତି । ସେମାନଙ୍କ ବିନା ମୋର ଗତାନୁଗତିକ ସଂସାର ଅଚଳ ହୋଇନାହିଁ,କିନ୍ତୁ ମନ ମୋର ନାନା ଭାବେ ବିଚ୍ଛିନ୍ନ, ବିକ୍ଷତ ହୋଇଛି । ମୋ କାହାଣୀରେ ସେମାନଙ୍କ ମଧ୍ୟରୁ ମୁଁ କେତେକଙ୍କୁ ସ୍ମରଣ କରୁଛି ।

ଏଲ୍ଲାହାବାଦରେ ଲୋକସଂସ୍କୃତିସମ୍ମେଳନରେ ଯୋଗ ଦେବାକୁ ଯାଇ ପ୍ରସିଦ୍ଧ ହିନ୍ଦୀ କବି ନିରାଲାଙ୍କୁ ଗୋଟିଏ ଛୋଟ କୋଠରୀରେ ଭେଟିଥିଲି—ଦୀର୍ଘ ଦେହ, ମୁଖରେ ବିରଳ ଦାଢ଼ି; ଜଣେ ଶିକ୍ଷକଙ୍କ ଆଶ୍ରୟରେ ସେ କାଳକୁ ଅପେକ୍ଷା କରି ରହିଥିଲେ । ତାଙ୍କ ଲାଗି ହିନ୍ଦୀଭାଷୀ ଓ ସମଗ୍ର ହିନ୍ଦୁସ୍ଥାନ ଗୌରବାନ୍ୱିତ । କିନ୍ତୁ କବି ଏକାକୀ ଓ ଆର୍ଥିକ ଦୁଃସ୍ଥିତି ମଧ୍ୟରେ ଏକାନ୍ତ ହତାଶ ଅବସ୍ଥାରେ ଥିଲେ । ତାଙ୍କ ମସ୍ତିଷ୍କ ଠିକ୍ ନାହିଁ, କୁହା ଯାଉଥିଲା । କିନ୍ତୁ ଏଭଳି ଦୁରବସ୍ଥାରେ ମନର ମଙ୍ଗ କିଏ ବା ସ୍ଥିର ରଖିପାରେ ?

ତାଙ୍କୁ ପ୍ରଶ୍ନ ପଚାରି ଯାହା ଉତ୍ତର ପାଇଲି—ଏକାନ୍ତ ଦୁର୍ବୋଧ୍ୟ; ଅପରିଚିତ ଏକ ଜଟିଳ ଦାର୍ଶନିକ ବ୍ୟାଖ୍ୟା ପରି ଲାଗିଲା । ସେ କଠୋଉ ମାଡ଼ି ମୋତେ ବାଟେଇ ଦେବା ଲାଗି କିଛି ଦୂର ଆସିଲେ—ବପୁ ଓ ବାକ୍‌ରେ ବ୍ୟକ୍ତିତ୍ୱର ମହିମା ସ୍ପଷ୍ଟ । ବହୁ ଦିନରୁ ତାଙ୍କ ସୃଷ୍ଟିଶକ୍ତି ଲୋପ ପାଇଥିଲା, ଯେପରି ବଙ୍ଗକବି କାଜି ନଜରୁଲ୍ ଇସ୍‌ଲାମ୍‌ଙ୍କର । ଅଳ୍ପ କିଛି ଦିନ ପରେ ତାଙ୍କର ବିୟୋଗ ହେଲା ।

ଜୀବନରେ ଥରେ ବା ଦୁଇ ଥର ଶ୍ରୀ ଭିକାରୀ ଚରଣ ପଟ୍ଟନାୟକଙ୍କ ସହିତ ସାକ୍ଷାତ ହୋଇଥିଲା; ନିରର୍ଥକ ବହୁ ବର୍ଷର ବନ୍ଧୁତା ଅପେକ୍ଷା ଏହା ଅଧିକ ପ୍ରାଣସ୍ପର୍ଶୀ । କୁଟୀରଶିଳ୍ପରେ ଓଡ଼ିଶାକୁ ବଢ଼ କରି ଗଢ଼ିବା ତାଙ୍କ ଜୀବନର ବ୍ରତ ଥିଲା । ଶିଳ୍ପ ଲାଗି ସେ ସାହିତ୍ୟ ଛାଡ଼ିଥିଲେ । ନିଜକୁ ଭାଙ୍ଗି ଭାଙ୍ଗି ସେ ଓଡ଼ିଆ ପିଲାଙ୍କ ହାତରେ ଦେଇଥିଲେ ଅଭଙ୍ଗା—କଣ୍ଢେଇ । ତାଙ୍କର କେତେକ କବିତା, ନାଟକ ପ୍ରକୃତରେ କାଳ ହାତର ଅଭଙ୍ଗା କଣ୍ଢେଇ । ତାଙ୍କ ଶିଳ୍ପଗତ ବୈଫଲ୍ୟ ତାଙ୍କ କୃତିତ୍ୱ ମଧ୍ୟରେ ହିଁ ଆସନ ପାତି ବସିଥିଲା, ବାଞ୍ଛିତ ପ୍ରାପ୍ତିର ଆନନ୍ଦ ଓ ଭାଙ୍ଗିବାର କାରୁଣ୍ୟ ମଧ୍ୟରେ ଜୀବନକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରେ । ଅଭଙ୍ଗା କଣ୍ଢେଇରୁ ଏହା ମିଳୁ ନ ଥିଲା ।

ଶ୍ରୀମତୀ ଅପର୍ଣ୍ଣା ଦେବୀ (ମୃତ୍ୟୁ-୨୫।୧।୬୩) ପୁରୀରେ ମୋ ଶ୍ୱଶୁର ଶ୍ରୀ କ୍ଷେତ୍ରମୋହନ ଶତପଥୀଙ୍କର ପଡ଼ୋଶିନୀ ଥିଲେ, କେଉଁଝରର ରାଣୀଙ୍କଠାରୁ ଦାନ ସୂତ୍ରରେ ପ୍ରାପ୍ତ ଗୋଟିଏ କୋଠାରେ ସେ ରହୁଥିଲେ । ତାଙ୍କ ସ୍ୱାମୀ ଜଣେ ପ୍ରାଥମିକ ଶିକ୍ଷକ ଥିଲେ । ଉଚ୍ଚ ଶିକ୍ଷାଲାଭର ସୁଯୋଗ ଲାଭ କରି ନ ଥିଲେହେଁ କବିତ୍ୱଶକ୍ତି ଯୋଗୁଁ ସମସ୍ତ ଓଡ଼ିଶାରେ ସେ ସୁପରିଚିତା ହୋଇ ପାରିଥିଲେ । 'ଇନ୍ଦୁମତୀ', 'ଚିନ୍ତା' ପ୍ରଭୃତି କାବ୍ୟ ରାଧାନାଥୀ ଶୈଳୀରେ ରଚିତ ହେଲେ ବି ସେ ସବୁରେ ଏକ ନୂତନ ଆସ୍ୱାଦ ଥିଲା । ସାଂସାରିକ ନାନା ଦୁଃଖଜଞ୍ଜାଳ ମଧ୍ୟରେ ମଧ୍ୟ ଅପର୍ଣ୍ଣା ନିଜର କାବ୍ୟସାଧନା ଅବ୍ୟାହତ ରଖି ପାରିଥିଲେ । ତାଙ୍କ 'ଇନ୍ଦୁମତୀ' କାବ୍ୟର ବିଷୟକୁ ଆଧାର କରି ଶ୍ରୀ ଜଗବନ୍ଧୁ ସିଂହ ଇନ୍ଦୁମତୀ ଯାତ୍ରାନାଟକ ଲେଖିଥିଲେ । ତାଙ୍କ ସଂସାର ଚଳଣି ବା କଥାଭାଷାରେ କାବ୍ୟର ସତ୍ତା ନ ଥିଲା । ସତେ ଯେପରି କାବ୍ୟ ଲେଖି ବସିଲାବେଳେ ସରସ୍ୱତୀ ତାଙ୍କ ମନକୁ ଅବତରୁ ଥିଲେ । ଲୋକସଂସ୍କୃତି ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା । ତାଙ୍କ ଗଦ୍ୟଶୈଳୀରେ ଏକ ସ୍ୱତନ୍ତ୍ର ରୂପରେ ଏହା ଫୁଟି ଉଠୁଥିଲା ।

ବିଚ୍ଛନ୍ଦଚରଣ ପଟ୍ଟନାୟକ (ମୃତ୍ୟୁ—୩।୨।୬୨) ଖଞ୍ଜ, ଦୁଃସ୍ଥ । କିନ୍ତୁ ତାଙ୍କ ସଂକଳ୍ପ ଦୃଢ଼ ଥିଲା । ଦାରିଦ୍ର୍ୟ ତାଙ୍କ ପାଖେ ହାର ମାନିଥିଲା । ଶେଷ ଜୀବନ ପର୍ଯ୍ୟନ୍ତ ସେ ସାରସ୍ୱତ ସାଧନା ଅକ୍ଷୁଣ୍ଣ ରଖିଥିଲେ । ପ୍ରାଚୀନ ରଚନାରୀତିର ପୁନଃ

ପ୍ରବର୍ତ୍ତନ ଲାଗି ସେ ବ୍ୟର୍ଥ ପ୍ରୟାସ କରୁଥିଲେ । ତାଙ୍କ ସାହିତ୍ୟନିଷ୍ଠାକୁ ନମସ୍କାର କଲେ ବି ତାଙ୍କ ଯୁଗବିରୋଧୀ ଅଭିଯାନକୁ ମୁଁ ଆଦୌ ପସନ୍ଦ କରୁ ନ ଥିଲି ।

ତାଙ୍କ ଭଞ୍ଜ କାବ୍ୟ ଅନୁବାଦ ଚେଷ୍ଟା ବିଫଳ ହେଲେ ମଧ୍ୟ ସ୍ୱାଗତଯୋଗ୍ୟ । ଭଞ୍ଜଜୟନ୍ତୀ ଓ ସାହିତ୍ୟମେଳା ତାଙ୍କର ସ୍ମରଣୀୟ କୀର୍ତ୍ତି ।

ସେ ଉତ୍କଳସାହିତ୍ୟସମାଜର ସମ୍ପାଦକ ଥିଲାବେଳେ ମୋଠାରୁ 'ସାହିତ୍ୟ ଓ ଜାତୀୟତା' ଶୀର୍ଷକ ପ୍ରବନ୍ଧ ନେଇ ସମାଜରେ ପାଠ କରାଇଥିଲେ—ମୋଠାରୁ ନାନା ଦିଗରୁ ଦୂରବର୍ତ୍ତୀ ଥିଲେ ବି ମୋତେ ବଡ଼ ଭାଇ ପରି ସ୍ନେହ କରୁଥିଲେ ।

ଲକ୍ଷ୍ମୀନାରାୟଣ ସାହୁ (ମୃତ୍ୟୁ—୧୯୮୨୧୬୩) ଜୀବନସଂଗ୍ରାମରେ ଓ ସାହିତ୍ୟ ସାଧନାରେ ମୋର ଉତ୍ସାହଦାତା । ସେ ବଡ଼ ଥିଲେ, କିନ୍ତୁ ତାଙ୍କର ବଡ଼ିମା ନ ଥିଲା । ବହୁ ଉର୍ଦ୍ଧ୍ୱରେ ଚଳବିଚଳ ହୋଇ ତଳ ଲୋକଙ୍କ ସଙ୍ଗେ ସେ ଘନିଷ୍ଠ ସମ୍ପର୍କ ରଖି ପାରିଥିଲେ । କୌଣସି ଗୋଟାଏ ନିର୍ଦ୍ଦିଷ୍ଟ ସ୍ତରରେ ସେ ଆବଦ୍ଧ ରହୁ ନ ଥିଲେ; ସବୁ ସ୍ତରକୁ ସେ ଅତି ଆପଣାର କରି ପାରିଥିଲେ ।

ତାଙ୍କ ମୁଖ କେବେ ନୈରାଶ୍ୟରେ ମଳିନ ହେବାର ଦେଖିନାହିଁ । ଦୁଃଖ ତାଙ୍କୁ ଭାଙ୍ଗିବା ଦୂରେ ଥାଉ, ତାଙ୍କ ମର୍ମକୁ ଟିକିଏ ଟଳେଇ ପାରି ନ ଥିଲା । ନିଜ ଗୋଡ଼ରେ ଛିଡ଼ା ହୋଇ ସେ ମଣିଷ ହୋଇଥିଲେ । ତାଙ୍କ ଆତ୍ମା ଦୁର୍ଜୟ । ସେ ଚିରବିପ୍ଳବୀ । ନିଜର ଯାହା କ୍ଷତି ହେଉ ପଛକେ ପାପ ସହିତ କେବେ ସାଲିସ୍ କରି ନ ଥିଲେ ।

ତାଙ୍କର ବାରଅବାର, ବେଳଅବେଳ, ତିଥିଅ-ତିଥି ନ ଥିଲା, ସେ ଯେତେବେଳେ ଇଚ୍ଛା ଆସୁଥିଲେ, ମାଗି ଖାଉଥିଲେ । ମିଶି ପାରୁଥିଲେ ଶାଶୁଠୁ ବୋହୂ, ବାପଠୁ ପୁଅ ସମସ୍ତଙ୍କ ସଙ୍ଗେ । ସମସ୍ତେ ତାଙ୍କୁ ଭଲ ପାଉଥିଲେ । କାହା ପ୍ରତି ତାଙ୍କର ଈର୍ଷା ବା ଅସୂୟା ନ ଥିଲା । ତାଙ୍କ ଉପଦ୍ରବ ବଡ଼ ମଧୁର ଥିଲା ।

ସାହିତ୍ୟରେ ବିଶେଷତଃ କବିତାରେ ସେ ଖାମଖିଆଲୀ ଥିଲେ । ଯେତେବେଳେ ଯେଉଁ ପ୍ରକାରେ ଲେଖୁଥିଲେ, ଅଳଙ୍କାରଶାସ୍ତ୍ରର ନିଗଡ଼ ସେ ମାନୁ ନ ଥିଲେ । ଛନ୍ଦର ବନ୍ଧନକୁ ଛିଣ୍ଡାଇ ସେ କୁତା କୁତା କରି ଦେଉଥିଲେ । ଅନ୍ଧାର ଆଲୁଅ ଭେଦ ବି ମାନୁ ନ ଥିଲେ । ଖାତା ଉପରେ ହାତବାଡ଼ ରଖିଦେବା ପରେ ଜୋରରେ ପେନସିଲ ଧରି ଅନ୍ଧାରରେ ଏକା ଦମ୍‌କେ ଗୋଟା ଗୋଟା କବିତା ଲେଖି ଦେଉଥିଲେ । ଯାହା ଲେଖୁଥିଲେ ବଦଳାଇବା ଲାଗି ପ୍ରୟୋଜନ ପଡ଼ୁ ନ ଥିଲା ।

ରେଳ ଗାଡ଼ିରେ ଗଲାବେଳେ ଚିହ୍ନାଅଚିହ୍ନା ନ ବାରି ତରୁଣତରୁଣୀଙ୍କ ମଧ୍ୟରେ କବିତାରଚନା, ଗୀତାନ୍ତ ବା ଶ୍ଲୋକାନ୍ତ ପ୍ରତିଯୋଗିତା ଲଗାଇ ଦେଉଥିଲେ । ମନରୁ ଭୟ ଭାଙ୍ଗିବା ଲାଗି ସେ ମୋତେ ଘରକୁ ଡାକି ବକ୍ତୃତା କରାଉ ଥିଲେ । ନିଜେ ହେଉଥିଲେ ଶ୍ରୋତା । ଲେଖି ଦେଉଥିଲେ ଚିନାବାଦାମ୍ ।

ବହିବିକ୍ରୟରୁ ସେ ଟ୍ରାମ୍ କିଣି ପାଉ ନ ଥିଲେ । ତାଙ୍କର ଅସଂଖ୍ୟ ବନ୍ଧୁଙ୍କୁ ଖାଣ୍ଟି ଏ ଖଣ୍ଡିଏ ଉପହାର ଦେଇ ଦେଇ ସବୁତକ ଶେଷ ହୋଇ ଯାଉଥିଲା ।

ଅକ୍ଳାନ୍ତ କର୍ମୀ, ଆଜୀବନ ଲୋକସେବକ, କିନ୍ତୁ ମୃତ୍ୟୁ ପରେ ତାଙ୍କ ଶୋକ ସଭାରେ ଉପସ୍ଥିତ ହୋଇଥିଲେ ମାତ୍ର କେତୋଟି ଲୋକ ।

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି (ମୃତ୍ୟୁ—୩୦।୩।୬୩)ଙ୍କ ସଙ୍ଗେ ଜଣେ ପ୍ରାଚୀନ ସାହିତ୍ୟପ୍ରେମୀ ଓ ଜଣେ ଆଦର୍ଶ ଶିକ୍ଷକଙ୍କର ବିୟୋଗ ଘଟିଲା । ସାହିତ୍ୟ ସେବା କେତେକଙ୍କର କ୍ୱଚିତ୍ ସେବା, କେତେକଙ୍କର ଦୀକ୍ଷା, କେତେକଙ୍କର କର୍ତ୍ତବ୍ୟ, କିନ୍ତୁ ସାର୍‌ଙ୍କର ଅହୋରାତ୍ର ଧ୍ୟାନ ଥିଲା ।

ଆଜୀବନ ପେଟମରା ରୋଗୀ; କିନ୍ତୁ ରୋଗ କେତେବେଳେ ତାଙ୍କ କର୍ମର ବାଧକ ହୋଇ ନ ଥିଲା । ପେଟରେ ତକିଆ ଦେଇ ସେ ଲେଖୁଥିଲେ ବା ପଢୁଥିଲେ । ସାରଳାମହାଭାରତ ସଂକଳନ ଶେଷ କରି ମୁଖବନ୍ଧ ଲେଖୁଥିଲାବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

କିନ୍ତୁ ଲୋକସାହିତ୍ୟ ସାହିତ୍ୟ ପଦବାଚ୍ୟ ହୋଇପାରେ, ସେ ଧାରଣାରେ ଆଣିପାରି ନ ଥିଲେ । ବିଦ୍ୟାର ଉନ୍ନତ ଗିରିଶୃଙ୍ଗରୁ ଭୂତଳକୁ ଅବତରଣ କରି ସାଧାରଣ ସ୍ତରର ଶ୍ରୀ ବା ରସର ମାଧୁରୀ ହୃଦୟଙ୍ଗମ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା ।

ନାରାୟଣ ମୋହନ ଦେ (ମୃତ୍ୟୁ—୨୦।୧୧।୬୩) ରେଭେନ୍‌ସା କଲେଜରେ ମୋର ଇଂରାଜୀ ଅଧ୍ୟାପକ ଥିଲେ । ତାଙ୍କ ଘର ବାଲେଶ୍ୱର ଜିଲ୍ଲାର ବାଉଦପୁର ଗ୍ରାମରେ । 'ଜୟନ୍ତୀ' ଓ 'ବୈଜୟନ୍ତୀ' ନାମରେ ତାଙ୍କର ଦୁଇଖଣ୍ଡି କବିତାପୁସ୍ତକ ପ୍ରକାଶିତ ହୋଇଥିଲା । ତାଙ୍କ କବିତା କ୍ଲିଷ୍ଟ ଶବ୍ଦଯୋଜନା ଯୋଗୁଁ ସୁଖପାଠ୍ୟ ହେଉ ନ ଥିଲା । ଶେଷ ଜୀବନରେ ସେ କବିତାକୁ ସରଳତର କରିଥିଲେ, ସେସବୁ କଲେଜର ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା । ଯୁଗୋପଯୋଗୀ ନ ହେବାରୁ ଶେଷ ଜୀବନରେ ରଚିତ ତାଙ୍କ ସମାଲୋଚନାଗ୍ରନ୍ଥସବୁ ଛାତ୍ରମହଲରେ ଲୋକପ୍ରିୟ ହୋଇପାରି ନ ଥିଲା ।

ସବୁ ବୟସରେ ଯୁଗ ସହିତ ପାଦ ମିଳାଇ ଚାଲିବା ସମ୍ଭବ ହୁଏ ନାହିଁ, ପ୍ରୌଢ ବା ବୃଦ୍ଧ ହେବା ପୂର୍ବରୁ ଶୈଳୀ ଗୋଟିଏ ସ୍ଥିର ନିଶ୍ଚିତ ରୂପ ନେଇଥାଏ, ତାହା ବଦଳାଇବା ଆଉ ସମ୍ଭବ ହୁଏ ନାହିଁ । ବାରମ୍ବାର ଯୁଗୋପଯୋଗୀ ଚେଷ୍ଟାରେ ଶ୍ରୀ ଦେ ବିଫଳ ଓ ବଞ୍ଚି ଥାଉଁ ଥାଉଁ ପ୍ରାୟ ବିସ୍ମୃତ ହୋଇଥିଲେ । ଆଜୀବନ ସାଧକ ପକ୍ଷରେ ଏହା ବିଶେଷ ପୀଡ଼ାଦାୟକ ହୋଇଥିଲା ।

'ଯା କିଛି ମୋହର ସବୁ ହେଉ ତୁମମୟ' । 'ପ୍ରଭାତୀ' କବିତା ପୁସ୍ତକର ଏ ପାଦଟିକୁ ସେ ସମାଲୋଚନା କରିଥିଲେ । 'ତୁମମୟ' କିପରି ହେଲା ? ମୁଁ ଉତ୍ତର ଦେଇଥିଲି—ଆଗେ ସାହିତ୍ୟ, ପରେ ବ୍ୟାକରଣ । 'ତୁମମୟ' ଅଭିବ୍ୟକ୍ତିଟି ସୁନ୍ଦର କି ନୁହେ, କହନ୍ତୁ । ବ୍ୟାକରଣ ତାକୁ ପରେ ନିୟମବଦ୍ଧ କରିପାରେ ।

ମୁଁ ଛାତ୍ର ଥିବା ବେଳେ ରେଭେନ୍‌ସା କଲେଜରେ ଦୁଇ ଶ୍ରେଣୀର ଅଧ୍ୟାପକ ଥିଲେ—କେତେକ ବିଦ୍ୱାନ୍, ଗବେଷକ; ଅଧିକାଂଶ ବିଷୟୀ । କାଶୀନାଥ ଦାଶ (ମୃତ୍ୟୁ—୧୬।୧।୬୪) ଦ୍ୱିତୀୟ ଶ୍ରେଣୀର ଅନ୍ତର୍ଗତ ଥିଲେ । ଉତ୍କୃଷ୍ଟ ଅଧ୍ୟାପନା ପ୍ରତି ତାଙ୍କର ଦୃଷ୍ଟି ନ ଥିଲା ।

ତାଙ୍କ ମୃତ୍ୟୁରେ ଓଡ଼ିଆବିଭାଗର ମୁଖ୍ୟ ଇଂରାଜୀରେ ଗୋଟିଏ ଶୋକ ପ୍ରସ୍ତାବ ପାସ୍ କରାଇଥିଲେ । ସଂସ୍କୃତ ବା ଓଡ଼ିଆରେ କାହିଁକି ପ୍ରସ୍ତାବ ନ ଲେଖିଲେ ପଚାରିବାରୁ ଜବାବ୍ ମିଳିଲା—ପରମ୍ପରା ।

'ଏ ପରମ୍ପରା ନିରର୍ଥକ, ସ୍ୱର୍ଗତ ସଂସ୍କୃତ ଓ ଓଡ଼ିଆ ଅଧ୍ୟାପକଙ୍କ ପ୍ରତି, ଓଡ଼ିଆ ଭାଷା ପ୍ରତି ଏହା ଏକ ଅପମାନ—' ।

ମୁଖ୍ୟ ଅଧ୍ୟାପକ ରାଗି ଲାଲ ହୋଇଗଲେ, ତାଙ୍କ ବିଭାଗର ଜଣେ ଦୁର୍ବିନୀତ ଏପରି କହୁଛି ବୋଲି । କିନ୍ତୁ ଏ ଔଦ୍ଧତ୍ୟ ପ୍ରଦର୍ଶନକୁ ମୁଁ ଏକ ଜାତୀୟ କର୍ତ୍ତବ୍ୟ ମନେ କରିଥିଲି ।

ଯଦୁମଣି ମଙ୍ଗରାଜ (ମୃତ୍ୟୁ—୩।୪।୬୪) ଜଣେ ଓଡ଼ିଆପ୍ରେମୀ ବ୍ୟକ୍ତି ଥିଲେ, ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ଓଡ଼ିଶାର ସଂସ୍କୃତି ତାଙ୍କର ଧ୍ୟେୟ ଥିଲା । ବକ୍ତୃତାରେ ହଜାର ହଜାର ବ୍ୟକ୍ତିଙ୍କୁ ମନ୍ତ୍ରମୁଗ୍ଧ କରି ରଖିବା ଶକ୍ତି ତାଙ୍କର ଥିଲା ।

୧୯୫୪ର ସମାବର୍ତ୍ତନଉତ୍ସବରେ ଶାନ୍ତିନିକେତନର ଆମ୍ରକୁଞ୍ଜରେ ମୁଁ ଆଚାର୍ଯ୍ୟ ପଣ୍ଡିତ ଜବାହରଲାଲ୍ ନେହରୁ (ମୃତ୍ୟୁ-୨୭।୫।୬୪)ଙ୍କ ହାତରୁ ସପ୍ତପର୍ଣ୍ଣୀ ପତ୍ରପୁଟ ସହିତ ପିଏଚ୍ ଡି. ଡିଗ୍ରୀ ଗ୍ରହଣ କରିଥିଲି ।

ତାଙ୍କ ପ୍ରାକ୍ ମୃତ୍ୟୁ ଇଚ୍ଛା ବଡ଼ କାବ୍ୟିକ ଥିଲା—ତାଙ୍କ ଚିତାଭସ୍ମକୁ ଭାରତର ମାଟି ପାଣି ପବନରେ ମିଶାଇ ଦିଆ ହୋଇଥିଲା । ସେ ଚିରଉତ୍ସାହୀ ସୈନିକ, କବି-ଭାବାପନ୍ନ, ମୁକ୍ତପ୍ରାଣ ଓ ପ୍ରସନ୍ନାତ୍ମା । ମୁଁ ଏବେ ବି ପୂଜା କରେ ତାଙ୍କର ସବୁଜ ଆତ୍ମାକୁ, ଯାହା ବାର୍ଦ୍ଧକ୍ୟରେ ତିଳେହେଲେ ପୀଡାଗ୍ରସ୍ତ ହୋଇ ନ ଥିଲା ।

କାଳିପ୍ରସନ୍ନ କବି (ଜନ୍ମ-୧୮୯୬, ମୃତ୍ୟୁ-୨୮।୭।୬୪) ମୃତ୍ୟୁ ପୂର୍ବରୁ ଜନ୍ମସ୍ଥାନ ଷଢ଼େଇକଳା ଛାଡ଼ି କଟକରେ ମୋ ବସା ପାଖେ ଆସି ରହୁଥିଲେ । ତାଙ୍କ ରଚନା ସବୁ ଗ୍ରନ୍ଥାକାରରେ ପ୍ରକାଶିତ ନ ହେବାରୁ ସେ ବ୍ୟଥିତ ହେଲେ । ବହୁ ବର୍ଷ କାଳ 'ସହକାର' ପୃଷ୍ଠାରେ ତାଙ୍କର ସାକ୍ଷାତ ମିଳୁଥିଲା, ହଠାତ୍ କଣ ହେଲା ସେ ଧାରା ବନ୍ଦ ହୋଇଗଲା ।

ସେ ବହୁ କବିତା, ଉପନ୍ୟାସ, ନାଟକ ଓ କ୍ଷୁଦ୍ରଗଳ୍ପ ରଚନା କରିଥିଲେ । ବିଚ୍ଛିନ୍ନାଞ୍ଚଳରେ ରହି ସେ ଯେପରି ଭାବେ ସାହିତ୍ୟ ସେବା କରି ଯାଇଛନ୍ତି ତାହା ଚିରକାଳ ଏକ ଦୃଷ୍ଟାନ୍ତ ହୋଇ ରହିବ । ତାଙ୍କ ମୃତ୍ୟୁ ପରେ କଟକରେ ଶୋକ ସଭଟିଏ ହୋଇପାରି ନ ଥିଲା । ବଞ୍ଚି ଥାଉଁ ଥାଉଁ ଲୋକେ ତାଙ୍କୁ ଭୁଲି ଯାଇଥିଲେ ।

୧୯୫୩ରେ ଶିଳ୍ପୀଗୁରୁ ବିନ୍ଧାଧର ବର୍ମାଙ୍କ ସହିତ ପୁରୀ ଡାକ୍ତରଖାନାରେ ମୋର ପ୍ରଥମ ଓ ଶେଷ ସାକ୍ଷାତ ହୋଇଥିଲା । ଅସ୍ତସୂର୍ଯ୍ୟର ମହିମ୍ନ ମାଧୁରୀରେ ସେତେବେଳେ ସେ ଗୌରବାନ୍ୱିତ । ବିକଟ ଦାରିଦ୍ର୍ୟ, ବ୍ୟାଧିରେ ସେ କରୁଣ ବିଦାୟ ନେଉଥାନ୍ତି—'ଧରସୂର୍ଯ୍ୟ' ଛବିର ସତେ ଯେପରି ସୂର୍ଯ୍ୟ ସେ ।

'ପଲ୍ଲୀବଧୂ'ରେ ଲୌକିକର ପରିସୀମାରେ ସେ ଅଲୌକିକତା ଫୁଟାଇ ଥିଲେ । ପଲ୍ଲୀବଧୂର ମୁଖ ଓଡ଼ିଶାର ଗୋଟିଏ ପ୍ରତିନିଧିମୂଳକ ମୁଖ, ଅନ୍ତରଙ୍ଗ ମାଧୁର୍ଯ୍ୟ ଓ ସୌକୁମାର୍ଯ୍ୟରେ ଭରପୂର । ଓଡ଼ିଶାର 'ମୋନାଲିସା' ସେ, ଆଧୁନିକ

ଭାରତୀୟ ଛବି ଜଗତର ଏକ ଗୌରବ । ଓଡ଼ିଆ ଜୀବନ ଓ ଚରିତ୍ର ଚଳନ୍ତି ଆଧୁନିକତାର ଜୁଆରରେ ଲୁଚି ଯାଉଁ ଯାଉଁ ଆଙ୍କି ହୋଇ ଯାଇଥିଲା ଏଇ ଛବିରେ ।

ଶ୍ରୀ ବର୍ମାଙ୍କ 'ଗୋଧୂଳି ରଙ୍ଗିଣୀ' ଛବି ଦେଖି ମୁଁ ଲେଖିଥିଲି—'ଗୋଧୂଳିର ଆତ୍ମା' କବିତା—ଗୋଧୂଳି ଶରୀରରେ ଗୋପାଳ ବାଳକର ଆନନ୍ଦାତ୍ମା ।

ଲୋକନାଥ ପଟ୍ଟନାୟକ ପୁରୀର ଜଣେ ନାମଜାଦା ଓକିଲ ଥିଲେ, କିନ୍ତୁ ସଙ୍ଗୀତଚର୍ଚ୍ଚା ତାଙ୍କର ମୁଖ୍ୟ ବିନୋଦନ ଥିଲା । 'ସମସ୍ତ ସମ୍ପତ୍ତି ଛାଡ଼ିଯିବାକୁ ହେବ"—ଏଇ ସାଧାରଣ ସତ୍ୟଟି ସଂସାରମୁକ୍ତ ଅନେକଙ୍କ ପରି ପୁତ୍ର ସନ୍ତାନହୀନ ଲୋକନାଥବାବୁ ବୁଝି ବୁଝି ନ ଥିଲେ । ତାଙ୍କ ବିଦାୟ ପରେ ବିସ୍ତର ସମ୍ପତ୍ତି ତ ବରବାଦ୍ ହେଲା, ତା ସହିତ ମୂଲ୍ୟବାନ୍ ସଙ୍ଗୀତ ବି ଲୋପ ପାଇଗଲା; ସଂଗୀତର ସଂକଳନଟିଏ ପ୍ରକାଶିତ ହୋଇ ପାରିଲା ନାହିଁ ।

କର୍କଟରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଲାଗି ଶ୍ରୀ ଗୋଦାବରୀଶ ମହାପାତ୍ର ଭେଲୋର ଯାଇଥିଲେ, ରୋଗଶଯ୍ୟାରେ କେତୋଟି କବିତା ଲେଖି ସେ କଟକ ଫେରିଥିଲେ, ମନରେ ଆରୋଗ୍ୟଲାଭର ଆଶା । ହାଡ଼ ଚର୍ମ ମାତ୍ର ଅବଶିଷ୍ଟ । ପାଦ ଦିଓଟି ଆଉଁସି ଦେଇ ଦେଇ ମୁଁ ତାଙ୍କର ସେଇ କବିତା ସବୁ ଶୁଣୁଥିଲି; ମଝିରେ ମଝିରେ ଗୋଟାଏ ଗୋଟାଏ ଦୀର୍ଘଶ୍ୱାସ ପକାଇ । କାରଣ ମୁଁ ଜାଣିଥିଲି—ଏଇ ଶେଷ । ଜୀବନମରଣ ମଧ୍ୟରେ ଯୁଦ୍ଧବେଳର ଏଇସବୁ ଇତିଶ୍ରୀ କବିତା ଛାତିରେ ମୋର ଲୁହ ପରି ବୋଳି ହୋଇ ଯାଉଥିଲା ।

ପେଟର ଚମ ପିଠିରେ ଲାଗିଥିଲା, ଆଖି ଗାଡ଼େ ଗାଡ଼େ ପଶିଥିଲା, ହନୁହାଡ଼ ଭିତରୁ କ୍ଷୀଣ ସ୍ୱରରେ ବାହାରୁଥିଲା ସେଇ କେତୋଟି ପଦ କବିତା ।

ଜୀବନସାରା ସେ ବିକଟ ଦାରିଦ୍ର୍ୟ ସହିତ ସଂଗ୍ରାମ କରିଥିଲେ । ସୌଖୀନ ଭାବେ ସ୍ଥିର ମନରେ ବସି ସାହିତ୍ୟରଚନା କରିବାର ସୁଯୋଗ ତାଙ୍କୁ ଅଳ୍ପ ମିଳିଥିଲା । କାବ୍ୟ, ଗଳ୍ପ, ଉପନ୍ୟାସ କାହିଁରେ କଳାର ଉଚ୍ଚତମ ଚୂଡ଼ା ସ୍ପର୍ଶ କରିବାଲାଗି ନିଷ୍ଠାପର ସାଧନାର ସୁଯୋଗ ସେ ପାଇ ନ ଥିଲେ । 'ନିଆଁଖୁଣ୍ଟା' ଯୋଗୁଁ ଏକ ସ୍ୱତନ୍ତ୍ର ଦିଗରେ ସାଧନାର ସୁଯୋଗ ପାଇଲେ, ବ୍ୟଙ୍ଗକବି ଭାବରେ ପ୍ରତିଷ୍ଠିତ ହେଲେ । ଅତି ନୀରସକୁ ସରସ କରିବାର ଅଦ୍ଭୁତ ଦକ୍ଷତା ତାଙ୍କର ଥିଲା । ବିଦ୍ୟାର ଅବମାନନା, ନେତାର ଦୁର୍ନୀତି, ପ୍ରତିଭାପୂଜା ନାମରେ ଆତ୍ମପୂଜା, ପୁଞ୍ଜିପତିର ଶୋଷଣ ଏହି କବିଙ୍କୁ ସୈନିକ ଓ ତାଙ୍କର ଲେଖନୀକୁ ଗୋଟିଏ ସଙ୍ଗୀନ୍‌ରେ ପରିଣତ କରିଥିଲା ।

ଓଡ଼ିଆଜାତିର ଜଣେ ବିବେକୀ ଅଭିଭାବକ ଥିଲେ ସେ । ଭିଡ଼ରୁ ଖସିଯାଇ ଅନ୍ୟମାନେ ରଚନା କରୁଥିବା ବେଳେ ସେ ଭିଡ଼ରେ ପଶି ସାହିତ୍ୟ ସର୍ଜନା କରୁଥିଲେ । 'କଳା ଲାଗି କଳା' ତତ୍ତ୍ୱରେ ସେ ବିଶ୍ୱାସୀ ନ ଥିଲେ । ତାଙ୍କ ସାହିତ୍ୟ ଥିଲା ଜନତାର ସେବକ ।

କିନ୍ତୁ ତାଙ୍କ ପରି ଜଣେ ସାଂସ୍କୃତିକ ବିଚିତ୍ରକର୍ମାଙ୍କ ଶୋକସଭାରେ ମାତ୍ର ପନ୍ଦର ଜଣ ଲୋକ ଉପସ୍ଥିତ ଥିଲେ, ସେଥିମଧ୍ୟରୁ ବକ୍ତା ଦଶଜଣ । ମୁଁ ସଭାପତି ଭାଷଣ ଦେଲାବେଳକୁ ଶ୍ରୋତା ସଂଖ୍ୟା ବିରଳତର ହୋଇ ଯାଇଥିଲା । ତାଙ୍କ ଜନ୍ମ ୧୮୯୮; ମୃତ୍ୟୁ-୨୫।୧୧।୬୫

ବୈରାଗୀ ମିଶ୍ର (ମୃତ୍ୟୁ-୧୯।୨।୬୬)ଙ୍କ ତଳଣିରେ କିଛି ହେଲେ ଚମକ ନ ଥିଲେ ବି ସେ ମୋ ସମୟରେ ଓଡ଼ିଶାର ଜଣେ ବଡ଼ ଲୋକ ଥିଲେ । କଲେଜ ଛାତ୍ର ଥିଲାବେଳେ ତାଙ୍କ ବୈପ୍ଳବିକ ସମାଜସଂସ୍କାରଧାରା ମୋତେ ପ୍ରଭାବିତ କରୁଥିଲା । ତା ଫଳରେ ପରବର୍ତ୍ତୀ କାଳରେ 'ଅଗ୍ନିଅ ସିନ୍ଦୁରର ଟୋପା ବିରୁଦ୍ଧ ଥାଉ' କବିତା ଲେଖିବାକୁ ସମର୍ଥ ହୋଇଥିଲି ।

ଚିନ୍ତାଧାରାରେ ସେ ଏକାନ୍ତ ମୌଳିକ ଥିଲେ ଓ ତାକୁ କାର୍ଯ୍ୟରେ ପରିଣତ କରିବାଲାଗି ଅକାତରରେ ଯାବତୀୟ ଦୁଃଖକ୍ଳେଶ ବରଣ କରୁଥିଲେ । ନିଜକୁ ସୁଖୀ କରିବା ଲାଗି ସେ ଦିନେ କାହାକୁ ଦୁଃଖୀ କରି ନ ଥିଲେ । ଲାଖି ଯାଉଥିବା ଶତ ଶତ ଜୀବନତରୀକୁ ସେ କୂଳରେ ଲଗାଇ ଦେଇଥିଲେ । ବିଧବା ଓ ପତିତାଙ୍କୁ କୁଳବତୀର ମର୍ଯ୍ୟାଦା ଦେବାଲାଗି ସେ ବହୁ ଲାଞ୍ଛନା ବରଣ କରିଥିଲେ । ମାତ୍ର ଦଶ ଟଙ୍କାରେ ବିବାହ, ଏକ ଟଙ୍କାରେ ବ୍ରତ ସମାପନ କରି ସେ ବହୁ ଦରିଦ୍ର ବ୍ୟକ୍ତିଙ୍କୁ ଋଣଦାୟରୁ ମୁକ୍ତ କରିଥିଲେ ।

ନିଜର ବୈଷୟିକ ଉନ୍ନତି ଲାଗି ସେ ଦିନେ ହେଲେ ଚେଷ୍ଟା କରି ନ ଥିଲେ, ସେ କିଲଟରୀ କଚେରୀରେ ମାସିକ ସତୁରି ଟଙ୍କା ଦରମାରେ ଜଣେ କିରାନୀ ମାତ୍ର ଥିଲେ । ସତୁରି ଟଙ୍କାରୁ ବଢ଼ି ତାଙ୍କ ଦରମା ଯେତେବେଳେ ନବେ ଟଙ୍କା ହେଲା, ସେତେବେଳେ ସେ ସରକାରଙ୍କ ନିକଟକୁ ଲେଖିଲେ—'ଏତିକି ଟଙ୍କାରେ ମୋର ବେଶ୍ ଚଳି ଯାଉଛି, ଏ ଅଧିକ ଦରମା ଟଙ୍କା ଆଉ କାହାକୁ ଦିଅ ।'

ଜୀବନରେ କୌଣସି ପଦ ପଦବୀର ଲାଳସା ସେ କରି ନ ଥିଲେ ।

'ମାଲକାଇ ତାଙ୍କୁ କାନ୍ଧରେ ବୋହିବେ ନାହିଁ, ତାଙ୍କ ମୃତାହର୍ତ୍ତିୟାରେ ଶୁଦ୍ଧ ଶ୍ରାଦ୍ଧାଦି ପାଳିତ ହେବ ନାହିଁ, ରକ୍ତସଂପର୍କୀୟ କେହି ଉପବାସ କରିବେ ନାହିଁ, ମଟରରେ ବୁହାହୋଇ ଯାଇ ଶବ ସଂସ୍କାର କରାଯିବ''—ଏ ତାଙ୍କର ଅନ୍ତିମ ଇଚ୍ଛା ଥିଲା । ତାହା କାର୍ଯ୍ୟରେ ପରିଣତ କରା ଯାଇଥିଲା ।

ସତ୍ୟନିଷ୍ଠା ଓ ନିର୍ଭୀକତାର ସେ ମୂର୍ତ୍ତ ପ୍ରତୀକ ଥିଲେ । ତାଙ୍କ ସରଳ ନିରହଙ୍କାର ଜୀବନଯାତ୍ରା, ଅନ୍ଧାନୁସରଣ, ଅନ୍ଧାନୁକରଣ ବିରୁଦ୍ଧରେ ତାଙ୍କର ଅକ୍ଳାନ୍ତ ସଂଗ୍ରାମ ମୋର ଗଭୀର ଭକ୍ତିପ୍ରୀତି ଜାଗ୍ରତ କରିଥିଲା । ମୋ କାଳ୍ପନିକ ଉଚ୍ଚ ମାନବତାର ସେ ସ୍ଥୂଳ ରୂପ ହିଁ ଥିଲେ ।

ଗୋବିନ୍ଦ ମିଶ୍ର (ମୃତ୍ୟୁ-୧୩।୪।୬୬) ସେଦିନ ସକାଳେ ବିଶୁଦ୍ଧ ମିଳନରେ ଶ୍ରୀ ମିଶ୍ରଙ୍କୁ ଦେଖିଥିଲି । ଉପରବେଳା ସେଇ ଉତ୍ସବକୁ ସେ ବାହାରିଥିଲେ, ପଟେ ଜୋତା ପିନ୍ଧି ଆଉ ପଟେ ପିନ୍ଧିଲା ବେଳକୁ ତାଙ୍କ ପ୍ରାଣବାୟୁ ଉଡ଼ିଗଲା । 'ସମାଜ' ଗାଡ଼ିରେ ଡାକ୍ତରଖାନାକୁ ଓ ସେଠୁ ସେହି ଗାଡ଼ିରେ ସେ ମଶାଣିକୁ ବୁହା ହୋଇଗଲେ, ସେ ଦିନର ବିପ୍ଳବୀ, ଗାନ୍ଧୀଆଶ୍ରମବାସୀ, ଚମ୍ପାପୁର ଆଶ୍ରମର ପ୍ରତିଷ୍ଠାତା, 'ଜାତୀୟ ଜୀବନର ଆତ୍ମ ପ୍ରକାଶ'ର ଲେଖକ ଅମାୟିକ କର୍ମୀ ଓ ସାହିତ୍ୟିକ ଥିଲେ ଗୋବିନ୍ଦ ମିଶ୍ର; ୭୭ ବର୍ଷରେ ତାଙ୍କର ମୃତ୍ୟୁ ହେଲା ।

**୧୬।୪।୬୬ ନନ୍ଦଲାଲ୍ ବୋଷ୍**

ମୁଁ ସେଦିନ ଶାନ୍ତିନିକେତନରେ ପହଞ୍ଚିଲାବେଳକୁ ଚତୁର୍ଦ୍ଦିଗରେ ଶୋକୋଚ୍ଛ୍ୱାସ; ଦାହକାର୍ଯ୍ୟ ଶେଷ ହୋଇ ଯାଇଥିଲା ।

ଶାନ୍ତିନିକେତନ ଗଲେ ପ୍ରତିଥର ତାଙ୍କୁ ଯାଇ ଦେଖି ଆସୁଥିଲି । ବିପୁଳ ପ୍ରତିଷ୍ଠା ସଙ୍ଗେ ଅଦ୍ଭୁତ ବିନୟ ଓ ସାରଲ୍ୟ । ମନ ଭାବରାଜ୍ୟରେ ବିଚରଣ କଲେ ମଧ୍ୟ ଗୋଟି ଗୋଟି ବ୍ୟକ୍ତିଗତ ସୁଖଦୁଃଖ ପଚାରି ବୁଝୁଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ତୂଳି ଚାଲିଥିଲା— ବସି କେତେବେଳେ ଶୋଇ । ଛାତ୍ରମାନଙ୍କୁ ଲିଖିତ ତାଙ୍କର ପ୍ରତ୍ୟେକ ପତ୍ର ଚିତ୍ରଳ ଥିଲା, ବିଶେଷତଃ ଲିଖିତ ବିଦାୟ ବାର୍ତ୍ତା ।

ଓଡ଼ିଶାର ଆଧୁନିକ ମୂର୍ତ୍ତିମାନଙ୍କରେ ସାହେବୀ ମୁଖ ଲଗା ହେବାର ଦେଖି ସେ କହୁଥିଲେ—

ଭାରତରେ ଓଡ଼ିଆ ମୁଖଗଠନର ଏକ ବୈଶିଷ୍ଟ୍ୟ ଅଛି । ମୁଁ ତାହା ଅନୁଧ୍ୟାନ କରିଛି । ଓଡ଼ିଆ ମୁହଁ ଗୋଲ (ଠିକ 'ଠ' ବର୍ତ୍ତୁଳ ଚନ୍ଦ୍ରାନନ), ସୁନ୍ଦର । ନିଜର ସୁନ୍ଦର ମୁଖ ଥାଉଁ ଥାଉଁ ତୁମେ ଅନ୍ୟର ମୁଖ ଅନୁକରଣ କରୁଚ କାହିଁକି ?

ଏକ ତାଗିଦ୍ ସଙ୍ଗେ ଓଡ଼ିଆ ଛାତ୍ରଛାତ୍ରୀ ନିଜର ଦେଉଳ, ବିମାନ, ପାଲିଙ୍କି, ସବାରି, ପଟଚିତ୍ର, ଗଞ୍ଜପା, ଚିତା, ରଥ, ଗୁନ୍ଦୁଆ, ଛତି, ତ୍ରାସ, ଆଢେଣି, ସିଂହାସନ ସିଂହଦ୍ୱାର ଛାଡ଼ି ଅଜନ୍ତା, ଏଲୋରର ରୀତି, ଶାନ୍ତିନିକେତନରେ ପ୍ରଚଳିତ ଚୀନ୍ ଯାପାନୀ ରୀତି ଅନୁକରଣ କରୁଥିଲେ ।

ସେ କଳାଭବନର ଅଧ୍ୟକ୍ଷ ଥିବା ପର୍ଯ୍ୟନ୍ତ ଗଛବୃଛରୁ ପତ୍ରଟିଏ ଛିଣ୍ଡାଇ ଦେଉ ନ ଥିଲେ, ଅଦ୍ଭୁତ ପ୍ରକୃତିପ୍ରିୟତା—ରବୀନ୍ଦ୍ରଙ୍କ ସୃଷ୍ଟି— ତାଙ୍କର ଲାଳନା । ରବୀନ୍ଦ୍ର ଯାହା ଲେଖିଛନ୍ତି ନନ୍ଦଲାଲ୍ ଆଙ୍କିଛନ୍ତି ରେଖା ଓ ରଙ୍ଗରେ । ଭାରତୀୟ ଲୋକକଳା ପ୍ରତି ସେ ପହିଲେ ଭାରତୀୟ ବିଦ୍ୱତ୍ ଦୃଷ୍ଟି ଆକର୍ଷଣ କରିଥିଲେ । ଇ.ବି. ହାଭେଲ୍ ଓ ଅବନୀନ୍ଦ୍ରନାଥଙ୍କ ସହିତ ସେ ଭାରତୀୟ ପାରମ୍ପରିକ କଳାର ପୁନରୁଦ୍ଧାର କରିଥିଲେ । ଅଜନ୍ତାର ଅନୁକରଣରେ ସେ ଚୀନାଭବନରେ ଓ 'ନନ୍ଦନ'ରେ ଭିତ୍ତିଚିତ୍ର ଅଙ୍କନ କରିଥିଲେ । ଯେପରି ଶିଳ୍ପୀ, ସେପରି ମହାନୁଭବ ।

ପଣ୍ଡିତ ନୀଳକଣ୍ଠ ଦାଶ (ଜନ୍ମ ୧୮୮୪, ଅଗଷ୍ଟ ୫ ତାରିଖ— ମୃତ୍ୟୁ ନଭେମ୍ବର ୬ ୧୯୬୭)

'ନନାଙ୍କ ଦେହ ଭଲ ନାହିଁ, ଦେଖିଯାଅ,' ବିକ୍ରମବାବୁ ଖବର ଦେଇଥିଲେ । କିନ୍ତୁ ମୁଁ ପହଞ୍ଚିଲାବେଳକୁ କଥା ଶେଷ । କିନ୍ତୁ ପଣ୍ଡିତଜୀଙ୍କ ମୁଖରେ ମୃତ୍ୟୁର କୌଣସି ଆଭାସ ନ ଥିଲା । ସେହିପରି ଅକୁଞ୍ଚିତ, ଜ୍ଞାନଭାସ୍ୱର ଲଲାଟ, ଉଜ୍ଜ୍ୱଳ ମୁଖମଣ୍ଡଳ । ଆଖିଦିଓଟି ବୁଜି ହୋଇ ଯାଇଛି ମାତ୍ର ।

ପଣ୍ଡିତଜୀ ମନ୍ଦାର ଫୁଲକୁ ଭାରି ଭଲ ପାଉଥିଲେ, ଝିଅ ଶାରଦାର ବଗିଚାରେ ସେ ନିଜେ ଗୋଟିଏ ମନ୍ଦାର ଗଛ ଲଗାଇଥିଲେ । ନିର୍ଜନ ମୁହୂର୍ତ୍ତମାନଙ୍କରେ

ମନ୍ଦାର ଗଛକୁ ଚାହିଁ ବସୁଥିଲେ । ତାଙ୍କର ସେଇ ପ୍ରିୟ ଗଛରୁ ଫୁଲଗୁଡ଼ିଏ ତୋଳା ହୋଇ ଶବ ଉପର ବନ୍ଧୁ ହାର ମଧ୍ୟରେ ଖଞ୍ଜା ହେଲା, ବୋଲାହେଲା କାନ୍ଦ ସ୍ୱରରେ

'କି କରାଳ ଆଜି ରଜନୀ ବହେ ଝଞ୍ଜା ପବନ
ତାରା ନ ଦିଶଇ ଗଗନେ ଶୁଭେ ଘନ ଗର୍ଜନ
ମୂଷଳ ଧାରାରେ ବରଷା ଦିଏ କାନ୍ଦି କେବେ
ଶୋଇ ପଡ଼ିଚ ତ ବାପାହେ ଶୁଣି ନ ଥିବ ଲବେ ।'

ନାତିମାନଙ୍କ କଣ୍ଠରେ ଏ ଗୀତ ବଡ଼ ସମୟୋପଯୋଗୀ ଓ ପ୍ରଭାବାତ୍ମକ ଶୁଣା ଯାଉଥିଲା ।

ପ୍ରାୟ ୩୦ ବର୍ଷ ହେଲା ଏଇ ବୃହତ୍ ମସ୍ତିଷ୍କ ଓ ମହତ୍ ହୃଦୟ ସହିତ ମୋର ସଂପର୍କ ସ୍ଥାପିତ ହୋଇଥିଲା । ସେ ମୋତେ ଲେଖାଉଥିଲେ, ମୁଁ ତାଙ୍କୁ ଲେଖାଉଥିଲି—ସଂସ୍କୃତବିଭାଗର ସୁପରିଣ୍ଟେଣ୍ଡେଣ୍ଟ୍ ଥିଲାବେଳେ 'ସଂସ୍କୃତ ଓ ସଂସ୍କୃତି', ବାଲେଶ୍ୱରରେ ଅଧ୍ୟାପକ ଥିଲାବେଳେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ତାଙ୍କ ଶେଷ ଜୀବନରେ 'ଆତ୍ମ ଜୀବନୀ'; ଆତ୍ମ ଜୀବନୀ ନୀଳକଣ୍ଠଙ୍କ ସୁସ୍ଥ ଅବସ୍ଥାରେ ଯାହା ଲେଖାଉଥିଲି ହଜିଗଲା । ତାପରେ ଛାତ୍ର ନିତ୍ୟାନନ୍ଦ ଶତପଥୀ ଓ ବୈରାଗୀ ଜେନାଙ୍କୁ ପଠାଇ ଏହା ଶେଷ କରାଇଥିଲି । କିନ୍ତୁ ସେତେବେଳେ ପଣ୍ଡିତମହାଶୟ ସ୍ଥବିର, ତାଙ୍କ ସ୍ମୃତି ଶକ୍ତିର ହାନି ଘଟିଥିଲା, ତେଣୁ ଆଗ ଲେଖା ଭଳି ଏହା ସୁନ୍ଦର ଓ ସରସ ହୋଇ ପାରିଲା ନାହିଁ ।

ଏ ପ୍ରଦେଶରେ ସେ କେତେ ସରକାର ଗଢ଼ିଥିଲେ, ଭାଙ୍ଗିଥିଲେ; କିନ୍ତୁ କେବେ ସେ ସରକାରରେ ରହି ନ ଥିଲେ । ଓଡ଼ିଶାସରକାର ଔଡ଼ି.ତାଙ୍କୁ ସମ୍ମାନ ଦେଇ ପଟୁଆରରେ ବୁଲାଇ ସତ୍ୟବାଦୀ କି ନେଲେ । କିନ୍ତୁ ତାଙ୍କ ସଙ୍ଗେ କୌଣସି ସାହିତ୍ୟିକଙ୍କୁ ନିଆ ହେଲାନାହିଁ ।

ଏବେ ସତ୍ୟବାଦୀ ବକୁଳକୁଞ୍ଜରେ ତାଙ୍କ ସମାଧି ଉପରେ କଣ ଲେଖା ରହିବ, ପଣ୍ଡିତଜୀଙ୍କ ଜାମାତା ଦ୍ୱାରକାନାଥ ଦାଶ ମୋତେ ପଚାରି ଆସିଥିଲେ—ମୁଁ ପଣ୍ଡିତଜୀଙ୍କ ରଚିତ ନିମ୍ନ ଦୁଇଟି ପଦ ବାଛି ଦେଇଥିଲି ।

କେଉଁ ସ୍ୱଜନରୁ ଆସୁଛୁ ? କହ ପ୍ରବାସୀ ମୋତେ
ଓଡ଼ିଆ ବୋଲତ ଖବର କିଛି ଆଣିଚୁ କିରେ ?
ନୀଳ ବାରି ଲଙ୍ଘି ଆସୁଚୁ ଡେଇଁ ବରଷା ଧାରା
କାଳ ବାରି ଲଙ୍ଘି ସୁରଣ ଦୁର୍ଗେ ଯାଉଛି ପରା ।

'ବଞ୍ଚିଥାଅ କବି ଆଉ କେତେ ଦିନ
ଇତିହାସ ଏହି ଶରୀରେ ଧରି
ବିଜନ ପୁଳିନେ ଗାଉଥାଅ ଗୀତ,
ଜଗତେ ଶୁଣିବ ଜଟିନୀ ବାରି ।'

ଅଧ୍ୟାପକ ଡକ୍ଟର କରୁଣାକର କର (ମୃତ୍ୟୁ ୧।୩।୭୮) ମୋର ଏକାନ୍ତ ହିତାକାଂକ୍ଷୀ ଥିଲେ । ତାଙ୍କ ଜୀବନର ଅଧିକାଂଶ ଭାଗ କଟିଥିଲା ପୁରୀ ସଦାଶିବ

ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ; ସେ ପ୍ରଥମ ଓଡ଼ିଆ ଡି. ଲିଟ୍., ପ୍ରଥମ ଓଡ଼ିଆ ପ୍ରଫେସର । ସଂସ୍କୃତରେ ଅନର୍ଗଳ ଭାବେ ବକ୍ତୃତା ଦେଇ ପାରୁଥିଲେ ।

କୃଷ୍ଣ ପ୍ରସାଦ ବସୁ (ଜନ୍ମ ୧୮୯୦, ମୃତ୍ୟୁ—୧୮।୮।୬୯)ଙ୍କ ସହିତ ମୋର ବ୍ୟକ୍ତିଗତ ସଂପର୍କ ଥିଲା, ପିଲାଦିନେ ମୁଁ ତାଙ୍କ ଦଳର ଯାତ୍ରା ଦେଖିଥିଲି, ତାଙ୍କ ରଚିତ ପାଲାଗୀତ ମଧ୍ୟ ଶୁଣିଛି । ଲୋକସାହିତ୍ୟରୁ ଶେଷ ଜୀବନରେ ସେ ବିଦଗ୍ଧ ସାହିତ୍ୟ ସ୍ତରକୁ ଉଠିଥିଲେ ଓ ତାଙ୍କ 'ଆଖଡ଼ା ଘରେ ବୈଠକ' ବିଶେଷ ଲୋକପ୍ରିୟ ହୋଇଥିଲା । ତାଙ୍କ ହାସ୍ୟରସ, ବ୍ୟଙ୍ଗ, ସଂସ୍କାରକ ମନୋଭାବ ଓ ରମ୍ୟରଚନା ଶୈଳୀ ଆଦରଣୀୟ ହୋଇଥିଲା । ସେ ସୁଗାୟକ ଥିଲେ ଓ ଓଡ଼ିଶୀ ସଙ୍ଗୀତ ସମ୍ପର୍କରେ ଭଲଭାବେ ଆୟତ୍ତ କରିଥିଲେ ।

ଅଧ୍ୟାପକ ଗିରିଜା ଶଙ୍କର ରାୟ (ମୃତ୍ୟୁ—୧୮।୫।୬୭) ଓଡ଼ିଆ ନାଟ୍ୟକଳା, ଇଂରାଜୀ ଓଡ଼ିଆ ଅଭିଧାନ, ସାହିତ୍ୟସନ୍ଦର୍ଭ ଓ ବହୁ ଚିନ୍ତାଶୀଳ ପ୍ରବନ୍ଧ ଲେଖି ପ୍ରଖ୍ୟାତ ହୋଇଥିଲେ । ସେ ମୋର ପ୍ରିୟ ଅଧ୍ୟାପକ ଥିଲେ ।

ବ୍ରଜମୋହନ ପଣ୍ଡା (ଜନ୍ମ—୧୮୮୯, ମୃତ୍ୟୁ—୧୫।୩।୬୫)ଙ୍କ ସହିତ ଜୀବନରେ ଥରେ ମାତ୍ର ସାକ୍ଷାତ ଓ ସୁଖାଳାପ ହୋଇଥିଲା । କବି ସେ, କିନ୍ତୁ ନିଜେ ଲେଖିବା ଅପେକ୍ଷା ଲେଖାଉଥିଲେ ବେଶୀ । କବିତାରଚନାରେ ଗଙ୍ଗାଧର ମେହେରଙ୍କର ମୁଖ୍ୟ ପ୍ରେରଣାଦାତା ସେ ଥିଲେ ।

## କୃଷ୍ଣଚନ୍ଦ୍ର ସେନଗୁପ୍ତ (ଜନ୍ମ : ୧।୮୬ ମୃତ୍ୟୁ : ୧୯୭୯)

ସେ ଧର୍ମପ୍ରାଣ; ଆଦର୍ଶ ଶିକ୍ଷକ ହିସାବରେ ସୁନାମ ଅର୍ଜନ କରିଥିଲେ । ସେ ଧ୍ରୁବ, ପ୍ରହ୍ଲାଦ, ବିଧବା ଗୃହାରି, ମୋ ବାଇଧନ, ସଦାବ୍ରତ, ରାମକୃଷ୍ଣ ଉପଦେଶାମୃତ, ବ୍ରହ୍ମଚର୍ଯ୍ୟ ପ୍ରଭୃତି ପୁସ୍ତକ ରଚନା କରିଯାଇଛନ୍ତି । ପିଲାମାନଙ୍କ ଜୀବନକୁ ସୁନ୍ଦର ଓ ମହତ୍ କରି ଗଢ଼ିବାକୁ ସେ ଚେଷ୍ଟା କରୁଥିଲେ ।

## ପଣ୍ଡିତ କୁଳମଣି ଦାଶ (ମୃତ୍ୟୁ : ୧୬।୮।୧୯୭୯)

ସେ ମୋ ପଡ଼ୋଶୀ ଗ୍ରାମ 'ଝୁମଣା'ର ଅଧିବାସୀ ଥିଲେ, ସାରା ଜୀବନ ଶିକ୍ଷକତା କରି ଅବସର ଗ୍ରହଣ କଲା ପରେ ସେ ଶ୍ରୀକ୍ଷେତ୍ରବାସ ଆଦରି ନେଇଥିଲେ । ଜଣେ ପ୍ରାବନ୍ଧିକ ଓ ସମାଲୋଚକ ହିସାବରେ ସେ ପ୍ରତିଷ୍ଠା ଅର୍ଜନ କରିଥିଲେ । 'କବିସୂର୍ଯ୍ୟ ଗ୍ରନ୍ଥାବଳୀ'ର ସଂକଳନ ତାଙ୍କ ସାହିତ୍ୟ ନିଷ୍ଠାର ସୁପରିଚୟ ଦିଏ; ଭ୍ରମଣ କାହାଣୀର ଲେଖକ ଭାବରେ ସେ ପ୍ରଖ୍ୟାତ ଥିଲେ; ତାଙ୍କ 'ହିମାଳୟ ପଥେ' ସୁରୁଚି ଓ ସୌନ୍ଦର୍ଯ୍ୟ ପୂଜାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଥିଲା । ଅନ୍ୟାନ୍ୟ ରଚନା ମଧ୍ୟରେ କାଳିଦାସ ସନ୍ଦର୍ଭ, ଅଳଙ୍କାର ତରଙ୍ଗିଣୀ ପ୍ରସିଦ୍ଧ । ସାଧୁ ସଜ୍ଜନ ସଙ୍ଗ ମେଳରେ ତାଙ୍କ ଶେଷ ନିଃଶ୍ୱାସ ଯାଇଥିଲା ।

## ପଣ୍ଡିତ ଭୁବନେଶ୍ୱର ମିଶ୍ର (ଜନ୍ମ : ୧୯୦୧ ମୃତ୍ୟୁ : ୧୯୭୯)

ପଣ୍ଡିତମହାଶୟ କେତୋଟି ସଦ୍‌ଗୁଣ ଯୋଗୁଁ ଅତି ଦରିଦ୍ର ଅବସ୍ଥାରୁ ଉପରକୁ ଉଠିଥିଲେ । ସେ ଚିର ଆତ୍ମନିର୍ଭରଶୀଳ; ପ୍ରୁଫ ସଂଶୋଧନରେ ପାରଙ୍ଗମ ହାସଲ କରିଥିବାରୁ ତାଙ୍କ ପ୍ରେସ୍‌ରେ ଛପାବହି ପ୍ରାୟ ନିର୍ଭୁଲ ରହୁଥିଲା । ପାଠ୍ୟପୁସ୍ତକ ଲେଖି ଓ ପ୍ରେସ୍ କରି ତାଙ୍କ ଆର୍ଥିକ ଅବସ୍ଥା ବଦଳି ଯାଇଥିଲା ଓ ଶେଷ ଜୀବନରେ ସେ ଜିପ୍ ଚଢି ବୁଲୁଥିଲେ । ଅବସର ସମୟରେ ସେ 'ପ୍ରତିଭା', 'ଭବାନୀ' ପ୍ରଭୃତି କାବ୍ୟ ଓ କେତେକ ସମାଲୋଚନାପ୍ରବନ୍ଧ ରଚନା କରିଥିଲେ ।

## ରତ୍ନାକର ପତି (ଜନ୍ମ : ୧୮୮୯ ମୃତ୍ୟୁ : ୨୨।୨।୭୯)

ରତ୍ନାକର ପତି ଏକ ମହାନ୍ ବ୍ୟକ୍ତିତ୍ୱ । କାହା କଥାରେ ସେ ପରିଚାଳିତ ହେଉ ନ ଥିଲେ । ସେ ଚିନ୍ତା, ବାକ୍ ଓ କର୍ମ ମଧ୍ୟରେ ଗଭୀର ସମନ୍ୱୟ ରକ୍ଷା କରିଥିଲେ । ଚିର ଆତ୍ମନିର୍ଭରଶୀଳ, ସରଳ ଜୀବନ ଓ ଉଚ୍ଚ ଚିନ୍ତାର ଶ୍ରେଷ୍ଠ ଦୃଷ୍ଟାନ୍ତସ୍ଥଳ । ଏଇ ଗୋଟିଏ ବ୍ୟକ୍ତିତ୍ୱ, ଯାହା ଉପରେ ଭରସା କରି ସଂସାରରେ ବଞ୍ଚି ହୁଏ, ଏଇ ଜଣେ ଗୁରୁ, ଆଶୀର୍ବାଦ ଯାହାର ଅନ୍ତରର ଗଭୀରତମ ପ୍ରଦେଶରୁ ବାହାରେ, ଏଇ ଜଣେ ଶିକ୍ଷକ, ଯେ ନିଜକୁ ନିଃଶେଷ କରି ପାଠ ପଢାନ୍ତି, ଯାହାଙ୍କର ଦ୍ୱାର ଛାତ୍ରମାନଙ୍କ ଲାଗି ସର୍ବଦା ଉନ୍ମୁକ୍ତ ଥାଏ, ଯାହାର ଦକ୍ଷିଣ ହସ୍ତର ଦାନ ବାମ ହସ୍ତ ଜାଣେ ନାହିଁ, ଯେ ସାରାଜୀବନ ଛାତ୍ର, 'ଛାତ୍ରାଣାଂ ଅଧ୍ୟୟନଂ ତପଃ'ରେ ଚିରବିଶ୍ୱାସୀ; ସଂସାରର ମିଥ୍ୟା, କପଟତା, ଶାଠ୍ୟ ଯାହାଙ୍କୁ କିଞ୍ଚିତ୍ ସ୍ପର୍ଶ କରି ନ ଥିଲା, ବସୁଧୈବ କୁଟୁମ୍ବକଂ ଯାହାଙ୍କର ଜୀବନଦୀକ୍ଷା, ଗୋଟିଏ ଦିଗରେ ସାହିତ୍ୟ, ଅନ୍ୟ ଦିଗରେ ଦର୍ଶନ ଯାହାଙ୍କର ଜୀବନବିଳାସ ଥିଲା, ଯେ ଉଭୟକୁ ନିଜ ଜୀବନରେ ପରସ୍ପରର ପରିପୂରକ କରିଥିଲେ, ଆଦର୍ଶରୁ ତିଳେମାତ୍ର ବିଚ୍ୟୁତ ହେଉ ନ ଥିଲେ ।

ଛାତ୍ର ଜୀବନରେ ସେ ଥିଲେ ମୋର ପ୍ରେରଣା, କର୍ମଜୀବନରେ ଆଦର୍ଶ । ଜଣେ ଛାତ୍ରଙ୍କୁ ପଠାଇ ମୁଁ ତାଙ୍କର ଶେଷ ପୁସ୍ତକ 'ଦ୍ୱୟୋ ଦ୍ୱି ପଥେ' ଲେଖାଇଥିଲି ।

## ଆଚାର୍ଯ୍ୟ ହରିହର (ଜନ୍ମ : ୧୮୭୯ : ମୃତ୍ୟୁ : ୨୧।୨।୭୧)

ଏକ ଜଣେ ମାତ୍ର ବ୍ୟକ୍ତି ଯେ ଗ୍ରାମ ସହର ସର୍ବତ୍ର ସମ୍ମାନିତ ହେଉଥିଲେ, ଯାହାଙ୍କୁ ଦେଖିବାମାତ୍ରେ ପ୍ରାଚୀନ ତପୋବନ ଓ ଋଷି ବଶିଷ୍ଠଙ୍କ କଥା ମନେ ଆସୁଥିଲା, ଯାହାଙ୍କର ଜଗତ୍ ବିରୁଦ୍ଧରେ କିଛିହେଲେ ଅଭିଯୋଗ ନ ଥିଲା, କେବଳ ଜୀବନ ବଞ୍ଚେଇବା ଲାଗି ସେ ଯତ୍ ସାମାନ୍ୟ ଖାଉଥିଲେ, ଲଜ୍ଜାନିବାରଣ ଲାଗି ପରିଧାନ କରୁଥିଲେ, ସେବାରେ କିପରି ନିର୍ବିକାର ହେବାକୁ ହୁଏ, କିପରି ନିରହଙ୍କାର ଓ ସର୍ବ ଦୁଃଖସହିଷ୍ଣୁ ହେବାକୁ ହୁଏ, କିପରି ସ୍ୱାର୍ଥପର ଦୁରାଶାରେ ଜଳାଞ୍ଜଳି ଦେବାକୁ ହୁଏ, ଆତ୍ମପର ଭେଦ ଭୁଲିବାକୁ ହୁଏ, ତାଙ୍କ ଜୀବନ ଅନୁଧ୍ୟାନ କଲେ ବୁଝାଯାଉଥିଲା । ସ୍ୱରାଜ୍ୟ ନେତା, ସେବକମାନଙ୍କ ମଧ୍ୟରେ

ନିଜ ଲାଗି ଏତେ ଅଳ୍ପ ଖର୍ଚ୍ଚ ଆଉ କାହାର ନ ଥିଲା; ଅକ୍ରୋଧୀ ଓ ଅଜାତଶତ୍ରୁ ଥିଲେ ସେ । ଆଗେ ନିଜେ ଭଲ ମଣିଷ ହୋଇ ପରେ ଅନ୍ୟକୁ ଭଲ ମଣିଷ ହେବାଲାଗି ସେ ଉପଦେଶ ଦେଉଥିଲେ । ସେପରି ପ୍ରସନ୍ନ, ପବିତ୍ରାତ୍ମା ଆଉ ଜଣେ ଦେଖିନାହିଁ । ଜଗତ ତାଙ୍କର ପରିବାର ଥିଲା; ବ୍ୟକ୍ତିଗତ ସମ୍ପତ୍ତି ବୋଲି ତାଙ୍କର କିଛି ନ ଥିଲା ।

## ଗୋପାଳ କାନୁନଗୋ (ଜନ୍ମ : ୧୯୦୪, ମୃତ୍ୟୁ : ୧୩।୩।୭୧)

ହଠାତ୍ କେବେ ବେମାର ପଡ଼ିଲେ, ବିଦାୟ ନେଲେ । ତାଙ୍କ ମୃତ୍ୟୁକାଳୀନ ବିଦାୟୀ ମୁଖ ଶିଳ୍ପୀ ବା କବି କେହି ଦେଖିପାରି ନ ଥିଲେ । ଅଙ୍କନ ଓ ଲିଖନ ଉଭୟରେ ତାଙ୍କର ଦକ୍ଷତା ପ୍ରକାଶ ପାଇଥିଲା । ବିନ୍ଧ୍ୟାଧର ବର୍ମାଙ୍କ ପରେ ଉତ୍କଳରେ ଶିଳ୍ପୀ ଗୋପାଳ କାନୁନଗୋ ଯୁଗ ଚାଲିଥିଲା । 'ବୋଇତ ବନ୍ଦାଣ', 'ଜୟଦେବ ଓ ପଦ୍ମା', 'ଗୁଣ୍ଡୁଚି ମୂଷା', 'ଦୋଳଯାତ୍ରା', 'ଅଭିସାରିକା', 'ଲାବଣ୍ୟବତୀ' ଛବି ତାଙ୍କର ସୁପ୍ରସିଦ୍ଧ । ମୋ 'କଳକଲ୍ଲୋଳ' ମଲାଟ ଛବିଟି ସେ ଅଙ୍କନ କରିଥିଲେ । 'ପ୍ରତିଭା ଓ ପ୍ରଣୟ' ତାଙ୍କର ହୃଦୟସ୍ପର୍ଶୀ ରଚନା ।

ଶ୍ରୀ କାନୁନଗୋଙ୍କ ଘର ପୁରୀ ଜିଲ୍ଲାରେ । ସେ କଲିକତା ସରକାରୀ କଳା ବିଦ୍ୟାଳୟର ଛାତ୍ର ଥିଲେ । ସାରା ଜୀବନ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ସେ ନିଜ କଳାକାରର ପ୍ରତିଭାକୁ ବଞ୍ଚାଇ ରଖିଥିଲେ ।

ନନ୍ଦକିଶୋର ପଟେଲ (ଜନ୍ମ ୧୯୧୪, ମୃତ୍ୟୁ ୧୪।୧୦।୭୧)ଙ୍କ ହଠାତ୍ ବିୟୋଗ ମୋତେ ବିଶେଷ ବାଧିଥିଲା । ତାଙ୍କ ଘର ସମ୍ବଲପୁର ଜିଲ୍ଲା ଲଇଡା ଗ୍ରାମରେ । ସେ ଜଣେ ବଡ ଲୋକସାହିତ୍ୟସଂଗ୍ରାହକ । ପଲ୍ଲୀଗୀତି ସଞ୍ଚୟନ ଓ ଲୋକଗଳ୍ପ ସଞ୍ଚୟନ ଲାଗି ସେ ବହୁ ସମ୍ବଲପୁରୀ ଗୀତି ଓ ଗଳ୍ପ ସଂଗ୍ରହ କରି ମୋତେ ଦେଇଥିଲେ । ସମ୍ବଲପୁରୀ ଢ଼ଗଢ଼ମାଳି ସଂଗ୍ରହ କରୁଥିବା ସମୟରେ ତାଙ୍କର ମୃତ୍ୟୁ ହେଲା ।

ଡକ୍ଟର ମାୟାଧର ମାନସିଂହ—ଜନ୍ମ ୧୯୦୫, ନଭେମ୍ବର ୧୩ ତାରିଖ
ମୃତ୍ୟୁ—୧୧।୧୦।୧୯୭୩

ମାନସିଂହଙ୍କ ହଠାତ୍ ପ୍ରୟାଣ ଏକ ବଜ୍ରାଘାତ । ମୋର ଭାବାତ୍ମକ କ୍ଷତି କେତେ ତୀବ୍ର ତାହା ମର୍ମେ ମର୍ମେ ଅନୁଭବ କରୁଛି । ଗୋଟିଏ ଜିପ୍‌ରେ ଭର୍ତ୍ତି କରି ତାଙ୍କ ଶବକୁ ଶାନ୍ତିନଗରକୁ ନିଆଗଲା । ତାଙ୍କ ପ୍ରତିଭାର ଅଗଣିତ ପୂଜାରୀ ପୂଜାରିଣୀ ତାଙ୍କ ଶବକୁ ଏକ ସାଧାରଣ ପଟୁଆରରେ 'ସତୀଚଉରା'କୁ ନେବାର ସୌଭାଗ୍ୟ ଲାଭ କରିପାରିଲେ ନାହିଁ । ତାହାଲାଗି ତାଙ୍କ ଶବ ନେବା ମାତ୍ରେ ତାଙ୍କ ରିକ୍‌ସାବାଲା କାନ୍ଦି କାନ୍ଦି କହିଥିଲା—ଦଶରଥ ମହାରାଜାଙ୍କ ଶବକୁ ଏତେଦିନ ତେଲକାପଡ଼ାରେ ରଖାଯାଇଥିଲା । ଆମ ବାବୁଙ୍କୁ ଗୋଟିଏ ରାତି ରଖୁନାହଁ କାହିଁକି ? କବିଙ୍କୁ ଜନମାନସରେ ନିଆ ନ ହିବାରେ ରିକ୍‌ସାବାଲାର ପ୍ରାଣକୁ ବି ବାଧିଥିଲା ।

ମାନସିଂ କିଶୋର ଯୌବନର କବି । ଆଦ୍ୟ ଯୌବନରେ ହିଁ ତାଙ୍କ କବିତ୍ୱର ଶ୍ରେଷ୍ଠ ବିକାଶ ଘଟିଥିଲା । ତାଙ୍କ କବିତ୍ୱ ବିକଚ ଶେଫାଳୀ ପରି ଅଳ୍ପକ୍ଷଣସ୍ଥାୟୀ ହୋଇଥିଲା । ଆଦ୍ୟ ଯୌବନରେ ତାଙ୍କର ଗୋଟିଏ ଗୋଟିଏ କବିତା ସମଗ୍ର ପ୍ରଦେଶରେ ଚହଳ ପକାଇ ଦେଇଥିଲା, ବିଶେଷତଃ ତରୁଣମହଲରେ । ତାର କଳିକା ମଧ୍ୟ ପ୍ରକାଶ ପାଇଥିଲା—

‘ପ୍ରିୟା ମୋ ଗଲା ଅନ୍ୟ ସାଥେ
ମୋ’ ଦିନ ମୁଁ କେମିତି କାଟେ ?’

ପ୍ରେମ ଓ ପ୍ରଣୟକୁ ଘେନି ତାଙ୍କ କବିତା । ବାସ୍ତବ ଜୀବନରେ ‘ଧୂପ’, ‘ହେମପୁଷ୍ପ’ ଓ ‘ହେମ ଶସ୍ୟ’ର ମିଳନ ସମ୍ଭବ ହୋଇ ପାରି ନ ଥିଲା—’ ପରିଣତି ଦ୍ୱନ୍ଦ୍ୱ, ଅନ୍ତର୍ଦ୍ୱନ୍ଦ୍ୱ—ଶେଷରେ ‘ହିସାବ ନିକାଶ’—‘ହିସାବ ନିକାଶନିଶାପ ।’ ଏଇ ଦ୍ୱନ୍ଦ୍ୱରେ ମାନସିଂ କବିତ୍ୱର ମୃତ୍ୟୁ ଘଟିଲା; ସେ ହୋଇଗଲେ ଗଦ୍ୟ—ଅବଶ୍ୟ ଏହା ତାଙ୍କର ଏକ ସ୍ୱତନ୍ତ୍ର ଓ ଚମତ୍କାର ବିପ୍ଳବ ।

‘ନବ ଭାରତ’ ପତ୍ରିକାରେ ‘ସମର ବିମୁଖ’ କବିତା ସେ ଲେଖିଥିଲେ । ‘ସମରସମ୍ମୁଖ’ କବିତା ଲେଖି ମୁଁ ତାର ଉତ୍ତର ଦେଇଥିଲି ।

ତାଙ୍କ କବିତାର କୋମଳ, କାନ୍ତ କରୁଣ ଶ୍ରୀ ମୋତେ ମୁଗ୍‌ଧ କରେ ।

ଭାରତଚନ୍ଦ୍ର ନାୟକ—ଜନ୍ମ ୧୮୮୭, ମୃତ୍ୟୁ—୧୯୭୦, ଫେବ୍ରୁଆରୀ ୧୧ ତାରିଖ, ଜନ୍ମସ୍ଥାନ—ବଲାଙ୍ଗୀର ଜିଲ୍ଲାର ଅଗଲପୁର ଗ୍ରାମ,—ରଚନା ହୁଏନ୍‌ସାଙ୍ଗ ଭାରତଭ୍ରମଣ, କୁମାରସମ୍ଭବ ଅନୁବାଦ, ଆତ୍ମଜୀବନଚରିତ ।

ଉପେନ୍ଦ୍ର କିଶୋର ଦାସ—ଜନ୍ମ ୧୯୦୧, ଫେବୃୟାରୀ ୧ ତାରିଖ, ମୃତ୍ୟୁ—୨୦।୪।୭୨, ‘ମଳାଜହ୍ନ’ ଉପନ୍ୟାସର ଲେଖକ । ତାଙ୍କ ‘ଯଜାତିକେଶରୀ’ ଉପନ୍ୟାସ ଅପ୍ରକାଶିତ ରହିଛି । ‘ବାରୁଣୀ’ ସାହିତ୍ୟ ପତ୍ରିକାର ସମ୍ପାଦକ ଥିଲେ, ଶିଳ୍ପୀ ଭାବେ ସୁନାମ ଅର୍ଜିଥିଲେ ।

କାଳିଆ ପାଣିଗ୍ରାହୀ—ଜନ୍ମ ୧୯୦୧, ମୃତ୍ୟୁ ୨୩।୩।୭୩; ଆଜୀବନ ଶିକ୍ଷକ, ଘର, ମଣ୍ଡୁଖାରେ, ଦାରିଦ୍ର୍ୟ ଓ ଅନାଟନ ମଧ୍ୟରେ ଯେ ଶିକ୍ଷିତ ହୋଇଥିଲେ, ପ୍ରାବନ୍ଧିକ ଓ ସମାଲୋଚକଭାବେ ପ୍ରତିଷ୍ଠା ଅର୍ଜିଥିଲେ ।

ଜାତୀୟକବି ବୀରକିଶୋର ଦାସ—୨୮।୪।୭୩ରେ ମୃତ୍ୟୁ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଶୋକସଭାରେ କହିଥିଲି—କେବଳ କବି ଯଶଲାଭ ଲାଗି ସେ କବିତା ଲେଖୁ ନ ଥିଲେ । ଜାତିକୁ ଉଦ୍‌ବୁଦ୍ଧ କରିବା ଓ ମନୀଷ ଚରିତ୍ର ଗଢ଼ିବା ତାଙ୍କର ଉଦ୍ଦେଶ୍ୟ ଥିଲା ।

ତାଙ୍କ କବିତା କଳ୍ପନାର ଅପ୍‌ସରା ନୁହେଁ, ଏକ ରୂପବତୀ ବାଳବିକା, ମହୀୟସୀ ସ୍ମରଣିକା, ସେବିକା ।

ଦୁଃସ୍ଥ ଅବସ୍ଥାରେ ଥିଲେ ବି ସେ ଅନ୍ୟକୁ ସାହାଯ୍ୟ କରିଛନ୍ତି, ନିଜ ପାଖରେ ନ ଥିଲେ ସେ ବନ୍ଧୁଙ୍କଠାରୁ ଉଧାର କରି ଦାନ କରିଛନ୍ତି । ହୋସ୍ ଥିବା ପର୍ଯ୍ୟନ୍ତ, ହାତ ଅଚଳ ହେବା ପର୍ଯ୍ୟନ୍ତ ଲେଖିଛନ୍ତି, କିମ୍ବା ସଙ୍ଗୀତ ବାଛିଛନ୍ତି ।

କୁଜ ବୁସ ପୁଷ୍ପଟିଏ ଥିଲା ତାଙ୍କର ପ୍ରକୃତି ଲାଗି—ସୁଖ ଦୁଃଖରେ ଉଦାସୀନ, ଉତ୍କଳ ମହାପ୍ରାଣ ଜୀବନଟିଏ—ଜାତି ଓ ଜାତୀୟସେବାରେ ଉତ୍ସର୍ଗୀକୃତ ।

ଅଦ୍ୱୈତଚନ୍ଦ୍ର ମହାନ୍ତି—ଜନ୍ମ ୧୯୦୭, ମୃତ୍ୟୁ—୧୯୭୫, ଅଗଷ୍ଟ; ଓଡ଼ିଶା ସାହିତ୍ୟଏକାଡେମୀପୁରସ୍କାରପ୍ରାପ୍ତ—ସାଧବବୋହୂ, ନରଦେବତା ପ୍ରଭୃତି ନାଟକର ରଚୟିତା । ପ୍ରଥମ ଓଡ଼ିଆ କଥାଚିତ୍ର 'ସୀତାବିବାହ'ରେ ସେ ଲକ୍ଷ୍ମଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଏଲ୍. ଏମ୍. ପି ଡାକ୍ତର, ଡାକ୍ତରୀ ଛାଡ଼ି ଶିକ୍ଷକତା କରୁଥିଲେ ।

ପ୍ରାଣକୃଷ୍ଣ ସାମଲ— ଜନ୍ମ—୧୯୧୨, ୨୫ ତାରିଖ, ଡିସେମ୍ବର ।
ମୃତ୍ୟୁ—୧୯୫୯, ୨୮ ତାରିଖ, ଯାନୁୟାରୀ ।

ନନ୍ଦକିଶୋରଙ୍କ ପରି ପ୍ରାଣକୃଷ୍ଣ ପାଞ୍ଚୋଟି ବର୍ଷ ସଫଳ ସାଧନା କରିଛନ୍ତି । ମାତ୍ର ୪୭ ବର୍ଷ ବୟସରେ ତାଙ୍କର ମୃତ୍ୟୁ—ଶେଷ ଜୀବନରେ ପାଗଳାମି । ପରିବାର ପକ୍ଷେ କରୁଣତମ ଅଧ୍ୟାୟ ଏ । ୧୯୪୩ରେ ନୀଳକମଳ ଉପନ୍ୟାସ, ୧୯୪୬ରେ କସ୍ତୁରିକା କାବ୍ୟ ନାଟିକା, ୧୯୪୨ରେ ରଜପର୍ବ କବିତାପୁସ୍ତକ, ୧୯୪୭ରେ ସହଯାତ୍ରିଣୀ ଉପନ୍ୟାସ, ୧୯୪୬ରେ ସାତ ଦୀପ ଗଳ୍ପପୁସ୍ତକ, ୧୯୪୯ରେ ପଲ୍ଲୀଜୀବନ, ପ୍ରେମଉପନ୍ୟାସ, ଭିନ୍ନ ଦୃଷ୍ଟି—କବିତା ।

୨୫।୫।୭୪ରେ ନବୋତ୍କଳର ନିର୍ମାତା ପାରଳାଖେମିଡ଼ିର ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ନାରାୟଣ ଦେବ ଗଜପତିଙ୍କର ମୃତ୍ୟୁ ହେଲା । ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶର ସେ ପ୍ରଥମ ପ୍ରଧାନମନ୍ତ୍ରୀ ଥିଲେ । ଉତ୍କଳବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ହାଇକୋର୍ଟ ତାଙ୍କ ପ୍ରେରଣା ଓ ପ୍ରଚେଷ୍ଟାରେ ନିର୍ମିତ ହୋଇଥିଲା ।

ସ୍ୱତନ୍ତ୍ର ଓଡ଼ିଶାନିର୍ମାଣରେ ମଧୁବାବୁଙ୍କ ପରେ ତାଙ୍କ ନାମ ଦ୍ୱିତୀୟରେ ଆସେ; ସେ ବିଲାତରେ ଗୋଲଟେବୁଲ ବୈଠକରେ ଯୋଗ ଦେଇ ଓଡ଼ିଶାର ଦାବୀ ଉପସ୍ଥାପିତ କରିଥିଲେ; ମୁଖ୍ୟତଃ ତାଙ୍କରି ତ୍ୟାଗ ଓ ପ୍ରଚେଷ୍ଟା ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ସଂଗଠିତ ହୋଇ ପାରିଥିଲା । ଓଡ଼ିଶା ଲାଗି ସେ ଅକାତରରେ ଅଜଳସ୍ର ଧନ ବ୍ୟୟ କରିଥିଲେ ।

୨୩।୨।୭୫ରେ ଗଳ୍ପଲେଖକ ବାମାଚରଣ ମିତ୍ରଙ୍କ ମୃତ୍ୟୁ ହେଲା, ମାତ୍ର ୬୨ବର୍ଷ ବୟସରେ । ତାଙ୍କ ଲାଗି ଶୋକୋଚ୍ଛ୍ୱାସ ପ୍ରକାଶ କରିବା ପୂର୍ବରୁ ରାଜେନ୍ଦ୍ରନାରାୟଣ ସିଂହଦେଓଙ୍କ ମୃତ୍ୟୁ ହୋଇଥିଲା; ସମ୍ବାଦପତ୍ରରେ ସୁଲେଖକ ଶ୍ରୀ ମିତ୍ରଙ୍କ ବିଷୟରେ ପଦେ ନ ବାହାରିବାରୁ ବୋଧ ହେଲା—ସାମ୍ବାଦିକ ଦୃଷ୍ଟିରେ ସାହିତ୍ୟିକଙ୍କ ଅପେକ୍ଷା ରାଜନୀତିକର ସ୍ଥାନ ଅଧିକ ଗୁରୁତ୍ୱପୂର୍ଣ୍ଣ । ଘୋର ଦୁଃସ୍ଥତା ଓ ମାରାତ୍ମକ କର୍କଟ ବ୍ୟାଧି ମଧ୍ୟରେ ଶ୍ରୀ ମିତ୍ରଙ୍କ ଜୀବନର ଶେଷ ଶ୍ୱାସ ଥିବାଯାଏ ଚାଲିଥିଲା ।

ରାଜତନ୍ତ୍ର ପ୍ରତି ତୀବ୍ର ଘୃଣା ଥିଲେ ବି ରାଜେନ୍ଦ୍ରନାରାୟଣ ସମଗ୍ର ଓଡ଼ିଶାରେ ଲୋକପ୍ରିୟ ହୋଇ ପାରିଥିଲେ । ପାଟଣା ପରି ଗଡ଼ଜାତଟିର ଗାଦି ହରାଇଥିଲେ ବି ନିଜର ବୁଦ୍ଧି ଓ କ୍ଷମତା ବଳରେ ସେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀର ଆସନ ଅଧିକାର କରି ପାରିଥିଲେ ।

'ସୁରେନ୍ଦ୍ର ସାଏ' ପୁସ୍ତକର ରଚୟିତା, ଗବେଷକ ଅନିରୁଦ୍ଧ ଦାଶଙ୍କ ମୃତ୍ୟୁ ହେଲା ନଭେମ୍ବର, ୧୯୭୫ରେ । ୧୯୧୩ରେ ତାଙ୍କର ଜନ୍ମ । ଶେଷ ଜୀବନରେ ମାଦଳାପାଞ୍ଜି ଉପରେ ସେ ଗବେଷଣା କରୁଥିଲେ ।

# ସାହିତ୍ୟିକ ପ୍ରଳାପ

ପ୍ରୀତିନିସ୍ୟନ୍ଦୀ ବହୁ ପତ୍ର ପାଇଥିଲି, ସମସାମୟିକ ସାହିତ୍ୟିକ ଓ ବିଦଗ୍ଧ ବୁଧମାନଙ୍କଠାରୁ । ସେ ସବୁ ହଜି ଯାଇଛି । ଯେଉଁ କେତୋଟି ପତ୍ର କାଳ ମୁଖରୁ ବର୍ତ୍ତି ଯାଇଛି, ସେସବୁ କ୍ଷୀଣ ରେଖା ହେଲେବି ମୋର ଛାୟା ଓ ଛବି ଅଙ୍କନ କରେ ।

ନିଜ ବିଷୟରେ ଦୁର୍ବଳ ମନୁଷ୍ୟ କେବଳ କହିପାରେ । ତେଣୁ ଅନ୍ୟମାନେ କଣ କହନ୍ତି, ତାହା ବିବେଚ୍ୟ । କଥା ଅଛି—

ଜୀବର ଭଲମନ୍ଦ ଜାଣି
ମରଣକାଳେ ତାହା ଜାଣି ।

ଏକା ମରଣ କାହିଁକି, ଜୀବନକାଳରେ ମଧ୍ୟ ବ୍ୟକ୍ତ ହୋଇଥାଏ, ମନ୍ଦତା ଓ ମାଧୁର୍ଯ୍ୟର, ସୌଖ୍ୟ ସୌହାର୍ଦ୍ଦ୍ୟର, ସ୍ନେହ କଲ୍ୟାଣର ବାଣୀ । ସାହିତ୍ୟିକ ମହଲରେ ହିଁ ମୁଖ୍ୟତଃ ମୋର ପରିକ୍ରମା—ଏହାହିଁ ମୋର ପରିସର, ମଣ୍ଡଳ; ବିନ୍ଦୁରୁ ସିନ୍ଧୁକୁ ମୋର ଗତି, କେତେବେଳେ ଗୃହମୁକୁରରେ, କେତେବେଳେ ବା ସପ୍ତସାଗରରେ ପ୍ରତିବିମ୍ବିତ ହୋଇଛି ଏଇ କ୍ଷୀଣାଙ୍କୁର ଛାୟା । ଚଳପଥରେ ଉନ୍ମୁଖ ଝରଣାକୁ ସୃଷ୍ଟି କେତେ ବିଦଗ୍ଧ କେତେ କଥା କହିଛନ୍ତି । କଣ କହିଛନ୍ତି—ଫୁଟିଛି ପତ୍ର, ମାନଙ୍କରେ ।

ଏହି ସମସ୍ତଙ୍କୁ ଘେନି ମୁଁ ସାର୍ଥକ । ସେ ସବୁରେ ପତ୍ରର ସ୍ଥାନ ଅନୁ କାହାଣୀରେ ସଙ୍ଗତ ।

ସମସ୍ତ ପ୍ରାଚୀନ ପତ୍ରକୁ ଫିଙ୍ଗି ଦେଇ ମୁଁ ଅତି ମୁକ୍ତ, ନିର୍ମଳ, ଯେପରି ପ୍ରାକ୍ ବସନ୍ତର ଏକ ବନସ୍ଥଳି— ନବ ସୃଷ୍ଟିର ଶିହରଣ ତାର ମର୍ମେ ମର୍ମେ ।

ପତ୍ରଝଡ଼ା ଦେଶପରେ ଅଳ୍ପ କେତୋଟି ପାଚିଲା ପତ୍ରକୁ ସାଇତିରଖିଲି, ସ୍ମୃତି କୋଷର ଅମୂଲ୍ୟ ସମ୍ପଦ ପରି, ଯାହା ବୃକ୍ଷ ପାଇଁନାହିଁ, ନିଜକୁ ନୁହେଁ, ଅନ୍ୟକୁ ଘେନି ବଡ଼ିମା କରିବା ପାଇଁ ।

## ପଣ୍ଡିତ ନୀଳକଣ୍ଠ ଦାସ

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୧୪।୯।୫୪

ଆୟୁଷ୍ମାନ୍ କୁଞ୍ଜବାବୁ,

ହଁ କରି ବିଶ୍ୱମ୍ଭରବାବୁଙ୍କୁ ଆଜି ବେଉସ ପଠାଇ ଦେଲି । ତୋଳିକି ଯା ହବ । ଜଗନ୍ନାଥ ଧର୍ମ ପ୍ରବନ୍ଧଟି ଯେପରି ବିସ୍ତୃରିବ, କାଟିଛାଟି ମତେ ଥରେ ଦେଖାଇ ଦେବ । ମୋର ସମୟ ଏବେ ହୁଏତ ହେବନାହିଁ । ଆଉ ଥରେ ଗଲେ ଆଉ ପ୍ରବନ୍ଧ ପଢ଼ିବା ଦରକାର ହେବ କି ?

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୧୯।୨।୫୫

ଆୟୁଷ୍ମାନ୍ କୁଞ୍ଜବିହାରୀ,

ତମେ ମୋ ପାଇଁ ଖୁବ ଲାଗିଛ । ବୁଝାଇ ପାରିବି ନାହିଁ । ମୋ ପ୍ରବନ୍ଧକୁ ବୈଜ୍ଞାନିକ ପ୍ରଣାଳୀବଦ୍ଧ କରିବା ପାଇଁ ଯେତେ ବଦଳାବଦଳି କଲେ ମୋର ଆପତ୍ତି କାହିଁକି ହେବ ? ତେବେ ଶେଷକୁ ଯାହା ଠିକ୍ ହେବ, ତାର ଗୋଟିଏ ନକଲ ମତେ ପଠାଇବ ।

ମୋ ରେଭେନ୍‌ସା କଲେଜ ପୁରାତନ ଛାତ୍ରସଂଘ ବକ୍ତୃତା, ପୁଣି ନୈଷଧ କାବ୍ୟର ଅନୁବାଦ ସଂଗ୍ରହ କରିଚ, ଜାଣି ଖୁବ ଖୁସି ହେଲି । ଯଦି କେହି କେବେ ଗ୍ରନ୍ଥାବଳୀ ସଂଗ୍ରହ କରେ, ଖୁବ୍ କାମରେ ଲାଗିବ । କିନ୍ତୁ ତା କଣ ହବ ?

ପ୍ରେସ୍‌ର ଅବସ୍ଥା ଅତି ମନ୍ଦ । କେହି ଜଣେ ଉତ୍ସାହୀ ବ୍ୟକ୍ତି ଦକ୍ଷଭାବରେ ମ୍ୟାନେଜ୍ କରିବାକୁ ମିଳିଲେ ଶୀଘ୍ର ସୁଧୁରିଯାନ୍ତା । କିନ୍ତୁ କେହି ମିଳୁନାହାନ୍ତି । ଏଠି ରହି ଅନ୍ୟତ୍ର କର୍ମପ୍ରତୀକ୍ଷାରେ ରହିବା ଲୋକ କିଛି କରି ପାରିବ ନାହିଁ । ଶୀଘ୍ର ଅର୍ଡର ପଠାଅ ।

ଆଶା କରେ, ତମମାନଙ୍କ ଦିହପା ଭଲ ଅଛି ।

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୨।୧୨।୫୬

ଆୟୁଷ୍ମାନ୍ କୁଞ୍ଜବିହାରୀ,

ତମ ଚିଠିଟି ପାଇଲି, ମୋ ପ୍ରବନ୍ଧଟି ବାହାରିଲେ ଛପାଘରବାଲା କପି ଯେପରି ମୋ ପାଖକୁ ଆସେ, ତାହାର ବନ୍ଦୋବସ୍ତ କରିବ ।

ଆତ୍ମଚରିତଲେଖା ଆରମ୍ଭ ହୋଇଥିଲା । ଏବେ ଡାକ୍ତରଖାନାର ନର୍ସିଂହୋମ୍‌ରେ ରହିବା ଓ ସେଠାରୁ ଆସି ବିଧାନସଭା ଚଳାଇବା କାର୍ଯ୍ୟ ସବୁ ଲାଗି ଯାଇଛି । ସେଥିରେ ସେ କାର୍ଯ୍ୟ ମଧ୍ୟ ବନ୍ଦ ଅଛି । କିନ୍ତୁ ମୁଁ ଚିନ୍ତାମଣିଙ୍କ 'ସତ୍ୟବାଦୀ ବିହାର' ଲେଖା କେତେକ ପଢ଼ି ଦେଖୁଛି, ମୋର ସେ କାଳ କଥା କିଛିମାତ୍ର ମନେ ନାହିଁ । ମୁଁ କଣ କରିବି ? ତମ ସାଙ୍ଗେ କଥାବାର୍ତ୍ତା କରି ସ୍ଥିର କଲେ ଯାହା ହବ ।

ତୁମ ପଲ୍ଲୀଗୀତ ଓ ମୁଖବଂଧ ଛପା ସରିଲେ ଦେଖିବି ବୋଲି ଅପେକ୍ଷା କରିଛି । କିନ୍ତୁ ଯେଉଁସବୁ‌ଟି ଦେଖିଥିଲି, ଖୁବ୍ ଭଲ ହୋଇଥିଲା । ସେହିପରି ବୋଧହୁଏ ହୋଇଥିବ ।

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୨।୨।୭୦

ଆୟୁଷ୍ମାନ୍ କୁଞ୍ଜ,

ମୋର ପତ୍ରଟିରେ ତମେ ଆନନ୍ଦ ପ୍ରକାଶ କରିଚ । ସାଧୁବାଦ କରୁଚି ।

ମୁଁ ପେପର୍ ପରୀକ୍ଷକ ହୋଇଚି, ସେଥିପାଇଁ ଶାନ୍ତିନିକେତନ ଯିବି ବୋଲି ଲେଖିଚ । କିନ୍ତୁ କଣ ହୋଇଚି କେଜାଣି, ମୁଁ ଏବେ ଚାଲିପାରୁନାହିଁ । ଜଣେ ଦୁଇଜଣ ଧାଇଲେ ଚାଲୁଚି । ଦେଖାଯାଉ ।

ମୋର ପ୍ରବନ୍ଧ ପଢ଼ିବାରେ ଆପତ୍ତି ନାହିଁ । ମୁଁ ଖୁବ୍ ଲେଖାପଢ଼ା କରୁଚି, ଇଂରାଜୀରେ ପ୍ରବନ୍ଧମାନ ଲେଖୁଛି । ଓଡ଼ିଶା ରିସର୍ଚ୍ଚ ମାଗାଜିନରେ ୨ ବର୍ଷ ୩ଟି ପ୍ରବନ୍ଧ ବାହାରିଚି । କିନ୍ତୁ ବଂଗାଳୀ ସଂପାଦକଙ୍କ ମତ ଅନୁସାରେ ପତ୍ର, ପ୍ରବନ୍ଧ ଲେଖିବାକୁ ହେବ ?

ଜଗନ୍ନାଥେ ଭଲ କରନ୍ତୁ

ଭୁବନେଶ୍ୱର
୧୪।୮।୭୦

ଆୟୁଷ୍ମାନ୍ କୁଞ୍ଜ,

ଆଜି ତମ ଚିଠିଖଣ୍ଡି ପଢ଼ିଲି । ତମକୁ ସେଥିପାଇଁ ଗଭୀର ଆଶୀର୍ବାଦ ଜଣାଉଚି । ତିନୋଟି ବକ୍ତୃତାରେ ପୀୟୂଷଗନ୍ଧ ପୁସ୍ତକ କିପରି ହେବ ବୁଝି ପାରୁନାହିଁ । ତା'ହେଲେ ବକ୍ତୃତାଟିମାନ କେଡ଼େ ହେବ ? ପଢ଼ିବାରେ କେତେ ଘଣ୍ଟା ଯିବ ?

ମୁଁ ଗୋଟିଏ ପ୍ରସ୍ତାବ କରୁଚି । କେବଳ ଓଡ଼ିଆସାହିତ୍ୟ ସମ୍ବନ୍ଧରେ ନ କରି ବକ୍ତୃତାଗୁଡ଼ିକ 'Oriya culture, Language and Literature, ବିଷୟରେ ମୁଁ କଲେ ବୋଧହୁଏ ମୋ ପକ୍ଷରେ ବେଶୀ ସହଜ ହୁଅନ୍ତା । କାରଣ ସେହିବୁ ବିଷୟରେ ମୁଁ ଗତବର୍ଷ ମଧ୍ୟରେ କେତେଗୁଡ଼ିଏ ମୌଳିକ ଅନୁସଂଧାନ କରିଚି ।

ନୀଳକଣ୍ଠ ଦାସ

ରେଭେନ୍ସା କଲେଜ 'ଓଡ଼ିଆ ସାହିତ୍ୟସମାଜ'ର ସମ୍ବର୍ଦ୍ଧନା ପରେ—

୨।୬।୬୮
କଟକ

ସ୍ନେହର କୃଷ୍ଣବିହାରୀ,

ଏ ସମ୍ବର୍ଦ୍ଧନା ଜଣେ ଶିକ୍ଷକଙ୍କ ପ୍ରତି ସମ୍ମାନର ନିଦର୍ଶନ । ମୁଁ ସ୍ୱୀକାର କରିଛି, ଓଡ଼ିଆସାହିତ୍ୟକ୍ଷେତ୍ରରେ ବିଶେଷତଃ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ କ୍ଷେତ୍ରରେ ମୋର ଯଥେଷ୍ଟ ଅଭାବ ରହିଅଛି, ଏହାର କାରଣ ପ୍ରାଦେଶିକ ଭାଷା ଶିକ୍ଷା ପାଇବାରେ ବର୍ତ୍ତମାନ ଛାତ୍ରଗଣଙ୍କୁ ଯେଉଁ ସୁଯୋଗ ମିଳିଛି, ସେପରି ସୁଯୋଗ ମୋର ଛାତ୍ରଜୀବନରେ ନ ଥିଲା । ମଙ୍ଗଳମୟ ଭଗବାନ୍ ମୋତେ ଯାହାକିଛି ଚିନ୍ତାଶକ୍ତି ଦେଇଛନ୍ତି, ମୁଁ ସେତିକିମାତ୍ର ଓଡ଼ିଆ ଭାଷାରେ ପ୍ରକାଶ କରିବାର ଚେଷ୍ଟା କରିଛି । ଏ କାର୍ଯ୍ୟରେ କେତେ ପରିମାଣରେ ସମର୍ଥ ହୋଇଛି, ତାହା ଶିକ୍ଷିତସମାଜଙ୍କର ବିଚାର ବସ୍ତୁ ।

ସାହିତ୍ୟସେବା ଅମ୍ଭମାନଙ୍କର ଧର୍ମ । ଯେଉଁମାନେ ସାହିତ୍ୟସେବାରେ ନିଯୁକ୍ତ, ସେମାନଙ୍କର ସାହିତ୍ୟର ଦିଓଟି ଦିଗ ପ୍ରତି ଧ୍ୟାନ ଦେବା ଉଚିତ । ଗୋଟିଏ ଭାବନା, ଅନ୍ୟଟି ଭାଷା । ଉଭୟ ଦିଗରେ ମୂଲ୍ୟବୋଧ ତଥା ମାତ୍ରାବୋଧର ଶୃଙ୍ଖଳିତ ପ୍ରୟୋଗଜ୍ଞାନ ଆବଶ୍ୟକ । ଅନିୟନ୍ତ୍ରିତ ଚିନ୍ତା, ଅତିରଞ୍ଜିତଭାଷା ଉତ୍ତମ ସାହିତ୍ୟର ଲକ୍ଷଣ ନୁହେଁ । ଚିନ୍ତାରାଜ୍ୟରେ ସମନ୍ୱୟ ରଖି ଅଳ୍ପ ଭାଷାରେ ବ୍ୟାପକ ଚିନ୍ତାସାମଗ୍ରୀ ପ୍ରକାଶ କରିବାରେ ଉନ୍ନତ ସାହିତ୍ୟ ସୃଷ୍ଟି ହୋଇଥାଏ ।

ସାହିତ୍ୟ ସହିତ ସଂସ୍କୃତି ସମ୍ବନ୍ଧାନ୍ୱିତ । ତେଣୁ ଉତ୍କଳୀୟ ତଥା ଭାରତୀୟ ସଂସ୍କୃତିର ଅନୁଶୀଳନ, ଭାରତୀୟ ସଂସ୍କୃତି ପ୍ରତି ଉତ୍କଳର ଅବଦାନ ପ୍ରାଦେଶିକ ଭାଷାରେ ଉପଯୁକ୍ତ ସ୍ଥାନ ପାଇବା ଉଚିତ ।

ଶିକ୍ଷକଭାବରେ ମୁଁ ଯେଉଁ ନୀତି, ଆଦର୍ଶର ଅନୁଶୀଳନ କରିଛି, ତାହା ପ୍ରକାଶ କରୁଛି । ମୋର ବିବେଚନାରେ ଶିକ୍ଷକର ଜୀବନଧର୍ମ ହେଉଛି—

**A teacher does not find happiness in his own greatness. He finds happiness in the greatness of his pupils.**

ଶୁଭାକାଂକ୍ଷୀ
ବିପିନବିହାରୀ ରାୟ

ଓଁ ତମସୋ ମା ଜ୍ୟୋତିର୍ଗମୟ

କଟକ
୨୯ । ୧୨ । ୪୬

ପରମ ସ୍ନେହାସ୍ପଦ ବାବୁ କୃଷ୍ଣବିହାରୀ,

ତୁମ୍ଭର ପତ୍ରଖଣ୍ଡି ଯଥାସମୟରେ ପାଇ ଅତୀବ ଆନନ୍ଦିତ ହୋଇଅଛି ।

ତୁମ୍ଭପରି ଛାତ୍ରବନ୍ଧୁ ପାଇଥିବାରୁ ମୁଁ ଆପଣାକୁ ଭାଗ୍ୟବାନ୍, କେବଳ ଭାଗ୍ୟବାନ୍ ନୁହେ, ଗର୍ବିତ ମଧ୍ୟ ମନେ କରୁଅଛି । ବିଚାର ତ୍ରିବିକ୍ରମ ପ୍ରତି ତୁମ୍ଭର ଅକୃତ୍ରିମ ଭ୍ରାତୃପ୍ରେମ ସ୍ନେହ କଦାପି ଜୀବନରେ ଭୁଲି ପାରିବି ନାହିଁ । ତୁମ୍ଭର

ଆଶୀର୍ବାଦ ଓ ଉଦ୍‌ବୋଧନ ହେତୁରୁ ମୁଁ ସେ ଅତି ଯାହା ଉଚିତାର କରିଛି । ତୁମ ପରି କବିପ୍ରାଣ, ଉଚ୍ଚାକାଂକ୍ଷୀ କୃତୀ ବ୍ୟକ୍ତି ମୁଁ ତାହାର ଜୀବନର ସନ୍ଧ୍ୟା ଶରେ ଆଦର୍ଶ ରୂପେ ବିଦ୍ୟମାନ ଏବଂ ମୋର ଆଶା ଓ ବିଶ୍ୱାସ, ଏହି ଆଦର୍ଶର ପ୍ରଭାବରେ ସେ ଜୀବନର ଉତ୍କର୍ଷ ସାଧନ କରି ଜାତିକୁ ଗୌରବାନ୍ୱିତ କରିବ । ପ୍ରଭୁ ତୁମକୁ ସୁଖଶାନ୍ତିରେ ରଖିଥାନ୍ତୁ ଓ ତାଙ୍କରି କୃପାରେ ତୁମେ ଉତ୍କଳରେ ଉଦୀୟମାନ ଯୁବକମାନଙ୍କର ବରେଣ୍ୟ ଉଦ୍‌ବୋଧକ ରୂପରେ କାର୍ଯ୍ୟ କରୁଥାଅ । ତ୍ରିବିକ୍ରମର ନିଷ୍ଠା ଓ ସାଧନାର ମୂଳରେ ତୁମରି ମାଧ୍ୟମରେ ଦୟାମୟ ପ୍ରଭୁଙ୍କର ପ୍ରେରଣା ରହିଅଛି ବୋଲି ମୋର ବିଶ୍ୱାସ । ଆଜ ମଧ୍ୟ ତୁମର ମୋ ପ୍ରତି ଅନୁପମ ସ୍ନେହ-ସହାନୁଭୂତି ମୋର ଜୀବନର ସମ୍ବଳ । 'ଗିରିଚୂଳେ ଲକ୍ଷ୍ୟ ରଖି ଚାଲିଥିବି ନିତ୍ୟ', ପୁଣ୍ୟାତ୍ମା ଗୋପବନ୍ଧୁଙ୍କର ଏ ସ୍ୱର୍ଗୀୟ ବାଣୀ ତୁମର ଜୀବନର ନୀତି ବୋଲି ଜାଣି ପାରିଛି ଏବଂ ଏହାହିଁ ଚିରଦିନ ତ୍ରିବିକ୍ରମର ଜୀବନର ନୀତି ବୋଲି ଦେଖି ଆସୁଛି । ପ୍ରଭୁ କରନ୍ତୁ, ତୁମେମାନେ ଏହି ନୀତିର ଭିତ୍ତିରେ ଆନ୍ତର୍ଜାତିକ କ୍ଷେତ୍ରରେ ବିପୁଳ ଯଶଖ୍ୟାତି ଅର୍ଜନ କର ।

ଆଶା କରେଁ, ତୁମର ଏହି ଅକୃତ୍ରିମ ସ୍ନେହ ଓ ଦୟାରୁ ବଞ୍ଚିତ ହେବି ନାହିଁ । କେବେ କଟକ ଆସିଲେ ଏହି କୁଟୀରବାସୀକୁ ଟିକିଏ ଦେଖି ଯାଉଥିବ । ଥାଅ । ପ୍ରଭୁ ତୁମର ସହାୟ ହୋଇଥାନ୍ତୁ ଓ ତୁମକୁ ସର୍ବ ବିପଦରୁ ରକ୍ଷା କରନ୍ତୁ ।

ତୁମର ଚିରଶୁଭାକାଂକ୍ଷୀ
ରତ୍ନାକର ପତି

ଓଁ ତମସୋ ମୋ ଜ୍ୟୋତିର୍ଗମୟ

କଟକ
୧୪ । ୧୨ । ୫୪

ଆୟୁଷ୍ମାନ୍ ବାବୁ କୁଞ୍ଜବିହାରୀ,

ତୁମର ପତ୍ରରୁ ତୁମେ ପିଏଚ୍. ଡି. ଉପାଧିରେ ଭୂଷିତ ହୋଇଥିବାର ସୁଖକର ସମ୍ବାଦଟି ପାଇ ପ୍ରାଣରେ ବିମଳ ଆନନ୍ଦ ଅନୁଭବ କଲି । ତୁମର ଜୀବନ ଯେ ଦିନେ ମହନୀୟ ହେବ, ଏହା ମୁଁ ତୁମର ଛାତ୍ରଜୀବନର ସରଳତା ଓ ତୁମର ସ୍ୱଭାବସିଦ୍ଧ ଉଦ୍ୟମଶୀଳତାରୁ ଗଣନା କରିପାରିଥିଲି । ଜୀବନର କୁଟିଳ ଗତି ଓ ଦାରିଦ୍ର୍ୟର ନିଷ୍ପେଷଣ ମଧ୍ୟରେ ନିର୍ଭୀକ, ପ୍ରଶାନ୍ତ ଓ ଉତ୍ସାହମୟ ସାଧନା ତୁମ କୃତିତ୍ୱର ମୂଳ ନିଦାନ । ପ୍ରଭୁ ତୁମକୁ ଦୀର୍ଘାୟୁ କରି ତୁମ କବିପ୍ରାଣର ଉନ୍ମେଷର ବିକାଶ ସାଧନ କରନ୍ତୁ, ଏହାହିଁ ତାଙ୍କଠାରେ ମୋର ପ୍ରାର୍ଥନା । ଏହି ସୁସମ୍ବାଦ ଜନିତ ଆନନ୍ଦ ବାକ୍ୟରେ ପ୍ରକାଶ କରିପାରୁନାହିଁ । ମୋର ଆଶୀର୍ବାଦ ଗ୍ରହଣ କଲେହିଁ ହେଲା । ଯଥାର୍ଥ ତୁମର କୃତିତ୍ୱ, ମୋର ପ୍ରାଣରେ ବିଶେଷ ନୁହେଁ, ଅଶେଷ ଆନନ୍ଦ ଦେଉଅଛି ।

ଓଁ ଅୟମାରମ୍ଭଃ ଶୁଭାୟ ଭବତୁ, ଶୁଭଂ ଭବତୁ,
ଶୁଭଂ ଭବତୁ, ଶୁଭନି ଭବନ୍ତୁ ।

ପର୍ଣ୍ଣ ଚନ୍ଦ୍ରା ପ୍ରଯତ୍ନରେ ତାର ଆତ୍ମବିକାଶ ନିମନ୍ତେ ସମସ୍ତ ଶକ୍ତି ପ୍ରୟୋଗ କରିବାରେ ଲାଗିଛି । ପ୍ରଭୁଙ୍କ କୃପା ଓ ତୁମ୍ଭର ସଦିଚ୍ଛା ତଥା କଲ୍ୟାଣ ତାହାର ଜୀବନକୁ ମଧୁମୟ କରିବ ବୋଲି ମୋର ବିଶ୍ୱାସ ।

ଆଉ କ'ଣ ଲେଖିବି ? ଆନନ୍ଦଗଦ୍‌ଗଦ ଚିତ୍ତରେ ତୁମ୍ଭଙ୍କୁ ପୁନର୍ବାର ଆଶୀର୍ବାଦ ଜଣାଇ ରହିଲି ।

ତୁମ୍ଭର ଶୁଭାକାଂକ୍ଷୀ
ରତ୍ନାକର ପତି

ପୁରୀ
୧୮ । ୩

ପ୍ରିୟ କବି,

ଆପଣଙ୍କ ଚିଠି ପାଇଛି । ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଏଣେ ତେଣେ ବୁଲୁଥିଲି, ତେଣୁ ଆଗରୁ ଲେଖି ପାରିନାହିଁ । ଆପଣଙ୍କ ଶରୀରକୁ ନ ଦେଖିଲେ ବି ଆପଣଙ୍କ ମାନସ ପୁତ୍ରମାନଙ୍କୁ ମୁଁ ବହୁ ଦିନୁଁ ଦେଖିଛି ଓ ଆପଣଙ୍କ କୃତିତ୍ୱ ବିଷୟ ମୁଁ ବହୁ ଦିନୁଁ ଶୁଣିଛି । ଏ ମାସ ୪ ତାରିଖରେ ଆପଣଙ୍କ ଗାଁ ଓ ଘର ମଧ୍ୟ ଦେଖିବାକୁ ସୁଯୋଗ ମିଳିଥିଲା । ଆପଣଙ୍କ ଘର ଦୁଆରମୁହଁକୁ ଯାଇ ଆପଣଙ୍କ ମା'ଙ୍କୁ ଦେଖି ଦଣ୍ଡବତ କଲି ଓ ତାଙ୍କୁ ଅନାଇଁ ଅନାଇଁ ଆପଣଙ୍କ ପ୍ରତିଭାର ମୌଳିକ ହେତୁ ବିଷୟରେ କିଛି କିଛି ଧାରଣା କଲି । ସେ ମୋତେ ଚିହ୍ନି ନ ପାରିବାର ହିଁ କଥା । ପଚାରିବାରୁ ମୁଁ କହିଲି "ଆପଣଙ୍କ ପୁଅ ଲେଖନ୍ତି କାବ୍ୟକବିତା, ମୁଁ ଲେଖେଁ ଉପନ୍ୟାସ ଓ ଗଳ୍ପ । ଆମେ ପରସ୍ପରକୁ ଚିହ୍ନିଛୁ, କିନ୍ତୁ କେବେ ଦେଖିନାହୁଁ । ସେ ମତେ ବହୁତ ଆଶୀର୍ବାଦ କଲେ ।"

ଆପଣଙ୍କ ଗାଁର ଛାୟାଶୀତଳ ସ୍ନିଗ୍‌ଧ ଛବି ଦେଖି ଫେରି ଆସିଲି । ତାପରେ ଆପଣଙ୍କ ଚିଠି ପାଇଲି ।

ଅନ୍ନଦାବାବୁଙ୍କୁ ମୋର ନମସ୍କାର । ବହିଟି ତାଙ୍କୁ ଭଲ ଲାଗିଥିଲା ବୋଲି ମୁଁ ଲୋକମୁଖରୁ ଶୁଣିଥିଲି । ତାଙ୍କର ଶୁଭେଚ୍ଛା ପାଇଁ ତାଙ୍କୁ ଧନ୍ୟବାଦ ।

ଆପଣ ତ ଜାଣନ୍ତି, ଓଡ଼ିଆରେ ବହି ଲେଖିବା ପାଇଁ ଭବିଷ୍ୟତ କେତେ । ବହି ବିଷୟରେ କିଛି ମତାମତ ଶୁଣିବାଲାଗି ଆଠଦଶ ବର୍ଷ ଲାଗେ । ବହି ଛପା ହେବାକୁ ବହୁ ବର୍ଷ ବିତିଯାଏ । ମୋର ଏକ ଉପନ୍ୟାସ, 'ଦାନାପାଣି', ପ୍ରାୟ ୪ ବର୍ଷ ହେଲା ସତ୍ୟଭାଷା ପ୍ରେସ୍‌ରେ ଛପା ହେଉଛି । ଅନେକ ବହି ତ ଅଛପା ରହିଛି । ଯେଉଁଠି ସାହିତ୍ୟର ଆଦର ଏତେ କମ୍, ସେଠି ଏତିକି ଉତ୍ସାହ ଅନେକ ବେଶୀ । ତେବେ ଏ ସାହିତ୍ୟ ଅନାସ୍ଥା ଓ ଅନାଦର, ବଢ଼ିବାଢ଼ିମଡ଼କ ସବୁ ସତ୍ତ୍ୱେ ବଞ୍ଚି ରହିଛି, ବଞ୍ଚିଛି ହିଁ । ବୋଧହୁଏ ବଞ୍ଚିଥିବ ବି ।

ଆପଣଙ୍କର
ଗୋପୀନାଥ ମହାନ୍ତି

## ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

କଟକ
୧୯ । ୭ । ୪୮

ପ୍ରିୟ କୁଞ୍ଜବିହାରୀବାବୁ,

ଏଥି ସହିତ 'ଫକୀରମୋହନ ଓ ଓଡ଼ିଆ ଉପନ୍ୟାସ' ଶୀର୍ଷକ ପ୍ରବନ୍ଧଟି ପଠାଉଛି । କଟକ ବେତାର କେନ୍ଦ୍ରରେ ଦିଆ ହୋଇଥିବା ଭାଷଣର ଏହା ଅବିକଳ ନକଲ ନୁହେଁ । କିଞ୍ଚିତ୍ ପରିବର୍ତ୍ତନ କରାଯାଇଛି । ଆପଣ ମଧ୍ୟ କିଛିଏ ଦେଖି ଦେଲେ ସୁଖୀ ହେବି, ଆପଣଙ୍କ ସାହିତ୍ୟସାଧନା ଉତ୍ତରୋତ୍ତର ଉନ୍ନତିପଥରେ ଚାଲିଛି ଶୁଣି ଆନନ୍ଦିତ ହେଲି ।

ଓଡ଼ିଶାରେ ତ ପତ୍ରପତ୍ରିକାର ଅଭାବ । କାହିଁରେ ଲେଖିବା ? ତେଣୁ ବର୍ତ୍ତମାନ ମୁଁ ଅର୍ଥକରୀ ସାହିତ୍ୟ ଚର୍ଚ୍ଚା କରୁଛି । କାରଣ ଅନ୍ନଚିନ୍ତା ଚମତ୍କାରା । ଆଉ କଣ ? ଚିଠି ଦେବେ ।

୨୮ । ୮ । ୫୦
କଟକ-୨

ପ୍ରିୟ କୁଞ୍ଜବିହାରୀ ବାବୁ,

ଆପଣଙ୍କର ଉତ୍କର୍ଷ ସାହିତ୍ୟ ବିଷୟକ ଲେଖା ଗତ ସଂଖ୍ୟା ସତ୍ୟବାଦୀରେ ପ୍ରକାଶିତ ହୋଇଛି । ସେହିପରି ଆଧୁନିକ ମହାରାଷ୍ଟ୍ରୀ, ଗୁଜୁରାଟୀ, ହିନ୍ଦୀ, ତାମିଲ୍ ବା ତେଲୁଗୁ ପ୍ରଭୃତି ବିଭିନ୍ନ ଭାରତୀୟ ସାହିତ୍ୟ ସମ୍ବନ୍ଧରେ ଆଲୋଚନା ଆପଣଙ୍କଠାରୁ ଆଶା କରୁ । ପଠାଇ ପାରିଲେ ସୁଖୀ ହେବି । ଆଜି ଆପଣଙ୍କର 'ବାରମାସ୍ୟା' ପ୍ରବନ୍ଧଟି ପାଇ ଧନ୍ୟବାଦ ସହ ପ୍ରାପ୍ତି ସ୍ୱୀକାର କରୁଛି । ଆଶା, କୁଶଳରେ ଥିବେ ।

କଟକ
୧୨ । ୯ । ୫୦

ପ୍ରିୟ କୁଞ୍ଜବାବୁ,

ସୁବିଧାରେ ଶାନ୍ତିନିକେତନରୁ ଫେରିଅସିଲୁ । ଗାଡ଼ି ଭିତରେ 'ସିଂହଳଯାତ୍ରା' ପଢ଼ି ଶେଷ କରିଦେଲି । ୨୬ ତାରିଖରେ ରେଡ଼ିଓରେ ମୋର ପୁସ୍ତକ ସମାଲୋଚନାରେ ତାହାର ଆଲୋଚନା କରିବି, 'ସତ୍ୟବାଦୀ'ରେ ମଧ୍ୟ । ଶାନ୍ତିନିକେତନରେ ଅକସ୍ମାତ୍ ଆପଣଙ୍କ ଦ୍ୱାରରେ ପହଞ୍ଚି କେତେ ଘଣ୍ଟା ପାଇଁ ଆପଣଙ୍କର ସହଚର୍ଯ୍ୟା ବିଶେଷତଃ କଲ୍ୟାଣୀୟା ପ୍ରେମଲତାଙ୍କର ସେବା ଏବଂ

ଅଡିଯୋଗ୍ୟତା ଭୁଲି ହେଉନାହିଁ । ଓଡ଼ିଆ ଘରେ ପ୍ରେମଲତାଙ୍କ ଭଳି ଝିଅ ଅଛନ୍ତି, ଏହା ଯେପରି ନୂଆ ବୋଧ ହେଲା । ଆଶାକରେ, ସମସ୍ତେ କୁଶଳରେ ଅଛନ୍ତି ।

୧୭ ଅଗଷ୍ଟ, ୧୯୫୧

ପ୍ରିୟ କୁଞ୍ଜବିହାରୀ ବାବୁ,

"ସତ୍ୟବାଦୀ"ତ ବନ୍ଦ ହୋଇଗଲା, ଶେଷ ସଂଖ୍ୟାଟି ମଧ୍ୟ ଅନେକ ଦିନୁ ଛପା ହୋଇସାରି ଅଚିହ୍ନା ପଦାକୁ ବାହାରି ପାରିନାହିଁ । ଆପଣଙ୍କର ଯାହା ଲେଖାଥିଲା ସବୁ ଏ ସଂଖ୍ୟାକୁ ମିଶାଇ ଦିଆ ସରିଛି ।

ଓଡ଼ିଶା ପ୍ରାଦେଶିକ ସମବାୟ ୟୁନିୟନ୍‌ରୁ 'The Orissa Co-operative Journal' ନାମକ ଖଣ୍ଡିଏ ତ୍ରୈମାସିକ ଓ "କଲ୍ୟାଣୀ" ନାମକ ଓଡ଼ିଆରେ ଗୋଟିଏ ଦ୍ୱୈମାସିକ ପତ୍ରିକା ବାହାରୁ ଥିବାର ଜାଣିଥିବେ । ପତ୍ରିକାଦୁଇଟି ନିୟମିତ ପ୍ରକାଶ ପାଏ । ସ୍ୱାଧୀନତାସଂଖ୍ୟା "କଲ୍ୟାଣୀ" ଆଗାମୀ ୧୫ ଅଗଷ୍ଟରେ ଓ Orissa Coop. Journal ୧୫ ସେପ୍‌ଟେମ୍ବରରେ ପ୍ରକାଶିତ ହେବ । ସମବାୟମୂଳକ ଓ କୃଷି ଶିଳ୍ପବିଷୟକ ରଚନାତ୍ମକ ଲେଖା ପ୍ରକାଶ କରିବା ପତ୍ରିକା ଦୁଇଟିର କାର୍ଯ୍ୟ । ଲେଖକମାନଙ୍କୁ ପ୍ରତି ପ୍ରବନ୍ଧ ପାଇଁ ଟ୫ଙ୍କାରୁ ଟ୧୫ଙ୍କା ପର୍ଯ୍ୟନ୍ତ ପାରିତୋଷିକ ଦିଆଯାଇଥାଏ । ଆପଣଙ୍କ ଯଶସ୍ୱୀ ଲେଖନୀପ୍ରସୂତ ଲେଖାମାନ ପତ୍ରିକାଦୁଇଟିର ପାଠକମାନଙ୍କ ଦ୍ୱାରା ବିଶେଷ ଆଦୃତ ହେବ, ସନ୍ଦେହ ନାହିଁ । ଶାନ୍ତିନିକେତନ୍ ଓ ଶ୍ରୀନିକେତନରେ ସମବାୟ ତଥା କୃଷିଶିଳ୍ପବିଷୟକ ବିଭିନ୍ନ ଗଠନମୂଳକ ପ୍ରବନ୍ଧ ଓ ଆମ ଦେଶରେ ସମବାୟର ଗାଁଗହଳରେ କାର୍ଯ୍ୟକାରିତା ସମ୍ବନ୍ଧରେ ଇଂରାଜୀ ତଥା ଓଡ଼ିଆରେ ପ୍ରବନ୍ଧ ଲେଖି ପଠାଇବାକୁ ଅନୁରୋଧ । କଲ୍ୟାଣୀୟା ପ୍ରେମଲତାଙ୍କୁ ମଧ୍ୟ ନାରୀସମବାୟ ଓ ନାରୀସଙ୍ଗଠନ ବିଷୟରେ ଲେଖିବାକୁ ମୋ ତରଫରୁ ଅନୁରୋଧ କରିବେ । ଆଶାକରେ, ସପୁତ୍ର ସର୍ବକୁଶଳରେ ଅଛନ୍ତି ।

ପୀଠାପୁର
କଟକ-୧
୨୯।୭।୫୪

ଶ୍ରଦ୍ଧାସ୍ପଦେଷୁ,

ଅନେକ ଦିନୁ 'ପଲ୍ଲୀଗୀତି ସଞ୍ଚୟନ' ଖଣ୍ଡିଏ ପାଇଲିଣି । କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରାପ୍ତିସ୍ୱୀକାର କରି ନ ଥିବାରୁ ମୁଁ ଲଜ୍ଜିତ । ଆଗାମୀ ୭।୮।୫୪ ତାରିଖ ସନ୍ଧ୍ୟା ୭ଟା ୪୫ ମିନିଟରେ ମୁଁ ତାହାର ଆଲୋଚନା କଟକ ରେଡ଼ିଓ ଷ୍ଟେସନରେ କରିବି । ଆପଣଙ୍କୁ ସୁବିଧା ହେଲେ ସେଠି ରେଡ଼ିଓ ଶୁଣି ପାରିବେ । କିନ୍ତୁ ଏତେ ଦୂରକୁ କଟକ ରେଡ଼ିଓ ଶୁଭିବାର ତ କଥା ନୁହେ ।

ଶାନ୍ତିନିକେତନରେ ଏବେ ନୀଳକଣ୍ଠବାବୁଙ୍କ ସମ୍ବର୍ଦ୍ଧନା ଦେଖି ଆନନ୍ଦିତ ହେଲି । ଏଥିଲାଗି ଆପଣଙ୍କୁ ଧନ୍ୟବାଦ । ନନ୍ଦିନୀ ଏଥର ଓଡ଼ିଆ ଏମ୍. ଏ. ରେ ଦ୍ୱିତୀୟ ଶ୍ରେଣୀ ପାଇଛି । ନିଜ ପୁଅଟିକି ଜଗାରି ଏବଂ ଅନ୍ୟାନ୍ୟ ଝଞ୍ଜାଳ ଭିତରେ ଏତକ ସେ କରିପାରିଛି । ଶାନ୍ତିନିକେତନରେ କିଛି କାମ ମିଳିଲେ ସେଠାକୁ ସେ ଚାଲିଯାନ୍ତା ବୋଲି ତା'ର ଖୁବ୍ ଇଚ୍ଛା । ଆଗରୁ ତ ପଢିବ ବୋଲି ଇଚ୍ଛା କରୁଥିଲା, ମାତ୍ର ପାରିଲା ନାହିଁ । ଏବେ ଯେପରି କିଛି ସୁବିଧା ଥିଲେ ଲେଖିବେ କି ?

ମୁଁ ବର୍ତ୍ତମାନ ପତ୍ରପତ୍ରିକା ଓ ରେଡ଼ିଓ ଲେଖାରେ ବ୍ୟସ୍ତ ଅଛି । ବଡ ଧରଣର ବହି ଲେଖିବା କେବଳ କଳ୍ପନା ଓ ଯୋଜନା ମଧ୍ୟରେ ଅଛି । ଆପଣ ଆଉ କାହିଁରେ ହାତ ଦେଇଛନ୍ତି ? ପୁଅ ଏବଂ କଲ୍ୟାଣୀୟା ପ୍ରେମଲତାଙ୍କୁ ମୋର ସ୍ନେହ ଜଣାଇବେ ।

ଆପଣଙ୍କର
କାଳିନ୍ଦୀଚରଣ ପାଣିଗ୍ରାହୀ

## ଶ୍ରୀ ଅନ୍ନଦାଶଙ୍କର ରାୟ

ଶାନ୍ତିନିକେତନ
୨୨।୯।୭୩

ପ୍ରୀତିଭାଜନେଷୁ,

\+ + + +

ମୁଁ ସ୍ଥିର କରିଛି, ଏ ବହିର ନାମ ହେବ 'ସବୁଜ ଅକ୍ଷର' ଓ ଏଥିରେ ରହିବ ମୋ କବିତା ଓ ପ୍ରବନ୍ଧ ଓ ପତ୍ର । ପ୍ରଥମ ଅଂଶରେ କବିତା, ଦ୍ୱିତୀୟ ଅଂଶରେ ପ୍ରବନ୍ଧ ଓ ପତ୍ର । ଗଳ୍ପ ଗୋଟିଏ ଲେଖିଥିଲି । ସେଟି ବାହାରିଥିଲା ୧୯୨୨-୨୩ ସାଲରେ 'ସହକାର' ମାସିକ ପତ୍ରରେ । 'ସ୍ୱପ୍ନ' ତାର ନାମ । ଯଦି ତା'ର ସନ୍ଧାନ ମିଳନ୍ତା ଏହି ବହିର ଶେଷ ଭାଗରେ ସେଟି ମଧ୍ୟ ରହନ୍ତା ।

ସେହି ଫଟୋ ଏ ବହିରେ ଦେବା ପୂର୍ବରୁ ଶରତ୍‌ବାବୁଙ୍କ ସହିତ ପରାମର୍ଶ କରିବେ । ଯଦି ଅନ୍ୟ କୌଣସି ଫଟୋ ଥାଏ, ଯେଉଁଥିରେ କାଳିନ୍ଦୀ ଓ ବୈକୁଣ୍ଠବାବୁ ମଧ୍ୟ ଅଛନ୍ତି, ତାହାହେଲେ ସେହିଟା ଛାପା ହେବ । ଆପଣଙ୍କ ପାଖରେ ଯେଉଁ ଫଟୋ ଅଛି, ସେଟି ମୂଲ୍ୟବାନ୍ । ସେଟି ଯତ୍ନକରି ରଖନ୍ତୁ ।

ନରେନ୍ଦ୍ର ମୋର ଗୋଟିଏ ପୁରୁଣା କବିତା ଆବିଷ୍କାର କରିଛନ୍ତି, ଆପଣ କରିଛନ୍ତି ପୁରୁଣା ଫଟୋ ଆବିଷ୍କାର । ଆପଣମାନଙ୍କ ପାଖରେ ମୁଁ ଋଣୀ । ଇତି ।

ଶାନ୍ତିନିକେତନ
୯।୩।୬୫

ପ୍ରୀତିଭାଜନେଷୁ,

\+ \+ \+

'ସବୁଜ ଅକ୍ଷର' ଆପଣ ସାହାଯ୍ୟ ନ କଲେ ନିର୍ଭୁଲଭାବରେ ବା ସୁନ୍ଦର ଭାବରେ ଛାପା ହେବନାହିଁ ।

ଏଥିରେ ଦେଖୁଛି 'ଯଉବନ ପରେ ଗଲେ' ଯେ ଭାବରେ Copy ସଜାଇଥିଲି, ସେ ଭାବରେ ଛାପି ନାହାନ୍ତି । ଦୁଇ ଲାଇନକୁ ଯୋଡ଼ି ଏକ ଲାଇନ କରି ଦେଇଛନ୍ତି । ଏଥିରେ କବିତାର ମାଧୁର୍ଯ୍ୟହାନି ହୁଏ । କାଗଜ କିଛି ବଞ୍ଚିଲେ କ'ଣ ହେବ ? Rearrange କରିବା ଦରକାର ।

ଶାନ୍ତିନିକେତନ
୧୪।୧୨।୬୫

ପ୍ରୀତିଭାଜନେଷୁ,

ଆପଣ ମୋ ସମ୍ବନ୍ଧରେ ଯାହା ଲେଖିଛନ୍ତି, ପଢ଼ି ବିଶେଷ ଆନନ୍ଦିତ ହୋଇଛି । ଓଡ଼ିଆସାହିତ୍ୟ ପ୍ରତି ମୋ କର୍ତ୍ତବ୍ୟ ମୁଁ କରିନାହିଁ । ଓଡ଼ିଶା ଦେଶ ପ୍ରତି କର୍ତ୍ତବ୍ୟ କରିନାହିଁ—ଏ ଜ୍ଞାନ ମୋର ସବୁବେଳେ ରହିଛି । କିନ୍ତୁ ମୋ ଶକ୍ତି ପରିମିତ । ଅପରିମିତ ଶକ୍ତିର ଅଧିକାରୀ ହୋଇଥିଲେ ଦୁଇ ଭାଷାରେ ଲେଖି-ପାଆନ୍ତି ଓ ସିଦ୍ଧିଲାଭ କରିଥାଆନ୍ତି । କିନ୍ତୁ ଏଭଳି ଦୃଷ୍ଟାନ୍ତ ସାହିତ୍ୟର ଇତିହାସରେ ଗୋଟିଏ ହେଲେ ନାହିଁ । ଓଡ଼ିଆ ଲେଖୁ ଲେଖୁ ବଙ୍ଗଳା ଆସିଯାଆନ୍ତା, ବଙ୍ଗଳା ଲେଖୁ ଲେଖୁ ଓଡ଼ିଆ—ଏଥିର ପରିଣାମ ଅସିଦ୍ଧି । ସୁତରାଂ ଯେଉଁ ସିଦ୍ଧାନ୍ତ ମୁଁ ୧୯୨୬ରେ ନେଇଥିଲି, ସେହି ସିଦ୍ଧାନ୍ତ ଠିକ୍ ।

ସେ ସିଦ୍ଧାନ୍ତ ମତେ ଆଇ. ସି. ଏସ୍. ପରୀକ୍ଷାରେ ସାଫଲ୍ୟ ଦିଅନ୍ତା କି ନାହିଁ କିଏ ଜାଣେ ? ଆଇ. ସି. ଏସ୍. ପରୀକ୍ଷାରେ ସଫଳ ହେଲେ ମଧ୍ୟ ବଙ୍ଗଳାରେ ନିଯୁକ୍ତିର କୌଣସି ନିଶ୍ଚୟତା ନ ଥିଲା । ବଙ୍ଗଳାରେ ନିଯୁକ୍ତ ହେଲେ ମଧ୍ୟ ବଙ୍ଗଳା ସାହିତ୍ୟରେ ରବୀନ୍ଦ୍ରନାଥ ପ୍ରମୁଖ ଶ୍ରେଷ୍ଠ ସାହିତ୍ୟିକମାନଙ୍କଠାରୁ ସ୍ୱୀକୃତି ପାଇବାର ନିଶ୍ଚୟତା ନ ଥିଲା । ଆପଣ 'ବିପୁଳ ଧନ'ର ଉଲ୍ଲେଖ କରିଛନ୍ତି । ଆଜି ପର୍ଯ୍ୟନ୍ତ ମୋର ନିଜର ଘର ଖଣ୍ଡିଏ ମଧ୍ୟ ନାହିଁ । ମୁଁ ଭଡ଼ାଘରେ ବାସ କରୁଛି । ଯେ କୌଣସି ଦିନ ଗୃହହୀନ ହୋଇପାରେ । ଏମାନେ କେଉଁଠି ଛିଡ଼ା ହେବେ ? ଘରଭଡ଼ା କେଉଁଠୁ ଦେବେ ?

Pension ଉପରେ ଭରସା । ମରିଗଲେ Pension ବନ୍ଦ ହୋଇଯିବ । ଏମାନେ କେମିତି ଚଳିବେ ? ବହିଉପାର୍ଜନ ଯାହା ହୁଏ, ତା'ର ପରିମାଣ ଶୁଣିଲେ ହସିବେ । ଦୁଇଟି ଭ୍ରମଣକାହାଣୀ ଲେଖି ନ ଥିଲେ ମୋ ଗଳ୍ପଉପନ୍ୟାସରୁ ଆୟ ଉଲ୍ଲେଖଯୋଗ୍ୟ ନୁହେ ।

ଓଡ଼ିଆରେ ଲେଖିଥିଲେ ଆହୁରି କମ୍ ହୋଇଥାଆନ୍ତା । ଓଡ଼ିଶା Public ଏସବୁ ଲେଖା ପାଇଁ ତିଆରି ହୋଇ ନାହାନ୍ତି । ଓଡ଼ିଆ ଛାଡ଼ିବାର ଅନ୍ୟ ଏକ

କାରଣ ମାନସିକ ବୈଷମ୍ୟ । ଦେଖୁଛନ୍ତି ତ, 'ସବୁଜ ଅକ୍ଷର' ସାତ ଆଠ ବର୍ଷ ଭିତରେ ପ୍ରକାଶିତ ହୋଇପାରିଲା ନାହିଁ ।

Demand ଥିଲେ ପ୍ରକାଶକ ମୋ ବସାକୁ ଆସି ନେଇଯାଇ ଥାଆନ୍ତେ, ଟଙ୍କା ଆଣି ହାତରେ ଧରେଇ ଯାଇ ଥାଆନ୍ତେ । ଯେଉଁ ବ୍ୟବହାର ମୁଁ ଦୁଇଜଣ ପ୍ରକାଶକଙ୍କଠାରୁ ପାଇଛି ଓ ପାଉଛି ସେଥିରୁ ମୋର ଦୃଢ଼ ଧାରଣା ଯେ ଓଡ଼ିଶା Public ମୋ ପାଇଁ ତିଆରି ହୋଇନାହାନ୍ତି । ୧୯୨୭ରେ ଓଡ଼ିଆରେ 'ସପ୍ତ ପ୍ରବାହେ' ଲେଖିଥିଲେ ତାର ସମାଦର ଅତି ସାମାନ୍ୟ ହୋଇ ଥାଆନ୍ତା । 'ସବ୍ୟାସବ୍ୟ' କେହି ପ୍ରକାଶ କରି ନ ଥାଆନ୍ତେ । କରିଥିଲେ ସେ ନିଜେ ଦେବାଳିଆ ହୋଇ ଥାଆନ୍ତେ ।

ଆଜିଯାଏ ମୁଁ ପାଠ୍ୟପୁସ୍ତକ ଲେଖିନାହିଁ କି ଲେଖିବି ନାହିଁ, ଓଡ଼ିଶାରେ ପାଠ୍ୟପୁସ୍ତକ ନ ଲେଖିଲେ ବୈକୁଣ୍ଠ ଭଳି ଅବସ୍ଥା ହୁଅନ୍ତା । ନତୁବା Compromise କରିବାକୁ ପଡ଼ନ୍ତା । ବଙ୍ଗଳାରେ ମୁଁ Compromise କରିନାହିଁ, Popularity ଖୋଜିନାହିଁ । ଖ୍ୟାତି ଆପେ ଆସିଛି, ଟଙ୍କା ମଧ୍ୟ ଆପେ ଯାହା ଆସିବାର ଆସିଛି । ସବୁଠୁଁ ବଡ଼ ଜିନିଷ ହେଉଛି ସ୍ୱାଧୀନତା । ବଙ୍ଗଳାରେ ମୋର ସ୍ୱାଧୀନତା ଅବିସମ୍ବାଦିତ ।

ପ୍ରୀତି ଜାଣିବେ ଓ କବିଗୃହିଣୀଙ୍କୁ ଜଣେଇବେ । ସେ ପୁଣି ମୋତେ 'କବି' କହନ୍ତି । କଅଣ ବା କବିତା ଲେଖିଛି । ତାଙ୍କୁ ସ୍ନେହ ଜଣାଇବେ । ଇତି ।

କୁଶଳ ପ୍ରାର୍ଥୀ

ଶାନ୍ତିନିକେତନ
୧୪।୧୧।୬୬

ପ୍ରୀତିଭାଜନେଷୁ,

ଚିଠିରେ ଯେଉଁ ବର୍ଣ୍ଣନା ଲେଖିଛନ୍ତି ତା ପଢ଼ି ଆନନ୍ଦିତ ହୋଇଥିଲି । ଯଦି ଭ୍ରମଣକାହାଣୀ ଲେଖନ୍ତି ତାହେଲେ ସମସ୍ତେ ଉପଭୋଗ କରିବେ ।

ଆପଣ ଜାପାନ ନ ଯାଇ ଇଉରୋପ ଭ୍ରମଣ କରି ଭଲ କରିଛନ୍ତି । ଇଉରୋପ ନ ଦେଖି ଫେରି ଆସିଥିଲେ ଆପଣଙ୍କ ଆମେରିକାଦର୍ଶନ ଅସଂପୂର୍ଣ୍ଣ ହୋଇ-ଥାଆନ୍ତା । କାରଣ ଆମେରିକାର ମୂଳ ଇଉରୋପରେ । କେବେ ଶାନ୍ତିନିକେତନ ଆସୁଛନ୍ତି ? ଆସିଲେ ଗଳ୍ପ ଶୁଣିବି ।

ଶାନ୍ତିନିକେତନ
୧୩।୧।୬୭

ଭାଇ କୃଷ୍ଣବାବୁ,

ଆପଣଙ୍କ ଚିଠି ଓ ମୋ 'ସବୁଜ ଅକ୍ଷର'ର File ଏକ ସାଥୀରେ ପାଇ ଦ୍ୱିଗୁଣ ଆନନ୍ଦିତ ହେଲି ।

ସୂର୍ଯ୍ୟପତ୍ର ପ୍ରସ୍ତୁତ କରିବା ପାଇଁ ନରେନ୍ଦ୍ର ସଜି ହୋଇଛନ୍ତି । ତା' ପୂର୍ବରୁ ମୁଁ File ନେଇ ବସିଛି । ସଂଶୋଧନ କରୁଛି । ଏ ପର୍ଯ୍ୟନ୍ତ ବେଶୀ ଭୁଲ ବାହାରି ନାହିଁ । ଛୁଟୁକର ଭୁଲ ଗୋଟା କେତେ ଅଛି ।

ଲୀଲାଦେବୀ Cover Design ଆଙ୍କୁଛନ୍ତି । ତାଙ୍କ Design ମୋର ସବୁ ବହିରେ ଥାଏ । ଏ ବହିରେ ନ ରହିଲେ ମୁଁ ଦୁଃଖିତ ହେବି ।

ନିଜ ବହି ନିଜ ଆଖିରେ ଦେଖିବା ପାଇଁ ମୁଁ ପଚିଶ ବର୍ଷ ବଞ୍ଚି ରହିଛି । ଏମିତି ଅପେକ୍ଷା ଆଉ କିଏ କେବେ କରିଛନ୍ତି ? ଆପଣ ଉଦ୍ୟୋଗୀ ନ ହେଲେ ଓ ସବୁ ଭାର ନ ବୋହିଲେ ମୋର ସ୍ୱପ୍ନ ସାର୍ଥକ ହୁଅନ୍ତା କି ?

ଆପଣଙ୍କୁ କୃତଜ୍ଞତା ଜଣାଇବାକୁ ଭାଷା ନାହିଁ । କୌଣସି ବହି ଆପଣଙ୍କୁ ଉତ୍ସର୍ଗ କରିବାର ଇଚ୍ଛା ରହିଲା ।

୨୩୩, ଯୋଧପୁର ପାର୍କ
କଲିକତା-୩୧
୨୨।୬।୭୭

ପ୍ରୀତିଭାଜନେଷୁ,

ଲୀଲାଦେବୀ Cover Design ଆଙ୍କିଛନ୍ତି । ସେଥିପାଇଁ ତାଙ୍କୁ କିଛି ଦେବା ଉଚିତ । ପ୍ରକାଶକ Cover Design ପାଇଁ ଅନ୍ୟ କାହାରିକୁ ଯା' ଦେଇଥା'ନ୍ତେ ତାଙ୍କୁ ସେହି ଅର୍ଥ ବା ତା ପରିବର୍ତ୍ତରେ କିଛି ଉପହାର ଦେଲେ ଭଲ ହୁଅନ୍ତା । ଆମର ଗୋଟିଏ ଓଡ଼ିଆ ଅଭିଧାନ (Oriya to Oriya or Oriya to English) ଦରକାର । ଉପହାର ପାଇଲେ ଉପକାର ହୁଅନ୍ତା ।

ଶାନ୍ତିନିକେତନରୁ ଚାଲିଆସି ଆମେ ଓଡ଼ିଆ ବନ୍ଧୁମାନଙ୍କଠାରୁ ବିଚ୍ଛିନ୍ନ ।

କଲିକତା-୩୧
୫।୧୦।୭୭

ପ୍ରୀତିଭାଜନେଷୁ,

'ସବୁଜ ଅକ୍ଷର' ଉପରେ କେହି କିଛି ଲେଖିଛନ୍ତି କି ? କୌଣସି ପତ୍ରିକାରେ ସମାଲୋଚନା ବାହାରିଛି କି ? ଆପଣମାନେ ସାହାଯ୍ୟ ନ କଲେ ଏ ଜୀବନରେ ସେ ପୁସ୍ତକ ମୋର ଦେଖିବାର ସୌଭାଗ୍ୟ ହୁଅନ୍ତା ନାହିଁ ।

କଲିକତା-୩୧
୯।୧୧।୭୧

ପ୍ରୀତିଭାଜନେଷୁ,

କୁଞ୍ଜବାବୁ, ଆପଣଙ୍କ ଚିଠି ପାଇବା ପରେ ୨ ମାସ କଟିଗଲାଣି । ଅନେକବାର ଆପଣଙ୍କୁ ଲେଖିବି ଲେଖିବି କହି ଲେଖିନାହିଁ । ଏହି ଦୀର୍ଘସୂତ୍ରୀତା ପାଇଁ ମୁଁ ଲଜ୍ଜିତ

‘ରସ ଓ ଶ୍ରମତା’ ଶେଷ କରିବାକୁ ଯାଇ ମୁଁ ନିଃଶେଷିତ । ତା’ ଉପରେ ପୂଜାସଂଖ୍ୟା ପତ୍ରିକାଗୁଡ଼ିକ ପାଇଁ ଲେଖିବାକୁ ଯାଇ ଅଧିକରେ ନିଃଶେଷିତ ।

U. G. C. ଅଧ୍ୟାପକ ହୋଇଛନ୍ତି ଜାଣି ଆନନ୍ଦିତ ହେଲି । ମୋର ଆନ୍ତରିକ ଅଭିନନ୍ଦନ ଜାଣିବେ ।

ଆପଣଙ୍କ ଅମୃତବାଣୀ ଲେଖା ଶେଷ କରିଛନ୍ତି ଶୁଣି ଆଗ୍ରହାନ୍ୱିତ ହେଲି । ପ୍ରବାଦ ସଂଗ୍ରହ କରୁଛନ୍ତି ଶୁଣି କୌତୂହଳ ବୋଧ କରୁଛି । ଓଡ଼ିଶା ତ ପ୍ରବାଦ ପ୍ରବଚନରେ ଧନୀ । ବହୁତ ଓଡ଼ିଆ ପ୍ରବାଦ ମୁଁ ଜାଣେ, ଯା ବଙ୍ଗଳାରେ ମିଳେନାହିଁ ।

ଦାସ ବ୍ରଦର୍ସ୍ ମୋତେ ଗତ ବର୍ଷର ହିସାବ ବା Royalty ଦେଇ ନାହାନ୍ତି । ଚିଠି ଲେଖି ଚିଠିର ଉତ୍ତର ମଧ୍ୟ ମିଳିନାହିଁ । ଏବର୍ଷର ହିସାବ ପାଉଣା ହେଲାଣି । ଟିକିଏ ଅନୁସନ୍ଧାନ କରିବେ କି ?

ମୋ ବନ୍ଧୁ ବୈକୁଣ୍ଠଙ୍କର କିଛିଦିନ ତଳେ ପୁଅଟିଏ ନିହତ ହୋଇଛି । ବୈକୁଣ୍ଠକୁ ମୁଁ ଚିଠି ଲେଖି ସମବେଦନା ଜଣାଇଛି । ଆପଣ ଯଦି ସମୟ ପାଆନ୍ତି ତାଙ୍କ ଘରକୁ ଯାଇ ତାଙ୍କୁ ସମବେଦନା ଜଣାଇବେ । ମନୁଷ୍ୟ ଏଭଳି ଘଟଣାରେ ସଂପୂର୍ଣ୍ଣ ନିଃସହାୟ, ଧର୍ମ ତାକୁ କିଛି ସାନ୍ତ୍ୱନା ଦିଏ । କିନ୍ତୁ ସେ ସାନ୍ତ୍ୱନା କାମରେ ଲାଗେନାହିଁ । ତଥାପି ଭଗବାନ୍ ବିନା ଗତି ନାହିଁ । ସେ ଅଗତିର ଗତି ।

କୁଶଳପ୍ରାର୍ଥୀ
ଅନ୍ନଦାଶଙ୍କର ରାୟ

## ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ

ଶ୍ରୀକୃଷ୍ଣାୟ ନମଃ

କଟକ-୧
୩୦।୪।୭୪

ଶ୍ରଦ୍ଧାସ୍ପଦେଷୁ ଡଃ କୃଷ୍ଣବାବୁ,

ମୋର ବ୍ୟକ୍ତିଗତଭାବରେ ଆପଣଙ୍କ ଘରକୁ ଯିବା ଉଚିତ ଥିଲା । ମାତ୍ର ଭଗବାନ୍ ସେ ବାଟ ସବୁ ଦିନକୁ ମୁଦି ଦେଇଛନ୍ତି । ମୋର ଆଉ ବା ଏଠି କେତେଦିନ ? ତତ୍ ପୂର୍ବରୁ ମୁଁ ଆପଣଙ୍କ ଉପରେ ଗୋଟିଏ ଭାର ଲଦି ଦେଇଯିବି ।

× × × ×

ଝିଅ ବଡ଼ଲି ହୋଇଆସି ଗୁଡ଼ାଏ ନକଲ କରିଛି—ଗୋଟାଏ ପୁଣ ବାକି ହେବ । ‘ସନ୍ଥକବଳୁ’ ଆଉ ଗୋଟାଏ । ଏସବୁ ସଂଗ୍ରହର ଦାୟିତ୍ୱ, ଛାପା ହେଉ ବା ନହେଉ, ଆପଣ ନେବେ । ୧୦/୧୧ ଦିନ ଧରି ଏ ଚୌକୀରେ ବସି ଲେଖିବାର ଅଶେଷ ଧୈର୍ଯ୍ୟଶୀଳ ବ୍ୟକ୍ତିଙ୍କୁ ମୁଁ ଭୁଲି ପାରୁନାହିଁ ।

ମୋର ଇଚ୍ଛା, ଲେଖକ କବିମାନଙ୍କର ଅପ୍ରତ୍ୟାଶିତ ଅଭାବ ବା ଦୁର୍ଘଟଣାରେ ଏ ଅର୍ଥର (ବୈକୁଣ୍ଠ ଗ୍ରନ୍ଥାବଳୀରୁ ଲବ୍ଧ) ବିନିଯୋଗ ହେଉ । ଆପଣ ବନ୍ଧୁପରି

ଆଉ ଆଉ ସାହିତ୍ୟସମାଜକୁ ଏ ବିଷୟରେ ମଜାଇ ପାରିବେ । ମୋର ସ୍ୱଳ୍ପ ଜୀବନକାଳରେ ଆପଣ ଏତକ କରନ୍ତୁ । ପ୍ରଭୁ ଆପଣଙ୍କର ଭଲ କରିବେ ।

ମୁଁ ତ ବିଛଣାରେ ପଡ଼ି ପଡ଼ି ରଙ୍କ ହେଲିଣି—ମାଦଳ ।

**ଶ୍ରୀ କୃଷ୍ଣାୟ ନମଃ**

କଟକ

୨୬ । ୬ । ୭୫

ଶ୍ରଦ୍ଧାସ୍ପଦେଷୁ

ଡ଼ଃ କୃଷ୍ଣବାବୁ—ଆପଣଙ୍କ ଲେଖାଟି ପଢ଼ି ମୋତେ ଖୁସି ଲାଗିବା କଥା । ଆତ୍ମପ୍ରଶଂସା କାହାକୁ ସୁଖ ନ ଲାଗେ ? ତା ଛଡ଼ା ମୁଁ ଯୋଗୀ ନୁହେଁ କି ଭୋଗୀ (ସାପ) ମଧ୍ୟ ନୁହେଁ । ମାତ୍ର Dr. Jakill & Mr. Hyde ସମସ୍ତଙ୍କ ଭଳି ମୋ ଭିତରେ ପୂର୍ଣ୍ଣ ବିଦ୍ୟମାନ ଅଛନ୍ତି । ସେ ଅଭ୍ୟନ୍ତରୀଣ ସୈତାନ ସବୁ ଉପଭୋଗ କରେ । ଭକ୍ତି ଗୋଟାଇବାକୁ ନ ଜାଣି ବୋଝ ଆଗକୁ ନେଇ ଥୁଏଁ । ମୁଁ ସେହିପରି କରିଛି ଓ ପାପବୋଝ ଆହୁରି ବୃଦ୍ଧି କରିଛି । କୃଷ୍ଣଚନ୍ଦ୍ରଙ୍କର ବିଚିତ୍ର ବିଧାନ । ପ୍ରବନ୍ଧଟି ମୁଁ ଓ ପିଲାମାନେ ସମସ୍ତେ ପଢ଼ିଲୁଁ । ମୋ ମୃତ୍ୟୁ ପରେ ତାର ପ୍ରକୃତ ମର୍ଯ୍ୟାଦା ବଢ଼ିଯାଇଥାନ୍ତା—ଏବେ ମୁଁ ନବବଧୂ ପରି ସଂକୁଚିତ, କୁଷ୍ଠୀପରି ଭୟଭୀତ କାରଣ ପାପର ମାତ୍ରା ଆଗରୁ ଯାହାଥିଲା ଏବେ ଆହୁରି ଗୁଡ଼ିଏ ବଢ଼ାଇଲି । ଆପଣଙ୍କୁ କିପରି ନିବର୍ତ୍ତାଇଥାନ୍ତି ଭାବି ପାରିଲି ନାହିଁ । ଏବେ ବି ପାରୁ ନାହିଁ ।

ଦ୍ରୌପଦୀକୁ ପ୍ରଭୁ ବସ୍ତ୍ରଦାନ କରିଥିଲେ । ମୋତେ ୧୦୦ ଚାବୁକ୍ ମାରିଲେ ବୋଧହୁଏ ଶାନ୍ତି ମିଳନ୍ତା । ଯେଉଁ ଆତ୍ମପ୍ରଶ୍ନରକୁ ଘୃଣା କରି ଆସୁଥିଲି ଆଜି ତାକୁ ଆପଣଙ୍କ ମାଧ୍ୟମରେ କରୁଇଛି । ରାଜନୀତିକ ଗୁଣ୍ଡାମାନଙ୍କଠାରୁ ମୋର ଧୃଷ୍ଟତା କେଉଁ ଗୁଣେ ଊଣା ହେଲା କି ? ଆପଣଙ୍କୁ କଷ୍ଟ ଦେବା ମୋର ଇଚ୍ଛା ନୁହେଁ । ମାତ୍ର କେତେ ସହଜରେ ଆପଣ ମୋ ସ୍ୱାର୍ଥବାଗୁରରେ ବାନ୍ଧି ହୋଇଗଲେ ? ପ୍ରଭୁଙ୍କ ପାଖରେ ଏତିକି ନିବେଦନ—ଆପଣଙ୍କ କଲମ ତାଜା ରଖିଥାନ୍ତୁ ଓ ଆପଣଙ୍କ ଶକ୍ତି ସାଧୁସନ୍ଥଙ୍କ ଜୀବନୀ ଲେଖି ଆହୁରି ଶକ୍ତିଶାଳୀ ହୋଇଉଠୁ । ତୁଚ୍ଛ ଜୀବନରେ ତାହା ସୀମିତ ନ ରହୁ ।

ଆପଣଙ୍କ ଉପରେ ଯେ ଅଳିଆଗଦା ଲଦି ଦେଇ ଆସିଛି ତାକୁ ଛପାଇବା ଲାଗି ମୁଁ ଆଦୌ ବ୍ୟାକୁଳ ନୁହେ । ଉ: ସା: ଗ୍ରନ୍ଥାଗାରରେ ତାକୁ ପକାଇ ଦିଅନ୍ତୁ । କୌଣସି ବଦାନ୍ୟ ପୁଞ୍ଜିପତି ପ୍ରକାଶକ ସ୍ୱତଃପ୍ରବୃତ୍ତ ହୋଇ ନ ବାହାର କଲେ ତାକୁ ଘର କୋଣରେ ପୋକ ଖାଇଯାନ୍ତୁ । ତାହାହିଁ କୃଷ୍ଣଚନ୍ଦ୍ରଙ୍କ ଇଚ୍ଛା । ତାଙ୍କ ଇଚ୍ଛା ନ ହେଲେ ତାକୁ ମୂଲ୍ୟ ଦେବା କଥା ଉଠି ପାରେ ନାହିଁ ।

ଦାସ ଭ୍ରଦର୍ସ କହିବାରୁ ମୁଁ ଆପଣଙ୍କ ଉପରେ ଲଦି ଦେଲି । ଦୁର୍ଗତ ଲେଖକଙ୍କ କଥା ତାପରେ ଉଠିଲା । ମୋର ଧର୍ମବଳ ଥିଲେ ତ ଦୁର୍ଗତ ଲେଖକଙ୍କ ନାମରେ ଅର୍ପିକି ବା ଲାଗି ପାରିବି ? ସେ ଧର୍ମବଳ ମୋର ନାହିଁ, ତାଙ୍କ କୃପାରୁ

ଏଟି ଛୋଟ ଛୋଟ ଗାଲ୍ପବୃତ୍ତି ଶ୍ଲୋକଗୁଚ୍ଛ । ମୃତ୍ୟୁ ପୂର୍ବରୁ ସେ ଅଭିଦେଶ ଦେଇଥିଲେ ଆଉ କିଛି କରିବାର ଅଭିଳାଷ ଥିଲା କି, ତେବେ ଆପଣମାନଙ୍କ ଭଳି ସହଯୋଗୀନ ବଳ ନ ଦେଲେ ଖାଦରୁ ଗାଡ଼ି ଉଠିବା ଅସମ୍ଭବ । ଆପଣ ହତାଶ ହୁଅନ୍ତୁ ନାହିଁ— ବିରକ୍ତ ହେବେ ନାହିଁ—ମୋର ବିଶ୍ୱାସ ଅଛି । ମାତ୍ର ଗୀତାର ସେ ଶ୍ଳୋକଟି— 'ବହ୍ମାମ୍ୟହ୍ମଂ'ର ସତ୍ୟତା କିପରି ଠାକୁରେ ପ୍ରତିପାଦନ କରିଥିଲେ ଓ ବ୍ରାହ୍ମଣୀକୁ ମାଙ୍କର ନୋଳା ଦେଖାଇ ପ୍ରସାଦ ଶୁର ଖାଇଥିଲେ, ସ୍ମରଣ କରନ୍ତୁ ।

ଏ କଥାଗୁଡ଼ାକ ଗୋପନ ରଖିବା କଥା । ମୁଁ ତ ଆପଣଙ୍କୁ କହିଲି । ପ୍ରକାଶ କରି ଆପଣ କି ଦୋଷ କଲେ ? ପାପ ମୋତେ ଖାଉଛି ।

ଖଲ୍ଲବାବୁଙ୍କୁ (ଖଲ୍ଲ ନରେନ୍ଦ୍ର କୁମାର ରାୟ) ଦେଖିବାକୁ ଯାଇଥିଲି । ପ୍ରାୟ ଏକ ଘଣ୍ଟା ରହିଲି । ଭଲ ଅଛନ୍ତି । ମାତ୍ର ଦୁର୍ଦ୍ଦଶା 'ଦାରିଦ୍ର୍ୟ' ।। ମନ୍ତ୍ରୀଏ ଆ କଥଣ କରିପାରେ ? ସରକାର ତାଙ୍କ ଦେଶସେବାର ପ୍ରତିଦାନ କଣ ବା ଦେଲେ ?

ଶ୍ରୀକୃଷ୍ଣାୟ ନମଃ

କର୍ଣ୍ଣାଟକ
୨୨ । ୪ । ୭୨

ଅଶେଷ ପ୍ରୀତିଭାଜନେଷୁ,

ଡ: କୁଞ୍ଜବାବୁ ବୋଲି ଡାକନ୍ତି ଯେ ଲୁଣ ଚିନିର ମିଶ୍ରଣ ଭଳି ଅସ୍ୱାଦୁ ବୋଧ ହେବାରୁ ଖାଲି କୁଞ୍ଜବାବୁ ବୋଲି ଡାକନ୍ତି । ମାତ୍ର କୁଞ୍ଜବିହାରୀବାବୁ ବୋଲି ଡାକୁଛି । କାରଣ ତାହା ଚରିତ୍ରବ୍ୟଞ୍ଜକ । ଏଣିକି ଏ ଡାକଟି ଅନୁମୋଦନ କରନ୍ତୁ । ତାଙ୍କ ସ୍ମୃତି ପତ୍ରକୁ ଆପଣ ସ୍ୱତଃ ମନେ ପକାଉଛନ୍ତି । ଜାଣେ ଆଜି ମୋର ଅବୈଧ ସନ୍ତାନଟିକୁ ସାମାଜିକ ମର୍ଯ୍ୟାଦା ଦେଉଛନ୍ତି । ଆପଣଙ୍କର ଏହିଥିରୁ ବୃତ୍ତି ଲାଗି ଆପଣ ଯେଉଁଦିନ ସରକାରୀ ସ୍ୱୀକୃତି ପାଇବେ, ସେ ଦିନ ମୁଁ ଯଥାର୍ଥରେ ପ୍ରୀତିଲାଭ କରିବି ।

ସ୍ନେହାର୍ଥୀ
ବୈକୁଣ୍ଠ

କଟକ-୨
୧୯ । ୯ । ୫୨

ସ୍ନେହେର କୁଞ୍ଜବାବୁ,

ଶାନ୍ତିନିକେତନରୁ ଅଭିଜ୍ଞ ପରଖାକୁ ବୁଝିବା ତ ଦୂରର କଥା ମନ ଅନେକ ସମୟରେ ଆପେ ଆପେ ଆପଣମାନଙ୍କ ପାଖକୁ ଓ ସେଠା ଲୋକମାନଙ୍କୁ ଖୋଜିଯାଏ ।

'ଚର୍ଚ୍ଚିକା' କାଗଜରେ ଆପଣଙ୍କ ବିଷୟରେ ଯେଉଁ ଆଲୋଚନା ହୋଇଥିଲା ତାହାକୁ ଅବଲମ୍ବନ କରି ଯେଉଁ ଲେଖା ପ୍ରକାଶ ପାଇଥିଲା, ପଢ଼ିଥିଲି ବିଶ୍ୱଭାରତୀକୁ ଫେରିଲା ପରେ ସେ ସମ୍ବନ୍ଧରେ କିଛି ଲେଖିବାର କଳ୍ପନା ଥିଲା ।

ମାତ୍ର ତାହା ସେହିଠାରେ ଏବେ ବି ରହିଛି । ଆପଣମାନେ ସାହିତ୍ୟରେ ଧ୍ରୁବତାର ରଥୀ—ଆପଣମାନଙ୍କ ରଚନାବଳୀ ସମସ୍ତଙ୍କର ଉପଭୋଗ୍ୟ । କିଛିଦିନ ତଳେ ଆପଣଙ୍କ ମାନସିକ କାଶ୍ମୀରଯାତ୍ରା ପଢ଼ିଥିଲି । ଚନ୍ଦ୍ରାବଦନା ପଢ଼ିଲାବେଳେ, ପିଲାଦିନର ଅନୁଭୂତି ଅନେକ ମନେ ପଡ଼ିଲା ।

ଆପଣଙ୍କର
ହରିହର ମହାପାତ୍ର

କଟକ-୧
୪ । ୭ । ୬୮

ସ୍ନେହର କୁଞ୍ଜ,

ଓଡ଼ିଶାରେ ଜୈନଧର୍ମ ସମ୍ବନ୍ଧରେ ଗୋଟିଏ ଲେଖା ଲେଖିଛି, ଆଜକୁ ୨ ବର୍ଷ ହୋଇଗଲା ଡକ୍ଟର ନବୀନକୁମାର ସାହୁଙ୍କ ତତ୍ତ୍ୱାବଧାନରେ, ଲେଖାଟି ଓଡ଼ିଆରେ । Albumରେ ୮୦ଟି ପର୍ଯ୍ୟନ୍ତ ଫଟୋ ଅଛି । utkal university ମୋତେ Honoris causa L L D ଦେଇଛି । ସେଥିପାଇଁ ଆଉ ଏହା ଗ୍ରହଣ କରିବି ନାହିଁ—ଏହାହିଁ ପରୀକ୍ଷା କହିଲେ, ତୁମର ବିଶ୍ୱଭାରତୀରେ ହୋଇ ପାରିବ କି ?

ଲକ୍ଷ୍ମୀନାରାୟଣ ସାହୁ

ଓଁ ଶ୍ରୀ ଜୟଗୁରୁ ଜୟ

New Delhi
2. 8. 68

ସ୍ନେହର କୁଞ୍ଜବାବୁ,

X X X

ଆମେ ଆସିଲାବେଳେ ପାଥେୟ ସ୍ୱରୂପ ସଙ୍ଗରେ ନେଇ ଆସିଥିଲୁଁ ଆପଣଙ୍କର ସ୍ୱତନ୍ତ୍ର ଉପହାର 'ଆମେରିକାରୁ ଇଉରୋପ ଅର୍ଦ୍ଧିକା' । ସତ କହିବାକୁ ଗଲେ ତାହା ଆପଣଙ୍କର ଏକ ଅପୂର୍ବ ସାହିତ୍ୟସୃଷ୍ଟି, ଅନବଦ୍ୟ ଅନୁଭୂତି ଅଭିଜ୍ଞତା ଭଣ୍ଡାର, ଆପଣଙ୍କ ଅନୁଭୂତିଗୁଡ଼ିକ ଏକ ଅପୂର୍ବ ରୂପ ଧାରଣ କରିଛି, ଆପଣଙ୍କ ମନମୁଗ୍ଧକର ଲେଖନୀମୁନର ଝାଙ୍କରୀ କାଠି ସ୍ପର୍ଶରେ । ସତ କହିବାକୁ ଗଲେ ମୁଁ ଭାଷା ଖୋଜି ପାଉନାହିଁ । କିପରି ମୁଁ ମୋର ହୃଦୟର ଉଚ୍ଛ୍ୱାସକୁ ଆପଣଙ୍କ ନିକଟରେ ପହଞ୍ଚାଇ ଦେଇ ପାରିବି ? ଯେତେ ପଢ଼ିଲେ ତୃପ୍ତି ଆସୁନାହିଁ । ଆହୁରି ଥରେ ଆହୁରି ଥରେ ପଢ଼ିବାକୁ ଇଚ୍ଛା ହେଉଛି । ତାହା କେବଳ ଭ୍ରମଣବୃତ୍ତାନ୍ତ ନୁହେଁ, ତାହା ହେଉଛି ମୋ ମତରେ ଏକ ଅତି ରମଣୀୟ ଗଳ୍ପ ରଚନା । ମୁଁ ମୋ ସ୍ତ୍ରୀ ଉଭୟେ ଆପଣଙ୍କ ଲେଖାକୁ ରସାସ୍ୱାଦନ କରୁଛୁ ଏହି ସୁଦୂର ଦିଲ୍ଲୀ ନଗରୀରେ ବସି । ବହିଟି ଆମ ମୁଣ୍ଡ ପାଖରେ ଥୁଆ ହୋଇଛି

ଯେତେବେଳେ ଲଜ୍ଜା ହେଉଛି ଆମେ ଭାବି ପଡ଼ି ରହୁଁ । ଆପଣଙ୍କ ସୁଧାସ୍ରାବୀ ଲେଖନୀରୁ ଏହିପରି ଅନବଦ୍ୟ ଲେଖାର ସୁଧାଧାର ସବୁବେଳେ ଝରୁଥାଉ । ଏହାହିଁ ମୋର ଅନ୍ତରର ଶୁଭେଚ୍ଛା ।

କିଛିଦିନ ପୂର୍ବରୁ ମୁଁ 'ପାଶ୍ଚାତ୍ୟ ଅନୁଭୂତି' ନାମକ ଗୋଟିଏ ଭ୍ରମଣବୃତ୍ତାନ୍ତ ଲେଖିଥିଲି । ମୋର କାନାଡ଼ା ଓ ଇଉରୋପ ଭ୍ରମଣ ଅନୁଭୂତିକୁ ନେଇ. ତାହା ମୋର ଗ୍ରନ୍ଥାବଳୀର ୨ୟ ଖଣ୍ଡରେ ପ୍ରକାଶ ପାଇଛି । ମୁଁ କଟକ ଫେରିଲେ ମୋ ଗ୍ରନ୍ଥାବଳୀର ଗୋଟିଏ ସେଟ୍ ଆପଣଙ୍କୁ ଦେବି ।

ଗୁଣମୁଗ୍ଧ
ଅନନ୍ତପ୍ରସାଦ ପଣ୍ଡା

P.O. Talpada.
3.3.53
Via- Bhadrak

ସୁହୃଦ ବନ୍ଧୁ,

କାଲି ଏଠାରେ ଆପଣଙ୍କ ପତ୍ର ପାଇଲି । ମୋର ଯେ ଦୁଃଖ ହେଉଛି, ସେ କଥା ମୁଁ କହିପାରିବି ନାହିଁ । କାରଣ ଦୁଃଖ ହେଉଥିଲେ ମୁଁ ଆଉ ନ ଥାନ୍ତି । ଜୀବନ ଦୁର୍ବହ ମନେ ହେଉ ଥାଆନ୍ତା । ମୁଁ ପଶୁ, ତେଣୁ ଦେବତା ଭଳି ଚିତାକୁ ହସଇ ଆତ୍ମସ୍ୱାର୍ଥରେ ବଞ୍ଚିଛି ।

'ଜାତିର ଛବି' ବା 'ଦୁଃଖ' ଏଭଳି ନୂଆ କଥା କହିବେନାହିଁ । ରବି ଠାକୁରଙ୍କ ପାଇଁ ବଙ୍ଗ କି ଦୁଃଖ କରିଥିଲା । ବଙ୍କିମଙ୍କ ପାଇଁ ଏବେ ବି ବଙ୍ଗ ଶ୍ରଦ୍ଧା ଦିଏ । ଆପଣ ରବି ଠାକୁର ବା ବଙ୍କିମ ନ ହୁଅନ୍ତୁ, କିନ୍ତୁ ନିରପେକ୍ଷ ସମାଲୋଚକ ନିଶ୍ଚୟ କହିବ—'ଜୀବନ ସଂଗୀତ'ର ରଚୟିତା ଓଡ଼ିଶାର ରବି ଠାକୁର ଓ 'ବନ୍ଦେ ଉତ୍କଳ ଜନନୀ' ମନ୍ତ୍ରଦାତା ଓଡ଼ିଶାର ବଙ୍କିମ । ତାଙ୍କ ପାଇଁ ଓଡ଼ିଶା ସରକାର କି ସମ୍ମାନ ଦେଖାଉଛନ୍ତି ?

ଗୋପାଳ ସ୍ୱାମୀ ଆୟଙ୍ଗାରଙ୍କ ପାଇଁ ସ୍କୁଲ କଲେଜ ବନ୍ଦ ହୁଏ । ଜାତୀୟ କବିଙ୍କ ପାଇଁ ଶୋକପ୍ରସ୍ତାବ ବି ହୁଏନାହିଁ । ଏଥି ମୋର କାହାକୁ ଆକ୍ଷେପ ନୁହେଁ । ମୋର କହିବାର କଥା— let us not say something and act otherwise. ବଞ୍ଚିଥିବାବେଳେ ତାଙ୍କ ଚିକିତ୍ସା ପାଇଁ ମଧ୍ୟ ଯଥେଷ୍ଟ କରାଯାଇ ପାରିନାହିଁ । ଏ ଲଜ୍ଜାର କଥା କାହାକୁ କହିବାର ନୁହେଁ । ମୋର ଏତିକି ଦୁଃଖ, ମୁଁ ମଧ୍ୟ ମୋର କର୍ତ୍ତବ୍ୟ କରିନାହିଁ ।

ସେ ଦୁର୍ବଳ ହୋଇ ହୋଇ ମିଳାଇଗଲେ, କୌଣସି ବ୍ୟାଧି ନ ଥିଲା । ଜୀବନ ତାଙ୍କର ସଂଗୀତମୟ ଥିଲା, ଅନ୍ତିମ ସମୟରେ ସଂଗୀତ ଶୁଣିଲେ ସେ ଯନ୍ତ୍ରଣା ଭୁଲେଇ ଶାନ୍ତ ରହୁଥିଲେ ।

ବୈଷ୍ଣବ ଥିଲେ । ତେଣୁ ଗୋବିନ୍ଦ ଦ୍ୱାଦଶୀ ଦିନ ଦେହରକ୍ଷା କଲେ । ଦୁଃଖ କରିବା ଅନୁଚିତ । ମାତ୍ର ସ୍ୱାର୍ଥ ଦୁଃଖ ଦେଉଛି । ଆଉ କିଛି ଦିନ ଯାଇଥିଲେ ମୁଁ ଟିକିଏ ସବଳ ହୋଇଥାନ୍ତି ।

ନିତ୍ୟାନନ୍ଦ ମହାପାତ୍ର

ଡଗର ଅଫିସ, କଟକ-୧
୨୮।୭।୭୦

ପ୍ରିୟ ଅଧ୍ୟାପକ,

ପତ୍ର ପାଇଲି । ପ୍ରଶଂସା ମଧ୍ୟ । ସେଇଠି ତ ସଂଶୟ । ୨ମାସ ସମୟ ନିମନ୍ତେ ଅନୁମତି ଦିଆଗଲା ।

ଭଲ ଲାଗି ନ ଥିବା ଠିକ 'ଡଗର' ଖାଏନାହିଁ । ତେଣୁ 'ନୂତନ ସୁଧା'ର ପରବର୍ତ୍ତୀ ନୂତନ ସତ୍ୟଭାମା କି ରୁକ୍ମିଣୀ ପଠାନ୍ତୁ ।

'ପରିବାର' ଭଲ ଅଛନ୍ତି । ସିନ୍ଦୂର ଟୋପା କେତେଦିନ ରହିବ କେଜାଣି ? ସମୟତ ହେଇ ଆସିଲା । କଳିକଥା ଖାଟିଏ ।

ସାହିତ୍ୟସାଧନାରୁ ବିରାମ ନେଲିଣି । ଏଣିକି ହରିନାମ ।

ସସ୍ତ୍ରୀକ ପ୍ରଣାମ ନେବେ ।

ନିତ୍ୟାନନ୍ଦ (ମହାପାତ୍ର)

ଶିବାନୀ
କଟକ-୮
୧୦।୧୦।୭୧

ପ୍ରାତିଭକନେଷୁ,

ଓଡ଼ିଶାସାହିତ୍ୟଏକାଡେମୀ ଆପଣଙ୍କ ଅନାସକ୍ତ ସୃଷ୍ଟିପ୍ରତିଭା ଓ ନିରଳସ ସାହିତ୍ୟସାଧନାକୁ ସ୍ୱୀକୃତି ପ୍ରଦାନ କରି ରୁଚି କୌଳୀନ୍ୟର ପରିଚୟ ପ୍ରଦାନ କରିଛନ୍ତି । ଏଥିପାଇଁ ଏକାଡେମୀ ମୋର ଅଭିନନ୍ଦନର ପାତ୍ର । ନିଜ ସୃଷ୍ଟି ଗୌରବରେ ଆପଣ ତ ବିଦଗ୍ଧ ପାଠକମଣ୍ଡଳୀଠାରୁ ବରମାଲ୍ୟ ପାଇସାରିଛନ୍ତି । ଏକାଡେମୀର ସ୍ୱୀକୃତି ସେଥିରେ ପୁନଶ୍ଚ ସିନା ।

ବଶମ୍ବଦ
ସୁରେନ୍ଦ୍ର ମହାନ୍ତି

ଶ୍ରୀ

କବିକୁଟୀର
ପୋ: ସରେଇକଳା
ଜି: ସିଂହଭୂମ୍
୧୨।୧।୫୬

ପ୍ରିୟ କୃଷ୍ଣବିହାରୀବାବୁ,

ପ୍ରୀତିସମ୍ଭାଷଣ ଗ୍ରହଣ କରି ବାଧିତ କରିବେ । ବଞ୍ଚିବା' ମାନେ ନିଶ୍ଚୟ ଜାଣନ୍ତି—'ଅପରକୁ ବଞ୍ଚିତ କରିବା' ।

ସୁତରାଂ ମୁଁ ଯେତେବେଳେ ବଞ୍ଚିଛି ଆପଣଙ୍କୁ କ୍ଷଣିକ ସୁଖରୁ ବଞ୍ଚିତ କରି କିଞ୍ଚିତ ଅସୁବିଧାରେ ପକାଇଲେ ନିଜ ଗୁଣେ ମାର୍ଜନା କରିବେ ନିଶ୍ଚୟ । ଏହି ଭରସାରେ ଏ ଖଣ୍ଡିକ ଲେଖିବାକୁ ସାହସୀ ହେଲି ।

ମୁଁ ଆଜିକି ୧୫ ଦିନ ହେବ କଲିକତାକୁ ଲେଖି ଲେଖି ହୟରାଣ ହୋଇଗଲିଣି । ଅଥଚ କବିଗୁରୁଙ୍କ 'ଭାନୁସିଂହ ପଦାବଳୀ' ଖଣ୍ଡିଏ ପାଇଲି ନି । ବହିଟି ଅତ୍ୟନ୍ତ ପ୍ରୟୋଜନ ଏବଂ ଶୀଘ୍ର ଦୟା କରି ସେଠାରୁ ଖଣ୍ଡିଏ ବହି V. P. କରାଇ ଦେବେ, ଅଥବା ଯେପରି ସୁବିଧା ହେବ, ବହି ଖଣ୍ଡିଏ ପଠାଇ ମୋତେ ବାଧିତ କରିବା ହେବେ ।

ମୁଁ 'ଭୁଆ' ନାମକ ଗଳ୍ପ ବହିଟି ପ୍ରକାଶ ପାଇଁ ଟେଳ କଲମ ଚଳାଉଛି । ତା'ପରେ ଦେଶ କଥାରେ ତ ମୁଣ୍ଡ ଘୂରୁଛି ଦିନରାତି । ଦେଖାଯାଉ, ଭଗବାନ୍‌ଙ୍କ ଇଚ୍ଛା କଣ ।

କବି

Yours
Sincerely
Kaliprasanna Kabi

ଭୁବନେଶ୍ୱର
୯।୪।୫୪

ଶ୍ରଦ୍ଧାସ୍ପଦେଷୁ କୃଷ୍ଣଦାଦୁ,

ଅନେକ ଦିନରୁ ଶାନ୍ତିନିକେତନ ଯାଇ କିଛି ଶିଖିବି, ପଢ଼ିବି ଭାବିଚି । ସେଠି ରହିବା ତ ବିଡ଼ମ୍ବନା । କେବେ ଅରେହେଲେ କେବେ ବୁଲି ଦେଖି ଆସିବି । କେବେ ସୁବିଧାଜନକ ହୋଇପାରେ ?

ଆପଣଙ୍କ 'ପଲ୍ଲୀଗୀତିସଞ୍ଚୟନ' ଦେଖିଲି । ଓଡ଼ିଆ ସାହିତ୍ୟକ୍ଷେତ୍ରରେ ଆପଣଙ୍କର ଏ ଉଦ୍ୟମ ଅତୁଳନୀୟ । 'ପଲ୍ଲୀଗୀତିସଞ୍ଚୟନ' କୋଣାର୍କର ପୁନର୍ନିର୍ମାଣ କହିଲେ ଚଳେ । ଅନ୍ୟ ଖଣ୍ଡମାନ ପ୍ରକାଶ ପାଉଛି ତ ? ଆମ ଅଞ୍ଚଳରେ ଆଉ କେତୋଟି ଲୋକଗୀତି ଅଛି । ପଠାଇ ଦେବି । ଯଦି ତାହା ନ ପାଇଥାନ୍ତି କାମରେ ଲାଗିପାରେ । ଆଉରି ମଧ୍ୟ ସତ କହିଲେ ସ୍ୱୀକାର କରି ଆପଣଙ୍କ ପରି ଜଣେ ଅଧେ କେହି ପ୍ରଗତିଶୀଳ ଲେଖା ଲେଖୁଛନ୍ତି କି ନାହିଁ ସନ୍ଦେହ । ସ୍ୱୀକାର ନ କରି ଲୋଡ଼େ ଏ ଦୁଇ ଭୂତଳିତ ସଂସ୍କାର ଭାବକ ।

ଉତାଦେବୀଙ୍କର ଛୋଟ ଗପଗୁଡ଼ିକ ପ୍ରକାଶ କରୁନାହାନ୍ତି ? ଅନ୍ତତଃ ପତ୍ରପତ୍ରିକାରେ ।

ସାଙ୍ଗସାଥୀଙ୍କଠୁଁ ଗାଳିଗୁଲଜ ଖାଇ ଏବେ ଗୋଟାଏ ଗୋଟାଏ କବିତା ଲେଖୁଚି । କବିତା ତ ନୁହେ, ପଦ୍ୟ । ଜାଣୁଚି, ଖରାପ ହେଉଚି । ତଥାପି ଲେଖୁଚି ଓ କେଞ୍ଚାକେଞ୍ଚିରେ ଅଥୟ ହୋଇ ଲେଖୁଚି । କେଉଁଠି କେମିତି କାଁ ଭାଁ ତାହା ଯଦି ପଢୁଥାନ୍ତି, ସେଥିରେ କେଉଁଠି କିପରି ଦୋଷଦୁର୍ବଳତା ରହୁଚି ଖୋଲାଖୋଲି କଣାଇ ଦେଲେ ଉପକୃତ ହୁଅନ୍ତି ।

ଆପଣଙ୍କର
ଅନନ୍ତ ପଟ୍ଟନାୟକ

**The Cultural Academy**
**Rourkela-7**

17.9.72

ପ୍ରିୟ କୁଞ୍ଜବାବୁ,

ଚମତ୍କାର ହୋଇଛି କବିତାଟି ।

× × ×

ମୋରି ଆଗରେ ଲେଖାଲେଖି ଆରମ୍ଭ କରି ଆପଣ ଅଳ୍ପ କେତୋଟି ବର୍ଷ ଭିତରେ ଯେପରି ଦ୍ରୁତବେଗରେ ସୁଖ୍ୟାତିର ଶୀର୍ଷ ସ୍ଥାନକୁ ଉଠିଲେ ତାହା ଓଡ଼ିଶାର ନବୀନ ସାହିତ୍ୟିକଙ୍କ ପକ୍ଷରେ ଏକ ଆଦର୍ଶର କଥା ।

ବହୁଦିନ ପରେ ଦେଖା ହେଲୁ । ଆନ୍ତରିକତାମୟ ଆତିଥେୟତା ମଧ୍ୟ ମିଳିଲା । ପ୍ରେମଲତା ଦେବୀ ମୋତେ ଚିହ୍ନି ପାରିଲେନାହିଁ । କିନ୍ତୁ ଗଳ୍ପର ମାଧ୍ୟମରେ ତାଙ୍କର ସରସ ସରଳ ନାରୀପ୍ରାଣ ମୋର ବହୁଦିନର ପରିଚିତ । ଆପଣ ଲେଖୁଛନ୍ତି, କିନ୍ତୁ ତାଙ୍କୁ ମଧ୍ୟ ଆପଣ ଲେଖିବାକୁ ବାଧ୍ୟ କରନ୍ତୁ । ସୁଯୋଗ ଦିଅନ୍ତୁ । ସେ ଏକ ଉଜ୍ଜ୍ୱଳ ପ୍ରତିଭା । ସେ ପ୍ରତିଭାର ଅପମୃତ୍ୟୁ ନ ହେଉ, ଅପମାନ ନ ହେଉ, ଆପଣଙ୍କ ପାଖରେ ମୋର ଏତିକି ଅନୁରୋଧ ।

ଆପଣଙ୍କ ଲେଖନୀ ଏ ଲାଞ୍ଛିତ ଜାତି ଲାଗି ବହି ଆଣୁ ଅମୃତଲୋକର ପ୍ରାଣପ୍ରାଚୁର୍ଯ୍ୟ, ଏଇ କାମନା କରି ରହିଲି ।

ଆପଣଙ୍କର
ଲକ୍ଷ୍ମୀଧର ନାୟକ

ନରସିଂହପୁର
୨।୭।୫୨

ପ୍ରିୟ କୁଞ୍ଜବିହାରୀବାବୁ

ଗୁରୁମାନେ ପୂର୍ବେ ଶିଷ୍ୟଙ୍କର ସମସ୍ତ ଦାୟିତ୍ୱ ନେଇ ତ ଶିକ୍ଷାଦାନ କରୁଥିଲେ । ସେହି ଆଶାରେ ଏ ଚିଠିଟି ଲେଖିଲି । କଲିକତା ବିଶ୍ୱବିଦ୍ୟାଳୟରେ ମୋର

ଦିଲ୍ଲୀଟିଏ ପଢ଼ନ୍ତି । ତାଙ୍କର ଓଡ଼ିଆ ପାଠ ଶୁଣି କଲେଜରେ ପ୍ରଫେସର କାହାଣି । ଆପଣ ଯେବେ ୧୦।୧୫ ଦିନ ବା ଏକ ସପ୍ତାହ ସମୟ ଦାନ କରନ୍ତେ ତେବେ ପୁଅ ଆପଣଙ୍କଠାରୁ ଚିଲିକା, ମାମୁଁ, ପ୍ରବନ୍ଧପ୍ରବାହ, ତପସ୍ୱିନୀ ଏ ସ୍ମରିଖଣ୍ଡ ଟିକିଏ ପଢ଼ି ଆସନ୍ତା ।

ଆପଣଙ୍କର ପ୍ରତିଭା ଏବଂ ସମୁନ୍ନତି ଦିଗନ୍ତବିସ୍ତାରୀ ହେଉ, ଏହାହିଁ ଆଶା କରେ । ଅତି ଦୁଃଖର ବିଷୟ ଯେ ଓଡ଼ିଆସାହିତ୍ୟ ବା ଇତିହାସ ଘେନି ଭାରତୀୟ ବା ବିଶ୍ୱମାନବ ଜାଣିବାର ଗ୍ରନ୍ଥ ଅଦ୍ୟାପି ରଚିତ ନ ହେବାରୁ ଓଡ଼ିଆଙ୍କୁ କେହି ଚିହ୍ନୁ ନାହାନ୍ତି । ସେ ଦିଗରେ ଉଦ୍ୟମ ହେଉ ।

ମମତାବନ୍ଧ
ଚକ୍ରଧର ମହାପାତ୍ର

## ଡକ୍ଟର ମାୟାଧର ମାନସିଂହ

୧୫।୧।୫୪
ସମ୍ବଲପୁର

ପ୍ରିୟ କୃଷ୍ଣ,

ତୁମର 'ମାଟି ଓ ଲାଠି' ପାଠ କରି ବିଶେଷ ତୃପ୍ତିବୋଧ କଲି । ଲୌହ-ନଗରର ସମାକୀର୍ଣ୍ଣ ନିର୍ଜନତା ଭିତରେ ଗାଁର ମନିଷ ସତବାକି ତା'ର ଅନ୍ତରେ ଅନ୍ତରେ ଗାଁର ପରିଚିତ ମାଟିକୁ ଯେପରି ଖୋଜୁଚି, ତାର କାରୁଣ୍ୟ ପ୍ରତ୍ୟେକ ରସଗ୍ରାହୀ ହୃଦୟରେ ବାଜିବାର ଆଶା କରଯାଏ । 'କାହିଁ ହୀରୁଧାର ନଦୀସ୍ରୋତ ...... ... ମଣିଷ ହୋଇଛି ଧୂଆଁଳାଇ' କବିତାଂଶରେ ତୁମେ ଗ୍ରାମ୍ୟ ଜୀବନର ଯେଉଁ ଉପଭୋଗ୍ୟ ଚିତ୍ରଟି ଦେଇଛ, ତାହା ପଲ୍ଲୀବିତାଡ଼ିତ ପ୍ରତ୍ୟେକ ପ୍ରାଣରେ ଗଭୀର ପ୍ରାଚୀନ ସ୍ମୃତି ଜାଗ୍ରତ କରେଇବ ।

ସମ୍ବଲପୁର
୧୫।୯।୫୪

ପ୍ରିୟ କୃଷ୍ଣ,

Indian Academy of Letters ତରଫରୁ ଇଂରାଜୀରେ ଓଡ଼ିଆ ସାହିତ୍ୟ ଉପରେ ଖଣ୍ଡିଏ ବହି ବାହାରିବାର କଥା । ତମଠୁ ଏଥିପାଇଁ 'Folk literature of Orissa' ଏଇ ବିଷୟରେ ଇଂରାଜୀରେ ଏକ ପ୍ରବନ୍ଧ ଲୋଡ଼ା । ଡିସେମ୍ବର ଅତିକି ଦେବ ' ଆଶାକରେ, ସ୍ୱୀକୃତ ହେବ ' ଭଲରେ ଥିବ '

ସମ୍ବଲପୁର

ପ୍ରିୟ କୃଷ୍ଣ,

ଓଡ଼ିଆ ଭାଷାରେ ଦଶଟି ଶ୍ରେଷ୍ଠ ବହିର ନାମ ମୋ ନିକଟକୁ ଦୟା କରି ପଠାଅ । ଏ ବହିଗୁଡ଼ିକ ଅନ୍ୟ ଭାଷାକୁ (ହିନ୍ଦୀ ବା ଇଂରାଜୀ) ଅନୂଦିତ ହେବାର ଯୋଗ୍ୟ ବୋଲି ତମର ମତ ହେବା ଉଚିତ । ଅନୁବାଦ ହେଲେ ମଧ୍ୟ ତାହା ଅନ୍ୟ ଭାଷାଭାଷୀ ଲୋକେ ଉପଭୋଗ କରିପାରିବେ । ଆଶାକରେ, ଶୀଘ୍ର ଉତ୍ତର ଦେବ, ତମେ ଲେଖକଙ୍କୁ ଭୁଲିଯିବ, କେବଳ ଲେଖାକୁ ଧ୍ୟାନ ରଖିବ । ଇତି

ମାନସିଂ

୨୯।୧।୫୭
ଟୁଆଁଟୁଇଁ ଅଫିସ୍
କଟକ

ସ୍ନେହେୟ କୃଷ୍ଣବାବୁ,

ଆପଣଙ୍କ ଲେଖା ସମ୍ବନ୍ଧରେ ଆପଣ ଯେଉଁ ଚିଠି ଦେଇଥିଲେ ତାହା ଯଥା ସମୟରେ ମିଳିଛି । ସ୍ୱର୍ଗତ ଗୋଦାବରୀଶଙ୍କ ସଂପର୍କରେ ଲେଖା ପଠାଇବା ପାଇଁ ଯେଉଁମାନଙ୍କୁ ଲେଖା ଯାଇଥିଲା ସେଥିରୁ ଅଧିକାଂଶଙ୍କ ନିକଟରୁ ଲେଖା ଆସି ନ ଥିବାରୁ ପୁସ୍ତକପ୍ରକାଶରେ ବିଳମ୍ବ ହୋଇଛି । ଆପଣଙ୍କ ଲେଖା ପଢ଼ି ମୁଁ ବଡ଼ ଖୁସି ହେଲି । ଆପଣ ଗଭୀର ଭାବରେ ଗୋଦାବରୀଶଙ୍କ ସାହିତ୍ୟ ଚର୍ଚ୍ଚା କରିଛନ୍ତି । ଯେଉଁ ବହି ବାହାରିବ ଶହେରୁ ବେଶୀ ପୃଷ୍ଠା ହେବ । ତେଣୁ ଟିକିଏ ବିଳମ୍ବ ହେବ । ଆପଣ କିଛି ମନେ କରିବେ ନାହିଁ । ବହିଟି ସର୍ବାଙ୍ଗସୁନ୍ଦର କରିବାକୁ ହେଲେ ତାଙ୍କର ବିଭିନ୍ନ ସମୟର ଫଟୋ ଦରକାର ପଡ଼ୁଛି । ଆପଣଙ୍କ ପାଖରେ ଯଦି ଥାଏ କିମ୍ବା କେଉଁଠି ଥିବାର ଯଦି ଆପଣ ଜାଣିଥାନ୍ତି ଅନୁଗ୍ରହ କରି ଜଣାଇବେ ।

ଆପଣଙ୍କୁ ଆଉ ଗୋଟିଏ ଅନୁରୋଧ । 'ଟୁଆଁଟୁଇଁ' ବୋଲି ଏକ ଶିଶୁସାହିତ୍ୟ ପତ୍ରିକା ମୁଁ ପ୍ରକାଶ କରୁଛି । ତହିଁରୁ ପ୍ରଥମ ସଂଖ୍ୟା ଆପଣଙ୍କ ପାଖକୁ ପଠାଗଲା । ଓଡ଼ିଶାର ଶିଶୁସାହିତ୍ୟଲେଖକଙ୍କ ଭିତରେ ଆପଣ ଯେ ଜଣେ ଏଥିରେ ସନ୍ଦେହ ନାହିଁ । ତେଣୁ ଆପଣଙ୍କର ସାହାଯ୍ୟସହାନୁଭୂତି ଏଥିଲାଗି ଜରୁର୍ ଦରକାର ମନେ କରେ । ଗଦ୍ୟ ହେଉ ବା ପଦ୍ୟ ହେଉ, ପୃଷ୍ଠାଏ ବା ଦେଢ଼ପୃଷ୍ଠା ଭିତରେ ରହିଲା ଭଳି ଲେଖା ଆପଣଙ୍କଠାରୁ ଆଶା କରେ । ଗଦ୍ୟ ଅପେକ୍ଷା ପଦ୍ୟ ଟିକିଏ ଛୋଟ ହେଲେ ଭଲ ।

ଆପଣ ଓଡ଼ିଶା ବାହାରେ ଏକ ବିରାଟ ପରିସର ଭିତରେ ରହିଛନ୍ତି । ସେହି ଦୃଷ୍ଟିରୁ ଆପଣଙ୍କୁ ଅନୁରୋଧ କରୁଛି, ଓଡ଼ିଆ ଶିଶୁସାହିତ୍ୟର ବିକାଶ ପାଇଁ ମୋତେ ସାହାଯ୍ୟ କରିବାକୁ କୁଣ୍ଠାବୋଧ କରିବେନାହିଁ । ଯଦି ପାରିବେ, ସଚିତ୍ର ଲେଖା ଦେଇପାରିଲେ ଭଲ ।

ଆପଣଙ୍କର
ଗୋଦାବରୀଶ ମହାପାତ୍ର

କଟକ

୨୧ । ୪ । ୪୮

ପ୍ରିୟ କୃଷ୍ଣବାବୁ,

ଆପଣ ଗଲାବେଳେ 'ଟୁଆଁ ଟୁଇଁକୁ, ଲେଖା ଦେବା ଲାଗି ଅସମର୍ଥତା ଜଣାଇ-ଥିଲେ ମଧ୍ୟ ଲେଖା ପଠାଇବା ପାଇଁ ଅନୁରୋଧ କରୁଛି । କିଛି ମନେ କରିବେ ନାହିଁ । ଶିଶୁମାନଙ୍କ ପାଇଁ ଆପଣ ଲେଖୁଥିଲେ, କିଛିଦିନ ମାତ୍ର ଛାଡ଼ି ଦେଇଛନ୍ତି । କାହିଁକି ଛାଡ଼ି ଦେଇଛନ୍ତି ? ଶିଶୁମାନେ ବୁଝିପାରିଲା ଭଳି ଲେଖାଟିଏ ପଠାଇ ପାରିଲେ ମଧ୍ୟ ଚଳିବ । ଏହାକୁ ବରଦ୍ ଦେଉଛି ବୋଲି ମନେ କରିବେନାହିଁ । ଆପଣ ଯେପରି ଇଚ୍ଛା କରିବେ ସେପରି ଲେଖିବେ । କାରଣ, ସାହିତ୍ୟିକମାନଙ୍କୁ ପାଠ୍ୟପୁସ୍ତକ କେବଳ ବରଦ୍ ଦେଇ ଲେଖାଯାଇ ପାରେ । ଆଶାକରେ, ଲେଖା ସହିତ ଉତ୍ତର ପାଇବି । ପଞ୍ଚମ ସଂଖ୍ୟା 'ଟୁଆଁ ଟୁଇଁ' ବାହାରିଲେ ଗାଁ ଠିକଣାରେ ପଠାଇବି ।

ଇତି

ଆପଣଙ୍କର

ଗୋଦାବରୀଶ ମହାପାତ୍ର

(ସାଧାରଣ ସଂସାରଜ୍ଞାନସମ୍ବନ୍ଧୀୟ ଏକମାତ୍ର ମାସିକ ପତ୍ରିକା)

୨୯।୩।୧୯୫୩

ପ୍ରିୟ କୃଷ୍ଣବାବୁ,

ଆପଣ ମୋ 'ସଂସାର' ବିଷୟ କିଛି ଜାଣିନାହାନ୍ତି—କାରଣ ମୁଁ ସେ ବିଷୟରେ ଏ ପର୍ଯ୍ୟନ୍ତ କିଛି ଆପଣଙ୍କୁ ଜଣାଇନାହିଁ—ଆପଣଙ୍କୁ କାହିଁକି କୌଣସି ବିଶିଷ୍ଟ ସାହିତ୍ୟିକଙ୍କୁ ବି ଜଣାଇନାହିଁ—ଦୁଇଟି କାରଣ । ଓଡ଼ିଶାରେ ପତ୍ରିକାର ଯାହା ଅବସ୍ଥା ଇତିହାସ କହୁଛି, ଏ ନୂଆ ପତ୍ରିକାଟି କେତେଦିନ ବଞ୍ଚିବ କି ନାହିଁ ମନରେ ଭରସା ନ ଥିଲା—ଦ୍ୱିତୀୟତଃ ଏହା ଖାଣ୍ଟି ସାହିତ୍ୟପତ୍ରିକା ନୁହେଁ—ଏକସବୁ ଭାବି 'ଘରର ମାଆ ଯଦି କାନ୍ଦେ ତୁଆର ଦେଇ କାନ୍ଦେ'—ଚୁପ୍ ଥିଲି । ବର୍ତ୍ତମାନ ଦେଖୁଛି, ପତ୍ରିକାଟିକୁ ପାଠକମାନେ ଆଦର କରୁଛନ୍ତି—ଦେଢ଼ବର୍ଷ ଭିତରେ ଦେଢ଼ ହଜାର ପର୍ଯ୍ୟନ୍ତ କଟିଲାଣି । ଅବଶ୍ୟ ତା ଛାଏଁ ସେ ଚାଲିଛି—ମୋ ଆଡୁ କୌଣସି ପ୍ରଚେଷ୍ଟା ନାହିଁ ।

ଏତେ ଦିନେ ଭରସା ଦମ୍ଭରେ ପରିଣତ ହେବାରୁ ଆପଣଙ୍କୁ ଲେଖିଲି—ପତ୍ରିକା ମଧ୍ୟ ପଠାଉଛି,—ଦେଖିବେ । ମୂଲ୍ୟବାନ୍ ସମୟ ଦେଇ କିଛି ଉପଯୋଗୀ ଲେଖା ବା କବିତା ପଠାଇଲେ ସୁଖୀ ହେବି । 'ସଂସାର'ର ସାହିତ୍ୟିକ ସ୍ତର ଉନ୍ନତ କରି ବଢ଼ାଇବାର ଇଚ୍ଛା ଅଛି ।

ଆପଣଙ୍କର

[illegible]

## ଶ୍ରୀ ବିନୋଦଚନ୍ଦ୍ର ନାୟକ

୨୩।୧।୧୯୬୧
ସୁନ୍ଦରଗଡ଼

ମାନନୀୟ ଡକ୍‌ଟର ଦାଶ,

ପ୍ରଣାମାନ୍ତର ନିବେଦନ ଏମନ୍ତ ଯେ ଆପଣଙ୍କ ୧୮।୧।୬୧ରେ ପତ୍ର ସୁନ୍ଦରଗଡ଼ କଲେଜ ଅଧ୍ୟକ୍ଷଙ୍କର ହସ୍ତଗତ ହୋଇଛି । ତାଙ୍କର ନିର୍ଦ୍ଦେଶ କ୍ରମେ ମୁଁ ବର୍ତ୍ତମାନ ଇଉନିଅନର ଆଡ୍‌ଭାଇଜର ଥିବାରୁ ଏ ପତ୍ରଖଣ୍ଡିକ ଲେଖୁଛି ।

ଦ୍ରୋଣଙ୍କର ଦ୍ରୋଣତ୍ୱ ମୋଠାରେ ଅବଶ୍ୟ ନାହିଁ । କିନ୍ତୁ ତାଙ୍କର ଭିକ୍ଷାଝୁଲି ନେଇ ସେ ଯେପରି ଦ୍ରୁପଦଙ୍କର ବନ୍ଧୁତ୍ୱ ଦାବୀ କରିଥିଲେ, ମୁଁ ସେହିପରି ଆପଣଙ୍କର ବନ୍ଧୁ ବୋଲି ଦାବୀ କରୁଛି—ଅର୍ଥାତ୍ ମୁଁ ଆପଣଙ୍କର ସେହି ବନ୍ଧୁ, ଯାହାର ହାତରେ ଆପଣ କବିତା ଲେଖିଲେ ଟିଉସନସବୁ ଛାଡ଼ି ଦେଇ ଯାଇଥିଲେ—ଗ୍ରାସାଚ୍ଛାଦନ ପାଇଁ, ସେହି ବନ୍ଧୁ ବିନୋଦ ନାୟକ । ବନ୍ଧୁଦର୍ଶନର ସୌଭାଗ୍ୟ—ସୁଦାମାର କୃଷ୍ଣଦର୍ଶନର ସୌଭାଗ୍ୟ ନେଇ ଏ ନିମନ୍ତ୍ରଣ ପାଇଁ ମୁଁ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲି—ସେ ଦାୟିତ୍ୱ ମୋର । ଆପଣଙ୍କ ପାଇଁ ପାଥେୟ ଖୁଦମୁଠିଏ ମାତ୍ର ଦେବି । ଦକ୍ଷିଣା ପାଇଁ ଅର୍ଥ ନାହିଁ । ଦର୍ଶନ ମିଳିବ ?

ଅ-ତିଥିର ବନ୍ଧୁ

୬।୯।୬୧
ସୁନ୍ଦରଗଡ଼ କଲେଜ

ଶ୍ରଦ୍ଧେୟ ଡକ୍‌ଟର ଦାଶ,

'କହିନାହଁ ପଦଟିଏ କଥା' କବିତାଟି ପଢ଼ିଥିଲି । କିନ୍ତୁ 'ଏଇ ରୂପ ତଳେ ଧାଡ଼ି ଦେଇଥିବ ସ୍ନେହଶୀଳ ମନ'ର ପରିଚୟ ପାଇ ନ ଥିଲି । ଆପଣଙ୍କ ଅତିଥି ହୋଇ ଉକ୍ତ କବିତାର ସ୍ନେହଶୀଳ ପ୍ରତିମାର ପରିଚୟ ମୁଁ ପାଇଲି । ମୁଁ ଜାଣି-ପାରିଲି ଆପଣଙ୍କ ଉକ୍ତି—'ହୁଅ ଯାହା ସଖୀ ପ୍ରିୟା ମୋ ଅନ୍ତରେ ହୋଇଛ କବିତା' କେତେ ନିରଟ ସତ୍ୟ ।

ପ୍ରିୟଦର୍ଶୀଙ୍କ ପ୍ରିୟ ଦର୍ଶନ ଏକ ସୁଯୋଗ ବୋଲି ମୁଁ ଗଣିନେଲି । ମୋର ହୃଦୟ ମଧ୍ୟ ପିତୃତ୍ୱର ଗୌରବରେ ଫୁଲି ଉଠିଲା । ଆପଣଙ୍କ କାବ୍ୟ କବିତା ପରି ମହାନ୍ ଆପଣଙ୍କ ପରିବାର ।

ତେବେ ଆପଣମାନଙ୍କୁ ଅତିଥି ରୂପେ ପାଇଲେ ନିଜକୁ ଧନ୍ୟ ମନେ କରିବି ।

ପ୍ରଣ ନାଂନ୍ତେ

ଖାଲକୁଣ୍ଡା
୨୨ । ୮ । ୧୯୬୫

ସୁହୃଦ୍‌ବରେଷୁ,

ଆପଣଙ୍କୁ ଦେଖିଲେ ହଠାତ୍ ମୋର ଗୋଟିଏ କବିତାର ପଂକ୍ତି ମନେ ପଡ଼େ :—

ବଟ ବୃକ୍ଷ ମହୀରୁହ ଅନେକ ତା ଗୁଣ
ତାହାର ସହସ୍ର ଶାଖା ଘନଛାୟା ପୁଣ ।

ଯେମିତି ଗୋଟିଏ ପ୍ରଶାନ୍ତିମୟ ଛକଦଗଛଟି ଆପଣ । ମହିଁ ମହିରେ ତ ଦେଖାହୁଏ—ତେବେ ସବୁ ଯାତ୍ରାପଥପାଖରେ ଏମିତି ଏମିତି ଥରେ ଥରେ ଗୋଟାଏ ଗୋଟାଏ ପାନ୍ଥଶାଳାରେ ଦେଖା ମିଳୁଥିବ ନିଶ୍ଚୟ ।

'କ୍ଷୁଦ୍ରକୀଟ ଭଲ ଅଳ୍ପ ଅଳ୍ପ କରି ରଚଇ ବାଲ୍ମୀକ ଘର' ପରି ଆପଣ ବିଦ୍ୟା, ଯଶ ଓ ଶାନ୍ତିର ନିକେତନ ତ ଗଢ଼ିଗଲେ, ମୁଁ କିନ୍ତୁ ଛିନ୍ନବାଧା ଏକ ପଳାତକ ମଧ୍ୟାହ୍ନର ପ୍ରାନ୍ତରରେ ନିସଙ୍ଗ ବେଶ୍ ବଢ଼ାଉଛି—ଅଶ୍ୱାୟିତାର ଝିଙ୍କା ପରି । —ମତେ କିଛିଏ ସାହାଯ୍ୟ କରିବେ କି ଆପଣ ?

x x x

ଏଇ ପୁଅ ତ କଲେକ୍‌ଟର୍—ଆପଣଙ୍କର ସଂସ୍କୃତିର ପ୍ରତୀକ, ଶ୍ରୀମତୀ ଦାସ ତ ଆପଣଙ୍କ ଅମର କାବ୍ୟର ପ୍ରେମରୂପା, ସୁତରାଂ ତାହାର ବା ଶୁଭକାମନା କରିବି । ତଥାପି ଶୁଭମସ୍ତୁ ।

ବିନୟାବନତ
ବିନୋଦ

୧୪।୯।୫୧
କୋପେନ୍ ହେଗେନ୍

ପ୍ରିୟ ଭୁଜବାବୁ,

ଠିକ୍ ବରଷକ ପୂର୍ବରୁ ଅର୍ଥାତ୍ ସେପ୍‌ଟେମ୍ବର ୧୩ ତାରିଖ ସନ୍ଧ୍ୟାରେ ଆପଣଙ୍କ ଘରେ ଅମର ସେବୀ ହୋଇଥିଲି, ପେଟେ ଖାଇବାକୁ ଦେଇ ଆଶ୍ରମର ସବୁ ଓଡ଼ିଆ ଭାଇଭଉଣୀ ମିଶି ମୋତେ ବିଦାୟ ଦେଇଥିଲେ । ବରଷକ ଭିତରେ କେତେ ହିଁ ବଦଳିଗଲାଣି ସମୟ । ତଥାପି ସବୁ ମଜା ଖାଇବା ମଜା ପରି ଲାଗୁଛି । ଦର୍ଶନରୁ ଯେତେ ଯୁକ୍ତି କାଢ଼ି ବସିଲେ ମଧ୍ୟ ମୁଁ ଏ ପର୍ଯ୍ୟନ୍ତ ଇଶ୍ୱରୀୟ ଗୁଣର ନୈର୍ବ୍ୟକ୍ତିକ ରୂପକୁ ଚିହ୍ନି ପାରିଲି ନାହିଁ । ସଂସାରରେ ଯେଉଁଠି ଯେତେ ସ୍ନେହଶ୍ରଦ୍ଧା ପାଇଛି, ଆପଣାର ସ୍ୱାର୍ଥ ଭୁଲିଛି, ସବୁଠି କେବଳ ବ୍ୟକ୍ତିଠାରୁ ହିଁ ଶ୍ରଦ୍ଧା ପାଇଛି । ବ୍ୟକ୍ତି ଭେଟଣାରେ ଆପଣାର ସବୁ ଭୁଲିଛି । ତେଣୁ ଚିରଦିନ abstract ଗୁଣମାନଙ୍କ ଅପେକ୍ଷା ଜୀବନରେ ଭେଟିଥିବା ବନ୍ଧୁ, ଭାଇ ଓ ଶୁଭମନାଙ୍କର ଆସନ ମୋ ପାଖରେ ସବୁଠାରୁ ଉଚ୍ଚରେ । ମଣିଷ ରୀତିମତ ୧୦୦% ଦେହଧାରୀ । ମଣିଷ ଛଡ଼ା ମୁଁ କୌଣସି ଗୁଣର ପୂଜା ଏ ପର୍ଯ୍ୟନ୍ତ କରିନାହିଁ । ଆପଣଙ୍କର ପଦେ ଚିଠି ଆପଣଙ୍କର କେତେ ନିକଟ କରି ଆଣିଲା । ବେଳେ ବେଳେ ଏହିପରି ମନେ ପକାଇ ମୁଁ ଫେରିବା ଯାଏ ସଂପର୍କକୁ ସରସ କରି ରଖିଥିବେ ।

ତୁମେ ପଢି ଶେଷରେ 'ପଞ୍ଚସଖା' ବହି ବାହାରିଲା, ସେତିକିରେ ଅଧୈର୍ଯ୍ୟ ହୋଇ ମୁଁ ସେ ବହିର ମାୟା ଏକପ୍ରକାର ଛାଡ଼ିଦେଇଥିଲି । 'ମହିମା ଧର୍ମ' ବହି କେବେ କେଉଁ ପ୍ରେସକୁ ଯାଇଛି ଆପଣ ଟିକିଏ ତାର ତତ୍ତ୍ୱ ନେବେ । ନ ହେଲେ ତାକୁ ପଢିବାକୁ ୨ ବର୍ଷ ଲାଗିବ । ହଁ, ମୋର ସବୁ ଇଂରାଜୀ ପ୍ରବନ୍ଧକୁ ମିଶାଇ ବହି ଆକାରରେ ବାହାର କରିବେ ବୋଲି ବାଗ୍‌ଚୀ ମହାଶୟ ଲେଖିଥିଲେ, ସେ ବିଷୟରେ କିଛି ଜାଣିଥିଲେ ଲେଖିବେ । ଗ୍ରାମସଂଗୀତର ଆଲୋଚନା ଆପଣଙ୍କର କେତେ ଦୂର ଆଗେଇଛି ? ଏଥର ଫିନ୍‌ଲାଣ୍ଡରେ ଗ୍ରାମଗୀତର କଦରମତି ଦେଖି ଆସିଲି । ସବୁ ଜଗତରେ ବୋଧହୁଏ କେବଳ ସେଇ ଦେଶରେ ଜନସଂଗୀତ ଏ ପର୍ଯ୍ୟନ୍ତ ଜନମୁଖରେ ଜୀବନ୍ତ ହୋଇ ରହିଛି । ନ ହେଲେ ଅନ୍ୟାନ୍ୟ ଦେଶରେ କ୍ରମେ ତାହା ଅଳ୍ପ ବହୁତ ମିଉଜିଅମ୍‌ର ସଂଗୃହୀତ ନଥି ହୋଇ ରହିଲାଣି । ମୋ ସ୍ଥାନରେ କିଏ ଆସିଛନ୍ତି ଓ କେଉଁ ବିଷୟରେ ଚର୍ଚ୍ଚା କରୁଛନ୍ତି, ଏ ପର୍ଯ୍ୟନ୍ତ ମୁଁ କିଛି ଜାଣିନାହିଁ ।

ଦେଶକୁ ଯାଇ ଓଡ଼ିଆର ନାଁ ବଢ଼ାଇବି ବୋଲି ଆପଣ ଲେଖିଛନ୍ତି । ସତରେ କହୁଛି, ଆପଣାକୁ ଓଡ଼ିଆ ବୋଲି କହିବାକୁ ମତେ ଲାଜ ଲାଗେ । ଆମରି ଗାଆଁ ଯେଉଁ ସାମାଜିକ ସ୍ତରର ଓଡ଼ିଆଙ୍କୁ ମୁଁ ଦେଖିଛି, ଏ ପର୍ଯ୍ୟନ୍ତ ତାଙ୍କ ସହିତ ମଧ୍ୟ ଏକମନ ହୋଇ ପାରିନାହିଁ । କଲିକତା, କାଲିମାଟିରେ ଖଟୁଥିବା ଓଡ଼ିଆ ଶ୍ରମିକ କଥା ଛାଡ଼ି ଦିଅନ୍ତୁ । ଜାତୀୟ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ଚର୍ଚ୍ଚା କଲାବେଳେ ଯେତେ ଆପଣାକୁ ଓଡ଼ିଶାର representative ବୋଲି ଗର୍ବ କରି କହୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମୁଁ ପ୍ରାୟ ୧୦ ସିଢ଼ି ଉପରେ ଉଡ଼ୁଛି ।

ଜଣେ କାୟ, ମନ ଓ କାମରେ ଓଡ଼ିଆ ହୋଇ ପାରିଥିଲେ; ସେ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ । ଆପଣ କହନ୍ତୁ, ଜାତି ବୋଲି ଗର୍ବ କରିବାକୁ ଆମେ ଜଣ ତିଆରି କରି ପାରିବେ ? ଲୋକଶୋଷଣର ଅର୍ଥନୀତି କଥା ଛାଡ଼ିଦିଅନ୍ତୁ । ସାହିତ୍ୟ, ସମାଜ ଓ ସଂସ୍କୃତିକୁ ସଚେତ କରି ତିଆରି କରିବାକୁ କେତେ ଜଣ ବାହାରିଛନ୍ତି ଏକମନ, ଏକଦୃଷ୍ଟି ନେଇ ? ଏସବୁ ଲାଗି କଣିକାଏ ଶ୍ରମ ନ କଲା ପର୍ଯ୍ୟନ୍ତ ଗୋଟାଏ ପ୍ରକାର Romantic ଆବେଗରେ ନିଜକୁ ଓଡ଼ିଆ ବୋଲି କହିବାରେ କି ଲାଭ ? ଏଇ ବୃଥା ଆବେଗହିଁ ସାରା ଭାରତକୁ ଆଜି ବିନଷ୍ଟ କରିବାକୁ ଯାଉଛି । ମନ ଭିତରେ କେତେ କଳ୍ପନା ଖେଳୁଛି, ଏଠି ଗେହ୍ଲା ପୁଅ ପରି ଭଲ ଖାଇ ଭଲ ପିନ୍ଧିଲାବେଳେ ଶକୁନି ପରି ଗୋଟାଏ ପ୍ରତିଜ୍ଞା ନେବାକୁ ଭାରି ଜିଦ୍ ଆସୁଛି ।

ଓଡ଼ିଆରେ ଗୋଟାଏ ଜାଗାରୁ ଆମେ ସାହିତ୍ୟ ଶିକ୍ଷା, ଅର୍ଥନୀତି ଓ ରାଜନୀତିର ନେତୃତ୍ୱ ଦେଇ ପାରିବା, ଏହିପରି ଗୋଟିଏ ଜାଗାର ସ୍ୱପ୍ନ ମୁଁ ନିତି ଦେଖୁଛି । ସେଥିପାଇଁ ସବୁ କ୍ଷେତ୍ରରେ ଟାଣୁଆ ଟୋକା ମନ ନେଇ ବାହାରି ପାରିବା ଲୋକ ଦରକାର । ଯେଉଁମାନେ ବିନା ନାମରେ, ବିନା ଲାଭରେ ୨୦ ବର୍ଷ ଖଟିବାକୁ ଆପଣାକୁ ଦେଇ ପାରିବେ । କିନ୍ତୁ ଏହିପରି ଗୋଟାଏ ଦମ୍ଭପୂର୍ଣ୍ଣ ଉଦ୍ୟମ ନ ହେଲେ ଆମେ କେବେ ବଞ୍ଚି ରହି ପାରିବାନାହିଁ । ଭୁଲ୍ ବାଟରେ ଆପଣାର

ଙ୍କ ସୁଯୋଗରେ ପାଶ୍ଚାତ୍ୟଜଗତ ଆଗ ମାଡ଼ିଚାଲୁ ଯାଉଛି । ଆମର ଏଥିକୁ ଯୋଗେ ପ୍ରୟୋଗ ନ କରି ଆମେ ମଧ୍ୟ ତା'ରି ପଛେ ପଛେ ମରିଯିବା ।

ପୁଅ କିପରି ଅଛି, କେତେ କଥା କହି ଶିଖିଲାଣି ?

ସ୍ନେହାବନତ
ଚିତ୍ତ (ଚିତ୍ତରଞ୍ଜନ ଦାସ)

## ସଚ୍ଚିଦାନନ୍ଦ ରାଉତରାୟ

'ଦିଗନ୍ତ' ଅଫିସ
ଚମରିଆ ବଜାର
କଟକ-୧
ଜୁନ୍ ୨, ୧୯୬୮

ଶ୍ରଦ୍ଧାସ୍ପଦେଷୁ,

ମୁଁ ଓଡ଼ିଶାସାହିତ୍ୟଏକାଡେମୀ ପକ୍ଷରୁ ଉତ୍କଳବିଶ୍ୱବିଦ୍ୟାଳୟ ସିନେଟ୍ ନିର୍ବାଚନକୁ ଜଣେ ପ୍ରାର୍ଥୀ ଅଛି । ଆପଣଙ୍କର ଯଦି ହୃଦ୍‌ବୋଧ ହୁଏ ଯେ, ମୁଁ ବ୍ୟକ୍ତିଗତଭାବରେ,—ଖାଲି ସକ୍ରିୟଭାବରେ ନୁହେଁ, ଏକ୍ରୂରାଳ ସର୍ବସ୍ୱାନ୍ତ ହୋଇ ମଧ୍ୟ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପାଇଁ କିଛି କାମ କରୁଛି, ତେବେ ଆପଣଙ୍କ ଭୋଟଟି ମୋତେ ଦେବାକୁ ବିନୀତ ଅନୁରୋଧ ।

ମୁଁ ଜଣେ armchair ସାହିତ୍ୟିକ ନୁହେ କିମ୍ବା ବହୁ ବର୍ଷ ତଳର କିଛିତ ପୁଞ୍ଜିକି ସମ୍ବଳ କରି ମୁଁ ସାହିତ୍ୟକ୍ଷେତ୍ରକୁ ଯାବୁଡ଼ି ଧରି ପଡ଼ି ରହିନାହିଁ, ଜଣେ ସାମାନ୍ୟତମ ଅଥଚ ସଚେତନ ସାହିତ୍ୟକର୍ମୀ ହିସାବରେ ମୁଁ ଆପଣଙ୍କର ସହୃଦୟ ସମର୍ଥନ ଓ ସହଯୋଗ ଭିକ୍ଷା କରୁଛି । ନମସ୍କାରାନ୍ତେ

କଟକ-୧
୨ । ୫ । ୬୯

ପ୍ରିୟ କୃଷ୍ଣବାବୁ,

× × × ×

ଯେଉଁମାନେ ପଇସାଟିଏ ଘରୁ ଖରଚ ନ କରି 'ଓଡ଼ିଶା', 'ଓଡ଼ିଶାର ସଂସ୍କୃତି' ବୋଲି ପାଟି କରନ୍ତି, ସେମାନଙ୍କ ପକ୍ଷରେ କି କଷ୍ଟରେ 'ଦିଗନ୍ତ' ଅନୁଷ୍ଠାନ ଗଢ଼ା ଯାଇଛି ବୁଝିବା କଷ୍ଟ । ମୁଁ କିଛି ନିଜ ପାଇଁ ସାହାଯ୍ୟ ମାଗି ନ ଥିଲି ।

ସେ ଯାହାହେଉ, ସେ ତ ୨ ବର୍ଷ ତଳର କଥା । ସେ କଥା ଆଜି ୧୯୬୯ରେ ଉଠୁଛି କାହିଁକି ? ସରକାରୀ ସାହାଯ୍ୟ ମିଳିଥିଲେ ମୁଁ ଅବଶ୍ୟ ଦିଗନ୍ତ ଅନୁଷ୍ଠାନ ତରଫରୁ ସରକାରଙ୍କୁ ନିଶ୍ଚୟ ଧନ୍ୟବାଦ ଦେଇଥାନ୍ତି ଏବଂ ଖବରକାଗଜରେ ମଧ୍ୟ କୃତଜ୍ଞତା ଜଣାଇଥାନ୍ତି । ମାତ୍ର ତାଙ୍କ ଅନ୍ୟାୟ କାର୍ଯ୍ୟକୁ ପ୍ରତିରୋଧ କରିବାର ଅଧିକାର କଦାପି ଛାଡ଼ି ନ ଥାନ୍ତି, ଏ କଥା ଦେଶବାସୀ ଜାଣନ୍ତି । ସରକାର ଓ

ପ୍ରତିଷ୍ଠିତ ଅନୁଷ୍ଠାନ କେନ୍ଦ୍ର ସାହିତ୍ୟଏକାଡେମୀ ପ୍ରଭୃତି ମୋତେ ବହୁତ ସମ୍ମାନ, ଉପାଧି ଓ ପୁରସ୍କାରାଦିରେ ଅଯାଚିତ ଭାବେ ଭୂଷିତ କରିଛନ୍ତି । ମାତ୍ର ମୋର ସ୍ୱର ବନ୍ଦ ହୋଇନାହିଁ । କେତେକ ସରକାରୀ ତୋଷାମୋଦକାରୀ ମଧ୍ୟ ତାହା ବନ୍ଦ କରି ପାରିନାହାନ୍ତି ।

ଟି. ହୁ.

ସରକାର ଭଳି ଭିତରେ ଯେ ବହୁ ସୁକାର୍ଯ୍ୟ ଓ କୁକାର୍ଯ୍ୟରେ ଅର୍ଥ ସାହାଯ୍ୟ ନ କରିଛନ୍ତି ତାହା ନୁହେଁ । ଢେଙ୍କାନାଳ ରାଜାଙ୍କ ସ୍ମୃତିରକ୍ଷା ତହିଁର ଏକ ଜ୍ୱଳନ୍ତ ନିଦର୍ଶନ । ଆପଣ ମଧ୍ୟ ଜଣ ଚାରି ହଜାର ନା ଛ ହଜାର ଟଙ୍କା ମାଗିଥିଲେ, ସେଦିନ Seminar ବେଳେ କହୁଥିଲେ ଏବଂ ନ ଦେବାରୁ ଦୁଃଖ କରୁଥିଲେ । ଘ.ସ

ଦିଗନ୍ତ ଅଫିସ୍
୨୨।୯।୭୦

ପ୍ରିୟ ବୃନ୍ଦାବନ,

ଆସନ୍ତା ଅକ୍ଟୋବର ତା୪ ଓ ତା ୫ (ରବିବାର/ସୋମବାର) ଶ୍ରୀରାମଚନ୍ଦ୍ର ଭବନରେ ଅପରାହ୍ଣ ୫ଟା ବେଳେ ଆମେ ଦିଗନ୍ତ ମ୍ୟୁଜିୟମ୍ ତରଫରୁ ଏକ ପ୍ରାଚୀନ ଚିତ୍ରପୋଥିପ୍ରଦର୍ଶନୀ ଏବଂ ସେଇ ବହୁବର୍ଷ ଚିତ୍ରଶୋଭିତ ପୋଥିଗୁଡ଼ିକରୁ କରାଯାଇଥିବା Colour transparencyଗୁଡ଼ିକର ଏକ Showର ଆୟୋଜନ କରିବାକୁ ଭାବିଛୁଁ । ଡ: ସୁନୀତି ଚାଟାର୍ଜି ଏବଂ ଡ: ମହତାବ ମୁଖ୍ୟଅତିଥି ଓ ସଭାପତି ରୂପେ ଯୋଗ ଦେବେ । ସୁନୀତିବାବୁ ସ୍ୱତଃପ୍ରବୃତ୍ତ ହୋଇ ଆସିବାକୁ କହିଲେ ।

ଏହି ସଭାରେ ଆପଣ ବକ୍ତାଭାବରେ ଓଡ଼ିଶାର ପ୍ରାଚୀନ କୀର୍ତ୍ତି ତଥା ଚିତ୍ରକଳା ସମ୍ବନ୍ଧରେ କହିଲେ ବଡ଼ ବାଧିତ ହେବୁଁ । ଖୁବ୍ ସଂକ୍ଷେପରେ କିଛି ସାରବାନ୍ ଜିନିଷ ଆପଣଙ୍କଠୁ ପାଇବୁଁ ବୋଲି ଆଶାକରୁଁ । ସମ୍ମତି ଜଣାଇଲେ ପ୍ରୋଗ୍ରାମରେ ଆପଣଙ୍କ ନାମ ଅନ୍ତର୍ଭୁକ୍ତ କରିବୁଁ । ନିତ୍ୟାନନ୍ଦବାବୁଙ୍କୁ ମଧ୍ୟ ଡାକିଛୁଁ ।

ଏ ପ୍ରାଚୀନ ଚିତ୍ରପୋଥିଗୁଡ଼ିକ ବହୁବର୍ଷର । କାଳକ୍ରମେ ଏମାନଙ୍କର ରଙ୍ଗ ଫିକା ପଡ଼ିଯିବାକୁ ବାଧ୍ୟ । ଫଳରେ ଏମାନେ tonal value ହରାଇ ବସନ୍ତି । ରଙ୍ଗର Soft nuances ମଉଳିଯାଏ । ଏହି କାରଣରୁ ଏମାନଙ୍କର ପ୍ରକୃତ ସଂରକ୍ଷଣ ପାଇଁ ବହୁ କଷ୍ଟ ଓ ଅର୍ଥ ବ୍ୟୟରେ ମାଗିଯାଚି ଆଣି (ପ୍ରାୟ ଟ୧୦,୦୦୦ଙ୍କା ଖରଚ କରି) ଏହାର Colour reproductions କରାଇବାକୁ ପଡ଼ିଲା । ବର୍ତ୍ତମାନ ପ୍ରାଥମିକ କାର୍ଯ୍ୟଟି ଭଗବାନଙ୍କ ଦୟାରୁ ହୋଇଯିବା ପରେ ଏହାର ୨ୟ ପର୍ଯ୍ୟାୟ ହାତରେ ନେବାକୁ ହେବ । ତାହା ହେଉଛି ଏଗୁଡ଼ିକର ପ୍ରକାଶ ଏବଂ ଇଂରାଜୀ ଅନୁବାଦ ସହ International editions ମାନ ପ୍ରକାଶର ବ୍ୟବସ୍ଥା ଏବଂ ଭାରତର ସବୁ ରାଜଧାନୀ ଏବଂ ୟୁରୋପ ପ୍ରଭୃତିରେ ପ୍ରଦର୍ଶନୀର ବ୍ୟବସ୍ଥା । ଏ ସବୁ କରିପାରିଲେହିଁ ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶାର Image ଫୁଟାଯାଇ ପାରିବ । ଅଧାପନ୍ତରିଆ କରି ଛାଡ଼ିଦେଲେ ଆମର ଓ ଅନ୍ୟାନ୍ୟ ସଂସ୍ଥା ଭିତରେ କିଛି ପାର୍ଥକ୍ୟ ହିଁ ରହିବ ନାହିଁ ।

ସରକାରୀ ମ୍ୟୁଜିୟମ, ୟୁନିଭରସିଟି ଏବଂ ବହୁ ବ୍ୟକ୍ତିବିଶେଷ ବହୁ ଚିତ୍ରପୋଥି କିଣିଛନ୍ତି । ମାତ୍ର କେହି ସେମାନଙ୍କର ପ୍ରକୃତ ସଂରକ୍ଷଣ ବା ପ୍ରଚାରର ବ୍ୟବସ୍ଥା କରୁନାହାନ୍ତି । କେହି ଏପର୍ଯ୍ୟନ୍ତ Colour reproductions ମଧ୍ୟ କରାଇ ନାହାନ୍ତି । ମାତ୍ର ଆମେ ବହୁ ବ୍ୟୟରେ କୌଣସି ଆର୍ଥିକ ସାହାଯ୍ୟ ନ ପାଇ ମଧ୍ୟ ୨ ସେଟ୍‌ରେ ପ୍ରାୟ ୨୦୦ Colour transparency କରିଛୁ । ମାତ୍ର ଏଗୁଡ଼ିକରେ ଅନେକଙ୍କର ଦୃଷ୍ଟି ଯାଇ ନାହିଁ ।

ଏଥି ଭିତରେ ସରକାର ଚିତ୍ର ମ୍ୟୁଜିୟମ କିଣିବାକୁ ଏକ Valuation Committee ନିଯୁକ୍ତ କଲେଣି, ଡ: ମନ୍ମଥନାଥ ଦାସ, ଡ: କରୁଣ କୁମାର ସାହୁ ପ୍ରମୁଖଙ୍କୁ ନେଇ । ପଅରିଦିନ ସରକାରୀ ଚିଠି ପାଇଲି । ମାତ୍ର ମୁଁ ପରିଷ୍କାର ଭାବେ କହିଦେଇଛି ଯେ ମୁଁ ଏ ମ୍ୟୁଜିୟମ୍ ବିକିବାକୁ କେବେ କୌଣସି offer ଦେଇନାହିଁ । ସରକାର କିପରି Valuation Committee ନିଯୁକ୍ତ କଲେ ? ଏହା ଆଶ୍ଚର୍ଯ୍ୟର କଥା । ଓଡ଼ିଶା ହାଇକୋର୍ଟକୁ ଗଲିଣି । ଶେଷରେ Supreme Court ପର୍ଯ୍ୟନ୍ତ ଯିବାକୁ ପଡ଼ିବ ।

। ଇତି । ନମସ୍କାରରେ,
ଆପଣଙ୍କର
ସର୍ବ ସ୍ୱତନ୍ତ୍ର

ଶୀଘ୍ର ଫେରନ୍ତା ଡାକରେ ସବୁଟି ଜଣାଇବେ ।

## ଶ୍ରୀ ରାଧାମୋହନ ଗଡ଼ନାୟକ

ଡ: କୁଞ୍ଜବିହାରୀ ଦାସ
କଟକ-୩

୨୧।୯।୫୫
ନବଭାରତ ପ୍ରେସ୍

ବନ୍ଧୁ,

X X X

ତମେ ଯେଉଁ ମୁଖବନ୍ଧ ପଠାଇଥିଲ ତାହା ପଢ଼ିଥିଲି । ତମ ଲେଖା ପ୍ରଥମ ପରିଚ୍ଛେଦରେ ତମେ ରାମାୟଣ ଓ ମହାଭାରତର ଯେଉଁ ତୁଳନାତ୍ମକ ବିଚାର କରିଛ ତାହା ଜମିଲି ହୋଇନି । ମୁଁ ଯଦି 'ନୂତନ ଦ୍ରୌପଦୀ' ଛାଡ଼ି 'ବୃଦ୍ଧା ଦ୍ରୌପଦୀ' ଲେଖେ, ତମେ ଯଦି ସେଥିରେ ଭୂମିକା ଲେଖ, ତେବେ ମହାଭାରତ ପ୍ରତି କାର୍ଯ୍ୟତ ନ୍ୟାୟ ଦେଇପାରିବ ତ ? ଅତଏବ ସେଇ ପରିଚ୍ଛେଦଟି ବଦଳାଇ ଲେଖିବାକୁ ମୋର ଅନୁରୋଧ । ଅନଧିକାର ଚର୍ଚ୍ଚା ବୋଲି ନିଶ୍ଚୟ ଭାବିବନାହିଁ । ପାଠକ ତମକୁ ନିଶ୍ଚୟ ଭୁଲ୍ ବୁଝିବେ ।

ମୋ କଥା, ମୁଁ ବର୍ତ୍ତମାନ ଗୋଟିଏ 'ମାସିକ' ବାହାର କରୁଛି, ବହୁତ ଦୂର ଅଗ୍ରସର ହେଲିଣି । ଭଲ୍ ଲେଖାଟି ଆସିଗଲାଣି । ତମେ ଗୋଟିଏ ଲେଖା ଦେବ ଏର ପ୍ରଥମ ସଂଖ୍ୟା ପାଇଁ । ପତ୍ରିକାର ନାମ 'ଏକତ୍ର' । ଯଦି 'କବିତା' ଆଏ, ତେବେ ଚିଠି ପାଇଲାକ୍ଷଣି ନିଶ୍ଚୟ ପଠାଇବ । ଆଗରୁ ଲେଖି ନ ଥିଲି । କାରଣ ବହୁତ ଏକପରି ପ୍ରଚେଷ୍ଟା କରି ସଫଳକାମ ହୋଇପାରି ନ ଥିଲି । ଏଥର ନିଶ୍ଚୟ କରୁଛି ।

ମନମୋହନ ମିଶ୍ରଙ୍କ ରୁଷିୟାଭ୍ରମଣରୁ କିଛି ଅର୍ଥାତ୍ 'ସମରକନ୍ଦରେ ଗୋଟିଏ ଦିନ' ଦେଉଛି । ସେଥିରୁ ତମେ ତମ କାଶ୍ମୀରଭ୍ରମଣରୁ କିଛି ପଠାଇ ଦେଇ ନିଶ୍ଚିନ୍ତ ହୁଅନାହିଁ । ଆର ମାସକୁ ଦେବ । ଏଇଥର ଗୋଟିଏ କବିତା ଦରକାର । ଅତଏବ ୨।୪ ଦିନରେ ପଠାଇ ଦିଅ । ଛଡ଼ା ଯଦି କିଛି ଗପ ଲେଖିଥାଏ ପଠାଇବାକୁ ଭୁଲିବ ।

କଲଣ୍ଠାପାଳ
ସୋମବାର (୧୯୭୦)

ବନ୍ଧୁ,

ଭାଗ୍ୟବାନ୍ ତୁମେ, ସର୍ବଭାରତୀୟ ସାହିତ୍ୟସଭାର ଆଲୋଚନାରେ ଅଂଶ ଗ୍ରହଣ କରିଛ—ଉଚ୍ଚକୋଟୀର ସାନ୍ନିଧ୍ୟ, ଉଚ୍ଚକୋଟୀର ଆଲୋଚନା..............

ସର୍ବ ଶୁଭରେ ଫେରିଆସ, ମୋର ହାର୍ଦ୍ଦିକତା ଗ୍ରହଣ କରିବ ।

କଟକ
୧।୮।୭୬

ବନ୍ଧୁ,

ତୁମ ଜୀବନର ଚକ୍ରବାଳ ମୁଁ ଆନନ୍ଦର ସହିତ ଲକ୍ଷ୍ୟ କରୁଛି, ସୁଭଗ ତୁମେ, ଦେଖ, ଉପଭୋଗ କର, ଫେରିଆସି ଦେଶକୁ ଜୀତିକି ଦିଅ ତୁମର ଦାନ, ତୁମର ଲେଖନୀ ମାଧ୍ୟମରେ । ମୁଁ ତ ଅଭିଶପ୍ତ, ତଥାପି ଲେଖାଲେଖି ଆରମ୍ଭ କରିଛି, ତୁଜା ତୁର୍ଣ୍ଣରୁ କିଛି ବହି ବାହାର କରିବାର ଚେଷ୍ଟା ।

ତୁମେ ତ ଜୀବନମୁଗ୍ଧ, ପ୍ରକୃତିଲୁବ୍ଧ, ଜଗିରଖି ଚଳ, "ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍ ।"

ଶୁଭାନୁଧ୍ୟାୟୀ
ଗଡ଼ନାୟକ (ରାଧାମୋହନ)

ଭଦ୍ରକ କଲେଜ
୫।୧୨।୫୬

ପୂଜନୀୟେଷୁ,

ଆପଣଙ୍କ ସ୍ମୃତି ମୋତେ ଚିରଦିନ ଆଚ୍ଛନ୍ନ କରି ରଖିଛି ଓ ଆପଣଙ୍କ ପ୍ରତି ମୋର ଭକ୍ତି କ୍ରମଶଃ ଗାଢ଼ତର ହେଉଛି । ମୁଁ ଆପଣଙ୍କ ହୃଦୟର ସ୍ନେହଶ୍ରଦ୍ଧା ଲାଭ କରିଛି ବୋଲି ମୋର ବିଶ୍ୱାସ ।

ଆପଣଙ୍କର କବିତା ଅପେକ୍ଷା ଆପଣଙ୍କ ଗଦ୍ୟହିଁ ମୋର ବେଶୀ ପ୍ରିୟ । ସେହିପରି ଆପଣଙ୍କ ବ୍ୟକ୍ତିତ୍ୱ ଓ ସମଝଦାର ହୃଦୟଟି ମଧ୍ୟ ମୋର ସବୁଠାରୁ ବେଶୀ ପ୍ରିୟ । ଓଡ଼ିଶାର ସଂସ୍କାର ପ୍ରାଣକୁ ଆପଣ ଯେତେ ବୁଝିଛନ୍ତି ତାହା ଆଉ କେହି ବୁଝିନାହାନ୍ତି ବୋଲି ମୋର ବିଶ୍ୱାସ ହୁଏନାହିଁ । ସବୁମତେ ଆପଣ ମୋର ଭକ୍ତିଭାଜନ ଓ ପ୍ରୀତିଭାଜନ । ତେଣୁ ସେଇ ସାହସରେ ଗୋଟିଏ କଥା ଆପଣଙ୍କ ନିକଟକୁ ଲେଖୁଛି, ଧୃଷ୍ଟତା କ୍ଷମା କରିବେ ।

କେତେଦିନ ଧରି ମୁଁ ଗୋଟିଏ ରିସର୍ଚ୍ଚ କରିବି ବୋଲି ଭାବୁଛି । ବିଷୟ ବସ୍ତୁ ହେଉଛି—'ଓଡ଼ିଶାର ବ୍ରତକଥା ଓ ଲୋକଧର୍ମ' । ଏଇ ବିଷୟଟି ଉପରେ ମୋର ବହୁଦିନୁଁ ଶ୍ରଦ୍ଧା ରହିଛି, କିନ୍ତୁ କିଛି ଜ୍ଞାନ ନାହିଁ । ଏଇ ବିଷୟଟିରେ ଗାଇଡ୍ କରିବା ପାଇଁ ଆପଣ ହିଁ ମୋ ଆଖିରେ ଏକମାତ୍ର ଯୋଗ୍ୟତମ ବ୍ୟକ୍ତି । ରିସାର୍ଚ୍ଚ କିପରି କ'ଣ କରାଯାଏ, ସେ ବିଷୟରେ ମଧ୍ୟ ମୋର କିଛି ଧାରଣା ନାହିଁ । ମୋତେ ଏ ବିଷୟରେ ଶିଷ୍ୟ ରୂପେ ଗ୍ରହଣ କରି ନିର୍ଦ୍ଦେଶ ଦିଅନ୍ତୁ । ମୋର ବିନୀତ ଅନୁରୋଧ ।

ସ୍ନେହାବନତ
ନୀଳମଣି (ମହାପାତ୍ର ନୀଳମଣି ସାହୁ)

## ପଣ୍ଡିତ ବିନାୟକ ମିଶ୍ର

୧୮।୯।୫୯
ନୟାଗଡ଼

ଶ୍ରଦ୍ଧେୟ କୁଞ୍ଜବିହାରୀ,

ଗଡ଼ରେ ମାଇନର ପଢ଼ିବାବେଳେ ଶରଣକୂଳ ଉ: ପ୍ରା: ସ୍କୁଲରେ ଗୋଟିଏ ପଦ୍ୟ ଓ ଗଦ୍ୟ ଲେଖିଥିଲି । ଆମ କୁଟୁମ୍ବୀ ଦଦେଇ ଛାନ୍ଦାର୍ଥୀ ଜମାଇ 'ଲାବଣ୍ୟ-ବତୀ' ପ୍ରଭୃତି ଚର୍ଚ୍ଚା କରନ୍ତି । ମାଇନର ଶ୍ରେଣୀରେ 'ଲାବଣ୍ୟବତୀ', 'ଚିତ୍ରକଳା' ପ୍ରଭୃତି ପଢ଼ିଲି । ଶ୍ରେଣୀରେ ବାଣପୁରର ପଣ୍ଡିତ ନୀଳକଣ୍ଠ ରଥ ଥରେ ପ୍ରବନ୍ଧ ଲେଖାଇ ମୋ ପ୍ରବନ୍ଧକୁ ପ୍ରଶଂସା କରିଥିଲେ । ପୁରୀରେ ସମଙ୍କ ଶୋକ ଲେଖି ମୋତେ ଶୋକ କରିବାକୁ ପଡ଼ିବାରୁ ଅଦୃଷ୍ଟର ପୂର୍ବ ନିର୍ଦ୍ଦେଶ (Dramatic Irony) ବିଶ୍ୱାସ କଲି । କଟକରେ ପଢିବାବେଳେ 'କପିଳାସ ଦର୍ଶନ' ଓ ପଣ୍ଡିତ ହରିହର ରଥଙ୍କୁ ବିଦାୟ ପଦ୍ୟ ଲେଖିଥିଲି । ବ୍ୟାକରଣ ଓ ରଚନାରେ ପ୍ରଥମ ବର୍ଷ ପରୀକ୍ଷାରେ ୫୦ ନମ୍ବରରୁ ମାତ୍ର ୩୭ ନମ୍ବର ଚନ୍ଦ୍ରମୋହନ (ମହାରଣା)ବାବୁ ମୋତେ ଦେବାରୁ ସମସ୍ତେ ବିସ୍ମିତ ହୋଇଥିଲେ ।

ଏସବୁ ଛାଡ଼ି କେଉଁ ବହିରେ କ'ଣ ଅଛି ତାହା ଆଉ ମନେ ନାହିଁ ।

ଶରଣକୁଳ
୧୯।୧୧।୬୪

ଶ୍ରଦ୍ଧେୟ କୃଷ୍ଣବିହାରୀ,

ବହିର ନାମ 'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ୧ମ ଖଣ୍ଡ । ଏହାର ପ୍ରଥମ ଅଧ୍ୟାୟ—ଭାଷାବିଜ୍ଞାନ । ପାଣିନୀ ବ୍ୟାକରଣ ପଢ଼ି ଜର୍ମାନ ପଣ୍ଡିତ ଆର୍ଯ୍ୟଭାଷାର ଜନ୍ମଭୂମି ନିରୂପଣସୂତ୍ର ଆବିଷ୍କାର କରିଥିଲେ । ତାହା ଭ୍ରମପୂର୍ଣ୍ଣ ବୋଲି ବର୍ତ୍ତମାନ ଯେପରି ପ୍ରମାଣବଳରେ କୁହାଯାଉଅଛି, ସେପରି ପ୍ରମାଣବଳରେ ଆର୍ଯ୍ୟ ଓ ଦ୍ରାବିଡ଼ ଭାଷା ପୃଥକ୍ ପୃଥକ୍ ନୋହିଥିବାର କହି ବେଦ ଓ ପୁରାଣରୁ ପ୍ରମାଣ ଦେଇ କୁହାଯାଇଅଛି ।

୨ୟ ଅ:—ଓଡ଼ିଆ ଭାଷାର ଉତ୍ପତ୍ତି ପଥ—ବୈଦିକ, ସଂସ୍କୃତ, ପାଲୀ ଓ ପ୍ରାକୃତ ଭାଷାମାନଙ୍କର ତୁଳନା ।

୩ୟ—ଓଡ଼ିଆ ଭାଷାର ଉତ୍ପତ୍ତିଧାର । ଏଥିରେ ଧ୍ୱନିତତ୍ତ୍ୱ ପ୍ରଭୃତି ଦିଆଯାଇଅଛି ।

୧୬ ପେଜି ଡବଲ୍ କ୍ରାଉନ୍‌ର ପ୍ରତି ପୃଷ୍ଠା ପାଇଁ ଟ୪ଙ୍କା ଦେଲେ ଅତି କମ୍ ହେବ । କାରଣ ଗୋଟିଏ ପୃଷ୍ଠା ନକଲ ପାଇଁ ଏ ଯୁଗରେ ଟ୧ଙ୍କା ।

ଶରଣକୁଳ
୧।୧।୬୫

ପ୍ରିୟ କୃଷ୍ଣବିହାରୀ,

'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ପ୍ରଥମ ଖଣ୍ଡ, ମୋ ପାଣ୍ଡୁଲିପିରେ ଶିରୋନାମା ଅଛି । 'ପ୍ରଥମ ଖଣ୍ଡ' ବଦଳରେ 'ପ୍ରଥମ ଭାଗ' ଲେଖିଦେବ । ମୁଁ ଦ୍ୱିତୀୟଭାଗ ଲେଖିବା ପାଇଁ ଅର୍ତ୍ତବାବୁଙ୍କ ସ୍ମରଣଦିବସର ସଭାରେ ସୁନୀତିବାବୁଙ୍କ ଭାଷଣ ଶୁଣାଇ ଦେଇଛି । ପ୍ରାୟ ଦେଢ଼ମାସ ମଧ୍ୟରେ ଲେଖି ସାରିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ସବୁଜ ଯୁଗ ପର୍ଯ୍ୟନ୍ତ ଲେଖିବାକୁ ମନସ୍ଥ କରିଛି ।

ପ୍ରିୟ କୃଷ୍ଣବିହାରୀ,

ଦ୍ରାବିଡ଼ୀ ଭାଷା ସମେତ ଭାରତର ଆଧୁନିକ ସମସ୍ତ ଭାଷା ବୈଦିକ ଭାଷାରୁ ଜାତ ବୋଲି ମୁଁ ପ୍ରମାଣ କରୁଛି ।

ଭଦ୍ରକ
୨୭।୧।୬୪

ପ୍ରିୟ କୃଷ୍ଣବିହାରୀ,

ଦିଲ୍ଲୀ ସାହିତ୍ୟ ଏକାଡେମୀ ପତ୍ରିକାରେ ମୋ ସାହିତ୍ୟ ଇତିହାସର review ବାହାରିଥିଲା ।

A collosus above the crowd stands the veteran scholar Binayak Mishra. His monumental work on the History of Oriya literature "Odia Sahityara Itihasa" is the only authoritative work of its kind till now. The revised and enlarged edition brought out last year is very welcome.

Indian Literatere, VI-No 2. 1963

Nayagarh
7. 9. 69

ଶ୍ରଦ୍ଧେୟ କୃଷ୍ଣବିହାରୀ,

'ଓଡ଼ିଆ ଭାଷାର ଇତିହାସ' ଖଣ୍ଡ ଏ ପଠାଇଲି । ସ୍ୱତ୍ୱବିକ୍ରୟ ପତ୍ର କେଣି ପଠାଇଲେ ମୁଁ ସ୍ୱାକ୍ଷର କରି ପଠାଇବି ।

ବହୁଦିନ ହାତରେ ଗଣ୍ଠି ଖାଇପାରିଲି ନାହିଁ ।

ନୟାଗଡ଼
୧୭।୯।୭୭

ଆୟୁଷ୍ମାନ୍ କୃଷ୍ଣବିହାରୀ,

ମୋତେ ଏକାଡେମୀ ସେକ୍ରେଟରୀ ଆସି ଟ ୧୦୦୦ଙ୍କା ଯାଚିଲେ । ମୁଁ ନାହିଁ କଲି । କାରଣ ପରିଶୋଧ କରିବାକୁ ମୋର ବଳ ନାହିଁ, ସେ Indian culture ବହି ନେଲେ, ଛପାଇବେ କହିଲେ ।

ବୁଢ଼ାଙ୍କ ଘରେ ଅନେକ ଭଲ ଅଛି । ଅଳ୍ପ ଦାନ ସୁଣ୍ଠି ମୁଖାର ସେତୁବନ୍ଧ । ୫୦୦୦ ଘର ଟ ୩୦୦୦ଙ୍କାକୁ ବିକି ବର୍ଷରେ ଘର ଭଡ଼ା ନେଇ ପୂଜାରୀ ରଖିବା ପାଇଁ କରିଥିଲି । ତୁମ ଟଙ୍କା, ଶ୍ରୀଧର ବାବୁଙ୍କ ଟଙ୍କା ପାଇଛି ।

ବି. ମିଶ୍ର

Bhubanswar
23rd May 1973

ପ୍ରିୟ କୃଷ୍ଣବାବୁ,

× × ×

ଆଜିକାଲି ଆପଣ ଆଉ କେମିତି ସମୟ କାଟୁଛନ୍ତି ? ପତ୍ରିକାରୁ ଦେଖୁଛି ଆପଣ ସାହିତ୍ୟଚର୍ଚ୍ଚାରେ ଲାଗିଛନ୍ତି ।

ମୋର ଏବେ Invocatory verses from Inscriptions, Vol I ପ୍ରକାଶିତ ହୋଇ ଯାଇଛି । ଅଳ୍ପ ଦିନ ମଧ୍ୟ 'ସଂସ୍କୃତ ପ୍ରତିଭା' ନାମକ ଗୋଟିଏ ସଂସ୍କୃତ ପତ୍ରିକାରେ ଡା. ରାଘବନ ଏହାର Review ଦେଇଛନ୍ତି । ଏ ବର୍ଷ ମୋର History of the Gangas Vol. II ଏବେ Text Book Pressରେ ପ୍ରକାଶ ହୋଇ ଯାଉଛି । ସେଥିରେ ପାରଳା ମହାରାଜାଙ୍କ ଜୀବନୀ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସଂକ୍ଷିପ୍ତ ଇତିହାସ ଦେଇଛି । ଓଡ଼ିଶା ମ୍ୟୁଜିଅମ୍ ତରଫରୁ ପୁସ୍ତକଟି ଛପା ହୋଇଛି । ମଝିରେ ମଝିରେ ଚିଠି ଲେଖି ଖୁସି କରୁଥିବେ ।

ଆପଣଙ୍କର
କୁଶଳାକାଂକ୍ଷୀ
ସତ୍ୟନାରାୟଣ ରାଜଗୁରୁ

(ଗୋପ ଜିଲ୍ଲାରୁ ପ୍ରାପ୍ତ ଏକ ହସ୍ତୀଦନ୍ତ ନିର୍ମିତ ମୁଦ୍ରାରେ ଚିନୀୟ ଅକ୍ଷର ମୁଦ୍ରିତ ହୋଇଥିଲା । ଚୀନା ଭବନର ଅଧ୍ୟକ୍ଷ ତାଙ୍କ ସାହାଯ୍ୟରେ ମୁଁ ଏହାର ପାଠୋଦ୍ଧାର କାର୍ଯ୍ୟ କରିଥିଲି । ଏହାର ପ୍ରଥମ ଧାଡ଼ିରେ ଥିଲା—Chen-pao—Precious, ଦ୍ୱିତୀୟ ଧାଡ଼ିରେ ଥିଲା—Fa-despatched; ତୃତୀୟ ଧାଡ଼ିରେ ଥିଲା—Fan Shu,—Fan-returned, Shu-transported, ବାକ୍ୟଟି—Chen Pao Fa Fan Shu । ରାଜଗୁରୁ ଏହାର ଛପା ମୋ ପାଖକୁ ପଠାଇଥିଲେ ।

## ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ବାରିପଦା
୯।୧।୭୦

କଲ୍ୟାଣୀୟେଷୁ,

ଏବେ ଲେଖାପଢ଼ାରେ ମନ ଦେଉଛି । ମୋର ଜୀବନୀ ମଧ୍ୟରେ ଗବେଷଣାର ପନ୍ଥା ମୁଁ ତୁମକୁ ଜଣାଇ ଦେଇଛି । ଗବେଷଣାର ସବୁ ବିଷୟ ଲେଖିବା ଅର୍ଥ ଆତ୍ମଜୀବନୀ ଲେଖିବା, ଯାହା ମୋ ପକ୍ଷରେ ଏବେ ସଜାଇ ଲେଖିବା ଏକାନ୍ତ ଅସମ୍ଭବ । ଏବେ ମଧ୍ୟ ମୋ ହାତରେ କେତେଗୁଡ଼ିଏ ଐତିହାସିକ ଉପାଦାନ ଅଛି, ଯାହାକୁ ପ୍ରବନ୍ଧ ଆକାରରେ ନ ଲେଖିଲେ ଅନ୍ୟ କେହି ଲେଖିପାରିବେ ନାହିଁ, କାରଣ ତାହା କାହାରିକୁ ଜଣା ନାହିଁ ।

ବାରିପଦା
୧୭।୯।୭୦

ସୁଜାତରେଷୁ,

ତୁମେ ଯାହା ଲେଖିଛ କିଛି ହୋଇ ପାରୁନାହିଁ । କେଜାଣି ତୁମେ ମୋ ପାଖରେ ଥିଲେ ବା ମୁଁ ତୁମ ପାଖରେ ଥିଲେ କିଛି ହୋଇ ଥାଆନ୍ତା, ପ୍ରଶ୍ନୋତ୍ତର ଚାଲନ୍ତା ।

ଶ୍ରୀ ୪

ଦେହ ଭଲ ରହୁନାହିଁ । ତେବେ ବ୍ୟାପାରେ ବଳ ପାଉଛି । ବର୍ଷା ନ କମିବା ଯାଏ ବ୍ୟଥା କମିବ ନାହିଁ । ମନର ବଳ ପୁରା ଥିଲେ ମଧ୍ୟ ଦେହର ବଳ ଅଭାବରୁ କିଛୁ କାମ ଥିଲେ ବି କିଛି କରିପାରୁ ନାହିଁ । ଏଠାରେ ତୁମ କଥା ଓ ଭାଗ୍ୟମୋହନ କଥା ତ ସବୁବେଳେ ମନେ ପଡ଼ୁଛି ।

୨୪।୭।୭୦
ବାରିପଦା

କଲ୍ୟାଣୀୟେଷୁ,

ତୁମ୍ଭେମାନେ ଦୂରରେ ରହୁଥିଲେ ମଧ୍ୟ ସବୁବେଳେ ଆଖି ଆଗରେ ଦେଖା ଯାଉଛ । ଶିଷ୍ୟାଙ୍କ ମୋର ଧର୍ମ । ତା ନ କରି ମୁଁ ରହି ପାରିବି ନାହିଁ, ଯୋଗ ଏବେବେଳେ ଶଙ୍କା ପଡ଼ିଛି । ତଥାପି ମନଟା ଟାଣ ଅଛି । ଶରୀର କେବଳ ଯାଉଛି ।

ମୋ ଜୀବନରେ ଆଉ କଟକ ଯିବାର ସୁଯୋଗ ଘଟିବନାହିଁ । ମୋତେ ବାରିପଦା ଘରେ ହିଁ ଅବଶିଷ୍ଟ ଦିନଗୁଡ଼ିକ କଟାଇବାକୁ ହେବ । ସେଥିପାଇଁ ଆଜିକୁ ନ ମାସ ହେଲା ଘରେ ବନ୍ଦୀ ହୋଇଛି ।

ମୋ ବହି ଓଡ଼ିଶାର ସ୍ୱପ୍ନରେ [illegible] ଗୋପାଳବାବୁଙ୍କଠାରୁ ଆଣିବ, ତୁମ ପାଇଁ । ହାତରେ ଦେବା ସୁଯୋଗ ମିଳିବ ନାହିଁ ।

ସ୍ନେହର
ପରମାନନ୍ଦ ଆଚାର୍ଯ୍ୟ

ବୁର୍ଲା
୯।୨।୭୨

ଶ୍ରଦ୍ଧାସ୍ପଦ କୁଞ୍ଜବିହାରୀ ବାବୁ,

ଶାନ୍ତିନିକେତନରେ ବହୁ ଦିନ ରହିଗଲେଣି । ସେଠାରେ ଆପଣଙ୍କର ପରିକ୍ଷା, ଲୋକସାହିତ୍ୟର ଗବେଷଣା ଓ ପ୍ରକାଶ, ଓଡ଼ିଆ ସାହିତ୍ୟର ଶ୍ରୀ ସାଧନ ଇତ୍ୟାଦି ବହୁତର ଲକ୍ଷ୍ୟ କରି ଆସୁଛି । ଯାହାହେଉ, ଓଡ଼ିଶା କେନ୍ଦ୍ରର ସଂସ୍ଥାକୁ ଫେରି ଆସିବା ଆନନ୍ଦ କଥା ।

ବୋଧହୁଏ, ଜଳାପୁର, ଦକ୍ଷିଣ ଶିଳାମାଞ୍ଚଳ ଓ ଆମମାନଙ୍କୁ ପାସୋରି ଦେଇ ନ ଥିବେ । ମୋର 'ଜୀବନ ଚିନ୍ତା' ମଧ୍ୟ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିଥିବ । ଆପଣଙ୍କ ସାକ୍ଷାତ୍ ପାଇଁ ମୁଁ ଅଭିଳାଷୀ ।

X X X

କପିଳେଶ୍ୱର ଦାସ

ବାଲେଶ୍ୱର
୭।୯।୫୭

ପ୍ରିୟ ମହାଶୟ,

ସ୍ୱର୍ଗତ ବାଳକୃଷ୍ଣ କରଙ୍କ ମୃତ୍ୟୁର ଖବର ପାଇ ଆପଣ ଯାହା 'ମାତୃଭୂମି'ରେ ଲେଖିଥିଲେ ତାହା ମୁଁ ଦେଖିଥିଲି । ଏବେ ସ୍ମୃତିସଂଖ୍ୟା 'ମାତୃଭୂମି'ରେ 'ଯୁଗନ୍ଧର ବାଳକୃଷ୍ଣ' ନାମକ ଆପଣଙ୍କ ପ୍ରବନ୍ଧ ବାହାରିଅଛି । 'ଯୁଗନ୍ଧର' ଶବ୍ଦ କି ଅର୍ଥରେ ଆପଣ ବ୍ୟବହାର କରିଛନ୍ତି ମୁଁ ବୁଝିପାରୁନାହିଁ । କାରଣ ଅଭିଧାନମାନଙ୍କରେ ଏ ଶବ୍ଦର ଯେଉଁ ପ୍ରତିଶବ୍ଦ ଅଛି ତାହାର ଅର୍ଥ ଭିନ୍ନ । ଅନୁଗ୍ରହପୂର୍ବକ ମୋର ସନ୍ଦେହ ମୋଚନ କରି ବାଧିତ କରିବେ ।

ଆପଣଙ୍କର
ଶ୍ରୀ ବଳଭଦ୍ର ବହିଦାର

୨୨।୯।୬୯
ବାଲୁଗାଁ

ପ୍ରିୟ ଡକ୍ଟର କୃଷ୍ଣବିହାରୀ,

ମୋ ଜୀବନରେ ମୁଁ ଓଡ଼ିଶାରେ ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କ 'ଶତବାର୍ଷିକୀ' ଉତ୍ସବରେ ମୁଖ୍ୟବକ୍ତା ହୋଇଥିଲି ।

୧ । ସାହିତ୍ୟସମ୍ରାଟ ବିକ୍ରମଦେବ ବର୍ମା

୨ । ଭାଷାତତ୍ତ୍ୱବିତ୍ ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା

ଆସନ୍ତା ୨।୧୦।୬୯ରେ ତୃତୀୟ ବ୍ୟକ୍ତି ବିଶ୍ୱମାନବ ଗାନ୍ଧିଜୀଙ୍କ 'ଶତବାର୍ଷିକୀ' ପାଳିବି । ଏମାନଙ୍କ ଜୀବନୀ ମୁଁ ଲେଖିଛି, ସଂସର୍ଗରେ ଆସିଥିଲି । ପଣ୍ଡିତ ନନ୍ଦଙ୍କଠୁଁ ପ୍ରଥମ ଦିନ ଓଡ଼ିଆ ଶ୍ରେଣୀରେ ଏକ ଠଣା ଖାଇଥିଲି ।

ଜାଣିଥିବ—ମୋ ଘର କେଉଁଠି ? କି ପାଠ ପଢ଼ିଥିଲି ? ଓଡ଼ିଶାକୁ କେବେ ଆସିଲି ? ଆମ ଓଡ଼ିଆ ଭାଷାରେ କେତେ ଖଣ୍ଡ ଗ୍ରନ୍ଥ ଲେଖିଛି ?

ଏ ସବୁ ଜାଣିବା ଲାଗି ଦିନକ ସକାଶେ ଆସ, ଚିଲିକା ଦେଖିବ, ମୋ ଗ୍ରନ୍ଥାଗାର ଦେଖିଯିବ ।

ଗୁଣମୁଗ୍ଧ
ରାଧାଚରଣ ପଣ୍ଡା

ମୁରାରିପୁର
୭।୧।୫୭

ପ୍ରିୟ କୃଷ୍ଣବାବୁ,

କ୍ଷୁଦ୍ର ପରିସରରେ ମୁଁ ମଧ୍ୟ ଆପଣଙ୍କ ପରି ଜଣେ ଭ୍ରମଣକାରୀ ପାଲଟି ଗଲିଣି । ଗତ ବର୍ଷ ଆପଣଙ୍କୁ ଭେଟିଥିଲି ଶାନ୍ତିକୁଞ୍ଜରେ । ଏ ବର୍ଷ ଜନଗହଳି

[illegible]

ଚିତ୍ରୋପିତୃଷା ଭେଳେକ ପରିମାଣରେ ପେଶ୍ କଲୁ । ଚିତ୍ର, ଜ୍ୟା, ଗଳ୍ପ, କବିତାର ପ୍ରକୃତିରେ ଆଣି ପକାଇ ଅଛିଛି । ଉପଯୋଗୀ ଅପରାଜିତା ଭଳୟ ଜାଗ ହୋଇଗଲା । ପ୍ରୟାଗରେ ବାପାଙ୍କ ଅସ୍ଥି ବିସର୍ଜନ ଦେଲି । ଏ ପରିବ୍ରଜ୍ୟାରେ ଗୋଟାଏ ଆତ୍ମତୃପ୍ତି ପାଇଲି । ଅନୁଗ୍ରହ କରି ଆପଣଙ୍କ ପଶ୍ଚିମ ଏବଂ ଭ୍ରମଣ ବୃତ୍ତାନ୍ତ କିଛିଏ ପତ୍ରରେ ଜଣାଇବେ ।

ଆପଣେ ଲେଖାଲେଖି ବିଷୟ ଲେଖିଥିଲେ । ସେ ତ ସାମୟିକ ମାନୁଷି ଲୁଣିଲି ଧାର ମଣ୍ଡର ଗତିରେ । ଆପଣଙ୍କ ସ୍ୱତଃନିଃସୃତ ଲେଖନୀର ଅଧିକାରୀ ହେବାକୁ ମୋର ସେ ଶକ୍ତି ସାମର୍ଥ୍ୟ କାହିଁ ?

ଆପଣଙ୍କର
ଉପେନ୍ଦ୍ର ତ୍ରିପାଠୀ

୧୪।୧।୫୬

ପ୍ରିୟ କୃଷ୍ଣବାବୁ,

(ଶାନ୍ତିନିକେତନରୁ ଫେରିବାରେ ବିଳମ୍ବ ହେବାରୁ) ଲୋକ ମୋର ମୋ ପାଇଁ ପାଗଳ। ଦୁଇଦିନ ଧରି ସେ ଶୁଭ ଖାଇନାହିଁ—କାନ୍ଦି କାନ୍ଦି ଅଧୟ । 'ମାଟି ଓ ଭ୍ରଷ୍ଟ ତ ଜଳଗର୍ଭକୁ ପୂର୍ବରୁ ପଢିଥିଲି । ସେ ଅନୁଭୂତି ସେତିକିବେଳେ ବିଦ୍ୟୁତ୍ ଭଳି ମୋ ଶିରାପ୍ରଶିରାରେ ଖେଳିଗଲା । ଆହା ମାଆର କି ଅନାବିଳ ମାୟାଡୋରି ପୁଅକୁ ସ୍ନେହମମତାରେ ବୁକେଇକୁବେଇ ବାନ୍ଧି ଦେଇଛି ।

କବିପ୍ରିୟାଙ୍କର ଅନୁପମ ଆରଣ୍ୟୋ ପ୍ରାୟ ନୂତନ ଓ ନିର୍ବାଚିତ ଚିର ନୂତନ । ଜଣେ ଅସମ୍ଭବ କଳ୍ପ ପ୍ରତି ଯେ ଏତେ ସମାଦର କରିଯାଇ ପାରେ ମୁଁ କଳ୍ପନା କରି ପାରୁନାହିଁ । କହିବେ ନାହିଁ ଯେ କଲମ ଧରି ଜାଣେ ବୋଲି ଲେଖି ଯାଉଛି । ଲେଖୁଛି ପ୍ରକୃତରେ ହୃଦୟ ଖୋଲି ଲେଖୁଛି ।

ଇତି
ଉପେନ୍ଦ୍ର ତ୍ରିପାଠୀ

୧୭।୭।୫୪
ଦରଘା ବଜାର

ଶ୍ରଦ୍ଧାବରେଷୁ

ଆଶା, ଆପଣ ଏ ଗୌରବର ସୌରଭରେ ମୁଗ୍ଧ ହୋଇ ଆତ୍ମକେନ୍ଦ୍ରିକ ହୋଇ ପଡ଼ିବେ ନାହିଁ । ବିଶ୍ୱାସ, କୃତିତ୍ୱ ଭୂଧରରେ ଦଣ୍ଡାୟମାନ ହୋଇ ମାତୃଣ ଅସାଧ୍ୟ ଅବସ୍ଥାରେ ଲୁପ୍ତମାନ ତୃଣଗୁଡ଼ିକ ପ୍ରତି କର ପ୍ରସାରଣ ଦ୍ୱାରା ଜନଗଣର ଆସନରେ ଆତ୍ମ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିବେ ।

ଗୁଣମୁଗ୍ଧ
ଗୌରୀକୁମାର ବ୍ରହ୍ମା

ବୃଦ୍ଧାବସ୍ଥା ଆସୁଛି ।

'ଓଡ଼ିଆ ଲୋକସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ପ୍ରବନ୍ଧଟି ଆପଣଙ୍କର ଲେଖିବାକୁ ଥିଲା । ରଜତଜୟନ୍ତୀ ସଂଖ୍ୟା ପାଇଁ ଏହା ଉଦ୍ଦିଷ୍ଟ ଥିବାରୁ ଅତିଶୀଘ୍ର ଦରକାର ପଡ଼ିଲାଣି ।

ଗାଁରେ ଭୂମିବୃକ୍ଷ ଉପରେ ସବୁ ସମୟ ଲଗେଇଲେ ଏଣେ ସାହିତ୍ୟବୃକ୍ଷ ହେବ କିପରି ?

ଫତୁରାନନ୍ଦ

## ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)

ବାଲେଶ୍ୱର
୬।୧୨।୫୪

ମାନନୀୟେଷୁ,

'ଫକୀରମୋହନପରିକ୍ରମା' ସଂପର୍କରେ ଯଦୁବାବୁ ଆପଣଙ୍କୁ ପତ୍ର ଲେଖିଥିଲେ । ଆପଣଙ୍କ ଲେଖା କାହିଁ ? ସାହିତ୍ୟପରିଷଦ୍‌ର ପ୍ରତିଷ୍ଠାତା ଭାବେ ଆପଣଙ୍କ ଫଟୋ ଦେବାକୁ ଆମେ ସ୍ଥିର କରିଛୁ । ଆପଣଙ୍କ ବ୍ଲକ୍ ପଠାଇଲେ ଉପକୃତ ହୁଅନ୍ତୁ ।

୨୮।୩।୫୫

ଫକୀରମୋହନପରିକ୍ରମାରେ ଛପା ହୋଇଥିବା ଆପଣଙ୍କ ଛବିଟି ଏତେ ଚମତ୍କାର ହୋଇଛି ଯେ ତାହା ନ ଦେଖିଲେ ବିଶ୍ୱାସ କରି ହେବନି । ତାରୁଣ୍ୟ ଓ କୋମଳତା ମିଶି ଛବିଟି ଅତି ଜୀବନ୍ତ ହୋଇଛି ।

ଛନ୍ଦ ପ୍ରବନ୍ଧଟିର ଶେଷାଂଶ ମୁଁ ଯେପରି ଲେଖିଲି ତାକୁ ପରିବର୍ଦ୍ଧିତ କରିବା ମୋର ଇଚ୍ଛା । ମାତ୍ର ଆଧୁନିକ ଛନ୍ଦ ବିଷୟରେ ଯଥେଷ୍ଟ ଉପାଦାନ ଏଠି ପାଉନି । ମତେ କିଛି ବଙ୍ଗଳା ବହି Suggest କରି ପାରିବେ ? ମାନସିଂହଙ୍କ 'ଦେଖା ହେଲା ଜୀମ୍ୟା' କବିତାର କଳିକା ଲେଖି 'ଡଗର'ରେ ଛପାଇ ଥିବାରୁ ସେ ବୋଧହୁଏ ଅସନ୍ତୁଷ୍ଟ ।

୨୦।୭।୫୫
ବାଲେଶ୍ୱର

ପରମ ମାନନୀୟେଷୁ,

ଆପଣଙ୍କ ଆଧୁନିକ କବିତା ସଂଗ୍ରହ ବହିଟି ପଠାଇବାକୁ କହିଥିଲେ । ବୋଧହୁଏ, ଭୁଲି ଯାଇଛନ୍ତି । ପଠାଇଲେ ଛନ୍ଦର ଆଲୋଚନା ଲେଖିବି । ଏହା ଭିତରେ ମୁଁ ରବୀନ୍ଦ୍ରନାଥଙ୍କ 'କାବୁଲିଓ୍ୱାଲା' ଗଳ୍ପଟି ଓଡ଼ିଆରେ ଅନୁବାଦ କରିଛି । ଛପାଇବା ଅନୁମତି ଲାଗି ଆଜି ବିଶ୍ୱଭାରତୀଙ୍କୁ ଚିଠି ଦେଇଛି । ଆପଣ ଟିକିଏ ଦୟାକରି ଏଇ ଅନୁମତି ବିଷୟ ବୁଝିଲେ ବାଧିତ ହେବି ।

‘ଭଣିତା’ ପତ୍ରିକାର ୪ର୍ଥ ସଂଖ୍ୟା ପାଇଥିବେ କି ? ‘...’ର ଏକ ସମାଲୋଚନା ସେଥିରେ ଥିବ କୋଣି ବୁଝୁଥିବି ପାଠକମାନଙ୍କୁ । ମୋର ଅନୁରାଗ ଶୁଭେଚ୍ଛା ଜାଣିବେ ।

ସ୍ନେହର
ଜାନକୀ ମହାନ୍ତି

**THE P. E. N.**
**A WORLD ASSOCIATION OF WRITERS**
**All-India Centre**

Rabindranath Tagore, President, 1933-1941
Sarojini Naidu, President, 1941-1949

S. Radhakrishnan, President.
Jawaharlal Nehru, Vallathol N. Menon, Rustom P. Masani — Vice-Presidents.

National Headquarters :
"Aryasangha"
22, Narayan Dabholkar Road, Malabar Hill,
Bombay-6.

Honorary Members :
Maulana Abul Kalam Azad
Sri C. Rajagopalachari

Sophia Wadia — Foundor in India & Editor, The Indian P. E. N.

April 24, 1956.

Shri Kunja Bihari Das,
Visva-Bharati,
Santiniketan.

Dear Friend,

We have received a letter from D. Thompson (Knapp Grange. Preston Plucknett. Yeovil, Somerset, England), saying that he is preparing an anthology of verse in English for publication by Blackies of Bombay, and that he desires to include in it your poem "A Worker's God" published in the February number of **The Indian P. E. N.** Accordingly, he has asked me for permission to quote your poem in full. I shall be glad, indeed, to give the editorial consent for the reproduction of the poem. But I shall greatly appreciate your also giving the necessary permission so that I can tell D. Thompson that he has the permission, both of the author of the poem as well as of the editor of **The Indian P. E. N.**, to include your poem in the proposed anthology.

An early reply will be greatly appreciated.

Congratulating you on the appreciation your poem has won and with cordial greetings,

Yours sincerely
Sophia Wadia

INDIANA UNIVERSITY
Folklore Institute
Bloomington, Indiana 47401
September 22, 1966

Journal of the
Folklore Institute
Folklore monograph
Series. Folklore Archives.

Dr. Kunjabehari Das
Ravenshaw College
Orissa, India

Dear Mr. Das :

This letter is written in my capacity as Director of the Folklore Institute at Indiana University to urge you in the strongest possible terms to initiate a folklore department at your institution. As a member of the Executive Board of the Society for Asian Folklore and a partcipant in the World's first Asian Folklore Conference held at Indiana University in the June, 1966, you are one of India's most experienced Folklore scholars. India is of course a country rich and abundant in all kinds of folkloristic traditions, but these ancient traditions are rapidly vanishing before the impact of modern life.

It is imperative that these traditions be collected, archived, and studied by the present generation of students if we are to understand the culture of the past. The study of folklore is coming into increasing recognition, and in this study India has proud role to play. At our University we have seen interest grow to the point where the Folklore Institute has over fifty candidates for higher degrees, a number from Asian countries. The same interest would surely manifest itself if a folklore curriculum were available at Universities in India.

Sincerely yours,
Sd. Richard M. Dorson
Director of the Folklore Institute
and Chairman of the Society for
Asian Folklore.

Suniti Kumar Chatterji
National Professor of India
in Humanities

Sudharma
16; Hindustan
Calcutta-29

October 15, 1969.

Dear Dr. Das,

Every one in this side of India knows the good work that you have been doing both in Santiniketan & at Cuttack & your collection of huge mass of 'folksongs & folktales' certainly deserve proper encouregement.

In any case, you are at liberty to mention my name as a referee, & when the appropriate time comes I shall do my best.

with all good wishes for your success.

I remain
Sincerely yours,
Suniti Kumar chatterji.

ଜାତୀୟ ଅଧ୍ୟାପକ ଡକ୍ଟର ଚାଟାର୍ଜୀ ମୋର ସାଂସ୍କୃତିକ କୃତି ସମ୍ବନ୍ଧରେ ନିମ୍ନରେ ବିଶ୍ୱବିଦ୍ୟାଳୟ ଅନୁଦାନ ସମିତିକୁ ଲେଖିଥିଲେ—

March 7, 1974.

I know personally Dr. Kunja Bihari Das, a distinguished scholar of Indian literature, history and culture, who has specialised in Oriya literature, and in that capacity taught his subject in different universities. He has published a number of books on Oriya literature and culture, and the work which he has now taken in hand in Oriya is entitled "Loka-Vani-Sanchayan". This is an exhaustive collection of proverbs and proverbial expressions as well as tags of verse and verse quotations which formed a distinctive type of folkliterature among the Oriya people. It is in a way a full dictionary of Oriya proverbs and proverbial expressions. The first volume completing the vowels has been published and it seems to be a fairly exhaustive one. There are illustrative quotations which enhance the value of the work.

Dr. Das writes to me that he has at least three more volumes in hand, and this will take him three years to complete. I understand that Dr. Das will apply to the University Grants Commission for a subvention towards the printing and publication of this work. As this will be of very great value for the study of New Indo-Aryan, and as this work will be as useful as the great

work by the late Dr. Sushil Kumar De on Bengali proverbs. I give my full support to Dr. Das's application, and I hope it will be possible for the U. G. C. to help him in preparing the work and its publication in a suitable manner.

Suniti Kumar Chatterji

ଡକ୍ଟର କୃଷ୍ଣଦେବ ଉପାଧ୍ୟାୟ ଭାରତର ଜଣେ ଶ୍ରେଷ୍ଠ ଲୋକସଂସ୍କୃତିବିତ୍, ଲୋକପ୍ରିୟ ଲୋକସାହିତ୍ୟର ସଂଗ୍ରାହକ, ଭାରତୀୟ ଲୋକସଂସ୍କୃତି ସମ୍ମେଳନର ସଙ୍ଗଠକ । ସଙ୍ଗଠନ କାର୍ଯ୍ୟରେ ମୁଁ ତାଙ୍କୁ ଯତ୍‌ସାମାନ୍ୟ ସାହାଯ୍ୟ କରିଥିଲି । ତାଙ୍କ ସଙ୍ଗେ ମୋର ବିଶେଷ ପତ୍ରାଳାପ ପ୍ରାୟ ୧୫ ବର୍ଷ କାଳ ଚାଲିଥିଲା—ମୋ ସଂପର୍କରେ ତାଙ୍କ ଅବଧାରଣାର କିଞ୍ଚିତ୍ ଉଦ୍ଧୃତି ଦିଆଗଲା ।

( 1 )

Allahabad
15.5.57

My dear Dr. Das,

I wholeheartedly welcome your suggestion that folklorists of India should gather together, a joint effort should be made to draw the attention of the Govt. of India to this direction. I suggest that a Confernce of leading folklorists of India—at least of northern India—should be called, under the auspices of the Indian Folklore Society, either at Calcutta or at Santiniketan during the puja holidays. If you agree to this proposal further steps may be taken.

The Folk Culture Society of Lucknow is going to publish a Journal in Hindi entitled 'Prachya Manava Vaigyanik'. I have been entrusted to edit the Journal. So I request you to kindly send an article either in Hindi or English dealing with any aspect of oriya Folklore.

( 2 )

Gyanapur (varanasi)
10.11.58

My dear Dr. Das,

I requested you to serve on the Executive committee of the Research Institute which you so kindly agreed to do.

I request you to publish your impressions of the conference in some Oriya papers so that the people of your region may know something about the conference.

I have been very much impressed by your grand personality and charming manners.

( 3 )

Gyanapur (Varanasi)
11.12.63

My dear Dr. Das,

May I assure you that Indian Folk culture Research Institute and the All India Folk culture conference are immortal. They cannot die as long as a single folklorist like yourself is alive in India. I am sure that the future of the Indian Folk Culture Research Institute of the conference is bright and safe in your hands. When a great and noted folklorist like you is so much interested and taking care of the Institute I need not bother about its future.

May I request you to accept my hearty congratulations on your being nominated as a member of the Executive Board of Asian Folklore society established at Indiana university, U. S. A. I also am a member of the same Board. I hope, we shall be able to serve the cause of Asian Folklore & Indian Folk culture through this society.

( 4 )

Jyanapur (Varanasi)
16.2.64

Dear Dr. Das,

It is good that we three—Dr. Bhattacharya, yourself and myself —are in the Executive Board of the Asian Folklore society of America. I hope, this trinity will play a leading role in the development of organisation of the Folkloristic studies in India in near future. Please believe when I say that your noble self and Dr. Bhattacharya are the most brilliant and shining stars in the galaxy of Indian Folklorists. A day will come when your name and fame will cross the shores of Indian ocean and will spread to distant countries of Europe and America.

ଭାରତୀୟ ଲୋକସଂସ୍କୃତି ସଂସ୍ଥାର ସଭାପତି ଡକ୍ଟର କୃଷ୍ଣଦେବ ଉପାଧ୍ୟାୟ ମୋ କୃତିତ୍ୱ ସମ୍ବନ୍ଧରେ ନିମ୍ନଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ସମିତିକୁ ଲେଖିଥିଲେ —

Professor Das is a man of profound scholarship and his genius has found fullest expression in the field of oriya Folkliterature.

Dr. Das's sound scholarship has been recognised in India and abroad.

Dr. Das was twice elected as Sectional President of the All India Folk culture conference in 1958 and 1959 at its sessions in Allahabad and Ujjain. He is a member of the Executive Board of

the Asian Folklore conference, Bloomington, U. S. A. and was invited to attend the conference as a delegate from India.

He has produced many students who have obtained their Ph. D. Degrees under his guidance.

ଅସିରୀ ମୋର ସହକର୍ମୀ ଥିଲେ, ଘାଲିବ୍‌ଙ୍କ କବିତା ଉପରେ ଗବେଷଣା କରୁଥିଲେ; ପଞ୍ଜାବ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ଏ ପତ୍ର ଲେଖିଲେ—

C/o Altaf Shaukat
Hailey College, Lahore
1.1.55.

Dear Mr. Das,

Last month's V. B. News brought many thrills and shocks. The greatest thrill was effected by the news about your admittance to the Degree of Doc. of philosophy. Although it is not unexpected or misplaced, yet it was supposed you were quite indifferent towards such small distinctions, great poet as you are please accept my congratulations along with good wishes for new year.

Yours
Sincerely,
F. M. Asiri

ସୁପ୍ରିମ୍‌କୋର୍ଟର ଭୂତପୂର୍ବ ମୁଖ୍ୟ ବିଚାରକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ଶ୍ରୀ ସୁଧୀରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୋର ବିଦାୟସଭା ଅନୁଷ୍ଠିତ ହୋଇଥିଲା, ସେ ଏକ କ୍ଷୁଦ୍ର ଲିଖିତ ଭାଷଣ ପାଠ କରିଥିଲେ—

My colleagues and I are extremely sorry that Dr. K. B. Das has to leave Visva—Bharati and go back to his own state. Dr. K. B. Das was the Head of the Oriya Department. In fact it was he who organised the Department and set it up in a firm basis. I am not competant to express any opinion on his merit as a literature, but he is undoubtedly reputed to be one of the foremost oriya poets and writers. His merit as a scholar is amply evidenced by the publications that he has to his credit.

ବିଦ୍ୟାଭବନର ଅଧ୍ୟକ୍ଷ ପ୍ରସିଦ୍ଧ ଦାର୍ଶନିକ ଡକ୍ଟର କାଳିଦାସ ଭଟ୍ଟାଚାର୍ଯ୍ୟ ଏହି ବିଦାୟସଭାରେ କ୍ଷୁଦ୍ର ଲିଖିତ ଭାଷଣଟିଏ ପଢ଼ିଥିଲେ—

Dr. Das has been managing the Department very efficiently. It has grown popular & expanded in different directions, and one of the most notable achievements of Dr. Das here is that oriya has been firmly established in our university curriculum.

The growth and popularity of the Oriya Department owes everything to him.

Dr. Das is a widely respected popular teacher and has always been an inspiring figure in all cultural activities of this university.

'A study of orissan Folklore' ପୁସ୍ତକ ସଂପର୍କରେ ରେଭେରେଣ୍ଡ ଭିରେନା ପତ୍ରିକାର ଅଭିମତ :—ଲଣ୍ଡନର ମହାମାନ୍ୟା ଭିଲେଜଭି ତ୍ରି ଲେଖୁ ପ୍ରକାଶିତ 'East and west' ପତ୍ରିକାରେ ଲେଖିଛନ୍ତି—A very interesting book on the folklore of orissa has just been published. It brings us into contact with the living religion of the people & it abounds in highly interesting legends & stories which supply us with comparative materials.

ଚେକୋସ୍ଲୋଭାକିଆର ଭିଖାନ ଏକାଡେମୀ ଦ୍ୱାରା ପ୍ରକାଶିତ 'Archiv orientani' ରେ Zbe vital (1955) ଲେଖିଛନ୍ତି—The material presented here forms a valuable contribution to the study of folklore of contemporary India, which is a field not sufficiently investigated. The present work is to be welcomed & all the more heartily in consideration of the importance of folkliterature of India.

ଆମେରିକା କଲମ୍ବିଆ ବିଶ୍ୱବିଦ୍ୟାଳୟର ଡଃ ଲୁଇସ୍ ଏଚ୍ ଗ୍ରେ (Review of Religion XIX, March, 1915, P.207) ଲେଖିଛନ୍ତି—The last fifty pages of this book consist of oriya verses of various sorts: ballads, songs of men at work, love songs & religious verses, written in Devanagari characters & translated into English. Similar materials are also scattered through out the volume, & there is much description of folk ways, of festsvals, of worship & characterisation of devinities, mostly in localised forms, interspersed with songs. All of this belong to mass literature of orissa & wholly a folk product.

This collection of folklore is well analysed & valuable, its only fault being the scrappy nature of descriptions.

—x—

# ଲେଖକଙ୍କ ରଚିତ ଓ ସଂକଳିତ ସମସ୍ତ ପୁସ୍ତକ

| ନାମ | | ରଚନା କାଳ |
|---|---|---|
| ୧ । ଛିନ୍ନମସ୍ତା (କବିତା) | .... | ୧୯୪୦ |
| ୨ । ପ୍ରଭାତୀ (କବିତା) | .... | ୧୯୪୫ |
| ୩ । ପାଷାଣ ତରଙ୍ଗେ ରଙ୍ଗ (କାବ୍ୟ ନାଟିକା) | ... | ୧୯୪୫ |
| ୪ । ଭୂତୁମା (କାବ୍ୟ) | ... | ୧୯୪୬ |
| ୫ । ଜଳ କଲ୍ଲୋଳ (କବିତା) | ... | ୧୯୪୭ |
| ୬ । ଖେଳସାଥୀ (ଶିଶୁକବିତା) | ... | ୧୯୪୭ |
| ୭ । ବାସ୍ନା (କାବ୍ୟ) | ... | ୧୯୪୮ |
| ୮ । ପଲ୍ଲୀପୁଷ୍ପ (ଲୋକଗୀତି) | ... | ୧୯୪୮ |
| ୯ । ସ୍ମରଣିକା (କାବ୍ୟ ନାଟିକା) | .... | ୧୯୪୮ |
| ୧୦ । ବାତଶ୍ରୀ (କବିତା) | ... | ୧୯୪୯ |
| ୧୧ । କଙ୍କାଳର ଲୁହ (କାବ୍ୟ) | ... | ୧୯୪୯ |
| ୧୨ । ପଲ୍ଲୀ ଝରଣା (ଲୋକଗୀତି) | .... | ୧୯୫୦ |
| ୧୩ । ଲଙ୍କାଯାତ୍ରୀ (ଭ୍ରମଣକାହାଣୀ) | .... | ୧୯୫୦ |
| ୧୪ । ନବମାଳିକା (କବିତା) | .... | ୧୯୫୧ |
| ୧୫ । ଡାକ୍ ଡମା ଡମ୍ ଡମ୍ (ଶିଶୁ କବିତା) | ... | ୧୯୫୧ |
| ୧୬ । A Study of Orissan folklore | ... | ୧୯୫୩ |
| ୧୭ । ସେ ଏକ କୋମଳ ନୀଳ ହାତ (କବିତା) | ... | ୧୯୫୪ |
| ୧୮ । ପଲ୍ଲୀଗୀତି ସଞ୍ଚୟନ, ୧ମ ଭାଗ | ... | ୧୯୫୪ |
| ୧୯ । ମାଟି ଓ ଲାଠି (କାବ୍ୟ) | ... | ୧୯୫୫ |
| ୨୦ । ମୋ ସ୍ୱପ୍ନର କାଶ୍ମୀର (ଭ୍ରମଣକାହାଣୀ) | .... | ୧୯୫୬ |
| ୨୧ । କଥାଟିଏ କହୁଁ, ୧ମ ଭାଗ (ଲୋକଗଳ୍ପ) | .... | ୧୯୫୬ |
| ୨୨ । କଥାଟିଏ କହୁଁ, ୨ୟ ଭାଗ (ଲୋକଗଳ୍ପ) | ... | ୧୯୫୭ |
| ୨୩ । କୁଞ୍ଜବିହାରୀ ସଞ୍ଚୟନ, ୧ମ ଭାଗ (କବିତା) | ... | ୧୯୫୭ |
| ୨୪ । ପଥ ଓ ପଥିକ (ଭ୍ରମଣକାହାଣୀ) | .. | ୧୯୫୮ |
| ୨୫ । ଓଡ଼ିଆ ଲୋକଗୀତ ଓ କାହାଣୀ (ପିଏଚ୍. ଡି ସନ୍ଦର୍ଭ) | .... | ୧୯୫୮ |
| ୨୬ । ଝୁନିଝୁନି (ଶିଶୁ କବିତା) | .... | ୧୯୫୯ |

୨୭ । ପଲ୍ଲୀଗୀତି ସଞ୍ଚୟନ, ୨ୟ ଖଣ୍ଡ ... ୧୯୫୯
୨୮ । ଭ୍ରମର (ରମ୍ୟ ରଚନା) ... ୧୯୬୦
୨୯ । କୁଞ୍ଜବିହାରୀ ସଞ୍ଚୟନ, ୨ୟ ଖଣ୍ଡ ... ୧୯୬୦
୩୦ । ସମାଲୋଚନା ... ୧୯୬୨
୩୧ । କୁଞ୍ଜବିହାରୀ ସଞ୍ଚୟନ, ୩ୟ ଖଣ୍ଡ ... ୧୯୬୩
୩୨ । ଲୋକଗଳ୍ପ ସଞ୍ଚୟନ ... ୧୯୬୪
୩୩ । ସାହିତ୍ୟିକ (ସମାଲୋଚନା) ... ୧୯୬୬
୩୪ । ଆମେରିକାରୁ ଇଉରୋପ ଆଫ୍ରିକା (ଭ୍ରମଣକାହାଣୀ) .... ୧୯୬୮
୩୫ । ଦୂର ଦିଗନ୍ତର ଆକାଶ (ଭ୍ରମଣକାହାଣୀ) ... ୧୯୭୨
୩୬ । ଲୋକବାଣୀ ସଞ୍ଚୟନ (ଢଗଢମାଳି) ପ୍ରଥମ ଖଣ୍ଡ ... ୧୯୭୩
୩୭ ପଲ୍ଲୀଗୀତି ସଞ୍ଚୟନ, ୩ୟ ଖଣ୍ଡ ... ୧୯୭୪
୩୮ । ଲୋକବାଣୀ ସଞ୍ଚୟନ, ୨ୟ ଖଣ୍ଡ (ଢଗଢମାଳି) .... ୧୯୭୬
୩୯ । ମୋ କାହାଣୀ (ଆତ୍ମଚରିତ) .... ୧୯୭୬

## ସଂକଳନ

୪୦ । ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା .... ୧୯୬୬
୪୧ । କୁନ୍ତଳା କୁମାରୀ ଗ୍ରନ୍ଥମାଳା, ୧ମ, ୨ୟ ... ୧୯୬୨-୧୯୬୯
୪୨ । ବୈକୁଣ୍ଠନାଥ ଗ୍ରନ୍ଥାବଳୀ .... ୧୯୭୨

## ଅନୁବାଦ

୪୩ । ବୈଦିକଗୀତିମାଳା .... ୧୯୫୦
୪୪ । ଭକ୍ତି ଓ ଲକ୍ଷ୍ମୀ ....
୪୫ । ପୃଥିବୀର ଶ୍ରେଷ୍ଠ ବାଙ୍ଗଲା ଗଳ୍ପ .... ୧୯୫୨

## ପ୍ରକାଶ ଅପେକ୍ଷାରେ

୪୬ । ଜୀବନୀ ଓ ଜୀବନ— (ଜୀବନଚରିତ)
୪୭ । ଲୋକବାଣୀ ସଞ୍ଚୟନ, ୩ୟ ଖଣ୍ଡ (ଢଗଢମାଳି)